# ଓଡ଼ିଶା ଇତିହାସ


ଲେଖକମଣ୍ଡଳୀ :

**ଅତୁଲଚନ୍ଦ୍ର ପ୍ରଧାନ**
**ସଦାଶିବ ପ୍ରଧାନ**
**ପ୍ରୀତୀଶ ଆଚାର୍ଯ୍ୟ**
**ଶିଶିର କୁମାର ପଣ୍ଡା**
**ବସନ୍ତ କୁମାର ମଲ୍ଲିକ**
**ଚଣ୍ଡୀପ୍ରସାଦ ନନ୍ଦ**
**ପ୍ରମୋଦ କୁମାର ମହାନ୍ତି**
**ସୂର୍ଯ୍ୟକାନ୍ତ ନାଥ**

ପୁନର୍ଲିଖନ ଓ ସଂପାଦନା :

**ପ୍ରୀତୀଶ ଆଚାର୍ଯ୍ୟ**



ଆମ ଓଡ଼ିଶା
ĀMA ODISHĀ

# ଓଡ଼ିଶା ଇତିହାସ

ପ୍ରକାଶକ : ଆମ ଓଡ଼ିଶା
୪ ଆର୍ ୧/୨, ଇଉନିଟ୍-୩
ଭୁବନେଶ୍ୱର-୭୫୧୦୦୧

ମୁଦ୍ରଣ : ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ
ଭୁବନେଶ୍ୱର-୭

ପ୍ରଥମ ସଂସ୍କରଣ : ଅଗଷ୍ଟ, ୨୦୧୧
ଦ୍ୱିତୀୟ ପୁନର୍ମୁଦ୍ରଣ : ଫେବ୍ରୁଆରି, ୨୦୧୪

© ଆମ ଓଡ଼ିଶା

ପ୍ରଚ୍ଛଦ : ଶଶିକାନ୍ତ ରାଉତ

**ମୂଲ୍ୟ : ଟ.୧୭୦/-**

**ODISHA ITIHASA**

Publisher : Aama Odisha
4R 1/2, Unit-3,
Bhubaneswar-751001
e-mail : aamaodisha@gmail.com

Printed at : Sriram Screen Printing
Bhubaneswar-7

1st edition : August, 2011
2nd reprint : February, 2014

© Aama Odisha

Cover : Sashikant Rout

Price : ₹ 170/-

ISBN: 81-89436-12-0

# ଦୁଇପଦ

ଓଡ଼ିଶାର ବିବିଧ ବିଷୟରେ ଓଡ଼ିଆ ପୁସ୍ତକ ସୁଲଭ ମୂଲ୍ୟରେ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ନେଇ 'ଆମ ଓଡ଼ିଶା'ର ପୁସ୍ତକ ପ୍ରକାଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହା ଦ୍ୱାରା ଓଡ଼ିଶାର ଭାଷା, ସାହିତ୍ୟର ସୁରକ୍ଷା ସହିତ ଓଡ଼ିଶାକୁ ଚିହ୍ନି ଭଲପାଇବାର ସଂକଳ୍ପ ସଫଳ ହେବ ବୋଲି ଆମର ଆଶା । ଭାଷା ଓ ଜାତିର ପରିଚୟ ପାଇଁ ଯେଉଁ କେତେଗୁଡ଼ିଏ ମୌଳିକ ପୁସ୍ତକର ଆବଶ୍ୟକତା ଅଛି, ସେଗୁଡ଼ିକ ମଧ୍ୟରୁ ଅଭିଧାନ, ବ୍ୟାକରଣ ଓ ଇତିହାସ ପୁସ୍ତକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅତୀତକୁ ନ ଜାଣିଲେ ବର୍ତ୍ତମାନକୁ ବୁଝି ହେବନାହିଁ କି ଭବିଷ୍ୟତ ପାଇଁ ସୁଚିନ୍ତିତ ଯୋଜନା କରିହେବ ନାହିଁ । ମୋର କାହିଁକି ମନେ ହେଉଛି, ଓଡ଼ିଶାର ଯାବତୀୟ ଜାତୀୟ ସମସ୍ୟା ପାଇଁ ଅତୀତ-ସଚେତନତାର ଅଭାବ ଅନେକ ପରିମାଣରେ ଦାୟୀ । ଏହା ଆମ ସମସ୍ତଙ୍କ ପାଇଁ ଏକ ବିଡ଼ମ୍ବନା । କାରଣ ଓଡ଼ିଶାର ଅତୀତକୁ ନେଇ ଆମେ ସାଧାରଣତଃ ଗର୍ବ କରିଥାଉ, ଅଥଚ ସାଧାରଣରେ ଆମର ଆବଶ୍ୟକ ଅତୀତ-ସଚେତନତା ନାହିଁ । ଏହାର ମୂଳ କାରଣ ହେଲା, ସ୍କୁଲ୍ ପାଠ୍ୟକ୍ରମରେ ଓଡ଼ିଶାର ଇତିହାସ ସଂପର୍କରେ ପିଲାମାନଙ୍କୁ ବିଶେଷ କିଛି ପଢ଼ିବାପାଇଁ ଦିଆଯାଉ ନାହିଁ । ନିଜସ୍ୱ ଉଦ୍ୟମରେ ଜଣେ କିଛି ଜାଣିବାକୁ ଚାହିଁଲେ ମଧ୍ୟ ଏକ ସଂକ୍ଷିପ୍ତ ଇତିହାସ ବହି ସହଜରେ ଓ ସୁଲଭ ମୂଲ୍ୟରେ ମିଳୁ ନ ଥିବାରୁ ତାହା ସମ୍ଭବ ହେଉ ନାହିଁ ।

ଓଡ଼ିଶାର ଅତୀତକୁ ସହଜରେ ଜାଣିବାପାଇଁ ଏକ ସଂକ୍ଷିପ୍ତ ଅଥଚ ପୂର୍ଣ୍ଣାଙ୍ଗ ଇତିହାସ ପୁସ୍ତକ ପ୍ରକାଶ କରିବାର ଯୋଜନା ଆମର ବହୁ ଦିନରୁ ଥିଲା । ଏଥିପାଇଁ ଓଡ଼ିଶାର ବିଶିଷ୍ଟ ଐତିହାସିକମାନଙ୍କୁ ନେଇ ଏକ ଲେଖକମଣ୍ଡଳୀ ଗଠନକରି ସେମାନଙ୍କୁ ଏହି ଦାୟିତ୍ୱ

ଦିଆଯାଇଥିଲା । ଏହି ଲେଖକମଣ୍ଡଳୀରେ ଅତୁଳ ଚନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ, ଶିଶିର କୁମାର ପଣ୍ଡା, ପ୍ରୀତୀଶ ଆଚାର୍ଯ୍ୟ, ବସନ୍ତ କୁମାର ମଲ୍ଲିକ, ଚଣ୍ଡୀପ୍ରସାଦ ନନ୍ଦ, ପ୍ରମୋଦ କୁମାର ମହାନ୍ତି ଓ ସୂର୍ଯ୍ୟକାନ୍ତ ନାଥ ରହିଥିଲେ । ଏମାନେ ସମସ୍ତେ ଇତିହାସ ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ଓଡ଼ିଶାରେ ସୁପରିଚିତ ।

ମାତ୍ର ସେମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ କାଳଖଣ୍ଡର ଇତିହାସକୁ ଏକାଠି କରି ପାଣ୍ଡୁଲିପି ପ୍ରସ୍ତୁତ କଲା ପରେ ମୋର କାହିଁକି ମନେହେଲା ଯେ ଏହା ସାଧାରଣରେ ବ୍ୟବହାର ଉପଯୋଗୀ ହେବ ନାହିଁ । ଏହାର ପ୍ରଧାନ କାରଣ ହେଲା, ଏହା ଭିନ୍ନ ଭିନ୍ନ ଲେଖକଙ୍କ ନିଜସ୍ୱ ଭାଷା ଶୈଳୀରେ ଲେଖାଯାଇଛି ଏବଂ ପାଣ୍ଡୁଲିପିଟି ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଓ ଏକକ ଇତିହାସ ନ ହୋଇ ଏକ ପ୍ରବନ୍ଧ ସଂକଳନ ପରି ମନେହେଉଛି । ଏଣୁ ଏହି ପାଣ୍ଡୁଲିପିର ପୁନର୍ଲିଖନ ପାଇଁ ମୁଁ ଶ୍ରୀ ପ୍ରୀତୀଶ ଆଚାର୍ଯ୍ୟଙ୍କୁ ଅନୁରୋଧ କରିଥିଲି । ଶ୍ରୀ ଆଚାର୍ଯ୍ୟ ବହୁ ଶ୍ରମ ସ୍ୱୀକାର କରି ଏହାକୁ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ମୁଁ ତାଙ୍କୁ ମୋ ତରଫରୁ ଓ ଲେଖକମଣ୍ଡଳୀ ତରଫରୁ ଆନ୍ତରିକ କୃତଜ୍ଞତା ଜଣାଉଛି । ଏହି ସାଧୁ ଉଦ୍ୟମ ପାଇଁ ଓଡ଼ିଶାର ଇତିହାସପ୍ରେମୀ ପାଠକମାନେ ତାଙ୍କୁ ସବୁଦିନେ ମନେ ରଖିବେ ବୋଲି ମୋର ବିଶ୍ୱାସ ।

ତେବେ ଇତିହାସ ନିର୍ଦ୍ଦିଷ୍ଟ ଓ ସୀମିତ କାଳଖଣ୍ଡର ବର୍ଣ୍ଣନା ହୋଇଥିଲେ ମଧ୍ୟ ଇତିହାସ ଲେଖାର ଅନ୍ତ ନାହିଁ । ପରିବର୍ତ୍ତିତ ପରିସ୍ଥିତିକୁ ନେଇ ଅତୀତକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାର ଅଭ୍ୟାସ ସବୁବେଳେ ଆମ ବୌଦ୍ଧିକ ସମାଜର ରହି ଆସିଛି । ସେ ଦୃଷ୍ଟିରୁ ଏହି ଇତିହାସ ପୁସ୍ତକ ପୂର୍ଣ୍ଣାଙ୍ଗ କି ଚୂଡ଼ାନ୍ତ ନୁହେଁ । ଏହାର ଉଦ୍ଦେଶ୍ୟ ଅତ୍ୟନ୍ତ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ । ଓଡ଼ିଶାର ଇତିହାସ ସଂପର୍କରେ ପାଠକମାନଙ୍କୁ ସଚେତନ କରାଇବା ପାଇଁ ଏହା ଏକ କ୍ଷୁଦ୍ର ପ୍ରୟାସ ମାତ୍ର । ଏହି ଉଦ୍ଦେଶ୍ୟ ସଫଳ ହେଲେ ଆମ ଉଦ୍ୟମ ସାର୍ଥକ ହେବ । ଏହାକୁ ଅଧିକ ଉପାଦେୟ କରିବାପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ବା ପରାମର୍ଶ ଦେବାପାଇଁ ମୁଁ ଓଡ଼ିଶାର ଇତିହାସପ୍ରେମୀ ସୁଧୀବୃନ୍ଦଙ୍କୁ ଅନୁରୋଧ କରୁଛି ।

**—ସୌମ୍ୟରଂଜନ ପଟ୍ଟନାୟକ**

# ପ୍ରାକ୍‌କଥନ

ଏମିତିରେ ଏହି ପୁସ୍ତକକୁ ଓଡ଼ିଶାର ସଂପୂର୍ଣ୍ଣ ଇତିହାସ ବୋଲି କହିବା ଅସମୀଚୀନ ହେବ । ଇତିହାସର ବିଷୟବସ୍ତୁ ଆଜି ଖୁବ୍ ବ୍ୟାପକ । ରାଜନୀତି ବାହାରେ ସମାଜ, ଅର୍ଥନୀତି, ସଂସ୍କୃତି, ବିଜ୍ଞାନ, ଗଣିତ, ଭୂଗୋଳ, ରସାୟନ ଆଦି ସବୁ କିଛି ଇତିହାସର ବିଷୟବସ୍ତୁ । ପୁଣି, ମଣିଷ ବ୍ୟତୀତ ଗଛଲତା, ପଶୁପକ୍ଷୀ, ନଦୀନାଳ ବି ଇତିହାସର ପ୍ରସଙ୍ଗ । ସମସ୍ତଙ୍କୁ ନେଇ ଏହି ବିଶ୍ୱ, ଏହି ସମାଜ । ସଭିଙ୍କର ଅତୀତ ଅଛି ଏବଂ ସେହି ଅତୀତର ମୋଟ ଅଧ୍ୟୟନ ହେବ ଇତିହାସ । ଦ୍ୱିତୀୟ କଥା, ସଭିଙ୍କ ମଧ୍ୟରେ ଏକ ପାରସ୍ପରିକ ସଂପର୍କ ଅଛି । ସଂସ୍କୃତି ଓ ଅର୍ଥନୀତି ମଧ୍ୟରେ ଯେମିତି ସଂପର୍କ, ମଣିଷ ଓ ଗଛଲତା ମଧ୍ୟରେ ବି ସେମିତି ସଂପର୍କ । ଏତେ ବ୍ୟାପକ ପରିଧିର ଇତିହାସଟିଏ ରଚନାପାଇଁ ଦୃଷ୍ଟି ରହିବା କଥା, ଯଦିଓ ତା'ର ସୃଷ୍ଟି କଷ୍ଟକର ! ଏହା ଆପୋସ ସମ୍ବନ୍ଧକୁ ଦର୍ଶାଏ; ପରିପୂରକତାକୁ ସୁସ୍ପଷ୍ଟ କରେ । ଏହି ଦୃଷ୍ଟିରୁ ଦେଖିଲେ ଜଣାଯିବ ଯେ ଏ ପର୍ଯ୍ୟନ୍ତ ଯେଉଁଠି ଇତିହାସ ଲେଖା ଯାଇଛି, ସେସବୁ ମନୋନୀତ ପ୍ରସଙ୍ଗ କେତୋଟିର ସମଷ୍ଟି ମାତ୍ର। ଏ ସବୁ ସତ୍ତ୍ୱେ ଓଡ଼ିଶାର ଇତିହାସ କଥା ପଡ଼ିଲେ ଆଖିଦୃଶିଆ ପ୍ରସଙ୍ଗଗୁଡ଼ିକୁ ବାଦ୍ ଦିଆଯାଇ ନପାରେ। ସାଧାରଣ ଛାତ୍ର, ଶିକ୍ଷକ ଓ ପାଠକ ମନରେ ଓଡ଼ିଶାର ଇତିହାସ ପଢ଼ିବା ଆଗରୁ କେତୋଟି ସ୍ୱାଭାବିକ ପ୍ରଶ୍ନ ଥାଏ । ଗହନକୁ ଯାଇ ନପାରିଲେ ସୁଦ୍ଧା ଅନ୍ତତଃ ସେହି କେତୋଟି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ତ ପୁସ୍ତକଟି ଉପଯୋଗୀ ହେବା କଥା ।

ଇତିହାସ ଲେଖନ ଏକ ପ୍ରକ୍ରିୟା । କେବେ ତାହା ଶେଷ ହେବାର ନୁହେଁ । ପାଠକ ମନରେ ଅତୀତକୁ ନେଇ ଯେତେଦିନ ପର୍ଯ୍ୟନ୍ତ ନୂଆ ନୂଆ ପ୍ରଶ୍ନ ଆସୁଥିବ ସେତେଦିନ ପର୍ଯ୍ୟନ୍ତ ଅତୀତକୁ ପୁନର୍ନିରୀକ୍ଷଣ କରିବାର ଆବଶ୍ୟକତା ପଡ଼ୁଥିବ । ନୂଆକରି ଇତିହାସ ଲେଖା ହେଉଥିବ। ଅତୀତରେ ଅନେକ ଓଡ଼ିଶା ଇତିହାସ ଲେଖାଯାଇଛି। ଭବିଷ୍ୟତରେ ବି ଅନେକ ଲେଖାହେବ । ଏହି ପୁସ୍ତକଟି ସେହି ବିସ୍ତୃତ ପ୍ରକ୍ରିୟା ମଧ୍ୟରୁ ଅନ୍ୟତମ । ଏହାର ମହତ୍ତ୍ୱ ଓଡ଼ିଶା ସମ୍ବନ୍ଧରେ ଲିଖିତ ଅନ୍ୟ ଇତିହାସ ପୁସ୍ତକ ତୁଳନାରେ ନା କମ୍, ନା ବେଶି । ଏହି ପୁସ୍ତକ ପାଠ କଲା ପରେ ଯଦି ଛାତ୍ର, ଶିକ୍ଷକ ଓ ସାଧାରଣ ପାଠକ ଓଡ଼ିଶା ଇତିହାସ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ଏବଂ ଭବିଷ୍ୟତର ଇତିହାସ ଗବେଷକଙ୍କ ପାଇଁ ଏହା ଯଦି କିଛି ଆଧାର ଯୋଗାଏ, ତେବେ ଆମର ଶ୍ରମ ସାର୍ଥକ ହେବ ।

ଇତିହାସ ପଠନ-ପାଠନ ବେଳେ କେତୋଟି ସ୍ୱାଭାବିକ ପ୍ରଶ୍ନ ମନରେ ଥାଏଃ ‘କିଏ’, ‘କେଉଁଠି’ ଓ ‘କେବେ’ ଏବଂ ତା’ ସହିତ ‘କାହିଁକି’ ଓ ‘କେମିତି’ । ଏହି ପ୍ରଶ୍ନଗୁଡ଼ିକ ନ ପଚାରିଲେ ଅତୀତର ଜଟିଳତା ବୋଧଗମ୍ୟ ହୁଏ ନାହିଁ । ଇତିହାସ ବୋଧଗମ୍ୟ ହେଲେ ଘୋଷାପାଠ ହୋଇ ରହେନା, ଆମୋଦଦାୟୀ ହୁଏ ।

ଇତିହାସ ହେଲା ଅତୀତର ଏକ ବସ୍ତୁନିଷ୍ଠ ଆଲୋଚନା । ଏହା ବର୍ତ୍ତମାନକୁ ବୁଝିବାରେ ତଥା ତାକୁ ଆଧାର କରି ଭବିଷ୍ୟତ ପାଇଁ ବିକଳ୍ପ ଖୋଜିବାରେ ସାହାଯ୍ୟ କରେ । ଇତିହାସ ଆଲୋଚନା ବେଳେ ଐତିହାସିକ ଯଦି ବିଚାରକ ଭଳି ଅଯଥା ଭାବପ୍ରବଣତାରୁ ଊର୍ଦ୍ଧ୍ୱରେ ନ ରହନ୍ତି, ଅନାସକ୍ତ ନ ହୁଅନ୍ତି, ଇତିହାସ ବସ୍ତୁନିଷ୍ଠ ହୋଇ ପାରେନା । ବୃଥା ଆସ୍ଫାଳନ ଇତିହାସର ପାଠକୁ ମୁତଫରକା କରିଦିଏ । ଅତୀତକୁ ନେଇ ଲଜ୍ଜିତ ହେବା ଅଯୌକ୍ତିକ ନିଶ୍ଚୟ । ଠିକ୍ ସେମିତି ଅତୀତର କେବଳ ରୋମନ୍ଥନ କରି କିମ୍ବା ବାହାସ୍ଫୋଟ ମାରି ଇତିହାସ ମାଧ୍ୟମରେ କଦାଚିତ୍ ଜାତି ପରିଚୟ ଖୋଜା ଯାଇ ପାରେନା । ସତ୍ୟାନ୍ୱେଷୀ ହେବା ଇତିହାସପାଇଁ ଏକ ବଡ଼ ଆବଶ୍ୟକତା । ଦ୍ୱିତୀୟତଃ, ଆଞ୍ଚଳିକ ଇତିହାସ କୌଣସି କାଳେ ରାଷ୍ଟ୍ର ବା ବିଶ୍ୱ ଇତିହାସର ପ୍ରତିଯୋଗୀ ହୋଇପାରେନା । ଆଞ୍ଚଳିକ ଇତିହାସର ଖୁବ୍ ଆବଶ୍ୟକତା ରହିଛି । ମାତ୍ର ତାକୁ ରାଷ୍ଟ୍ର ଓ ବିଶ୍ୱ ଇତିହାସର ପରିପ୍ରେକ୍ଷୀରେ ଦେଖିବାକୁ ପଡ଼ିବ । ଅନ୍ୟଥା ଆଞ୍ଚଳିକ ଇତିହାସ ଆମୋଦଦାୟୀ ଓ ସୁଖପାଠ୍ୟ ହୋଇ ପାରିବ ନାହିଁ କି ବିଶ୍ୱଦୃଷ୍ଟି ଦେଇ ପାରିବ ନାହିଁ । ଅନ୍ୟ ଶବ୍ଦରେ କହିଲେ, ବିଶ୍ୱ, ରାଷ୍ଟ୍ର ଓ ଅଞ୍ଚଳ ମଧ୍ୟରେ ରହିଥିବା ପରିପୂରକତାକୁ ଉପେକ୍ଷା କରି କେବେ ଆଞ୍ଚଳିକ ଇତିହାସର ଘଟଣାବଳୀକୁ ପର୍ଯ୍ୟାଲୋଚନା କରାଯାଇ ନ ପାରେ । ‘ଓଡ଼ିଶା ଇତିହାସ’ ସେହି ପରିପୂରକତାକୁ ଚିହ୍ନିବା ଓ ଚିହ୍ନେଇବା ଦିଗରେ ଯତ୍‌କିଞ୍ଚିତ୍ ଉପଯୋଗୀ ହେବ ବୋଲି ଆମର ଆଶା । ପୁସ୍ତକରେ ବ୍ୟାବହାରିକ ଭାଷାର ପ୍ରୟୋଗ ରହିଛି । ବର୍ତ୍ତମାନ ସମୟରେ ଐତିହାସିକମାନେ ଖ୍ରୀଷ୍ଟାବ୍ଦ ସ୍ଥାନରେ ସାଧାରଣାବ୍ଦ (Common Era ବା CE) ଓ ଖ୍ରୀଷ୍ଟପୂର୍ବ ସ୍ଥାନରେ ପ୍ରାକ୍-ସାଧାରଣାବ୍ଦ (Before Common Era ବା BCE)ର ବ୍ୟବହାର କରୁଛନ୍ତି । କିନ୍ତୁ ବୋଧଗମ୍ୟତା ଦୃଷ୍ଟିରୁ ଏଠାରେ ଖ୍ରୀଷ୍ଟାବ୍ଦ ଓ ଖ୍ରୀଷ୍ଟପୂର୍ବର ବ୍ୟବହାରକୁ ଆମେ ଏଡ଼ାଇ ପାରିନାହୁଁ ।

ପୁସ୍ତକଟିର ପ୍ରସ୍ତୁତି ଓ ପ୍ରକାଶନ ମୂଳରେ ‘ଆମ ଓଡ଼ିଶା’ର ଅଧ୍ୟକ୍ଷ ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକଙ୍କ ଅକୁଣ୍ଠ ପ୍ରେରଣା ଭୁଲିବାର ନୁହେଁ । ସେ ପାଦଟିଏ ପଛକୁ ଘୁଞ୍ଚିଯାଇଥିଲେ ଏହା ଆଗକୁ ବଢ଼ିପାରିନଥାନ୍ତା । ‘ଓଡ଼ିଶା ଇତିହାସ’ର ପ୍ରକାଶନ ମୂଳରେ ତାଙ୍କର ସାମାଜିକ ପ୍ରତିବଦ୍ଧତା ସ୍ପଷ୍ଟରୂପେ ଦେଖି ହୁଏ । ବନ୍ଧୁ ଗୌରହରି ଦାସ, ଦାଶ ବେନହୁର, ଯଶୋବନ୍ତ ନାରାୟଣ ଧର ଓ ସିଦ୍ଧାର୍ଥ ମହାପାତ୍ରଙ୍କ ସହଯୋଗ ବି ଭୁଲିବାର ନୁହେଁ । ଏହି ପୁସ୍ତକ ପ୍ରସ୍ତୁତିରେ ‘ଆମ ଓଡ଼ିଶା’ର ସଂପାଦକ (ପ୍ରକାଶନ) ଅସିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ସହଯୋଗ ରହିଛି । ଶ୍ରୀ ପଟ୍ଟନାୟକଙ୍କ ସମେତ ସଂପୃକ୍ତ ସମସ୍ତଙ୍କୁ ଏବଂ ‘ଆମ ଓଡ଼ିଶା’ର ସମସ୍ତ ସହଯୋଗୀଙ୍କୁ ମଧ୍ୟ ମୁଁ ଏହି ଅବସରରେ ବିଶେଷ ଧନ୍ୟବାଦ ଜଣାଉଛି ।

**–ପ୍ରୀତୀଶ ଆଚାର୍ଯ୍ୟ**

# ସୂଚିପତ୍ର

**ଓଡ଼ିଶା ଇତିହାସ** ୧୧-୧୮

**ଐତିହାସିକ ଭୂଗୋଳ** ୧୯-୨୩

**ମଗଧ ଓ କଳିଙ୍ଗ** ୨୪-୩୦

**ଖାରବେଳଙ୍କ ଶାସନ** ୩୧-୩୫

**ଖାରବେଳ ପରବର୍ତ୍ତୀ ଓଡ଼ିଶା** ୩୬-୪୭

ସାତବାହନ – ମୁରୁଣ୍ଡ ବଂଶ – ଗୁପ୍ତକାଳୀନ ଓଡ଼ିଶା – ମାଠର ବଂଶ – ନଳ ରାଜବଂଶ – ମାଣ ବଂଶ – ବିଗ୍ରହ ବଂଶ – ଶରଭପୁରୀୟ ବଂଶ – ପୂର୍ବ ଗଙ୍ଗବଂଶ – ଶୈଳୋଦ୍ଭବ ରାଜବଂଶ

**ଭୌମକର ଶାସନ** ୪୮-୫୩

**ମଣ୍ଡଳ ରାଜ୍ୟ ଓ ଶାସନ** ୫୪-୬୧

ଭଞ୍ଜବଂଶଶାସିତ ଖିଞ୍ଜଳି ମଣ୍ଡଳ – ଭଞ୍ଜବଂଶଶାସିତ ଖିଜ୍ଜିଙ୍ଗ୍ ମଣ୍ଡଳ – ଶୁଲ୍‌କିବଂଶଶାସିତ କୋଦାଳକ ମଣ୍ଡଳ – ତୁଙ୍ଗବଂଶଶାସିତ ଯମଗର୍ତ୍ତ ମଣ୍ଡଳ – ନନ୍ଦବଂଶଶାସିତ ଐରାବତ ମଣ୍ଡଳ – ବରାହବଂଶଶାସିତ ବଣାଇ ମଣ୍ଡଳ – ଗଙ୍ଗଶାସିତ ଶ୍ୱେତକ ମଣ୍ଡଳ – ଉପସଂହାର

**ସୋମବଂଶ** ୬୨-୬୭

ପ୍ରଥମ ଜନ୍ମେଜୟ

**ଉତ୍ତର ଗଙ୍ଗବଂଶ ଓ ଗଙ୍ଗ ସାମ୍ରାଜ୍ୟ** ୬୮-୮୫
ଉତ୍ତର ଗଙ୍ଗ ବଂଶାବଳୀ – ଅନନ୍ତବର୍ମା ଚୋଡ଼ଗଙ୍ଗ (୧୦୭୬-୧୧୪୭) – ଗଙ୍ଗକାଳୀନ ମନ୍ଦିରକଳା ଓ ସ୍ଥାପତ୍ୟ

**ସୂର୍ଯ୍ୟବଂଶୀ ଗଜପତି ଶାସନ** ୮୬-୯୭
କପିଳେନ୍ଦ୍ର ଦେବ (୧୪୩୫-୧୪୬୭) – ତେଲେଙ୍ଗାନା ଅଧିକାର – ବିଜୟନଗର ଅଭିଯାନ – ବଙ୍ଗ ବିଜୟ – ପୁରୁଷୋତ୍ତମ ଦେବ (୧୪୬୭-୧୪୯୭) – ପ୍ରତାପରୁଦ୍ର ଦେବ (୧୪୯୭-୧୫୩୮)

**ଭୋଇ ବଂଶ** ୯୮-୧୦୪
ଗଜପତିଙ୍କ ସମୟର ପ୍ରାଶାସନିକ ବ୍ୟବସ୍ଥା

**ମଧ୍ୟଯୁଗୀୟ ଓଡ଼ିଶାରେ ସାଂସ୍କୃତିକ ବିକାଶ** ୧୦୫-୧୧୫
ଭାଷା ଓ ସାହିତ୍ୟ

**ଓଡ଼ିଶାରେ ଆଫଗାନ ଓ ମୋଗଲ ଶାସନ** ୧୧୬-୧୨୯

**ଓଡ଼ିଶାରେ ମରହଟ୍ଟା ଶାସନ** ୧୩୦-୧୪୭
ମରହଟ୍ଟା ପ୍ରାଶାସନିକ ବ୍ୟବସ୍ଥା – ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶା ସମାଜ ଓ ସଂସ୍କୃତି – ମରହଟ୍ଟା ଶାସନର ଇତିକଥା

**ଇଂରେଜମାନଙ୍କ ଓଡ଼ିଶା ଦଖଲ** ୧୪୮-୧୭୭
ଦକ୍ଷିଣ ଓଡ଼ିଶା ଦଖଲ – ଉତ୍ତର ଓଡ଼ିଶା ଦଖଲ – ସମ୍ବଲପୁର ଦଖଲ – ଇଂରେଜ ପ୍ରାଶାସନିକ ବ୍ୟବସ୍ଥା – ରାଜସ୍ୱ ନୀତି – ଲବଣ ନୀତି – ଅବକାରୀ ଓ ବାଣିଜ୍ୟ ନୀତି – ମୁଦ୍ରା ନୀତି – ଜଗନ୍ନାଥ ମନ୍ଦିର ପରିଚାଳନା – ଗଡ଼ଜାତ ନୀତି – ଶିକ୍ଷା ନୀତି – ପୋଲିସ ଓ ନ୍ୟାୟିକ ବ୍ୟବସ୍ଥା

**ଔପନିବେଶିକ ଶାସନ ବିରୋଧରେ ଅସନ୍ତୋଷ ଓ ବିଦ୍ରୋହ** ୧୭୮-୨୦୮
ଦକ୍ଷିଣ ଓଡ଼ିଶା – ପାରଳାଖେମୁଣ୍ଡି – ଘୁମୁସର – ଖୋର୍ଦ୍ଧା, କନିକା ଓ କୁଜଙ୍ଗରେ ବିଦ୍ରୋହ – ଖୋର୍ଦ୍ଧା ବିଦ୍ରୋହଃ ୧୮୧୭ – ସୁରେନ୍ଦ୍ର ସାଏଙ୍କ ବିଦ୍ରୋହଃ ୧୮୨୭-୧୮୬୪ – ଅନୁଗୁଳ ବିଦ୍ରୋହଃ ୧୮୪୮ – ୧୮୫୭ର ଗଣସଂଗ୍ରାମ ଓ ଓଡ଼ିଶା – ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସଂଘଟିତ ଗଡ଼ଜାତ ବିଦ୍ରୋହ – ବାମନଘାଟି ବିଦ୍ରୋହଃ ୧୮୬୬ – କେନ୍ଦୁଝର ମେଳିଃ ୧୮୬୭-୬୮ ଓ ୧୮୯୧-୯୩ – ନୟାଗଡ଼ ବିଦ୍ରୋହଃ ୧୮୯୩ – ରଣପୁର ବିଦ୍ରୋହଃ ୧୮୯୩ – ଅନ୍ୟାନ୍ୟ ରାଜ୍ୟରେ ବିଦ୍ରୋହ

**ଜାତୀୟତାର ଉନ୍ମେଷ** ୨୦୯-୨୪୧
ଜାତୀୟତାର ଅବଧାରଣା – ଶିକ୍ଷା – ପତ୍ରପତ୍ରିକା – ସମ୍ବଲପୁରରେ ଭାଷା ଆନ୍ଦୋଳନ – ଓଡ଼ିଶାରେ ଜାତୀୟତାର ଦୁଇ କାଳାଂଶ

**ଅସହଯୋଗ ଆନ୍ଦୋଳନ: ୧୯୨୦-୨୨** ୨୪୨-୨୬୮
କଟକରେ ଆନ୍ଦୋଳନ – ଗାନ୍ଧୀଙ୍କ ଓଡ଼ିଶା ଗସ୍ତ – ପୋଲିସର ଦମନଲୀଳା – ଚୌରିଚୌରା ଘଟଣା

**୧୯୩୦ ଦଶକର ରାଜନୀତି :**
**ଆଇନ ଅମାନ୍ୟ ଓ ପ୍ରଜାମଣ୍ଡଳ ଆନ୍ଦୋଳନ** ୨୬୯-୨୯୮
ଆଇନ ଅମାନ୍ୟ ଆନ୍ଦୋଳନ – ସ୍ୱତନ୍ତ୍ର ପ୍ରଦେଶ ଗଠନ: ୧୯୩୬ – ପ୍ରଜାମଣ୍ଡଳ ଆନ୍ଦୋଳନ – ଢେଙ୍କାନାଳ – ରଣପୁର – ନୀଳଗିରି – ତାଳଚେର – ମୟୂରଭଞ୍ଜ – ଅନ୍ୟାନ୍ୟ ଗଡ଼ଜାତ – ସ୍ୱତନ୍ତ୍ର ପ୍ରଦେଶର ଶାସନ – ପ୍ରଗତିଶୀଳ ରାଜନୀତିର ଅଭ୍ୟୁଦୟ

**ଅଗଷ୍ଟ ବିପ୍ଳବ** ୨୯୯-୩୨୪
ରେଭେନ୍‌ସା ମହାବିଦ୍ୟାଳୟରେ ଧର୍ମଘଟ – କୋରାପୁଟ ଆନ୍ଦୋଳନ – କଟକ ଜିଲ୍ଲାରେ ଆନ୍ଦୋଳନ – ବାଲେଶ୍ୱର ଆନ୍ଦୋଳନ – ଛତ୍ର ଗାଁର ସମାନ୍ତରାଳ ସରକାର – ଇରମ ହତ୍ୟାକାଣ୍ଡ – ନିମାପଡ଼ା ଗୁଳିକାଣ୍ଡ – ସମ୍ବଲପୁର ଜିଲ୍ଲାରେ ଆନ୍ଦୋଳନ – ଗଞ୍ଜାମରେ ଆନ୍ଦୋଳନ – ଗଡ଼ଜାତରେ ଆନ୍ଦୋଳନ – ତାଳଚେରରେ ଆନ୍ଦୋଳନ – ଢେଙ୍କାନାଳରେ ଆନ୍ଦୋଳନ – ନୟାଗଡ଼ରେ ଆନ୍ଦୋଳନ – ନୀଳଗିରି ଆନ୍ଦୋଳନ – ଅନ୍ୟାନ୍ୟ ଆନ୍ଦୋଳନ

**ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ, ସ୍ୱାଧୀନତା ପ୍ରାପ୍ତି**
**ଓ ଗଡ଼ଜାତର ସମ୍ମିଶ୍ରଣ** ୩୨୫-୩୩୭
ମିଳିତ ମନ୍ତ୍ରିମଣ୍ଡଳ – ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ – ଗଡ଼ଜାତ ମିଶ୍ରଣ

■ ■ ■

# ଓଡ଼ିଶା ଇତିହାସ

ଇତିହାସ ଅତୀତର ଘଟଣାବଳୀକୁ ଲିପି ମାଧ୍ୟମରେ ଅଭିବ୍ୟକ୍ତ କରେ । ଯେହେତୁ ଲିପିର ଆରମ୍ଭ ସର୍ବତ୍ର ଏକା ସମୟରେ ହୋଇନାହିଁ, ତେଣୁ ଭିନ୍ନ ଭିନ୍ନ ସ୍ଥାନର ଇତିହାସ ଲେଖା ଅଲଗା ଅଲଗା ସମୟରେ ଆରମ୍ଭ ହୋଇଛି । ମାତ୍ର ଲିପି ଉଦ୍ଭାବନର ବହୁ ପୂର୍ବରୁ ପୃଥିବୀରେ ମାନବର ଅବତରଣ ହୋଇଛି, କାର୍ଯ୍ୟକଳାପ ଲାଗି ରହିଛି । ଚାର୍ଲ୍ସ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ଅନୁସାରେ ସୃଷ୍ଟି ବା ବିବର୍ତ୍ତନର ମୋଟ ଅବଧି ଯଦି ୨୪ ଘଣ୍ଟା, ତହିଁରୁ ମାତ୍ର ଶେଷ ସାତ ମିନିଟ୍‌ରେ ମାନବ ଧରାପୃଷ୍ଠରେ ରହିଛି । ଅର୍ଥାତ୍ ମାନବର ବହୁ ପୂର୍ବରୁ ଅନ୍ୟ ପ୍ରାଣୀ ଓ ବୃକ୍ଷଲତା ରହିବା ଆରମ୍ଭ କରିଛନ୍ତି । ପୁଣି, ଡାରଉଇନ୍ କହନ୍ତି ଯେ, ଏହି ଶେଷ ସାତ ମିନିଟ୍‌ର ପ୍ରକୃତ ଅବଧି ହେବ ପାଖାପାଖି ୧୮ ଲକ୍ଷ ବର୍ଷ । ଏଥିରୁ ମାତ୍ର ଶେଷ ପାଞ୍ଚ ହଜାର ବର୍ଷରେ ହିଁ ଲିପିର ଉଦ୍ଭାବନ ହୋଇଛି, ସଭ୍ୟତାର ଇତିହାସକୁ ଲିପିବଦ୍ଧ କରିବାକୁ ପ୍ରୟାସ କରାଯାଇଛି । ବିଶ୍ୱର ସମସ୍ତ ବୃହତ୍ ସଭ୍ୟତା, ଯଥା ମିଶରର ନୀଳନଦୀ ସଭ୍ୟତା, ମେସୋପୋଟାମିଆ ସଭ୍ୟତା, ଚୀନ୍ ଓ ହରପ୍ପା ସଭ୍ୟତା ଆଦି ଉକ୍ତ ୨୪ ଘଣ୍ଟାର ଶେଷ କିଛି ମୁହୂର୍ତ୍ତରେ ଜନ୍ମ ନେଇଛନ୍ତି , ବିକଶିତ ହୋଇଛନ୍ତି ଏବଂ ବିଲୟ ମଧ୍ୟ ହୋଇଛନ୍ତି । ମାନବ କାର୍ଯ୍ୟକଳାପର ପ୍ରାୟ ସବୁତକ କାଳାଂଶ ଲିପି ଉଦ୍ଭାବନର ପୂର୍ବ ଖଣ୍ଡରେ ରହିଯାଇଛି ।

ଲିଖିତ ଇତିହାସର ଅଭାବଯୋଗୁଁ ଇତିହାସର ଯେଉଁ କାଳାଂଶ ଆବୃତ ରହେ, ତାକୁ ପ୍ରାକ୍-ଐତିହାସିକ ଯୁଗ ବୋଲି କୁହାଯାଏ । ମୋଟ ଇତିହାସର ୯୯ ପ୍ରତିଶତରୁ ଅଧିକ ଭାଗ ଏହି ପ୍ରାକ୍-ଐତିହାସିକ ଯୁଗରେ ସନ୍ନିବିଷ୍ଟ । ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରାକ୍-ଐତିହାସିକ ପ୍ରସ୍ତର ଖଣ୍ଡ, ପଶୁହାଡ଼ନିର୍ମିତ ଅସ୍ତ୍ରଶସ୍ତ୍ର, ଆଦିମାନବଦ୍ୱାରା ନିର୍ମିତ ଓ ବ୍ୟବହୃତ ଅନ୍ୟ ଉପକରଣ ସବୁକୁ ଅଧ୍ୟୟନ କରି ସେହି ଆଧାରରେ ତତ୍‌କାଳୀନ ମଣିଷର ଜୀବନ ଯାତ୍ରା କହିବାକୁ ପ୍ରୟାସ କରନ୍ତି । ଉପଲବ୍ଧ ଉପକରଣକୁ ଭିତ୍ତି କରି ପ୍ରାକ୍-ଇତିହାସ କାଳର ଇତିବୃତ୍ତ ରଚନା ଅଗ୍ରଗତି କରେ । ମାତ୍ର ଏହି ସମୟରେ ସଂଘଟିତ ଘଟଣାବଳୀର ସତ୍ୟାସତ୍ୟ ସମ୍ବନ୍ଧରେ ଐତିହାସିକମାନେ ନିଶ୍ଚିତ ହୋଇ ପାରନ୍ତି ନାହିଁ ।

ପ୍ରାକ୍-ଐତିହାସିକ ଅଧ୍ୟୟନରୁ ପ୍ରତିପାଦିତ ହୁଏ ଯେ, ଆଦିମାନବ ମୁଖ୍ୟତଃ ପ୍ରସ୍ତରନିର୍ମିତ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ପଶୁ ଶିକାର ସାଙ୍ଗକୁ ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲା ଏବଂ ସମ୍ପୂର୍ଣ୍ଣ ଭାବେ ପ୍ରକୃତି ଉପରେ ନିର୍ଭରଶୀଳ ଥିଲା । ବିବର୍ତ୍ତନର ମୋଟ ଅବଧିରୁ ଯେଉଁ କିଛି ସମୟ ମଣିଷ ଧରା ପୃଷ୍ଠରେ ଅବସ୍ଥାନ କରିଛି ତହିଁରୁ ଅଧିକାଂଶ କାଳ ଅତିବାହିତ ହୋଇଛି ଆଦିମାନବ ରୂପରେ । ସମୟକ୍ରମେ ଏହି ସ୍ଥିତିରେ ପରିବର୍ତ୍ତନ ଘଟିଛି । ମଣିଷ ତା'ଚାରିପଟର ପରିବର୍ତ୍ତନକୁ ଅନୁଧ୍ୟାନ କରି ଜଙ୍ଗଲର ପଶୁ ଓ ବୃକ୍ଷଲତାଙ୍କୁ ବ୍ୟବହାର ଉପଯୋଗୀ କରିଛି । ସମୟକ୍ରମେ ସେ ନିଆଁର ବ୍ୟବହାର ଶିଖିଛି ଓ କୃଷିକାର୍ଯ୍ୟ ଆରମ୍ଭ କରିଛି । ଏହା ତାକୁ ସ୍ଥାୟୀ ବସତି ସ୍ଥାପନ କରିବାକୁ ଅବସର ପ୍ରଦାନ କରିଛି ଏବଂ ସଭ୍ୟତା ଓ ସଂସ୍କୃତି ନିର୍ମାଣ କରିବାକୁ ସୁଯୋଗ ଦେଇଛି ।

ପ୍ରାକ୍-ଐତିହାସିକ ବିବିଧ ସାମଗ୍ରୀ ପୃଥିବୀର ବିଭିନ୍ନ ସ୍ଥାନରେ ମିଳିସାରିଛି । ଏହାର ଅର୍ଥ ହେଲା ବିବର୍ତ୍ତନର ପ୍ରକ୍ରିୟା କୌଣସି ଗୋଟିଏ ସ୍ଥାନରେ ସୀମିତ ହୋଇନାହିଁ । ସାମଗ୍ରୀଗୁଡ଼ିକର ବିଜ୍ଞାନସମ୍ମତ ପ୍ରଣାଳୀ ମାଧ୍ୟମରେ ସମୟ ନିରୂପଣ କରାଯାଏ । କେଉଁ ସାମଗ୍ରୀ କେତେ ପ୍ରାଚୀନ, ସେ ନେଇ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଏକ ସହମତିରେ ଉପସ୍ଥିତ ହୁଅନ୍ତି । ଅର୍ଥାତ୍ ସାମଗ୍ରୀଗୁଡ଼ିକର ପ୍ରାଚୀନତା ଆଧାରରେ ଘଟଣାବଳୀଗୁଡିକୁ କାଳ କ୍ରମାନୁସାରେ ବିଭାଗୀକରଣ କରାଯାଏ । ସମଗ୍ର ପୃଥିବୀରେ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନ ବେଳେ ଏହି ବିଭାଗୀକରଣକୁ ମାନ୍ୟତା ଦିଆଯାଏ ।

ପୃଥିବୀର ଆନୁମାନିକ ବୟସ ହେବ ୪୦,୦୦୦ ଲକ୍ଷ ବର୍ଷ । ଏହି ସମୟସୀମାକୁ ଚାରିଖଣ୍ଡରେ ବିଭକ୍ତ କରାଯାଏ । ଶେଷ ଖଣ୍ଡଟିକୁ ପୁଣି ଦୁଇ ଭାଗରେ ବିଭକ୍ତ କରି ପ୍ଲିଷ୍ଟୋସିନ୍ (Pleistocene) ଓ ହଲୋସିନ୍(Holocene) ଯୁଗ ବୋଲି କୁହାଯାଏ । ପ୍ଲିଷ୍ଟୋସିନ୍ ଯୁଗ ହେଲା ଖ୍ରୀଷ୍ଟପୂର୍ବ ୨୦,୦୦,୦୦୦ରୁ ଖ୍ରୀଷ୍ଟପୂର୍ବ ୧୦,୦୦୦ ମଧ୍ୟବର୍ତ୍ତୀ କାଳଖଣ୍ଡ । ହଲୋସିନ୍ ଯୁଗ ହେଲା ଖ୍ରୀଷ୍ଟପୂର୍ବ ୧୦,୦୦୦ ଏବଂ ବର୍ତ୍ତମାନ ଅବ୍ଦ ମଧ୍ୟବର୍ତ୍ତୀ ଅବଧି । ପ୍ରଥମେ ମାନବ ପ୍ଲିଷ୍ଟୋସିନ୍ ଯୁଗର ଆଦ୍ୟ କାଳରେ ଦେଖାଯାଇଥିଲା ବୋଲି ଅନୁମାନ କରାଯାଏ । ପ୍ରାଚୀନ ପ୍ରସ୍ତର ଯୁଗର ଆରମ୍ଭ ପ୍ଲିଷ୍ଟୋସିନ୍ ଯୁଗରେ । ତାକୁ ଗ୍ଲାସିଏସନ ଯୁଗ (Glaciation) ବୋଲି ମଧ୍ୟ କୁହାଯାଏ ।

ଆଦିମାନବ ଥିଲା ଅନେକାଂଶରେ ବାନରାକୃତି ଓ ତା'ର ଚରିତ୍ର ଥିଲା ବାନର ସୁଲଭ । ପରବର୍ତ୍ତୀକାଳରେ ବିବର୍ତ୍ତିତ ହୋଇ ସେ ଆଧୁନିକମାନବର ସାଦୃଶ୍ୟ ଅବସ୍ଥାରେ ପହଞ୍ଚିଲା । ଆଦିକାଳରେ ତା'ର କୌଣସି ନିର୍ଦ୍ଦିଷ୍ଟ ବାସସ୍ଥାନ ନଥିଲା; ଖାଦ୍ୟ ଅନ୍ୱେଷଣରେ ସେ ଯାଯାବର ଜୀବନଯାପନ କରୁଥିଲା । ବିଶାଳକାୟ ହିଂସ୍ର ଜନ୍ତୁମାନଙ୍କ ସହ ବସବାସ କରୁଥିଲା । ବିବର୍ତ୍ତିତ ଅବସ୍ଥାରେ ଶରୀର ଗଠନ ଓ ସାମର୍ଥ୍ୟ ଦୃଷ୍ଟିରୁ ସେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଦୁର୍ବଳ ଓ ଅସହାୟ ଥିଲା । ହେଲେ, ତା'ର ମାନସିକ ଶକ୍ତି ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଅଧିକ ରହିଥିଲା ବୋଲି ସେ ଅଧିକ ବଳୀୟାନ ବିବେଚିତ ହେଲା । ଏପରିକି କେତେକ ବନ୍ୟ ପଶୁଙ୍କୁ ସେ ବଶ କରି ସେମାନଙ୍କୁ ନିଜ ସ୍ୱାର୍ଥରେ ବିନିଯୋଗ କରିବା ମଧ୍ୟ ଆରମ୍ଭ କଲା । ସେହିଭଳି ବୁଦ୍ଧି ପ୍ରୟୋଗ କରି ସେ

ପ୍ରସ୍ତରନିର୍ମିତ ଉପକରଣ ନିର୍ମାଣ କଲା । ପଥର ବ୍ୟତୀତ ହାଡ଼, ପଶୁ ଶିଙ୍ଘ, ମୃତ ପ୍ରାଣୀର ଚମଡାକୁ ବ୍ୟବହାର କରି ସେ ନିଜ ଆବଶ୍ୟକତା ଅନୁଯାୟୀ କୁରାଢ଼ି, ଛୁରୀ, ନିହଣ, ତୀର, ବର୍ଚ୍ଛା, ଫଳା, ଶାବଳ ଆଦି ମଧ୍ୟ ତିଆରି କଲା ।

ହାତହତିଆର ଓ କାରିଗରି କୌଶଳ ଆଧାରରେ ମଧ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରସ୍ତର ଯୁଗକୁ ତିନି ଭାଗରେ ବିଭକ୍ତ କରନ୍ତି । ତାହା ହେଲା : ପ୍ରାଚୀନ ପ୍ରସ୍ତର ଯୁଗ(ପ୍ରା.ସା ୯୦୦୦ ପୂର୍ବାବସ୍ଥା), ମଧ୍ୟ ପ୍ରସ୍ତର ଯୁଗ (ପ୍ରା.ସା. ୯୦୦୦ ଓ ପ୍ରା.ସା. ୪୦୦୦ ମଧ୍ୟବର୍ତ୍ତୀକାଳ)ଓ ନୂତନ ପ୍ରସ୍ତର ଯୁଗ । ହିଂସ୍ର ପଶୁକୁ ଶିକାର କରିବା ଯୋଗ୍ୟ ଉପକରଣ ଓ ଜଙ୍ଗଲ ହାଣି, ମାଟିକୁ କର୍ଷଣ କରି କୃଷି କର୍ମ କରିପାରିବା ପରି ଉପକରଣ ଆଦି ନୂତନ ବା ଶେଷ ପ୍ରସ୍ତର ଯୁଗରେ ହିଁ ମଣିଷ ନିର୍ମାଣ କରିବାକୁ ସକ୍ଷମ ହେଲା ।

୧୮୫୯ ରେ ଡାରଓ୍ୱିନ୍‌ଙ୍କ 'ଅରିଜିନ ଅଫ୍ ସ୍ପେସିସ୍' ପୁସ୍ତକ ପ୍ରକାଶିତ ହେଲା । ଏହା ବିବର୍ତ୍ତନବାଦ ସମ୍ବନ୍ଧରେ ନୂଆ ତଥ୍ୟ ଦେଲା । ଅନ୍ୟମାନେ ମଧ୍ୟ ଆଦିମାନବ ସମ୍ବନ୍ଧିତ ଡାରଓ୍ୱିନଙ୍କ ଯୁକ୍ତିକୁ ଗ୍ରହଣ କଲେ । ସେହି ବର୍ଷ ଫରାସୀ ପ୍ରତ୍ନତତ୍ତ୍ୱବିତ୍ ବାଉଚର ଡି ପର୍ଥସ୍ (Boucher de Perthes) ଆବିଷ୍କାର କରିଥିବା ପ୍ରସ୍ତର ସାମଗ୍ରୀ ପ୍ରସ୍ତର ଯୁଗୀୟ ଓ ମଣିଷନିର୍ମିତ ବୋଲି ଏକ ସନ୍ଦର୍ଭରେ ଉପସ୍ଥାପନ କଲେ । ଏହାର ଚାରି ବର୍ଷ ପରେ ୧୮୬୩ରେ ଲୁବକ୍ (Lubbock) ନାମକ ଜଣେ ଜର୍ମାନ ପ୍ରତ୍ନତତ୍ତ୍ୱବିତ୍ ସମଗ୍ର ପ୍ରାକ୍-ଇତିହାସ ଯୁଗକୁ ଦୁଇଟି ପୃଥକ୍ ସାଂସ୍କୃତିକ ପର୍ଯ୍ୟାୟରେ ବିଭକ୍ତ କରି ପ୍ରାଚୀନ ପ୍ରସ୍ତର ଯୁଗ (Palaeolithic) ଓ ନୂତନ ପ୍ରସ୍ତର ଯୁଗ (Neolithic) ଭାବରେ ନାମିତ କଲେ । ଫଳରେ, ଆଦିମାନବ ସମ୍ବନ୍ଧୀୟ ଅବଧାରଣାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା ।

୧୮୬୩ରେ ଭାରତର ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅଧିକାରୀ ରବର୍ଟ ବୃଶ୍ ଫୁଟ୍ (Robert Bruce Foot) ମାଡ୍ରାସ ସହର ଉପକଣ୍ଠସ୍ଥିତ ପଲ୍ଲଭରମ୍‌ଠାରୁ ପ୍ରଥମ କରି ଭାରତରେ ପ୍ରାଚୀନ ପ୍ରସ୍ତର ଯୁଗୀୟ ଉପକରଣମାନ ଆବିଷ୍କାର କରିଥିଲେ । ଏହା ପରେ ସେ ତାଙ୍କର ଜଣେ ସହକର୍ମୀ ଓ୍ୱିଲିଅମ୍ କିଙ୍ଗ (William King)ଙ୍କ ସହ ମିଶି ମାଡ୍ରାସ ନିକଟସ୍ଥ କୋର୍ଟାଲାୟର ଓ ନର୍ଣ୍ଣାଭରମ ନଦୀ ଶଯ୍ୟାରୁ ଆହୁରି କିଛି ପ୍ରସ୍ତର ଯୁଗୀୟ ଉପକରଣ ଆବିଷ୍କାର କଲେ । ଏଥିରୁ ପ୍ରତିପାଦିତ ହେଲା ଯେ, ଆଜି ଭାରତବର୍ଷ ନାମରେ ପରିଚିତ ଏହି ଭୂଖଣ୍ଡରେ ମଧ୍ୟ ପ୍ରସ୍ତର ଯୁଗରେ ଆଦିମାନବ ଅବସ୍ଥାନ କରୁଥିଲା ।

ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ପ୍ରତ୍ନତାତ୍ତ୍ୱିକ ଖନନର ପରଂପରା ଓଡ଼ିଶାକୁ ମଧ୍ୟ ବିସ୍ତାରିତ ହେଲା । ପ୍ରଥମେ ୧୮୭୫ରେ ଭାଲେଣ୍ଟାଇନ୍ ବଲ୍ ନାମକ ଜଣେ ବ୍ରିଟିଶ୍ ଭୂତତ୍ତ୍ୱବିତ୍ ଓଡ଼ିଶାର ଚାରିଟି ସ୍ଥାନରୁ ପ୍ରସ୍ତର ଯୁଗୀୟ ଉପକରଣ ଆବିଷ୍କାର କଲେ । ଉକ୍ତ ସ୍ଥାନଗୁଡ଼ିକ ହେଲା : ସମ୍ବଲପୁର ଜିଲ୍ଲାର ବୁର୍ସାପାଲି, ଅନୁଗୁଳ ଜିଲ୍ଲାର କାଳିଆ କଟା, ହରିଚନ୍ଦନପୁର ଓ ଢେଙ୍କାନାଳ । ମୋଟ କଥା ହେଲା ଯେ, ପାଖାପାଖି ପ୍ରାୟ ଏକ ସମୟରେ ସମଗ୍ର ପୃଥିବୀରେ ପ୍ରାକ୍-ଐତିହାସିକ ପ୍ରତ୍ନତାତ୍ତ୍ୱିକ ଖନନ ଓ ଗବେଷଣା ଆରମ୍ଭ ହୋଇଥିଲା ।

୧୮୭୫ରେ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଗବେଷଣା ପରବର୍ତ୍ତୀ କାଳରେ ବହୁଦିନ ଧରି ଅବହେଳିତ ହୋଇ ରହିଥିଲା । ପରେ ୧୯୨୩ରେ ପରମାନନ୍ଦ ଆଚାର୍ଯ୍ୟ ଏହାର ପୁନରାରମ୍ଭ କରି ନିଜ ଗାଁ ମୟୂରଭଞ୍ଜ ଜିଲ୍ଲାସ୍ଥିତ ବଇଦିପୁରଠାରେ ନୂତନ ପ୍ରସ୍ତର ଯୁଗୀୟ ଉପକରଣ ଆବିଷ୍କାର କଲେ । ପରେ ଆର.ଡି. ବାନାର୍ଜୀ 'ଓଡ଼ିଶା ଇତିହାସ' (History of Orissa) ପୁସ୍ତକରେ ଓଡିଶାରେ ପ୍ରାକ୍-ଐତିହାସିକ ପ୍ରସ୍ତର ସଂସ୍କୃତି ରହିଥିବା କଥା ଉଲ୍ଲେଖ କଲେ । ପରମାନନ୍ଦ ଆଚାର୍ଯ୍ୟ ଓ ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଗବେଷକ ଡବ୍ଲ୍ୟୁ.ସି. ଓରମ୍ୟାନଙ୍କ ମିଳିତ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲାର କୁଳିଅଣାଠାରୁ ମଧ୍ୟ ପ୍ରାଚୀନ ପ୍ରସ୍ତର ଯୁଗୀୟ ଉପକରଣ ଆବିଷ୍କୃତ ହେଲା । ୧୯୪୮ରେ କଲିକତା ବିଶ୍ୱବିଦ୍ୟାଳୟର ନିର୍ମଳ କୁମାର ବୋଷ ଓ ଧରଣୀ ସେନ୍‌ଙ୍କ ସହଯୋଗରେ ମଧ୍ୟ କୁଳିଅଣାଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଆରମ୍ଭ ହେଲା । ଏହାକୁ ଭାରତର ପ୍ରାକ୍-ଐତିହାସିକ ଗବେଷଣାର ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ମନେ କରାଯାଏ । ଏଠାରୁ ମାଟିପାତ୍ର ଓ ଧାନ ମଧ୍ୟ ଆବିଷ୍କୃତ ହୋଇଛି ।

ପରବର୍ତ୍ତୀ କାଳରେ ଓଡ଼ିଶାର ବହୁ ସ୍ଥାନରୁ ପ୍ରସ୍ତର ଯୁଗୀୟ ଉପକରଣମାନ ଆବିଷ୍କୃତ ହୋଇଛି । ପୁନା ଡ଼େକାନ୍ କଲେଜର ପ୍ରତ୍ନତତ୍ତ୍ୱବିଦ୍ ଗୋପାଳଚନ୍ଦ୍ର ମହାପାତ୍ର ଉକ୍ତ ସ୍ଥାନଗୁଡିକର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିଛନ୍ତି । ସେହି ତାଲିକା ଅନୁଯାୟୀ ସ୍ଥାନଗୁଡ଼ିକ ହେଲା :

ମୟୂରଭଞ୍ଜ ଜିଲ୍ଲା : ବାରିପଦା, ବାଙ୍ଗିରିପୋଷି, କୁଳିଅଣା, କୁଚାଇ, ପ୍ରତାପପୁର, ସିର୍ସା, ବଇଦିପୁର, ଚିତ୍ରଡା, ହରିପୁର, କପ୍ତିପଦା, ଖିଚିଙ୍ଗ ଏବଂ ମଣ୍ଡା ।

ଅବିଭକ୍ତ ଢେଙ୍କାନାଳ ଜିଲ୍ଲା : ଢେଙ୍କାନାଳ, ଭୀମକୁଣ୍ଡ, ହିନ୍ଦୋଳ ରୋଡ୍, ତାଳଚେର, ହରିଚନ୍ଦନପୁର ଓ ଡୁଁରିଆ ।

ସୁନ୍ଦରଗଡ଼ ଜିଲ୍ଲା : ଜଙ୍ଗ୍ରା, ସାତକୁଟା, ବଣାଇଗଡ଼, ବିସ୍ରା, ଖଡ଼ିଆକୁଦର ଓ ଖୁଣ୍ଟାଗାଁ ।

କେନ୍ଦୁଝର ଜିଲ୍ଲା : ଚମ୍ପୁଆ, ଜଗନ୍ନାଥପୁର, ରମଲା ଓ ପାଟଣା ।

ଅବିଭକ୍ତ ପୁରୀ ଜିଲ୍ଲା : ଭୁବନେଶ୍ୱର, ଉଦୟଗିରି, ରଣପୁର ଓ ଶିଶୁପାଳଗଡ଼ ।

କଟକ ଜିଲ୍ଲା : ମଥୁରାପୁର (ଆଠଗଡ଼) ।

ଗଞ୍ଜାମ ଜିଲ୍ଲା : ଜଉଗଡ଼ ।

ସମ୍ବଲପୁର ଜିଲ୍ଲା : ବୁର୍ସାପାଲି, କୁଡ଼ା ବଗା ଓ ଲସା (କୁଚିଣ୍ଡା)

ଏହା ବାହାରେ ମଧ୍ୟ ବଲାଙ୍ଗୀର, ଫୁଲବାଣୀ ଆଦି ଜିଲ୍ଲାରେ ପ୍ରସ୍ତର ଯୁଗୀୟ ଅବଶେଷର ସନ୍ଧାନ ମିଳିଛି ।

ନୂତନ ପ୍ରସ୍ତର ଯୁଗ ହେଉଛି ପ୍ରାକ୍-ଐତିହାସିକ ସାଂସ୍କୃତିକ ବିବର୍ତ୍ତନର ଏକ ବୈପ୍ଳବିକ କାଳଖଣ୍ଡ । ପ୍ରାଚୀନ ପ୍ରସ୍ତର ଯୁଗୀୟ ମଣିଷ ମୁଖ୍ୟତଃ ଶିକାର ଓ ଫଳମୂଳ ସଂଗ୍ରହକୁ ଜୀବିକା ନିର୍ବାହର ମାଧ୍ୟମ ରୂପେ ଗ୍ରହଣ କରିଥିଲା । ମଧ୍ୟ-ପ୍ରସ୍ତର ଯୁଗରେ ଶିକାରନିମିତ୍ତ ବ୍ୟବହୃତ ପ୍ରସ୍ତର ଉପକରଣରେ ଉନ୍ନତି ଦେଖାଗଲା, ମାତ୍ର ସେ ଆଗ ଭଳି କେବଳ ଶିକାରୀ ଓ ଫଳ ସଂଗ୍ରହକାରୀ ହୋଇ ରହିଲା । ନୂତନ ପ୍ରସ୍ତର ଯୁଗରେ ଶିକାର ଓ ଫଳମୂଳ ସଂଗ୍ରହ ବ୍ୟତୀତ ମଣିଷ ଉନ୍ନତ

ଅସ୍ତ୍ରଶସ୍ତ୍ର ଓ ଉପକରଣ ନିର୍ମାଣ କରି କୃଷି ଉତ୍ପାଦନ ମଧ୍ୟ ଆରମ୍ଭ କଲା । ଏହା ତାକୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାୟୀ ଭାବରେ ରହିବାକୁ ଅବସର ପ୍ରଦାନ କଲା । ଏହି ସମୟରେ ମଣିଷ ତା'ର ପାରିପାର୍ଶ୍ୱିକ ପରିବେଶ, ବୃକ୍ଷଲତା ଓ ଜୀବଜନ୍ତୁଙ୍କ ଉପରେ ଅଧିକ ପ୍ରଭାବ ବିସ୍ତାର କଲା । ଅନ୍ୟ ଶବ୍ଦରେ କହିଲେ, ନୂତନ ପ୍ରସ୍ତର ଯୁଗରେ ମଣିଷର ଜୀବନଶୈଳୀରେ ଏକ ଅଭୂତପୂର୍ବ ଭୌତିକ ଓ ସାମାଜିକ ପରିବର୍ତ୍ତନ ଦେଖାଗଲା ।

ଓଡ଼ିଶାରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷଗୁଡିକରୁ ଅଧିକାଂଶ ନୂତନ ପ୍ରସ୍ତରଯୁଗୀୟ ବୋଲି ଅନୁମାନ କରାଯାଏ । ଉଦାହରଣ ସ୍ୱରୂପ, ମୟୂରଭଞ୍ଜ ଜିଲ୍ଲା ବଇଦିପୁରଠାରେ ମାଟିପାତ୍ର ଓ ଧାନର ନମୁନା ମିଳିଛି । ୧୯୬୧-୬୨ରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ବି.କେ. ଥାପରଙ୍କ ଉଦ୍ୟମରେ ବାରିପଦା ନିକଟସ୍ଥ କୁଚାଇଠାରେ ଖନନ କାର୍ଯ୍ୟ କରାଯାଇଥିଲା ଏବଂ ତହିଁରୁ ଲାଲମାଟି ପାତ୍ର ଓ କେତୋଟି ଚିକ୍କଣ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇଥିଲା । ଏଗୁଡ଼ିକ ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତିର ବୋଲି ଧାରଣା ସୃଷ୍ଟି ହୁଏ ।

ଓଡ଼ିଶାରେ ଆବିଷ୍କୃତ ନୂତନ ପ୍ରସ୍ତର ଯୁଗୀୟ ବିଭିନ୍ନ ଉପକରଣର ପ୍ରକାରଭେଦ, ଅବସ୍ଥିତି ଏବଂ ତହିଁରେ ବ୍ୟବହୃତ ପ୍ରସ୍ତରକୁ ଭିତ୍ତିକରି ଗବେଷକ ରବିନାରାୟଣ ଦାସ ସେଗୁଡିକୁ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆୟତାକାର କୁରାଢ଼ି; ଦ୍ୱିତୀୟ ପର୍ଯ୍ୟାୟରେ ଲମ୍ବାକୃତି ଖଣତି; ତୃତୀୟ ପର୍ଯ୍ୟାୟରେ ତ୍ରିଭୁଜାକାର ଓ ଗୋଲାକୃତି ଖଣତି; ଚତୁର୍ଥ ପର୍ଯ୍ୟାୟରେ ଧାରବିହୀନ ଚତୁଷ୍କୋଣୀ ଖଣତି ଏବଂ ଶେଷ ପର୍ଯ୍ୟାୟରେ ସିଧା ଜ୍ୟାମିତିକ ତୀକ୍ଷ୍ଣ ଧାରଯୁକ୍ତ ଖଣତିର ତିଆରି ଓ ପ୍ରୟୋଗ ହେଉଥିଲା ବୋଲି ସେ କହିଛନ୍ତି ।

ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ ନିକଟସ୍ଥ ସୁଲଭଡିହଠାରେ ନୂତନ ପ୍ରସ୍ତର ଯୁଗର କିଛି ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇଛି । ଏହି ପ୍ରତ୍ନତାତ୍ତ୍ୱିକ ଖନନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଦୀପ କୁମାର ବେହେରାଙ୍କ ଉଦ୍ୟମରେ ସଂଘଟିତ ହୋଇଛି । ଆବିଷ୍କୃତ ଅସ୍ତ୍ରଶସ୍ତ୍ରଗୁଡିକ ମଧ୍ୟରେ ମୁଖ୍ୟ ହେଲା- କୁରାଢ଼ି, ନିହଣ ଓ ହାତୁଡ଼ି; ସେଗୁଡିକ କୃଷ୍ଣବର୍ଣ୍ଣର ଆଗ୍ନେୟଶିଳାରେ ନିର୍ମିତ । କୁରାଢ଼ିର ତୀକ୍ଷ୍ଣତାରୁ ଅନୁମାନ କରିହୁଏ ଯେ ଜମିକୁ ଚାଷୋପଯୋଗୀ କରିବାପାଇଁ ବା ଜଙ୍ଗଲ ସଫା କରିବା ପାଇଁ ଏହାର ବ୍ୟବହାର କରାଯାଉଥିଲା । ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତି ଓଡ଼ିଶାରେ ବିଶେଷ କରି ନଦୀ ଉପତ୍ୟକାଗୁଡ଼ିକରେ ଦେଖାଯାଏ ।

ନୂତନ ପ୍ରସ୍ତର ଯୁଗ ପରବର୍ତ୍ତୀ କାଳରେ ମଣିଷ ତାମ୍ର-ପ୍ରସ୍ତର ଯୁଗରେ ଅବତୀର୍ଣ୍ଣ ହେଲା । ଏହି ଯୁଗର ବିଶେଷତ୍ୱ ହେଲା, ପାରମ୍ପରିକ ପ୍ରସ୍ତର ଉପକରଣ ବ୍ୟତୀତ ମଣିଷ ବିଭିନ୍ନ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ନିର୍ମାଣପାଇଁ ଧାତୁର ବ୍ୟବହାର ଆରମ୍ଭ କଲା । ଆବିଷ୍କୃତ ଧାତୁ ମଧ୍ୟରେ ପ୍ରଧାନ ଥିଲା ତମ୍ବା । ଧାତୁ ବ୍ୟତୀତ ଚିତ୍ରିତ ମାଟି ପାତ୍ରର ବ୍ୟବହାର ମଧ୍ୟ ଏହି ସମୟରେ ଆରମ୍ଭ ହୋଇଥିଲା ।

୧୯୫୦ରେ ଗବେଷକ ଏଚ୍.ଡି. ସଙ୍କାଲିଆ ପଶ୍ଚିମ ମହାରାଷ୍ଟ୍ରର ଜୋରୱେଠାରେ ତାମ୍ର-ପ୍ରସ୍ତର ଯୁଗୀୟ ଅବଶେଷମାନ ପ୍ରତ୍ନତାତ୍ତ୍ୱିକ ଖନନ ପ୍ରକ୍ରିୟାରେ ଆବିଷ୍କାର କରିଥିଲେ । କାର୍ବନ

ଡେଟିଂ ପଦ୍ଧତିଦ୍ୱାରା ଏହି ସଂସ୍କୃତିର ସମୟକାଳ ପ୍ରାୟ ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୭୦୦ ବୋଲି ନିର୍ଦ୍ଧାରଣ କରାଯାଇଛି । ଜୋରୱେକୁ ବାଦଦେଲେ ମହାରାଷ୍ଟ୍ରର ନେଭାସା, ଦାଇମାବାଦ, ଚନ୍ଦୋଲି, ସୋନଗାଁଓ, ଇନାମଗାଁଓ, ପ୍ରକାଶ ଓ ନାସିକଠାରେ ମଧ୍ୟ ତାମ୍ର-ପ୍ରସ୍ତର ଯୁଗୀୟ ଅସ୍ତ୍ରଶସ୍ତ୍ର ଏବଂ ସଂସ୍କୃତି ଆବିଷ୍କୃତ ହୋଇଛି । ସର୍ବପ୍ରଥମେ ଲେକଲୋଚନକୁ ଆସିଥିବା 'ଜୋରୱେ ସଂସ୍କୃତି' ସହିତ ଏଗୁଡ଼ିକର ଅନେକ ସାମଞ୍ଜସ୍ୟ ରହିଥିବାରୁ ଏ ସମସ୍ତ ସଂସ୍କୃତିକୁ 'ଜୋରୱେ ସଂସ୍କୃତି' ନାମରେ ନାମିତ କରାଯାଏ । ଭାରତର ଆହୁରି ଅନେକ ସ୍ଥାନରୁ ମଧ୍ୟ ତାମ୍ର-ପ୍ରସ୍ତର ଯୁଗୀୟ ଅବଶେଷମାନ ଆବିଷ୍କୃତ ହୋଇଛି ।

ତନ୍ମଧ୍ୟରେ ରହିଛି : ରାଜସ୍ଥାନର ଆହର (Ahar), ଗିଲୁନ୍ଦ (Gilund); ମଧ୍ୟପ୍ରଦେଶର କାୟଥା (Kayatha), ନାଭଦାଟୋଲି (Navdatoli), ମହେଶ୍ୱର (Maheswar), ଏରାନ (Eran); ଉତ୍ତର ପ୍ରଦେଶର କାକୁରିଆ (Kakuria), କୋଲଡିହା (Koldiha),ଖଜୁରିଆ (Khajuria); ବିହାରର ସୋନପୁର (Sonepur), ଚିରାନ୍ଦ (Chirand); ପଶ୍ଚିମବଙ୍ଗର ମହିଶ ଦାଲ (Mahisdal), ମଙ୍ଗଲକୋଟ (Mangalkot)ଏବଂ ପଣ୍ଡୁରାଜାର ଡିବି (Pandu Rajar Dhibi) ।

୧୯୯୧-୯୨ରେ ଓଡ଼ିଶାରେ ପ୍ରଥମ କରି ଖୋର୍ଦ୍ଧା ଜିଲ୍ଲାର ଗୋଳବାଇଠାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଆନୁକୂଲ୍ୟରେ ବି.କେ. ସିହ୍ନାଙ୍କ ନେତୃତ୍ୱରେ ହୋଇଥିବା ଖନନରୁ ତାମ୍ର-ପ୍ରସ୍ତର ଯୁଗୀୟ ସଂସ୍କୃତିର ଅବସ୍ଥିତି କଥା ସ୍ପଷ୍ଟ ହୁଏ । ଏହା ନୂତନ ପ୍ରସ୍ତର ଯୁଗ ଓ ଲୌହଯୁଗ ମଧ୍ୟବର୍ତ୍ତୀ କାଳଖଣ୍ଡରେ ଘଟିତ ବିବର୍ତ୍ତନକୁ ଇଙ୍ଗିତ କରେ । ଓଡ଼ିଶା ତଥା ଓଡ଼ିଶା ବାହାରେ ହୋଇଥିବା ଖନନରୁ ଜଣାଯାଏ ଯେ, ଏହି ଯୁଗରେ ମଣିଷ ପଥର ବ୍ୟତୀତ ହାଡ, ତମ୍ବା ଓ ମାଟିକୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ନିର୍ମାଣ ଲାଗି ବ୍ୟବହାର କରୁଥିଲା । ଆବିଷ୍କୃତ ପ୍ରସ୍ତର ଉପରକଣଗୁଡ଼ିକ ମଧ୍ୟରେ ରହିଛି କୁରାଢ଼ି, କ୍ଷୁଦ୍ରମୁନଯୁକ୍ତ ଛୁରୀ, ଜ୍ୟାମିତିକ ଆକାରର ଏକ ପ୍ରକାରର ଅର୍ଦ୍ଧ ଉପକରଣ- ଯାହାକୁ ଇଂରାଜୀରେ କୁହାଯାଏ Lunate, ଛିଦ୍ର କରିବାପାଇଁ ଉଦ୍ଦିଷ୍ଟ ଏକ ପ୍ରକାରର ଉପକରଣ ଏବଂ ଚାପ ପ୍ରୟୋଗ କରି ବିଭିନ୍ନ ଫଳର ଚୋପା ଛଡାଇବା ଲାଗି ଉଦ୍ଦିଷ୍ଟ ଉପକରଣ, ସୁଦୀର୍ଘ ବର୍ଚ୍ଛା, ଧନୁତୀର, ଛିଦ୍ର କରିବାପାଇଁ ଉଦ୍ଦିଷ୍ଟ ଏକ ଉପକରଣ (Borer) ଇତ୍ୟାଦି । ଏହା ବ୍ୟତୀତ ଖୋଦନପାଇଁ ଉଦ୍ଦିଷ୍ଟ ଏକ ପ୍ରକାର ଉପକରଣ, ଚମଡ଼ା ଉତାରିବାପାଇଁ ଉଦ୍ଦିଷ୍ଟ ଉପକରଣ, କାଟିବାପାଇଁ ବ୍ଲେଡ୍, ଫୋଡ଼ଣୀ, ଛୁରୀ, ନିହଣ, ଗଇଁତି ଏବଂ ଫସଲ କାଟିବା ଲାଗି ବ୍ୟବହାର ହେଉଥିବା ଦାଆ ପରି ଏକ ଉପକରଣ ମଧ୍ୟ ଅସ୍ଥି ନିର୍ମିତ ଥିଲା । ଖନନରୁ ଆବିଷ୍କୃତ ହୋଇଥିବା ତାମ୍ର ନିର୍ମିତ ଉପକରଣ ମଧ୍ୟରେ ଅଛି କାନ ଗହଣା, ନିହଣ ଓ ମାଛ କଣ୍ଟା । କୃଷି ଜାତ ଉତ୍ପାଦ ମଧ୍ୟରେ ପ୍ରଧାନ ଥିଲା ଧାନ ଓ କୋଳଥ । ଏହି ଯୁଗରେ ମଣିଷ ବିଭିନ୍ନ ରଂଗର ମାଟି ପାତ୍ର ମଧ୍ୟ ବ୍ୟବହାର କରୁଥିଲା । ସେଗୁଡିକ ମଧ୍ୟରେ ସରା, ବେଲା, ଥାଳି, ପଲମ, ହାଣ୍ଡି, ସୁରେଇ, ଗିନା, ଗ୍ଲାସ, ବଇଠି ଏବଂ ବୃହତ ଆକାରର ଶସ୍ୟ ସଂରକ୍ଷଣ ପାତ୍ର ଆଦି ପ୍ରଧାନ ।

ଖୋର୍ଦ୍ଧାର ଗୋଳବାଇକୁ ବାଦ ଦେଲେ ଢେଙ୍କାନାଳ ଜିଲ୍ଲାର ସାଙ୍କେରଜଙ୍ଗ ଓ ଦୁନିରିଆ, ସୋନପୁର ଜିଲ୍ଲାର ଖମ୍ବେଶ୍ୱରୀପାଲି, ଓ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ୍, କ୍ଷେତ୍ରା ତଥା ବାହାଡ଼ାଠାରେ ତାମ୍ର ପ୍ରସ୍ତରଯୁଗୀୟ ଉପକରଣମାନ ମିଳିଛି । ୧୯୯୮ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଦାଶିବ ପ୍ରଧାନ ଓ ପ୍ରଦୀପ କୁମାର ବେହେରା ଖମ୍ବେଶ୍ୱରୀପାଲିରେ କେତେକ ତାମ୍ର ଅସ୍ତ୍ରଶସ୍ତ୍ର, ତଥା ଲୋହିତ ଓ କୃଷ୍ଣବର୍ଣ୍ଣର ବିଭିନ୍ନ ମାଟି ପାତ୍ର ଖନନ ବେଳେ ଆବିଷ୍କାର କରିଥିଲେ । ମାଟିପାତ୍ରଗୁଡିକ ମଧ୍ୟରେ ରହିଥିଲା ସରା, ବେଲା, ଥାଳି, ପଲମ ଓ ହାଣ୍ଡି ଭଳି ଉପାଦେୟ ସଂରକ୍ଷଣ ପାତ୍ର । ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର ଖନନ ସ୍ଥଳୀରୁ ଆବିଷ୍କୃତ ବଡ଼ ଆକାରର ତାମ୍ର କୁରାଢ଼ିରୁ ମନେହୁଏ, ଏହାକୁ ହୁଏତ ଗଛ ହାଣିବା ତଥା ଅନ୍ୟାନ୍ୟ ବସ୍ତୁକୁ କାଟିବା କାମରେ ବ୍ୟବହାର କରା ହେଉଥିଲା । କାର୍ବନ ଡେଟିଂ ପଦ୍ଧତି ଆଧାରରେ ଓଡ଼ିଶାରେ ଏହି ସଂସ୍କୃତିର ସମୟକାଳ ଖ୍ରୀ.ପୂ. ୨୧୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ବୋଲି ଅନୁମାନ କରାଯାଏ ।

ଶୈଳଚିତ୍ର ହେଲା ପ୍ରାକ୍-ଐତିହାସିକ ଯୁଗର ଏକ ପ୍ରମୁଖ ବିଶେଷତ୍ୱ । ଏହି ଚିତ୍ରଗୁଡ଼ିକ ମୁଖ୍ୟତଃ ଶୈଳାଶ୍ରୟ ଓ ଗୁମ୍ଫାମାନଙ୍କରେ ଖୋଦିତ ଓ ରଙ୍ଗଦ୍ୱାରା ଚିତ୍ରିତ ହୋଇଥିବାର ଦେଖାଯାଏ । ଏଥିରୁ ମନେହୁଏ ଯେ ଆଦିମାନବ ଗୁମ୍ଫା ଓ ଶୈଳାଶ୍ରୟରେ ମୁଖ୍ୟତଃ ବସବାସ କରୁଥିଲା । ଚିରସ୍ରୋତା ଝରଣା ନିକଟରେ ସେ ଅଧିକ ସମୟ ଅବସ୍ଥାନ କରୁଥିବାରୁ ସେଠାରେ ମଧ୍ୟ ଶୈଳଚିତ୍ର ଦେଖିବାକୁ ମିଳେ । ଶୈଳଚିତ୍ରରୁ ଆଦିମାନବର ସୃଜନଶୀଳତା, କଳ୍ପନା, ଧର୍ମବିଶ୍ୱାସ, ଜୀବନଧାରଣ ପ୍ରଣାଳୀ ତଥା ପ୍ରକୃତି ସହ ନିବିଡ଼ ସମ୍ବନ୍ଧର ଅବଧାରଣା କରିହୁଏ ।

ଶୈଳଚିତ୍ର ମୁଖ୍ୟତଃ ଦୁଇ ପ୍ରକାରର : ବିଭିନ୍ନ ମାଟି ରଂଗଦ୍ୱାରା ଅଙ୍କିତ ଚିତ୍ର (Paintings or Pictographs) ଏବଂ ଖୋଦିତ ଚିତ୍ର (Engravings or Petroglyphs) । ପ୍ରସ୍ତର ଗାତ୍ରରେ (Rock Canvas) ଗେରୁ ରଂଗରେ ଏହି ଚିତ୍ରକଳା ଅଙ୍କିତ ହୋଇଥିବାରୁ ଦୀର୍ଘକାଳ ଧରି ସୁରକ୍ଷିତ ରହିଅଛି । କ୍ରାନ୍ତିବଳୟ, ମେରୁ ଅଞ୍ଚଳ ତଥା ବରଫାବୃତ୍ତ ଅଞ୍ଚଳରେ ମଧ୍ୟ ଶୈଳଚିତ୍ର ଦେଖାଯାଏ । ଏଥିରୁ ଅନୁମାନ କରାଯାଇପାରେ ଯେ ଆଦିମାନବ ଏକଦା ଏସବୁ ଅଞ୍ଚଳରେ ବସବାସ କରୁଥିଲା ।

ଭାରତରେ ପଶ୍ଚିମବଙ୍ଗ ଓ ଉତ୍ତର-ପୂର୍ବ ପାର୍ବତ୍ୟ ଅଞ୍ଚଳକୁ ବାଦ୍‌ଦେଲେ ପ୍ରାୟ ସବୁ ରାଜ୍ୟରେ ଶୈଳଚିତ୍ର ଦେଖିବାକୁ ମିଳିଥାଏ । ଉତ୍ତର ଓ ଦକ୍ଷିଣ ଭାରତରେ ସାଧାରଣତଃ ଖୋଦିତ ଶୈଳଚିତ୍ର ଦେଖିବାକୁ ମିଳିଥାଏ । ଅନ୍ୟ ପକ୍ଷରେ ଅବିଭକ୍ତ ମଧ୍ୟପ୍ରଦେଶରେ ବହୁଳ ମାତ୍ରାରେ ଉଭୟ ଖୋଦିତ ଓ ଚିତ୍ରିତ ଶୈଳଚିତ୍ର ଦେଖିବାକୁ ମିଳିଥାଏ । ୧୯୩୩ରେ ପାଟନା ସଂଗ୍ରହାଳୟର ଗବେଷକ କେ.ପି. ଜୟସ୍ୱାଲ ସର୍ବପ୍ରଥମେ ଓଡ଼ିଶାର ବିକ୍ରମଖୋଲଠାରେ (ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲା) ଶୈଳଚିତ୍ର ଆବିଷ୍କାର କରିଥିଲେ । ପରେ ସତ୍ୟନାରାୟଣ ରାଜଗୁରୁ ଓ ଜିତାମିତ୍ର ପ୍ରସାଦ ସିଂହଦେଓ ଯଥାକ୍ରମେ କଳାହାଣ୍ଡିର ଗୁଡ଼ହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଯୋଗୀମଠଠାରେ ଶୈଳଚିତ୍ରମାନ ଆବିଷ୍କାର କରିଛନ୍ତି । କେବଳ ସଦାଶିବ ପ୍ରଧାନ ରାଜ୍ୟର ୧୧ଟି ଜିଲ୍ଲାରୁ ମୋଟ ୧୦୪ଟି ଶୈଳଚିତ୍ର ଆବିଷ୍କାର କରିଛନ୍ତି ।

ସାଧାରଣତଃ ଶୈଳଚିତ୍ର ଥିବା ସ୍ଥାନକୁ ଓଡ଼ିଶାରେ ଉଷାକୋଠି ବା ଲେଖାମୋଡ଼ା ବୋଲି କୁହାଯାଏ । ଖୋଦିତ ଓ ଅଙ୍କିତ ଚିତ୍ର ବ୍ୟତୀତ ଓଡ଼ିଶାରେ ଆଉ ଏକ କିସମର ଶୈଳଚିତ୍ର ଦେଖାଯାଏ । ଏଥିରେ ଲୋହିତ, ହଳଦିଆ ଓ ଧଳା ଆଦି ରଂଗର ବ୍ୟବହାର ରହିଛି । ଚିତ୍ରରେ ଅନେକ କିସମର ଜୀବଜନ୍ତୁ ରହିଛନ୍ତି । ଯଥାଃ ହରିଣ, ବାରଶିଂଗା, ବାରହା, ଅରଣାମଇଁଷି, ଛେଳି, କୁବ୍‌ଜବିଶିଷ୍ଟ ଧେନୁ, ଛେଳି, ଗଣ୍ଡା, ଝିଟିପିଟି, କଇଁଛ ଓ ସାପ ଇତ୍ୟାଦି । ତା'ଛଡ଼ା ଅନେକ ଜ୍ୟାମିତିକ ଓ ଆଳଙ୍କାରିକ ଚିତ୍ର ମଧ୍ୟ ରହିଛି । ବିଭିନ୍ନ ସଂକେତ ଓ ଆଳଙ୍କାରିକ ଚିତ୍ରର ମଧ୍ୟଭାଗରେ ରହିଥିବା ବିଭାଜିତ ତ୍ରିଭୁଜ ନାରୀର ପ୍ରଜନନାଙ୍ଗ ପରି ଦେଖାଯାଏ । ଗବେଷକମାନଙ୍କ ମତରେ ଏଥିରୁ ସାବ୍ୟସ୍ତ ହୁଏ ଯେ, ପ୍ରାକ୍-ଐତିହାସିକ ଯୁଗରେ ଓଡ଼ିଶାରେ ପ୍ରଜନନ ସଂସ୍କୃତି ର ପ୍ରତୀକ ମାତୃପୂଜା ପରମ୍ପରାର ବ୍ୟାପକ ପ୍ରଚଳନ ରହିଥିଲା ।

■ ■ ■

# ଐତିହାସିକ ଭୂଗୋଳ

ପ୍ରାଚୀନ କାଳରେ 'ଓଡ଼ିଶା' ନାମର ପ୍ରଚଳନ ନଥିଲା । ୧୯୩୬ ଏପ୍ରିଲ ୧ ତାରିଖ ପରଠାରୁ ଯେଉଁ କ୍ଷେତ୍ର ଓଡ଼ିଶା ନାମରେ ପରିଚିତ, ସେହି କ୍ଷେତ୍ରରେ ଇତିହାସର ଭିନ୍ନ ଭିନ୍ନ କାଳଖଣ୍ଡରେ 'କଳିଙ୍ଗ', 'ଉତ୍କଳ', 'ଉଡ୍ର', 'କୋଶଳ', 'ତ୍ରିକଳିଙ୍ଗ', ତଥା 'ତୋଷଳ' ଆଦି ନାମରେ ରାଜ୍ୟମାନ ରହିଥିଲେ । ଏ ମଧ୍ୟରୁ କୌଣସି ରାଜ୍ୟର ମୋଟ ଆୟତନ ବର୍ତ୍ତମାନର ଓଡ଼ିଶାର ମୋଟ ଆୟତନ ସହ ପୂରାପୂରି ସମାନ ବୋଲି କହିହେବ ନାହିଁ । ଆଧୁନିକ ଓଡ଼ିଶାର ଗଠନ ଭାଷାଭିତ୍ତିରେ କରାଯାଇଛି ଯଦିଓ କେତେକ ଓଡ଼ିଆଭାଷୀ କ୍ଷେତ୍ର ଏବେ ମଧ୍ୟ ଓଡ଼ିଶା ପ୍ରଦେଶ ବାହାରେ ରହିଛି । ଏସବୁ ସତ୍ତ୍ୱେ 'କଳିଙ୍ଗ', 'ଉତ୍କଳ', 'ଉଡ୍ର' ନାମକୁ ଓଡ଼ିଶାର ସମାର୍ଥବୋଧକ ପ୍ରତିଶବ୍ଦ ଭାବରେ ଲୌକିକ ସ୍ତରରେ ବ୍ୟବହାର କରାଯାଏ । ଅର୍ଥାତ୍ ପ୍ରାଚୀନ 'କଳିଙ୍ଗ' ବା 'ଉତ୍କଳ' ହେଉଛି ଆଧୁନିକ ଓଡ଼ିଶାର ଅନ୍ୟନାମ । ସେହିପରି 'କୋଶଳ'କୁ ମଧ୍ୟ ପଶ୍ଚିମ ଓଡ଼ିଶାର ପ୍ରାଚୀନ ନାମ ଭାବରେ ଆଞ୍ଚଳିକ ସ୍ତରରେ ବ୍ୟବହାର କରାଯାଏ ।

କେତେକ ଐତିହାସିକ 'ଓଡ଼ିଶା'କୁ 'ଓରିଟିସ୍' (Orites), ଉର୍ସିନ (Urshin) ତଥା ଉର୍ସଫିନ (Ursfin) ଇତ୍ୟାଦି ନାମର ଅପଭ୍ରଂଶ ବୋଲି ମତ ଦେଇଥାନ୍ତି । ପ୍ରଥମ ଶତାବ୍ଦୀରେ ପ୍ରକାଶିତ ଗ୍ରୀକ୍ ପରିବ୍ରାଜକ ପ୍ଲିନିଙ୍କ 'ପ୍ରାକୃତିକ ଇତିହାସ' (Natural History) ପୁସ୍ତକରେ 'ଓରିଟିସ୍'କୁ ଏକ ଭାରତୀୟ ଜାତି ବୋଲି ଉଲ୍ଲେଖ କରାଯାଇଛି । ପ୍ଲିନଙ୍କ ବର୍ଣ୍ଣନା ଅନୁଯାୟୀ 'ଓରିଟିସ୍' ଜାତିର ଲୋକେ ମେଲିଅସ (Maleus) ପାହାଡ଼ କ୍ଷେତ୍ରରେ 'ମନେଡସ୍' (Manedes) ଓ 'ସୁଆରିସ୍' (Suaris) ଜାତିର ଲୋକଙ୍କ ମଧ୍ୟରେ ଅବସ୍ଥାନ କରନ୍ତି । ଗବେଷକମାନେ 'ଓରିଟିସ୍'କୁ 'ଓଡିଆ', 'ମେଲିଅସ'କୁ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ମାଲ୍ୟବଣ, 'ମନେଡସ୍'କୁ 'ମୁଣ୍ଡା' ଓ 'ସୁଆରିସ'କୁ 'ସଉରା'ର ଅପଭ୍ରଂଶ ବୋଲି ମତ ଦିଅନ୍ତି । ସଂସ୍କୃତର 'ଓଡ୍ର' ଶବ୍ଦ, ଯାହା 'ଓଡ଼ିଆ'ର ମୂଳ ବୋଲି ଅନୁମାନ କରାଯାଏ, ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ପ୍ରଚଳନକୁ ଆସିଛି, ଯଦିଓ ମହାଭାରତ ଯୁଦ୍ଧ ସମୟରେ ମଧ୍ୟ ଏହାର ପ୍ରଚଳନ ଥିଲା ବୋଲି ବିଶ୍ୱାସ କରାଯାଏ । ଉଭୟ ଗ୍ରୀକ୍ 'ଓରିଟିସ୍' ଓ ସଂସ୍କୃତ 'ଓଡ୍ର'ର ମୂଳ ଶବ୍ଦ ହେଲା 'ଓର' ବା 'ଓରୁଆ' ବୋଲି କୁହାଯାଏ ।

'ଓରୁଆ'କୁ ଓଡ଼ିଆ 'ଅରୁଆ' ଶବ୍ଦରୁ ନିଆଯାଇଛି ବୋଲି ମଧ୍ୟ ଦାବି କରାଯାଏ । ଗ୍ରୀକ୍‌ରେ 'ଓରୁଜା'ର ଅର୍ଥ ଚାଉଳ ଏବଂ ଗ୍ରୀକ୍ ଭାଷାକୁ ଏହା ପ୍ରାଚ୍ୟରୁ ଯାଇଛି ବୋଲି ପ୍ରମାଣ ରହିଛି । ସେହି ସୂତ୍ରରେ ଗ୍ରୀକ୍‌ରେ 'ଓରିଟିସ୍' ବା 'ଓର' ହେଲା ଚାଉଳ ଉତ୍ପାଦନକାରୀ ବା ଭାତକୁ ମୁଖ୍ୟ ଭୋଜନ ଭାବରେ ଗ୍ରହଣ କରିଥିବା ଜାତିର ଲୋକ ସମୂହ । ଏଥିରୁ ଅନୁମାନ କରାଯାଏ ଯେ, ଓଡ଼ିଆପାଇଁ ନିର୍ଦ୍ଦିଷ୍ଟ ଭାବେ ଓରିଟିସ୍ ଶବ୍ଦ ବ୍ୟବହାର କରାଯାଇଛି ।

ନବମ ଓ ଦଶମ ଶତାବ୍ଦୀର ଦୁଇଜଣ ମଧ୍ୟଏସିଆର ଭୌଗୋଳିକ ଇବନ୍ ଖୁର୍ଦ୍ଦାଦଭି ଓ ହାଦୁଦ୍ ଅଲ୍ ଆଲାନ ଓଡ଼ିଶାକୁ 'ଉର୍ସିନ' ବା 'ଉର୍ସଫିନ' ବୋଲି ଉଲ୍ଲେଖ କରିଛନ୍ତି । ଏକାଦଶ ଶତାବ୍ଦୀରେ ଆଲବେରୁନି ତାଙ୍କ ପ୍ରସିଦ୍ଧ ପୁସ୍ତକ 'ଇଣ୍ଡିଆ'ରେ ଓଡ଼ିଶାକୁ 'ଉର୍ଦ୍ଧବିଶାଉ' (Urdavisau) ବୋଲି ଲେଖିଛନ୍ତି, ଯାହାକୁ ସଂସ୍କୃତ 'ଓଡ୍ର ବିଷୟ' ବା ଓଡ୍ର ପ୍ରଦେଶର ଅପଭ୍ରଂଶ ଭାବରେ ଗ୍ରହଣ କରାଯାଏ । ପ୍ରଥମ ଥରପାଇଁ ସ୍ପଷ୍ଟ ଶବ୍ଦରେ ଚତୁର୍ଦ୍ଦଶ ଶତାବ୍ଦୀରେ ସାମ୍‌ସଇ ସିରାଜ ଅଫିପ ନାମକ ଜଣେ ମୁସଲିମ୍ ଲେଖକ ଯାଜନଗର ଉଡ଼ିଶା କ୍ଷେତ୍ରର ନାମୋଲ୍ଲେଖ କରିଛନ୍ତି । ସେହି ସମୟରେ ସୀମାଚଳମର ଏକ ଶିଳାଲେଖରେ 'ଓଡ୍ୟାଦେଶ' ନାମର ଉଲ୍ଲେଖ ରହିଛି । 'ଓଡିଶା', 'ଓଡ଼ିଶା ରାଷ୍ଟ୍ର', ତଥା 'ଓଡ଼ିଶା ରାଜ୍ୟ' ଆଦି ନାମର ବ୍ୟବହାର ଗଜପତି ରାଜା କପିଳେନ୍ଦ୍ରଦେବ ପଞ୍ଚଦଶ  ଶତାବ୍ଦୀର ଆଦ୍ୟ ଭାଗରେ କରିଛନ୍ତି । ଏହା ପରେ ଉଭୟ ସରକାରୀ ନଥିପତ୍ରରେ ତଥା ଲୌକିକ ସ୍ତରରେ 'ଓଡ଼ିଶା' ନାମ ଲୋକପ୍ରିୟ ହୋଇଛି । ଓଡ଼ିଆ ମହାଭାରତର  ରଚୟିତା ସାରଳା ଦାସ ମଧ୍ୟ ତାଙ୍କ ରଚନାରେ ଓଡ଼ିଶା ରାଷ୍ଟ୍ର ବା 'ଓଡ଼ରାଷ୍ଟ୍ର'ର ଉଲ୍ଲେଖ କରିଛନ୍ତି । ଏଥିରୁ ଗୋଟିଏ କଥା ସାବ୍ୟସ୍ତ ହୁଏ ଯେ, ଅନ୍ତତଃ ମଧ୍ୟକାଳରୁ ବା ହୋଇପାରେ ପ୍ରାଚୀନ କାଳରୁ, ଆଜି ଓଡ଼ିଶା ନାମରେ ଖ୍ୟାତ ଅଞ୍ଚଳକୁ ତଥା ଏହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ 'ଉଡ୍ର', 'ଓର' ଆଦି ନାମରେ  ଲୋକ ଜାଣୁଥିଲେ । ସମୟ କ୍ରମେ ଅର୍ଥାତ୍ ଆଧୁନିକ କାଳରେ ଏହି ନାମକୁ ମହତ୍ତ୍ୱ ମିଳିଲା, କାରଣ ଏହାର ମୁଖ୍ୟ ଆଧାର ହେଲା ଭାଷା- ଯାହା 'କଳିଙ୍ଗ' ବା 'ଉତ୍କଳ' ନାମରେ ନଥିଲା ।

ସାଧାରଣତଃ ଆଧୁନିକ ଓଡ଼ିଶାର ଅଧିକାଂଶ ଭାଗ ପ୍ରାଚୀନ କାଳରେ କଳିଙ୍ଗ ରାଜ୍ୟର ଅଂଶ ହୋଇ ରହିଥିଲା । ସେହି ଆଧାରରେ ଆଧୁନିକ ସମୟରେ ମଧ୍ୟ କଳିଙ୍ଗକୁ ଓଡ଼ିଶାର ଅନ୍ୟ ଏକ ନାମ ବୋଲି ବିବେଚନା କରାଯାଏ । ଏହି କାରଣରୁ ଓଡ଼ିଶାର ଐତିହାସିକ ଭୂଗୋଳକୁ ନେଇ ବିଚାର କଲାବେଳେ କଳିଙ୍ଗର ଅବତାରଣା ଅପ୍ରାସଙ୍ଗିକ ନୁହେଁ ।

ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ କଳିଙ୍ଗକୁ ନେଇ ଅନେକ ଉଲ୍ଲେଖ ଦେଖିବାକୁ ମିଳେ । ମହାଭାରତରେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମ୍ହର ଏକାଧିକ ସ୍ଥାନରେ ସୂଚନା ରହିଛି । 'ବନ ପର୍ବ'ରେ ଲୋମଶ ଋଷି କଳିଙ୍ଗ ରାଜ୍ୟରେ ବୈତରଣୀ ନଦୀ ପ୍ରବାହିତ ବୋଲି କହିଛନ୍ତି । ଯଦିଓ ଏହି ସୂଚନାରୁ କଳିଙ୍ଗ ରାଜ୍ୟର ମୋଟ ଆୟତନ ସମ୍ବନ୍ଧରେ ବିଶେଷ କିଛି ଧାରଣା କରିହୁଏ ନାହିଁ, ତଥାପି ମହାଭାରତ ରଚନା ସମୟରେ କଳିଙ୍ଗ ରାଜ୍ୟ ରହିଥିଲା ବୋଲି ଧାରଣା କରିହୁଏ । ଏହାର ରାଜଧାନୀ ଥିଲା ଦନ୍ତକୁରା ବା ଦନ୍ତପୁର, ଯାହାକୁ ପ୍ଲିନି ଦଂଡଗୁଲ ବୋଲି ନାମିତ କରିଛନ୍ତି ।

ଗଙ୍ଗାନଦୀର ଦକ୍ଷିଣ ଦିଗରେ ୫୭୦ ମାଇଲ ଦୂରରେ ଦନ୍ତପୁର ଅବସ୍ଥିତ ବୋଲି ବର୍ଣ୍ଣନା ରହିଛି । କଳିଙ୍ଗର ଲୋକମାନଙ୍କୁ କଳିଙ୍ଗା, ମାକୋଳିଙ୍ଗ ଓ ଗଙ୍ଗାକଳିଙ୍ଗା ଆଦି ତିନି ଭାଗରେ ବିଭକ୍ତ କରାଯାଏ । ଏଥିରୁ ଐତିହାସିକମାନେ ଅନୁମାନ କରନ୍ତି ଯେ, କଳିଙ୍ଗ ସାମ୍ରାଜ୍ୟ ପ୍ରଥମ ଶତାବ୍ଦୀ ବେଳକୁ ଉତ୍ତରରେ ଗଙ୍ଗାନଦୀର ମୁହାଣଠାରୁ ଦକ୍ଷିଣରେ ଗୋଦାବରୀ ସୀମା ଯାଏଁ ବିସ୍ତୃତ ଥିଲା ।

ଅଶୋକଙ୍କ ଶିଳାଲେଖରେ କଳିଙ୍ଗକୁ 'ଆଟବିକ୍' ରାଜ୍ୟ ଓ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ 'ବିଦ୍ୟାଧର' ରାଜ୍ୟ ବୋଲି କୁହାଯାଇଛି । ଷଷ୍ଠ ଶତାବ୍ଦୀର ଲୋକ ବିଗ୍ରହଙ୍କ କଣାସ ତାମ୍ରଲେଖରେ ଏହି ଅଞ୍ଚଳକୁ ଅଷ୍ଟାଦଶ ଆଟବିକ୍ ରାଜ୍ୟ ବୋଲି ବର୍ଣ୍ଣନା କରାଯାଇଛି । ତାମ୍ର ଲେଖ ଅନୁଯାୟୀ ଏହି ରାଜ୍ୟ ବୁନ୍ଦେଲଖଣ୍ଡ ଓ ପୂର୍ବ ସମୁଦ୍ର ଉପକୂଳର ମଧ୍ୟବର୍ତ୍ତୀ କ୍ଷେତ୍ରରେ ଅବସ୍ଥିତ ଥିଲା ।

ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ ଯେ, ମଗଧର ନନ୍ଦରାଜା ମହାପଦ୍ମନନ୍ଦ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ରାଜ୍ୟର ସମଗ୍ର ତଟବର୍ତ୍ତୀ ଅଞ୍ଚଳକୁ ନିଜ ଅଧିକାରଭୁକ୍ତ କରିଥିଲେ । ଶିଳାଲେଖରେ କଳିଙ୍ଗର ରାଜଧାନୀ ପିଥୁଣ୍ଡ ବୋଲି କୁହାଯାଇଛି । ମନେହୁଏ, ଏହା ଏକ ବନ୍ଦର ନଗରୀ ଥିଲା, ଯାହାକୁ ନନ୍ଦରାଜା ଯୁଦ୍ଧ ବେଳେ ଧ୍ୱଂସ କରି ଜନମାନବଶୂନ୍ୟ କରି ଦେଇଥିଲେ । ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ 'କଳିଙ୍ଗ ଯୁଦ୍ଧ' ପରେ ଏହି ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ସମ୍ରାଟ ଅଶୋକ ଏହାକୁ ନିଜ ସାମ୍ରାଜ୍ୟର ଏକ ପ୍ରଦେଶରେ ପରିଣତ କଲେ । ମନେହୁଏ, ପ୍ରାଶାସନିକ ସୁବିଧା ନିମନ୍ତେ ଅଶୋକ କଳିଙ୍ଗରେ ଦୁଇଟି ରାଜଧାନୀ କରିଥିଲେ । ଗୋଟିଏ ହେଲା ତୋଷାଳୀ ଏବଂ ଅନ୍ୟଟି ସମାପା । ତୋଷାଳୀକୁ ଭୁବନେଶ୍ୱର ନିକଟବର୍ତ୍ତୀ ଶିଶୁପାଳଗଡ଼ ସହିତ ଏବଂ ସମାପାକୁ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟସ୍ଥ ଜଉଗଡ଼ ସହିତ ଚିହ୍ନିତ କରାଯାଏ । ଏଥିରୁ ଅନୁମାନ କରାଯାଏ ଯେ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ କଳିଙ୍ଗ ଆଧୁନିକ ପୁରୀ, କଟକ, ଭୁବନେଶ୍ୱର ଓ ଗଞ୍ଜାମ ସୀମା ଯାଏ ପରିବ୍ୟାପ୍ତ ଥିଲା ।

ଚତୁର୍ଥ ଶତାବ୍ଦୀରେ ଲିଖିତ ସମୁଦ୍ରଗୁପ୍ତଙ୍କ ଆହ୍ଲାବାଦ ସ୍ତମ୍ଭଲେଖରେ କଳିଙ୍ଗର କୌଣସି ଉଲ୍ଲେଖ ଦେଖିବାକୁ ମିଳେ ନାହିଁ । ବୋଧହୁଏ ସମସାମୟିକ ମାଠର ରାଜତ୍ୱ ବେଳକୁ କଳିଙ୍ଗ ଅନେକ ଗୁଡ଼ିଏ  ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇସାରିଥିଲା । ସ୍ତମ୍ଭଲେଖରେ ନାମ ଉଲ୍ଲିଖିତ ହେବା ଭଳି ମହତ୍ତ୍ୱ ତା'ର ଆଉ ରହିନଥିଲା । ମାଠରମାନଙ୍କ ପରେ ଷଷ୍ଠ ଶତାବ୍ଦୀର ଆରମ୍ଭ ବେଳକୁ ପୂର୍ବ ଗଙ୍ଗମାନେ କଳିଙ୍ଗ ଅଞ୍ଚଳକୁ ଅଧିକାର କଲେ । ଏହି ସମୟରେ କଳିଙ୍ଗର ସୀମା ଆହୁରି ସଂକୀର୍ଣ୍ଣ ହୋଇ ପଡିଲା । ଆଧୁନିକ ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲ୍ଲା ଓ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ପର୍ଯ୍ୟନ୍ତ ଏହାର କ୍ଷେତ୍ର ସୀମିତ ରହିଥିଲା । ଏହାର ରାଜଧାନୀର ନାମ ଥିଲା କଳିଙ୍ଗନଗର, ଯାହାକୁ ଶ୍ରୀକାକୁଲମ୍ ନିକଟସ୍ଥ ମୁଖଲିଙ୍ଗମ୍ ସହିତ ଚିହ୍ନିତ କରାଯାଏ । ଏମିତିରେ କଳିଙ୍ଗାଧିପତି ନାମରେ ପରିଚିତ ଖାରବେଳ (ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ବା ପ୍ରଥମ ଶତାବ୍ଦୀ) ମଧ୍ୟ ତାଙ୍କ ରାଜଧାନୀକୁ 'କଳିଙ୍ଗନଗର' ବୋଲି ଉଲ୍ଲେଖ କରିଛନ୍ତି । ଖାରବେଳଙ୍କ କଳିଙ୍ଗନଗରକୁ ଆଧୁନିକ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ସହ ଚିହ୍ନିତ କରାଯାଏ ।

ସପ୍ତମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ କଳିଙ୍ଗ ଭ୍ରମଣ କରିଥିବାର ପ୍ରମାଣ ରହିଛି । ତାଙ୍କ ବର୍ଣ୍ଣନା ଅନୁଯାୟୀ, କଙ୍ଗୋଦର ଦକ୍ଷିଣ ପଶ୍ଚିମ ଦିଗରେ ପ୍ରାୟ ୧୪୦୦ରୁ ୧୫୦୦ ମାଇଲ ଦୂରରେ କଳିଙ୍ଗ ରାଜ୍ୟ ଅବସ୍ଥିତ । ସେତେବେଳେ କଳିଙ୍ଗର କ୍ଷେତ୍ରଫଳ ଥିଲା ପ୍ରାୟ ୫୦୦ବର୍ଗମାଇଲ । ପୁରୀ, ଗଞ୍ଜାମର ଉତ୍ତରାଞ୍ଚଳ ଓ ଆଧୁନିକ ବୌଦ୍ଧ ଜିଲ୍ଲାକୁ ମିଶାଇ କଳିଙ୍ଗ ରାଜ୍ୟ ଗଠିତ ହୋଇଥିଲା ।

ପରବର୍ତ୍ତୀ ସମୟରେ ଗଙ୍ଗ ସାମ୍ରାଜ୍ୟର ଖୁବ୍ ବିସ୍ତୃତି ଘଟିଥିଲା । ଦ୍ୱାଦଶ ଶତାବ୍ଦୀର ଆରମ୍ଭରେ ଚୋଡ଼ଗଙ୍ଗଦେବ (୧୧୧୦ରେ) କଳିଙ୍ଗକୁ ଅଧିକାର କରି ନିଜ ସାମ୍ରାଜ୍ୟଭୁକ୍ତ କଲେ । ତେଣିକି କଳିଙ୍ଗ ଦଣ୍ଡପାଟ ନାମରେ ଏହା ଗଙ୍ଗସାମ୍ରାଜ୍ୟର ଏକ କେନ୍ଦ୍ର ରାଜ୍ୟ ରୂପେ ପରିଚୟ ପାଇଲା । ଚୋଡ଼ଗଙ୍ଗ ଦେବ ନିଜ ସାମ୍ରାଜ୍ୟର ସୀମାକୁ ଉତ୍ତରରେ ହୁଗୁଳି ନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତାରିତ କରିବାରେ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ କଳିଙ୍ଗନଗର ବଦଳରେ କଟକ ନଗରୀ ରାଜ୍ୟର ରାଜଧାନୀ ହେଲା । ପଞ୍ଚଦଶ ଓ ଷୋଡଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ନରପତିମାନଙ୍କ ଅମଳରେ ମଧ୍ୟ କଳିଙ୍ଗକୁ ଏକ ରାଜ୍ୟ ବା ପ୍ରଦେଶର ମାନ୍ୟତା ଦିଆଯାଇଥିଲା । ଅନ୍ୟ ଶବ୍ଦରେ କହିଲେ, କାଳକ୍ରମେ ମୋଟାମୋଟି ଓଡ଼ିଶା କ୍ଷେତ୍ରକୁ ନେଇ ଯେଉଁ ବିଶାଳ ରାଜ୍ୟ ବା ସାମ୍ରାଜ୍ୟର ଭିତ୍ତି ପଡ଼ିଲା, ତା'ର ଏକ ସଂଭାଗ ମାତ୍ର ହେଲା କଳିଙ୍ଗ । ମୋଟ ଓଡ଼ିଶା କ୍ଷେତ୍ରଠାରୁ ଯଥେଷ୍ଟ କମ୍ ଥିଲା ଏହାର ଆୟତନ ।

କଳିଙ୍ଗ ପରି 'ଉତ୍କଳ'କୁ ମଧ୍ୟ ଆଧୁନିକ ଓଡ଼ିଶାର ଅନ୍ୟ ଏକ ନାମ ଭାବରେ ସାଧାରଣତଃ ନିଆଯାଇଥାଏ । ଯଦି ଇତିହାସରୁ ଦେଖାଯାଏ, ସର୍ବପ୍ରଥମେ ମହାଭାରତରେ ଓଡ୍ର, ମେକଳ, କଳିଙ୍ଗ ଓ ଆନ୍ଧ୍ର ସହିତ 'ଉତ୍କଳ'ର ନାମୋଲ୍ଲେଖ କରାଯାଇଥିଲା । ଗୌତମବୁଦ୍ଧଙ୍କ ପରବର୍ତ୍ତୀ ସମୟରେ ରଚିତ ବିନୟ ପିଟକ ଓ ଜାତକ ଗଳ୍ପରେ ତପସ୍‌ସୁ ଓ ଭଲ୍ଲିକ ନାମକ ଦୁଇଜଣ ବୈଶ୍ୟ ଉତ୍କଳ ଜନପଦରୁ ବାଣିଜ୍ୟ କାରବାରପାଇଁ ଯାଇଥିବା କଥା ଉଲ୍ଲେଖ ରହିଛି । ଦଶମ ଶତାବ୍ଦୀରେ ପାଳବଂଶର ରାମପାଳଙ୍କ ସମୟରେ ତଥା ପରେ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶର ଚୋଡ଼ଗଙ୍ଗ ଦେବଙ୍କ ସମୟରେ 'ଉତ୍କଳ'ର ଉଲ୍ଲେଖ ଏକ ବିଶାଳ ସାମ୍ରାଜ୍ୟ ଭାବରେ ହେବାକୁ ଲାଗିଲା । ଆଜି ଯାହା ପ୍ରାକୃତିକ ଓଡ଼ିଶା ବୋଲି ପରିଚୟ ପାଏ, ମୋଟାମୋଟି ଭାବେ ସେହି ସମଗ୍ର ଅଞ୍ଚଳକୁ 'ଉତ୍କଳ' କୁହାଗଲା ।

ଅଷ୍ଟମ ଓ ନବମ ଶତାବ୍ଦୀରେ ଉତ୍ତର ଓ ଦକ୍ଷିଣ ତୋଷାଳୀରେ ଭୌମକର ବଂଶର ରାଜତ୍ୱ ରହିଥିଲା । ଏହି ଶାସକମାନେ ନିଜକୁ 'ଉତ୍କଳକୁଳ' ତଥା 'ଉତ୍କଳେନ୍ଦ୍ର' ରୂପେ ପରିଚୟ ଦେଉଥିଲେ । ଐତିହାସିକମାନଙ୍କର ଅନୁମାନ ଯେ, ସୋମବଂଶୀ ରାଜାମାନଙ୍କ ହାତରେ ପରାଜିତ ହୋଇ ଭୌମକର ଶାସକ ଉତ୍କଳରୁ କର୍ତ୍ତୃତ୍ୱ ହରାଇଥିଲେ ଏବଂ 'ଉତ୍କଳକୁଳ' ତଥା 'ଉତ୍କଳେନ୍ଦ୍ର' ରୂପେ ପରିଚୟ ଦେଇ ସେହି ସ୍ମୃତିକୁ ସତେଜ କରିବାକୁ ପ୍ରୟାସ କରିଥିଲେ । ଏହି ଦୃଷ୍ଟିରୁ ଦେଖିଲେ ଅଷ୍ଟମ-ନବମ ଶତାବ୍ଦୀ ବେଳକୁ ଉତ୍କଳ ଏକ ପ୍ରସିଦ୍ଧ ଓ ଗୌରବଶାଳୀ ରାଜ୍ୟର ନାମ ଭାବରେ ପରିଚୟ ପାଇଥିଲା । ଉତ୍କଳ ବଂଶର ବୋଲି ନିଜକୁ କହି ରାଜାମାନେ ମଧ୍ୟ ଗୌରବାନ୍ୱିତ ହେଉଥିଲେ ।

ଗଙ୍ଗ ରାଜବଂଶର ପତନ ପରେ ପଞ୍ଚଦଶ ଶତାବ୍ଦୀରେ ଯେତବେଳେ ସୂର୍ଯ୍ୟବଂଶୀ ଗଜପତି ଶାସକଙ୍କର ଉତ୍‌ଥାନ ହେଲା, ସେତେବେଳେ ଓଡ୍ର ଦେଶର ଉଲ୍ଲେଖ ଦେଖିବାକୁ ମିଳିଲା । ଗଜପତି ରାଜ୍ୟ ଅର୍ଥାତ୍ ଓଡ୍ର ଦେଶ । କଳିଙ୍ଗ ଓ ଉତ୍କଳ ଭଳି ସାହିତ୍ୟ ଓ ଅଭିଲେଖମାନଙ୍କରେ ମଧ୍ୟ ଓଡ୍ର ନାମକୁ ମାନ୍ୟତା ମିଳିଲା । କେତେକ ଗବେଷକଙ୍କ ମତରେ ଉତ୍କଳର ଅନ୍ୟ ନାମ ହେଲା ଓଡ୍ର । ମାତ୍ର ଅନ୍ୟ କେତେକ ଗବେଷକ ଓଡ୍ର ଓ ଉତ୍କଳ ଦୁଇଟି ଭିନ୍ନ ଭିନ୍ନ ରାଜ୍ୟ ବୋଲି ଯୁକ୍ତି କରିଥାନ୍ତି । ବିଭିନ୍ନ ରାଜାଙ୍କ ସମୟରେ ରାଜ୍ୟର ସୀମା ବିଶେଷ କରି ଯୁଦ୍ଧଯୋଗୁଁ ବାରମ୍ବାର ପରିବର୍ତ୍ତିତ ହେଉଥିବାରୁ ଓଡ୍ର ରାଜ୍ୟର ଏକ ନିର୍ଦ୍ଦିଷ୍ଟ ସୀମା ନିଶ୍ଚିତ କରିବା ସହଜ ନୁହେଁ । ମହାଭାରତରେ ଓଡ୍ରର ନାମୋଲ୍ଲେଖ ରହିଛି, ମାତ୍ର ରାଜ୍ୟର ଅବସ୍ଥିତିକୁ ନେଇ ନିର୍ଦ୍ଦିଷ୍ଟ ସୂଚନା ନାହିଁ । 'ବାୟୁପୁରାଣ' ଅନୁଯାୟୀ 'ପୁରୁଷୋତ୍ତମ କ୍ଷେତ୍ର', 'ଅର୍କକ୍ଷେତ୍ର' ଓ 'ବିରଜାକ୍ଷେତ୍ର' ହେଲେ ଓଡ୍ର ରାଜ୍ୟର ତିନୋଟି ପ୍ରମୁଖ ପୁଣ୍ୟ ସ୍ଥଳୀ । ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଓଡ୍ରର ଅବସ୍ଥିତି ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି, ତାକୁ ଆଧାର କରି ଗବେଷକମାନେ ରାଜ୍ୟର ସୀମା ନିର୍ଦ୍ଧାରଣ କରିଛନ୍ତି । ତାହା ଅନୁଯାୟୀ, ମହାନଦୀ ଉପତ୍ୟକା, ସୁବର୍ଣ୍ଣରେଖା ନଦୀର ନିମ୍ନ ଭାଗ, କଟକ ଜିଲ୍ଲା, ସମ୍ବଲପୁର ଏବଂ ଆଧୁନିକ ବଙ୍ଗର ମେଦିନିପୁର ଓଡ୍ର ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । ରାଜ୍ୟର ପଶ୍ଚିମ ସୀମାରେ ଗଣ୍ଡୱାନା, ଉତ୍ତରରେ ଯଶପୁର ଓ ସିଂହଭୂମର ପାର୍ବତ୍ୟାଞ୍ଚଳ ଏବଂ ଦକ୍ଷିଣରେ ଗଞ୍ଜାମ ଅବସ୍ଥିତ ବୋଲି ଅନୁମାନ କରାଯାଏ । ଏଥିରୁ ମନେହୁଏ ଯେ, କୋଶଳ ଓ ଉତ୍କଳ ପରି ଓଡ୍ରର ନାମୋଲ୍ଲେଖ ମଧ୍ୟ ପ୍ରାଚୀନ କାଳରୁ ରହି ଆସିଛି । ଦ୍ୱିତୀୟତଃ ଆଧୁନିକ ଓଡ଼ିଶା ନାମ ହିଁ ସିଧା ଓଡ୍ର ନାମର ଅପଭ୍ରଂଶ । ଉଭୟ ଓଡ୍ର ଓ ଓଡ଼ିଶା ନାମ ସେହି କ୍ଷେତ୍ରରେ ବାସକରୁଥିବା ଲୋକସମୂହର ପ୍ରତିନିଧିତ୍ୱ କରେ । ମଧ୍ୟଯୁଗରେ ଯେତେବେଳେ ଆଞ୍ଚଳିକ ଭାଷାଗୁଡ଼ିକର ବିକାଶ ହେଲା, ସେତେବେଳେ ଏହି କ୍ଷେତ୍ରର ଭାଷା-ସାହିତ୍ୟ 'ଓଡିଶା' ବୋଲି ପରିଚିତି ପାଇଲା । ଓଡିଶା ଏକ କ୍ଷେତ୍ର ବିଶେଷର ନାମ ଭାବରେ ଉକ୍ତ କ୍ଷେତ୍ରର ଭାଷା-ସଂସ୍କୃତି ଓ ଲୋକସମୂହର ପ୍ରତିନିଧିତ୍ୱ କରିବାର ସାମର୍ଥ୍ୟ ରଖିଲା । ତେଣୁ କାଳକ୍ରମେ ଏହା ଅନ୍ୟ ନାମଗୁଡ଼ିକ ତୁଳନାରେ କେବଳ ଜନସ୍ୱୀକୃତି ନୁହେଁ, ଅଧିକ ଶାସକୀୟ ମହତ୍ତ୍ୱ ମଧ୍ୟ ଲାଭ କଲା ।

ଉତ୍କଳ ଓ ଓଡ୍ର ବ୍ୟତୀତ ଆଧୁନିକ ଓଡ଼ିଶା କ୍ଷେତ୍ରରେ ଅତୀତରେ ତ୍ରିକଳିଙ୍ଗ, ତୋଷାଳୀ ଓ କୋଶଳ ଆଦି ରାଜ୍ୟମାନ ମଧ୍ୟ ରହିଥିଲେ । ମାତ୍ର ଏହି ରାଜ୍ୟଗୁଡ଼ିକର ଆୟତନ ଅତ୍ୟନ୍ତ କ୍ଷୁଦ୍ର ଥିବାରୁ ଆଧୁନିକ ଓଡ଼ିଶାର ଅନ୍ୟ ନାମ ଭାବରେ ସେଗୁଡିକୁ ଗ୍ରହଣ କରାଯାଏ ନାହିଁ । କୋଶଳ, ଉତ୍କଳ ଓ ଓଡ୍ର ନାମ ଯଦି ଓଡ଼ିଶାର ବିଶାଳତାକୁ ଦର୍ଶାନ୍ତି, ଶେଷୋକ୍ତ ନାମଗୁଡ଼ିକ ଅନ୍ତତଃ ଆୟତନ ଦୃଷ୍ଟିରୁ ପ୍ରଦେଶର କ୍ଷୁଦ୍ରତା ବା କ୍ରମ- ସଂକୀର୍ଣ୍ଣତାକୁ ଇଙ୍ଗିତ କରନ୍ତି । ଏହି କାରଣରୁ ସାଂପ୍ରତିକ ଯୁଗରେ ଏହି ନାମଗୁଡିକ ଅତିବେଶି ହେଲେ ଓଡ଼ିଶାର ଅଂଶବିଶେଷ ହୋଇ ପାରନ୍ତି, ମାତ୍ର ପ୍ରଦେଶର ପୂର୍ଣ୍ଣରୂପ ଭାବେ ଗ୍ରହଣୀୟ ହେବେ ନାହିଁ । ତେଣୁ ଓଡ଼ିଶାର ଐତିହାସିକ ପରିସୀମା ନିର୍ଦ୍ଧାରଣ କଲାବେଳେ ତ୍ରିକଳିଙ୍ଗ, ତୋଷାଳୀ, ଦକ୍ଷିଣ କୋଶଳ, କୋଶଳ ଆଦି ନାମ ଅପେକ୍ଷା 'ଓଡ୍ର', 'ଉତ୍କଳ' ଓ 'କଳିଙ୍ଗ' ନାମର ଯେ ଅଧିକ ମହତ୍ତ୍ୱ ରହିବ- ଏଥିରେ ସନ୍ଦେହ ନାହିଁ ।

■ ■ ■

# ମଗଧ ଓ କଳିଙ୍ଗ

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପୂର୍ବରୁ ଓଡ଼ିଶାର କୌଣସି କାଳାନୁକ୍ରମିକ ଲିଖିତ ଇତିହାସ (Dated History) ଏ ପର୍ଯ୍ୟନ୍ତ ମିଳିନାହିଁ । କଳିଙ୍ଗକୁ ଯେହେତୁ ଓଡ଼ିଶାର ପୂର୍ବ ନାମ ଭାବରେ ଗ୍ରହଣ କରାଯାଏ, ଖ୍ରୀଷ୍ଟପୂର୍ବ ୨୬୧ରେ ସଂଘଟିତ କଳିଙ୍ଗ ଯୁଦ୍ଧ ସମୟରୁ ଓଡ଼ିଶାର ଇତିହାସକୁ କାଳର କ୍ରମ ଅନୁସାରେ ବର୍ଣ୍ଣନା କରିହୁଏ । ମଗଧର ସମ୍ରାଟ ଅଶୋକ ଏହି ସମୟରେ କଳିଙ୍ଗ ଆକ୍ରମଣ କରି ତାକୁ ନିଜ ସାମ୍ରାଜ୍ୟଭୁକ୍ତ କରିଥିଲେ । ଯୁଦ୍ଧ ପରେ ଅଶୋକ ଯେଉଁ ଅନୁଶାସନଗୁଡ଼ିକ ଲିପିବଦ୍ଧ କରି ଯାଇଥିଲେ, ତାକୁ ଆଧାର କରି ତତ୍‌କାଳୀନ ଓଡ଼ିଶା ବା କଳିଙ୍ଗର ଇତିହାସ ରଚନା କରାଯାଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖାରବେଳଙ୍କ ସମୟରେ ଲିଖିତ ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ ଯେ, ଅଶୋକଙ୍କ ପୂର୍ବରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ହିଁ କଳିଙ୍ଗ ସହ ମଗଧର ଯୁଦ୍ଧ ମାଧ୍ୟମରେ ସମ୍ବନ୍ଧ ସ୍ଥାପିତ ହୋଇସାରିଥିଲା । ଖ୍ରୀଷ୍ଟପୂର୍ବ ୩୬୭ରୁ ୩୨୪ ମଧ୍ୟରେ ମଗଧରେ ନନ୍ଦବଂଶର ଶାସନ ଥିଲା ଏବଂ ଏହି ବଂଶର ମହାପଦ୍ମନନ୍ଦ ନାମରେ ଜଣେ ଶାସକ କଳିଙ୍ଗ ବିଜୟ କରିଥିଲେ । ଅଭିଲେଖ ଅନୁଯାୟୀ ସେ ଯୁଦ୍ଧ ଜୟ ପରେ କଳିଙ୍ଗରୁ ନେଇ ଯାଇଥିବା ଜୀନ ପ୍ରତିମାକୁ ଖାରବେଳ ପୁନରୁଦ୍ଧାର କରିଥିଲେ । ଶିଳାଲେଖରେ ଏକଥା ମଧ୍ୟ ଉଲ୍ଲେଖ ଅଛି ଯେ, ନନ୍ଦରାଜା କଳିଙ୍ଗରେ ଏକ କେନାଲ୍ ଖୋଦନ କରିଥିଲେ, ଯାହାକୁ ଖାରବେଳ ନିଜ ରାଜତ୍ୱ କାଳରେ ସଂପ୍ରସାରିତ କରିଥିଲେ । ଏହି ଅଭିଲେଖର ତଥ୍ୟ ଆଧାରରେ ଯୁକ୍ତି କରିହେବ ଯେ ନନ୍ଦ ରାଜା କଳିଙ୍ଗ ବିଜୟ ପରେ କୃଷିର ଉନ୍ନତି ପ୍ରତି ଦୃଷ୍ଟି ଦେଇଥିଲେ । ଅଶୋକଙ୍କ ପୂର୍ବରୁ ମଧ୍ୟ ଥରେ କଳିଙ୍ଗ ରାଜ୍ୟ ମଗଧର କର୍ତ୍ତୃତ୍ୱାଧୀନ ହୋଇଥିବା କଥା ହାତୀଗୁମ୍ଫା ଶିଳାଲେଖ ବ୍ୟତୀତ ଅନ୍ୟ କୌଣସି ଐତିହାସିକ ଦସ୍ତାବିଜରେ ନାହିଁ । ତେଣୁ କେତେକ ଐତିହାସିକ (ଯଥା- ବି.ଏମ୍.ବରୁଆ) ହାତୀଗୁମ୍ଫା ଶିଳାଲେଖବର୍ଣ୍ଣିତ ନନ୍ଦରାଜାଙ୍କୁ ସମ୍ରାଟ ଅଶୋକ ବୋଲି ଚିହ୍ନିତ କରନ୍ତି । ମାତ୍ର ଅନ୍ୟ କେତେକ ଐତିହାସିକ (ଯଥା- ନବୀନ କୁମାର ସାହୁ) ଯୁକ୍ତି ବାଢ଼ନ୍ତି ଯେ

ଅଶୋକଙ୍କ ପୂର୍ବରୁ ନନ୍ଦ ଶାସନ ସମୟରେ କଳିଙ୍ଗ ଥରେ ମଗଧର କର୍ତ୍ତୃତ୍ୱାଧୀନ ହୋଇଥିଲା । କଳିଙ୍ଗ ଯୁଦ୍ଧ ପରେ ଅଶୋକ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହେଲେ ଏବଂ ଯୁଦ୍ଧ, ଲୁଣ୍ଠନ ଆଦିରୁ ଦୂରେଇ ରହିଲେ । ତେଣୁ, କଳିଙ୍ଗରୁ ସେ ଜୀନ ମୂର୍ତ୍ତି ଲୁଣ୍ଠନ କରିବା କଥା ଗ୍ରହଣଯୋଗ୍ୟ ମନେହୁଏ ନାହିଁ । ଅନ୍ୟ ପକ୍ଷରେ ଅଶୋକଙ୍କ ପୂର୍ବକାଳୀନ ନନ୍ଦ ବଂଶର ଶାସକମାନେ ଜୈନ ଧର୍ମାବଲମ୍ବୀ ଥିଲେ ବୋଲି ପ୍ରମାଣ ରହିଛି । ତେଣୁ, ନନ୍ଦ ରାଜାଙ୍କଦ୍ୱାରା ଜୀନ ମୂର୍ତ୍ତି କଳିଙ୍ଗରୁ ଲୁଣ୍ଠିତ ହେବା କଥା ଅସଂଭବ ପ୍ରତୀତ ହୁଏ ନାହିଁ । ନିଜେ ଖାରବେଳ ଯେହେତୁ ଜୈନଧର୍ମ ପ୍ରତି ଆକୃଷ୍ଟ ଥିଲେ, ସେହି ଲୁଣ୍ଠିତ ଜୀନ ମୂର୍ତ୍ତିକୁ ଫେରାଇ ଆଣିବା କଥା ଯୁକ୍ତିନିଷ୍ଠ ଲାଗେ । ସେ ଯାହାହେଉ, କଳିଙ୍ଗରେ ନନ୍ଦଶାସନ ସମ୍ବନ୍ଧରେ ଅନ୍ୟ କୌଣସି ଐତିହାସିକ ତଥ୍ୟ ନାହିଁ । ତେଣୁ, ତା'ର ମହତ୍ତ୍ୱକୁ ନେଇ ବିଶେଷ ଆଲୋଚନାର କୌଣସି ଅବସର ନଥିବା ମନେହୁଏ । ଯଦିବା ନନ୍ଦରାଜା କଳିଙ୍ଗ ଅଧିକାର କରିଥିଲେ, ତା'ର ଅବଧି ବିଶେଷ ନଥିଲା ଏବଂ ଅଶୋକଙ୍କ ରାଜତ୍ୱ ଆରମ୍ଭ ହେବା ବେଳକୁ କଳିଙ୍ଗ ରାଜ୍ୟ ମଗଧ କର୍ତ୍ତୃତ୍ୱରୁ ସ୍ୱାଧୀନ ହୋଇ ସାରିଥିଲା । ଅନ୍ୟଥା, ଅଶୋକଙ୍କ ସମୟରେ କଳିଙ୍ଗ ଆକ୍ରମଣର ଆବଶ୍ୟକତା ପଡ଼ି ନଥାନ୍ତା ।

ସିଂହାସନ ଆରୋହଣ କରିବାର ଅଷ୍ଟମ ବର୍ଷରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨୬୧ରେ ଅଶୋକ କଳିଙ୍ଗ ଆକ୍ରମଣ କଲେ । ସେତେବେଳେ ରାଜାମାନଙ୍କର ରାଜ୍ୟଜୟ କରିବା ଏକ ପ୍ରମୁଖ କାର୍ଯ୍ୟ ଥିଲା । ଏହା ସେମାନଙ୍କପାଇଁ ଗୌରବ ଆଣିବା ସହିତ ଏକକାଳୀନ ଧନସମ୍ପତ୍ତି ପାଇବାରେ ମଧ୍ୟ ସାହାଯ୍ୟ କରୁଥିଲା । ପ୍ରାୟ କ୍ଷେତ୍ରରେ ବିଜିତ ରାଜ୍ୟର ରାଜା ବିଜୟୀ ରାଜ୍ୟର ବଶ୍ୟତା ସ୍ୱୀକାର କରି ଏବଂ ଏକକାଳୀନ ମୂଲ୍ୟବାନ ଭେଟି, ଉପହାର ଓ କର ଆଦି ପ୍ରଦାନ କରି ପୁନର୍ବାର ରାଜ୍ୟ ଶାସନ କରୁଥିଲେ । ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ସମୟରୁ ମୌର୍ଯ୍ୟ ସେନା ଖୁବ୍ ବିଶାଳ ଥିଲା । ପ୍ଲିନିଙ୍କ ମତାନୁସାରେ ଚନ୍ଦ୍ରଗୁପ୍ତଙ୍କ ସେନାବାହିନୀରେ ଛଅ ଲକ୍ଷ ପଦାତିକ ସୈନ୍ୟ, ତିରିଶ ହଜାର ଅଶ୍ୱାରୋହୀ ଓ ତିନି ହଜାର ହସ୍ତୀ ରହିଥିଲେ । ଏତେ ବିଶାଳ ସେନାକୁ ବିନିଯୋଗ କରିବା ସକାଶେ ତଥା ସେନାର ଖର୍ଚ୍ଚ ଭରଣା କରିବାଲାଗି ମୌର୍ଯ୍ୟ ସମ୍ରାଟଙ୍କ ପାଇଁ ଯୁଦ୍ଧ ଓ ରାଜ୍ୟ ଜୟ ଅବଶ୍ୟମ୍ଭାବୀ ହୋଇପଡିଥିଲା । ଦ୍ୱିତୀୟତଃ, ମୌର୍ଯ୍ୟ ଶାସନ ତା'ର ବ୍ୟାପକ ପ୍ରାଶାସନିକ ବ୍ୟବସ୍ଥାପାଇଁ ମଧ୍ୟ ପ୍ରସିଦ୍ଧ ଥିଲା । ଅନେକ ସଂଖ୍ୟକ କର୍ମଚାରୀଙ୍କ ଖର୍ଚ୍ଚ ଭରଣା ସକାଶେ ଅର୍ଥର ନିରନ୍ତର ଆବଶ୍ୟକତା ରହୁଥିଲା । ଅର୍ଥାତ୍ ରାଜ୍ୟଜୟ ଜରୁରି ହୋଇଥିଲା । ସେତେବେଳକୁ ଭାରତର ଅନ୍ୟାନ୍ୟ କ୍ଷେତ୍ରଗୁଡିକ ମଗଧ ସାମ୍ରାଜ୍ୟରେ ସାମିଲ ହୋଇ ସାରିଥିବା ବେଳେ କଳିଙ୍ଗ ସ୍ୱାଧୀନ ରହିବା ସମ୍ରାଟ ଅଶୋକଙ୍କପାଇଁ ଅସହ୍ୟ ହେବା ସ୍ୱାଭାବିକ । ଏତଦ୍‌ବ୍ୟତୀତ ସମୁଦ୍ର ପଥରେ ବାଣିଜ୍ୟ ସକାଶେ ଆବଶ୍ୟକ ଅନେକ ପୋତାଶ୍ରୟ କଳିଙ୍ଗର ଅଧିକାରରେ ଥିଲା, ଯାହା ମଗଧପାଇଁ ଈର୍ଷାର କାରଣ ହେଲା । ମନେହୁଏ, ସ୍ଥଳ ପଥରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ କଳିଙ୍ଗର ଅବସ୍ଥିତି ମଧ୍ୟ କଳିଙ୍ଗ ଯୁଦ୍ଧର ଅନ୍ୟ ଏକ ପ୍ରମୁଖ କାରଣ ଥିଲା । କଳିଙ୍ଗ ଅଧିକାର କଲେ ମଗଧରୁ ଦକ୍ଷିଣ ଭାରତ ସହିତ ଅବାଧରେ ବାଣିଜ୍ୟ କାରବାରର ସମ୍ଭାବନା ରହିଥିଲା ।

ଅଶୋକଙ୍କ କଳିଙ୍ଗ ଆକ୍ରମଣକୁ ନେଇ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଧୀବରକୁଳ ମଧ୍ୟରେ ଏକ କିମ୍ବଦନ୍ତୀ ପ୍ରଚଳିତ ଅଛି । କିମ୍ବଦନ୍ତୀ ଅନୁଯାୟୀ ଅଶୋକ ଜଣେ ଧୀବର କନ୍ୟା କାରୁବାକୀକୁ ବିବାହ କରିବାକୁ ଚାହୁଁଥିଲେ; ମାତ୍ର କଳିଙ୍ଗର ରାଜକୁମାରଙ୍କ ସହିତ କାରୁବାକୀଙ୍କ ବିବାହ ହେବାରୁ କଳିଙ୍ଗ ଓ ମଗଧ ମଧ୍ୟରେ ଶତ୍ରୁତା ଜନ୍ମିଲା, ଯାହାର ପରିଣତି ହେଲା କଳିଙ୍ଗ ଯୁଦ୍ଧ । କିନ୍ତୁ ବ୍ୟାପକ ଅର୍ଥନୈତିକ ଓ ସାମାଜିକ କାରଣ ବିନା ଏତେ ବିଶାଳ ସୈନ୍ୟବାହିନୀ ନେଇ କୌଣସି ରାଜା ଯୁଦ୍ଧ ଡାକରା ଦେଇ ନପାରନ୍ତି । ଯୁଦ୍ଧ ପରେ ହୁଏତ ସେତେବେଳର ପରମ୍ପରା ଅନୁଯାୟୀ ରାଜା କଳିଙ୍ଗରୁ କାରୁବାକୀଙ୍କୁ ନେଇ ବିବାହ କରିଥାଇ ପାରନ୍ତି । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ କାରୁବାକୀ କିମ୍ବଦନ୍ତୀ ଅଶୋକଙ୍କ ବହୁତ ପରେ ଆରମ୍ଭ ହୋଇଛି ଏବଂ ଏହାର ସତ୍ୟାସତ୍ୟକୁ ନେଇ ସନ୍ଦେହ କରିବାର ଯଥେଷ୍ଟ ଅବକାଶ ରହିଛି । ଅନେକ ସମୟରେ ଜାତିର ଗୌରବ ବୃଦ୍ଧି ଆଶାରେ କିମ୍ବଦନ୍ତୀମାନ ସୃଷ୍ଟି ହୋଇଥାଏ । ଏ କ୍ଷେତ୍ରରେ ମଧ୍ୟ ବିଶାଳ ମଗଧ ରାଜପରିବାର ଓ ମହାନ ସମ୍ରାଟ ଅଶୋକଙ୍କ ସହ ଧୀବରକୁଳର ବୈବାହିକ ବନ୍ଧନ ସ୍ଥାପନ କରି କିମ୍ବଦନ୍ତୀଟି ସେଭଳି ଏକ ଉଦ୍ଦେଶ୍ୟ ପୂରଣ କରୁଛି ବୋଲି ମନେ କରିବା ଅସ୍ୱାଭାବିକ ନୁହେଁ ।

ଅଶୋକଙ୍କ ତ୍ରୟୋଦଶ ଅନୁଶାସନରେ କଳିଙ୍ଗ ଯୁଦ୍ଧର ପରିଣତି ସମ୍ବନ୍ଧରେ ଉଲ୍ଲେଖ ରହିଛି । ଏହା ଅନୁଯାୟୀ, ଯୁଦ୍ଧରେ ଏକଲକ୍ଷ କଳିଙ୍ଗ ଲୋକଙ୍କର ମୃତ୍ୟୁ ହେଲା ଓ ଦେଢ଼ ଲକ୍ଷ ଲୋକଙ୍କୁ ଆହତ ଅବସ୍ଥାରେ ଯୁଦ୍ଧ ବନ୍ଦୀ ରୂପେ ନିଆଗଲା । ଏହି ସଂଖ୍ୟାରେ ଅନେକ ଅତିରଞ୍ଜନ ରହିଛି ବୋଲି କେତେକ ଐତିହାସିକ କହିଥାନ୍ତି । ଯୁଦ୍ଧରେ ବହୁ ସଂଖ୍ୟାରେ ଲୋକଙ୍କର ହତାହତ ହେବା ହୁଏତ ସତ୍ୟ, ମାତ୍ର ମୃତାହତଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ କରି ଲକ୍ଷେ ଓ ଦେଢ଼ ଲକ୍ଷ ବୋଲି କହିବା ଅତିରଞ୍ଜନ ମନେହୁଏ । ଏକ ରୂଢ଼ି ଭାବରେ ଅନୁଶାସନରେ ହୁଏତ 'ଲକ୍ଷ' ଶବ୍ଦକୁ ବ୍ୟବହାର କରାଯାଇଛି !

ଏକଥା ଅନସ୍ୱୀକାର୍ଯ୍ୟ ଯେ କଳିଙ୍ଗ ଯୁଦ୍ଧର ଭୟାବହତା ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କଲା । ଏଣିକି ରଣଭେରୀ ବଦଳରେ ଅଶୋକଙ୍କ ନେତୃତ୍ୱରେ ଧର୍ମଭେରୀ ବାଜିଲା । ଯୁଦ୍ଧ ପରେ ମଗଧ ହିଂସା ଓ ଆକ୍ରମଣାତ୍ମକ ନୀତି ପରିହାର କଲା ଏବଂ ଅଶୋକ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ଶାନ୍ତି, ଅହିଂସା, ପ୍ରେମ, କରୁଣା ଓ ମାନବିକତା ମାଧ୍ୟମରେ ହୃଦୟ ଜୟ କରିବାପାଇଁ ସମସ୍ତ ପ୍ରକାର ଉଦ୍ୟମ କଲେ । କଳିଙ୍ଗ ଯୁଦ୍ଧ ଅଶୋକଙ୍କ ଜୀବନର ପ୍ରଥମ ଓ ଶେଷ ଯୁଦ୍ଧ ଥିଲା । ଯୁଦ୍ଧରେ ବ୍ରାହ୍ମଣ, ଶ୍ରମଣ ତଥା ନିରୀହ ନାଗରିକମାନେ ଯେଉଁ ପରି ଭାବରେ ମୃତାହତ ହେଲେ, ତାହା ଅଶୋକଙ୍କୁ ଦାରୁଣ ଭାବରେ ବ୍ୟଥିତ କଲା । ପ୍ରଜାମାନଙ୍କର ନୈତିକ ଓ ସାମାଜିକ କଲ୍ୟାଣ ନିମନ୍ତେ ସେ ଧର୍ମର ପ୍ରସାର କଲେ, ଯାହା ଅଶୋକଙ୍କ ଧର୍ମ୍ମ(ଧର୍ମ) ବୋଲି ଇତିହାସରେ ପରିଚିତ । ତାଙ୍କରି ପୃଷ୍ଠପୋଷକତାରେ ବୌଦ୍ଧଧର୍ମ ଦକ୍ଷିଣ-ପୂର୍ବ ଏସିଆ, ମିଶର, ଗ୍ରୀସ୍ ପ୍ରଭୃତି ଦେଶରେ ବହୁଳ ଭାବେ ପ୍ରସାରଲାଭ କଲା । ସେ କଳିଙ୍ଗର ପ୍ରଜାମାନଙ୍କୁ ପୁତ୍ର ତୁଲ୍ୟ ବ୍ୟବହାର କରିବାକୁ ପ୍ରତିଶ୍ରୁତି ଦେଲେ । ମଗଧର ପ୍ରତ୍ୟକ୍ଷ ଶାସନ ବାହାରେ ରହିଥିବା ପାର୍ବତ୍ୟ ଅଞ୍ଚଳର

ଆଦିବାସୀ ମାନଙ୍କୁ ସେ 'ଧମ୍ମ' (ଧର୍ମ) ପାଳନ କରିବାକୁ ପରାମର୍ଶ ଦେଲେ । ପ୍ରଶାସନରେ ଧର୍ମ ମହାମାତ୍ର (ଅଧିକାରୀ) ନିଯୁକ୍ତ କରି ସେମାନଙ୍କୁ ଶାନ୍ତିର ଆଦର୍ଶ ପ୍ରଚାର କରିବାକୁ ବିଭିନ୍ନ ଦେଶକୁ ପ୍ରେରଣ କଲେ । ସେ ପ୍ରଜାଙ୍କୁ ପିତୃ ତୁଲ୍ୟ ବ୍ୟବହାର କରିବାକୁ ପ୍ରତିଶ୍ରୁତି ଦେବା ସହିତ ଅନ୍ୟ ପ୍ରାଣୀମାନଙ୍କ ପ୍ରତି ମଣିଷ ଦୟାପରବଶ ହେବାପାଇଁ ନିଜ ଅନୁଶାସନରେ ପରାମର୍ଶ ଦେଲେ । ଏହି ପ୍ରକାରେ ଅଶୋକ କଳିଙ୍ଗ ଯୁଦ୍ଧ ଉତ୍ତାରୁ ଯୁଦ୍ଧ ପରିବର୍ତ୍ତେ ଧର୍ମ ପ୍ରଚାରକୁ ମାଧ୍ୟମ କରି ମଗଧର ରାଜନୈତିକ କର୍ତ୍ତୃତ୍ୱ ବିସ୍ତାର କରିବାକୁ ପ୍ରୟାସ କରିଥିଲେ ଏବଂ ତହିଁରେ ଅନେକ ମାତ୍ରାରେ ସଫଳ ହୋଇଥିଲେ । କଳିଙ୍ଗ ଯୁଦ୍ଧ ପୂର୍ବରୁ ଅର୍ଥାତ୍ ଅଶୋକ ସିଂହାସନ ଆରୋହଣ କରିବା ସମୟରେ ବୌଦ୍ଧଧର୍ମ ମଗଧ ଏବଂ ତା'ର ପାଖାପାଖି ରାଜ୍ୟ ପର୍ଯ୍ୟନ୍ତ ସୀମିତ ରହିଥିଲା । ଯୁଦ୍ଧ ପୂର୍ବରୁ ଅଶୋକ କିମ୍ବା ତାଙ୍କ ପୂର୍ବପୁରୁଷ ଯଥା ଚନ୍ଦ୍ରଗୁପ୍ତ ଓ ବିନ୍ଦୁସାର ମଧ୍ୟ ବୌଦ୍ଧଧର୍ମ ଗ୍ରହଣ କରିନଥିଲେ । ଚନ୍ଦ୍ରଗୁପ୍ତଙ୍କର ଜୈନଧର୍ମ ପ୍ରତି ଆକର୍ଷଣ ଥିଲା । ଗୌତମ ବୁଦ୍ଧଙ୍କ ସମୟରେ ମଗଧ ତଥା ଅନ୍ୟ କେତେକ ମହାଜନପଦରେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବୌଦ୍ଧଧର୍ମ ରାଜଅନୁଗ୍ରହ ପ୍ରାପ୍ତ ହୋଇଥିଲା । ସେହି ଅନୁସାରେ ଦେଖିଲେ, ଅଶୋକଙ୍କ ସମୟରେ ଅତିବେଶି ହେଲେ ବୌଦ୍ଧଧର୍ମ ଲୋକସ୍ତରରେ ରହିଥିଲା ବୋଲି କୁହାଯାଇ ପାରିବ । ମାତ୍ର ତାଙ୍କ ଉଦ୍ୟମରେ ଏହା ଭାରତର ବିଭିନ୍ନ ଅଞ୍ଚଳକୁ ତଥା ବିଦେଶକୁ ପ୍ରସାରିତ ହେଲା । ଅର୍ଥାତ୍ କଳିଙ୍ଗଯୁଦ୍ଧଯୋଗୁଁ ବୌଦ୍ଧଧର୍ମ ଏକ ବିଶ୍ୱସ୍ତରର ଧର୍ମ ଭାବରେ ଖ୍ୟାତି ପାଇଲା । ଏହା କଳିଙ୍ଗ ଯୁଦ୍ଧ, ଅଶୋକ, ବୌଦ୍ଧଧର୍ମ ଓ ମଗଧର ଐତିହାସିକ ମହତ୍ତ୍ୱ ପ୍ରତିପାଦନ କରେ ।

କଳିଙ୍ଗ ଯୁଦ୍ଧ ପରେ ଏବଂ ବୌଦ୍ଧଧର୍ମରେ ଦୀକ୍ଷିତ ହେବା ପରେ ଅଶୋକ ସମ୍ପୂର୍ଣ୍ଣ ରୂପେ ସଂସାର ବିମୁଖ ହୋଇଥିଲେ ବୋଲି କୁହାଯାଇ ପାରିବ ନାହିଁ । ଯୁଦ୍ଧର ମାର୍ଗ ପରିହାର କରି ଧର୍ମ ଓ ଆଦର୍ଶ ମାଧ୍ୟମରେ ସେ ମଗଧ ସାମ୍ରାଜ୍ୟର କର୍ତ୍ତୃତ୍ୱ ବଜାୟ ରଖିବାକୁ ତଥା ତାକୁ ପାରୁପର୍ଯ୍ୟନ୍ତ ବିସ୍ତାର କରିବାକୁ ପ୍ରୟାସ କରିଥିଲେ । ଯୁଦ୍ଧ ପରେ ସେ ସେନାବାହିନୀକୁ ଭଙ୍ଗ କରିନଥିଲେ । କଳିଙ୍ଗକୁ ମଧ୍ୟ ତ୍ୟାଗ ନକରି ମଗଧ ସାମ୍ରାଜ୍ୟର ପ୍ରତ୍ୟକ୍ଷ ଶାସନାଧୀନ କରିଥିଲେ ବୋଲି ପ୍ରମାଣ ରହିଛି । ପରାଜୟ ପରେ କଳିଙ୍ଗ ମଗଧର ପଞ୍ଚମ ପ୍ରଦେଶ ଭାବେ ଶାସିତ ହେଲା । ତୋଷାଳୀ ଥିଲା ଏହାର ମୁଖ୍ୟ ରାଜଧାନୀ ଏବଂ ସମାପା ଥିଲା ଦ୍ୱିତୀୟ ରାଜଧାନୀ । ଯୁଦ୍ଧର କ୍ଷୟକ୍ଷତି ପରେ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବା ଉଦ୍ଦେଶ୍ୟରେ ସେ ଉଦାର ନୀତି ଗ୍ରହଣ କରିଥିଲେ । ସେ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନରେ ଘୋଷଣା କରିଥିଲେ ଯେ, ''ସମସ୍ତ ପ୍ରଜା ହେଲେ ମୋର ସନ୍ତାନ । ଯେପରି ମୁଁ ମୋର ସନ୍ତାନମାନଙ୍କର ଇହକାଳ ଓ ପରକାଳର ସୁଖ କାମନା କରେ, ସେହିପରି ସମସ୍ତ ମନୁଷ୍ୟଙ୍କ ନିମନ୍ତେ ତାହା ହିଁ ମୋର କାମ୍ୟ ।''

ଆରମ୍ଭରେ କଳିଙ୍ଗ ଅଶୋକଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଚାଲିଥିଲା । ଫଳରେ ମଗଧର ଅନ୍ୟାନ୍ୟ ପ୍ରାଦେଶିକ ରାଜଧାନୀ ତକ୍ଷଶିଳା, ଉଜ୍ଜୟିନୀ ଓ ସୁବର୍ଣ୍ଣଗିରି ପରି କଳିଙ୍ଗର ମୁଖ୍ୟ ରାଜଧାନୀ ତୋଷାଳୀ ମଧ୍ୟ ମହତ୍ତ୍ୱ ପାଇଲା । ମାତ୍ର ପରବର୍ତ୍ତୀ ସମୟରେ କଳିଙ୍ଗକୁ ଅଶୋକଙ୍କର ପ୍ରତିନିଧି ରୂପେ ଜଣେ ମଗଧ ରାଜକୁମାର ଶାସନ କଲେ । ତାଙ୍କର ନାମ କୁମାରମନ୍ୟ ଥିଲା

ବୋଲି କୁହାଯାଏ । ସେ ତୋଷାଳୀରେ ଅବସ୍ଥାପିତ ଥିଲେ । ମୌର୍ଯ୍ୟ ଶାସନର ଏକ ବଡ଼ ସ୍ୱାତନ୍ତ୍ର୍ୟ ଥିଲା ଅମଲାତନ୍ତ୍ର । ରାଜ୍ୟରେ ଅବସ୍ଥାପିତ ରାଜପ୍ରତିନିଧିଙ୍କୁ ପ୍ରାଶାସନିକ ସହାୟତା ଦେବାପାଇଁ ଏକ ମନ୍ତ୍ରିପରିଷଦ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ଥିଲେ । ଉଚ୍ଚ ଶ୍ରେଣୀର ପ୍ରାଶାସନିକ ଅଧିକାରୀଙ୍କୁ ମହାମାତ୍ର କୁହାଯାଉଥିଲା । ଆଇନ ଶୃଙ୍ଖଳା ରକ୍ଷାପାଇଁ ତଥା ରାଜସ୍ୱ ଆଦାୟପାଇଁ ମଧ୍ୟ ଅଧିକାରୀମାନେ ନିଯୁକ୍ତ ଥିଲେ । ମଗଧରେ ପ୍ରତିଷ୍ଠିତ ଏହି ଅମଲାତନ୍ତ୍ର କଳିଙ୍ଗର ପ୍ରଶାସନରେ ମଧ୍ୟ ଲାଗୁ ହୋଇଥିବାର କୌଣସି ସ୍ପଷ୍ଟ ପ୍ରମାଣ ମିଳେନାହିଁ । ହୁଏତ କଳିଙ୍ଗ ଅଧିକାର କଲା ପରେ ଆରମ୍ଭରେ କିଛି ସମୟ ନିଜ ପ୍ରତ୍ୟକ୍ଷ କର୍ତ୍ତୃତ୍ୱରେ ତାକୁ ରଖିବା ପରେ ଅଶୋକ କଳିଙ୍ଗକୁ ଜଣେ ମଗଧ ରାଜକୁମାରଙ୍କ ପ୍ରତ୍ୟକ୍ଷ ଶାସନରେ ଛାଡି ଯାଇଥିଲେ । ତୋଷାଳୀ ଓ ସମାପାଠାରେ ରାଜଧାନୀ ସ୍ଥାପନ କରି ନିୟମିତ ରାଜସ୍ୱ ଆଦାୟପାଇଁ ମଧ୍ୟ ବ୍ୟବସ୍ଥା କରିଥିଲେ । ରାଜକର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରୁଥିବାର ମଧ୍ୟ କୌଣସି ପ୍ରମାଣ ନାହିଁ । ସମ୍ଭବତଃ ସ୍ଥାନୀୟ ରାଜାମାନଙ୍କ ଦାୟିତ୍ୱରେ ପୂର୍ବଭଳି ଶାସନ ରହିଥିଲା ଏବଂ ରାଜଧାନୀରେ ସେମାନେ ନିୟମିତ ରୂପେ ନିଜ ନିଜର ଦେୟ ଜମା କରୁଥିଲେ । ଅର୍ଥାତ୍ କଳିଙ୍ଗ ବିଜୟ ପରେ ସୁଦ୍ଧା ଅଶୋକ ସ୍ଥାନୀୟ ରାଜାମାନଙ୍କ ହାତରେ କଳିଙ୍ଗର ଶାସନ ଭାର ଛାଡି ଯାଇଥିଲେ । ମୌର୍ଯ୍ୟ ପ୍ରାଶାସନିକ ବ୍ୟବସ୍ଥା ସିଧାସଳଖ ଭାବେ କଳିଙ୍ଗରେ ଲାଗୁ ହୋଇ ନଥିଲା । ପ୍ରାଦେଶିକ ସ୍ୱାୟତ୍ତତା ବିନା ଆଜିଠୁଁ ୨୫୦୦ ବର୍ଷ ପୂର୍ବେ ମଗଧ ଭଳି ଏକ ବିଶାଳ ସାମ୍ରାଜ୍ୟ ତିଷ୍ଠି ରହିବା ସମ୍ଭବ ନଥିଲା । ପ୍ରକୃତରେ ଦେଖିବାକୁ ଗଲେ, ଅଶୋକଙ୍କ ଅହିଂସା, ଶାନ୍ତି ଓ ଧର୍ମନୀତି ପ୍ରବର୍ତ୍ତନ ପଛରେ ମଧ୍ୟ କେନ୍ଦ୍ରୀୟ ବ୍ୟବସ୍ଥା ବଦଳରେ ଏକ ସଂଘୀୟ ବ୍ୟବସ୍ଥାର ବ୍ୟାବହାରିକ ଆଧାରକୁ ଅନୁଭବ କରିହୁଏ ।

ଭୁବନେଶ୍ୱର ନିକଟସ୍ଥ ଧଉଳିରୁ ପ୍ରାପ୍ତ ଅଶୋକଙ୍କ ସ୍ୱତନ୍ତ୍ର ଅନୁଶାସନ କଳିଙ୍ଗରେ ଅବସ୍ଥାପିତ ରାଜ ପ୍ରତିନିଧିଙ୍କୁ ସମ୍ବୋଧନ କରି ଜାରି କରାଯାଇଥିଲା । ଏଥିରୁ ଅଶୋକଙ୍କ ମାନବିକତା ଓ ପ୍ରଜାବତ୍ସଳତା ତଥା ନିରପେକ୍ଷତା ସୁସ୍ପଷ୍ଟ ହୁଏ । ରାଜପ୍ରତିନିଧି କେତେ ମାତ୍ରାରେ ଏହି ଅନୁଶାସନକୁ କାର୍ଯ୍ୟକାରୀ କରିଥିଲେ ଜଣାପଡ଼େ ନାହିଁ । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଇଂରାଜୀରେ ଅନୁଶାସନକୁ ଯେପରି ଲିପିବଦ୍ଧ କରିଛନ୍ତି, ତାହା ନିମ୍ନରେ ଅବିକଳ ଭାବରେ ଦିଆଗଲା :

In affairs of Administration, there might be persons who would suffer imprisonment or coercion. In that also might occur accidental death in prison and many might also heavily suffer for that. In that case you must strive to deal with all of them impartially, the attributes which are not conducive to impartial dealings are malignity, irascibility, harshness, hastiness, lack of practice, indolence and weariness. You all must strive so that these attributes may not be in you. At the root of all impartical dealings lie the absence of anger and avoidance

of hurry. The judicial officer of the capital [Toshali] must strive at all times for this and they should not inflict sudden imprisonment or sudden coercion on people. For this purpose I would be sending on quinquennial tours the Mahamatras who would not be harsh and irascible and would be soft and gentle in dealings.

କଳିଙ୍ଗ ଯୁଦ୍ଧ ଓ ତା'ର ଐତିହାସିକ ମହତ୍ତ୍ୱ ଆଲୋଚନା ବେଳେ କେତୋଟି ସ୍ୱାଭାବିକ ପ୍ରଶ୍ନ ମନକୁ ଆସେ । ଯୁଦ୍ଧ ସମୟରେ କଳିଙ୍ଗର ରାଜା କିଏ ଥିଲେ ? କେଉଁ ବଂଶ ସେତେବେଳେ କଳିଙ୍ଗରେ ଶାସନ କରୁଥିଲେ ? କେଉଁ ଧରଣର ଶାସନ କଳିଙ୍ଗରେ ପ୍ରଚଳିତ ଥିଲା ? ବିନା ରାଜା କିମ୍ବା ବିନା ଲୋକପ୍ରିୟ ଶାସନରେ ଲକ୍ଷ ଲକ୍ଷ ଲୋକ କଳିଙ୍ଗ ପକ୍ଷରେ ଯୁଦ୍ଧରେ ଯୋଗଦେବା ସମ୍ଭବ ନୁହେଁ । ଯୁଦ୍ଧରେ ହତାହତ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ କେଉଁ ଅନୁପାତରେ ସୈନିକ ଥିଲେ ? ଯଦି ମୃତାହତଙ୍କ ମଧ୍ୟରେ ଅଧିକାଂଶ ବେସାମରିକ ନାଗରିକ, ତେବେ କଳିଙ୍ଗର ସେନାବାହିନୀର ବିଶାଳତାକୁ ନେଇ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ଏସବୁ ପ୍ରଶ୍ନର ସିଧାସଳଖ ଉତ୍ତର ଆଜି ପର୍ଯ୍ୟନ୍ତ ଐତିହାସିକମାନଙ୍କର ହସ୍ତଗତ ହୋଇନାହିଁ । କଳିଙ୍ଗ ଯୁଦ୍ଧ ଓ ମଗଧ ଶାସକ ଅଶୋକଙ୍କ କଳିଙ୍ଗ ଅଧିକାର ସମ୍ବନ୍ଧରେ ଜାଣିବା ଲାଗି ଏକମାତ୍ର ନିର୍ଭରଯୋଗ୍ୟ ଐତିହାସିକ ତଥ୍ୟ ହେଲା ଅଶୋକଙ୍କଦ୍ୱାରା ଲିଖିତ ଅନୁଶାସନ । ଏସବୁ ଅନୁଶାସନର ସ୍ୱରୂପ ହେଲା ରାଜାଦେଶ । ଉଭୟ ପ୍ରଜା ଓ ରାଜପ୍ରତିନିଧି ତଥା ରାଜକର୍ମଚାରୀଙ୍କ ସୂଚନାର୍ଥେ ଅନୁଶାସନଗୁଡ଼ିକୁ ଜାରି କରାଯାଇଥିଲା । ଆଜି ଅନୁଶାସନ ଜାରି ହେବାର ପ୍ରାୟ ୨୫୦୦ ବର୍ଷ ପରେ ଐତିହାସିକମାନଙ୍କ ମନରେ ଉଠୁଥିବା ନୂଆ ନୂଆ ପ୍ରଶ୍ନଗୁଡ଼ିକୁ ଦୃଷ୍ଟିରେ ରଖି ତାକୁ ବିଶ୍ଳେଷଣ କରାଯାଉଛି । ସେ କ୍ଷେତ୍ରରେ ତହିଁରୁ ସିଧାସଳଖ ବର୍ତ୍ତମାନର ପ୍ରଶ୍ନଗୁଡିକର ଉତ୍ତର ଆଶା କରିବା ଯୁକ୍ତିଯୁକ୍ତ ମନେହୁଏ ନାହିଁ । ତେଣୁ ଏ ନେଇ ନୂଆ ତଥ୍ୟ ପ୍ରମାଣ ଓ ଐତିହାସିକ ନିଦର୍ଶନ ଆବିଷ୍କୃତ ନ ହେବା ପର୍ଯ୍ୟନ୍ତ ଆମକୁ ଯୁକ୍ତିନିଷ୍ଠ ଅନୁମାନକୁ ହିଁ ଆଧାର କରି ଇତିହାସ ରଚନା କରିବାକୁ ପଡ଼ିବ ।

ଅଶୋକ ତାଙ୍କ ଅନୁଶାସନଗୁଡ଼ିକରେ ସର୍ବଦା କଳିଙ୍ଗ ଦେଶକୁ କଳିଙ୍ଗମାନେ ବହୁବଚନରେ (Kalingas) ବୋଲି ସମ୍ବୋଧନ କରିଛନ୍ତି । ତାହାର ଅର୍ଥ ହେବ କଳିଙ୍ଗର ଲୋକମାନେ ବା କଳିଙ୍ଗର ରାଜ୍ୟମାନେ । ହୁଏତ ସେତେବେଳେ କଳିଙ୍ଗ ନାମରେ କୌଣସି ଗୋଟିଏ ରାଜ୍ୟ ନଥିଲା । 'କଳିଙ୍ଗମାନେ' (ଯେମିତି ଓଡ଼ିଆମାନେ) ବସବାସ କରୁଥିବା ସମଗ୍ର କ୍ଷେତ୍ରକୁ ବାହାରେ ଲୋକ କଳିଙ୍ଗ ନାମରେ ଜାଣୁଥିଲେ । (ଯେମିତି ପ୍ରାଚୀନ ଓ ମଧ୍ୟଯୁଗରେ ସମଗ୍ର ଭାରତବର୍ଷ ଏକ ଶାସନାଧୀନ ନ ହେବା ସତ୍ତ୍ୱେ ବିଦେଶରେ ଏହି କ୍ଷେତ୍ରକୁ ଭାରତ ବା ଇଣ୍ଡିଆ ଏବଂ ଲୋକମାନଙ୍କୁ 'ଭାରତର ଲୋକମାନେ' ବା 'ଭାରତୀୟ' ବୋଲି କୁହାଯାଉଥିଲା । ଭାରତ ଭିତରେ ଅନେକ ରାଜ୍ୟ ଥିଲେ ଏବଂ ସେଗୁଡିକ ପରସ୍ପରଠାରୁ ଭିନ୍ନ ଥିଲେ । ମାତ୍ର ଭାରତ ବାହାରେ ସେମାନଙ୍କର ଗୋଟିଏ ପରିଚୟ ଥିଲା ।) ତେଣୁ କଳିଙ୍ଗର ବ୍ୟବସାୟୀମାନେ ଆସୁଥିବା କ୍ଷେତ୍ରକୁ କଳିଙ୍ଗ ନାମରେ

ଜାଣିବା ଅସମ୍ଭବ ନୁହେଁ । ପ୍ରଶ୍ନ ଉଠେ, ଯଦି କଳିଙ୍ଗ ଅନେକଗୁଡ଼ିଏ ସ୍ଥାନୀୟ ଓ ଛୋଟଛୋଟ ରାଜ୍ୟର ସମୂହ ଥିଲା, ତେବେ ଏତେ ଅଧିକ ସଂଖ୍ୟକ ଲୋକ ଯୁଦ୍ଧରେ ମଗଧ ବିରୁଦ୍ଧରେ ଭାଗ ନେଲେ କେମିତି ? ଏହାର ଗୋଟିଏ ଉତ୍ତର ହେବ ଯେ କଳିଙ୍ଗ ଯୁଦ୍ଧରେ 'ଲକ୍ଷ' ସଂଖ୍ୟାରେ ଲୋକ ନିହତ ହେବା ଏବଂ 'ଦେଢ଼ ଲକ୍ଷ' ସଂଖ୍ୟାରେ ଲୋକ ଆହତ ହେବା ହୁଏତ କିଛିଟା ଅତିରଞ୍ଜନ । 'ଲକ୍ଷ' ଏଠାରେ ନିର୍ଦ୍ଦିଷ୍ଟ ସଂଖ୍ୟା ଭାବରେ ନ ହୋଇ ରୂଢ଼ି ଭାବରେ ହୁଏତ ବ୍ୟବହୃତ ହୋଇଛି । ଦ୍ୱିତୀୟତଃ, ହତାହତଙ୍କ ମଧ୍ୟରେ ସମସ୍ତେ କଳିଙ୍ଗର ସୈନ୍ୟ ଥିଲେ ବୋଲି କେଉଁଠି ଉଲ୍ଲିଖିତ ହୋଇନାହିଁ । ବରଂ ବ୍ରାହ୍ମଣ, ଶ୍ରମଣ ଓ ସାଧାରଣ ଲୋକ ଅନେକ ସଂଖ୍ୟାରେ ମୃତାହତ ହୋଇଛନ୍ତି ବୋଲି ଅଶୋକ ଗ୍ଲାନି ପ୍ରକାଶ କରିଛନ୍ତି । ହୁଏତ ଉଦ୍ଧତ ମଗଧ ସେନା ଯୁଦ୍ଧ ସମୟରେ ଅସଂଖ୍ୟ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରିଥାଇ ପାରନ୍ତି । ଏହା ଅଶୋକଙ୍କୁ ସାମରିକ ଅଭିଯାନର ଦୁଷ୍ପରିଣାମକୁ ଅଧିକ ସ୍ପଷ୍ଟ ଭାବେ ଦେଖିବାକୁ ଅବସର ଦେଇଛି । ତୃତୀୟତଃ, କଳିଙ୍ଗ ଯୁଦ୍ଧ ପରେ ମଧ୍ୟ କଳିଙ୍ଗ ନିକଟବର୍ତ୍ତୀ ପାର୍ବତ୍ୟ ଅଞ୍ଚଳ ବା ଆଟବିକ ରାଜ୍ୟଗୁଡ଼ିକ ଅଶୋକ ଜୟ କରି ପାରିନଥିଲେ । ଅର୍ଥାତ୍ କଳିଙ୍ଗ କୌଣସି ବିଶାଳ ସାମ୍ରାଜ୍ୟ ନଥିଲା ଏବଂ ତାକୁ ଆଧୁନିକ ଓଡ଼ିଶାର ପ୍ରାକୃତିକ ସୀମାଞ୍ଚଳ ସହ ତୁଳନା କରି ହେବ ନାହିଁ । ଅନେକ ସ୍ଥାନୀୟ ରାଜ୍ୟର ସମୂହ, ବିଶାଳ କଳିଙ୍ଗର ଏକ କ୍ଷୁଦ୍ର ଅଂଶବିଶେଷ ମାତ୍ର ଅଶୋକଙ୍କ କର୍ତ୍ତୃତ୍ୱକୁ ଆସିଥିଲା । କେତେକ ସ୍ଥାନୀୟ ରାଜା ଯଦି ମଗଧର ରାଜପ୍ରତିନିଧିଙ୍କଠାରେ ବାର୍ଷିକ ଦେୟ ଦେଉଥିଲେ, ଅନ୍ୟ ବହୁତ ପାର୍ବତ୍ୟ ରାଜ୍ୟ ବା ଆଟବିକ ରାଜ୍ୟ ସ୍ୱାଧୀନ ମଧ୍ୟ ରହିଥିଲେ । ଯେଉଁ ସ୍ଥାନୀୟ ରାଜ୍ୟ ମଗଧକୁ ବାର୍ଷିକ ଦେୟ ଦେଇ ଅଶୋକଙ୍କ ବଶ୍ୟତା ସ୍ୱୀକାର କରିଥିଲେ, ସେଗୁଡ଼ିକ ମଧ୍ୟ ମଗଧ ପ୍ରଶାସନର ଦୂରରେ ରହି ନିଜ ନିଜର ଶାସନ ପୂର୍ବବତ ଅବ୍ୟାହତ ରଖିଥିଲେ ।

ଅଶୋକଙ୍କ ପରେ କଳିଙ୍ଗରେ ମଗଧ ଶାସନ ଅଧିକ କାଳ ଯାଏଁ ତିଷ୍ଠି ପାରି ନଥିଲା । ମୌର୍ଯ୍ୟ ବଂଶର ଶେଷ ସମ୍ରାଟ ବୃହଦ୍ରଥଙ୍କୁ ତାଙ୍କ ସେନାପତି ପୁଷ୍ୟମିତ୍ର ସୁଙ୍ଗ ହତ୍ୟା କରି ମଗଧ ଅଧିକାର କରିନେଲେ । ଏହାର ବହୁ ପୂର୍ବରୁ ମଗଧରେ ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ କଳିଙ୍ଗର ସ୍ଥାନୀୟ ରାଜାମାନେ ହୁଏତ ବାର୍ଷିକ ଦେୟ ଦେବା ବନ୍ଦ କରି ସାରିଥିଲେ । ଏହା ସାଙ୍ଗରେ ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ଲାଭ କଲେ ବୋଲି ଅନୁମାନ କରାଯାଇପାରେ ।

■ ■ ■

# ଖାରବେଳଙ୍କ ଶାସନ

କଳିଙ୍ଗର ଐତିହାସିକ ଘଟଣାବଳୀକୁ ଜାଣିବାପାଇଁ ଅଶୋକଙ୍କ ଶିଳାଲେଖ ଓ ଅନୁଶାସନ ପରେ ଉଦୟଗିରି (ଭୁବନେଶ୍ୱର)ରେ ଖୋଦିତ ହାତୀଗୁମ୍ଫା ଶିଳାଲେଖ ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନ । ଏଥିରୁ ଖାରବେଳ ନାମକ ଜଣେ ପରାକ୍ରମୀ ରାଜାଙ୍କର ଜୀବନ, ରାଜତ୍ୱ ତଥା ତତ୍‌କାଳୀନ ଘଟଣାବଳୀ ସମ୍ବନ୍ଧରେ ସୂଚନା ମିଳେ । ଶିଳାଲେଖ କାବ୍ୟିକ ଶୈଳୀରେ, ବ୍ରାହ୍ମୀ ଲିପିରେ, ପାଲି ଭାଷା ସହିତ ଖୁବ୍ ସାମଞ୍ଜସ୍ୟ ଥିବା ଏକ ଭାଷାରେ ଲିଖିତ । ଅନେକ ସ୍ଥଳରେ ନଷ୍ଟ ହୋଇଯାଇଥିବାଯୋଗୁଁ ଶିଳାଲେଖବିଦ୍‌ମାନେ ଏହାର ପାଠକୁ ପୂର୍ଣ୍ଣଭାବରେ ଉଦ୍ଧାର କରି ପାରିନାହାନ୍ତି । ମାତ୍ର ଲିଖିତ ଭାବରେ ଏହା ଉପଲବ୍ଧ ହୋଇଥିବାରୁ ତଥା ଅନ୍ୟ ଉପାଦାନଗୁଡ଼ିକର ଅଭାବରେ ତତ୍‌କାଳୀନ ଇତିହାସ ରଚନାପାଇଁ ଏହାକୁ ଅନେକ ମହତ୍ତ୍ୱ ଦିଆଯାଏ । ଓଡ଼ିଶା ଇତିହାସରେ ହାତୀଗୁମ୍ଫା ଶିଳାଲେଖକୁ ମହତ୍ତ୍ୱ ମିଳିବାର ଅନ୍ୟ ଏକ କାରଣ ହେଲା ଏହା କଳିଙ୍ଗର ପରାକ୍ରମ, ଗୌରବ ତଥା ସମୃଦ୍ଧିକୁ ଦର୍ଶାଏ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକଙ୍କ ହାତରେ କଳିଙ୍ଗବାସୀ ପରାଜୟ ବରଣ କରି ଯେଉଁ ଗୌରବ ହରାଇଥିଲେ, ତାକୁ ହାତୀଗୁମ୍ଫାର ବର୍ଣ୍ଣନ ଅନେକାଂଶରେ ଭରଣା କରିବାକୁ ସ୍ଥାନୀୟ ଐତିହାସିକମାନଙ୍କୁ ଅବସର ପ୍ରଦାନ କରେ । ପ୍ରତୀକ ଭାବରେ ହେଲେ ମଧ୍ୟ ଭୁବନେଶ୍ୱର ନିକଟସ୍ଥ ଧଉଳିଗିରିର ଅଶୋକଙ୍କ ଅନୁଶାସନ ଯେତେବେଳେ କଳିଙ୍ଗର ପରାଜୟର କାହାଣୀ କହେ, ସେତେବେଳେ ତା'ର ପ୍ରତିକ୍ରିୟା ଭଳି ହାତୀଗୁମ୍ଫାର ଶିଳାଲେଖ କଳିଙ୍ଗର ପରାକ୍ରମକୁ ଲିପିବଦ୍ଧ କରେ । ସେହି ଦୃଷ୍ଟିରୁ ଦେଖିଲେ, ହାତୀଗୁମ୍ଫା ଶିଳାଲେଖ କଳିଙ୍ଗର ହୃତଗୌରବକୁ ଫେରିପାଇବାର ଏକ ପ୍ରତୀକ ରୂପେ ବିବେଚିତ ହୁଏ; ଖାରବେଳ ହୁଅନ୍ତି ଆଦର୍ଶ ନାୟକ, କଳିଙ୍ଗପାଇଁ ଅଶୋକଙ୍କ ବିକଳ୍ପ !

ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ୧୩ ବର୍ଷର ଶାସନର ବର୍ଣ୍ଣନା ରହିଛି । ଏହାର ଅର୍ଥ ହେବ ଖାରବେଳଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷରେ ଏହା ଲିଖିତ ହୋଇଛି । ତେଣୁ, ରାଜତ୍ୱର ତ୍ରୟୋଦଶ ବର୍ଷର ପରବର୍ତ୍ତୀ ଘଟଣାବଳୀ ସମ୍ବନ୍ଧରେ ଏଥିରେ କିଛି ତଥ୍ୟ ନାହିଁ । ଏହି ଆଧାରରେ

ମନେ କରାଯାଏ, ଖାରବେଳ ଯେ ମାତ୍ର ତେରବର୍ଷ ରାଜତ୍ୱ କରିଥିଲେ, ହୁଏତ ଏହା ସତ୍ୟ ହୋଇ ନ ପାରେ । ଦ୍ୱିତୀୟତଃ, ଶିଳାଲେଖରେ ରହିଥିବା ବର୍ଣ୍ଣନାକୁ ବିଶ୍ଲେଷଣ କଲାବେଳେ ଐତିହାସିକମାନେ ଅନେକ ବିଷୟରେ ଏକମତ ହୋଇପାରନ୍ତି ନାହିଁ । କାରଣ ଶିଳାଲେଖ ସ୍ଥାନେ ସ୍ଥାନେ ଅସ୍ପଷ୍ଟ ରହିଛି, ଲିପି ନଷ୍ଟ ହୋଇଯାଇଛି ଏବଂ ତା'ର ଭାଷା ଆଜିର ଭାଷାଠାରୁ ଯଥେଷ୍ଟ ପୃଥକ୍ । ଭିନ୍ନ ଭିନ୍ନ ଅର୍ଥରେ ତାକୁ ବିଶ୍ଲେଷଣ କରାଯାଇପାରେ । ତୃତୀୟତଃ, ଶିଳାଲେଖର ବର୍ଣ୍ଣନାକୁ ସମ୍ପୂର୍ଣ୍ଣ ସତ୍ୟ ବୋଲି ଗ୍ରହଣ କରିବା କେତେଦୂର ଯୁକ୍ତିନିଷ୍ଠ ତଥା ଇତିହାସସମ୍ମତ ହେବ-ତାହାବି ଏକ ପ୍ରଶ୍ନବାଚୀ । ଖାରବେଳ ଶିଳାଲେଖର ଚାରିପଟେ ବଦ୍ଧମଙ୍ଗଳ ସ୍ୱସ୍ତିକ, ନନ୍ଦିପଦ ଓ ବୃକ୍ଷ, ଚୈତ୍ୟ ଆଦି ଜୈନଧର୍ମର ପ୍ରତୀକମାନ ଖୋଦିତ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେବ ଲିପିବଦ୍ଧ ସୂଚନାକୁ ସତ୍ୟ ଆଧାରିତ ବୋଲି ଲୋକେ ଗ୍ରହଣ କରନ୍ତୁ । ମାତ୍ର, ତାହା ସତ୍ତ୍ୱେ ଆଧୁନିକ ଇତିହାସକାର ଏହାର ତର୍ଜମା କଲାବେଳେ ସତ୍ୟାସତ୍ୟ ପ୍ରତି ଧ୍ୟାନ ଦେବାକୁ ପ୍ରୟାସ କରେ । ଅବସୋସର ବିଷୟ ଯେ ଅନ୍ୟ ଐତିହାସିକ ତଥ୍ୟ ପ୍ରମାଣ ଓ ନିଦର୍ଶନର ଅଭାବରେ ଐତିହାସିକମାନେ ତତ୍କାଳୀନ ଇତିହାସ ରଚନାପାଇଁ ଏହି ଶିଳାଲେଖ ଉପରେ ହିଁ ଅଧିକରୁ ଅଧିକ ନିର୍ଭର କରିବାକୁ ବାଧ୍ୟ ।

ଏହି ଶିଳାଲେଖ ଅନୁଯାୟୀ ଚେଦୀ ବଂଶର ମହାମେଘବାହନଙ୍କ ପୌତ୍ର ହେଲେ ଖାରବେଳ । କେତେକଙ୍କ ମତରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସେ କଳିଙ୍ଗରେ ଶାସନ କରୁଥିଲେ । ମଗଧର ରାଜା ପୁଷ୍ୟମିତ୍ର ସୁଙ୍ଗ (ପ୍ରାୟ ଖ୍ରୀଷ୍ଟପୂର୍ବ ୧୮୪ରୁ ଖ୍ରୀଷ୍ଟପୂର୍ବ ୧୪୮) ଓ ଦାକ୍ଷିଣାତ୍ୟର ସାତବାହନ ରାଜା ସାତକର୍ଣ୍ଣୀ ଥିଲେ ତାଙ୍କର ସମସାମୟିକ । କଳିଙ୍ଗନଗରୀ, ଯାହାକୁ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ସହିତ ଚିହ୍ନିତ କରାଯାଏ, ତାହା ଥିଲା ତାଙ୍କର ରାଜଧାନୀ । ସେ ଜୈନଧର୍ମର ଉପାସକ ଥିଲେ, ମାତ୍ର ଅହିଂସା ମାର୍ଗକୁ ଆପଣାଇ ନଥିଲେ । ମନେହୁଏ ସାମରିକବାହିନୀର ଉପଯୋଗ କରି ସେ ଦିଗ୍ବିଜୟ କରିବାରେ ଆନନ୍ଦ ଲାଭ କରୁଥିଲେ । ସମ୍ଭବତଃ ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ସେତେବେଳେ ଅନେକ ସ୍ୱାଧୀନ ରାଜ୍ୟ ମୁଣ୍ଡ ଟେକିଥିଲେ । କଳିଙ୍ଗରେ ଖାରବେଳ ବଂଶ ଓ ଦାକ୍ଷିଣାତ୍ୟରେ ସାତବାହନ ବଂଶ ଥିଲେ ସେହି ଧରଣର ଗୋଟିଏ ଗୋଟିଏ ସ୍ୱାଧୀନ ରାଜ୍ୟ ।

ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କୁ କଳିଙ୍ଗାଧିପତି ବୋଲି ବର୍ଣ୍ଣନା କରାଯାଇଛି । କଳିଙ୍ଗ ନାମରେ ଖ୍ୟାତ ସମଗ୍ର ଅଞ୍ଚଳର ଛୋଟ ଛୋଟ ରାଜ୍ୟମାନଙ୍କୁ ପ୍ରଥମେ ସେ ଜୟ କରିଥିଲେ ।

ଶିଳାଲେଖରେ ଖାରବେଳଙ୍କ ବାଲ୍ୟଜୀବନ, ଶିକ୍ଷା, ରୁଚି ଓ ସିଂହାସନ ଆରୋହଣ ସମ୍ବନ୍ଧରେ ସୂଚନା ରହିଛି । ତାହା ଅନୁଯାୟୀ, ଐତିହାସିକମାନେ ଖାରବେଳଙ୍କ କାଳ ନିରୂପଣ କରିବାକୁ ପ୍ରୟାସ କରନ୍ତି । ଯାହା ପୂର୍ବରୁ ଉଲ୍ଲିଖିତ କେତେକଙ୍କ ମତରେ ଖାରବେଳ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ରାଜ୍ୟଶାସନ କରୁଥିଲେ । ମାତ୍ର ଅନ୍ୟ ଏକ ମତ ଅନୁଯାୟୀ ଖ୍ରୀଷ୍ଟପୂର୍ବ ୬୪ରେ ସମ୍ଭବତଃ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ଚେତରାଜ ଓ ପିତାମହ ଥିଲେ ମହାମେଘବାହନ । କୈଶୋରାବସ୍ଥାରେ ସେ ପାରମ୍ପରିକ ଶିକ୍ଷା, ଅର୍ଥନୀତି, ରାଜନୀତି, ଧର୍ମଶାସ୍ତ୍ର,

ସାମରିକ ବିଜ୍ଞାନ, ବିଧି ଆଦି ସହିତ ସଙ୍ଗୀତ ଓ ନୃତ୍ୟକଳାରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ପିତାଙ୍କ ମୃତ୍ୟୁ ପରେ ସେ ମାତ୍ର ୧୫ ବର୍ଷ ବୟସରେ ଯୁବରାଜ ପଦରେ ଅଭିଷିକ୍ତ ହେଲେ ଏବଂ ଦୀର୍ଘ ନଅ ବର୍ଷ କାଳ ରାଜପ୍ରତିନିଧି ଭାବରେ ଶାସନ ପରିଚାଳନା କଲେ । ୨୬ ବର୍ଷ ବୟସରେ ସେ 'ମହାରାଜ', 'କଳିଙ୍ଗାଧିପତି' ଓ 'ଚକ୍ରବର୍ତ୍ତୀ' ଆଦି ଉପାଧି ଗ୍ରହଣ କରି ରାଜପଦ ସମ୍ଭାଳିଲେ । ଏହି ବର୍ଷରୁ ଆରମ୍ଭ କରି ୧୩ ବର୍ଷ ଯାଏ ତାଙ୍କ ସାମରିକ ଅଭିଯାନ, ରାଜ୍ୟ ଶାସନ ତଥା ଅନ୍ୟାନ୍ୟ ଜନମଙ୍ଗଳକର କାର୍ଯ୍ୟାବଳୀ ଶିଳାଲେଖରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି । ଖାରବେଳ ଯୁବରାଜ ପଦରେ ରହିଥିବା ବେଳେ ପ୍ରକୃତ ଶାସନଭାର କାହା ହାତରେ ଥିଲା, ତାଙ୍କୁ ପରାମର୍ଶ ଦେବା ପାଇଁ ମନ୍ତ୍ରିପରିଷଦ ରହିଥିଲା ନା ନାହିଁ- ସେ ସମ୍ପର୍କରେ ଶିଳାଲେଖରୁ କିଛି ତଥ୍ୟ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ । ସମ୍ଭବତଃ ଉକ୍ତ ଅବଧିକୁ ସେ କଳିଙ୍ଗର ଛୋଟ ଛୋଟ ରାଜ୍ୟଗୁଡ଼ିକ ଉପରେ କର୍ତ୍ତୃତ୍ୱ ହାସଲ କରିବାରେ ଅଥବା ସେ ସମସ୍ତଙ୍କୁ ନେଇ ଏକ ମହାମେଣ୍ଟ କରିବାରେ ବିନିଯୋଗ କରିଥିଲେ । କାରଣ ଶିଳାଲେଖରେ ବର୍ଣ୍ଣିତ ତାଙ୍କର ବିଶାଳ ସାମରିକ ବାହିନୀ; ଯାହାକୁ ଅଶ୍ୱାରୋହୀ, ଗଜାରୋହୀ, ପଦାତିକ ଓ ରଥାରୋହୀ ସୈନ୍ୟ ସମ୍ବଳିତ ଚତୁରଂଗ ସେନା ବୋଲି କୁହାଯାଇଛି; ଅନ୍ୟ କଳିଙ୍ଗ ରାଜ୍ୟଗୁଡ଼ିକ ବିନା ତାହା ଗଠନ କରିବା ସମ୍ଭବ ନଥିଲା । ଦ୍ୱିତୀୟତଃ, ଖାରବେଳଙ୍କ ପିତା ଓ ପିତାମହ 'କଳିଙ୍ଗାଧିପତି' ଥିବାର ପ୍ରମାଣ ନାହିଁ । କଳିଙ୍ଗ ଅନ୍ତର୍ଗତ ଗୋଟିଏ କ୍ଷୁଦ୍ର ରାଜ୍ୟର ହୁଏତ ସେମାନେ ଶାସକ ଥିଲେ । ପୁଣି, ନିଜ ତ୍ରୟୋଦଶ ବର୍ଷର ରାଜତ୍ୱ କାଳରେ ଖାରବେଳ କଳିଙ୍ଗ ଅନ୍ତର୍ଗତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ବିରୁଦ୍ଧରେ ସାମରିକ ଅଭିଯାନ କରିଥିବା କଥାର ଉଲ୍ଲେଖ ନାହିଁ । ଅନ୍ୟ ଶବ୍ଦରେ କହିଲେ, କଳିଙ୍ଗ ନାମରେ ବାହାରେ ଖ୍ୟାତି ପାଇଥିବା କ୍ଷେତ୍ର ମଧ୍ୟରେ ଅନେକ କ୍ଷୁଦ୍ର ରାଜ୍ୟ ଥିଲେ ଏବଂ ଖାରବେଳଙ୍କ ବିଶାଳ ସେନାବାହିନୀରେ ସେମାନେ ସାମିଲ ଥିଲେ । କଳିଙ୍ଗ ଯୁଦ୍ଧ ସମୟରେ ମଧ୍ୟ କଳିଙ୍ଗ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଥିଲା । ଏହି ରାଜ୍ୟମାନେ ଏକ ସଂଘୀୟ ରୀତିରେ ସଂଗଠିତ ଓ ପରିଚାଳିତ ହୋଇ ବହିଃ ଶତ୍ରୁର ମୁକାବିଲା କରୁଥିଲେ ବୋଲି ମଧ୍ୟ ଅନୁମାନ କରାଯାଇପାରେ । ଏହା ଉଭୟ କଳିଙ୍ଗ ଯୁଦ୍ଧ ଏବଂ ତା'ର ଦୁଇ ଶତାବ୍ଦୀ ପରେ ଐତିହାସିକ ପ୍ରସିଦ୍ଧି ପାଇଥିବା ଖାରବେଳଙ୍କ ସମୟରେ ପରିଲକ୍ଷିତ ହୁଏ ।

ହାତୀଗୁମ୍ଫା ଶିଳାଲେଖ ଅନୁଯାୟୀ, ଖାରବେଳ ତାଙ୍କ ରାଜତ୍ୱର ପ୍ରଥମ ବର୍ଷରେ, ପୂର୍ବରୁ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା କଳିଙ୍ଗନଗରୀ (ରାଜଧାନୀ)ର ଅଟ୍ଟାଳିକା, ଦୁର୍ଗପ୍ରାଚୀର ଆଦିର ପୁନର୍ନିର୍ମାଣ କରିଥିଲେ । ବାତ୍ୟାବିଧ୍ୱସ୍ତ ଉଦ୍ୟାନ ଓ ଜଳାଶୟଗୁଡ଼ିକର ରକ୍ଷଣାବେକ୍ଷଣରେ ମଧ୍ୟ ସେ ବହୁ ଅର୍ଥ ବ୍ୟୟ କରିଥିଲେ । ଏହି ସମସ୍ତ ପରିଯୋଜନାରେ ରାଜକୋଷରୁ ମୋଟ ୩୫ ଲକ୍ଷ ମୁଦ୍ରା ବ୍ୟୟ ହୋଇଥିଲା । ସେହିଭଳି ରାଜତ୍ୱର ତୃତୀୟ ବର୍ଷରେ, ରାଜଧାନୀରେ ଅନେକ ନୃତ୍ୟ, ସଙ୍ଗୀତ, କ୍ରୀଡ଼ା କସରତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରି ସେ ନିଜର ରୁଚିସମ୍ପନ୍ନତାର ପ୍ରଦର୍ଶନ କରିଥିଲେ ।

ରାଜ୍ୟ ଜୟ ଥିଲା ଖାରବେଳଙ୍କର ଅନ୍ୟତମ ପ୍ରମୁଖ ଆଗ୍ରହ । ସେ ରାଜତ୍ୱର ଦ୍ୱିତୀୟ ବର୍ଷରେ ସାମରିକ ବାହିନୀ ନେଇ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରିଥିଲେ । ସାତବାହନ ରାଜ୍ୟର ରାଜା ସାତକର୍ଣ୍ଣୀ ମଧ୍ୟ ତାଙ୍କ ପରାକ୍ରମରେ ଭୀତତ୍ରସ୍ତ ହୋଇପଡ଼ିଥିଲେ । ରାଜତ୍ୱର ଚତୁର୍ଥ ବର୍ଷରେ ସେ ଦକ୍ଷିଣକୁ ପୁଣି ଥରେ ଦିଗ୍‌ବିଜୟରେ ଯାଇ ସାତବାହନ ରାଜ୍ୟ ଅଧିକାର କଲେ ଏବଂ ରାଷ୍ଟ୍ରିକ ଓ ଭୋଜକ ନାମକ ଦୁଇଟି ରାଜ୍ୟକୁ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କଲେ । ଏହି ଅଭିଯାନରୁ ଏତେ ମାତ୍ରାରେ ଧନସମ୍ପତ୍ତି ପ୍ରାପ୍ତ ହୋଇଥିଲା ଯେ, ରାଜକୀୟ ଶକ୍ତି ଓ ସମ୍ପଦର ପ୍ରଭାବ ଦେଖାଇ ତଥା ରାଣୀ ବଜିରଘରଙ୍କ କୋଳରେ ପୁତ୍ର ସନ୍ତାନ ଲାଭ ହେବା ଖୁସିରେ ପୌର ଓ ଜନପଦବାସୀଙ୍କ ଉପରୁ ବହୁ ଲକ୍ଷ ମୁଦ୍ରାର ରାଜସ୍ୱ, କର ଓ ଶୁଳ୍କ ଆଦି ଛାଡ଼ କରିଦେଇଥିଲେ । ରାଜତ୍ୱର ପଞ୍ଚମ ବର୍ଷରେ, ତିନିଶତ ବର୍ଷ ପୂର୍ବେ ନନ୍ଦ ଶାସନ ବେଳେ ଖୋଳା ହୋଇଥିବା କେନାଲକୁ ତନସୁଲୀ ତଥା ତୋଷାଳୀ ବାଟ ଦେଇ ସେ କଳିଙ୍ଗ ନଗରୀ ପର୍ଯ୍ୟନ୍ତ ସଂପ୍ରସାରିତ କରିଥିଲେ । ଖୋଦିତ କେନାଲର ପୁନଃ ସଂରକ୍ଷଣ ଓ ସଂପ୍ରସାରଣ କାର୍ଯ୍ୟ ଖାରବେଳଙ୍କ କୃଷିର ବିକାଶ ପ୍ରତି ରହିଥିବା ମାନସିକତା ପ୍ରତିପାଦନ କରେ । କିନ୍ତୁ ତା'ଠାରୁ ବଡ଼ କଥା 'ତିନିଶତ ବର୍ଷ'ର ଉଲ୍ଲେଖକୁ ମୂଳ କରି ଇତିହାସକାରମାନଙ୍କୁ ଏହା ଖାରବେଳଙ୍କ କାଳ ନିରୂପଣରେ ସାହାଯ୍ୟ କରେ, କାରଣ କଳିଙ୍ଗରେ ନନ୍ଦ ଶାସନର କାଳ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ବୋଲି ନିରୂପିତ ହୋଇସାରିଛି । ମାତ୍ର ଶିଳାଲେଖରେ ଉଲ୍ଲିଖିତ ପଦ 'ତି-ବସ-ସତ'କୁ କେତେକ ଐତିହାସିକ '୧୦୩ ବର୍ଷ' ବୋଲି ତର୍ଜମା କରନ୍ତି, ଯାହାର ଅର୍ଥ ହେବ ଉପରୋକ୍ତ 'ନନ୍ଦରାଜା' ଭାବରେ ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ବିଜୟ କରିଥିବା ଅଶୋକଙ୍କୁ ଶିଳାଲେଖ ଚିହ୍ନିତ କରୁଥାଇ ପାରେ । ଏହି ଉଲ୍ଲେଖର ଅନ୍ୟ ଅର୍ଥ ହେଲା ଯେ, ଖାରବେଳଙ୍କ ପରି ନନ୍ଦରାଜା ମଧ୍ୟ ଓଡ଼ିଶା(କଳିଙ୍ଗ) ଅଧିକାର କଲା ପରେ କୃଷିର ବିକାଶପାଇଁ କେନାଲ ଖନନକୁ ଅଗ୍ରାଧିକାର ଦେଇଥିଲେ ।

ରାଜତ୍ୱର ଅଷ୍ଟମ ବର୍ଷରୁ ଦ୍ୱାଦଶ ବର୍ଷ ମଧ୍ୟରେ ଖାରବେଳ ତିନି ଥର ଉତ୍ତର ଭାରତ ଓ ଥରେ ଦକ୍ଷିଣ ଭାରତ ଅଭିମୁଖେ ଦିଗ୍‌ବିଜୟ କରିଥିଲେ । ଏହି ସାମରିକ ଅଭିଯାନଯୋଗୁଁ ସେ ମଥୁରା, ମଗଧର ରାଜଗୃହ ଓ ପାଟଳିପୁତ୍ର, ଆନ୍ଧ୍ରପ୍ରଦେଶର ପିଥୁଣ୍ଡ ନଗରୀ ତଥା ତାମିଲନାଡୁର କେତେକ ରାଜ୍ୟ ଜୟ କରିଥିବାର ଉଲ୍ଲେଖ ରହିଛି । ସାମରିକ ଅଭିଯାନର ବିବରଣୀରୁ ମନେହୁଏ ଯେ, ବିଜିତ ରାଜ୍ୟଗୁଡ଼ିକରୁ ସେ ଧନରତ୍ନ, ପୁଣି ଅନେକ ସମୟରେ ଜୀନମୂର୍ତ୍ତି (ମଗଧରୁ ପ୍ରାପ୍ତ) ତଥା ଜୈନଧର୍ମର ପବିତ୍ର କଳ୍ପ ବୃକ୍ଷ (ମଥୁରାରୁ ପ୍ରାପ୍ତ) ଲାଭ କରିଥିଲେ । ସେ ଉକ୍ତ ରାଜ୍ୟଗୁଡ଼ିକରେ ସ୍ଥାୟୀ ଭାବେ ରାଜତ୍ୱ ବିସ୍ତାର ପରିବର୍ତ୍ତେ ତାତ୍କାଳିକଲାଭ ଧନରତ୍ନ ପ୍ରାପ୍ତି ପ୍ରତି ଅଧିକ ଧ୍ୟାନ ଦେଉଥିଲେ । ପୁଣି କଦାଚିତ ରାଜାମାନେ (ଯଥା- ମଗଧର ରାଜା ବୃହସ୍ପତି ମିତ୍ର) ଯୁଦ୍ଧ ପୂର୍ବରୁ ବଶ୍ୟତା ସ୍ୱୀକାର କରୁଥିଲେ ଓ ଧନରତ୍ନ ଆଦି ପ୍ରଦାନ କରୁଥିଲେ । ଏହି ଧନରତ୍ନକୁ ଖାରବେଳ ନିଜ ପ୍ରଜାଙ୍କ ମଧ୍ୟରେ ଭୋଜନ ଆଦି ଆୟୋଜନ କରି ବଣ୍ଟନ କରିବାର ଉଦାହରଣ ରହିଛି । ଖାରବେଳଙ୍କ ବିଶେଷତ୍ୱ ହେଲା, ଖୁବ୍ ଅଧିକ ଯୁଦ୍ଧପ୍ରିୟ ହେବା ସତ୍ତ୍ୱେ

ସେ ଜୈନଧର୍ମର ମଧ୍ୟ ପ୍ରଭୂତ ପୃଷ୍ଟପୋଷକତା କରିଥିଲେ । କୁମାରୀ ପର୍ବତ(ଉଦୟଗିରି)ରେ ସେ ଜୈନ ଅର୍ହତ ଓ ଭିକ୍ଷୁମାନଙ୍କପାଇଁ ଏକଶହ ସତରଟି ଗୁମ୍ଫା ଖୋଦନ କରାଇଥିଲେ ତଥା ସେମାନଙ୍କୁ ରେଶମ ଓ ଶୁକ୍ଳବସ୍ତ୍ର ପ୍ରଦାନ କରିଥିଲେ । ଏହା ବ୍ୟତୀତ ଦ୍ୱିତୀୟ ରାଣୀ ସିଂହପଥଙ୍କ ଅନୁରୋଧରେ ସେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯତି, ଶ୍ରମଣ, ତପସ୍ୱୀ, ଋଷି ଓ ବୌଦ୍ଧ ଭିକ୍ଷୁଙ୍କ ବିଶ୍ରାମ ପାଇଁ ଏକଲକ୍ଷରୁ ଉର୍ଦ୍ଧ୍ୱ ମୁଦ୍ରା ବ୍ୟୟକରି ମନୋରମ ଆଶ୍ରୟସ୍ଥଳୀ ନିର୍ମାଣ କରିଥିଲେ । ଏଥିରୁ ସିଦ୍ଧ ହୁଏ ଯେ, ଖାରବେଳଙ୍କର ଜୈନ ଧର୍ମ ପ୍ରତି ଆକର୍ଷଣ ଥିବା ସତ୍ତ୍ୱେ, ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ ଭାବ ନଥିଲା ।

ଖାରବେଳଙ୍କ ଜନମଙ୍ଗଳ କାର୍ଯ୍ୟମାନ ରାଜଧାନୀକେନ୍ଦ୍ରିତ ଥିଲା । ରାଜଧାନୀ କଳିଙ୍ଗ ନଗରୀକୁ ବାଦ୍ ଦେଇ ଅନ୍ୟ କେଉଁଠି ସେ କେନାଲ ଖନନ ବା ପୁଷ୍କରିଣୀ ସୁଶୋଭନ ଆଦି କାର୍ଯ୍ୟ କରିଥିବାର ଉଲ୍ଲେଖ ତାଙ୍କ ଶିଳାଲେଖରୁ ମିଳେ ନାହିଁ । ଏଥିରୁ ଏକଥା ମଧ୍ୟ ଅନୁମିତ ହୁଏ ଯେ ତାଙ୍କର ପ୍ରତ୍ୟକ୍ଷ ଓ ପ୍ରକୃତ ଶାସନକ୍ଷେତ୍ର କଳିଙ୍ଗ ନଗରୀ ବାହାରେ ହୁଏତ ଖୁବ୍ ଅଧିକ ନଥିଲା । ପ୍ରାଚୀନ ଯୁଗର ଶାସନ ରୀତି ଯାହା ଥିଲା, ରାଜ୍ୟ ଜୟ ପରେ ବିଜିତ ରାଜ୍ୟରୁ ଧନସମ୍ପତ୍ତି ଲାଭ କରି ବା ବର୍ଷକୁ ବର୍ଷ ଦେୟ ପାଇବାର ପ୍ରତିଶ୍ରୁତି ପାଇ ବିଜୟୀ ରାଜା ସନ୍ତୁଷ୍ଟ ହେଉଥିଲେ । ଅନେକ ସମୟରେ ଯୁଦ୍ଧ ସଂଘଟିତ ହେବା ପୂର୍ବରୁ କ୍ଷୁଦ୍ର ରାଜ୍ୟମାନେ ଦିଗ୍‌ବିଜୟରେ ଆସିଥିବା ରାଜାଙ୍କ ବଶ୍ୟତା ସ୍ୱୀକାର କରିବାକୁ ମଧ୍ୟ ସମ୍ମତ ହୋଇଯାଉଥିଲେ । ଏହା ଯୁଦ୍ଧର କ୍ଷୟକ୍ଷତିକୁ ଏଡ଼ାଇବାରେ ସହାୟକ ହେଉଥିଲା ।

ହାତୀଗୁମ୍ଫା ଶିଳାଲେଖର ଉପଲବ୍ଧତା ଖାରବେଳଙ୍କୁ କିମ୍ବଦନ୍ତୀ ବା ଜନଶ୍ରୁତିର ଉର୍ଦ୍ଧ୍ୱରେ ଏକ ଇତିହାସର ପାତ୍ର ରୂପେ ପ୍ରତିପାଦିତ କରେ । ଏହି ଶିଳାଲେଖ ତାଙ୍କୁ ଏକ ମହାବିଜୟୀ ସମ୍ରାଟ ରୂପେ ବର୍ଣ୍ଣନା କରିଛି । ମାତ୍ର ରାଜାଙ୍କ ଆଦେଶରେ ସେତେବେଳେ ଏଭଳି ଶିଳାଲେଖମାନ ଖୋଦିତ ହୋଇଥିବାରୁ ଅର୍ଥାତ୍ ଏହା ରାଜପ୍ରଶସ୍ତି ହୋଇଥିବାରୁ ତାହାର ସତ୍ୟାସତ୍ୟ ନିରୀକ୍ଷଣ କରିବାର ଆବଶ୍ୟକତା ମଧ୍ୟ ରହିଛି । ପୁଣି ହାତୀଗୁମ୍ଫା ଶିଳାଲେଖର ଅନେକ ଅଂଶ ନଷ୍ଟ ହୋଇଯାଇଥିବାରୁ ତାହାର ସଂପୂର୍ଣ୍ଣ ପାଠୋଦ୍ଧାର ହୋଇପାରିନାହିଁ । ଯେଉଁ ପାଠୋଦ୍ଧାର ହୋଇଛି, ଭାଷାର ଭିନ୍ନତାଯୋଗୁଁ ସେସବୁର ତର୍ଜମା ମଧ୍ୟ ସର୍ବସମ୍ମତ ନୁହେଁ । ତାହା ସତ୍ତ୍ୱେ, ଓଡ଼ିଶା ଇତିହାସର ଅନ୍ୟତମ ସର୍ବପ୍ରାଚୀନ ଲିଖିତ ଦସ୍ତାବିଜ୍ ଭାବରେ ତଥା ଖାରବେଳ ନାମରେ ଜଣେ ଦିଗ୍‌ବିଜୟୀ ବୀରଙ୍କୁ ଲୋକଲୋଚନକୁ ଆଣିଥିବା କାରଣରୁ ଏହି ଶିଳାଲେଖର ଐତିହାସିକ ମହତ୍ତ୍ୱ ଖୁବ୍ ଅଧିକ । ତତ୍‌କାଳୀନ ଅନ୍ୟ କୌଣସି ଦସ୍ତାବିଜ୍ ହସ୍ତଗତ ନ ହେବାଯାଏ, ହାତୀଗୁମ୍ଫା ଶିଳାଲେଖର ମହତ୍ତ୍ୱ ଯେ ଅବ୍ୟାହତ ରହିବ- ଏହା ସହଜରେ ଅନୁମେୟ ।

■ ■ ■

# ଖାରବେଳ ପରବର୍ତ୍ତୀ ଓଡ଼ିଶା

ଖାରବେଳ ପରବର୍ତ୍ତୀ ଓଡ଼ିଶାର ଇତିହାସ ପ୍ରାୟ ୮୦୦ ବର୍ଷ ଧରି ଖୁବ୍ ସ୍ପଷ୍ଟ ନୁହେଁ । ଏହି ଇତିହାସକୁ ଲିପିବଦ୍ଧ କରିବାପାଇଁ ଉପଲବ୍ଧ ଐତିହାସିକ ତଥ୍ୟ ପ୍ରମାଣ ଯଥେଷ୍ଟ ନୁହେଁ । ତେଣୁ, ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ଧାରାବାହିକ ବିଶ୍ଳେଷଣ ଆଜି ପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ । ବିଭିନ୍ନ ସ୍ଥାନରୁ ଆବିଷ୍କୃତ କେତେକ ତାମ୍ରଶାସନ, ମୁଦ୍ରା, ପ୍ରଶସ୍ତି ଓ ଅଭିଲେଖକୁ ଆଧାର କରି ଉକ୍ତ ସମୟର ଇତିହାସ ରଚନା କରିବାକୁ ଐତିହାସିକମାନେ ପ୍ରୟାସ କରିଛନ୍ତି । ଏଥିରୁ ମନେହୁଏ ଯେ, ଖାରବେଳ ପରବର୍ତ୍ତୀ ସମୟରେ ଓଡ଼ିଶା ଏକଶାସନାଧୀନ ନଥିଲା । ଏହା ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ଶାସକଙ୍କ ନିୟନ୍ତ୍ରଣକୁ ଆସିଥିଲା । ଏହି ସମୟରେ ଯେଉଁ ରାଜକୁଳମାନେ ଶାସନ କରିଥିଲେ, ସେମାନଙ୍କ ମଧ୍ୟରେ ରହିଥିଲେ ସାତବାହନ, ମୁରୁଣ୍ଡ, ଗୁପ୍ତ, ମାଠର, ନଳ, ମାଣ, ଶରଭପୁରୀୟ ଓ ପୂର୍ବ-ଗଙ୍ଗବଂଶ । ଏହି ରାଜବଂଶମାନେ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଶାସନ କରିଥିଲେ ବୋଲି ଯତ୍‌କିଞ୍ଚିତ୍ ପ୍ରମାଣ ରହିଛି । କିନ୍ତୁ ସେମାନଙ୍କ ଶାସନ ସମ୍ବନ୍ଧରେ ସବିଶେଷ ବିବରଣୀ, ତତ୍‌କାଳୀନ ସାମାଜିକ ଓ ଆର୍ଥିକ ଅବସ୍ଥା, ଲୋକ ସଂସ୍କୃତି ଆଦି ସୁସ୍ପଷ୍ଟ ନୁହେଁ ।

## ସାତବାହନ

ଖାରବେଳଙ୍କ ଚେଦୀ ବଂଶର ସମସାମୟିକ ହେଲେ ଦକ୍ଷିଣର ସାତବାହନ ବଂଶ । ଖାରବେଳ ସେମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ରହିଛି । ଚେଦୀ ବଂଶର ପତନ ପରେ ସାତବାହନମାନେ ଦ୍ୱିତୀୟ ଶତାବ୍ଦୀର ଆଦ୍ୟ ଭାଗରେ କଳିଙ୍ଗ ଓ କୋଶଳ ରାଜ୍ୟ ଜୟ କରିଥିଲେ ବୋଲି ବିଶ୍ୱାସ କରାଯାଏ । ପ୍ରଥମେ ଶିଶୁପାଳଗଡ଼ରେ ଏବଂ ପରେ ଶାଳିହୁଣ୍ଡମ, ରାମତୀର୍ଥ ଓ ସଂଘରାମା ଆଦି ସ୍ଥାନରେ କେତେକ ସାତବାହନକାଳୀନ

ମୁଦ୍ରା ଆବିଷ୍କୃତ ହୋଇଛି । ଉଦୟଗିରିଠାରେ ସ୍ଥାନିତ ଯକ୍ଷମୂର୍ତ୍ତି ସହିତ ସାତବାହନକାଳୀନ ସାଞ୍ଚି ମୂର୍ତ୍ତିକଳାର ସାମଞ୍ଜସ୍ୟ ଦେଖିବାକୁ ମିଳେ । ସାଞ୍ଚି, ସାତବାହନ ରାଜା ଦ୍ୱିତୀୟ ସାତକର୍ଣ୍ଣୀଙ୍କ ଅଧୀନରେ ରହିଥିଲା । ତେଣୁ କଳିଙ୍ଗ ଓ ସାତବାହନ ରାଜ୍ୟ ମଧ୍ୟରେ ରାଜନୈତିକ ଓ ସାଂସ୍କୃତିକ ସମ୍ପର୍କ ରହିଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି । ଏହି ସମ୍ପର୍କ ଦ୍ୱିତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା ବୋଲି ଅନୁମାନ କରାଯାଏ । ଗୌତମୀପୁତ୍ର ସାତକର୍ଣ୍ଣୀ ବୌଦ୍ଧ ଦାର୍ଶନିକ ନାଗାର୍ଜୁନଙ୍କ ଆଗ୍ରହରେ କୋଶଳର ପରିମଳଗିରିଠାରେ (ଆଧୁନିକ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶ) ଏକ ବୌଦ୍ଧ ବିହାର ନିର୍ମାଣ କରାଇଥିଲେ ବୋଲି ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରୁ ସୂଚନା ମିଳେ ।

## ମୁରୁଣ୍ଡ ବଂଶ

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ସାତବାହନ ବଂଶର ପତନ ପରେ ମୁରୁଣ୍ଡ ବଂଶ କଳିଙ୍ଗ ଅଧିକାର କରିଥିଲେ । ମୁରୁଣ୍ଡମାନେ ଭାରତକୁ କୁଶାଣମାନଙ୍କ ସହିତ ମଧ୍ୟଏସିଆରୁ ଆସିଥିଲେ । କୁଶାଣମାନଙ୍କର ପତନ ପରେ ସେମାନେ ପୂର୍ବ ଭାରତରେ ନିଜର ରାଜ୍ୟ ପ୍ରତିଷ୍ଠା କରି ବହୁ ବର୍ଷ ଧରି ଶାସନ କରିଥିଲେ । ମୁରୁଣ୍ଡମାନେ କଳିଙ୍ଗରେ ଶାସନ କରିଥିବା ବିଷୟ ସେମାନଙ୍କ ମୁଦ୍ରାରୁ ସୂଚନା ମିଳେ । କୁଶାଣ ପ୍ରାନ୍ତରେ ସେମାନେ ମୁଦ୍ରା ପ୍ରଚଳନ କରିଥିଲେ ଯାହା ପ୍ରଥମେ ପୁରୀ ଏବଂ ପରେ ଭଦ୍ରକ ଓ ଶିଶୁପାଳଗଡ଼ ଆଦି ସ୍ଥାନରୁ ଆବିଷ୍କୃତ ହୋଇଛି । ମୁରୁଣ୍ଡ ରାଜତ୍ୱର ବହୁ ବର୍ଷ ପରେ ଲିଖିତ ମାଦଳାପାଞ୍ଜିରେ ରକ୍ତବାହୁ ନାମକ ଜଣେ ଯବନଙ୍କର ଜଗନ୍ନାଥ ମନ୍ଦିର ଆକ୍ରମଣ କଥା ବର୍ଣ୍ଣିତ ହୋଇଛି । ଐତିହାସିକ ରାଖାଲ ଦାସ ବାନାର୍ଜୀଙ୍କ ମତରେ ରକ୍ତବାହୁ ଥିଲେ ସମ୍ଭବତଃ ମୁରୁଣ୍ଡ ଶାସକ । କୁଶାଣର ସହଯୋଗୀ ସେନା ଭାବରେ ସେମାନେ (ମୁରୁଣ୍ଡମାନେ) ଓଡ଼ିଶା ଆକ୍ରମଣ କରିଥିଲେ ଏବଂ କୁଶାଣ ବଂଶର ପତନ ପରେ ନିଜେ ସ୍ୱାଧୀନ ଭାବରେ ରାଜ୍ୟ ଶାସନ କଲେ । ମୁରୁଣ୍ଡ ଶାସନ ଓଡ଼ିଶାର ଉପକୂଳ ଅଞ୍ଚଳରେ ରହିଥିଲା, କାରଣ କେବଳ ଏହି ଅଞ୍ଚଳରେ ମୁରୁଣ୍ଡ ମୁଦ୍ରା ଆବିଷ୍କୃତ ହୋଇଛି । ଶିଶୁପାଳଗଡ଼ରୁ ଆବିଷ୍କୃତ ମୁଦ୍ରାରେ 'ମହାରାଜାଧିରାଜ ଧର୍ମଦାମୋଦରଙ୍କ ପ୍ରଚଳିତ ମୁଦ୍ରା' ବୋଲି ଉଲ୍ଲେଖ ରହିଛି । ସେତେବେଳେ ରାଜାମାନେ ନିଜର ପ୍ରଭୁତ୍ୱ ପ୍ରତିଷ୍ଠା ନିମନ୍ତେ ନିଜ ନାମରେ ମୁଦ୍ରା ପ୍ରଚଳନ କରୁଥିଲେ । ମାତ୍ର ଏକ ବୃହତ୍ ଅଞ୍ଚଳରେ ରାଜାଙ୍କର ସ୍ୱୀକୃତି ନଥିଲେ ଏହି ମୁଦ୍ରା ବାଣିଜ୍ୟ ବ୍ୟବସାୟର ମାଧ୍ୟମ ରୂପେ ବ୍ୟବହାର ହୋଇପାରିବ ନାହିଁ । ତେଣୁ କୁଶାଣମାନଙ୍କର ଦାୟାଦ ରୂପେ ଯେଉଁ ସାମନ୍ତ ଶାସକମାନେ ପ୍ରତିଷ୍ଠା ଲାଭ କରିଥିଲେ, ତନ୍ମଧ୍ୟରେ ମୁରୁଣ୍ଡମାନେ ବୋଧହୁଏ ଥିଲେ ଅନ୍ୟତମ । କୁଶାଣ ସାମ୍ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ଅନ୍ୟ କୁଶାଣ ଦାୟାଦ ବଂଶଗୁଡିକର ରାଜ୍ୟରେ ମଧ୍ୟ ଏହି ମୁଦ୍ରାର ସ୍ୱୀକୃତି ତଥା ପ୍ରଚଳନ ରହିଥିବାର ଅନୁମାନ କରାଯାଏ ।

## ଗୁପ୍ତକାଳୀନ ଓଡ଼ିଶା

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଉତ୍ତର ଭାରତରେ ଗୁପ୍ତବଂଶର ଉତ୍ଥାନ ହେଲା । ଗୁପ୍ତବଂଶର ପରାକ୍ରମୀ ଶାସକ ସମୁଦ୍ରଗୁପ୍ତ ବାରମ୍ବାର ଯୁଦ୍ଧ ଅଭିଯାନରେ ଯାଇ ଉତ୍ତର ଭାରତର ବହୁ ଅଂଶ ଓ ଦକ୍ଷିଣ ଭାରତର କେତେକ ଅଂଶ ନିଜ କର୍ତ୍ତୃତ୍ୱକୁ ଆଣିଥିଲେ । ଏକ ବୃହତ୍ତର ଗୁପ୍ତ ସାମ୍ରାଜ୍ୟ ସ୍ଥାପନରେ ଏହା ବିଶେଷ ସହାୟକ ହୋଇଥିଲା ।

ଆହ୍ଲାବାଦ ସ୍ତମ୍ଭ ଅଭିଲେଖରେ ସମୁଦ୍ରଗୁପ୍ତଙ୍କ ଦିଗ୍‌ବିଜୟ କଥା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ସମୁଦ୍ରଗୁପ୍ତଙ୍କ ସଭାକବି ହରିସେଣଙ୍କ ରଚନା ସେହି ସ୍ତମ୍ଭରେ ରହିଛି, ଯେଉଁଥିରେ ସମ୍ରାଟ ଅଶୋକଙ୍କ ଶିଳାଲେଖ ଅଛି । ସେହି ସ୍ତମ୍ଭ ଅଭିଲେଖ ଅନୁଯାୟୀ ସମୁଦ୍ରଗୁପ୍ତ ଦକ୍ଷିଣପଥ ଅଭିଯାନ ସମୟରେ କୋଶଳ, କଳିଙ୍ଗ ଆଦି ରାଜ୍ୟ ଜୟ କରିଥିଲେ । ସେ ଜିଣିଥିବା କୋଟ୍ଟୁର, ଏରଣ୍ଡପଲ୍ଲୀ ଓ କୁବେର ରାଜ୍ୟ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଥିଲା ବୋଲି ଚିହ୍ନିତ କରାଯାଇଛି । ଯୁଦ୍ଧ ଜୟ ପରେ ସମୁଦ୍ରଗୁପ୍ତ ଦକ୍ଷିଣ ପଥର ସେହି ରାଜ୍ୟଗୁଡ଼ିକୁ ନିଜ ସାମ୍ରାଜ୍ୟରେ ସଂଲଗ୍ନ କରି ନଥିଲେ । ଗୁପ୍ତ ବଶ୍ୟତା ସ୍ୱୀକାର କଲା ପରେ ରାଜ୍ୟମାନେ ସ୍ୱତନ୍ତ୍ର ହୋଇ ରହିଥିଲେ । ଏହି କାରଣରୁ ଓଡ଼ିଶାରେ ଗୁପ୍ତ ରାଜତ୍ୱର ବିଶେଷ ପ୍ରଭାବ ଅନୁମିତ ହୋଇନଥିଲା । ରାଜନୈତିକ ନିୟନ୍ତ୍ରଣରେ ରହିନଥିବା ସତ୍ତ୍ୱେ ଓଡ଼ିଶାରେ ଗୁପ୍ତ ପ୍ରଭାବ ସଂସ୍କୃତି, ସ୍ଥାପତ୍ୟ, ବାଣିଜ୍ୟ ଆଦି କ୍ଷେତ୍ରରେ ରହିଥିବା ବିଶ୍ୱାସ କରାଯାଏ । ଓଡ଼ିଶାରେ ମିଳିଥିବା ଅନେକ ତାମ୍ର ଶାସନରେ 'ଗୁପ୍ତ ଯୁଗ'ର ଉଲ୍ଲେଖ ରହିଛି । ଖଲିକୋଟ ନିକଟସ୍ଥ ପଦ୍ମଖୋଲି ନାମକ ଏକ କ୍ଷୁଦ୍ର ରାଜ୍ୟର ଶାସକ ପୃଥ୍ୱୀବିଗ୍ରହ ନିଜକୁ 'ମହାରାଜା ଧର୍ମରାଜା' ଭାବରେ ନାମିତ କରି ଏଭଳି ଏକ ତାମ୍ରଶାସନ ଜାରି କରିଥିଲେ । ତହିଁରେ 'ଗୁପ୍ତାବ୍ଦ ୨୫୦' (ଖ୍ରୀଷ୍ଟାବ୍ଦ ୫୬୯-୫୭୦) ବୋଲି ଉଲ୍ଲେଖ ରହିଛି । ଏହାର ଅର୍ଥ ସମୁଦ୍ରଗୁପ୍ତଙ୍କ ପରେ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଗୁପ୍ତାବ୍ଦର ପ୍ରଚଳନ ଥିଲା । ରାଜନୈତିକ ଅଧିକାର ନ ଥିବା ସତ୍ତ୍ୱେ ଓଡ଼ିଶାର ଅଭ୍ୟନ୍ତରରେ ଗୁପ୍ତାବ୍ଦର ପ୍ରଚଳନ ତତ୍‌କାଳୀନ ଇତିହାସକୁ ଅଧିକ ରହସ୍ୟାବୃତ କରିଦିଏ ।

## ମାଠର ବଂଶ

ଚତୁର୍ଥ ଶତାବ୍ଦୀର ମଧ୍ୟଭାଗରେ ମାଠର ନାମକ ଏକ ରାଜ ବଂଶର ଅଭ୍ୟୁତ୍‌ଥାନ ଦେଖିବାକୁ ମିଳେ । ମାଠରମାନେ ଦକ୍ଷିଣ ଓଡ଼ିଶାରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରି କେତେକ ପଡୋଶୀ ରାଜ୍ୟକୁ ଅଧିକାର କରିଥିବା କୁହାଯାଏ । ମାଠର ବଂଶ ଗୁପ୍ତମାନଙ୍କର ସମସାମୟିକ ଥିଲା । ମାତ୍ର ସମୁଦ୍ରଗୁପ୍ତଙ୍କ ଆହ୍ଲାବାଦ ସ୍ତମ୍ଭଲେଖରେ ଏହି ରାଜବଂଶର ଉଲ୍ଲେଖ ନଥିବାରୁ ଅନୁମିତ ହୁଏ ଯେ ସମ୍ଭବତଃ ସମୁଦ୍ରଗୁପ୍ତଙ୍କ ପରେ ଏହି ବଂଶର ଉଦୟ ହୋଇଥିଲା । କେତେକ ତାମ୍ରଶାସନକୁ ଅଧାର କରି ମାଠର ବଂଶାବଳୀ ନିର୍ଣ୍ଣୟ କରାଯାଏ । ଐତିହାସିକ ନବୀନ କୁମାର ସାହୁଙ୍କଦ୍ୱାରା ପ୍ରସ୍ତୁତ ମାଠର ବଂଶାବଳୀ ନିମ୍ନରେ ଦିଆଗଲା ।

**ବିଶାଖା ବର୍ମା (ଖ୍ରୀଷ୍ଟାବ୍ଦ ୩୫୦-୩୬୦)**

୨ । ଉମା ବର୍ମା (୩୬୦-୩୯୫ ଖ୍ରୀଷ୍ଟାବ୍ଦ)

୩ । ଶଙ୍କର ବର୍ମା (୩୯୫-୪୦୦)

୪ । ଶକ୍ତି ବର୍ମା (୪୦୦-୪୨୦)

୫ । ଅନନ୍ତ ଶକ୍ତି ବର୍ମା (୪୨୦-୪୫୦)

୬ । ଚନ୍ଦ୍ର ବର୍ମା (୪୫୦-୪୬୦)

୭ । ପ୍ରଭଞ୍ଜନ ବର୍ମା (୪୬୦-୮୦)

୮ । ନନ୍ଦ ପ୍ରଭଞ୍ଜନ ବର୍ମା (୪୮୦-୪୯୮)

ଏହି ବଂଶାବଳୀରୁ ଜଣାଯାଏ ଯେ, ମାଠର ବଂଶର ପ୍ରତିଷ୍ଠାତା ଥିଲେ ବିଶାଖା ବର୍ମା । ସେ ୩୫୦ ଖ୍ରୀଷ୍ଟାବ୍ଦରେ ଶ୍ରୀପୁରଠାରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ସମ୍ଭବତଃ ସେ ରାଜବଂଶଜ ନଥିଲେ । ଏକ କ୍ଷୁଦ୍ରରାଜ୍ୟର ଅଧିପତି ହୋଇଥିବାରୁ ତାଙ୍କ ତାମ୍ରଶାସନରେ ସେ ନିଜକୁ କଳିଙ୍ଗାଧିପତି ବୋଲି ଉଲ୍ଲେଖ କରି ନାହାନ୍ତି । ବିଶାଖା ବର୍ମାଙ୍କ ପୁତ୍ର ଉମା ବର୍ମାଙ୍କ ସମୟରେ ମାଠର ରାଜ୍ୟ ବିସ୍ତାର ଲାଭ କରିଥିଲା । ସେ ଶ୍ୱେତକ ଅଞ୍ଚଳ (ଗଞ୍ଜାମ ଜିଲ୍ଲାର ଚିକିଟି) ଅଧିକାର କଲା ପରେ ସୁନଗରକୁ (ବଂଶଧାରା ନଦୀକୂଳସ୍ଥ ମୁଖଲିଙ୍ଗମ) ରାଜଧାନୀ ପରିବର୍ତ୍ତନ କରିଥିଲେ । ପରବର୍ତ୍ତୀ ସମୟରେ ଦକ୍ଷିଣ ଦିଗରେ ରାଜ୍ୟ ବିସ୍ତାର ହେବାରୁ ଶାସନର ସୁବିଧାପାଇଁ ବର୍ଦ୍ଧମାନପୁରକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । କ୍ରମାଗତ ରାଜ୍ୟ ବିସ୍ତାର ନୀତି ଅବଲମ୍ବନ କରି ଉମା ବର୍ମା ରାଜତ୍ୱର ୩୦ ବର୍ଷରେ ନିଜକୁ 'କଳିଙ୍ଗାଧିପତି' ବୋଲି ତାମ୍ରଶାସନରେ ଉଲ୍ଲେଖ କରିଥିଲେ ଓ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟସ୍ଥ ସିଂହପୁରକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ସେ ପ୍ରଦାନ କରିଥିବା ଚାରିଗୋଟି ତାମ୍ରଶାସନରୁ ତାଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ସୂଚନା ମିଳେ । ମାଠର ରାଜାମାନଙ୍କ ମଧ୍ୟରେ ଉମା ବର୍ମା ଅଧିକ କାଳ ରାଜତ୍ୱ କରିଥିଲେ ଏବଂ ଅଧିକ ରାଜ୍ୟ ଜୟ ମଧ୍ୟ କରିଥିଲେ ।

ଏହି ସମୟରେ ଏକାଧିକ ମାଠର ରାଜା ଯଥାଃ ପ୍ରଭଞ୍ଜନ ବର୍ମା ଓ ଶେଷରାଜା ନନ୍ଦ ପ୍ରଭଞ୍ଜନ ବର୍ମା, ନିଜକୁ 'ସକଳ କଳିଙ୍ଗାଧିପତି' ବୋଲି ତାମ୍ରଶାସନରେ ଉଲ୍ଲେଖ କରିଛନ୍ତି । ବିଶେଷ କରି ନନ୍ଦ ପ୍ରଭଞ୍ଜନ ବର୍ମାଙ୍କ ସମୟରେ ଯେତେବେଳେ ମାଠର ରାଜ୍ୟ ବହିରାକ୍ରମଣର ଶିକାର ହୋଇ ସଂକୁଚିତ ହୋଇ ଆସିଥିଲା ଏବଂ ତା'ର ରାଜଧାନୀ ସିଂହପୁରଠାରୁ ବର୍ଦ୍ଧମାନପୁରକୁ ଫେରାଇ ଅଣାଯାଇଥିଲା, ସେତେବେଳେ ମଧ୍ୟ ଏହି ଉପାଧିର ଉଲ୍ଲେଖ ଏକ ଉପମା ମାତ୍ର ବୋଲି ମନେହୁଏ । ପଞ୍ଚମ ଶତାବ୍ଦୀର ଶେଷଭାଗରେ ପୂର୍ବ ଗଙ୍ଗବଂଶ କଳିଙ୍ଗରେ ଶାସନ ପ୍ରତିଷ୍ଠା କଲା ପରେ ମାଠର ରାଜବଂଶ ଲୋପ ପାଇଲା ।

## ନଳ ରାଜବଂଶ

ପଞ୍ଚମ ଶତାବ୍ଦୀରେ ଯେତେବେଳେ ମାଠରମାନେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ ନିକଟବର୍ତ୍ତୀ ଅଞ୍ଚଳରେ ଶାସନ କରୁଥିଲେ, ସେହି ସମୟରେ ଦକ୍ଷିଣ ଓଡ଼ିଶାର ଅନ୍ୟ ଏକ ଅଞ୍ଚଳ ଅର୍ଥାତ୍ ଆଧୁନିକ କୋରାପୁଟ ଓ ଛତିଶଗଡ଼ର ବସ୍ତର ଅଞ୍ଚଳରେ ନଳରାଜବଂଶ ରାଜତ୍ୱ କରୁଥିଲେ । କେତେକ ତାମ୍ର ଶାସନ, ପ୍ରସ୍ତର ଅଭିଲେଖ ଓ ମୁଦ୍ରାରୁ ନଳ ରାଜତ୍ୱ ସମ୍ବନ୍ଧରେ ଯତ୍‌କିଞ୍ଚିତ୍ ଧାରଣା କରିହୁଏ । ଐତିହାସିକ ନବୀନ କୁମାର ସାହୁଙ୍କଦ୍ୱାରା ପ୍ରସ୍ତୁତ ନଳ ରାଜବଂଶାବଳୀ ନିମ୍ନରେ ପ୍ରଦତ୍ତ ହେଲା ।

### ନଳ ବଂଶାବଳୀ

|

ବୃଷଧ୍ୱଜ (ପ୍ରାୟ ୪୦୦ ଖ୍ରୀଷ୍ଟାବ୍ଦ)

|

ବରାହରାଜ (ପ୍ରାୟ ୪୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ)

|

ଭବଦତ୍ତ ବର୍ମା (ଖ୍ରୀ. ୪୪୦-୪୬୫)

|

ଅର୍ଥପତିରାଜ (ଖ୍ରୀ. ୪୬୫-୪୭୫)

|

ସ୍କନ୍ଦ ବର୍ମା (ଖ୍ରୀ. ୪୭୫-୫୦୦)

|

ପୃଥ୍ୱୀରାଜ

|

ବିରୂପରାଜ

|

ବିଳାସତୁଙ୍ଗ (ପ୍ରାୟ ୭୦୦ ଖ୍ରୀଷ୍ଟାବ୍ଦ)

ବସ୍ତରର ନଳ ରାଜ ଭବଦତ୍ତ ବର୍ମାଙ୍କ ରିଠାପୁର ତାମ୍ରଶାସନ ଓ ସ୍କନ୍ଦ ବର୍ମାଙ୍କ କୋରାପୁଟର ପୋଡ଼ାଗଡ଼ ପ୍ରସ୍ତର ଅଭିଲେଖରୁ ନଳମାନଙ୍କ ସମ୍ବନ୍ଧରେ ସୂଚନା ମିଳେ । ଏହା ବ୍ୟତୀତ ଆହ୍ଲାବାଦ ନିକଟସ୍ଥ ଭିଟା ଗ୍ରାମରୁ ଏକ ସିଲ୍‌ମୋହର ଆବିଷ୍କୃତ ହୋଇଛି । ଏଥିରେ ନଳ ବଂଶର ପ୍ରଥମ ରାଜା ବୃଷଧ୍ୱଜଙ୍କ ସମ୍ବନ୍ଧରେ ଉଲ୍ଲେଖ ରହିଛି । ପ୍ରୟାଗଠାରେ ତୀର୍ଥଯାତ୍ରା ସମୟରେ ଭବଦତ୍ତ ବର୍ମା ରିଠାପୁର ତାମ୍ରଶାସନ ପ୍ରଦାନ କରିଥିଲେ । ଏଥିରେ ନଳରାଜ୍ୟ କୋରାପୁଟଠାରୁ ବେରାର

ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ବୋଲି ଉଲ୍ଲେଖ ରହିଛି । ନଳରାଜାମାନଙ୍କର ବକାଟକ ରାଜ୍ୟ ସହ ଯୁଦ୍ଧ ହୋଇଥିବାର ଜଣାଯାଏ । ସେମାନଙ୍କର ରାଜଧାନୀ ପୁଷ୍କରୀ (ପୋଡ଼ଗଡ଼)ଠାରେ ସ୍ଥାପିତ ହୋଇଥିଲା । ଏକଦା ଶତ୍ରୁମାନେ ଏହା ପୋଡ଼ି ଦେଇଥିଲେ । ନଳରାଜତ୍ୱ ପ୍ରାୟ ଏକ ଶତାବ୍ଦୀ ପର୍ଯ୍ୟନ୍ତ (୪୦୦ରୁ ୫୦୦ ଖ୍ରୀଷ୍ଟାବ୍ଦ) ରହିଥିଲା ବୋଲି ଅନୁମାନ କରାଯାଏ ।

## ମାଣ ବଂଶ

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ମାଠର ରାଜ୍ୟର ଉତ୍ତରରେ ଓ ମହାନଦୀର ଅପର ପାର୍ଶ୍ୱରେ ମାଣ ନାମରେ ଏକ ରାଜବଂଶ ଶାସନ କରୁଥିଲେ ବୋଲି ଦୁଇଟି ତାମ୍ରଶାସନରେ ଉଲ୍ଲେଖ ଅଛି । ଶମ୍ଭୁନାଥ ଥିଲେ ଏହି ବଂଶର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ରାଜା । ସେ ୫୮୦ରୁ ୬୦୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାଲେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏକ ବିଶାଳ ରାଜ୍ୟରେ ରାଜତ୍ୱ କରୁଥିବା ଜଣାଯାଏ । ସେ 'ପରମ ମାହେଶ୍ୱର ପରମ ଭଟ୍ଟାରକ ପରମଦେବତା ଦୈବତ' ଉପାଧିରେ ନିଜକୁ ଭୂଷିତ କରିଥିଲେ, ଯାହା ତାଙ୍କ ବର୍ଦ୍ଧିତ ରାଜପ୍ରଭାବର ସୂଚନା ଦିଏ । ତାଙ୍କ ଅଧୀନରେ ରହିଥିବା ଜଣେ ସାମନ୍ତ 'ମହାରାଜ ଶିବରାଜ' ତାମ୍ର ଶାସନ ପ୍ରଦାନ କରିଥିଲେ ।

## ବିଗ୍ରହ ବଂଶ

ମାଣବଂଶର ଏକ ସମସାମୟିକ ରାଜବଂଶ ହେଲେ ଆଧୁନିକ ଗଞ୍ଜାମ ଅଞ୍ଚଳରେ ଶାସନ କରୁଥିବା ବିଗ୍ରହ ବଂଶ । ପୃଥିବୀ ବିଗ୍ରହ ଥିଲେ ଏହି ବଂଶର ପ୍ରଥମରାଜା । ସାମନ୍ତରାଜା ଧର୍ମରାଜଙ୍କ ଦ୍ୱାରା ୫୭୦ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ତ ତାମ୍ରଶାସନରେ ପୃଥିବୀ ବିଗ୍ରହଙ୍କର ଉଲ୍ଲେଖ ରହିଛି । ବିଗ୍ରହମାନଙ୍କର ରାଜଧାନୀ ପଦ୍ମଖୋଲି (ଖଲ୍ଲିକୋଟ ନିକଟସ୍ଥ ପଦ୍ମଖୋଲ)ଠାରେ ରହିଥିଲା । ଲୋକବିଗ୍ରହ ଥିଲେ ଏହି ବଂଶର ଅନ୍ୟ ଜଣେ ରାଜା । ତାଙ୍କଦ୍ୱାରା ପ୍ରଦତ୍ତ କଣାସ ତାମ୍ର ଶାସନରୁ ଲୋକ ବିଗ୍ରହଙ୍କ ସମ୍ବନ୍ଧରେ ସୂଚନା ମିଳେ । ସେହି ତାମ୍ରଶାସନ ଅନୁସାରେ ସେ ଦକ୍ଷିଣ ତୋଷାଳୀ ଓ କେତେକ ପାର୍ବତ୍ୟ ରାଜ୍ୟ (ଆଧୁନିକ ସମୟର ଗଡଜାତ ରାଜ୍ୟ)ରେ ଶାସନ କରୁଥିଲେ ।

## ଶରଭପୁରୀୟ ବଂଶ

ନଳବଂଶର ପତନ ପରେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷ ଭାଗରେ ଦକ୍ଷିଣ କୋଶଳରେ (ଆଧୁନିକ କଳାହାଣ୍ଡି, ଖରିଆର ଓ ରାୟପୁର ଅଞ୍ଚଳ) ଶରଭପୁରୀୟ ବଂଶ ରାଜତ୍ୱ କରିବାକୁ ଲାଗିଲେ । ସେମାନେ ସମ୍ଭବତଃ ନଳରାଜାମାନଙ୍କ ଅଧୀନରେ ସ୍ଥାନୀୟ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ନଳବଂଶର ପତନ ପରେ ଦକ୍ଷିଣ କୋଶଳରେ ନିଜକୁ ରାଜା ଘୋଷଣା କରି ସେମାନେ ଶାସନ ଆରମ୍ଭ କଲେ । ଶରଭପୁର ଥିଲା ସେମାନଙ୍କ ରାଜଧାନୀ । ମନେହୁଏ, ସେମାନେ ଗୁପ୍ତରାଜ୍ୟର ସାମନ୍ତ ଭାବରେ ରାଜତ୍ୱ କରୁଥିଲେ । ଏହି ବଂଶର ପ୍ରଥମ ରାଜା ଶରଭଙ୍କ ପରେ ନରେନ୍ଦ୍ର ଶାସନ ଭାର ଗ୍ରହଣ କଲେ । ତାଙ୍କଦ୍ୱାରା ପ୍ରଦତ୍ତ ପିପର୍ଦୁଲା ଓ କୁରୁଡ଼ ତାମ୍ର ଶାସନରେ

ଶରଭପୁରୀୟ ବଂଶ ସମ୍ବନ୍ଧରେ ଉଲ୍ଲେଖ ରହିଛି । ଏହି ବଂଶର ରାଜା ମହେନ୍ଦ୍ରାଦିତ୍ୟ ଓ ପ୍ରସନ୍ନ ମାତ୍ରଙ୍କଦ୍ୱାରା ପ୍ରଚଳିତ କେତେକ ସ୍ୱର୍ଣ୍ଣମୁଦ୍ରା ଛତିଶଗଡ଼ର ରାୟପୁର, ବିଳାସପୁର ଓ କଳାହାଣ୍ଡି ନିକଟସ୍ଥ ଖରିଆର ଓ ମାରାଗୁଡ଼ା ଅଞ୍ଚଳରୁ ଆବିଷ୍କୃତ ହୋଇଛି । ତେଣୁ ଉକ୍ତ ଅଞ୍ଚଳରେ ଶରଭପୁରୀୟ ମୁଦ୍ରାର ବ୍ୟବହାର ଥିବାର ତଥା ସେଠାରେ ଶରଭପୁରୀୟ ଶାସନ ରହିଥିବାର ଅନୁମାନ କରାଯାଏ । ଅନ୍ୟ ଜଣେ ଶରଭପୁରୀୟ ରାଜା ପ୍ରଥମ ସୁଦେବରାଜଙ୍କ ସମୟରେ ପ୍ରଦତ୍ତ ଛଅଗୋଟି ତାମ୍ର ଶାସନରୁ ଜଣାଯାଏ ଯେ, ଉକ୍ତ ରାଜା ଗଭୀର ଭଗବତ୍ ବିଶ୍ୱାସୀ ଥିଲେ ଓ ପିତାମାତାଙ୍କୁ ଭକ୍ତି କରୁଥିଲେ । ସେ ଯୋଦ୍ଧା ଥିଲେ । ପଣ୍ଡିତମାନଙ୍କୁ ଜମି ପ୍ରଦାନ ଓ ଗୋଦାନ କରିଥିଲେ । ଶରଭପୁରୀୟମାନେ ସଂଶ୍ଳିଷ୍ଟ ଥିବା ଯୁଦ୍ଧ ସମ୍ପର୍କରେ କୌଣସି ତଥ୍ୟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

## ପୂର୍ବ ଗଙ୍ଗବଂଶ

ପୂର୍ବ ଗଙ୍ଗବଂଶ ବା ପ୍ରଥମ ଗଙ୍ଗବଂଶ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷ ଭାଗରେ (୪୯୬ ଖ୍ରୀଷ୍ଟାବ୍ଦ) ମହେନ୍ଦ୍ରଗିରି ଅଞ୍ଚଳରେ ରାଜ୍ୟ ସ୍ଥାପନ କରି କାଳକ୍ରମେ ଏକ ପରାକ୍ରମଶାଳୀ ରାଜବଂଶ ରୂପେ ପରିଚୟ ପାଇଥିଲେ । ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସେମାନଙ୍କର ପ୍ରଭୁତ୍ୱ ରହିଥିଲା । କଳିଙ୍ଗନଗର ସେମାନଙ୍କର ରାଜଧାନୀ ଥିଲା, ଯାହାକୁ ଶ୍ରୀକାକୁଲମ ଜିଲ୍ଲାର ମୁଖଲିଙ୍ଗମ୍ ବୋଲି ଚିହ୍ନିତ କରାଯାଏ । ଏହି ଜିଲ୍ଲାର ଦନ୍ତପୁରଠାରେ ଗଙ୍ଗମାନଙ୍କର ଦ୍ୱିତୀୟ ରାଜଧାନୀ ରହିଥିଲା । ସେମାନେ ନିଜକୁ 'ତ୍ରିକଳିଙ୍ଗାଧିପତି' ବୋଲି ତାମ୍ରଶାସନରେ ଉଲ୍ଲେଖ କରିଛନ୍ତି । ସମଗ୍ର କଳିଙ୍ଗ କ୍ଷେତ୍ରକୁ ଗଙ୍ଗମାନେ ଅଧିକାର କରିଥିବାର ଅନ୍ୟ କୌଣସି ଐତିହାସିକ ପ୍ରମାଣ ନାହିଁ ।

ଗଙ୍ଗମାନେ କର୍ଣ୍ଣାଟକର କୋଲାହଳପୁର (କୋଲାର) ଅଞ୍ଚଳରୁ କଳିଙ୍ଗକୁ ଆସିଥିଲେ ବୋଲି କୁହାଯାଏ । କଳିଙ୍ଗ ଗଙ୍ଗବଂଶର ପ୍ରଥମ ରାଜା ଥିଲେ ପ୍ରଥମ ଇନ୍ଦ୍ର ବର୍ମା । ସାମନ୍ତ ବର୍ମା, ହସ୍ତୀ ବର୍ମା, ଦ୍ୱିତୀୟ ଇନ୍ଦ୍ର ବର୍ମା, ତୃତୀୟ ଇନ୍ଦ୍ର ବର୍ମା ଓ ପ୍ରଥମ ଦେବେନ୍ଦ୍ର ବର୍ମା ଥିଲେ ଏହି ବଂଶର ଅନ୍ୟ କେତେକ ରାଜା । ହସ୍ତୀ ବର୍ମା ୫୭୭ ଖ୍ରୀଷ୍ଟାବ୍ଦରେ ନରସିଂହପଲ୍ଲୀ ତାମ୍ରଶାସନ ଓ ୫୭୮ ଖ୍ରୀଷ୍ଟାବ୍ଦରେ ଉର୍ଲାମ ତାମ୍ର ଶାସନ ପ୍ରଦାନ କରିଥିଲେ । ଏଥିରେ ସେ ନିଜକୁ 'ରାଜସିଂହ' ଓ 'ରଣଭୀତ' (ଯାହାଙ୍କ ରଣ ଭୀତିପ୍ରଦାନ କରୁଥିଲା) ବୋଲି ଘୋଷଣା କରିଥିଲେ । ତୃତୀୟ ଇନ୍ଦ୍ର ବର୍ମାଙ୍କ ରାଜତ୍ୱ କାଳରେ ହୁଏନସାଂ କଳିଙ୍ଗ ଭ୍ରମଣରେ ଆସିଥିଲେ । ହୁଏନସାଂଙ୍କ ବିବରଣୀ ଅନୁଯାୟୀ ସେତେବେଳେ ଗଙ୍ଗ ଶାସିତ କଳିଙ୍ଗ ଏକ ସ୍ୱାଧୀନ ରାଜ୍ୟ ଥିଲା ଏବଂ ଏହାର ଉତ୍ତର ଦିଗରେ କଙ୍ଗୋଦ, ଦକ୍ଷିଣରେ ବେଙ୍ଗୀ ଓ ଉତ୍ତର-ପଶ୍ଚିମରେ କୋଶଳ ରାଜ୍ୟ ରହିଥିଲା । ରାଜଧାନୀ କଳିଙ୍ଗନଗରର ପରିଧି ପ୍ରାୟ ଚାରି ମାଇଲ ଥିଲା ଏବଂ ଏହା ଏକ ସମୃଦ୍ଧ ନଗରୀ ରୂପେ ଖ୍ୟାତି ଲାଭ କରିଥିଲା । ପଞ୍ଚମ ଦେବେନ୍ଦ୍ର ବର୍ମା ଥିଲେ ପୂର୍ବ ଗଙ୍ଗବଂଶର ଶେଷ ରାଜା । ତାଙ୍କ ପରେ ଏକାଦଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍ତର ଗଙ୍ଗବଂଶ ବା ପରବର୍ତ୍ତୀ ଗଙ୍ଗବଂଶର ଉତ୍ଥାନ ଘଟିଥିଲା ।

## ଶୈଳୋଦ୍ଭବ ରାଜବଂଶ

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ମଧ୍ୟଭାଗରୁ ଶୈଳୋଦ୍ଭବ ରାଜବଂଶ କଙ୍ଗୋଦ ମଣ୍ଡଳରେ ଶାସନ କରିଥିଲେ । ଅଷ୍ଟମ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ (୭୨୫ ଖ୍ରୀଷ୍ଟାବ୍ଦ) ସେମାନଙ୍କର ଶାସନ ରହିଥିଲା । ଶୈଳୋଦ୍ଭବ ଶାସନର ଏକ ଐତିହାସିକ ମହତ୍ତ୍ୱ ହେଲା, ପ୍ରୟୋଜନୀୟ ଐତିହାସିକ ତଥ୍ୟ ପ୍ରମାଣ ଉପଲବ୍‌ଧ ହେବା ଯୋଗୁଁ ଏହି ସମୟରୁ ଓଡ଼ିଶାର ଇତିହାସ କ୍ରମଶଃ ସ୍ପଷ୍ଟତର ହେବାକୁ ଲାଗିଲା । ଖାରବେଳଙ୍କ ପରବର୍ତ୍ତୀ ସମୟରୁ ଦୀର୍ଘ ୮୦୦ ବର୍ଷ ଧରି ଇତିହାସ ରଚନା ଯେଉଁ ଅସ୍ପଷ୍ଟତା ମଧ୍ୟରେ ଗତି କରିଥିଲା, ତାହା ଶୈଳୋଦ୍ଭବ ଶାସନ ସମୟରୁ ଆଉ ପରିଲକ୍ଷିତ ହେଲାନାହିଁ । ଶୈଳୋଦ୍ଭବ ଶାସନ ତଥା ସମସାମୟିକ ସମାଜ ଓ ସଂସ୍କୃତିର ଅଧ୍ୟୟନ କରିବା ପାଇଁ ଅନେକ ତାମ୍ରଶାସନ ଉପଲବ୍ଧ ହେଲା । ଏହା ବ୍ୟତୀତ ଏହି ସମୟରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶା ଭ୍ରମଣ କରିଥିଲେ, ଯାହା ତାଙ୍କ ରଚିତ ବିବରଣୀରେ ବର୍ଣ୍ଣିତ ହୋଇଛି । ଇତିହାସ ରଚନାପାଇଁ ଏହା ନିର୍ଭରଯୋଗ୍ୟ ପ୍ରାମାଣିକ ନିଦର୍ଶନ ରୂପେ ଗୃହୀତ ହେଲା ।

ଐତିହାସିକ ଡି. କେ. ଗାଙ୍ଗୁଲି ଶୈଳୋଦ୍ଭବ ଶାସନର ବଂଶାବଳୀକୁ ନିମ୍ନକ୍ରମରେ ସ୍ଥାପିତ କରିଛନ୍ତି ।

### ଶୈଳୋଦ୍ଭବ ବଂଶାବଳୀ

୧ । ପ୍ରଥମ ଧର୍ମରାଜ ରଣଭୀତ (୫୫୦-୫୭୫ ଖ୍ରୀ. ପ୍ରାୟ)

୨ । ପ୍ରଥମ ମାଧବରାଜ ସୈନ୍ୟଭୀତ (୫୭୫-୬୦୦ ଖ୍ରୀ. ପ୍ରାୟ)

୩ । ଛରମ୍ଫରାଜ ପ୍ରଥମ ଅଯଶୋଭୀତ (୬୦୦-୬୧୫ ଖ୍ରୀ. ପ୍ରାୟ)

୪ । ଦ୍ୱିତୀୟ ମାଧବରାଜ ଦ୍ୱିତୀୟ ସୈନ୍ୟଭୀତ (୬୧୫-୬୬୫ ଖ୍ରୀ. ପ୍ରାୟ)

୫ । ପ୍ରଥମ ମଧ୍ୟମରାଜ ଦ୍ୱିତୀୟ ଅଯଶୋଭୀତ (୬୬୫-୬୯୫ ଖ୍ରୀ. ପ୍ରାୟ)

୬ । ଧର୍ମରାଜ ଶୀମନଭୀତ (୬୯୫-୭୨୫ ଖ୍ରୀ. ପ୍ରାୟ)

୭ । ଦ୍ୱିତୀୟ ମଧ୍ୟମରାଜ — ୯ । ଅଲ୍ଲପରାଜ

୮ । ରଣକ୍ଷୋଭ — ୧୦ । ତୃତୀୟ ମଧ୍ୟମରାଜ

କଙ୍ଗୋଦମଣ୍ଡଳ ରାଜ୍ୟ କଳିଙ୍ଗ ଓ ଓଡ୍ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଉତ୍ତରରେ ମହାନଦୀଠାରୁ ଦକ୍ଷିଣରେ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କଙ୍ଗୋଦରେ ଶାସନ କରୁଥିବା ଶୈଳୋଦ୍ଭବ ବଂଶ ଉତ୍ତର ଭାରତରେ ଆଧିପତ୍ୟ ବିସ୍ତାର କରିଥିବା ହର୍ଷବର୍ଦ୍ଧନ, ଶଶାଙ୍କ ଓ ପୁଲକେଶୀଙ୍କ ସମସାମୟିକ ଥିଲେ । କଙ୍ଗୋଦ ପ୍ରଥମେ ଶଶାଙ୍କଙ୍କର ସାମନ୍ତ ରାଜ୍ୟ ଥଲା । ତାଙ୍କ ପରାଜୟ ପରେ ତାହା ହର୍ଷବର୍ଦ୍ଧନଙ୍କ ସାମନ୍ତ ରାଜ୍ୟ ହେଲା । ମାତ୍ର ଉତ୍ତର ଭାରତର ଏହି ରାଜାମାନଙ୍କ ମଧ୍ୟରେ ଲାଗିରହିଥିବା କଳହ ଓ ଯୁଦ୍ଧର ସୁଯୋଗ ନେଇ କଙ୍ଗୋଦ ଶୈଳୋଦ୍ଭବ ମାନଙ୍କର ନେତୃତ୍ୱରେ କେବେ କେବେ ସ୍ୱାଧୀନ ରାଜ୍ୟ ରୂପେ ପ୍ରତିଷ୍ଠିତ ହେବାକୁ ମଧ୍ୟ ଅବସର ପାଇଥିଲା ।

ଶୈଳୋଦ୍ଭବକାଳୀନ ଏକ ତାମ୍ରଶାସନରେ ଏହି ବଂଶର ଉତ୍ପତ୍ତି ପ୍ରସଙ୍ଗ ଏକ କିମ୍ବଦନ୍ତୀ ଭାବରେ ରହିଛି । କିମ୍ବଦନ୍ତୀ ଅନୁଯାୟୀ କଳିଙ୍ଗ ରାଜ୍ୟରୁ ଅରାଜକତା ଦୂର କରିବା ନିମନ୍ତେ ଏକଦା ରାଜା ପୁଳିନ୍ଦସେନ ଶିବ ଉପାସନା କଲେ । ଏହାର ଫଳ ସ୍ୱରୂପ ଏକ ବିଶାଳ ଶିଳା ଦ୍ୱିଖଣ୍ଡିତ ହୋଇ ତହିଁରୁ ଜଣେ ରାଜପୁରୁଷ ଆବିର୍ଭୂତ ହେଲେ । ଶୈଳୋଦ୍ଭବ ନାମରେ ପରିଚିତ ଏହି ରାଜପୁରୁଷ କଙ୍ଗୋଦ ରାଜ୍ୟ ପ୍ରତିଷ୍ଠା କରି ଅରାଜକତା ଦୂର କଲେ । ଯଦି ଇତିହାସ ଦୃଷ୍ଟିରୁ କିମ୍ବଦନ୍ତୀଟିର ବିଶ୍ଳେଷଣ କରାଯାଏ, ତେବେ ଶୈଳୋଦ୍ଭବମାନେ ହେବେ ପାର୍ବତ୍ୟ ଅଞ୍ଚଳର ଅଧିବାସୀ । ଐତିହାସିକମାନେ ପୁଳିନ୍ଦ ଓ ଶୈଳଜକୁ ଶବର ପରି ମହେନ୍ଦ୍ରଗିରିର ଏକ ଆଦିବାସୀ ଜାତି ବୋଲି ଚିହ୍ନିତ କରନ୍ତି । ରାଜବଂଶଜ ନ ହେବା ସତ୍ତ୍ୱେ ସେମାନେ ରାଜ୍ୟ ଶାସନ କରିଥିବାରୁ ନିଜକୁ ଲୋକସ୍ୱୀକୃତ ତଥା ଗ୍ରହଣୀୟ କରିବାପାଇଁ ସମ୍ଭବତଃ କିମ୍ବଦନ୍ତୀର ଆଶ୍ରୟ ନେଇଥିଲେ ।

ଏହି ବଂଶର ପ୍ରତିଷ୍ଠାତା ଓ ପ୍ରଥମ ରାଜା ଶୈଳୋଦ୍ଭବଙ୍କ ସମ୍ବନ୍ଧରେ କୌଣସି ବିଶେଷ ସୂଚନା ଏ ପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହିଁ । ତେଣୁ ଦ୍ୱିତୀୟ ରାଜା ପ୍ରଥମ ଧର୍ମରାଜ ରଣଭୀତଙ୍କୁ ଶୈଳୋଦ୍ଭବ ବଂଶର ପ୍ରକୃତ ପ୍ରତିଷ୍ଠାତା ରୂପେ ମାନ୍ୟତା ଦିଆଯାଏ । ଗୁପ୍ତାବ୍ଦ ୨୫୦ ବା ୫୬୯ ଖ୍ରୀଷ୍ଟାବ୍ଦରେ ତାଙ୍କଦ୍ୱାରା ପ୍ରଦତ୍ତ ସୁମଣ୍ଡଳ ତାମ୍ରଶାସନରୁ ଜଣାଯାଏ ଯେ, ସେ ବିଗ୍ରହ ବଂଶର ରାଜା ପୃଥିବୀ ବିଗ୍ରହଙ୍କର ସାମନ୍ତ ରାଜା ଥିଲେ । ୬୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶୈଳୋଦ୍ଭବମାନେ ବିଗ୍ରହ ରାଜ୍ୟର ସାମନ୍ତ ଥିବାର ପ୍ରମାଣ ରହିଛି । ବିଗ୍ରହମାନଙ୍କର ପତନର ସୁଯୋଗ ନେଇ ଛରମ୍ପରାଜ ପ୍ରଥମ ଅଯଶୋଭୀତ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଶେଷରେ କଙ୍ଗୋଦକୁ ସ୍ୱାଧୀନ ଘୋଷଣା କଲେ । ସେ ପ୍ରଦାନ କରିଥିବା ନୂଆପଲ୍ଲୀ ତାମ୍ରଶାସନରୁ ଜଣାଯାଏ ଯେ, ତାଙ୍କ ସମୟରେ କଙ୍ଗୋଦରେ ପ୍ରଶାସନର ସୁବିଧା ଲାଗି ଅନେକ ସାମନ୍ତ ଓ ରାଜକର୍ମଚାରୀ ରହିଥିଲେ । ରାଜକର୍ମଚାରୀଙ୍କ ମଧ୍ୟରେ ରହିଥିଲେ ଶ୍ରୀସାମନ୍ତ, ମହାସାମନ୍ତ, ଦଣ୍ଡନାୟକ, କୁମାରାମାତ୍ୟ, ଉପାରିକ ଓ ଆୟୁକ୍ତଙ୍କ । ବିଜୟ କଙ୍ଗୋଦ ବାସକ ଥିଲା ତାଙ୍କର ରାଜଧାନୀ ।

ଦ୍ୱିତୀୟ ମାଧବରାଜଙ୍କ ସମୟରେ କଙ୍ଗୋଦ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କଙ୍କର ସାମନ୍ତ ରାଜ୍ୟ ଥିଲା ବୋଲି ଗଞ୍ଜାମ ତାମ୍ର ଶାସନରୁ ଜଣାପଡ଼େ । ଶଶାଙ୍କ କୌଣସି ଯୁଦ୍ଧ ମାଧ୍ୟମରେ ନୂଆ କରି

ଶୈଳୋଦ୍ଭବମାନଙ୍କୁ ପରାସ୍ତ କରିଥିବାର ପ୍ରମାଣ ନାହିଁ । ତେଣୁ ମନେହୁଏ, ବିଗ୍ରହମାନେ ଶଶାଙ୍କ ରାଜାଙ୍କର ସାମନ୍ତ ଥିଲେ ଏବଂ ଶୈଳୋଦ୍ଭବ ରାଜା ବିଗ୍ରହମାନଙ୍କ ନିୟନ୍ତ୍ରଣରୁ ସ୍ୱାଧୀନ ହୋଇ ସିଧାସଳଖ ଶଶାଙ୍କଙ୍କର 'ମହାସାମନ୍ତ' ହେବାର କ୍ଷମତା ହାସଲ କରିଥିଲେ, ଯାହା ଅନେକ କାଳ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ଖ୍ରୀ.୬୨୦ ପୂର୍ବରୁ ଶଶାଙ୍କ ଓଡ୍ର, ଦଣ୍ଡଭୁକ୍ତି ଓ ଉତ୍କଳ ଅଧିକାର କରିଥିଲେ । ତାଙ୍କର କଙ୍ଗୋଦ ଆକ୍ରମଣ କଥା କେଉଁଠାରେ ଉଲ୍ଲେଖ ନାହିଁ । ଅନ୍ୟ ପକ୍ଷରେ ଶୈଳୋଦ୍ଭବ ରାଜା ମାଧବରାଜ ୬୨୦ ଖ୍ରୀଷ୍ଟାବ୍ଦରେ ନିଜକୁ ଶଶାଙ୍କଙ୍କର 'ମହାସାମନ୍ତ' ବୋଲି ଘୋଷଣା କରିଛନ୍ତି । ଏହାର ଅର୍ଥ ହେବ, କଙ୍ଗୋଦ ପୂର୍ବରୁ ଶଶାଙ୍କଙ୍କର ଅଧିକାରଭୁକ୍ତ ଥିଲା । ଖ୍ରୀ ୬୨୫ରେ ଶଶାଙ୍କଙ୍କର ମୃତ୍ୟୁ ପରେ ମାଧବରାଜ ନିଜକୁ ସ୍ୱାଧୀନ ଘୋଷଣା କଲେ । ଅଶ୍ୱମେଧ ଯଜ୍ଞ ଆୟୋଜନ କରି ନିଜକୁ ସକଳ କଳିଙ୍ଗାଧିପତି ବୋଲି ନାମିତ କଲେ । ମାତ୍ର ୬୪୨ରେ ହର୍ଷବର୍ଦ୍ଧନ କଙ୍ଗୋଦ ଅଧିକାର କରି ପୁନଶ୍ଚ ଶୈଳୋଦ୍ଭବ ମାନଙ୍କୁ ସାମନ୍ତ ପଦରେ ରଖିଲେ । ୬୪୭ରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ଶୈଳୋଦ୍ଭବମାନେ ପୁନର୍ବାର ନିଜକୁ ସ୍ୱାଧୀନ ଘୋଷଣା କଲେ ।

ଶୈଳୋଦ୍ଭବମାନଙ୍କ ସମୟରେ ଜ୍ୟେଷ୍ଠାଧିକାର ନିୟମ ରହିଥିଲା, ମାତ୍ର କନିଷ୍ଠ ମାଧବ ରାଜ ନାମକ ଜଣେ ଶୈଳୋଦ୍ଭବ ରାଜା ତାକୁ ଉଲ୍ଲଙ୍ଘନ କରିଥିବାର ନଜିର ମଧ୍ୟ ରହିଛି । ଶୈଳୋଦ୍ଭବମାନେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ, ଯଦିଓ ସେତେବେଳକୁ କଳିଙ୍ଗରେ ବୌଦ୍ଧ ଓ ଜୈନ ଧର୍ମର ପ୍ରସାର ଊଣା ନଥିଲା । ରାଜା ଦ୍ୱିତୀୟ ଧର୍ମରାଜଙ୍କ ରାଣୀ ରାଜାଙ୍କ ବିପରୀତ ଜୈନ ଧର୍ମର ପୃଷ୍ଠପୋଷକତା କରିଥିବାର ଉଲ୍ଲେଖ ରହିଛି । ଏଥିରୁ ମନେହୁଏ ଯେ, ଧର୍ମ ଆଧାରରେ ଲୋକେ ନିଜକୁ ଭାଗ ଭାଗ କରୁ ନଥିଲେ ଏବଂ ଗୋଟିଏ ପରିବାରରେ ମଧ୍ୟ ଏକାଧିକ ଧର୍ମର ପ୍ରବେଶ ରହିଥିଲା । ରାଜ୍ୟ ବିସ୍ତାରପାଇଁ ଶୈଳୋଦ୍ଭବମାନେ ଅଶ୍ୱମେଧ ଓ ବାଜପେୟ ଯଜ୍ଞକୁ ମାଧ୍ୟମ କରିଥିବାର ଉଦାହରଣ ରହିଛି । ଯେଉଁ ରାଜା ବଶ୍ୟତା ସ୍ୱୀକାର କରିବାକୁ ଅନିଚ୍ଛୁକ ଥିଲେ କେବଳ ସେହି ରାଜାଙ୍କ ବିରୁଦ୍ଧରେ ଯଜ୍ଞର ଆୟୋଜକ ବା ରାଜ୍ୟ ବିସ୍ତାରପାଇଁ ଆଗ୍ରହୀ ରାଜା ଯୁଦ୍ଧ କରୁଥିଲେ । ବଶ୍ୟତା ସ୍ୱୀକାର କରି କେତେକ ରାଜା ସାମନ୍ତ ସ୍ତରକୁ ଅବନୀତ ହେଉଥିବା ବେଳେ ଯଜ୍ଞ ଆୟୋଜନ କରି ଅନ୍ୟ କେତେକ ରାଜା ବିଶାଳ ସାମ୍ରାଜ୍ୟର ଅଧିକାରୀ ହେଉଥିଲେ । ସାମନ୍ତ ରାଜା ଉପରିସ୍ଥ ରାଜାକୁ ଉପହାର, ଭେଟି ଆଦି ଦେଇ ନିଜ କ୍ଷେତ୍ରରେ କର୍ତ୍ତୃତ୍ୱ ବଜାୟ ରଖୁଥିଲେ । ଏହିଭଳି ଭାବେ ସ୍ତରକୁ ସ୍ତର ହୋଇ ରାଜାମାନଙ୍କ ମଧ୍ୟରେ ଏକ ସାମନ୍ତୀ ସମ୍ବନ୍ଧ ଗଢ଼ି ଉଠୁଥିଲା । ଶୈଳୋଦ୍ଭବ ଶାସନ ସମୟର ଓଡ୍ର ଓ କଙ୍ଗୋଦରେ ଏହା ପରିଲକ୍ଷିତ ହୁଏ ।

ଶୈଳୋଦ୍ଭବ ଶାସନ କାଳର ଏକ ବଡ଼ ଐତିହାସିକ ଘଟଣା ହେଲା ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଓଡ଼ିଶା ଭ୍ରମଣ । ହୁଏନସାଂ ସମ୍ଭବତଃ ୬୩୯ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଓଡ୍ର, କଳିଙ୍ଗ, କଙ୍ଗୋଦ ଓ କୋଶଳ ରାଜ୍ୟ ଭ୍ରମଣ କରିଥିଲେ । ତାଙ୍କ ବିବରଣୀରେ ଏହାର ଉଲ୍ଲେଖ ରହିଛି । ଓଡ୍ର, ଯାହାକୁ ସେ ୟୁ ଚା ବୋଲି ଲେଖିଛନ୍ତି, ତାହା ସେତେବେଳେ ହର୍ଷବର୍ଦ୍ଧନଙ୍କ ନିୟନ୍ତ୍ରଣରେ

ଥିଲା । ହର୍ଷବର୍ଦ୍ଧନଙ୍କଦ୍ୱାରା ନିଯୁକ୍ତ ଜଣେ ସାମରିକ ଅଧିକାରୀ ଏହାର ପ୍ରଶାସନ ଦାୟିତ୍ୱରେ ରହିଥିଲେ । ବର୍ତ୍ତମାନ ବଙ୍ଗର ମେଦିନିପୁର ଓ ଓଡ଼ିଶାର ଉପକୂଳ  ଜିଲ୍ଲା ବାଲେଶ୍ୱର, କଟକ ଓ ପୁରୀର କିଛି ଅଂଶକୁ ନେଇ ଓଡ୍ର ରାଜ୍ୟ ଗଠିତ ହୋଇଥିଲା ।

ହୁଏନ୍‌ସାଂ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଓଡ୍ର ଅଞ୍ଚଳର ଲୋକଙ୍କର ବର୍ଣ୍ଣ ଶ୍ୟାମଳ, ଆକୃତି ଦୀର୍ଘ ଓ ସ୍ୱଭାବ ଉଗ୍ର ଥିଲା । ସେମାନଙ୍କ ଭାଷା ଓ ଭାବ ମଧ୍ୟ-ଭାରତରୁ ଭିନ୍ନ ଥିଲା । ରାଜ୍ୟରେ ମହାଯାନ ବୌଦ୍ଧଙ୍କର ପ୍ରଭାବ ରହିଥିଲା । ପ୍ରାୟ ଶହେଟି ବୌଦ୍ଧ ବିହାରରେ ଅନ୍ୟୂନ ଦଶ ହଜାର ବୌଦ୍ଧ ଭିକ୍ଷୁ ରହିଥିଲେ । ଅନେକ ମନ୍ଦିର ଏହି ରାଜ୍ୟରେ ରହିଥିବାର ହୁଏନ୍‌ସାଂ ଲେଖିଛନ୍ତି । ବିବରଣୀରେ ପୁଷ୍ପଗିରି (ପୁସି ପୋକିଲି)ର ଉଲ୍ଲେଖ ରହିଛି- ଯାହା ବୌଦ୍ଧବିହାର ଭାବରେ ଖୁବ୍ ପ୍ରସିଦ୍ଧି ଅର୍ଜନ କରିଥିଲା । ଏହା ବ୍ୟତୀତ ହୁଏନସାଂ ଓଡ୍ର ରାଜ୍ୟର ଦକ୍ଷିଣ-ପଶ୍ଚିମ ଉପକୂଳରେ 'ଚେଲିତାଲୋ' ନାମକ ଏକ ସହର ଥିବାର ବର୍ଣ୍ଣନା କରିଛନ୍ତି । ଏହା ସାମୁଦ୍ରିକ ବାଣିଜ୍ୟର ଏକ ପ୍ରମୁଖ କେନ୍ଦ୍ର ଥିଲା । ଐତିହାସିକମାନେ ଏହି ସହରକୁ 'ଶ୍ରୀକ୍ଷେତ୍ର' ପୁରୀ ସହ ଚିହ୍ନିତ କରନ୍ତି ।

କଙ୍ଗୋଦକୁ 'କଙ୍ଗ ୟୋ ତୋ' ବୋଲି ଉଲ୍ଲେଖ କରି ହୁଏନ୍‌ସାଂ ଲେଖିଛନ୍ତି ଏହା ଏକ ପାର୍ବତ୍ୟ ରାଜ୍ୟ ଥିଲା । ଲୋକଙ୍କର ବର୍ଣ୍ଣ ଶ୍ୟାମଳ ଏବଂ ସ୍ୱଭାବ ପରାକ୍ରମୀ ଥିବାର ଉଲ୍ଲେଖ ରହିଛି । କଙ୍ଗୋଦର ଲୋକେ ବ୍ୟବହାର କରୁଥିବା ଲିପି ଓ ମଧ୍ୟ-ଭାରତର ଲିପି ମଧ୍ୟରେ ପାର୍ଥକ୍ୟ ନଥିଲେ ମଧ୍ୟ, ଶୈଳୀରେ ପାର୍ଥକ୍ୟ ରହିଥିଲା । ହୁଏନ୍‌ସାଂଙ୍କ ଅନୁଯାୟୀ କଙ୍ଗୋଦରେ ବୌଦ୍ଧଧର୍ମ ଅବକ୍ଷୟଗାମୀ ଥିଲା । ମାତ୍ର ରାଜ୍ୟରେ ଶତାଧିକ ହିନ୍ଦୁ ଦେବଦେବୀ ମନ୍ଦିର ରହିଥିଲା ଓ ପ୍ରାୟ ଦଶ ହଜାର  ଜୈନ ସନ୍ୟାସୀ ରହିଥିଲେ । ବ୍ୟବସାୟୀମାନେ କଉଡ଼ିକୁ ବିନିମୟର ମାଧ୍ୟମ ରୂପେ ବ୍ୟବହାର କରୁଥିଲେ । କଙ୍ଗୋଦରେ ଉଚ୍ଚକୋଟୀର ହସ୍ତୀ ରହିଥିଲେ- ଯାହାକୁ ବାହାର ରାଜ୍ୟଗୁଡ଼ିକ କଙ୍ଗୋଦରୁ ଆମଦାନୀ କରୁଥିଲେ ।

କି ଲିଙ୍ଗ କିଆ (କଳିଙ୍ଗ) ଭ୍ରମଣ କରି ହୁଏନ୍‌ସାଂ ଲେଖିଛନ୍ତି ଯେ କଙ୍ଗୋଦ ପରି କଳିଙ୍ଗ ରାଜ୍ୟର ରାଜାମାନେ ମଧ୍ୟ ଉଚ୍ଚକୋଟୀର ହସ୍ତୀ ରପ୍ତାନି କରୁଥିଲେ । ଲୋକଙ୍କର ଭାଷା ମଧ୍ୟ-ଭାରତରେ ପ୍ରଚଳିତ ଭାଷାଠାରୁ ପୃଥକ ଥିଲା । ଶତାଧିକ ଦେବମନ୍ଦିର ସହିତ କଳିଙ୍ଗରେ ଅନେକ ବୌଦ୍ଧ ବିହାର ରହିଥିବା କଥା ବିବରଣୀରେ ଉଲ୍ଲେଖ ଅଛି ।

କଳିଙ୍ଗରୁ ହୁଏନ୍‌ସାଂ କୋଶଳ ରାଜ୍ୟକୁ ଭ୍ରମଣ କରିଥିଲେ ବୋଲି ବିଶ୍ୱାସ କରାଯାଏ । କୋଶଳରେ ସେତେବେଳେ ଶରଭପୁରୀୟ ବଂଶ ଶାସନ କରୁଥିଲେ । ଆଧୁନିକ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ରାୟପୁର ଓ ବିଳାସପୁର ଅଞ୍ଚଳ କୋଶଳର ଅନ୍ତର୍ଭୁକ୍ତ ଥିଲା । ମହାଯାନପନ୍ଥୀଙ୍କର ରାଜ୍ୟରେ ପ୍ରଭାବ ରହିଥିଲା । କୋଶଳରେ ଶତାଧିକ ବୌଦ୍ଧ ବିହାର ରହିଥିବା କଥା ହୁଏନ୍‌ସାଂ ଲେଖିଛନ୍ତି । 'ପୋଲୋମଲୋକିଲି' (ପରିମଳଗିରି)ଠାରେ ଏକ ବୃହତ୍ ବୌଦ୍ଧ ବିହାର ରହିଥିବା କଥା ବିବରଣୀରେ କୁହାଯାଇଛି । ଆଧୁନିକ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପର୍ବତାଞ୍ଚଳକୁ ପରିମଳ ଗିରି ବୋଲି ଐତିହାସିକମାନେ ଚିହ୍ନିତ କରନ୍ତି । ବୌଦ୍ଧ ବିହାର ବ୍ୟତୀତ ଅନେକ ସଂଖ୍ୟାରେ

ଦେବମନ୍ଦିର ମଧ୍ୟ ରାଜ୍ୟରେ ରହିଥିବା କଥା ବିବରଣୀରେ କୁହାଯାଇଛି । କୋଶଳରୁ ହୁଏନ୍‌ସାଂ ଆନ୍ଧ୍ର ଅଭିମୁଖେ ଯାତ୍ରା କରିଥିଲେ ବୋଲି ବିଶ୍ୱାସ କରାଯାଏ ।

ହୁଏନ୍‌ସାଂଙ୍କ ବିବରଣୀରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ସେତେବେଳେ ଓଡ଼ିଶାର ବିଭିନ୍ନ ରାଜ୍ୟ ତଥା ଓଡ୍ର, କଳିଙ୍ଗ ଓ କଙ୍ଗୋଦରେ ବ୍ୟବହୃତ ହେଉଥିବା ଭାଷା ମଧ୍ୟ-ଭାରତରୁ ପୃଥକ ଥିଲା । ଯଦିଓ ଏହି ତିନି ରାଜ୍ୟରେ ବ୍ୟବହୃତ ଭାଷା ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଥିଲା, କୌଣସିଠାରେ ତା'ର ଉଲ୍ଲେଖ ନାହିଁ; ଭାଷା ଭିତ୍ତିରେ ଓଡ଼ିଶାର ରାଜ୍ୟଗୁଡ଼ିକ ଏକ ସ୍ୱତନ୍ତ୍ର ପରିଚୟ ରଖୁଥିଲେ । ତେଣୁ, ଅନେକ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇଥିବା ସତ୍ତ୍ୱେ ବାହାର ଅଞ୍ଚଳରେ କଳିଙ୍ଗ ଗୋଟିଏ ଅଞ୍ଚଳ ବୋଲି ପରିଗଣିତ ହେଉଥିଲା । ଏହି ଆଧାରରେ ଶୈଳୋଦ୍ଭବ ରାଜାମାନେ ଏବଂ ତାଙ୍କ ପୂର୍ବରୁ ଅନ୍ୟ ରାଜାମାନେ ନିଜକୁ 'ସକଳ କଳିଙ୍ଗାଧିପତି' ନାମରେ ପରିଚୟ ଦେବାରେ ଗୌରବ ଅନୁଭବ କରୁଥିଲେ ।

ଅଷ୍ଟମ ଶତାବ୍ଦୀର ଆରମ୍ଭରେ ଶୈଳୋଦ୍ଭବ ଶାସନର ପତନ ହେଲା । ଭୌମକର ବଂଶର ରାଜା ପ୍ରଥମ ଶିବକର ଦେବ ଉନ୍ମତ୍ତ କେଶରୀ ସେମାନଙ୍କୁ କଙ୍ଗୋଦରୁ ବିତାଡ଼ିତ କଲେ । ରାଜ୍ୟରୁ ବିତାଡ଼ିତ ହେବା ପରେ ଅଲ୍ଲପରାଜ ନାମକ ଜଣେ ଶୈଳୋଦ୍ଭବଙ୍କୁ ନସୁଣ୍ଡା ପର୍ବତରେ ଅଭିଷେକ କରାଯାଇଥିଲା । ଅର୍ଥାତ୍ ଶୈଳୋଦ୍ଭବମାନେ ଭୌମକର ବଂଶର ଉଦୟ ପରେ ପୁଣି ପାର୍ବତ୍ୟ ଅଞ୍ଚଳକୁ ଚାଲି ଯାଇଥିବାର ଅନୁମାନ କରାଯାଏ ।

■ ■ ■

# ଭୌମକର ଶାସନ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଆଦ୍ୟ ଭାଗରେ ଶୈଳୋଦ୍ଭବ ରାଜତ୍ୱର ପତନ ସମୟରେ ଓଡ଼ିଶାର ତୋଷାଳୀ କ୍ଷେତ୍ରରେ ଭୌମକରମାନେ ଏକ ରାଜ୍ୟ ପ୍ରତିଷ୍ଠା କରି ରାଜତ୍ୱ ଆରମ୍ଭ କଲେ । ତୋଷାଳୀ ରାଜ୍ୟ ଏହି ସମୟରେ ଉତ୍ତରରେ ଦଣ୍ଡଭୁକ୍ତି (ମେଦିନିପୁର)ଠାରୁ ଆରମ୍ଭ କରି ଦକ୍ଷିଣରେ ମହେନ୍ଦ୍ର ପର୍ବତ (ଗଞ୍ଜାମ) ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ପ୍ରାୟ ଦୁଇଶହ ବର୍ଷ ଧରି (ଖ୍ରୀ.୭୩୬ ରୁ ଖ୍ରୀ.୯୨୩) ଭୌମକରମାନେ ରାଜ୍ୟ ଶାସନ କରିଥିଲେ । ଉପକୂଳ ଅଞ୍ଚଳ ବ୍ୟତୀତ ସେମାନେ ପଡୋଶୀ କଳିଙ୍ଗ ଓ ଓଡ୍ର ଅଞ୍ଚଳଗୁଡ଼ିକୁ ମଧ୍ୟ ନିଜ ଅଧୀନକୁ ଆଣିବାକୁ ଅନେକ ସମୟରେ ଉଦ୍ୟମ କରୁଥିଲେ ଏବଂ ସେହି ଆଧାରରେ କେତେକ ଭୌମକର ରାଜା ନିଜକୁ 'ସକଳ କଳିଙ୍ଗାଧିପତି' ବୋଲି ଘୋଷଣା କରିଥିଲେ । ସେମାନେ ନିଜକୁ ଉତ୍କଳର ବୋଲି ମଧ୍ୟ କହୁଥିଲେ । ପ୍ରାକୃତିକ ଓଡ଼ିଶା ବାହାରେ ବଙ୍ଗର ରାଢ଼ ରାଜ୍ୟ ସହ ଯୁଦ୍ଧ କରି ସେମାନେ ବିଜୟୀ ହୋଇଥିବାର ପ୍ରମାଣ ରହିଛି । ଗୁହଦେବ ପାଟକ (ଯାଜପୁର କ୍ଷେତ୍ର) ସେମାନଙ୍କର ରାଜଧାନୀ ଥିଲା । ଅନେକ ଭୌମରାଜା ବୌଦ୍ଧ ଉପାସକ ଥିଲେ, ମାତ୍ର ବ୍ରାହ୍ମଣ୍ୟ ଧର୍ମ ଓ ତା'ର ବର୍ଣ୍ଣଭେଦ ନୀତିର ପ୍ରଭାବ ମଧ୍ୟ ସେମାନଙ୍କ ଉପରେ ପ୍ରଭୂତ ମାତ୍ରାରେ ରହିଥିଲା । ବିଶେଷକରି ବୌଦ୍ଧଧର୍ମର ଅହିଂସା ନୀତିର ସେମାନେ ଅନୁଗାମୀ ନଥିଲେ । ଏହି ବଂଶର ଅନ୍ୟୁନ ଛଅ ଜଣ ରାଣୀ ରାଜ୍ୟ ଶାସନ କରିଥିବାର ଦୃଷ୍ଟାନ୍ତ ରହିଛି । ଅଷ୍ଟମ ଓ ନବମ ଶତାବ୍ଦୀର ସାମାଜିକ ପରିବେଶରେ ରାଣୀମାନଙ୍କର ରାଜ୍ୟ ଶାସନର ଦୃଷ୍ଟାନ୍ତ ଭାରତ ଇତିହାସରେ ଅନ୍ୟ କେଉଁଠି ନାହିଁ । ଏହି ଦୃଷ୍ଟିରୁ ଭୌମକର ରାଜବଂଶର ଐତିହାସିକ ମହତ୍ତ୍ୱ ସମକାଳୀନ ଭାରତରେ ଖୁବ୍ ଅଧିକ ବୋଲି ମନେ କରାଯାଏ ।

ବିଂଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ଭୌମକର ରାଜବଂଶ ସମ୍ବନ୍ଧରେ ଐତିହାସିକମାନଙ୍କୁ କିଛି ଜଣାନଥିଲା । ବିଂଶ ଶତାବ୍ଦୀର ଆରମ୍ଭରେ କେତେକ ତାମ୍ରଶାସନ ଓ ଶିଳାଲେଖ ଆବିଷ୍କୃତ

ହେଲା ଏବଂ ତହିଁରୁ ତୋଷାଳୀ ରାଜ୍ୟରେ ଦୀର୍ଘ କାଳ ଧରି ରାଜ୍ୟ ଶାସନ କରିଥିବା ଏହି ରାଜବଂଶ ବିଷୟ ଲୋକ ଲୋଚନକୁ ଆସିଲା । ଏପରିକି ସମକାଳୀନ ମାଦଳାପାଞ୍ଜିରେ ମଧ୍ୟ ଭୌମମାନଙ୍କ ବିଷୟରେ କୌଣସି ସୂଚନା ନାହିଁ । ପଣ୍ଡିତ ବିନାୟକ ମିଶ୍ର ନାମକ ଜଣେ ବିଦ୍ୱାନ ଭୌମ ତାମ୍ର ଶାସନଗୁଡିକୁ ସଂକଳିତ ଓ ବିଶ୍ଳେଷଣ କରି ପୁସ୍ତକ ଆକାରରେ (Orissa Under the Bhauma Kings) ପ୍ରକାଶ କଲା ପରେ ଏହି ରାଜବଂଶ ସଂପର୍କରେ ଇତିହାସ ଛାତ୍ରମାନଙ୍କ ବିଶେଷ ଦୃଷ୍ଟି ଆକର୍ଷିତ ହେଲା । ବିନାୟକ ମିଶ୍ରଙ୍କ ପୁସ୍ତକ ପ୍ରକାଶନ ପରେ ଏ ମଧ୍ୟରେ ଆହୁରି ଅନେକ ଐତିହାସିକ ତଥ୍ୟ ଓ ନିଦର୍ଶନ ପ୍ରାପ୍ତ ହୋଇଛି, ଯାହା ତତ୍‌କାଳୀନ ଓଡ଼ିଶାର ଚିତ୍ର ପ୍ରସ୍ତୁତିରେ ସହାୟକ ହୁଏ । ଭୌମ ପ୍ରଦତ୍ତ ତାମ୍ର ଶାସନଗୁଡିକରେ 'ଭୌମ ରାଜା' ବୋଲି ଉଲ୍ଲେଖ ରହିଥିବା ବେଳେ ଭୌମବଂଶୀୟ ରାଜାମାନଙ୍କ ନାମରେ ସର୍ବଦା 'କର' ପ୍ରତ୍ୟୟ ଯୋଡା ହୋଇଥାଏ । ଏହି କାରଣରୁ ଐତିହାସିକମାନେ ସେମାନଙ୍କୁ 'ଭୌମ-କର' ବା 'ଭୌମକର' ବଂଶ ବୋଲି ନାମିତ କରିଥାନ୍ତି । ବର୍ତ୍ତମାନ ଇତିହାସରେ 'ଭୌମକର' ନାମରେ ସେମାନେ ପରିଚିତ ।

ଭୌମବଂଶର ଉତ୍ପତ୍ତି ସମ୍ବନ୍ଧରେ ମୁଖ୍ୟତଃ ଦୁଇଟି ମତ ଐତିହାସିକମାନେ ରଖିଥାନ୍ତି । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଭୌମମାନେ ଆସାମରୁ ଓଡ଼ିଶା ଆସିଥିଲେ । ଅଷ୍ଟମ ଶତାବ୍ଦୀରେ ଆସାମର ହର୍ଷବର୍ମନ ନାମକ ଜଣେ ରାଜା ଓଡ୍ର ଅଧିକାର କରିଥିଲେ ଏବଂ ବିଜିତ ଅଞ୍ଚଳର ପ୍ରଶାସନପାଇଁ ସାଙ୍ଗରେ ଆସିଥିବା ଭୌମମାନଙ୍କୁ ନିଯୁକ୍ତ କରିଥିଲେ । କାଳକ୍ରମେ ଭୌମମାନଙ୍କ ଉପରେ ହର୍ଷବର୍ମନଙ୍କର ନିୟନ୍ତ୍ରଣ ରହିଲା ନାହିଁ, ଯାହା ସେମାନଙ୍କୁ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରିବାରେ ସହାୟକ ହେଲା । ନେପାଳର ପଶୁପତିନାଥ ମନ୍ଦିର ଅଭିଲେଖରେ ହର୍ଷବର୍ମନଙ୍କ କନ୍ୟାଙ୍କୁ ଭବଦତ୍ତ ବଂଶଜା କୁହାଯାଇଛି । ସେହିଭଳି ଭୌମରାଜ ଚତୁର୍ଥ ଶୁଭଙ୍କର ଦେବ ପ୍ରଦତ୍ତ ତାଳଚେର ତାମ୍ରଶାସନରେ ଭୌମରାଜା ଭବଦତ୍ତ ବଂଶର ବୋଲି ଉଲ୍ଲେଖ ରହିଛି । ଏହି ଆଧାରରେ ହର୍ଷବର୍ମନ ଓ ଭୌମମାନେ ଗୋଟିଏ ବଂଶର ବୋଲି ମନେ କରାଯାଏ ।

ଅନ୍ୟ ମତ ଅନୁସାରେ, ଭୌମମାନେ ହେଲେ ଓଡ଼ିଶାର ଭୂୟାଁ ଆଦିବାସୀ ସଂପ୍ରଦାୟର । ତୋଷାଳୀରେ ରାଜ୍ୟ ସ୍ଥାପନ କଲା ପରେ ସେମାନେ ନିଜକୁ ଉଚ୍ଚବଂଶଜ ବୋଲି ପ୍ରତିଷ୍ଠା ଦେବାକୁ 'ଭୌମ' ଭାବରେ ନାମିତ କରିଥିଲେ । ଆଦିବାସୀ ସଂପ୍ରଦାୟରେ ନାରୀକୁ ପୁରୁଷ ପରି ଅଧିକାର ମିଳିଥାଏ । ସେହି କାରଣରୁ ଭୌମରାଣୀମାନଙ୍କୁ ମଧ୍ୟ ସିଂହାସନ ଆରୋହଣ କରିବାକୁ ଅବସର ମିଳିଥିଲା । ସେମାନେ 'ପରମ ଭଟ୍ଟାରକ', 'ପରମେଶ୍ୱର' ଓ 'ମହାରାଜାଧିରାଜ' ଆଦି ଉପାଧି ଗ୍ରହଣ କରି ନିଜ ବଂଶକୁ ପ୍ରତିଷ୍ଠା ଦେବାକୁ ପ୍ରୟାସ କରିଥିଲେ ।

ଭୌମ ରାଜତ୍ୱ କାଳରେ ଯେଉଁ ତାମ୍ରଶାସନମାନ ଆବିଷ୍କୃତ ହୋଇଛି, ତାହାକୁ ଆଧାର କରି ଐତିହାସିକମାନେ କ୍ରମ ଅନୁଯାୟୀ ଭୌମବଂଶାବଳୀ ସ୍ଥିର କରିଛନ୍ତି । ଏହା ନିମ୍ନରେ ପ୍ରଦାନ କରାଗଲା ।

# ଭୌମ ବଂଶାବଳୀ

କ୍ଷେମଙ୍କର ଦେବ (ଖ୍ରୀ.୭୩୬)

|

ପ୍ରଥମ ଶିବକର ଦେବ (ଖ୍ରୀ.୭୫୬-୭୮୬)

|

ପ୍ରଥମ ଶୁଭକର ଦେବ (ଖ୍ରୀ.୭୯୦-ଖ୍ରୀ.୮୦୦)

|

ଦ୍ୱିତୀୟ ଶିବକର ଦେବ (ଖ୍ରୀ. ୮୦୦-୮୨୦)

|

ପ୍ରଥମ ଶାନ୍ତିକର ଦେବ (ଖ୍ରୀ. ୮୨୦-୮୩୫)

|

ଦ୍ୱିତୀୟ ଶୁଭକର ଦେବ (ଖ୍ରୀ. ୮୩୫)

|

ତୃତୀୟ ଶୁଭକର ଦେବ (ଖ୍ରୀ.୮୩୬-୮୪୫)

|

ପ୍ରଥମ ତ୍ରିଭୁବନ ମହାଦେବୀ (ଖ୍ରୀ. ୮୪୫-୮୫୦)

|

ଦ୍ୱିତୀୟ ଶାନ୍ତିକର ଦେବ (ଖ୍ରୀ. ୮୫୦-୮୬୫)

|

ଚତୁର୍ଥ ଶୁଭକର ଦେବ (ଖ୍ରୀ.୮୬୫-୮୮୫)

|

ତୃତୀୟ ଶିବକର ଦେବ (ଖ୍ରୀ. ୮୮୫)

|

ପୃଥ୍ୱୀ ମହାଦେବୀ ବା ଦ୍ୱିତୀୟ ତ୍ରିଭୁବନ ମହାଦେବୀ (ଖ୍ରୀ.୮୯୦-୮୯୬)

|

ତୃତୀୟ ତ୍ରିଭୁବନ ମହାଦେବୀ (ଖ୍ରୀ. ୮୯୬-୯୦୫)

|

ପଞ୍ଚମ ଶୁଭକର ଦେବ

|

ଗୌରୀ ମହାଦେବୀ

|

ଦଣ୍ଡୀ ମହାଦେବୀ

|

ବକୁଳ ମହାଦେବୀ (ଖ୍ରୀ. ୯୪୦)

|

ଧର୍ମ ମହାଦେବୀ

କ୍ଷେମଙ୍କର ଦେବଙ୍କୁ ପ୍ରଥମ ଭୌମରାଜା ବୋଲି ଗ୍ରହଣ କରାଯାଏ । ସେ ଭୌମ ସମ୍ବତ ଆରମ୍ଭ କରିଥିଲେ, ଯାହାର କାଳ ନିରୂପଣ କରି ଐତିହାସିକମାନେ ତାକୁ ୭୩୬ ଖ୍ରୀଷ୍ଟାବ୍ଦ ବୋଲି କହିଛନ୍ତି । ପ୍ରଥମ ଶୁଭକର ଦେବ ପ୍ରଦତ୍ତ ନେଉଳପୁର ତାମ୍ର ଶାସନରୁ ଜଣାଯାଏ ଯେ, କ୍ଷେମଙ୍କର ବୌଦ୍ଧ ଉପାସକ ଥିଲେ ଏବଂ ସମାଜରେ ଚତୁର୍ବର୍ଣ୍ଣ ପ୍ରଥା ମଧ୍ୟ ଆରମ୍ଭ କରିଥିଲେ । ଏଥିରୁ ଅନୁମିତ ହୁଏ ଯେ, ଆଦିବାସୀ ସମାଜରେ ଜାତିପ୍ରଥାକୁ ପ୍ରଚଳନ କରି ସେ ସମାଜ ଉପରେ ରାଜନିୟନ୍ତ୍ରଣକୁ ସୁଦୃଢ଼ କରିବାକୁ ତଥା ନିଜକୁ କ୍ଷତ୍ରିୟ ସମତୁଲ କରିବାକୁ ଆବଶ୍ୟକ ପଦକ୍ଷେପ ନେଇଥିଲେ । କ୍ଷେମଙ୍କର ଦେବଙ୍କ ସମ୍ପର୍କରେ ଆଉ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ ।

ଯଦିଓ କ୍ଷେମଙ୍କର ଦେବଙ୍କ ସମୟରୁ ଭୌମବଂଶର ଆରମ୍ଭ ହୋଇଥିଲା, ପ୍ରଥମ ଶିବକର ଦେବ ଥିଲେ ଏହି ରାଜବଂଶର ପ୍ରକୃତ ପ୍ରତିଷ୍ଠାତା । ସେ ବଙ୍ଗର ରାଢ଼ରାଜ୍ୟର ରାଜାଙ୍କୁ ପରାସ୍ତ କରି ରାଜକନ୍ୟା ଜୟାବଲ୍ଲୀଙ୍କୁ ବିବାହ କରିଥିଲେ । ଶ୍ୱେତକ ଗଙ୍ଗବଂଶର ରାଜା ଜୟବର୍ମାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କୁ ସାମନ୍ତ ରାଜା ରୂପେ ସ୍ଥାପିତ କରିଥିଲେ । କଳିଙ୍ଗ ସହିତ ମଧ୍ୟ ତାଙ୍କର ଯୁଦ୍ଧ ହୋଇଥିଲା । ଜଣେ ବୌଦ୍ଧ ଉପାସକ ଭାବରେ ସେ ଚୀନ ସମ୍ରାଟ ତେ. ସଙ୍ଗଙ୍କ ପାଖକୁ ବୌଦ୍ଧ ଗ୍ରନ୍ଥ 'ଗଣ୍ଡବ୍ୟୂହ' ଉପହାର ପଠାଇଥିଲେ । ପ୍ରଥମ ଶୁଭକର ଦେବ ମଧ୍ୟ ପିତା ପ୍ରଥମ ଶିବକର ଦେବଙ୍କ ପରି ବୌଦ୍ଧ ଉପାସକ ପୁଣି ଯୁଦ୍ଧ ପିପାସୁ ଥିଲେ । ମାତ୍ର ପଶ୍ଚିମ ଭାରତର ରାଷ୍ଟ୍ରକୂଟ ରାଜାଙ୍କ ହାତରେ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା । ଭୌମକରଙ୍କ ତୋଷାଳୀ ରାଜ୍ୟ ସହିତ କଳିଙ୍ଗ, ବଙ୍ଗ, ଡହଳ ଓ ଓଡ୍ର ରାଜ୍ୟ ମଧ୍ୟ ରାଷ୍ଟ୍ରକୂଟ ରାଜାଙ୍କ ହାତରେ ପରାସ୍ତ ହୋଇଥିଲେ । ରାଷ୍ଟ୍ରକୂଟ ସୈନ୍ୟ ପ୍ରତ୍ୟାବର୍ତ୍ତନ ପରେ ଭୌମମାନେ ପ୍ରଥମ ଶୁଭକର ଦେବଙ୍କ ନେତୃତ୍ୱରେ ପୁଣି ଥରେ ନିଜକୁ ସ୍ୱାଧୀନ ଘୋଷଣା କରିଥିଲେ । ବୌଦ୍ଧଧର୍ମର ପୃଷ୍ଠପୋଷକତା କରି ପ୍ରଥମ ଶୁଭକର ବିହାର ନିର୍ମାଣ କରିଥିଲେ ଏବଂ ତହିଁରେ ଅବଲୋକିତେଶ୍ୱରଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ । ଅନ୍ୟ ପକ୍ଷରେ ତାଙ୍କ ରାଣୀ ମାଧବୀ ଦେବୀ ଯାଜପୁର ପାଖରେ ଶିବ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନାପାଇଁ ପୂଜକର ବ୍ୟବସ୍ଥା କରିଥିଲେ । ଏଥିରୁ ମନେହୁଏ ଯେ, ଭୌମ ରାଜ ପରିବାରରେ ଉଭୟ ବୌଦ୍ଧ ଓ ଶୈବ ଉପାସନା ଏକା ସାଙ୍ଗରେ ଚାଲିଥିଲା ଏବଂ ଗୋଟିଏ ଅନ୍ୟପାଇଁ ବାଧକ ନ ଥିଲା ।

ପ୍ରଥମ ଶୁଭକର ଦେବଙ୍କ ଉତ୍ତରାଧିକାରୀ ଦ୍ୱିତୀୟ ଶିବକର ଦେବଙ୍କ ସମୟରେ ଗୌଡ଼ (ବଂଗ) ରାଜା ଦେବପାଳ କଳିଙ୍ଗ ଆକ୍ରମଣ କରି ତୋଷାଳୀ ସମେତ ଅନ୍ୟାନ୍ୟ ରାଜକୁଳକୁ ପରାଜିତ କରିଥିଲେ ବୋଲି ଏକ ତାମ୍ରଲେଖରେ ଉଲ୍ଲେଖ ରହିଛି । ଏହି ପରାଜୟ ପରେ ଭୌମକରମାନେ ଗୌଡ଼ର ଅଧୀନସ୍ଥ ହେଲେ, ଯଦିଓ ସେମାନଙ୍କ ରାଜ୍ୟରେ ପାଳମାନଙ୍କର ପ୍ରତ୍ୟକ୍ଷ ଶାସନ ଲାଗୁ ହୋଇନଥିଲା । ଏଥିରୁ ମନେହୁଏ ଯେ, ଆଞ୍ଚଳିକ ସ୍ତରରେ ଭୌମମାନେ ଶକ୍ତିଶାଳୀ ମନେ ହେଲେ ହେଁ, ବହିରାକ୍ରମଣର ସମ୍ମୁଖୀନ ହେବା ଭଳି ଶକ୍ତି ସେମାନଙ୍କର ନଥିଲା । ସମସାମୟିକ ରାଷ୍ଟ୍ରକୂଟ, ପାଳ ଆଦି ଶକ୍ତିଶାଳୀ ରାଜ୍ୟର ଦୃଷ୍ଟିର ଅନ୍ତରାଳରେ ହିଁ ସେମାନେ ନିଜ ପ୍ରଭୁତ୍ୱ ବଜାୟ ରଖି ପାରୁଥିଲେ ।

ଭୌମ ରାଜା ତୃତୀୟ ଶୁଭକର ଦେବଙ୍କ ମୃତ୍ୟୁ ପରେ ଯୁବରାଜ ନାବାଳକ ଥିବାରୁ ରାଜମାତା ପ୍ରଥମ ତ୍ରିଭୁବନ ମହାଦେବୀ ୮୪୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ ଏବଂ ଯୁବରାଜ ସାବାଳକ ହେବା ପର୍ଯ୍ୟନ୍ତ ଦକ୍ଷତାର ସହିତ ରାଜତ୍ୱ କଲେ । ସମ୍ଭବତଃ ସେ ହେବେ ଓଡ଼ିଶା ଇତିହାସର ପ୍ରଥମ ମହିଳା ଶାସକ । ତ୍ରିଭୁବନ ମହାଦେବୀ ବିଷ୍ଣୁ ଭକ୍ତ ଥିଲେ । ତାଙ୍କୁ ଜଣେ ଦକ୍ଷ ଶାସକ ଭାବରେ ସମସାମୟିକ ଆରବୀୟ ଓ ପାରସୀ ଭୂଗୋଳବିତ୍‌ମାନେ ମଧ୍ୟ ଉଲ୍ଲେଖ କରିଛନ୍ତି । ଆରବ ଭୂଗୋଳବିତ୍ ଖୁର୍ଦ୍ଦାଧବି ୮୪୬ ଖ୍ରୀଷ୍ଟାବ୍ଦରେ ଲିଖିତ ନିଜ ବିବରଣୀରେ କହିଛନ୍ତି ଯେ ‘ଦହମ’ (ଭୌମ) ରାଜ୍ୟରେ ‘ରାଇନା’ (ରାଣୀ) ନାମରେ ପରିଚିତ ଜଣେ ମହିଳା ଶାସନ କରୁଥିଲେ । ତାଙ୍କ ରାଜ୍ୟ ସ୍ୱାଧୀନ ଥିଲା ଏବଂ ରାଜ୍ୟର ପ୍ରଭୂତ ସୈନ୍ୟବଳ ରହିଥିଲା ।

ପ୍ରଥମ ତ୍ରିଭୁବନ ଦେବୀ ତାଙ୍କ ନାତି ସାବାଳକ ହେବା ଯାକେ ଶାସନ ଭାର ବହନ କରିଥିଲେ । ତାଙ୍କ ପରେ ଦ୍ୱିତୀୟ ଭୌମକର ରାଣୀ ଥିଲେ ପୃଥ୍ୱୀ ମହାଦେବୀ ବା ଦ୍ୱିତୀୟ ତ୍ରିଭୁବନ ମହାଦେବୀ (୮୯୦-୮୯୬ ଖ୍ରୀଷ୍ଟାବ୍ଦ) । ପୃଥ୍ୱୀ ମହାଦେବୀ ରାଜା ଚତୁର୍ଥ ଶୁଭକରଦେବଙ୍କ ରାଣୀ ଥିଲେ । ରାଜାଙ୍କର ଅକାଳ ମୃତ୍ୟୁ ପରେ ରାଜଭ୍ରାତା ତୃତୀୟ ଶିବକର ୮୮୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ମାତ୍ର ଅଳ୍ପକାଳ ପରେ ତାଙ୍କର ମଧ୍ୟ ମୃତ୍ୟୁ ହେବାରୁ ବିଧବା ରାଣୀ ପୃଥ୍ୱୀ ମହାଦେବୀ ରାଜତ୍ୱ କଲେ । କୋଶଳର ସୋମବଂଶୀ ରାଜା ଯଯାତିଙ୍କର ସେ ଭଉଣୀ ଥିଲେ । ତେଣୁ, ତାଙ୍କ (ପୃଥ୍ୱୀ ମହାଦେବୀଙ୍କ) ରାଜତ୍ୱ କାଳରେ ତୋଷାଳୀ ଉପରେ କୋଶଳର ଆଧିପତ୍ୟ ବୃଦ୍ଧି ପାଇଲା । ପଞ୍ଚମ ଶୁଭକର ଦେବଙ୍କ ମୃତ୍ୟୁ ପରେ ଗୌରୀ ମହାଦେବୀ, ଦଣ୍ଡୀ ମହାଦେବୀ, ବକୁଳ ମହାଦେବୀ ଓ ଧର୍ମମହାଦେବୀ ନାମରେ ଚାରିଜଣ ରାଣୀ କ୍ରମାଗତ ଭାବେ ଭୌମ ରାଜ୍ୟରେ ରାଜତ୍ୱ କରିଥିଲେ । ଭୌମ ରାଣୀମାନଙ୍କର ସିଂହାସନ ଆରୋହଣ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଜଣାଯିବ ଯେ, ପୁରୁଷ ଉତ୍ତରାଧିକାରୀର ଅଭାବରେ ଅଥବା ପୁରୁଷ ଉତ୍ତରାଧିକାରୀ ସାବାଳକ ହେବା ପର୍ଯ୍ୟନ୍ତ କେବଳ ସେମାନେ ସିଂହାସନ ଆରୋହଣ କରିଥିଲେ । ଉଦାହରଣ ସ୍ୱରୂପ, ପୃଥ୍ୱୀ ମହାଦେବୀ ପତିଙ୍କ ମୃତ୍ୟୁ ପରେ ପତିଙ୍କ ଭ୍ରାତା ତୃତୀୟ ଶିବକରଙ୍କ ସିଂହାସନ ଆରୋହଣକୁ ମଧ୍ୟ ପୂର୍ଣ୍ଣ ସମ୍ମତି ଦେଇଥିଲେ । ତୃତୀୟ ଶିବକରଙ୍କର ମଧ୍ୟ ଅଳ୍ପ ଦିନ

ପରେ ମୃତ୍ୟୁ ହେବାରୁ , ସେ ରାଜପଦ ଗ୍ରହଣ କରିବାର ଅବସର ପାଇଲେ । କେବଳ ସେତିକି ନୁହେଁ, ଯଦିଓ ସେ ରାଜପଦ ଗ୍ରହଣ କରିଥିଲେ, ତାଙ୍କ ଭ୍ରାତା ଉତ୍କଳର ସୋମବଂଶୀ ରାଜା ଯଯାତି ତାଙ୍କୁ ପ୍ରଶାସନରେ ନେପଥ୍ୟରୁ ସହଯୋଗ କରୁଥିଲେ । ସେହି ପ୍ରକ୍ରିୟାରେ ଭୌମରାଜ୍ୟ ତୋଷାଳୀ ସୋମବଂଶୀଙ୍କ ରାଜ୍ୟ ଉତ୍କଳର ଏକରକମ ଅଧିକାରଭୁକ୍ତ ବା ସାମନ୍ତରାଜ୍ୟ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସବୁକୁ ବାଦ୍ ଦେଲେ, ଜଣାଯିବ ଯେ, ରାଣୀ ଶାସନ ସମୟ ତଥା ଦଶମ ଶତାବ୍ଦୀର ଆରମ୍ଭରେ ହିଁ ଭୌମକର ବଂଶର ପତନ ହେଲା । ଅନ୍ୟ ଶବ୍ଦରେ କହିଲେ, ଭୌମରାଜ୍ୟରେ ରାଣୀ ଶାସନ ସତ୍ତ୍ୱେ ପୁରୁଷତାନ୍ତ୍ରିକତା ଊଣା ହୋଇ ନଥିଲା । ପୁରୁଷର ଅଭାବରେ କେବଳ ମହିଳାଙ୍କୁ ଶାସନ ଭାର ମିଳିଥିଲା ଏବଂ ଦାୟାଦ ପୁରୁଷ ଉପଲବ୍ଧ ହେଲା ପରେ ରାଣୀ ଶାସନ ଭାରରୁ ଓହରି ଯାଉଥିଲେ । ସେହି ଦୃଷ୍ଟିରୁ ଦେଖିଲେ ଭୌମରାଣୀମାନଙ୍କର ସିଂହାସନ ଆରୋହଣକୁ ଏକ ବଡ଼ ସାମାଜିକ ବିପ୍ଳବ ଭାବରେ ବୋଧହୁଏ ଗ୍ରହଣ କରିହେବ ନାହିଁ । ତା' ସତ୍ତ୍ୱେ ଆଜକୁ ୧୧୦୦ ବର୍ଷ ତଳେ ଯେ ନାରୀ ସିଂହାସନ ଆରୋହଣ କରି ରାଜତ୍ୱ କରୁଥିଲେ- ଏହାକୁ ଏକ ବିଶେଷ ସାମାଜିକ ଘଟଣା କୁହାଯାଇପାରେ । ଏହି ଭୌମ ପରଂପରା ଆଗକୁ ତିଷ୍ଠି ରହିଥିଲେ, ତାହା ନିଶ୍ଚୟ ଏକ ବଡ଼ଧରଣର ସାମାଜିକ ବିପ୍ଳବର ସୂତ୍ରପାତ କରିଥାନ୍ତା- ଏଥିରେ ସନ୍ଦେହ ନାହିଁ ।

■ ■ ■

# ମଣ୍ଡଳ ରାଜ୍ୟ ଓ ଶାସନ

ଖ୍ରୀଷ୍ଟୀୟ ଅଷ୍ଟମ ଓ ନବମ ଶତାବ୍ଦୀରେ ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ଅନେକ ଗୁଡ଼ିଏ ଛୋଟ ଛୋଟ ରାଜବଂଶ ରାଜତ୍ୱ କରୁଥିବାର ଦେଖାଯାଇଛି । ଏହି ଛୋଟ ଛୋଟ ରାଜ୍ୟ ତୋଷାଳୀ ନାମରେ ପରିଚିତ ଉପକୂଳ ଓଡ଼ିଶା କ୍ଷେତ୍ର ଓ ଦକ୍ଷିଣ କୋଶଳ ନାମରେ ପରିଚିତ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ କ୍ଷେତ୍ରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲେ । ସେତେବେଳେ ଭୌମକରମାନେ ତୋଷାଳୀ ଓ ସୋମବଂଶୀମାନେ ଦକ୍ଷିଣ କୋଶଳରେ ରାଜତ୍ୱ କରୁଥିଲେ । ଉକ୍ତ କ୍ଷୁଦ୍ର ରାଜ୍ୟଗୁଡ଼ିକ ଭୌମକରମାନଙ୍କ ବଶ୍ୟତା ସ୍ୱୀକାର କରି ସାମନ୍ତ ରାଜ୍ୟର ମର୍ଯ୍ୟାଦା ଲାଭ କରିଥିଲେ । ମାତ୍ର ଯୋଗାଯୋଗ ଓ ଗମନାଗମନର ଅସୁବିଧାଯୋଗୁଁ ସେମାନଙ୍କ ଉପରେ ଭୌମକରମାନେ ପୂର୍ଣ୍ଣ କର୍ତ୍ତୃତ୍ୱ ହାସଲ କରିପାରିନଥିଲେ । ଫଳରେ ବସ୍ତୁତଃ ଏହି କ୍ଷୁଦ୍ର ରାଜ୍ୟମାନେ ସ୍ୱତନ୍ତ୍ର ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନଙ୍କର ନିଜସ୍ୱ ସେନା ଥିଲେ; କର୍ମଚାରୀ ନିଯୁକ୍ତ ହୋଇ ରହିଥିଲେ; ଏପରିକି ତାମ୍ରଶାସନ ବା ଅନ୍ୟ ଆଦେଶ ଜାରି କଲା ବେଳେ ଉପରିସ୍ଥ ରାଜା ଭୌମକରଙ୍କର ନାମୋଲ୍ଲେଖ କରିବାପାଇଁ ସେମାନେ ବାଧ୍ୟ ନଥିଲେ । ଏମାନଙ୍କ ମଧ୍ୟରୁ ଅନେକଙ୍କୁ ସୋମବଂଶୀ ଆକ୍ରମଣର ଶିକାର ମଧ୍ୟ ହେବାକୁ ପଡ଼ିଥିଲା ।

ଓଡ଼ିଶା ଇତିହାସରେ ଏହି କ୍ଷୁଦ୍ର ରାଜ୍ୟଗୁଡ଼ିକ 'ମଣ୍ଡଳ' ଭାବରେ ପରିଚିତ, କାରଣ ରାଜ୍ୟଗୁଡ଼ିକର ନାମ ସହିତ 'ମଣ୍ଡଳ' ସଂଜ୍ଞା ଯୋଡ଼ି ହୋଇଥିବାର ଲକ୍ଷ୍ୟ କରାଯାଏ । ଉକ୍ତ ମଣ୍ଡଳ ରାଜ୍ୟ ସମୂହ ହେଲେ : ୧- ଭଞ୍ଜଶାସିତ ଖିଞ୍ଜଳି ମଣ୍ଡଳ, ୨-ଭଞ୍ଜଶାସିତ ଖିଜ୍ଜିଙ୍ଗ୍ ମଣ୍ଡଳ, ୩- ଶୁଲ୍କିବଂଶ ଶାସିତ କୋଦାଳକ ମଣ୍ଡଳ, ୪- ତୁଙ୍ଗବଂଶଶାସିତ ଯମଗର୍ତ୍ତ ମଣ୍ଡଳ, ୫-ନନ୍ଦୋଦ୍ଭବ ଶାସିତ ଐରାବତ ମଣ୍ଡଳ, ୬- ମୟୂରବଂଶଶାସିତ ବଣାଇ ମଣ୍ଡଳ ଏବଂ ୭-ଗଙ୍ଗଶାସିତ ଶ୍ୱେତକ ମଣ୍ଡଳ । ଓଡ଼ିଶା ଇତିହାସକୁ ଜାଣିବାକୁ ହେଲେ ମଣ୍ଡଳ ରାଜ୍ୟ ଓ ତହିଁରେ ଚାଲିଥିବା ଶାସନ ଉପରେ ଏକ ଐତିହାସିକ ଆଲୋଚନାର ଆବଶ୍ୟକତା ରହିଛି ବୋଲି ଐତିହାସିକମାନେ ଦୃଢ଼ ଭାବେ ଅନୁଭବ କରନ୍ତି ।

## ଭଞ୍ଜବଂଶଶାସିତ ଖିଞ୍ଜଳି ମଣ୍ଡଳ

ଖିଞ୍ଜଳି ମଣ୍ଡଳକୁ ଆଧୁନିକ ବୌଦ୍ଧ, ସୋନପୁର ଏବଂ ଫୁଲବାଣୀ ଅଞ୍ଚଳ ସହିତ ସାଧାରଣତଃ ଚିହ୍ନିତ କରାଯାଏ । ଧୃତିପୁର (ଆଧୁନିକ ବୌଦ୍ଧ ସହର) ଥିଲା ଏହି ମଣ୍ଡଳର ରାଜଧାନୀ ।

ଭଞ୍ଜ ତାମ୍ରଶାସନରୁ ଜଣାଯାଏ ଯେ ଶୀଳଭଞ୍ଜଙ୍କୁ ପ୍ରଥମ ଭଞ୍ଜ ରାଜା ବୋଲି ଗଣାଗଲେ ମଧ୍ୟ ତାଙ୍କ ପୂର୍ବରୁ ସେହି ମଣ୍ଡଳରେ ଅନେକ ଭଞ୍ଜ ରାଜା ଶାସନ କରି ସାରିଥିଲେ । ସମ୍ଭବତଃ ବଂଶର ପ୍ରାଚୀନତା ସାବ୍ୟସ୍ତ କରିବାପାଇଁ ଏପରି ଦାବି କରାଯାଇଛି । ପୁଣି ଏକ କିମ୍ବଦନ୍ତୀରେ ଭଞ୍ଜମାନେ ମୟୂରୀ ଅଣ୍ଡାରୁ ଜାତ ବୋଲି କୁହାଯାଇଛି । ଏଥିରୁ ଅନୁମିତ ହୁଏ ଯେ ଖିଞ୍ଜଳିର ଭଞ୍ଜମାନେ ଆଦିବାସୀ ସଂପ୍ରଦାୟର ଥିଲେ ଏବଂ ତାଙ୍କ ରାଜତ୍ୱକୁ ସର୍ବମାନ୍ୟ କରିବାଲାଗି ବଂଶର ପ୍ରାଚୀନତା ଉପରେ ଜୋର ଦେଉଥିଲେ । ଭଞ୍ଜମାନେ ବିଷ୍ଣୁ ଓ ଶିବ ଉପାସକ ଥିଲେ । ସେମାନେ ଉପକୂଳ ଅଞ୍ଚଳରୁ ବ୍ରାହ୍ମଣମାନଙ୍କୁ ଅଣାଇ ନିଜ ରାଜ୍ୟରେ ରଖାଇ ଥିଲେ । ଏଥିପାଇଁ ବ୍ରାହ୍ମଣମାନଙ୍କୁ ଭୂମିଦାନ ମଧ୍ୟ କରିଥିଲେ । ଏହା ଫଳରେ ଆଦିବାସୀ ଅଧ୍ୟୁଷିତ ପାର୍ବତ୍ୟ ଅଞ୍ଚଳରେ ବ୍ରାହ୍ମଣ୍ୟ ଧର୍ମର ଆଶୁ ପ୍ରସାର ହେଲା । ଯଦିଓ ଖିଞ୍ଜଳିର ଭଞ୍ଜମାନେ ଭୌମକରଙ୍କ ସାମନ୍ତ ରାଜା ଥିଲେ, ସୋମବଂଶୀ ରାଜା ଜନ୍ମେଜୟଙ୍କ ଖିଞ୍ଜଳି ଆକ୍ରମଣ ସମୟରେ ସେମାନେ ଭୌମ ସାହାଯ୍ୟ ପାଇନଥିଲେ । ସୋମବଂଶୀମାନେ ଯୁଦ୍ଧରେ ବିଜୟ ହାସଲ କଲେ, ଭଞ୍ଜରାଜା ରଣ ଭଞ୍ଜଙ୍କୁ ହତ୍ୟା କଲେ ଏବଂ ଖିଞ୍ଜଳି ଅଧିକାର କରିନେଲେ । ଏହା ପରେ ଭଞ୍ଜମାନେ ଗଞ୍ଜାମର ଘୁମୁସର ଅଞ୍ଚଳକୁ ଚାଲିଯାଇ ସେଠାରେ ଏକ ନୂତନ ରାଜ୍ୟ ପ୍ରତିଷ୍ଠା କଲେ । ଶୀଳ ଭଞ୍ଜଙ୍କ ପରେ କ୍ରମାନ୍ୱୟରେ ଖିଞ୍ଜଳି ମଣ୍ଡଳରେ ରାଜତ୍ୱ କରିଥିବା ଅନ୍ୟ ଭଞ୍ଜମାନେ ହେଲେଃ ଶତ୍ରୁ ଭଞ୍ଜ, ରଣ ଭଞ୍ଜ, ନେତ୍ର ଭଞ୍ଜ ପ୍ରଥମ ଦିଗ ଭଞ୍ଜ, ଦ୍ୱିତୀୟ ଶୀଳ ଭଞ୍ଜ, ବିଦ୍ୟାଧର ଭଞ୍ଜ ଓ ଶେଷ ଭଞ୍ଜ ରାଜା ଦ୍ୱିତୀୟ ନେତ୍ର ଭଞ୍ଜ । ଦଶମ ଶତାବ୍ଦୀର ଆଦ୍ୟ ଭାଗ (ଖ୍ରୀଷ୍ଟାବ୍ଦ ୯୩୪) ପର୍ଯ୍ୟନ୍ତ ଭଞ୍ଜରାଜବଂଶ ରହିଥିଲା ବୋଲି ଅନୁମାନ କରାଯାଏ ।

## ଭଞ୍ଜବଂଶଶାସିତ ଖିଜ୍ଜିଙ୍ଗ୍ ମଣ୍ଡଳ

ଦଶମ ଓ ଏକାଦଶ ଶତାବ୍ଦୀରେ ଭଞ୍ଜବଂଶର ଅନ୍ୟ ଏକ ଶାଖା ଉତ୍ତର ଓଡିଶାର ଖିଜ୍ଜିଙ୍ଗ୍ ମଣ୍ଡଳରେ ଶାସନ କରୁଥିଲେ । ଖିଜ୍ଜିଙ୍ଗ୍ ମଣ୍ଡଳ ରାଜ୍ୟ ଆଧୁନିକ ମୟୂରଭଞ୍ଜ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ଏହାର ରାଜଧାନୀ ଥିଲା ଖିଜ୍ଜିଙ୍ଗ୍କୋଟ ଯାହାକୁ ଆଧୁନିକ ଖିଚିଙ୍ଗ୍ ବୋଲି ଚିହ୍ନିତ କରାଯାଇଛି । ଖିଞ୍ଜଳି ମଣ୍ଡଳର ଭଞ୍ଜବଂଶ ପରି ଖିଜ୍ଜିଙ୍ଗ ମଣ୍ଡଳର ଭଞ୍ଜରାଜାମାନେ ମୟୂରୀ ଅଣ୍ଡାରୁ ଜାତ ବୋଲି କିମ୍ବଦନ୍ତୀ ସୃଷ୍ଟି ହୋଇଛି । ଏଥିରୁ ଅନୁମିତ ହୁଏ ଯେ, ଉଭୟ ଭଞ୍ଜବଂଶ ଆଦିବାସୀ ସଂପ୍ରଦାୟର ଥିଲେ ଏବଂ ଅତୀତରେ ସେମାନେ ଗୋଟିଏ ବଂଶ ଥିଲେ ।

କିମ୍ବଦନ୍ତୀ ଅନୁଯାୟୀ ଖିଞ୍ଜିଙ୍ଗ୍ ମଣ୍ଡଳର ପ୍ରତିଷ୍ଠାତା ବୀରଭଦ୍ର ଭଞ୍ଜ ମୟୂରୀ ଅଣ୍ଡାରୁ ଉତ୍ପତ୍ତି ଲାଭ କରିବା ପରେ ବଶିଷ୍ଠ ଋଷିଙ୍କଦ୍ୱାରା ପାଳିତ ହୋଇଥିଲେ । ଏହା ଖିଜ୍ଜିଙ୍ଗ୍ ଭଞ୍ଜବଂଶକୁ ଆର୍ଯ୍ୟ ବା ବ୍ରାହ୍ମଣ୍ୟ ଧର୍ମ ଓ ସଂସ୍କୃତି ସହିତ ସଂଯୋଜିତ କରେ । ଖିଜ୍ଜିଙ୍ଗ୍ ମଣ୍ଡଳର ତାମ୍ରଶାସନମାନଙ୍କରୁ ଯେଉଁ ଭଞ୍ଜବଂଶାବଳୀ ଐତିହାସିକମାନେ ସ୍ଥାନିତ କରନ୍ତି, ତହିଁରେ କୋଟ୍ଟ ଭଞ୍ଜ ପ୍ରଥମ ଐତିହାସିକ ଚରିତ୍ର । ତାଙ୍କୁ ସୋନପୁର-ବୌଦ୍ଧ ଅଞ୍ଚଳରେ ସ୍ଥାପିତ ଖିଞ୍ଜାଳି ଭଞ୍ଜବଂଶ ଓ ମୟୂରଭଞ୍ଜ-କେନ୍ଦୁଝର ଅଞ୍ଚଳରେ ସ୍ଥାପିତ ଖିଜ୍ଜିଙ୍ଗ୍ ଭଞ୍ଜବଂଶ ମଧ୍ୟରେ ଯୋଗସୂତ୍ର ଭାବରେ ଦେଖାଯାଏ । ସମ୍ଭବତଃ ନବମ ଶତାବ୍ଦୀର ଶେଷ ଭାଗରେ ସେ ଖିଞ୍ଜାଳି ମଣ୍ଡଳରୁ ଯାଇ ଖିଜ୍ଜିଙ୍ଗ୍ ମଣ୍ଡଳ ସ୍ଥାପନ କରିଥିଲେ ।

ଖିଜ୍ଜିଙ୍ଗ୍ ଭଞ୍ଜବଂଶ ଶିବଭକ୍ତ ଥିଲେ । ସେମାନେ ବ୍ରାହ୍ମଣମାନଙ୍କୁ ଉଦାର ଭାବରେ ଭୂମିଦାନ କରି ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତ କରିଥିଲେ । ଫଳରେ, ସେମାନଙ୍କ ରାଜତ୍ୱ କାଳରେ ଖିଜ୍ଜିଙ୍ଗ୍ ମଣ୍ଡଳରେ ଆର୍ଯ୍ୟ ଓ ବ୍ରାହ୍ମଣ ସଂସ୍କୃତିର ଦ୍ରୁତ ପ୍ରସାର ଘଟିଥିଲା । ରାଜ୍ୟରେ ବୌଦ୍ଧ ଓ ଜୈନ ଉପାସନାକୁ ମଧ୍ୟ ସେମାନେ ପ୍ରୋତ୍ସାହନ ଦେଇଥିବାର ଅନେକ ପ୍ରମାଣ ରହିଛି । ରାଜଧାନୀ ଖିଚିଙ୍ଗ୍‌ର ମୁଖ୍ୟ ମନ୍ଦିରର ଅନତି ଦୂରରେ ୧୯୩୮ରେ ଆବିଷ୍କୃତ ହୋଇଥିବା ବୌଦ୍ଧସ୍ତୂପ ସେମାନଙ୍କ ସମୟର ବୋଲି ଜଣାଯାଏ । ଏହାଛଡ଼ା ଖିଚିଙ୍ଗ୍ ସଂଗ୍ରହାଳୟରେ ରହିଥିବା ଜୈନ ତୀର୍ଥଙ୍କର ମୂର୍ତ୍ତି ମଧ୍ୟ ସେହି ସମୟର ବୋଲି ମନେହୁଏ ।

ଖିଜ୍ଜିଙ୍ଗ୍ ମଣ୍ଡଳରେ ପ୍ରଦତ୍ତ ତାମ୍ର ଶାସନରେ ଭୌମ ଅବ୍ଦର ବ୍ୟବହାର ରହିଛି । ଏଥିରୁ ମନେ ହୁଏ ଯେ ଖିଜ୍ଜିଙ୍ଗ୍ ଭଞ୍ଜବଂଶ ତତ୍‌କାଳୀନ ଶକ୍ତିଶାଳୀ ଭୌମ ରାଜ୍ୟର ସାମନ୍ତ ଥିଲେ, ଯଦିଓ ମଣ୍ଡଳର ଆଭ୍ୟନ୍ତରୀଣ ପ୍ରଶାସନ ଉପରେ ଭୌମମାନଙ୍କର କୌଣସି ନିୟନ୍ତ୍ରଣ ନଥିଲା । ଭୌମରାଣୀ ବକୁଳ ମହାଦେବୀ ଖିଜ୍ଜିଙ୍ଗ ମଣ୍ଡଳର ରାଜା ପ୍ରଥମ ରଣ ଭଞ୍ଜଙ୍କ ଭଉଣୀ ଥିବାର ଅନୁମାନ କରାଯାଏ । ପ୍ରଥମ ରଣ ଭଞ୍ଜଙ୍କ ଉତ୍ତରାଧିକାରୀ ପୃଥ୍ୱୀ ଭଞ୍ଜ 'ମହାମଣ୍ଡଳାଧିପତି' ଓ 'ମହାରାଜାଧିରାଜ' ଉପାଧି ଗ୍ରହଣ କରିଥିଲେ । ଏଥିରୁ ବୁଝାଯାଏ ଯେ, ତାଙ୍କ ସମୟରେ ଖିଜ୍ଜିଙ୍ଗ ଭଞ୍ଜମାନଙ୍କର ପ୍ରଭାବ ବୃଦ୍ଧି ପାଇଥିଲା । ସେ ୨୦୦ ଭୌମାବ୍ଦ ବା ୯୩୬ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୯୪୯ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ସମ୍ମିଶ୍ରଣ ହେବା ପର୍ଯ୍ୟନ୍ତ ଯେଉଁ ଭଞ୍ଜବଂଶ ସେଠାରେ ରାଜତ୍ୱ କରିଥିଲେ ସେମାନେ ଖିଜ୍ଜିଙ୍ଗ୍ ଭଞ୍ଜଙ୍କର ଉତ୍ତରପୁରୁଷ ଥିଲେ ବୋଲି ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି ।

ଐତିହାସିକ ଆର.ସି. ମଜୁମଦାର ଦୀର୍ଘ ଗବେଷଣା ପରେ ଖିଜ୍ଜିଙ୍ଗ ଭଞ୍ଜବଂଶର ଯେଉଁ ବଂଶାବଳୀ ପ୍ରସ୍ତୁତ କରିଛନ୍ତି, ତାହା ନିମ୍ନରେ ଦିଆଗଲା ।

## ଖିଜିଙ୍ଗ୍ ଭଞ୍ଜ ବଂଶାବଳୀ

ବୀରଭଦ୍ର
|
କୋଟ୍ଟ ଭଞ୍ଜ
|
ଦିଗ ଭଞ୍ଜ ବା ପ୍ରଥମ ଦୁର୍ଜୟ ଭଞ୍ଜ
|
- ରଣ ଭଞ୍ଜ
  - ରାଜ ଭଞ୍ଜ
  - ଦ୍ୱିତୀୟ ବିଭ୍ରମ ଭଞ୍ଜ
    - ଦ୍ୱିତୀୟ ଦୁର୍ଜୟ ଭଞ୍ଜ
      - ଯୁବରାଜ କୋଟ୍ଟ ଭଞ୍ଜ
  - ପୃଥ୍ୱୀ ଭଞ୍ଜ
    - ଦ୍ୱିତୀୟ ନରେନ୍ଦ୍ର ଭଞ୍ଜ
- ପ୍ରଥମ ନରେନ୍ଦ୍ର ଭଞ୍ଜ

## ଶୁଲ୍କି (ଶୁଲ୍‌କି) ବଂଶଶାସିତ କୋଦାଳକ ମଣ୍ଡଳ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଶେଷ ଭାଗରେ ଆଧୁନିକ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ତାଳଚେର ଅଞ୍ଚଳକୁ ନେଇ କୋଦାଳକ ମଣ୍ଡଳ ନାମରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପିତ ହୋଇଥିଲା । ସେଠାରେ ଶୁଲ୍କି ବଂଶର ରାଜାମାନେ ରାଜତ୍ୱ କରୁଥିଲେ । କାଞ୍ଚନସ୍ତମ୍ଭ ଥିଲେ ଶୁଲ୍କିବଂଶର ପ୍ରଥମ ରାଜା । କାଞ୍ଚନ ସ୍ତମ୍ଭଙ୍କର ପୌତ୍ର ରଣସ୍ତମ୍ଭ ଭୌମ ସମ୍ବତ ୧୦୩ (ଖ୍ରୀଷ୍ଟାବ୍ଦ ୮୩୯)ରେ ପ୍ରଦାନ କରିଥିବା ତାମ୍ର ଶାସନରୁ ଶୁଲ୍କିମାନଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ମିଳିଥାଏ । ଶୁଲ୍କିମାନଙ୍କ ପ୍ରାଚୀନତା,ଶାସନ ଓ ବଂଶାବଳୀକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଏକମତ ନାହିଁ । ସମ୍ଭବତଃ ସେମାନେ ମଧ୍ୟ-ଏସିଆରୁ ଶକ ଓ କୁଶାଣମାନଙ୍କ ଏକ ଯବନ ଜନଜାତି ଭାବରେ ଭାରତକୁ ଆସିଥିଲେ । ଏକ କିମ୍ବଦନ୍ତୀ ଅନୁଯାୟୀ ସ୍ଥାନୀୟ ଶବର ମୁଖ୍ୟ ଢେକଟାକୁ ପରାସ୍ତ କରି ସେମାନେ ଢେଙ୍କାନାଳ ଅଞ୍ଚଳରେ ମଣ୍ଡଳ ରାଜ୍ୟ ପ୍ରତିଷ୍ଠା କରିଥିଲେ । କୋଦାଳକ ସେମାନଙ୍କ ରାଜଧାନୀ ଥିଲା, ଯାହାକୁ ତାଳଚେର ନିକଟସ୍ଥ କୁଆଳୋ ଗ୍ରାମ ସହିତ ଚିହ୍ନିତ କରାଯାଏ । କୁଆଳୋଠାରେ ବହୁ ମନ୍ଦିର ଓ ପ୍ରାଚୀନ ସ୍ଥାପତ୍ୟର ଅବଶେଷ ଏବେ ମଧ୍ୟ ଦେଖିବାକୁ ମିଳିଥାଏ ।

କୋଦାଳକ ମଣ୍ଡଳ ଭୌମରାଜ୍ୟର ସାମନ୍ତ ରାଜ୍ୟ ଥିଲା, ଯଦିଓ ମଣ୍ଡଳର ଆଭ୍ୟନ୍ତରୀଣ ପ୍ରଶାସନରେ ଶୁଳ୍କି ରାଜାମାନଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଥିଲା । ଶୁଳ୍କିମାନେ ଭୌମାବ୍ଦର ବ୍ୟବହାର କରୁଥିଲେ ଏବଂ ନିଜକୁ 'ମହାସାମନ୍ତାଧିପତି', 'ପଞ୍ଚମହାଶବ୍ଦ' ଓ 'ପରମଭଟ୍ଟାରକ' ଆଦି ଉପାଧିରେ ଭୂଷିତ କରିଥିଲେ । ସେମାନଙ୍କ ସମୟରେ ଅରଣ୍ୟ ପରିପୂର୍ଣ୍ଣ ଢେଙ୍କାନାଳ ଅଞ୍ଚଳରେ କୃଷିକାର୍ଯ୍ୟ, ଜନବସତି ଓ ଗମନାଗମନର ପ୍ରସାର ନିମିତ୍ତ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା । ଐତିହାସିକ ଦୀନେଶ ଚନ୍ଦ୍ର ମଜୁମଦାରଙ୍କ ମତରେ ଶୁଳ୍କିମାନେ ଶ୍ୱେତାମ୍ବର ଜୈନ ସମ୍ପ୍ରଦାୟର ଥିଲେ । ମାତ୍ର ନବମ ଶତାବ୍ଦୀରେ କୋଦାଳକ ମଣ୍ଡଳ ନାମରେ ଆଞ୍ଚଳିକ ରାଜ୍ୟ ସ୍ଥାପନ କରିବା ପରେ ସେମାନେ ଶାକ୍ତ ଉପାସକ ଥିବାର ଏବଂ 'ଭଗବତୀ ସ୍ତମ୍ଭେଶ୍ୱରୀ ଭଟ୍ଟାରିକା' ନାମରେ ସ୍ଥାନୀୟ ଦେବତୀ ପ୍ରତିଷ୍ଠା କରିଥିବାର ଜଣାଯାଏ । ରଣସ୍ତମ୍ଭ ଶୁଳ୍କିବଂଶର ଜଣେ ପରାକ୍ରମୀ ରାଜା ଥିଲେ ।

ପଣ୍ଡିତ ବିନାୟକ ମିଶ୍ର ପ୍ରସ୍ତୁତ କରିଥିବା ଶୁଳ୍କି ରାଜବଂଶାବଳୀ ନିମ୍ନରେ ଦିଆଗଲା ।

### ଶୁଳ୍କି ରାଜବଂଶାବଳୀ

|
କାଞ୍ଚନସ୍ତମ୍ଭ
|
କଳହସ୍ତମ୍ଭ
|
ରଣସ୍ତମ୍ଭ
|
ଜୟସ୍ତମ୍ଭ
|
କୁଳସ୍ତମ୍ଭ

## ତୁଙ୍ଗବଂଶଶାସିତ ଯମଗର୍ତ୍ତ ମଣ୍ଡଳ

ନବମ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଆଧୁନିକ ଅନୁଗୁଳ ଜିଲ୍ଲାର ଉତ୍ତରାଂଶରେ ଯମଗର୍ତ୍ତ ମଣ୍ଡଳ ନାମରେ ଏକ କ୍ଷୁଦ୍ର ରାଜ୍ୟ ରହିଥିଲା । ତୁଙ୍ଗବଂଶୀ ରାଜାମାନେ ସେଠାରେ ରାଜତ୍ୱ କରୁଥିଲେ । ମଣ୍ଡଳର ରାଜଧାନୀ ଥିଲା ଯମଗର୍ତ୍ତ, ଯାହାକୁ ପାଲଲହଡ଼ା ନିକଟସ୍ଥ ଯାମରା ସହିତ ଚିହ୍ନିତ କରାଯାଏ । ମିଳିଥିବା ତାମ୍ରଶାସନରୁ ଜଣାଯାଏ ଯେ ତୁଙ୍ଗମାନେ ବିହାରର ରୋହିତଗିରିରୁ (ରୋହତାସଗଡ଼) ଆସିଥିଲେ ଏବଂ ଭୌମମାନଙ୍କର ସାମନ୍ତ ରାଜା ରୂପେ ଯମଗର୍ତ୍ତ ମଣ୍ଡଳରେ ଶାସନ କରିଥିଲେ । ଏହାର ବଂଶାବଳୀ ପଣ୍ଡିତ ବିନାୟକ ମିଶ୍ର ପ୍ରସ୍ତୁତ କରିଛନ୍ତି, ଯାହା ନିମ୍ନରେ ଦିଆଗଲା ।

## ତୁଙ୍ଗବଂଶାବଳୀ

|
ଖଡ୍ଗତୁଙ୍ଗ
|
ବିନିତତୁଙ୍ଗ
|
ଜଗତୁଙ୍ଗ
|
ଶାଳଣତୁଙ୍ଗ
|
ଗାୟତତୁଙ୍ଗ

ଯମଗର୍ତ୍ତ ମଣ୍ଡଳ ଏକ ଆଦିବାସୀ ବହୁଳ ରାଜ୍ୟ ଥିଲା । ମାତ୍ର କେତେକ ତୁଙ୍ଗ ରାଜା ଶୈବ ଥିଲେ । ବ୍ରାହ୍ମଣମାନଙ୍କୁ ନିଜ ରାଜ୍ୟରେ ବସବାସ କରିବାକୁ ସେମାନେ ନିଷ୍କର ଭୂମି ଦାନ କରୁଥିଲେ ।

## ନନ୍ଦବଂଶଶାସିତ ଐରାବତ ମଣ୍ଡଳ

ଭୌମକର ରାଜ୍ୟର ଅନ୍ୟ ଏକ ସାମନ୍ତ ରାଜ୍ୟ ଥିଲା ଐରାବତ ମଣ୍ଡଳ । ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ସେଠାରେ ନନ୍ଦବଂଶର ରାଜାମାନେ ରାଜତ୍ୱ କରୁଥିଲେ । ଐରାବତ ମଣ୍ଡଳ ଆଧୁନିକ ନୟାଗଡ଼, ଢ଼େଙ୍କାନାଳ ଓ କଟକ ଜିଲ୍ଲାର କିଛି କିଛି ଅଂଶକୁ ନେଇ ଗଠିତ ହୋଇଥିଲା । ଆଧୁନିକ ଜୟପୁର ଗ୍ରାମ (ଢେଙ୍କାନାଳ ଜିଲ୍ଲା) ଥିଲା ଏହାର ରାଜଧାନୀ । ନନ୍ଦ ରାଜବଂଶପ୍ରଦତ୍ତ ତାମ୍ର ଶାସନରୁ ଏହି ବଂଶର ପାଞ୍ଚଜଣ ରାଜାଙ୍କୁ ଚିହ୍ନିତ କରିହୁଏ । ସେମାନେ ହେଲେ ଜୟନନ୍ଦ, ପରମାନନ୍ଦ, ଶିବାନନ୍ଦ ଓ ଦେବାନନ୍ଦ ପ୍ରଥମ ଓ ଦେବାନନ୍ଦ ଦ୍ୱିତୀୟ । ସୋମବଂଶୀମାନଙ୍କର ଉତ୍‌ଥାନ ପରେ ୯୬୦ ଖ୍ରୀଷ୍ଟାବ୍ଦରେ ଉଦ୍ୟୋତ କେଶରୀ ଐରାବତ ମଣ୍ଡଳକୁ ନିଜ ଓଡ୍ର ରାଜ୍ୟରେ ସମ୍ମିଶ୍ରିତ କରି ଦେଇଥିଲେ ।

## ବରାହ ବଂଶଶାସିତ ବଣାଇ ମଣ୍ଡଳ

ବଣାଇ ମଣ୍ଡଳ ଆଧୁନିକ ବଣାଇ ଅଞ୍ଚଳରେ ସ୍ଥାପିତ ହୋଇଥିଲା । ମୟୂର ରାଜବଂଶ ଏଠାରେ ରାଜତ୍ୱ କରୁଥିଲେ । ତାମ୍ର ଶାସନରୁ ମିଳିଥିବା ରାଜାମାନଙ୍କ ନାମର ସାଙ୍ଗିଆ ରୂପେ 'ବରାହ' ରହିଥିବାରୁ ଏହା ବରାହ ବଂଶ ନାମରେ ମଧ୍ୟ ଇତିହାସରେ ପରିଚିତ । ରାଜା ଉଦିତ ବରାହଙ୍କୁ

ପ୍ରଥମ ବରାହ ବଂଶୀୟ ରାଜା ବୋଲି ମନେ କରାଯାଏ । ସେ ଚିତ୍ରକୂଟ ଅଞ୍ଚଳରୁ ଓଡ଼ିଶାକୁ ଆସିଥିଲେ । ସମ୍ଭବତଃ ଏହି ବଂଶର ରାଜା ଧରଣୀ ବରାହ ଦଶମ ଶତାବ୍ଦୀରେ ରାଜ୍ୟ ଶାସନ କରୁଥିଲେ । ବରାହମାନେ ବୌଦ୍ଧଧର୍ମର ଉପାସକ ଥିଲେ ଏବଂ ଐତିହାସିକ ପ୍ରବୋଧ କୁମାର ମିଶ୍ରଙ୍କ ମତରେ ଭୌମ ରାଜ୍ୟର ସାମନ୍ତ ଥିଲେ ।

## ଗଙ୍ଗଶାସିତ ଶ୍ୱେତକ ମଣ୍ଡଳ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ପୂର୍ବ (ପ୍ରଥମ) ଗଙ୍ଗବଂଶର ଜଣେ କେହି ମହେନ୍ଦ୍ରଗିରି ଅଞ୍ଚଳରେ ଶ୍ୱେତକ ମଣ୍ଡଳ ନାମରେ ଏକ କ୍ଷୁଦ୍ର ରାଜ୍ୟ ପ୍ରତିଷ୍ଠା କରିଥିଲେ । ଆଧୁନିକ ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଓ ଚିକିଟି ଜମିଦାରୀ ଅଞ୍ଚଳକୁ ନେଇ ଏହି ରାଜ୍ୟ ଗଠିତ ହୋଇଥିଲା । ଏହାର ରାଜଧାନୀ ଥିଲା ଶ୍ୱେତକ ବା ବିଜୟ ଶ୍ୱେତକପୁର (ଆଧୁନିକ ଚିକିଟି) । ଶ୍ୱେତକ ରାଜାମାନେ ଭୌମାବ୍ଦ ବ୍ୟବହାର କରୁଥିବାରୁ ସେମାନେ ଭୌମମାନଙ୍କର ସାମନ୍ତ ରାଜା ଥିଲେ ବୋଲି ଜଣାଯାଏ ।

ଶ୍ୱେତକ ଗଙ୍ଗବଂଶର ପ୍ରଥମ ରାଜା ଥିଲେ ଜୟବର୍ମାଦେବ । ତାଙ୍କ ପ୍ରଦତ୍ତ ଚାରିଟି ତାମ୍ରଶାସନକୁ ମୁଖ୍ୟ ଆଧାର କରି ଶ୍ୱେତକ ମଣ୍ଡଳର ଇତିହାସ ରଚନା କରାଯାଏ । ଅନ୍ୟ କେତେକ ରାଜା ହେଲେ ଅନନ୍ତ ବର୍ମା, ଗଙ୍ଗକ ବିଳାସ, ଭୂପେନ୍ଦ୍ର ବର୍ମା ଓ ମହେନ୍ଦ୍ର ବର୍ମା । ଶ୍ୱେତକ ଗଙ୍ଗବଂଶର ଶେଷ ରାଜା ସାମନ୍ତ ବର୍ମା, ଭୌମକର ରାଣୀ ଦଣ୍ଡୀ ମହାଦେବୀଙ୍କ ସାମନ୍ତ ଥିଲେ । ଭୌମକରମାନଙ୍କର ପତନ ପରେ ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସୋମବଂଶୀମାନେ ଶ୍ୱେତକ ମଣ୍ଡଳକୁ ଅଧିକାର କରି ନେଇଥିଲେ ।

## ଉପସଂହାର

ଅଷ୍ଟମ-ନବମ ଶତାବ୍ଦୀରେ ମଣ୍ଡଳ ନାମରେ ପରିଚିତ ଛୋଟ ଛୋଟ ରାଜ୍ୟଗୁଡ଼ିକର ଗଠନ ହୋଇଥିଲା । ଅଧିକାଂଶ ମଣ୍ଡଳ ଭୌମରାଜ୍ୟର ସାମନ୍ତ ରାଜ୍ୟ ଥିଲେ ଏବଂ ପରବର୍ତ୍ତୀ ସମୟରେ ଗଡ଼ଜାତ ନାମରେ ପରିଚୟ ପାଇଥିବା ଅଞ୍ଚଳରେ ରହିଥିଲେ । ମଣ୍ଡଳଗୁଡିକ ସାମନ୍ତ ରାଜ୍ୟ ହେବା ସତ୍ତ୍ୱେ ଆଭ୍ୟନ୍ତରୀଣ ପ୍ରଶାସନର କର୍ତ୍ତୃତ୍ୱ ସ୍ଥାନୀୟ ରାଜାମାନଙ୍କ ହାତରେ ଥିଲା । ଭୌମ ସମ୍ବତ ବ୍ୟବହାର କରିବା ବ୍ୟତୀତ ଅନ୍ୟ କେଉଁ ପ୍ରକାରେ ସେଠାରେ ଭୌମ ଶାସନର ପ୍ରତିଫଳନ ରହିଥିଲା, ତାହା ମିଳିଥିବା ତାମ୍ର ଶାସନଗୁଡ଼ିକରୁ ସୁସ୍ପଷ୍ଟ ହୁଏ ନାହିଁ । ମଣ୍ଡଳଗୁଡ଼ିକ ମୁଖ୍ୟତଃ ଆଦିବାସୀ ବହୁଳ ରାଜ୍ୟ ଥିଲେ । ଅନେକ ମଣ୍ଡଳରେ ରାଜତ୍ୱ କରୁଥିବା ରାଜବଂଶ ମଧ୍ୟ ଆଦିବାସୀ ଥିଲେ ଏବଂ ରାଜତ୍ୱ ଲାଭ କରିବା ପରେ ବର୍ଣ୍ଣାଶ୍ରମର ପ୍ରସାର କରି ତହିଁରେ ନିଜକୁ କ୍ଷତ୍ରିୟ ବଂଶ ବା ତାହାର ସମତୁଲ ବୋଲି ପରିଚୟ ପ୍ରଦାନ କରିଥିଲେ । ଅନେକ ମଣ୍ଡଳରେ ବ୍ରାହ୍ମଣମାନଙ୍କୁ ନିଷ୍କର ଭୂମି ପ୍ରଦାନ କରାଯାଇଥିଲା । ଯଦିଓ କେତେକ ମଣ୍ଡଳର ରାଜବଂଶ ବୌଦ୍ଧଧର୍ମର ଉପାସକ ଥିଲେ, ସେମାନେ ମଧ୍ୟ ସ୍ୱ-ମଣ୍ଡଳରେ ବର୍ଣ୍ଣାଶ୍ରମର ପ୍ରସାର

କରି ନିଜ ନିଜ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବାକୁ ପ୍ରୟାସ କରିଥିଲେ । ସେହି ଦୃଷ୍ଟିରୁ ବିଚାର କଲେ, ମଣ୍ଡଳ ଶାସନ ସମୟରେ ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳ ଗୁଡ଼ିକରେ ସାମାଜିକ ବର୍ଗୀକରଣ ପ୍ରକ୍ରିୟା କ୍ଷୀପ୍ରତର ହେଲା । ଏହା ବ୍ୟତୀତ ଏହି ସମୟରେ, ପରେ ଗଡଜାତ ଭାବେ ପରିଚୟ ପାଇଥିବା ମଣ୍ଡଳ ଅଞ୍ଚଳରେ ସ୍ଥାୟୀ କୃଷିର ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ଯତ୍‌କିଞ୍ଚିତ ଉନ୍ନତି ହୋଇଥିବାର ମଧ୍ୟ ଅନୁମାନ କରାଯାଏ । ଭୌମବଂଶର ପତନ ପରେ ଅଧିକାଂଶ ମଣ୍ଡଳ ସୋମବଂଶୀ ରାଜ୍ୟର ଅଧିକାରଭୁକ୍ତ ହୋଇଥିବାର ଜଣାଯାଏ । ଅନ୍ୟ ଶବ୍ଦରେ କହିଲେ, ମଣ୍ଡଳଗୁଡ଼ିକ ଭୌମକର ଶାସନ ସମୟରେ ଗଠିତ ହୋଇଥିଲେ ବୋଲି ସୋମବଂଶୀ ରାଜାମାନଙ୍କ ପାଇଁ ପ୍ରାକୃତିକ ଓଡ଼ିଶାର ଅଧିକାଂଶ ଅଞ୍ଚଳକୁ ଏକ ସାମ୍ରାଜ୍ୟାଧୀନ କରିବା ଅନେକ ମାତ୍ରାରେ ସହଜ ହେଲା ।

■ ■ ■

# ସୋମବଂଶ

ଅଷ୍ଟମ ଶତାବ୍ଦୀର ଆଦ୍ୟ ଭାଗରେ ଯେତେବେଳେ ଭୌମକର ରାଜବଂଶ ତୋଷାଳୀରେ ରାଜତ୍ୱ କଲେ, ତା'ର କିଛି କାଳ ଆଗରୁ ସପ୍ତମ ଶତାବ୍ଦୀର ଶେଷ ଆଡ଼କୁ ଦକ୍ଷିଣ କୋଶଳରେ ସୋମବଂଶର ଅଭ୍ୟୁତ୍‌ଥାନ ହେଲା । ଆଧୁନିକ ଛତିଶଗଡ଼ର ରାୟପୁର, ବିଳାସପୁର ଓ ରାୟଗଡ଼ର କିଛି ଅଂଶକୁ ନେଇ ସେତେବେଳେ ଦକ୍ଷିଣ କୋଶଳ ରାଜ୍ୟ ଗଠିତ ହୋଇଥିଲା । କାଳକ୍ରମେ ଏହି ବଂଶ ପଶ୍ଚିମ ଓଡ଼ିଶା ଦେଇ ଓଡ଼ିଶାର ଅଭ୍ୟନ୍ତରକୁ ରାଜ୍ୟ ବିସ୍ତାର କଲେ ଏବଂ ଓଡ଼ିଶାରେ ଥିବା କ୍ଷୁଦ୍ର ରାଜ୍ୟଗୁଡ଼ିକୁ ଅଧିକାରଭୁକ୍ତ କଲେ । ଭୌମମାନଙ୍କର ରାଜ୍ୟ ଧୀରେ ଧୀରେ ସୋମବଂଶୀମାନଙ୍କ କର୍ତ୍ତୃତ୍ୱକୁ ଗଲା । ଭୌମ ସାମନ୍ତ ରାଜ୍ୟଗୁଡ଼ିକୁ ମଧ୍ୟ ସୋମବଂଶୀମାନେ ଅଧିକାର କରିନେଇ ପ୍ରାକୃତିକ ଓଡ଼ିଶାର ବହୁ ଅଂଶକୁ ଏକଶାସନାଧୀନ କଲେ । ଦୀର୍ଘ ତିନି ଶତାବ୍ଦୀ ଧରି ସୋମବଂଶୀମାନେ ଓଡ଼ିଶାରେ ରାଜତ୍ୱ କଲେ ଏବଂ ସେଠାରେ ପ୍ରାୟ ଏକ ପ୍ରକାରର ରାଜନୀତି, ଶାସନ ଓ ସଂସ୍କୃତି ନିର୍ମାଣ କଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ହାତୀଗୁମ୍ଫା ଶିଳାଲେଖ ଅନୁଯାୟୀ ଖାରବେଳଙ୍କ ସାମ୍ରାଜ୍ୟ ହୁଏତ ପ୍ରାଚୀନ କାଳର ଏକ ବିଶାଳ ରାଜ୍ୟ ଥିଲା । ମାତ୍ର ତା'ପରେ ସୋମବଂଶୀମାନେ ହିଁ ସମଗ୍ର ଓଡ଼ିଶାକୁ ଏକଶାସନାଧୀନ କଲେ ଓ ସେଠାରେ ଏକ ବିଶାଳ ସାମ୍ରାଜ୍ୟ ଗଠନ କଲେ । ସେତିକି ବିଶାଳ ରାଜ୍ୟ ଅତୀତରେ ଓଡ଼ିଶାରେ ଆଉ କେବେ ଗଠିତ ହୋଇ ନଥିଲା । ଏହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟକାଳର ଆରମ୍ଭରେ ଯେଉଁ ଭିତ୍ତି ପଡିଥିଲା, ତାହାର ମୁଖ୍ୟ ଶ୍ରେୟ ଯିବ ସୋମବଂଶୀମାନଙ୍କୁ ।

ପ୍ରଥମେ, ସୋମବଂଶୀମାନେ ଦକ୍ଷିଣ କୋଶଳରେ ସୀମାବଦ୍ଧ ଥିଲେ । ଆଧୁନିକ ଛତିଶଗଡ଼ର ଶିରପୁର ଥିଲା ସେମାନଙ୍କର ରାଜଧାନୀ । ଦକ୍ଷିଣ କୋଶଳରେ ରାଜୁତି କରିବା ପୂର୍ବରୁ ସେମାନେ ପାଣ୍ଡୁବଂଶ ଭାବରେ ପରିଚିତ ଥିଲେ । ଶରଭପୁରୀୟଙ୍କ ଅଧୀନରେ ପ୍ରାଶାସନିକ ଅଧିକାରୀ ରୂପେ ରାଜନୀତି ଆରମ୍ଭ କରି କାଳକ୍ରମେ ସେମାନେ ରାଜପରିବାର ସହ ବିବାହ ସମ୍ବନ୍ଧ ସ୍ଥାପନ କଲେ

ଏବଂ ସାମାଜିକ ଦୃଷ୍ଟିରୁ ଶରଭପୁରୀୟ ରାଜ ପରିବାର ସ୍ତରକୁ ଉନ୍ନୀତ ହେଲେ । କୁହାଯାଏ, ଶରଭପୁରୀୟ ବଂଶରେ ପୁତ୍ର ସନ୍ତାନ ନହେବାରୁ ପାଣ୍ଡୁବଂଶୀ ତିବରଦେବଙ୍କୁ ଶରଭପୁରୀୟ ରାଜସିଂହାସନ ପ୍ରାପ୍ତ ହେଲା ଏବଂ ଏହି ପ୍ରକ୍ରିୟାରେ ସୋମବଂଶୀମାନେ ରାଜବଂଶର ମର୍ଯ୍ୟାଦା ଲାଭ କଲେ । କାଳାଚୁରୀ ରାଜାମାନଙ୍କ ବାରମ୍ବାର ଆକ୍ରମଣଯୋଗୁଁ ଏହି ସମୟରେ ପାଣ୍ଡୁବଂଶୀ ନାମରେ ପରିଚିତ ସୋମବଂଶୀମାନେ ଉତ୍କଳ ଆଡ଼କୁ ଅଗ୍ରସର ହେଲେ ଏବଂ କାଳକ୍ରମେ ଓଡ଼ିଶାରେ ସ୍ଥାୟୀ ଭାବେ ରାଜ୍ୟ ପ୍ରତିଷ୍ଠା କଲେ ।

ସୋମବଂଶୀମାନେ ଆରମ୍ଭରେ ଯେତେବେଳେ ପାଣ୍ଡୁବଂଶୀ ଭାବରେ ପରିଚିତ ଥିଲେ, ସେତେବେଳେ ସେମାନଙ୍କ ମୋଟ ଶାସନ କାଳ ୭୦୦ରୁ ୮୧୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ସୀମିତ ଥିଲା ବୋଲି ଅନୁମାନ କରାଯାଏ । ଦକ୍ଷିଣ କୋଶଳରେ ରାଜତ୍ୱ କରି ସେମାନେ ନିରନ୍ତର ଓଡ଼ିଶାର ଅଭ୍ୟନ୍ତରକୁ ରାଜ୍ୟ ବିସ୍ତାରପାଇଁ ଉଦ୍ୟମ କରୁଥିଲେ । ମାତ୍ର ଏଥିରେ ସେମାନଙ୍କୁ ବିଶେଷ ସଫଳତା ମିଳିନଥିଲା । ତିବରଦେବଙ୍କୁ ପ୍ରଥମେ ରାଜ୍ୟ ଭାର ମିଳିଥିଲା ଏବଂ ୭୦୦ରୁ ୭୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେ ଶାସନ କରିବା ପରେ ତାଙ୍କର ଯେଉଁ ଉତ୍ତରାଧିକାରୀମାନେ ଦକ୍ଷିଣ କୋଶଳରେ ରାଜତ୍ୱ କଲେ ସେମାନେ ହେଲେ କ୍ରମାନ୍ୱୟରେ ଚନ୍ଦ୍ରଗୁପ୍ତ, ହର୍ଷଗୁପ୍ତ ଓ ବାଳାର୍ଜୁନ । ପିତା ହର୍ଷଗୁପ୍ତଙ୍କ ମୃତ୍ୟୁ ବେଳକୁ ବାଳାର୍ଜୁନ ନାବାଳକ ଥିବାରୁ ରାଜମାତା ବାସଟା ଦେବୀ କିଛି କାଳ ରାଜକାର୍ଯ୍ୟ ତୁଲାଇଥିଲେ । ରାଜଧାନୀ ଶିରପୁର ପ୍ରସ୍ତର ଅଭିଲେଖରେ ବାସଟା ଦେବୀଙ୍କ ସମୟରେ କୋଶଳରେ କେତେକ ବିଷ୍ଣୁ ମନ୍ଦିର ନିର୍ମିତ ହୋଇଥିବାର ଉଲ୍ଲେଖ ରହିଛି । ବାଳାର୍ଜୁନଙ୍କ ରାଜତ୍ୱ ସମୟରେ ଦକ୍ଷିଣ କୋଶଳ ରାଷ୍ଟ୍ରକୂଟମାନଙ୍କ ହାତରେ ପରାଜିତ ହୋଇ ସାମନ୍ତ ରାଜ୍ୟ ହେବାକୁ ବାଧ୍ୟ ହେଲା । ମାତ୍ର ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦଙ୍କ ମୃତ୍ୟୁ ପରେ ବାଳାର୍ଜୁନ ପୁଣି ସ୍ୱାଧୀନ ହେଲେ । ବାଳାର୍ଜୁନ ଦୀର୍ଘ ୫୭ ବର୍ଷ ଧରି ରାଜ୍ୟ ଶାସନ କରିଥିଲେ ଏବଂ ନିଜ ରାଜତ୍ୱ କାଳରେ ଅନେକ ଗୁଡ଼ିଏ ତାମ୍ରଶାସନ ପ୍ରଦାନ କରିଥିଲେ । ପାଣ୍ଡୁବଂଶୀ ସମୟର ଇତିହାସ ରଚନାରେ ଏହି ତାମ୍ରଶାସନ ମୁଖ୍ୟ ଆଧାର ରୂପେ ପରିଗଣିତ ହୁଏ । ବାଳାର୍ଜୁନ ଶୈବଧର୍ମର ଉପାସକ ଥିଲେ ଏବଂ ତା' ସହିତ ବୌଦ୍ଧଧର୍ମର ପୃଷ୍ଟପୋଷକତା କରୁଥିଲେ ବୋଲି ତାମ୍ରଶାସନରୁ ଜଣାଯାଏ । ତାଙ୍କ ସମୟରେ ଶିରପୁରଠାରେ ଲକ୍ଷ୍ମଣେଶ୍ୱର ମନ୍ଦିର ନିର୍ମାଣ ହୋଇଥିଲା ।

ବାଳାର୍ଜୁନଙ୍କ ପରବର୍ତ୍ତୀ ପାଣ୍ଡୁବଂଶୀ ରାଜାମାନେ ନିଜକୁ ସୋମବଂଶୀ ବୋଲି ଅଭିହିତ କରିଥିଲେ । ନବମ ଶତାବ୍ଦୀର ମଧ୍ୟ ଭାଗରୁ (୮୫୦ ଖ୍ରୀଷ୍ଟାବ୍ଦରୁ) ଦ୍ୱାଦଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ (୧୧୦୦-୧୧୧୦ ଖ୍ରୀଷ୍ଟାବ୍ଦ) ସେମାନେ ଓଡ଼ିଶାରେ ରାଜତ୍ୱ କରିଥିଲେ । ନିଜ ନାମ ସହିତ ଅଭିଷେକ ନାମ 'ମହାଶିବଗୁପ୍ତ' ଓ 'ମହାଭବଗୁପ୍ତ' ପଦବୀ ଗ୍ରହଣ କରି ସେମାନେ ନିଜ ଗୌରବ ଓ ପରାକ୍ରମର ପରିଚୟ ଦେଇଥିଲେ । ସେମାନେ କାହାରି ସାମନ୍ତରାଜା ନ ଥିଲେ । ସ୍ୱାଧୀନ ଭାବରେ ରାଜତ୍ୱ କରି କ୍ରମାଗତ ରାଜ୍ୟର ପରିସୀମା ବିସ୍ତାର କରିବାରେ ସଫଳ ହୋଇଥିଲେ । ଯାହା ପୂର୍ବରୁ ଉଲ୍ଲିଖିତ, ଅନେକ ମଣ୍ଡଳ ରାଜ୍ୟ ସେମାନଙ୍କ ସମୟରେ ସୋମବଂଶୀ ରାଜ୍ୟର ଅଧିକାରଭୁକ୍ତ ହୋଇଥିଲା ।

ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ପ୍ରସ୍ତୁତ ସୋମବଂଶୀ ରାଜବଂଶାବଳୀ ନିମ୍ନରେ ଦିଆଗଲା ।

**ପ୍ରଥମ ଜନ୍ମେଜୟ ପ୍ରଥମ ମହାଭବଗୁପ୍ତ (୮୮୨-୯୨୨ ଖ୍ରୀଷ୍ଟାବ୍ଦ)**

ପ୍ରଥମ ଯଯାତି — ବିଚିତ୍ରବୀର

ପ୍ରଥମ ମହାଶିବଗୁପ୍ତ (୯୨୨-୯୫୫ଖ୍ରୀ.)

ଭୀମରଥ ଦ୍ୱିତୀୟ ମହାଭବଗୁପ୍ତ(୯୫୫-୯୮୫ଖ୍ରୀ.) — ଅଭିମନ୍ୟୁ

ଧର୍ମରଥ ଦ୍ୱିତୀୟ ମହାଶିବଗୁପ୍ତ (୯୮୦-୧୦୦୫ଖ୍ରୀ.) — ନହୁଷ ତୃତୀୟ ମହାଭବଗୁପ୍ତ (୧୦୦୫-୧୦୨୧ଖ୍ରୀ.)

ଦ୍ୱିତୀୟ ଯଯାତି ଚଣ୍ଡିହର ଦ୍ୱିତୀୟ ମହାଶିବଗୁପ୍ତ (୧୦୨୫-୧୦୪୦ଖ୍ରୀ.)

ଉଦ୍ୟୋତ କେଶରୀ ଚତୁର୍ଥ ମହାଭବଗୁପ୍ତ (୧୦୪୦-୧୦୬୫ଖ୍ରୀ.)

ଦ୍ୱିତୀୟ ଜନ୍ମେଜୟ ଚତୁର୍ଥ ମହାଶିବଗୁପ୍ତ (୧୦୬୫-୧୦୮୫ ଖ୍ରୀ.)

ପୁରଞ୍ଜୟ ପଞ୍ଚମ ମହାଭବଗୁପ୍ତ (୧୦୮୫-୧୧୦୦ ଖ୍ରୀ.) — କର୍ଣ୍ଣଦେବ ପଞ୍ଚମ ମହାଶିବଗୁପ୍ତ (୧୧୦୦-୧୧୧୦ ଖ୍ରୀ.)

## ପ୍ରଥମ ଜନ୍ମେଜୟ

ପ୍ରଥମ ଜନ୍ମେଜୟ ସୋମବଂଶର ପ୍ରଥମ ରାଜା । କାଳାଚୁରୀମାନଙ୍କ ଆକ୍ରମଣଯୋଗୁଁ ସେ ଆଧୁନିକ ଛତିଶଗଡ଼ର ରାୟପୁର-ବିଳାସପୁରସ୍ଥିତ ତାଙ୍କ ରାଜ୍ୟରୁ ସୋମରାଜ୍ୟକୁ ଓଡ଼ିଶା ଆଡକୁ ବିସ୍ତାରିତ କଲେ । ପ୍ରଥମେ ପଶ୍ଚିମ ଓଡ଼ିଶାର ସ୍ଥାନୀୟ ରାଜାମାନଙ୍କୁ ପରାଜିତ କରି ସେ କୋଶଳ ରାଜ୍ୟ ସ୍ଥାପନ କଲେ, ଯାହାକୁ ବର୍ତ୍ତମାନର ସମ୍ବଲପୁର-ବଲାଙ୍ଗୀର ଅଞ୍ଚଳ ସହ ଚିହ୍ନିତ କରାଯାଏ ।

ଏହା ପରେ ରାଜା ରଣ ଭଞ୍ଜଙ୍କୁ ଯୁଦ୍ଧରେ ପରାସ୍ତ ଓ ନିହତ କରି ଆଧୁନିକ ବୌଦ-ସୋନପୁର ସହ ଚିହ୍ନିତ ଖିଞ୍ଜଳି ମଣ୍ଡଳ ରାଜ୍ୟ ଅଧିକାର କଲେ । ଖିଞ୍ଜଳି ମଣ୍ଡଳ ଭୌମମାନଙ୍କର ସାମନ୍ତ ରାଜ୍ୟ ଥିବା ସତ୍ତ୍ୱେ ରଣ ଭଞ୍ଜଙ୍କୁ ଯୁଦ୍ଧ ବେଳେ ଭୌମକରମାନଙ୍କର ସୈନ୍ୟ ସହାୟତା ମିଳିନଥିଲା । ହୁଏତ ଏତେବେଳକୁ ଭୌମମାନେ ଦୁର୍ବଳ ହୋଇପଡିଥିଲେ ଏବଂ ନିଜ ସାମନ୍ତ ରାଜ୍ୟକୁ ପ୍ରତିରକ୍ଷା ପ୍ରଦାନ କରିବାକୁ ଅସମର୍ଥ ଥିଲେ ।

ଖିଞ୍ଜଳି ମଣ୍ଡଳ ଅଧିକାର କଲା ପରେ ସୋମବଂଶୀମାନେ ଭୌମକର ବଂଶ ସହ ବୈବାହିକ ସମ୍ବନ୍ଧ ସ୍ଥାପନ କଲେ । ପ୍ରଥମ ଜନ୍ମେଜୟ ନିଜ କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ଭୌମରାଜା ଚତୁର୍ଥ ଶୁଭକର ଦେବଙ୍କ ସହିତ ବିବାହ ଦେଲେ । ଏହି ପ୍ରକ୍ରିୟାରେ ଜନ୍ମେଜୟ ଭୌମ ଶାସନରେ ହସ୍ତକ୍ଷେପ କଲେ । ଚତୁର୍ଥ ଶୁଭକରଙ୍କ ମୃତ୍ୟୁ ପରେ ଯେତେବେଳେ ତାଙ୍କ ଭାଇ ତୃତୀୟ ଶିବକର ଦେବ ସିଂହାସନ ଆରୋହଣ କଲେ, ପୃଥ୍ୱୀ ମହାଦେବୀ ତା'ର ବିରୋଧ କରିଥିଲେ । ଫଳରେ ଶିବକର ଦେବଙ୍କ ମୃତ୍ୟୁ ପରେ ସେ ଭୌମ ରାଜ୍ୟର ଶାସିକା ହେଲେ । ସମ୍ଭବତଃ ପିତା ପ୍ରଥମ ଜନ୍ମେଜୟଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ସେ ଭୌମ ରାଜପଦ ଦାବି କରିଥିଲେ । ତେଣୁ ତାଙ୍କ ଦ୍ୱାରା ପ୍ରଦତ୍ତ ବୌଦ ତାମ୍ରଶାସନରେ ସେ ନିଜକୁ କୋଶଳର ସୋମବଂଶୀ ରାଜାଙ୍କ କନ୍ୟା ବୋଲି ସୁସ୍ପଷ୍ଟ କରିଥିଲେ । ଭୌମରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ପ୍ରଥମ ଜନ୍ମେଜୟଙ୍କ ହସ୍ତକ୍ଷେପ ରହିଥିବା କଥା ନିମ୍ନୋକ୍ତ କେତୋଟି ଘଟଣାରୁ ସାବ୍ୟସ୍ତ ହୁଏ ।

ଜନ୍ମେଜୟଙ୍କ ପୁତ୍ର ପ୍ରଥମ ଯଯାତି ଭୌମଶାସିତ ତୋଷାଳୀ ରାଜ୍ୟରେ ରାଜତ୍ୱର ନବମ ବର୍ଷରେ ଏକ ଗ୍ରାମ ଦାନ କରିଥିଲେ । ସୋମବଂଶୀ ରାଜା ଯେତେବେଳେ କାଳାଚୁରୀ ରାଜା ଶଙ୍କରପଣଙ୍କ ସହ ଯୁଦ୍ଧରେ ବ୍ୟସ୍ତ ରହିଲେ, ତାହାର ସୁବିଧା ନେଇ ପୃଥ୍ୱୀମହାଦେବୀଙ୍କୁ ଭୌମ ଅଧିକାରୀମାନେ ରାଜପଦରୁ ଗାଦିଚ୍ୟୁତ କଲେ ଏବଂ ତାଙ୍କ ସ୍ଥାନରେ ତୃତୀୟ ଶିବକରଙ୍କ ବିଧବା ପତ୍ନୀ ତ୍ରିଭୁବନ ମହାଦେବୀଙ୍କୁ ସିଂହାସନରେ ବସାଇଲେ । କାଳାଚୁରୀଙ୍କ ସହିତ ଯୁଦ୍ଧ ସାରି ଯେତେବେଳେ ଯଯାତି ପୁଣି ଥରେ ନିଜ ଭଉଣୀ ପୃଥ୍ୱୀ ମହାଦେବୀଙ୍କୁ ଭୌମ ରାଜଗାଦି ଦେବାକୁ ପ୍ରୟାସ କଲେ, ତାହା ଭୌମ ଅଧିକାରୀଙ୍କ ବିରୋଧଯୋଗୁଁ ସମ୍ଭବ ହେଲା ନାହିଁ । ଏଥିରୁ ମନେହୁଏ ଭୌମ ପ୍ରଶାସନରେ ସୋମବଂଶୀମାନଙ୍କର ହସ୍ତକ୍ଷେପ ରହିଥିଲା ଏବଂ ତାକୁ ଭୌମ ରାଜଅଧିକାରୀ ବର୍ଗ ତୀବ୍ର ବିରୋଧ କରୁଥିଲେ । ସମ୍ଭବତଃ ଓଡ଼ିଶା ବାହାରୁ ଆସି କୋଶଳରେ ରାଜତ୍ୱ କରୁଥିବା ଏବଂ କୋଶଳକୁ କେନ୍ଦ୍ର କରି ବାକି ଓଡ଼ିଶାକୁ ରାଜ୍ୟବିସ୍ତାର କରୁଥିବା ସୋମବଂଶୀମାନଙ୍କୁ ଆରମ୍ଭରେ ସ୍ଥାନୀୟ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା । ପ୍ରଥମ ଜନ୍ମେଜୟ ଖିଞ୍ଜଳି ମଣ୍ଡଳ ଅଧିକାର କଲା ପରେ ସୁବର୍ଣ୍ଣପୁରକୁ (ଆଧୁନିକ ସୋନପୁର) ରାଜଧାନୀ ପରିବର୍ତ୍ତନ କଲେ । ପ୍ରଥମ ଯଯାତି ସୁବର୍ଣ୍ଣପୁରରୁ ପ୍ରଥମେ ବିନୀତପୁର (ବିନିକା) ଓ ରାଜତ୍ୱର ପନ୍ଦର ବର୍ଷରେ ଯଯାତି ନଗରକୁ (ଯାଜପୁର) ରାଜଧାନୀ ସ୍ଥାନାନ୍ତର କରିଥିଲେ । ଏଥିରୁ ଜଣାଯାଏ ଯେ ସେମାନେ କ୍ରମଶଃ ପ୍ରାକୃତିକ ଓଡ଼ିଶାର ଅଧିକାଂଶ ଅଞ୍ଚଳକୁ ନିଜ କର୍ତ୍ତୃତ୍ୱକୁ ଆଣି ପାରିଥିଲେ ।

ସୋମବଂଶୀ ରାଜା ମହାଶିବଗୁପ୍ତ ଧର୍ମରଥ ଖଣ୍ଡପଡ଼ାରେ ତାମ୍ରଶାସନ ଜାରି କରିଥିଲେ । ଅନ୍ୟ ଜଣେ ରାଜା ଉଦ୍ୟୋତ କେଶରୀ ନରସିଂହପୁରରେ ଏବଂ ଇନ୍ଦ୍ର ରଥ ବାଣପୁରରେ ତାମ୍ରଶାସନ ଜାରି କରିଥିଲେ । ପୁଣି, ବାଣପୁର ତାମ୍ରଶାସନରୁ ଜଣାଯାଏ ଯେ, ଧର୍ମରଥ କଳିଙ୍ଗ ଓ କଙ୍ଗୋଦ ରାଜ୍ୟ ଅଧିକାର କରି ସେଠାରେ ଭ୍ରାତା ଇନ୍ଦ୍ରରଥଙ୍କୁ ରାଜ୍ୟପାଳ ନିଯୁକ୍ତ କରିଥିଲେ । ଇନ୍ଦ୍ରରଥ ଭୁବନେଶ୍ୱରରେ ରାଜାରାଣୀ  ମନ୍ଦିର ଓ ଟିଟିଲାଗଡ଼ ନିକଟସ୍ଥ ରାଣୀପୁର-ଝରିଆଲରେ ଇନ୍ଦ୍ରଲାଠ ମନ୍ଦିର ନିର୍ମାଣ କରିଥିଲେ- ଯାହା ତାଙ୍କ ରାଜ୍ୟର ବ୍ୟାପକତାକୁ ଦର୍ଶାଏ । ଚତୁର୍ଥ ମହାଭବଗୁପ୍ତ ଉଦ୍ୟୋତ କେଶରୀଙ୍କ ରାଜତ୍ୱ ବେଳକୁ ସୋମବଂଶର ରାଜତ୍ୱ କୋଶଳ, ଉତ୍କଳ ଓ ଓଡ୍ର ଦେଶକୁ ବ୍ୟାପି ସାରିଥିଲା ।

ସୋମବଂଶୀ ରାଜାମାନେ ଯଦିଓ ଓଡ଼ିଶା ଭିତରେ ଖୁବ୍ ପରାକ୍ରମଶାଳୀ ଥିଲେ ଏବଂ ଓଡ୍ର, କୋଶଳ, କଙ୍ଗୋଦ ଓ ଉତ୍କଳ ଆଦି ରାଜ୍ୟ ଜୟ କରିବାକୁ ସମର୍ଥ ହୋଇଥିଲେ, ସେମାନଙ୍କୁ ଅନେକ ବାହାର ରାଜାଙ୍କ ହାତରେ ପରାଜୟ ମଧ୍ୟ ବରଣ କରିବାକୁ ପଡିଥିଲା । କାଳାଚୁରୀମାନେ ଥିଲେ ସୋମବଂଶୀ ରାଜାଙ୍କ ପରମ ଶତ୍ରୁ । ଇନ୍ଦ୍ରରଥଙ୍କ ସମୟରେ କାଳାଚୁରୀମାନେ ସୋମବଂଶୀ ରାଜ୍ୟର ଉତ୍ତର-ପଶ୍ଚିମ ଅଞ୍ଚଳକୁ ଜିଣି ନେଇଥିଲେ । ଦ୍ୱିତୀୟ ଯଯାତି ମଧ୍ୟ କାଳାଚୁରୀମାନଙ୍କ ହାତରେ ପରାସ୍ତ ହୋଇଥିଲେ । ସେହିପରି ଚୋଳମାନେ ସୁବର୍ଣ୍ଣପୁରକୁ ଏବଂ ଉତ୍ତର ଗଙ୍ଗବଂଶୀ ରାଜା ତୃତୀୟ ବଜ୍ରହସ୍ତ ଦେବ ସୋମବଂଶୀମାନଙ୍କ ହାତରୁ କଳିଙ୍ଗ ଓ କଙ୍ଗୋଦକୁ ଜିଣି ନେବାରେ ସକ୍ଷମ ହୋଇଥିଲେ ।

ଦ୍ୱିତୀୟ ଯଯାତି କେଶରୀ ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀଙ୍କୁ ସୋମବଂଶୀ ରାଜାମାନଙ୍କ ମଧ୍ୟରେ  ପ୍ରମୁଖତା ଦିଆଯାଏ । ମାଦଳାପାଞ୍ଜିରୁ ଜଣାଯାଏ ଯେ, ଦ୍ୱିତୀୟ ଯଯାତି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଯାଜପୁରରେ କାନ୍ୟକୁବ୍ଜରୁ ଦଶହଜାର ବ୍ରାହ୍ମଣଙ୍କୁ ଅଣାଇ ସେ ଦଶାଶ୍ୱମେଧ ଯଜ୍ଞ ମଧ୍ୟ କରିଥିଲେ । ସମ୍ଭବତଃ ଏହି ବ୍ରାହ୍ମଣମାନେ ପରବର୍ତ୍ତୀ ସମୟରେ ଓଡ଼ିଶାରେ ସ୍ଥାୟୀ ଭାବରେ ବସବାସ କରିଥିଲେ । ବ୍ରାହ୍ମଣମାନଙ୍କ ଆଗମନ ପରେ ଓଡ଼ିଶାରେ ବ୍ରାହ୍ମଣ୍ୟ ସଂସ୍କୃତିର ପ୍ରସାର ହେଲା । ପିତାଙ୍କ ପଥ ଅନୁସରଣ କରି ଉଦ୍ୟୋତ କେଶରୀ ବ୍ରାହ୍ମଣ ଓ ପଣ୍ଡିତମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଏହା ଓଡ଼ିଶାରେ ସାମାଜିକ ବର୍ଗୀକରଣ ପ୍ରକ୍ରିୟାକୁ ତୀବ୍ରତର କଲା । ସୋମବଂଶୀମାନଙ୍କ ପୃଷ୍ଠପୋଷକତାରେ ନିର୍ମିତ ବ୍ରହ୍ମେଶ୍ୱରୀ ମନ୍ଦିର ଅଭିଲେଖରେ ଉଦ୍ୟୋତ କେଶରୀ ପ୍ରଥମେ ରାଜକୁମାର ଭାବରେ ଏବଂ ପରେ ରାଜା ଭାବରେ କାଳାଚୁରୀ, ଚୋଳ ଓ ଗୌଡ଼ମାନଙ୍କୁ ପ୍ରତିହତ କରିଥିବା କଥା ଉଲ୍ଲେଖ ଅଛି । ତାଙ୍କ ସମୟରେ ବାମଣ୍ଡା ମଣ୍ଡଳ ରାଜ୍ୟ ସ୍ଥାପିତ ହୋଇଥିଲା, ଯାହାର ପ୍ରାଶାସନିକ ଦାୟିତ୍ୱ ଜଣେ ରାଜକୁମାରଙ୍କ ହାତରେ ନ୍ୟସ୍ତ ଥିଲା । ଶିବ ଉପାସକ ଭାବରେ ସେ ଲିଙ୍ଗରାଜ ମନ୍ଦିରର ଜଗମୋହନ ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ ବୋଲି ମାଦଳା ପାଞ୍ଜିରେ ବର୍ଣ୍ଣନା କରାଯାଇଛି ।

ଏକାଦଶ ଶତାବ୍ଦୀର ଶେଷ ବେଳକୁ ସୋମବଂଶୀ ରାଜ୍ୟ ଅତ୍ୟନ୍ତ ଦୁର୍ବଳ ହୋଇପଡିଲା । କାଳାଚୁରୀ, ଚୋଳ ଓ ଗୌଡ଼ମାନଙ୍କ ଅପେକ୍ଷା ସେମାନଙ୍କର ଅଧିକ ବଡ଼ ଶତ୍ରୁ ଭାବରେ ଉତ୍ତର ଗଙ୍ଗବଂଶ ବା ପରବର୍ତ୍ତୀ ଗଙ୍ଗବଂଶ ରାଜ୍ୟ ସମ୍ମୁଖକୁ ଆସିଲା । ବାହାରର ଅନ୍ୟ ରାଜ୍ୟଗୁଡିକ ପରି ଗଙ୍ଗମାନେ କେବଳ ଆକ୍ରମଣ କରି ଓ ଧନସମ୍ପତ୍ତି ଲୁଟି ନେଇ ସନ୍ତୁଷ୍ଟ ହୋଇନଥିଲେ । ଅତୀତରେ ଭୌମମାନଙ୍କ ରାଜ୍ୟରେ ସୋମବଂଶୀମାନେ ରାଜ୍ୟ ବିସ୍ତାର କଲା ପରି, ସେମାନେ (ଉତ୍ତର ଗଙ୍ଗମାନେ) ଓଡ଼ିଶାର ଗୋଟାକ ପରେ ଗୋଟାଏ ରାଜ୍ୟ ଅଧିକାର କରିନେଲେ ଏବଂ ନିଜ ରାଜ୍ୟର ବିସ୍ତାର କଲେ । ଦିରଘାସି ଶିଳାଲେଖରୁ ଜଣାଯାଏ ଯେ ଗଙ୍ଗରାଜା ପ୍ରଥମ ରାଜରାଜ ଦେବେନ୍ଦ୍ର ବର୍ମାଙ୍କର ସେନାପତି ଖିମିଡ଼ି, ଓଡ୍ର ଓ କୋଶଳ ଆଦି ରାଜ୍ୟର ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ସୋମବଂଶର ଶେଷ ରାଜା ଥିଲେ କର୍ଣ୍ଣଦେବ । ରାଜତ୍ୱର ଷଷ୍ଠ ବର୍ଷରେ ସେ ରତ୍ନଗିରି ତାମ୍ର ଶାସନ ରାଜଧାନୀ ଯଯାତିନଗରଠାରୁ ପ୍ରଦାନ କରିଥିଲେ । ସେ ସିଂହାସନ ଆରୋହଣ କଲାବେଳକୁ ସୋମବଂଶୀ ରାଜ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯାଏ ସୀମିତ ହୋଇ ଆସିଥିଲା । ତାଙ୍କ ସମୟରେ ପାଳବଂଶର ରାଜା ରାମପାଳ ଉତ୍ତର ଦିଗରୁ ଏବଂ ଗଙ୍ଗରାଜା ଅନନ୍ତ ବର୍ମା ଚୋଡ଼ଗଙ୍ଗଦେବ ଦକ୍ଷିଣ ଦିଗରୁ ସୋମବଂଶୀ ରାଜ୍ୟ ଉପରେ ଆକ୍ରମଣ କଲେ । ସମ୍ଭବତଃ ପାଳମାନେ କର୍ଣ୍ଣଦେବଙ୍କୁ ପରାସ୍ତ କରିଥିଲେ, କିନ୍ତୁ ଚୋଡଗଙ୍ଗଦେବ ତାଙ୍କୁ ସୁରକ୍ଷା ପ୍ରଦାନ କରି ପୁଣି ଥରେ ସିଂହାସନରେ ବସାଇଥିଲେ । ମାତ୍ର ଚୋଡଗଙ୍ଗଦେବଙ୍କ ଅନୁକମ୍ପା ଲାଭ କରି କର୍ଣ୍ଣଦେବ ଗଙ୍ଗକର୍ତ୍ତୃତ୍ୱାଧୀନ ହୋଇ ପଡିଲେ । ଶେଷରେ ୧୧୧୨ ଖ୍ରୀଷ୍ଟାବ୍ଦରେ ଚୋଡ଼ଗଙ୍ଗଦେବ ସୋମବଂଶୀ ରାଜ୍ୟକୁ ଅଧିକାର କରିନେଲେ । ଏହିଭଳି ଭାବେ ସୋମବଂଶୀ ଶାସନର ଅନ୍ତ ହେଲା । ରାଜନୈତିକ ଦୃଷ୍ଟିରୁ ଦେଖିଲେ, ଭୌମମାନଙ୍କ ସମୟରେ ପ୍ରାକୃତିକ ଓଡ଼ିଶା କ୍ଷେତ୍ରକୁ ଯେଉଁ ଏକ ଶାସନ ଏବଂ ସଂସ୍କୃତିର ଅନ୍ତର୍ଭୁକ୍ତ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା, ତାହା ସୋମବଂଶୀମାନଙ୍କ ରାଜତ୍ୱରେ ତ୍ୱରାନ୍ୱିତ ହେଲା । ଉତ୍ତର ଭାରତରୁ ବହୁ ସଂଖ୍ୟାରେ ବ୍ରାହ୍ମଣମାନଙ୍କୁ ଓଡ଼ିଶାରେ ବସତି ସ୍ଥାପନ କରିବାକୁ ସୁବିଧା ସୁଯୋଗ ଦେଇ ସେମାନେ ସାମାଜିକ ବର୍ଗୀକରଣ ପ୍ରକ୍ରିୟା ବୃଦ୍ଧି କଲେ । ସାମାଜିକ ବର୍ଗୀକରଣ, ବ୍ରାହ୍ମଣ୍ୟ ଧର୍ମର ପ୍ରସାର ଓ ସାମ୍ରାଜ୍ୟ ବିସ୍ତାରର ପ୍ରକ୍ରିୟା ମଧ୍ୟରେ ଅନୁପୂରକତା ଦେଖିବାକୁ ମିଳିଲା । ଭୌମମାନଙ୍କ ସମୟରେ ପାର୍ବତ୍ୟାଞ୍ଚଳରେ ସ୍ଥାପିତ ମଣ୍ଡଳ ରାଜ୍ୟଗୁଡିକରେ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ମିଳିଥିଲା । ସୋମବଂଶୀମାନଙ୍କ ସମୟରେ ବାହାରୁ ସେମାନଙ୍କୁ ଅଣାଗଲା । ଉଭୟ ବିଷୟକୁ ଯୋଡି ଦେଖିଲେ ଜଣାଯାଏ ଯେ, ଓଡ଼ିଶା ଆନ୍ତରିକ ଭାବରେ ତଥା ବାହାର କ୍ଷେତ୍ର ସହିତ ଏହି ସମୟରେ ବ୍ରାହ୍ମଣ୍ୟ ଧର୍ମ ମାଧ୍ୟମରେ ସଂଯୋଜିତ ହେବା ଲାଗି ଅଧିକ ମାତ୍ରାରେ ରାଜ ପ୍ରୋତ୍ସାହନ ଲାଭ କଲା । ସେହି ଦୃଷ୍ଟିରୁ ଦେଖିଲେ ସୋମବଂଶୀ ରାଜତ୍ୱ ଯେ ଓଡ଼ିଶା ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ- ଏଥିରେ କୌଣସି ଦ୍ୱିମତ ନାହିଁ ।

■ ■ ■

# ଉତ୍ତର ଗଙ୍ଗବଂଶ ଓ ଗଙ୍ଗ ସାମ୍ରାଜ୍ୟ

ଉତ୍ତର ବା ପରବର୍ତ୍ତୀ ଗଙ୍ଗବଂଶ ହେଲେ ପୂର୍ବ ଗଙ୍ଗବଂଶର ଦାୟାଦ । ପଞ୍ଚମ ଶତାବ୍ଦୀର ଶେଷ ଭାଗରୁ (୪୯୬ ଖ୍ରୀଷ୍ଟାବ୍ଦ) ଆରମ୍ଭ କରି ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ଗଞ୍ଜାମ କ୍ଷେତ୍ର ଓ ଆନ୍ଧ୍ରର ଶ୍ରୀକାକୁଲମ୍ କ୍ଷେତ୍ରରେ ପୂର୍ବ ବା ଆଦ୍ୟ ଗଙ୍ଗବଂଶ କଳିଙ୍ଗ ରାଜ୍ୟ ସ୍ଥାପନ କରିଥିଲେ । କଳିଙ୍ଗନଗର (ମୁଖଲିଙ୍ଗମ) ସେମାନଙ୍କ ରାଜଧାନୀ ଥିଲା । ଅଷ୍ଟମ ଶତାବ୍ଦୀର ଉତ୍ତରାର୍ଦ୍ଧରେ ପୂର୍ବ ଗଙ୍ଗବଂଶର ପତନ ହେଲା । ଗଙ୍ଗମାନେ ଅନେକ ଭାଗରେ ବିଭକ୍ତ ହେଲେ । ଧୀରେ ଧୀରେ ସେମାନଙ୍କର ଓଡ଼ିଶା ସହିତ ସମ୍ବନ୍ଧ ତୁଟିଲା ଏବଂ ଆନ୍ଧ୍ରରେ ଏକ ଅଖ୍ୟାତ ବଂଶ ଭାବରେ ସେମାନେ ରହିଲେ । ଏକାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ (୧୦୩୮ ଖ୍ରୀଷ୍ଟାବ୍ଦ) ବଜ୍ରହସ୍ତ ଦେବ ସିଂହାସନ ଆରୋହଣ କଲେ । ତାଙ୍କ ସମୟ ପରଠାରୁ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ (୧୪୩୪ ଖ୍ରୀ.) ଗଙ୍ଗମାନେ ପୁଣି ଥରେ ଗୌରବ ଅର୍ଜନ କଲେ । ଏହି ସମୟରେ ସେମାନେ ଏକ ବୃହତ୍ ରାଜ୍ୟ ଗଠନ କରିବାରେ ସଫଳ ହେଲେ । ସେମାନେ ଆନ୍ଧ୍ର ଅଞ୍ଚଳରୁ ଓଡ଼ିଶାକୁ ଆସିଥିଲେ ହେଁ ଓଡ଼ିଶା-ସଂସ୍କୃତିର ସଂରକ୍ଷକ ରୂପେ ପ୍ରସିଦ୍ଧି ଅର୍ଜନ କଲେ । ସେମାନଙ୍କ ସମୟରେ (ଉତ୍ତର ଗଙ୍ଗବଂଶର ରାଜତ୍ୱ କାଳରେ) ପୁରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ତଥା ଆହୁରି ଅନେକ ମନ୍ଦିର ନିର୍ମିତ ହେଲା । ବ୍ରାହ୍ମଣମାନଙ୍କୁ ପୃଷ୍ଟପୋଷକତା ପ୍ରଦାନ କରି ସେହି ପ୍ରକ୍ରିୟାରେ ଜଗନ୍ନାଥ ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ମଧ୍ୟ ଉତ୍ତର ଗଙ୍ଗବଂଶ ପ୍ରମୁଖତା ଲାଭ କଲା । ଏହା ସହିତ ଓଡ଼ିଶା ରାଜ୍ୟଗଠନର ଭିତ୍ତି ମଧ୍ୟ ସୁଦୃଢ଼ ହେଲା । ଦୀର୍ଘ ଚାରି ଶହ ବର୍ଷର ଗଙ୍ଗରାଜତ୍ୱ କାଳ ମଧ୍ୟରେ ୧୭ଜଣ ରାଜା ଶାସନ କରିଥିଲେ । ରାଜ୍ୟର ବିସ୍ତାର ହେବା ସହିତ ରାଜଧାନୀକୁ ସେମାନେ କଳିଙ୍ଗନଗର (ମୁଖଲିଙ୍ଗମ) ଠାରୁ ବାରାଣସୀ କଟକକୁ (ଆଧୁନିକ କଟକ) ସ୍ଥାନାନ୍ତର କରିଥିଲେ । ଓଡ଼ିଶାରେ ସ୍ଥାୟୀ ଭାବେ ରହିଗଲା ପରେ ଗଙ୍ଗମାନେ ଓଡ଼ିଶାର ଚାଲିଚଳଣି ଓ ଓଡଆ ଭାଷାକୁ ଆପଣେଇ ନେଲେ । ସେମାନଙ୍କ ସମୟରେ ଆଞ୍ଚଳିକ ଓଡ଼ିଆ ସାହିତ୍ୟର ଉତ୍ଥାନ ହେଲା ଏବଂ ଜଗନ୍ନାଥ ଓଡ଼ିଶା ସଂସ୍କୃତିର ପ୍ରତୀକ ହେଲେ । ଏଥିରେ ଗଙ୍ଗମାନଙ୍କ ଅନେକ ଐତିହାସିକ ଭୂମିକା ରହିଥିଲା ।

ଐତିହାସିକ ଆର. ସୁବ୍ବାରାଓଙ୍କଦ୍ୱାରା ପ୍ରସ୍ତୁତ ଉତ୍ତର ଗଙ୍ଗବଂଶାବଳୀ ନିମ୍ନରେ ଦିଆଗଲା ।

## ଉତ୍ତର ଗଙ୍ଗ ବଂଶାବଳୀ

ଅନନ୍ତ ବର୍ମା ବଜ୍ରହସ୍ତ (୧୦୩୮-୧୦୬୯ ଖ୍ରୀ.)

|

ଦେବେନ୍ଦ୍ର ବର୍ମା ପ୍ରଥମ ରାଜରାଜ (୧୦୬୯-୧୦୭୬ ଖ୍ରୀ.)

- ଅନନ୍ତ ବର୍ମା ଚୋଡଗଙ୍ଗ (୧୦୭୬-୧୧୪୭)
- ଉଦୟଗଣ୍ଡ ପରମାଦ୍ରିଦେବ ବା ଦ୍ୱିତୀୟ ଚୋଡଗଙ୍ଗ ବା ରାଜେନ୍ଦ୍ର ଚୋଡ଼ଗଙ୍ଗ

ଅନନ୍ତ ବର୍ମା ଚୋଡଗଙ୍ଗଙ୍କ ପରେ:

- ସପ୍ତମ କାମାର୍ଣ୍ଣବ (୧୧୪୭-୫୬)
- ରାଘବ (୧୧୫୬-୭୦)
- ଦ୍ୱିତୀୟ ରାଜରାଜ (୧୧୭୦-୯୦)
- ଦ୍ୱିତୀୟ ଅନଙ୍ଗଭୀମ (୧୧୯୦-୯୮)

ତୃତୀୟ ରାଜରାଜ (୧୧୯୮-୧୨୧୧)

|

ତୃତୀୟ ଅନଙ୍ଗଭୀମ (୧୨୧୧-୧୨୩୮)

|

ପ୍ରଥମ ନରସିଂହ ଦେବ (୧୨୩୮-୧୨୬୪)

|

ପ୍ରଥମ ଭାନୁଦେବ (୧୨୬୪-୧୨୭୯)

|

ଦ୍ୱିତୀୟ ନରସିଂହ ଦେବ (୧୨୭୯-୧୩୦୬

|

ଦ୍ୱିତୀୟ ଭାନୁଦେବ (୧୩୦୬-୧୩୨୮)

|

ତୃତୀୟ ନରସିଂହଦେବ (୧୩୨୮-୧୩୫୨)

|

ତୃତୀୟ ଭାନୁଦେବ (୧୩୫୨-୧୩୭୮)

|

ଚତୁର୍ଥ ନରସିଂହଦେବ (୧୩୭୮-୧୪୧୪)

|

ଚତୁର୍ଥ ଭାନୁଦେବ (୧୪୧୪-୧୪୩୪)

ଉତ୍ତର ଗଙ୍ଗବଂଶର ପ୍ରଥମ ରାଜା ଥିଲେ ବଜ୍ରହସ୍ତ ଦେବ । ତାଙ୍କ ସମୟରେ ତଥା ତାଙ୍କ ଉତ୍ତରାଧିକାରୀ ଦେବେନ୍ଦ୍ର ବର୍ମା ପ୍ରଥମ ରାଜରାଜ ଦେବଙ୍କ ସମୟରେ ସୋମମାନଙ୍କର ରାଜ୍ୟକୁ ଗଙ୍ଗମାନେ ଅଧିକାର କରିନେଲେ । ଉତ୍ତର ଗଙ୍ଗ ବଂଶର ମହାରାଜ, ମହାରାଜାଧିରାଜ, ପରମ ମାହେଶ୍ୱର, ପରମ ଭଟ୍ଟାରକ ଏବଂ ତ୍ରିକଳିଙ୍ଗାଧିପତି ଆଦି ପଦବୀରୁ ମନେହୁଏ ଯେ, ସେମାନେ ସ୍ୱାଧୀନ ଥିଲେ, ରାଜ୍ୟଜୟକୁ ପ୍ରମୁଖତା ଦେଉଥିଲେ ତଥା ଖୁବ୍ ଅଧିକ ମାତ୍ରାରେ ଧର୍ମାଶ୍ରିତ ଥିଲେ । ପରବର୍ତ୍ତୀ ସମୟରେ ଯୁଦ୍ଧ ଜୟ ସହିତ ଧର୍ମ ଓ ବ୍ରାହ୍ମଣମାନଙ୍କୁ ପୃଷ୍ଟପୋଷକତା ଦେଇ ରାଜ୍ୟରେ ଆଭ୍ୟନ୍ତରୀଣ ଶାନ୍ତି ରକ୍ଷା କରିବାରେ ସଫଳ ହୋଇଥିଲେ । ପ୍ରଥମ ରାଜରାଜ ସମ୍ଭବତଃ ଚୋଳ ରାଜା କୁଲୋତ୍ତୁଙ୍ଗ ଚୋଳଙ୍କୁ ପରାସ୍ତ କରି ତାଙ୍କ କନ୍ୟାଙ୍କ ସହିତ ବିବାହ କରିଥିଲେ । ଏହି ବୈବାହିକ ସମ୍ପର୍କ ପରେ ଗଙ୍ଗ ରାଜ୍ୟ ଚୋଳମାନଙ୍କର ସାହାଯ୍ୟ-ସମର୍ଥନ ଲାଭ କଲା । ଚୋଳ ପରିବାର ସହିତ ସମ୍ବନ୍ଧ ପରେ ରାଜରାଜଙ୍କ ପୁତ୍ର ଅନନ୍ତବର୍ମା 'ଚୋଳଗଙ୍ଗ' (ଚୋଡ଼ଗଙ୍ଗ) ନାମ ବହନ କଲେ । ପ୍ରକୃତରେ ଦେଖିଲେ, ସେ ହେଉଛନ୍ତି ଗଙ୍ଗବଂଶର ସର୍ବଶ୍ରେଷ୍ଠ ରାଜା । ତାଙ୍କ ସମୟରୁ ହିଁ ଗଙ୍ଗସାମ୍ରାଜ୍ୟର ପ୍ରକୃତ ଶୁଭାରମ୍ଭ ହେଲା ବୋଲି କହିଲେ ହୁଏତ ଭୁଲ ହେବ ନାହିଁ । ପ୍ରଥମ ରାଜରାଜଙ୍କ ଜନୈକ ପୁତ୍ର କୁହାଯାଉଥିବା ଉଦୟଗଣ୍ଡ ପରମାଦ୍ରିଦେବଙ୍କ ସଂପର୍କରେ ବିଶେଷ ଐତିହାସିକ ତଥ୍ୟ ନାହିଁ ।

## ଅନନ୍ତବର୍ମା ଚୋଡ଼ଗଙ୍ଗ (୧୦୭୬-୧୧୪୭ ଖ୍ରୀଷ୍ଟାବ୍ଦ)

ଜଣେ ସାମ୍ରାଜ୍ୟ ନିର୍ମାତା ଭାବରେ ଚୋଡ଼ଗଙ୍ଗ ଦେବ ଓଡ଼ିଶା ଇତିହାସରେ ଖୁବ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କ ସମୟରେ ପାଳରାଜା ରାମପାଳ ସୋମବଂଶୀମାନଙ୍କ ଉପରେ ଆକ୍ରମଣ କଲେ । ଏହାକୁ ରାଜ୍ୟ ବିସ୍ତାରପାଇଁ ଏକ ସୁଯୋଗ ମନେ କରି ଚୋଡ଼ଗଙ୍ଗ ପ୍ରଥମେ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ସହାୟତା କରି ପାଳମାନଙ୍କ ଦାଉରୁ ରକ୍ଷା କଲେ ଏବଂ ପରେ ସମଗ୍ର ସୋମବଂଶ ରାଜ୍ୟକୁ ନିଜ ଅଧିକାରଭୁକ୍ତ କରିନେଲେ । ଏହା ସମ୍ଭବତଃ ଖ୍ରୀଷ୍ଟାବ୍ଦ ୧୧୧୦ର ଘଟଣା । ପ୍ରକୃତରେ ଦେଖିବାକୁ ଗଲେ, ଏକାଦଶ ଶତାବ୍ଦୀର ଶେଷବେଳକୁ ସୋମବଂଶୀମାନେ ଏତେ ଦୁର୍ବଳ ହୋଇପଡ଼ିଥିଲେ ଯେ, କୌଣସି ନା କୌଣସି ପରାକ୍ରମୀ ରାଜ୍ୟ ସହ ବିଲୟ ହେବା ସେମାନଙ୍କ ନିୟତି ଥିଲା । ଏହା ଉତ୍ତାରୁ ଗଙ୍ଗ ରାଜଧାନୀ କଳିଙ୍ଗନଗର (ମୁଖଲିଙ୍ଗମ୍)ରୁ ସ୍ଥାନାନ୍ତରିତ ହୋଇ କଟକରେ ସ୍ଥାପିତ ହେଲା, କାରଣ ଏହା ଥିଲା ବର୍ଦ୍ଧିତ ଗଙ୍ଗରାଜ୍ୟର ମଧ୍ୟବର୍ତ୍ତୀ ସ୍ଥାନ ।

ଚୋଡ଼ଗଙ୍ଗଦେବ ଉପକୂଳ ଓଡ଼ିଶାରେ ନିଜ କର୍ତ୍ତୃତ୍ୱ ସୁଦୃଢ଼ କରିବା ସମୟରେ ପଶ୍ଚିମ ଅଞ୍ଚଳ ଅର୍ଥାତ୍ ସମ୍ବଲପୁର, ସୋନପୁର ଓ ବଲାଙ୍ଗୀର କ୍ଷେତ୍ରକୁ କାଳାଚୁରୀ ରାଜା ଦ୍ୱିତୀୟ ରତ୍ନଦେବ (୧୧୨୦-୧୧୩୫ ଖ୍ରୀଷ୍ଟାବ୍ଦ) ଅଧିକାର କରିନେଲେ । ଚୋଡ଼ଗଙ୍ଗ ଉକ୍ତ କ୍ଷେତ୍ରକୁ ଫେରି ପାଇବା ସକାଶେ କାଳାଚୁରୀମାନଙ୍କ ସହ ଯୁଦ୍ଧ କଲେ, କିନ୍ତୁ ଶେଷ ପର୍ଯ୍ୟନ୍ତ ଏଥିରେ ତାଙ୍କୁ ସଫଳତା ମିଳିନଥିଲା । ପ୍ରାୟ ଶହେ ବର୍ଷ ଧରି ଏହା କାଳାଚୁରୀମାନଙ୍କ ଅଧିକାରଭୁକ୍ତ ହୋଇ ରହିଲା ।

ଗଙ୍ଗବଂଶର ଅନ୍ୟତମ ଶ୍ରେଷ୍ଠ ରାଜା ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ଯାଇ କୋଶଳ କ୍ଷେତ୍ର ପୁଣି ଥରେ ଗଙ୍ଗସାମ୍ରାଜ୍ୟରେ ଅର୍ଥାତ ପ୍ରାକୃତିକ ଓଡ଼ିଶା ରାଜ୍ୟରେ ସଂଯୁକ୍ତ ହେଲା ।

ଚୋଡଗଙ୍ଗ ଦେବ ଗଙ୍ଗ ରାଜ୍ୟକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ଦୁର୍ଗ ନିର୍ମାଣ କରିଥିଲେ । ଏହି ଦୁର୍ଗଗୁଡ଼ିକ ଯାଜପୁର, ଅମରାବତୀ (ଛତିଆ) ଚୌଦ୍ୱାର, କଟକ ଓ ସାରଙ୍ଗଗଡ଼ (ବାରଙ୍ଗ)ରେ ଅବସ୍ଥିତ ଥିଲା । ସମ୍ଭବତଃ ଦୁର୍ଗଗୁଡ଼ିକୁ ଗଙ୍ଗରାଜା ଅସ୍ଥାୟୀ ସୈନ୍ୟ ଛାଉଣି ରୂପେ ବ୍ୟବହାର କରୁଥିଲେ । ଯୁଦ୍ଧ ପୂର୍ବରୁ ସାମୟିକ ସୈନ୍ୟ ପ୍ରଶିକ୍ଷଣପାଇଁ ମଧ୍ୟ ଦୁର୍ଗକୁ ବ୍ୟବହାର କରାଯାଉଥିଲା । ଏଥିରୁ ସାବ୍ୟସ୍ତ ହୁଏ ଯେ, ଗଙ୍ଗମାନେ ଚୋଡ଼ଗଙ୍ଗଙ୍କ ସମୟରୁ ହିଁ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରି ରାଜ୍ୟକୁ ପ୍ରତିଷ୍ଠା ଦେବାକୁ ତଥା ରାଜ୍ୟ ବିସ୍ତାର କରିବାକୁ ଉଦ୍ୟମ କରିଥିଲେ । ଦ୍ୱିତୀୟ ଅନଙ୍ଗଭୀମଦେବଙ୍କ ନାଗରୀ ତାମ୍ରଶାସନରୁ ଜଣାଯାଏ ଯେ ବେଙ୍ଗୀ, ଉତ୍କଳ, ମନ୍ଦାର ଓ ଦକ୍ଷିଣ କୋଣରୁ ଚୋଡ଼ଗଙ୍ଗ କର ଆଦାୟ କରୁଥିଲେ, ଯାହା ରାଜ୍ୟକୁ ସମୃଦ୍ଧି ପ୍ରଦାନ କରିଥିଲା ।

ପୁରୀର ଚୁଡ଼ଙ୍ଗ ସାହି, ଭୁବନେଶ୍ୱର ନିକଟସ୍ଥ ଧଉଳି ପାର୍ଶ୍ୱରେ କୌଶଲ୍ୟା ଗଙ୍ଗ ହ୍ରଦ ଓ ଗଙ୍ଗେଶ୍ୱରପୁର ଗ୍ରାମ ଚୋଡଗଙ୍ଗ ଦେବଙ୍କ କୃତି ବୋଲି ବିଶ୍ୱାସ କରାଯାଏ ।

ନିଜ ପୂର୍ବପୁରୁଷଙ୍କ ପରି ଚୋଡଗଙ୍ଗ ଦେବ ଆରମ୍ଭରେ ଶୈବ ଥିଲେ । ମାତ୍ର ଓଡ଼ିଶା ଅଧିକାର ପରେ ସେ ଜଗନ୍ନାଥଭକ୍ତ ପାଲଟିଗଲେ । ଆଞ୍ଚଳିକ ସ୍ତରରେ ଖୁବ୍ ପ୍ରସିଦ୍ଧି ପାଇଥିବା ଜଗନ୍ନାଥଙ୍କୁ ରାଜ୍ୟର ଆରାଧ୍ୟ ଦେବତା ବା ରାଷ୍ଟ୍ରୀୟ ଦେବତା କରିବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ମାଦଳାପାଞ୍ଜି ଅନୁଯାୟୀ, ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ବିଶାଳ ଜଗନ୍ନାଥ ମନ୍ଦିର ପୁରୀଠାରେ ନିର୍ମିତ ହୋଇଥିଲା । ମାତ୍ର ଗଙ୍ଗମାନଙ୍କଦ୍ୱାରା ପ୍ରଦତ୍ତ ତାମ୍ର ଶାସନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଚୋଡ଼ଗଙ୍ଗଦେବଙ୍କ ସମୟରେ ହିଁ ମନ୍ଦିରର ନିର୍ମାଣ ହୋଇଥିଲା । ସମ୍ଭବତଃ ଚୋଡ଼ଗଙ୍ଗ ହିଁ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଯାହାହେଉ, ଗଙ୍ଗମାନଙ୍କ ପକ୍ଷରୁ ଜଗନ୍ନାଥଙ୍କୁ ଏତେ ଅଧିକ ପ୍ରାଧାନ୍ୟ ଦେବା ପଛରେ କିଛି ରାଜନୈତିକ କାରଣ ରହିଥିବ ବୋଲି ଅନୁମାନ କରାଯାଏ । ଆନ୍ଧ୍ର ଅଞ୍ଚଳରୁ ଅର୍ଥାତ୍ ଓଡ଼ିଶା ବାହାରୁ ଆସିଥିବା ଗଙ୍ଗମାନେ ଓଡ଼ିଶାରେ ସାମାଜିକ ସ୍ୱୀକୃତି ପାଇବାଲାଗି ଜଗନ୍ନାଥଙ୍କର ଉପଯୋଗ କରୁଥିଲେ । ଜଗନ୍ନାଥଙ୍କ ନାମରେ ଶାସନ କରିବାଦ୍ୱାରା ଗଙ୍ଗମାନଙ୍କୁ ପ୍ରଭୂତ କର୍ତ୍ତୃତ୍ୱ ହାସଲ ହେଲା । ପଡୋଶୀ ରାଜ୍ୟର ଆକ୍ରମଣର ସମ୍ମୁଖୀନ ହେବାପାଇଁ ଆବଶ୍ୟକ ଜନସମର୍ଥନ ପାଇବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ଫଳରେ ଜଗନ୍ନାଥଙ୍କ ନାମକୁ ସେମାନେ ବିଧର୍ମୀ ଓ ବିଜାତୀୟ (ଅଣ-ଓଡ଼ିଆ) ଆକ୍ରମଣ ବିରୁଦ୍ଧରେ ଉପଯୋଗ କରିପାରିଲେ । ଏଥିପାଇଁ ସେମାନେ ଆବଶ୍ୟକ ମାତ୍ରାରେ ବ୍ରାହ୍ମଣମାନଙ୍କର ମଧ୍ୟ ପୃଷ୍ଠପୋଷକତା କଲେ । ବହିରାକ୍ରମଣରୁ ଲବ୍ଧ ଧନସଂପତ୍ତିର ଅନେକାଂଶ ବ୍ରାହ୍ମଣମାନଙ୍କ ହିତ ସାଧନରେ ଏବଂ ମନ୍ଦିର ନିର୍ମାଣରେ ବ୍ୟବହୃତ ହେଲା । ବ୍ୟୟ ବହୁଳ ମନ୍ଦିରମାନ ନିର୍ମାଣ କରି ଗଙ୍ଗମାନେ ସମଗ୍ର ଭାରତରେ ନିଜର ପ୍ରଭୁତ୍ୱ ପ୍ରଦର୍ଶନ କଲେ । ଚୋଡ଼ଗଙ୍ଗଦେବଙ୍କ ପରେ ମଧ୍ୟ ଏହି ନୀତିକୁ ଗଙ୍ଗମାନେ ଅବ୍ୟାହତ ରଖିଥିଲେ ।

ଦୀର୍ଘ ପ୍ରାୟ ସତୁରି ବର୍ଷ (୧୦୭୬-୧୧୪୭) ରାଜତ୍ୱ କରି ଚୋଡ଼ଗଙ୍ଗ ଦେବ ଗଙ୍ଗସାମ୍ରାଜ୍ୟକୁ କେବଳ ରାଜ୍ୟ ବିସ୍ତାର କରି ନୁହେଁ; ବରଂ ଧର୍ମ, କଳା, ସଂସ୍କୃତି ଓ ସ୍ଥାପତ୍ୟ କ୍ଷେତ୍ରରେ ମଧ୍ୟ ଏକ ଦୃଢ଼ ଭିତ୍ତି ପ୍ରଦାନ କଲେ । ଫଳରେ ଓଡ଼ିଶାରେ ପୂର୍ବରୁ ଆରମ୍ଭ ହୋଇଥିବା ରାଷ୍ଟ୍ରଗଠନ ପ୍ରକ୍ରିୟା ଏଣିକି ଦୃଢ଼ରୁ ଦୃଢ଼ତର ହେଲା ।

ଚୋଡ଼ଗଙ୍ଗ ଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ସପ୍ତମ କାମାର୍ଣ୍ଣବ ଦେବ ଗଙ୍ଗବଂଶର ରାଜା ହେଲେ । ସେ ଦଶବର୍ଷ କାଳ (୧୧୪୭-୧୧୫୬) ଶାସନ କରିଥିଲେ । ପିତାଙ୍କ ପରି ସେ ମଧ୍ୟ କୋଶଳ ଫେରି ପାଇବା ସକାଶେ କାଳାଚୁରୀମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ, ଅଥଚ ସଫଳତା ପାଇନଥିଲେ । ଚୋଳମାନଙ୍କ ଆକ୍ରମଣଯୋଗୁଁ କଳିଙ୍ଗର ଦକ୍ଷିଣାଞ୍ଚଳ ମଧ୍ୟ ତାଙ୍କୁ ହରାଇବାକୁ ପଡିଥିଲା । ସମ୍ଭବତଃ ଏହି ପରାଜୟଜନିତ ଲୋକଲଜ୍ଜାରୁ ରକ୍ଷା ପାଇବାପାଇଁ ସେ ତୁଳାଭରମ ଯଜ୍ଞର ଆୟୋଜନ କରିଥିଲେ । ଆୟୋଜନ ଅନୁଯାୟୀ ରାଜାଙ୍କ ଓଜନର ଧନରତ୍ନ(ସୁନା) ବ୍ରାହ୍ମଣ ଓ ପାରିଷଦବର୍ଗଙ୍କୁ ଦାନ କରାଯାଇଥିଲା ।

କାମାର୍ଣ୍ଣବ ଦେବ ଅପୁତ୍ରକ ଥିଲେ । ତାଙ୍କ ପରେ ତାଙ୍କ ଭାଇ ରାଘବ (୧୧୫୬-୧୧୭୦) ଗଙ୍ଗ ରାଜା ହେଲେ । ସେ ମଧ୍ୟ ଅପୁତ୍ରକ ଥିବାରୁ ଚୋଡ଼ଗଙ୍ଗଙ୍କ ଅନ୍ୟ ଦୁଇ ପୁତ୍ର ଦ୍ୱିତୀୟ ରାଜରାଜ ଓ ଦ୍ୱିତୀୟ ଅନଙ୍ଗଭୀମଦେବ କ୍ରମାନ୍ୱୟରେ ସିଂହାସନ ଆରୋହଣ କଲେ । ଏହି ସମୟରେ ଗଙ୍ଗସେନାପତି ସ୍ୱପ୍ନେଶ୍ୱର ଭୁବନେଶ୍ୱରରେ ମେଘେଶ୍ୱର ଶିବମନ୍ଦିର ନିର୍ମାଣ କରିଥିବାର ପ୍ରମାଣ ମିଳେ । ଦ୍ୱିତୀୟ ଅନଙ୍ଗଭୀମଦେବଙ୍କ ସମୟରେ ନିଆଳିଠାରେ ଶୋଭନେଶ୍ୱର ଶିବ ମନ୍ଦିରର ନିର୍ମାଣ ହୋଇଥିଲା । ମନ୍ଦିରମାନଙ୍କରେ ଦେବଦାସୀ ପ୍ରଥା ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା ।

ଦ୍ୱିତୀୟ ଅନଙ୍ଗଭୀମଦେବଙ୍କ ଉତ୍ତାରୁ ତାଙ୍କ ପୁତ୍ର ତୃତୀୟ ରାଜରାଜ (୧୧୯୮-୧୨୧୧) ସିଂହାସନ ଆରୋହଣ କଲେ । ରାଜତ୍ୱର ପ୍ରଥମ ବର୍ଷରେ ସେ ଦାସଗୋବା ତାମ୍ର ଶାସନ ପ୍ରଦାନ କରିଥିଲେ । ଏଥିରେ ଚୋଡଗଙ୍ଗଦେବ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କଥା ଉଲ୍ଲେଖ ଅଛି । ଦକ୍ଷିଣ ଭାରତର ଶ୍ରୀକୂର୍ମନାଥ ମନ୍ଦିର ଶିଳାଲେଖରେ ତୃତୀୟ ରାଜରାଜଙ୍କ ବିଷୟରେ କିଛି ସୂଚନା ରହିଛି । ତୃତୀୟ ରାଜରାଜଙ୍କ ରାଜତ୍ୱ ସମୟର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଲା, ଏହି ସମୟରେ (୧୧୯୨ରେ) ତୁର୍କମାନେ ଦିଲ୍ଲୀ ସିଂହାସନ ଅଧିକାର କରିସାରିଥିଲେ । ଏହା ପରେ କାଳାଚୁରୀ, ପାଳ ଓ ଚୋଳମାନଙ୍କ ପରି ମୁସଲମାନ ଶାସକମାନେ ମଧ୍ୟ ଓଡ଼ିଶା ଆକ୍ରମଣ କରିବାକୁ ଆରମ୍ଭ କଲେ । ଐତିହାସିକ ମିନ୍‌ହାବୁଦ୍ଦିନଙ୍କଦ୍ୱାରା ଲିଖିତ 'ତବାକତ-ଇ-ନାସିରୀ' ପୁସ୍ତକରୁ ଜଣାଯାଏ ଯେ ୧୨୦୫ ଖ୍ରୀଷ୍ଟାବ୍ଦରେ ବଙ୍ଗର ଶାସକ ମହମ୍ମଦ ବକ୍‌ତିଆର ଖିଲିଜୀ ଓଡ଼ିଶାର ଯାଜନଗର (ଯାଜପୁର) ଆକ୍ରମଣ କରିବାକୁ ସୈନ୍ୟ ପ୍ରେରଣ କରିଥିଲେ । ମାତ୍ର ନିଜେ ବକ୍‌ତିଆର ତାଙ୍କ ସେନାପତି ଅଲିମର୍ଦ୍ଦନଙ୍କ ହାତରେ କାମରୂପ ଓ ତିବ୍ବତ ଯୁଦ୍ଧ ଅଭିଯାନ ସମୟରେ ନିହତ ହେଲେ । ଫଳରେ ଖିଲିଜୀ ସେନା ଓଡ଼ିଶା ଆକ୍ରମଣ ନ କରି ପ୍ରତ୍ୟାବର୍ତ୍ତନ କଲେ । ଯଦିଓ ଖିଲିଜୀମାନଙ୍କର ପ୍ରଥମ ଓଡିଶା ଆକ୍ରମଣ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ, ପରବର୍ତ୍ତୀ ସମୟରେ ଉଭୟ ଗଙ୍ଗ ଓ ବଙ୍ଗର ଖିଲିଜୀମାନଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଲା ।

ତୃତୀୟ ରାଜରାଜଙ୍କ ପରେ ତୃତୀୟ ଅନଙ୍ଗଭୀମଦେବ (୧୨୧୧-୧୨୩୮) ସିଂହାସନ ଆରୋହଣ କଲେ । ତୃତୀୟ ଅନଙ୍ଗଭୀମଦେବ କାଳାଚୁରୀମାନଙ୍କୁ ପରାସ୍ତ କରି କୋଶଳକୁ ଗଙ୍ଗସାମ୍ରାଜ୍ୟ ଅଧୀନକୁ ଫେରାଇ ଆଣିଥିଲେ । ସେତେବେଳକୁ କାଳାଚୁରୀମାନେ ଅନେକ ଦୁର୍ବଳ ହୋଇ ସାରିଥିଲେ । ସେମାନଙ୍କର ଗଙ୍ଗମାନଙ୍କ ହାତରେ ପରାସ୍ତ ହେବା ଏବଂ କୋଶଳର ଗଙ୍ଗ ସାମ୍ରାଜ୍ୟରେ ସାମିଲ ହେବା ଅସ୍ୱାଭାବିକ ମନେହୁଏ ନାହିଁ । ମାଦଳା ପାଞ୍ଜି ଅନୁଯାୟୀ କୋଶଳ ପୁନଃ ଅଧିକୃତ ହେବା ପରେ ତୃତୀୟ ଅନଙ୍ଗଭୀମଙ୍କ ରାଜକୋଷ ଅଧିକ ଆୟ କରିବାକୁ ସମର୍ଥ ହେଲା ।

କାଳାଚୁରୀ ରାଜା ତୁମ୍ମାଣଙ୍କୁ ଯୁଦ୍ଧରେ ପରାସ୍ତ କଲେ ଗଙ୍ଗ ସେନାପତି ବ୍ରାହ୍ମଣ ବିଷ୍ଣୁ । ଏହା ପରେ ଗଙ୍ଗ ଓ କାଳାଚୁରୀଙ୍କ ମଧ୍ୟରେ ବିବାହ ବନ୍ଧନ ସ୍ଥାପିତ ହେଲା । କାଳାଚୁରୀ ରାଜକୁମାର ପରମାର୍ଦୀଦେବଙ୍କ ସହିତ ତୃତୀୟ ଅନଙ୍ଗଭୀମଦେବଙ୍କ କନ୍ୟା ଚନ୍ଦ୍ରିକାଙ୍କର ବିବାହ ହେଲା । ଏହା ପରେ ପରମାର୍ଦୀଦେବ ଗଙ୍ଗସେନାର ସେନାପତି ଭାବେ କାର୍ଯ୍ୟ ତୁଲାଇଲେ । ସମ୍ଭବତଃ କାଳାଚୁରୀମାନେ ତ୍ରୟୋଦଶ ଶତାବ୍ଦୀର ଆରମ୍ଭ ବେଳକୁ ପତନର ସମ୍ମୁଖୀନ ହୋଇ ରାଜ୍ୟ ହରାଇଥିଲେ, ଯାହା ଫଳରେ ରାଜକୁମାର ପରମାର୍ଦୀଦେବଙ୍କୁ ଗଙ୍ଗ ରାଜାଙ୍କ ଅଧୀନରେ କାମ କରିବାକୁ ପଡିଥିଲା । ଯେତେବେଳେ ବଙ୍ଗର ନବାବ ଗିୟାସୁଦ୍ଦିନ୍ ଇଓ୍ୱାଜ ଓଡ଼ିଶା ଆକ୍ରମଣ କଲେ, ଗଙ୍ଗ ସେନାପତି ପରମାର୍ଦୀଦେବ ସଫଳତାର ସହିତ ସେମାନଙ୍କର ପ୍ରତିରୋଧ କରିଥିଲେ । ଗିୟାସୁଦ୍ଦିନ୍‌ଙ୍କ ସେନାପତି ଯୁଜବେକ୍ ପରମାର୍ଦୀଦେବଙ୍କ ହାତରେ ପରାସ୍ତ ହୋଇଥିବା କଥା 'ତବାକତ-ଇ-ନାସିରୀ' ପୁସ୍ତକରେ ଉଲ୍ଲେଖ ଅଛି । ପରମାର୍ଦୀଦେବଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଚନ୍ଦ୍ରିକାଦେବୀ ଭୁବନେଶ୍ୱରରେ ପତିଙ୍କ ସ୍ମୃତିରେ ଅନନ୍ତ ବାସୁଦେବ ମନ୍ଦିର ୧୨୭୮ ରେ ନିର୍ମାଣ କରିଥିଲେ ।

ଏହି ସମୟରେ ଚୋଳରାଜ୍ୟରେ ଚାଲିଥିବା ଗୃହବିବାଦର ସୁଯୋଗ ନେଇ ଗଙ୍ଗରାଜା କାଞ୍ଚିପୁରମ ପର୍ଯ୍ୟନ୍ତ କୃଷ୍ଣା ଗୋଦାବରୀର ଉର୍ବର ତ୍ରିକୋଣଭୂମି ଅଞ୍ଚଳ ଅଧିକାର କରିନେଲେ । ଦକ୍ଷିଣ ଅଭିଯାନ ସମୟରେ ତାଙ୍କୁ ଓ୍ୱାରଙ୍ଗଲର କାକତୀୟ ରାଜା ଗଣପତିଙ୍କ ହସ୍ତରେ ପରାସ୍ତ ହେବାକୁ ପଡ଼ିଲା ଏବଂ ପରିଣାମ ସ୍ୱରୂପ ପୂର୍ବ ଗୋଦାବରୀ ଜିଲ୍ଲାର କିଛି ଅଂଶ ହରାଇବାକୁ ପଡିଥିଲା ।

ମାଦଳାପାଞ୍ଜି ଅନୁଯାୟୀ ରାଜଧାନୀ କଟକର ବାରବାଟୀ ଦୁର୍ଗ ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ନିର୍ମିତ ହୋଇଥିଲା । ବଙ୍ଗର ମୁସଲମାନ ଓ ଦକ୍ଷିଣର ଚୋଳ, ବେଙ୍ଗୀ ଆଦି ରାଜ୍ୟରୁ ଓଡ଼ିଶାକୁ ସୁରକ୍ଷା ଦେବାପାଇଁ ସେ ଜଗନ୍ନାଥ ଧର୍ମର ରାଜନୀତିକ ବ୍ୟବହାର କଲେ । ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତାର ମର୍ଯ୍ୟାଦା ଦେଇ ଗଙ୍ଗରାଜା ତାଙ୍କର ପ୍ରତିନିଧି ଭାବରେ ରାଜ୍ୟଶାସନ କରୁଛନ୍ତି ବୋଲି ସେ ଘୋଷଣା କଲେ । ଏହାଦ୍ୱାରା ତାଙ୍କୁ ସାମନ୍ତରାଜା, ମନ୍ଦିରସେବକ, ବ୍ରାହ୍ମଣ, ପ୍ରଶାସନ ଓ ସେନାସାମନ୍ତଙ୍କର ପ୍ରଭୂତ ସହଯୋଗ ମିଳିଲା । ଅନ୍ୟ ପକ୍ଷରେ ରାଜଶକ୍ତିର ଊର୍ଦ୍ଧ୍ୱରେ ଜଗନ୍ନାଥ ଏକ ଶକ୍ତି ରୂପେ ମର୍ଯ୍ୟାଦା ପାଇଲେ । ଏହା ଗଙ୍ଗମାନଙ୍କ ପରେ ମଧ୍ୟ ଅବ୍ୟାହତ ରହିଲା । ଏହାର ସୁଯୋଗ ନେଇ କେତେବେଳେ ରାଜଶକ୍ତି ଜଗନ୍ନାଥଙ୍କୁ ଆଳ କରି କର୍ତ୍ତୃତ୍ୱ ଜାହିର କଲା ତ ଅନ୍ୟ

କେତେବେଳେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଥିବା ପୂଜକ, ସାମନ୍ତ ଓ ସେବାକାରୀବର୍ଗ ଜଗନ୍ନାଥଙ୍କ ମାଧ୍ୟମରେ ରାଜଶକ୍ତିକୁ ନିୟନ୍ତ୍ରଣ କଲେ । ଅନ୍ୟ ପକ୍ଷରେ ଶିକ୍ଷା, ସଂସ୍କୃତି, କଳା, ଭାସ୍କର୍ଯ୍ୟ, ସଙ୍ଗୀତ ଓ ସାହିତ୍ୟ ଆଦିର ବିକାଶ ମଧ୍ୟ ଜଗନ୍ନାଥ ଓ ମନ୍ଦିର ମାଧ୍ୟମରେ ଦେଖିବାକୁ ମିଳିଲା । ଅନ୍ୟ ଶବ୍ଦରେ କହିଲେ; ତୃତୀୟ ଅନଙ୍ଗଭୀମଦେବ ତାଙ୍କର ଯୁଦ୍ଧ ଜୟ, ରାଜ୍ୟ ବିସ୍ତାର, ଜଗନ୍ନାଥଙ୍କର ପୃଷ୍ଠପୋଷକତା ଓ ସ୍ଥାପତ୍ୟ କଳାର ବିକାଶପାଇଁ ଗଙ୍ଗ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କଲେ ।

ତୃତୀୟ ଅନଙ୍ଗଭୀମଦେବଙ୍କ ପରେ ତାଙ୍କ ପୁତ୍ର ପ୍ରଥମ ନରସିଂହ ଦେବ (୧୨୩୮-୧୨୪୧) ଗଙ୍ଗରାଜ୍ୟର ଶାସକ ହେଲେ । ତାଙ୍କ ଶାସନ ସମୟରେ ସାମରିକ ବିଜୟ ତଥା କଳାଭାସ୍କର୍ଯ୍ୟ କ୍ଷେତ୍ରରେ ଗଙ୍ଗବଂଶର ଗୌରବ ବୃଦ୍ଧି ପାଇଥିଲା । ସେ ବଙ୍ଗ ନବାବଙ୍କ ବିରୁଦ୍ଧରେ ବାରମ୍ବାର ଯୁଦ୍ଧ କରି ବଙ୍ଗର ଦ୍ୱିତୀୟ ରାଜଧାନୀ ଲକ୍ଷନୋର ଓ ରାଢ଼ ଅଞ୍ଚଳ ଅଧିକାର କଲେ । ସେତେବେଳେ ଦିଲ୍ଲୀରେ ତୁର୍କମାନେ ଶାସନ ପ୍ରତିଷ୍ଠା କରି ସାରିଥିଲେ । ବଙ୍ଗ ସେମାନଙ୍କର ପ୍ରଦେଶ ଥିଲା । ମାତ୍ର ଦିଲ୍ଲୀ ଶାସକଙ୍କ ଦୁର୍ବଳତା ଏବଂ ଦିଲ୍ଲୀ ଓ ବଙ୍ଗ ମଧ୍ୟରେ ରହିଥିବା ଦୂରତା ତଥା ଗମନାଗମନର ଅସୁବିଧା ବଙ୍ଗକୁ ଦିଲ୍ଲୀଠାରୁ ଏକ ରକମର ସ୍ୱାଧୀନତା ଦେବାରେ ସାହାଯ୍ୟ କରିଥିଲା । ଫଳରେ ବଙ୍ଗନବାବ ଦିଲ୍ଲୀର ବିନା ସହାୟତାରେ ଗଙ୍ଗମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାଧ୍ୟ ହେଉଥିଲେ । ଅନେକ ଥର ସେ ପରାସ୍ତ ମଧ୍ୟ ହେଉଥିଲେ । ପୁଣି ଯୁଦ୍ଧ ସାହାଯ୍ୟ ପାଇଲା ପରେ କଳିଙ୍ଗ ସେନାକୁ ପରାସ୍ତ ମଧ୍ୟ କରିପାରୁଥିଲେ । ଅନ୍ୟ ପକ୍ଷରେ ପ୍ରଥମ ନରସିଂହଦେବଙ୍କୁ କାଳାଚୁରୀ ରାଜକୁମାର ପରମାର୍ଦୀଦେବଙ୍କ ଅକୁଣ୍ଠ ସହଯୋଗ ମିଳୁଥିଲା । ପରମାର୍ଦୀଦେବ ଗଙ୍ଗ ସାମ୍ରାଜ୍ୟର ସାମନ୍ତ ଥିଲେ ଏବଂ ସେନାପତିର ଦାୟିତ୍ୱ ନିର୍ବାହ କରୁଥିଲେ । ଗଙ୍ଗମାନଙ୍କୁ ତାଙ୍କ ସହଯୋଗ ପଛର ଅନ୍ୟ ଏକ କାରଣ ହେଲା, ସେ ତୃତୀୟ ଅନଙ୍ଗଭୀମଦେବଙ୍କ କନ୍ୟାକୁ ଅର୍ଥାତ୍ ପ୍ରଥମ ନରସିଂହଦେବଙ୍କ ଭଗ୍ନୀକୁ ବିବାହ କରିଥିଲେ । ତେଣୁ ବଙ୍ଗର ମୁସଲମାନ ନବାବଙ୍କ ବିରୁଦ୍ଧରେ ଗଙ୍ଗ ଓ କାଳାଚୁରୀଙ୍କ ମିଳିତ ସହଯୋଗ ପଛରେ ବିଶେଷ ଧାର୍ମିକ ଆଧାର ରହିଥିଲା ବୋଲି ଅନୁଭବ କରିହୁଏ ନହିଁ ।

ନରସିଂହଦେବଙ୍କ ଶାସନ କାଳରେ ବଙ୍ଗର ନବାବ ଥିଲେ ତୁଘ୍ରିଲ ଖାଁ । ୧୨୪୩ରେ ଗଙ୍ଗମାନଙ୍କ ସହ ଯୁଦ୍ଧରେ ତାଙ୍କୁ ପରାଜୟ ଭୋଗିବାକୁ ପଡିଥିଲା । ୧୨୪୪ରେ ସଂଘଟିତ ଅନ୍ୟ ଏକ ଯୁଦ୍ଧରେ ନରସିଂହଦେବ ବଙ୍ଗ ନବାବଙ୍କ ଅଧୀନରେ ଥିବା ରାଢ଼ ରାଜ୍ୟ ଅଧିକାର କରିଥିଲେ । ୧୨୪୭ରୁ ୧୨୫୫ ମଧ୍ୟରେ ଆହୁରି ଚାରି ଥର ବଙ୍ଗ ଓ ଓଡ଼ିଶା ମଧ୍ୟରେ ଯୁଦ୍ଧ ହୋଇଥିଲା । ବଙ୍ଗର ନୂତନ ନବାବ ଇଖ୍‌ତୟାରୁଦ୍ଦିନ ଯୁଜବେକ ପ୍ରଥମ ଦୁଇଥର ଯୁଦ୍ଧରେ ବିଜୟୀ ହୋଇଥିଲେ; ମାତ୍ର ତୃତୀୟ ଥର ସେ ପରାସ୍ତ ହୋଇ ଦିଲ୍ଲୀଠାରୁ ସହଯୋଗ ମାଗିଥିଲେ । ୧୨୫୫ରେ ଘଟିଥିବା ଚତୁର୍ଥ ସଂଘର୍ଷରେ ବଙ୍ଗ ଓ ଦିଲ୍ଲୀ ସେନା ମିଳିତ ଭାବରେ ଗଙ୍ଗ ସେନାଙ୍କୁ ପରାସ୍ତ କଲେ; ଗଙ୍ଗ ସେନାପତି କାଳାଚୁରୀ ରାଜକୁମାର ପରମାର୍ଦୀଦେବ ଯୁଦ୍ଧରେ ନିହତ ହେଲେ । ଏହିଭଳି ଭାବେ ଗଙ୍ଗବଂଶର ପ୍ରଭାବ ନରସିଂହଦେବଙ୍କ ସମୟରେ ବଙ୍ଗର ହୁଗୁଳି ଓ ବାଙ୍କୁଡ଼ା ଜିଲ୍ଲାରେ ପ୍ରଥମେ

ରହିଥିଲା- ଯାହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ । ଯୁଜବେକ ୧୨୫୭ରେ କାମରୂପ ଅଭିଯାନ ବେଳେ ହତ୍ୟାର ଶିକାର ହେଲେ । ଫଳରେ ପାଲଟା ଓଡ଼ିଶା ଆକ୍ରମଣପାଇଁ ତାଙ୍କ ସେନାକୁ ସୁବିଧା ମିଳିଲା ନାହିଁ । ଅନ୍ୟ ଶବ୍ଦରେ କହିଲେ, ପ୍ରଥମ ନରସିଂହଦେବଙ୍କ ସମୟରେ ଓଡ଼ିଶା ବଙ୍ଗର ମୁସଲମାନ ଶାସକମାନଙ୍କ ଆକ୍ରମଣରୁ ନିଜକୁ ମୁକ୍ତ ରଖିପାରିଥିଲା ।

ପ୍ରଥମ ନରସିଂହଦେବ କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ଓଡ଼ିଶାର ବାର ବର୍ଷର ରାଜସ୍ୱ କୋଣାର୍କ ନିର୍ମାଣରେ ବ୍ୟୟ ହୋଇଥିଲା । ଏହାର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୨ ବର୍ଷ ଧରି ଚାଲିଥିଲା ଏବଂ ୧୨ ଶହ ବଢ଼େଇ ନିର୍ମାଣରେ ନିୟୋଜିତ ଥିଲେ । ପୁଣି, ୧୨ ବର୍ଷର ବାଳକ ଧର୍ମପଦ ଏହି ମନ୍ଦିରର ମୁଣ୍ଡି ମାରିଥିଲା । ସମ୍ଭବତଃ କିମ୍ବଦନ୍ତୀରେ ୧୨ ଅଙ୍କର ବ୍ୟବହାର ଏକ ପ୍ରତୀକ ମାତ୍ର । ଏହା ବହୁ ଅର୍ଥ ଓ ପରିଶ୍ରମରେ ନିର୍ମିତ କୋଣାର୍କ ମନ୍ଦିରର ମହାନତାକୁ ପ୍ରଦର୍ଶନ କରାଏ । କୋଣାର୍କ ବ୍ୟତୀତ ବାଲେଶ୍ୱରର ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ଓ ଲିଙ୍ଗରାଜ ମନ୍ଦିରର ଭୋଗମଣ୍ଡପ ମଧ୍ୟ ପ୍ରଥମ ନରସିଂହଦେବଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା । ତାଙ୍କ ରାଜକବି ବିଦ୍ୟାଧର 'ଏକାବଳୀ' ନାମକ କାବ୍ୟ ରଚନା କରିଥିଲେ । ମୋଟ ଉପରେ ଇତିହାସରେ ପ୍ରଥମ ନରସିଂହ ଦେବଙ୍କୁ ଏକା ସାଙ୍ଗରେ ଜଣେ ଯୋଦ୍ଧା, ସାହିତ୍ୟରସିକ ଓ ସ୍ଥାପତ୍ୟର ପୃଷ୍ଠପୋଷକ ଭାବରେ ଗଣନା କରାଯାଏ । ଚୋଡ଼ଗଙ୍ଗଦେବଙ୍କ ପରେ ଗଜପତି ଉପାଧି ଧାରଣ କରିବାରେ ସେ ହେଉଛନ୍ତି ପ୍ରଥମ ଗଙ୍ଗରାଜା । ତାଙ୍କ ପରେ କେବଳ ଗଙ୍ଗରାଜା ନୁହନ୍ତି, ସୂର୍ଯ୍ୟବଂଶର ରାଜାମାନେ ମଧ୍ୟ ଗଜପତି ଉପାଧି ଗ୍ରହଣ କରି ନିଜକୁ ଗୌରବମଣ୍ଡିତ କରୁଥିଲେ ।

ମାଦଳାପାଞ୍ଜିରେ ପ୍ରଥମ ନରସିଂହଦେବଙ୍କ ବଙ୍ଗ ଆକ୍ରମଣ କଥା ଉଲ୍ଲେଖ ନାହିଁ । ଓଡ଼ିଶା ଇତିହାସର ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକୁ ମାଦଳାପାଞ୍ଜି ଉଲ୍ଲେଖ କରିନଥିବାରୁ ଐତିହାସିକମାନେ ମନେକରନ୍ତି ଯେ, ମାଦଳାପାଞ୍ଜି ଗଙ୍ଗବଂଶର ରାଜତ୍ୱ ପରେ ଲେଖାଯାଇଥିଲା । ଘଟିତ ଘଟଣାଗୁଡ଼ିକୁ ଏଥିରେ ବର୍ଣ୍ଣନା କରାଯାଇଥିବାରୁ, ଐତିହାସିକ ତଥ୍ୟ ପ୍ରମାଣ ଭାବେ ତାହାକୁ ବ୍ୟବହାର କଲାବେଳେ ଗବେଷକମାନଙ୍କୁ ଯଥୋଚିତ ଧ୍ୟାନ ଦେବାକୁ ପଡେ । ଏଥିରେ ଉଲ୍ଲିଖିତ 'ସତ୍ୟ' ଯେ ସର୍ବଦା ସତ୍ୟ ହୋଇନପାରେ- ଏହା ବିଚାର କରିବାକୁ ପଡ଼େ । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ମାଦଳାପାଞ୍ଜି ଷୋଡଶ ଶତାବ୍ଦୀର ଶେଷ ଭାଗରେ ଲେଖା ଯାଇଥିଲା । ଭୋଇ ବଂଶର ରାଜା ରାମଚନ୍ଦ୍ର ଦେବ(୧୫୮୦-୧୬୦୯)ଙ୍କୁ ଯେତେବେଳେ ମୋଗଲ ସେନାପତି ମାନସିଂହ ଖୋର୍ଦ୍ଧାରେ ରାଜତ୍ୱ କରିବାପାଇଁ ମନୋନୀତ କଲେ, ସେତେବେଳଠାରୁ ଧାରାବାହିକ ଭାବରେ ମାଦଳାପାଞ୍ଜି ଲେଖା ଆରମ୍ଭ ହେଲା । କୁହାଯାଏ, ଖୋର୍ଦ୍ଧା ଓ ପୁରୀର ରାଜଗାଦିପାଇଁ ନିଜର ଦାବିକୁ ଯୁକ୍ତିସଙ୍ଗତ କରିବା ସକାଶେ ରାମଚନ୍ଦ୍ର ଦେବ ମାଦଳାପାଞ୍ଜିକୁ ଏକ ଦସ୍ତାବିଜ ଭାବେ ମୋଗଲମାନଙ୍କ ଆଗରେ ପ୍ରସ୍ତୁତ କରିଥିଲେ । ଗଙ୍ଗକାଳୀନ ଦସ୍ତାବିଜ ଭାବରେ ଏହାକୁ ଗ୍ରହଣ କରିବା ଉଚିତ୍ ହେବ ନାହିଁ । ମାଦଳା ପାଞ୍ଜିରେ ଚୋଡ଼ଗଙ୍ଗଙ୍କୁ ଚୋରଗଙ୍ଗ ଭାବରେ ନାମିତ କରି କୁହାଯାଇଛି ଯେ, ସେ

ଜଣେ ‘ରାଣ୍ଡୀ’ର ପୁତ୍ର ଥିଲେ ଏବଂ ଗୋକର୍ଣ୍ଣ ଥିଲେ ତାଙ୍କର ଜାରଜ ପିତା । କେଶରୀ ବଂଶର ଅସନ୍ତୁଷ୍ଟ ସେନାପତି ବାସୁଦେବ ବାହିନୀପତି ତାଙ୍କୁ ସାଙ୍ଗମାନଙ୍କ ସହିତ ରାଜା-ରାଜା ଖେଳ ଖେଳୁଥିବାର ଦେଖି ‘ଲିଙ୍ଗରାଜ’ଙ୍କ ଆଦେଶ ଶୁଣାଇଲେ ଏବଂ ଏକ ନୂଆ ସାମ୍ରାଜ୍ୟ ଗଠନ କରିବାକୁ ପରାମର୍ଶ ଦେଲେ । ଏହା ପରେ ଚୋଡ଼ଗଙ୍ଗ ଧୋବଣୀ ନିତେଇଠାରୁ ‘ଡ଼ାଆଣୀ’ ଶକ୍ତି ନେଇ ଅଳ୍ପ ଦିନ ଭିତରେ ଓଡ଼ିଶା ଜୟ କଲେ । ସେହିଭଳି ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବଙ୍କ ସମ୍ବନ୍ଧରେ ମାଦଳାପାଞ୍ଜିରେ କୁହାଯାଇଛି, ସେ ପୂର୍ବରୁ ଜଣେ ଚୋର ଥିଲେ ଏବଂ ରାଜପଦ ପାଇଲା ପରେ ଜଣେ ପୂର୍ବତନ ଚୋର କାଶୀଦାସଙ୍କୁ ରାଜପୁରୋହିତ ଭାବରେ ନିଯୁକ୍ତ କରିଥିଲେ । ଦରିଦ୍ର ଭିକାରି ରୂପରେ କପିଳେନ୍ଦ୍ର ଜଗନ୍ନାଥ ମନ୍ଦିର ବେଢ଼ାରେ ବୁଲୁଥିବା ବେଳେ ଅପୁତ୍ରକ ଗଙ୍ଗରାଜ ମତ୍ତଭାନୁଦେବ ସ୍ୱପ୍ନାଦେଶ ପାଇ ତାଙ୍କର ଲାଳନପାଳନ କଲେ ଏବଂ ତାଙ୍କୁ ଉତ୍ତରାଧିକାରୀ ନିଯୁକ୍ତ କଲେ ।

ମାଦଳାପାଞ୍ଜିର ଏଭଳି କାହାଣୀ ପଛରେ ଯାହା ଉଦ୍ଦେଶ୍ୟ ଥାଉ ନା କାହିଁକି, ଜଣେ ଜୀବିତ ରାଜାଙ୍କ ରାଜତ୍ୱ କାଳରେ, ଜଗନ୍ନାଥ ମନ୍ଦିରର ଏକ ସାର୍ବଜନୀନ ଦସ୍ତାବିଜ ଭାବରେ ରାଜାଙ୍କୁ ନୀଚ କରି ଏମିତି ଲେଖାଯାଇ ନ ପାରେ । ଗଙ୍ଗ ଓ ସୂର୍ଯ୍ୟ ବଂଶର ଶାସନ ପରେ ଉକ୍ତ ରାଜପରିବାରକୁ ଏମିତି ନୀଚ ଦେଖାଇ ଦସ୍ତାବିଜ ପ୍ରସ୍ତୁତ କରାଯାଇଥାଇପାରେ ! ଏତଦ୍ ବ୍ୟତୀତ ମାଦଳା ପାଞ୍ଜିରେ ବ୍ୟବହୃତ ଓଡ଼ିଆ ଭାଷା ମଧ୍ୟ ଗଙ୍ଗକାଳୀନ ହୋଇନପାରେ । ଏହି ସବୁ କାରଣରୁ ମାଦଳାପାଞ୍ଜିକୁ ଯଥେଷ୍ଟ ପରବର୍ତ୍ତୀ ସମୟର ରଚନା ବୋଲି ମନେ କରାଯାଏ ।

୧୨୬୪ ଖ୍ରୀଷ୍ଟାବ୍ଦରେ ପ୍ରଥମ ନରସିଂହଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ପ୍ରଥମ ଭାନୁଦେବ ସିଂହାସନ ଆରୋହଣ କଲେ । ତାଙ୍କ ସମୟରେ ଗଙ୍ଗମାନେ ବହିର୍ଯୁଦ୍ଧରେ ଜଡିତ ଥିବାର ସୂଚନା ନାହିଁ । ତାଙ୍କ ଉପରେ ନରହରି ତୀର୍ଥ ନାମକ ଜଣେ ଦାର୍ଶନିକଙ୍କର ବିଶେଷ ପ୍ରଭାବ ରହିଥିଲା । ନରହରି ତୀର୍ଥ ୧୨୬୪ରୁ ୧୨୯୩ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ରହି ବୈଷ୍ଣବ ଧର୍ମର ପ୍ରଚାର କଲେ ଏବଂ ଏକ ମହତ୍ତ୍ୱପୂର୍ଣ୍ଣ ରାଜାଧିକାରୀ ପଦରେ ମଧ୍ୟ ନିଯୁକ୍ତ ହୋଇଥିଲେ । ପ୍ରଥମ ଭାନୁଦେବଙ୍କ ମୃତ୍ୟୁ ପରେ ଦ୍ୱିତୀୟ ନରସିଂହ ଦେବଙ୍କ ଅଭିଭାବକ ଭାବରେ କିଛି କାଳ ସେ ଶାସନ ଦାୟିତ୍ୱ ମଧ୍ୟ ନେଇଥିଲେ ।

ସୋନପୁରସ୍ଥିତ ସ୍ତମ୍ଭେଶ୍ୱରୀ ମନ୍ଦିରରୁ ପ୍ରାପ୍ତ ଏକ ତାମ୍ର ଶାସନରୁ ଜଣାପଡ଼େ ଯେ କୋଶଳ କ୍ଷେତ୍ର ପ୍ରଥମ ଭାନୁଦେବଙ୍କ ସମୟରେ ମଧ୍ୟ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ପ୍ରଥମ ଭାନୁଦେବଙ୍କ ବିବାହ ପୂର୍ବ ଚାଲୁକ୍ୟ ରାଜକୁମାରୀ ଜାକଲ୍ଲାଦେବୀଙ୍କ ସହିତ ହୋଇଥିଲା । ଏଥିରୁ ଅନୁମିତ ହୁଏ ଯେ, ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ପତନର ଶିକାର ହୋଇ ଚାଲୁକ୍ୟମାନେ ଗଙ୍ଗ ରାଜ୍ୟର ସାମନ୍ତ ସ୍ତରକୁ ଆସି ସାରିଥିଲେ । ମଧ୍ୟଯୁଗର ରୀତି ଅନୁଯାୟୀ ରାଜପରିବାରମାନେ ନିଜ କନ୍ୟାମାନଙ୍କୁ ଉପର ସ୍ତରର ରାଜପରିବାରରେ କେବଳ ବିବାହପାଇଁ ପ୍ରଦାନ କରୁଥିଲେ । ଯୁଦ୍ଧ ପରେ ବିଜୟୀ ରାଜା ପରାଜିତ ରାଜପରିବାରର କନ୍ୟା ସହ ବିବାହ କରିବା ପଛରେ ମଧ୍ୟ ଏହି ସାମାଜିକ ରୀତି କାମ କରୁଥିଲା ।

ପ୍ରଥମ ଭାନୁଦେବଙ୍କ ପରେ ଦ୍ୱିତୀୟ ନରସିଂହ ଦେବ (୧୨୭୯-୧୩୦୬) ଏବଂ ତାଙ୍କ ପରେ ଦ୍ୱିତୀୟ ଭାନୁଦେବ (୧୩୦୬-୧୩୨୮) ରାଜତ୍ୱ କଲେ । ଦ୍ୱିତୀୟ ଭାନୁଦେବଙ୍କ ସମୟରେ ଦିଲ୍ଲୀ ସୁଲତାନ ଗିୟାସୁଦ୍ଦିନ ତୁଘଲକଙ୍କ ପୁତ୍ର ଉଲୁଘ ଖାନ୍ ଓ୍ୱାରଙ୍ଗଲ ଯୁଦ୍ଧ ଅଭିଯାନରୁ ଫେରିବା ବାଟରେ ଓଡ଼ିଶା ଆକ୍ରମଣ କରିବାକୁ ପ୍ରସ୍ତୁତି କରୁଥିଲେ । ରାଜମହେନ୍ଦ୍ରୀରୁ ଓଡ଼ିଶା ଅଭିମୁଖେ ତାଙ୍କ ସୈନ୍ୟ ଆସିବା ପୂର୍ବରୁ ଦ୍ୱିତୀୟ ଭାନୁଦେବଙ୍କ ସେନା ତାଙ୍କୁ ପ୍ରତିରୋଧ କଲେ । ସମକାଳୀନ ମୁସଲିମ ଐତିହାସିକମାନଙ୍କ ବିବରଣୀରେ ଉଲୁଘ ଖାନ୍‌ଙ୍କ ଓଡ଼ିଶା ଆକ୍ରମଣକୁ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇ ନଥିବାରୁ ଉଲୁଘ ଖାନ୍‌ଙ୍କ ଏହି ଯୋଜନା ଅସଫଳ ହୋଇଥିବ ବୋଲି ଅନୁମାନ କରାଯାଏ । ଅନ୍ୟ ପକ୍ଷରେ ଗଙ୍ଗବଂଶର ଅନ୍ୟ ଜଣେ ରାଜା ଚତୁର୍ଥ ନରସିଂହଦେବ, ତାଙ୍କ ପୁରୀ ତାମ୍ର ଶାସନରେ ଉଲୁଘ ଖାନ୍‌ଙ୍କ ବିରୁଦ୍ଧରେ ଦ୍ୱିତୀୟ ଭାନୁଦେବଙ୍କ ସଫଳତାକୁ ଦର୍ଶାଇଛନ୍ତି । ଉଲୁଘ ଖାନ୍ ଗିୟାସୁଦ୍ଦିନ ତୁଘଲକଙ୍କ ପରେ ମହମ୍ମଦ ବିନ୍ ତୁଘଲକ ନାମ ବହନ କରି ଦିଲ୍ଲୀର ସୁଲତାନ ପଦରେ ଅଭିଷିକ୍ତ ହୋଇଥିଲେ । ଯୁବରାଜ ଉଲୁଘ ଖାନ ଓ ଗଙ୍ଗ ବାହିନୀ ମଧ୍ୟରେ ଘଟିଥିବା ଯୁଦ୍ଧର ବିବରଣୀ ମିଳିନାହିଁ । ଏଥିରୁ ଏକଥା ମଧ୍ୟ ଅନୁମାନ କରାଯାଇପାରେ ଯେ, ଆରମ୍ଭରେ ଉଲୁଘ ଖାନ୍ ଓଡ଼ିଶା ଆକ୍ରମଣପାଇଁ ପ୍ରସ୍ତୁତି କରି ପରେ ତାକୁ କାର୍ଯ୍ୟକାରୀ କରି ନଥିଲେ । ସୁଲତାନ ହେଲା ପରେ ମହମ୍ମଦ ବିନ୍ ତୁଘଲକ୍ ତାଙ୍କର ଅନେକ ଯୋଜନାକୁ ଅଧାପନ୍ତରିଆ କରି ରଖିଦେବାର ଉଦାହରଣ ରହିଛି । ସେ ଯାହାହେଉ, ଓଡ଼ିଶା ସୁଲତାନ ଆକ୍ରମଣରୁ ରକ୍ଷା ପାଇଥିବାରୁ ଗଙ୍ଗବଂଶର ଯେ ଅନେକ ପ୍ରତିଷ୍ଠା ବୃଦ୍ଧି ପାଇଲା- ଏଥିରେ ସନ୍ଦେହ ନାହିଁ ।

ଦ୍ୱିତୀୟ ଭାନୁଦେବଙ୍କ ପରେ କ୍ରମାନ୍ୱୟରେ ତୃତୀୟ ନରସିଂହଦେବ(୧୩୨୮-୧୩୫୨) ଏବଂ ତୃତୀୟ ଭାନୁଦେବ (୧୩୫୨-୧୩୭୮) ରାଜତ୍ୱ କଲେ । ଏହି ସମୟରେ ଗଙ୍ଗରାଜ୍ୟ ଉପରେ ବହିରାକ୍ରମଣର ମାତ୍ରା ବୃଦ୍ଧି ପାଇଲା । ଦକ୍ଷିଣରେ ବିଜୟ ନଗର ରାଜ୍ୟ (୧୩୩୬) ଓ ରେଡ୍ଡି ରାଜ୍ୟର ପ୍ରତିଷ୍ଠା ହେଲା । ଦିଲ୍ଲୀରେ ସୁଲତାନମାନେ ମଧ୍ୟ ରାଜ୍ୟବିସ୍ତାରପାଇଁ ଯୋଜନା କଲେ । ଦିଲ୍ଲୀ ସୁଲତାନଙ୍କ ଅଧୀନରେ ଥିବା ବଙ୍ଗର ନବାବମାନେ ଆରମ୍ଭରୁ ଗଙ୍ଗରାଜ୍ୟ ସହ ଶତ୍ରୁତା ଆଚରଣ କରି ଆସୁଥିଲେ । ତୃତୀୟ ନରସିଂହଦେବଙ୍କ ଶ୍ରୀକାକୁଲମକୁ ନେଇ ରେଡ୍ଡି ବଂଶର ରାଜା ଅନପୋ ରେଡ୍ଡିଙ୍କ ସହ ଯୁଦ୍ଧ ହୋଇଥିଲା ଏବଂ ଏହି ଯୁଦ୍ଧରେ କଳିଙ୍ଗ ସେନା ପଞ୍ଚଘୁଞ୍ଚା ଦେଇଥିଲେ । କୃଷ୍ଣା ଗୋଦାବରୀର ଉର୍ବର ତ୍ରିକୋଣଭୂମିକୁ ଅଧିକାର କରିନେବାପାଇଁ ଗଙ୍ଗ ଓ ରେଡ୍ଡିମାନଙ୍କ ମଧ୍ୟରେ ଆଗକୁ ଆହୁରି କଳହ ବୃଦ୍ଧି ପାଇଲା ।

ତୃତୀୟ ଭାନୁଦେବଙ୍କ ରାଜତ୍ୱ କାଳରେ ଦିଲ୍ଲୀର ସୁଲତାନ ଫିରୋଜଶାହ (ଫିରୁଜଶାହ) ତୁଘଲକ ୧୩୬୧ରେ ଓଡ଼ିଶା ଆକ୍ରମଣ କରି ଗଙ୍ଗସେନାକୁ ପରାସ୍ତ କରିଥିଲେ । ଏହା ପୂର୍ବରୁ ବଙ୍ଗର ସ୍ୱାଧୀନ ଶାସକ ହାଜି ଇଜଲାସ ୧୩୫୩ରେ ଯାଜନଗର ଆକ୍ରମଣ କରି ଅନେକ ଧନରତ୍ନ ଓ କେତେକ ହାତୀ ନେଇଯିବାରେ ସକ୍ଷମ ହୋଇଥିଲେ । ଏହା ଗଙ୍ଗରାଜ୍ୟର ଦୁର୍ବଳତାକୁ ସୁସ୍ପଷ୍ଟ କଲା ।

'ତାରିଖ-ଇ-ଫିରୁଜଶାହୀ' ଓ 'ସିରାତ-ଇ-ଫିରୁଜଶାହୀ' ନାମକ ଦୁଇଟି ସମକାଳୀନ ପୁସ୍ତକରେ ଫିରୁଜଶାହଙ୍କ ଓଡ଼ିଶା ଆକ୍ରମଣ କଥା ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି । ଏହି ଦୁଇଟି ପୁସ୍ତକ ତଥା ଅନ୍ୟାନ୍ୟ ତଥ୍ୟାବଳୀକୁ ଆଧାର କରି ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମାଣ କରିଛନ୍ତି ଯେ, ଦିଲ୍ଲୀ ସୁଲତାନ ବଙ୍ଗ ଅଭିଯାନରୁ ଦିଲ୍ଲୀ ଫେରିବା ବାଟରେ ଓଡ଼ିଶା ଆକ୍ରମଣ କରିବାକୁ ସ୍ଥିର କଲେ । ଆକ୍ରମଣ ପଛରେ ସମ୍ଭବତଃ ବଡ଼ କାରଣ ଥିଲା, ଓଡ଼ିଶାର ଅସଂଖ୍ୟ ମନ୍ଦିରରାଜି ଓ ଧନସମ୍ପଦ । ଜଣେ ନୈଷ୍ଠିକ ମୁସଲମାନ ଭାବରେ ଫିରୁଜଶାହ ସମଗ୍ର ଭାରତରେ ଖ୍ୟାତିଲାଭ କରିଥିବା ହିନ୍ଦୁମନ୍ଦିରଗୁଡ଼ିକୁ ଧ୍ୱଂସ କରିବାକୁ ଚାହୁଁଥିଲେ । 'ତାରିଖ-ଇ-ଫିରୁଜଶାହୀ'ରେ ଯାଜନଗରର ସୁଖ ସମୃଦ୍ଧି କଥା ବିଶଦ ଭାବେ ବର୍ଣ୍ଣିତ ହୋଇଛି । ଉନ୍ନତ କୃଷିଯୋଗୁଁ ଦାରିଦ୍ର୍ୟ ନଥିଲା; ସେନାବାହିନୀରେ ବ୍ୟବହୃତ ପଶୁ (ଘୋଡ଼ା ଓ ହାତୀ) ମାନଙ୍କପାଇଁ ମଧ୍ୟ ଭୋଜନର ଅଭାବ ନଥିଲା । ସ୍ଥାନୀୟ ଲୋକେ ଭଲ ଘରେ ରହୁଥିଲେ । ଘର ଆଗରେ ବଗିଚା ଓ ଫଳଗଛ ଲୋକଙ୍କ ସମୃଦ୍ଧିକୁ ସୂଚାଉଥିଲା । ଏହି ସମୃଦ୍ଧିକୁ ମନରେ ରଖି ଫିରୋଜ ଶାହ ଖୁବ୍ ଧନ ସମ୍ପତ୍ତି ଲୁଣ୍ଠନ କରିବାର ଯୋଜନା କରି ଓଡ଼ିଶା ଆକ୍ରମଣ କଲେ ।

ଫିରୋଜଶାହଙ୍କ ସେନା ମୟୂରଭଞ୍ଜ ବାଟ ଦେଇ ଓଡ଼ିଶାରେ ପ୍ରବେଶ କରିଥିଲେ । ପ୍ରଥମେ ସେମାନେ ଖିଚିଙ୍ଗର ମନ୍ଦିରଗୁଡ଼ିକୁ ଧ୍ୱଂସ କଲେ । କଟକରେ ପହଞ୍ଚି ସେମାନେ ବାରବାଟୀ ଦୁର୍ଗ ମଧ୍ୟରେ ଥିବା ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକୁ ଧ୍ୱଂସ କଲେ । ଏହି କାରଣରୁ ସମ୍ଭବତଃ ଭୁବନେଶ୍ୱରର ଏତେ ନିକଟବର୍ତ୍ତୀ ତଥା ରାଜ୍ୟର ରାଜଧାନୀ ହେବା ସତ୍ତ୍ୱେ କଟକଠାରେ ମଧ୍ୟଯୁଗର କୌଣସି ମନ୍ଦିର ଦୃଷ୍ଟିଗୋଚର ହୁଏ ନାହିଁ । ସୁଲତାନଙ୍କ ଆଦେଶରେ ଅନେକ ନିରୀହ ଲୋକଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି । ଶେଷରେ କେତେକ ହସ୍ତୀ ଓ ଧନରତ୍ନ ସାଙ୍ଗରେ ନେଇ ସୁଲତାନ ଦିଲ୍ଲୀ ଅଭିମୁଖେ ପ୍ରସ୍ଥାନ କଲେ ।

ସୁଲତାନ ଫିରୋଜଶାହଙ୍କ ହସ୍ତରେ ପରାଜୟ ପରେ ଗଙ୍ଗମାନଙ୍କର ଯଥେଷ୍ଟ ସମ୍ମାନହାନି ହେଲା । ଗଙ୍ଗ ବଂଶ ପତନର ଏହା ଏକ ପ୍ରମୁଖ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁଲତାନଙ୍କ ଆକ୍ରମଣର ଅଳ୍ପ କେତେ ବର୍ଷ ପୂର୍ବରୁ ୧୩୫୬ରେ ବିଜୟନଗର ସାମ୍ରାଜ୍ୟର ରାଜକୁମାରଙ୍କ ହାତରେ ସେମାନେ ପରାଜୟ ଭୋଗିଥିଲେ । ଏହା ପରେ ଚତୁର୍ଥ ନରସିଂହଦେବଙ୍କ ଶାସନ ସମୟରେ ୧୩୭୮ ରେ ଜୌନପୁରରେ ସର୍କି ସୁଲତାନ ଖ୍ୱାଜା-ଇ-ଜାହାନ ଓ ମାଲିକ-ଇସ୍-ସର୍କ ଓଡ଼ିଶା ଆକ୍ରମଣ କରି ଅନେକ ଧନରତ୍ନ ଓ ହାତୀ ନେଇ ଚାଲିଗଲେ । ମନେହୁଏ, ମଧ୍ୟଯୁଗରେ ମୋଗଲ ଆଗମନ ପୂର୍ବରୁ ସେନାବାହିନୀରେ ହାତୀର ବ୍ୟବହାର ବୃଦ୍ଧି ପାଇବା ଯୋଗୁଁ ଓଡ଼ିଶା ଜଙ୍ଗଲରେ ମିଳୁଥିବା ଉନ୍ନତ ମାନର ହାତୀର ଚାହିଦା ବଢ଼ିଲା ଓ ପରିଣାମ ସ୍ୱରୂପ ବହିଃ ଶତ୍ରୁମାନେ ଓଡ଼ିଶା ଆକ୍ରମଣ କରି ରାଜାଙ୍କ ପାଖରୁ ଦେୟ ରୂପେ ବହୁ ସଂଖ୍ୟାରେ ହସ୍ତୀ ଦାବି କରିବାକୁ ଲାଗିଲେ । ଜୌନପୁର, ବଙ୍ଗ ଓ ଦିଲ୍ଲୀର ମୁସଲମାନ ଶାସକଙ୍କ ବ୍ୟତୀତ ଆନ୍ଧ୍ରର ରେଡ୍ଡିମାନଙ୍କ ଆକ୍ରମଣ ମଧ୍ୟ ଗଙ୍ଗମାନଙ୍କୁ ସହ୍ୟ କରିବାକୁ ପଡିଥିଲା । ପୂର୍ବରୁ ଗଙ୍ଗ ସାମ୍ରାଜ୍ୟର ସମୃଦ୍ଧିର ଏକ ବଡ଼ କାରଣ ଥିଲା ଦିଗ୍‌ବିଜୟ । ପରାଜିତ ରାଜ୍ୟର ଧନସମ୍ପତ୍ତି ଲୁଣ୍ଠନ କରି

ସେମାନେ ଓଡ଼ିଶାରେ ବ୍ରାହ୍ମଣମାନଙ୍କୁ ଉଦାର ଭାବରେ ପୃଷ୍ଠପୋଷକତା ପ୍ରଦାନ କରିବାକୁ ତଥା ବହୁ ଖର୍ଚ୍ଚ କରି ମନ୍ଦିରମାନ ନିର୍ମାଣ କରିବାକୁ ସମର୍ଥ ହୋଇଥିଲେ । ମାତ୍ର ବହିଃ ଶତ୍ରୁ ଆକ୍ରମଣ ପରେ ଆୟର ଉପରୋକ୍ତ ସ୍ରୋତଟି ବନ୍ଦ ହୋଇଗଲା । ଏହା ସହିତ ପରାଜୟ ପରେ ସନ୍ଧିସ୍ଥାପନ କରିବାକୁ ସେମାନଙ୍କୁ (ଗଙ୍ଗମାନଙ୍କୁ) ରାଜକୋଷରୁ ଧନରତ୍ନ ମଧ୍ୟ ଦେବାକୁ ପଡ଼ିଲା । ଏହା ଗଙ୍ଗମାନଙ୍କୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିଦେଲା ।

ବାରମ୍ବାର ଯୁଦ୍ଧରେ ପରାଜୟ ଲଭି ଗଙ୍ଗମାନେ ଲୌକିକ ସ୍ତରରେ ମଧ୍ୟ ଲୋକପ୍ରିୟତା ହରାଇଲେ । ଗଙ୍ଗବଂଶର ଶେଷ ସ୍ୱାଧୀନ ରାଜା ଚତୁର୍ଥ ଭାନୁଦେବ ୧୪୧୪ରେ ସିଂହାସନ ଆରୋହଣ କଲେ । ସେ ଏତେ ମାତ୍ରାରେ ଦୁର୍ବଳ ଥିଲେ ଯେ, ମାଳବର ରାଜା ସୁଲତାନ ହୁସାଙ୍ଗ ୧୪୨୧ରେ ଗଙ୍ଗରାଜାଙ୍କୁ ରାଜଧାନୀରେ ବନ୍ଦୀ କରିଦେଲେ । ଏହି ଲଜ୍ଜାଜନକ ସ୍ଥିତିରୁ ମୁକ୍ତି ପାଇବାପାଇଁ ଗଙ୍ଗରାଜା ମାଳବ ରାଜାଙ୍କୁ ୭୫ଟି ଉତ୍କୃଷ୍ଟ ମାନର ଅଶ୍ୱ ଦେବାକୁ ବାଧ୍ୟ ହେଲେ ।

ରାଜତ୍ୱର ଶେଷ ପର୍ଯ୍ୟାୟରେ ଚତୁର୍ଥ ଭାନୁଦେବ ରେଡ୍ଡି ବଂଶର ଗୃହଯୁଦ୍ଧର ସୁଯୋଗ ନେଇ ରେଡ୍ଡିମାନଙ୍କୁ ପରାସ୍ତ କରିବାକୁ ସମର୍ଥ ହେଲେ । ମାତ୍ର ଏହି ବିଜୟ କ୍ଷଣସ୍ଥାୟୀ ପ୍ରମାଣିତ ହେଲା, କାରଣ ତାଙ୍କୁ ଦକ୍ଷିଣରେ ବିଜୟନଗର ଆକ୍ରମଣର ଶିକାର ହେବାକୁ ପଡ଼ିଲା । ଗଙ୍ଗରାଜା ରାଜଧାନୀ ବାହାରେ ଯୁଦ୍ଧରେ ବ୍ୟସ୍ତ ଥିବାବେଳେ ତାଙ୍କ ମନ୍ତ୍ରିମଣ୍ଡଳ ବିଦ୍ରୋହ ଘୋଷଣା କଲେ । ଚତୁର୍ଥ ଭାନୁଦେବ ଦକ୍ଷିଣରୁ ପ୍ରତ୍ୟାବର୍ତ୍ତନ କରି ବିଦ୍ରୋହ ଦମନ କରିବା ପୂର୍ବରୁ କପିଳ ରାଜଗାଦିରେ ବସିଲେ ଏବଂ ନିଜକୁ କପିଳେନ୍ଦ୍ରଦେବ ଭାବରେ ନାମିତ କରି ୧୪୩୫ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶ ନାମରେ ଏକ ରାଜବଂଶ ପ୍ରତିଷ୍ଠା କଲେ । ଏଣିକି ଗଙ୍ଗମାନଙ୍କ ଅଧୀନରେ କାମ କରିଥିବା କପିଳେନ୍ଦ୍ରଦେବ ଗଙ୍ଗରାଜ୍ୟ ଅଧିକାର କରି ଓଡ଼ିଶାକୁ ନୂଆ ନେତୃତ୍ୱ ଦେବାକୁ ଉଦ୍ୟମ କଲେ । ଦୀର୍ଘ ଚାରିଶହ ବର୍ଷର ନିରବଚ୍ଛିନ୍ନ ରାଜତ୍ୱ ପରେ ଗଙ୍ଗବଂଶର ପତନ ହେଲା ।

ଏକାଦଶ ଶତାବ୍ଦୀର ଶେଷଭାଗରେ ଗଙ୍ଗମାନେ ପୂର୍ବଭାରତର ଏକ ପ୍ରମୁଖ ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଗୌରବ ଲାଭ କରିଥିଲେ । ସେମାନଙ୍କ ସମୟରେ ଆଧୁନିକ ଓଡ଼ିଶାର ବିଭିନ୍ନ କ୍ଷେତ୍ର ଏକଶାସନାଧୀନ ହୋଇଥିଲା । ପୂର୍ବରୁ ଚଳିଆସୁଥିବା ବ୍ରାହ୍ମଣମାନଙ୍କ ପୃଷ୍ଠପୋଷକତା ପ୍ରଦାନ କରିବାର ବିଧିକୁ ଗଙ୍ଗମାନେ ଅଧିକ ତେଜୀୟାନ କରିଥିଲେ, ଯାହା ଫଳରେ ସମଗ୍ର ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ସାମାଜିକ କର୍ତ୍ତୃତ୍ୱ ଅତି ମାତ୍ରାରେ ବୃଦ୍ଧି ପାଇଥିଲା । ଜଗନ୍ନାଥଙ୍କୁ ଓଡ଼ିଶାର ରାଷ୍ଟ୍ରଦେବତା କରି ଗଢ଼ିବାରେ ଗଙ୍ଗମାନେ ପ୍ରମୁଖ ଭୂମିକା ନେଇଥିଲେ । ସେତେବେଳେ ଦକ୍ଷିଣରେ ଏବଂ ମଧ୍ୟ-ଭାରତରେ ମନ୍ଦିରକଳାର ଯେଉଁ ବିକାଶ ସମ୍ଭବ ହୋଇଥିଲା, ତା'ର ଉତ୍କୃଷ୍ଟ ନିଦର୍ଶନ ଓଡ଼ିଶାରେ ଦେଖିବାକୁ ମିଳିଲା । ପୁରୀ ଓ କୋଣାର୍କର ପ୍ରଖ୍ୟାତ ମନ୍ଦିରଗୁଡ଼ିକୁ ବାଦ୍‌ଦେଇ ଆହୁରି ଅନେକ ମନ୍ଦିର ଗଙ୍ଗମାନେ ନିର୍ମାଣ କଲେ । ଅନେକ ଥର ଗଙ୍ଗମାନେ ବିଜୟଲାଭ ମଧ୍ୟ କରିଛନ୍ତି । ରାଜ୍ୟ ଜୟରୁ ଲାଭ ହେଉଥିବା ଧନରତ୍ନକୁ ଗଙ୍ଗମାନେ ନିର୍ମାଣ କାର୍ଯ୍ୟରେ ତଥା ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିବାରେ ବ୍ୟୟ କରୁଥିଲେ । ମୋଟ ଉପରେ କହିଲେ, ଓଡ଼ିଶା ରାଜ୍ୟର ଏକତ୍ରୀକରଣ ପାଇଁ ମଧ୍ୟଯୁଗରେ

ଯେଉଁ ରାଜଉଦ୍ୟମ ହୋଇଥିଲା, ତହିଁରେ ଗଙ୍ଗମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଦୃଷ୍ଟିରୁ ମଧ୍ୟକାଳୀନ ଓଡ଼ିଶାର ଏକ ପ୍ରଧାନ ରାଜବଂଶ ଭାବରେ ଗଙ୍ଗମାନଙ୍କୁ ଗ୍ରହଣ କରାଯିବାରେ କିଛି ଅତିଶୟୋକ୍ତି ହେବ ନାହିଁ ।

ଗଙ୍ଗବଂଶର ପତନଲାଗି କେତେକ ଐତିହାସିକ ମୁସଲମାନମାନଙ୍କୁ ଦାୟୀ କରିଥାନ୍ତି । ମାତ୍ର ଏହା ଭୁଲ ଧାରଣା । ଗଙ୍ଗମାନେ ଯେତେ ସଂଖ୍ୟକ ମୁସଲମାନ ଆକ୍ରମଣର ସମ୍ମୁଖୀନ ହୋଇଥିଲେ, ବୋଧହୁଏ ତା'ଠାରୁ ଅଧିକ ମାତ୍ରାରେ ବିଜୟନଗର, ରେଡ୍ଡି, ଚୋଳ ଆଦିଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ଦ୍ୱିତୀୟତଃ, ମଧ୍ୟକାଳରେ ରାଜାମାନେ ଧର୍ମ ଆଧାରରେ ଆକ୍ରମଣ କରୁ ନଥିଲେ । ଏକ କୃଷିଭିତ୍ତିକ ସମାଜର ସମୃଦ୍ଧିପାଇଁ ରାଜ୍ୟମାନେ ଯୁଦ୍ଧଜୟ ଏବଂ ଲୁଣ୍ଠନ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ଗଙ୍ଗମାନଙ୍କ ଆରମ୍ଭକାଳୀନ ରାଜସମୃଦ୍ଧି ପଛରେ ରାଜ୍ୟଜୟ ପ୍ରମୁଖ ଥିଲା । ସେହି ନ୍ୟାୟରେ ମୁସଲିମ୍ ଶାସକମାନେ ମଧ୍ୟ ରାଜ୍ୟଜୟକୁ ପ୍ରାଧାନ୍ୟ ଦେଉଥିଲେ । ଗଙ୍ଗମାନେ ଯେଉଁ ମାତ୍ରାରେ ମନ୍ଦିରକଳାକୁ ପ୍ରୋତ୍ସାହନ ଦେଉଥିଲେ, ତାହା ରାଜ୍ୟ ଜୟ ଓ ଧନସମ୍ପତ୍ତି ଲୁଣ୍ଠନ ବିନା ସମ୍ଭବ ହୋଇ ନଥାନ୍ତା । ତୃତୀୟତଃ, ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ଭାବରେ ସମ୍ମାନ ଦେବା ପଛରେ ମଧ୍ୟ ଗଙ୍ଗମାନଙ୍କ ରାଜନୈତିକ ଉଦ୍ଦେଶ୍ୟ ସ୍ପଷ୍ଟ ଜଣାପଡ଼େ । ଜଗନ୍ନାଥଙ୍କୁ ହିନ୍ଦୁ ଧର୍ମପାଇଁ ନୁହେଁ; ବରଂ ଓଡ଼ିଶାର ଆଞ୍ଚଳିକ ସୁରକ୍ଷାପାଇଁ ଆବିଷ୍କାର ଓ ପୁନରାବିଷ୍କାର କରାଯାଇଥିଲା । ଓଡ଼ିଶା ଆକ୍ରମଣ କରୁଥିବା ବଙ୍ଗର ନବାବଙ୍କ ବିରୁଦ୍ଧରେ ଜଗନ୍ନାଥଙ୍କୁ ଯେତେ ମାତ୍ରାରେ ବ୍ୟବହାର କରାଯାଉଥିଲା, ସେତେ ମାତ୍ରାରେ ବିଜୟନଗର ବା ରେଡ୍ଡି ହିନ୍ଦୁ ରାଜାଙ୍କ ବିରୁଦ୍ଧରେ ମଧ୍ୟ ବ୍ୟବହାର କରାଯାଉଥିଲା । ଗଙ୍ଗ ପରବର୍ତ୍ତୀ ସୂର୍ଯ୍ୟବଂଶର ଶାସନ ସମୟରେ ଏହିଭଳି ବ୍ୟବହାରକୁ ଅଧିକ ସ୍ପଷ୍ଟ ଭାବରେ ଦେଖିହୁଏ । ତେଣୁ ହିନ୍ଦୁ, ମୁସଲିମ ଆଦି ସଂକୀର୍ଣ୍ଣ ଧାର୍ମିକ ଆଧାରର ଉର୍ଦ୍ଧ୍ୱରେ ରହି ଏକ ବ୍ୟାପକ ସାମାଜିକ ପୃଷ୍ଠଭୂମିରେ ମଧ୍ୟକାଳୀନ ଇତିହାସକୁ ଦେଖିବାର ଆବଶ୍ୟକତା ରହିଛି । ଅନ୍ୟଥା ଇତିହାସର ବସ୍ତୁନିଷ୍ଠ ଆଲୋଚନା ସମ୍ଭବ ହେବ ନାହିଁ ।

## ଗଙ୍ଗକାଳୀନ ମନ୍ଦିରକଳା ଓ ସ୍ଥାପତ୍ୟ

ଏକାଦଶ ଶତାବ୍ଦୀ ପରଠାରୁ ଅର୍ଥାତ୍ ଗଙ୍ଗ ରାଜତ୍ୱ ଆରମ୍ଭରୁ ଓଡ଼ିଶାରେ ମନ୍ଦିରକଳା ଓ ସ୍ଥାପତ୍ୟର ପ୍ରଭୂତ ବିକାଶ ଦେଖିବାକୁ ମିଳେ । କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଆଦି ଅନେକ ମନ୍ଦିରର ନିର୍ମାଣ ଏହି ସମୟରେ ହୋଇଥିଲା । ଏହା ପଛରେ ତିନିଟି ପ୍ରମୁଖ କାରଣ ଅନୁମାନ କରିହୁଏ । ପ୍ରଥମ, ଗଙ୍ଗରାଜାମାନେ ନିଜ ରାଜ୍ୟର ଆୟତନ ବୃଦ୍ଧି କଲା ପରେ ରାଜସ୍ୱର ପରିମାଣ ବୃଦ୍ଧି ପାଇଲା । ରାଜ୍ୟ ଜୟ କରି ଧନସମ୍ପତ୍ତି ମଧ୍ୟ ଲାଭ କଲେ । ଏହି ଧନର ଉପଯୋଗ କେତେକାଂଶରେ ମନ୍ଦିର ନିର୍ମାଣରେ କରାଗଲା । ମନ୍ଦିର ନିର୍ମାଣପାଇଁ ଆବଶ୍ୟକ ଖର୍ଚ୍ଚ ଭରଣା କରିବାକୁ ରାଜାମାନେ ଆର୍ଥିକ ଦୃଷ୍ଟିରୁ ଅସମର୍ଥ ଥିଲେ, ନିର୍ମାଣ ସ୍ଥାପତ୍ୟ ପ୍ରୋତ୍ସାହନ ପାଇ ପାରିନଥାନ୍ତା । ଦ୍ୱିତୀୟତଃ, ମନ୍ଦିର ନିର୍ମାଣ ଦ୍ୱାରା

ରାଜା ନିଜପାଇଁ ପ୍ରତିଷ୍ଠା ଅର୍ଜନ କରୁଥିଲେ । ଅନ୍ୟ ରାଜାମାନେ ମନ୍ଦିର ନିର୍ମାତା ରାଜାଙ୍କ ପ୍ରତି ଭୟ ଓ ସମୟ ବିଶେଷରେ ସମ୍ମାନ କରୁଥିଲେ । ଗଙ୍ଗରାଜାମାନଙ୍କପାଇଁ ଏହି ଧରଣର ସାମାଜିକ ଓ ରାଜନୈତିକ କର୍ତ୍ତୃତ୍ୱର ଅଧିକ ଆବଶ୍ୟକତା ରହିଥିଲା, କାରଣ ମୁଖଲିଙ୍ଗମ୍ (ଆନ୍ଧ୍ରର ଅଞ୍ଚଳ)ରୁ ସେମାନେ କଟକକୁ ରାଜଧାନୀ ପରିବର୍ତ୍ତନ କରି ଓଡ଼ିଶାରେ ବ୍ୟାପକ ସ୍ୱୀକୃତିପାଇଁ ଆଗ୍ରହୀ ଥିଲେ । ଜଗନ୍ନାଥଙ୍କ 'ରାଉତ' ଭାବରେ ନିଜକୁ ବର୍ଣ୍ଣନା କରି ସେମାନେ ପ୍ରକାରାନ୍ତରେ ରାଜନୈତିକ ଉଦ୍ଦେଶ୍ୟ ପୂରଣପାଇଁ ଉଦ୍ୟମ କରୁଥିଲେ । ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ଭାବରେ ସ୍ଥାପନ କରି ଏବଂ ନିଜକୁ ଜଗନ୍ନାଥଙ୍କ ପ୍ରତିନିଧି ଘୋଷଣା କରି ସେମାନେ ଓଡ଼ିଶାର ଅନ୍ୟ ରାଜାମାନଙ୍କଠାରୁ ସୁରକ୍ଷିତ ରହିପାରିଥିଲେ । ଅନ୍ୟ ରାଜାମାନଙ୍କ ସହ କଳହ ବେଳେ ମଧ୍ୟ ଜଗନ୍ନାଥ ଏକ ଆଞ୍ଚଳିକ ପରିଚିତି ସୃଷ୍ଟି କରିବାରେ ସାହାଯ୍ୟ କଲେ, ଯାହାର ସୁଫଳ ପ୍ରଥମେ ଗଙ୍ଗରାଜାମାନେ ଓ ତାଙ୍କ ପରେ ସୂର୍ଯ୍ୟବଂଶୀ ରାଜାମାନେ ଲାଭ କଲେ । ତୃତୀୟତଃ, ଏହି ସମୟରେ ମନ୍ଦିର ନିର୍ମାଣକଳା ବିକାଶ ଲାଭ କଲା । ଏକାଦଶ/ଦ୍ୱାଦଶ ଶତାବ୍ଦୀର ବହୁ ପୂର୍ବରୁ ହୁଏତ ମନ୍ଦିର ନିର୍ମାଣ ଚାଲିଥିଲା । ମାତ୍ର ନିର୍ମାଣଶୈଳୀରେ ତ୍ରୁଟି ରହିଥିବାରୁ ମନ୍ଦିରର ଉପର ଅଂଶ (ଗମ୍ବୁଜ ଅଂଶ) ଦୀର୍ଘସ୍ଥାୟୀ ହୋଇ ପାରୁନଥିଲା । ଗଙ୍ଗ ସମୟରେ କେବଳ ଓଡ଼ିଶାରେ ନୁହେଁ, ବରଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ନିର୍ମାଣ ତ୍ରୁଟି ଆଉ ରହିଲା ନାହିଁ । ଫଳରେ ମନ୍ଦିରଗୁଡ଼ିକ (ଏକାଦଶ ଶତାବ୍ଦୀ ପରଠାରୁ) ଦୀର୍ଘସ୍ଥାୟୀ ହେଲେ । ଏକଥା ମଧ୍ୟ ସତ୍ୟ ଯେ, ମନ୍ଦିରକଳା ଓ ସ୍ଥାପତ୍ୟକୁ ତ୍ରୁଟିଶୂନ୍ୟ କରିବାରେ ସାଧାରଣ ଶିଳ୍ପୀମାନଙ୍କର ହିଁ ଯଥେଷ୍ଟ ଯୋଗଦାନ ରହିଥିଲା । ପୈତୃକ ବୃତ୍ତି ଭାବରେ ସେମାନେ ପିଢ଼ି ପିଢ଼ି ଧରି ନିର୍ମାଣଶୈଳୀ ଓ କଳାକୁ କେବଳ ବଞ୍ଚାଇ ନଥିଲେ, ତହିଁରେ ଉତ୍ତରୋତ୍ତର ଅଭିବୃଦ୍ଧି କରିବାକୁ ମଧ୍ୟ ଉଦ୍ୟମ କରୁଥିଲେ । ଭାରତକୁ ତୁର୍କ ଆଗମନ ପରେ ସ୍ଥାନୀୟ ଓ ବିଦେଶୀ ଶିଳ୍ପୀମାନଙ୍କ ସ୍ତରରେ ଭାବ ବିନିମୟ ହେଲା, ଯାହା ନିର୍ମାଣକଳା ଓ କୌଶଳକୁ ଋଦ୍ଧିମନ୍ତ କଲା । ଗଙ୍ଗରାଜାମାନେ ସମୃଦ୍ଧି ଲାଭ କରିବା ପରେ ମନ୍ଦିର ନିର୍ମାଣ କାମ ହାତକୁ ନେଇ ଏହି ଶିଳ୍ପୀମାନଙ୍କୁ ରୋଜଗାର ଦେଇଥିଲେ । ଶିଳ୍ପୀମାନଙ୍କର ତାଲିମ ଓ ପ୍ରଶିକ୍ଷଣରେ ବା ମନ୍ଦିର ନିର୍ମାଣପାଇଁ ଓଡ଼ିଶା ବାହାରୁ ଅଭିଜ୍ଞ ଶିଳ୍ପୀ ଆଣିବାରେ ରାଜାମାନେ ଉଦ୍ୟମ କରିଥିବାର କୌଣସି ଉଲ୍ଲେଖ ମିଳେ ନାହିଁ । ଅର୍ଥାତ୍ ଗଙ୍ଗରାଜାମାନେ କେବଳ ମନ୍ଦିର ନିର୍ମାଣ କାର୍ଯ୍ୟ ହାତକୁ ନେଇ ମନ୍ଦିରକଳା ଓ ସ୍ଥାପତ୍ୟକୁ ପ୍ରୋତ୍ସାହନ ଦେଇଥିଲେ ବୋଲି ବୁଝିବାକୁ ହେବ ।

ଓଡ଼ିଶାରେ ପଞ୍ଚମ ଶତାବ୍ଦୀଠାରୁ ମନ୍ଦିରକଳା ଓ ସ୍ଥାପତ୍ୟର ଉଲ୍ଲେଖ ମିଳିଥାଏ । ଈଶ୍ୱରଙ୍କୁ ଦେବମାନବ ରୂପେ କଳ୍ପନା କରି ତାଙ୍କପାଇଁ ବାସଗୃହ ବା ମନ୍ଦିର ନିର୍ମାଣ କରାଗଲା । ଯେଉଁ ଦେବତାଙ୍କ ଯେତେ ଅଧିକ ପ୍ରସିଦ୍ଧି, ତାଙ୍କରି ନାଁରେ ସେତେ ଅଧିକ ମନ୍ଦିର ନିର୍ମାଣ ହେଲା । ଏଥିରୁ ବୌଦ୍ଧ ମୂର୍ତ୍ତି ଓ ବୌଦ୍ଧ ମନ୍ଦିର ମଧ୍ୟ ବାଦ ପଡ଼ିଲା ନାହିଁ, ଯଦିଓ ଆରମ୍ଭରେ ବୌଦ୍ଧଧର୍ମରେ ମୂର୍ତ୍ତିପୂଜାର କୌଣସି ସ୍ଥାନ ନଥିଲା । ପ୍ରାୟ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ନିର୍ମାଣଶୈଳୀ ଉନ୍ନତ ନଥିଲା ବୋଲି ମନ୍ଦିରଗୁଡ଼ିକ ଦୀର୍ଘସ୍ଥାୟୀ ହୋଇପାରୁ ନଥିଲା । ଦୃଷ୍ଟାନ୍ତ ସ୍ୱରୂପ, କଳାହାଣ୍ଡି ଜିଲ୍ଲାର

ମାରାଗୁଡ଼ା ଉପତ୍ୟକାରେ ଓଡ଼ିଶାର ଦୁଇଟି ସର୍ବ ପୁରାତନ ମନ୍ଦିରର ଅବଶେଷ ଦେଖିବାକୁ ମିଳେ । ଏହା ପଞ୍ଚମ ଶତାବ୍ଦୀରେ ନଳରାଜା ଭବଦତ୍ତ ନିର୍ମାଣ କରିଥିବାର ଅନୁମାନ କରାଯାଏ । ମନ୍ଦିର ଦୁଇଟି ଇଟା ଓ ପଥରଦ୍ୱାରା ନିର୍ମିତ ଏବଂ ଛାତର କୌଣସି ଅବଶେଷ ନାହିଁ । ତହିଁରୁ ଗୋଟିଏ ମନ୍ଦିର ଶିବଙ୍କପାଇଁ ଉତ୍ସର୍ଗୀକୃତ ଓ ଅନ୍ୟଟି ସ୍ଥାନୀୟା ଅଧିଷ୍ଠାତ୍ରୀ ଦେବୀ ମାହେଶ୍ୱରୀଙ୍କପାଇଁ ଉଦ୍ଦିଷ୍ଟ ।

ଷଷ୍ଠ ଶତାବ୍ଦୀର ଗୋକର୍ଣ୍ଣେଶ୍ୱର ଶିବମନ୍ଦିର ଅନ୍ୟ ଏକ ପ୍ରାଚୀନ ମନ୍ଦିର । ପୂର୍ବ-ଗଙ୍ଗ ରାଜତ୍ୱ କାଳରେ ମହେନ୍ଦ୍ର ପର୍ବତରେ ଏହାର ପ୍ରତିଷ୍ଠା କରାଯାଇଥିଲା । ଏହା ସାତଟି ପଥରରେ ନିର୍ମିତ ଏବଂ ଏହାର ଶୀର୍ଷରେ ଏକ ଅମଳକ ଶିଳା ରହିଛି । କୋରାପୁଟ ଜିଲ୍ଲାର ପଦ୍ମପୁର ନିକଟସ୍ଥ ଜଗମଣ୍ଡା ପାହାଡ଼ ଉପରେ ଥିବା ନୀଳକଣ୍ଠେଶ୍ୱର ଶିବମନ୍ଦିର ହେଉଛି ଗୋକର୍ଣ୍ଣେଶ୍ୱର ମନ୍ଦିରର ସମସାମୟିକ । ଜଗମଣ୍ଡା ମନ୍ଦିର ନଅଟି ପଥରରେ ନିର୍ମିତ ।

ଏଥିରୁ ଅନୁମିତ ହୁଏ ଯେ, ମନ୍ଦିର ନିର୍ମାଣ କଳା ଓଡ଼ିଶାର ସବୁଆଡ଼େ ବିସ୍ତାରିତ ହୋଇ ରହିଥିଲା । କୋରାପୁଟ ଓ କଳାହାଣ୍ଡି ଭଳି ଅଞ୍ଚଳରେ ମଧ୍ୟ ଏହାର କମ୍ ବିସ୍ତାର ନଥିଲା । ନିର୍ମାଣ ଶୈଳୀରେ ତ୍ରୁଟି ରହିଥିବାରୁ ଉପର ଛାତ ଦୀର୍ଘସ୍ଥାୟୀ ହୋଇ ପାରୁନଥିଲା ଏବଂ ମନ୍ଦିର ବିଶାଳ ଆକାରର ହୋଇ ପାରୁନଥିଲା । କାଳକ୍ରମେ ଏକାଦଶ ଶତାବ୍ଦୀ ବେଳକୁ ଏଥିରେ ବିକାଶ ଘଟିଲା । ସମଗ୍ର ଓଡ଼ିଶା ଅଞ୍ଚଳ ଏକଶାସନାଧୀନ ହେବାରୁ ବିଭିନ୍ନ ଅଞ୍ଚଳର ଶିଳ୍ପୀ ଏକ ସ୍ଥାନରେ କାମ କରିବାର ସୁଯୋଗ ପାଇଲେ । ସେମାନଙ୍କର ପାରସ୍ପରିକ ଭାବ ବିନିମୟ, ଶୈଳୀରେ ରହିଥିବା ତ୍ରୁଟିକୁ ସୁଧାରିବାରେ ସାହାଯ୍ୟ କଲା । ଏହା ଫଳରେ, ବିଶାଳ ଆକାରର ମନ୍ଦିରନିର୍ମାଣ ସମ୍ଭବ ହେଲା ଓ ନିର୍ମାଣ ବେଳେ ବହୁ ସଂଖ୍ୟକ ଶିଳ୍ପୀ ପରସ୍ପର ମଧ୍ୟରେ ଯୋଗାଯୋଗ କରିବାରେ ସମର୍ଥ ହେଲେ । ଏହା ନିର୍ମାଣ ଶୈଳୀକୁ ଅଧିକ ବିକଶିତ କରିବା ତଥା ଶିଳ୍ପୀମାନଙ୍କ ମଧ୍ୟରେ ସାମାଜିକ ସଂପର୍କ ବୃଦ୍ଧି କରିବାରେ ସାହାଯ୍ୟ କଲା । ଅନ୍ୟ ଅର୍ଥରେ କହିଲେ; ରାଜ୍ୟର ସମୃଦ୍ଧି, ବଡ଼ ମନ୍ଦିରର ନିର୍ମାଣ, ବହୁ ସଂଖ୍ୟକ ଶିଳ୍ପୀଙ୍କ ମଧ୍ୟରେ ଯୋଗାଯୋଗ ଓ ଓଡ଼ିଶାର ରାଜନୈତିକ ଏକତ୍ରୀକରଣ ପରସ୍ପରପାଇଁ ଅନୁପୂରକ ହେଲେ । ଏହି କାରଣରୁ ଗଙ୍ଗଶାସନ କାଳରେ ନିର୍ମିତ ମନ୍ଦିରଗୁଡ଼ିକ ପ୍ରସିଦ୍ଧ ହେଲା ।

କଳିଙ୍ଗ ସ୍ଥାପତ୍ୟର ଉତ୍କର୍ଷ ଓ ସ୍ୱତନ୍ତ୍ରତାକୁ ଭାରତରେ ସେତେବେଳେ ବିଶେଷ ମହତ୍ତ୍ୱ ପ୍ରଦାନ କରାଯାଇଥିଲା । କର୍ଣ୍ଣାଟକରୁ ମିଳିଥିବା ତ୍ରୟୋଦଶ ଶତାବ୍ଦୀର (୧୨୩୫ ଖ୍ରୀଷ୍ଟାବ୍ଦ) ଏକ ଶିଳାଲିପିରେ ଚାରି ପ୍ରକାର ମନ୍ଦିର ନିର୍ମାଣ ଶୈଳୀ କଥା କୁହାଯାଇଛି । ସେଗୁଡ଼ିକ ହେଲାଃ ନାଗର ଶୈଳୀ, ବେସର ଶୈଳୀ, ଦ୍ରାବିଡ଼ ଶୈଳୀ ଓ କଳିଙ୍ଗ ଶୈଳୀ । ଏଥିରୁ ମନେହୁଏ ଓଡ଼ିଶା ବାହାରେ ମଧ୍ୟ କଳିଙ୍ଗ ଶୈଳୀକୁ ପ୍ରସିଦ୍ଧି ମିଳିଥିଲା ।

କଳିଙ୍ଗର ମନ୍ଦିର ମୁଖ୍ୟତଃ ତିନି ଅଂଶରେ ବିଭକ୍ତ । ସେଗୁଡିକ ହେଲା ରେଖ, ପୀଢ଼ ଓ ଖାକରା । ମନ୍ଦିର ଶିଖରର ଆକାର ଓ ପୂଜା ଅର୍ଚ୍ଚନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବିଭକ୍ତୀକରଣ କରାଯାଇଥାଏ । ରେଖ ଦେଉଳ, ମୁଖ୍ୟ ଦେବତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ଗର୍ଭଗୃହ

ଉପରେ ନିର୍ମିତ । ପୀଢ଼ ଦେଉଳ ଗର୍ଭଗୃହ ସମ୍ମୁଖରେ ଥିବା ମୁଖଶାଳା । ଏହାରି ଉପରେ ମନ୍ଦିର ନିର୍ମିତ । ପୀଢ଼ ଦେଉଳ ଭକ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । ରେଖ ଓ ପୀଢ଼ ମଧ୍ୟରେ ରହିଥିବା ପରିପୂରକତାକୁ ଦୃଷ୍ଟିରେ ରଖି ଉଭୟ ଦେଉଳର ସଂଯୋଗସ୍ଥଳୀକୁ ଶିଳ୍ପଶାସ୍ତ୍ରରେ ବିବାହ ବନ୍ଧନ ରୂପେ ବର୍ଣ୍ଣନା କରାଯାଇଛି । ଖାକରା ଦେଉଳ ଶାକ୍ତଦେବୀଙ୍କପାଇଁ ଉଦ୍ଦିଷ୍ଟ । ଖାକରା ଦେଉଳର ଶିଖର 'ଖ' ଆକାରର ବା ଚୈତ୍ୟଗୃହ ଭଳି ଅର୍ଦ୍ଧସିଲିଣ୍ଡର ଆକୃତିର । ଏହା ଓଲଟି ପଡ଼ିଥିବା ବୋଇତ ପରି ଦେଖାଯାଏ । ଦାକ୍ଷିଣାତ୍ୟର ପ୍ରଭାବ ଏଥିରେ ରହିଛି । ଖାକରା ଦେଉଳ ଓଡ଼ିଶାରେ କ୍ୱଚିତ୍ ପରିଦୃଷ୍ଟ ହୁଏ । ଭୁବନେଶ୍ୱରର ବୈତାଳ ଦେଉଳ, ଗୌରୀ ଦେଉଳ, ଚୌରାସିର ବରାହ ମନ୍ଦିର ଓ ବୟାଳିଶ ବାଟିର ଗଙ୍ଗେଶ୍ୱରୀ ମନ୍ଦିର ଖାକରା ଶୈଳୀରେ ନିର୍ମିତ ମନ୍ଦିରର ନିଦର୍ଶନ । ରେଖ ଓ ପୀଢ଼ ଦେଉଳର ଭିତ୍ତି ବର୍ଗାକାର । ରେଖ ଦେଉଳର ଶିଖର ଆଲମ୍ବ ଭାବେ ଏକ ରେଖା ଭଳି ହୋଇ ବେକ ପାଖରେ ବକ୍ରାକାର ହୋଇଥାଏ । ପୀଢ଼ ଦେଉଳ ହେଲା କ୍ରମକ୍ଷୟିଷ୍ଣୁ ଶିଖରସଂପନ୍ନ ଏକ ପିରାମିଡ ସଦୃଶ ।

ରେଖ ଦେଉଳର ପ୍ରକୋଷ୍ଠକୁ ଗର୍ଭଗୃହ ବା ବିମାନ କୁହାଯାଏ । ସେଠାରେ ମନ୍ଦିରର ମୁଖ୍ୟ ଦେବତା ଅଧିଷ୍ଠିତ ହୁଅନ୍ତି । ଷଷ୍ଠରୁ ଏକାଦଶ ଶତାବ୍ଦୀ ମଧ୍ୟରେ ରେଖ ଦେଉଳର ଆକାରରେ କ୍ରମ ବିକାଶ ଦେଖାଗଲା । ଗଙ୍ଗ ଶାସନ କାଳରେ ମନ୍ଦିରକୁ ଅଧିକ ବିଶାଳ, ମାର୍ଜିତ ଓ ସୌଷ୍ଠବପୂର୍ଣ୍ଣ କରିବାପାଇଁ ଭିତ୍ତିସ୍ଥଳକୁ ବୃଦ୍ଧି କରାଗଲା । ଏହାଦ୍ୱାରା ମନ୍ଦିରର ବାହ୍ୟ ଆକାର ଅଧିକ ଗୋଲାକାର ହେବା ସହିତ ଗଠନ ବର୍ତ୍ତୁଳାକାର ଦେଖାଗଲା ।

ପ୍ରାରମ୍ଭିକ ସ୍ତରରେ ପୀଢ଼ ଦେଉଳର ଜଗମୋହନ ବା ମୁଖଶାଳା, ଯାହା ରେଖସ୍ଥିତ ଗର୍ଭଗୃହର ସମ୍ମୁଖରେ ରହିଥାଏ, ଏକ ଆୟତାକାର ପ୍ରକୋଷ୍ଠ ଭଳି ରହିଥିଲା । ଛାତକୁ ଟେକି ଧରିବାପାଇଁ ଦୁଇଟି ଧାଡିରେ ସ୍ତମ୍ଭମାନ ରହିଥିଲା । ମନ୍ଦିରର ଛାତ ଚାଳଘରର ଛାତ ଭଳି ଦୋଚାଳିଆ ଥିଲା । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର ଏହି ଶ୍ରେଣୀଭୁକ୍ତ; ମାତ୍ର ସୋମବଂଶୀ ରାଜତ୍ୱକାଳୀନ ମନ୍ଦିରରେ ପ୍ରଥମ କରି ବର୍ଗାକାରର ମୁଖଶାଳା ଦେଖିବାକୁ ମିଳିଲା । ଫଳରେ ଛାତ ପିରାମିଡ଼ ଭଳି ହେଲା । ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର ଏହି ଶ୍ରେଣୀର ମନ୍ଦିର । ପରବର୍ତ୍ତୀ ସମୟରେ ମୁଖଶାଳାରେ ପୂର୍ଣ୍ଣାଙ୍ଗ ପୀଢ଼ ଦେଉଳ ଦେଖିବାକୁ ମିଳିଲା । ଲିଙ୍ଗରାଜ, ବ୍ରହ୍ମେଶ୍ୱର, ପୁରୀ ଜଗନ୍ନାଥ, କୋଣାର୍କର ସୂର୍ଯ୍ୟମନ୍ଦିର ଏହି ଶ୍ରେଣୀର ମନ୍ଦିର । ପୀଢ଼ର ଗଣ୍ଡି ଉପରେ ମସ୍ତକର ରଚନା କରାଯାଇଥାଏ । ଅନ୍ୟ ଉପ-ଅଙ୍ଗ ଗୁଡ଼ିକୁ (ତଳୁ ଉପର ଯାଏ) ବେକି, ଘଣ୍ଟ, ଅଁଳାବେକି, ଅମଳକ, ଖପୁରି ଓ କଳସ କୁହାଯାଏ । କୋଣାର୍କ ସୂର୍ଯ୍ୟ ମନ୍ଦିରର ରେଖ ଦେଉଳ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ସାରିଛି । କେବଳ ପୀଢ଼ ଦେଉଳର ନିର୍ମାଣ ଶୈଳୀ, ଭାସ୍କର୍ଯ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟ ରହିଛି । ତାହା ସତ୍ତ୍ୱେ ଏହା ଆଜି ବିଶ୍ୱ ଐତିହ୍ୟର ମାନ୍ୟତା ପାଇଛି ।

ନିର୍ମାଣଶୈଳୀ ପରି କାରୁକାର୍ଯ୍ୟ ମଧ୍ୟ ମନ୍ଦିରକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରେ । ମନ୍ଦିରରେ ବିଭିନ୍ନ ପ୍ରକାର ମୂର୍ତ୍ତି, ଡ଼ାଳ, ପୁଷ୍ପଲତା ଖୋଦିତ ହୋଇ ମନ୍ଦିରର ଶୋଭା ବର୍ଦ୍ଧନ କରେ । ମୂର୍ତ୍ତିଗୁଡ଼ିକ ମୁଖ୍ୟତଃ ତୋରଣ, ପ୍ରବେଶଦ୍ୱାର, ସ୍ତମ୍ଭ, ଗବାକ୍ଷ, ପାର୍ଶ୍ୱଦେବତା ତଥା ଛାତ ଇତ୍ୟାଦିରେ ଖୋଦିତ

ହୋଇଥାନ୍ତି । ମୂର୍ତ୍ତିଗୁଡ଼ିକ ମଧ୍ୟରେ ନାଗ-ନାଗୀ, ଗଙ୍ଗା-ଯମୁନା, ପାର୍ଶ୍ୱଦେବ-ପାର୍ଶ୍ୱଦେବୀ, ନବଗ୍ରହ, ମିଥୁନ-ମୈଥୁନ, ନାୟିକା, ଦ୍ୱାରପାଳ-ଦ୍ୱାରପାଳିକା, ଦିଗପାଳ- ଦିଗପାଳିକା, ଗଜସିଂହ, ଭାରବାହକ ଆଦି ଅନ୍ୟତମ । ଓଡ଼ିଶାର ମନ୍ଦିରଗୁଡିକ ମୂଳରୁ ଚୂଳ ପର୍ଯ୍ୟନ୍ତ କାରୁକାର୍ଯ୍ୟପୂର୍ଣ୍ଣ । ମନ୍ଦିରରେ ବ୍ରହ୍ମାଣ୍ଡର କଳ୍ପନା ରହିଥାଏ । ତେଣୁ କାରୁକାର୍ଯ୍ୟରେ ଦେବ-ଦେବୀ, ଗନ୍ଧର୍ବ, କିନ୍ନର, ନର-ନାରୀ, ପଶୁପକ୍ଷୀ ଓ ଗଛଲତା ରହିଥାନ୍ତି ।

ଏକାଦଶ ଶତାବ୍ଦୀରେ ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ହେଉଛି ଏକ ମହାନ କୃତି । ମନ୍ଦିରରେ ପାର୍ଶ୍ୱ ଦେବତା ଭାବରେ ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ଯଥାକ୍ରମେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗରେ ଅବସ୍ଥାପିତ । ମୂର୍ତ୍ତିଗୁଡ଼ିକ କଳା ମୁଗୁନି ପଥରରେ ନିର୍ମିତ । ମନ୍ଦିରରେ ଅନେକଗୁଡିଏ ଅଙ୍ଗ ଶିଖର ବା ଶିଖର ମନ୍ଦିର ରହିଛି । ମନ୍ଦିରର ଗର୍ଭଗୃହ ଓ ମୁଖଶାଳାର ବାହ୍ୟକାନ୍ଥ, କାରୁକାର୍ଯ୍ୟ ଓ ମୂର୍ତ୍ତିକଳାଦ୍ୱାରା ଅଳଙ୍କୃତ । ମନ୍ଦିର ସମ୍ମୁଖରେ ଏକ ବାହନ ସ୍ତମ୍ଭରେ ଉଭୟ ବୃଷଭ ଓ ଗରୁଡ଼ ଅବସ୍ଥାପିତ । ଏଥିରୁ ଅନୁମାନ କରାଯାଏ ଯେ ଲିଙ୍ଗରାଜ ମନ୍ଦିରକୁ ଉଭୟ ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ଭାବରେ କଳ୍ପନା କରାଯାଇଥିଲା । ପୂଜାବିଧିରେ ଉଭୟ ବେଲପତ୍ର (ଶିବଙ୍କ ପ୍ରିୟ) ଓ ତୁଳସୀ ପତ୍ର (ବିଷ୍ଣୁଙ୍କର ପ୍ରିୟ)ର ବ୍ୟବହାରରୁ ମଧ୍ୟ ଏହା ସୁସ୍ପଷ୍ଟ ହୁଏ ।

ଭୁବନେଶ୍ୱରର ଅନ୍ୟ ଏକ ପ୍ରସିଦ୍ଧ ମନ୍ଦିର ହେଲା ରାଜାରାଣୀ ମନ୍ଦିର । ଏହାର ଅଙ୍ଗଶିଖରର ସାଜସଜ୍ଜା ମଧ୍ୟ-ଭାରତର ସ୍ଥାପତ୍ୟ କଳାଦ୍ୱାରା ପ୍ରଭାବିତ ବୋଲି କୁହାଯାଏ । ଫଳରେ ଉଭୟ କଳିଙ୍ଗ ଓ ମଧ୍ୟ-ଭାରତର ସ୍ଥାପତ୍ୟ କଳା ଏଠାରେ ସମନ୍ୱିତ ହୋଇଥିବା ଅନୁମିତ ହୁଏ ।

ପୁରୀସ୍ଥିତ ଜଗନ୍ନାଥ ମନ୍ଦିରରେ ମନ୍ଦିର କଳାର ଉତ୍କର୍ଷ ଦେଖିବାକୁ ମିଳିଥାଏ । ଗଙ୍ଗରାଜା ଚୋଡ଼ଗଙ୍ଗ ଦେବଙ୍କଦ୍ୱାରା ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ଏହା ନିର୍ମିତ । ଲିଙ୍ଗରାଜ ମନ୍ଦିର ପରି ଏହା ବିମାନ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପକୁ ନେଇ ଗଠିତ । ମନ୍ଦିରର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ରାହାପାଗରେ ବା ଆଧାରଶିଳାରେ ଯଥାକ୍ରମେ ବରାହ, ନରସିଂହ ଓ ତ୍ରିବିକ୍ରମ ପାର୍ଶ୍ୱଦେବତା ରୂପେ ଅବସ୍ଥାପିତ । ମନ୍ଦିର ପ୍ରାଙ୍ଗଣରେ ଅନେକ ଦେବଦେବୀଙ୍କ ମନ୍ଦିର ବିଦ୍ୟମାନ । ମନ୍ଦିର ଚତୁର୍ପାର୍ଶ୍ୱରେ ଏକ ପ୍ରକାଣ୍ଡ ପ୍ରାଚୀର ରହିଛି- ଯାହା ମେଘନାଦ ପ୍ରାଚୀର ରୂପେ ଅଭିହିତ । ପ୍ରାଚୀରର ଚାରି ପାର୍ଶ୍ୱରେ ଚାରିଟି ପ୍ରବେଶଦ୍ୱାର ରହିଛି । ପୂର୍ବଦିଗର ମୁଖ୍ୟ ଦ୍ୱାରକୁ ସିଂହଦ୍ୱାର ଏବଂ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦ୍ୱାରକୁ ଯଥାକ୍ରମେ ହସ୍ତୀଦ୍ୱାର, ଅଶ୍ୱଦ୍ୱାର ଓ ବ୍ୟାଘ୍ରଦ୍ୱାର କୁହାଯାଏ ।

କିମ୍ବଦନ୍ତୀ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିରର ନିର୍ମାଣ କରିଥିଲେ । ମାତ୍ର ତାହା ଅନେକ କାଳଯାଏ ବାଲିରେ ପୋତି ହୋଇ ରହିଥିଲା । ଶେଷରେ ରାଜା ଗାଳମାଧବ ମନ୍ଦିରର ପୁନରୁଦ୍ଧାର କରିଥିଲେ । ମାତ୍ର ମାଦଳାପାଞ୍ଜି ଅନୁସାରେ ସୋମବଂଶୀ ରାଜା ଯଯାତି କେଶରୀ ଏହାର ନିର୍ମାଣ କରିଥିଲେ । ଏହି ସବୁ କିମ୍ବଦନ୍ତୀ ସମ୍ଭବତଃ ମନ୍ଦିରର ପ୍ରାଚୀନତା ସାବ୍ୟସ୍ତ କରିବାକୁ ସୃଷ୍ଟ । ଅନ୍ୟଥା ଗଙ୍ଗ ରାଜା ଚୋଡ଼ଗଙ୍ଗଦେବଙ୍କଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ବର୍ତ୍ତମାନର ମନ୍ଦିର ନିର୍ମିତ ବୋଲି ଅନେକ ଐତିହାସିକ ପ୍ରମାଣ ରହିଛି ।

ଜଗନ୍ନାଥ ମନ୍ଦିରର ଅନ୍ୟ ଏକ ବିଶେଷତ୍ୱ ହେଲା, ନିର୍ମାଣର ବହୁବର୍ଷ ପରେ ଏଥିରେ ଅରୁଣସ୍ତମ୍ଭକୁ ସଂଯୋଜିତ କରାଯାଇଛି । ମନ୍ଦିରର ପ୍ରସିଦ୍ଧି ବୃଦ୍ଧି ପାଇଥିବାରୁ ତାହାର ପୃଷ୍ଠପୋଷକତା କରିବାକୁ ଯାଇ ଅଷ୍ଟାଦଶ ଶତାବ୍ଦୀରେ ମରାଠାମାନେ କୋଣାର୍କରୁ ଏହି ସ୍ତମ୍ଭକୁ ଆଣି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସ୍ଥାପନ କରିଥିଲେ । ସ୍ତମ୍ଭ ଉପରେ ଅରୁଣ ମୂର୍ତ୍ତି ସ୍ଥାପିତ ହୋଇଥିବାରୁ ଏହାକୁ ଅରୁଣସ୍ତମ୍ଭ ବୋଲି ମଧ୍ୟ କୁହାଯାଏ । ମନ୍ଦିର ବେଢ଼ା ମଧ୍ୟରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି । ମୁକ୍ତିମଣ୍ଡପ ପାର୍ଶ୍ୱରେ ଥିବା ନୃସିଂହ ମନ୍ଦିର ବର୍ତ୍ତମାନର ମନ୍ଦିର ଅପେକ୍ଷା ବହୁ ପ୍ରାଚୀନ ବୋଲି କୁହାଯାଏ । ବିମଳା, ଭୁବନେଶ୍ୱରୀ ଓ ଲକ୍ଷ୍ମୀ ମନ୍ଦିର ବେଢ଼ାର ଅନ୍ୟ ମନ୍ଦିରମାନଙ୍କ ମଧ୍ୟରେ ପ୍ରମୁଖ ।

କୋଣାର୍କର ସୂର୍ଯ୍ୟ ମନ୍ଦିର ଗଙ୍ଗରାଜତ୍ୱର ସର୍ବଶ୍ରେଷ୍ଠ କୃତି । ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ପ୍ରଥମ ନରସିଂହଦେବଙ୍କଦ୍ୱାରା ଏହା ନିର୍ମିତ । ମନ୍ଦିରର ବିମାନ ବା ମୁଖ୍ୟ ଦେଉଳ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି; ମନ୍ଦିର ବେଢ଼ାରେ ନାଟମନ୍ଦିର ଏବଂ ଜଗମୋହନ ଆଂଶିକ ଭଗ୍ନାବସ୍ଥାରେ ଦଣ୍ଡାୟମାନ । କୋଣାର୍କର ନାଟମନ୍ଦିର ଏକ ଉଚ୍ଚ ପୀଠ ଉପରେ ଅବସ୍ଥିତ ଏବଂ ଏହା ଉପରକୁ ଯିବାପାଇଁ ଚାରି ପାର୍ଶ୍ୱରେ ପାହାଚ ରହିଛି । ନାଟମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଉଥିବା ତଥା ନୃତ୍ୟ ପରିବେଷଣ କରୁଥିବା ମୂର୍ତ୍ତି ଖୋଦିତ ।

ନାଟମନ୍ଦିର ପରି କୋର୍ଣାକର ଜଗମୋହନ ବା ମୁଖଶାଳା ମଧ୍ୟ ଏକ ଉଚ୍ଚ ପୀଠ ଉପରେ ନିର୍ମିତ । ଜଗମୋହନକୁ ଅଶ୍ୱଦ୍ୱାରା ଟଣା ଯାଉଥିବା ଏକ ବିଶାଳ ରଥର ସ୍ୱରୂପ ଦିଆଯାଇଛି । ରଥରେ ୨୪ଟି ଚକ ଏବଂ ସମ୍ମୁଖ ଭାଗରେ ସାତଟି ଅଶ୍ୱ ଖଚିତ । ଜଗମୋହନର ଉଚ୍ଚତା ପ୍ରାୟ ୧୨୦ ଫୁଟ ଏବଂ ତିନି ଥାକର ପୀଢ଼କୁ ନେଇ ଏହା ଗଠିତ । ଭଗ୍ନ ବିମାନର ଉତ୍ତର, ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱର ରାହାପାଗରେ ଉଦୀୟମାନ ସୂର୍ଯ୍ୟ, ମଧ୍ୟାହ୍ନ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟ ପାର୍ଶ୍ୱଦେବତା ରୂପେ ଖୋଦିତ ।

ଗଙ୍ଗବଂଶୀ ରାଜାମାନଙ୍କ ପରେ ସୂର୍ଯ୍ୟବଂଶୀଙ୍କ ରାଜତ୍ୱ କାଳରେ ମଧ୍ୟ କେତେକ ମନ୍ଦିର ନିର୍ମିତ ହୋଇଥିଲା । ମାତ୍ର ଗଙ୍ଗକାଳୀନ ମନ୍ଦିରର ବିଶାଳତା ଓ ସୂକ୍ଷ୍ମ କାରୁକାର୍ଯ୍ୟ ତହିଁରେ ଦେଖିବାକୁ ମିଳେ ନାହିଁ । ତେଣୁ ଗଙ୍ଗକାଳୀନ ଶାସନକୁ ମନ୍ଦିରକଳାର ଶିଖର ବୋଲି କୁହାଯାଏ । ଏହା ପରେ କ୍ରମଶଃ ଓଡ଼ିଶାରେ ମନ୍ଦିରକଳାର ଅବକ୍ଷୟ ଘଟିଲା ବୋଲି କହିଲେ ଭୁଲ ହେବନାହିଁ । ଏହି ଅବକ୍ଷୟର ଏକ ପ୍ରମୁଖ କାରଣ ହେଲା, ରାଜ ପୃଷ୍ଠପୋଷକତାର ଅଭାବ । ସୂର୍ଯ୍ୟବଂଶୀ ରାଜତ୍ୱ କାଳରେ ଶିଳ୍ପୀକୁଳ ଧ୍ୱଂସ ପାଇ ନଥିଲେ, ବରଂ ସେମାନେ ଓଡ଼ିଶାର ଅଭ୍ୟନ୍ତରକୁ ବିସ୍ତାରିତ ହୋଇଥିଲେ ଏବଂ ସ୍ଥାନୀୟ ପ୍ରୋତ୍ସାହନରେ ନାନା ସ୍ଥାନରେ ସେମାନେ ମନ୍ଦିର ଶିଳ୍ପକୁ ଜୀବିତ ରଖିଥିଲେ । ପ୍ରୋତ୍ସାହନ ଯେହେତୁ ସ୍ଥାନୀୟ, ମନ୍ଦିର ନିର୍ମାଣ ମଧ୍ୟ ଗଙ୍ଗକାଳୀନ ମନ୍ଦିର ପରି ଭବ୍ୟ ଓ ବିଶାଳ ହୋଇ ପାରି ନଥିଲା ।

■ ■ ■

# ସୂର୍ଯ୍ୟବଂଶୀ ଗଜପତି ଶାସନ

ପଞ୍ଚଦଶ ଶତାବ୍ଦୀର ଆଦ୍ୟ ଭାଗରେ ଗଙ୍ଗ ରାଜବଂଶର ପତନ ହେଲା । ଦୀର୍ଘ ତିନି ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି (୧୧୧୦-୧୪୩୫ ଖ୍ରୀ.) ଗଙ୍ଗମାନେ ଓଡ଼ିଶାର ରାଜନୈତିକ ଏକତ୍ରୀକରଣ କରି ଓଡ଼ିଶା ସାମ୍ରାଜ୍ୟକୁ ଉତ୍ତରରେ ବଙ୍ଗ ଓ ଦକ୍ଷିଣରେ ରେଡ୍ଡି ଏବଂ ବିଜୟନଗର ଆଦି ବହିଃଶତ୍ରୁ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରିଥିଲେ । ଏଥିପାଇଁ ସେମାନେ ସେନା ସଂଗଠନ ପ୍ରତି ଗୁରୁତ୍ୱ ଦେଇ ବହିଃଶତ୍ରୁ ବିରୁଦ୍ଧରେ ଆକ୍ରମଣାତ୍ମକ ନୀତି ମଧ୍ୟ ଅବଲମ୍ବନ କରିଥିଲେ । ଯଦିଓ ଗଙ୍ଗମାନେ ଆନ୍ଧ୍ର ଅଞ୍ଚଳରୁ ଆସିଥିଲେ; କଳା, ସ୍ଥାପତ୍ୟ ତଥା ଧର୍ମ ଆଧାରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସେମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶାର ଧର୍ମ, ସଂସ୍କୃତି, କଳା, ସ୍ଥାପତ୍ୟ ଏବଂ ସର୍ବୋପରି ରାଜନୀତିର ଏକ ପ୍ରତୀକ ଭାବରେ ଜଗନ୍ନାଥଙ୍କର ଉତ୍‌ଥାନ ହେଲା । ଏକ ସ୍ଥାନୀୟ ସ୍ତରରୁ ରାଜ୍ୟ(ଓଡ଼ିଶା) ସ୍ତରକୁ ଜଗନ୍ନାଥଙ୍କୁ ଉନ୍ନୀତ କରି ଗଙ୍ଗମାନେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ । ସେମାନଙ୍କ ପତନ ପରେ ସୁଦ୍ଧା ଜଗନ୍ନାଥଙ୍କର ପ୍ରତିଷ୍ଠା ଆଉ ଊଣା ହେଲା ନାହିଁ ।

ଗଙ୍ଗବଂଶର ପତନ ପରେ ଓଡ଼ିଶାରେ ସୂର୍ଯ୍ୟବଂଶୀ ଗଜପତି ନାମରେ ଅନ୍ୟ ଏକ ଗୌରବମୟ ରାଜବଂଶର ଶାସନ ଆରମ୍ଭ ହେଲା । ଗଙ୍ଗ ସାମ୍ରାଜ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ ସୂର୍ଯ୍ୟବଂଶୀ ଶାସନକୁ ଇତିହାସରେ 'ଗଜପତି' ଶାସନ ବୋଲି ମଧ୍ୟ ଉଲ୍ଲେଖ କରାଯାଏ । ପ୍ରଥମେ ଗଙ୍ଗରାଜା ଚୋଡଗଙ୍ଗ ଦେବ 'ଗଜପତି' ଉପାଧି ଗ୍ରହଣ କରିଥିଲେ । ଗଙ୍ଗସେନାରେ ରହିଥିବା ବିଶାଳ ଗଜବାହିନୀକୁ ପରିପୁଷ୍ଟ କରିବା ସକାଶେ ଏହି ଉପାଧି ସହାୟକ ହେଲା । ଯୁଦ୍ଧରେ ବାରୁଦ ଓ କମାଣର ବ୍ୟବହାର ଆରମ୍ଭ ହେବା ପୂର୍ବରୁ ହସ୍ତୀର ବ୍ୟବହାର, ସେନାର ଶକ୍ତି ଓ ପରାକ୍ରମକୁ ପ୍ରଦର୍ଶନ କରୁଥିଲା । ଓଡ଼ିଶାରେ ହସ୍ତୀର ଉପଲବ୍ଧତାଯୋଗୁଁ, ସାମାଜିକ ପ୍ରତିଷ୍ଠାପାଇଁ ରାଜାମାନେ ସେନାରେ ଗଜବାହିନୀ ରଖୁଥିଲେ । ଗଙ୍ଗମାନେ 'ଗଜପତି' ଉପାଧି ଗ୍ରହଣ କରି ନିଜର ଶକ୍ତି ଓ ପ୍ରତିଷ୍ଠାକୁ ପ୍ରଦର୍ଶନ କଲେ । ସେହି ସମୟଠାରୁ ଆରମ୍ଭ ହୋଇଥିବା

ଏହି ଉପାଧି ପରବର୍ତ୍ତୀ ସମୟରେ ଅର୍ଥାତ ସୂର୍ଯ୍ୟବଂଶୀ ଶାସନ କାଳରେ ଏବଂ ତା'ପରେ ଏକ ରାଜନୈତିକ ଅର୍ଥରେ ବ୍ୟବହୃତ ହେଲା । ଜଗନ୍ନାଥଙ୍କର ଆସ୍ଥାନ ରୂପେ ପ୍ରତିଷ୍ଠା ଲାଭ କରିଥିବା ପୁରୀ ଉପରେ ଯେଉଁ ରାଜାଙ୍କର ନିୟନ୍ତ୍ରଣ ରହିଲା, କେବଳ ସେହି ରାଜା 'ଗଜପତି' ଉପାଧି ବହନ କଲେ । ଏହାକୁ 'ସମ୍ରାଟ'ର ଏକ ସମାର୍ଥବୋଧକ ଶବ୍ଦ ରୂପେ ରାଜନୈତିକ ସ୍ୱୀକୃତି ମିଳିଲା । ଅନ୍ୟ ଶବ୍ଦରେ କହିଲେ, 'ଗଜପତି' ଉପାଧି ଉକ୍ତ ରାଜାଙ୍କୁ ମୋଟ ଓଡ଼ିଶାର ଶାସକ ତୁଲ୍ୟ ସମ୍ମାନ ପ୍ରଦାନ କଲା । ଯେମିତି ଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା ରୂପେ ପ୍ରତିଷ୍ଠା ଲାଭ କରିଥିଲେ, ସେମିତି 'ଗଜପତି' ଓଡ଼ିଶାର ଶାସକ ଭାବରେ ମର୍ଯ୍ୟାଦା ପାଇଲେ । 'ଜଗନ୍ନାଥ' ଓ 'ଗଜପତି' ପରସ୍ପରପାଇଁ ଅନୁପୂରକ ହେବା ସହିତ ଓଡ଼ିଶାକୁ ଏକ ସାମାଜିକ ତଥା ରାଜନୈତିକ ଅସ୍ମିତା ଦେବାରେ ସହାୟକ ହେଲେ ।

## କପିଳେନ୍ଦ୍ର ଦେବ (୧୪୩୫-୧୪୬୭)

ଗଜପତି ଶାସନର ପ୍ରତିଷ୍ଠାତା ଥିଲେ କପିଳେନ୍ଦ୍ର ଦେବ । ୧୪୩୫ ଖ୍ରୀଷ୍ଟାବ୍ଦରେ ସେ ଗଙ୍ଗବଂଶର ଚତୁର୍ଥ ଭାନୁଦେବଙ୍କ ପରେ ସିଂହାସନ ଆରୋହଣ କରି ସୂର୍ଯ୍ୟବଂଶର ପ୍ରତିଷ୍ଠା କରିଥିଲେ । ସମ୍ଭବତଃ କପିଳେନ୍ଦ୍ରଦେବ ଏକ ସାଧାରଣ ବଂଶଜ ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଜାଗେଶ୍ୱର ଓ ମାତାଙ୍କ ନାମ ବେଲମା । ତାଙ୍କ ପୂର୍ବପୁରୁଷ ଦକ୍ଷିଣ ଓଡ଼ିଶାରୁ ଆସିଥିଲେ । ଗଙ୍ଗରାଜାଙ୍କ ସେନାବାହିନୀରେ କପିଳେନ୍ଦ୍ର ପ୍ରଥମେ 'ରାଉତ' ଓ ପରେ 'ନାୟକ' ପଦକୁ ଉନ୍ନୀତ ହୋଇଥିଲେ । ସୂର୍ଯ୍ୟବଂଶ ଶାସନ ପରେ ଲିଖିତ ମାଦଳାପାଞ୍ଜି ଅନୁଯାୟୀ, ଜଗନ୍ନାଥଙ୍କ ସ୍ୱପ୍ନାଦେଶ ପାଇ ଚତୁର୍ଥ ଭାନୁଦେବ ଦରିଦ୍ର ବାଳକ 'କପିଳ ରାଉତ'ଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିଥିଲେ । ଗଙ୍ଗରାଜ ଅପୁତ୍ରକ ଥିବାରୁ ଉତ୍ତରାଧିକାରରେ କପିଳେନ୍ଦ୍ରଙ୍କୁ ରାଜସିଂହାସନ ପ୍ରାପ୍ତ ହେଲା ।

କପିଳେନ୍ଦ୍ରଙ୍କ ସିଂହାସନ ଆରୋହଣକୁ ଜଗନ୍ନାଥସମ୍ମତ ଅର୍ଥାତ୍ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କରିନେବା ସକାଶେ ମାଦଳାପାଞ୍ଜିରେ କିମ୍ବଦନ୍ତୀ ସୃଷ୍ଟି ହୋଇଥିବା ମନେହୁଏ । ଭାନୁଦେବ ଦୁର୍ବଳ ଥିଲେ ଏବଂ ବିଭିନ୍ନ ଯୁଦ୍ଧରେ ପରାଜୟ ବରଣ କଲା ପରେ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିଲା । ରାଜା ଭାନୁଦେବ ବିଦ୍ରୋହ ଦମନପାଇଁ ରାଜଧାନୀ ବାହାରକୁ ଯାଇଥିବା ଅବସରରେ ସେନାନାୟକ କପିଳେନ୍ଦ୍ର, ପାତ୍ର ମନ୍ତ୍ରୀଙ୍କ ସହଯୋଗରେ ସିଂହାସନ ଆରୋହଣ କଲେ ଏବଂ ରାଜା ହେବା ପରେ ଭାନୁଦେବଙ୍କୁ ରାଜଧାନୀକୁ ଫେରିବାକୁ ଦେଇ ନଥିଲେ । ଫଳରେ ଗଙ୍ଗବଂଶର ଶେଷ ରାଜା ସିଂହାସନରୁ ବଞ୍ଚିତ ହୋଇ ଗୁଡାରି କଟକ ନାମକ ସ୍ଥାନରେ ଶେଷ ସମୟ ଅତିବାହିତ କରିଥିଲେ । ଗଙ୍ଗବଂଶ ବିରୁଦ୍ଧରେ କପିଳେନ୍ଦ୍ରଙ୍କ ଶାନ୍ତିପୂର୍ଣ୍ଣ ବିଦ୍ରୋହର ପୁଷ୍ଟିପାଇଁ ଅନ୍ୟ ଏକ ତଥ୍ୟ ହେଲା ଯେ, ଗଙ୍ଗରାଜାଙ୍କ ପୋଷ୍ୟପୁତ୍ର ହୋଇଥିଲେ ତାଙ୍କୁ ଏକ ନୂତନ ରାଜବଂଶ ପ୍ରତିଷ୍ଠା କରିବାକୁ ପଡିନଥାନ୍ତା । କପିଳେନ୍ଦ୍ରଙ୍କୁ ସିଂହାସନ ଆରୋହଣରେ ଗଙ୍ଗଶାସନର କେତେକ ପ୍ରମୁଖ ଅଧିକାରୀ ଯଥା ମହାପାତ୍ର ଗୋପୀନାଥ, ଜଳେଶ୍ୱର ସେନା ନରେନ୍ଦ୍ର ଓ କାଶୀ ବିଦ୍ୟାଧର ସହଯୋଗ କରିଥିଲେ । ଏହା ଫଳରେ ଗଙ୍ଗରାଜାଙ୍କୁ ଗାଦିଚ୍ୟୁତ କରିବା କଷ୍ଟକର ହେଲା ନାହିଁ ।

ପଞ୍ଚଦଶ ଶତାବ୍ଦୀ ବେଳକୁ ଜଗନ୍ନାଥଙ୍କୁ ଓଡ଼ିଶାର ପ୍ରକୃତ ରାଜା ଓ ଗଙ୍ଗରାଜାଙ୍କୁ ତାଙ୍କ ଚଳନ୍ତି ସ୍ୱରୂପ ଭାବରେ ସ୍ୱୀକୃତି ମିଳିଥିଲା । କପିଳେନ୍ଦ୍ରଙ୍କ ରାଜତ୍ୱ ମଧ୍ୟ ଜଗନ୍ନାଥସମ୍ମତ ବୋଲି ଦର୍ଶାଇବାକୁ କିମ୍ବଦନ୍ତୀମାନ ସୃଷ୍ଟି କରାଗଲା । ମାଦଳାପାଞ୍ଜି ହୁଏତ କପିଳେନ୍ଦ୍ରଙ୍କ ବହୁ ପରେ ଲେଖାହୋଇଥିଲା, ମାତ୍ର ତହିଁରେ ରହିଥିବା କିମ୍ବଦନ୍ତୀଗୁଡ଼ିକ କପିଳେନ୍ଦ୍ରକାଳୀନ ବୋଲି ମନେହୁଏ । କିମ୍ବଦନ୍ତୀ କପିଳେନ୍ଦ୍ରଙ୍କ ସିଂହାସନ ଆରୋହଣକୁ ଜଗନ୍ନାଥସମ୍ମତ ଭାବରେ ପ୍ରସ୍ତୁତ କରି ସୂର୍ଯ୍ୟବଂଶକୁ ଲୋକସମ୍ମତ କରିଦେଲା । ଏହା ସତ୍ତ୍ୱେ, ଆନ୍ତରିକ ବିରୋଧର ଆଶଙ୍କା ଏଡାଇବା ପାଇଁ ସିଂହାସନ ଆରୋହଣ ପରେ କପିଳେନ୍ଦ୍ର ଲୁଣ ଓ କଉଡି ଉପରୁ ଟିକସ ଛାଡ଼ କରିଥିଲେ । ଏହା ସତ୍ତ୍ୱେ କେତେକ ସାମନ୍ତ ରାଜା, ଯଥା-ଆଧୁନିକ କୋରାପୁଟ ଅଞ୍ଚଳରେ ରହିଥିବା ନନ୍ଦପୁର ରାଜା, ବିଶାଖାପାଟଣା ଅଞ୍ଚଳରେ ରହିଥିବା ପଞ୍ଚଧରିଆ ରାଜା ଏବଂ ମାଳ ଅଞ୍ଚଳର କେତେକ ରାଜା, କପିଳେନ୍ଦ୍ର ଦେବଙ୍କ ସିଂହାସନ ଆରୋହଣକୁ ସ୍ୱୀକାର କରି ନଥିଲେ । ଏହି ବିରୋଧୀମାନଙ୍କୁ ତାଗିଦ କରି ଲିଙ୍ଗରାଜ ମନ୍ଦିରରେ ଏକ ଶିଳାଲେଖରେ କୁହାଯାଇଥିଲା ଯେ, ବିରୋଧୀ ସାମନ୍ତ ରାଜାମାନେ  ରାଜ୍ୟ ଶାସନ ପ୍ରତି ଧ୍ୟାନ ନ ଦେଇ ଯଦି ବିରୋଧ ଅବ୍ୟାହତ ରଖନ୍ତି, ସେମାନଙ୍କୁ ଗଜପତି ରାଜା ଗାଦିଚ୍ୟୁତ କରିବାକୁ ବାଧ୍ୟ ହେବେ । କପିଳେନ୍ଦ୍ରଙ୍କ ମନ୍ତ୍ରୀ ଗୋପୀନାଥ ମହାପାତ୍ର ଗୋପୀନାଥପୁର ଶାସନରେ (ଆଧୁନିକ ସାଲେପୁର ନିକଟରେ ଅବସ୍ଥିତ) ଏକ ଶିଳାଲେଖରେ କପିଳେନ୍ଦ୍ରଙ୍କୁ ମହାନ ସୂର୍ଯ୍ୟବଂଶୋଦ୍ଭବ ଓ ତାଙ୍କ ଶାସନକୁ ଜଗନ୍ନାଥସ୍ୱୀକୃତ ବୋଲି ଉଲ୍ଲେଖ କରିଛନ୍ତି । ଏହି ସବୁ ଦୃଷ୍ଟାନ୍ତରୁ ମନେହୁଏ ଯେ, କପିଳେନ୍ଦ୍ର ଗଙ୍ଗବଂଶକୁ ବିରୋଧ କରି ସିଂହାସନ ଆରୋହଣ କରିଥିଲେ, ଯାହା ଫଳରେ ତାଙ୍କୁ ଆନ୍ତରିକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡିଥିଲା ।

ନିଜର ସ୍ଥିତିକୁ ସୁଦୃଢ଼ କଲା ପରେ କପିଳେନ୍ଦ୍ର ବହିଃଶତ୍ରୁମାନଙ୍କୁ ନିପାତ କରିବାକୁ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିଥିଲେ । ପ୍ରଥମେ ଦକ୍ଷିଣରେ ସେ ସୀମାଞ୍ଚଳମ୍‌ରୁ ରେଡ୍ଡିମାନଙ୍କୁ ବିତାଡ଼ିତ କରିଥିଲେ । ସେହି ସମୟରେ ରାଜମହେନ୍ଦ୍ରୀର ରାଜନୈତିକ ଅବସ୍ଥା ଅନ୍ତରୀଣ ବିବାଦ ଓ ବାହାମନୀର ସୁଲତାନଙ୍କ ଆକ୍ରମଣ ଆଶଙ୍କାଯୋଗୁଁ ସଂକଟାପନ୍ନ ଥିଲା । ଏହାର ସୁଯୋଗ ନେଇ କପିଳେନ୍ଦ୍ର ବିଜୟନଗରର ରାଜା ଦ୍ୱିତୀୟ ଦେବରାୟଙ୍କୁ ପରାଜିତ କରି ରାଜମହେନ୍ଦ୍ରୀ ଅଧିକାର କଲେ । ୧୪୪୬ରେ ଦ୍ୱିତୀୟ ଦେବରାୟଙ୍କ ମୃତ୍ୟୁ ପରେ ବିଜୟନଗର ଅଧିକ ଦୁର୍ବଳ ହୋଇପଡ଼ିଲା । ବିଜୟନଗର ସାମ୍ରାଜ୍ୟର କର୍ତ୍ତୃତ୍ୱରେ ଥିବା ରାଜମହେନ୍ଦ୍ରୀର ରେଡ୍ଡି ରାଜା କପିଳେନ୍ଦ୍ରଙ୍କ ସହ ବିବାଦ ବେଳେ ବିଜୟନଗରରୁ କୌଣସି ସୈନ୍ୟ ସହାୟତା ପାଇଲେ ନାହିଁ । ଫଳରେ  ୧୪୪୮ ପୂର୍ବରୁ ରାଜମହେନ୍ଦ୍ରୀ କପିଳେନ୍ଦ୍ରଙ୍କ ସମ୍ପୂର୍ଣ୍ଣ ଶାସନଭୁକ୍ତ ହେଲା । ଏହି ବିବାଦ ବେଳେ କପିଳେନ୍ଦ୍ରଙ୍କ  ପକ୍ଷରୁ ତାଙ୍କ ପୁତ୍ର ହମ୍ବିର ଦେବ ସୈନ୍ୟ ପରିଚାଳନା କରିଥିଲେ ।

ସେତେବେଳେ ଦକ୍ଷିଣର ଅନ୍ୟ ଏକ ସାମନ୍ତରାଜ୍ୟ ଥିଲା କୋଣ୍ଡାବିଡୁ । ଏହା ବିଜୟନଗର ସାମ୍ରାଜ୍ୟର କର୍ତ୍ତୃତ୍ୱରେ ରହିଥିଲା । ଦ୍ୱିତୀୟ ଦେବରାଜଙ୍କ ମୃତ୍ୟୁ ପରେ ବିଜୟନଗରର କର୍ତ୍ତୃତ୍ୱ

କୋଣ୍ଡାବିଡୁ ଉପରୁ ହ୍ରାସ ପାଇଲା । ଏହାର ସୁଯୋଗ ନେଇ କପିଳେନ୍ଦ୍ର କୋଣ୍ଡାବିଡୁ ଅଧିକାର କଲେ । ୧୪୫୪ ମସିହାରେ ଖୋଦିତ ଏକ ଶିଳାଲେଖ ଅନୁଯାୟୀ, କପିଳେନ୍ଦ୍ରଙ୍କଦ୍ୱାରା ନିଯୁକ୍ତ ଗଣଦେବ ନାମକ ଜଣେ ଅଧିକାରୀ ସେଠାରେ ପରୀକ୍ଷ (ରାଜ୍ୟପାଳ) ଭାବରେ ସ୍ଥାପିତ ହୋଇଥିଲେ । କୋଣ୍ଡାବିଡୁକୁ ବାଦଦେଲେ ଆଦାଙ୍କି ଓ ବିନୁକୋଣ୍ଡା ସାମନ୍ତରାଜ୍ୟ ମଧ୍ୟ ତାଙ୍କ ଦାୟିତ୍ୱ ଅନ୍ତର୍ଭୁକ୍ତ ଥିଲା । ଅର୍ଥାତ୍ କପିଳେନ୍ଦ୍ରଦେବଙ୍କ ରାଜତ୍ୱ କାଳରେ କୃଷ୍ଣା-ଗୋଦାବରୀ ଉପତ୍ୟକା ଗଜପତି ଶାସନର ଅଧିକାରଭୁକ୍ତ ହେଲା ।

## ତେଲେଙ୍ଗାନା ଅଧିକାର

ରାଜମହେନ୍ଦ୍ରୀ ଓ କୋଣ୍ଡାବିଡୁ ଅଧିକାର ପରେ ଗଜପତି ରାଜା ତେଲେଙ୍ଗାନା ପ୍ରତି ଦୃଷ୍ଟି ନିକ୍ଷେପ କଲେ । ସେତେବେଳେ ତେଲେଙ୍ଗାନା ବେଲ୍ଲମା ରାଜାଙ୍କ ଶାସନାଧୀନ ଥିଲା । ପଡୋଶୀ ବିଜୟନଗର ଓ ବାହାମନୀ ରାଜ୍ୟ ତୁଳନାରେ ଏହା କ୍ଷୁଦ୍ର ଥିବାରୁ ନିଜର ଅସ୍ତିତ୍ୱ ରକ୍ଷାପାଇଁ ବେଲ୍ଲମାମାନଙ୍କୁ କୂଟନୀତି ପ୍ରୟୋଗ କରିବାକୁ ପଡୁଥିଲା । ବିଜୟନଗରର ସାମନ୍ତ ରେଡ୍ଡି ମାନଙ୍କର ରାଜ୍ୟ ସହିତ ତେଲେଙ୍ଗାନାର ବରାବର ଶତ୍ରୁତା ଲାଗି ରହିଥିଲା । ସୁରକ୍ଷାପାଇଁ ବେଲ୍ଲମା ରାଜା ବାହାମନୀ ସୁଲତାନଙ୍କ ସାହାଯ୍ୟ ଲୋଡୁଥିଲେ । ପାରସ୍ପରିକ ରାଜନୈତିକ ସମ୍ବନ୍ଧ ରକ୍ଷା ବେଳେ ଉଭୟ ରାଜ୍ୟ ମଧ୍ୟରେ ଧର୍ମ କେବେ ବି ବାଧକ ହୋଇନଥିଲା । ମାତ୍ର କିଛିକାଳ ପରେ ଉଭୟ ରାଜ୍ୟ ମଧ୍ୟରେ ବିବାଦ ହେଲା ଏବଂ ତେଲେଙ୍ଗାନା ରାଜା ବିଜୟନଗରର ସହଯୋଗ ନେଲେ । ପ୍ରତିକ୍ରିୟା ସ୍ୱରୂପ, ପ୍ରଥମେ ୧୪୨୫ରେ ଏବଂ ଦ୍ୱିତୀୟ ଥର ୧୪୩୫ରେ ବାହାମନୀ ସୁଲତାନ ସୈନ୍ୟ ଚାଳନା କରି ତେଲେଙ୍ଗାନା ଅଧିକାର କରିନେଲେ ।

ଓଡ଼ିଶାରେ ଗଜପତି ଶାସନର ଉଦୟ ପରେ ତେଲେଙ୍ଗାନା ରାଜା ବେଲମ୍ମା ମୁଖ୍ୟ ମଦୟଲିଙ୍ଗ କପିଳେନ୍ଦ୍ରଦେବଙ୍କ ସହ ସମ୍ବନ୍ଧ ସ୍ଥାପନ କଲେ । ଏହା ସହିତ ସେ ବାହମନୀ ସୁଲତାନଙ୍କ ଶତ୍ରୁମାନଙ୍କୁ ବିଦ୍ରୋହ କରିବାକୁ ପ୍ରରୋଚିତ କଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ସୁଲତାନ ମଦୟଲିଙ୍ଗଙ୍କ ଉପରେ ଦେବରକୋଣ୍ଡାଠାରେ ଆକ୍ରମଣ କଲେ । ମାତ୍ର ମଦୟଲିଙ୍ଗଙ୍କ ସମର୍ଥନରେ ଗଜପତି ସେନା ପହଞ୍ଚିଯିବାରୁ ୧୪୫୮ ରେ ବାହାମନୀ ସୁଲତାନ ଓ ଗଜପତି ସେନା ମଧ୍ୟରେ ଯୁଦ୍ଧହେଲା ଏବଂ ଯୁଦ୍ଧରେ କପିଳେନ୍ଦ୍ରଦେବ ଜୟଯୁକ୍ତ ହେଲେ । କପିଳେନ୍ଦ୍ରଦେବଙ୍କ ଯୁଦ୍ଧ ସଫଳତା ପଛରେ ବଡ଼ କାରଣ ଥିଲା, ତାଙ୍କ ବିଶାଳ ଗଜାରୋହୀ ସେନା । ଗଜପତିଙ୍କ ଜ୍ୟେଷ୍ଠପୁତ୍ର ହମ୍ବିର ଦେବ ଦକ୍ଷତାର ସହିତ ଏହି ଯୁଦ୍ଧ ପରିଚାଳନା କରିଥିଲେ । ଦେବରକୋଣ୍ଡା ବିଜୟ ପରେ ହମ୍ବିର ଦେବ ଓ୍ୱାରଙ୍ଗଲ ଦୁର୍ଗ ମଧ୍ୟ ଅଧିକାର କରିନେଲେ । ୧୪୫୮ ରେ ଗଜପତି ରାଜା ଗୁଣ୍ଟୁର ଅବସ୍ଥାନ କାଳରେ ବେଲଜାଲାନି ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ । ଉକ୍ତ ଦାନ ଫଳକରେ ତାଙ୍କୁ 'ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର'ଭାବରେ ଉଲ୍ଲେଖ କରାଯାଇଛି । ଏଥିରୁ ମନେହୁଏ ଯେ, ଗୁଣ୍ଟୁର ବ୍ୟତୀତ ସେ ଆରା, ହାମ୍ପି, ଦିଲ୍ଲୀ ଓ ଗୁଲବର୍ଗା ରାଜ୍ୟର ରାଜାମାନଙ୍କୁ ମଧ୍ୟ ଯୁଦ୍ଧରେ ପରାସ୍ତ କରିଥିଲେ ।

## ବିଜୟନଗର ଅଭିଯାନ

କପିଳେନ୍ଦ୍ରଦେବ ସିଂହାଚଳ, ରାଜମହେନ୍ଦ୍ରୀ ଓ କୋଣ୍ଡାବିଡୁ ଆଦି କ୍ଷୁଦ୍ର ସାମନ୍ତରାଜ୍ୟଗୁଡ଼ିକୁ ନିଜ କର୍ତ୍ତୃତ୍ୱକୁ ଆଣିବା ପ୍ରକ୍ରିୟାରେ ବିଜୟନଗର ସାମ୍ରାଜ୍ୟର ସମ୍ମୁଖୀନ ହୋଇଥିଲେ । କାରଣ ଏହି ରାଜ୍ୟଗୁଡ଼ିକ ବିଜୟନଗରର ସାମନ୍ତ ରାଜ୍ୟ ଥିଲେ । ଦ୍ୱିତୀୟ ଦେବରାୟଙ୍କ ମୃତ୍ୟୁ ପରେ ୧୪୪୬ରେ ମଲ୍ଲିକାର୍ଜ୍ଜୁନ ବିଜୟନଗର ସିଂହାସନ ଅଧିକାର କଲେ । ସେ ଜଣେ ଦୁର୍ବଳ ରାଜା ଥିଲେ । ଏହାର ସୁଯୋଗ ନେଇ କପିଳେନ୍ଦ୍ର ବିଜୟନଗରର ଅନ୍ୟ ସାମନ୍ତ ରାଜ୍ୟଗୁଡ଼ିକୁ ମଧ୍ୟ ଜିଣିନେବାକୁ ପ୍ରୟାସ କଲେ । ଏଥିପାଇଁ ସମ୍ଭବତଃ ସେ ହୟପତି ନାମରେ ପରିଚିତ ବାହାମନୀ ସୁଲତାନଙ୍କ ସହ ବନ୍ଧୁତା କରିଥିଲେ । ବିଜୟନଗର ବିରୁଦ୍ଧରେ କପିଳେନ୍ଦ୍ରଙ୍କ ପ୍ରତିନିଧି ଭାବରେ ତାଙ୍କ ପୁତ୍ର ହମ୍ବିର ଦେବ ସୈନ୍ୟ ଚାଳନା କରି ବିଜୟ ପ୍ରାପ୍ତ ହେଲେ । ବିଜୟନଗରର ରାଜଧାନୀ ହାମ୍ପି ଅଧିକାର କରି ହମ୍ବିର ଦେବ ବିଜୟନଗର ରାଜ୍ୟରୁ ଯଥୋଚିତ 'ଦେୟ' ଅସୁଲ କଲେ । ମାତ୍ର, ଗଙ୍ଗାଧର ରଚିତ ତତ୍‌କାଳୀନ କୃତି 'ଗଙ୍ଗାଦାସ ବିଳାସ ଚରିତଂ'ରେ ବିଜୟନଗର ହସ୍ତରୁ ହମ୍ବିରଦେବ ପରାଜିତ ହୋଇଥିବା କଥା କୁହାଯାଇଛି । ସମ୍ଭବତଃ ହମ୍ବିରଦେବ ପ୍ରଥମେ ଯୁଦ୍ଧ ଜୟ କଲେ ଓ ପରେ ପରାଜିତ ହେଲେ । କପିଳେନ୍ଦ୍ରଙ୍କ ବିଜୟନଗର ଅଭିଯାନପାଇଁ ବାହାମନୀ ସୁଲତାନଙ୍କ ସହ ମେଣ୍ଟରୁ ମନେହୁଏ ଯେ ସେ ସମୟରେ ଧାର୍ମିକ ଆଧାରରେ ସାଧାରଣତଃ ଯୁଦ୍ଧ ସଂଘଟିତ ହେଉନଥିଲା । ଗୌରବ ପାଇବାଲାଗି ତଥା ଧନରତ୍ନ ଆହରଣ କରି ସ୍ୱ-ରାଜ୍ୟକୁ ସମୃଦ୍ଧ କରିବାଲାଗି ରାଜାମାନେ ପରସ୍ପର ମଧ୍ୟରେ ବିବାଦ କରୁଥିଲେ । ତେଣୁ ବାହାମନୀ ସୁଲତାନଙ୍କ ବିଜୟ ଅଭିଯାନକୁ ମୁସଲମାନ ଆକ୍ରମଣ ବା ବିଜୟ ନଗର ଉପରେ ଗଜପତିଙ୍କ ଆକ୍ରମଣକୁ ହିନ୍ଦୁ ଆକ୍ରମଣ ବୋଲି କହିବା ଉଚିତ ହେବ ନାହିଁ । ଗଜପତି ରାଜା ବାହାମନୀ ସୁଲତାନଙ୍କ ସହ ଆବଶ୍ୟକ ସ୍ଥଳେ ବନ୍ଧୁତା କରି ତଥା ରେଡ୍ଡି, ବିଜୟନଗର ଆଦି ରାଜ୍ୟ ବିରୁଦ୍ଧରେ ଯୁଦ୍ଧ କରି ଏହା ପ୍ରମାଣିତ କରିଛନ୍ତି । ଦକ୍ଷିଣ-ପୂର୍ବ ଭାରତରେ ଗଜପତି ଶାସନର ଉତ୍‌ଥାନ ପରେ ଦକ୍ଷିଣରେ ବିଜୟନଗର ଓ ବାହାମନୀ ରାଜ୍ୟ ଓ ଉତ୍ତରରେ ବଙ୍ଗର ଶାସନ ଏକାଧିପତ୍ୟ ଜାରି କରି ପାରିଲେ ନାହିଁ । ଅନ୍ୟପକ୍ଷରେ ଏକ ଶକ୍ତିଶାଳୀ ରାଜ୍ୟ ଭାବରେ ଓଡ଼ିଶାର ଉଦୟଯୋଗୁଁ ଓଡ଼ିଶା ସ୍ତରରେ ଏକ ସାଂସ୍କୃତିକ, ସାମାଜିକ ଓ ରାଜନୈତିକ ପରିଚୟର ବିକାଶ ହେଲା । ଏହି କାଳାଂଶରେ ଏକ ଶକ୍ତିଶାଳୀ ରାଜ୍ୟ ରୂପେ ଓଡ଼ିଶାର ପରିଚୟ ଥିଲା ବୋଲି ପରବର୍ତ୍ତୀ ସମୟରେ ଓଡ଼ିଶାର ଜାତୀୟ ଅସ୍ମିତା ଅନୁସନ୍ଧାନ କଷ୍ଟକର ହେଲା ନାହିଁ ।

## ବଙ୍ଗ ବିଜୟ

୧୪୪୭ର ଏକ ଶିଳାଲେଖରେ କପିଳେନ୍ଦ୍ରଙ୍କୁ 'ଗୌଡ଼େଶ୍ୱର' ବୋଲି ଉଲ୍ଲେଖ କରାଯାଇଛି । ଏହି ଆଧାରରେ କୁହାଯାଏ ଯେ, ସେ ବଙ୍ଗର ସୁଲତାନଙ୍କୁ ମଧ୍ୟ ଯୁଦ୍ଧରେ ପରାଜିତ କରିଥିଲେ । ବଙ୍ଗରେ ସେତେବେଳେ (୧୪୪୨-୧୪୫୯) ସୁଲତାନ ଥିଲେ ନାସିରୁଦ୍ଦିନ । ଜଗନ୍ନାଥ ମନ୍ଦିରର

ଏକ ଶିଳାଲେଖରୁ ଜଣାଯାଏ ସେ 'ମାଲିକା ପାରିସା' ବା 'ମାଲିକା ପରିସା' (ମାଲିକ ପାଦଶାହ) ଅର୍ଥାତ୍ ଗୌଡର ନବାବଙ୍କ ସହିତ ଯୁଦ୍ଧ କରିଥିଲେ । ମାତ୍ର କପିଳେନ୍ଦ୍ରଙ୍କ ବଂଗ ବିଜୟକୁ ପୁଷ୍ଟ କରିବାପାଇଁ ଅନ୍ୟ କୌଣସି ଐତିହାସିକ ତଥ୍ୟ ପ୍ରମାଣ ଏ ପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହିଁ ।

ଯଦିଓ କପିଳେନ୍ଦ୍ର ଦେବ ଏକ ବିଶାଳ ରାଜ୍ୟ ଗଠନ କରିଥିଲେ ଏବଂ ଅନେକ ଯୁଦ୍ଧ ଜୟ କରିଥିଲେ, ବିଜିତ ରାଜ୍ୟଗୁଡ଼ିକୁ ସେ ଅଧିକ କାଳ ନିଜ କର୍ତ୍ତୃତ୍ୱାଧୀନ ରଖି ପାରିନଥିଲେ । ବିଜିତ ରାଜାମାନେ ବାର୍ଷିକ ଦେୟ ମାତ୍ର ଦେଇ ଗଜପତି ରାଜ୍ୟର ବଶ୍ୟତା ସ୍ୱୀକାର କରିଥିଲେ । କପିଳେନ୍ଦ୍ରଙ୍କ ସେନାର ବଡ଼ ଶକ୍ତି ହେଲା ତାଙ୍କ ବିଶାଳ ଗଜାରୋହୀ ସେନା । ସମ୍ମୁଖ ସମରରେ ବିଶାଳ ଗଜବାହିନୀ ଶତ୍ରୁ ପ୍ରାଣରେ ଭୟ ସୃଷ୍ଟି କରୁଥିଲା । କମାଣ ଓ ବାରୁଦର ବ୍ୟବହାର ପୂର୍ବରୁ ଯୁଦ୍ଧରେ ହସ୍ତୀବାହିନୀ ରାଜାଙ୍କର ପରାକ୍ରମକୁ ଦର୍ଶାଉଥିଲା । ସମ୍ଭବତଃ, ଅନେକ ବିଜିତ ରାଜ୍ୟରେ ଗଜପତିଙ୍କ ପ୍ରତ୍ୟକ୍ଷ ଶାସନ ନଥିଲା । ଫଳରେ କପିଳେନ୍ଦ୍ରଙ୍କ ବୃଦ୍ଧାବସ୍ଥାରେ ହିଁ ବହୁ ରାଜ୍ୟ ଗଜପତି ନିୟନ୍ତ୍ରଣରୁ ବାହାରି ଯାଇଥିଲେ । କପିଳେନ୍ଦ୍ରଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ବିଶାଳ ରାଜ୍ୟ ଅତୁଟ ରହି ପାରି ନଥିଲା । ଶେଷରେ, ୧୪୬୬ରେ ସେ ପୁରୀରେ ଅବସ୍ଥାନ କରିବା ସମୟରେ ରାଜ୍ୟର ତେଲଙ୍ଗୀ ସାମନ୍ତ ରାଜାମାନେ ଗଜପତି ରାଜ୍ୟରୁ ପୃଥକ ହୋଇ ସ୍ୱାଧୀନତା ଘୋଷଣା କଲେ । ଏଥିରେ ବିଚଳିତ ହୋଇ କପିଳେନ୍ଦ୍ର , ସାନପୁଅ ପୁରୁଷୋତ୍ତମ ଦେବଙ୍କୁ ସାଙ୍ଗରେ ନେଇ ଦାକ୍ଷିଣାତ୍ୟ ଅଭିଯାନରେ ବାହାରିଲେ । ପରିଣତ ବୟସରେ ଭଗ୍ନସ୍ୱାସ୍ଥ୍ୟ ଓ ବିଚଳିତ ମନଯୋଗୁଁ ଶେଷରେ ୧୪୬୭ରେ ସେ କୃଷ୍ଣାନଦୀ କୂଳରେ ପୁରୁଷୋତ୍ତମ ଦେବଙ୍କୁ ଉତ୍ତରାଧିକାରୀ ନିଯୁକ୍ତ କରି ପ୍ରାଣତ୍ୟାଗ କଲେ ।

ମଧ୍ୟକାଳୀନ ଓଡ଼ିଶା ଇତିହାସରେ କପିଳେନ୍ଦ୍ରଦେବ ହେଉଛନ୍ତି ସବୁଠାରୁ ଅଧିକ ପରାକ୍ରମଶାଳୀ ରାଜା । ତତ୍କାଳୀନ ପୂର୍ବ ଓ ଦକ୍ଷିଣ ଭାରତର ଶକ୍ତିଶାଳୀ ବାହାମନୀ ସୁଲତାନ ନାସିରଉଦ୍ଦିନ୍ ହୁମାୟୁନ ଶାହ, ସାଲୁଭ ବା ସାଲ୍ୱ ନରସିଂହ ଓ ବିଜୟନଗରର ସମ୍ରାଟ ମଲ୍ଲିକାର୍ଜୁନଙ୍କ ତୁଳନାରେ ସେ କମ୍ ଶକ୍ତିବାନ ନଥିଲେ । ସେମାନଙ୍କ ସହ ଯୁଦ୍ଧ କରି ସେ ଓଡ଼ିଶାକୁ ଏକ ବିଖ୍ୟାତ ରାଜ୍ୟର ସମ୍ମାନ ଦେଇଥିଲେ । ତାଙ୍କ ସମୟରେ ଓଡ଼ିଶା ସାମ୍ରାଜ୍ୟ ଦକ୍ଷିଣରେ କର୍ଣ୍ଣାଟକ ଏବଂ ପୂର୍ବରେ ବଙ୍ଗ ଯାଏ ବ୍ୟାପିଥିଲା । ଏକ ସାଧାରଣ ପରିବାରରେ ଜନ୍ମ ହୋଇ ତୀକ୍ଷ୍ଣ ବୁଦ୍ଧି, ସାହସ ଓ ନିଷ୍ଠା ବଳରେ ସେ ଏକ ନୂତନ ସାମ୍ରାଜ୍ୟ ଗଠନ କରିବାରେ ସଫଳ ହୋଇଥିଲେ । ଏହି ଗୌରବ ପାଇଁ ତାଙ୍କୁ ମୌର୍ଯ୍ୟସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ସହ ତୁଳନା କରିହେବ । ରାଜ୍ୟ ବିସ୍ତାରପାଇଁ କେତେବେଳେ ସେ ଧର୍ମ ଆଧାରରେ ପଡୋଶୀ ରାଜ୍ୟ ସହ ମେଣ୍ଟ କରିଥିଲେ ତ ଆଉ କେବେ ଧାର୍ମିକ ଆଧାରକୁ ଅଣଦେଖା କରି ସୁଲତାନଙ୍କ ସହ ବନ୍ଧୁତା କରିଥିଲେ । ସମ୍ଭବତଃ ଧର୍ମ ଅପେକ୍ଷା ଓଡ଼ିଆଜାତି ପରିଚୟ ତାଙ୍କପାଇଁ ଅଧିକ ମହତ୍ତ୍ୱ ରଖୁଥିଲା । ଗଙ୍ଗ ସମୟରୁ ଆରମ୍ଭ ହୋଇଥିଲେ ସୁଦ୍ଧା କପିଳେନ୍ଦ୍ରଙ୍କ ସମୟରେ 'ଗଜପତି' ଏକ ରାଜନୈତିକ ଉପାଧିର ସମ୍ମାନ ଲାଭ କଲା ଏବଂ ଗଜପତି ଉପାଧିଧାରୀ ରାଜା ଓଡ଼ିଶାର ଅନ୍ୟ ରାଜାମାନଙ୍କଠାରୁ ଶ୍ରେଷ୍ଠ ମାନ୍ୟତା ପାଇଲେ । କପିଳେନ୍ଦ୍ରଦେବଙ୍କ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ଏକ ନବ ଯୁଗ ଆରମ୍ଭ ହେଲା । ସାରଳା ଦାସଙ୍କ ଓଡ଼ିଆ 'ମହାଭାରତ' ଏହି

ସମୟର ସୃଷ୍ଟି । ମଧ୍ୟକାଳୀନ ଓଡ଼ିଶାର ସମାଜ ଓ ସାହିତ୍ୟରେ ଯେଉଁ ଭକ୍ତି ଯୁଗର ପ୍ରବର୍ତ୍ତନ ହେଲା ତଥା ସଂସ୍କୃତ ଭାଷା ବଦଳରେ ଓଡ଼ିଆ ଭାଷାର ବିକାଶ ହେଲା, ତାହାର ଭିତ୍ତି କପିଳେନ୍ଦ୍ରଦେବଙ୍କ ସମୟରେ ପଡିଥିଲା ବୋଲି କହିଲେ ବୋଧହୁଏ ଭୁଲ ହେବନାହିଁ ।

## ପୁରୁଷୋତ୍ତମ ଦେବ (୧୪୬୭-୧୪୯୭)

କପିଳେନ୍ଦ୍ରଦେବଙ୍କ ପରେ ସିଂହାସନ ଆରୋହଣ କରିଥିବା ପୁରୁଷୋତ୍ତମଦେବ ସମ୍ଭବତଃ ଜ୍ୟେଷ୍ଠ ରାଜକୁମାର ନ ଥିଲେ । ଜ୍ୟେଷ୍ଠପୁତ୍ର ତଥା ଦକ୍ଷିଣ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ହମ୍ବିରଦେବଙ୍କ ଦାବିକୁ ଅବହେଳା କରି ସମ୍ଭବତଃ କପିଳେନ୍ଦ୍ରଦେବ ଅନ୍ୟ ପୁତ୍ର ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ ନିଯୁକ୍ତ କରିଥିଲେ । ହମ୍ବିରଦେବ ଏଥିରେ କ୍ଷୁବ୍ଧ ହୋଇ ବିଦ୍ରୋହ କରିଥିଲେ । ବାମଣ୍ଡା ରାଜ୍ୟରୁ ପ୍ରାପ୍ତ 'ରାଜବଂଶାବଳୀ' ଅନୁଯାୟୀ ପୁରୁଷୋତ୍ତମ ଥିଲେ କପିଳେନ୍ଦ୍ରଦେବଙ୍କ ଜଣେ ରକ୍ଷିତାଙ୍କ ପୁତ୍ର । ପୁରୁଷୋତ୍ତମଦେବଙ୍କ ମାତାଙ୍କ ପ୍ରରୋଚନାରେ କପିଳେନ୍ଦ୍ରଦେବ ରୀତି ଭାଙ୍ଗି ଜ୍ୟେଷ୍ଠ ପୁତ୍ର ହମ୍ବିରଦେବଙ୍କ ସ୍ଥାନରେ ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ ମନୋନୀତ କରିଥିଲେ । ଏକ କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥ କପିଳେନ୍ଦ୍ରଦେବଙ୍କୁ ସ୍ୱପ୍ନାଦେଶ ଦେଇ ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ ଘୋଷଣା କରିବାକୁ କହିଥିଲେ । ଜ୍ୟେଷ୍ଠପୁତ୍ର ହମ୍ବିରଦେବଙ୍କ ସ୍ଥାନରେ ପୁରୁଷୋତ୍ତମଦେବଙ୍କ ରାଜପଦ ପ୍ରାପ୍ତିକୁ 'ନ୍ୟାୟ ସଙ୍ଗତ' ବୋଲି ଧାରଣା ଦେବାକୁ କିମ୍ବଦନ୍ତୀର ସୃଷ୍ଟି ହୋଇଥିବା କୁହାଯାଏ । ରାଜପଦ ଲାଭ କରିବା ପରେ ପୁରୁଷୋତ୍ତମଦେବ ବ୍ରାହ୍ମଣମାନଙ୍କ ଉପରୁ ଚୌକିଦାରୀ କର ଛାଡ କରିଥିଲେ ଏବଂ ପୂର୍ବରୁ ପ୍ରଚଳିତ ଭୂମିଦାନ ବ୍ୟବସ୍ଥାକୁ ବଳବତ୍ତର କରିଥିଲେ । ଏହା ଫଳରେ ତାଙ୍କୁ ବିଶେଷ ଅନ୍ତରୀଣ କଳହର ସମ୍ମୁଖୀନ ହେବାକୁ ପଡ଼ିନଥିଲା । ଏହା ତାଙ୍କୁ ରାଜ୍ୟ ଜୟପାଇଁ ସୁଯୋଗ ପ୍ରଦାନ କରିଥିଲା ।

ସିଂହାସନ ଆରୋହଣ କଲା ପରେ ପୁରୁଷୋତ୍ତମଦେବଙ୍କ ପାଇଁ ସବୁଠାରୁ ଅଧିକ କାଳ ହେଲା ହମ୍ବିରଦେବଙ୍କ ବିଦ୍ରୋହ । ପ୍ରଥମେ ହମ୍ବିରଦେବ ଦୀର୍ଘ ଦୁଇ ବର୍ଷ କାଳ ପିତା କପିଳେନ୍ଦ୍ରଦେବଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ମାତ୍ର ଏଥିରେ ତାଙ୍କୁ ବିଶେଷ ସଫଳତା ମିଳି ନଥିଲା । ଜଗନ୍ନାଥଙ୍କ ସ୍ୱୀକୃତି ନାଁରେ ପୁରୁଷୋତ୍ତମଦେବ ମଧ୍ୟ ବ୍ରାହ୍ମଣମାନଙ୍କଠାରୁ ନିରନ୍ତର ସହଯୋଗ ଲାଭ କଲେ । ପୁଣି ଗଜପତିମାନଙ୍କ ବିଶାଳ ସେନା ତାଙ୍କ ନିୟନ୍ତ୍ରଣରେ ରହିଥିଲା । ହମ୍ବିରଦେବ ଶେଷରେ ବାହାମନୀ ସୁଲତାନଙ୍କ ସହଯୋଗ ନେଇ ପୁରୁଷୋତ୍ତମଦେବଙ୍କୁ ପରାସ୍ତ କଲେ । ଫଳରେ ୧୪୭୨ରେ ହମ୍ବିରଦେବ ରାଜା ହେଲେ । ସୁଲତାନଙ୍କ ସହଯୋଗର ପ୍ରତିଦାନରେ ହମ୍ବିରଦେବ ବାହାମନୀର ସାମନ୍ତ ପଦବୀ ଗ୍ରହଣ କଲେ ଏବଂ ରାଜମହେନ୍ଦ୍ରୀ ଓ କୋଣ୍ଡାପଲ୍ଲୀ କ୍ଷେତ୍ରକୁ ସୁଲତାନଙ୍କ ହାତରେ ସମର୍ପଣ କଲେ । ସେତେବେଳେ ମାଲିକ ହୁସେନ ଥିଲେ ବାହାମନୀର ସେନାନାୟକ, ଯିଏ ହମ୍ବିରଙ୍କୁ ଗଜପତି ଆସନରେ ବସାଇବା ଲାଗି ପୁରୁଷୋତ୍ତମଦେବଙ୍କୁ ପରାଜିତ କରିଥିଲେ । ଏହି ଘଟଣାର

ଚାରିବର୍ଷ ପରେ ୧୪୭୬ରେ ପୁରୁଷୋତ୍ତମଦେବ ଯୁଦ୍ଧରେ ହମ୍ବିରଙ୍କୁ ପରାଜିତ କରି ପୁନର୍ବାର ଗଜପତି ସିଂହାସନ ଆରୋହଣ କଲେ । ପୁରୁଷୋତ୍ତମଙ୍କୁ ଏହି ଯୁଦ୍ଧରେ କେତେକ ଓଡିଶା ରାଜା ସମର୍ଥନ ଦେଇଥିବା ବେଳେ, ହମ୍ବିରଦେବ ବାହାମନୀର ସମର୍ଥନରୁ ବଞ୍ଚିତ ହେଲେ । ପରାଜୟ ପରେ ହମ୍ବିରଙ୍କର ପୁରୁଷୋତ୍ତମଦେବଙ୍କ ସହ ବୁଝାମଣା ହେଲା । ଗଞ୍ଜାମର ଖିମଡ଼ିରେ ସାମନ୍ତ ରାଜପଦବୀ ପାଇ ହମ୍ବିରଦେବ ସନ୍ତୁଷ୍ଟ ରହିଲେ । ଏହି କାରଣରୁ ଖିମଡ଼ି ରାଜାମାନେ ମଧ୍ୟ ଗଜପତି ଉପାଧି ବହନ କରୁଥିଲେ ଏବଂ ପୁରୀ ଅଧିକାରପାଇଁ ପରବର୍ତ୍ତୀ ସମୟରେ ପୁରୀ ଗଜପତିଙ୍କ ସହ କଳହ ମଧ୍ୟ କରିଥିଲେ ।

ପୁରୁଷୋତ୍ତମଙ୍କୁ ଅନ୍ୟ ଯେଉଁ ଏକ ଶତ୍ରୁର ସମ୍ମୁଖୀନ ହେବାକୁ ପଡିଥିଲା, ସେ ଥିଲେ ବିଜୟନଗର ସାମ୍ରାଜ୍ୟର ଶାସକ ସାଲ୍ଭ ନରସିଂହ । କପିଳେନ୍ଦ୍ରଦେବଙ୍କ ମୃତ୍ୟୁ ପରେ ଗଜପତି ଶାସନ ଅନ୍ତର୍ବିବାଦରେ ଲିପ୍ତ ହେବା ଦେଖି ସେ ଦକ୍ଷିଣରୁ ଗଜପତି ଶାସନକୁ ବିତାଡ଼ିତ କରିବାକୁ ଲାଗିଲେ । ତାଙ୍କର ପ୍ରତିଯୋଗିତା ଉଭୟ ଗଜପତି ରାଜା ଓ ବାହାମନୀ ସୁଲତାନଙ୍କ ସହ ଲାଗିଥିଲା । ହମ୍ବିର ଦେବଙ୍କ ସହ ମେଣ୍ଟ କରି ବାହାମନୀ ସୁଲତାନ ଗଜପତି ସେନାକୁ ପରାଜିତ କଲେ ଏବଂ ରାଜମହେନ୍ଦ୍ରୀ ଅଧିକାର କରିନେଲେ । ସେତେବେଳେ ସାଲ୍ଭ ନରସିଂହ ଗଜପତି ରାଜ୍ୟରୁ କୃଷ୍ଣା-ଗଜପତି କ୍ଷେତ୍ର ଅଧିକାର କରିବାକୁ ଉଦ୍ୟମ କରୁଥିଲେ । ଧର୍ମ ଆଧାରରେ ସେ ଗଜପତି ପୁରୁଷୋତ୍ତମଙ୍କ ସହ ମେଣ୍ଟ କରିନଥିଲେ । ଏଥିରୁ ମଧ୍ୟ ମନେହୁଏ ଯେ, ମଧ୍ୟ-ଯୁଗରେ ରାଜନୀତିକ ନିଷ୍ପତ୍ତି ଧର୍ମ ଆଧାରରେ ନିଆଯାଉ ନଥିଲା । ବିଜୟନଗର ରାଜ୍ୟ କ୍ରମାଗତ ଅବକ୍ଷୟର ଶିକାର ହେବାରୁ ସାଲ୍ଭ ନରସିଂହ ନିଜକୁ କର୍ଣ୍ଣାଟକର ସ୍ୱାଧୀନ ରାଜା ଘୋଷଣା କଲେ । ପୁରୁଷୋତ୍ତମ ତାଙ୍କ ବିରୋଧରେ ସେନାପ୍ରେରଣ କରି କର୍ଣ୍ଣାଟକର ଉଦୟଗିରି (କିମ୍ବଦନ୍ତୀର କାଞ୍ଚି) ଅଧିକାର କରିନେଲେ । ୧୪୯୦ରେ ସାଲ୍ଭ ନରସିଂହଙ୍କ ମୃତ୍ୟୁ ପରେ ଓଡ଼ିଶାର ଦକ୍ଷିଣରେ ବିଜୟନଗର କର୍ତ୍ତୃତ୍ୱରେ ରହିଥିବା ସାମନ୍ତ ରାଜ୍ୟମାନ ଦୁର୍ବଳ ହୋଇପଡ଼ିଲେ । ସେଗୁଡିକୁ ନିଜ ରାଜ୍ୟରେ ଯୋଡ଼ିଦେବାକୁ ପୁରୁଷୋତ୍ତମ ଯଥୋଚିତ ପ୍ରୟାସ କଲେ । କେତେକ ଐତିହାସିକଙ୍କ ମତରେ, ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ମଧ୍ୟ ୧୫୧୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉଦୟଗିରି ରାଜ୍ୟ ଗଜପତି ଶାସନର ଅଧିକାରଭୁକ୍ତ ହୋଇ ରହିଥିଲା ।

ଓଡ଼ିଶାର କିମ୍ବଦନ୍ତୀରେ ସାଲ୍ଭ ନରସିଂହ କାଞ୍ଚି ରାଜା ରୂପେ ପରିଚିତ । ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନ କରି ପ୍ରଥମେ ପରାଜିତ ହେବା ଏବଂ ଦ୍ୱିତୀୟଥର ବିଜୟୀ ହେବା କଥା କିମ୍ବଦନ୍ତୀରେ ଉଲ୍ଲେଖ ଅଛି । ଜନ ସ୍ୱୀକୃତି ପାଇବା ସାଙ୍ଗକୁ ସେନାବାହିନୀକୁ ଯୁଦ୍ଧପାଇଁ ପ୍ରରୋଚିତ କରିବା ଏହି କିମ୍ବଦନ୍ତୀର ଉଦ୍ଦେଶ୍ୟ । କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥ ଯୁଦ୍ଧରେ ଗଜପତିଙ୍କପାଇଁ ସଂଗ୍ରାମ କରିଥିଲେ । ଏଥିରୁ ମନେହୁଏ ଯେ, ଗଜପତି ଶାସନ ସମୟରେ ଜଗନ୍ନାଥ ଓ ପୁରୀ ଗଜପତିଙ୍କ ମଧ୍ୟରେ ଏକ ଅନୁରୂପକତା ସୃଷ୍ଟି ହୋଇସାରିଥିଲା । ଜଗନ୍ନାଥ ପୁରୀ ରାଜାଙ୍କ ପ୍ରତିରକ୍ଷା ପାଇଁ ହିନ୍ଦୁ ଧର୍ମାବଲମ୍ବୀ ସମକାଳୀନ ଅନ୍ୟ ଅଣ-ଓଡ଼ିଶା ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ସୁଦ୍ଧା କୁଣ୍ଠିତ ନଥିଲେ । ଏଥିରୁ କିମ୍ବଦନ୍ତୀ ପଛରେ ରହିଥିବା ରାଜନୈତିକ ଉଦ୍ଦେଶ୍ୟକୁ ବୁଝି ହୁଏ ।

ଉଦୟଗିରି ବା କାଞ୍ଚି ବିଜୟ ପରେ ପୁରୁଷୋତ୍ତମ ସାଳ୍ୱ ନରସିଂହଙ୍କ କନ୍ୟା ପଦ୍ମାବତୀଙ୍କ ସହ ବିବାହ କରିଥିଲେ ବୋଲି ପ୍ରବାଦ ରହିଛି । କୁହାଯାଏ, ପୁରୁଷୋତ୍ତମଙ୍କ ଉତ୍ତରାଧିକାରୀ ପ୍ରତାପରୁଦ୍ର ଦେବ ଥିଲେ ରାଣୀ ପଦ୍ମାବତୀଙ୍କ ପୁତ୍ର ।

## ପ୍ରତାପରୁଦ୍ର ଦେବ (୧୪୯୭-୧୫୩୮)

୧୪୯୭ରେ ଗଜପତି ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ସିଂହାସନ ଆରୋହଣ କଲେ । ତାଙ୍କ ସମୟରେ ଓଡ଼ିଶାର ରାଜ୍ୟ ବିସ୍ତାର ହୋଇ ପାରିନଥିଲା । ବରଂ ଉତ୍ତର ବଙ୍ଗର ନବାବ, ଦକ୍ଷିଣରେ ବିଜୟନଗର ଓ ଗୋଲକୁଣ୍ଡା ଶାସକଙ୍କ ଆକ୍ରମଣ ଯୋଗୁଁ ଗଜପତି ରାଜ୍ୟ କ୍ଷୟ ହେବାରେ ଲାଗିଲା । ସେହି ଦୃଷ୍ଟିରୁ ଦେଖିଲେ ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶା ବହୁ ବହିରାକ୍ରମଣର ଶିକାର ହୋଇ କ୍ରମଶଃ ଦୁର୍ବଳ ହୋଇପଡିଲା ।

ପ୍ରତାପରୁଦ୍ରଙ୍କ ସିଂହାସନ ଆରୋହଣ ପୂର୍ବରୁ ୧୪୯୦ରେ ସାଳ୍ୱ ନରସିଂହଙ୍କର ଦେହାନ୍ତ ହୋଇ ସାରିଥିଲା । ସାଳ୍ୱ ନରସିଂହଙ୍କ ପରେ ନରସ ନାୟକ, ବିଜୟନଗରର ନାବାଳକ ରାଜା ଇମାଦି ନରସିଂହଙ୍କ ଅଭିଭାବକ ଭାବରେ ରାଜ୍ୟ ପରିଚାଳନା କଲେ । ତାଙ୍କର ଉଦ୍ୟମ ସତ୍ତ୍ୱେ ଅନ୍ତତଃ ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉଦୟଗିରି ଓ କୋଣ୍ଡାବିଡୁ ଗଜପତି ଶାସନଭୁକ୍ତ ହୋଇ ରହିଥିଲା । ଅନ୍ୟ ପକ୍ଷରେ ନରସ ନାୟକ ଶକ୍ତିଶାଳୀ ଥିଲେ ବୋଲି ବିଜୟନଗର କୌଣସି କ୍ଷେତ୍ର ହରାଇ ନଥିଲା । ୧୫୦୩ରେ ନରସ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବୀର ନରସିଂହ ସାଳ୍ୱ ରାଜା ଇମାଦି ନରସିଂହଙ୍କୁ ହତ୍ୟା କରି ସିଂହାସନ ଆରୋହଣ କଲେ । ତାଙ୍କ ତାଳ୍ୱ ବା ତାଲୁଭ ବଂଶ ଏଣିକି ବିଜୟନଗରର ନୂଆ ରାଜବଂଶ ହେଲା । ବିଜୟନଗର ରାଜ୍ୟରେ ରାଜନୈତିକ କଳହ ଚାଲିଥିବା ବେଳେ ତା'ର ସୁଯୋଗ ନେଇ ପ୍ରତାପରୁଦ୍ର ପୂର୍ବରୁ ହରାଇଥିବା ତାମିଲ କ୍ଷେତ୍ରଗୁଡ଼ିକୁ ୧୫୦୯ରେ ଜୟ କରିବାକୁ ଚେଷ୍ଟା କଲେ । ମାତ୍ର ଏଥିରେ ତାଙ୍କୁ ସଫଳତା ମିଳିପାରିଲା ନାହିଁ ।

ସଫଳତା ନ ମିଳିବା ପଛରେ ଏକ ପ୍ରମୁଖ କାରଣ ହେଲା ବଙ୍ଗର ନବାବ ହୁସେନ ଶାହଙ୍କ ଓଡ଼ିଶା ଆକ୍ରମଣ । ମାଦଳାପାଞ୍ଜି ଅନୁଯାୟୀ ହୁସେନ ଶାହ ପୁରୀ ଜଗନ୍ନାଥ ମନ୍ଦିର ଉପରେ ମଧ୍ୟ ଆକ୍ରମଣ କରି ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ପକାଇଥିଲେ । ବଙ୍ଗର ନବାବଙ୍କ ଆକ୍ରମଣ ଖବର ପାଇ ପ୍ରତାପରୁଦ୍ରଦେବ ଦକ୍ଷିଣରୁ ଓଡ଼ିଶାକୁ ଫେରି ଆସିଲେ ଏବଂ ହୁସେନ୍‌ଙ୍କ ଆକ୍ରମଣକାରୀ ସେନାକୁ ଘଉଡାଇ ଦେଇଥିଲେ । ମାତ୍ର ତାଙ୍କ ସେନାପତି ଗୋବିନ୍ଦ ବିଦ୍ୟାଧରଙ୍କ ବିଶ୍ୱାସଘାତକତାଯୋଗୁଁ ଗଜପତି ସେନା ଆଗକୁ ବଢ଼ି ପାରିଲେ ନାହିଁ ।

ଗଜପତିଙ୍କ ଅନ୍ୟ ପ୍ରମୁଖ ପ୍ରତିଯୋଗୀ ଥିଲେ ବିଜୟନଗରର ରାଜା କୃଷ୍ଣଦେବ ରାୟ । ୧୫୧୦ରେ ସେ ସିଂହାସନ ଆରୋହଣ କଲା ପରେ ବିଜୟନଗର ପୁଣି ଥରେ ଶାନ୍ତି ଓ ସମୃଦ୍ଧିର ପ୍ରତୀକ ହେଲା । ଫଳରେ ଗଜପତିଙ୍କପାଇଁ ନିଜ ରାଜ୍ୟର ହୃତ ଅଂଶଗୁଡିକୁ ଫେରିପାଇବା କଷ୍ଟକର ହୋଇ ପଡିଲା । ୧୫୧୨-୧୩ରେ ଉଦୟଗିରିକୁ ପୁନର୍ବାର ଅଧିକାର କରିବାନିମିତ୍ତ କୃଷ୍ଣଦେବ

ରାୟ ଗଜପତିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ଏବଂ ଗଜପତି ସେନାଙ୍କ ତୀବ୍ର ପ୍ରତିରୋଧ ସତ୍ତ୍ୱେ ଉଦୟଗିରି ଜିଣି ନେଲେ । ଏହି ଯୁଦ୍ଧରେ ପ୍ରତାପରୁଦ୍ରଙ୍କ ସମ୍ପର୍କୀୟ ତିରୁମାଲା ରାଉତରାୟ ବିଜୟନଗର ସେନା ହାତରେ ବନ୍ଦୀ ହେଲେ ।

ଏହା ପରେ କୃଷ୍ଣଦେବ ରାୟ ଗୁଣ୍ଟୁର ନିକଟବର୍ତ୍ତୀ କୋଣ୍ଡାବିଡୁ ଦୁର୍ଗ ଅଧିକାର କରିବାଲାଗି ଗଜପତି ସେନାଙ୍କ ସହ ଯୁଦ୍ଧ କଲେ । ଦୁର୍ଗର ସମସ୍ତ ପ୍ରବେଶ ପଥକୁ ବିଜୟନଗର ସେନା ଅବରୁଦ୍ଧ କରିଦେବାରୁ ତହିଁରେ ଥିବା ଅଧିକାଂଶ ଗଜପତି ସେନାଙ୍କର ଅନାହାରରେ ମୃତ୍ୟୁ ହେଲା । ୧୫୧୫ ମସିହା ଜୁନ୍ ମାସ ବେଳକୁ କୋଣ୍ଡାବିଡୁରୁ ଗଜପତି ନିୟନ୍ତ୍ରଣର ଅନ୍ତ ହେଲା । କୋଣ୍ଡାବିଡୁ ଅଭିଯାନ ଚାଲିଥିବା ବେଳେ କୃଷ୍ଣଦେବ ଗଜପତି ଶାସନରେ ଥିବା ଅନ୍ୟାନ୍ୟ ଦୁର୍ଗ ଯଥା ଆଦାଙ୍କି, ବିନୁକୋଣ୍ଡା, ବେଲ୍ଲମକୋଣ୍ଡା, ନାଗାର୍ଜୁନକୋଣ୍ଡା, ଟାଙ୍ଗେଡା ଓ କୋଟଭରମ ଆଦି ଅଧିକାର କରିନେଲେ । ଯେହେତୁ ବଡ଼ ଦୁର୍ଗ କୋଣ୍ଡାବିଡୁର ସୁରକ୍ଷାପାଇଁ ଓଡ଼ିଶା ସେନା ଗୁରୁତ୍ୱ ଦେଉଥିଲେ, ଏହି ଦୁର୍ଗସବୁରେ ବିଜୟନଗର ସେନାକୁ ବିଶେଷ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ି ନଥିଲା ।

କୋଣ୍ଡାବିଡୁ ଓ ଅନ୍ୟାନ୍ୟ କ୍ଷୁଦ୍ର ଦୁର୍ଗଗୁଡ଼ିକୁ ଗଜପତି ସେନା ହରାଇବା ପରେ ଅନେକ ଉଚ୍ଚ ଅଧିକାରୀ ଓ ରାଜବଂଶଜ ମଧ୍ୟ ବିଜୟନଗର ସେନା ହାତରେ ବନ୍ଦୀ ହେଲେ । ସମକାଳୀନ ପର୍ତ୍ତୁଗୀଜ ଲେଖକ ନ୍ୟୁନିଜଙ୍କ (Nuniz) ବିବରଣୀ ଅନୁଯାୟୀ, ପ୍ରତାପରୁଦ୍ରଙ୍କ ପୁତ୍ର ବୀରଭଦ୍ର, ହମ୍ବିର ଦେବଙ୍କ ପୁତ୍ର ନରହରି ପାତ୍ର ଏବଂ ଅନ୍ୟ କେତେକ ଉଚ୍ଚ ଅଧିକାରୀ, ଯଥା ମଲ୍ଲୁ ଖାନ୍, ଉଗାଣ୍ଡା ଖାନ୍ ଓ ବାଳଚନ୍ଦ୍ର ମହାପାତ୍ର ଆଦି ବିଜୟନଗର ହାତରେ ଯୁଦ୍ଧବନ୍ଦୀ ହେଲେ । ମଲ୍ଲୁ ଖାନ୍ ଓ ଉଗାଣ୍ଡା ଖାନ୍ଙ୍କ ଭଳି ମୁସଲିମ୍ ମଧ୍ୟ ଗଜପତିଙ୍କ ସେନାରେ କାର୍ଯ୍ୟ କରୁଥିଲେ ବୋଲି ଏଥିରୁ ପ୍ରମାଣ ମିଳେ । ସେତେବେଳେ ବିଜୟନଗର ସେନାରେ ମଧ୍ୟ ମୁସଲିମ୍ ସେନାପତିମାନେ କାର୍ଯ୍ୟ କରୁଥିଲେ । ତୁର୍କମାନଙ୍କର ଦିଲ୍ଲୀ ଅଧିକାର ପରେ ମୁସଲମାନ ସୈନ୍ୟଙ୍କୁ ସେମାନଙ୍କ ସାହସ ଓ ଦକ୍ଷତାଲାଗି ବିଭିନ୍ନ ରାଜା ନିଯୁକ୍ତି ଦେଉଥିଲେ । ଏହାର ଅର୍ଥ ହେବ ଯେ, ମଧ୍ୟକାଳରେ ସେନା ଧାର୍ମିକ ଆଧାରରେ ବିଭକ୍ତ ନଥିଲା । ମୁସଲମାନ ସୈନ୍ୟ ନିଜ ଅନ୍ନଦାତା ରାଜାଙ୍କ ପ୍ରତି ସର୍ବଦା ପ୍ରତିବଦ୍ଧ ରହୁଥିଲେ । ସେମାନଙ୍କର ଏହି ଅନୁରକ୍ତି ପ୍ରତିପକ୍ଷର ଶାସକ ମୁସଲମାନ ହେଲେ ମଧ୍ୟ ଊଣା ହେବାର କୌଣସି କାରଣ ନଥିଲା ।

କୋଣ୍ଡାବିଡୁ ଦୁର୍ଗ ଅଧିକାର କଲା ପରେ କୃଷ୍ଣଦେବଙ୍କ ସେନା କୃଷ୍ଣାନଦୀ ପାରହୋଇ ବିଜୟୱାଡା ନିକଟବର୍ତ୍ତୀ କୋଣ୍ଡାପଲ୍ଲୀ ଓ ଆଖପାଖର ଅନ୍ୟ କେତୋଟି ଦୁର୍ଗ ଯଥା- ଅନନ୍ତଗିରି, ନଲଗୋଣ୍ଡା, କମ୍ମମେଣ୍ଟୁ, କନକଗିରି ଆଦି ଅଧିକାର କରିନେଲେ । ଏହା ସହିତ କପିଳେନ୍ଦ୍ରଙ୍କଦ୍ୱାରା ଅଧିକୃତ ଅଧିକାଂଶ ତେଲେଙ୍ଗାନା ଅଞ୍ଚଳ ଗଜପତି ନିୟନ୍ତ୍ରଣରୁ ବାହାରି ଗଲା ।

କୃଷ୍ଣଦେବ ରାୟ ଉତ୍ତରକୁ ସୈନ୍ୟ ଚାଳନା କରି ବିଶାଖାପାଟଣା ନିକଟସ୍ଥ ସୀମାଞ୍ଚଳଠାରେ ପହଞ୍ଚିଲେ । ଗଜପତିଙ୍କ ଅଧିକାରୀମାନଙ୍କୁ ନିଜ ପକ୍ଷକୁ ନେଇ ଅତି ସହଜରେ ସେ ସୀମାଞ୍ଚଳମ୍ ଅଧିକାର କଲେ ଏବଂ ବିଜୟର ସ୍ମାରକୀ ସଦୃଶ ସେଠାରେ ଏକ ବିଜୟ ସ୍ତମ୍ଭ ନିର୍ମାଣ କଲେ । ଏହି ସମୟରେ ବିଜୟନଗର ରାଜ୍ୟ ନିକଟସ୍ଥ ଲକ୍ଷ୍ମୀନୃସିଂହ ମନ୍ଦିରକୁ ମଧ୍ୟ ଅନେକ ଦାନ

ଦେଇଥିବାର ପ୍ରମାଣ ରହିଛି । ଅର୍ଥାତ କୃଷ୍ଣଦେବ ସମତାଳରେ ଯୁଦ୍ଧଜୟ ଓ ଧର୍ମକାର୍ଯ୍ୟ କରୁଥିଲେ ବୋଲି ବୁଝିବାକୁ ହେବ ।

'ମନୁଚରିତ' ଓ 'ଅମୁକ୍ତମାଲ୍ୟାଦ' ନାମକ ଦୁଇଟି ସମକାଳୀନ ପୋଥି ଅନୁସାରେ ୧୫୧୭ରୁ ୧୫୧୯ ମଧ୍ୟରେ କୃଷ୍ଣଦେବ ରାୟ ଗଜପତିଙ୍କ ରାଜଧାନୀ କଟକ ଆକ୍ରମଣ କରି ବହୁ ଧନସମ୍ପତ୍ତି ଲୁଣ୍ଠନ କରିଥିଲେ ଏବଂ ସେଠାକାର କେତେକ ଗୃହବାଡ଼ିକୁ ପୋଡ଼ି ଦେଇଥିଲେ । ଏହି ଅଭିଯାନ ପୂର୍ବରୁ ସେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା ମଧ୍ୟ କରିଥିଲେ । ପ୍ରତାପରୁଦ୍ରଙ୍କ ପରାଜୟ ପରେ ଉଭୟଙ୍କ ମଧ୍ୟରେ ସନ୍ଧି ହୋଇଥିଲା । ସନ୍ଧି ଅନୁଯାୟୀ ଗଜପତି ରାଜ୍ୟର ସୀମା କୃଷ୍ଣାନଦୀ ପର୍ଯ୍ୟନ୍ତ ରହିବ ବୋଲି ସ୍ଥିର ହେଲା । ପ୍ରତାପରୁଦ୍ର ନିଜ କନ୍ୟା ଜଗନ୍ମୋହିନୀଙ୍କୁ ମଧ୍ୟ କୃଷ୍ଣଦେବ ରାୟଙ୍କ ସହିତ ବିବାହ ଦେବାକୁ ସମ୍ମତ ହୋଇଥିଲେ । ବିଜୟନଗରରେ ତୁକ୍କା ନାମରେ ପରିଚିତ ଜଗନ୍ମୋହିନୀ 'ତୁକ୍କାପଞ୍ଚକମ୍' ଶୀର୍ଷକରେ ଏକ ପୁସ୍ତକ ରଚନା କରିଥିବା ଉଲ୍ଲେଖ ରହିଛି । ଏହିପରି ଭାବେ କପିଳେନ୍ଦ୍ରଙ୍କ ସମୟରେ ଅଧିକୃତ ଦକ୍ଷିଣର ପ୍ରାୟ ସମସ୍ତ କ୍ଷେତ୍ର ପ୍ରତାପରୁଦ୍ରଙ୍କ ସମୟରେ ଗଜପତି ନିୟନ୍ତ୍ରଣରୁ ବାହାରି ଯାଇଥିଲା । ଏହା ସତ୍ତ୍ୱେ, ପ୍ରତାପରୁଦ୍ରଙ୍କ ସାମ୍ରାଜ୍ୟ ଯଥେଷ୍ଟ ବଡ଼ ଥିଲା ବୋଲି କୁହାଯିବ, କାରଣ ବର୍ତ୍ତମାନର ଓଡ଼ିଶାରେ ଅନ୍ତର୍ଭୁକ୍ତ ଥିବା ତତ୍କାଳୀନ ସମସ୍ତ ରାଜ୍ୟ ସେତେବେଳେ ଗଜପତିଙ୍କ ପ୍ରଭୁତ୍ୱକୁ ସ୍ୱୀକାର କରିଥିଲେ । ପ୍ରାକୃତିକ ଓଡ଼ିଶାର କେତେକ ସୀମାନ୍ତ ଅଞ୍ଚଳ ମଧ୍ୟ ଗଜପତି ଶାସନାଧୀନ ଥିଲା ।

୧୫୧୯ରେ ବିଜୟନଗର ସହ ଶାନ୍ତି ସ୍ଥାପିତ ହେଲା ପରେ ଗଜପତି ରାଜାଙ୍କୁ ଗୋଲକୁଣ୍ଡାର ସୁଲତାନ କ୍ୟୁଲି କୁତବ ଶାହଙ୍କ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା । କ୍ୟୁଲି କୁତବ ଆରମ୍ଭରେ ବାହାମନୀ ସୁଲତାନ ମେହମୁଦ ଶାହଙ୍କ ସେନାପତି ରୂପେ କାର୍ଯ୍ୟ କରୁଥିଲେ । ମାତ୍ର ବାହାମନୀ ସୁଲତାନଙ୍କ ପତନଯୋଗୁଁ ୧୫୧୨ରେ ସେ ସ୍ୱାଧୀନ ଗୋଲକୁଣ୍ଡା ରାଜ୍ୟ ସ୍ଥାପନ କଲେ । ବାହାମନୀର ଅନ୍ୟ ଜଣେ ସେନାପତି ମଧ୍ୟ ଏହି ସମୟରେ ବିଜାପୁର ରାଜ୍ୟ ସ୍ଥାପନ କଲେ । ବିଜୟନଗର ସହ ଓଡ଼ିଶାର ବିବାଦ ବେଳେ (୧୫୧୨-୧୫୧୯) ଉଭୟ ବିଜାପୁର ଓ ଗୋଲକୁଣ୍ଡା ସୁଲତାନ ପଡୋଶୀର ବିନା ଭୟରେ ନିଜ ନିଜ ରାଜ୍ୟ ଏବଂ ସେନାକୁ ସୁସଂଗଠିତ କଲେ । ୧୫୧୯ରେ ଗଜପତିଙ୍କ ସହ ସନ୍ଧି ପରେ ବିଜୟନଗର ରାଜା (କୃଷ୍ଣଦେବ ରାୟ) ରାୟଚୁର ଦୁର୍ଗ ଦଖଲପାଇଁ ବିଜାପୁର ଆକ୍ରମଣ କଲେ । ଏହାର ସୁଯୋଗ ନେଇ ଗୋଲକୁଣ୍ଡା ସୁଲତାନ ଦକ୍ଷିଣ ଓଡ଼ିଶା ଆକ୍ରମଣ କଲେ । ତାଙ୍କୁ କିଛି ସଫଳତା ମଧ୍ୟ ମିଳିଥିଲା । ମାତ୍ର ପ୍ରତାପରୁଦ୍ରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଉତ୍ତାରୁ ଗୋଲକୁଣ୍ଡା ସୁଲତାନଙ୍କୁ ନିରାଶ ହେବାକୁ ପଡିଲା । ଏହି ବିଜୟ ପରେ ପ୍ରତାପରୁଦ୍ର କୃଷ୍ଣାନଦୀ ତଟରେ ମଙ୍ଗଳଗିରି ନାମକ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରିଥିଲେ । ୧୫୨୯ରେ କୃଷ୍ଣଦେବ ରାୟଙ୍କ ଦେହାନ୍ତ ହେଲା । ଏହା ଫଳରେ ପ୍ରତାପରୁଦ୍ର ଶେଷ ସମୟରେ ପାଇଥିବା ଜଣେ ଅନ୍ତରଙ୍ଗ ମିତ୍ରଙ୍କୁ ହରାଇଲେ । ଏହାର ସୁଯୋଗ ନେଇ ଗୋଲକୁଣ୍ଡା ସୁଲତାନ ବାରମ୍ବାର ଓଡ଼ିଶା ଆକ୍ରମଣ କଲେ । ୧୫୩୧ର ଶେଷ ଆଡକୁ ପ୍ରତାପରୁଦ୍ରଙ୍କୁ

ତାଙ୍କ ହାତରେ ଶୋଚନୀୟ ଭାବେ ପରାସ୍ତ ହେବାକୁ ପଡିଲା । କୋଣ୍ଡାବିଡୁ ଦୁର୍ଗ ଗୋଲକୁଣ୍ଡା ରାଜ୍ୟର ଅନ୍ତର୍ଭୁକ୍ତ ହେଲା ।

୧୫୩୧ର ବିଜୟ ପରେ ଗୋଲକୁଣ୍ଡା ସୁଲତାନ କ୍ୟୁଲି କୁତବଙ୍କ ବିଜାପୁର ସୁଲତାନଙ୍କ ସହ ଯୁଦ୍ଧ ହେଲା । ଏହି କାରଣରୁ ଓଡ଼ିଶା ଉପରୁ ଗୋଲକୁଣ୍ଡା ସୁଲତାନଙ୍କର ଧ୍ୟାନ ଊଣା ହେଲା । ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ ୧୫୪୦ରେ କ୍ୟୁଲି କୁତବ ରାଜମହେନ୍ଦ୍ରୀ ଅଧିକାର କରିନେଲେ । ଗୋଲକୁଣ୍ଡା ସେନାର ପରାକ୍ରମ ଦେଖି ଓଡ଼ିଶାର ତତ୍‌କାଳୀନ ଶାସକ ଗୋବିନ୍ଦ ବିଦ୍ୟାଧର ତାଙ୍କ ସହ ସନ୍ଧି ସ୍ଥାପନ କଲେ । ସନ୍ଧି ଅନୁଯାୟୀ ଉଭୟ ରାଜ୍ୟ ମଧ୍ୟରେ ଗୋଦାବରୀ ନଦୀ ସୀମାରେଖା ରୂପେ ଧାର୍ଯ୍ୟ ହେଲା ।

ଦକ୍ଷିଣର ପ୍ରତିଯୋଗୀମାନଙ୍କୁ ବାଦ୍ ଦେଲେ ଉତ୍ତରରେ ମଧ୍ୟ ପ୍ରତାପରୁଦ୍ରଙ୍କୁ ଶତ୍ରୁର ସମ୍ମୁଖୀନ ହେବାକୁ ପଡିଥିଲା । ବଙ୍ଗର ନବାବ ଆଲ୍ଲାଉଦ୍ଦିନ ହୁସେନ ଶାହ ଓ ପଶ୍ଚିମ ଉତ୍ତରପ୍ରଦେଶସ୍ଥ ଜୈନପୁରର ଶର୍କି ସୁଲତାନ ହୁସାଙ୍ଗ ଶାହ ଥିଲେ ଉତ୍ତରରେ ଗଜପତିଙ୍କ ପ୍ରତିଦ୍ୱନ୍ଦ୍ୱୀ । ମାତ୍ର ଉଭୟ ଶାସକ ଦିଲ୍ଲୀର ସୁଲତାନ ବାହାଲୁଲ ଲୋଦିଙ୍କ ବିରୁଦ୍ଧରେ ସଂଘର୍ଷ କରିବାରୁ  ଗଜପତିଙ୍କ ସହ ସେମାନଙ୍କର ଯୁଦ୍ଧ ହୋଇ ନଥିଲା  । ଦିଲ୍ଲୀ ସୁଲତାନ ସେମାନଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ । ତେଣୁ ସେମାନେ ପ୍ରତାପରୁଦ୍ରଙ୍କଠାରୁ ଆଶ୍ରୟ ଓ ସହଯୋଗ ଲୋଡିଥିଲେ । ପ୍ରତାପରୁଦ୍ରଙ୍କ ଉପାଧି- 'ଯମୁନାପୁରାଧୀଶ୍ୱର ଗଜପତି ହୁସାନଶାହୀ ସୁରତନ୍ତ୍ର ଶରଣ ରକ୍ଷଣ'ରୁ ମନେହୁଏ ଯେ ଗଜପତି ସେମାନଙ୍କୁ ଆଶ୍ରୟ ଦେଇଥିଲେ । ଫଳରେ ଓଡ଼ିଶା ଉପରେ ପ୍ରତାପରୁଦ୍ରଙ୍କ ସମୟରେ ଜୌନପୁର ଏବଂ ବଙ୍ଗ ପକ୍ଷରୁ କୌଣସି ଆକ୍ରମଣ ହୋଇନଥିଲା ।

ପ୍ରତାପରୁଦ୍ର ଦେବ ୧୫୩୮ ରେ ଦେହତ୍ୟାଗ କଲେ । ମାଦଳାପାଞ୍ଜି ଅନୁଯାୟୀ ତାଙ୍କ ପରେ ତାଙ୍କ ଦୁଇ ପୁତ୍ର କାଳୁଆ ଦେବ ଏବଂ କଖାରୁଆ ଦେବ ସିଂହାସନ ଆରୋହଣ କଲେ । ଉଭୟ ଶାସକ ପ୍ରଭାବଶାଳୀ ନଥିବାରୁ ପ୍ରକୃତ ଶାସନ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧରଙ୍କ ହାତରେ ରହିଥିଲା । ଶେଷରେ ଗୋବିନ୍ଦ ବିଦ୍ୟାଧର ଉଭୟଙ୍କୁ ହତ୍ୟା କରି ନିଜେ ରାଜା ହେଲେ । ଫଳରେ ସୂର୍ଯ୍ୟ ବଂଶ ଶାସନ ଲୋପ ପାଇଲା ଏବଂ ଓଡ଼ିଶା ଇତିହାସରେ ଭୋଇବଂଶ ନାମରେ ଏକ ନୂଆ ରାଜବଂଶର ପ୍ରତିଷ୍ଠା ହେଲା । ଉଭୟ ରାଜକୁମାର ଦୁର୍ବଳ ଓ ପ୍ରଭାବହୀନ ଥିଲେ ବୋଲି ମାଦଳାପାଞ୍ଜି ସେମାନଙ୍କୁ ବ୍ୟଙ୍ଗ କରି ଏହିଭଳି ନାମକରଣ କରିଥିବା ମନେହୁଏ ।

■ ■ ■

# ଭୋଇ ବଂଶ

୧୫୩୮ ରେ ପ୍ରତାପରୁଦ୍ରଙ୍କ ମୃତ୍ୟୁ ପରେ ଏକ ରାଜନୈତିକ ଅସ୍ଥିରତା ମଧ୍ୟରେ ଓଡ଼ିଶାରେ ଗଜପତି ଶାସନ ଗତି କଲା । ପ୍ରତାପରୁଦ୍ରଙ୍କ ଉତ୍ତରାଧିକାରୀ ପୁତ୍ରମାନେ ଦୁର୍ବଳ ଥିବାରୁ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ୧୫୪୦ରେ ପ୍ରତ୍ୟକ୍ଷ ଭାବେ ଶାସନ ଭାର ଗ୍ରହଣ କଲେ । ଏଥିପାଇଁ ସେ ରାଜପୁତ୍ରମାନଙ୍କୁ ହତ୍ୟା ମଧ୍ୟ କରିଥିଲେ । ୧୫୪୦-୪୯ ମଧ୍ୟରେ ସେ ଶାସନ କଲେ ଏବଂ ଏହା ସହିତ ଓଡ଼ିଶାରେ ଭୋଇବଂଶର ପ୍ରତିଷ୍ଠା ହେଲା । ଗୋବିନ୍ଦ କ୍ଷତ୍ରିୟ ବଂଶଜ ନଥିଲେ । ସମ୍ଭବତଃ ସେ ଗଉଡ ଜାତିର ଥିଲେ । ଏଥିପାଇଁ ତାଙ୍କୁ ଓଡ଼ିଶାର ଗଜପତି ଭାବରେ ସାମନ୍ତମାନେ ଆରମ୍ଭରୁ ଗ୍ରହଣ କରୁନଥିଲେ ।  ଦ୍ୱିତୀୟତଃ, ସେ ଗଜପତି ଶାସକମାନଙ୍କୁ ହତ୍ୟା କରି ରାଜସିଂହାସନ ଲାଭ କରିଥିଲେ । ଏହି ବିରୋଧର ପ୍ରଶମନଲାଗି ଗୋବିନ୍ଦବିଦ୍ୟାଧର ଜଗନ୍ନାଥ ମନ୍ଦିରର ଜଗମୋହନରେ ଏକ ଶିଳାଲିପିରେ ତାଙ୍କ ଶାସନ ଜଗନ୍ନାଥସ୍ୱୀକୃତ ଏବଂ ତାକୁ ବିରୋଧ କରିବା ଅର୍ଥ ଜଗନ୍ନାଥଙ୍କ ବିରୋଧକରିବା ବୋଲି ଉଲ୍ଲେଖ କରିଥିଲେ ।  ବିରୋଧୀମାନଙ୍କୁ କଠୋର ଦଣ୍ଡ ଦିଆଯିବା କଥା ମଧ୍ୟ ଏଥିରେ କୁହାଯାଇଛି ।

ଗୋବିନ୍ଦ ବିଦ୍ୟାଧର ସିଂହାସନ ଆରୋହଣ କଲା ପରେ ଗୋଲକୁଣ୍ଡାର ସୁଲତାନ ଓଡ଼ିଶାର ଦକ୍ଷିଣ କ୍ଷେତ୍ର ଉପରେ ଆକ୍ରମଣ କଲେ । ପ୍ରତିରକ୍ଷାପାଇଁ ଗୋବିନ୍ଦ ପ୍ରାୟ  ଆଠ ମାସ କାଳ ଦକ୍ଷିଣରେ ଅବସ୍ଥାନ କଲେ । ରାଜଧାନୀରେ ତାଙ୍କ ଅନୁପସ୍ଥିତିର ଫାଇଦା ନେଇ ରଘୁଭଞ୍ଜ ଛୋଟରାୟ ବିଦ୍ରୋହ କଲେ । ବିଦ୍ରୋହ ଖବର ପାଇ ଗୋବିନ୍ଦ ଗୋଲକୁଣ୍ଡା ସହିତ ସନ୍ଧି ସ୍ଥାପନ କରି କଟକ ଫେରି ଆସିଲେ ଏବଂ ବିଦ୍ରୋହ ଦମନ କଲେ । ରଘୁଭଞ୍ଜ ଥିଲେ ପ୍ରତାପରୁଦ୍ରଙ୍କ ଭଣଜା ଏବଂ ପ୍ରତାପରୁଦ୍ରଙ୍କ ପୁତ୍ରମାନେ ନିହତ ହେବା ପରେ ଗଜପତି ପଦବୀ ଉପରେ ତାଙ୍କର ଦାବି ନ୍ୟାଯ୍ୟ ବୋଲି ସେ ମନେ କରୁଥିଲେ । ସେ କ୍ଷତ୍ରିୟ ଥିବାରୁ ତାଙ୍କୁ ଯଥେଷ୍ଟ ସମର୍ଥନ ମଧ୍ୟ ମିଳିଥିଲା । ମାତ୍ର ଏହି ବିଦ୍ରୋହ ବିଫଳ ହେବାଯୋଗୁଁ ଗଜପତି ଶାସନ ପୁନର୍ପ୍ରତିଷ୍ଠାର ସମସ୍ତ ସମ୍ଭାବନା ଲୋପ ପାଇଲା ।

ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁତ୍ର ଚକ୍ରପ୍ରତାପଦେବ ୧୫୪୯ରୁ ୧୫୫୭ ପର୍ଯ୍ୟନ୍ତ ଶାସନ କଲେ । ତାଙ୍କ ସମୟରେ ପ୍ରକୃତ ଶାସନର ଦାୟିତ୍ୱ ମନ୍ତ୍ରୀ ଦନାଇ ବିଦ୍ୟାଧରଙ୍କ ହାତରେ ରହିଥିଲା । ବ୍ରାହ୍ମଣମାନଙ୍କୁ ସେ ଯଥୋଚିତ ପୃଷ୍ଠପୋଷକତା ପ୍ରଦାନ କରି ନ ଥିଲେ । ଏଥିପାଇଁ ତାଙ୍କୁ ବ୍ରାହ୍ମଣମାନଙ୍କର ସମର୍ଥନ ମିଳି ନ ଥିଲା । 'ଆକବରନାମା' ଅନୁଯାୟୀ ତାଙ୍କ ପୁତ୍ର ନରସିଂହ ଜେନା ତାଙ୍କୁ ବିଷ ଦେଇ ହତ୍ୟା କରିଥିଲେ ।

ନରସିଂହ ଜେନା ମାତ୍ର ବର୍ଷକପାଇଁ (୧୫୫୭-୧୫୫୮) ଶାସନ କରିଥିଲେ । ମୁକୁନ୍ଦ ହରିଚନ୍ଦନ ତାଙ୍କୁ ହତ୍ୟା କରିବାରୁ ରଘୁରାମ ଛୋଟରାୟ (ଚକ୍ର ପ୍ରତାପଙ୍କ ଅନ୍ୟ ଏକ ପୁତ୍ର) ସିଂହାସନ ଆରୋହଣ କଲେ । ସେ ଦୁଇବର୍ଷ ((୧୫୫୮-୧୫୬୦) ଶାସନ କଲା ପରେ ମୁକୁନ୍ଦ ହରିଚନ୍ଦନଙ୍କ ହାତରେ ନିହତ ହେଲେ । ଏହା ପରେ ୧୫୬୦ରୁ ୧୫୬୮ ପର୍ଯ୍ୟନ୍ତ ମୁକୁନ୍ଦଦେବ ଓଡ଼ିଶାର ଗଜପତି ହେଲେ । ୧୫୬୮ରେ ସେ ବଙ୍ଗନବାବ ସୁଲେମାନ କର୍‌ରାନୀଙ୍କ ହାତରେ ପରାଜିତ ହେବା ପରେ ଓଡ଼ିଶା ମୁସଲମାନ ଶାସକଙ୍କ ପ୍ରତ୍ୟକ୍ଷ ଶାସନକୁ ଆସିଲା । ମୁସଲମାନ ଶାସକମାନଙ୍କ ଓଡ଼ିଶା ବିଜୟ ସମୟରେ ନବାବଙ୍କ ସେନାପତି ସିକନ୍ଦର ଉଜବେଗ ଓ କଳାପାହାଡ଼ ଓଡ଼ିଶା ଆକ୍ରମଣ କରି ଅନେକ ମନ୍ଦିର ଲୁଣ୍ଠନ କରିଥିଲେ ।

ବଙ୍ଗ ନବାବଙ୍କ ପକ୍ଷରୁ ଓଡ଼ିଶା ଅଭିଯାନର ନେତୃତ୍ୱ ସୁଲେମାନଙ୍କ ପୁତ୍ର ବୟାଜିଦଙ୍କ ହାତରେ ରହିଥିଲା । ସିକନ୍ଦର ଓ କଳାପାହାଡ଼ ଥିଲେ ବୟାଜିଦଙ୍କ ଦୁଇ ଜଣ ପ୍ରମୁଖ ସେନା ଅଧିକାରୀ । ଯେଉଁ ସମୟରେ ମୁକୁନ୍ଦଦେବଙ୍କୁ ବଙ୍ଗନବାବଙ୍କ ସେନାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେତେବେଳେ କଟକ ଓ ଆଖପାଖ ଅଞ୍ଚଳରେ କଳାପାହାଡ଼ର ଆକ୍ରମଣ ଜାରି ରହିଥିଲା । ଏହା ସହିତ ଓଡ଼ିଶାର କେତେକ ଜମିଦାର ଓ ସାମନ୍ତ ରାଜା ମଧ୍ୟ ମୁକୁନ୍ଦଦେବଙ୍କର ତୀବ୍ର ବିରୋଧ କରୁଥିଲେ । ଏ ନେଇ ଅନେକ କିମ୍ବଦନ୍ତୀ ମଧ୍ୟ ରହିଛି । ଏକ କିମ୍ବଦନ୍ତୀ ଅନୁଯାୟୀ, ବାରଙ୍ଗ ନିକଟସ୍ଥ ସାରଙ୍ଗଗଡ଼ର ଜମିଦାର ରାମଚନ୍ଦ୍ର ଭଞ୍ଜଙ୍କ ବିଦ୍ରୋହ ଏହି ସମୟରେ ଆରମ୍ଭ ହେଲା ଏବଂ ତାକୁ ଦମନ କରିବାକୁ ଯାଇ ମୁକୁନ୍ଦଦେବ ରାମଚନ୍ଦ୍ରଙ୍କୁ ମଧ୍ୟ ହତ୍ୟା କଲେ । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଯାଜପୁର ନିକଟସ୍ଥ ଗୋହିରିଟିକିରାଠାରେ ବଙ୍ଗନବାବ ସେନାଙ୍କ ସହ ସମ୍ମୁଖ ସମରରେ ୧୫୬୮ରେ ମୁକୁନ୍ଦ ଦେବ ନିହତ ହେଲେ । ତାଙ୍କର ଦୁଇଜଣ ସେନାନାୟକ ଶିଖି ଓ ମନାଇ ଆକ୍ରମଣକାରୀ କଳାପାହାଡ଼କୁ ସହଯୋଗ କରିଥିଲେ, ଯାହା ଫଳରେ କଳାପାହାଡର ଆକ୍ରମଣ ଅଧିକ ପ୍ରାଣାନ୍ତକ ପ୍ରମାଣିତ ହେଲା ।

ମୁକୁନ୍ଦଦେବଙ୍କୁ 'ତେଲେଙ୍ଗା' ବୋଲି କୁହାଯାଏ । ରାଜପଦ ପ୍ରାପ୍ତି ପରେ ସେ ନିଜକୁ ଚାଲୁକ୍ୟ ବଂଶର ବୋଲି ଦାବି କରୁଥିଲେ । ସମ୍ଭବତଃ ସେ କ୍ଷତ୍ରିୟ ନଥିଲେ ଏବଂ ଉଚ୍ଚବଂଶର ବୋଲି ଦାବି କରି ସାମାଜିକ ପ୍ରତିଷ୍ଠା ଅର୍ଜନ କରିବାକୁ ପ୍ରୟାସ କରିଥିଲେ । ଗୋଦାବରୀ ଜିଲ୍ଲା ଦ୍ରାକ୍ଷାଶ୍ରମରେ ଥିବା ଭୀମେଶ୍ୱର ମନ୍ଦିରରୁ ମିଳିଥିବା ଏକ ଶିଳାଲେଖ ଅନୁଯାୟୀ ସେ ବିଶାଖାପାଟଣା ଜିଲ୍ଲାରୁ ଆସିଥିଲେ ଏବଂ ତାଙ୍କ ପିତାଙ୍କ ନାମ ଥିଲା ସରଭ ରାଜୁ ଏବଂ ଜେଜେଙ୍କ ନାମ ଥିଲା ସିଙ୍ଗ ରାଜୁ । ଗଜପତିଙ୍କ ସାମନ୍ତ ଭାବରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ସମୟରେ

କଟକକୁ ବିଦ୍ରୋହୀ କବଳରୁ ରକ୍ଷା କରି ସେ ପ୍ରସିଦ୍ଧି ଅର୍ଜନ କରିଥିଲେ । ପରେ ଭୋଇ ରାଜାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ସେ ନିଜେ ସିଂହାସନ ଆରୋହଣ କରିଥିଲେ ।

ମୁକୁନ୍ଦଦେବ ଦୁର୍ବଳ ନଥିଲେ । ସିଂହାସନ ଆରୋହଣ କଲା ପରେ ଏକ ରାଜନୈତିକ ଅସ୍ଥିରତା ମଧ୍ୟରୁ ଓଡ଼ିଶାକୁ ଫେରାଇ ଆଣିବାକୁ ମଧ୍ୟ ସେ ଯଥୋଚିତ ଉଦ୍ୟମ କରିଥିଲେ । ହିନ୍ଦୁ ତୀର୍ଥଯାତ୍ରୀମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ସେ ହୁଗୁଳି ଜିଲ୍ଲାର ତ୍ରିବେଣୀଠାରେ ଗଙ୍ଗାନଦୀରେ ପାହାଚ ନିର୍ମାଣ କରିଥିଲେ, ଯାହା ମୁକୁନ୍ଦଘାଟ ନାମରେ ପରିଚିତ । ଗୌଡ଼ ରାଜାଙ୍କୁ ପରାଜିତ କରିବାଯୋଗୁଁ ସେ ଅନେକ ଧନରତ୍ନ ପ୍ରାପ୍ତ ହୋଇଥିଲେ । ଏହାର ନିଦର୍ଶନ ସ୍ୱରୂପ ସେ ବିବାହ ଉପରେ କରଛାଡ଼ ଘୋଷଣା କରିଥିଲେ । ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠାପାଇଁ ମଧ୍ୟ ସେ ଅନେକ ପଦକ୍ଷେପ ନେଇଥିଲେ । ବ୍ରାହ୍ମଣମାନଙ୍କୁ ସନ୍ତୁଷ୍ଟ କରିବାପାଇଁ କେତେକ ବ୍ରାହ୍ମଣ ଶାସନ (ଯଥାଃ ଦାଣ୍ଡମୁକୁନ୍ଦପୁର) ମଧ୍ୟ ପ୍ରତିଷ୍ଠା କରିଥିଲେ ।

ମୁକୁନ୍ଦଦେବଙ୍କପାଇଁ ବଡ଼ ସମସ୍ୟା ହେଲା ତତ୍କାଳୀନ ଭାରତର ରାଜନୀତି । ମୋଗଲ ସମ୍ରାଟ ଭାବରେ ଆକବର ନିଜର ସ୍ଥିତିକୁ ସୁଦୃଢ଼ କରିବା ପରେ ରାଜ୍ୟ ବିସ୍ତାରପାଇଁ ସେତେବେଳକୁ ପ୍ରସ୍ତୁତ ହେଉଥିଲେ । ହିମୁଙ୍କ ନେତୃତ୍ୱାଧୀନ ଆଫଗାନ ଶକ୍ତି ଦ୍ୱିତୀୟ ପାନିପଥ ଯୁଦ୍ଧରେ (୧୫୫୬) ମୋଗଲ ସେନା ହାତରେ ପରାଜିତ ହେବା ପରେ ଦେଶର କେତେକ ରାଜ୍ୟକୁ ବିସ୍ତାରିତ ହୋଇଯାଇଥିଲା । ଯଦିଓ ମୋଗଲ ଶକ୍ତିକୁ ପୁଣି ଥରେ ପରାସ୍ତ କରି ଆଫଗାନମାନେ ଦିଲ୍ଲୀ ପୁନରଧିକାର କରିବାକୁ ଅଭିଳାଷ ରଖିଥିଲେ, ସ୍ଥାନୀୟ ରାଜ୍ୟଗୁଡ଼ିକୁ କର୍ତ୍ତୃତ୍ୱରେ ରଖି ରାଜ୍ୟ ବିସ୍ତାର କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ସେହିଭଳି ଜଣେ ମହତ୍ତ୍ୱାକାଂକ୍ଷୀ ଆଫଗାନ ଶାସକ ଥିଲେ ବଙ୍ଗର ସୁଲେମାନ କର୍ରାନୀ । ଆକବର ଓ ସୁଲେମାନଙ୍କ ମଧ୍ୟରେ ରାଜ୍ୟବିସ୍ତାରଲାଗି ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା, ତା'ର ଶିକାର ହେଲା ଓଡ଼ିଶା । ସୁଲେମାନ ଓଡ଼ିଶା ଆକ୍ରମଣ କଲେ । ତାଙ୍କ ସେନାନାୟକ କଳାପାହାଡ଼ ମନ୍ଦିର ଲୁଣ୍ଠନ କରି ଓଡ଼ିଶାପାଇଁ ଖଳନାୟକ ସାଜିଥଲେ ମଧ୍ୟ ମୁସଲମାନଙ୍କପାଇଁ ଏକ ପ୍ରକାରର ଆଦର୍ଶ ପ୍ରତିଷ୍ଠା କରୁଥିଲେ । କାରଣ ମୂର୍ତ୍ତିପୂଜାର ବିଲୋପ କରିବା ତାଙ୍କପାଇଁ ଏକ ଧାର୍ମିକ କାର୍ଯ୍ୟ ଥିଲା । ଶେଷରେ ବଙ୍ଗର ଆଫଗାନ ଶକ୍ତି ସୁଲେମାନଙ୍କ ନେତୃତ୍ୱରେ ଓଡ଼ିଶାକୁ ପରାସ୍ତ କଲେ । ହେଲେ, ଉପସଂହାରରେ ମୋଗଲମାନଙ୍କ ଅଧୀନକୁ ଓଡ଼ିଶା ଆସିଲା । ଆଭ୍ୟନ୍ତରୀଣ ବିଦ୍ରୋହଯୋଗୁଁ ମୁକୁନ୍ଦଦେବ ବଙ୍ଗର ଆଫଗାନ ଶକ୍ତି ଏବଂ ପରେ ମୋଗଲମାନଙ୍କର ପ୍ରତିରୋଧ କରି ପାରିଲେ ନାହିଁ । ତାଙ୍କ ପରାଜୟପାଇଁ ବହିରାକ୍ରମଣ ଯେତିକି ମାତ୍ରାରେ ଦାୟୀ ଥିଲା, ତତୋଽଧିକ ଦାୟୀ ଥିଲା ଆଭ୍ୟନ୍ତରୀଣ ଷଡଯନ୍ତ୍ର, ବିଶ୍ୱାସଘାତକତା ଓ ହତ୍ୟା । ନିଜେ ମୁକୁନ୍ଦଦେବ ମଧ୍ୟ ଏହି ସବୁ ଉପାୟ ଅବଲମ୍ବନ କରି ରାଜପଦ ପ୍ରାପ୍ତ ହୋଇଥିଲେ । ଏହା ଥିଲା ତାଙ୍କ ସମୟର ରାଜନୈତିକ ପରମ୍ପରା । ରାଜାମାନେ ରାଜ୍ୟ ବିସ୍ତାରପାଇଁ ଦିଗ୍‌ବିଜୟକୁ ଏକ ପ୍ରଧାନ ମାଧ୍ୟମ ବୋଲି ମନେ କରୁଥିଲେ । ଠିକ୍ ସେହିଭଳି ଉଚ୍ଚ ରାଜାଧିକାରୀମାନେ ଏବଂ ରାଜ୍ୟପଦ ପାଇନଥିବା

ଅସନ୍ତୁଷ୍ଟ ଅଧିକାରୀ ଓ ରାଜବଂଶଜମାନେ ହତ୍ୟା, ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତାକୁ ମାଧ୍ୟମ କରି ରାଜପଦ ଲାଭ କରିବାକୁ ପ୍ରୟାସ କରୁଥିଲେ । ଏହାକୁ ଭୁଲ ବା ଠିକ୍ ବୋଲି ରାୟ ଦେବା ପରିବର୍ତ୍ତେ ଯୁକ୍ତିନିଷ୍ଠ ଭାବେ ବିଶ୍ଳେଷଣ କରିବା ଉଚିତ ହେବ ।

୧୫୬୮ରେ କଳାପାହାଡର ଓଡ଼ିଶା ଆକ୍ରମଣ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ରହିଛି । ମାଦଳାପାଞ୍ଜି ଅନୁସାରେ, କଳାପାହାଡ଼ ରାଜଧାନୀ କଟକ ଅଧିକାର କରିନେବା ଖବର ପାଇ ଜଗନ୍ନାଥ ମନ୍ଦିରର ସେବାୟତମାନେ ଦିଅଁଙ୍କ ପ୍ରତିମାକୁ ଚିଲିକାରେ ଲୁଚାଇ ରଖିଥିଲେ । ଏହା ଜାଣିପାରି କଳାପାହାଡ଼ ସେଠାରୁ ପ୍ରତିମାଙ୍କୁ ଆଣି ଗଙ୍ଗାନଦୀ କୂଳରେ ବଙ୍ଗରେ ଦାହ କଲା । ବିଶର ମହାନ୍ତି ନାମକ ଜଣେ ବୈଷ୍ଣବ ଭକ୍ତ ପୋଡି ଯାଇଥିବା ସେହି ଦାରୁ ପ୍ରତିମାଙ୍କର ବ୍ରହ୍ମଙ୍କୁ ଏକ ମୃଦଙ୍ଗ ଭିତରେ ଆଣି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲେ । କେତେକ ବିବରଣୀରେ କଳାପାହାଡ଼ ଜଗନ୍ନାଥ ମନ୍ଦିର ଧ୍ୱଂସ କରିଥିବା କଥା ମଧ୍ୟ ଉଲ୍ଲେଖ ଅଛି । ମାତ୍ର ପ୍ରତ୍ନତାତ୍ତ୍ୱିକ ତଥ୍ୟ ଅନୁସାରେ ଚୋଡ଼ଗଙ୍ଗଦେବଙ୍କ ସମୟରେ ନିର୍ମିତ ଜଗନ୍ନାଥ ମନ୍ଦିର ଉପରେ ନୂତନ କରି ପୁଣି ଥରେ ମନ୍ଦିର ନିର୍ମାଣ ହୋଇଥିବାର କୌଣସି ପ୍ରମାଣ ନାହିଁ । କିମ୍ବଦନ୍ତୀ ଅନୁସାରେ କଳାପାହାଡ଼ ଜଗନ୍ନାଥ ମନ୍ଦିର ଧ୍ୱଂସ ନ କରି କେବଳ ତହିଁରୁ ପ୍ରତିମାଙ୍କୁ ନେଇ ଯାଇଥିଲା । ସେହି ବିଗ୍ରହଙ୍କ ଦଗ୍ଧାବଶେଷ ଉଦ୍ଧାର କରାଯାଇ ପରବର୍ତ୍ତୀ କାଳରେ ନୂତନ ଭାବେ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା । ନିଜେ କଳାପାହାଡ଼ ଓଡ଼ିଶାର ଚାରିଆଡ଼େ ଯାଇ ମନ୍ଦିର ଧ୍ୱଂସ କରିଥିବା କଥାକୁ ମଧ୍ୟ ଏକ ଐତିହାସିକ ସତ୍ୟ ଭାବରେ ଗବେଷକମାନେ ସ୍ୱୀକାର କରି ପାରନ୍ତି ନାହିଁ ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, କଳାପାହାଡ଼ ପ୍ରଥମେ ଜଣେ ହିନ୍ଦୁ ଥିଲା ଏବଂ ବଙ୍ଗ ସୁଲତାନଙ୍କ କନ୍ୟାକୁ ବିବାହ କରି ମୁସଲମାନ ହୋଇଥିଲା । ପୁରୀକୁ ଆସି ସେ ପୁଣି ହିନ୍ଦୁ ଧର୍ମରେ ଦୀକ୍ଷିତ ହେବାକୁ ଚାହିଁଥିଲା । ମାତ୍ର ଜଗନ୍ନାଥ ମନ୍ଦିରର ପୂଜକମାନେ ଏହାକୁ ବିରୋଧ କଲେ । ଏଥିରେ ପ୍ରତିହିଂସାପରାୟଣ ହୋଇ ସେ ମନ୍ଦିର ଧ୍ୱଂସ କରିବା ଆରମ୍ଭ କଲା । ମାତ୍ର ମୁସଲିମ ବିବରଣୀ ଅନୁଯାୟୀ, କଳାପାହାଡ଼ ଜଣେ ଆଫଗାନ ଥିଲା । ବଙ୍ଗର ଆଫଗାନ ସୁଲତାନ ସୁଲେମାନ କର୍‌ରାନୀଙ୍କ ଜଣେ ଅନୁଗତ ସେନାନାୟକ ଭାବରେ ସେ କେବଳ ତା' କର୍ତ୍ତବ୍ୟ ପାଳନ କରୁଥିଲା । ରାଜ୍ୟ ବିସ୍ତାର ଓ ଆଫଗାନ ଶକ୍ତିର ପୁନର୍ପ୍ରତିଷ୍ଠା ଯଦିଓ ପ୍ରମୁଖ ଉଦ୍ଦେଶ୍ୟ ଥିଲା, ସୈନିକମାନଙ୍କ ମନରେ ଧାର୍ମିକ ଉତ୍ତେଜନା ସୃଷ୍ଟି କରି ଏହି ଉଦ୍ଦେଶ୍ୟ ସାଧନ କରିବାକୁ ସୁଲତାନ ପ୍ରୟାସ କରୁଥିଲେ । ଏହି କାରଣରୁ ସେତେବେଳେ ମନ୍ଦିର ଧ୍ୱଂସ କରିବା ଏକ ଆବଶ୍ୟକତା ହୋଇ ପଡିଥିଲା । ଦ୍ୱିତୀୟତଃ, ମଧ୍ୟଯୁଗରେ ଶତ୍ରୁ ରାଜ୍ୟ ଉପରେ କର୍ତ୍ତୃତ୍ୱ ଜାହିର କରିବାନିମିତ୍ତ ଆକ୍ରମଣକାରୀମାନେ ରାଜପ୍ରାସାଦ ଓ ରାଜାନୁଦାନରେ ନିର୍ମିତ ମନ୍ଦିର ଲୁଣ୍ଠନ କରିବା ଉପରେ ଗୁରୁତ୍ୱ ଦେଉଥିଲେ । ଯେ କୌଣସି ରାଜ୍ୟରେ ରାଜପ୍ରସାଦ ତୁଳନାରେ ଯେହେତୁ ମନ୍ଦିରଗୁଡିକର ସଂଖ୍ୟା ଅଧିକ ଏବଂ ସେଗୁଡିକ କମ୍ ସୁରକ୍ଷିତ, ଆକ୍ରମଣ ମନ୍ଦିର ଉପରେ ହେବା ସ୍ୱାଭାବିକ । ରାଜ୍ୟବାସୀଙ୍କ ଦୃଷ୍ଟିରେ ପରାଜିତ ରାଜାଙ୍କ ପରାକ୍ରମକୁ କ୍ଷୁଣ୍ଣ କରିବାରେ ମଧ୍ୟ ଏହା ସହାୟକ ହେଉଥିଲା ।

## ଗଜପତିଙ୍କ ସମୟର ପ୍ରାଶାସନିକ ବ୍ୟବସ୍ଥା

ଗଜପତି ବା ସୂର୍ଯ୍ୟବଂଶୀ ପ୍ରାଶାସନିକ ବ୍ୟବସ୍ଥାରେ କାର୍ଯ୍ୟତଃ ରାଜା ବା ଗଜପତି ରାଜ୍ୟର ସର୍ବେସର୍ବା ଥିଲେ । ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ବୋଲି ତାଙ୍କୁ ମନେ କରାଯାଉଥିଲା । ବିଶ୍ୱାସ ଥିଲା ଯେ ତାଙ୍କର (ରାଜାଙ୍କର) ବିରୋଧ କରିବା ଅର୍ଥ ଜଗନ୍ନାଥଙ୍କର ବିରୋଧୀ ହେବା ! ଅନେକ ଥର ପରମ୍ପରା ଓ ରୀତି ବହିର୍ଭୂତ ଆଚରଣ କରି ସୁଦ୍ଧା ରାଜା ଜନବିରୋଧକୁ ଏଡାଇ ଯାଉଥିଲେ, କାରଣ ଜଗନ୍ନାଥଙ୍କ ଆଦେଶରେ ପଦକ୍ଷେପଟି ନିଆଗଲା ବୋଲି ପ୍ରଚାର କରାଯାଉଥିଲା । ବ୍ରାହ୍ମଣମାନେ ଜଗନ୍ନାଥଙ୍କ ତଥାକଥିତ ବାଣୀକୁ ଆବଶ୍ୟକମତେ ବ୍ୟାଖ୍ୟା କରୁଥିଲେ । ତେଣୁ ବ୍ରାହ୍ମଣମାନଙ୍କ ସମର୍ଥନ ଲାଭ କରିବା ସକାଶେ ଗଜପତି  ତଥା ଅନ୍ୟ ରାଜାମାନେ ବ୍ରାହ୍ମଣମାନଙ୍କୁ ଆଶାନୁରୂପ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । ରାଜବଂଶଜ ନ ହେବା ସତ୍ତ୍ୱେ, ଗଙ୍ଗରାଜାଙ୍କୁ ବିତାଡ଼ିତ କରି କପିଳେନ୍ଦ୍ରଦେବଙ୍କ ସିଂହାସନ ଆରୋହଣ, ଜ୍ୟେଷ୍ଠ ପୁତ୍ର ନ ହେବା ସତ୍ତ୍ୱେ ପୁରୁଷୋତ୍ତମଦେବଙ୍କ ରାଜତ୍ୱପ୍ରାପ୍ତି ଆଦି ରୀତି ବହିର୍ଭୂତ କାର୍ଯ୍ୟ  ଜଗନ୍ନାଥଙ୍କ ନାମରେ ନିଆଯାଇ ଥିବାରୁ ଗୃହୀତ ହୋଇଗଲା । ଅନ୍ୟ ଶବ୍ଦରେ କହିଲେ, ମଧ୍ୟ-ଯୁଗରେ, ରାଜା ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ମେଣ୍ଟ ଥିଲା  ରାଷ୍ଟ୍ରର ପ୍ରମୁଖ ଆଧାର  ।

ଗଜପତିଙ୍କୁ ପ୍ରଶାସନରେ ସାହାଯ୍ୟ କରିବାପାଇଁ ବ୍ରାହ୍ମଣ ବା ପୁରୋହିତବର୍ଗଙ୍କ ବ୍ୟତୀତ ମନ୍ତ୍ରିପରିଷଦ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ରହିଥିଲେ । ସେମାନଙ୍କୁ 'ପାତ୍ର', 'ମହାପାତ୍ର', 'ବେହେରା-ମହାପାତ୍ର' ଓ 'ସାମନ୍ତ' କୁହାଯାଉଥିଲା । ଗଜପତି ସାମ୍ରାଜ୍ୟ 'ମହାରାଜ୍ୟ' ନାମରେ ପରିଚିତ ଥିଲା । ତାକୁ କେତେକ ଦଣ୍ଡପାଟ ଓ ରାଜ୍ୟରେ ବିଭକ୍ତ କରାଯାଇଥିଲା ।  ରାଜ୍ୟର ସର୍ବୋଚ୍ଚ ଅଧିକାରୀଙ୍କୁ ରାଜା ବା ପରୀକ୍ଷ କୁହାଯାଉଥିଲା । ସାଧାରଣତଃ ରାଜପରିବାରର ବ୍ୟକ୍ତି ବା ରାଜକୁମାରଙ୍କୁ ରାଜ୍ୟର ପ୍ରାଶାସନିକ ଦାୟିତ୍ୱ ଦିଆଯାଉଥିଲା । ରାଜ୍ୟପାଳ ରାଜସ୍ୱର କିଛି ଅଂଶ ରଖି ବଳକା ଅଂଶକୁ ରାଜକୋଷରେ ଜମା କରୁଥିଲେ । କପିଳେନ୍ଦ୍ରଦେବଙ୍କ ସମୟରେ ମହାରାଜ୍ୟ ଖୁବ୍ ବିସ୍ତାର ଲାଭ କରିଥିଲା । ସାମନ୍ତ ରାଜାମାନେ ଗଜପତିଙ୍କୁ ବାର୍ଷିକ ଦେୟ ଓ ଯୁଦ୍ଧ ସମୟରେ ସୈନ୍ୟ ସହାୟତା ପ୍ରଦାନ କରୁଥିଲେ । ଆଭ୍ୟନ୍ତରୀଣ ଶାସନ ସେମାନଙ୍କ ଦାୟିତ୍ୱରେ ଚାଲିଥିଲା । ଗଜପତି ତହିଁରେ ହସ୍ତକ୍ଷେପ କରୁ ନଥିଲେ । ଅନେକ ସମୟରେ ଗଜପତିଙ୍କ ଦୁର୍ବଳତାର ସୁଯୋଗ ନେଇ ସେମାନେ ନିଜକୁ  ସ୍ୱାଧୀନ ଘୋଷଣା କରୁଥିଲେ ।

କେତେକ ସ୍ଥାନରେ ଗଜପତିଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱରେ ଥିବା ରାଜ୍ୟକୁ ଦଣ୍ଡପାଟ ମଧ୍ୟ କୁହାଯାଇଛି । ତା'ର ପ୍ରାଶାସନିକ ମୁଖ୍ୟଙ୍କୁ ଦଣ୍ଡପରୀକ୍ଷ ବା ଅଧ୍ୟକ୍ଷ ବୋଲି କୁହାଯାଉଥିଲା । ସେମାନଙ୍କୁ ଗଜପତି ନିଯୁକ୍ତି ଦେଉଥିଲେ । ଦଣ୍ଡପାଟକୁ କେତୋଟି ବିଶିରେ ବିଭକ୍ତ କରାଯାଉଥିଲା ଏବଂ ତା'ର ଅଧିକାରୀଙ୍କୁ 'ବିଶୋୟୀ' କୁହାଯାଉଥିଲା । ସେହିଭଳି ଗ୍ରାମର ମୁଖ୍ୟ ଥିଲେ 'ଭୋଇ' । କାଳକ୍ରମେ ଏହି ଅଧିକାରୀମାନେ ବଂଶାନୁକ୍ରମିକ ଭାବେ ନିଜ ନିଜ ପଦବୀରେ ରହି ଉକ୍ତ ପଦବୀକୁ ବଂଶର ସାଙ୍ଗିଆ ଭାବରେ ବ୍ୟବହାର କରୁଥିଲେ । ରାଜପ୍ରଦତ୍ତ ଏହି 'ସାଙ୍ଗିଆ' ସେମାନଙ୍କୁ ସାମାଜିକ ପ୍ରତିଷ୍ଠା ଦେଲା ତଥା ଅସ୍ମିତା ପ୍ରଦାନ କରିବାରେ ସାହାଯ୍ୟ କଲା । ଗଜପତି ଶାସନର ଅବସାନ ପରେ ମଧ୍ୟ ସେମାନେ ଉକ୍ତ ସାଙ୍ଗିଆକୁ ବ୍ୟବହାର କଲେ ।

ସୂର୍ଯ୍ୟବଂଶକାଳୀନ କେତେକ ତଥ୍ୟରୁ ତତ୍‌କାଳୀନ ସାମରିକ ବ୍ୟବସ୍ଥା ସମ୍ବନ୍ଧରେ ମଧ୍ୟ ଅନେକ ତଥ୍ୟ ଜାଣିବାକୁ ମିଳେ । ଗଙ୍ଗ ରାଜତ୍ୱରୁ ଉତ୍ତରାଧିକାରରେ ସୂର୍ଯ୍ୟବଂଶୀମାନଙ୍କୁ ଏକ ବିଶାଳ ସେନା ପ୍ରାପ୍ତ ହୋଇଥିଲା । ଏହାକୁ ସୁସଂଗଠିତ କରି ସେମାନେ ରାଜ୍ୟବିସ୍ତାର ଓ ଦିଗ୍‌ବିଜୟ ପାଇଁ ବ୍ୟବହାର କରୁଥିଲେ । ସେତେବେଳେ ରାଜ୍ୟର ପ୍ରତିଷ୍ଠା ମୁଖ୍ୟତଃ ସେନା ସଂଗଠନ ଉପରେ ନିର୍ଭର କରୁଥିଲା । ପଡୋଶୀ ରାଜ୍ୟ ଆକ୍ରମଣ କରି ସେନା ଧନରତ୍ନ ଆଣୁଥିଲେ, ଯାହାର ଲାଭ ରାଜ ଅନୁଦାନରେ ରହିଥିବା ଅନେକ ସାମାଜିକ ବର୍ଗକୁ ମିଳୁଥିଲା । ମନ୍ଦିର ନିର୍ମାଣ ଆଦି ବ୍ୟୟ ବହୁଳ କାର୍ଯ୍ୟର ପ୍ରତ୍ୟକ୍ଷ ଲାଭ କାରିଗର, ସ୍ଥପତି ଆଦି ସାମାଜିକବର୍ଗଙ୍କଠାରୁ ଆରମ୍ଭ କରି ପୁରୋହିତବର୍ଗକୁ ମଧ୍ୟ ମିଳୁଥିଲା । ସେନାର ସଫଳତା ଉପରେ ଅନେକାଂଶରେ ଏହା ନିର୍ଭର କରୁଥିଲା । ଯୁଦ୍ଧରେ ରାଜାଙ୍କ ପରାଜୟ, ରାଜବଂଶ ପତନର ମୁଖ୍ୟ କାରଣ ହେଉଥିଲା ।

ରାଜାଙ୍କର ଏକ ନିୟମିତ ସେନା ରହିଥିଲା । ମାତ୍ର ଯୁଦ୍ଧବେଳେ ସହଯୋଗପାଇଁ ସାମନ୍ତ ରାଜାମାନେ ମଧ୍ୟ ସୈନ୍ୟ ପ୍ରେରଣ କରୁଥିଲେ । ରାଜ୍ୟ ତଥା ସମାଜର ବିଭିନ୍ନ ସାମାଜିକବର୍ଗର ସମୃଦ୍ଧି ଯୁଦ୍ଧ ଜୟ ଉପରେ ନିର୍ଭର କରୁଥିବାରୁ ଲୋକଙ୍କୁ ଯୁଦ୍ଧରେ ଯୋଗ ଦେବାକୁ ସବୁ ସ୍ତରରେ ପ୍ରେରଣା ଦିଆଯାଉଥିଲା । କପିଳେନ୍ଦ୍ର ଦେବଙ୍କ ସମୟରେ ଲିଖିତ ସାରଳା ଦାସଙ୍କ ମହାଭାରତରେ ରଣଭୂମିରେ ନିହତ ହେବା ଏକ ଗୌରବମୟ କାର୍ଯ୍ୟ ବୋଲି କୁହାଯାଇଛି । ଯୁଦ୍ଧରେ ଭାଗ ନେଇଥିବା ସୈନିକର ସାମାଜିକ ସମ୍ମାନ ବୃଦ୍ଧି ପାଉଥିଲା । ତେଣୁ ସାମୟିକ ଭାବେ ଯୋଗ ଦେଇଥିବା ଅନିୟମିତ ସୈନିକ ମଧ୍ୟ ଯୁଦ୍ଧ ପରେ ତାଙ୍କ ପଦବୀକୁ ନାଁର ସାଙ୍ଗିଆ ବା ସଂଜ୍ଞା ଭାବରେ ବ୍ୟବହାର କରୁଥିଲେ । ଅନେକ ଛୋଟଚାଷୀ, ରୟତ ଓ ତଥାକଥିତ 'ତଳ' ଜାତିର ଲୋକ ମଧ୍ୟ ଯୁଦ୍ଧରେ ଭାଗ ନେଉଥିଲେ ବୋଲି ସେମାନଙ୍କ ସାଙ୍ଗିଆରୁ ଜଣାପଡ଼େ । 'ସେନାପତି', 'ଚମ୍ପତି' (ଛାମୁପତି), 'ରାଉତରାୟ' (ପଦାତିକ ରାଉତ ସେନାର ଅଧିକାରୀ), 'ସାହାଣୀ' (ଗଜାରୋହୀ), 'ଦଣ୍ଡପାଟ', 'ଦଣ୍ଡସେନା', 'ପଶ୍ଚିମକବାଟ', 'ଉତ୍ତରକବାଟ', 'ମାନସିଂହ', 'ରାୟସିଂହ', 'ବଳୀୟାରସିଂହ', 'ପାହାଡ଼ସିଂହ', 'ସାମନ୍ତସିଂହାର', 'ବେହେରା', 'ନାୟକ', 'ଜେନା', 'ବଡ଼ଜେନା', 'ପ୍ରଧାନ', 'ଦଣ୍ଡପାଣି', 'ଦଳବେହେରା', 'ଗଡ଼ନାୟକ' ଓ 'ଖୁଣ୍ଟିଆ' ଆଦି ଥିଲା ସେନାସମ୍ପର୍କିତ ପଦପଦବୀ । ଯୁଦ୍ଧରେ ଅଂଶଗ୍ରହଣ କରିଥିବାରୁ ଏହି ସଂଜ୍ଞାଧାରୀ ଲୋକ ଶାନ୍ତି ସମୟରେ ମଧ୍ୟ ନିଜ ନିଜ ସ୍ତରରେ ଏବଂ କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ପ୍ରାଶାସନିକ ଦାୟିତ୍ୱ ପାଇ ପାରୁଥିଲେ । ସେନାରେ ଧନୁ, ତ୍ରୋଣ, ଶର, ଅସି, ଜଠି, ଗୁରୁଜ, ଶାବେଳି ଆଦି ପାରମ୍ପରିକ ଅସ୍ତ୍ରର ବ୍ୟବହାର ହେଉଥିଲା । ସୈନିକ ଓ ସେନାନାୟକଙ୍କୁ ବାଦଦେଲେ, ସେନାରେ ଧ୍ୱଜାଧାରୀ, ବାଦ୍ୟକାର ଆଦି ମଧ୍ୟ ରହୁଥିଲେ । ସାରଳା ଦାସଙ୍କ ମହାଭାରତରେ ଏ ସବୁର ଉଲ୍ଲେଖ ରହିଛି । ଯଦିଓ ସାରଳା ଦାସ କପିଳେନ୍ଦ୍ର ଦେବଙ୍କର କୌଣସି ଯୁଦ୍ଧ କଥା ବର୍ଣ୍ଣନା କରି ନାହାନ୍ତି, ତାଙ୍କ କୃତିରେ ମହାଭାରତ ଯୁଦ୍ଧର ବର୍ଣ୍ଣନା ରହିଛି । ସେଥିରେ ସମକାଳୀନ ସୈନିକ ଚାଳନା ଓ ସାମରିକ ବ୍ୟବସ୍ଥାର ପ୍ରତିଫଳନ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ ।

ଗଜପତିଙ୍କ ସେନା ବାହନୀରେ ପଦାତିକ ସୈନ୍ୟଙ୍କର ସଂଖ୍ୟା ଅଧିକ ଥିଲା ବୋଲି ପର୍ତ୍ତୁଗୀଜ ବ୍ୟାଖ୍ୟାକାର ନ୍ୟୁନିଜ ଉଲ୍ଲେଖ କରିଛନ୍ତି । କପିଳେନ୍ଦ୍ରଦେବଙ୍କ ଗଜବାହିନୀ ଶତ୍ରୁମାନଙ୍କପାଇଁ ଭୟର କାରଣ ହେଉଥିଲା ବୋଲି ଅନେକ ସମକାଳୀନ ବିବରଣୀରେ ଉଲ୍ଲେଖ ରହିଛି । ନ୍ୟୁନିଜଙ୍କ ଅନୁଯାୟୀ, କୃଷ୍ଣଦେବ ରାୟଙ୍କ ସହ ଯୁଦ୍ଧ କଲାବେଳେ ଗଜପତି ସେନାରେ ୧୩୦୦ ହସ୍ତୀ ଥିଲେ । ଜଗନ୍ନାଥଙ୍କ ନାମରେ ଗଜପତି ଯୁଦ୍ଧ କରୁଥିବାରୁ ସାମନ୍ତ ରାଜାମାନେ ଯଥୋଚିତ ସୈନ୍ୟ ସହାୟତା କରିବାରେ ହେଳା କରୁନଥିଲେ । ହସ୍ତୀବାହିନୀ ମଧ୍ୟ ବିଶେଷ କରି ସାମନ୍ତ ରାଜାମାନଙ୍କର ଦାନ ହୋଇଥିବା ବଡ଼ କଥା ନୁହେଁ । ଜଗନ୍ନାଥଙ୍କ ନାମରେ ଗଜପତି ଓଡ଼ିଶାର ସମସ୍ତ ରାଜାଙ୍କୁ ଏକଜୁଟ୍ କରିପାରିଥିଲେ । ଦ୍ୱିତୀୟତଃ, ଜଗନ୍ନାଥଙ୍କଯୋଗୁଁ ସେ ରାଜାମାନଙ୍କ ମଧ୍ୟରେ ସର୍ବମାନ୍ୟ ହେବାର ସାମର୍ଥ୍ୟ ରଖୁଥିଲେ । ଏହା ତାଙ୍କୁ ବିଶାଳ ସେନା ଚାଳନା କରିବାରେ ସାହାଯ୍ୟ କରୁଥିଲା । ତାହା ବ୍ୟତୀତ ଓଡ଼ିଶାର ରାଜାମାନଙ୍କ ମଧ୍ୟରେ ଅନ୍ତରୀଣ ବିବାଦର ସମାଧାନ ବେଳେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହୁଥିଲା । ଏହା ତାଙ୍କର ପଦମର୍ଯ୍ୟାଦାକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଥିଲା । ସେ ଥିଲେ ବସ୍ତୁତଃ ପ୍ରାକୃତିକ ଓଡ଼ିଶାର ସମ୍ରାଟ ।

ଗଜପତି ପ୍ରାଶାସନିକ ଓ ସାମରିକ ବ୍ୟବସ୍ଥାରେ ଦୁର୍ଗଗୁଡ଼ିକର ଅନେକ ପ୍ରାଧାନ୍ୟ ଥିଲା । ଗଙ୍ଗରାଜତ୍ୱ ସମୟରେ ଅନେକ ଦୁର୍ଗ ନିର୍ମିତ ହୋଇଥିଲା, ଯାହାକୁ ଉତ୍ତରାଧିକାର ସୂତ୍ରରେ ଗଜପତି ଉପଯୋଗ କରୁଥିଲେ । ରାଜ୍ୟ ଜୟବେଳେ ମଧ୍ୟ ଅନେକ ନୂଆ ଦୁର୍ଗ ଗଜପତିଙ୍କ କର୍ତ୍ତୃତ୍ୱକୁ ଆସିଥିଲା । ଏହା ବ୍ୟତୀତ ଗଜପତି ଅନେକ ନୂଆ ଦୁର୍ଗ ନିର୍ମାଣ କରିଥିଲେ । ଦୁର୍ଗରେ ସୈନ୍ୟ ଛାଉଣି ପଡୁଥିଲା; ସ୍ଥାନୀୟ ପ୍ରାଶାସନିକ କେନ୍ଦ୍ର ରୂପେ ତାହା କାର୍ଯ୍ୟ କରୁଥିଲା । ରାଜାଙ୍କ କୋଠଘର ଓ ରାଜସ୍ୱ କେନ୍ଦ୍ର ଭାବରେ ମଧ୍ୟ ଦୁର୍ଗଗୁଡ଼ିକର ବ୍ୟବହାର ହେଉଥିଲା । କେତୋଟି ପ୍ରମୁଖ ଦୁର୍ଗ ମଧ୍ୟରେ ରହିଥିଲାଃ ମନ୍ଦାରନଦୁର୍ଗ (ହୁଗୁଳି ଜିଲ୍ଲାର ଭିତରଗଡ଼), ଦାମୋଦର ନଦୀ କୂଳସ୍ଥିତ କୋଟାସିନ ଦୁର୍ଗ, ବାଲେଶ୍ୱର ଜିଲ୍ଲାସ୍ଥିତ ଦେଉଳଗଡ଼ ଓ ରାୟବଣିଆ ଦୁର୍ଗ, ଯାଜପୁର କଟକ(ଦୁର୍ଗ), ଛତିଆ ନିକଟସ୍ଥ ଅମରାବତୀ କଟକ, ଚୌଦ୍ୱାର କଟକ, ବାରାଣସୀ କଟକ (ଆଧୁନିକ କଟକ ସହର) ଏବଂ ବାରଙ୍ଗ ନିକଟସ୍ଥ ଚୂଡଙ୍ଗ କଟକ । ଏହି ସବୁ ବଡ଼ ଦୁର୍ଗ ବ୍ୟତୀତ ହୁମା, ଖିମିଡି, ଚିକିଟି, ପାଲୁର, ଖଲିକୋଟ ଓ ଆଠଗଡରେ ସାନ ସାନ ଦୁର୍ଗମାନ ରହିଥିଲା । ଦକ୍ଷିଣ ବିଜୟ ପରେ ପ୍ରାପ୍ତ ହୋଇଥିବା ଦେବରକୋଣ୍ଡା ଦୁର୍ଗ (ନାଲଗୋଣ୍ଡା ଜିଲ୍ଲା), ଓ୍ୱାରଂଗଲ ଦୁର୍ଗ, ନେଲୋର ଜିଲ୍ଲାସ୍ଥିତ ଉଦୟଗିରି ଦୁର୍ଗ ଓ ଗୁଣ୍ଟୁର ନିକଟସ୍ଥ କୋଣ୍ଡାବିଡୁ ଦୁର୍ଗକୁ ମଧ୍ୟ ଗଜପତି ରାଜାଙ୍କ ସାମନ୍ତମାନେ ବ୍ୟବହାର କରୁଥିଲେ । ଦୁର୍ଗ ଯେହେତୁ ପ୍ରାଶାସନିକ ଓ ସାମରିକ କ୍ଷମତାର କେନ୍ଦ୍ର ଥିଲା, ତାର ଅଧିକାରପାଇଁ ଯୁଦ୍ଧ ବେଳେ ଶତ୍ରୁରାଜା ଉଦ୍ୟମ କରୁଥିଲେ । ଦୁର୍ଗ ଉପରେ ନିୟନ୍ତ୍ରଣ ଥିବା ଯାଏ ଉକ୍ତ କ୍ଷେତ୍ରରେ ରାଜଶକ୍ତି ପରାଜିତ ହୋଇନଥିବା ସୁସ୍ପଷ୍ଟ ହେଉଥିଲା । ଦିଗ୍‌ବିଜୟବେଳେ ଗଜପତି ସେନା ଶତ୍ରୁ ରାଜ୍ୟର ଦୁର୍ଗଗୁଡିକୁ ଧ୍ୱଂସ ନକରି ନିଜ ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ । ଏହା ଗଜପତି ରାଜାଙ୍କ ଦୂରଦୃଷ୍ଟିକୁ ଇଙ୍ଗିତ କରେ ।

■ ■ ■

# ମଧ୍ୟଯୁଗୀୟ ଓଡ଼ିଶାରେ ସାଂସ୍କୃତିକ ବିକାଶ

ମଧ୍ୟଯୁଗୀୟ ଓଡ଼ିଶାରେ ଭାଷା-ସାହିତ୍ୟ, ସ୍ଥାପତ୍ୟ, କାରିଗରି, ଧର୍ମ, ସଂସ୍କୃତି ଆଦି କ୍ଷେତ୍ରରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଏହି ପରିବର୍ତ୍ତନକୁ ଆମେ ସାଂସ୍କୃତିକ ବିକାଶ ନାମରେ ନାମିତ କରିପାରିବା । ସୋମବଂଶୀ ରାଜତ୍ୱ କାଳରେ ଏହି ସାଂସ୍କୃତିକ ବିକାଶର ଆରମ୍ଭ ହୋଇ ପ୍ରଥମେ ଗଙ୍ଗବଂଶ ଓ ପରେ ଗଜପତି ଶାସନ ସମୟରେ ତା'ର ଧାରା ବ୍ୟାପକ ହେଲା । ରାଜନୀତିକ ଦୃଷ୍ଟିରୁ ଅନେକ କ୍ଷୁଦ୍ର ରାଜ୍ୟର ସମଷ୍ଟି ହୋଇଥିବା ସତ୍ତ୍ୱେ ଓଡ଼ିଶା, କଳିଙ୍ଗ ବା ଉତ୍କଳ ନାମରେ ଏକ ବିଶାଳ ରାଜ୍ୟର ଉତ୍‌ଥାନ ଏହି ସମୟରେ ଦେଖିବାକୁ ମିଳିଥିଲା । ରାଜନୈତିକ ଏକତା ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଏକତାକୁ ଜନ୍ମଦେଲା ବୋଲି କହିବା ଯଦିଓ ଅତ୍ୟୁକ୍ତି ହେବ, ତଥାପି ପରସ୍ପର ପ୍ରତି ଉଭୟ ଅନୁପୂରକ ହେଲେ ବୋଲି କହିବା ଅସମୀଚୀନ ହେବ ନାହିଁ । ଆଧୁନିକ ଜାତୀୟତାଭାବର ଏକ ପୂର୍ବ ଅବସ୍ଥା ବୋଲି ମଧ୍ୟ ତାହାକୁ କହିହେବ ।

## ଭାଷା ଓ ସାହିତ୍ୟ

ସପ୍ତମ ଶତାବ୍ଦୀରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ଖୁବ୍ ପ୍ରଭାବ ରହିଥିଲା । ସାଧାରଣ ଲୋକ ଯଦିଓ ସଂସ୍କୃତକୁ ଭାବର ଆଦାନ ପ୍ରଦାନ ପାଇଁ ମାଧ୍ୟମ ରୂପେ ବ୍ୟବହାର କରୁ ନଥିଲେ, ବୌଦ୍ଧିକ ବର୍ଗରେ ଏହାର ଖୁବ୍ ଆଦର ରହିଥିଲା । ଲୋକେ ସଂସ୍କୃତକୁ ହିଁ ଶିକ୍ଷା ବୋଲି ବୁଝୁଥିଲେ । ଭୌମ ତାମ୍ରଶାସନରେ ରହିଥିବା ପ୍ରଶସ୍ତିରେ ଉଚ୍ଚମାନର ସଂସ୍କୃତ ଶ୍ଳୋକମାନ ଦେଖିବାକୁ ମିଳେ । ତହିଁରେ ରହିଥିବା ଦ୍ୱିଅର୍ଥବୋଧକ ଶବ୍ଦଗୁଡିକର ପ୍ରୟୋଗକୁ ଦେଖିଲେ ମନେହୁଏ, ଲେଖକ ନିଶ୍ଚିତ ରୂପେ ସଂସ୍କୃତରେ ଖୁବ୍ ଧୁରୀଣ ଥିଲେ । ଭୌମରାଣୀ ଧର୍ମ ମହାଦେବୀ ପ୍ରଦତ୍ତ ତଲତଲି ତାମ୍ରଶାସନର ସମ୍ପାଦନା କରି ଐତିହାସିକ

କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତହିଁରେ ବ୍ୟବହୃତ ଅନେକ ଶବ୍ଦର ଏକାଧିକ ଅର୍ଥ ରହିଥିବା କଥା କହିଛନ୍ତି । ଗଙ୍ଗ ଓ ଗଜପତି ଶାସନ କାଳରେ ଦିଆଯାଇଥିବା ତାମ୍ର ଶାସନରେ ମଧ୍ୟ ଉଚ୍ଚକୋଟୀର ସଂସ୍କୃତ ଭାଷାର ବ୍ୟବହାର ଦେଖିବାକୁ ମିଳିଥାଏ ।

ଅନୁଶାସନ ଓ ତାମ୍ରଶାସନ ବ୍ୟତୀତ ପ୍ରାଚୀନ କାଳରୁ ଅନେକ ସାହିତ୍ୟିକ ରଚନା ମଧ୍ୟ ସଂସ୍କୃତରେ ଓଡ଼ିଶାକୁ ଭିତ୍ତି କରି ଲେଖାଯାଇଛି । ଐତିହାସିକ ଶରତଚନ୍ଦ୍ର ବେହେରାଙ୍କ ମତରେ ପଞ୍ଚମ-ଷଷ୍ଠ ଶତାବ୍ଦୀରେ ଲିଖିତ ଏବଂ ପରବର୍ତ୍ତୀ ସମୟରେ ବହୁଳ ଭାବେ ପ୍ରସାରିତ ପଞ୍ଚତନ୍ତ୍ରର ଲେଖକ ବିଷ୍ଣୁଶର୍ମାଙ୍କ ରଚନାର ପଛଭୂମି ଥିଲା କଳିଙ୍ଗ । ସମୁଦ୍ର ଉପକୂଳରେ ସ୍ଥାପିତ ଏହି ରାଜ୍ୟ ଉତ୍କୃଷ୍ଟ ମାନର ହସ୍ତୀପାଇଁ ପ୍ରସିଦ୍ଧ ଥିଲା, ଯାହା ପଞ୍ଚତନ୍ତ୍ରର ଅନେକ ଗଳ୍ପର ଭିତ୍ତିଭୂମି ସୃଷ୍ଟି କରେ ।

ସୋମବଂଶୀ ରାଜତ୍ୱର ଶେଷ ଭାଗରେ ଅର୍ଥାତ୍ ଏକାଦଶ ଶତାବ୍ଦୀରେ ସତାନନ୍ଦ ନାମରେ ଜଣେ ପଣ୍ଡିତ ସଂସ୍କୃତରେ ଅନେକ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ରଚନା ସୃଷ୍ଟି କରିଥିବାର ଦୃଷ୍ଟାନ୍ତ ରହିଛି । ସେ ପୁରୁଷୋତ୍ତମ ବା ପୁରୀ ନିବାସୀ ଥିଲେ ଏବଂ 'ସ୍ମୃତି'ର ଲେଖକ ଭାବରେ ଖ୍ୟାତ । ସେହିଭଳି ମୁରାରି ମିଶ୍ର ସଂସ୍କୃତରେ 'ଅନର୍ଘ ରାଘବ ନାଟକମ୍' ନାମରେ ଏକ ନାଟକ ଲେଖିଥିଲେ, ଯାହା ଜଗନ୍ନାଥ ପ୍ରତିମା ସମ୍ମୁଖରେ ପର୍ବପର୍ବାଣିରେ ମଞ୍ଚସ୍ଥ ହେଉଥିଲା । ମୁରାରି ମିଶ୍ର ନବମ ଶତାବ୍ଦୀର ମଧ୍ୟ ଭାଗରେ ଏହି ନାଟକ ଲେଖିଥିଲେ ବୋଲି କୁହାଯାଏ ।

ଦ୍ୱାଦଶ ଶତାବ୍ଦୀର ଜଣେ ପ୍ରସିଦ୍ଧ କବି ହେଲେ ଜୟଦେବ, ଯିଏ 'ଗୀତଗୋବିନ୍ଦ' ରଚନା କରିଥିଲେ । ଗୀତ ଗୋବିନ୍ଦ ଯଦିଓ ଏକ ବୃହତ୍ କାବ୍ୟ ନୁହେଁ, ସାଂଗୀତିକତାପାଇଁ ଏହା ଲୋକସ୍ତରକୁ ପ୍ରସାରିତ ହୋଇ ଆସିଛି । ପୁରୀ ଜଗନ୍ନାଥ ମନ୍ଦିରରେ ଏହାର ଗାୟନ ଓ ପ୍ରଦର୍ଶନ ବହୁ ଦିନରୁ ଚଳି ଆସିଛି । ସେତେବେଳେ ଯେହେତୁ ମୁଦ୍ରଣର ବ୍ୟବସ୍ଥା ନଥିଲା, ପୋଥିଗୁଡ଼ିକୁ ତାଳପତ୍ରରେ ଲିପିକାରମାନେ ସୁନ୍ଦର ହସ୍ତାକ୍ଷରରେ ନକଲ କରୁଥିଲେ । କାବ୍ୟର ଲୋକପ୍ରିୟତା ତା'ର ନକଲର କିସମରୁ ଜଣାପଡେ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଗୀତଗୋବିନ୍ଦର ଅନ୍ୟୂନ ଶହେଟି ନକଲ (କପି) ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିଛି, ଯାହା ତା'ର ଲୋକପ୍ରିୟତାକୁ ସୁସ୍ପଷ୍ଟ କରେ । ଗୀତଗୋବିନ୍ଦରେ ରାଧା ଓ କୃଷ୍ଣଙ୍କର ପ୍ରେମ ବନ୍ଧନକୁ ଏକ ବୈପ୍ଳବିକ ଭାବଦେଇ ଅଭିବ୍ୟକ୍ତ କରାଯାଇଛି । କବି ଜୟଦେବ ପ୍ରେମରେ ରହିଥିବା ଦୈହିକ ଆବେଗକୁ ଉନ୍ମୁକ୍ତ କରି ଭାବ ରାଜ୍ୟରେ ଏକ ବିପ୍ଳବ ଆଣିଛନ୍ତି ।

ଜୟଦେବଙ୍କ ଜନ୍ମସ୍ଥାନକୁ ନେଇ ଅନେକ ବିବାଦ ରହିଛି । କାରଣ କବି ନିଜ ଜନ୍ମସ୍ଥାନ କଥା ସ୍ପଷ୍ଟ ଭାବରେ କାବ୍ୟରେ କେଉଁଠି ଉଲ୍ଲେଖ କରି ନାହାନ୍ତି । ବଙ୍ଗ, ଓଡ଼ିଶା ଓ ମିଥିଳା କ୍ଷେତ୍ରର ଗବେଷକମାନେ ପ୍ରତ୍ୟେକ ତାଙ୍କୁ ନିଜର ବୋଲି ଦାବି କରିଥାନ୍ତି । ଯେଉଁମାନେ ଜୟଦେବ ବଙ୍ଗରେ ଜନ୍ମିତ ବୋଲି କହନ୍ତି, ସେମାନଙ୍କ ଅନୁସାରେ ଗୀତଗୋବିନ୍ଦରେ ଉଲ୍ଲିଖିତ 'ଉମାପତିଧର', 'ସାରଣ', 'ଗୋବର୍ଦ୍ଧନ' ଏବଂ 'ଧୋୟୀ' ବଙ୍ଗରାଜା ଲକ୍ଷ୍ମଣ ସେନ୍‌ଙ୍କ ସମକାଳୀନ ସଭା ପଣ୍ଡିତ ଥିଲେ । ତେଣୁ, ଜୟଦେବ ସେହି କ୍ଷେତ୍ରର ହୋଇଥିବେ । 'ଜୟଦେବ ଚରିତ' ନାମରେ ବଙ୍ଗଳାରେ ଏକ କାବ୍ୟ ମିଳିଛି । ତାହାକୁ ଆଧାର କରି ମଧ୍ୟ ଜୟଦେବ ବଙ୍ଗଳାର ବୋଲି ଯୁକ୍ତି କରାଯାଏ ।

ଜୟଦେବ ତାଙ୍କ ଜନ୍ମମାଟିର ନାମ 'କେନ୍ଦୁବିଲ୍ୱ' ବୋଲି କହିଛନ୍ତି । ଏହି ଗ୍ରାମ ତେନ୍ଦୁଲି ନାମରେ ବୀରଭୂମ ଜିଲ୍ଲାରେ ରହିଥିବା କୁହାଯାଏ ।

ଅନେକ ଗବେଷକ ଜୟଦେବ ଓଡ଼ିଶାର ବୋଲି କହିଥାନ୍ତି । ତାଙ୍କ ଜନ୍ମ ଭୁବନେଶ୍ୱର ନିକଟସ୍ଥ 'କେନ୍ଦୁଲି' ଗ୍ରାମ ବୋଲି ଦାବି କରାଯାଏ । ସେହି ଗ୍ରାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ମାରକୀ ଓ ସ୍ମୃତିସଂଗ୍ରହାଳୟ ମଧ୍ୟ ପ୍ରତିଷ୍ଠା ହୋଇଛି । ମାତ୍ର କେତେକ ଐତିହାସିକ ଭୁବନେଶ୍ୱର ନିକଟସ୍ଥ ଏହି କେନ୍ଦୁଲି ଗ୍ରାମର ପ୍ରାଚୀନତାକୁ ନେଇ ସନ୍ଦେହ ପ୍ରକାଶ କରନ୍ତି । ଅନ୍ୟ ପକ୍ଷରେ ଓଡ଼ିଶାର ସାହିତ୍ୟିକ ପରମ୍ପରାରେ କବିଙ୍କୁ ଓଡ଼ିଶାର ବୋଲି ଦୃଢ଼ ଭାବରେ ପ୍ରତିପାଦନ କରାଯାଏ । ସେ ଯାହାହେଉ, ଜୟଦେବଙ୍କ ଜନ୍ମସ୍ଥାନକୁ ନେଇ ବୌଦ୍ଧିକ ବିବାଦକୁ ଦେଖିଲେ ମନେହୁଏ ଯେ, ଏକ କାବ୍ୟ ଓ ତା'ର କାବ୍ୟକାର ସମାଜ ନିମନ୍ତେ ମନ୍ଦିର-ମସ୍‌ଜିଦ ବା ମିନାର-ବିହାର ଭଳି ସାଂସ୍କୃତିକ ବିଭବ ହେବାର ସାମର୍ଥ୍ୟ ରଖନ୍ତି । ଏହା କାବ୍ୟର ମହତ୍ତ୍ୱକୁ ହିଁ ଦର୍ଶାଏ ।

ଜୟଦେବଙ୍କ ବ୍ୟତୀତ ମଧ୍ୟଯୁଗର ଅନ୍ୟ ଯେଉଁ କେତେଜଣ ସଂସ୍କୃତ କାବ୍ୟକାରଙ୍କ ନାମ ଆଲୋଚନାକୁ ଆସେ, ତନ୍ମଧ୍ୟରେ ଅଛନ୍ତି : 'ଏକାବଳୀ'ର ଲେଖକ ବିଦ୍ୟାଧର, 'ସ୍ମୃତି'ର ଲେଖକ ଶ୍ରୀଧର ଆଚାର୍ଯ୍ୟ ତଥା ନୀଳାମ୍ବର ଆଚାର୍ଯ୍ୟ ଓ ଶଙ୍ଖଧର । ବିଦ୍ୟାଧରଙ୍କୁ ଗଙ୍ଗରାଜ ପ୍ରଥମ ନରସିଂହ ଦେବଙ୍କ ସଭାକବି ବୋଲି ଅନୁମାନ କରାଯାଏ । ଏକାବଳୀରେ ସେ ନରସିଂହଦେବଙ୍କର ଯବନ ସେନା ସହିତ ହୋଇଥିବା ଯୁଦ୍ଧର ଉଲ୍ଲେଖ କରିଛନ୍ତି । ଶ୍ରୀଧର, ନୀଳାମ୍ବର ଓ ଶଙ୍ଖଧରଙ୍କୁ ଦ୍ୱାଦଶ ଶତାବ୍ଦୀର କାବ୍ୟକାର ବୋଲି ମନେ କରାଯାଏ, ଯଦିଓ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ସେମାନେ ପରବର୍ତ୍ତୀକାଳୀନ କାବ୍ୟକାର । ଶ୍ରୀଧର ଘୁମୁସର ଭଞ୍ଜ ରାଜସଭାର ପଣ୍ଡିତ ଥିଲେ । ଗଙ୍ଗ ରାଜା ଦ୍ୱିତୀୟ ନରସିଂହ ଦେବଙ୍କ ସମକାଳୀନ ଶମ୍ଭୁକାର ବାଜପେୟୀ ଥିଲେ ମଧ୍ୟକାଳର ଆଉ ଜଣେ ମହତ୍ତ୍ୱପୂର୍ଣ୍ଣ କାବ୍ୟକାର । ସେ ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁରର ନିବାସୀ ଥିଲେ । ପ୍ରସିଦ୍ଧ 'ସାହିତ୍ୟ ଦର୍ପଣ'ର ରଚୟିତା କବି ବିଶ୍ୱନାଥ ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କ ସମକାଳୀନ ଥିଲେ ବୋଲି ଅନୁମାନ କରାଯାଏ । ଅର୍ଥାତ୍ ସେ ପଞ୍ଚଦଶ ଶତାବ୍ଦୀର ସ୍ରଷ୍ଟା । ସଂସ୍କୃତ ବ୍ୟତୀତ ପ୍ରାକୃତ ଭାଷାରେ ସେ 'କୁବଳୟା ଚରିତ କାବ୍ୟ' ରଚନା କରିଥିଲେ ।

ସୂର୍ଯ୍ୟବଂଶର ତିନିଜଣ ଯାକ ଶାସକ କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କୁ କାବ୍ୟ-ରଚୟିତା ଭାବରେ ଦର୍ଶାଯାଇଛି । 'ପର୍ଶୁରାମ ବିଜୟ' (କପିଳେନ୍ଦ୍ରଦେବ), ଅଭିନବ ଗୀତଗୋବିନ୍ଦ , 'ଅଭିନବ ବେଣୀ ସଂହାର' ଓ ମୁକ୍ତି ଚିନ୍ତାମଣି (ପୁରୁଷୋତ୍ତମଦେବ) ଏବଂ 'ସରସ୍ୱତୀ ବିଳାସମ୍' (ପ୍ରତାପରୁଦ୍ରଦେବ)ଆଦି କାବ୍ୟର ରଚନା ଗଜପତିମାନେ କରିଥିଲେ ବୋଲି ଉଲ୍ଲେଖ କରାଯାଇଛି । ଏହି କାବ୍ୟଗୁଡ଼ିକୁ ନିଜେ ଗଜପତି ରଚନା କରିଥିଲେ କି ନାହିଁ, ସେ ନେଇ ଏ ଯାଏ ସନ୍ଦେହ ଦୂରୀଭୂତ ହୋଇନାହିଁ । ମାତ୍ର ଏଥିରୁ ପ୍ରମାଣିତ ହୁଏ ଯେ, ଗଜପତିମାନେ ମଧ୍ୟ କାବ୍ୟକାରର ପରିଚୟ ଖୋଜିଛନ୍ତି, ଯାହା ମଧ୍ୟକାଳୀନ ସମାଜର ସାଂସ୍କୃତିକ ବିକାଶକୁ ଇଙ୍ଗିତ କରେ ।

ମଧ୍ୟକାଳୀନ ଓଡ଼ିଶାରେ ସଂସ୍କୃତ ସହିତ ଓଡ଼ିଆ ଭାଷା ଓ ସାହିତ୍ୟର ମଧ୍ୟ ବିକାଶ ଦେଖିବାକୁ ମିଳିଥାଏ । ଏକ ଲିଖିତ ଭାଷା ଭାବରେ ଓଡ଼ିଆର ଆରମ୍ଭ କେବେ ହୋଇଥିଲା, ତାହା ନିର୍ଦ୍ଦିଷ୍ଟ

ଭାବେ  କହିବା କଷ୍ଟକର । ସମ୍ଭବତଃ ସଂସ୍କୃତର ଅପଭ୍ରଂଶ ପ୍ରାଚ୍ୟ-ପ୍ରାକୃତ ଓ ସଂସ୍କୃତର ପ୍ରଚଳନ ପ୍ରାଚୀନ କାଳରୁ ଓଡ଼ିଶାରେ ରହିଆସିଥିଲା । ଭଦ୍ରକରୁ ପ୍ରାପ୍ତ ତୃତୀୟ ଶତାବ୍ଦୀର ଏକ ଶିଳାଲିପିରୁ ଜଣାଯାଏ ଯେ, ସେତେବେଳେ ରାଜଭାଷା ରୂପେ ପ୍ରାକୃତର ପ୍ରଚଳନ ଥିଲା । ମାତ୍ର ତହିଁରେ କେତକ ସ୍ଥାନୀୟ ଶବ୍ଦ ମଧ୍ୟ ରହିଥିଲା । ଏହି କାରଣରୁ ତତ୍‌କାଳୀନ ରାଜଭାଷାକୁ ପ୍ରାଚ୍ୟ-ପ୍ରାକୃତ ବୋଲି କୁହାଯାଏ । ସପ୍ତମ ଶତାବ୍ଦୀରୁ ଶୈଳୋଦ୍ଭବ, ଭୌମ ଏବଂ ସୋମବଂଶୀ ରାଜତ୍ୱ ସମୟରେ ପ୍ରାଚ୍ୟ-ପ୍ରାକୃତ ସ୍ଥାନରେ ରାଜଭାଷା ରୂପେ ସଂସ୍କୃତର ପ୍ରଚଳନ ଚାଲିଲା । ଏହା ସହିତ ଅନ୍ତତଃ ବୌଦ୍ଧିକ ଓ ପ୍ରାଶାସନିକ ସ୍ତରରେ ଏକ ଭାଷାଭିତ୍ତିକ କେନ୍ଦ୍ରୀକରଣ ଦେଖିବାକୁ ମିଳିଲା । ରାଜଭାଷା ସଂସ୍କୃତ ହେବାରୁ ବ୍ରାହ୍ମଣ୍ୟ ଧର୍ମର ମଧ୍ୟ ସମାଜରେ କର୍ତ୍ତୃତ୍ୱ ବୃଦ୍ଧି ପାଇଲା ।

ସପ୍ତମ ଶତାବ୍ଦୀରେ ଓଡ଼ିଶା ଭ୍ରମଣରେ ଆସିଥିବା ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ବିବରଣୀରେ କହିଛନ୍ତି ଯେ ଓଡ୍ର ଓ କଙ୍ଗୋଦ (ଗଞ୍ଜାମ-ପୁରୀ କ୍ଷେତ୍ର) ଲୋକେ ଉତ୍ତର-ଭାରତୀୟଙ୍କ ଠାରୁ ଭିନ୍ନ ଏକ ଭାଷା କହନ୍ତି । ଯଦିଓ ହୁଏନ୍‌ସାଂ ଉତ୍ତର-ଭାରତ ଓ ଓଡ଼ିଶା ମଧ୍ୟରେ ରହିଥିବା ଉଭୟ ଭାଷାକୁ ବିଶେଷ ଅଧ୍ୟୟନ କରିନାହାନ୍ତି, ତାଙ୍କଠାରୁ ମିଳିଥିବା ତଥ୍ୟ ଭିତ୍ତିରେ କୁହାଯିବ ଯେ ସପ୍ତମ ଶତାବ୍ଦୀରେ ଓଡ଼ିଶାରେ କଥିତ ଭାଷା ତା'ର ସ୍ୱାତନ୍ତ୍ର୍ୟ ରଖିଥିଲା । ହୁଏତ ସେତେବେଳକୁ ଲିଖିତ ଓଡ଼ିଆ ଏକ ପ୍ରାରମ୍ଭିକ ସ୍ତରରେ ରହିଥିଲା । ଦଶମ ଶତାବ୍ଦୀରେ ସୋମବଂଶୀ ରାଜା ପ୍ରଥମ ଯଯାତି କୋଶଳ, ଉତ୍କଳ ଓ କଙ୍ଗୋଦକୁ ଏକଶାସନାଧୀନ କଲେ । ରାଜନୀତିକ ପରିବର୍ତ୍ତନ ଓଡ଼ିଶାରେ ଏକ ସାଧାରଣ ଭାଷାର କ୍ରମବିକାଶକୁ ସହଯୋଗ କଲା । ମାତ୍ର ଓଡ଼ିଆ ଭାଷାର କ୍ରମବିକାଶର ଧାରାକୁ ଦର୍ଶାଇବା ଲାଗି ଆମ ପାଖରେ ତତ୍‌କାଳୀନ ଓଡ଼ିଆ ଲିପି ନାହିଁ । ଦ୍ୱିତୀୟତଃ, ଯଦିଓ ଓଡ଼ିଆକୁ ପ୍ରାକୃତିକ ଓଡ଼ିଶାର ଅଧିବାସୀଙ୍କ ସାଧାରଣ ଭାଷା ବୋଲି କୁହାଯାଉଛି, ତହିଁରେ ମଧ୍ୟ ଆଞ୍ଚଳିକ ସ୍ୱତନ୍ତ୍ରତାମାନ ଯଥେଷ୍ଟ ମାତ୍ରାରେ ରହିଛି । ଉଦାହରଣ ସ୍ୱରୂପ, ପଶ୍ଚିମ ଓଡ଼ିଶା ବା ତତ୍କାଳୀନ କୋଶଳ ଅଞ୍ଚଳରେ କଥିତ ଭାଷା ସହିତ ଉପକୂଳରେ କଥିତ ଓଡ଼ିଆ ଭାଷାର ଯେପରି ସାମଞ୍ଜସ୍ୟ ଅଛି, ଉତ୍ତର-ଭାରତର ଭୋଜପୁରୀ ଓ ପ୍ରାକୃତ ଆଦି ସହ ସେହିପରି ସାମଞ୍ଜସ୍ୟ ଅଛି । ସେହିଭଳି ଓଡ଼ିଆର ଉଭୟ ସ୍ୱରୂପ ମଧ୍ୟରେ ପାର୍ଥକ୍ୟ ମଧ୍ୟ ରହିଛି । ଏହି ଆଧାରରେ ଆଧୁନିକ ସମୟରେ ପଶ୍ଚିମ-ଓଡ଼ିଶାରେ ପ୍ରଚଳିତ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ବୋଲି କୁହାଯାଏ ।

ଗଙ୍ଗରାଜତ୍ୱ ସମୟର କେତେକ ଶିଳାଲିପି ଓ ତାମ୍ରଶାସନରେ ତାମିଲ ଓ ତେଲୁଗୁ ଲିପିରେ ଓଡ଼ିଆ ଶବ୍ଦର ବ୍ୟବହାର ଦେଖିବାକୁ ମିଳିଥାଏ । ଏଥିରୁ ମନେହୁଏ, ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ରାଜନଥିପତ୍ରରେ ସଂସ୍କୃତ ସହିତ ଆଞ୍ଚଳିକ ଭାଷାଗୁଡିକର ମଧ୍ୟ  ବ୍ୟବହାର ଆରମ୍ଭ ହେଲା । ଦ୍ୱିତୀୟତଃ, ଏହି ସମୟ ପର୍ଯ୍ୟନ୍ତ ହୁଏତ ଓଡ଼ିଆ ଲିପିର ପ୍ରଚଳନ ନଥିଲା, ଅଥବା ତାକୁ ପ୍ରାଶାସନିକ ଓ ବୌଦ୍ଧିକ ସ୍ୱୀକୃତି ମିଳିନଥିଲା । କେବଳ କଥିତ ଭାଷା ଭାବରେ ତାହା ରହିଥିଲା ଏବଂ ତା'ର ସାହିତ୍ୟ ମଧ୍ୟ କଥିତ ରୂପରେ ରହିଯାଇଥିଲା ।

ପଞ୍ଚଦଶ ଶତାବ୍ଦୀର ଆରମ୍ଭରେ ଓଡ଼ିଆ ଭାଷା, ସାହିତ୍ୟ ଓ ଲିପିର ବିକାଶ ହେଲା । ସାରଳା ଦାସଙ୍କ ମହାଭାରତକୁ ଏହି ବିକାଶର ଆରମ୍ଭ ଭାବରେ ନିଆଯାଏ । 'ସାରଳା ମହାଭାରତ'ର

'ଆଦି ପର୍ବ'ରେ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରାଯାଇଛି ଏବଂ କପିଳେଶ୍ୱରଙ୍କୁ ତାଙ୍କର ପ୍ରଥମ ଦାସ ବୋଲି ଉଲ୍ଲେଖ କରାଯାଇଛି । ଗବେଷକମାନଙ୍କ ମତରେ କପିଳେଶ୍ୱର ତତ୍କାଳୀନ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ । ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରୁ ବିଭିନ୍ନ ରାଜନୈତିକ ଓ ସାମାଜିକ କାରଣରୁ ଜଗନ୍ନାଥଙ୍କୁ ଓଡ଼ିଶାର ସର୍ବମାନ୍ୟ ରାଜା ଭାବରେ ସମ୍ମାନ ଦେବାର ଯେଉଁ ପରମ୍ପରା ଆରମ୍ଭ ହୋଇଥିଲା, କବି ସାରଳା ଦାସ ତାହାକୁ ଏକ ସାହିତ୍ୟିକ ପ୍ରତିଷ୍ଠା ଦେଲେ ବୋଲି ବୁଝିବାକୁ ହେବ । ଜଗନ୍ନାଥଙ୍କ ପ୍ରତିନିଧି ଭାବରେ ଏହା ଗଜପତି ରାଜାଙ୍କୁ ସାମାଜିକ ଓ ଲୌକିକ ପ୍ରତିଷ୍ଠା ଦେଲା । ଏହି ଆଧାରରେ କୁହାଯାଏ ଯେ, ସାରଳା ଦାସ ଓ ତାଙ୍କ ମହାଭାରତ କପିଳେନ୍ଦ୍ରଦେବଙ୍କ ସମକାଳୀନ । ଓଡ଼ିଆ ମହାକାବ୍ୟ 'ମହାଭାରତ' ରଚନା କରି ସାରଳା ଦାସ ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲେ ।

ସାରଳା ଦାସ ମହାଭାରତ ବ୍ୟତୀତ 'ବିଲଙ୍କା ରାମାୟଣ' ଓ 'ଚଣ୍ଡୀପୁରାଣ' ମଧ୍ୟ ରଚନା କରିଥିଲେ । ଓଡ଼ିଆ ମହାଭାରତର ମୂଳ ସଂସ୍କୃତ ମହାଭାରତ ହେଲେ ହେଁ ଏଥିରେ ବହୁ ସ୍ୱାତନ୍ତ୍ର୍ୟ ରହିଛି । ଚଣ୍ଡୀପୁରାଣରେ ପୁରାଣବର୍ଣ୍ଣିତ ଦୁର୍ଗା ଓ ମହିଷାସୁର ଯୁଦ୍ଧ ଉପାଖ୍ୟାନ ଅଛି ଏବଂ ବିଲଙ୍କା ରାମାୟଣରେ ରାମଚନ୍ଦ୍ର ଓ ରାବଣଙ୍କ ମଧ୍ୟରେ ଲାଗିଥିବା ଯୁଦ୍ଧର ଅବତାରଣା ରହିଛି । ମହାଭାରତ ପରି ସାରଳା ଦାସଙ୍କ ଅନ୍ୟ ରଚନାଗୁଡ଼ିକ ମଧ୍ୟ ମହାକାବ୍ୟ ଆଧାରିତ ହେଲେ ହେଁ ତହିଁରେ ଅନେକ ଆଞ୍ଚଳିକ ପ୍ରବାଦ, ଗଳ୍ପ, ଢ଼ଗ ଓ ତତ୍ତ୍ୱ ରହିଛି । ତାହା ଫଳରେ କେବଳ ଲିପି ଦୃଷ୍ଟିରୁ ନୁହେଁ, ଭାଷା ଓ ସାହିତ୍ୟ ଦୃଷ୍ଟିରୁ ମଧ୍ୟ ତାଙ୍କ ରଚନାର ସ୍ୱତନ୍ତ୍ରତା ରହିଛି ।

ସାରଳା ଦାସଙ୍କର ଜନ୍ମତିଥି ନିର୍ଦ୍ଦିଷ୍ଟ ଭାବେ ସ୍ଥିରୀକୃତ ହୋଇପାରିନାହିଁ । ପଞ୍ଚଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ନିର୍ଦ୍ଦିଷ୍ଟ କେଉଁ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ, ତାହା ଆଜି ଯାଏ ସ୍ପଷ୍ଟ ନୁହେଁ । କେତେକ ଗବେଷକଙ୍କ ମତରେ ସାରଳା ଦାସ ଚତୁର୍ଦ୍ଦଶ ଶତାବ୍ଦୀର ସ୍ରଷ୍ଟା । ତାଙ୍କ ଜନ୍ମସ୍ଥାନ ଜଗତସିଂହପୁର ନିକଟସ୍ଥ କନକପୁର ଗ୍ରାମ ବୋଲି କୁହାଯାଏ । ଗ୍ରାମୀଣ ସମାଜରେ ଜନ୍ମିତ ଓ ପରିପାଳିତ ହୋଇଥିବାରୁ ତାଙ୍କ ରଚନାରେ ଗ୍ରାମୀଣ ସମାଜର ଅତି ନିଖୁଣ ଚିତ୍ର ରହିଛି । ସମ୍ଭବତଃ ସେ ଏକ ସାଧାରଣ ପରିବାରରେ ଜନ୍ମିଥିଲେ ଏବଂ ତତ୍କାଳୀନ ଶିକ୍ଷା ଓ ଅଧ୍ୟୟନର ପରିଧି ବାହାରେ ସ୍ୱାଧ୍ୟାୟ ବଳରେ ସଂସ୍କୃତ କାବ୍ୟ, ପୁରାଣ କଥା ଜାଣିଥିଲେ ଏବଂ ତାକୁ ଲୋକସ୍ତରରେ ପ୍ରସାରିତ କରିଥିଲେ । ନିଜର ମହାନ କବି ପ୍ରତିଭାକୁ ସେ ନିଜସ୍ୱ ବୋଲି କେଉଁଠି କହିନାହାନ୍ତି; ବରଂ ଦେବୀ ସାରଳାଙ୍କ ଆଶିଷରୁ ପ୍ରାପ୍ତ ବୋଲି ନମ୍ର ଭାବରେ ଉଲ୍ଲେଖ କରିଛନ୍ତି । ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ ଯେତେବେଳେ ବ୍ରାହ୍ମଣ ଓ ଅନ୍ୟ ଉଚ୍ଚ ଜାତିର ପଣ୍ଡିତମାନଙ୍କର ଧର୍ମ, ପୁରାଣ, ଶିକ୍ଷା, ରଚନା ଆଦି କ୍ଷେତ୍ରରେ କର୍ତ୍ତୃତ୍ୱ ଥିଲା, ସେତେବେଳେ ନିଜ ରଚନା ଓ ବିଚାରକୁ ଲୋକସ୍ୱୀକୃତ ତଥା ଲୋକମାନ୍ୟ କରିବାଲାଗି ସମ୍ଭବତଃ ସେ ଦେବୀ ସାରଳାଙ୍କ ପରି ଏକ ଅଲୌକିକ ଶକ୍ତିର ଉଦ୍ଧରଣ କରିଥିଲେ । ଅନ୍ୟଥା ତାଙ୍କ କୃତିକୁ ସାମାଜିକ ସ୍ୱୀକୃତି ମିଳିବା ହୁଏତ କଷ୍ଟକର ହୋଇଥାନ୍ତା । ସାରଳା ଦାସଙ୍କୁ ଶୂଦ୍ରମୁନି ବୋଲି କୁହାଯାଏ । ସମ୍ଭବତଃ ସେ ଶୂଦ୍ର କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ତା'ଠାରୁ ବଡ଼ କଥା ହେଲା ସଂସ୍କୃତ

ଭାଷା ଓ ସାହିତ୍ୟ ତଥା ବ୍ରାହ୍ମଣ୍ୟ କର୍ତ୍ତୃତ୍ୱ ବାହାରେ ସେ ଏକ ଆଞ୍ଚଳିକ ସାହିତ୍ୟିକ ଓ ବୌଦ୍ଧିକ ପରମ୍ପରା ସୃଷ୍ଟି କରିଥିଲେ । ଏହା ଓଡ଼ିଶାର ସାଂସ୍କୃତିକ ପରିବେଶରେ ଏକ ନୀରବ ବିପ୍ଳବ ସୃଷ୍ଟି କଲା । ତାହା ଫଳରେ କ୍ରମଶଃ ଆଞ୍ଚଳିକ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଭାବ ପ୍ରବଳରୁ ପ୍ରବଳତର ହେଲା ।

ଓଡ଼ିଶାରେ ଲିଖିତ ବତ୍ସା ଦାସଙ୍କ 'କଳସା ଚଉତିଶା' ଓ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି'କୁ ମହାଭାରତର ପୂର୍ବକାଳୀନ ରଚନା ବୋଲି କେତେକ ଗବେଷକ କହନ୍ତି । ଏହି ଦାବି ଯଦି ସତ୍ୟ, ତେବେ ସାରଳା ଦାସଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟର ବିକାଶ ହୋଇଥିଲା ବୋଲି କୁହାଯାଇ ପାରିବ । ଆକାର ଦୃଷ୍ଟିରୁ ଉଭୟ ରଚନା ମହାଭାରତ ତୁଳନାରେ ଅତ୍ୟନ୍ତ କ୍ଷୁଦ୍ର । ଅଠର ଖଣ୍ଡରେ ଲିଖିତ ମହାକାବ୍ୟ ମହାଭାରତ ତୁଳନାରେ ସେଗୁଡ଼ିକର ପ୍ରସାର ଓ ପ୍ରଭାବ ମଧ୍ୟ କମ୍ । ସାରଳା ଦାସଙ୍କ ସମୟରେ ଯଦି ଉକ୍ତ କାବ୍ୟ ଦୁଇଟିର ବହୁଳ ପ୍ରସାର ଥାଆନ୍ତା, ତାହାର ପ୍ରଭାବ ସାରଳା ଦାସଙ୍କ ସର୍ଜନାରେ ମଧ୍ୟ ଦେଖିବାକୁ ମିଳିଥାନ୍ତା । ଏହି ଆଧାରରେ କୁହାଯାଇପାରେ ଯେ, ବତ୍ସା ଦାସ ଓ ମାର୍କଣ୍ଡ ଦାସଙ୍କ କୃତି, ହୁଏତ ପ୍ରାକ୍-ମହାଭାରତକାଳୀନ ନୁହେଁ । ହୁଏତ 'ମହାଭାରତ' ସାଙ୍ଗରେ ଏକ ସମାନ୍ତରାଳ ଆଞ୍ଚଳିକ ସାହିତ୍ୟିକ ପରମ୍ପରା ଭାବରେ ମଧ୍ୟ ଉକ୍ତ କୃତିର ପ୍ରସାର ହୋଇଥାଇପାରେ ।

କେତେକ ଗବେଷକ ଦ୍ୱାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ପୂର୍ବରୁ ଓଡ଼ିଆ ସାହିତ୍ୟର ଉତ୍ପତ୍ତି ହୋଇଥିଲା ବୋଲି ଯୁକ୍ତି ବାଢ଼ନ୍ତି । ସେମାନଙ୍କ ମତରେ, କେବଳ ଓଡ଼ିଶା କାହିଁକି; ବଙ୍ଗ, ମିଥିଳା, ଆସାମ, ମଗଧ ଓ ଭୋଜପୁର ଅଞ୍ଚଳରେ ବୌଦ୍ଧଗାନ, ଦୋହା ଓ ଚର୍ଯ୍ୟାପଦ ରୂପରେ ଆଞ୍ଚଳିକ ସାହିତ୍ୟ ଏକ ସ୍ୱରୂପ ନେବା ଆରମ୍ଭ କରିଥିଲା । ମୁସଲମାନ ଆକ୍ରମଣଯୋଗୁଁ ଅନେକ ବୌଦ୍ଧବିହାର ଧ୍ୱଂସ ପାଇଲା ଏବଂ ବୌଦ୍ଧସନ୍ନ୍ୟାସୀ ନିହତ ହେଲେ । ପରିଣାମ ସ୍ୱରୂପ, ପ୍ରାରମ୍ଭିକକାଳୀନ ସେହି ଆଞ୍ଚଳିକ ସାହିତ୍ୟିକ ପରମ୍ପରା ମଧ୍ୟ ଲୋପ ପାଇଲା । ତତ୍କାଳୀନ କେତେକ ପୋଥି ନେପାଳ ଓ ତିବ୍ବତରେ ଉପଲବ୍ଧ ବୋଲି ଗବେଷକମାନେ କହନ୍ତି ।

ସମ୍ଭବତଃ, ଏହି ଯୁକ୍ତି ଆଞ୍ଚଳିକ ଭାଷାର ପ୍ରାଚୀନତା ଦର୍ଶାଇବାଲାଗି ଉଦ୍ଦିଷ୍ଟ ଏବଂ ବିଶେଷ ଆଧାରଯୁକ୍ତ ନୁହେଁ । କାରଣ କୌଣସି ବାହ୍ୟ ଆକ୍ରମଣ ଏକ ଲୋକ ସାହିତ୍ୟର ଧାରାକୁ କଦାଚିତ୍ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ନପାରେ । ଆକ୍ରମଣଯୋଗୁଁ ଏକା ସାଙ୍ଗରେ ସମସ୍ତ ପୋଥି ନଷ୍ଟ ହେବା ମଧ୍ୟ ସମ୍ଭବ ନୁହେଁ । ଦ୍ୱିତୀୟତଃ, ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସଙ୍କ ମହାଭାରତର ସୃଷ୍ଟି ପୂର୍ବରୁ ସେହି ଆଞ୍ଚଳିକ ସାହିତ୍ୟିକ ପରମ୍ପରାର ଅନ୍ୟାନ୍ୟ ରୂପରେ ଆଭାସମାନ ମିଳିବା କଥା, ଯାହା ଆଜି ପର୍ଯ୍ୟନ୍ତ ମିଳିନାହିଁ । କେବଳ ବାହ୍ୟିକ ଆକ୍ରମଣର ପରିଣାମ ସ୍ୱରୂପ ଲୋକକଥାରେ ସଂପନ୍ନ ଏକ ସୃଷ୍ଟିଶୀଳ ସାହିତ୍ୟିକ ପରମ୍ପରା, ଦୀର୍ଘ ନୀରବତା ଅବଲମ୍ବନ କରି ନପାରେ । ଏହି କାରଣରୁ, ସାରଳା ଦାସଙ୍କ 'ମହାଭାରତ' ଓ ପଞ୍ଚଦଶ ଶତାବ୍ଦୀକୁ ଆଞ୍ଚଳିକ ଓଡ଼ିଆ ସାହିତ୍ୟର ଆଦି ପର୍ବ ଭାବରେ ଗ୍ରହଣ କରାଯାଇପାରେ ।

ସାରଳା ଦାସ ଯେଉଁ ଆଞ୍ଚଳିକ ଓଡ଼ିଆ ସାହିତ୍ୟର ପରମ୍ପରା ଆରମ୍ଭ କଲେ, ତାହା ପରବର୍ତ୍ତୀ କାଳରେ ଅଧିକରୁ ଅଧିକ ବିକାଶ ଲାଭ କଲା । ସାରଳା ଦାସଙ୍କ ପରମ୍ପରାରୁ ଅନ୍ୟ କବିମାନେ

ପ୍ରେରଣା ନେଲେ । ସାରଳା ଦାସ ତାଙ୍କ ସାହିତ୍ୟ ରଚନା ସାମାଜିକ ହିତ ନିମନ୍ତେ ଉଦ୍ଦିଷ୍ଟ ବୋଲି କହିଛନ୍ତି । ନିଜକୁ ଜଗନ୍ନାଥଙ୍କର 'ଦାସ' ଓ ଅଧମ, ଅଜ୍ଞାନ ବୋଲି ମଧ୍ୟ ବାରମ୍ବାର କହିଛନ୍ତି । ଯେଉଁ ସୂତ୍ରରେ ଗଜପତିରାଜାଙ୍କ ବଦଳରେ ଜଗନ୍ନାଥ ଓଡ଼ିଶାର ରାଜନୈତିକ ସତ୍ତାର ସର୍ବୋଚ୍ଚ ଅଧିକାରୀ, ସେହି ସୂତ୍ରରେ ସାରଳା ଦାସଙ୍କ କୃତି, ଜଗନ୍ନାଥଙ୍କ ପରି ଏକ ଅଲୌକିକ ଶକ୍ତିର କୃତି । ଏହି ଧାରା, ସାରଳା ଦାସଙ୍କୁ ପ୍ରେରଣାର ସ୍ରୋତ ଭାବରେ ଗ୍ରହଣ କରି ଗଢ଼ି ଉଠିଥିବା 'ପଞ୍ଚସଖା' ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳେ । ସାରଳା ଦାସଙ୍କ ପରେ ମଧ୍ୟ ମଧ୍ୟ-ଯୁଗୀୟ କବିମାନେ ନିଜକୁ ଜଗନ୍ନାଥଙ୍କ 'ଦାସ' ଘୋଷଣା କରି ନାମ ଶେଷରେ ତାହାକୁ (ଦାସ) ସାଙ୍ଗିଆ ଭାବରେ ଗ୍ରହଣ କଲେ । ସେମାନେ ସାହିତ୍ୟ ରଚନାକୁ ସାମାଜିକ ହିତ ସକାଶେ ବୋଲି ମନେକଲେ ଏବଂ ସାହିତ୍ୟ କୃତିପାଇଁ ଗର୍ବ, ଅହଂକାର ପରିବର୍ତ୍ତେ ନିଜକୁ ଅଜ୍ଞାନ, ଅବୋଧ ବୋଲି ଦର୍ଶାଇଲେ, ଯାହା ସେମାନଙ୍କର ନମ୍ରତାକୁ ଇଙ୍ଗିତ କଲା ।

ସାରଳା ଦାସଙ୍କ ପରେ 'ପଞ୍ଚସଖା' ନାମରେ ଖ୍ୟାତ ଯେଉଁ ପାଞ୍ଚଜଣ କବି ଓଡ଼ିଶାର ସାଂସ୍କୃତିକ ବିକାଶକୁ ବିଶେଷ ଭାବରେ ପ୍ରଭାବିତ କରିଥିଲେ, ସେମାନେ ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଏବଂ ଅନନ୍ତ ଦାସ । ଷୋଡଶ ଓ ଆଦ୍ୟ ସପ୍ତଦଶ ଶତାବ୍ଦୀର ସାମାଜିକ ଓ ଧର୍ମୀୟ ଆନ୍ଦୋଳନରେ ସେମାନେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ସେମାନେ ସମସ୍ତେ ସେ କାଳର ବୌଦ୍ଧିକ ଭାଷା ସଂସ୍କୃତ ବଦଳରେ ଓଡ଼ିଆରେ କାବ୍ୟ କବିତା ରଚନା କରିଥିଲେ । ଯଦିଓ 'ପଞ୍ଚସଖା' ପୌରାଣିକ ପ୍ରସଙ୍ଗ ବାହାରେ ସାମାଜିକ ବିଷୟବସ୍ତୁକୁ ସାହିତ୍ୟ ରଚନାବେଳେ ନେଇ ପାରିନଥିଲେ; ତଥାପି ଜାତିପ୍ରଥା, ବ୍ରାହ୍ମଣ୍ୟବାଦ, ଅସ୍ପୃଶ୍ୟତା, ଲିଙ୍ଗଭେଦ ଆଦି ସାମାଜିକ ସମସ୍ୟା ବିରୁଦ୍ଧରେ ନିଜର ସ୍ପଷ୍ଟ ମତ ରଖିଥିଲେ । ଏକ ସଦ୍‌ଭାବପୂର୍ଣ୍ଣ ସମାଜ ଗଠନ କରିବାର ପ୍ରୟାସରେ ସେମାନେ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସମାନ ବୋଲି କହିଥିଲେ । ପୁଣି, ଈଶ୍ୱରଙ୍କୁ ହୃଦୟଙ୍ଗମ କରିବାଲାଗି ଶୁଦ୍ଧ ଭକ୍ତିକୁ ମହତ୍ତ୍ୱ ଦେଇ ସେମାନେ ଭକ୍ତ ଓ ଈଶ୍ୱରଙ୍କ ମଧ୍ୟରେ ଏକ ସିଧା ସମ୍ବନ୍ଧ ସ୍ଥାପନ କଲେ । ଏହା ଈଶ୍ୱର ଓ ଧର୍ମଗ୍ରନ୍ଥଗୁଡ଼ିକୁ ବାଖ୍ୟା କରି ନିଜବର୍ଗର ହିତ ସାଧନ କରୁଥିବା ସାମାଜିକ ଗୋଷ୍ଠୀର (ଯଥାଃ ପୂଜକ, ପଣ୍ଡିତ ଆଦି) ପ୍ରତିଷ୍ଠାକୁ ଊଣା କଲା । ଜ୍ଞାନ ଓ କର୍ମ ପରି ଭକ୍ତିକୁ ଉପାସନାର ଏକ ପ୍ରମୁଖ ମାଧ୍ୟମ ରୂପେ ପ୍ରତିଷ୍ଠା ଦେଉଥିବାରୁ 'ପଞ୍ଚସଖା'ଙ୍କୁ ଭକ୍ତି ଆନ୍ଦୋଳନର ପ୍ରବକ୍ତା ଭାବରେ ଓଡିଶାରେ ଗ୍ରହଣ କରାଯାଏ । ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସେମାନଙ୍କ ରଚନାରେ ପ୍ରତିବାଦର ସ୍ୱର ରହିଥିବାରୁ, ସେମାନଙ୍କ ସମୟକୁ ଏକ ସାମାଜିକ ଆନ୍ଦୋଳନ ରୂପରେ ମଧ୍ୟ ଦେଖାଯାଏ । ସାମାଜିକ ରକ୍ଷଣଶୀଳ ରଢ଼ିବାଦର କର୍ତ୍ତୃତ୍ୱ ବୃଦ୍ଧି ପାଇ ନଥିଲେ 'ପଞ୍ଚସଖା'ଙ୍କର କାବ୍ୟ କବିତା ଓ ବିଚାର ଯେ ବ୍ୟାପକ ପ୍ରସାର ଲାଭ କରିନଥାନ୍ତା- ଏହା ସହଜରେ ଅନୁମାନ କରିହୁଏ ।

ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ଥିଲେ ବଳରାମ ଦାସ । ତାଙ୍କର ଜନ୍ମ ୧୪୮୪ରେ ପୁରୀରେ । ପିତା ସୋମନାଥ ମହାପାତ୍ର ଓ ମାତା ମନମାୟା । ବଳରାମଙ୍କ ପିତା ଶୂଦ୍ର ଜାତିର ହେବା ସତ୍ତ୍ୱେ ଗଜପତିଙ୍କ ମନ୍ତ୍ରିପରିଷଦର ସଦସ୍ୟ ଥିଲେ । ବଳରାମ ମଧ୍ୟ ଇଚ୍ଛା କରିଥିଲେ

ଉଚ୍ଚ ରାଜପଦବୀ ପାଇ ପାରିଥାନ୍ତେ । ମାତ୍ର ବୈଷ୍ଣବ ଆନ୍ଦୋଳନର ପ୍ରଭାବରେ ସେ ସନ୍ନ୍ୟାସୀ ହେଲେ ଏବଂ ସରଳ ଓଡ଼ିଆରେ ' ଦାଣ୍ଡି ରାମାୟଣ', 'ମୃଗୁଣୀ ସ୍ତୁତି', 'ବେଦାନ୍ତସାର ଗୁପ୍ତଗୀତା' ଓ 'ଭାବସମୁଦ୍ର' ଆଦି କାବ୍ୟ-କବିତା ରଚନା କଲେ । ସେ ବୈଷ୍ଣବ ହେବା ଓ ଓଡ଼ିଆରେ ଲେଖିବା ଘଟଣାରୁ ତାଙ୍କ ଭିତରେ ସାମାଜିକ ପ୍ରତିବାଦର ସ୍ୱରକୁ ଦେଖିହୁଏ । ତାଙ୍କ 'ରାମାୟଣ'କୁ ସେ 'ଜଗମୋହନ ରାମାୟଣ' ଆଖ୍ୟା ଦେଇଥିଲେ, ଯାହାର ଅର୍ଥ ହେଲା ବିଶ୍ୱହିତରେ ଜଗମୋହନ (ଜଗନ୍ନାଥ) ହେଲେ ଏହି ମହାକାବ୍ୟର ରଚୟିତା । ଲୋକମୁଖରେ ଏହାକୁ 'ଦାଣ୍ଡି ରାମାୟଣ' ବୋଲି କୁହାଯାଏ । 'ଲକ୍ଷ୍ମୀପୁରାଣ' ତାଙ୍କର ଅନ୍ୟ ଏକ ରଚନା । ସେ ସଂସ୍କୃତ ଭାଷାରେ ମଧ୍ୟ ଜ୍ଞାନ ଅର୍ଜନ କରିଥିଲେ । ସଂସ୍କୃତ ସାହିତ୍ୟରେ ଜ୍ଞାନ ଥିବା ସତ୍ତ୍ୱେ ସେ ଓଡ଼ିଆରେ ଲେଖି ତଥା ରାଜଦରବାରରେ ଉଚ୍ଚପଦବୀ ପାଇବାର ଲୋଭରୁ ନିବୃତ୍ତ ହୋଇ ବୈଷ୍ଣବ ସନ୍ନ୍ୟାସୀ ଭାବରେ ଭକ୍ତି ଆନ୍ଦୋଳନକୁ ଏକ ଦୃଢ଼ ଭିତ୍ତି ଦେଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହୋଇନାହିଁ ।

ଜଗନ୍ନାଥ ଦାସ ଥିଲେ ପଞ୍ଚସଖାଙ୍କ ମଧ୍ୟରେ ଏକ ମାତ୍ର ବ୍ରାହ୍ମଣ । ସେ ସରଳ ସହଜ ଓଡ଼ିଆରେ, ନବାକ୍ଷରୀ ଛନ୍ଦରେ 'ଭାଗବତ' ରଚନା କରିଥିଲେ । ସଂସ୍କୃତ ପରିବର୍ତ୍ତେ ଓଡ଼ିଆରେ ଏହା ଲିଖିତ ହୋଇଥିବାରୁ ମନ୍ଦିର ଭିତରକୁ ଭାଗବତର ପ୍ରବେଶ ନଥିଲା; ମନ୍ଦିର ପରମ୍ପରାରେ ଏହାର ସ୍ୱୀକୃତି ନଥିଲା । ମାତ୍ର ଓଡ଼ିଶାର ପୁରପଲ୍ଲୀରେ ଏହାର ପ୍ରସାର ଏତେ ବ୍ୟାପକ ଯେ, ମନ୍ଦିର ବାହାରେ ତା'ର ପଠନପାଇଁ ଗ୍ରାମଗୁଡିକରେ ଭାଗବତ ଘର ବା ଟୁଙ୍ଗୀ ସ୍ଥାପନା ହେଲା । ଭାଗବତର ଲୋକପ୍ରିୟତାର ଅନ୍ୟ ଏକ ଦୃଷ୍ଟାନ୍ତ ହେଲା, ଏହାର ଅନେକ ପଦ ଲୋକ ମୁଖରେ ନୀତିବାଣୀ ରୂପେ ଉଚ୍ଚାରିତ ହୁଏ । ସଂସ୍କୃତରେ ଲିଖିତ 'ଶ୍ରୀମଦ୍‌ଭାଗବତ'ର ଆଧାରରେ ଏହା ଲିଖିତ ହେଲେ ସୁଦ୍ଧା ଓଡ଼ିଆ ଭାଷା ଓ ଭାବକୁ ଅଭିବ୍ୟକ୍ତ କରିବାରେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ପୁସ୍ତକ ଏହା ସହିତ ତୁଳନୀୟ ହୋଇ ନପାରନ୍ତି । ଏଥିରେ କୃଷ୍ଣଚରିତର ବର୍ଣ୍ଣନା ରହିଛି ସତ; ମାତ୍ର ଅନେକ ସ୍ଥାନରେ ଜଗନ୍ନାଥଙ୍କୁ ହିଁ କବି କୃଷ୍ଣ ବୋଲି କହିଛନ୍ତି ।

'ଭାଗବତ' ବ୍ୟତୀତ ଜଗନ୍ନାଥ ଦାସଙ୍କର ଅନ୍ୟ କେତୋଟି ରଚନା ହେଲା, 'ବ୍ରହ୍ମଗୀତା', 'ଗଜନିସ୍ତାରଣ', 'ଦୃତିବୋଧ', 'ଗୁଣ୍ଡିଚା ବିଜେ' ଓ 'ଅର୍ଥକୋଇଲି' ।

ଜଗନ୍ନାଥ ଦାସ ପୁରୀ ନିକଟସ୍ଥ କପିଳେଶ୍ୱର ଶାସନରେ ୧୪୮୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଭଗବାନ ଦାସ ଜଣେ ପୁରାଣ ପଣ୍ଡା ଓ ମାତା ପଦ୍ମାବତୀ ଧର୍ମପରାୟଣା ମହିଳା ଥିଲେ । ନିରକ୍ଷରା ମାତା ସଂସ୍କୃତ ଭାଗବତ ବୁଝି ପାରୁ ନଥିବାରୁ ତାଙ୍କୁ ଓଡ଼ିଆରେ ଏହାକୁ ବୁଝାଇବା ପ୍ରକ୍ରିୟାରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ ବୋଲି କୁହାଯାଏ । ଜଗନ୍ନାଥ ଦାସ ପ୍ରତାପରୁଦ୍ରଦେବ ଓ ଚୈତନ୍ୟଙ୍କର ସମସାମୟିକ ଥିଲେ । ତାଙ୍କ ଓଡିଆ ଭାଗବତ ବ୍ରାହ୍ମଣମାନଙ୍କଦ୍ୱାରା ସ୍ୱୀକୃତ ନ ହେବା ସତ୍ତ୍ୱେ, ତା'ର ଲୋକପ୍ରିୟତା ଯୋଗୁଁ ପ୍ରତାପରୁଦ୍ର ଦେବଙ୍କ ଅପ୍ରତ୍ୟକ୍ଷ ପୃଷ୍ଠପୋଷକତା ଜଗନ୍ନାଥ ଦାସଙ୍କୁ ମିଳିଥିଲା । ଚୈତନ୍ୟ ତାଙ୍କୁ 'ଅତିବଡୀ ' ଉପାଧିରେ ଭୂଷିତ କରିଥିଲେ । ଅନ୍ୟ ଶବ୍ଦରେ କହିଲେ, ବ୍ରାହ୍ମଣମାନଙ୍କ ବିରୋଧ ସତ୍ତ୍ୱେ ଜଗନ୍ନାଥ ଦାସଙ୍କୁ ତାଙ୍କ ଜୀବଦ୍ଦଶାରେ ଉଭୟ ଲୋକସ୍ୱୀକୃତି ଓ ରାଜସ୍ୱୀକୃତି ପ୍ରାପ୍ତ ହୋଇଥିଲା, ଯାହା ଭକ୍ତି ଆନ୍ଦୋଳନର ପ୍ରସାର ଲାଗି ପଥ ପ୍ରଶସ୍ତ କରିଥିଲା ।

ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟ ଜଣେ ପ୍ରସିଦ୍ଧ କବି ଥିଲେ ଅଚ୍ୟୁତାନନ୍ଦ ଦାସ । ସେ ୧୪୯୭ରେ  କଟକ ଜିଲ୍ଲାର ତିଳକଣା ଗ୍ରାମରେ ଏକ ଶୂଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ନେମାଳଠାରେ ଏକ ମଠ ପ୍ରତିଷ୍ଠା କରି ନିଜର ବିଚାରକୁ ଶିଷ୍ୟମାନଙ୍କ ମାଧ୍ୟମରେ ପ୍ରସାର କରିଥିଲେ । ତାଙ୍କ ରଚନା ମଧ୍ୟରେ 'ଶୂନ୍ୟ ସଂହିତା', 'ମାଳିକା', 'କୈବର୍ତ୍ତ୍ୟ ଗୀତା', 'ଗୋପାଳଙ୍କ ଓଗାଳ', ଓ 'ହରିବଂଶ' ପ୍ରଧାନ । ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ କୈବର୍ତ୍ତ, କମାର ଓ ଗୋପାଳ ସଂପ୍ରଦାୟର । ପଞ୍ଚସଖାଙ୍କ ମଧ୍ୟରେ ଅଚ୍ୟୁତାନନ୍ଦଙ୍କ ରଚନାର ପରିମାଣ ସବୁଠାରୁ ଅଧିକ ।

ପଞ୍ଚସଖାଙ୍କ ମଧ୍ୟରେ ଯଶୋବନ୍ତ ଦାସ ଜଗତ୍‌ସିଂହପୁର ନିକଟସ୍ଥ ଅଡ଼ଙ୍ଗ ଗ୍ରାମରେ ୧୪୮୭ରେ ଜନ୍ମ ଗ୍ରହଣ କରିଥିଲେ । ସେ 'ପ୍ରେମଭକ୍ତି ବ୍ରହ୍ମଗୀତା', 'ଶିବସ୍ୱରୋଦୟ', 'ଆତ୍ମପରଚେ ଗୀତା' ଓ 'ଷଷ୍ଠିମେଳା' ଆଦି ଦାର୍ଶନିକ ପୁସ୍ତକମାନ ରଚନା କରିଥିଲେ । ତାଙ୍କ ରଚନାରେ ନିରାକାର, ଅଣାକାର ଓ ଓଁକାର ବ୍ରହ୍ମର ବ୍ୟାଖ୍ୟା ଦେଖିବାକୁ ମିଳେ । ତହିଁରେ ଜ୍ଞାନ ମିଶ୍ରିତ ଭକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି । ତାଙ୍କର ଏକ ପ୍ରମୁଖ ରଚନା 'ଗୋବିନ୍ଦଚନ୍ଦ୍ର' ସାମାଜିକ ବିଷୟବସ୍ତୁ ଉପରେ ଆଧାରିତ । ଜଣେ ରାଜପୁତ୍ର ଅଳ୍ପାୟୁ ବୋଲି ପୂର୍ବାନୁମାନରୁ ଜଣାପଡିଲା । ଫଳରେ ତାକୁ ଏକ ଅସ୍ପୃଶ୍ୟ ପରିବାରରେ ପ୍ରତିପାଳନପାଇଁ ତ୍ୟାଗ କରି ଦିଆଗଲା । ଅସ୍ପୃଶ୍ୟର ଶିଷ୍ୟତ୍ୱ ରାଜପୁତ୍ରକୁ ତ୍ୟାଗୀ ଓ ଦୀର୍ଘାୟୁ କଲା ! ଏହି କାହାଣୀରେ ଯଶୋବନ୍ତ ତଥାକଥିତ ନୀଚ ଜାତିର ମହତ୍ତ୍ୱ ଦର୍ଶାଇ ଜାତିବ୍ୟବସ୍ଥାର ଦୃଢ଼ ପ୍ରତିବାଦ କରିଛନ୍ତି । ତା' ସହିତ ବିଷୟ ବାସନାର ନିରର୍ଥକତାକୁ ଦର୍ଶାଇଛନ୍ତି । ବର୍ଣ୍ଣ ଅପେକ୍ଷା କର୍ମ ଅନୁସାରେ ହିଁ ଜଣେ ମଣିଷକୁ ବଡ଼ ବା ଛୋଟ କୁହାଯିବା ଉଚିତ ବୋଲି ସେ କହିଛନ୍ତି । ଯଶୋବନ୍ତଙ୍କ ଶିଷ୍ୟ ଲିଖିତ 'ଚଉରାଶୀ ଆଜ୍ଞା'ରେ କବିଙ୍କ ଜୀବନୀ ସମ୍ବନ୍ଧରେ ଅନେକ ବର୍ଣ୍ଣନା ରହିଛି ।

ପଞ୍ଚସଖାଙ୍କ ମଧ୍ୟରେ ପଞ୍ଚମ ସଖା ଥିଲେ ଅନନ୍ତ ଦାସ । ଯଦିଓ ସେ ଜଗନ୍ନାଥ ଦାସ ଓ ଯଶୋବନ୍ତ ଦାସଙ୍କଠାରୁ ବୟସରେ ବଡ଼, ତାଙ୍କୁ ଶିଶୁ ଅନନ୍ତ ଦାସ ବୋଲି କୁହାଯାଏ । ୧୪୮୬ରେ ଭୁବନେଶ୍ୱର ନିକଟସ୍ଥ ବାଲିପାଟଣା ଗ୍ରାମରେ ତାଙ୍କର ଜନ୍ମ; ପିତା କପିଳ ମହାନ୍ତି ଓ ମାତା ଗୌରୀଦେବୀ । ଅନନ୍ତଙ୍କର ଅନ୍ୟ ଏକ ପରିଚୟ ହେଲା, ସେ ଥିଲେ ଚୈତନ୍ୟଙ୍କର ଜଣେ ଘନିଷ୍ଠ ସହଯୋଗୀ । ତାଙ୍କ ରଚନାଗୁଡ଼ିକ ମଧ୍ୟରେ 'ଆଗତ ଭବିଷ୍ୟ ମାଳିକା',  'ଅର୍ଥ ତାରେଣୀ', 'ପିଣ୍ଡ ବ୍ରହ୍ମାଣ୍ଡ ଗୀତା' ଓ 'ହେତୁ ଉଦୟ ଭାଗବତ' ଅନ୍ୟତମ । ତାଙ୍କ ରଚନା ଗୁଡ଼ିକରେ ଭକ୍ତି ଓ ଯୋଗର ମାହାତ୍ମ୍ୟ ଦର୍ଶାଯାଇଛି । ଭଗବାନଙ୍କୁ ସେ 'ଅବର୍ଣ୍ଣ' ବୋଲି ବର୍ଣ୍ଣନା କରିଛନ୍ତି । ଈଶ୍ୱରଙ୍କ ସାନ୍ନିଧ୍ୟପାଇଁ ସମର୍ପଣ ଭାବ ଉପରେ ମହତ୍ତ୍ୱ ଦେଇଛନ୍ତି । ତାଙ୍କ ରଚନା ଦର୍ଶନ ଆଧାରିତ ହେଲେ ସୁଦ୍ଧା ଭାଷାର ସରଳତାଯୋଗୁଁ ସାଧାରଣ ସ୍ତରରେ ଆଦୃତ । ଅନନ୍ତ ଦାସଙ୍କ ଶିଷ୍ୟମାନେ ମଧ୍ୟ ନିଜ ନାମରେ 'ଶିଶୁ' ଶବ୍ଦଟିକୁ ଯୋଡ଼ନ୍ତି, ଯଥା- ଶିଶୁ ବନମାଳୀ ଦାସ, ଶିଶୁ ଶଙ୍କର ଦାସ, ଶିଶୁ ଦୟାନିଧି ଦାସ ଆଦି । 'ଶିଶୁ'କୁ ସେମାନେ ଅବୋଧ ଅର୍ଥରେ ବ୍ୟବହାର କରି ନମ୍ରତାର ପରିଚୟ ଦେଇଛନ୍ତି ।

ମଧ୍ୟଯୁଗୀୟ ଓଡ଼ିଶା ଇତିହାସରେ ଭକ୍ତି ଆନ୍ଦୋଳନ ଏକ ଅନନ୍ୟ ଘଟଣା । ଜଗନ୍ନାଥ ଦାସଙ୍କ ବ୍ୟତୀତ ଅନ୍ୟ ପଞ୍ଚସଖାମାନେ ଶୂଦ୍ର ଥିଲେ । ସେମାନେ ଈଶ୍ୱରଙ୍କର ନୂଆ ସଂଜ୍ଞା ଦେଲେ । ପୁରୁଷ-ସ୍ତ୍ରୀ, ଜାତି-ଅଜାତି ସମସ୍ତେ ଈଶ୍ୱରଙ୍କ ସ୍ୱରୂପ ଏବଂ ଭକ୍ତିମାର୍ଗରେ ସମସ୍ତେ ଈଶ୍ୱରଙ୍କଠାରେ ସମାହିତ ହୋଇପାରିବେ ବୋଲି ସେମାନେ ପ୍ରଚାର କଲେ । ପଞ୍ଚସଖାମାନେ ସଚ୍ଛଭାବରେ ବହୁସଂଖ୍ୟାରେ ଅନୁଗାମୀମାନଙ୍କୁ ଆକୃଷ୍ଟ କରିଥିଲେ । ଏହି ଅନୁଗାମୀମାନେ ଭକ୍ତିଧର୍ମର ବ୍ୟାପକ ପ୍ରଚାର କଲେ । ତେଣୁ ସାରଳା ଦାସ ଓ ପଞ୍ଚସଖାଙ୍କୁ ଭକ୍ତି ଆନ୍ଦୋଳନର ପ୍ରମୁଖ ଅଙ୍ଗ ରୂପେ ଗ୍ରହଣ କରାଯାଏ । ସେମାନଙ୍କ ବ୍ୟତୀତ ଏହି ସମୟରେ ଆହୁରି ଅନେକ କବି ଆନ୍ଦୋଳନକୁ ସରଳ ଓଡ଼ିଆରେ କାବ୍ୟ-କବିତା ରଚନା କରି ଋଦ୍ଧିମନ୍ତ କରିଥିଲେ । ‘ରାମ ବିଭା’ର କବି ଅର୍ଜୁନ ଦାସ ସେହିପରି ଜଣେ କବି ।

ମଧ୍ୟଯୁଗରେ, ବିଶେଷକରି ଷୋଡଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନର ଯେଉଁ ପ୍ରବାହ ଓଡ଼ିଶାରେ ଦେଖାଦେଲା, ତାହାର ଏକ ପ୍ରମୁଖ ସୂତ୍ରଧର ଥିଲେ ଚୈତନ୍ୟ, ଯିଏ ଶ୍ରୀଚୈତନ୍ୟ ନାମରେ ଖ୍ୟାତ । ସେ କୌଣସି ନୂଆ ଧର୍ମ ପ୍ରତିଷ୍ଠା କରି ନଥିଲେ, ବରଂ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାରରେ ସମସ୍ତ ସମୟ ଅତିବାହିତ କରିଥିଲେ । ଚୈତନ୍ୟ କୃଷ୍ଣଙ୍କୁ ନିଜ ଆରାଧ୍ୟ ଦେବତା ରୂପେ ଗ୍ରହଣ କରିଥିଲେ । ବିଷ୍ଣୁ ଓ ଜଗନ୍ନାଥଙ୍କ ମଧ୍ୟରେ ବି ସେ କୃଷ୍ଣଙ୍କୁ ଖୋଜି ପାଉଥିଲେ । ଫଳରେ ତାଙ୍କ ଆନ୍ଦୋଳନରେ ଧାର୍ମିକ ସମନ୍ୱୟକୁ ମହତ୍ତ୍ୱ ମିଳିଥିଲା । ଆରାଧ୍ୟ ଦେବତା କୃଷ୍ଣଙ୍କର ବାଲ୍ୟଲୀଳା, ରାଧାକୃଷ୍ଣ ପ୍ରେମକୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରି ବିଭୋର ହେବା ହେଲା ତାଙ୍କ ଭକ୍ତି ଆନ୍ଦୋଳନର ବିଶେଷତ୍ୱ । ଚୈତନ୍ୟ କୃଷ୍ଣପ୍ରେମ ଆଧାରିତ ନୃତ୍ୟ-ଗୀତର ଯେଉଁ ଅପୂର୍ବ ପରମ୍ପରା ଷୋଡ଼ଶ ଶତାବ୍ଦୀରେ ଆରମ୍ଭ କଲେ, ତାକୁ କୀର୍ତ୍ତନ କୁହାଯାଏ । ତାହାର ସାମାଜିକ ମହତ୍ତ୍ୱ ଆଜି ମଧ୍ୟ ଊଣା ହୋଇନାହିଁ ।

ଚୈତନ୍ୟ ବଙ୍ଗ ପ୍ରଦେଶର ନଦିଆଠାରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ନଦିଆ ହେତୁବାଦୀ ବୈଦିକ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଏହାର ବିଶେଷ ପ୍ରଭାବ ଚୈତନ୍ୟଙ୍କ ଉପରେ ପଡିଥିଲା । ୨୨ବର୍ଷ ବୟସରେ ସେ ଯେତେବେଳେ ଗୟା ଦର୍ଶନରେ ଯାଇଥିଲେ, ସେଠାରେ ତାଙ୍କର ବୈଷ୍ଣବ ଧର୍ମ ପ୍ରତି ଆକର୍ଷଣ ସୃଷ୍ଟି ହୋଇଥିଲା । ଏହା ପରେ ଆରାଧ୍ୟ ଦେବତା କୃଷ୍ଣଙ୍କର ନାମ ଅବିରତ ଉଚ୍ଚାରଣ କରି ସେ ନିଜର ଭକ୍ତିଭାବକୁ ପରିପୁଷ୍ଟ କଲେ । ତୀର୍ଥଯାତ୍ରାରେ ଗୟା ଆସିବା ପୂର୍ବରୁ ସେ ପ୍ରଥମା ପତ୍ନୀଙ୍କର ଦେହାନ୍ତ ପରେ ଅନିଚ୍ଛା ସତ୍ତ୍ୱେ ମାଆଙ୍କ କଥା ରକ୍ଷାକରି ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ । ମାତ୍ର ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ପରେ ସେ ସଂସାରତ୍ୟାଗୀ ହେଲେ ଏବଂ କୃଷ୍ଣ ନାମ ଗାଇ ଗାଇ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କଲେ ।

୧୫୧୦-୧୧ରେ ଚୈତନ୍ୟ ପୁରୀ ଆସିଥିଲେ । କିଛିକାଳ ପୁରୀରେ ଅବସ୍ଥାନ କଲା ପରେ ତୀର୍ଥାଟନରେ ପ୍ରଥମେ ଦକ୍ଷିଣ ଭାରତ ଏବଂ ପରେ ବୃନ୍ଦାବନ ଗଲେ । ସେଠାରୁ ପୁଣି ଓଡ଼ିଶା ଫେରି ଆସି ଦୀର୍ଘ ୧୭ ବର୍ଷ କାଳ ପୁରୀରେ ଅତିବାହିତ କଲେ ଏବଂ ୧୫୩୩ରେ ପୁରୀଠାରେ ଦେହତ୍ୟାଗ କଲେ ।

ଚୈତନ୍ୟ ଧାର୍ମିକ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ଥିଲେ । ଅଧିକାଂଶ ଶୂଦ୍ର ଜାତିର ଲୋକ ଓ କେତେକ ମୁସଲିମ ସଂପ୍ରଦାୟର ଲୋକ ମଧ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଗଜପତି ପ୍ରତାପରୁଦ୍ର ଦେବ ଏବଂ ତାଙ୍କର କେତେକ ଉଚ୍ଚପଦାଧିକାରୀ ମଧ୍ୟ ଚୈତନ୍ୟଙ୍କର ଶିଷ୍ୟ ହୋଇଥିଲେ । ଚୈତନ୍ୟଙ୍କର ସମକାଳୀନ ଥିଲେ ପଞ୍ଚସଖା କବିଗଣ । ସେମାନଙ୍କ ରଚନାରେ ଚୈତନ୍ୟଙ୍କର ପ୍ରଶଂସାରୁ ମନେହୁଏ, ସେମାନେ ମଧ୍ୟ ଚୈତନ୍ୟଙ୍କର ସହଯୋଗୀ ଥିଲେ । ଚୈତନ୍ୟଙ୍କ ପରେ ତାଙ୍କ ଶିଷ୍ୟମାନେ ଭାଷା ଆଧାରରେ ଦୁଇ ଗୋଷ୍ଠୀରେ (ବଙ୍ଗାଳୀ ଓ ଓଡ଼ିଆ) ବିଭକ୍ତ ହୋଇଯାଇଥିଲେ । ଯେଉଁ ସାମାଜିକ ଓ ଧାର୍ମିକ ସଦ୍‌ଭାବ ରକ୍ଷାପାଇଁ ଚୈତନ୍ୟ ବୈଷ୍ଣବ ଧର୍ମର ପ୍ରଚାର-ପ୍ରସାର କରିଥିଲେ, ସେହି ସଦ୍‌ଭାବ ତାଙ୍କ ଅନୁଗାମୀଙ୍କ ମଧ୍ୟରେ ସୁଦ୍ଧା ରହିପାରିଲା ନାହିଁ । ଚୈତନ୍ୟ ପ୍ରଚାରିତ ବୈଷ୍ଣବ ଧର୍ମର ପତନର ଏହା କାରଣ ହେଲା ।

ଚୈତନ୍ୟଙ୍କ ପୁରୀ ଅବସ୍ଥାନ ପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରସାର ଆରମ୍ଭ ହୋଇ ସାରିଥିଲା । ଜଗନ୍ନାଥ ଓଡ଼ିଶାର ଆରାଧ୍ୟ ଦେବତା ରୂପେ ପ୍ରତିଷ୍ଠା ପାଇଥିଲେ । ଜାତି, ବର୍ଣ୍ଣ ନିର୍ବିଶେଷରେ ଲୋକେ ଜଗନ୍ନାଥଙ୍କର ଆରାଧନା କରୁଥିଲେ । ଜଗନ୍ନାଥଙ୍କ ନାମରେ ପ୍ରଥମେ ଗଙ୍ଗ ରାଜା ଏବଂ ତାଙ୍କ ପରେ ଗଜପତିମାନେ ଶାସନ କରୁଥିଲେ । ସାରଳା ଦାସ ଓ ପଞ୍ଚସଖାମାନେ ଜଗନ୍ନାଥଙ୍କୁ ନିଜ ନିଜ କୃତିର ରଚୟିତା ମନେକରି କାବ୍ୟ ସୃଷ୍ଟି କରୁଥିଲେ । ପ୍ରାରମ୍ଭିକ କାଳରେ ଜଗନ୍ନାଥ ଓ ଜଗନ୍ନାଥ ମନ୍ଦିର ଉପରେ ବ୍ରାହ୍ମଣ ବା ଅନ୍ୟ ଉଚ୍ଚ ଜାତିର କର୍ତ୍ତୃତ୍ୱ ନଥିଲା । ଆଦିବାସୀଙ୍କ ସମେତ ବିଭିନ୍ନ ଜାତିର ଲୋକେ ଜଗନ୍ନାଥଙ୍କ ସେବକର ଦାୟିତ୍ୱ ପାଇଥିଲେ । ସେହି ଦୃଷ୍ଟିରୁ ଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଥିବା ରୀତିନୀତି ଏକ ଅନନ୍ୟ ଧର୍ମ ରୂପରେ ମଧ୍ୟଯୁଗୀୟ ଓଡ଼ିଶାରେ ସ୍ୱୀକୃତି ପାଇଥିଲା । ମାତ୍ର କାଳକ୍ରମେ, ଭାରତର ଅନ୍ୟ ଧର୍ମଗୁଡ଼ିକ ପରି, ଏହା ଜାତି ବ୍ୟବସ୍ଥାର ଶିକାର ହେଲା ଏବଂ ଏଠାରେ ଉଚ୍ଚ ଜାତିର କର୍ତ୍ତୃତ୍ୱ ବୃଦ୍ଧି ପାଇଲା । ପଞ୍ଚସଖା ଓ ଭକ୍ତି ଆନ୍ଦୋଳନକୁ ସେହି ବର୍ଦ୍ଧିଷ୍ଣୁ କର୍ତ୍ତୃତ୍ୱ ବିରୁଦ୍ଧରେ ଏକ ସାମାଜିକ ବିପ୍ଳବ ରୂପେ ଦେଖିହେବ । ମାତ୍ର ସମୟକ୍ରମେ ଏବଂ ବିଶେଷକରି ଚୈତନ୍ୟଙ୍କ ଆଗମନ ପରେ ଜଗନ୍ନାଥ ଧର୍ମରେ କୃଷ୍ଣପ୍ରେମ ମଧ୍ୟ ଦୃଢ଼ଭାବେ ସମାହିତ ହେଲା । ଜଗନ୍ନାଥଙ୍କୁ କୃଷ୍ଣଙ୍କର ଏକ ସ୍ୱରୂପ ଭାବରେ ଗ୍ରହଣ କରାଗଲା । ଏହା ଜଗନ୍ନାଥ ଧର୍ମ ଓ ସଂସ୍କୃତିକୁ ବ୍ରାହ୍ମଣ୍ୟ ଧର୍ମରେ ସଂଲଗ୍ନ କରିଦେଲା । ପରିଣାମ ସ୍ୱରୂପ ବ୍ରାହ୍ମଣ୍ୟ ଧର୍ମର ଦୁଷ୍ପ୍ରଭାବରୁ ଜଗନ୍ନାଥ ସଂସ୍କୃତି ଊର୍ଦ୍ଧ୍ୱକୁ ଉଠିପାରିଲା ନାହିଁ ।

■ ■ ■

# ଓଡ଼ିଶାରେ ଆଫଗାନ ଓ ମୋଗଲ ଶାସନ

୧୫୬୮ ରେ ମୁକୁନ୍ଦଦେବ ବଙ୍ଗର ଆଫଗାନ ଶାସକ ସୁଲେମାନ କର୍‌ରାନୀଙ୍କ ହସ୍ତରେ ପରାଜିତ ହେବା ପରେ ଓଡ଼ିଶା ପ୍ରଥମେ ଆଫଗାନ ଓ ପରେ ମୋଗଲ କର୍ତ୍ତୃତ୍ୱକୁ ଚାଲିଗଲା । ତେଣିକି ପ୍ରାୟ ଦୁଇ ଶତାବ୍ଦୀ ଧରି (୧୫୬୮-୧୭୫୧) ଓଡ଼ିଶାରେ ଆଫ୍‌ଗାନ ଓ ମୋଗଲ ଶାସନ ଚାଲିଲା । ଇତିହାସର ଏହି କାଳଖଣ୍ଡରେ ଏକ ପ୍ରକ୍ରିୟା ଭାବରେ ମଧ୍ୟଯୁଗର ପ୍ରାରମ୍ଭରୁ ଚଳି ଆସୁଥିବା ଓଡ଼ିଶାର ଏକୀକରଣ ଏହି ସମୟରେ ସଂପୂର୍ଣ୍ଣ ହେଲା । ପରବର୍ତ୍ତୀ ସମୟରେ ତାହା ହିଁ ମୋଟାମୋଟି ଭାବେ ପ୍ରାକୃତିକ ଓଡ଼ିଶାର ମୋଟ ପରିଧି ହେଲା । ଅର୍ଥାତ୍ ମୋଗଲ ସମୟରେ ଓଡ଼ିଶା ବୋଲି ଯାହା ସ୍ଥିରୀକୃତ ହେଲା, ତାହା ପରବର୍ତ୍ତୀ କାଳରେ ମଧ୍ୟ ଓଡ଼ିଶାର ସ୍ଥୂଳ ସ୍ୱରୂପ ହେଲା ।

ସୁଲେମାନ କର୍‌ରାନୀଙ୍କ ନେତୃତ୍ୱରେ ଆଫଗାନମାନେ ଓଡ଼ିଶା ଅଧିକାର କରିବା ବେଳକୁ ଭାରତରେ ଆଫଗାନ ଶକ୍ତି ଅସ୍ତପ୍ରାୟ ସ୍ଥିତିରେ । ମୋଗଲମାନେ ପୁନର୍ବାର ଦିଲ୍ଲୀ ଅଧିକାର କଲା ପରେ ମୋଗଲ ସାମ୍ରାଜ୍ୟର ବିସ୍ତାର ଓ ଆଫଗାନ ଶକ୍ତିର ପତନ ସମାନ୍ତରାଳ ଗତିରେ ଚାଲିଲା । ଓଡିଶାପାଇଁ ଏହାର ତାତ୍ପର୍ଯ୍ୟ ହେଲା, ଓଡ଼ିଶା ଅଧିକାରପାଇଁ ଉଭୟ ଶକ୍ତି ମଧ୍ୟରେ କଳହ ବୃଦ୍ଧି ପାଇଲା ଏବଂ ଶେଷରେ ମୋଗଲମାନଙ୍କ ହାତକୁ ଓଡ଼ିଶା ଗଲା । ତେଣୁ ପ୍ରାୟ ଦୁଇ ଶହ ବର୍ଷର ମୋଟ ଆଫଗାନ-ମୋଗଲ ଶାସନକାଳରୁ ଆଫଗାନ ରାଜତ୍ୱ ମାତ୍ର ୧୪ ବର୍ଷରୁ ଅଧିକ ନୁହେଁ (୧୫୬୮ ରୁ ୧୫୯୨) । ଏହି ୧୪ ବର୍ଷ ମଧ୍ୟ ଆଫଗାନମାନେ କ୍ରମାଗତ ଭାବେ ଶାସନ କରି ନାହାନ୍ତି ।

କର୍‌ରାନୀ ଓଡ଼ିଶା ଆକ୍ରମଣ କରିବା ବେଳକୁ ଗଜପତି ରାଜା ମୋଗଲମାନଙ୍କ ସଙ୍ଗେ ସଂପର୍କ ସ୍ଥାପନ କରିସାରିଥିଲେ । ସେହି ଆଧାରରେ କର୍‌ରାନୀଙ୍କ ବିରୁଦ୍ଧରେ ଗଜପତି ସେନାକୁ ମୋଗଲ

ସହାୟତା ମିଳିବା କଥା । ଏମିତିରେ ଆଫଗାନମାନେ ମୋଗଲମାନଙ୍କର ଶତ୍ରୁ । ମାତ୍ର କର୍‌ରାନୀ ମୋଗଲ ସମ୍ରାଟ ଆକବରଙ୍କ ବଶ୍ୟତା ସ୍ୱୀକାର କରି ତଥା ମୋଗଲ ଦରବାରକୁ ଉପହାର ପ୍ରେରଣ କରି ମୋଗଲମାନଙ୍କର କୃପାଭିକ୍ଷା କଲେ । ମୋଗଲମାନଙ୍କର ଏକ ପ୍ରଧାନ ଶତ୍ରୁ ଆଫଗାନ୍ ସର୍ଦ୍ଦାର୍ ଆଲି କ୍ୟୁଲି ଖାନ୍ ସେତେବେଳେ ସାହାଯ୍ୟପାଇଁ ବଙ୍ଗର ଦ୍ୱାରସ୍ଥ ହେଲେ । ମାତ୍ର କର୍‌ରାନୀ ମୋଗଲମାନଙ୍କୁ ତୁଷ୍ଟ କରିବାପାଇଁ ଆଲି କ୍ୟୁଲିଙ୍କୁ ନା ଆଶ୍ରୟ ଦେଲେ ନା ସାହାଯ୍ୟ। ଏହି କାରଣରୁ ଓଡ଼ିଶା ଆକ୍ରମଣ ବେଳେ କର୍‌ରାନୀଙ୍କୁ କୌଣସି ମୋଗଲ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ଏହା ତାଙ୍କ ଓଡ଼ିଶା ବିଜୟକୁ ସହଜ, ସରଳ କଲା । ଅନ୍ୟ ପକ୍ଷରେ ଓଡ଼ିଶାକୁ ଆଫଗାନ ଶକ୍ତି ଜିଣିଲେ ସତ, କିନ୍ତୁ ସୁଲେମାନ କର୍‌ରାନୀ ମୋଗଲ ସମ୍ରାଟଙ୍କ ବଶ୍ୟତା ସ୍ୱୀକାର କରିଥିବାରୁ ପ୍ରକାରାନ୍ତରେ ଏହା ମୋଗଲ ସାମ୍ରାଜ୍ୟର ଅଂଶ ହେଲା- ଯଦିଓ ପ୍ରକୃତ ଶାସନ ରହିଲା ଆଫଗାନ ଶକ୍ତି ହାତରେ ।

୧୫୭୨ରେ ସୁଲେମାନ କର୍‌ରାନୀଙ୍କ ମୃତ୍ୟୁ ପରେ ଓଡ଼ିଶା ଅଧିକାରରେ ପ୍ରମୁଖ ଭୂମିକା ନେଇଥିବା ତାଙ୍କ ଜ୍ୟେଷ୍ଠ ପୁତ୍ର ବୟାଜିଦ ବଙ୍ଗର ଶାସକ ହେଲେ । ଅଳ୍ପ ଦିନ ପରେ ବୟାଜିଦ ନିହତ ହେବାଯୋଗୁଁ ୧୫୭୩ରେ ସୁଲେମାନଙ୍କ ଦ୍ୱିତୀୟ ପୁତ୍ର ଦାଉଦ ଶାସକ ହେଲେ । ଦାଉଦ ମୋଗଲମାନଙ୍କ ବିରୁଦ୍ଧରେ ସ୍ୱାଧୀନତା ଘୋଷଣା କରିବାରୁ ଆକବର ପ୍ରଥମେ ସେନାପତି ମୁନିମ ଖାଁ ଓ ରାଜସ୍ୱ ମନ୍ତ୍ରୀ ତୋଡ଼ରମଲ୍ଲଙ୍କୁ ବିଦ୍ରୋହ ଦମନ କରିବାକୁ ପ୍ରେରଣ କଲେ । ଏହା ସତ୍ତ୍ୱେ ଆଫଗାନ ଶାସକଙ୍କ ବିଦ୍ରୋହ ଦମନ ନହେବାରୁ ଆକବର ବଙ୍ଗ ଅଭିମୁଖେ ସେନା ପରିଚାଳନା କଲେ । ବଙ୍ଗ ଓ ବିହାରକୁ ମୋଗଲମାନଙ୍କ ହାତରେ ଛାଡ଼ିଦେଇ ଦାଉଦ ଓଡ଼ିଶା ଅଭିମୁଖେ ପଳାୟନ କଲେ । ୧୫୭୫ରେ ତାଙ୍କୁ ବାଲେଶ୍ୱର ନିକଟସ୍ଥ ଜଳେଶ୍ୱରଠାରେ ମୋଗଲ ସେନା ପରାଜିତ କଲେ । ଏହି ଯୁଦ୍ଧସ୍ଥଳୀଟି ଆଜି ମଧ୍ୟ 'ମୋଗଲମାରି' ନାମରେ ପରିଚିତ । ଯୁଦ୍ଧ ପରେ ଶାନ୍ତି ଚୁକ୍ତି ଅନୁଯାୟୀ ବଙ୍ଗ ମୋଗଲ ଅଧିକାରକୁ ଗଲା ଏବଂ ଦାଉଦ ଓଡ଼ିଶାର ସ୍ୱାଧୀନ ଶାସକ ହେଲେ । ଦାଉଦ ମୋଗଲ ସେନାପତି ମୁନିମ ଖାଁଙ୍କୁ ଅନେକ ହସ୍ତୀ ଉପହାର ଦେଲେ ଏବଂ ନିଜ ପୁତୁରା ଶେଖ ମହମ୍ମଦଙ୍କୁ ମୋଗଲ ଦରବାରକୁ ପ୍ରେରଣ କରିବାକୁ ସମ୍ମତ ହେଲେ। ମୁନିମ ଖାଁ ବଙ୍ଗର ମୋଗଲ ଗଭର୍ଣ୍ଣର ନିଯୁକ୍ତ ହେଲେ ।

୧୫୭୬ରେ ମୁନିମ ଖାଁଙ୍କର ମୃତ୍ୟୁ ହେଲା । ଏହାର ସୁଯୋଗ ନେଇ ଦାଉଦ ପୁଣି ଥରେ ବିଦ୍ରୋହ କଲେ ଓ ରାଜମହଲ (ବଂଗ)ଠାରେ ମୋଗଲ ସେନା ହାତରେ ପରାଜିତ ହେଲେ । ଓଡ଼ିଶା ବଙ୍ଗର ମୋଗଲ ସୁବେଦାରଙ୍କ ଅଧୀନସ୍ଥ ହେଲା । କିୟା ଖାଁ ଓଡ଼ିଶାର ଗଭର୍ଣ୍ଣର ରୂପେ ମୋଗଲମାନଙ୍କଦ୍ୱାରା ନିଯୁକ୍ତ ହେଲେ । ୧୫୭୯ରେ କିୟା ଖାଁ ହତ୍ୟାର ଶିକାର ହେବା ପୂର୍ବରୁ ନିରନ୍ତର ଆଫଗାନ ବିଦ୍ରୋହର ସମ୍ମୁଖୀନ ହେଲେ । ଯଦିଓ ତାଙ୍କ ସମୟରେ ଓଡ଼ିଶାରେ ମୋଗଲ ଶାସନ ରହିଥିଲା, ଆଫଗାନ ବିଦ୍ରୋହଯୋଗୁଁ ଅରାଜକତା ଲାଗି ରହିଲା । ଏହାର ସ୍ଥାୟୀ ସମାଧାନ ଲାଗି ଆକବର ମାସୁମ ଖାଁ ନାମକ ଜଣେ ଆଫଗାନ ସର୍ଦ୍ଦାରଙ୍କୁ କିୟା ଖାଁଙ୍କ ପରେ ଓଡ଼ିଶାର ଗଭର୍ଣ୍ଣର ନିଯୁକ୍ତ କଲେ ।

୧୫୮୨ରେ ତୋଡରମଲ୍ଲଙ୍କ ଜମିଜମା ବନ୍ଦୋବସ୍ତ ବ୍ୟବସ୍ଥା ଓଡ଼ିଶାରେ କାର୍ଯ୍ୟକାରୀ ହେଲା । ବନ୍ଦୋବସ୍ତ ଅନୁସାରେ ଓଡ଼ିଶାକୁ ପାଞ୍ଚଟି ସରକାରରେ ବିଭକ୍ତ କରାଗଲା । ସେଗୁଡ଼ିକ ହେଲା:- ରୂପନାରାୟଣ, ବଳଙ୍ଗୀ ନଦୀ ଉପକୂଳ ମଧ୍ୟବର୍ତ୍ତୀ ଜଳେଶ୍ୱର ସରକାର, ବଳଙ୍ଗୀ ଓ ବ୍ରାହ୍ମଣୀ ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳକୁ ନେଇ ଭଦ୍ରକ ସରକାର, ବ୍ରାହ୍ମଣୀ ନଦୀ ଓ ଚିଲିକା ହ୍ରଦ ମଧ୍ୟବର୍ତ୍ତୀ ଅଞ୍ଚଳକୁ ନେଇ କଟକ ସରକାର, ଦକ୍ଷିଣ ଓଡ଼ିଶାକୁ ନେଇ କଳିଙ୍ଗ ଦଣ୍ଡପାଟ ଏବଂ ଉତ୍ତର ଆନ୍ଧ୍ର କ୍ଷେତ୍ରକୁ ନେଇ ରାଜମହେନ୍ଦ୍ରୀ ସରକାର । ଏହି ପାଞ୍ଚଟି ମଧ୍ୟରୁ ଶେଷ ଦୁଇଟି ସରକାର ନାମକୁ ମାତ୍ର ମୋଗଲ ସାମ୍ରାଜ୍ୟର ଅଂଶ ହୋଇ ରହିଲେ । କାରଣ ୧୫୭୧ରେ ଉକ୍ତ ଅଞ୍ଚଳକୁ ଗୋଲକୋଣ୍ଡା ସୁଲତାନ ଇବ୍ରାହିମ୍ କୁତବ ନିଜ ରାଜ୍ୟରେ ମିଶାଇ ସାରିଥିଲେ । ଅର୍ଥାତ୍ ଆକବରଙ୍କ ସମୟରେ ଦକ୍ଷିଣରେ ଓଡ଼ିଶା ଚିଲିକା ପର୍ଯ୍ୟନ୍ତ ସୀମିତ ହୋଇ ରହିଥିଲା ।

ମୋଗଲ ସମ୍ରାଟ ଓଡ଼ିଶା ଶାସନ ସମୟରେ ଅନୁଭବ କଲେ ଯେ, ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ମାଳ ଓ ଜଙ୍ଗଲରେ ପରିପୂର୍ଣ୍ଣ । ତେଣୁ ପ୍ରତ୍ୟକ୍ଷ ପ୍ରାଶାସନିକ ନିୟନ୍ତ୍ରଣ ଦୁରୂହ ବ୍ୟାପାର । ସେଥିଯୋଗୁଁ ପ୍ରାଶାସନିକ ସୁବିଧାପାଇଁ ସମଗ୍ର ଓଡ଼ିଶା କ୍ଷେତ୍ରକୁ ଦୁଇ ଭାଗରେ ବିଭକ୍ତ କରାଗଲା । ପ୍ରତ୍ୟକ୍ଷ ଶାସିତ ଅଞ୍ଚଳକୁ ମୋଗଲବନ୍ଦି ଓ ସାମନ୍ତ ଶାସିତ ମାଳ ଓ ଜଙ୍ଗଲପୂର୍ଣ୍ଣ ଅଞ୍ଚଳକୁ ଗଡ଼ଜାତ ବୋଲି କୁହାଗଲା । ଗଡ଼ଜାତର ରାଜାମାନେ କିଛି ବାର୍ଷିକ ଦେୟ ମୋଗଲମାନଙ୍କୁ ଦେଉଥିଲେ ଏବଂ ସେମାନଙ୍କ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ମୋଗଲ ପ୍ରାଶାସନିକ ନିୟନ୍ତ୍ରଣ ରହିଲା ନାହିଁ । ଗଡ଼ଜାତ ରାଜାମାନେ ଏକ ପ୍ରକାର ସ୍ୱାଧୀନ ଭାବେ ରାଜତ୍ୱ କଲେ । ଏହି ସମୟର ଅନ୍ୟ ଏକ ବିଶିଷ୍ଟ ଘଟଣା ହେଲା, ଖୋର୍ଦ୍ଧା ଭୋଇ ବଂଶର ଉତ୍ତରାଧିକାରୀ ରମାଇ ରାଉତରାୟଙ୍କୁ ଗଜପତି ଅର୍ଥାତ୍ ଓଡ଼ିଶାର ରାଜା (ପୁରୀର ରାଜା) ଘୋଷଣା କରାଗଲା । ରମାଇ ରାମଚନ୍ଦ୍ରଦେବ ନାମ ଧାରଣ କରି ଖୋର୍ଦ୍ଧାରେ ରାଜତ୍ୱ କଲେ । ପୁରୀ ଓ ଜଗନ୍ନାଥ ତାଙ୍କ ଶାସନ କ୍ଷେତ୍ର ମଧ୍ୟରେ ରହିଥିବାରୁ ସେ ଓଡ଼ିଶାର ରାଜା ଭାବରେ ସ୍ୱୀକୃତି ପାଇଲେ । ଆଫଗାନ୍ ସର୍ଦ୍ଦାରମାନଙ୍କ ବିଦ୍ରୋହରୁ ନିସ୍ତାର ପାଇବାଲାଗି ସମ୍ଭବତଃ ଆକବର ଓ ଓଡ଼ିଶା କଥା ବୁଝୁଥିବା ତାଙ୍କ ମନ୍ତ୍ରୀ ତୋଡରମଲ୍ଲ ଓଡ଼ିଶାର ପାରମ୍ପରିକ ରାଜ ଶକ୍ତିକୁ ପ୍ରାଧାନ୍ୟ ଦେଇଥିଲେ ।

୧୫୮୩-୮୪ରେ ପୁଣି ଥରେ ଓଡ଼ିଶାରେ ଆଫଗାନ ଶକ୍ତି ଏକତ୍ର ହୋଇ ମୋଗଲମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ସେମାନଙ୍କ ସର୍ଦ୍ଦାର ଥିଲେ କୁତୁଲ ଖାଁ ଲୋହାନୀ । କୁତୁଲ୍ ଖାଁ ରାମଚନ୍ଦ୍ର ଦେବଙ୍କୁ ପରାସ୍ତ କରି ପୁରୀ ଅଧିକାର କରିନେଲେ । ଏହି ସମୟରେ ମୋଗଲ ସମ୍ରାଟଙ୍କ ଦ୍ୱାରା ଓଡ଼ିଶାର ଗଭର୍ଣ୍ଣର ନିଯୁକ୍ତ ହୋଇ କଟକରେ ଅବସ୍ଥାପିତ ଥିବା ଆଫଗାନ ସର୍ଦ୍ଦାର ମାସୁମ୍ ଖାଁ ମଧ୍ୟ ଆଫଗାନ ବିଦ୍ରୋହୀଙ୍କ ସଙ୍ଗେ ମିଶିଗଲେ । ସେମାନଙ୍କୁ ବଙ୍ଗର ମୋଗଲ ସୁବେଦାର ଶାହବାଜ ଖାଁ ପରାସ୍ତ କଲେ । ଶାନ୍ତିଚୁକ୍ତି ଅନୁଯାୟୀ କୁତୁଲ ଖାଁଙ୍କୁ ଓଡ଼ିଶାର ଶାସକ ଭାବରେ ସ୍ୱୀକୃତି ମିଳିଲା । ପ୍ରତିବଦଳରେ ସେ ଭବିଷ୍ୟତରେ ବଙ୍ଗ ଆକ୍ରମଣ ନକରିବାକୁ ପ୍ରତିଶ୍ରୁତି ଦେଲେ । ମୋଗଲମାନେ ଓଡ଼ିଶାରୁ ଷାଠିଏଟି ହସ୍ତୀ ଉପହାର ନେଇ ତଥା କୁତୁଲ ଖାଁଙ୍କ ପୁତୁରାକୁ ପଣବନ୍ଦୀ ଭାବରେ ନେଇ ଚୁପ୍ ରହିଲେ । ପୁଣି ଥରେ ଓଡିଶା ଆଫଗାନ ଶକ୍ତି ହାତକୁ ଗଲା ।

ଏହି ସନ୍ଧିରେ ଆକବର ସନ୍ତୁଷ୍ଟ ନଥିଲେ । ଦିଲ୍ଲୀ ଓ ଉତ୍ତର ଭାରତରେ ନିଜ ସ୍ଥିତିକୁ ସୁଦୃଢ଼ କରିବା ପରେ ସେ ନୂଆ ନୂଆ ଅଞ୍ଚଳକୁ ନିଜ ସାମ୍ରାଜ୍ୟରେ ଯୋଡ଼ିବାକୁ ଚାହୁଁଥିଲେ । ତେଣୁ ରାଜା ମାନସିଂହଙ୍କୁ ଓଡ଼ିଶା ଜୟକରିବାକୁ ସେ ପ୍ରେରଣ କଲେ । ୧୫୯୦ରେ ମାନସିଂହ ପୁଣି ଥରେ ଓଡ଼ିଶାକୁ ଜିଣିନେଲେ ଓ ତାକୁ ମୋଗଲ ସାମ୍ରାଜ୍ୟଭୁକ୍ତ କଲେ । ଏହା ପରେ ଓଡ଼ିଶାରେ ଆଫଗାନ ଶକ୍ତି ପୂର୍ଣ୍ଣତଃ ମୋଗଲ ସାମ୍ରାଜ୍ୟର ପ୍ରଭୁତ୍ୱ ସ୍ୱୀକାର କଲା । ପୁରୀ ଓ ଖୋର୍ଦ୍ଧା ମୋଗଲର ପ୍ରତ୍ୟକ୍ଷ ଶାସନାଧୀନ ହେଲା । ତୀର୍ଥଯାତ୍ରୀଙ୍କଠାରୁ ଆଦାୟ ହେଉଥିବା କରଯୋଗୁଁ ତଥା ଓଡ଼ିଶା ରାଜ୍ୟର ପ୍ରତୀକ ଭାବେ ଖ୍ୟାତି ପାଇଥିବା ଜଗନ୍ନାଥଙ୍କ ସାମାଜିକ ପ୍ରଭାବଯୋଗୁଁ ପୁରୀ ସର୍ବଦା ରାଜ ଆକର୍ଷଣର କେନ୍ଦ୍ର ଥିଲା । ତାକୁ ନିଜ ନିୟନ୍ତ୍ରଣକୁ ଆଣି ବସ୍ତୁତଃ ଓଡ଼ିଶାକୁ ମୋଗଲ କର୍ତ୍ତୃତ୍ୱକୁ ଅଣାଗଲା । ଅନ୍ୟ ପକ୍ଷରେ ଆଫଗାନ ସର୍ଦ୍ଦାର ଖ୍ୱାଜା ଇସା ମୋଗଲ ରୀତିନୀତି ମାନି କଟକରେ ଶାସନ କାର୍ଯ୍ୟ କଲେ ।

୧୫୯୨ରେ ଖ୍ୱାଜା ଇସାଙ୍କ ମୃତ୍ୟୁ ପରେ ପୁଣି ଥରେ ଆଫଗାନମାନେ ମୋଗଲମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଏଥିରେ କୁତୁଲ୍ ଖାଁଙ୍କ ପୁତ୍ରମାନେ ନେତୃତ୍ୱ ନେଇଥିଲେ । ସେମାନେ ଜଗନ୍ନାଥ ମନ୍ଦିର ଲୁଟ୍ କରି ଅନେକ ଧନ ସମ୍ପତ୍ତି ମଧ୍ୟ ନେଇଗଲେ । ମାନସିଂହଙ୍କୁ ମୋଗଲ ସେନା ସହିତ ପୁଣି ଥରେ ଓଡ଼ିଶା ଅଭିଯାନରେ ଆସିବାକୁ ପଡ଼ିଲା । ବାଲେଶ୍ୱର ନିକଟରେ ଆଫଗାନମାନେ ପରାସ୍ତ ହୋଇ ପଳାୟନ କଲେ । ମାନସିଂହ ଏଥର ଜଳେଶ୍ୱର ଓ ଭଦ୍ରକ ବାଟ ଦେଇ କଟକ ମଧ୍ୟ ଆସିଥିଲେ । ବିଦ୍ରୋହୀମାନଙ୍କର ମୂଳୋତ୍ପାଟନ କରିବାଲାଗି ସେ ଚୌଦ୍ୱାର ନିକଟସ୍ଥ ସାରଙ୍ଗଗଡ଼ ଆକ୍ରମଣ କଲେ । ରାମଚନ୍ଦ୍ର ଦେବ ଆଫଗାନମାନଙ୍କୁ ଶରଣ ଦେଇଥିବାରୁ ସେ ମୋଗଲମାନଙ୍କ ରୋଷର ଶିକାର ହେଲେ । ଯୁଦ୍ଧରେ ପରାସ୍ତ ରାମଚନ୍ଦ୍ର ଶେଷରେ ଆକବରଙ୍କ ପ୍ରଭୁତ୍ୱ ଶିକାର କଲେ ଏବଂ ଖୋର୍ଦ୍ଧାର ରାଜା ଭାବରେ ତାଙ୍କୁ ମୋଗଲ ସ୍ୱୀକୃତି ମିଳିଲା । ଏହାପରେ ରାମଚନ୍ଦ୍ର ଦେବଙ୍କୁ 'ଗଜପତି' ଉପାଧି ଓ ଜଗନ୍ନାଥ ମନ୍ଦିର ଉପରେ କର୍ତ୍ତୃତ୍ୱ ପ୍ରାପ୍ତ ହେଲା । ତାଙ୍କୁ ଆକବର ମାନସବଦାର ପଦ ମଧ୍ୟ ଦେଇଥିଲେ । ତେଣିକି ଓଡ଼ିଶା ଦେଢ଼ ଶହ ବର୍ଷରୁ ଊର୍ଦ୍ଧ୍ୱ କାଳ (୧୫୯୨-୧୭୫୧)ମୋଗଲ ଶାସନାଧୀନ ରହିଲା ।

କଟକ ଥିଲା ମୋଗଲ ଶାସନର ମୁଖ୍ୟ କେନ୍ଦ୍ର । ମୋଗଲ ପ୍ରତିନିଧି କଟକର ବାରବାଟୀ ଦୁର୍ଗରେ ଅବସ୍ଥାପିତ ହୋଇ ଓଡ଼ିଶାର ପ୍ରଶାସନ ଓ ରାଜସ୍ୱ ଆଦାୟ କଥା ବୁଝିଲେ । ଆରମ୍ଭରୁ (୧୫୯୨-୧୬୦୭) ସେ ବଙ୍ଗରେ ଅବସ୍ଥାପିତ ବଙ୍ଗ, ବିହାର ଓ ଓଡ଼ିଶାର ମୋଗଲ ଗଭର୍ଣ୍ଣରଙ୍କ ଠାରେ ଉତ୍ତରଦାୟୀ ରହିଲେ । ପରେ (୧୬୦୭) ଓଡ଼ିଶା ଏକ ସ୍ୱତନ୍ତ୍ର ସୁବାର ମାନ୍ୟତା ପାଇଲା ଏବଂ ତା'ର ମୋଗଲ ପ୍ରଶାସକଙ୍କୁ ସୁବାଦାର କୁହାଗଲା । ୧୫୯୨ରୁ ୧୬୦୭ ପର୍ଯ୍ୟନ୍ତ ମଝିରେ ଅଳ୍ପ ସମୟକୁ ବାଦ ଦେଲେ ରାଜା ମାନସିଂହ ବଙ୍ଗର ଗଭର୍ଣ୍ଣର ଭାବରେ ଓଡ଼ିଶାର ପ୍ରଶାସନ କଥା ବୁଝୁଥିଲେ । ୧୬୦୭ରେ ସ୍ୱତନ୍ତ୍ର ଓଡ଼ିଶା ସୁବାର ପ୍ରଥମ ସୁବାଦାର ଭାବରେ ହାସିମ୍ ଖାଁ ନିଯୁକ୍ତି ପାଇଲେ ।

ଯଦିଓ ଓଡ଼ିଶା ମୋଗଲ ସାମ୍ରାଜ୍ୟାଧୀନ ହେଲା, ତହିଁରେ ଅନେକ ଛୋଟ ଛୋଟ ରାଜ୍ୟ ସ୍ୱାଧୀନ ଓ ଅର୍ଦ୍ଧ ସ୍ୱାଧୀନ ଭାବରେ ପ୍ରତିଷ୍ଠିତ ହୋଇଥିଲେ । ମୋଗଲ ପ୍ରାଶାସନିକ କର୍ତ୍ତୃତ୍ୱ ଏହି ରାଜ୍ୟଗୁଡ଼ିକରେ ପୂର୍ଣ୍ଣ ମାତ୍ରାରେ ଅନୁଭୂତ ହେଉ ନଥିଲା । ଏହିଭଳି ଏକ ରାଜ୍ୟ ଥିଲା ଖୋର୍ଦ୍ଧା । ସେଠାରେ ଭୋଇ ବଂଶର ରାଜାମାନେ ରାଜତ୍ୱ କରୁଥିଲେ । ପୁରୀ ଓ ଜଗନ୍ନାଥ ମନ୍ଦିର ଖୋର୍ଦ୍ଧା ରାଜାଙ୍କ ନିୟନ୍ତ୍ରଣରେ ରହିଥିଲା । ସେ ଗଜପତି ଉପାଧି ବହନ କରିଥିବାରୁ ଏବଂ ତାଙ୍କ ନିୟନ୍ତ୍ରଣରେ ଜଗନ୍ନାଥ ମନ୍ଦିର ରହିଥିବାରୁ ତାଙ୍କୁ ଓଡ଼ିଶାର ରାଜା ଭାବରେ ସମ୍ମାନ ମିଳୁଥିଲା । ଧାର୍ମିକ ଓ ସାମାଜିକ କାରଣରୁ ଏବଂ ତାହା ସାଙ୍ଗକୁ ଆର୍ଥନୀତିକ କାରଣରୁ ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ଜଗନ୍ନାଥ ମନ୍ଦିରର ଖୁବ୍ ମହତ୍ତ୍ୱ ରହିଥିଲା । ତୀର୍ଥଯାତ୍ରୀମାନଙ୍କଠାରୁ ଆଦାୟ ହେଉଥିବା କର ରାଜ୍ୟ ରାଜସ୍ୱର ଏକ ମୁଖ୍ୟ ଭାଗ ଥିଲା । ଜଗନ୍ନାଥଙ୍କର ପୂଜା ବିଧି-ବ୍ୟବସ୍ଥା ଉପରେ ମନ୍ଦିରର ପ୍ରତିଷ୍ଠା ନିର୍ଭର କରୁଥିଲା । ପୁରୀ ଓ ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣ ଗଜପତିଙ୍କ ଭିନ୍ନ ଅନ୍ୟ କେଉଁ ଶାସକ ହାତରେ ରହିଲେ, ସୂଚାରୁ ରୂପେ ପୂଜା ବିଧି ବ୍ୟବସ୍ଥା ଓ ମନ୍ଦିର ପରିଚାଳନା ହୋଇ ନପାରିବାର ଆଶଙ୍କା ଥିଲା । ମୋଟ କଥା ହେଲା, ଉଭୟ ଗଜପତି ଓ ମୋଗଲ ଶାସକମାନଙ୍କପାଇଁ ପୁରୀ ଅଧିକାର ଏକ ଆବଶ୍ୟକତା ଥିଲା । ଫଳରେ ପୁରୀକୁ ନେଇ ଗଜପତି ଓ ମୋଗଲମାନଙ୍କ ମଧ୍ୟରେ କଳହ ଲାଗି ରହିଲା । ସାମରିକ ଦୃଷ୍ଟିରୁ ଗଜପତି ମୋଗଲମାନଙ୍କ ସହ ତୁଳନୀୟ ନଥିଲେ ସୁଦ୍ଧା ତାଙ୍କ ପଛରେ ବିଭିନ୍ନ ସାମାଜିକ ବର୍ଗର ସମର୍ଥନ ରହିଥିଲା । ତେଣୁ ସମଗ୍ର ମୋଗଲ ଶାସନ କାଳରେ ସେ କ୍ଷମତାର ଏକ କେନ୍ଦ୍ର ହେଲେ । ମନ୍ଦିର ଉପରେ ନିଜ ନିୟନ୍ତ୍ରଣ ବଜାୟ ରଖିବାଲାଗି ସେ ଯେଉଁ ପଦକ୍ଷେପମାନ ନେଉଥିଲେ, ତାକୁ ଓଡ଼ିଶାର ସ୍ୱାଭିମାନ ରକ୍ଷା ନିମନ୍ତେ ଉଦ୍ୟମ ବୋଲି ଚିହ୍ନିତ କରାଗଲା । ଅପରପକ୍ଷରେ, ମୋଗଲମାନଙ୍କ ପଦକ୍ଷେପକୁ ଆକ୍ରମଣ ବୋଲି କୁହାଗଲା । ଏହି ପ୍ରକ୍ରିୟାରେ ଖୋର୍ଦ୍ଧା ଗଜପତି ମୋଗଲ ସାମ୍ରାଜ୍ୟାଧୀନ ହେବା ସତ୍ତ୍ୱେ, ଓଡ଼ିଶାରେ ପ୍ରଥମେ ଆଫଗାନ ଓ ପରେ ମୋଗଲ ଶକ୍ତିର ପ୍ରତିଦ୍ୱନ୍ଦ୍ୱୀ ରୂପେ ଗଣା ହେଲେ । ଯେହେତୁ ତାଙ୍କର ସାମାଜିକ ଶକ୍ତି ବ୍ରାହ୍ମଣମାନଙ୍କର ସହଯୋଗ ଓ ସମର୍ଥନ ଉପରେ ନିର୍ଭର କରୁଥିଲା, ସେ ବ୍ରାହ୍ମଣ ଶାସନ ଆଦି ପ୍ରତିଷ୍ଠା କରି ବ୍ରାହ୍ମଣମାନଙ୍କୁ ଯଥେଷ୍ଟ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । ଅର୍ଥାତ୍ ଖୋର୍ଦ୍ଧା ଗଜପତି ମୋଗଲ ଶାସନାଧୀନ ଓଡ଼ିଶାରେ ମୋଗଲର ପ୍ରତିଦ୍ୱନ୍ଦ୍ୱୀ ହେବା ସହିତ ଅନ୍ୟ ପଡୋଶୀ ରାଜ୍ୟମାନଙ୍କ ଅପେକ୍ଷା ଉଚ୍ଚସ୍ଥାନ ଲାଭ କରିଥିଲେ ।

ହାସିମ୍ ଖାଁଙ୍କ ସମୟରେ (୧୬୦୭-୧୬୧୧) ଥରେ ଜଗନ୍ନାଥ ମନ୍ଦିର ଉପରେ ମୋଗଲ ଆକ୍ରମଣ ହୋଇଥିଲା । ରାଜପୁତ ଜାଗିରଦାର କେଶୋଦାସ ମାରୁଙ୍କ ନେତୃତ୍ୱରେ ହୋଇଥିବା ଏହି ଆକ୍ରମଣରେ ତିନିଟିଯାକ ରଥକୁ ପୋଡ଼ି ଦିଆଯାଇଥିବା କୁହାଯାଏ । ପ୍ରତିରକ୍ଷାପାଇଁ ଗଜପତି ପୁରୁଷୋତ୍ତମ ଦେବ (୧୬୦୫-୧୬୨୧) ଉଦ୍ୟମ କରିଥିଲେ । ମାତ୍ର ସୁବାଦାର ହାସିମ୍ ଖାଁଙ୍କଠାରୁ (କଟକରୁ) ଅଧିକ ସୈନ୍ୟ ସାହାଯ୍ୟ ପାଇ କେଶୋଦାସ ମନ୍ଦିର ଉପରେ କବ୍ଜା କରିବାପାଇଁ ସକ୍ଷମ ହେଲେ । ବାଧ୍ୟ ହୋଇ ଗଜପତି ମୋଗଲ ସମ୍ରାଟଙ୍କୁ ତିନି ଲକ୍ଷ ଟଙ୍କା ଓ ନିଜ କନ୍ୟାକୁ

ପ୍ରଦାନ କରିବାକୁ ରାଜି ହେଲେ । କେଶୋଦାସ ନିଜେ ମଧ୍ୟ ଗଜପତିଙ୍କ ଭଉଣୀଙ୍କୁ ବିବାହ କଲେ ଏବଂ ଏକ ଲକ୍ଷ ଟଙ୍କା ଗଜପତିଙ୍କଠାରୁ ନେଲେ । ଏହି ବିଜୟ ପରେ ଜାହାଙ୍ଗୀର କେଶୋଦାସଙ୍କୁ ସମ୍ମାନିତ କଲେ ।

ହାସିମ୍ ଖାଁଙ୍କ ପରେ ରାଜା ତୋଡ଼ରମଲ୍ଲଙ୍କ ପୁତ୍ର କଲ୍ୟାଣ ମଲ୍ଲ ଓଡ଼ିଶାର ସୁବାଦାର ଭାବରେ ନିଯୁକ୍ତି ପାଇଲେ । ସେ ୧୬୧୧ରୁ ୧୬୧୭ ପର୍ଯ୍ୟନ୍ତ ସୁବାଦାର ରହିଲେ । ପୂର୍ବ ସର୍ତ୍ତ ଅନୁସାରେ ଗଜପତି ପୁରୁଷୋତ୍ତମ ଦେବ ପେଶ୍‌କସ୍ ଟଙ୍କା ମୋଗଲ ଦରବାରକୁ ନ ପଠାଇବାରୁ କଲ୍ୟାଣମଲ୍ଲ ଖୋର୍ଦ୍ଧା ଆକ୍ରମଣ କଲେ । ଏଥିରେ ଗଜପତି ବାଧ୍ୟ ହୋଇ ଲକ୍ଷେ ଟଙ୍କା ପେଶ୍‌କସ୍ ଦେଲେ । ଅନ୍ୟ ପକ୍ଷରେ ମୋଗଲ ସେନାର ଖୋର୍ଦ୍ଧା ଆକ୍ରମଣରେ ଭୟଭୀତ ହୋଇ ପୁରୀର ପଣ୍ଡାମାନେ ଜଗନ୍ନାଥ ପ୍ରତିମାଙ୍କୁ ନେଇ ଚିଲିକା ଚାଲିଗଲେ । ଫଳରେ ଅନେକ ବର୍ଷ ଧରି ମନ୍ଦିରରେ ପ୍ରତିମା ନଥିଲେ ।

୧୬୧୭ରେ ମକରମ ଖାଁ ଓଡ଼ିଶାର ନୂଆ ସୁବାଦାର ରୂପେ ଅବସ୍ଥାପିତ ହେଲେ । ସେ ମଧ୍ୟ ଥରେ ଖୋର୍ଦ୍ଧା ଆକ୍ରମଣ କଲେ ଏବଂ ତାହାକୁ ନିଜର ପ୍ରତ୍ୟକ୍ଷ ଶାସନଭୁକ୍ତ କଲେ । ଗଜପତି ଜଗନ୍ନାଥ ମନ୍ଦିରର ପୂଜକମାନଙ୍କୁ ନେଇ ଗଡ଼ମାଣିତ୍ରୀରେ ଲୁଚି ରହିଲେ । ୧୬୨୧ରେ ଗାଦିଚ୍ୟୁତ ହେବାପରେ ୧୬୨୨ରେ ସେଠାରେ ଭଗ୍ନ ହୃଦୟରେ ସେ ଦେହତ୍ୟାଗ କଲେ । ଗଜପତି ପୁରୁଷୋତ୍ତମ ଦେବ ଜଗନ୍ନାଥ ମନ୍ଦିର ଓ ପୁରୀ ଉପରେ ନିଜ ନିୟନ୍ତ୍ରଣ ଜାହିର୍ କରିବା ପ୍ରୟାସରେ ନିଜ ନାଁରେ ତିନୋଟି ବ୍ରାହ୍ମଣ ଶାସନ ପୁରୀ ନିକଟରେ ପ୍ରତିଷ୍ଠା କରିଥିଲେ । ସେଗୁଡ଼ିକ ହେଲା, ଶ୍ରୀପୁରୁଷୋତ୍ତମପୁର, ବୀର ପୁରୁଷୋତ୍ତମପୁର ଓ ପ୍ରତାପ ପୁରୁଷୋତ୍ତମପୁର । ବ୍ରାହ୍ମଣମାନଙ୍କର ଅକୁଣ୍ଠ ସାହାଯ୍ୟ ସତ୍ତ୍ୱେ ସେ ପୁରୀ କ୍ଷେତ୍ରରେ ଜଗନ୍ନାଥଙ୍କୁ ପୁନଃ ପ୍ରତିଷ୍ଠା କରି ପାରି ନଥିଲେ ।

ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ନରସିଂହ ଦେବ(୧୬୨୧-୧୬୪୮) ଖୋର୍ଦ୍ଧାର ଗଜପତି ହେଲେ । ଏହି ସମୟରେ (୧୬୨୨-୧୬୨୫) ଜାହାଙ୍ଗୀରଙ୍କ ପୁତ୍ର ଖୁରମ୍, ଯିଏ ପରେ ଶାହାଜାହାନ ନାମ ଧାରଣ କରି ମୋଗଲ ସମ୍ରାଟ ହେଲେ, ପିତାଙ୍କ ବିରୁଦ୍ଧରେ ଦାକ୍ଷିଣାତ୍ୟରେ ବିଦ୍ରୋହ ଘୋଷଣା କଲେ । ଗୋଲକୋଣ୍ଡା ସୁଲତାନଙ୍କ ସହାୟତା ପାଇ ସେ ଖୋର୍ଦ୍ଧା ମଧ୍ୟ ଆସିଥିଲେ । ନରସିଂହଦେବ ବିଦ୍ରୋହୀ କୁମାରଙ୍କ ବଶ୍ୟତା ସ୍ୱୀକାର କରି ଖୋର୍ଦ୍ଧାକୁ କେବଳ ଖୁରମ୍‌ଙ୍କ ଆକ୍ରମଣରୁ ରକ୍ଷା କଲେ ନାହିଁ , ତା' ସହିତ ଖୋର୍ଦ୍ଧା ଉପରେ ପୂର୍ଣ୍ଣ ଅଧିକାର ମଧ୍ୟ ପ୍ରାପ୍ତ ହେଲେ । କାରଣ ଖୁରମ୍‌ଙ୍କ ଭୟରେ ମୋଗଲ ସୁବାଦାର ଅହମଦ ବେଗ୍ ପ୍ରାଣ ଭୟରେ ପଳାୟନ କଲେ । ଖୁରମ୍‌ଙ୍କ ସମ୍ମତି ନେଇ ନରସିଂହଦେବ ପୁରୀ ମନ୍ଦିରରେ ଜଗନ୍ନାଥ ପ୍ରତିମାଙ୍କୁ ମଧ୍ୟ ପୁନଃସ୍ଥାପନ କଲେ । ଗଜପତିଙ୍କପାଇଁ ଏହା ଏକ ବଡ଼ ଉପଲବ୍ଧି ଥିଲା ।

ଶାହାଜାହାନଙ୍କ ଶାସନରେ ପୁରୀ ମନ୍ଦିର ଉପରେ କୌଣସି ମୋଗଲ ଆକ୍ରମଣ ହୋଇ ନଥିଲା । ରାଜକୋଷ ପୂର୍ଣ୍ଣ କରିବା ସକାଶେ ମୋଗଲ ସୁବାଦାର ବଖାର ଖାଁ ଭୂ-ରାଜସ୍ୱ ଆଦାୟ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ସେ ଓଡ଼ିଶାର ରାଜା ଓ ଜମିଦାରମାନଙ୍କ ଉପରେ ଖୁବ୍ ଅତ୍ୟାଚାର କରିଥିବାର ଶୁଣାଯାଏ । ଆଦାୟ ଭୂ-ରାଜସ୍ୱରୁ କିଛି ଅଂଶ ସେ ରାଜକୋଷରେ ଜମା ଦେଇ ବାକିତକ ନିଜେ ନେଇ ଯାଉଥିଲେ ।

ଦକ୍ଷିଣ ଓଡ଼ିଶାର ଚିକାକୋଲ ସେତେବେଳେ ଗୋଲକୋଣ୍ଡା ସୁଲତାନଙ୍କ ଅଧିକାରକୁ ଚାଲିଯାଇଥିଲା । ତା'ପାଇଁ ସୁଲତାନ ମୋଗଲମାନଙ୍କୁ ବାର୍ଷିକ ୨୦,୦୦୦ଟଙ୍କା କର ଦେଉଥିଲେ । ଏହି କାରଣରୁ ଚିକାକୋଲକୁ ଓଡ଼ିଶାରେ ମିଶାଇ ଦେବାପାଇଁ ମୋଗଲମାନଙ୍କ ପକ୍ଷରୁ କୌଣସି ଉଦ୍ୟମ ହୋଇ ନଥିଲା । ମାତ୍ର ବଖାର ଖାଁଙ୍କ ସମୟରେ ଖୁରମ୍‌ଙ୍କ ବିଦ୍ରୋହଜନିତ ମୋଗଲ ଗୃହ ବିବାଦର ସୁଯୋଗ ନେଇ ଗୋଲକୋଣ୍ଡା ସୁଲତାନ ଧାର୍ଯ୍ୟ କର ଜମା କଲେ ନାହିଁ । ତା'ଛଡ଼ା ସେନାପତି ମନ୍‌ସୁରଙ୍କୁ ଓଡ଼ିଶା ଆକ୍ରମଣ କରିବାପାଇଁ ପ୍ରେରଣ କଲେ । ବରହମପୁର ନିକଟରେ ମନ୍‌ସୁର୍‌ଗଡ଼ ନାମରେ ମନ୍‌ସୁର ଏକ ଦୁର୍ଗ ନିର୍ମାଣ କଲେ, ଯାହା ମୋଗଲ ଶାସିତ ଖୋର୍ଦ୍ଧା ଓ ମଞ୍ଜୁଷା ରାଜ୍ୟ ପ୍ରତି ବିପଦ ସୃଷ୍ଟି କଲା । ଏହି କାରଣରୁ ୧୬୨୯ରେ ବଖାର ଖାଁ ମନ୍‌ସୁରଗଡ଼ ଲୁଣ୍ଠନ କରି ତାକୁ ଅଧିକାର କରିନେଲେ ଏବଂ ଗୋଲକୋଣ୍ଡା ସୁଲତାନଙ୍କୁ ଚିକାକୋଲର ବାର୍ଷିକ କର ଦେବାକୁ ବାଧ୍ୟ କଲେ ।

୧୬୨୭ରୁ ୧୬୩୨ ପର୍ଯ୍ୟନ୍ତ ସୁବାଦାର ରହି ବଖାର ଖାଁ ଓଡ଼ିଶାରୁ ସ୍ଥାନାନ୍ତରିତ ହେଲେ । ବଖାରଙ୍କ ପ୍ରଜାପୀଡ଼ନ ଓ ଦୁର୍ନୀତିର ଅଭିଯୋଗ ପାଇ ଶାହାଜାହାନ ଓଡ଼ିଶାର ସୁବାଦାର ରୂପେ ମୁତାକ୍ୱଦ ଖାଁଙ୍କୁ ନିଯୁକ୍ତ କଲେ । ମୁତାକ୍ୱଦଙ୍କ ଶାସନ(୧୬୩୨-୧୬୪୧)ରେ ଓଡ଼ିଶା ଶାନ୍ତିରେ ଥିଲା । ୧୬୪୨ରୁ ୧୬୬୦ ମଧ୍ୟରେ ଶାହଜାହାନଙ୍କ ପୁତ୍ର ସୁଜା ବଙ୍ଗର ଗଭର୍ଣ୍ଣର ହେଲେ । ତାଙ୍କ ସମୟରେ ବିହାର ପରି ଓଡ଼ିଶା ମଧ୍ୟ ବଙ୍ଗ ସୁବାର ଅଂଶ ହୋଇ ରହିଲା ।

୧୬୫୮ରେ ଶାହଜାହାନଙ୍କୁ ବନ୍ଦୀ କରି ତଥା ଅନ୍ୟ ଭାଇମାନଙ୍କୁ ପରାସ୍ତ କରି ଆଉରଙ୍ଗଜେବ ମୋଗଲ ସମ୍ରାଟ ହେଲେ । ୧୬୬୦ରେ ସେ ଖାନ୍ ଇ ଦୌରାନ୍‌ଙ୍କୁ ଓଡ଼ିଶାର ସୁବାଦାର ନିଯୁକ୍ତ କଲେ । ଦୀର୍ଘ ସାତ ବର୍ଷର (୧୬୬୦-୬୭) ସୁବାଦାରୀ ମଧ୍ୟରେ ଖାନ୍ ଇ ଦୌରାନ୍ ଓଡ଼ିଶାରେ ମୋଗଲ ଶାସନକୁ ସୁଦୃଢ଼ କରିବାନିମିତ୍ତ ତଥା ରାଜସ୍ୱ ବୃଦ୍ଧି କରିବା ସକାଶେ ଅନେକ ପ୍ରୟାସ କଲେ । ତାଙ୍କ ଉଦ୍ୟମରେ ଓଡ଼ିଶାର ବାର୍ଷିକ ରାଜସ୍ୱ ୩୬ ଲକ୍ଷ ଟଙ୍କାରୁ ୭୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଲା ।

୧୬୬୦ରେ ଖାନ୍ ଇ ଦୌରାନ୍ ସୁବାଦାର ପଦ ସମ୍ଭାଳିବାପାଇଁ ଆସିବା ବେଳକୁ ଓଡ଼ିଶାରେ ମୋଗଲ ଦରବାରର ପ୍ରତିଷ୍ଠା ଯଥେଷ୍ଟ ହ୍ରାସ ପାଇଥିଲା । ମୋଗଲ ଗୃହ ବିବାଦର ସୁଯୋଗ ନେଇ ଓଡ଼ିଶାରେ ଅନେକ ଜମିଦାର ଓ ରାଜା ଏକ ପ୍ରକାର ସ୍ୱାଧୀନତା ଘୋଷଣା କରିଥିଲେ । ବଙ୍ଗର ମୋଗଲ ଗଭର୍ଣ୍ଣର ପଦବୀରେ ଥିବା ସୁଜା ନିଜେ ବିଦ୍ରୋହ କରି ବିଦ୍ରୋହୀମାନଙ୍କୁ ସାହସ ଦେଇଥିଲେ । ଏହାର ସୁଯୋଗ ନେଇ ନରସିଂହଦେବଙ୍କ ପରେ ଖୋର୍ଦ୍ଧାର ଗଜପତି ରାଜା ହୋଇଥିବା ମୁକୁନ୍ଦଦେବ ବାର୍ଷିକ ଦେୟ ଦେବାକୁ ମନା କରିଦେଲେ । ରଣପୁର, ସାରଙ୍ଗଗଡ଼, ଡମପଡ଼ା ଓ ଖଲିକୋଟ ଆଦି ରାଜ୍ୟର ରାଜା ଓ ଜମିଦାରମାନେ ବାର୍ଷିକ କର ନଦେଇ ସେମାନେ ଗଜପତିଙ୍କ ନେତୃତ୍ୱରେ ପରିଚାଳିତ ବୋଲି ଧାରଣା ସୃଷ୍ଟି କରିଥିଲେ । ମୋଗଲ ସୁବାଦାର ଏହି ରାଜା ଓ ଜମିଦାରମାନଙ୍କୁ ନିୟନ୍ତ୍ରଣ କଲେ । ଏହି ପ୍ରକ୍ରିୟାରେ ହରିହରପୁର (ମୟୂରଭଞ୍ଜ) ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ହତ୍ୟା ମଧ୍ୟ କଲେ । ୧୬୬୧ ଫେବ୍ରୁଆରିରେ ସେ ଖୋର୍ଦ୍ଧା ଆକ୍ରମଣ କଲେ ।

ରାଜା ମୁକୁନ୍ଦଦେବ ପ୍ରଥମେ ପ୍ରାଣ ବିକଳରେ ପଳାୟନ କଲେ ଏବଂ କିଛିଦିନ ଉତ୍ତାରୁ ମୋଗଲ ସୁବାଦାରଙ୍କ ନିକଟରେ ଆତ୍ମ ସମର୍ପଣ କଲେ । ଗଜପତିଙ୍କ ଦୁରବସ୍ଥା ଦେଖି ଅନ୍ୟ ରାଜା ଓ ଜମିଦାରମାନେ ମଧ୍ୟ ସୁବାଦାରଙ୍କ କର୍ତ୍ତୃତ୍ୱକୁ ସ୍ୱୀକାର କରିନେଲେ । ସୁବାଦାର କେନ୍ଦୁଝର ରାଜ୍ୟ ଲୁଣ୍ଠନ କଲେ । ଖାନ୍ ଇ ଦୌରାନ୍‌ଙ୍କ ଉଦ୍ୟମରେ ଓଡ଼ିଶାରେ ମୋଗଲ ଶାସନ ଦୃଢ଼ ହେଲା । ତା' ସାଙ୍ଗକୁ ରାଜକୋଷ ମଧ୍ୟ ଭର୍ତ୍ତି ହେଲା ।

ଖାନ୍ ଇ ଦୌରାନ୍ ଖୋର୍ଦ୍ଧା ଆକ୍ରମଣ କରିଥିଲେ । କିନ୍ତୁ କିଛି ଦିନ ପରେ ଗଜପତି ମୁକୁନ୍ଦ ଦେବ ଆତ୍ମ ସମର୍ପଣ କରିବାରୁ ଏବଂ ତାଙ୍କ ପରେ ପରେ ଅନ୍ୟ ବିଦ୍ରୋହୀମାନେ ନିୟନ୍ତ୍ରଣକୁ ଆସିବାରୁ ସେ ପୁରୀ ଆକ୍ରମଣ କରି ନଥିଲେ । ସେ କେନ୍ଦ୍ରାପଡ଼ାର ବଳଦେବ ଜୀଉ ମନ୍ଦିର ଲୁଣ୍ଠନ କରିଥିଲେ। ସୁବାଦାର ଶାୟସ୍ତା ଖାଁ (୧୬୮୦-୮୮) ଝଙ୍କଡ଼ର ଶାରଳା ମନ୍ଦିର ଓ ଯାଜପୁର ଆଖପାଖର କେତୋଟି ମନ୍ଦିର ଲୁଣ୍ଠନ କରିଥିଲେ । ଶାୟସ୍ତ ଖାଁଙ୍କ ପରେ ତାଙ୍କ ପୁତ୍ର ଆବୁ ନାସେର୍ ଓଡ଼ିଶାର ସୁବାଦାର ନିଯୁକ୍ତ ହେଲେ । ତାଙ୍କ ସମୟରେ ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣ ପାଇଁ ସେନା ଚାଳନା ହୋଇଥିଲା । ମାତ୍ର ଝଡ଼ ତୋଫାନଯୋଗୁଁ ମୋଗଲ ସେନା ପିପିଲିଠାରୁ କଟକ ପ୍ରତ୍ୟାବର୍ତ୍ତନ କଲେ । ସଂଭବତଃ ମୁକୁନ୍ଦଦେବ କିଛି ପେଶ୍‌କସ୍ ଦେଇ ମୋଗଲ ସେନାଙ୍କୁ ଜଗନ୍ନାଥ ମନ୍ଦିର ଆକ୍ରମଣରୁ ନିବୃତ୍ତ କରିଥିଲେ ।

ଏହି ସବୁ ମନ୍ଦିର ଆକ୍ରମଣରୁ ମନେହୁଏ, ଆକ୍ରମଣର ଏକ ପ୍ରଧାନ କାରଣ ଥିଲା ଧନରତ୍ନ ଲୁଣ୍ଠନ । ଅନେକ ସମୟରେ ଜଗନ୍ନାଥ ମନ୍ଦିର ଆକ୍ରମଣର ଧମକ ଦେଇ ସୁବାଦାରମାନେ ଖୋର୍ଦ୍ଧା ରାଜାଙ୍କଠାରୁ ଅର୍ଥ ଆଦାୟ କରିଛନ୍ତି । ପୁଣି କେବେ କେବେ ଅର୍ଥ ଲାଭ ପରେ ମନ୍ଦିର ଆକ୍ରମଣ ଯୋଜନାରୁ ନିବୃତ୍ତ ରହିଛନ୍ତି । ମନ୍ଦିର ଆକ୍ରମଣ ପଛରେ ବିଧର୍ମୀ ଭାବନା ଯେ ଏକ କାରଣ ଥିଲା ଏହା ଅସ୍ୱୀକାର କରିହେବ ନାହିଁ । ମୁସଲିମ ଧର୍ମରେ ମୂର୍ତ୍ତି ପୂଜା ନିଷେଧ । ତେଣୁ ମନ୍ଦିର ଉପରେ ଆକ୍ରମଣ କରି ମୂର୍ତ୍ତିକୁ ଭାଙ୍ଗିରୁଜି ଦେବା ସେମାନଙ୍କ ମଧ୍ୟଯୁଗୀୟ ଧାର୍ମିକ ପରଂପରା ଅନୁଯାୟୀ ଯୁକ୍ତିସଂଗତ ଥିଲା । ଏ କ୍ଷେତ୍ରରେ ଆଉରଙ୍ଗଜେବଙ୍କର ଏକ ଦୃଷ୍ଟାନ୍ତ ନିଆଯାଇପାରେ । ୧୬୯୨ରେ ସେ କଟକରେ ନବନିଯୁକ୍ତ ସୁବାଦାର ନବାବ ଏକରାମ ଖାଁଙ୍କୁ ପୁରୀ ମନ୍ଦିର ଧ୍ୱଂସ କରିବାପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ମୋଗଲ ସେନା ପୁରୀ ଆକ୍ରମଣପାଇଁ କଟକରୁ ପ୍ରସ୍ଥାନ କରିବା ପୂର୍ବରୁ ଗଜପତି ଦିବ୍ୟସିଂହଦେବ (୧୬୮୮-୧୭୧୬) ସୁବାଦାରଙ୍କୁ ଜଣାଇଲେ ଯେ, ଆଦେଶ ମିଳିଲେ ସେ (ଗଜପତି) ନିଜେ ମନ୍ଦିର ଧ୍ୱଂସ କରିଦେବେ। ସୁବାଦାର ଏଥିରେ ସମ୍ମତ ହେବାରୁ ଗଜପତି ଉପରଠାଉରିଆ ଭାବେ ମନ୍ଦିରରୁ କିଛି ଭାଙ୍ଗିଦେଲେ ଏବଂ ଦେବପ୍ରତିମାଙ୍କର ଏକ ନକଲି ମୂର୍ତ୍ତି ସୁବାଦାରଙ୍କ ମାଧ୍ୟମରେ ଆଉରଙ୍ଗଜେବଙ୍କ ପାଖକୁ ପ୍ରେରଣ କଲେ । ଅନ୍ୟ ପକ୍ଷରେ ମନ୍ଦିରର ମୁଖ୍ୟ ଫାଟକ ବନ୍ଦ ହେଲା, ପୂଜାବିଧି ମଧ୍ୟ ବନ୍ଦ ରହିଲା । ମନ୍ଦିରରେ ପାଳିତ ଅନ୍ୟାନ୍ୟ ପୂଜା ପାର୍ବଣକୁ ମଧ୍ୟ ବନ୍ଦ କରିଦିଆଗଲା । ଏହି ଉପାୟରେ ଆଉରଙ୍ଗଜେବଙ୍କ ସମୟରେ ଜଗନ୍ନାଥ ମନ୍ଦିର ଧ୍ୱଂସ ହେବାରୁ ରକ୍ଷା ପାଇଥିଲା । ସମ୍ରାଟଙ୍କର ହିନ୍ଦୁବିଦ୍ୱେଷ ନୀତି ମଧ୍ୟ ଏ କ୍ଷେତ୍ରରେ କାର୍ଯ୍ୟକାରୀ ହେଲା ।

ମୋଟ ଉପରେ କହିଲେ, ମଧ୍ୟଯୁଗର ରୀତି ଅନୁଯାୟୀ କେତେକ ମୁସଲିମ୍ ଶାସକ ମନ୍ଦିର ଆକ୍ରମଣ କରିଥିଲେ । ଏହାଦ୍ୱାରା ସେମାନଙ୍କର ଧନଲାଭ ହେଉଥିଲା, ଧର୍ମଲାଭ ମଧ୍ୟ ହେଉଥିଲା ! ଧନ ଲାଭ ଆଶାରେ କେତେକ କ୍ଷେତ୍ରରେ ମୋଗଲ ସମ୍ରାଟଙ୍କ ହିନ୍ଦୁ ପ୍ରଶାସକ ମଧ୍ୟ ମନ୍ଦିର ଲୁଣ୍ଠନ କରିବାକୁ ହେଳା କରି ନଥିଲେ । ଅନ୍ୟ ପକ୍ଷରେ ଖୋର୍ଦ୍ଧାର ଗଜପତି ରାଜା ମନ୍ଦିର ଉପରେ ନିଜ ନିୟନ୍ତ୍ରଣ ଜାରି ରଖିବାପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ମନ୍ଦିରର ନିୟନ୍ତ୍ରଣ ଉପରେ ତାଙ୍କର ସାମାଜିକ ପ୍ରତିଷ୍ଠା ନିର୍ଭର କରୁଥିଲା । ହିନ୍ଦୁରୀତି ଅନୁଯାୟୀ ମନ୍ଦିର ଧ୍ୱଂସ ହେବା କିମ୍ବା ପ୍ରତିଷ୍ଠା ପାଇଥିବା ପ୍ରତିମାଙ୍କର ଅପମାନ ହେବା ଅଥବା ପୂଜାବିଧି ସଂପାଦିତ ନହେବା ଏକ ଜଘନ୍ୟ କାର୍ଯ୍ୟ । ତେଣୁ ଗଜପତିଙ୍କୁ ସ୍ଥାନୀୟ ସମାଜର ସମର୍ଥନ ମିଳିବା ସ୍ୱାଭାବିକ ଥିଲା । ଗଜପତି ହିନ୍ଦୁ ରୀତିରେ ବିଖ୍ୟାତ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରି ନିଜ ପ୍ରତି ସମର୍ଥନକୁ ବହୁଗୁଣିତ କରୁଥିଲେ । ନରସିଂହଦେବଙ୍କଦ୍ୱାରା ପୁରୀ ନିକଟରେ ବୀର ନରସିଂହପୁର ବ୍ରାହ୍ମଣ ଶାସନ ଓ ମୁକୁନ୍ଦଦେବଙ୍କ ସମୟରେ ଦାଣ୍ଡମୁକୁନ୍ଦପୁର ଶାସନ ପ୍ରତିଷ୍ଠା ଉକ୍ତ ପୃଷ୍ଠପୋଷକତାର ଗୋଟିଏ ଲେଖାଏଁ ଉଦାହରଣ ମାତ୍ର ।

୧୭୦୭ରେ ଆଉରଙ୍ଗଜେବଙ୍କର ମୃତ୍ୟୁ ହେଲା । ତା' ପୂର୍ବରୁ ୧୭୦୪ରେ ମୁର୍ସିଦ୍ କୁଲି ଖାଁ ଓଡ଼ିଶାର ସୁବାଦାର ହୋଇ ଆସିଥିଲେ । ତାଙ୍କ ସମୟରେ ଶାନ୍ତି ପ୍ରତିଷ୍ଠା ହେଲା । ଜଗନ୍ନାଥ ମନ୍ଦିରରେ ପୁଣି ଥରେ ପ୍ରତିମା ପୂଜାପାଇଁ ପୂଜାବିଧି ସୁଚାରୁ ରୂପେ ସଂପାଦିତ ହେଲା । ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ମୁର୍ସିଦ୍ କୁଲି ୧୭୧୩ରେ ନିଜକୁ ବଙ୍ଗ, ବିହାର ଓ ଓଡ଼ିଶାର ନଜିମ ଘୋଷଣା କଲେ । ଅର୍ଥାତ୍, ସେ ନାମକୁ ମାତ୍ର ମୋଗଲଙ୍କ ଅଧୀନରେ ରହି ସ୍ୱାଧୀନ ଭାବରେ ଶାସନ ପରିଚାଳନା କରିବାକୁ ଲାଗିଲେ । ଦିଲ୍ଲୀର ମୋଗଲ ବଦଳରେ ଏଣିକି ବଙ୍ଗର ନଜିମଙ୍କ ନିକଟରେ ଓଡ଼ିଶାର ପ୍ରଶାସକ ଉତ୍ତରଦାୟୀ ରହିଲେ । ବଙ୍ଗର ନଜିମଙ୍କଦ୍ୱାରା ନିଯୁକ୍ତ ଓଡ଼ିଶାର ପ୍ରଶାସକଙ୍କୁ ନାଏବ ନଜିମ କୁହାଗଲା । ମୁର୍ସିଦ୍ କୁଲିଙ୍କ ଜାମାତା ସୁଜାଉଦ୍ଦିନ୍ ଓଡ଼ିଶାର ପ୍ରଥମ ନାଏବ ନଜିମ ନିଯୁକ୍ତ ହେଲେ ।

ମୁର୍ସିଦ୍ କୁଲି ଓ ସୁଜାଉଦ୍ଦିନ୍‌ଙ୍କ ସମୟରେ (୧୭୦୪-୧୭୨୭)ଓଡ଼ିଶା ଉପରେ କୌଣସି ଆକ୍ରମଣ ହୋଇ ନଥିଲା । ବରଂ ହିନ୍ଦୁ-ମୁସଲିମ୍ ଏକତାପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା । ସୁଜାଉଦ୍ଦିନ୍ କଦମ୍ ରସୁଲ୍ ମସଜିଦ୍ ନିର୍ମାଣ କରିଥିଲେ । ସେଠାରେ ଉଭୟ ହିନ୍ଦୁ ଓ ମୁସଲମାନ ପ୍ରାର୍ଥନାପାଇଁ ଏକତ୍ର ହେଉଥିଲେ । ଆଜି ମଧ୍ୟ ତାହା ହିନ୍ଦୁ-ମୁସଲିମ୍ ଏକତାର ପ୍ରତୀକ ହୋଇ ରହିଛି । କାଇପଦରର ବୁଖାରୀ ସାହେବ ପୀଠ ମଧ୍ୟ ତାଙ୍କ ସମୟର ସୃଷ୍ଟି । ଏହି ସମୟରେ ଓଡ଼ିଶା ଓ ବଙ୍ଗରେ ସତ୍ୟନାରାୟଣ ପୂଜାର ପ୍ରଚଳନ ହେଲା, ଯାହା ଉଭୟ ସଂପ୍ରଦାୟର ଏକତାର ନିଦର୍ଶନ । ଭଦ୍ରକର ମୋଗଲ ତାମସାର ପ୍ରସାର ମଧ୍ୟ ଏହି ସମୟରେ ହେଲା । ଉଭୟ ଧର୍ମ ସଂପ୍ରଦାୟ ଏଥିରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରୁଥିଲେ ।

୧୭୨୭ରେ ମୁର୍ସିଦ୍ କୁଲିଙ୍କର ଦେହାନ୍ତ ହେବା ପରେ ସୁଜାଉଦ୍ଦିନ୍ ବଙ୍ଗ ସାମ୍ରାଜ୍ୟର ନଜିମ୍ ହେଲେ ଏବଂ ତାଙ୍କ ସ୍ଥାନରେ ଓଡ଼ିଶାର ନାଏବ ନଜିମ ପଦରେ ତକି ଖାଁ ନିଯୁକ୍ତ

ହେଲେ । ତକି ଖାଁ ସୁଜାଉଦ୍ଦିନ୍‌ଙ୍କ ପୁତ୍ର ଥିଲେ । ନଜିମ୍ ଭାବରେ ସୁଜାଉଦ୍ଦିନ୍ ଧାର୍ମିକ ଉଦାରତାପାଇଁ ପ୍ରସିଦ୍ଧ ଥିଲେ । ମାତ୍ର ତକି ଖାଁଙ୍କ ସମୟରେ ପୁଣି ଥରେ ଓଡ଼ିଶା ଏବଂ ବିଶେଷକରି ଖୋର୍ଦ୍ଧା ଓ ପୁରୀରେ ଘୋର ଅରାଜକତା ଦେଖାଗଲା । ଏହା ପଛରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ରୂପରେ ନାଏବ ନଜିମଙ୍କର ହାତ ରହିଥିଲା ।

ଯେଉଁ ବର୍ଷ (୧୭୨୭) ତକି ଖାଁ ଓଡ଼ିଶାର ନାଏବ ନଜିମ୍ ପଦରେ ନିଯୁକ୍ତ ହେଲେ ଠିକ୍ ସେହି ବର୍ଷ ରାମଚନ୍ଦ୍ର ଦେବ ଖୋର୍ଦ୍ଧାରେ ଗଜପତି ପଦରେ ଅଭିଷିକ୍ତ ହେଲେ । ତକି ଖାଁଙ୍କ ଶାସନକାଳ (୧୭୨୭-୩୫) ଓ ରାମଚନ୍ଦ୍ରଦେବଙ୍କ ଶାସନକାଳ (୧୭୨୭-୧୭୩୬) କେବଳ ଏକା ସମୟରେ ଆରମ୍ଭ ହୋଇ ନଥିଲା, ମୋଟାମୋଟି ଏକା ସମୟରେ ଶେଷ ମଧ୍ୟ ହୋଇଥିଲା । ଦ୍ୱିତୀୟତଃ, ସମଗ୍ର ଶାସନକାଳ ମଧ୍ୟରେ ଉଭୟଙ୍କ ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣକୁ ନେଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଳହ ଲାଗି ରହିଥିଲା ।

ତକି ଖାଁଙ୍କ ସମୟରେ ହାଇଦ୍ରାବାଦର ନିଜାମ ଦକ୍ଷିଣ ଓଡ଼ିଶା ଆକ୍ରମଣ କଲେ ଏବଂ ଗଞ୍ଜାମ ଜିଲ୍ଲା ଓ ଚିଲିକା ହ୍ରଦର ଦକ୍ଷିଣ କ୍ଷେତ୍ର ଅଧିକାର କରିନେଲେ । ପୂର୍ବରୁ ଏହି କ୍ଷେତ୍ର ଖୋର୍ଦ୍ଧା ରାଜାଙ୍କ କର୍ତ୍ତୃତ୍ୱରେ ରହିଥିଲା । ମୋଗଲ ସାମ୍ରାଜ୍ୟର ପତନ ପରେ ବଙ୍ଗ ପରି ହାଇଦ୍ରାବାଦକୁ ଏକ ସ୍ୱାଧୀନ ରାଜ୍ୟ ରୂପେ ନିଜାମ୍ ଉଲମୁଲ୍କ ଆସଫ୍ ଝା ଗଢିଥିଲେ ଏବଂ ରାଜ୍ୟ ବିସ୍ତାରପାଇଁ ଓଡ଼ିଶା ପ୍ରତି ଲକ୍ଷ୍ୟ ରଖିଥିଲେ । ଖୋର୍ଦ୍ଧା ରାଜା ନିଜାମ୍‌ଙ୍କ ବିରୁଦ୍ଧରେ ନିଜର ସୀମିତ ପାଇକ ସୈନ୍ୟବଳ ଚାଳନା କରି ପରାଜିତ ହେଲେ । ତାଙ୍କୁ ତକି ଖାଁଙ୍କ ପକ୍ଷରୁ କୌଣସି ସେନା ସହାୟତା ମିଳିଲା ନାହିଁ, ଯଦିଓ ଖୋର୍ଦ୍ଧା ଥିଲା ବଙ୍ଗର ସାମନ୍ତ ରାଜ୍ୟ । ପରାଜୟଯୋଗୁଁ ପ୍ରତିଷ୍ଠା ହରାଇଥିବା ରାମଚନ୍ଦ୍ର ଦେବ ମୋଗଲବନ୍ଦି ଓଡ଼ିଶାର କିଛି ଅଂଶ ଅଧିକାର କରିନେଇ କ୍ଷତି ପୂରଣ କରିବାକୁ ଚେଷ୍ଟା କଲେ । ମାତ୍ର ଏଥିରେ ମଧ୍ୟ ସେ ସଫଳ ହେଲେ ନାହିଁ । ଅର୍ଥାତ୍ ତକି ଖାଁଙ୍କ ସହିତ ତାଙ୍କର ଶତ୍ରୁତା ବୃଦ୍ଧି ପାଇଲା । ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରି ତକି ଖାଁ କଟକ ଦୁର୍ଗରେ ରଖିଲେ । କଟକରେ ବନ୍ଦୀ ଜୀବନ କାଳରେ ରାମଚନ୍ଦ୍ରଦେବ ଇସଲାମ ଧର୍ମରେ ଦୀକ୍ଷିତ ହେଲେ ।

ରାମଚନ୍ଦ୍ରଦେବଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ ସମ୍ବନ୍ଧରେ ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି ଯେ ମୁସଲିମ୍ ରାଜକନ୍ୟାଙ୍କ ପ୍ରେମରେ ପଡ଼ି ଖୋର୍ଦ୍ଧା ରାଜା ଧର୍ମ ପରିବର୍ତ୍ତନ କରିଥିଲେ । ମାତ୍ର ଧର୍ମ ପରିବର୍ତ୍ତନ ପରେ ମଧ୍ୟ ସେ ନାମ ପରିବର୍ତ୍ତନ କରି ନଥିଲେ ଏବଂ ଜଗନ୍ନାଥଙ୍କ ମନ୍ଦିରର ସୁରକ୍ଷାପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ । ପରେ ମନ୍ଦିରରେ ତାଙ୍କ ପ୍ରବେଶକୁ ପଣ୍ଡାମାନେ ମଧ୍ୟ ସ୍ୱାଗତ କରିଥିଲେ । ଏହି ଆଧାରରେ କୁହାଯାଏ ଯେ, ସେ ବାଧ୍ୟହୋଇ ଇସ୍‌ଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ତାଙ୍କ ଧର୍ମ ପରିବର୍ତ୍ତନ ଦ୍ୱାରା ନାଏବ ନଜିମ୍‌ଙ୍କୁ ତୁଷ୍ଟ କରିପାରିଲେ ଜଗନ୍ନାଥ ମନ୍ଦିର ପୁନର୍ବାର ମୁସଲମାନ ଅଧିକାରଭୁକ୍ତ ହେବାରୁ ରକ୍ଷା ପାଇବ ବୋଲି ସେ ହୁଏତ ଆଶା ରଖିଥିଲେ । ମନ୍ଦିର ଉପରେ ତାଙ୍କ ଅଧିକାରକୁ ଏହା ପ୍ରକାରାନ୍ତରେ ସାବ୍ୟସ୍ତ କରିବ ବୋଲି ସେ ମନେ କରିଥିଲେ ।

ରାମଚନ୍ଦ୍ର ଦେବ କଟକରେ ବନ୍ଦୀ ଥିବା ସମୟରେ ଖୋର୍ଦ୍ଧାରେ ତକି ଖାଁଙ୍କ ବିରୁଦ୍ଧରେ ବିଦ୍ରୋହ ହେଲା । ରାମଚନ୍ଦ୍ରଦେବଙ୍କ ପୁତ୍ରମାନଙ୍କ ସହିତ ଆଠଗଡ଼ (ଗଞ୍ଜାମ) ରାଜା ଏହାର ନେତୃତ୍ୱ ନେଇଥିଲେ । ମାତ୍ର ତକି ଖାଁ ବିଦ୍ରୋହୀମାନଙ୍କୁ ପରାଜିତ କଲେ । ଏହା ପରେ ତକି ଖାଁ ରାମଚନ୍ଦ୍ରଦେବଙ୍କୁ କଟକରୁ ମୁକ୍ତ କରି ଖୋର୍ଦ୍ଧାରେ ରହିବାକୁ ଅନୁମତି ଦେଲେ ।

ଏହି ସମୟରେ ପୁରୀ ଉପରେ ତକି ଖାଁଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ଥିଲା । କାଳେ ସେ ମନ୍ଦିର ଆକ୍ରମଣ କରି ବିଗ୍ରହମାନଙ୍କୁ ନଷ୍ଟ କରିବେ, ସେହି ଆଶଙ୍କାରେ ରାମଚନ୍ଦ୍ରଦେବ ଜଗନ୍ନାଥ ବିଗ୍ରହଙ୍କୁ ନେଇ ବାଣପୁର ପଳାୟନ କଲେ । ଏଥିରେ ତକି ଖାଁ କ୍ଷୁବ୍ଧ ହେଲେ । କାରଣ ବିଗ୍ରହ ବିନା ମନ୍ଦିର ତୀର୍ଥଯାତ୍ରୀ ହରାଇଲା ଏବଂ ନାଏବ ନଜିମ୍ ପୁରୀରୁ ଆଶା ଅନୁରୂପ ତୀର୍ଥଯାତ୍ରୀ କର ଅସୁଲ କରି ପାରିଲେ ନାହିଁ । ସେ ଖୋର୍ଦ୍ଧା ଆକ୍ରମଣ କଲେ । ଉଦ୍ଦେଶ୍ୟ ଥିଲା, ରାମଚନ୍ଦ୍ରଦେବଙ୍କର କ୍ଷତିସାଧନ କରିବା । ଭୟରେ ରାମଚନ୍ଦ୍ରଦେବ ପ୍ରଥମେ ନୟାଗଡ଼ ଓ ଖଣ୍ଡପଡ଼ା ଏବଂ ଶେଷରେ ବୋଲଗଡ଼ରେ ଯାଇ ଲୁଚି ରହିଲେ । ଜଗନ୍ନାଥଙ୍କ ବିଗ୍ରହ ବାଣପୁରରୁ ଟିକିଲି ଏବଂ ସେଠାରୁ ଖଲିକୋଟରେ ଲୁଚା ହୋଇ ରହିଲେ । ଯେହେତୁ ଦକ୍ଷିଣ ଓଡ଼ିଶାରେ ଖଲିକୋଟ ଉପରୁ ତକି ଖାଁଙ୍କ ଅଧିକାର ଲୋପ ପାଇଥିଲା , ବିଗ୍ରହକୁ ତାଙ୍କ ଆକ୍ରମଣରୁ ରକ୍ଷା କରିବାପାଇଁ ତାହା ଉପଯୁକ୍ତ ସ୍ଥାନ ବିବେଚିତ ହେଲା । ମନ୍ଦିରରେ ବିଗ୍ରହ ନଥିବାରୁ ତୀର୍ଥଯାତ୍ରୀଙ୍କ ସଂଖ୍ୟା ହ୍ରାସପାଇଲା ଏବଂ ତକି ଖାଁ ମନ୍ଦିରର ଆୟବୃଦ୍ଧି କରିବାପାଇଁ ଶେଷରେ ବିଗ୍ରହ ପ୍ରତିଷ୍ଠାରେ ବାଧା ଦେଲେ ନାହିଁ । ତକି ଖାଁଙ୍କ ମୃତ୍ୟୁ (ମେ ୧୭୩୫) ପୂର୍ବରୁ ଜଗନ୍ନାଥ ମନ୍ଦିରରେ ବିଗ୍ରହଙ୍କୁ ପୁନଃପ୍ରତିଷ୍ଠା କରାଗଲା । ଯଥା ସମୟରେ ନବକଳେବର ମଧ୍ୟ ସମାପନ ହେଲା । ସର୍ବମୋଟ ୨୮ ମାସ ଧରି ମନ୍ଦିରରେ ବିଗ୍ରହ ନଥିଲେ । ମନ୍ଦିର ବନ୍ଦ ରହିଥିଲା ।

ତକି ଖାଁ ଶେଷରେ ଅନୁଭବ କଲେ ଯେ, ଖୋର୍ଦ୍ଧା ରାଜାଙ୍କ ନିୟନ୍ତ୍ରଣରେ ମନ୍ଦିରର ପରିଚାଳନା ରହିବାରେ ହିଁ ଆଶାମତେ ପୁରୀରେ ତୀର୍ଥଯାତ୍ରୀ ସମାଗମ ହେବେ । ଫଳରେ ରାଜ୍ୟ ଆଶାନୁରୂପ ତୀର୍ଥଯାତ୍ରୀ କର ଅସୁଲ କରିପାରିବ। ଗଜପତି, ମନ୍ଦିର ପଣ୍ଡା ଓ ବ୍ରାହ୍ମଣମାନେ ମନ୍ଦିରରେ ବହିଃଶକ୍ତିର ଅନୁପ୍ରବେଶକୁ ନିରନ୍ତର ବିରୋଧ କରି ମନ୍ଦିରର ପାରମ୍ପରିକ ସାର୍ବଭୌମତ୍ୱ ପ୍ରତିପାଦନ କଲେ । ଆଜି ଏକବିଂଶ ଶତାବ୍ଦୀର ଆରମ୍ଭରେ ମଧ୍ୟ ପରମ୍ପରାରୁ ପ୍ରାପ୍ତ ମନ୍ଦିରର ସାର୍ବଭୌମତ୍ୱ ଅକ୍ଷୁଣ୍ଣ ରହିଛି।

୧୭୩୫ରେ ତକି ଖାଁଙ୍କ ମୃତ୍ୟୁ ପରେ ଦ୍ୱିତୀୟ ମୁର୍ସିଦ୍ କୁଲି ଖାଁ ଓଡ଼ିଶାର ନାଏବ ନଜିମ୍ ନିଯୁକ୍ତ ହେଲେ । ମୀର୍ ହବିବ୍ ନାମରେ ଜଣେ ସୁଦକ୍ଷ ଅଧିକାରୀ ଥିଲେ ତାଙ୍କର ଏକାନ୍ତ ସହଯୋଗୀ । ଉଭୟ ନାଏବ ନଜିମ୍ ଓ ମୀର୍ ହବିବ୍ ଦୃଢ଼ ଭାବେ ଅନୁଭବ କଲେ ଯେ ମନ୍ଦିର ଗଜପତିଙ୍କ ପରିଚାଳନାରେ ରହିଲେ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଲାଭହେବ । ଏଣିକି ପୁରୀରେ ବିଗ୍ରହ ଶାନ୍ତିରେ ରହିଲେ । ମାତ୍ର ମୀର୍ ହବିବ୍ ରାଜା ରାମଚନ୍ଦ୍ରଦେବଙ୍କ ଖୋର୍ଦ୍ଧା ସିଂହାସନ ଦାବିକୁ ପ୍ରତ୍ୟାଖ୍ୟାନ କଲେ ଏବଂ ପଦ୍ମନାଭ ଦେବଙ୍କୁ ୧୭୩୬ରେ ଖୋର୍ଦ୍ଧାର ରାଜା ଘୋଷଣା କଲେ । ରାମଚନ୍ଦ୍ରଦେବ ଭଗ୍ନ ମନୋରଥ ହୋଇ ନରସିଂହପୁର ରାଜାଙ୍କ ପାଖରେ ଯାଇ ଆଶ୍ରୟ ନେଲେ ।

ଅଗଷ୍ଟ ୧୭୩୭ରେ ତାଙ୍କର ସେଠାରେ ମୃତ୍ୟୁ ହେଲା । ମନ୍ଦିରର ଓ ବିଗ୍ରହଙ୍କର ସୁରକ୍ଷାପାଇଁ ସେ ଏପରିକି ଧର୍ମତ୍ୟାଗ କରିଥିଲେ ବୋଲି ଓଡ଼ିଶା ଇତିହାସରେ ତଥା ସାହିତ୍ୟରେ ତାଙ୍କୁ ନେଇ ଖୁବ୍ ଚର୍ଚ୍ଚା ଦେଖିବାକୁ ମିଳେ ।

ପଦ୍ମନାଭ ଦେବ (୧୭୩୬-୧୭୩୯) ଭୁବନେଶ୍ୱର ନିକଟସ୍ଥ ପଟିଆର ରାଜା ଥିଲେ । ଖୋର୍ଦ୍ଧା ରାଜବଂଶଜ ନହେବା ସତ୍ତ୍ୱେ ମୀର୍ ହବିବ୍‌ଙ୍କ ସହାୟତାରେ ସେ ଖୋର୍ଦ୍ଧାର ରାଜା ଏବଂ ଓଡ଼ିଶାର ଗଜପତି ପଦବୀ ଧାରଣ କରିଥିଲେ । ଏଥିପାଇଁ ତାଙ୍କୁ ଖୋର୍ଦ୍ଧା ରାଜକୁମାର ବୀରକିଶୋର ଦେବଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା । ପଣ୍ଡା ଓ ବ୍ରାହ୍ମଣମାନଙ୍କର ମଧ୍ୟ ତାଙ୍କ ପ୍ରତି ସମର୍ଥନ ନଥିଲା । ତାଙ୍କର ଗଜପତି ପଦବୀ ଧାରଣକୁ ଲୋକେ ସହଜରେ ଗ୍ରହଣ କରି ପାରିଲେ ନାହିଁ । ଅନ୍ୟ ପକ୍ଷରେ ବୀରକିଶୋର ନାଏବ ନଜିମ୍ ଦ୍ୱିତୀୟ ମୁର୍ସିଦ୍ କୁଲି ଖାଁଙ୍କୁ ସମସ୍ତ ବକେୟା ତୀର୍ଥଯାତ୍ରୀ କର ପୈଠ କରିବାକୁ ପ୍ରତିଶ୍ରୁତି ଦେଲେ । ଏହି ଆଧାରରେ ତାଙ୍କୁ ୧୭୩୯ରେ ଖୋର୍ଦ୍ଧା ରାଜା ଘୋଷଣା କରାଗଲା । ଦୀର୍ଘ ୪୨ବର୍ଷ ଧରି (୧୭୩୯-୧୭୮୧) ସେ ଗଜପତି ରହିଲେ । ତାଙ୍କ ସମୟରେ ହିଁ ୧୭୫୧ରେ ବଙ୍ଗର ନଜିମ୍‌ଙ୍କ ଅଧୀନରୁ ଯାଇ ଓଡ଼ିଶା ମରାଠାମାନଙ୍କ ଅଧିକାରଭୁକ୍ତ ହେଲା ।

୧୫୬୮ରୁ ୧୭୫୧ ପର୍ଯ୍ୟନ୍ତ କାଳାଂଶକୁ ଓଡ଼ିଶା ଇତିହାସରେ ମୋଗଲ ଶାସନର ସମୟ ବୋଲି କୁହାଯାଏ । ମାତ୍ର ପ୍ରକୃତରେ ମୋଗଲମାନଙ୍କ ବ୍ୟତୀତ ଏହି ସମୟରେ ଆଫଗାନ୍ ଓ ବଙ୍ଗର ନଜିମ୍‌ମାନେ ମଧ୍ୟ ଓଡ଼ିଶାକୁ ଶାସନ କରିଥିଲେ । ଦ୍ୱିତୀୟତଃ, ମୋଗଲ ସମୟରେ ପ୍ରବର୍ତ୍ତିତ ପ୍ରାଶାସନିକ ଓ ରାଜସ୍ୱ ବ୍ୟବସ୍ଥା ନଜିମ୍‌ଙ୍କ ସମୟରେ ମଧ୍ୟ ଅପରିବର୍ତ୍ତିତ ରହିଥିଲା । ତେଣୁ ମୋଗଲ ସାମ୍ରାଜ୍ୟର ପତନ ପରେ ସୁଦ୍ଧା ନଜିମ୍‌ଙ୍କ ମାଧ୍ୟମରେ ବଙ୍ଗରେ ଓ ଓଡ଼ିଶାରେ ମୋଗଲ ଶାସନ ଅବ୍ୟାହତ ରହିଥିଲା । ମୋଗଲ ଶାସନ ବେଳେ ଖୋର୍ଦ୍ଧା ଏକ ପ୍ରମୁଖ ରାଜନୈତିକ କେନ୍ଦ୍ର ହେଲା । କାରଣ ତା'ର ରାଜା ଗଜପତି ବା ଓଡ଼ିଶାର ରାଜା ଭାବରେ ସମ୍ମାନ ପାଇଥିଲେ । ଗଜପତି ରୂପେ ପୁରୀ ଓ ଜଗନ୍ନାଥ ମନ୍ଦିର ଉପରେ ତାଙ୍କର ନିୟନ୍ତ୍ରଣ ଥିଲା । ଆଫଗାନ, ମୋଗଲ ଓ ନଜିମ୍ ବାରମ୍ବାର ଜଗନ୍ନାଥ ମନ୍ଦିର ଆକ୍ରମଣ କରି ଅଧିକରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ପ୍ରୟାସ କରୁଥିଲେ । ସେମାନେ ଅଧିକ ଆର୍ଥିକ ଆୟ ଲୋଭରେ ମନ୍ଦିର ଉପରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରଖିବାକୁ ମଧ୍ୟ ବାରମ୍ବାର ପ୍ରୟାସ କରୁଥିଲେ । ମାତ୍ର ଏହା ଫଳରେ ମନ୍ଦିରରେ ଅରାଜକତା ସୃଷ୍ଟି ହୋଇ ତୀର୍ଥଯାତ୍ରୀ ସଂଖ୍ୟା ହ୍ରାସ ପାଉଥିଲା । କର ଅସୁଲି ମଧ୍ୟ ଊଣା ହେବାରେ ଲାଗିଥିଲା । ବିଗ୍ରହଙ୍କ ବିନା ଜଗନ୍ନାଥ ମନ୍ଦିର ଆକର୍ଷଣ ଓ ରାଜସ୍ୱ ହରାଉଥିବାରୁ ଅଧିକାଂଶ ମୁସଲିମ ଶାସକ ବିଗ୍ରହ ଧ୍ୱଂସକୁ ପ୍ରମୁଖତା ଦେଉ ନଥିଲେ । ଅନ୍ୟ ଶବ୍ଦରେ କହିଲେ, ମନ୍ଦିରରୁ ନିୟମିତ କର ପାଇବାପାଇଁ ଗଜପତିଙ୍କ ହାତରେ ନିୟନ୍ତ୍ରଣ ରହିବା ଆବଶ୍ୟକ ଥିଲା । ଏହା ସାମରିକ ଦୃଷ୍ଟିରୁ ହୀନବଳ ଗଜପତିଙ୍କୁ କ୍ଷମତାର ଏକ ପ୍ରମୁଖ କେନ୍ଦ୍ର ହେବାରେ ସାହାଯ୍ୟ କରୁଥିଲା । ଗଜପତି ମନ୍ଦିର ଉପରେ ନିଜ ଅଧିକାର ଜାହିର କରିବାକୁ ପ୍ରୟାସ କରି କଟକଠାରେ ଅବସ୍ଥାପିତ ମୋଗଲ ଶକ୍ତିର

ଶତ୍ରୁ ସାଜୁଥିଲେ । କଟକ ମୋଗଲ ଶାସନର ରାଜଧାନୀ ଥିଲା ଏବଂ ଖୋର୍ଦ୍ଧା ଥିଲା ଗଜପତି ରାଜାଙ୍କର ରାଜଧାନୀ । ଦୁହେଁ ଦୁହିଁଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ । ଫଳରେ ଅନେକ ଥର ଖୋର୍ଦ୍ଧା ଓ କଟକ ମଧ୍ୟରେ ଏହି ସମୟରେ କଳହ ହୋଇଥିଲା । ଓଡ଼ିଶାର ଅନ୍ୟ ରାଜ୍ୟମାନେ ଯଥା ମୟୂରଭଞ୍ଜ, କେନ୍ଦୁଝର, କନିକା ଓ ଖଲିକୋଟ ରାଜା ମଧ୍ୟ ମୋଗଲଙ୍କ ବିରୁଦ୍ଧରେ ବିଦ୍ରୋହ କରିଛନ୍ତି । ଅନେକ ସମୟରେ ସେମାନେ ବିଦ୍ରୋହୀ ଖୋର୍ଦ୍ଧା ରାଜାଙ୍କୁ ସାହାଯ୍ୟ ମଧ୍ୟ କରିଛନ୍ତି ।

ମୋଗଲ ଶାସନ ସମୟରେ ଓଡ଼ିଶାର ଅନେକ ରାଜା, ବିଶେଷକରି ଗଡ଼ଜାତ ରାଜାମାନେ ଅର୍ଦ୍ଧ-ସ୍ୱାଧୀନ ଭାବରେ ପ୍ରଶାସନ ପରିଚାଳନା କରୁଥିଲେ । ବାର୍ଷିକ ଦେୟ ମୋଗଲ ରାଜକୋଷରେ ଜମା କରିବା ପରେ ସେମାନଙ୍କ ମୋଗଲ ଶାସନ ସହ ଅନ୍ୟ କୌଣସି ବିଶେଷ ସମ୍ବନ୍ଧ ରହୁ ନଥିଲା । ଏହି କାରଣରୁ କଟକରେ ମୋଗଲ ଶାସନ ରହିବା ସତ୍ତ୍ୱେ , ଅଭ୍ୟନ୍ତରରେ ସ୍ଥାନୀୟ ରାଜାମାନଙ୍କର ପୂର୍ବବତ୍ ପ୍ରଭୁତ୍ୱ ରହିଥିଲା । ଏହି ଦୃଷ୍ଟିରୁ ଓଡ଼ିଶାର ମୋଗଲ ଶାସନକୁ ମୁସଲମାନ ଯୁଗ ଓ ପରାଧୀନତାର ଯୁଗ ଭାବେ ଆଖ୍ୟାୟିତ କରିବାର କୌଣସି ଯଥାର୍ଥତା ନାହିଁ । ଅନେକଥର ମୋଗଲମାନଙ୍କ ହିନ୍ଦୁ ଅଧିକାରୀମାନେ ମଧ୍ୟ ଜଗନ୍ନାଥ ମନ୍ଦିର ଆକମ୍ରଣ କରିଛନ୍ତି ଅଥବା ଆକ୍ରମଣ କରିବାପାଇଁ ଧମକ ଦେଇଛନ୍ତି । ବିଧର୍ମୀଙ୍କ ପରି ଲୁଟତରାଜ ମଧ୍ୟ କରିଛନ୍ତି ।

ମୋଗଲ ଶାସନ ସମୟରେ ଓଡ଼ିଶା ଯଥେଷ୍ଟ ମାତ୍ରାରେ ବାଣିଜ୍ୟ କାରବାରରେ ଲିପ୍ତ ରହିଥିଲା । ଓଡ଼ିଶାର ବଣିକମାନେ ପୂର୍ବରୁ ଚଳି ଆସୁଥିବା ବାଣିଜ୍ୟ କାରବାରର ବିକାଶ କରିଥିଲେ । ଏଥିପାଇଁ ଓଡ଼ିଶାର ବିସ୍ତୃତ ଉପକୂଳ ସହାୟକ ହେଉଥିଲା । ଏହି କାରଣରୁ ୟୁରୋପୀୟମାନେ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ଭାରତରେ ପ୍ରବେଶ କରିବା ପରେ ଓଡ଼ିଶାରେ ନିଜ ନିଜର ବାଣିଜ୍ୟ କେନ୍ଦ୍ର ଖୋଲିଥିଲେ । କେବଳ ବାଲେଶ୍ୱର ସହରରେ ଫରାସୀ, ଇଂରେଜ, ପର୍ତ୍ତୁଗୀଜ, ଦିନାମାର୍ ଆଦି ସମସ୍ତ ୟୁରୋପୀୟଙ୍କ ବାଣିଜ୍ୟ କେନ୍ଦ୍ର ରହିଥିଲା । ବାଲେଶ୍ୱର ବ୍ୟତୀତ ପିପିଲି, ଚାନ୍ଦବାଲି, ପୁରୀ ଆଦି ସେ ବେଳର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଥିଲା ।

ଦୀର୍ଘ ଦୁଇ ଶତାବ୍ଦୀର ମୋଗଲ ଶାସନ ସମୟରେ ଧର୍ମାନ୍ତରୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନଥିଲା । ଅନ୍ୟଥା ଦୁଇ ଶତାବ୍ଦୀ ଧରି ମୋଗଲ ରାଜତ୍ୱ ସତ୍ତ୍ୱେ ଓଡ଼ିଶାରେ ଏତେ କମ୍ ସଂଖ୍ୟକ ମୁସଲମାନ ନଥାନ୍ତେ । ଯେଉଁ ଅଳ୍ପ କିଛି ଧର୍ମାନ୍ତରୀକରଣ ହୋଇଛି, ତା' ପଛରେ କାରଣ ସର୍ବଦା ବଳପ୍ରୟୋଗ ବୋଲି କୁହାଯାଇ ନପାରେ । ଜାତିଭେଦଯୋଗୁଁ ହିନ୍ଦୁ ସମାଜରେ ରହିଥିବା ବୈଷମ୍ୟ ଅନେକଙ୍କୁ ଧର୍ମାନ୍ତରଣପାଇଁ ପ୍ରୋତ୍ସାହିତ କରିଥିଲା । ଭଦ୍ରକ, କଟକ ଆଦି ଯେଉଁଠି କିଛି ମୁସଲମାନ ଥିଲେ ସେଇଠି ପଡ଼ୋଶୀ ହିନ୍ଦୁମାନଙ୍କ ସହ ସେମାନଙ୍କ ସାମ୍ପ୍ରଦାୟିକ ସଦ୍‌ଭାବ କଦାପି ଊଣା ନଥିଲା । କଦମ ରସୁଲ୍, କାଇପଦର ଆଦି ପୀଠର ପ୍ରତିଷ୍ଠାରୁ ମନେହୁଏ ଯେ, ଲୌକିକ ସ୍ତରରେ ଉଭୟ ସଂପ୍ରଦାୟ ମଧ୍ୟରେ ଯଥେଷ୍ଟ ସଂହତି ଓ ସଦ୍‌ଭାବ ରହିଥିଲା । ଅନେକ

ଆରବିକ, ପାର୍ସୀ ଓ ଉର୍ଦ୍ଦୁ ଶବ୍ଦର ଓଡ଼ିଆରେ ପ୍ରୟୋଗଯୋଗୁଁ ଓଡ଼ିଆ ଭାଷା ସାହିତ୍ୟ ଏହି ସମୟରେ ଋଦ୍ଧିମନ୍ତ ହୋଇଥିଲା ।

ପ୍ରାଚୀନ କାଳରେ ମୌର୍ଯ୍ୟ ସାମ୍ରାଜ୍ୟ ପରି ମଧ୍ୟ କାଳରେ ମୋଗଲ ସାମ୍ରାଜ୍ୟ ସମଗ୍ର ଭାରତବର୍ଷର ପ୍ରତିନିଧିତ୍ୱ କରୁଥିଲା । ଓଡିଶା ଏହାର କର୍ତ୍ତୃତ୍ୱାଧୀନ ହୋଇ ଭାରତର ସାମଗ୍ରିକ ସମାଜ, ସଂସ୍କୃତି, ରୀତି, ନୀତି, ପରମ୍ପରା ଆଦି ସହିତ ଜଡ଼ିତ ହେଲା । ଏମିତିରେ ବି ଭାରତର ବହୁ ଅଞ୍ଚଳ ମୋଗଲ ସାମ୍ରାଜ୍ୟର ଅଧୀନରେ ରହି ସେହି ପ୍ରଭାବକୁ ଅନୁଭବ କରିଛନ୍ତି ଏବଂ ଏକ ସର୍ବଭାରତୀୟ ପରମ୍ପରା ସହ ସମନ୍ୱିତ ହୋଇଛନ୍ତି । ତା' ସହିତ ସ୍ୱାଧୀନ ଓ ଅର୍ଦ୍ଧ ସ୍ୱାଧୀନ ରାଜ୍ୟଗୁଡ଼ିକର ବିକାଶ ଯୋଗୁଁ ଆଞ୍ଚଳିକ ବୈଶିଷ୍ଟ୍ୟ ଊଣା ହୋଇ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ସ୍ଥାନୀୟ ସ୍ୱାଭିମାନ ରକ୍ଷାଲାଗି ମୋଗଲ ସାମ୍ରାଜ୍ୟର ବିରୁଦ୍ଧାଚରଣ କରିବା ନିଶ୍ଚୟ ଗୌରବାବହ । ତା' ସହିତ ମୋଗଲ ସାମ୍ରାଜ୍ୟ ଭଳି ଏକ ମହାଭାରତୀୟ ଦୃଷ୍ଟିକୋଣ ସହିତ ମଧ୍ୟଯୁଗରେ ପରିଚିତ ହେବା ମଧ୍ୟ ଏକା ମାତ୍ରାରେ ଗୌରବାବହ ।

■ ■ ■

# ଓଡ଼ିଶାରେ ମରହଟ୍ଟା ଶାସନ

୧୭୦୭ରେ ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ମୋଗଲ ସାମ୍ରାଜ୍ୟର ଦ୍ରୁତ ପତନ ହେଲା । ଦୀର୍ଘ କାଳ ଧରି ପ୍ରାୟ ସମଗ୍ର ଭାରତବର୍ଷକୁ ଗୋଟିଏ ସାମ୍ରାଜ୍ୟରେ ଏକୀକୃତ କରିଥିବା ମୋଗଲ ଶକ୍ତିର ପତନ ପରେ ହାଇଦ୍ରାବାଦ, ବଙ୍ଗ, ଅଯୋଧ୍ୟା, କର୍ଣ୍ଣାଟକ ଏବଂ ସର୍ବୋପରି ମରାଠା ଆଦି ଆଞ୍ଚଳିକ ଶକ୍ତିମାନଙ୍କର ଅଭ୍ୟୁତ୍‌ଥାନ ହେଲା । ଅବସୋସର ବିଷୟ ଯେ, ଏହି ସମୟରେ ଓଡ଼ିଶାର କୌଣସି ସ୍ଥାନୀୟ ଶକ୍ତି ପ୍ରଭୁତ୍ୱ ବିସ୍ତାର କରିପାରିଲେ ନାହିଁ । ବରଂ ଓଡ଼ିଶାକୁ ବଙ୍ଗ ରାଜ୍ୟର କର୍ତ୍ତୃତ୍ୱାଧୀନ ହୋଇ ରହିବାକୁ ପଡ଼ିଲା । ଫଳରେ ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ସୀମାନ୍ତକୁ ଲାଗି ରହିଥିବା ନିଜାମ ଓ ମରାଠାମାନେ ବଙ୍ଗ କର୍ତ୍ତୃତ୍ୱରୁ ଓଡ଼ିଶାକୁ ଅଧିକାର କରିନେବାକୁ ସାମରିକ ଉଦ୍ୟମମାନ ଆରମ୍ଭ କଲେ । ଦକ୍ଷିଣ ସୀମାକୁ ଲାଗିଥିବା ଅଞ୍ଚଳ ନିଜାମ ଅଧିକାର କରିନେବାରୁ ଓଡ଼ିଶାପାଇଁ ଚିଲିକା ସୀମାନ୍ତ ହେଲା । ଅନ୍ୟ ପକ୍ଷରେ ପଶ୍ଚିମ ଓଡ଼ିଶା ଆଡ଼ୁ ମରାଠାମାନେ ମାଡ଼ି ଆସିବାକୁ ଉଦ୍ୟମ କଲେ । ଏହା ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯୁଦ୍ଧ, ଲୁଣ୍ଠନ, ଆତଙ୍କ ଓ ଆକ୍ରମଣର ରୂପ ନେଲା ।

ଏହି ସମୟର ଅନ୍ୟ ଏକ ରାଜନୀତିକ ବାସ୍ତବତା ହେଲା, ଇଂରେଜ ଓ ଫରାସୀଙ୍କ ପରି ବିଦେଶୀ ବଣିକ ଗୋଷ୍ଠୀର ଭାରତର ରାଜନୀତିରେ ଅନୁପ୍ରବେଶ । ଏହି ବଣିକ ଗୋଷ୍ଠୀ ବାଣିଜ୍ୟରେ ସୀମିତ ନ ରହି ନୂତନ ଭାବେ ମୁଣ୍ଡ ଟେକିଥିବା ଆଞ୍ଚଳିକ ଶକ୍ତିମାନଙ୍କ ମାଧ୍ୟମରେ ନିଜ ପ୍ରଭୁତ୍ୱ ବିସ୍ତାର କରିବାକୁ ଲାଗିଲେ । ସେମାନେ କୌଣସି ଗୋଟିଏ ଭାରତୀୟ ଶକ୍ତିକୁ ପ୍ରୋତ୍ସାହିତ କରି ଅନ୍ୟ ଉପରେ ଦାଉ ସାଧିବାକୁ ଉଦ୍ୟମ କଲେ । ଫଳରେ ବାରମ୍ବାର ଯୁଦ୍ଧ ସଂଘଟିତ ହେଲା । ମାତ୍ର ତା'ଠାରୁ ବଡ଼ କଥା ଯେ, ଯୁଦ୍ଧରେ ଇଉରୋପରୁ ଆମଦାନୀ କରାଯାଇଥିବା ଆଧୁନିକ ଓ ମହଙ୍ଗା ଅସ୍ତ୍ରଶସ୍ତ୍ରର ବ୍ୟବହାର ହେଲା । ଏହା ଯୁଦ୍ଧକୁ ଖର୍ଚ୍ଚବହୁଳ କରିଦେଲା । ସେତେବେଳେ ଖର୍ଚ୍ଚ ତୁଲାଇବାପାଇଁ ରାଜାମାନେ ଭୂ-ରାଜସ୍ୱ ଉପରେ ପୂର୍ଣ୍ଣତଃ ଆଶ୍ରିତ ଥିଲେ । ପୁଣି ନିଜ ପ୍ରଜାଙ୍କଠାରୁ ଅଧିକ ଭୂ-ରାଜସ୍ୱ ଆଦାୟ କରିବାର ସଂଭାବନା ନଥିଲା । କାରଣ କୃଷିର ବିକାଶ

ହୋଇ ନଥିଲା; ଉତ୍ପାଦନ ବୃଦ୍ଧି ପାଇ ନଥିଲା । ତେଣୁ ଅନ୍ୟ ରାଜ୍ୟ ଉପରେ ଆକ୍ରମଣ ଓ ଅଧିକାର ନୂତନ ଭାବେ ଗଢ଼ି ଉଠୁଥିବା ପ୍ରତ୍ୟେକ ଆଞ୍ଚଳିକ ଶକ୍ତିପାଇଁ ଆବଶ୍ୟକ ହୋଇପଡ଼ିଲା । ଯୁଦ୍ଧ ବିନା ସେମାନଙ୍କ ଅସ୍ତିତ୍ୱ ସଙ୍କଟାପନ୍ନ ହୋଇ ରହିଲା । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ପ୍ରବର୍ତ୍ତମାନ ଏଭଳି ଏକ ରାଜନୀତିକ ଓ ସାମାଜିକ ପୃଷ୍ଠଭୂମିରେ ବଙ୍ଗ କବଳରୁ ମରାଠାମାନଙ୍କର ଓଡ଼ିଶା ଅଧିକାର ପ୍ରସଙ୍ଗକୁ ଦେଖିହେବ ।

ମରାଠାମାନେ ସେତେବେଳେ ଏକାଧିକ କ୍ଷୁଦ୍ରଶକ୍ତିରେ ପରିଣତ ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରେ ଅନ୍ତର୍ବିବାଦ ଥିଲା, କିନ୍ତୁ ଆବଶ୍ୟକ ସମୟରେ ସେମାନେ ଏକଜୁଟ ହୋଇ ଯାଉଥିଲେ । ସେମାନଙ୍କର ବଡ଼ ଶକ୍ତି ଥିଲା ଗରିଲା ଯୁଦ୍ଧ ପ୍ରଣାଳୀ, ଯାହା ଫଳରେ ସେମାନେ ଅନ୍ୟ ଭାରତୀୟ ଶକ୍ତିଙ୍କ ଅପେକ୍ଷା ସାମରିକ ଦୃଷ୍ଟିରୁ ଯଥେଷ୍ଟ ଆଗରେ ଥିଲେ । ନିରନ୍ତର ଗରିଲା ପ୍ରଣାଳୀରେ ସେମାନେ ଆକ୍ରମଣ କରି ପଡ଼ୋଶୀ ରାଜାମାନଙ୍କୁ ତଥା ସେଠାର ସାଧାରଣ ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲେ । ଫଳରେ ପଡ଼ୋଶୀ ରାଜାମାନେ ତାଙ୍କୁ ସୁରକ୍ଷା କର ବା ଚୌଥ ଏବଂ ସରଦେଶମୁଖୀ ଦେବାକୁ ବାଧ୍ୟ ହେଉଥିଲେ । ଅନେକ ସମୟରେ ଆକ୍ରମଣର କେବଳ ଧମକ ଦେଇ ମରାଠାମାନେ ବହୁ ପରିମାଣର କର ଅସୁଲ କରି ନେଉଥିଲେ ।

ମରାଠାମାନଙ୍କ ମଧ୍ୟରୁ ନାଗପୁରର ଭୋଁସଲେ ରାଜା ସଦାଶିବ ରାଓ ସେତେବେଳେ ଓଡ଼ିଶା ଅଧିକାର କରିବାକୁ ପ୍ରସ୍ତୁତି କରି ସଫଳ ହୋଇଥିଲେ। ୧୭୫୧ରୁ ୧୮୦୩ ଯାଏ ଭୋଁସଲେ ବଂଶର ରାଜତ୍ୱ ଓଡ଼ିଶାରେ ଚାଲିଲା । ଏହା ପଛରେ ଅନ୍ୟାନ୍ୟ କାରଣ ମଧ୍ୟରେ ବଙ୍ଗ ପ୍ରଶାସନ ମଧ୍ୟରେ ଲାଗି ରହିଥିବା ଅନ୍ତର୍ବିବାଦ ପ୍ରଧାନ ଥିଲା ।

୧୭୩୯ରେ ନାଜିମ୍ ନବାବ ସୁଜାଉଦ୍ଦିନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ସରଫରାଜ ନୂଆ ନଜିମ୍ ହେଲେ । ନୂଆ ନଜିମ୍‌ଙ୍କ ଦୁର୍ବଳତାର ସୁଯୋଗ ନେଇ ସୁଜାଉଦ୍ଦିନ୍‌ଙ୍କ ସମୟର ପ୍ରମୁଖ ଅଧିକାରୀ ଭାବରେ କାମ କରିଥିବା ଅଲିବର୍ଦ୍ଦି ଖାଁ ୧୭୪୦ରେ ସରଫ୍‌ରାଜଙ୍କୁ ହତ୍ୟା କଲେ ଏବଂ ନିଜେ ବଙ୍ଗର ନୂଆ ନବାବ ହେଲେ । ଅଲିବର୍ଦ୍ଦି ଓଡ଼ିଶାର ନାଏବ ନଜିମ୍ ଭାବରେ ନିଜ ପୁତୁରା ସୟଦ୍ ଅହମ୍ମଦ ଖାଁଙ୍କୁ ନିଯୁକ୍ତ କଲେ । ଏହାର ପ୍ରତିବାଦ କରି ପୂର୍ବରୁ ଅବସ୍ଥାପିତ ନାଏବ ନଜିମ୍ ମୁର୍ସିଦ୍ କୁଲି ଖାଁ ବିଦ୍ରୋହ କଲେ । ମାତ୍ର ଆଲିବର୍ଦ୍ଦି ଖାଁଙ୍କ ସେନା ହାତରେ ସେ ଫୁଲୱାରିଠାରେ (ବାଲେଶ୍ୱର ନିକଟସ୍ଥ ଫୁଲାଡ଼ି) ପରାସ୍ତ ହେଲେ । ଏହା ପରେ ଯଦିଓ ମୁର୍ସିଦ୍ ଖୋର୍ଦ୍ଧା ରାଜାଙ୍କ ପାଖରେ ଆଶ୍ରା ନେଇ ରହିଲେ, ତାଙ୍କ ବିଶ୍ୱସ୍ତ ସହଯୋଗୀ ମୀର୍ ହବିବ୍ ବଙ୍ଗ ନବାବଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ । ସେ ଏଥିପାଇଁ ନାଗପୁର ଭୋଁସଲେ ରାଜାଙ୍କଠାରୁ ସହଯୋଗ ନେଲେ । ଅନ୍ୟ ପକ୍ଷରେ ଓଡ଼ିଶା ଅଧିକାରପାଇଁ ଯୋଜନା କରୁଥିବା ଭୋଁସଲେ ମୀର ହବିବ୍‌ଙ୍କ ସହଯୋଗକୁ ସୁବର୍ଣ୍ଣ ସୁଯୋଗ ରୂପେ ଗ୍ରହଣ କଲେ। ଏହାର ପରିଣାମ ସ୍ୱରୂପ ୧୯ ଏପ୍ରିଲ୍ ୧୭୪୨ରେ ମୀର୍ ହବିବ୍‌ଙ୍କ ନେତୃତ୍ୱରେ ମରାଠା ସେନା କଟକ ଅଧିକାର କରିନେଲେ । ପଶ୍ଚିମ ଓଡ଼ିଶା ଦେଇ ସେମାନେ କଟକ ଆସିବା ବେଳେ ରାସ୍ତାରେ ଲୁଣ୍ଠନ ଓ ଆକ୍ରମଣ ଜାରି ରଖିଥିଲେ । ୧୭୪୨ରୁ ୧୭୫୧ ମଧ୍ୟରେ ମରାଠା ଓ ବଙ୍ଗ ନବାବଙ୍କ ମଧ୍ୟରେ ଓଡ଼ିଶା ଅଧିକାରପାଇଁ ଛକାପଞ୍ଝା ଚାଲିଲା ।

କେତେବେଳେ ଅଲିବର୍ଦ୍ଦି ପରାସ୍ତ ହେଲେ ତ ଆଉ କେତେବେଳେ ସାମୟିକ ଭାବେ ମରାଠାମାନେ ପରାସ୍ତ ହେଲେ । ନ୍ୟାୟ ପାଇବା ନିମନ୍ତେ ଅଲିବର୍ଦ୍ଦି ନାମମାତ୍ର ମୋଗଲ ସମ୍ରାଟ ମହମ୍ମଦ ଶାହ ଓ ମରାଠା ପ୍ରମୁଖ ପେଶୱାଙ୍କଠାରେ ମଧ୍ୟ ଫେରାଦ ହେଲେ । ହାଇଦ୍ରାବାଦର ନିଜାମ ମରାଠା ଆକ୍ରମଣରୁ ତ୍ରାହି ପାଇବା ସକାଶେ ମରାଠାମାନଙ୍କର ବଙ୍ଗ ଆକ୍ରମଣକୁ ପରୋକ୍ଷରେ ସମର୍ଥନ କଲେ । ପ୍ରତିଥର ମରାଠାମାନେ ନାଗପୁରରୁ ପଶ୍ଚିମ ଓଡ଼ିଶା ଦେଇ କଟକ, ବାଲେଶ୍ୱର ଓ ଆଗକୁ ମେଦିନିପୁର ପର୍ଯ୍ୟନ୍ତ ସୈନ୍ୟ ଚାଳନା କରୁଥିଲେ । ରାସ୍ତାରେ ଗାଁ ଗଣ୍ଡା ଲୁଟ୍ କରିବା, ଲୋକଙ୍କ ଉପରେ ଅତ୍ୟାଚାର କରିବା, ହାଣ-କାଟ କରିବା, ଧନରତ୍ନ ଲୁଣ୍ଠନ କରିବା ଆଦି ସେମାନଙ୍କର ପ୍ରମୁଖ କାମ ହେଲା । ଏହାକୁ ଲୌକିକ ଭାଷାରେ ପଶ୍ଚିମ ଓଡ଼ିଶାରେ 'ଗଣ୍ଡମାରୁ' ବୋଲି କୁହାଯାଏ, କାରଣ ମରାଠା ସେନାରେ ଅନେକ ସଂଖ୍ୟାରେ ଗଣ୍ଡ ଆଦିବାସୀ ସଂପ୍ରଦାୟର ସୈନିକ ଥିଲେ । ସେମାନେ ରାଜକୋଷ ମଧ୍ୟ ଲୁଟି ନେଉଥିଲେ । ସେମାନଙ୍କ ଗରିଲା ଆକ୍ରମଣରୁ ତ୍ରାହି ପାଇବାଲାଗି ବଙ୍ଗ ନବାବ ଅନେକ ଥର ବହୁ ପରିମାଣର ଅର୍ଥ ଦେବାକୁ ବାଧ୍ୟ ହେଉଥିଲେ ।

୧୭୫୧ରେ ଅଲିବର୍ଦ୍ଦି ଖାଁ ସମସ୍ୟାର ଏକ ସ୍ଥାୟୀ ସମାଧାନପାଇଁ ରଘୁଜୀ ଭୋଁସଲେଙ୍କ ସହିତ ଚୁକ୍ତି ସ୍ୱାକ୍ଷର କଲେ । ଚୁକ୍ତି ଅନୁଯାୟୀ ଓଡ଼ିଶାର ଅଧିକାର ମରାଠାମାନଙ୍କ ହାତକୁ ଗଲା । ମୀର୍ ହବିବ୍ ନାଏବ ନାଜିମ୍ ନିଯୁକ୍ତ ହେଲେ । ଯଦିଓ ଓଡ଼ିଶାର ଅଧିକାର ଭୋଁସଲେଙ୍କ ହାତରେ ରହିଲା, ଅଲିବର୍ଦ୍ଦି ଖାଁ ବଙ୍ଗର ନବାବ ଭାବରେ ଏହାର ନାମମାତ୍ର ନବାବ ରହିଲେ । ମାତ୍ର ଯୁଦ୍ଧ କ୍ଷତିପୁରଣ ବାବଦକୁ ଓଡ଼ିଶାର ରାଜସ୍ୱ ଭୋଁସଲେ ରାଜକୋଷକୁ ଯିବ ବୋଲି ସ୍ଥିର ହେଲା । ଏହା ବ୍ୟତୀତ ବଙ୍ଗ କ୍ଷେତ୍ର ଉପରେ ମରାଠା ଆକ୍ରମଣରୁ ନିବୃତ୍ତି ପାଇବାଲାଗି ଅଲିବର୍ଦ୍ଦି ବାର୍ଷିକ ୧୨ ଲକ୍ଷ ଟଙ୍କା ଚୌଥକର ଦେବେ ବୋଲି ସହମତ ହେଲେ । ଏହା ବ୍ୟତୀତ ମରାଠା ଓ ବଙ୍ଗ ମଧ୍ୟରେ ସୁବର୍ଣ୍ଣରେଖା ନଦୀକୁ ସୀମାରେଖା ରୂପେ ମାନିନେବାକୁ ଉଭୟ ପକ୍ଷ ରାଜି ହେଲେ ।

ଓଡ଼ିଶାରେ ମରାଠା ଶାସନ ୧୭୫୧ରୁ ୧୮୦୩ ପର୍ଯ୍ୟନ୍ତ ଅର୍ଥାତ୍ ଅର୍ଦ୍ଧଶତାବ୍ଦୀରୁ ସାମାନ୍ୟ ଅଧିକ କାଳ ଧରି ଚାଲିଥିଲା । କଟକର ବାରବାଟୀ ଦୁର୍ଗ ଥିଲା ଓଡ଼ିଶା ସୁବା ବା ପ୍ରଦେଶର ରାଜଧାନୀ । ସୁବାଦାର ଥିଲେ ଏହାର ଶାସକ । ପରିସୀମା ଦୃଷ୍ଟିରୁ ଏହାର ସୀମାନ୍ତ ଦକ୍ଷିଣରେ ଚିଲିକା, ଉତ୍ତରରେ ବାଲେଶ୍ୱର ଏବଂ ପଶ୍ଚିମରେ ସମ୍ବଲପୁର ଜିଲ୍ଲା ଯାଏ ବ୍ୟାପି ଥିଲା । ଓଡ଼ିଶା ସୁବାକୁ ମୋଗଲମାନେ ମୋଗଲବନ୍ଦି ଓ ଗଡଜାତ ଭାବରେ ଦୁଇଭାଗରେ ବିଭକ୍ତ କରିଥିଲେ, ଯାହା ମରାଠାମାନଙ୍କ ସମୟରେ ମଧ୍ୟ ଅବ୍ୟାହତ ରହିଲା । ମୋଗଲବନ୍ଦି ଅଂଚଳରେ ମରାଠାମାନଙ୍କର ପ୍ରତ୍ୟକ୍ଷ ଶାସନ ଚାଲିଥିଲା । ଗଡ଼ଜାତରେ ରାଜାମାନେ ବାର୍ଷିକ ଦେୟ ଜମା କଲା ପରେ ସ୍ୱାଧୀନ ଭାବେ ପ୍ରଶାସନ ପରିଚାଳନା କରୁଥିଲେ । ସେତେବେଳେ ମୋଟ ୨୪ଟି ଗଡ଼ଜାତ ରହିଥିଲେ । ମୋଗଲବନ୍ଦି ଅଂଚଳରେ ନିୟମିତ ଜମି ବନ୍ଦୋବସ୍ତ କରାଯାଉଥିଲା ଏବଂ ଜମିଦାରମାନଙ୍କ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରାଯାଉଥିଲା ।

ମରାଠା ଶାସନ ସମୟରେ ଭୂ-ରାଜସ୍ୱ ଓ ବଙ୍ଗ ନବାବଙ୍କଠାରୁ ଚୌଥ ବା ଚୌଠ କର ଆଦାୟ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ତୀର୍ଥଯାତ୍ରୀ କର ଅସୁଲିପାଇଁ ମରାଠା

ପ୍ରଶାସକମାନେ ଜଗନ୍ନାଥ ମନ୍ଦିର ଉପରେ ନିୟନ୍ତ୍ରଣକୁ ମଧ୍ୟ ଖୁବ୍ ମହତ୍ତ୍ୱ ଦେଉଥିଲେ । ପୁରୀରେ ତୀର୍ଥଯାତ୍ରୀ ସମାଗମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କିଛି ରାସ୍ତାଘାଟର ନିର୍ମାଣପାଇଁ ମଧ୍ୟ ଉଦ୍ୟମ କରିଥିଲେ ।

ମରାଠା ଶାସନ ସମୟରେ ନାଗପୁରସ୍ଥିତ ଭୋଁସଲେ ଯଦିଓ ଓଡ଼ିଆ ସୁବାର ସର୍ବେସର୍ବା ଥିଲେ, ଦୂରତ୍ୱ ଓ ଗମନାଗମନର ଅସୁବିଧାଯୋଗୁଁ ସୁବାଦାର ଥିଲେ ରାଜ୍ୟର ପ୍ରକୃତ ଶାସକ । ତାଙ୍କର ମୁଖ୍ୟ କାମ ଥିଲା, ଧାର୍ଯ୍ୟମତେ ଭୂ-ରାଜସ୍ୱ ଓ ବଙ୍ଗ ନବାବଙ୍କଠାରୁ ଚୌଠ ଆଦାୟ କରି ଭୋଁସଲେଙ୍କ ରାଜକୋଷରେ ପଇଠ କରିବା । ମାତ୍ର ଧାର୍ଯ୍ୟମତେ ଭୂ-ରାଜସ୍ୱ ଆଦାୟ ହୋଇ ପାରୁ ନଥିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଉଥିଲା ଏବଂ ସୁବାଦାର ପଦରୁ ବହିଷ୍କାର କରି ଦିଆଯାଉଥିଲା । ନୂଆ ସୁବାଦାର ନିଯୁକ୍ତ ହେଉଥିଲେ । ଅନ୍ୟ ପକ୍ଷରେ ମୋଗଲବନ୍ଦି ଅଞ୍ଚଳରେ ନିୟମିତ ଜମି ବନ୍ଦୋବସ୍ତ କରି ଜମିଦାର ଓ ପ୍ରଜାଙ୍କ ଉପରେ ବାରମ୍ବାର ଖଜଣା ବୃଦ୍ଧି କରାଯାଉଥିଲା । ଯେହେତୁ ଭୋସଲେଁଙ୍କ ଦାବି ପରିମାଣ ଖୁବ୍ ଅଧିକ ଥିଲା, ବହିଷ୍କାରର ଆଶଙ୍କା ସତ୍ତ୍ୱେ ସୁବାଦାର ଧାର୍ଯ୍ୟମତେ ରାଜସ୍ୱ ଅସୁଲ କରି ପାରୁ ନଥିଲେ । ନିୟମିତ ଖଜଣା ବୃଦ୍ଧି ହେଉଥିବାରୁ ମରାଠାମାନଙ୍କ ବିରୁଦ୍ଧରେ ବିଦ୍ରୋହ ମଧ୍ୟ ହେଉଥିଲା । ରାଜସ୍ୱ ପଇଠ କରିବାକୁ ମରାଠା ଅଧିକାରୀମାନେ ନିଜ ପ୍ରଜା ଓ ଜମିଦାରଙ୍କୁ ଲୁଣ୍ଠନ କରୁଥିଲେ ।

ମାତ୍ର ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଓଡ଼ିଶା ସୁବାରେ ମୋଟ ଦଶଜଣ ସୁବାଦାର ନିଯୁକ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ମୀର୍ ହବିବ୍ (୧୭୫୧-୧୭୫୨) ଓ ମିର୍ଜା ସାଲେ (୧୭୫୨-୧୭୫୯)ଥିଲେ ମୁସଲମାନ । ଉଭୟେ ବଙ୍ଗ ଶାସକ ଅଲିବର୍ଦ୍ଦି ଖାଁ ଓ ଭୋଁସଲେ ରାଜା ରଘୁଜୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ନିଯୁକ୍ତି ପାଇଥିଲେ । ଅନ୍ୟ ଆଠଜଣ ସୁବାଦାର ଥିଲେ ମରହଟ୍ଟା । ସେମାନେ ହେଲେ- ଶେଓ ଭଟ୍ଟ ସାଠେ (୧୭୬୦-୧୭୬୪), ଭବାନୀ ପଣ୍ଡିତ (୧୭୬୪-୬୮), ଶମ୍ଭାଜୀ ଗଣେଶ (୧୭୬୮-୧୭୭୦) । ବାବୁଜୀ ନାଏକ(୧୭୭୧-୧୭୭୩), ମାଧୋଜୀ ହରି (୧୭୭୩-୧୭୭୭), ରାଜାରାମ ପଣ୍ଡିତ (୧୭୭୮-୧୭୯୩) ଏବଂ ସଦାଶିବ ରାଓ (୧୭୯୩-୧୮୦୩) । ଏମାନଙ୍କ ବ୍ୟତୀତ ସାମୟିକ ଭାବେ ଆଉ କେତେ ଜଣ ମଧ୍ୟ ସୁବାଦାର ପଦରେ ନିଯୁକ୍ତ ହୋଇଥିଲେ । ଅଧିକାଂଶ ସୁବାଦାର ଦାବିମତେ ଖଜଣା ଅସୁଲ କରି ନ ପାରି ପଦରୁ ବରଖାସ୍ତ ହେଉଥିଲେ ।

ମୀର୍ ହବିବ୍ ଥିଲେ ଓଡ଼ିଶାର ପ୍ରଥମ ମରାଠା ସୁବାଦାର । ତାଙ୍କର ପ୍ରକୃତ ନାମ ଥିଲା ମୀର୍ ହବିବୁଲ୍ଲା । ପାରସ୍ୟରୁ ସେ ଭାରତ ଆସି ବଙ୍ଗ ନବାବଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ମାତ୍ର ଅଲିବର୍ଦ୍ଦି ଖାଁ ନବାବ ପଦ ଅଧିକାର କରିନେବା ପରେ ସେ ଓଡ଼ିଶାରେ ପୂର୍ବରୁ ନିଯୁକ୍ତ ନାଏବ ନବାବ ମୁର୍ସିଦ୍ କୁଲି ଖାଁଙ୍କ ସହ ମିଶି ନବାବଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ପରାଜିତ ହେଲା ପରେ ଓଡ଼ିଶା ଉପରେ ମରାଠା ଆକ୍ରମଣପାଇଁ ସହଯୋଗ କଲେ । ୧୭୫୧ରେ ଅଲବର୍ଦ୍ଦି ଓ ଭୋଁସଲେଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ପଛରେ ମୀର ହବିବ୍‌ଙ୍କ ବଡ଼ ଭୂମିକା ରହିଥିଲା । ସେ ଓଡ଼ିଶାର ସୁବାଦାର ନିଯୁକ୍ତ ହେଲେ ଏବଂ ଓଡ଼ିଶାର ରାଜସ୍ୱ ଆଦାୟ କରିବାର ପ୍ରତିଶ୍ରୁତି

ଦେଲେ । ଚୁକ୍ତିର ସର୍ତ୍ତ ଅନୁଯାୟୀ ଅଲିବର୍ଦ୍ଦିଙ୍କ ବଙ୍ଗ ଅଧୀନରେ ଓଡ଼ିଶା ରହିବ, ମାତ୍ର ରାଜସ୍ୱ ଜମା ହେବ ଭୋଁସଲେଙ୍କ ରାଜକୋଷରେ । ମୀର ହବିବ୍ ଅଲିବର୍ଦ୍ଦିଙ୍କଠାରୁ ଚୌଠ କର ଆଦାୟ କରି ନାଗପୁର ପଠାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ । ମାତ୍ର ରାଜସ୍ୱ ଅସୁଲିରେ ସେ ବିଫଳ ହେଲେ । ଚୌଠ ଆଦାୟ ମଧ୍ୟ କରି ପାରିଲେ ନାହିଁ । ଅନ୍ୟ ପକ୍ଷରେ ସେ ରାଜକୋଷର ଅର୍ଥ ତୋସରପାତ କରିଥିବାର ଅଭିଯୋଗ ନାଗପୁରରେ ପହଞ୍ଚିଲା । ରଘୁଜୀ ଭୋଁସଲେଙ୍କ ପୁତ୍ର ଜାନୁଜୀ ତଦନ୍ତପାଇଁ କଟକ ଆସିଥିବା ସମୟରେ ମୀର୍ ହବିବ୍‌ଙ୍କର ମୃତ୍ୟୁ ହେଲା ।

ଦ୍ୱିତୀୟ ସୁବାଦାର ମିର୍ଜା ସାଲେ (୧୭୫୨-୫୯) ସାତ ବର୍ଷ ଧରି ଓଡ଼ିଶାରେ ଶାସନ କଲେ । ମୀର୍ ହବିବ୍‌ଙ୍କ ସହଯୋଗୀ ଭାବରେ ସେ ଓଡ଼ିଶାର ଭୂଗୋଳ ଓ ରାଜନୀତି ସହିତ ପରିଚିତ ଥିଲେ । ପୂର୍ବରୁ ଧାର୍ଯ୍ୟମତେ ଭୂ-ରାଜସ୍ୱ ଓ ଅଲିବର୍ଦ୍ଦିଙ୍କଠାରୁ ଚୌଠ କର ସହିତ ଅଧିକ ଚାରି ଲକ୍ଷ ଟଙ୍କା ଜମା କରିବାକୁ ତାଙ୍କୁ ଆଦେଶ ଦିଆଗଲା । ଅଲିବର୍ଦ୍ଦିଙ୍କଠାରୁ ସେ ଏହି ବଳକା ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ । ଅଲିବର୍ଦ୍ଦି ଚୌଠ ଦେବାକୁ ମନା କରିବାରୁ ମିର୍ଜା ସାଲେ ଓଡ଼ିଶାର ଜମିଦାରମାନଙ୍କଠାରୁ ତାହା ବଳପୂର୍ବକ ଆଦାୟ କରିବାକୁ ପ୍ରୟାସ କଲେ । ମାତ୍ର ତାଙ୍କୁ ଆଶାନୁରୂପ ସଫଳତା ମିଳି ପାରିଲା ନାହିଁ । ଅନ୍ୟ ପକ୍ଷରେ ମରାଠାଶାସନ ଅଧିକରୁ ଅଧିକ ଅପ୍ରିୟ ହେଲା । ରାଜସ୍ୱ ଜମା କରି ନପାରିବାରୁ ତାଙ୍କୁ ୧୭୫୯ରେ ଭୋଁସଲେ ରାଜା ଓଡ଼ିଶା ସୁବାଦାର ପଦବୀରୁ ବରଖାସ୍ତ କଲେ ।

ମିର୍ଜା ସାଲେ ଧାର୍ଯ୍ୟ ରାଜସ୍ୱ ରାଜକୋଷରେ ଜମା କରି ଭୋଁସଲେଙ୍କ ପ୍ରିୟଭାଜନ ହେବାକୁ ନାନା ଉପାୟ କରିଥିଲେ । ତାଙ୍କ ସମୟରେ ସିରାଜ ଉଦ୍ଦୌଲା ଓ ଇଂରେଜମାନଙ୍କ ମଧ୍ୟରେ ପଲାସୀ ଯୁଦ୍ଧ (୧୭୫୭) ସଂଘଟିତ ହେଲା । ସେ ଇଂରେଜମାନଙ୍କ ପକ୍ଷ ନେଇ ଯୁଦ୍ଧରେ ଜିଣିଲା ପରେ ସହଜରେ ଚୌଠ ଆଦାୟ କରିବେ ବୋଲି ଆଶା ରଖିଥିଲେ । ଏ ନେଇ ଏକ ପ୍ରତିଶ୍ରୁତି ମଧ୍ୟ ସେ ଇଂରେଜମାନଙ୍କ ପାଖରୁ ହାସଲ କରିଥିଲେ । ମାତ୍ର ପଲାସୀ ଯୁଦ୍ଧରେ ଜିଣିଲା ପରେ ଇଂରେଜମାନଙ୍କ ଶକ୍ତି ବୃଦ୍ଧି ପାଇଲା । ୧୭୬୪ରେ ବକ୍ସର ଯୁଦ୍ଧରେ ବିଜୟ ହାସଲ କଲା ପରେ ସେମାନେ ବଙ୍ଗ, ବିହାର ଓ ଓଡ଼ିଶାର ଦିୱାନୀ କ୍ଷମତା ହାସଲ କଲେ, ଯାହା ଫଳରେ ପ୍ରତିଶ୍ରୁତି ଭଙ୍ଗ କରିବା ସେମାନଙ୍କପାଇଁ ସହଜ ହେଲା । ଏମିତିରେ ବି ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀର ସାମ୍ରାଜ୍ୟବାଦୀ ଚରିତ୍ରକୁ ଯଦି ମିର୍ଜା ସାଲେ ବା ତତ୍କାଳୀନ ଅନ୍ୟ ଭାରତୀୟ ଶକ୍ତିମାନେ ବୁଝି ପାରିଥାନ୍ତେ, ପ୍ରତିଶ୍ରୁତି ହାସଲ କରିବା ଅମୂଳକ ବୋଲି ଜାଣି ପାରିଥାନ୍ତେ ।

୧୭୫୫ରେ ରଘୁଜୀ ଭୋଁସଲେଙ୍କ ମୃତ୍ୟୁ ହେଲା । ଏହାକୁ ସୁଯୋଗ ମନେକରି ବାରମ୍ବାର ମରାଠା ଆକ୍ରମଣରେ ତ୍ରସ୍ତ ଓଡ଼ିଶାର କେତେକ ଜମିଦାର ବିଦ୍ରୋହ ଆରମ୍ଭ କଲେ । ଏହା ଫଳରେ ମିର୍ଜା ସାଲେ ସୁବାଦାର ଭାବରେ ଅଧିକ ଅପଦସ୍ତ ହେଲେ । ତାଙ୍କ ପଦଚ୍ୟୁତି ପରେ (୧୭୫୯ରେ) ଶେଓ ଭଟ୍ଟ ସାଠେ (୧୭୬୦-୧୭୬୪) ଓଡ଼ିଶାର ସୁବାଦାର ନିଯୁକ୍ତ ହେଲେ ।

ଶେଓ ଭଟ୍ଟ ସାଠେ ସୁବାଦାର ନିଯୁକ୍ତ ହେବା ପୂର୍ବରୁ ଓଡିଶାରେ ବ୍ୟାପିଥିବା ଅରାଜକତାକୁ ଦୂର କରିବାଲାଗି ସୈନ୍ୟ ଚାଳନା ମଧ୍ୟ କରିଥିଲେ । ଏପରିକି ବାରବାଟୀ ଦୁର୍ଗର ଫୌଜଦାର

(ରକ୍ଷକ) ଫତେହ ଖାନ୍‌ଙ୍କ ସହ ମଧ୍ୟ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା । ଅରାଜକତାକୁ ଦୂରକରି ମରାଠା ଶାସନ ପୁନର୍ପ୍ରତିଷ୍ଠା କରିବାରେ ସଫଳ ହୋଇଥିବାରୁ ଶେଓ ଭଟ୍ଟଙ୍କ ଉପରେ ନୂତନ ଭୌଁସଲେ ରାଜା ଜାନୁଜୀଙ୍କର ଅଗାଧ ବିଶ୍ୱାସ ଥିଲା । ମାତ୍ର ବଙ୍ଗର ନୂତନ ନବାବ ମୀର୍ ଜାଫର ଏବଂ ତାଙ୍କ ପରେ ମୀର୍ କାଶିମ୍‌ଙ୍କ ପାଖରୁ ସେ ବକେୟା ଚୌଠ ଅସୁଲ କରି ପାରିଲେନାହିଁ । ୧୭୬୩ରେ ସେ ବଙ୍ଗର ନବାବ ମୀର୍ କାଶିମ୍‌ଙ୍କଠାରୁ ବକେୟା ଚୌଠ ଆଦାୟ କରିବାକୁ ଜଳେଶ୍ୱର ଓ ମେଦିନିପୁର ଅଧିକାର କରିନେଲେ । ଇଂରେଜମାନେ ଏହା ଚାହୁଁ ନଥିଲେ । ସେମାନେ ଭୌଁସଲେଙ୍କୁ ଚୌଠ ପ୍ରଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ ଏବଂ ପ୍ରତିବଦଳରେ ମରାଠାମାନେ ଯୁଦ୍ଧ ପରିସ୍ଥିତିରେ ମୀର୍ କାଶିମ୍‌ଙ୍କୁ ସହଯୋଗ କରିବେ ନାହିଁ ବୋଲି ଚୁକ୍ତି ହେଲା । ମାତ୍ର ବକ୍ସର ଯୁଦ୍ଧରେ ଜିଣିଲା ପରେ ଇଂରେଜମାନେ ପ୍ରତିଶ୍ରୁତିକୁ ଉପେକ୍ଷା କଲେ ଏବଂ ମରାଠାମାନଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ଶକ୍ତି ସଂଚୟ କଲେ । ସେ ଯାହା ହେଉ, ଶେଓ ଭଟ୍ଟ ରାଜସ୍ୱ ଦାବିପୂରଣ କରି ନ ପାରିବାରୁ ୧୭୬୪ରେ ଗିରଫ ହେଲେ ଏବଂ ତାଙ୍କୁ ନାଗପୁରକୁ ପଠାଇ ଦିଆଗଲା ।

୧୭୬୪ରେ ଭବାନୀ ପଣ୍ଡିତ ଓଡ଼ିଶାର ସୁବାଦାର ନିଯୁକ୍ତ ହୋଇ ୧୭୬୮ରେ ଚୌଠ ଆଦାୟ କରି ନ ପାରିବା ଅପରାଧରେ ପଦଚ୍ୟୁତ ହେଲେ । ବଳପୂର୍ବକ ବର୍ଦ୍ଧିତ ରାଜସ୍ୱ ଆଦାୟ କରିବାପାଇଁ ସେ ଜମିମାଲିକମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ । ଏହା ମରାଠା ପ୍ରଶାସନକୁ ଓଡ଼ିଶାରେ ଅଧିକ ବଦନାମ କଲା । ଭବାନୀ ପଣ୍ଡିତଙ୍କ ପରେ ଶମ୍ଭାଜୀ ଗଣେଶ (୧୭୬୮-୭୦) ଦୁଇ ବର୍ଷ ସୁବାଦାର ପଦରେ ରହିଲେ । ୧୭୭୦ରେ ତାଙ୍କର ମୃତ୍ୟୁ ହେବା ପରେ ଅସ୍ଥାୟୀ ଭାବେ ରାଜାରାମ ପଣ୍ଡିତ କିଛି କାଳ ଓଡ଼ିଶାର ସୁବାଦାର ଦାୟିତ୍ୱ ନେଲେ । ତା' ପରେ ୧୭୭୧ରେ ବାବୁଜୀ ନାୟକ ସୁବାଦାର ନିଯୁକ୍ତ ହେଲେ ।

୧୭୭୩ରେ ମାଧୋଜୀ ହରି ସୁବାଦାର ପଦରେ ନିଯୁକ୍ତ ହୋଇ ୧୭୭୭ ପର୍ଯ୍ୟନ୍ତ ପଦବୀରେ ରହିଲେ । ମାଧୋଜୀଙ୍କ ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳଦସ୍ୟୁମାନଙ୍କର ଉତ୍ପାତ ବୃଦ୍ଧି ପାଇଲା । ଏହାଦ୍ୱାରା ଇଂରେଜ ବଣିକମାନେ ବିଶେଷ କ୍ଷତିଗ୍ରସ୍ତ ହେଲେ । ମରାଠା ସୁବାଦାର ଜଳଦସ୍ୟୁମାନଙ୍କ ପ୍ରତି ବା ସେମାନଙ୍କ ଉତ୍ପାତପାଇଁ ଦାୟୀ ମନେ କରାଯାଉଥିବା ଜମିଦାରମାନଙ୍କ ପ୍ରତି ବିଶେଷ କଠୋର ହୋଇପାରି ନଥିଲେ । କାରଣ ଜଳଦସ୍ୟୁମାନଙ୍କ ଉପରେ ଉକ୍ତ ଜମିଦାରମାନଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ନଥିଲା । ଇଂରେଜମାନେ ଭୌଁସଲେଙ୍କ ପାଖରେ ଯାଇ ମାଧୋଜୀଙ୍କ ବିରୁଦ୍ଧରେ ଫେରାଦ ହେଲେ । ଇଂରେଜମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ଅନୁମାନ କରି ଭୌଁସଲେ ମାଧୋଜୀ ହରିଙ୍କୁ ଓଡ଼ିଶାରୁ ପ୍ରତ୍ୟାହାର କରିନେଲେ । ଏଣିକି ଭାରତରେ ଏକ ବିଶାଳ ଶକ୍ତି ଭାବରେ ଇଂରେଜମାନଙ୍କର ଉଦୟ ହେଲା । ସେମାନଙ୍କୁ ଅବହେଳା କରିବା କଥା ମରାଠାମାନେ ଚିନ୍ତା ବି କରିପାରିଲେ ନାହିଁ ।

ରାଜାରାମ ପଣ୍ଡିତ କେବଳ ସୁବାଦାର ପଦରେ (୧୭୭୮-୧୭୯୩) ଅଧିକ କାଳ ରହି ନଥିଲେ, ତା' ସହିତ ଇଂରେଜମାନଙ୍କ ସହ ବୁଝାମଣା କରି ସେ ସୂଚାରୁ ରୂପେ ଓଡ଼ିଶାରେ ମରାଠା

ପ୍ରଶାସନ ମଧ୍ୟ ପରିଚାଳନା କରିଥିଲେ । ଜଣେ ଦକ୍ଷ କୂଟନୀତିଜ୍ଞ ଭାବରେ ରାଜାରାମ ପଣ୍ଡିତ ଅନୁଭବ କଲେ ଯେ, ଇଂରେଜମାନଙ୍କ ସହ ବନ୍ଧୁତାପୂର୍ଣ୍ଣ ସଂପର୍କ ରକ୍ଷାକରି ଓଡ଼ିଶାର ମରାଠା ଶକ୍ତିକୁ ଦୃଢ଼ କରାଯାଇ ପାରିବ । ଏହି ସମୟରେ କର୍ଣ୍ଣାଟକର ହାଇଦର ଅଲ୍ଲିଙ୍କ ବିରୁଦ୍ଧରେ ସୈନ୍ୟ ଚାଳନା କରିବା ଲାଗି ଇଂରେଜମାନେ ଓଡ଼ିଶାର ସହଯୋଗ ଲୋଡୁଥିଲେ । ଇଂରେଜ ସେନାଙ୍କୁ ବଙ୍ଗ ପ୍ରେସିଡେନ୍‌ସିରୁ ମାଡ୍ରାସ୍ ପ୍ରେସିଡେନ୍‌ସିକୁ ସ୍ଥଳପଥରେ ଓଡ଼ିଶା ଉପକୂଳ ଦେଇ ଯିବାକୁ ହେବ । ଏଥିପାଇଁ ଇଂରେଜ ମରାଠା ସୁବାଦାରଙ୍କ ଅନୁମତି ଲୋଡ଼ିଥିଲେ । ବଙ୍ଗ ଅଧିକାର ପରେ ଦକ୍ଷିଣକୁ ସାମ୍ରାଜ୍ୟ ବିସ୍ତାର ଲାଗି ଓଡ଼ିଶା ଅଧିକାର କରିବା ଇଂରେଜମାନଙ୍କ ପକ୍ଷେ ଏକ ଆବଶ୍ୟକତା ଥିଲା । ମାତ୍ର ଆରମ୍ଭରେ ସେମାନେ ଓଡ଼ିଶା ଅଧିକାର ନକରି ଅନୁମତି ଲୋଡ଼ିଥିଲେ । ଏହାର ସୁଯୋଗ ନେଇ ରାଜାରାମ ବଙ୍ଗ ନବାବଙ୍କଠାରୁ ମିଳିବାକୁ ଥିବା ବକେୟା ଦୁଇ କୋଟି ଟଙ୍କା ଚୌଠ କର ଇଂରେଜମାନଙ୍କଠାରୁ ଦାବି କଲେ । ଇଂରେଜମାନେ ପ୍ରଥମେ ୧ ୨ ଲକ୍ଷ ଟଙ୍କା ଏବଂ ବୁଝାମଣା ପରେ ଅଧିକ ୧ ୩ ଲକ୍ଷ ଟଙ୍କା ଦେବାକୁ ରାଜି ହେଲେ । ପ୍ରତିବଦଳରେ ରାଜାରାମ ଓଡ଼ିଶା ମଧ୍ୟ ଦେଇ ଇଂରେଜ ସେନାଙ୍କୁ ବଙ୍ଗରୁ ମାଡ୍ରାସ୍ ପ୍ରେସିଡ଼େନ୍‌ସି ଯିବାଲାଗି ଅନୁମତି ଦେଲେ । ବୁଝାମଣାପାଇଁ ଇଂରେଜମାନଙ୍କ ପକ୍ଷରୁ ଏଣ୍ଡରସନ୍ ନାମକ ଜଣେ ପ୍ରତିନିଧି ଦୁଇଥର କଟକ ଆସିଥିଲେ । ଅନୁମତି ପ୍ରଦାନ କଲା ପରେ ରାଜାରାମ ନିଜର କେତେକ ଅଧିକାରୀଙ୍କୁ ମଧ୍ୟ ଦଣ୍ଡଦେବାକୁ ହେଳା କରି ନଥିଲେ । କାରଣ ସେମାନେ ଇଂରେଜ ସେନାର ଯିବାରେ ବାଧକ ହୋଇଥିଲେ । ବାଲେଶ୍ୱରର ଫୌଜଦାର ଭବାନୀ ଦାସ ଚୌଧୁରୀଙ୍କୁ ମଧ୍ୟ ସେ ବରଖାସ୍ତ କରି ତାଙ୍କ ସ୍ଥାନରେ ମୁରାରି ପଣ୍ଡିତଙ୍କୁ ନିଯୁକ୍ତ କଲେ । ଭବାନୀ ଦାସଙ୍କ ବିରୋଧରେ ଅଭିଯୋଗ ଥିଲା ଯେ ସେ ଇଂରେଜ ବଣିକମାନଙ୍କୁ ହଇରାଣ କରୁଥିଲେ । ଗଞ୍ଜାମର ଜଣେ ଜମିଦାର ବଳରାମ ମହାରଥା ଇଂରେଜମାନଙ୍କୁ ବିରୋଧ କରୁଥିଲେ ଏବଂ ଖୋର୍ଦ୍ଧା ରାଜା ବୀରକିଶୋର(ପାଠାନ୍ତରେ ବୀରକିଶୋରୀ )ଦେବ ତାଙ୍କୁ ଆଶ୍ରୟ ଦେଇଥିଲେ ବୋଲି ସେ ରାଜାଙ୍କ ଉପରେ ଦଶ ହଜାର ଟଙ୍କା ଜୋରିମାନା କଲେ ।

ରାଜାରାମ ପଣ୍ଡିତ ପୁରୀ, ଜଗନ୍ନାଥ ମନ୍ଦିର ଓ ଖୋର୍ଦ୍ଧା ଉପରେ ମଧ୍ୟ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରଖିଥିଲେ । ଏହା ତାଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହେଉଥିଲା । ୧ ୭ ୬୦ରେ ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ ଖୋର୍ଦ୍ଧା ଆକ୍ରମଣ କଲେ ଏବଂ ପୁରୀ ଓ ଜଗନ୍ନାଥ ମନ୍ଦିର ଅଧିକାର କରିନେଲେ । ଗଙ୍ଗ ବଂଶର ଦାୟାଦ ଭାବରେ ସେ ମଧ୍ୟ ନିଜକୁ ଗଜପତି ବୋଲି ଦାବି କରୁଥିଲେ ଏବଂ ପୁରୀ ଅଧିକାର କରି ଏହା ପ୍ରମାଣ ମଧ୍ୟ କରିଥିଲେ । ଖୋର୍ଦ୍ଧାରାଜା ବୀରକିଶୋର ଦେବ ମରାଠା ସେନାର ସହାୟତା ନେଇ ପୁନଶ୍ଚ ପୁରୀ ଅଧିକାର କଲେ । ଏଥିପାଇଁ ସେ ମରାଠା ସୁବାଦାରଙ୍କୁ ଲକ୍ଷେ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ମାତ୍ର ଟଙ୍କା ଦେଇ ନ ପାରିବାରୁ ମରାଠାମାନେ ପୁରୀ, ଲେମ୍ବାଇ ଓ ରାହାଙ୍ଗର ରାଜସ୍ୱ ଅସୁଲ କରିବେ ବୋଲି କଥା ଛିଣ୍ଡିଲା । ଏହା ସହିତ ଆକବରଙ୍କ ସମୟରୁ ଖୋର୍ଦ୍ଧା ରାଜା ଅସୁଲ କରୁଥିବା ୧ ୪ଟି ଗଡ଼ଜାତର ବାର୍ଷିକ ଦେୟ ମଧ୍ୟ ମରାଠା ସୁବାଦାରଙ୍କ ହାତକୁ ଗଲା । ପୁରୀ ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣ ଓ ରାଜସ୍ୱ ହାତରୁ

ଗଲା ପରେ ଅପମାନରେ ବୀରକିଶୋର ଦେବ ପାଗଳ ହୋଇ ନିଜ ପୁତ୍ରମାନଙ୍କୁ ହତ୍ୟା କଲେ । ପରିଣାମ ସ୍ୱରୂପ, ମରାଠା ସୁବାଦାର ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ (୧୭୯୩) ବନ୍ଦୀ କରି କଟକ ଦୁର୍ଗରେ ରଖିଲେ । ମୋଟ କଥା ହେଲା, ରାଜାରାମ ପଣ୍ଡିତଙ୍କ ସମୟରେ ଜଗନ୍ନାଥ ମନ୍ଦିର ଉପରେ ମରାଠାମାନଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହୋଇ ସାରିଥିଲା । ରାଜାରାମ ମନ୍ଦିରର ସୁପରିଚାଳନା ନିମନ୍ତେ କେତେକ ପଦକ୍ଷେପ ନେଇଥିଲେ । ଏହା ପଛରେ ନିଶ୍ଚିତ ଭାବରେ ତାଙ୍କର ହିନ୍ଦୁ ଧର୍ମଭାବ ଥିଲା । ମାତ୍ର ତା' ସହିତ ଯାତ୍ରୀ ସମାଗମ ବୃଦ୍ଧିପାଇ ମନ୍ଦିରରୁ ଆୟ ଅଧିକ ହେବାର ବି ସମ୍ଭାବନା ଥିଲା । ଭୂ-ରାଜସ୍ୱ ଆଦାୟକୁ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ସେ ବଡ଼ ଚାଷୀ ଓ ଗ୍ରାମ ମୁଖିଆମାନଙ୍କୁ ଅନେକ ଅଧିକାର ଦେଇଥିଲେ । ଜଗନ୍ନାଥ ମନ୍ଦିରର ସରକାରୀ ଖର୍ଚ୍ଚ ଊଣା କରିବା ଉଦ୍ଦେଶ୍ୟରେ ସେ ଧନୀ ଲୋକମାନଙ୍କୁ ଦାନ କରିବାକୁ ଚାପ ପ୍ରୟୋଗ କରୁଥିଲେ ।

୧୭୯୩ରେ ରାଜାରାମ ପଣ୍ଡିତଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ସଦାଶିବ ରାଓ ଓଡ଼ିଶାର ସୁବାଦାର ହେଲେ । ପିତାଙ୍କ ସମୟରେ ସେ ଓଡ଼ିଶାର ଉପ-ସୁବାଦାର ଭାବରେ କାର୍ଯ୍ୟ କରିଥିଲେ । ସ୍ଥାନୀୟ ରୀତି ନୀତି ସହିତ ସୁପରିଚିତ ଥିଲେ । ଇଂରେଜମାନଙ୍କୁ ସହଯୋଗ କରିବାରେ ମଧ୍ୟ ଊଣା କରିନଥିଲେ । ଏହା ସତ୍ତ୍ୱେ ୧୮୦୩ରେ ଇଂରେଜମାନେ ତାଙ୍କ ସମୟରେ ଓଡ଼ିଶା ଅଧିକାର କରିନେଲେ, କାରଣ ଇଂରେଜ ସାମ୍ରାଜ୍ୟ ବିସ୍ତାର ଲାଗି ଏହା ଅତ୍ୟନ୍ତ ଆବଶ୍ୟକ ଥିଲା । ଅକ୍ଟୋବର ୧୮୦୩ରେ ଯେତେବେଳେ ଇଂରେଜସେନା କଟକ ଅଧିକାର କଲେ, ସେତେବେଳେ ସଦାଶିବ ରାଓ ଓଡ଼ିଶାରେ ନଥିଲେ । ତାଙ୍କ ପ୍ରତିନିଧି ଏକଜୀ ସୁଖଦେଓଙ୍କ ପ୍ରତିରୋଧରେ ବିଶେଷ ଶକ୍ତି ନଥିଲା । ରାଜସ୍ୱ ଅସୁଲି ଉପରେ ମରାଠାମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶାର ସାମନ୍ତ ରାଜା ଓ ଜମିଦାରମାନଙ୍କର ମଧ୍ୟ ସେମାନଙ୍କ ପ୍ରତି କୌଣସି ସମର୍ଥନ ନଥିଲା । ଫଳସ୍ୱରୂପ ଇଂରେଜମାନେ ଓଡ଼ିଶା ଅଧିକାର ବେଳେ କେତେକ ରାଜା-ଜମିଦାରଙ୍କ ସହଯୋଗ ମଧ୍ୟ ଲାଭ କରିଥିଲେ । ଓଡ଼ିଶା ଅଧିକାର କରିବାନିମିତ୍ତ ସେମାନଙ୍କୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିନଥିଲା । ୧୭୫୭ର ପଲାସୀ ବିଜୟ ପରେ ଇଂରେଜମାନଙ୍କର ସମଗ୍ର ଭାରତବର୍ଷକୁ ଅଧିକାର କରିନେବା ଲାଗି ମହାତ୍ତ୍ୱାକାଂକ୍ଷା ଯେତେ ମାତ୍ରାରେ ବୃଦ୍ଧି ପାଇଥିଲା, ତହିଁରେ ଓଡ଼ିଶା ଭଳି କ୍ଷେତ୍ରଗୁଡ଼ିକର ଇଂରେଜ ସାମ୍ରାଜ୍ୟରେ ସାମିଲ ହେବା ଏକ ତାର୍କିକ ପରିଣାମ ସଦୃଶ ଥିଲା ।

## ମରାଠା ପ୍ରାଶାସନିକ ବ୍ୟବସ୍ଥା

ଦୀର୍ଘ ଅର୍ଦ୍ଧଶତାବ୍ଦୀର ଶାସନ (୧୭୫୧-୧୮୦୩) କାଳ ମଧ୍ୟରେ ନାଗପୁରର ଭୋଁସଲେ ରାଜା ଓଡ଼ିଶାରେ ଯେଉଁ ପ୍ରାଶାସନିକ ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ, ତାକୁ ମରାଠା ବା ମରହଟ୍ଟା ପ୍ରଶାସନ ବୋଲି ନାମିତ କରାଯାଇଥାଏ । ବିଭିନ୍ନ ସୂତ୍ରରୁ ରାଜସ୍ୱ ଆଦାୟ ଥିଲା ତତ୍‌କାଳୀନ ପ୍ରଶାସନର ପ୍ରମୁଖ ଉଦ୍ଦେଶ୍ୟ । ଏହା କେବଳ ଭୋଁସଲେ ରାଜା କାହିଁକି, ଅନ୍ୟ ଭାରତୀୟ ରାଜାମାନଙ୍କ ଶାସନରେ ମଧ୍ୟ ପରିଲକ୍ଷିତ ହେଉଥିଲା । ଅଷ୍ଟାଦଶ ଶତାବ୍ଦୀରେ ରାଜାମାନେ

ହୁଏତ ବିଦେଶୀ ପ୍ରରୋଚନାରେ ପଡ଼ି ଆପୋସରେ କଳହ କରୁଥିଲେ ଅଥବା ବିଦେଶୀ (ଇଂରେଜ ଓ ଫରାସୀ) ଶକ୍ତିର ମୁକାବିଲା କରିବାକୁ ବାଧ୍ୟ ହେଉଥିଲେ । ଅର୍ଥାତ୍ ସେମାନେ ଅଧିକରୁ ଅଧିକ ମାତ୍ରାରେ ଯୁଦ୍ଧରେ ଜଡ଼ିତ ରହୁଥିବାରୁ ସର୍ବଦା ଅର୍ଥର ଆବଶ୍ୟକତା ରହୁଥିଲା । ତାହା ପାଇଁ ପ୍ରମୁଖ ଉତ୍ସ ଥିଲା ଚାଷ ଜମିରୁ ଆଦାୟ ହେଉଥିବା ଜମିକର । ଏହା ବାହାରେ ବି ରାଜସ୍ୱର ଅନ୍ୟ ଉତ୍ସ ଯଥାଃ ବାଣିଜ୍ୟ କର, ଯାତ୍ରୀ କର, ପଥ କର, ଲୁଣ କର ଆଦିକୁ ପ୍ରଶାସନ ହାତଛଡ଼ା କରିବାକୁ ଚାହୁଁ ନଥିଲା । ଶାନ୍ତି ଶୃଙ୍ଖଳା ବ୍ୟାହତ ହେଲେ କର ଆଦାୟର ପଥ ସୁଗମ ହୋଇ ପାରିବ ନାହିଁ । ତେଣୁ ପ୍ରଶାସନ ଅଧିକାରୀ ଓ କର୍ମଚାରୀଗଣ ରାଜସ୍ୱ ଆଦାୟ ସହିତ ରାଜ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଯତ୍ନ ନେଉଥିଲେ । ରାସ୍ତାଘାଟର ସୁବିଧା ଓ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ପଛରେ ମଧ୍ୟ ରାଜସ୍ୱ ପ୍ରଶ୍ନକୁ ଦେଖିହେବ । ଅନ୍ୟଥା ତୀର୍ଥଯାତ୍ରୀ ସଂଖ୍ୟା ଓ ତହିଁରୁ ମିଳୁଥିବା ତୀର୍ଥଯାତ୍ରୀ କର ବୃଦ୍ଧି ହୋଇ ନପାରେ । ଏହା ସତ୍ତ୍ୱେ ଜନସାଧାରଣ ସର୍ବଦା ମାତ୍ରାଧିକ ଅତ୍ୟାଚାର ଓ ଶୋଷଣର ଶିକାର ହେଉଥିଲେ ବୋଲି କୁହାଯାଇ ପାରିବ ନାହିଁ । କାରଣ ଲୋକଙ୍କ ଆର୍ଥିକ ସମ୍ପନ୍ନତା ଓ ସାଧାରଣ ସୁରକ୍ଷା ବିନା କର ଆଦାୟ ପ୍ରକ୍ରିୟା ସୁଗମ ହୋଇ ପାରିବ ନାହିଁ । ଅତ୍ୟାଚାର ବା କରଭାର ଅସହ୍ୟ ହେଲେ ପ୍ରଜା ରାଜ୍ୟ ଛାଡ଼ି ପଳାୟନ କରୁଥିଲେ । ଫଳରେ ରାଜ୍ୟର ରାଜସ୍ୱ ହ୍ରାସ ପାଇବାର ଆଶଙ୍କା ରହୁଥିଲା । ଏହି ସାଧାରଣ ସ୍ଥିତି ବାହାରେ କେତେକ ରାଜା ଓ ରାଜାଧିକାରୀ ଅଧିକ ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ ଓ ଶୋଷଣକାରୀ ହେବାର ନଜିର ଯେମିତି ରହିଥିଲା, ସେମିତି କେତେକ ରାଜାଙ୍କ ଦୟାଶୀଳତା, ଲୋକପ୍ରିୟତା ଓ ମାନବିକତାର ଉଦାହରଣ ମଧ୍ୟ ରହିଥିଲା । ଓଡ଼ିଶାରେ ମୋଗଲ ପ୍ରଶାସନ ଓ ତା'ର ଉତ୍ତରାଧିକାରୀ ରୂପେ ଉତ୍‌ଥାନ ଲାଭ କରିଥିବା ମରହଟ୍ଟା ପ୍ରଶାସନକୁ ମଧ୍ୟ ସେହି ପରିପ୍ରେକ୍ଷୀରେ ଦେଖିହେବ ।

ମୋଗଲ ଶାସନ ସମୟରେ ରହିଥିବା ବ୍ୟବସ୍ଥାକୁ ଓଡ଼ିଶାରେ ମରହଟ୍ଟାମାନେ ବିଶେଷ ପରିବର୍ତ୍ତନ କରି ନଥିଲେ, କାରଣ ମୋଗଲମାନେ ମଧ୍ୟ ରାଜସ୍ୱ ଆଦାୟ ପ୍ରଣାଳୀକୁ ସୁଗମ କରିବା ଲକ୍ଷ୍ୟରେ ପ୍ରଶାସନକୁ ପରିଚାଳନା କରିଥିଲେ । ମୋଟ ଓଡ଼ିଶା ପ୍ରଦେଶକୁ ମୋଗଲମାନେ ଦୁଇ ଭାଗରେ ବିଭକ୍ତ କରିଥିଲେ । ମୋଗଲବନ୍ଦି ଓ ଗଡ଼ଜାତ । ଏହା ମରହଟ୍ଟା ସମୟରେ ଏବଂ ପରେ ଇଂରେଜ ଅମଳରେ ମଧ୍ୟ ଅବ୍ୟାହତ ରହିଲା । ଗଡ଼ଜାତ ଗମନାଗମନ ଦୃଷ୍ଟିରୁ ଦୁର୍ଗମ ଥିଲା ଏବଂ ସେଠାରେ ରାଜା ଆଭ୍ୟନ୍ତରୀଣ ପ୍ରଶାସନ ପରିଚାଳନା ଓ ରାଜସ୍ୱ ଆଦାୟ କରୁଥିଲେ । ମରହଟ୍ଟାମାନେ ତାଙ୍କଠାରୁ ବାର୍ଷିକ ଦେୟ ଅସୁଲ କରୁଥିଲେ । ଦେୟ ଦେଲା ପରେ ଗଡ଼ଜାତ ରାଜା ପ୍ରାୟତଃ ସ୍ୱାଧୀନ ଭାବେ ନିଜ ରାଜ୍ୟରେ ରାଜତ୍ୱ କରୁଥିଲେ । ତାଙ୍କର ଅନ୍ୟ ଗଡ଼ଜାତ ସହ କଳହ ହେଲେ କିମ୍ବା ମୋଗଲବନ୍ଦି ପ୍ରଜାଙ୍କ ସହ ସମସ୍ୟା ଉପୁଜିଲେ ମରହଟ୍ଟାମାନେ ହସ୍ତକ୍ଷେପ କରୁଥିଲେ । ଗଡ଼ଜାତ ରାଜା ଓ ପ୍ରଜାଙ୍କ ମଧ୍ୟରେ କିମ୍ବା ଗଡ଼ଜାତ ପ୍ରଜାମାନଙ୍କ ଭିତରେ ଉପୁଜୁଥିବା ପାରସ୍ପରିକ ବିବାଦରେ ସଂଭବତଃ କୌଣସି ପ୍ରକାରର ମରହଟ୍ଟା ହସ୍ତକ୍ଷେପ ରହୁନଥିଲା । ବହିଃ ଶତ୍ରୁ ଆକ୍ରମଣ ବେଳେ ଗଡ଼ଜାତମାନେ ଭୋଁସଲେ ରାଜାଙ୍କଠାରୁ ସାମରିକ ସହଯୋଗ ଲାଭ

କରୁଥିଲେ । ଗଡ଼ଜାତଗୁଡ଼ିକ ଉପରେ ଧାର୍ଯ୍ୟ କର ପରିମାଣ ସମାନ ନଥିଲା । ମୟୂରଭଞ୍ଜ ଏକ ବଡ଼ ଗଡ଼ଜାତ ହେବା ସତ୍ତ୍ୱେ ତା'ର ରାଜାଙ୍କୁ ବାର୍ଷିକ ୬ ହଜାର ଟଙ୍କା କର ଦେବାକୁ ପଡ଼ୁଥିଲା । ନୀଳଗିରି ଏକ କ୍ଷୁଦ୍ର ରାଜ୍ୟ ହେବା ସତ୍ତ୍ୱେ ତାକୁ ୩୦ ହଜାର ଟଙ୍କା ବାର୍ଷିକ ଦେୟ ଦେବାକୁ ପଡ଼ୁଥିଲା । ଦଶପଲ୍ଲା ରାଜ୍ୟକୁ ଆଦୌ ଦେୟ ଦେବାକୁ ପଡ଼ୁ ନଥିଲା ଏବଂ ଖୋର୍ଦ୍ଧାକୁ ୧୦ ହଜାର ଟଙ୍କା ଦେବାକୁ ପଡ଼ୁଥିଲା । ଏଭଳି ପୃଥକ୍ କର ନିର୍ଦ୍ଧାରଣ ପଛରେ ଅନେକ କାରଣ ରହିଥିଲା । ଖୋର୍ଦ୍ଧାରୁ ବାର୍ଷିକ ୧୦ହଜାର ଟଙ୍କା ଦେୟ ନେବା ପରେ ଜଗନ୍ନାଥ ମନ୍ଦିରରୁ ଅଲଗା ଭାବେ ମରହଟ୍ଟାମାନେ ତୀର୍ଥଯାତ୍ରୀ କର ଅସୁଲ କରୁଥିଲେ । ସେହିଭଳି ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ଓ ମୟୂରଭଞ୍ଜ ଆଦି ରାଜ୍ୟରୁ ମରହଟ୍ଟାମାନେ ଅନେକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ । ଅନେକ ସମୟରେ ଧାର୍ଯ୍ୟ ଦେୟ ଓ ଆଦାୟ ହେଉଥିବା ଦେୟ ମଧ୍ୟରେ ଅନେକ ପାର୍ଥକ୍ୟ ରହୁଥିଲା । ଭୋଁସଲେ ରାଜାଙ୍କ ଶକ୍ତି ହ୍ରାସ ପାଉଥିବାର ଆଶା କରି କେତେକ ଗଡ଼ଜାତ ଦେୟ ଦେବାରେ ଅବହେଳା କରୁଥିଲେ । ସେମାନଙ୍କ ଉପରେ ମରହଟ୍ଟାମାନେ ଚାପ ପ୍ରୟୋଗ କରୁଥିଲେ । ବିଦ୍ରୋହ ଦମନପାଇଁ ମଧ୍ୟ ମରହଟ୍ଟା ପ୍ରଶାସନ ପ୍ରୟାସ କରୁଥିଲେ ।

ମୋଟ ଓଡ଼ିଶାର ମରାଠା ଶାସନ ମୁଖ୍ୟ ଥିଲେ ସୁବାଦାର । ମୋଗଲବନ୍ଦି ବ୍ୟତୀତ ଗଡ଼ଜାତରେ ରାଜସ୍ୱ ଆଦାୟ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ଏହା ଛଡ଼ା ବଙ୍ଗ ନବାବଙ୍କଠାରୁ ଚୌଠ ବା ମରାଠା ସୁରକ୍ଷା କର ମଧ୍ୟ ତାଙ୍କୁ ଆଦାୟ କରିବାକୁ ପଡ଼ୁଥିଲା । କର ପରିମାଣ ଖୁବ୍ ଅଧିକ ଥିବାରୁ ତାଙ୍କ ପକ୍ଷରେ ସମସ୍ତ କର ଅସୁଲ କରିବା କଷ୍ଟକର ଥିଲା । ଏହାର ପରିଣାମ ସ୍ୱରୂପ, ତାଙ୍କୁ ଅନେକ ସମୟରେ ପଦଚ୍ୟୁତ ହେବାକୁ ପଡ଼ୁଥିଲା (ଯାହା ପୂର୍ବରୁ ଉଲ୍ଲିଖିତ) । ଧାର୍ଯ୍ୟମତେ କର ଆଦାୟ କରି ଭୋଁସଲେ ରାଜାଙ୍କ ପ୍ରିୟଭାଜନ ହେବାକୁ ସେ ନାନା ପ୍ରୟାସ ମଧ୍ୟ କରୁଥଲେ । ଉଦାହରଣ ସ୍ୱରୂପ, ରାଜାରାମ ପଣ୍ଡିତ ସୁବାଦାର ଥିବା ସମୟରେ ଜମିଦାରମାନଙ୍କୁ ମଧ୍ୟସ୍ଥି ରୂପେ ନ ରଖି ସିଧାସଳଖ ସମ୍ପନ୍ନ ପ୍ରଜାଙ୍କଠାରୁ କର ଆଦାୟ କରିବାର ବ୍ୟବସ୍ଥା କରିଥିଲେ ।

ଭୂ-ରାଜସ୍ୱ ଅସୁଲପାଇଁ ମୋଗଲବନ୍ଦିକୁ ଏକଶହ ପଚାଶଟି ପ୍ରଗଣାରେ ବିଭକ୍ତ କରାଯାଇଥିଲା । ରାଜସ୍ୱ ଅସୁଲପାଇଁ ସୁବାଦାରଙ୍କ ଅଧୀନରେ ଚୌଧୁରୀ, କାନୁନ୍‌ଗୋ ଓ ତାଲୁକ୍‌ଦାର ଆଦି କର୍ମଚାରୀ ଥିଲେ । ମାସିକ ବେତନ ପରିବର୍ତ୍ତେ ସେମାନେ ଭୂ-ସମ୍ପତ୍ତି ଲାଭ କରିଥିଲେ । ଅସୁଲ ହୋଇଥିବା ରାଜସ୍ୱର କିୟଦଂଶ କମିଶନ ଆକାରରେ ମଧ୍ୟ ସେମାନଙ୍କୁ ମିଳୁଥିଲା ।

ଭୂ-ରାଜସ୍ୱ ଯେହେତୁ ରାଜକୋଷର ମୁଖ୍ୟ ଆୟ ଥିଲା, କୃଷିର ଉନ୍ନତିପାଇଁ ତକାବି ଋଣ ମଧ୍ୟ ଚାଷୀମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିଲା । ମକଦ୍ଦମମାନେ ଗ୍ରାମର ଚାଷୀଠାରୁ ଖଜଣା ଆଦାୟ କରି ତାଲୁକ ଦାୟିତ୍ୱରେ ଥିବା ତାଲୁକ୍‌ଦାରଙ୍କ ନିକଟରେ ଜମା କରୁଥିଲେ । କେତେକ କ୍ଷେତ୍ରରେ ତାଲୁକ୍‌ଦାର୍ ସିଧାସଳଖ ଚାଷୀଠାରୁ ଖଜଣା ଅସୁଲ କରିବାର ବ୍ୟବସ୍ଥା

ମଧ୍ୟ ରହିଥିଲା । ସମସ୍ତ ଖର୍ଚ୍ଚ ବାଦ୍ ଦେଲା ପରେ ସୁବାଦାର ଓଡ଼ିଶାରୁ ବାର୍ଷିକ ଚାରି ଲକ୍ଷ ଟଙ୍କା ଭୂ-ରାଜସ୍ୱ ନାଗପୁରକୁ ପଠାଉଥିବାର ଉଦାହରଣ ରହିଛି ।

ଭୂ-ରାଜସ୍ୱ ବ୍ୟତୀତ ଯାତ୍ରୀ କର, ବାଣିଜ୍ୟ କର, ଲୁଣ କର ଓ ହାଟବଜାରର ନିଲାମ ଆଦିରୁ ମଧ୍ୟ ରାଜକୋଷକୁ ଅର୍ଥ ଯାଉଥିଲା । କେବଳ ଯାତ୍ରୀ କର ବାବଦକୁ ପୁରୀରୁ ବାର୍ଷିକ ଦୁଇରୁ ପାଞ୍ଚ ଲକ୍ଷ ଟଙ୍କା ଆଦାୟ ହେଉଥିଲା । ରାଜ୍ୟରେ ଅନେକ ଲୁଣ ଆରଙ୍ଗ ବା ପ୍ରସ୍ତୁତି କେନ୍ଦ୍ର ଥିଲା । ତହିଁରୁ ରାଜ୍ୟକୁ କିଛି ରାଜସ୍ୱ ମିଳୁଥିଲା । ଉଦାହରଣ ସ୍ୱରୂପ, କେବଳ ଚିଲିକା ଲୁଣ ଆରଙ୍ଗରୁ ରାଜ୍ୟ ବାର୍ଷିକ ୪୫୦୦ଟଙ୍କା ଆଦାୟ କରୁଥିଲା । ବାରମ୍ବାର ଯୁଦ୍ଧରେ ଜଡ଼ିତ ହୋଇ ଭୋଁସଲେ ରାଜାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ତେଣୁ ସୁବାଦାରମାନଙ୍କୁ ଧାର୍ଯ୍ୟମତେ ଖଜଣା ଅସୁଲ କରିବାକୁ ରାଜା ବାଧ୍ୟ କରୁଥିଲେ । ଏହା ସତ୍ତ୍ୱେ ରାଜାଙ୍କ ଆର୍ଥିକ ଅବସ୍ଥା ଭଲ ରହୁ ନଥିବାରୁ ମରାଠାମାନେ ନିଜ ପ୍ରଜାଙ୍କୁ ଲୁଣ୍ଠନ ମଧ୍ୟ କରୁଥିଲେ ।

ମରହଟ୍ଟା ଶାସନ ସମୟରେ ରାଜଧାନୀ କଟକ ବାହାରେ ବାଲେଶ୍ୱର , ସୋରୋ, ପଦ୍ମପୁର, ଯାଜପୁର, ନରସିଂହପୁର, ରାମଚନ୍ଦ୍ରପୁର, ମୟୂରଭଞ୍ଜ ଆଦି ସ୍ଥାନରେ ସେନା ଛାଉଣିମାନ ରହିଥିଲା । ନିୟମିତ ଅଶ୍ୱାରୋହୀଙ୍କ ସଂଖ୍ୟା ପ୍ରାୟ ୨୦୦ ଥିଲା । ପଦାତିକ ସୈନ୍ୟଙ୍କ ସଂଖ୍ୟା ଖୁବ୍ ଅଧିକ ଥିଲା । ସାମରିକ ଦୃଷ୍ଟିରୁ ମରାଠାମାନେ ଖୁବ୍ ବଳଶାଳୀ ନଥିଲେ । ଗରିଲା ଯୁଦ୍ଧରେ ସେମାନେ ପାରଙ୍ଗମ ଥିଲେ । ମାତ୍ର ମରାଠା ରାଜ୍ୟ ପ୍ରତିଷ୍ଠା ପରେ ଗରିଲା ବାହିନୀର ବିଶେଷ ଆବଶ୍ୟକତା ନଥିଲା । ଇଂରେଜ ତୁଳନାରେ ମରାଠା ସେନାର ପାରମ୍ପରିକ ଯୁଦ୍ଧ ପ୍ରଣାଳୀ ଖୁବ୍ ନଗଣ୍ୟ ଥିଲା । ଏହି କାରଣରୁ ଇଂରେଜ ଶକ୍ତି ହାତରେ ସେମାନେ ପରାଜିତ ହେବା ଆଦୌ ଆଶ୍ଚର୍ଯ୍ୟଜନକ ନଥିଲା ।

କଟକ ବାରବାଟୀ ଦୁର୍ଗର ସୁରକ୍ଷା ଦାୟିତ୍ୱ ଜଣେ କିଲାଦାର୍‌ଙ୍କ ହାତରେ ନ୍ୟସ୍ତ ଥିଲା । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଆଇନର ସୁରକ୍ଷାପାଇଁ ଫୌଜଦାରମାନେ ନିଯୁକ୍ତ ହୋଇଥିଲେ । ସ୍ଥାନୀୟ ସ୍ତରରେ ଆଇନ୍ କାନୁନ, ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଉଭୟ ଦେବାନୀ ଓ ଫୌଜଦାରୀ ମାମଲାଗୁଡ଼ିକର ବିଚାର ଦାୟିତ୍ୱ ସେମାନଙ୍କ ହାତରେ ରହିଥିଲା । ଫୌଜଦାରକୁ ସହାୟତା କରିବାପାଇଁ ଜମିଦାରମାନେ ରହିଥିଲେ । ସେମାନଙ୍କ ପଦବୀ ପୁରୁଷାନୁକ୍ରମିକ ଥିଲା । ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା, ଜମିଦାରୀରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ଉଭୟ ଦେବାନୀ ଓ ଫୌଜଦାରୀ ମାମଲାର ବିଚାର କରିବା ମଧ୍ୟ ସେମାନଙ୍କ ଦାୟିତ୍ୱରେ ଥିଲା । ଫୌଜଦାର ଏବଂ ସର୍ବୋପରି ସୁବାଦାରଙ୍କଠାରେ ସେମାନେ ଉତ୍ତରଦାୟୀ ଥିଲେ । ଭୋଁସଲେ ରାଜା ସବୁ ମାମଲାରେ ସୁବାଦାରଙ୍କର ସର୍ବୋଚ୍ଚ ଅଧିକାରୀ ଥିଲେ ।

ମରହଟ୍ଟା ପ୍ରଶାସନରେ ନ୍ୟାୟିକ ବ୍ୟବସ୍ଥା ଖୁବ୍ ସରଳ ଥିଲା । ମୋଗଲ ସମୟରେ ପ୍ରଚଳିତ ଥିବା କାଜି ଓ ସାରିୟତ୍ ବିଧି ବ୍ୟବସ୍ଥାକୁ ମରହଟ୍ଟାମାନେ ପ୍ରୋତ୍ସାହିତ କରି ନଥିଲେ । ଗ୍ରାମ ସ୍ତରରେ ପଞ୍ଚାୟତଗୁଡ଼ିକ ସବୁ ମାମଲାର ସମାଧାନ କରୁଥିଲେ । ପାରମ୍ପରିକ ରୀତିନୀତି ଅନୁସାରେ ମାମଲାର ବିଚାର ହେଉଥିଲା । ତା'ପାଇଁ ଅଧିକ ସମୟ ବା ଖର୍ଚ୍ଚର ଆବଶ୍ୟକତା ପଡୁନଥିଲା ।

ରାଜ୍ୟରେ ଅମିଲ୍ ନାମରେ ଜଣେ ନ୍ୟାୟ ଅଧିକାରୀ ମଧ୍ୟ ରହିଥିଲେ । କେତୋଟି ପରଗଣାକୁ ନେଇ ଗଠିତ ମଣ୍ଡଳ ସ୍ତରରେ ଅମିଲମାନେ ନିଯୁକ୍ତ ଥିଲେ । ନ୍ୟାୟିକ ଅଧିକାର ବ୍ୟତୀତ ବଂଶାନୁକ୍ରମିକ ଭାବେ ଖଜଣା ଆଦାୟ କରୁଥିବା ଚୌଧୁରୀ, କାନୁନ୍‌ଗୋ ଏବଂ ତାଲୁକ୍‌ଦାରଙ୍କ ଉପରେ ମଧ୍ୟ ତାଙ୍କର ନିୟନ୍ତ୍ରଣ ରହୁଥିଲା ।

ଇଂରେଜ ଐତିହାସିକମାନେ ମରାଠା ପ୍ରଶାସନକୁ ଖୁବ୍ ଅରାଜକତାପୂର୍ଣ୍ଣ, ଅତ୍ୟାଚାରୀ, ଶୋଷଣକାରୀ ଏବଂ ଅମାନବୀୟ ବୋଲି ବର୍ଣ୍ଣନା କରିଛନ୍ତି । ଏହା କେତେକାଂଶରେ ସତ ହୋଇଥିଲେ ମଧ୍ୟ ସମସାମୟିକ ଅନ୍ୟ ଶାସନଗୁଡ଼ିକଠାରୁ ଖୁବ୍ ପୃଥକ୍ ବୋଲି କୁହାଯାଇ ନପାରେ । ବିଶେଷକରି ମରାଠାଶାସନକୁ ପରବର୍ତ୍ତୀ ଇଂରେଜ ଶାସନ ତୁଳନାରେ ମଧ୍ୟ ଖୁବ୍ ଅଧିକ ନିରଙ୍କୁଶ, ଅରାଜକତାପୂର୍ଣ୍ଣ କିମ୍ବା ଅଧିକ ଶୋଷଣକାରୀ ବୋଲି ପରିଭାଷିତ କରାଯାଇପାରିବ ନାହିଁ । ଭୂ-ରାଜସ୍ୱ ଅସୁଲପାଇଁ କଠୋର ନିୟମ ପ୍ରବର୍ତ୍ତନ କରିବାରେ ଇଂରେଜମାନେ କାହାରିଠାରୁ କମ୍ ନଥିଲେ । ପାର୍ଥକ୍ୟ ଏତିକି ଯେ, ମରାଠା ଅଧିକାରୀମାନେ ତା'ପାଇଁ ନିଜ ଅଧୀନରେ ନିଯୁକ୍ତ ଅସୁଲକାରୀ ଉପରେ ଶାରୀରିକ ଦଣ୍ଡ ଦେବାକୁ ହେଳା କରୁନଥିଲେ ଏବଂ ଇଂରେଜମାନେ ଶାରୀରିକ ଦଣ୍ଡ ନଦେଇ କୋର୍ଟ କଚେରିରେ ତାକୁ ପେଷି ଦେଉଥିଲେ ବା ତା'ର ଜମି ବାଜ୍ୟାପ୍ତ କରୁଥିଲେ । ମରାଠା ଏବଂ ତାଙ୍କ ପୂର୍ବରୁ ମୋଗଲ ପ୍ରଶାସନରେ ଜମି ଅଧିକାରରୁ ଚାଷୀ ବା ତା' ଉପରେ ରହିଥିବା ଜମିଦାରଙ୍କୁ ବଞ୍ଚିତ କରିବାର ପରମ୍ପରା ନଥିଲା । କାରଣ ସେ କ୍ଷେତ୍ରରେ ଚାଷ ଜମି ଅନୁପଯୋଗୀ ହେବାର ଆଶଙ୍କା ଥିଲା । ମାତ୍ର ଇଂରେଜ ରାଜତ୍ୱରେ ବାଜ୍ୟାପ୍ତ ଜମି ପଣ୍ୟ ବସ୍ତୁ ଭଳି ନୂଆ ମାଲିକ ହାତକୁ ଚାଲିଯାଉଥିଲା ।

କର ଅସୁଲପାଇଁ କୃଷି ଉତ୍ପାଦନ ବୃଦ୍ଧି ହେବା ଏକ ଆବଶ୍ୟକତା ଥିଲା । ବନ୍ୟା ନିୟନ୍ତ୍ରଣକୁ ଏକ ଦାୟିତ୍ୱ ଭାବରେ ମରାଠା ସରକାର ଗ୍ରହଣ କରିଥିଲେ । ସେଥିଯୋଗୁଁ ନଦୀ ତଟ ବନ୍ଧଗୁଡ଼ିକୁ ସୁଦୃଢ଼ କରିବାପାଇଁ ରାଜକୋଷରୁ ଅର୍ଥ ସାହାଯ୍ୟ ଦେଉଥିଲେ । ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେମାନେ ଋଣ ରିହାତି ମଧ୍ୟ ଦେଉଥିଲେ । ଚାଷୀମାନଙ୍କୁ ଜମିଦାର ଶସ୍ୟ ଋଣ ମଧ୍ୟ ଦେଉଥିଲେ, ଯଦିଓ ଏଥିପାଇଁ ଚାଷୀଙ୍କୁ ସୁଧ ଦେବାକୁ ପଡୁଥିଲା । ଦୁର୍ଭିକ୍ଷ ବ୍ୟତୀତ ଅନ୍ୟ ସମୟରେ କୃଷିଜାତ ଦ୍ରବ୍ୟ ପ୍ରଚୁର ପରିମାଣରେ ଉପଲବ୍ଧ ଥିଲା ।

ଅଷ୍ଟାଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ନଦୀଗୁଡ଼ିକ ଉପରେ ସ୍ଥାୟୀ ପୋଲ ନଥିଲା । ଫଳରେ ଗମନାଗମନ କ୍ଷେତ୍ରରେ ବିଶେଷ ଅସୁବିଧା ହେଉଥିଲା । ପ୍ରଧାନ ରାସ୍ତା ମଧ୍ୟରେ ଥିଲା ଜଗନ୍ନାଥ ସଡ଼କ, ଯାହା ବିଭିନ୍ନ ସ୍ଥାନରୁ ପୁରୀକୁ ସଂଯୋଗ କରୁଥିଲା । ଗୋଟିଏ ଜଗନ୍ନାଥ ସଡ଼କ ବଙ୍ଗଳାରୁ ମେଦିନୀପୁର, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ ଓ କଟକ ଦେଇ ପୁରୀ ପର୍ଯ୍ୟନ୍ତ ଯାଇଥିଲା । ଅନ୍ୟ ଏକ ଜଗନ୍ନାଥ ସଡ଼କ ନାଗପୁରରୁ ସୋନପୁର, ବୌଦ୍ଧ, କଣ୍ଟିଲୋ, ବାଙ୍କୀ ଓ କଟକ ଦେଇ ପୁରୀକୁ ସଂଯୋଗ କରୁଥିଲା । କଟକରୁ ମାଡ୍ରାସକୁ ମଧ୍ୟ ରାସ୍ତା ରହିଥିଲା । ସ୍ଥଳ ପଥରେ ପଥିକମାନଙ୍କ ଆଶ୍ରୟପାଇଁ ବୃକ୍ଷରୋପଣ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ଥାନୀୟ ଜମିଦାରମାନେ ଏହା କରିଥିଲେ । ଯାତ୍ରୀ ବିଶ୍ରାମାଗାର ମଧ୍ୟ ରାସ୍ତାକଡ଼ରେ ରହିଥିଲା ।

ବିଶ୍ରାମାଗାର ପାଖରେ ଯାତ୍ରୀଙ୍କୁ ରସଦ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ ସବୁ ବ୍ୟବସ୍ଥା ମରାଠାମାନଙ୍କ ପୂର୍ବରୁ ଚଳି ଆସୁଥିଲା । ମରାଠା ସମୟରେ କେବଳ ତାର ପ୍ରଚଳନ ଅବ୍ୟାହତ ରହିଥିଲା । ତା' ସହିତ ସମୟକ୍ରମେ ତହିଁରେ ସାମାନ୍ୟ ଉନ୍ନତି ମଧ୍ୟ ଦେଖିବାକୁ ମିଳିଥିଲା । ଦ୍ୱିତୀୟ କଥା ହେଲା ଯେ, ଏହି ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳନା କରିବାରେ କେନ୍ଦ୍ରୀୟ ଭୋଁସଲେ ସରକାର ସିଧାସଳଖ ସଂପୃକ୍ତ ନହେଲେ ସୁଦ୍ଧା, ସ୍ଥାନୀୟ ସ୍ତରରେ ତାଙ୍କ ଅଧିକାରୀମାନେ ଅନେକ ସମୟରେ ଅଲିଖିତ ଭାବେ ଦାୟିତ୍ୱ ନେଉଥିଲେ । ସ୍ଥାନୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଏହାର ସଫଳତା ଅନେକାଂଶରେ ନିର୍ଭର କରୁଥିଲା । ଅର୍ଥାତ୍ ମରାଠାଶାସିତ ଓଡ଼ିଶାର ଗୋଟିଏ ଅଂଚଳରେ ଏହି ବ୍ୟବସ୍ଥାମାନ ସୂଚାରୁ ରୂପେ ପରିଚାଳିତ ହେବା ସମୟରେ ଅନ୍ୟ କେଉଁ ଅଞ୍ଚଳରେ ସ୍ଥାନୀୟ ଜମିଦାର ଓ ଗଡ଼ଜାତ ରାଜା କିମ୍ବା ଅଧିକାରୀଙ୍କ ଅନାଗ୍ରହ ଓ ଅପାରଗତା ହେତୁ ତାହା ବିପର୍ଯ୍ୟସ୍ତ ହେବା ଅସମ୍ଭବ ନଥିଲା । ଭୋଁସଲେ ରାଜା ଅନ୍ୟ ସମସାମୟିକ ରାଜାମାନଙ୍କ ଭଳି ଅଧିକ ସମୟ ଯୁଦ୍ଧରେ ଜଡ଼ିତ ରହୁଥିଲେ । ତେଣୁ ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ଉପରେ ସେ ଯଥେଷ୍ଟ ଧ୍ୟାନ ଦେଇପାରୁନଥିଲେ । ଆଶାନୁରୂପ କର ଅସୁଲ ନହେଲେ ହୁଏତ ସେ ଅଧିକାରୀମାନଙ୍କୁ କଠୋର ହେବାକୁ ନିର୍ଦ୍ଦେଶ ଦେଉଥିଲେ ଅଥବା କୃଷି ଓ ବାଣିଜ୍ୟର ଉନ୍ନତି ପ୍ରତି ଧ୍ୟାନ ଦେବାକୁ ବାଧ୍ୟ ହେଉଥିଲେ ।

ସ୍ଥଳପଥ ବ୍ୟତୀତ ମରହଟ୍ଟାକାଳୀନ ଓଡ଼ିଶାରେ ଅନେକ ଜଳପଥ ରହିଥିଲା । ଜଳପଥ ଦେଇ ନିୟମିତ ବାଣିଜ୍ୟିକ ସାମଗ୍ରୀ ପରିବହନ କରାଯାଉଥିଲା । ପୁରୀକୁ ଓଡ଼ିଶା ବାହାରୁ ତୀର୍ଥଯାତ୍ରୀ ମଧ୍ୟ ଅନେକ ସମୟରେ ଜଳପଥ ଦେଇ ଆସୁଥିଲେ । କଟକଠାରୁ ମହାନଦୀରେ ପଶ୍ଚିମ ଓଡ଼ିଶା ଓ ମଧ୍ୟ ଭାରତକୁ ଏକ ଜଳପଥ ରହିଥିଲା । ଏହି ପଥରେ ବର୍ଷା ଋତୁରେ ଆଭ୍ୟନ୍ତରୀଣ ଓଡ଼ିଶାରୁ ଲୁଣ, ଶୁଖୁଆ ଆଦି ସାମଗ୍ରୀ ଯାଉଥିଲା ଏବଂ କଟକ ଅଞ୍ଚଳକୁ ଚାଉଳ ଓ ବିଭିନ୍ନ ବନଜାତ ଦ୍ରବ୍ୟ ଆସୁଥିଲା । କଟକରୁ ପଟାମୁଣ୍ଡାଇ ଦେଇ ଧାମରା ପର୍ଯ୍ୟନ୍ତ ଏକ ନଦୀପଥ ମଧ୍ୟ ରହିଥିଲା । ସେହିଭଳି ବାଲେଶ୍ୱରରୁ ବଙ୍ଗକୁ ମଧ୍ୟ ଜଳପଥରେ ନାନା ଦ୍ରବ୍ୟ ପରିବହନ କରାଯାଉଥିଲା ।

ମରହଟ୍ଟାମାନଙ୍କ ସମୟରେ ପୂର୍ବ ତୁଳନାରେ ବାଣିଜ୍ୟ କାରବାର ବୃଦ୍ଧି ପାଇଥିଲା । ଏହି ବୃଦ୍ଧି ପଛରେ ଅନ୍ୟତମ କାରଣ ଥିଲା ତତ୍କାଳୀନ ଘାଟ ବ୍ୟବସ୍ଥା । ନଦୀ ଉପରେ ପୋଲ ନଥିବାରୁ ଯାତାୟାତ ଓ ମାଲ ପରିବହନପାଇଁ ନଦୀର ଉଭୟ ପାର୍ଶ୍ୱରେ ଘାଟମାନ ରହିଥିଲା । ଘାଟରୁ ଅବକାରୀ ଓ ଯାତ୍ରୀକର ଅସୁଲ କରିବା ସକାଶେ ରାହଦାର, ଗୁଜରବନ ଓ ମୁସ୍ତାଫିଜାନ ଆଦି କର୍ମଚାରୀମାନେ ନିଯୁକ୍ତ ଥିଲେ । ସରକାରୀ କର୍ମଚାରୀଙ୍କ ଯାତାୟାତ ଓ ସରକାରୀ ସାମଗ୍ରୀ ପରିବହନପାଇଁ ଶୁଳ୍କ ଛାଡ଼ ଥିଲା । ଘାଟରୁ ମରାଠାମାନେ ଯଥେଷ୍ଟ ରାଜସ୍ୱ ଆଦାୟ କରୁଥିଲେ । ତେଣୁ ଘାଟର ଉନ୍ନତିପାଇଁ ଯଥାସମ୍ଭବ ପଦକ୍ଷେପମାନ ନେଉଥିଲେ । କେତେକ ଘାଟରେ ଡଙ୍ଗାଗୁଡ଼ିକର ଆକାର ଏତେ ବଡ଼ ଥିଲା ଯେ, ତହିଁରେ ଏକାଧିକ ହାତୀ ମଧ୍ୟ ପାର ହେଉଥିଲେ । ଏତେ ବଡ ଡଙ୍ଗା ତିଆରିପାଇଁ ଆବଶ୍ୟକ ପୁଞ୍ଜି ଯେ ସାଧାରଣ ନାବିକ ଖଟାଇ ପାରିବ ନାହିଁ-

ଏହା ସୁସ୍ପଷ୍ଟ ଥିଲା । ସେ କ୍ଷେତ୍ରରେ ଜମିଦାର ଓ ଧନୀ ବ୍ୟକ୍ତିମାନେ ଡଙ୍ଗା ନିର୍ମାଣପାଇଁ ପୁଞ୍ଜି ବିନିଯୋଗ କରୁଥିବାର ଅନୁମାନ କରିହୁଏ ।

ଓଡ଼ିଶାର ସମୁଦ୍ର ଉପକୂଳରେ ପ୍ରଚୁର ମାଛ ଓ ଲୁଣ ମରାଯାଉଥିଲା । ସ୍ଥାନୀୟ ବଜାରରେ ଲୁଣ ଖୁବ୍ ଶସ୍ତାରେ ମିଳୁଥିଲା । କେବଳ ବେରାର୍‌କୁ ବାର୍ଷିକ ତିନିଲକ୍ଷ ମହଣ ଲୁଣ ରପ୍ତାନି ହେଉଥିଲା । ଲୁଣ ମରା ଓ ପରିବହନକୁ ନେଇ ଅନେକ ଲୋକ ନିଯୁକ୍ତ ହୋଇଥିଲେ । ଇଂରେଜମାନେ ଓଡ଼ିଶା ଅଧିକାର କରିବାର ଅବ୍ୟବହିତ ପୂର୍ବରୁ , ଓଡ଼ିଶା ବଙ୍ଗକୁ ଲୁଣ ବିକ୍ରୀ କରି ବାର୍ଷିକ ଦୁଇ ଲକ୍ଷ ଟଙ୍କା ଆୟ କରୁଥିବା ଅନୁମାନ କରାଯାଏ ।

ତାରକସି କାମ, କଂସା ବାସନ ଓ ହସ୍ତତନ୍ତ ପ୍ରସ୍ତୁତ ଲୁଗା ରପ୍ତାନି କରିବାରେ ମଧ୍ୟ ଓଡ଼ିଶାର ସେତେବେଳେ ପ୍ରସିଦ୍ଧି ଥିଲା । ସାରା ଓଡ଼ିଶାରେ ଲୁଗା ବୁଣା ଯାଉଥିଲା । ଭଦ୍ରକ ଓ ପଦ୍ମପୁରରେ ଉଚ୍ଚମାନର ଲୁଗା ବୁଣା ଯାଉଥିଲା । ଇଂଲଣ୍ଡ, ହଲାଣ୍ଡ, ଫ୍ରାନ୍‌ସ ଓ ମାଲଡିଭ୍‌ସରେ ମଧ୍ୟ ଓଡ଼ିଶା ଲୁଗାର ଖୁବ୍ ଚାହିଦା ଥିଲା ।

ମୋଟ ଉପରେ କହିବାକୁ ଗଲେ, କେବଳ ମାତ୍ର ଅର୍ଦ୍ଧ-ଶତାବ୍ଦୀର ମରହଟ୍ଟା ଶାସନଯୋଗୁଁ ଓଡ଼ିଶାର ଆର୍ଥିକ ଓ ବାଣିଜ୍ୟିକ ସ୍ଥିତି ବିଗିଡ଼ିଗଲା ବୋଲି କହିବା ବୋଧହୁଏ ଅଯୌକ୍ତିକ ହେବ । ପୂର୍ବରୁ ଚଳି ଆସିଥିବା ଶାସନ ଓ ବାଣିଜ୍ୟ ବ୍ୟବସ୍ଥାକୁ ମରହଟ୍ଟାମାନେ କେବଳ ପରିଚାଳନା କରିଥିଲେ । ତତ୍କାଳୀନ ଅନ୍ୟ ଶାସକମାନଙ୍କ ପରି ସେମାନେ ମଧ୍ୟ ଅଧିକରୁ ଅଧିକ କର ଓ ଭୂ-ରାଜସ୍ୱ ଅସୁଲ କରିବାକୁ ପ୍ରୟାସ କରୁଥିଲେ । ଅଷ୍ଟାଦଶ ଶତାବ୍ଦୀରେ ପ୍ରାଶାସନିକ ବ୍ୟୟ ବୃଦ୍ଧି ପାଇଥିଲା । ମାତ୍ର ସେହି ଅନୁପାତରେ ଆୟର ସ୍ରୋତ ବୃଦ୍ଧି ପାଉନଥିଲା । ତେଣୁ ଯାହା କିଛି ଆୟର ଉତ୍ସ ଥିଲା, ତହିଁରୁ ଅଧିକରୁ ଅଧିକ ଅସୁଲ କରିବାକୁ ମରାଠାମାନେ ଉଦ୍ୟମ କରିଥିଲେ ଏବଂ ସେହି ଅନୁସାରେ ପ୍ରାଶାସନିକ ଅଧିକାରୀ ନିଯୁକ୍ତ କରିଥିଲେ । ଯେଉଁ ଅଧିକାରୀ କର ଓ ଭୂ-ରାଜସ୍ୱ ଆଦି ଅସୁଲ କରିବାରେ ଅସମର୍ଥ ହେଉଥିଲେ, ତାଙ୍କ ଉପରେ ଉପରିସ୍ଥ ଅଧିକାରୀ ବଳ ପ୍ରୟୋଗ କରୁଥିଲେ । କାରଣ ଏହି ବିଫଳତାପାଇଁ ନିଜ ଉପର ଅଧିକାରୀଙ୍କ ପାଖରେ ତାଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ୁଥିଲା । ଏହି ବ୍ୟବସ୍ଥାରେ ସ୍ୱୟଂ ସୁବାଦାର ମଧ୍ୟ ଦୋଷୀ ସାବ୍ୟସ୍ତ ହେବାର ଭୟ ରହିଥିଲା । ଇଂରେଜ ଅଧିକାର ପରେ ନିଜର କାର୍ଯ୍ୟକୁ ଯୁକ୍ତି ସଙ୍ଗତ ପ୍ରତିପାଦନ କରିବା ଲକ୍ଷ୍ୟରେ ଇଂରେଜମାନେ ମରାଠା ଶାସନକୁ ଖୁବ୍ ଅରାଜକତାପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।

## ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶା ସମାଜ ଓ ସଂସ୍କୃତି

ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାରେ ଏକ ନୂତନ ସାମନ୍ତ ଶ୍ରେଣୀର ଉତ୍‌ଥାନ ଦେଖିବାକୁ ମିଳିଥିଲା । ବାଣିଜ୍ୟ କାରବାର ବୃଦ୍ଧି ପାଇବା ସଙ୍ଗେସଙ୍ଗେ ବଜାରରେ ବିଳାସ ସାମଗ୍ରୀ ଉପଲବ୍ଧ

ହେଲା । ମୋଗଲ ଓ ମରାଠା ସମୟରେ ସୁବାଦାରଙ୍କୁ ପ୍ରଶାସନରେ ତଥା ରାଜସ୍ୱ ଅସୁଲରେ ସାହାଯ୍ୟ କରିବାଲାଗି ଅନେକ ଅଧିକାରୀ ନିଯୁକ୍ତ ହୋଇଥିଲେ । ସେମାନଙ୍କ ପଦପଦବୀ ଅନେକ କ୍ଷେତ୍ରରେ ବଂଶାନୁକ୍ରମିକ ଥିଲା ଏବଂ ପାଉଣା ଆକାରରେ ସେମାନଙ୍କୁ ବିପୁଳ ପରିମାଣର ଜାଗିରମାନ ମିଳିଥିଲା । ଅନେକ ସମୟରେ ବଳ ପ୍ରୟୋଗ କରି ସେମାନେ ସାଧାରଣ ପ୍ରଜାଙ୍କଠାରୁ ବିନା ମୂଲ୍ୟରେ ଶ୍ରମ ନେଉଥିଲେ । ଏହା ସେମାନଙ୍କୁ (ଅଧିକାରୀ ବର୍ଗକୁ) ଧନ ସଞ୍ଚୟ କରିବାରେ ସାହାଯ୍ୟ କଲା । ସାମନ୍ତ ବା ସମ୍ଭ୍ରାନ୍ତ ଶ୍ରେଣୀର ଉତ୍‌ଥାନ ପରେ ସମାଜରେ ସଭ୍ୟତା ଓ ସଂସ୍କୃତି ନାମରେ ଅନେକ ନୂଆ ନୂଆ କଥା ଦେଖିବାକୁ ମିଳିଲା । ମୋଗଲ ଓ ମରହଟ୍ଟା ପ୍ରଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ସମ୍ଭ୍ରାନ୍ତ ଶ୍ରେଣୀ ସହଯୋଗ କଲା ଏବଂ ପ୍ରତିଦାନରେ ସ୍ୱ-ଅଭିବୃଦ୍ଧି ନିମନ୍ତେ ସହଯୋଗ ପାଇଲା ।

ସେତେବେଳେ ଧନୀ ତଥା ଉଚ୍ଚ ପଦ ପଦବୀଧାରୀ ଲୋକେ ଯାତାୟାତପାଇଁ ଘୋଡ଼ା ଓ ଘୋଡ଼ାଗାଡ଼ିର ବ୍ୟବହାର କରୁଥିଲେ । କ୍ରମଶଃ ଘୋଡ଼ାର ବ୍ୟବହାର ସମାଜରେ ମର୍ଯ୍ୟାଦା ଓ ରୁଚିର ପ୍ରତୀକ ହେଲା । ଘୋଡା ପିଠିରେ ଚଢ଼ୁଥିବା ଲୋକମାନଙ୍କୁ ଅନ୍ୟମାନେ ଭୟ ଓ ସମ୍ମାନର ସହିତ ଦେଖିଲେ । ସଂଭ୍ରାନ୍ତ ବର୍ଗର ଲୋକେ ପାଲିଙ୍କି ବ୍ୟବହାର କରୁଥିଲେ । ନିମ୍ନ ଶ୍ରେଣୀର ଲୋକଙ୍କପାଇଁ ଏହାର ବ୍ୟବହାର ବାରଣ ଥିଲା । ଏଥିପାଇଁ କୌଣସି ଲିଖିତ ଆଇନ ନଥିଲେ ସୁଦ୍ଧା ସ୍ଥାନୀୟ ଅଧିକାରୀ ଓ ଜମିଦାରମାନେ ତା'ର କ୍ରିୟାନ୍ୱୟନ ଦିଗରେ ବିଶେଷ ଧ୍ୟାନ ଦେଉଥିଲେ ।

ସେ ସମୟରେ କୌଣସି ବ୍ୟକ୍ତି ବା ଅଧିକାରୀ ନିଜଠାରୁ ଅଧିକ କ୍ଷମତାସଂପନ୍ନ ଅନ୍ୟ କୌଣସି ଅଧିକାରୀଙ୍କ ପାଖକୁ ସାକ୍ଷାତପାଇଁ ଗଲେ ମର୍ଯ୍ୟାଦା ଓ ପଦବୀ ଅନୁସାରେ ଭେଟି ନେଇ ଯାଉଥିଲେ । ସୁବାଦାର ଯେତେବେଳେ ନାଗପୁର ରାଜାଙ୍କୁ ଭେଟିବାକୁ ଯାଉଥିଲେ, ତାଙ୍କୁ ମଧ୍ୟ ଭେଟି ଦେବାକୁ ପଡୁଥିଲା । ଓଡ଼ିଶାର ଗଡ଼ଜାତରେ ମଧ୍ୟ ଏହି ଭେଟି ବ୍ୟବସ୍ଥା ରହିଥିଲା ।

ଅତିଥିମାନଙ୍କୁ ଗଦି ପକାଇ ସାଦର ଅଭ୍ୟର୍ଥନା କରିବା ଏକ ସାଧାରଣ ପରମ୍ପରା ଥିଲା । ଅତି ସଂଭ୍ରାନ୍ତ ଅତିଥି ନିମନ୍ତେ ଅଭ୍ୟର୍ଥନା ବେଳେ ଗାଲିଚା ପଡ଼ୁଥିଲା । ଅତିଥିମାନେ ବସିବା ମାତ୍ରେ ପାନ ଓ ଅତର ପ୍ରଦାନ କରାଯାଉଥିଲା । ଉପର ଶ୍ରେଣୀର ଲୋକଙ୍କପାଇଁ ଚିତ୍ତବିନୋଦନର ଏକ ପ୍ରମୁଖ ମାଧ୍ୟମ ଥିଲା ମୃଗୟା ବା ଶିକାର । ଏଥିପାଇଁ ଅନେକ ଲୋକ ସାଙ୍ଗରେ ଯାଉଥିଲେ ଏବଂ ଶିକାର ନିମନ୍ତେ ଆବଶ୍ୟକୀୟ ସୁବିଧା ସୃଷ୍ଟି କରୁଥିଲେ । ରାଜା, ଜମିଦାର ବା ସଂଭ୍ରାନ୍ତ ବ୍ୟକ୍ତି ଯେଉଁ ବନ୍ୟଜନ୍ତୁ ଶିକାର କରୁଥିଲେ, ତା' ପଛରେ ଅନେକ ସାଧାରଣ ଲୋକଙ୍କ ପରିଶ୍ରମ ଥିଲା ।

ଲୋକମାନେ ସାଧାରଣତଃ ପାନ ଖାଉଥିଲେ । କାରଣ ଓଡ଼ିଶାରେ ପ୍ରଚୁର ପାନ ଉତ୍ପାଦନ ହେଉଥିଲା । ସଂଭ୍ରାନ୍ତ ବର୍ଗର ଲୋକେ ମନୋରଞ୍ଜନର ମାଧ୍ୟମ ରୂପେ ସଂଗୀତ ଓ ନୃତ୍ୟର ପୃଷ୍ଠପୋଷକତା କରୁଥିଲେ । ଗ୍ରାମାଞ୍ଚଳରେ ମନୋରଞ୍ଜନ ଭାବରେ ସୁଆଙ୍ଗ, କୃଷ୍ଣଲୀଳା ଓ ରାମଲୀଳା ପ୍ରଚଳିତ ଥିଲା । ଅଧିକାଂଶ ଗ୍ରାମରେ ବ୍ୟାୟାମଶାଳା ଥିଲା । ସେଠାରେ ଶରୀରଗଠନ

ଲାଗି ଭାର ଉତ୍ତୋଳନ ଆଦି କରାଯାଉଥିଲା । ଗଡ଼ମାନଙ୍କରେ ବ୍ୟାୟାମକୁ ଖୁବ୍ ପ୍ରୋତ୍ସାହିତ କରାଯାଉଥିଲା । ଯୁଦ୍ଧରେ ଯୋଗ ଦେଉଥିବା ସୈନିକପାଇଁ ବ୍ୟାୟାମ ଏକ ପ୍ରକାରର ପ୍ରଶିକ୍ଷଣ ଥିଲା । ଅବସର ବିନୋଦନପାଇଁ ତାସ୍ ଖେଳର ପ୍ରଚଳନ ଥିଲା । ବାଳିକାମାନଙ୍କ ମଧ୍ୟରେ କଉଡ଼ି ଖେଳର ପ୍ରସାର ରହିଥିଲା ।

ମୋଗଲ ସମୟରେ ସରକାରୀ ନଥିପତ୍ରରେ ପାର୍ସୀ ଭାଷାର ବ୍ୟବହାର ହେଉଥିଲା । ମରାଠାମାନେ ପାର୍ସୀ ସହିତ ମରାଠୀ ଭାଷାକୁ ମଧ୍ୟ ସରକାରୀ ଭାଷା ଭାବରେ ବ୍ୟବହାର କଲେ । କିଛି ପୁସ୍ତକ ଓଡ଼ିଆ ଭାଷାରେ ମଧ୍ୟ ଲେଖାଯାଇଥିଲା । ମରହଟ୍ଟାମାନେ ସରକାରୀ ସ୍ତରରେ କାଗଜ ବ୍ୟବହାର କରୁଥିଲେ । ବୌଦ୍ଧିକ ଲୋକ କାଗଜ ସ୍ଥାନରେ ତାଳପତ୍ରର ବ୍ୟବହାର କରୁଥିଲେ । ତାଳପତ୍ରରେ ଲିଖିତ ପାଠ ଦୀର୍ଘସ୍ଥାୟୀ ହେବ ବୋଲି ଆଶା କରାଯାଉଥିଲା । ଉଚ୍ଚ ଜାତିର ଲୋକେ କାଗଜର ଲେଖା କାର୍ଯ୍ୟକୁ ଅଶୁଦ୍ଧ ବୋଲି ମନେ କରୁଥିଲେ । ବୌଦ୍ଧିକ ଭାଷା ରୂପେ ସଂସ୍କୃତର ଆଦର ଅଷ୍ଟାଦଶ ଶତାବ୍ଦୀରେ ମଧ୍ୟ ଊଣା ହୋଇ ନଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ଉଭୟ ସଂସ୍କୃତ ଓ ଓଡ଼ିଆରେ ଅନେକ କାବ୍ୟ କବିତା ରଚିତ ହୋଇଥିଲା । ଗଡ଼ଜାତ ରାଜାମାନେ କବି ଓ ଲେଖକମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରି ସାହିତ୍ୟ ଓ ସଂସ୍କୃତି ପ୍ରତି ନିଜର ଅନୁରାଗ ପ୍ରଦର୍ଶନ କରୁଥିଲେ । ଚଇନି ଚନ୍ଦ୍ରଶେଖର ରାଜଗୁରୁଙ୍କ 'ନୈଷଧୀୟ ମହାକାବ୍ୟମ୍' ଓ 'ଉଷାନିରୁଦ୍ଧ ନାଟକମ୍', ରାଜଗୁରୁ ବାସୁଦେବ ରଥ ସମାଜୀଙ୍କର 'ଗଙ୍ଗବଂଶାନୁଚରିତମ୍', ମହାମହୋପାଧ୍ୟାୟ ନରହରି ପଣ୍ଡାଙ୍କର 'ମୃଚ୍ଛକଟିକମ୍' ଓ 'ମେଘଦୂତମ୍', କବିବର ନୀଳକଣ୍ଠ ମିଶ୍ରଙ୍କର 'ବ୍ରଜଯୁବ ବିଳାସ' ଓ 'ଭାଗବତ ଲୀଳା ଚିନ୍ତାମଣି' ଆଦି ଏହି ସମୟର କେତୋଟି ପ୍ରମୁଖ କାବ୍ୟ । 'ମୃଚ୍ଛକଟିକମ୍' ଓ 'ମେଘଦୂତମ୍' ଆଦି ରଚନାକୁ ଲେଖକ ପୁନଃରଚନା କରି ତହିଁରେ ନିଜ ସୃଜନଶୀଳତାର ନିଦର୍ଶନ ଦେଇଥିଲେ । ଅନ୍ୟ କାବ୍ୟଗୁଡ଼ିକ ମଧ୍ୟ ପୌରାଣିକ କାହାଣୀର ଅବଲମ୍ବନରେ ଲିଖିତ ହୋଇଥିଲା । ସାମାଜିକ ପ୍ରସଙ୍ଗଗୁଡ଼ିକ ଉପରେ କାବ୍ୟ-କବିତା ରଚନାର ବିଶେଷ ପରମ୍ପରା ସଂସ୍କୃତରେ ପ୍ରାୟ ନଥିଲା । ଗୋବିନ୍ଦ ବଳବନ୍ତରାୟଙ୍କ 'ସୁସୁବର୍ଣ୍ଣମ୍' ଓ ବ୍ରଜସୁନ୍ଦର ପଟ୍ଟନାୟକଙ୍କ 'ସୁଲୋଚନା ମାଧବ କାବ୍ୟ'ମଧ୍ୟ ସେ ସମୟର ଦୁଇଟି ପ୍ରମୁଖ ଗ୍ରନ୍ଥ ।

ଓଡ଼ିଆ ସାହିତ୍ୟରେ ଏହି ସମୟରେ ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ' ଓ 'ଚତୁର ବିନୋଦ', ଶ୍ରୀଧର ଦାସଙ୍କ 'ହିତୋପଦେଶ'ର ଓଡ଼ିଆ ଅନୁବାଦ, ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ' ମଧ୍ୟ ଖୁବ୍ ଚର୍ଚ୍ଚିତ ଥିଲା । ଓଡ଼ିଆରେ ସଂସ୍କୃତରୁ ବିଭିନ୍ନ ଗ୍ରନ୍ଥର ଅନୁବାଦ ମଧ୍ୟ ଏହି ସମୟରେ ହୋଇଥିଲା । ଅନୁବାଦକଙ୍କ ମଧ୍ୟରେ କାଶ୍ମୀର ସିଂ, କବି ଗୋପାଳ, ଜୟସିଂହ, ମଧୁସୂଦନ ଜଗଦ୍ଦେବ, ବଳଭଦ୍ର ମଙ୍ଗରାଜ, ଦୀନବନ୍ଧୁ ଖାଡ଼ଙ୍ଗା ଓ କେଶବ ଚନ୍ଦ୍ର ପଟ୍ଟନାୟକ ଅଷ୍ଟାଦଶ ଶତାବ୍ଦୀର କେତେ ଜଣ ଚର୍ଚ୍ଚିତ ଲେଖକ ଓ କବି । ଏହା ବ୍ୟତୀତ 'ଦାର୍ଢ୍ୟତା ଭକ୍ତି'ର ରଚୟିତା ରାମ ଦାସ, 'ବୈଦେହୀଶ ବିଳାସ' ଆଦି ଅନେକ କାବ୍ୟର କବି ଉପେନ୍ଦ୍ର ଭଞ୍ଜ, ଧରାକୋଟର ରାଜା କୃଷ୍ଣ ସିଂହ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓ 'ପ୍ରେମଚିନ୍ତାମଣି'ର କବି ଅଭିମନ୍ୟୁ

ସାମନ୍ତସିଂହାର ଆଦି ଅନେକ ରସୋତ୍ତୀର୍ଣ୍ଣ ରଚନା ଛାଡ଼ି ଯାଇଛନ୍ତି । ଅଷ୍ଟାଦଶ ଶତାବ୍ଦୀର ବୌଦ୍ଧିକ ପରମ୍ପରାରେ ସଂସ୍କୃତର ମଧ୍ୟ ବହୁତ ଆଦର ଥିଲା । ମାତ୍ର ଏହି କବିମାନେ ଓଡ଼ିଆରେ ଲେଖି ଦୁଃସାହସର ପରିଚୟ ଦେଇଥିଲେ । ବିଶେଷକରି ଅବ୍ରାହ୍ମଣ ସଂପ୍ରଦାୟର ସର୍ଜନାକାରମାନେ ଏହି ସମୟରେ ଆଞ୍ଚଳିକ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ଜଣାଯାଏ । ସଂସ୍କୃତର ବିକଳ୍ପ ଭାଷା ରୂପେ ଓଡ଼ିଆକୁ ସ୍ଥାପିତ କଲାବେଳେ ସେମାନେ ଦମ୍ଭ ଦେଖାଇବାକୁ ମଧ୍ୟ ଆଦୌ ହେଳା କରୁ ନଥିଲେ । ଉଦାହରଣ ସ୍ୱରୂପ, ତତ୍କାଳୀନ କବି ଉପେନ୍ଦ୍ର ଭଞ୍ଜ ନିଜକୁ 'କବିକୁଳ ଚନ୍ଦ୍ର' ବୋଲି କହୁଥିଲେ । ଏହା ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷାପାଇଁ ଉଦ୍ଦିଷ୍ଟ ଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ବା ମରାଠା ପ୍ରଶାସନ ଶିକ୍ଷାର ପ୍ରସାରକୁ ନିଜ ଦାୟିତ୍ୱ ଭାବରେ ଗ୍ରହଣ କରି ନଥିଲା । ଧର୍ମାନୁଷ୍ଠାନମାନଙ୍କର ପାରମ୍ପରିକ ଶିକ୍ଷାକେନ୍ଦ୍ରମାନ ରହିଥିଲା । ଗ୍ରାମାଞ୍ଚଳରେ ଲୋକେ ନିଜ ଉଦ୍ୟମରେ 'ଚାଟଶାଳୀ' ଶିକ୍ଷାକୁ ପ୍ରୋତ୍ସାହିତ କରୁଥିଲେ । ଶିକ୍ଷା ବିଶେଷ ଖର୍ଚ୍ଚବହୁଳ ନଥିଲା । ଉଦାହରଣ ସ୍ୱରୂପ, ବିଦ୍ୟାଳୟ ନାମରେ ଘର ନଥିଲା । ସଂଭ୍ରାନ୍ତ ବ୍ୟକ୍ତିଙ୍କ ଘରେ ବା ଅଗଣାରେ ଶିକ୍ଷା ଦାନ ହେଉଥିଲା । ଧନିକ ବର୍ଗର ଲୋକେ ଘରୋଇ ଶିକ୍ଷକ ନିଯୁକ୍ତ କରୁଥିଲେ । ନାରୀ ଶିକ୍ଷାପାଇଁ କୌଣସି ବ୍ୟବସ୍ଥା ନଥିଲା । 'ତଳ' ଜାତିର ଲୋକଙ୍କ ସନ୍ତାନ ମଧ୍ୟ ଶିକ୍ଷାରୁ ବଂଚିତ ଥିଲେ ।

## ମରହଟ୍ଟା ଶାସନର ଇତିକଥା

ଅଷ୍ଟାଦଶ ଶତାବ୍ଦୀ ଶେଷ ହେବା ବେଳକୁ ଓଡ଼ିଶାରେ ମରହଟ୍ଟା ଶାସନର ମଧ୍ୟ ଅବସାନ ହେଲା ଏବଂ ତା' ସ୍ଥାନରେ ଇଂରେଜ ଶାସନ ଆରମ୍ଭ ହେଲା । ବ୍ରିଟିଶ୍ ସାମ୍ରାଜ୍ୟବାଦର ଉତ୍ଥାନ ହିଁ ମରାଠା ଶାସନର ଅନ୍ତର କାରଣ ହେଲା । ୧୮୦୩ରେ ମୋଗଲବନ୍ଦି ଓ ଗଡ଼ଜାତ ଓଡ଼ିଶାକୁ ଇଂରେଜମାନେ ଅଧିକାର କଲେ । ଏହାର କେତେ ବର୍ଷ ପୂର୍ବରୁ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିବା ଦକ୍ଷିଣ ଓଡ଼ିଶା ଉପରେ ଇଂରେଜ ଅଧିକାର ସାବ୍ୟସ୍ତ ହୋଇ ସାରିଥିଲା । ରାଜନୈତିକ ଅଧିକାର ଜାହିର୍ କରିବାର ବହୁ ପୂର୍ବରୁ ଇଂରେଜଶକ୍ତି ଓଡ଼ିଶାରେ ନିଜର ଉପସ୍ଥାନ ଘୋଷଣା କରିଥିଲେ । ଓଡ଼ିଶାରେ ରାଜନୈତିକ ଅଧିକାର ସାବ୍ୟସ୍ତ ହେବାର ବହୁ ପୂର୍ବରୁ ୧୬୩୩ରେ କଟକ ଜିଲ୍ଲାର ହରିହରପୁରଠାରେ ଏକ କାରଖାନା ଇଂରେଜମାନେ ସ୍ଥାପନ କରିଥିଲେ । ଏହା ପରେ ବାଲେଶ୍ୱର ଓ ପିପିଲିଠାରେ ମଧ୍ୟ ନଦୀ କୂଳରେ ସେମାନଙ୍କର କାରଖାନା ସ୍ଥାପିତ ହେଲା । ଏହି କାରଖାନା ବା 'ଫେକ୍ଟ୍ରି' ଗୁଡ଼ିକରେ କୌଣସି ଉତ୍ପାଦନ କାର୍ଯ୍ୟ ହେଉ ନଥିଲା । କେବଳ ନଦୀ କୂଳରେ ଏକ ଭଣ୍ଡାର ଘର ରୂପେ ଏହା କାର୍ଯ୍ୟ କରୁଥିଲା। 'ଫେକ୍ଟ୍ରି' ଅଂଚଳରେ ଇଂରେଜମାନେ ନିଜ ନୀତି ନିୟମ ପ୍ରଚଳନ କରୁଥିଲେ । ରାଜନୈତିକ ଶକ୍ତି ସ୍ଥାନୀୟ ସ୍ତରରେ ଦୁର୍ବଳ ହେବାରୁ ଫେକ୍ଟ୍ରିପାଇଁ ଇଂରେଜମାନେ ସ୍ଥାନୀୟ ଅଧିକାରୀଙ୍କୁ କର ସୁଦ୍ଧା ଦେବାକୁ ଇଚ୍ଛା କରୁ ନଥିଲେ । ଏହି ପ୍ରକ୍ରିୟାରେ ସେମାନେ ବହୁ ପୂର୍ବରୁ ନିଜର ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରି ଦେଇଥିଲେ ।

୧୭୫୭ର ପଲାସୀ ଯୁଦ୍ଧର ସଫଳତା ପରେ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ବଙ୍ଗ, ବିହାର ଓ ଓଡ଼ିଶାର ଦେବାନୀ ଲାଭ କଲା । ମାତ୍ର ଏହି କ୍ଷେତ୍ରରେ ଓଡ଼ିଶାର ଅର୍ଥ ଥିଲା କେବଳ ମେଦିନିପୁରର କିଛି ଅଂଶ, ଯାହା ବଙ୍ଗ ନବାବଙ୍କ ଅଧୀନରେ ରହିଥିଲା । ମାତ୍ର ଏହା ପରେ ଇଂରେଜମାନେ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଲେ ଏବଂ ଓଡ଼ିଶା ଅଧିକାରର ଆବଶ୍ୟକତା ତୀବ୍ର ଭାବରେ ଅନୁଭବ କଲେ । ବଙ୍ଗ ଓ ମାଡ୍ରାସ୍ ପ୍ରେସିଡେନ୍ସି ମଧ୍ୟରେ ସ୍ଥଳପଥରେ ଯୋଗାଯୋଗପାଇଁ ଓଡ଼ିଶା ଦେଇ ଯିବାକୁ ପଡ଼ୁଥିଲା । ମରାଠା ଶକ୍ତିର ଦୁର୍ବଳତାର ସୁଯୋଗ ନେଇ ଓଡ଼ିଶାକୁ କବ୍ଜା କରିବାପାଇଁ ଇଂରେଜମାନେ ଯୋଜନା କଲେ । ପ୍ରଥମେ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ଅଧିକାରପାଇଁ ଭୋଁସ୍ଲେ ରାଜାଙ୍କୁ ସାମନ୍ତ ସନ୍ଧି ଗ୍ରହଣ କରିବାକୁ ଇଂରେଜମାନେ ପ୍ରସ୍ତାବ ଦେଲେ। ପ୍ରସ୍ତାବ ସ୍ୱୀକୃତ ନ ହେବାରୁ , ୧୮୦୩ରେ ଯୁଦ୍ଧରେ ଭୋଁସଲେମାନଙ୍କୁ ପରାସ୍ତ କରି ସେମାନେ ଓଡ଼ିଶା ଅଧିକାର କରିନେଲେ । ମରାଠାମାନେ ପ୍ରତିରୋଧ କରିପାରିଲେ ନାହିଁ । ଓଡ଼ିଶାର ସ୍ଥାନୀୟ ରାଜା ଓ ଜମିଦାରମାନେ ମଧ୍ୟ ସେମାନଙ୍କୁ କୌଣସି ସମର୍ଥନ ଦେଇ ନଥିଲେ କି ଇଂରେଜମାନଙ୍କୁ ପ୍ରତିରୋଧ କରି ନଥିଲେ; ବରଂ ଖୋର୍ଦ୍ଧାର ରାଜା ଇଂରେଜମାନଙ୍କୁ ସୈନ୍ୟ ସାହାଯ୍ୟ କରିଥିଲେ । ଏହିଭଳି ଭାବେ ଅକ୍ଟୋବର ୧୪,୧୮୦୩ରେ ମରାଠାମାନଙ୍କ ସ୍ଥାନରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କଲେ । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଅଧିକାର କରିବାକୁ ଯଦିଓ ଇଂରେଜମାନେ ଅଧିକ କିଛି ସମୟ ନେଇଥିଲେ, ବାରବାଟୀରେ ମରାଠାଙ୍କ ପରାଜୟ ପରେ ଓଡ଼ିଶାରେ ମରହଟ୍ଟା ଶାସନର ଯବନିକା ପଡ଼ିଲା ବୋଲି ବୁଝିବାକୁ ହେବ ।

■ ■ ■

# ଇଂରେଜମାନଙ୍କ ଓଡ଼ିଶା ଦଖଲ

ନିଜାମ ଓ ମରାଠାମାନଙ୍କ ପାଖରୁ ଇଂରେଜମାନେ ତିନୋଟି ପର୍ଯ୍ୟାୟରେ ଓଡ଼ିଶାକୁ ଦଖଲ କରିଥିଲେ । ପ୍ରଥମେ ନିଜାମଶାସିତ ଦକ୍ଷିଣ-ଓଡ଼ିଶା, ତତ୍‌ପରେ ଭୋଁସଲେ ଶାସିତ ଉତ୍ତର-ଓଡ଼ିଶା (ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲା) ଓ ତୃତୀୟ ପର୍ଯ୍ୟାୟରେ ପଶ୍ଚିମ-ଓଡ଼ିଶା ସେମାନଙ୍କ ଦଖଲକୁ ଆସିଥିଲା । ଦଖଲ ଅନୁସାରେ ଦକ୍ଷିଣ-ଓଡ଼ିଶାକୁ ମାଡ୍ରାସ୍ ପ୍ରେସିଡେନ୍‌ସିରେ ଏବଂ ଉତ୍ତର-ଓଡ଼ିଶାକୁ ବଙ୍ଗ ପ୍ରେସିଡେନ୍‌ସି ସହିତ ସଂଲଗ୍ନ କରାଗଲା । ପଶ୍ଚିମ ଓଡ଼ିଶା ରହିଲା କେନ୍ଦ୍ର ପ୍ରଦେଶରେ । ୧୯୦୫ରେ ପଶ୍ଚିମ ଓଡ଼ିଶା ବଙ୍ଗ ସହିତ ସଂଯୋଜିତ ହେଲା । ଓଡ଼ିଶା ୧୯୩୬ରେ ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେବା ପର୍ଯ୍ୟନ୍ତ ଏହି ପ୍ରାଶାସନିକ ବିଭକ୍ତୀକରଣ ପ୍ରାୟ ଅବ୍ୟାହତ ରହିଲା । ଓଡ଼ିଶାର ଏକତ୍ରୀକରଣ ପ୍ରକ୍ରିୟାରେ ଆଧୁନିକ ଓଡ଼ିଶାର ରାଜନୈତିକ ଆନ୍ଦୋଳନ ଉତ୍‌ଥାନ ଲାଭ କଲା । ଓଡ଼ିଶାରେ ଜାତୀୟତା ଆନ୍ଦୋଳନର ମୂଳ, ଇଂରେଜମାନଙ୍କଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପ୍ରଦେଶର ଦଖଲ ପ୍ରଶ୍ନ ସହ ସଂଯୋଜିତ ।

## ଦକ୍ଷିଣ ଓଡ଼ିଶା ଦଖଲ

ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସାମ୍ରାଜ୍ୟର ପତନ ପରେ ମଧ୍ୟ ଓଡ଼ିଶାରେ ଆଞ୍ଚଳିକ ଶକ୍ତିର ବିକାଶ ଘଟି ନଥିଲା । ଫଳରେ ବଙ୍ଗର ନବାବ ଓ ହାଇଦ୍ରାବାଦର ନିଜାମଙ୍କ ହାତକୁ ଏହା ଚାଲିଗଲା । ସେମାନେ ପରସ୍ପର ମଧ୍ୟରେ ଓଡ଼ିଶାକୁ ବାଣ୍ଟିନେଲେ ବୋଲି କହିଲେ ଭୁଲ ହେବ ନାହିଁ । ସେହି ପ୍ରକ୍ରିୟାରେ ଦକ୍ଷିଣ-ଓଡ଼ିଶା ନିଜାମଙ୍କ ହାତକୁ ଗଲା; ଉତ୍ତର-ଓଡ଼ିଶା ଗଲା ବଂଗ ନବାବଙ୍କ ହାତକୁ । ଗଡ଼ଜାତରେ ପୂର୍ଣ୍ଣ ପଶ୍ଚିମ ଓଡ଼ିଶା ନିଜର ସ୍ୱତନ୍ତ୍ର ଭୌଗୋଳିକ ଅବସ୍ଥିତିଯୋଗୁଁ ଏକ ରକମର ଭିନ୍ନ ହୋଇ ରହିଲା ।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଦକ୍ଷିଣ ଭାରତରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ପ୍ରତିପତ୍ତି ବିସ୍ତାରଲାଗି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା । ଏହି ଦୁଇ ୟୁରୋପୀୟ ବାଣିଜ୍ୟିକ ଶକ୍ତି ଆର୍କଟ, କର୍ଣ୍ଣାଟକ ଓ ହାଇଦ୍ରାବାଦ ଦେଶୀୟ ରାଜ୍ୟର ଆଭ୍ୟନ୍ତରୀଣ କନ୍ଦଳରେ ହସ୍ତକ୍ଷେପ କରି ନିଜ ନିଜ ସ୍ତରରେ ରାଜନୈତିକ ଶକ୍ତି ହେବାକୁ ଉଦ୍ୟମ କରୁଥିଲେ ।

ନିଜାମଙ୍କ ରାଜ୍ୟରେ ସେତେବେଳେ ଦକ୍ଷିଣ- ଓଡ଼ିଶାକୁ ଲୋକେ 'ଉତ୍ତର ସରକାର' ନାମରେ ଜାଣୁଥିଲେ । କାରଣ ଏହା ରାଜ୍ୟର ଉତ୍ତରରେ ଅବସ୍ଥିତ ଥିଲା । ୧୭୫୭ ବେଳକୁ ଏଠାରେ ଫରାସୀମାନଙ୍କ ଆଧିପତ୍ୟ ରହିଥିଲା । ନିଜାମ ଫରାସୀମାନଙ୍କ ସମର୍ଥନରେ ମରାଠାମାନଙ୍କଠାରୁ ସୁରକ୍ଷା ପାଇଥିଲେ । ସେହି ସୂତ୍ରରେ, ବିଜୟନଗରମ୍ ଓ ଉତ୍ତର ସରକାରକୁ ନିଜାମଙ୍କଠାରୁ ଫରାସୀମାନେ ଲାଭ କରିଥିଲେ । ମାତ୍ର ୧୭୫୯ରେ ନିଜାମ୍ ସଲାବତ୍ ଜଙ୍ଗଙ୍କୁ ତାଙ୍କ ଭାଇ ନିଜାମ୍ ଅଲି ହତ୍ୟା କରି ନିଜେ ନିଜାମ୍ ହେଲେ । ତାଙ୍କୁ ଇଂରେଜମାନେ ସାହାଯ୍ୟ କରୁଥିଲେ । ତେଣୁ ପ୍ରତିଦାନରେ ୧୭୬୫ ଅଗଷ୍ଟ ମାସରେ ଇଂରେଜମାନଙ୍କ ହାତରେ ସେ ଉତ୍ତର ସରକାରକୁ ସମର୍ପଣ କଲେ । ନାମ ମାତ୍ର ମୋଗଲ ସମ୍ରାଟ ଶାହ ଆଲାମ ଏକ ଫର୍ମାନ୍ ବା ରାଜାଦେଶ ଜାରି କରି ଉତ୍ତର ସରକାରକୁ ଇଷ୍ଟ ଇଣ୍ଡିଆ କମ୍ପାନି ହାତରେ ଟେକିଦେଲେ । ଫଳରେ ଗଞ୍ଜାମ ଓ କୋରାପୁଟ ଅଞ୍ଚଳ ଇଂରେଜ କର୍ତ୍ତୃତ୍ୱକୁ ଆସିଲା । ୧୭୬୮ ଡିସେମ୍ବର ୨ ତାରିଖରେ କମ୍ପାନୀ ଆଦେଶ ବଳରେ କଟ୍‌ସଫୋର୍ଡ଼ ନାମକ ଜଣେ ଇଞ୍ଜିନିୟର ଗଞ୍ଜାମର ପ୍ରଥମ ରେସିଡେଣ୍ଟ ହେଲେ ବୋଲି ବିଜ୍ଞପ୍ତି ବାହାରିଲା । ସେହିଦିନଠାରୁ ଗଞ୍ଜାମ ମାଡ୍ରାସ୍ ପ୍ରେସିଡେନ୍‌ସିର ଅଙ୍ଗ ହେଲା । ଏହା ପୂର୍ବରୁ ୧୭୬୬ ନଭେମ୍ବରରେ ନିଜାମ ଅଲି ଓ କମ୍ପାନୀ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେହି ଅନୁଯାୟୀ, ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ସାର୍ବଭୌମତ୍ୱ ସ୍ୱୀକାର କରିନେବାକୁ ଜମିଦାରମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏହି ପ୍ରକ୍ରିୟାରେ ଦକ୍ଷିଣ-ଓଡ଼ିଶାର ଗଞ୍ଜାମ, ପାରଳାଖେମୁଣ୍ଡି, ଇଚ୍ଛାପୁର, ଜୟପୁର, କୋରାପୁଟ ଆଦି ମାଡ୍ରାସ୍ ପ୍ରେସିଡେନ୍‌ସିରେ ସାମିଲ୍ ହେଲେ । ସେଗୁଡ଼ିକ ଦଖଲ କରିବାଲାଗି ଇଂରେଜମାନଙ୍କୁ କୌଣସି ଯୁଦ୍ଧ କରିବାକୁ ପଡ଼ିଲା ନାହିଁ । ସମ୍ଭବତଃ, ଏହି କ୍ଷୁଦ୍ର ରାଜ୍ୟଗୁଡ଼ିକର ରାଜାମାନେ ଭାବିଥିଲେ ଯେ, ନାମମାତ୍ର ମୋଗଲ ବଦଳରେ ଏବେ କମ୍ପାନୀ ନାମମାତ୍ର ସାର୍ବଭୌମ ଅଧିକାର ଲାଭ କରିବେ । ସ୍ଥାନୀୟ ରାଜା ହିଁ ରାଜ୍ୟର ପ୍ରକୃତ ଶାସକ ହେବେ । ତେଣୁ ସେମାନେ ବିରୋଧ କଲେ ନାହିଁ । ମାତ୍ର ଇଂରେଜମାନଙ୍କ ଆସିବା ପରେ ସେମାନେ ନିଜ ଭୁଲ ବୁଝି ପାରିଲେ । ପରିଣାମ ସ୍ୱରୂପ ୧୭୬୮ ମେ' ମାସରେ ପାରଳାର ରାଜା ନାରାୟଣ ଦେବ ଇଂରେଜମାନଙ୍କୁ ବିରୋଧ କଲେ । ତାଙ୍କୁ ଯୁଦ୍ଧରେ ପରାସ୍ତ କରିବାକୁ କର୍ଣ୍ଣେଲ୍ ପିଚ୍ ଦାୟିତ୍ୱ ନେଲେ । ପାରଳା ରାଜା ପରାସ୍ତ ହେବା ପରେ ଗଞ୍ଜାମରେ ଇଂରେଜ ଶାସନ ସୁଦୃଢ଼ ହେଲା । ରେସିଡେଣ୍ଟ ଭାବରେ କଟ୍‌ସଫୋର୍ଡ଼ ୧୭୬୮ ଜୁଲାଇରୁ ଗଞ୍ଜାମରେ ଅବସ୍ଥାପିତ ହେଲେ, ଯଦିଓ ଏ ନେଇ ବିଜ୍ଞପ୍ତି ସେହି ବର୍ଷ ଡିସେମ୍ବରରେ ପ୍ରକାଶିତ ହେଲା ।

# ଉତ୍ତର ଓଡ଼ିଶା ଦଖଲ

କଟକ, ପୁରୀ ଓ ବାଲେଶ୍ୱରର ସାମରିକ ମହତ୍ତ୍ୱଯୋଗୁଁ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ୱେଲେସ୍‌ଲି ଉତ୍ତର ଓଡ଼ିଶାକୁ ଅଧିକାର କରିବାଲାଗି ଯୋଜନା କଲେ । ଏହା ପୂର୍ବରୁ ଜେମ୍‌ସ୍ ରେନେଲ ଓ ବ୍ଲଣ୍ଟ ନାମକ ଦୁଇଜଣ ଇଂରେଜ ଅଧିକାରୀ ଉତ୍ତର ଓଡ଼ିଶାକୁ ସର୍ଭେ କରିଥିଲେ । ୧୭୬୬ରେ ଲର୍ଡ଼ କ୍ଲାଇବ୍‌ଙ୍କ ପରାମର୍ଶରେ ଟମାସ ମୋଟ (Thomas Motte)ନାମକ ଜଣେ କମ୍ପାନୀ କର୍ମଚାରୀଙ୍କୁ ସମ୍ବଲପୁର ପଠାଯାଇଥିଲା । ଉଦ୍ଦେଶ୍ୟ ଥିଲା, ହୀରା ବ୍ୟାପାରର ସମ୍ଭାବନାକୁ ପରଖିବା । କାରଣ ମହାନଦୀ ବାଲିରେ ସମ୍ବଲପୁର ନିକଟରେ ହୀରା ମିଳୁଥିବାର ସମାଚାର ଇଂରେଜମାନଙ୍କୁ ଜଣାଥିଲା । ଟମାସ ମୋଟ ନିଜ ଗସ୍ତ ସମୟରେ ମରହଟ୍ଟା ସୁବାଦାର ଭବାନୀ ପଣ୍ଡିତଙ୍କ ସହ ସାକ୍ଷାତ୍ କରି ଉପରୋକ୍ତ ତିନୋଟି ଜିଲ୍ଲାକୁ କମ୍ପାନୀକୁ ବିକ୍ରୀ କରିଦେବାକୁ ପ୍ରସ୍ତାବ ଦେଇଥିଲେ । ମାତ୍ର ସୁବାଦାର ଏହାକୁ ଅସ୍ୱୀକାର କଲେ । ପରେ ତିନି ବର୍ଷର ଚୌଠ ଆଗତୁରା ପ୍ରଦାନ କରି ତିନିଟି ଜିଲ୍ଲାକୁ ମରାଠାମାନଙ୍କ ହାତରୁ ନେଇଯିବାକୁ ମଧ୍ୟ କମ୍ପାନୀ ପ୍ରସ୍ତାବ ଦେଇଥିଲା । ମାତ୍ର ଏଥିରେ ମଧ୍ୟ ଭୋଁସଲେ ରାଜା ସମ୍ମତ ହୋଇ ନଥିଲେ ।

୧୭୮୧ରେ ଏବଂ ଦ୍ୱିତୀୟ ଥର ୧୭୯୦ରେ ବଙ୍ଗରୁ ଇଂରେଜ ସେନା ଓଡ଼ିଶା ମଧ୍ୟ ଦେଇ ମାନ୍ଦ୍ରାସ୍ ଯାଇଥିଲେ । ଏଥିପାଇଁ ଇଂରେଜମାନଙ୍କୁ ଭୋଁସଲେ ରାଜାଙ୍କଠାରୁ ଆବଶ୍ୟକୀୟ ଅନୁମତି ସାଙ୍ଗକୁ ଅନେକ ଟଙ୍କା ମଧ୍ୟ ଦେବାକୁ ପଡ଼ିଥିଲା । ଉଦାହରଣ ସ୍ୱରୂପ, ୧୭୮୧ରେ ମୁଧୋଜୀ ଭୋଁସଲେ ଅନୁମତି ଦେବା ସକାଶେ ତେର ଲକ୍ଷ ଟଙ୍କା ଚୌଠ ଓ ୧୦ ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ । ଇଂରେଜମାନଙ୍କପାଇଁ ଏହି ମୂଲ୍ୟ ଅପବ୍ୟୟ ଥିଲା । କିନ୍ତୁ ଭୋଁସଲେ ରାଜାଙ୍କ ମତରେ ଏହା ଥିଲା ଯୁକ୍ତିଯୁକ୍ତ, କାରଣ ଇଂରେଜଙ୍କ ପୂର୍ବରୁ ବଙ୍ଗର ନବାବ ନିୟମିତ ମରାଠାମାନଙ୍କୁ ଚୌଠ କର ପ୍ରଦାନ କରୁଥିଲେ । ଏଭଳି ଅପବ୍ୟୟ ରୋକିବାକୁ ଉତ୍ତର ଓଡ଼ିଶା ଦଖଲ ଇଂରେଜମାନଙ୍କପାଇଁ ଆବଶ୍ୟକ ହୋଇପଡ଼ିଲା ।

୧୮୦୨ରେ ମରହଟ୍ଟାମାନଙ୍କର ନାମମାତ୍ର ପେଶବା ଦ୍ୱିତୀୟ ବାଜିରାଓ ଅନ୍ୟ ଏକ ମରାଠା ଶକ୍ତି ଇନ୍ଦୋରର ହୋଲ୍‌କାରଙ୍କ ହାତରେ ପରାସ୍ତ ହୋଇ ଇଂରେଜମାନଙ୍କର ଶରଣାପନ୍ନ ହେଲେ । ଇଂରେଜଙ୍କ ଚାପରେ ତାଙ୍କୁ ସାମନ୍ତସନ୍ଧିରେ ସ୍ୱାକ୍ଷର କରିବାକୁ ପଡ଼ିଲା । ଫଳରେ ପେଶବା ଇଂରେଜଙ୍କ ସାର୍ବଭୌମତ୍ୱକୁ ସ୍ୱୀକାର କରିବା ସହିତ ସେମାନଙ୍କର ସାମନ୍ତ ହେବାକୁ ସମ୍ମତ ହେଲେ । ମାତ୍ର ଗ୍ୱାଲିଅରର ସିନ୍ଧିଆ ଓ ନାଗପୁରର ଭୋଁସଲେ ସାମନ୍ତସନ୍ଧିକୁ ଗ୍ରହଣ ନ କରିବାରୁ ଯୁଦ୍ଧକରି ସେମାନଙ୍କୁ ପରାସ୍ତ କରାଗଲା ।

୧୮୦୩ ଅଗଷ୍ଟ ୩ ତାରିଖରେ ଇଂରେଜ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ୱେଲେସ୍‌ଲି ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଓଡ଼ିଶାକୁ ସୈନ୍ୟ ପ୍ରେରଣ କରିବା ପୂର୍ବରୁ ପୁରୀର ପଣ୍ଡା, ଜଗନ୍ନାଥ ମନ୍ଦିର ଓ ତୀର୍ଥଯାତ୍ରୀମାନଙ୍କୁ ଯଥୋଚିତ ସମ୍ମାନ ଦେବେ ବୋଲି ଇଂରେଜ ବାହିନୀର ମୁଖ୍ୟ ଲେଫ୍‌ଟନାଣ୍ଟ କର୍ଣ୍ଣେଲ୍ କ୍ୟାମ୍ପବେଲ୍ ସନ୍ଦେଶ ପଠାଇଲେ । ଇଂରେଜମାନଙ୍କ ଏହି ପ୍ରତିଶ୍ରୁତି ପୁରୀର ପଣ୍ଡାମାନଙ୍କୁ ପ୍ରଲୋଭିତ କଲା । ଇଂରେଜମାନଙ୍କ ଉତ୍‌ଥାନ ଓ ମରାଠା

ଶକ୍ତିର ପତନକୁ ଅନୁମାନ କରି ସେମାନଙ୍କୁ ବିରୋଧ ନ କରିବାକୁ ପଣ୍ଡାମାନେ ସ୍ଥିର କଲେ ଏବଂ ଗଡ଼ଜାତମାନଙ୍କୁ ପତ୍ର ଲେଖି ଜଣାଇଦେଲେ ଯେ, ଇଂରେଜ ରାଜତ୍ୱରେ ଜଗନ୍ନାଥ ଆନନ୍ଦରେ ରହିବେ । ୱେଲେସ୍‌ଲି ମଧ୍ୟ ଗଡ଼ଜାତମାନଙ୍କୁ ଜଣାଇଲେ ଯେ, ମରାଠା ଅତ୍ୟାଚାରରୁ ଲୋକଙ୍କୁ ରକ୍ଷା କରିବାପାଇଁ ସେମାନେ ଓଡ଼ିଶା ଦଖଲ କରିବାକୁ ଚାହାନ୍ତି । ଓଡ଼ିଶାରେ ଇଂରେଜ ସେନା ପ୍ରବେଶ କରିବାର ଅବ୍ୟବହିତ ପୂର୍ବରୁ ସେପ୍ଟେମ୍ବର ୧୪ ତାରିଖ ଦିନ ଜଣେ ବଙ୍ଗୀୟ ପଣ୍ଡିତ ପୁରୀ ମନ୍ଦିରର ପୂଜକଙ୍କ ପାଖକୁ ଇଂରେଜମାନଙ୍କ ଧାର୍ମିକ ସହିଷ୍ଣୁତା ଓ ନ୍ୟାୟପୂର୍ଣ୍ଣ ପ୍ରଶାସନକୁ ପ୍ରଶଂସା କରି ଏକ ପତ୍ର ଲେଖିଥିଲେ । ଇଂରେଜମାନେ ଉତ୍କୋଚ ଦେଇ ଏଭଳି ପତ୍ର ଲେଖିବାକୁ କହିଥିବା ମନେ କରାଯାଏ । ମୋଟ କଥା ହେଲା ଯେ, ଇଂରେଜମାନେ ଓଡ଼ିଶାକୁ ମରାଠାମାନଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କରିବା ପୂର୍ବରୁ ଯଥେଷ୍ଟ ପ୍ରସ୍ତୁତି କରିଥିଲେ । ସେମାନେ ମାନସିକ ସ୍ତରରେ ନିଜ ସପକ୍ଷରେ ଏବଂ ଶତ୍ରୁ ବିପକ୍ଷରେ ଏକ ପରିବେଶ ସୃଷ୍ଟି କରିଥିଲେ । ଯୁଦ୍ଧରେ ବିଜୟପାଇଁ ଏହା ଖୁବ୍ ସହାୟକ ସିଦ୍ଧ ହେଲା ।

ଉତ୍ତର ବା ଉପକୂଳ ଓଡ଼ିଶାକୁ ଦଖଲ କରିବା ସକାଶେ ଇଂରେଜମାନେ ତିନି ପଟରୁ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଦକ୍ଷିଣ ପଟରୁ ମାଡ୍ରାସ ପ୍ରେସିଡେନ୍‌ସିର ୭୪ତମ ରେଜିମେଣ୍ଟର ସେନାନାୟକ କ୍ୟାମ୍ପବେଲ୍ ପ୍ରଥମେ ପୁରୀ ଓ ସେଠାରୁ ଯାଇ କଟକ ଆକ୍ରମଣ କରିବା ସ୍ଥିର ହେଲା । ଉତ୍ତର ପଟୁ ବଙ୍ଗରୁ ଏକ ସେନାବାହିନୀ ଜଳେଶ୍ୱର ଦେଇ ଓଡ଼ିଶା ଭିତରକୁ ପ୍ରବେଶ କରିବେ ଏବଂ ସମୁଦ୍ର ପଟରୁ ଏକ ବାହିନୀ ବାଲେଶ୍ୱରକୁ ଦଖଲ କରିବେ ବୋଲି ଯୋଜନା ହେଲା । ଦକ୍ଷିଣପଟୁ ସେପ୍ଟେମ୍ବର ୮ରେ ସାମରିକ ଅଭିଯାନ ଆରମ୍ଭ ହେଲା । କ୍ୟାମ୍ପବେଲ୍‌ଙ୍କ ସ୍ଥାନରେ କର୍ଣ୍ଣେଲ୍ ଜର୍ଜ ହାରକୋର୍ଟ (George Harcourt) ଅଭିଯାନର ଦାୟିତ୍ୱ ନେଲେ । ମାଣିକ ପାଟଣାଠାରେ ହାରକୋର୍ଟ ଫାଙ୍କା ଗୁଳି ଫୁଟାଇ ମରହଟ୍ଟାମାନଙ୍କୁ ଘଉଡାଇ ଦେଲେ । ମାଲୁଦର ଫୌଜଦାର ଟଙ୍କା ନେଇ ଇଂରେଜଙ୍କ ପକ୍ଷଭୁକ୍ତ ହୋଇଗଲେ । ପୁରୀକୁ ପ୍ରବେଶ କରିବାଲାଗି ସେନାକୁ ଖୋର୍ଦ୍ଧା ଦେଇ ଯିବା ଜରୁରୀ ଥିଲା । ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦ ଦେବ ଏମିତିରେ ମରାଠାମାନଙ୍କ କର୍ତ୍ତୃତ୍ୱକୁ ସ୍ୱୀକାର କରି ନେଇଥିଲେ । ପୁରୀ ଓ ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣ ମଧ୍ୟ ମରାଠାମାନଙ୍କ ହାତରେ ରହିଥିଲା । ଉପସ୍ଥିତ ପରିସ୍ଥିତିରେ ଇଂରେଜମାନେ ତାଙ୍କୁ ଲକ୍ଷେ ଟଙ୍କା ଦେବାର ପ୍ରତିଶ୍ରୁତି ଦେଲେ ଏବଂ ପ୍ରତିଦାନରେ ଖୋର୍ଦ୍ଧା ଦେଇ ଇଂରେଜସେନାଙ୍କୁ ଯାତ୍ରାପାଇଁ ଅନୁମତି ଲୋଡ଼ିଲେ । ଖୋର୍ଦ୍ଧା ରାଜା ମରାଠାମାନଙ୍କ ବିରୁଦ୍ଧରେ ଇଂରେଜମାନଙ୍କୁ ସୈନ୍ୟ ସହଯୋଗ ଦେବାକୁ ମଧ୍ୟ ପ୍ରତିଶ୍ରୁତିଦେଲେ । ସେପ୍ଟେମ୍ବର ୧୮ ତାରିଖ ଦିନ ଇଂରେଜ ସେନା ଯେତେବେଳେ ପୁରୀରେ ପ୍ରବେଶ କଲେ, ଜଗନ୍ନାଥ ମନ୍ଦିରର ପଣ୍ଡାମାନେ ସେମାନଙ୍କୁ ସ୍ୱାଗତ କରିଥିଲେ ।

ପୁରୀରୁ ଇଂରେଜ ବାହିନୀ କଟକ ଅଭିମୁଖେ ଯାତ୍ରା କଲେ । ବାଟରେ ଅହମ୍ମଦପୁର ଓ ମୁକୁନ୍ଦପୁରରେ ସେମାନଙ୍କୁ ମରାଠାମାନଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ମାତ୍ର ବିରୋଧର ମାତ୍ରା ଅଧିକ ନଥିଲା । ୧୮୦୩ ଅକ୍ଟୋବର ୮ ତାରିଖ ଦିନ ହାରକୋର୍ଟଙ୍କ ନେତୃତ୍ୱରେ

ଇଂରେଜ ସେନା କଟକରେ ପହଞ୍ଚି ପ୍ରଥମେ ଲାଲବାଗ ଦୁର୍ଗ କବ୍‌ଜା କରିନେଲେ । ବାରବାଟୀ ଦୁର୍ଗ ଅଧିକାର କରିବା ପୂର୍ବରୁ ମରହଟ୍ଟା ଫୌଜଦାରଙ୍କୁ ସେମାନେ ଏକ ଲକ୍ଷ ଟଙ୍କା ଲାଞ୍ଚ ଦେଇ ବିନା ପ୍ରତିରୋଧରେ ଦୁର୍ଗ ଦଖଲ କରିବାକୁ ଚାହିଁଲେ । ଏହି ଉଦ୍ୟମ ବିଫଳ ହେବାରୁ ଅକ୍ଟୋବର ୧୩ ତାରିଖ ଦିନ ଇଂରେଜ ବାହିନୀ ବାରବାଟୀ ଦୁର୍ଗ ଅବରୋଧ କଲେ । ଦୁର୍ଗ ଦଖଲ କରିବା ପୂର୍ବରୁ ମରହଟ୍ଟା ସେନାପତି ଶିବପ୍ରସାଦଙ୍କୁ ସେମାନେ ନିଜ ପକ୍ଷଭୁକ୍ତ କରିନେଲେ । ବାରବାଟୀ ଦୁର୍ଗ ଦଖଲ ହେଲା । ଦୁର୍ଗ ଅବରୋଧ ସମୟରେ ଖଣ୍ଡ ଯୁଦ୍ଧରେ ମୋଟ ଦୁଇଜଣ ଇଂରେଜ ସୈନ୍ୟ ଓ ତିନିଜଣ ଭାରତୀୟ ସୈନ୍ୟଙ୍କର ପ୍ରାଣ ଗଲା । ଅନ୍ୟ କ୍ଷୟକ୍ଷତି ମଧ୍ୟରେ କଟକ ଅଧିକାର ସମୟରେ ମାତ୍ର ୧୬ ଜଣ ଇଂରେଜ ଓ ୧୩ ଜଣ ଭାରତୀୟ ସିପାହି ଆହତ ହୋଇଥିଲେ । ଯୁଦ୍ଧରେ ପରାସ୍ତ ହୋଇ ଭୋଁସଲେ ରାଜାଙ୍କ ସେନା ଛତ୍ରଭଂଗ ଦେଲେ । କଟକ କର୍ଣ୍ଣେଲ୍ ହାରକୋର୍ଟଙ୍କ ଅଧୀନସ୍ଥ ହେଲା ।

ବାଲେଶ୍ୱର ମଧ୍ୟ ଏକା ଉପାୟରେ ଇଂରେଜମାନଙ୍କ ଅଧିକାରଭୁକ୍ତ ହେଲା । ସେପ୍ଟେମ୍ବର ୨୧ରେ କ୍ୟାପ୍‌ଟେନ୍ ମର୍ଗାନ୍ (Captain Morgan)ସମୁଦ୍ର ପଥରେ ଏକ ସେନା ବାହିନୀ ନେଇ ବାଲେଶ୍ୱରରେ ପହଞ୍ଚିଲେ । ବାଲେଶ୍ୱର ଦଖଲ ହେବା ପୂର୍ବରୁ ମରାଠା ଫୌଜଦାରଙ୍କୁ ଲାଞ୍ଚ ଦେଇ ବିନା ଯୁଦ୍ଧରେ ଇଂରେଜମାନେ କ୍ଷେତ୍ରଟିକୁ ଅଧିକାର କରିନେବାକୁ ଉଦ୍ୟମ କଲେ । ଫୌଜଦାରଙ୍କ ମଧ୍ୟ ଏଥିରେ ଅସହମତି ନଥିଲା । ମାତ୍ର ମରାଠା ସୈନ୍ୟମାନେ ଚକ୍ରାନ୍ତଟିକୁ ବୁଝିପାରି ଫୌଜଦାରକୁ ଗିରଫ କଲେ ଏବଂ ଇଂରେଜଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ମାତ୍ର ଗୋଟାଏ ଦିନର ଯୁଦ୍ଧରେ ବାଲେଶ୍ୱର ଅଧିକୃତ ହେଲା ।

ଉତ୍ତର ପଟୁ ଏକ ଇଂରେଜ ବାହିନୀ କର୍ଣ୍ଣେଲ୍ ଫର୍ଗୁସନଙ୍କ ନେତୃତ୍ୱରେ ଜଳେଶ୍ୱର ଦେଇ କଟକ ଯାତ୍ରା କଲେ । ସେମାନେ କଟକ ପହଞ୍ଚିବା ପୂର୍ବରୁ ହାରକୋର୍ଟଙ୍କ ବାହିନୀ କଟକ ଅଧିକାର କରି ସାରିଥିଲେ । ଏହା ପରେ ଗ୍ରାମାଞ୍ଚଳର ଜମିଦାରମାନଙ୍କୁ ଇଂରେଜ କର୍ତ୍ତୃତ୍ୱାଧୀନ କରିବା ସକାଶେ କର୍ଣ୍ଣେଲ ଫେନ୍‌ଓ୍ୱିକ୍‌ଙ୍କୁ (Colonel Fenwick) ଦାୟିତ୍ୱ ଦିଆଗଲା । ଫେନ୍‌ଓ୍ୱିକ୍ ପ୍ରଥମେ ଶାନ୍ତିପୂର୍ଣ୍ଣ ଉପାୟରେ ନିଜ କାର୍ଯ୍ୟ ହାସଲପାଇଁ ଉଦ୍ୟମ କଲେ । ଯେଉଁଠି ଆବଶ୍ୟକ ପଡ଼ିଲା ଶକ୍ତି ମଧ୍ୟ ପ୍ରୟୋଗ କଲେ ।

ପ୍ରଥମେ ବାଲେଶ୍ୱର ଏବଂ ତତ୍ ପରେ ପୁରୀ ଓ କଟକ ନିଜ କର୍ତ୍ତୃତ୍ୱକୁ ଆସିବା ପରେ ଲର୍ଡ଼ ଓ୍ୱେଲେସଲିଙ୍କ ରାଜ୍ୟ ବିସ୍ତାର ନୀତି ଖୁବ୍ ସଫଳତା ପାଇଲା । ବାରବାଟୀ ଦୁର୍ଗ ଦଖଲ ପରେ ଶାସନ ପରିଚାଳନା ଏବଂ ଅନ୍ୟ ଗଡ଼ଜାତମାନଙ୍କ ଉପରେ ଆଧିପତ୍ୟ ବିସ୍ତାରଲାଗି ଲର୍ଡ଼ ଓ୍ୱେଲେସଲି ଏକ କମିଟି ଗଠନ କଲେ । ହାରକୋର୍ଟଙ୍କ ବ୍ୟତୀତ ତହିଁରେ ଜେ.ମେଲଭିଲ (J. Melville)ଏବଂ ଟି.ଏଚ୍. ଆର୍ଣ୍ଣେଷ୍ଟ (T.H. Ernst) ସଭ୍ୟ ଥିଲେ । ଏହି କମିଟିର ଚାପରେ ଖୋର୍ଦ୍ଧା, ମୟୂରଭଞ୍ଜ, ଅନୁଗୋଳ, ହିନ୍ଦୋଳ, ଦଶପଲ୍ଲା, ଆଳି, କୁଜଙ୍ଗ, ହରିଶପୁର, ଦର୍ପଣି, ସୁକିନ୍ଦା, ମଧୁପୁର, ମରିଚପୁର, ବିଷ୍ଣୁପୁର ଓ କନିକା ଇଂରେଜ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାର କରିବାକୁ ରାଜିହେଲେ । ଏହା ସହିତ ସେଗୁଡ଼ିକ ବାର୍ଷିକ କର ବା ପେଶକସ୍ ଦେବାକୁ ମଧ୍ୟ ସମ୍ମତି ପ୍ରଦାନ

କଲେ । ୧୮୦୩ ଡିସେମ୍ବର ୧୭ ତାରିଖରେ ରଘୁଜୀ ଭୌଁସଲେ ମହାରାଷ୍ଟ୍ରର ଦେଓଗାଁଠାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସହିତ ବୁଝାମଣା କଲେ । ସେହି ଅନୁଯାୟୀ, ଭୌଁସଲେ ଇଂରେଜମାନଙ୍କର କଟକ, ପୁରୀ ଓ ବାଲେଶ୍ୱର ଉପରେ ସାର୍ବଭୌମତ୍ୱକୁ ସ୍ୱୀକାର କଲେ । ଗଡ଼ଜାତମାନଙ୍କ ସହ ଇଂରେଜମାନେ କରିଥିବା ଚୁକ୍ତିକୁ ମଧ୍ୟ ସ୍ୱୀକୃତି ଦିଆଗଲା । ୧୮୦୪ ମସିହା ଜାନୁଆରି ୯ ତାରିଖ ଦିନ ସପରିଷଦ ଗଭର୍ଣ୍ଣର ଜେନେରାଲ୍ (Governor General in Council)ଦେଓଗାଁଓ ବୁଝାମଣାକୁ ଅନୁମୋଦନ କଲେ ।

## ସମ୍ବଲପୁର ଦଖଲ

ଅଷ୍ଟାଦଶ ଶତାବ୍ଦୀରେ ସମ୍ବଲପୁରରେ ଚୌହାନ ବଂଶ ରାଜୁତି କରୁଥିଲେ । କିମ୍ବଦନ୍ତୀ ଅନୁଯାୟୀ ସେମାନେ ପୃଥ୍ୱୀରାଜ ଚୌହାନଙ୍କ ବଂଶଧର ଥିଲେ । ୧୧୯୨ରେ ମହମ୍ମଦ ଘୋରୀଙ୍କ ହାତରେ ପୃଥ୍ୱୀରାଜ ଚୌହାନଙ୍କ ପରାଜୟ ପରେ ସେହି ବଂଶର ଜଣେ ରାଣୀ ଉତ୍ତର ପ୍ରଦେଶର ମୈନପୁରୀ ଦେଇ ପାଟଣାଗଡ଼ (ଆଧୁନିକ ବଲାଙ୍ଗିର ଜିଲ୍ଲା)ରେ ଆଶ୍ରୟ ନେଇଥିଲେ । ତାଙ୍କ ପୁତ୍ର ରମାଇଦେବ ପାଟଣାଗଡ଼ ରାଜ୍ୟର ଶାସକ ହେଲେ । ତତ୍କାଳୀନ ଗଙ୍ଗବଂଶର ସାର୍ବଭୌମତ୍ୱକୁ ସେ ଅସ୍ୱୀକାର କରି ନଥିଲେ । ତେଣୁ ତାଙ୍କୁ ବିଶେଷ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିନଥିଲା ।

ଷୋଡ଼ଶ ଶତାବ୍ଦୀର ଶେଷ ଆଡ଼କୁ ପାଟଣାଗଡ଼ ରାଜ୍ୟର ଦ୍ରୁତ ପତନ ଘଟିଲା । ଏହାର ସୁଯୋଗ ନେଇ ବଳରାମ ଦେବ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କଲେ । ସେତେବେଳ ପର୍ଯ୍ୟନ୍ତ ସମ୍ବଲପୁର ପାଟଣାଗଡ଼ ରାଜ୍ୟର ଅଂଶ ହୋଇ ରହିଥିଲା । ବଳରାମ ଦେବ ରାଜା ହେଲା ପରେ ପାଟଣାଗଡ଼ର ପ୍ରଭୁତ୍ୱକୁ ଅସ୍ୱୀକାର କରି ନଥିଲେ । ବରଂ ପାଟଣାଗଡ଼ର ରାଜା ନରସିଂହଦେବଙ୍କ ପାଖରୁ ଦାନ ସୂତ୍ରରେ ତାଙ୍କୁ ସମ୍ବଲପୁର ପ୍ରାପ୍ତ ହୋଇଛି ବୋଲି ସେ ଦାବି କରିଥିଲେ । ତା' ସହିତ ନିଜର ସ୍ୱାଧୀନତାକୁ ପ୍ରଦର୍ଶନ କରିବା ସକାଶେ ସମ୍ବଲପୁରରେ ସମଲାଇ ଦେବୀଙ୍କୁ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ରୂପେ ପୁନଃପ୍ରତିଷ୍ଠା ଦେଲେ । ସେତେବେଳେ ସ୍ଥାନୀୟ ସ୍ୱାଭିମାନକୁ ଜାହିର କରିବାନିମନ୍ତେ ରାଜ୍ୟମାନଙ୍କରେ ଏକ ଅଧିଷ୍ଠାତ୍ରୀ ଦେବୀ ପ୍ରତିଷ୍ଠା କରିବାର ପରଂପରା ରହିଥିଲା । ରମାଇଦେବ ମଧ୍ୟ ପାଟଣାଗଡ଼ରେ ପାଟଣେଶ୍ୱରୀ ଦେବୀଙ୍କ ମନ୍ଦିର ନିର୍ମାଣ କରି ଏହି ପରଂପରାକୁ ପାଳନ କରିଥିଲେ । ସମ୍ଭବତଃ ରାଜ୍ୟ ପ୍ରତିଷ୍ଠା ପୂର୍ବରୁ ଉକ୍ତ ଦେବୀମାନଙ୍କର ପୂଜା ପରଂପରା ରହିଥିଲା । ରାଜ ପୃଷ୍ଠପୋଷକତା ଦେବୀଙ୍କୁ ପ୍ରସିଦ୍ଧି ଦେଲା ତଥା ରାଜାଙ୍କ ନିମନ୍ତେ ସ୍ଥାନୀୟ ଲୋକ ସମର୍ଥନ ଆଣିଦେଲା ।

ସପ୍ତଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ବଳିଆରଦେବଙ୍କ ରାଜତ୍ୱ କାଳରେ (୧୬୫୦-୧୬୮୮) ସମ୍ବଲପୁର ପଶ୍ଚିମ ଓଡ଼ିଶାର ପ୍ରମୁଖ ରାଜ୍ୟ ହେବାର ଗୌରବ ଲାଭ କଲା । କେବଳ ପାଟଣାଗଡ଼ ନୁହେଁ, ତା' ସାଙ୍ଗକୁ ପ୍ରାଚୀନ କାଳରେ କୋଶଳ ନାମରେ ପରିଚିତ ସମଗ୍ର କ୍ଷେତ୍ରର କେନ୍ଦ୍ର ଭାବରେ ତାକୁ ପରିଚିତି ମିଳିଲା । ଅଠରଟି ରାଜ୍ୟର ମୁଖ୍ୟ ଭାବରେ ସମ୍ବଲପୁର ରାଜା

'ଅଠରଗଡ଼ ମଉଡ଼ମଣି' ଉପାଧି ଧାରଣ କଲେ । ଏହି ଅଠରଟି ରାଜ୍ୟ ହେଲେ : ସମ୍ବଲପୁର, ପାଟଣା (ପାଟଣାଗଡ଼), ସୋନପୁର, ବଉଦ, ଆଠମଲ୍ଲିକ୍, ଖରିଆର, ରେଢ଼ାଖୋଲ, ବାମଣ୍ଡା, ଗାଙ୍ଗପୁର, ବଣାଇ, ରାୟଗଡ଼, ବରଗଡ଼, ସାରଙ୍ଗଡ଼, ଶକ୍ତି, ଫୁଲଝର, ଚନ୍ଦ୍ରପୁର, ବିନ୍ଦ୍ରା-ନୂଆଗଡ଼ ଓ ସରଗୁଜା । ଅର୍ଥାତ୍ ଆଧୁନିକ ଓଡ଼ିଶାର ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ବୌଦ୍ଧ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡ଼ା ଜିଲ୍ଲା ସମେତ ଛତିଶଗଡ଼ର ରାୟଗଡ଼, ବିଳାସପୁର, ସାରଂଗଡ଼ ଆଦି କ୍ଷେତ୍ରର ରାଜନୀତିକ କେନ୍ଦ୍ର ଭାବରେ ସମ୍ବଲପୁରକୁ ଲୋକେ ଜାଣିଲେ । ଏହି ବିସ୍ତୃତ କ୍ଷେତ୍ରର ଭାଷା, ସଂସ୍କୃତିରେ ସ୍ୱାତନ୍ତ୍ର୍ୟ ଅନୁମାନ କରି ଏବଂ କ୍ଷେତ୍ର ମଧ୍ୟସ୍ଥ ରାଜ୍ୟଗୁଡ଼ିକର ଭାଷା, ସଂସ୍କୃତି, ପରଂପରାରେ ସମାନତାକୁ ହୃଦୟଙ୍ଗମ କରି ବାହାରେ ଏହି ସମଗ୍ର କ୍ଷେତ୍ରକୁ ଏକ ରାଜ୍ୟ ବୋଲି ମନେ କରାଯାଉଥିଲା । ଏହାକୁ କୋଶଳ ନାମରେ ଅଭିହିତ କରି ସୋନପୁରର ଗଙ୍ଗାଧର ମିଶ୍ର ନାମରେ ଜଣେ କବି ସେହି ସମୟରେ 'କୋଶଳାନନ୍ଦ କାବ୍ୟ' ଶୀର୍ଷକରେ ଏକ ସଂସ୍କୃତ କାବ୍ୟ ମଧ୍ୟ ରଚନା କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ (୧୭୫୧) ମରାଠାମାନେ କଟକ ଅଧିକାର କଲେ । ନାଗପୁରରୁ ସେମାନେ ସଂବଲପୁର ଦେଇ କଟକ ଯାଇଥିଲେ ଏବଂ ବାଟରେ ବାରମ୍ବାର ସମ୍ବଲପୁର ରାଜ୍ୟର ଗାଁଗଣ୍ଡା ଉପରେ ଆକ୍ରମଣ କରିଥିଲେ । ଏସବୁ ସତ୍ତ୍ୱେ ସେମାନେ ଅନେକ ଦିନ ପର୍ଯ୍ୟନ୍ତ ସମ୍ବଲପୁର ଅଧିକାର କରି ପାରି ନଥିଲେ । ଏହାର ଏକାଧିକ କାରଣ ମଧ୍ୟରୁ ଗୋଟାଏ ହେଲା ଯେ, କଟକରେ ପ୍ରତିଷ୍ଠିତ ହେଲା ପରେ ସେମାନେ ସମ୍ବଲପୁର ପ୍ରତି ଧ୍ୟାନ ଦେବାକୁ ମନସ୍ଥ କରିଥିଲେ, କାରଣ ବଙ୍ଗ ଦଖଲ ସେମାନଙ୍କର ଲକ୍ଷ୍ୟ ଥିଲା ଏବଂ ସେଥିପାଇଁ କଟକ ଓ ବାଲେଶ୍ୱରକୁ ଆଧାର ଭାବରେ ସେମାନେ ବିଚାର କରୁଥିଲେ । ଅନ୍ୟ ଏକ ପ୍ରମୁଖ କାରଣ ହେଲା, ସମ୍ବଲପୁର ରାଜା ମଧ୍ୟ ସାମରିକ ଦୃଷ୍ଟିରୁ ଯଥେଷ୍ଟ ବଳଶାଳୀ ଥିଲେ । ଦୁଇଥର ଖଣ୍ଡ ଯୁଦ୍ଧରେ ମରାଠା ସେନାକୁ ସମ୍ବଲପୁର ରାଜା ପରାସ୍ତ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ ସମ୍ବଲପୁର ରାଜବଂଶର ଦ୍ରୁତ ପତନ ହେଲା । ଚୌହାନ ରାଜା ଅଭୟ ସିଂହ ଓ ଦେୱାନ୍ ଆକବର ରାୟଙ୍କ ମଧ୍ୟରେ କଳହଯୋଗୁଁ ରାଜ୍ୟରେ ଗୃହଯୁଦ୍ଧପ୍ରାୟ ସ୍ଥିତି ଉପୁଜିଲା । ଦେୱାନ୍‌ଙ୍କୁ ରାଜା ବରଖାସ୍ତ କରି ତାଙ୍କ ସ୍ଥାନରେ କୃଷ୍ଣ ବଡ଼ମଲ୍ଲିକଙ୍କୁ ଦେୱାନ୍ ପଦରେ ନିଯୁକ୍ତ କଲା ପରେ ୧୭୬୬ ଜୁନ୍ ୧୭ ତାରିଖ ଦିନ ବରଖାସ୍ତ ଦେୱାନ୍ ଆକବର ରାୟ, ରାଜା ଅଭୟ ସିଂହ ଓ ନୂତନ ଦେୱାନଙ୍କୁ ବନ୍ଦୀ କଲେ ଏବଂ ପ୍ରାୟ ୩୦୦ ରାଜା ସମର୍ଥକଙ୍କୁ ହତ୍ୟା କଲେ । ଏହା ପରେ ସେ ନିଜେ ଶାସନଗାଦି ଅଧିକାର କରି ସମ୍ବଲପୁରର ରାଜା ହେଲେ । ଏହା ପରେ ଅଭୟ ସିଂହଙ୍କ ଭାଇ ଜୟନ୍ତ ସିଂହ ସାରଂଗଡ଼ ତଥା ଅନ୍ୟ କେତେକ ସାମନ୍ତ ରାଜ୍ୟର ସାହାଯ୍ୟରେ ସମ୍ବଲପୁର ଆକ୍ରମଣ କଲେ । ଏହି ପରିସ୍ଥିତିରେ ଆକବର ରାୟ ଜୟନ୍ତ ସିଂହଙ୍କ ସହ ସଂଧି କରି ତାଙ୍କୁ ରାଜା ଭାବରେ ସ୍ୱୀକୃତି ଦେଲେ । ଅନ୍ୟ ପକ୍ଷରେ ମରାଠା ସେନାପତି ଚିମନଜୀ ମଧ୍ୟ ସମ୍ବଲପୁର ଅଧିକାର ପ୍ରତି ବିଶେଷ ମହତ୍ତ୍ୱ ନ ଦେଇ ନାଗପୁର ପ୍ରତ୍ୟାବର୍ତ୍ତନ କଲେ ।

ମରାଠା ସେନାର ନାଗପୁରରୁ କଟକ ଯିବା ଆସିବା ସମୟରେ ମୁଖ୍ୟ ଲକ୍ଷ୍ୟ ଥିଲା, ସମ୍ବଲପୁର ଓ ରାସ୍ତାକଡ଼ର ଅନ୍ୟ ଗାଁ ଗଣ୍ଡାରେ ଲୁଣ୍ଠନ । ମରାଠା ସୈନ୍ୟ ଆବଶ୍ୟକୀୟ ଖାଦ୍ୟ ପାନୀୟ ଗାଁଗଣ୍ଡାରୁ ଲୁଣ୍ଠନ କରି ସଂଗ୍ରହ କରୁଥିଲେ । ସେହି ପ୍ରକ୍ରିୟାରେ ଧନରତ୍ନ ଲୁଣ୍ଠନ କରିବାକୁ ତଥା ପ୍ରତିରୋଧକାରୀଙ୍କ ଉପରେ ଅତ୍ୟାଚାର କରିବାକୁ ସେମାନେ ହେଳା କରୁ ନଥିଲେ । ସମ୍ବଲପୁରର ରାଜା ହେଲା ପରେ ଜୟନ୍ତ ସିଂହ ଭୋଁସଲେ ସେନାପତିଙ୍କ ସଙ୍ଗେ ବୁଝାମଣା କରି ଏହି ସମସ୍ୟାର ସମାଧାନ ଆଣିଲେ । ୧୭୯୩ରେ ସେ ବାର୍ଷିକ ୩୨,୦୦୦ ସ୍ଥାନୀୟ ସମ୍ବଲପୁରୀ ଟଙ୍କା, ଯାହାର ବଜାର ମୂଲ୍ୟ ଥିଲା ପ୍ରାୟ ୧୬,୦୦୦ ସ୍ୱର୍ଣ୍ଣ ମୁଦ୍ରା, ଭୋଁସଲେ ରାଜାଙ୍କୁ କର ରୂପେ ଦେବାକୁ ସମ୍ମତ ହେଲେ । ଏହାର ଅର୍ଥ ହେଲା, ସମ୍ବଲପୁର ରାଜ୍ୟ ନାଗପୁରର ଭୋଁସଲେ ରାଜାଙ୍କ ସାର୍ବଭୌମତ୍ୱକୁ ଗ୍ରହଣ କରିନେଲା । ଅନ୍ୟ ପକ୍ଷରେ ସମ୍ବଲପୁରର ଆଭ୍ୟନ୍ତରୀଣ ପ୍ରଶାସନ ଚୌହାନ ରାଜାଙ୍କ ହାତରେ ରହିଲା । ଏହି ବ୍ୟବସ୍ଥା ୧୮୦୦ ମସିହା ପର୍ଯ୍ୟନ୍ତ ଚାଲୁ ରହିଲା ।

୧୮୦୦ ମସିହାରେ ଭୋଁସଲେ ରାଜା ସମ୍ବଲପୁରକୁ ପ୍ରତ୍ୟକ୍ଷ ଶାସନାଧୀନ କରିବାକୁ ଚାହିଁଲେ । ଏହାଦ୍ୱାରା ଅଧିକ ରାଜସ୍ୱ ଆଦାୟ ହେବାର ତଥା ନାଗପୁରରୁ କଟକ ଯିବା ଆସିବା ରାସ୍ତାରେ ମରାଠା ଅଧିକାରୀଙ୍କୁ ଅଧିକ ସହଯୋଗ ମିଳିବାର ସଂଭାବନା ଥିଲା । ଭୂପସିଂହ ନାମକ ଜଣେ ସେନା ଅଧିକାରୀଙ୍କ ନେତୃତ୍ୱରେ ନାଗପୁର ରାଜା ଦ୍ୱିତୀୟ ରଘୁଜୀ ଏକ ସୈନ୍ୟ ବାହିନୀ ପ୍ରେରଣ କଲେ ଏବଂ ସମ୍ବଲପୁର, ସୋନପୁର ଓ ବଉଦର ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ବନ୍ଦୀ କରିନେଲେ । ସମ୍ବଲପୁର ଦଖଲ ହେଲା ପରେ ଭୂପସିଂହ ମରାଠା ପ୍ରଶାସକ ନିଯୁକ୍ତ ହେଲେ । ମାତ୍ର ଧାର୍ଯ୍ୟ ମତେ ଭୂ-ରାଜସ୍ୱ ଅସୁଲ କରି ନାଗପୁର ପ୍ରେରଣ କରିବାରେ ଅସଫଳ ହେବାରୁ ଭୋଁସଲେ ରାଜା ଭୂପସିଂହଙ୍କ ସ୍ଥାନରେ ତାନ୍ତିଆ ଫଡ଼ନାବିସଙ୍କୁ ସମ୍ବଲପୁରର ପ୍ରଶାସକ ନିଯୁକ୍ତ କଲେ । ୧୮୦୪ରେ ଇଂରେଜ ସେନା ସମ୍ବଲପୁର ଦଖଲପାଇଁ ଉଦ୍ୟମ କଲାବେଳେ ତାନ୍ତିଆ ଥିଲେ ତା'ର ପ୍ରଶାସକ ।

ଇଂରେଜ ସେନା ଜର୍ଜ ହାରକୋର୍ଟଙ୍କ ନେତୃତ୍ୱରେ ଅକ୍ଟୋବର ୧୮୦୩ରେ କଟକ ଅଧିକାର କଲା ପରେ କୂଟନୀତି ପ୍ରୟୋଗ କରି ସମ୍ବଲପୁର ଅର୍ଥାତ୍ ପଶ୍ଚିମ ଓଡ଼ିଶାକୁ ନିଜ ଅଧୀନକୁ ଆଣିବାକୁ ଉଦ୍ୟମ କଲେ । ସମ୍ବଲପୁର, ସୋନପୁର ଓ ବଉଦ ରାଜାଙ୍କୁ ପତ୍ର ଲେଖି ହାରକୋର୍ଟ ଜଣାଇଦେଲେ ଯେ, ସେମାନେ ଯଦି ଇଂରେଜମାନଙ୍କର ବଶ୍ୟତା ସ୍ୱୀକାର କରନ୍ତି, ମରାଠା କର୍ତ୍ତୃତ୍ୱରୁ ମୁକ୍ତ ହେବେ । ଅର୍ଥାତ୍ ସେମାନଙ୍କୁ ଭବିଷ୍ୟତରେ ମରାଠାମାନଙ୍କୁ ବାର୍ଷିକ ଦେୟ ଦେବାକୁ ପଡ଼ିବ ନାହିଁ । ଏଥିପାଇଁ ଇଂରେଜ ସରକାର ପ୍ରତ୍ୟେକ ରାଜାଙ୍କଠାରୁ ମାତ୍ର ପାଞ୍ଚଟି ସ୍ୱର୍ଣ୍ଣ ମୋହର ପେଶକସ ନେବେ । ଯେହେତୁ ଉକ୍ତ ତିନି ରାଜା ମରାଠାମାନଙ୍କ ହାତରେ ବନ୍ଦୀ ଥିଲେ, ସେମାନଙ୍କ ରାଣୀ ଯଥା ସମ୍ବଲପୁରର ରାଣୀ ରତନ କୁମାରୀ, ସୋନପୁର ରାଣୀ ଲକ୍ଷ୍ମୀପ୍ରିୟା ଏବଂ ବଉଦର ରାଣୀ ଜଗଦୀଶ୍ୱରୀ ଦେଓ ଇଂରେଜମାନଙ୍କ ସହ ୧୮୦୪ ଜାନୁଆରି ୪ ତାରିଖ ଦିନ ଏ ନେଇ ଚୁକ୍ତିନାମା ସ୍ୱାକ୍ଷର କଲେ । ଫଳରେ ମେଜର ବ୍ରାଉଟନ୍ ସମ୍ବଲପୁରର ମରାଠା ପ୍ରଶାସକ ତାନ୍ତିଆ ଫଡ଼ନାବିସଙ୍କୁ ତଡି ନିଜେ ସେଠାରେ ଇଂରେଜ ପ୍ରଶାସନ କଥା

ବୁଝିଲେ । ଏହା ପରେ ରାୟଗଡ଼, ସାରଂଗଡ଼, ରେଢ଼ାଖୋଲ, ଗାଙ୍ଗପୁର, ବାମଣ୍ଡା, ବଣାଇ, ଶକ୍ତି ଓ ବରଗଡ଼ର ରାଜା, ଜମିଦାରମାନେ ମଧ୍ୟ ବ୍ରାଉଟନ୍‌ଙ୍କ ସହ ସ୍ୱେଚ୍ଛାରେ ଚୁକ୍ତି କଲେ, ଯାହାର ଉଦ୍ଦେଶ୍ୟ ହେଲା ମରାଠା କର୍ତ୍ତୃତ୍ୱରୁ ମୁକ୍ତି ପାଇବା ।

୧୮୦୫ରେ ଗଭର୍ଣ୍ଣର ଜେନେରାଲ୍ ପଦରୁ ଲର୍ଡ଼ ୱେଲେସଲି ଅବ୍ୟାହତି ପାଇଲେ । ତାଙ୍କ ରାଜ୍ୟ ବିସ୍ତାର ଓ ଯୁଦ୍ଧଖୋର ନୀତିଯୋଗୁଁ ଇଷ୍ଟ ଇଣ୍ଡିଆ କମ୍ପାନୀର ଋଣ ପରିମାଣ ୧୭୯୯ରେ ୧୭୦ ଲକ୍ଷ ପାଉଣ୍ଡରୁ ୧୮୦୬ ବେଳକୁ ୩୧୦ ଲକ୍ଷ ପାଉଣ୍ଡରେ ପହଞ୍ଚିଲା । ଯୁଦ୍ଧ ଖର୍ଚ୍ଚ ତୁଲାଇବା କମ୍ପାନୀପାଇଁ ଭାରି ପଡ଼ିଲା । ୟୁରୋପରେ ନେପୋଲିୟନ୍‌ଙ୍କ ରାଜନୀତିକ ଓ ସାମରିକ ଆବିର୍ଭାବଯୋଗୁଁ ଇଂଲଣ୍ଡପାଇଁ ବିପଦର ମାତ୍ରା ବୃଦ୍ଧି ପାଇଲା । ଯୁଦ୍ଧ ଇଂଲଣ୍ଡକୁ ବିପର୍ଯ୍ୟସ୍ତ କରି ପକାଇଲା । ଏହି ସ୍ଥିତିରେ ପାର୍ଲାମେଣ୍ଟରେ ତଥା କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀରେ ଭାରତରେ ଇଂରେଜର ଯୁଦ୍ଧ ନୀତିକୁ ସମାଲୋଚନା କରାଗଲା । ଲର୍ଡ଼ ୱେଲେସ୍‌ଲିଙ୍କ ସ୍ଥାନରେ ଗଭର୍ଣ୍ଣର ଜେନେରାଲ୍ ପଦରେ ନିଯୁକ୍ତ ହୋଇଥିବା ଜି.ଏଚ୍.ବାର୍ଲୋ ଶାନ୍ତି ନୀତି ଅବଲମ୍ବନ କରି ସମ୍ବଲପୁର ଓ ପାଟଣାକୁ ମରହଟ୍ଟାମାନଙ୍କୁ ଫେରାଇଦେଲେ । ଏଥିପାଇଁ ୧୮୦୬ ମସିହା ଅଗଷ୍ଟ ୨୪ ତାରିଖ ଦିନ ଭୋଁସଲେ ରାଜା ଓ ଇଂରେଜଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଲା ।

ଶାନ୍ତି ନୀତି ଆଚରଣ କରି ଇଂରେଜମାନେ ସମ୍ବଲପୁରକୁ ଭୋଁସଲେ ରାଜାଙ୍କ ହାତକୁ ଫେରାଇ ଦେଲେ, ମାତ୍ର ଅନ୍ୟ ରାଜ୍ୟଗୁଡ଼ିକୁ ନିଜ କର୍ତ୍ତୃତ୍ୱରେ ରଖିଲେ । ଦ୍ୱିତୀୟତଃ, ସମ୍ବଲପୁରର ରାଣୀ ରତନ କୁମାରୀ ଏବଂ ଅନ୍ୟ ଜମିଦାରମାନଙ୍କୁ ମରହଟ୍ଟାମାନଙ୍କର ବିରୋଧ କରିବା ସକାଶେ ଗୋପନ ସମର୍ଥନ ଦେଲେ । ଅର୍ଥାତ୍ ଶାନ୍ତି ନୀତି ପ୍ରତି ସେମାନଙ୍କର ଆନ୍ତରିକତା ନଥିଲା । ଅନ୍ୟ ପକ୍ଷରେ, ମରାଠାମାନେ ସମ୍ବଲପୁର ଆକ୍ରମଣ କରି ଅଧିକାର କରିନେଲେ । ସେମାନଙ୍କ ଲୁଣ୍ଠନ ମଧ୍ୟ ଚାଲିଲା । ରାଣୀ ବାଧ୍ୟ ହୋଇ ଇଂରେଜ ସରକାରଙ୍କ ଆଶ୍ରୟ ନେଲେ । ଇଂରେଜମାନଙ୍କଠାରୁ ମାସିକ ଛଅ ଶହ ଟଙ୍କା ଭତ୍ତା ପାଇ ସେ ଶେଷ ଜୀବନ ପର୍ଯ୍ୟନ୍ତ (୧୮୧୬) କଟକରେ ରହିଲେ । କାଶୀ ତୀର୍ଥଯାତ୍ରା କାଳରେ ତାଙ୍କର ଦେହାନ୍ତ ହେଲା ।

୧୮୧୭ ମସିହାରେ ତୃତୀୟ ଇଂରେଜ-ମରହଟ୍ଟା ଯୁଦ୍ଧ ସଂଘଟିତ ହେଲା । ପୁନାର ପେଶବା, ନାଗପୁରର ଭୋଁସଲେ ଓ ଇନ୍ଦୋରର ହୋଲକାରଙ୍କ ସମ୍ମିଳିତ ଶକ୍ତିକୁ ଇଂରେଜମାନେ ପରାସ୍ତ କଲେ । ପୂର୍ବରୁ ଗ୍ୱାଲିଅରର ସିନ୍ଧିଆଙ୍କୁ ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ହେଷ୍ଟିଙ୍ଗ୍‌ସ ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କରି ସାରିଥିଲେ । ଫଳରେ ସେ ଏହି ଯୁଦ୍ଧରେ ଭାଗ ନେଇ ପାରିଲେ ନାହିଁ । ଯୁଦ୍ଧ ପରେ ଭୋଁସଲେ ଓ ହୋଲକାର ସାମନ୍ତସନ୍ଧିରେ ସ୍ୱାକ୍ଷର କରିବାକୁ ବାଧ୍ୟ ହେଲେ । ଏହାର ପରିଣାମ ସ୍ୱରୂପ, ୧୮୧୭ ନଭେମ୍ବର ୨୭ ତାରିଖରେ ଇଂରେଜମାନେ ସମ୍ବଲପୁରରୁ ମରାଠାମାନଙ୍କୁ ତଡି ତାକୁ ନିଜ କର୍ତ୍ତୃତ୍ୱାଧୀନ କଲେ । ୧୮୦୪ରୁ ମରାଠାମାନଙ୍କ ହାତରେ ବନ୍ଦୀ ଥିବା ସମ୍ବଲପୁରର ରାଜା ଜୟନ୍ତ ସିଂହ ଓ ତାଙ୍କ ପୁତ୍ର ମହାରାଜ ସାଏ ମୁକ୍ତି ପାଇଲେ । ଜୟନ୍ତ ସିଂହ ସମ୍ବଲପୁରର ରାଜା ଘୋଷିତ ହେଲେ । ଏକ ସାମନ୍ତ ରାଜ୍ୟ ଭାବରେ ସମ୍ବଲପୁର ଇଂରେଜ ସାମ୍ରାଜ୍ୟାଧୀନ ହେଲା ।

ଇଂରେଜମାନଙ୍କର ଓଡ଼ିଶା ଦଖଲ ପ୍ରସଙ୍ଗକୁ ଯଦି ବ୍ୟାଖ୍ୟା କରାଯାଏ, ତେବେ ଜଣାଯିବ ଯେ, ଇଂରେଜ ସାମ୍ରାଜ୍ୟବାଦୀ ନୀତିର ଏକ ବ୍ୟାପକ ପରିଧିରେ ଏହା ସମାହିତ ହୋଇଥିଲା । ଭାରତରେ ଇଂରେଜ ସାମ୍ରାଜ୍ୟର ବିସ୍ତାରଲାଗି ଓଡ଼ିଶାକୁ ଦଖଲ କରିବା ଏକ ଆବଶ୍ୟକତା ଥିଲା, କାରଣ ବଂଗ ଓ ମାଡ୍ରାସ ପ୍ରେସିଡେନ୍‌ସି ମଧ୍ୟରେ ସ୍ଥଳପଥରେ ଏହା ସଂଯୋଗ ସ୍ଥାପନ କରୁଥିଲା । ଏହା ସତ୍ତ୍ୱେ, ଇଂରେଜମାନେ ୟୁରୋପ ରାଜନୀତିକୁ ଦୃଷ୍ଟିରେ ରଖି ଯୁଦ୍ଧଖୋର ନୀତି ଅବଲମ୍ବନ କରିବେ ନା ନାହିଁ- ତାହା ସ୍ଥିର କରୁଥିଲେ । ସେହି ଅନୁସାରେ ଗଭର୍ଣ୍ଣର ଜେନେରାଲ ଭାରତରେ ରାଜ୍ୟ ବିସ୍ତାର କଥା ଚିନ୍ତା କରୁଥିଲେ । ୧୮୦୪ରେ ମରାଠା କବଳରୁ ସମ୍ବଲପୁରକୁ ଦଖଲ କଲା ପରେ ସୁଦ୍ଧା ୧୮୦୬ରେ ପୁଣି ଫେରାଇ ଦିଆଗଲା, କାରଣ ୟୁରୋପରେ ନେପୋଲିୟନ୍‌ଙ୍କ ପକ୍ଷରୁ ଇଂରେଜମାନଙ୍କ ପ୍ରତି ବିପଦର ଆଶଙ୍କା ବୃଦ୍ଧି ପାଇଥିଲା ଏବଂ ଯୁଦ୍ଧ ବ୍ୟୟଯୋଗୁଁ ଇଷ୍ଟଇଣ୍ଡିଆ କମ୍ପାନୀ ଇଂଲଣ୍ଡରେ ତୀବ୍ର ସମାଲୋଚନାର ଶିକାର ହୋଇଥିଲା । ଅନ୍ୟ ଶବ୍ଦରେ କହିଲେ, ଇଂରେଜମାନଙ୍କ ଆଗମନ ଉତ୍ତାରୁ ଓଡ଼ିଶା ଭଳି ଭାରତର କୋଣ ଅନୁକୋଣ ବିଶ୍ୱ ରାଜନୀତି ଓ ଅର୍ଥନୀତି ସହ ଓତପ୍ରୋତଃ ଭାବେ ସଂଲଗ୍ନୀକୃତ ହେଲେ; ଗୋଟାକର ପ୍ରଭାବ ଅନ୍ୟ ଉପରେ ଅଧିକରୁ ଅଧିକ ସୁସ୍ପଷ୍ଟ ହେଲା ।

ଓଡ଼ିଶା ଦଖଲ ବେଳେ ମରାଠାମାନଙ୍କ ଅପେକ୍ଷା ଇଂରେଜମାନଙ୍କ ପାଖରେ ଖୁବ୍ ଅଧିକ ସାମରିକ ଶକ୍ତି ଥିଲା । ଏକ ଅନୁମାନ ଅନୁଯାୟୀ, ସେତେବେଳେ ଓଡ଼ିଶାରେ ନିୟୋଜିତ ଥିବା ଇଂରେଜ ବାହିନୀରେ ଉଭୟ ଭାରତୀୟ ଓ ଇଂରେଜ ସୈନ୍ୟଙ୍କ ମୋଟ ସଂଖ୍ୟା ଥିଲା ୪୮୦୦ ପ୍ରାୟ । ଏହି ସମୟରେ ମରହଟ୍ଟା ବାହିନୀରେ ମାତ୍ର ୧୫୦୦ ଅଶ୍ୱାରୋହୀ ଓ ୧୦୦୦ ପଦାତିକ ସୈନ୍ୟ ଥିଲେ । ଇଂରେଜ ସେନାପତି ସେହି ଏକା ସମୟରେ ନାଗପୁର ଭୋଁସଲେଙ୍କ ଉପରେ ଆକ୍ରମଣ କରିଥିବାରୁ ନାଗପୁରରୁ ମରାଠା ସୈନ୍ୟ ଓଡ଼ିଶାକୁ ରକ୍ଷା କରିବାଲାଗି ଆସି ପାରିଲେ ନାହିଁ । ଦ୍ୱିତୀୟତଃ, ଇଂରେଜ ବାହିନୀ ତୁଳନାରେ ମରାଠା ବାହିନୀ ପ୍ରଶିକ୍ଷିତ ନଥିଲେ । ଆଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟ ଯେଉଁ ପରିମାଣରେ ଇଂରେଜମାନଙ୍କଠାରେ ମହଜୁଦ୍ ଥିଲା, ସେହି ପରିମାଣରେ ମରାଠାମାନଙ୍କ ପାଖରେ ନଥିଲା । ତେଣୁ, ସମ୍ମୁଖ ସମରରେ ଇଂରେଜମାନଙ୍କ ହାତରେ ମରାଠାମାନଙ୍କ ପାରଂପରିକ ସୈନ୍ୟବାହିନୀ ପରାଜିତ ହେବା ଏକ ରକମର ନିଶ୍ଚିତ ଥିଲା ।

ସୈନ୍ୟବଳ ଅଧିକ ହେବା ସହିତ ମରାଠା ଶକ୍ତି ବିରୁଦ୍ଧରେ କୂଟନୀତି ପ୍ରୟୋଗ କରି ସ୍ୱ-ବିଜୟକୁ ଇଂରେଜମାନେ ଖୁବ୍ ସହଜ କରିଦେଲେ । ଇଂରେଜମାନେ ନିଜେ ବିଦେଶୀ ହେବା ସତ୍ତ୍ୱେ ଓଡ଼ିଶାରେ ମରାଠାମାନଙ୍କୁ ଏକ ଅତ୍ୟାଚାରୀ ଶୋଷଣକାରୀ ବହିଃଶତ୍ରୁ ଓ ଅରାଜକ ଶକ୍ତି ଭାବରେ ପ୍ରଚାର କଲେ । ସ୍ଥାନୀୟ ରାଜାମାନଙ୍କୁ ମରାଠା ଦାଉରୁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ସେମାନେ ଓଡ଼ିଶାରେ ମରାଠାମାନଙ୍କୁ ମିତ୍ରଶୂନ୍ୟ କରିଦେଲେ । ସ୍ଥାନୀୟ ରାଜାମାନଙ୍କ ସହଯୋଗ ପାଇବାଲାଗି ସେମାନଙ୍କୁ ଅର୍ଥ ଦେବା ମଧ୍ୟ ଆରମ୍ଭ କଲେ । ଉଦାହରଣ ସ୍ୱରୂପ ଖୋର୍ଦ୍ଧା ରାଜାଙ୍କୁ ଲକ୍ଷେ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଇଂରେଜମାନେ ତାଙ୍କଠାରୁ ମରାଠା ବିରୁଦ୍ଧରେ ପାଇକ ସେନାର ସହାୟତା ପାଇଲେ । ସମ୍ବଲପୁର, ସୋନପୁର ଆଦି ରାଜପରିବାର

ଓ ଇଂରେଜମାନଙ୍କୁ ନିଜ ରାଜ୍ୟକୁ ଆମନ୍ତ୍ରଣ ଜଣାଇଥିଲେ । ପୁରୀ ଜଗନ୍ନାଥ ମନ୍ଦିରର ଓଡ଼ିଶାର ସାମାଜିକ ଜୀବନରେ ଖୁବ୍ ପ୍ରଭାବ ରହିଛି ଜାଣି, ସେମାନେ (ଇଂରେଜମାନେ) ପୁରୀ ପୂଜକ ପଣ୍ଡା ବର୍ଗକୁ ମଧ୍ୟ ନିଜ ସପକ୍ଷରେ ବ୍ୟବହାର କରିଥିଲେ । ଏ ସବୁକୁ ବାଦଦେଲେ, ସେମାନେ ମରାଠା ଅଧିକାରୀମାନଙ୍କୁ ମଧ୍ୟ ଅର୍ଥ ବଳରେ ହାତ କରିବାକୁ ଉଦ୍ୟମ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ଭୋଁସଲେ ଶକ୍ତି ଦ୍ରୁତ ପତନର ସମ୍ମୁଖୀନ ହୋଇଥିଲା । ବାରମ୍ବାର ଯୁଦ୍ଧଯୋଗୁଁ ରାଜ୍ୟର ଆର୍ଥିକ ସ୍ଥିତି ବିପନ୍ନାବସ୍ଥାରେ ଥିଲା । ଆର୍ଥିକ ସ୍ଥିତି ସୁଧାରିବାକୁ ରାଜା ରାଜ୍ୟରେ ଅଧିକ କର ଅସୁଲିପାଇଁ ନିଜ ଅଧିକାରୀମାନଙ୍କୁ ବାଧ୍ୟ କରୁଥିଲେ । ଏହା ଫଳରେ ପ୍ରଜାମାନେ ଲୁଣ୍ଠନ ଓ ଅତ୍ୟାଚାରର ଶିକାର ହେଉଥିଲେ । ଅଧିକାରୀମାନେ ମଧ୍ୟ ଭୋଁସଲେ ରାଜାଙ୍କ ସନ୍ଦେହର ଶିକାର ହେଉଥିଲେ । ଓଡ଼ିଶା ଭଳି ବିଜିତ ରାଜ୍ୟର ସ୍ଥାନୀୟ ରାଜସ୍ୱ ଅସୁଲକାରୀ ବର୍ଗ (ଯଥାଃ ରାଜା, ଜମିଦାର ଏବଂ କଦାଚିତ ଏପରିକି ସୁବାଦାର) ଓ ଲୋକେ ଭୋଁସଲେ ରାଜାଙ୍କୁ ଶତ୍ରୁ ମଣୁଥିଲେ । ଇଂରେଜମାନଙ୍କ ଓଡ଼ିଶା ଦଖଲକୁ ସେମାନେ ମରାଠା ଶକ୍ତିର ପରାଜୟ ରୂପରେ ଦେଖୁଥିଲେ । ବିଂଶ ଶତାବ୍ଦୀରେ ରାଷ୍ଟ୍ରୀୟତାର ପ୍ରଭାବରେ ଇଂରେଜ ଶକ୍ତିର ବିରୋଧ କରିବା; ତ୍ୟାଗ, ବୀରତ୍ୱ, ଦେଶପ୍ରେମ ଓ ଗୌରବର ପ୍ରତୀକ ହେଲା । ଅଷ୍ଟାଦଶ ଶତାବ୍ଦୀର ଶେଷ ଓ ଉନବିଂଶ ଶତାବ୍ଦୀର ଆରମ୍ଭ ଦଶକରେ ତାହା ସେପରି ନଥିଲା । ଓଡ଼ିଶା ଦଖଲ ବେଳେ ଇଂରେଜ ଶକ୍ତି ପ୍ରତି ଖୋଲା ବା ମୌନ ସମର୍ଥନକୁ ସେତେବେଳେ ଦେଶ ପ୍ରତି ପ୍ରତାରଣା, ବିଶ୍ୱାସଘାତକତା ବୋଲି ମନେ କରାଯାଉ ନଥିଲା । ଏହା ଇଂରେଜମାନଙ୍କର ଓଡ଼ିଶା ଦଖଲକୁ ସହଜ ଓ ସରଳ କରିଦେଲା । ବିଭିନ୍ନ କ୍ଷେତ୍ରରେ କୂଟନୀତି ପ୍ରୟୋଗ ହେତୁ ସ୍ଥାନୀୟ ସହଯୋଗରେ ଓ ବିନା ଅଧିକ ରକ୍ତପାତରେ ଇଂରେଜମାନେ ଓଡ଼ିଶାକୁ ଅଧିକାର କରିନେଲେ । ଏହା ସହିତ ଓଡିଶାର ଇତିହାସ ଏକ ନୂତନ ପର୍ଯ୍ୟାୟରେ ଅବତୀର୍ଣ୍ଣ ହେଲା ।

## ଇଂରେଜ ପ୍ରାଶାସନିକ ବ୍ୟବସ୍ଥା

ଇଂରେଜମାନେ ଓଡ଼ିଶା ଦଖଲ କଲା ପରେ ପ୍ରଶାସନରେ ଆମୂଳ ପରିବର୍ତ୍ତନ ଦେଖିବାକୁ ମିଳିଲା । ଇଂରେଜ ଔପନିବେଶିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଣାଯାଇଥିବା ଏହି ପରିବର୍ତ୍ତନ ଓଡ଼ିଶାର ସାମଗ୍ରିକ ହିତ ଦୃଷ୍ଟିରୁ ବାଧକ ପ୍ରତିପାଦିତ ହେଲା । ତାହା ଯେତେବେଳେ ଲୋକ ଅନୁଭବ କଲେ, ଇଂରେଜ ଉପନିବେଶବାଦ ବିରୁଦ୍ଧରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା, ଯାହାକୁ ଆମେ ଉପନିବେଶବାଦବିରୋଧୀ ସଂଗ୍ରାମ ବା ଜାତୀୟତା ଆନ୍ଦୋଳନ ବୋଲି ଅଭିହିତ କରିଥାଉଁ ।

୧୮୦୩ ଅକ୍ଟୋବରରେ ରାଜ୍ୟକୁ ଦଖଲ କଲା ପରେ କମ୍ପାନୀ ଏହାର ଶାସନଭାର କର୍ଣ୍ଣେଲ୍ ହାରକୋର୍ଟ ଓ ଜନ୍ ମେଲଭିଲଙ୍କ ଉପରେ ନ୍ୟସ୍ତ କରିଥିଲେ । ୧୮୦୪ ଜୁନ୍ ମାସରେ ଓଡ଼ିଶାକୁ ପ୍ରାଶାସନିକ ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ଓଡ଼ିଶା ଦଖଲରେ ଇଂରେଜ ସେନାର ନେତୃତ୍ୱ ନେଇଥିବା ଏହି ଦୁଇ ଅଫିସର ତହିଁରେ କମିସନର ନିଯୁକ୍ତ ହେଲେ । କଟକ ଅଧିକାରରେ ମୁଖ୍ୟ ସେନାପତିର କାର୍ଯ୍ୟ କରିଥିବା ହାରକୋର୍ଟଙ୍କୁ କଟକର କମିସନର ନିଯୁକ୍ତ କରାଗଲା ।

ମେଲଭିଲ୍ ବାଲେଶ୍ୱରରର କମିସନ୍‌ର ନିଯୁକ୍ତ ହେଲେ । ଉଭୟ କମିସନରଙ୍କ ହାତରେ ଅବାଧ କ୍ଷମତା ରହିଲା । କଟକ, ପୁରୀ, ଖୋର୍ଦ୍ଧା ଓ ବାଲେଶ୍ୱର ଆଦି କେତେକ କେନ୍ଦ୍ରସ୍ଥଳୀରେ କେବଳ କିଛି ସୈନ୍ୟ ଅବସ୍ଥାପିତ ହେଲେ । ଅନ୍ୟ ସୈନ୍ୟମାନେ ଛାଉଣିକୁ ଫେରିଗଲେ । ସୈନ୍ୟ ପ୍ରତ୍ୟାବର୍ତ୍ତନ ପରେ ଯୁଦ୍ଧସ୍ଥିତି ଶେଷ ହେଲା ଭଳି ପରିବେଶ ସୃଷ୍ଟି ହେଲା । ଓଡ଼ିଶା ଦଖଲ ବେଳେ ମୁଖ୍ୟ ସେନାପତି ଭାବରେ କାର୍ଯ୍ୟ କରିଥିବା ହାରକୋର୍ଟ ଏଣିକି ନାଗରିକ ପ୍ରଶାସନକୁ ସୁବ୍ୟବସ୍ଥିତ କରିବାରେ ପ୍ରଭୂତ ଭୂମିକା ନିର୍ବାହ କଲେ ।

ଆରମ୍ଭରେ ମରାଠା ସମୟରୁ ଚଳି ଆସୁଥିବା ପ୍ରାଶାସନିକ ଓ ରାଜସ୍ୱ ବ୍ୟବସ୍ଥାକୁ ଇଂରେଜମାନେ କିଛି ମାସପାଇଁ ଅବ୍ୟାହତ ରଖିଲେ, କାରଣ ସେମାନେ ବ୍ୟବସ୍ଥାକୁ ବୁଝିବାପାଇଁ କିଛି ସମୟ ନେଲେ । ଫଳରେ ମରାଠା ପ୍ରଶାସନରେ ନିଯୁକ୍ତ ଥିବା ଅମିନମାନେ ଉଭୟ ରାଜସ୍ୱ ଓ ନ୍ୟାୟିକ କ୍ଷମତା ଉପଭୋଗ କଲେ । ସେମାନଙ୍କ ପଛରେ ଇଂରେଜଙ୍କ ସୁରକ୍ଷା ଥିବାରୁ ପ୍ରଶାସନରେ ମାତ୍ରାଧିକ ଦୁର୍ନୀତି ଦେଖାଗଲା । ବିଭିନ୍ନ ରାଜସ୍ୱ ମାମଲାଗୁଡ଼ିକୁ ସେମାନେ ଲାଞ୍ଚ ନେଇ ଦଫାରଫା କରିଦେଲେ, ଯାହା ଫଳରେ ରାଜସ୍ୱ କ୍ଷତି ହେଲା ଏବଂ ତା' ସାଙ୍ଗକୁ ସାଧାରଣ ଲୋକେ ମଧ୍ୟ ଖୁବ୍ ହଇରାଣରେ ପଡ଼ିଲେ ।

୧୮୦୫ରେ କମିସନର ପଦ ଦୁଇଟିକୁ ଉଚ୍ଛେଦ କରାଗଲା ଏବଂ ତା' ସ୍ଥାନରେ କଟକ, ପୁରୀ ଓ ବାଲେଶ୍ୱରକୁ ଜିଲ୍ଲା ଘୋଷଣା କରାଗଲା । ରବର୍ଟ କେର ହେଲେ ବାଲେଶ୍ୱରର ପ୍ରଥମ କଲେକ୍ଟର (ରାଜସ୍ୱ ସଂଗ୍ରାହକ) ଓ ମାଜିଷ୍ଟ୍ରେଟ୍ । ପୁରୀର ପ୍ରଥମ କଲେକ୍ଟର ଓ ମାଜିଷ୍ଟ୍ରେଟ୍ ହେଲେ ଚାର୍ଲସ୍ ଗୋୟମ୍ । ୧୮୦୫ ଜୁନ୍ ମାସରେ ତିନୋଟି ଜିଲ୍ଲାକୁ ଜଣେ କଲେକ୍ଟରଙ୍କ ଅଧୀନରେ ରଖାଗଲା । କଲେକ୍ଟର ଜଗନ୍ନାଥ ପୁରୀରୁ କାର୍ଯ୍ୟ ପରିଚାଳନା କଲେ । ଚାର୍ଲସ ଗୋୟମ୍ ଏବଂ ତାଙ୍କ ପରେ ଜର୍ଜ ୱେବ୍ ନୂତନ କଲେକ୍ଟର ହେଲେ, ରବର୍ଟ କେର ହେଲେ ମାଜିଷ୍ଟ୍ରେଟ୍ । ତାଙ୍କ ଉପରେ ଗଡ଼ଜାତ ମହଲର ଅଧ୍ୟକ୍ଷ ଦାୟିତ୍ୱ ରହିଲା ।

ଆରମ୍ଭରେ ପୁରୀ ଥିଲା ବ୍ରିଟିଶ୍ ଓଡ଼ିଶାର ରାଜଧାନୀ । ମାତ୍ର ଏହା ରାଜ୍ୟର ମଧ୍ୟ ସ୍ଥଳରେ ନଥିଲା । ରହଣି ମଧ୍ୟ ଏଠାରେ ବ୍ୟୟସାପେକ୍ଷ ଥିଲା । ରାଜସ୍ୱ ଜମାସକାଶେ ଅନେକ ସମୟରେ ଜମିଦାରମାନେ ମହାଜନମାନଙ୍କଠାରୁ ଋଣ ଆଣୁଥିଲେ । ମାତ୍ର ପୁରୀରେ ବଡ଼ ମହାଜନ ନ ଥିବାରୁ ରାଜକୋଷରେ ଠିକ୍ ସମୟରେ ରାଜସ୍ୱ ଜମା କରିବା ଏକ ସମସ୍ୟା ହେଲା । ତେଣୁ ଓଡ଼ିଶାର ରାଜଧାନୀକୁ ପ୍ରଥମେ ଯାଜପୁରକୁ ସ୍ଥାନାନ୍ତରିତ କରିବାକୁ ଯୋଜନା କରାଗଲା । ମାତ୍ର ଶେଷରେ ଯାଜପୁର ସ୍ଥାନରେ କଟକକୁ ରାଜଧାନୀ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହେଲା । ୧୮୧୪ରେ ସାମୟିକ ଭାବେ ସରକାରଙ୍କ କେତୋଟି ବିଭାଗ କଟକରୁ କାର୍ଯ୍ୟ କଲା । ଏହି ଅନୁଭୂତି ସଫଳ ହେବାରୁ, ୧୮୧୬ରେ କଟକକୁ ଓଡ଼ିଶାର ଏକମାତ୍ର କଲେକ୍ଟରଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରାଗଲା । ସେହି ଦିନଠାରୁ ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଓଡ଼ିଶାର ରାଜଧାନୀ ହୋଇ ରହିଲା । ଅର୍ଥାତ୍ ମୋଗଲ ଓ ମରାଠା ସମୟରେ ରାଜଧାନୀ ରହି ଆସିଥିବା କଟକ ଇଂରେଜ ରାଜତ୍ୱରେ ମଧ୍ୟ ରାଜ୍ୟର ରାଜଧାନୀ ହେଲା । ୧୮୧୮ରେ ଓଡ଼ିଶାପାଇଁ ଏକ କମିସନର ପଦ

ସୃଷ୍ଟି କରାଗଲା । ଓଡ଼ିଶା ଡିଭିଜନର କମିସନର ଭାବରେ ସେ କଟକରେ ଅବସ୍ଥାପିତ ହେଲେ । ତାଙ୍କ ହାତରେ ରାଜସ୍ୱ ବୋର୍ଡ଼, ବାଣିଜ୍ୟ ବୋର୍ଡ଼ ,ପ୍ରାଦେଶିକ ଅପିଲ୍ ଓ ଭ୍ରମଣଶୀଳ ବିଚାରାଳୟର କ୍ଷମତା ରହିଲା । ଗୋଟାଏ ଦୃଷ୍ଟିରୁ ଦେଖିଲେ, ତାଙ୍କୁ ମୋଗଲ ଓ ମରାଠାକାଳୀନ ସର୍ବାଧିକାରପ୍ରାପ୍ତ ସୁବାଦାରଙ୍କ ସହ ତୁଳନା କରିହେବ । ୧୮୨୮ରେ ଓଡ଼ିଶାକୁ ତିନୋଟି ଜିଲ୍ଲା (କଟକ, ପୁରୀ ଓ ବାଲେଶ୍ୱର)ରେ ବିଭକ୍ତ କରାଗଲା ଏବଂ ପ୍ରତ୍ୟେକ ଜିଲ୍ଲାପାଇଁ ଜଣେ କଲେକ୍ଟର ଓ ଜଣେ ମାଜିଷ୍ଟ୍ରେଟ୍ ନିଯୁକ୍ତ ହେଲେ । ୧୮୨୯ରେ ମେଦିନୀପୁର, ନୂଆଗାଁ ଓ ହିଜିଳି ଅଞ୍ଚଳକୁ ଓଡ଼ିଶାରେ ଯୋଡି ଦିଆଗଲା ଏବଂ ଓଡ଼ିଶା ଡିଭିଜନକୁ ବଙ୍ଗ ପ୍ରେସିଡେନ୍‌ସିର ଊନବିଂଶତମ କମିସନରଶାସିତ ଡିଭିଜନ ଘୋଷଣା କରାଗଲା ।

## ରାଜସ୍ୱ ନୀତି

ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ଭୂ-ରାଜସ୍ୱ ଆଦାୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । କାରଣ, ଓଡ଼ିଶା ପରି ଏକ କୃଷିଭିତ୍ତିକ ଅର୍ଥନୀତିରେ ଏହା ଆୟର ମୁଖ୍ୟ ଉତ୍ସ ଥିଲା । ମୋଗଲ ଶାସନ କାଳରେ ରାଜସ୍ୱ ଓ ପ୍ରାଶାସନିକ ସୁବିଧାପାଇଁ ରାଜ୍ୟକୁ ମୋଗଲବନ୍ଦି ଓ ଗଡ଼ଜାତ ଭଳି ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ମରାଠାମାନଙ୍କ ପରି ଇଂରେଜମାନେ ମଧ୍ୟ ଏହି ବ୍ୟବସ୍ଥାକୁ ବଳବତ୍ତର ରଖିଲେ । ମୋଗଲବନ୍ଦି କ୍ଷେତ୍ର ପ୍ରତ୍ୟକ୍ଷ ଶାସନାଧୀନ ହେଲା; ଗଡ଼ଜାତ ରାଜାମାନଙ୍କ ଦାୟିତ୍ୱରେ ରହିଲା । ଗଡ଼ଜାତ ରାଜା ପ୍ରଜାଙ୍କଠାରୁ ଖଜଣା ଅସୁଲ କରି ନିର୍ଦ୍ଧାରିତ ବାର୍ଷିକ ଦେୟ ଇଂରେଜ ରାଜକୋଷରେ ଜମା କରୁଥିଲେ । ମୋଗଲବନ୍ଦିରେ ନିୟମିତ ବ୍ୟବଧାନରେ ଜମିଜମା ବନ୍ଦୋବସ୍ତ କରାଯାଉଥିଲା ଏବଂ ପ୍ରଜାଙ୍କ ଉପରେ ମାଲଗୁଜାରୀ ନିର୍ଦ୍ଧାରିତ ହେଉଥିଲା । ପ୍ରତି ବନ୍ଦୋବସ୍ତ ପରେ ପ୍ରଜାଙ୍କ ଉପରେ ମାଲଗୁଜାରୀ ବୃଦ୍ଧିପାଇବାରେ ଲାଗିଲା । ପୂର୍ବର ସମସ୍ତ ଶାସନ ତୁଳନାରେ ଇଂରେଜ ଶାସନ କାଳରେ ରାଜସ୍ୱ ଆଦାୟଲାଗି ଅଧିକ କଠୋର ନୀତି ଆଚରଣ କରାଯାଉଥିଲା । ଏହି କଠୋରତା ଇଂରେଜ ଶାସନକୁ ଦୁର୍ବିସହ କରିଦେଲା । ଇଂରେଜମାନେ ଆଦାୟ କରୁଥିବା ରାଜସ୍ୱକୁ ସାମ୍ରାଜ୍ୟ ବିସ୍ତାରନିମନ୍ତେ ଆବଶ୍ୟକ ଯୁଦ୍ଧଖର୍ଚ୍ଚରେ ବିନିଯୋଗ କରିବାକୁ ପ୍ରୟାସ କରୁଥିଲେ । ଭାରତରୁ ହସ୍ତଶିଳ୍ପଜାତ ସାମଗ୍ରୀର ରପ୍ତାନିଲାଗି ଆବଶ୍ୟକ ପୁଞ୍ଜି ମଧ୍ୟ କମ୍ପାନି ସରକାର ମୁଖ୍ୟତଃ ମାଲଗୁଜାରୀରୁ ଭରଣା କରିବାକୁ ଚେଷ୍ଟା କରୁଥିଲେ ।

ଓଡ଼ିଶା ଦଖଲ ସମୟରେ ବଙ୍ଗରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ଥିଲା । ତଦନୁଯାୟୀ ସ୍ଥିରୀକୃତ ରାଜସ୍ୱକୁ ଜମିଦାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରାଜକୋଷରେ ଜମା କରି ପାରିଲେ ଜମିଦାରୀ ଉପରେ ତାଙ୍କର ମାଲିକାନା କାୟମ ରହିବାର ବ୍ୟବସ୍ଥା ଥିଲା । ମାତ୍ର ଓଡ଼ିଶାରେ ଜମିଦାରୀ ବା ଚିରସ୍ଥାୟୀ ବ୍ୟବସ୍ଥାକୁ ପୂର୍ଣ୍ଣତଃ ଲାଗୁ କରାଗଲା ନାହିଁ । ୧୮୦୫ରେ ତହିଁରେ ଆଂଶିକ ପରିବର୍ତ୍ତନ କରି ଅନୁଦେଶ ଜାରି ହେଲା ଯେ, ଓଡ଼ିଶାର ଅଧିକାଂଶ ସ୍ଥାନରେ ସ୍ୱଳ୍ପମିଆଦୀ ଭୂ-ବନ୍ଦୋବସ୍ତ ଲାଗୁ ହେବ । ତଦନୁସାରେ ୧୮୦୫ରେ ଏକ ବର୍ଷିଆ, ୧୮୦୬ରୁ ୧୮୦୯

ପର୍ଯ୍ୟନ୍ତ ତିନି ବର୍ଷିଆ, ୧୮୦୯ରୁ ୧୮୧୩ ପର୍ଯ୍ୟନ୍ତ ଚାରିବର୍ଷିଆ ଓ ୧୮୧୩ରୁ ୧୮୧୫ପର୍ଯ୍ୟନ୍ତ ପୁଣି ତିନି ବର୍ଷିଆ ବନ୍ଦୋବସ୍ତ କାର୍ଯ୍ୟକାରୀ କରିବାକୁ ଇସ୍ତାହାର ପ୍ରକାଶ ପାଇଲା । ୧୮୧୫ର ବନ୍ଦୋବସ୍ତ ବେଳକୁ ଯେଉଁ ଜମିରେ ଉନ୍ନତି ସାଧିତ ହୋଇଥିବ, ସେଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ଲାଗୁ ହେବ ବୋଲି ପ୍ରତିଶ୍ରୁତି ଦିଆଗଲା । ଏହି ପ୍ରତିଶ୍ରୁତି ପାଇ ପ୍ରଜା ଓ ଜମିଦାରମାନେ ଜମିର ଉନ୍ନତି କରିବେ ବୋଲି ସରକାର ଆଶା କରୁଥିଲେ ।

୧୮୦୫ରେ ଓଡ଼ିଶାର ଭୂ-ରାଜସ୍ୱ ୧୩,୧୪,୮୨୫ଟଙ୍କା ଧାର୍ଯ୍ୟ ହୋଇଥିଲା । ମରାଠାମାନେ ଯାହା ଧାର୍ଯ୍ୟ କରିଥିଲେ, ତହିଁରୁ ଏହା ଊଣା ନଥିଲା । ୧୮୦୬-୧୮୦୯ର ତିନିବର୍ଷିଆ ବନ୍ଦୋବସ୍ତ ଅନୁସାରେ ଏହା ବୃଦ୍ଧିପାଇ ୧୪, ୩୫, ୩୫୪ ଟଙ୍କା ସ୍ଥିର ହେଲା । ତା' ପରେ ମଧ୍ୟ ପ୍ରତି ଥର ଭୂ-ବନ୍ଦୋବସ୍ତ ବେଳେ ମାଲଗୁଜାରୀ ବୃଦ୍ଧି ପାଇଲା । କୃଷିର ଉତ୍ପାଦନ ଓ ରୟତ ବା ଚାଷୀର ସ୍ୱାର୍ଥକୁ ଦୃଷ୍ଟିରେ ନ ରଖି ପ୍ରାୟତଃ ଏହି ଜମା ବୃଦ୍ଧି କରାଯାଉଥିଲା । ତା'ଠାରୁ ବଡ଼ କଥା, ମାଲଗୁଜାରୀକୁ କଡ଼ାକଡ଼ି ଭାବେ ଅସୁଲ କରାଯାଉଥିଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ଖଜଣା ଛାଡ଼ କଥା କଦାଚିତ ବିଚାରକୁ ନିଆଯାଉ ନଥିଲା । ଭୂ-ବନ୍ଦୋବସ୍ତର ଏହି କୁପରିଣାମ ସମ୍ବନ୍ଧରେ ମନ୍ତବ୍ୟ ଦେଇ ପରବର୍ତ୍ତୀ କାଳରେ ବନ୍ଦୋବସ୍ତ ଅଧିକାରୀ ଏସ୍.ଏଲ୍. ମେଡକ୍କ କହିଥିଲେ ''ସଠିକ୍ ଭାବରେ ଅନୁସନ୍ଧାନ ନ କରି ରାଜସ୍ୱ ନିର୍ଦ୍ଧାରଣ କରାଯାଉଥିଲା ଏବଂ ବର୍ଦ୍ଧିତ ରାଜସ୍ୱକୁ କଠୋର ଭାବରେ ଆଦାୟ କରାଯାଉଥିଲା ।''

ବନ୍ୟା, ବାତ୍ୟା ବା ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ମରାଠା ଅମଳର ରୟତକୁ ରାଜସ୍ୱ ରିହାତି ମିଳୁଥିଲା , ଯାହା ଇଂରେଜ ଶାସନକାଳରେ ଦୁଃସ୍ୱପ୍ନ ହେଲା । ଫଳରେ, ଖଜଣା ସଂଗ୍ରହ କରି ନପାରି ଅନେକ ଜମିଦାର ଜମିଦାରୀ ହରାଇଥିଲେ ଏବଂ ସେମାନଙ୍କ ଜମିଦାରୀ କଲିକତାର ଫୋର୍ଟ ଉଇଲିୟମ୍‌ରେ ନିଲାମ ହୋଇଥିଲା । ଏହି ଜମିଦାରୀଗୁଡ଼ିକୁ ବଙ୍ଗାଳୀ ଅମଲାମାନେ, ଯେଉଁମାନେ ନିଲାମ ବେଳେ ଉପସ୍ଥିତ ଥିଲେ, କିଣୁଥିଲେ । ୧୮୦୭ରେ ଓଡ଼ିଶାର ୨୬୬ଟି ଜମିଦାରୀ ନିଲାମ ହୋଇଥିଲା, କାରଣ ସେଗୁଡ଼ିକର ଜମା ମୋଟ ତିନି ଲକ୍ଷ ଟଙ୍କାରୁ ଅଧିକ ପୈଠ ହୋଇ ନଥିଲା । ସ୍ୱଳ୍ପ ମିଆଦୀ ବନ୍ଦୋବସ୍ତରେ କ୍ଷତିଗ୍ରସ୍ତ ହୋଇ ୧୮୧୬-୧୮୧୭ ବେଳକୁ ଅନେକ ଜମିଦାର ପୁଣି ସ୍ୱତଃପ୍ରବୃତ୍ତ ଭାବରେ ଜମିଦାରୀ ସ୍ୱତ୍ୱାଧିକାର ତ୍ୟାଗ କରିଥିଲେ । ସେମାନଙ୍କ ଜମିଦାରୀ ମଧ୍ୟ ବଙ୍ଗାଳୀ ଅମଲାମାନଙ୍କ ହାତକୁ ଯାଇଥିଲା । ନୂତନ ଜମିଦାର ପାଲଟିଥିବା ବଙ୍ଗାଳୀ ଅମଲାମାନେ ପ୍ରାୟତଃ ଓଡ଼ିଶାରେ ବସବାସ କରୁନଥିଲେ । କେବଳ ଜମିଦାରୀରେ ଖଜଣା ଆଦାୟପାଇଁ ନିଯୁକ୍ତ ଅମଲାମାନଙ୍କ ମାଧ୍ୟମରେ ଖଜଣା ଆଦାୟ କରୁଥିଲେ । ଜମିଦାରଙ୍କ ପ୍ରତ୍ୟକ୍ଷ ନିଘା ରହୁ ନଥିବାରୁ ଅମଲାମାନେ ରୟତମାନଙ୍କଠାରୁ ଖଜଣା ବ୍ୟତୀତ ନାନା ବେଆଇନ୍ ପାଉଣା ମଧ୍ୟ ଆଦାୟ କରୁଥିଲେ ।

ଇଂରେଜ ଭୂ-ରାଜସ୍ୱ ନୀତିର ଏକ ବଡ଼ କୁପରିଣାମ ହେଲା ସାହୁକାର ଓ ମହାଜନମାନଙ୍କ କାରବାର ବୃଦ୍ଧି । ଏକ ନିର୍ଦ୍ଦିଷ୍ଟ ଦିନର ସୂର୍ଯ୍ୟାସ୍ତ ପୂର୍ବରୁ ଜମିଦାରମାନେ କଲିକତାର ରାଜକୋଷରେ

ମାଲଗୁଜାରୀ ଜମା କରିବାକୁ ବାଧ୍ୟ ହେଉଥିଲେ । ଅନ୍ୟଥା ଜମିଦାରୀ ସ୍ୱତ୍ୱ ହରାଇବାର ଆଶଙ୍କା ଥିଲା । ତେଣୁ ସେମାନେ ମହାଜନ ଓ ସାହୁକାରମାନଙ୍କଠାରେ ଜମିଦାରୀ ବନ୍ଧା ଦେଇ ଅଧିକ ସୁଧରେ ଋଣ ଆଣୁଥିଲେ । ରାଜସ୍ୱ ଜମାରେ ମହାଜନଙ୍କ ମହତ୍ତ୍ୱ ଏତେ ଅଧିକ ଥିଲା ଯେ, ପୁରୀରୁ କଟକକୁ ଓଡ଼ିଶାର ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା । କାରଣ ପୁରୀରେ ବଡ଼ ମହାଜନର ଅଭାବ ରହିଥିଲା । ଏହି ମହାଜନମାନେ ମଧ୍ୟ ପରେ ବନ୍ଧା ପଡ଼ିଥିବା ଜମିଦାରୀକୁ ବ୍ୟାଜ୍ୟାପ୍ତ କରୁଥିଲେ । ଗ୍ରାମାଞ୍ଚଳରେ ସାହୁକାର ରୟତ ବା ଚାଷୀକୁ ଅଧିକ ସୁଧରେ ଋଣ ଦେଇ ଋଣ ପରିଶୋଧ କରି ନପାରିବା ଅଭିଯୋଗରେ ଜମି ବାଜ୍ୟାପ୍ତ କରୁଥିଲେ ଓ ଜମିମାଲିକ ହେଉଥିଲେ । ଇଂରେଜମାନଙ୍କ ସମୟରେ ଜମି ହସ୍ତାନ୍ତର ହେବା, ସାହୁକାର ଓ ମହାଜନ ଶ୍ରେଣୀର ଉତ୍ଥାନ ହେବା, ଏକ ନୂଆ ଜମିଦାର ଶ୍ରେଣୀ ସୃଷ୍ଟି ହେବା ତଥା ଅନେକ ଜମିମାଲିକ ହାତରୁ ଜମିର ସ୍ୱତ୍ତ୍ୱ ଚାଲିଯିବା ଏକ ନିୟମିତ ଘଟଣା ହେଲା । ଅର୍ଥାତ୍ ଏଣିକି କୃଷିଜମି ପଣ୍ୟ ବସ୍ତୁ ଭଳି କିଣା ବିକା ହେଲା ।

## ଲବଣ ନୀତି

ଓଡ଼ିଶାରେ ବିସ୍ତୃତ ସମୁଦ୍ର ଉପକୂଳ ରହିଥିବାରୁ ଲବଣ ଉତ୍ପାଦନ ହେଉଛି ଏଠାକାର ଏକ ପାରମ୍ପରିକ ଶିଳ୍ପ । ଲବଣ ଉତ୍ପାଦନ ଓ ଯୋଗାଣରେ ସହସ୍ର ସଂଖ୍ୟାରେ ଲୋକ ଏଠି ନିୟୋଜିତ । ସେହି ଆଧାରରେ ଇଂରେଜମାନେ ଲୁଣ ଉତ୍ପାଦକ ଓ ବ୍ୟବସାୟୀମାନଙ୍କଠାରୁ ଶୁଳ୍କ ଆଦାୟକୁ ମହତ୍ତ୍ୱ ଦେଇ ତାକୁ ରାଜସ୍ୱର ଏକ ପ୍ରମୁଖ ଉତ୍ସ କଲେ । ମରହଟ୍ଟା ଶାସନ କାଳରେ ଲବଣ ଉତ୍ପାଦନରେ ନିୟୋଜିତ ମଲାଙ୍ଗିମାନଙ୍କଠାରୁ କୌଣସି କର ଆଦାୟ ହେଉ ନଥିଲା । କେବଳ ଲୁଣ ବ୍ୟବସାୟୀମାନଙ୍କଠାରୁ ଶୁଳ୍କ ଆଦାୟ ହେଉଥିଲା । ମାତ୍ର ଇଂରେଜମାନେ ଓଡ଼ିଶା ଦଖଲ କଲା ପରେ ମରାଠାକାଳୀନ ଲବଣ ନୀତିକୁ ପରିବର୍ତ୍ତନ କଲେ । ୧୮୦୪ରେ ଓଡ଼ିଶାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଲବଣ ଉତ୍ପାଦନ ଓ ବ୍ୟବସାୟ ଉପରେ ଏକଚାଟିଆ ଅଧିକାର ଜାହିର କଲେ ।

୧୮୦୪ରେ ସରକାର ପ୍ରଥମେ ଲବଣରୁ ଶୁଳ୍କ ଆଦାୟକୁ ସୁନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଲବଣ କାରବାରକୁ ବଙ୍ଗର ଲବଣ ବିଭାଗ ଅଧୀନରେ ରଖିଲେ ଏବଂ ଓଡ଼ିଶାପାଇଁ ଜଣେ ଲବଣ ଏଜେଣ୍ଟ ନିଯୁକ୍ତ କଲେ । ଜେମ୍ସ କିଙ୍ଗ୍ ହେଲେ ଓଡ଼ିଶାର ପ୍ରଥମ ଲବଣ ଏଜେଣ୍ଟ । ସରକାରଙ୍କ ଏକଚାଟିଆ ବ୍ୟବସ୍ଥା ଅନୁସାରେ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଲୁଣ ଉତ୍ପାଦନ ନିଷିଦ୍ଧ ହେଲା । ୧୮୧୪ରେ ଘରୋଇ ବ୍ୟବହାରପାଇଁ ମଧ୍ୟ ଉପକୂଳରେ ଲୋକ ଲୁଣ ମାରିପାରିବେ ନାହିଁ ବୋଲି ଆଦେଶ ଜାରି ହେଲା । ଆଦେଶକୁ ଲାଗୁ କରିବାସକାଶେ ସ୍ଥାନେ ସ୍ଥାନେ ଲବଣ ଏଜେଣ୍ଟଙ୍କଦ୍ୱାରା କର୍ମଚାରୀ ନିଯୁକ୍ତ ହେଲେ । 'ବେନିୟମ୍' ଲୁଣମରା ବନ୍ଦ ହେଲେ ସରକାର ଲବଣରୁ ପ୍ରଚୁର ରାଜସ୍ୱ ଆଦାୟ କରିପାରିବେ ବୋଲି ଆଶା ବାନ୍ଧିଲେ । ଏମିତିରେ ବି ୧୮୧୮ର ଏକ ହିସାବ ଅନୁଯାୟୀ, କମ୍ପାନୀ ସରକାର

ଭୂ-ରାଜସ୍ୱଠାରୁ ଅଧିକ ଅର୍ଥ ଲବଣ ବ୍ୟବସାୟରୁ ଲାଭ କରୁଥିଲେ । କମ୍ପାନୀ ଶାସନର ଶେଷ ବେଳକୁ (୧୮୫୮) ଲବଣ ବିକ୍ରୀରୁ କମ୍ପାନୀ ବାର୍ଷିକ ୩୯ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ । ଏହା ଭୂ-ରାଜସ୍ୱରୁ ଉପାର୍ଜିତ ଅର୍ଥର ଦୁଇଗୁଣରୁ ଅଧିକ ଥିଲା ।

ଓଡ଼ିଶାରେ ସେତେବେଳେ ଦୁଇ ପ୍ରକାର ଲୁଣ ଉତ୍ପାଦନ ହେଉଥିଲା । ବାଲେଶ୍ୱର ଓ କଟକ ଉପକୂଳରେ ଲବଣାକ୍ତ ପାଣିକୁ ଫୁଟାଇ ଲୁଣ ଉତ୍ପାଦନ କରାଯାଉଥିଲା । ଏହାକୁ ପଙ୍ଗା ଲୁଣ କୁହାଯାଉଥିଲା । ଏଥିରେ ଖର୍ଚ୍ଚ ଅଧିକ, କାରଣ ଲୁଣ ମାରିବାପାଇଁ ଜାଳେଣିର ଆବଶ୍ୟକତା ପଡୁଥିଲା । ଚିଲିକା, ହୁମା ଓ ଗଞ୍ଜାମର ଅନ୍ୟାନ୍ୟ ଉପକୂଳରେ ଲବଣାକ୍ତ ପାଣିକୁ ସୂର୍ଯ୍ୟ ତାପରେ ଶୁଖାଇ ଲୁଣ ଉତ୍ପାଦନ କରାଯାଉଥିଲା । ଏହାକୁ କର୍କଚ ଲୁଣ କୁହାଯାଉଥିଲା । ଏଥିରେ ପଙ୍ଗା ଲୁଣ ତୁଳନାରେ ଖର୍ଚ୍ଚ କମ୍ । ସେତେବେଳେ ମାଡ୍ରାସ୍ ଲବଣ ବିଭାଗରେ ବଂଗ ଅପେକ୍ଷା ଲବଣ ଶୁଳ୍କ ଖୁବ୍ କମ୍ (ଅଧାଅଧି) ଥିଲା । ସରକାର ଲବଣରୁ ଅଧିକ କର ଅସୁଲ କରିବା ଅଭିପ୍ରାୟରେ ଓଡ଼ିଶାର ଲବଣ କାରବାରକୁ ବଙ୍ଗ ଅଧୀନସ୍ଥ କରି ରଖିଲେ ଏବଂ ଉତ୍ପାଦନ ଖର୍ଚ୍ଚ ଊଣା କରିବା ସକାଶେ ସବୁଠି ପଙ୍ଗା ବଦଳରେ କର୍କଚ୍ ପଦ୍ଧତିରେ ଲୁଣ ମାରିବାକୁ ନିର୍ଦ୍ଦେଶ ଦେଲେ । ଜଳବାୟୁ ଦୃଷ୍ଟିରୁ ଏହା ସମ୍ଭବପର ହେଲା ନାହିଁ । ଫଳରେ ଲୁଣ ଉତ୍ପାଦକ ମଲାଙ୍ଗିମାନେ ବିଶେଷ କ୍ଷତିର ସମ୍ମୁଖୀନ ହେଲେ । ସେମାନେ ଆଗୁଆ ଅର୍ଥ ନେଇ ଏଜେଣ୍ଟ ବା କମ୍ପାନୀପାଇଁ ଲୁଣ ମାରୁଥିଲେ । ଏଥିରେ ସେମାନଙ୍କୁ ଅଳ୍ପ ପାରିଶ୍ରମିକ ମିଳୁଥିଲା । ପାରିଶ୍ରମିକ ବ୍ୟତୀତ ବ୍ୟକ୍ତିଗତ ବ୍ୟବହାରପାଇଁ ସେମାନଙ୍କୁ ଖୋରାକି ଲୁଣ ଯୋଗାଇ ଦିଆଯାଉଥିଲା । ବ୍ୟବହାର ବାହାରେ ବଳକା ଲୁଣକୁ ସେମାନେ ବଜାରରେ ବିକ୍ରୀ କରି ଯତ୍ କିଞ୍ଚିତ୍ ଲାଭ ପାଉଥିଲେ । ଲୁଣ ଆଇନ୍ କଠୋର ନଥିଲା ବେଳେ କିଛି ଅଧିକ ଲୁଣ ମଧ୍ୟ ସେମାନେ ଉତ୍ପାଦନ କରି 'ଚୋରାରେ' ବଜାରରେ ବିକ୍ରୀ କରୁଥିଲେ ।

୧୮୩୬ରେ ମଲାଙ୍ଗିମାନଙ୍କୁ ଦିଆଯାଉଥିବା ଖୋରାକି ଲୁଣ ବନ୍ଦ କରି ଦିଆଗଲା; ୧୮୩୮ରେ ସେମାନଙ୍କର ମହଣ ପିଛା ପାରିଶ୍ରମିକକୁ ମଧ୍ୟ ହ୍ରାସ କରିଦିଆଗଲା । ଲିଭରପୁଲ୍‌ରୁ ଆମଦାନୀ ହେଉଥିବା ଲୁଣର ପ୍ରସାରପାଇଁ ଏହା କରାଯାଉଥିଲା । ଏହା ଫଳରେ ଦେଶୀ ଲୁଣ ତୁଳନାରେ ବିଦେଶୀ ଲୁଣ ବଜାରରେ ଶସ୍ତାରେ ଉପଲବ୍ଧ ହେଲା । ଆରମ୍ଭରେ ବିଦେଶୀ ଲୁଣ ବ୍ୟବହାରକୁ ନେଇ ସାମାଜିକ ବାରଣ ରହିଥିଲା । ମାତ୍ର ଶସ୍ତାରେ ମିଳିବାଯୋଗୁଁ ୧୮୬୦ ମସିହା ବେଳକୁ ଏହା ଓଡ଼ିଶାରେ ବହୁତ ପରିମାଣରେ ବିକ୍ରୀ ହେଲା । ଦେଶୀ ପଙ୍ଗା ଓ କର୍କଚ୍ ଲୁଣ ବିରୁଦ୍ଧରେ ଯୁକ୍ତି କରାଗଲା ଯେ, ଏହା ବିଦେଶୀ ଲୁଣ ତୁଳନାରେ ନିମ୍ନ ମାନର ଓ ସ୍ୱାସ୍ଥ୍ୟପାଇଁ ଅହିତକର । ମାତ୍ର ୧୮୨୨ରେ ଓଡ଼ିଶାର କମିସନର ଷ୍ଟର୍ଲିଂ ସାହେବ ଦେଶୀ ଲୁଣର ପ୍ରଶଂସା କରି ଲେଖିଥିଲେ ''ଅସ୍ୱାସ୍ଥ୍ୟକର ପରିବେଶ ହେବା ସତ୍ତ୍ୱେ ଏଠାରେ (ଓଡ଼ିଶାରେ) ଭାରତର ସର୍ବୋତ୍କୃଷ୍ଟ ଲୁଣ ସରକାରଙ୍କ ଏକଚାଟିଆ ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ହୋଇଥାଏ । ଏଥିରୁ ବାର୍ଷିକ ପାଖାପାଖି ୧୮ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୁଏ ।''

ଲିଭରପୁଲ୍‌ରୁ ଆମଦାନୀ ହେଉଥିବା ଲୁଣକୁ ଅଧିକ ପ୍ରୋତ୍ସାହନ ମିଳିବାଯୋଗୁଁ ତଥା ପଙ୍ଗା ଲୁଣ ଉତ୍ପାଦନ ପ୍ରତି ସରକାରଙ୍କ ବୈମାତୃକ ମନୋଭାବଯୋଗୁଁ ୧୮୮୦ରେ ବଙ୍ଗ ପ୍ରେସିଡେନ୍‌ସିର ଲୁଣ ବିଭାଗ ବନ୍ଦ ହେଲା; ପଙ୍ଗା ଲୁଣ ଉତ୍ପାଦନ ପ୍ରାୟ ନିଶ୍ଚିହ୍ନ ହେଲା । ଏହା ଫଳରେ ପ୍ରାୟ ୨୬,୦୦୦ ମଲାଙ୍ଗି ଜୀବିକାର୍ଜନର ପନ୍ଥା ହରାଇଲେ । ଏମାନଙ୍କୁ ବାଦ୍‌ଦେଲେ ଲୁଣ ଉତ୍ପାଦନ ଶିଳ୍ପ ଓ ଲୁଣ ବ୍ୟବସାୟ ଉପରେ ଆଶ୍ରିତ ଅନେକ ଲୋକ (ଯଥାଃ ଜାଳେଣି ସଂଗ୍ରହକାରୀ, ମାଲ୍‌ବାହୀ ଶଗଡ଼ିଆ ଆଦି) ଜୀବିକା ହରାଇଲେ । ଏମାନେ ସମସ୍ତେ ଥିଲେ ଛୋଟ ଚାଷୀ ବା କୃଷି ଶ୍ରମିକ । ବନ୍ୟା, ବାତ୍ୟା ବେଳେ ଫସଲ ନଷ୍ଟ ହେଲେ ଲୁଣ ଉତ୍ପାଦନକୁ ଆଶ୍ରାକରି ସେମାନେ ଚଳି ଯାଉଥିଲେ । ଲୁଣ ଉତ୍ପାଦନ ବନ୍ଦ ହେବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବର୍ମା ଓ ଆସାମର ଚା' ବଗିଚାକୁ ଶ୍ରମିକ ଭାବରେ କାମ କରିବାପାଇଁ ଚାଲିଗଲେ, ଯଦିଓ ସେଠାରେ ନା ସେମାନଙ୍କୁ ଅଧିକ ପାରିଶ୍ରମିକ ମିଳୁଥିଲା ନା ପରିବେଶ ସୁଖକର ଥିଲା ।

୧୮୯୧ରେ ଓଡ଼ିଶାରେ ଦେଶୀ ଲୁଣ ଉତ୍ପାଦନ-ଶିଳ୍ପର ପୁନରୁଦ୍ଧାରଲାଗି ସରକାର ଏଠାକାର ଲୁଣ କାରବାରକୁ ବଙ୍ଗରୁ ମାଡ୍ରାସ୍ ଲୁଣ ବିଭାଗକୁ ସ୍ଥାନାନ୍ତର କଲେ । ଏକଚାଟିଆ ନୀତିରେ ପୁଣି ଥରେ ଓଡିଶାରେ ସରକାର ଲୁଣ ଉତ୍ପାଦନ ଆରମ୍ଭ କଲେ । ଉତ୍ପାଦନଖର୍ଚ୍ଚ ହ୍ରାସ ପାଇଁ ଏଥର ମାଡ୍ରାସରେ ପ୍ରଚଳିତ କର୍କଚ ପଦ୍ଧତିରେ ଅର୍ଥାତ୍ ଲବଣାକ୍ତ ଜଳକୁ ଖରାରେ ଶୁଖାଇ ଲୁଣ ଉତ୍ପାଦନ କରିବାପାଇଁ ମଲାଙ୍ଗିମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ଜଳବାୟୁ ଦୃଷ୍ଟିରୁ ଏହା ଅସଫଳ ହେଲା ଓ ମଲାଙ୍ଗିମାନେ ଅପୂରଣୀୟ କ୍ଷତି ସହିଲେ । ୧୯୦୨ରେ ଓଡ଼ିଶାରେ ସ୍ଥାନୀୟ ଲୁଣ ଉତ୍ପାଦନ ସଂପୂର୍ଣ୍ଣ ବନ୍ଦ ଥିଲା । ରେଳର ପ୍ରଚଳନ ଫଳରେ ମାଡ୍ରାସ୍ ଓ ଲିଭରପୁଲରୁ ଲୁଣ ଆସି ଓଡ଼ିଶାରେ ବିକ୍ରୀ ହେଲା । ଏହିପରି ଭାବେ ଇଂରେଜ ଶାସନ କାଳରେ ଏକ ସ୍ଥାନୀୟ ପାରମ୍ପରିକ ଉଦ୍ୟୋଗ ଅଧୋପତନର ଶିକାର ହେଲା ।

## ଅବକାରୀ ଓ ବାଣିଜ୍ୟ ନୀତି

ଭୂ-ରାଜସ୍ୱ ଓ ଲବଣ ବ୍ୟବସାୟ ବ୍ୟତୀତ ଇଂରେଜ ସରକାର ଅବକାରୀ ଦ୍ରବ୍ୟ ଉତ୍ପାଦନ ଓ ବାଣିଜ୍ୟରୁ (ରପ୍ତାନି, ଆମଦାନୀ ଓ ଆଭ୍ୟନ୍ତରୀଣ ବାଣିଜ୍ୟ) ମଧ୍ୟ ରାଜସ୍ୱ ଆଦାୟ କରିବାକୁ ଲାଗିଲେ । ମରହଟ୍ଟା ଶାସନ କାଳରେ ଓଡ଼ିଶାରେ ବିନା କଟକଣାରେ ବିଭିନ୍ନ ପ୍ରକାର ମଦ ଉତ୍ପାଦନ ଓ ଅଫିମ କାରବାର ଚାଲିଥିଲା । ଲୋକେ ତାକୁ ବିଶେଷକରି ଘରୋଇ ଭାବେ ଉତ୍ପାଦନ ଓ ବ୍ୟବହାର କରୁଥିଲେ । ଆଦିବାସୀ ଓ ଗ୍ରାମୀଣ କ୍ଷେତ୍ରରେ ଦେଶୀ ମଦର ବ୍ୟବହାର ଥିଲେ ମଧ୍ୟ ବ୍ୟବସାୟ ଭାବରେ ତା'ର ବିଶେଷ ପ୍ରଚଳନ ନଥିଲା । ଏହି କାରଣରୁ ମରହଟ୍ଟାମାନେ ଏବଂ ତାଙ୍କ ପୂର୍ବରୁ ମୋଗଲମାନେ ତା' ଉପରେ ଶୁଳ୍କ ବସାଇ ନ ଥିଲେ । ଇଂରେଜମାନଙ୍କ ପାଇଁ ଏହା ଆୟର ଏକ ସ୍ରୋତ ହେଲା । ଆରମ୍ଭରେ ଏହାର କାରବାରକୁ ନିୟନ୍ତ୍ରଣ କରିବା ସହଜ ନଥିଲା । ତଥାପି କାଳକ୍ରମେ ଏଥିରୁ ସରକାରୀ ରାଜସ୍ୱ ବୃଦ୍ଧି ପାଇବାକୁ

ଲାଗିଲା । ୧୮୧୪-୧୫ ମସିହାରେ ଇଂରେଜ ସରକାରଙ୍କ ଅବକାରୀ ଆୟ ଥିଲା ବାର୍ଷିକ ୧୫,୦୦୦ଟଙ୍କା । ଏହା ୧୮୫୭-୫୮ ବେଳକୁ ଅର୍ଥାତ୍ କମ୍ପାନୀର ଉଚ୍ଛେଦ ହେଲା ବେଳକୁ ବୃଦ୍ଧିପାଇ ହେଲା ୯୩,୬୬୭ ଟଙ୍କା । କାଳକ୍ରମେ ଅବକାରୀ ଦ୍ରବ୍ୟ ଉପରେ ସରକାରଙ୍କ ନିୟନ୍ତ୍ରଣ ବୃଦ୍ଧି ପାଇଲା । ବଜାରକୁ ବିଦେଶୀ ମାଦକ ଦ୍ରବ୍ୟ ମଧ୍ୟ ଆମଦାନୀ ହେଲା । ଏହା ଫଳରେ ସରକାରଙ୍କ ଅବକାରୀ ଆୟ ଦ୍ରୁତ ଗତିରେ ବୃଦ୍ଧି ପାଇଲା । ୧୯୧୩-୧୪ ବେଳକୁ ଏହା ଭୂ-ରାଜସ୍ୱରୁ ତିନି ଲକ୍ଷ ଟଙ୍କା ଊଣା ଥିଲା ବେଳେ ୧୯୧୯-୨୦ ବେଳକୁ ବୃଦ୍ଧିପାଇ ଭୂ-ରାଜସ୍ୱଠାରୁ ପାଞ୍ଚ ଲକ୍ଷ ଟଙ୍କା ଅଧିକ ହେଲା ।

## ମୁଦ୍ରା ନୀତି

ମରହଟ୍ଟା ଶାସନ କାଳରେ ଓଡ଼ିଶାରେ କଉଡ଼ି ମୁଦ୍ରାର ପ୍ରଚଳନ ଥିଲା । ୧୮୧୧ରେ ସରକାର ରୌପ୍ୟ ମୁଦ୍ରାରେ ରାଜସ୍ୱ ଆଦାୟ କଲେ । ଏହି କାରଣରୁ କଉଡ଼ିର ମୂଲ୍ୟରେ ପତନ ଘଟିଲା । ଲୋକେ କଉଡ଼ି ବିନିମୟରେ ରୌପ୍ୟ ମୁଦ୍ରା ସଂଗ୍ରହ କରିବାକୁ ପ୍ରୟାସ କରି ମୁଦ୍ରା ବିନିମୟକାରୀଦ୍ୱାରା ଶୋଷିତ ହେଲେ । ସରକାର ସ୍ଥିର କରିଥିଲେ, ଟଙ୍କାକୁ ଚାରି କାହାଣ କଉଡ଼ି, ମାତ୍ର ଅସଲି ବଜାରରେ ବିନିମୟ ମୂଲ୍ୟ ହେଲା ଟଙ୍କାକୁ ଛଅରୁ ସାତ କାହାଣ କଉଡ଼ି । ଅର୍ଥାତ୍ ଯେଉଁ ଜମିଦାର ପାଞ୍ଚ ହଜାର ଟଙ୍କା ରାଜସ୍ୱ ଦେବାପାଇଁ ୨୦,୦୦୦ କଉଡ଼ି ଦେଉଥିଲେ, ଏବେ ଅବମୂଲ୍ୟାୟନ ପରେ ଦେବେ ୩୦,୦୦୦ ବା ତା'ଠାରୁ ଊର୍ଦ୍ଧ୍ୱ କଉଡ଼ି । ଏହାକୁ ଭରଣା କରିବାସକାଶେ ଜମିଦାରମାନେ ଅଧିକ କଠୋର ଭାବେ ରୟତ ପ୍ରଜାଠାରୁ ଅଧିକ କଉଡ଼ି ଦେୟ ମାଗିଲେ । କଉଡ଼ି ଯେହେତୁ ବିଶେଷକରି ଗରିବ ତଳ ସ୍ତରର ଲୋକ ଅଧିକ ବ୍ୟବହାର କରୁଥିଲେ, ସେମାନଙ୍କୁ ଅଧିକ କ୍ଷତି ସହିବାକୁ ପଡ଼ିଲା । କ୍ରୟ ବିକ୍ରୟ ବେଳେ ସେମାନଙ୍କ ପାଖରେ ଥିବା କଉଡ଼ିକୁ ରୌପ୍ୟମୁଦ୍ରାରେ ବିନିମୟ କରାଯିବାରୁ ସେମାନେ ଶୋଷଣର ଶିକାର ହେଲେ ଏବଂ ବଜାରରେ ରୌପ୍ୟ ମୁଦ୍ରାର କୃତ୍ରିମ ଅଭାବ ସୃଷ୍ଟି ହେଲା । ଏଥିରେ ମୁଦ୍ରାବିନିମୟକାରୀ ସାହୁକାର ମହାଜନମାନେ ଖୁବ୍ ଲାଭ ପାଇଲେ ।

## ଜଗନ୍ନାଥ ମନ୍ଦିର ପରିଚାଳନା

ଇଂରେଜମାନଙ୍କର ଓଡ଼ିଶା ଦଖଲ ବେଳେ ମରହଟ୍ଟାମାନଙ୍କ ହାତରେ ଜଗନ୍ନାଥ ମନ୍ଦିର ପରିଚାଳନା ଭାର ରହିଥିଲା । ଖୋର୍ଦ୍ଧା ରାଜା ପ୍ରତିଶ୍ରୁତି ମତେ ଲକ୍ଷେ ଟଙ୍କା ଦେଇ ପାରି ନଥିବାରୁ ମରହଟ୍ଟାମାନେ ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣ ଖୋର୍ଦ୍ଧା ରାଜାଙ୍କଠାରୁ କାଢ଼ି ନେଇ ନିଜ ଅଧୀନରେ ରଖିଲେ । ଇଂରେଜମାନେ ମରାଠାମାନଙ୍କୁ ପରାଜିତ କରି ସେହି ଅଧିକାର ନିଜ ହାତକୁ ନେଲେ । ଏଥିପାଇଁ ଉଭୟ ଖୋର୍ଦ୍ଧା ରାଜା ଓ ତାଙ୍କ ସମଥର୍କ ବ୍ରାହ୍ମଣ ଗୋଷ୍ଠୀ ଏବଂ ଖ୍ରୀଷ୍ଟିଆନ୍ ମିସନାରୀ ଗୋଷ୍ଠୀଦ୍ୱାରା ସରକାର ତୀବ୍ର ସମାଲୋଚନାର ଶିକାର ହେଲେ । ମିଶନାରୀମାନଙ୍କ ଅଭିଯୋଗ

ହେଲା ଯେ, ସରକାର ଜଗନ୍ନାଥ ମନ୍ଦିରର କର୍ତ୍ତୃତ୍ୱ ହାତକୁ ନେଇ ମୂର୍ତ୍ତି ପୂଜାକୁ ମାନ୍ୟତା ଦେଉଛନ୍ତି। ଏହା ସତ୍ତ୍ୱେ ମନ୍ଦିରର ପରିଚାଳନା ଓ ନିୟନ୍ତ୍ରଣକୁ ସରକାର ହାତଛଡ଼ା କରି ନଥିଲେ । ଏହା ପଛରେ ପ୍ରମୁଖ କାରଣ ଥିଲା ମନ୍ଦିରରୁ ଆଦାୟ ହେଉଥିବା ରାଜସ୍ୱ ।

୧୮୦୩ରେ ଓଡ଼ିଶା ଦଖଲ ବେଳେ ଇଂରେଜମାନେ ଜଗନ୍ନାଥ ମନ୍ଦିରର ପରଂପରା ଓ ନୀତିନିୟମକୁ ସୁରକ୍ଷିତ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପଣ୍ଡାମାନଙ୍କ ମାଧ୍ୟମରେ କୁହାଯାଇଥିଲା ଯେ, ଇଂରେଜ ରାଜତ୍ୱରେ ଜଗନ୍ନାଥ ସୁରକ୍ଷିତ ରହିବେ । ଜଗନ୍ନାଥଙ୍କ ସଂରକ୍ଷକ ଭୂମିକା ଗ୍ରହଣ କରିବା ପରେ ଇଂରେଜମାନଙ୍କୁ ସ୍ଥାନୀୟ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ି ନଥିଲା । ଏହି ପ୍ରତିଶ୍ରୁତିକୁ ସରକାର ଦୁଇ ବର୍ଷପାଇଁ ପାଳନ ମଧ୍ୟ କଲେ । ଅସଲରେ ଓଡ଼ିଶା ଦଖଲ କଲା ପରେ ମନ୍ଦିର ପରିଚାଳନା ସମ୍ବନ୍ଧରେ ନିଷ୍ପତ୍ତି ନେବା ପୂର୍ବରୁ ସେମାନେ କିଛି ସମୟ ଚାହୁଁଥିଲେ ।

୧୮୦୬ରେ ଇଂରେଜ ସରକାର ମରାଠାମାନଙ୍କ ପରି ତୀର୍ଥଯାତ୍ରୀ କର ଲାଗୁ କଲେ । କାରଣ ମନ୍ଦିର ପରିଚାଳନାପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ଭରଣା ହେବା କଥା ! କର ଆଦାୟପାଇଁ ଜଣେ କଲେକ୍ଟର ନିଯୁକ୍ତ ହେଲେ । ଜେମ୍ସ ହଣ୍ଟର ଥିଲେ ପୁରୀ ଜଗନ୍ନାଥ ମନ୍ଦିରର ପ୍ରଥମ କଲେକ୍ଟର । ହଣ୍ଟର ମନ୍ଦିରର ବିଧି ପରିଚାଳନା ଭାର ବ୍ରାହ୍ମଣ ପଣ୍ଡିତମାନଙ୍କର ଏକ ସମିତି ଉପରେ ନ୍ୟସ୍ତ କଲେ । କଲେକ୍ଟରଙ୍କ ସୁପାରିଶ ଅନୁସାରେ ସରକାର ବ୍ରାହ୍ମଣମାନଙ୍କୁ ସମିତିର ସଦସ୍ୟ ନିଯୁକ୍ତ କରୁଥିଲେ । ପରେ ମନ୍ଦିରରେ ସଂପୃକ୍ତ ବ୍ୟକ୍ତିମାନଙ୍କଦ୍ୱାରା ଏହି ସଦସ୍ୟମାନେ ନିର୍ବାଚିତ ହେବେ ବୋଲି ବ୍ୟବସ୍ଥା ହେଲା ।

୧୮୦୭ରେ ଜର୍ଜ ୱେବ୍ସ ମନ୍ଦିରର କଲେକ୍ଟର ନିଯୁକ୍ତ ହେଲେ । ମନ୍ଦିର ପରିଚାଳନା ସମ୍ବନ୍ଧରେ ସଂପୂର୍ଣ୍ଣ ଅନୁସନ୍ଧାନ କରି ସେ ସରକାରଙ୍କୁ ଏକ ରିପୋର୍ଟ ଦେଇଥିଲେ । ଏଥିରେ ସେ ମନ୍ଦିରର ବ୍ୟବସ୍ଥାନିମନ୍ତେ ଦୁଇଟି ପ୍ରସ୍ତାବ ଦେଇଥିଲେ । ପ୍ରଥମ- ଜଗନ୍ନାଥ ମନ୍ଦିରକୁ ମିଳିଥିବା ଜମିର ଖଜଣା ସରକାର ଅସୁଲ କରି ସେ ଅର୍ଥରେ ମନ୍ଦିର ଖର୍ଚ୍ଚ ପୂରଣ କରନ୍ତୁ । ଦ୍ୱିତୀୟ- ମନ୍ଦିରର ଅନାବଶ୍ୟକ ଖର୍ଚ୍ଚକୁ କାଟ କରାଯାଉ । ସରକାର ଦୁଇଟିଯାକ ପ୍ରସ୍ତାବକୁ ମାନିନେଲେ । ୧୮୦୯ରେ ମନ୍ଦିର ପରିଚାଳନା ଭାର ଖୋର୍ଦ୍ଧା ରାଜାଙ୍କୁ ବଂଶାନୁକ୍ରମିକ ଭାବେ ଦିଆଗଲା । କାରଣ, ବିଦେଶୀ ଭାବରେ ସରକାର ମନ୍ଦିରର ଦୈନନ୍ଦିନ ପରିଚାଳନାରେ ଅସୁବିଧା ଅନୁଭବ କରୁଥିଲେ । ଦ୍ୱିତୀୟତଃ, ଔପନିବେଶିକ ସ୍ୱାର୍ଥ ଦୃଷ୍ଟିରୁ ମନ୍ଦିର ପରିଚାଳନାର କୌଣସି ବିଶେଷ ତାତ୍ପର୍ଯ୍ୟ ସରକାର ଦେଖି ପାରୁ ନଥିଲେ । ତୃତୀୟତଃ, ମନ୍ଦିର ପରିଚାଳନାରେ ସରକାର ହସ୍ତକ୍ଷେପ କରିବାଦ୍ୱାରା ଖ୍ରୀଷ୍ଟିଆନ୍ ଧାର୍ମିକ ଗୋଷ୍ଠୀର କଟୁ ସମାଲୋଚନା ସହ୍ୟ କରିବାକୁ ପଡୁଥିଲା । ଅଧିକ ସମାଲୋଚନାର ଶରବ୍ୟ ନ ହେବାପାଇଁ ସରକାର ତୀର୍ଥଯାତ୍ରୀମାନଙ୍କଠାରୁ ଅସୁଲ ହେଉଥିବା କରକୁ ମନ୍ଦିର ସଂପର୍କୀୟ ବ୍ୟାପାରରେ ଖର୍ଚ୍ଚ କରୁଥିଲେ । ଉଦାହରଣ ସ୍ୱରୂପ, ୧୮୨୫ରେ ମନ୍ଦିରର ରାଜସ୍ୱ ଓ ତୀର୍ଥଯାତ୍ରୀ କରକୁ ଉପଯୋଗ କରି ଜଗନ୍ନାଥ ସଡ଼କର ପୁନଃନିର୍ମାଣ କାର୍ଯ୍ୟ କରାଯାଇଥିଲା ।

ଜଗନ୍ନାଥ ମନ୍ଦିରର ନିୟନ୍ତ୍ରଣ ହାତକୁ ନେଇ କମ୍ପାନୀ ସରକାର ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କର ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲେ । ଏହାଦ୍ୱାରା ସରକାର ମୂର୍ତ୍ତିପୂଜାକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ଅଭିଯୋଗ ହେଉଥିଲା । ସେତେବେଳେ ରଥଯାତ୍ରା ସମୟରେ ଅନେକ ଲୋକ ରଥଚକ ତଳେ ମୃତ୍ୟୁବରଣ କରୁଥିଲେ । ସରକାରଙ୍କ ବିରୋଧୀ ମିଶନାରୀମାନଙ୍କ ମତରେ ଏହି ଅମାନୁଷିକ ନରହତ୍ୟାକୁ କମ୍ପାନୀ ପ୍ରୋତ୍ସାହିତ କରୁଛନ୍ତି । ମନ୍ଦିର ପରିଚାଳନାପାଇଁ ସରକାର ନିୟମିତ ଅର୍ଥ ସାହାଯ୍ୟ କରୁଥିଲେ । ଏହାକୁ ଖ୍ରୀଷ୍ଟିଆନ୍ ବିରୋଧୀ କାର୍ଯ୍ୟ ବୋଲି ମିଶନାରୀମାନେ ଅଭିଯୋଗ କରୁଥିଲେ ।

ମନ୍ଦିର କାର୍ଯ୍ୟରେ ସଂପୃକ୍ତି ନେଇ ସରକାରଙ୍କ ସମାଲୋଚନା ଇଂଲଣ୍ଡରେ ମଧ୍ୟ ଶୁଣାଗଲା । କମ୍ପାନୀର ନିୟନ୍ତ୍ରଣ ବୋର୍ଡ଼ (Board of Control)ମଧ୍ୟ ସରକାରର ଧାର୍ମିକ ହସ୍ତକ୍ଷେପକୁ ନାପସନ୍ଦ କଲେ । ୧୮୩୩ରେ କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀ (Board of Directors) କମ୍ପାନୀ ସରକାରକୁ ମନ୍ଦିର ପରିଚାଳନାରେ ସଂପୃକ୍ତ ନହେବାପାଇଁ ତଥା ତୀର୍ଥଯାତ୍ରୀ କରକୁ ଉଚ୍ଛେଦ କରିବାକୁ ପ୍ରବଳ ଚାପ ପ୍ରୟୋଗ କଲେ । ସରକାରଙ୍କୁ ଇଙ୍ଗିତ କରି ମଣ୍ଡଳୀ ମନ୍ତବ୍ୟ ଦେଲେ, ''ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନର ଶାନ୍ତି ରକ୍ଷକ ହେବାର ବାହାନାରେ ଆମ୍ଭେମାନେ ମୂର୍ତ୍ତିପୂଜା ପୀଠଗୁଡ଼ିକର ପ୍ରମୁଖ ରକ୍ଷାକର୍ତ୍ତା ସାଜିଛୁ ।'' ୧୮୩୮ରେ ନିର୍ଦ୍ଦେଶକମଣ୍ଡଳୀ ପୁଣି ଥରେ ମନ୍ଦିର ପରିଚାଳନାରୁ ଦୂରେଇ ରହିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । ୧୮୪୦ ଏପ୍ରିଲ୍ ମାସରେ ଏକ ନିୟମ ଅନୁସାରେ ତୀର୍ଥସ୍ଥାନମାନଙ୍କରେ ତୀର୍ଥଯାତ୍ରୀକର ଉଚ୍ଛେଦ କରାଯିବା ନେଇ ନିର୍ଦ୍ଦେଶ ଜାରି ହେଲା । ସେହି ଅନୁସାରେ ପୁରୀ ମନ୍ଦିରରୁ ମଧ୍ୟ ତୀର୍ଥଯାତ୍ରୀ କର ଆଦାୟ ବନ୍ଦ ହେଲା ।

ଏହା ପରେ ମିଶନାରୀମାନେ ମନ୍ଦିରକୁ ଆର୍ଥିକ ଅନୁଦାନ ନ ଦେବାକୁ ସରକାରଙ୍କୁ ବାଧ୍ୟ କଲେ । ୧୮୫୦ ମସିହାରେ ଏ ନେଇ ଇଂଲଣ୍ଡର କମ୍ପାନୀ ନିର୍ଦ୍ଦେଶକମଣ୍ଡଳୀ ପାଖରେ ଦାବିପତ୍ର ପେଶ୍ କରାଗଲା । ଏହାର ଉତ୍ତରରେ କଟକ କମିସନର ଏ.ଜେ.ଏମ୍. ମିଲ୍ସ ଅନୁଦାନ କୌଣସି ବ୍ୟକ୍ତିଗତ ପୂଜକପାଇଁ ନୁହେଁ, ବରଂ ଏକ ସାର୍ବଜନୀନ ଅନୁଷ୍ଠାନର ସାଧାରଣ ହିତପାଇଁ ବୋଲି ଯୁକ୍ତି କଲେ । ଏହାର ଅବମାନନା କଲେ ମରାଠା ସମୟରୁ ରହିଥିବା ପରମ୍ପରା ଭଙ୍ଗ ହେବ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ସେ ଜଣାଇଲେ । ୧୮୬୩ ମସିହାରୁ ସରକାରଙ୍କ ତରଫରୁ ମନ୍ଦିରକୁ ପ୍ରତ୍ୟକ୍ଷ ଆର୍ଥିକ ଅନୁଦାନ ଦେବାର ବିଧି ପୂର୍ଣ୍ଣତଃ ବନ୍ଦ ହେଲା । ତା' ସ୍ଥାନରେ ମନ୍ଦିର ନାମରେ ଦେବୋତ୍ତର ଜମିର ଆୟକୁ ବ୍ୟବହାର କରାଗଲା । ଉକ୍ତ ଜମି ଖୋର୍ଦ୍ଧା ଗଜପତିଙ୍କୁ ଦିଆଗଲା । କହିବା ବାହୁଲ୍ୟ ଯେ, ଦେବୋତ୍ତର ଜମିର ଆୟ, ପୂର୍ବରୁ ମିଳୁଥିବା ସରକାରୀ ମଂଜୁରୀର ସମତୁଲ୍ୟ ଥିଲା ।

## ଗଡ଼ଜାତ ନୀତି

ମୋଗଲ ଓ ମରହଟ୍ଟା ଶାସନ କାଳରେ ଓଡ଼ିଶାରେ ଅନେକଗୁଡ଼ିଏ କରଦ ରାଜ୍ୟ ରହିଥିଲେ । ଘନ ଜଙ୍ଗଲ ଓ ମାଳଭୂମିପରିପୂର୍ଣ୍ଣ ଏହି ରାଜ୍ୟଗୁଡ଼ିକ ଗମନାଗମନ ଓ ଯୋଗାଯୋଗ ଦୃଷ୍ଟିରୁ

ସମତଳ କ୍ଷେତ୍ରର ଶାସକମାନଙ୍କପାଇଁ ଅପହଞ୍ଚ ମନେ ହେଉଥିଲା । ତେଣୁ ମୋଗଲ ଓ ପରେ ମରହଟ୍ଟାମାନେ ଏହି ରାଜ୍ୟଗୁଡ଼ିକରେ ପ୍ରତ୍ୟକ୍ଷ ଶାସନ ପ୍ରବର୍ତ୍ତନ କରି ପାରି ନଥିଲେ । ଅର୍ଥାତ୍ ସଂପୃକ୍ତ ରାଜାମାନେ ପ୍ରଭୁତ୍ୱ ସ୍ୱୀକାର କରି ବାର୍ଷିକ କର ଦେଉଥିଲେ ଏବଂ ଆଭ୍ୟନ୍ତରୀଣ ବ୍ୟାପାରରେ ସ୍ୱାଧୀନତା ପାଇଥିଲେ । ନିର୍ଦ୍ଧାରିତ କର ଅସୁଲି ପରେ ମୋଗଲ ଓ ମରହଟ୍ଟାମାନେ ଏହି କରଦ ରାଜ୍ୟଗୁଡ଼ିକର ଆଭ୍ୟନ୍ତରୀଣ ପ୍ରଶାସନରେ ହସ୍ତକ୍ଷେପ କରୁ ନଥିଲେ । ଏହି ରାଜ୍ୟଗୁଡ଼ିକୁ ଗଡ଼ଜାତ କୁହାଯାଉଥିଲା । ଗଡ଼ଜାତ ବାହାରେ ରହଥିବା ପ୍ରତ୍ୟକ୍ଷ ଶାସନାଧୀନ କ୍ଷେତ୍ରକୁ ମୋଗଲବନ୍ଦି କୁହାଯାଉଥିଲା । ମୋଗଲମାନଙ୍କଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାକୁ ମରହଟ୍ଟାମାନେ କାୟମ ରଖିଥିଲେ । ମୋଗଲ ବା ମରହଟ୍ଟା ଆଇନ କାନୁନ, ପୋଲିସ୍ , ସାଧାରଣ ପ୍ରାଶାସନିକ ବ୍ୟବସ୍ଥା, ଅର୍ଥ ବ୍ୟବସ୍ଥା ଇତ୍ୟାଦି କଥା ଯାହା ଆଲୋଚନାକୁ ଆସେ, ତାହା ମୋଗଲବନ୍ଦି କ୍ଷେତ୍ରରେ ସୀମିତ ରହୁଥିଲା; ଗଡ଼ଜାତରେ ତା'ର ସିଧା ପ୍ରବର୍ତ୍ତନ ହେଉ ନଥିଲା ।

ଇଂରେଜମାନେ କଟକ ଦଖଲ କଲାବେଳେ ଉପକୂଳ ଓ କେନ୍ଦ୍ର ଓଡ଼ିଶାରେ ଅନେକ ଗଡ଼ଜାତ ରହିଥିଲା । ଏହା ବାହାରେ ଦକ୍ଷିଣ ଓଡ଼ିଶା, ଯାହା ଗଞ୍ଜାମ ଏଜେନ୍ସି ନାମରେ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ମିଶି ରହିଥିଲା, ତହିଁରେ ମଧ୍ୟ ଏଭଳି କେତୋଟି ରାଜ୍ୟ ଥିଲା । ପୁଣି ସମ୍ବଲପୁରକୁ କେନ୍ଦ୍ର କରି ପଶ୍ଚିମ ଓଡ଼ିଶା ଓ ଆଧୁନିକ ଛତିଶଗଡ଼ର ୧୮ଟି କ୍ଷୁଦ୍ର ରାଜ୍ୟ ରହିଥିଲେ । ୧୮୦୩ରେ ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ଦେଓଗାଁ ଚୁକ୍ତି ସ୍ୱାକ୍ଷରିତ ହେବା ବେଳକୁ ଏ ମଧ୍ୟରୁ ଅନେକ ରାଜା ଇଂରେଜମାନଙ୍କ ପ୍ରଭୁତ୍ୱ ସ୍ୱୀକାର କରି ସାରିଥିଲେ । ୧୮୦୫ ଶେଷ ସୁଦ୍ଧା ସମସ୍ତ ଗଡ଼ଜାତ ଇଂରେଜମାନଙ୍କ କର୍ତ୍ତୃତ୍ୱ ସ୍ୱୀକାର କରି ସାରିଥିଲେ ।

ଇଂରେଜ ଶାସନ କାଳରେ ମଧ୍ୟ ପୂର୍ବରୁ ଚଳି ଆସୁଥିବା ଗଡ଼ଜାତ ବ୍ୟବସ୍ଥା ଅବ୍ୟାହତ ରହିଲା । ଏହାର ଅର୍ଥ ହେଲା ଯେ ଇଂରେଜମାନେ ପ୍ରଜାଙ୍କ ମଙ୍ଗଳକୁ ଗୌଣ କରି କର ଅସୁଲକୁ ପ୍ରମୁଖତା ଦେଉଥିଲେ । ୧୮୦୪-୦୫ରେ ଯେତେବେଳେ ମୋଗଲବନ୍ଦିର ଭୂ-ରାଜସ୍ୱ ଥିଲା ୧୩,୬୩,୬୬୮ଟଙ୍କା, ୨୯ଟି ଗଡ଼ଜାତର ଭୂ-ରାଜସ୍ୱ ଥିଲା ୧,୧୮,୬୮୭ ଟଙ୍କା । ଏହି ଟଙ୍କା ଗଡ଼ଜାତମାନେ ସରକାରଙ୍କ ରାଜକୋଷରେ ଜମା କରୁଥିଲେ । ମାତ୍ର ସରକାରଙ୍କ ମୋଟାମୋଟି ହିସାବ ଅନୁଯାୟୀ, ସେମାନେ ପ୍ରଜାଙ୍କଠାରୁ ଆଦାୟ କରୁଥିଲେ ପ୍ରାୟ ୬୫୦,୦୦୦ଟଙ୍କା । ଏହା ବାହାରେ ମଧ୍ୟ ଅନେକ କର ସେଠାକାର ପ୍ରଜା ଦେଉଥିଲେ । ଯଦି ମୋଗଲ, ମରାଠା ଓ ଇଂରେଜମାନଙ୍କଦ୍ୱାରା ଆଦାୟ ହେଉଥିବା ଓଡ଼ିଶାର ଭୂ-ରାଜସ୍ୱକୁ ତୁଳନା କରାଯାଏ, ତେବେ ଜଣାଯିବ ଯେ (ଷ୍ଟର୍ଲିଂଙ୍କ ହିସାବ ଅନୁଯାୟୀ) ମୋଗଲ ସମୟରେ ଏହା ଥିଲା ୧୫,୮୯,୭୩୨ଟଙ୍କା; ମରାଠା ସମୟରେ ୧୪,୪୦୦୦୦ଟଙ୍କା ଏବଂ ଇଂରେଜ ସମୟରେ (୧୮୦୪-୧୮୦୫) ୧୩,୬୩,୬୬୮ ଟଙ୍କା । ଯଦିଓ ମୋଗଲ ଓ ମରାଠା ସମୟରେ ଧାର୍ଯ୍ୟ ଭୂ-ରାଜସ୍ୱ ଅଧିକ ଥିଲା, ପ୍ରକୃତରେ ୧୨ ଲକ୍ଷ ଟଙ୍କାରୁ ଅଧିକ ସଂଗ୍ରହ ହେଉ ନଥିଲା । ଅନ୍ୟ ପକ୍ଷରେ, କଠୋର ନିୟମଯୋଗୁଁ ଇଂରେଜ ସମୟରେ ଧାର୍ଯ୍ୟ ଭୂ-ରାଜସ୍ୱ ପ୍ରକୃତରେ ସଂଗ୍ରହ ମଧ୍ୟ ହେଉଥିଲା । ଦ୍ୱିତୀୟତଃ, ଯେଉଁ କଠୋରତାର ସହିତ ଜମିଦାର ଓ ରାଜାମାନଙ୍କଠାରୁ କର

ଅସୁଲ କରାଯାଉଥିଲା, ତତୋଽଧିକ କଠୋରତା ସହ ଏହି ଅସୁଲକାରୀମାନେ ପ୍ରଜାଙ୍କଠାରୁ ଖଜଣା ଅସୁଲ କରୁଥିଲେ । ଏହା ପ୍ରଜାଙ୍କ ଦୁଃଖକୁ ଖୁବ୍ ଅଧିକ ମାତ୍ରାରେ ବୃଦ୍ଧି କରୁଥିଲା ।

ଓଡ଼ିଶାରେ ଇଂରେଜ ଶାସନ ସମୟରେ ଜମିଦାରମାନେ ଏକ ନୂଆ ସାମାଜିକ ଶ୍ରେଣୀ ଭାବରେ ଉଭୟ ଗଡ଼ଜାତ ଓ ମୋଗଲବନ୍ଦି କ୍ଷେତ୍ରରେ ବିକାଶ ଲାଭ କଲେ । ମୋଗଲ ଓ ମରାଠା ସମୟରେ ଚୌଧୁରୀ, କାନୁନ୍‌ଗୋ, ମକଦ୍ଦମ, ଅମିଲ ଆଦି ରାଜକର୍ମଚାରୀମାନେ ବଂଶାନୁକ୍ରମିକ ଭାବେ ରାଜସ୍ୱ ଅସୁଲ ତଥା ଆହୁରି ଅନେକ ସାଧାରଣ କାମପାଇଁ ନିଯୁକ୍ତ ହୋଇଥିଲେ । ଏଥିପାଇଁ ସେମାନେ ମାସିକ ବେତନ ବଦଳରେ ଜମି ପାଇଥିଲେ । ଇଂରେଜମାନେ ସେ ସମସ୍ତଙ୍କୁ 'ଜମିଦାର' ଘୋଷଣା କରିଦେଲେ, କାରଣ ଏହି ସଂପନ୍ନବର୍ଗ ହାତରେ ଜମି ରହିଲେ କୃଷିର ଉନ୍ନତି ହେବ ବୋଲି ସେମାନେ ଆଶା କରୁଥିଲେ । ଇଂଲଣ୍ଡରେ ଜମି ବଡ଼ ବଡ଼ ଭୂମିମାଲିକଙ୍କ ହାତକୁ ଗଲା ପରେ ଉତ୍ପାଦନରେ ବୃଦ୍ଧି ଘଟିଥିଲା, ଯାହା ପୁଞ୍ଜିବାଦୀ ବିକାଶକୁ ସାହାଯ୍ୟ କରିଥିଲା । ଏକ ଭୂମିମାଲିକ ବା ଜମିଦାରବର୍ଗ ସୃଷ୍ଟି କରି ଭାରତରେ ଏବଂ ବିଶେଷକରି ଓଡ଼ିଶାରେ ପୁଞ୍ଜିବାଦୀ କୃଷି ବିକାଶ କରାଯାଇ ପାରିବ ବୋଲି ସେମାନେ ମନେ କରିଥିଲେ । ବଙ୍ଗରେ ଚିରସ୍ଥାୟୀ ବନ୍ଦୋବସ୍ତ ମାଧ୍ୟମରେ ଏହି ଜମିଦାରବର୍ଗ ସୃଷ୍ଟି ହୋଇଥିଲା । ଓଡ଼ିଶାରେ ଭୂ-ବନ୍ଦୋବସ୍ତକୁ ଚିରସ୍ଥାୟୀ କରାଗଲା ନାହିଁ, କାରଣ ଉତ୍ପାଦନ ଊଣା ରହୁଥିବାରୁ ରାଜସ୍ୱକୁ ସ୍ଥାୟୀ ଭାବରେ ସରକାର ଧାର୍ଯ୍ୟ କରିବାକୁ ଚାହୁଁ ନଥିଲେ । ଭବିଷ୍ୟତରେ ଓଡ଼ିଶାରେ ଉତ୍ପାଦନ ବୃଦ୍ଧିପାଇଲେ ବନ୍ଦୋବସ୍ତ ଚିରସ୍ଥାୟୀ ହେବ ବୋଲି କେବଳ ପ୍ରତିଶ୍ରୁତି ଦିଆଗଲା ।

ଆରମ୍ଭରେ ଗଡ଼ଜାତମାନଙ୍କୁ ଆଭ୍ୟନ୍ତରୀଣ ସ୍ୱାଧୀନତା ମିଳିଥିଲା । ୧୮୦୪ରେ ସମ୍ବଲପୁର ଓ ଗଞ୍ଜାମ ଏଜେନ୍‌ସିକୁ ବାଦ ଦେଇ ଯେଉଁ କଟକ ଡିଭିଜନ ରହିଥିଲା, ତହିଁରେ ଥିଲା ମୋଟ ୩୦ଟି ଗଡ଼ଜାତ । ତନ୍ମଧ୍ୟରୁ ୧୮୦୪ରେ ବିଦ୍ରୋହ କରି ବିଫଳ ହେଲା ପରେ ଖୋର୍ଦ୍ଧାକୁ ଖାସମାହାଲରେ ପରିଣତ କରି ଦିଆଗଲା । ବାକି ୨୯ଟି ଗଡ଼ଜାତରୁ ୧୪ଟିରେ ସିଧାସିଧା ବ୍ରିଟିଶ୍ ନିୟମ ଲାଗୁ ହେଉ ନଥିଲା । ଏହା ପରୋକ୍ଷରେ ଲାଗୁ ହେଉଥିଲା । ପରେ କଟକ, ସମ୍ବଲପୁର ଓ ଗଞ୍ଜାମ ଏଜେନ୍‌ସି ବା ପ୍ରାକୃତିକ ଓଡ଼ିଶାରେ ମୋଟ ୨୬ଟି ଗଡ଼ଜାତ ରହିଲେ । ଅନ୍ୟଗୁଡ଼ିକ ହୁଏତ ଜମିଦାରୀ ଭାବରେ ଗଣାହେଲେ, ନୋହିଲେ ମୋଗଲବନ୍ଦିରେ ସେଗୁଡ଼ିକୁ ସାମିଲ୍ କରି ଦିଆଗଲା । ଏହି ଗଡ଼ଜାତମାନଙ୍କରେ ଖୁବ୍ ପ୍ରଜା ଉତ୍ପୀଡ଼ନ ଥିଲା; ମୋଗଲବନ୍ଦି ତୁଳନାରେ ଶିକ୍ଷା, ସଂସ୍କୃତି, ବାଣିଜ୍ୟ, ଯୋଗାଯୋଗ ଆଦି ସବୁ କ୍ଷେତ୍ରରେ ସେଗୁଡ଼ିକ ପଛରେ ରହିଥିଲେ । ଲୋକେ ଗଡ଼ଜାତକୁ ଅନ୍ଧାରୀ ଶାସନ ବୋଲି କହୁଥିଲେ । ନାଗରିକ ଅଧିକାରର ସେଠାରେ ନାମଗନ୍ଧ ନ ଥିଲା । ଇଂରେଜ ସରକାର ନିଜକୁ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ଆଧୁନିକତାର ଜନ୍ମଦାତା ବୋଲି ଦାବି କରୁଥିଲେ ମଧ୍ୟ ଗଡ଼ଜାତର ଅଂଧାରୀ ଶାସନକୁ ପ୍ରଶ୍ରୟ ଦେଉଥିଲେ । ଏହା ପଛରେ କାରଣ ହେଲା ଯେ, ଗଡ଼ଜାତର ରାଜାମାନେ ଇଂରେଜ ସରକାରକୁ ଶେଷ ପର୍ଯ୍ୟନ୍ତ ଅଂଧ ସମର୍ଥନ ଦେଇ ଆସିଥିଲେ ।

ଗଡ଼ଜାତଗୁଡ଼ିକ ହେଲେ-

## ଛବିଶଟି ଗଡ଼ଜାତ

| ରାଜ୍ୟ | ଆୟତନ (ବର୍ଗମାଇଲ) |
|---|---|
| ଢେଙ୍କାନାଳ | ୧୪୮୬ |
| ନୀଳଗିରି | ୨୮୪ |
| ତାଳଚେର | ୩୯୯ |
| ରେଢ଼ାଖୋଲ (ରାଇରଖୋଲ) | ୮୩୩ |
| ନୟାଗଡ଼ | ୫୯୦ |
| ଆଠଗଡ଼ | ୧୬୮ |
| ପାଲଲହଡ଼ା (ରା) | ୪୫୨ |
| ଗାଙ୍ଗପୁର | ୨୪୯୨ |
| ରଣପୁର | ୨୦୩ |
| ହିନ୍ଦୋଳ | ୩୧୨ |
| ବାମଣ୍ଡା (ବାମରା) | ୧୨୮୮ |
| ଦଶପଲ୍ଲା | ୫୬୮ |
| ସୋନପୁର | ୯୦୬ |
| ଖଣ୍ଡପଡ଼ା | ୨୪୪ |
| ଆଠମଲ୍ଲିକ | ୭୩୦ |
| ବଣାଇ | ୧୨୯୬ |
| ବଉଦ | ୧୨୬୪ |
| ବଡ଼ମ୍ବା | ୧୪୨ |
| ନରସିଂହପୁର | ୧୯୯ |
| କଳାହାଣ୍ଡି | ୩୭୪୫ |
| ତିଗିରିଆ | ୪୬ |
| କେନ୍ଦୁଝର | ୩୦୯୬ |
| ପାଟଣା | ୨୫୧୧ |
| ମୟୂରଭଞ୍ଜ | ୪୨୪୩ |
| ଷଢ଼େଇକଳା | ୪୯୯ |
| ଖରସୁଆଁ | ୧୫୩ |

୧୮୦୩ରେ ଓଡ଼ିଶା ଅଧିକାର କଲାବେଳେ ଇଂରେଜମାନେ ଭାରତର ସର୍ବୋଚ୍ଚ ଶକ୍ତି ହୋଇ ନଥିଲେ । ଗଡ଼ଜାତ ଓ ଜମିଦାରୀର ସମର୍ଥନ ବିନା ସେମାନେ ସର୍ବୋଚ୍ଚ ଶକ୍ତି ହୋଇପାରିବେ ନାହିଁ ବୋଲି ମନେ କରୁଥିଲେ । ତେଣୁ ଆଭ୍ୟନ୍ତରୀଣ ସ୍ୱାଧୀନତା ଦେଇ ତଥା ନାମମାତ୍ର ଦେୟ ଧାର୍ଯ୍ୟ କରି ପ୍ରତିବଦଳରେ ସେମାନଙ୍କଠାରୁ ପୂର୍ଣ୍ଣ ସମର୍ଥନ ଲାଭ କରିବାକୁ ପ୍ରୟାସ କରୁଥିଲେ । ମାତ୍ର ଦଶବର୍ଷ ପରେ ଇଂରେଜମାନେ ଆଉ ଦେଶୀୟ ରାଜ୍ୟ ଓ ଗଡ଼ଜାତର ସମର୍ଥନ ଦରକାର କରୁ ନଥିଲେ । ଭାରତରେ ସର୍ବୋଚ୍ଚ ଶକ୍ତି ହେବା ପରେ ଗଡ଼ଜାତମାନଙ୍କର କ୍ଷମତା କ୍ଷୁଣ୍ଣ କରିବାକୁ ସେମାନେ ପ୍ରୟାସ କଲେ । ଏହି ଲକ୍ଷ୍ୟରେ ୧୮୧୪ରେ ଗଡ଼ଜାତମାନଙ୍କୁ ଟ୍ରିବ୍ୟୁଟାରୀ ମାହାଲ ଅଧୀନରେ ରଖାଗଲା । ମାହାଲର ମୁଖ୍ୟ ଭାବରେ ଜଣେ ଅଧୀକ୍ଷକ ବା ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ନିଯୁକ୍ତ କରାଗଲା । ଗଡ଼ଜାତଗୁଡ଼ିକ ମଧ୍ୟରେ ବା ଗଡ଼ଜାତ ଓ ମୋଗଲବନ୍ଦି ମଧ୍ୟରେ ଅଥବା ଗଡ଼ଜାତ ରାଜା କିଛି ଗହନ ଅପରାଧ କଲେ, ତାକୁ ବୁଝିବାପାଇଁ ମାହାଲ ଗଠନ ହୋଇଥିଲା । ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନେ ଆବଶ୍ୟକ ପଡ଼ିଲେ ଅଧୀକ୍ଷକଙ୍କୁ ସହଯୋଗ କରିବେ ବୋଲି ନିୟମ ରହିଲା । ଗଡ଼ଜାତର ରାଜା ଯଦି ନାବାଳକ, ତାଙ୍କ କାର୍ଯ୍ୟ ପରିଚାଳନାପାଇଁ ଜଣେ ତହସିଲଦାର ରହିବେ ବୋଲି ଆଇନରେ ଉଲ୍ଲେଖ ରହିଲା । ଏହା ପ୍ରକାରାନ୍ତରେ ଗଡ଼ଜାତ ଉପରେ ଇଂରେଜର କର୍ତ୍ତୃତ୍ୱ ଜାହିର କରିବାଲାଗି ବାଟ ଖୋଲି ଦେଲା ।

ଏତେ ସବୁ ପରିବର୍ତ୍ତନ ହେଲା, ଅଥଚ ଗଡ଼ଜାତର ପ୍ରଜାବିରୋଧୀ ଶାସନକୁ ନିୟନ୍ତ୍ରଣ କରିବାକୁ ସରକାର କୌଣସି ବିଶେଷ ପଦକ୍ଷେପ ନେଲେ ନାହିଁ । କେବଳ ହତ୍ୟା ଭଳି ଗୁରୁତର ଅପରାଧ କରିଥିବା ରାଜାଙ୍କୁ ସମୟେ ସମୟେ ଦଣ୍ଡ ଦିଆଗଲା । ଅନେକ ସମୟରେ ନରହତ୍ୟା ସମେତ ଅନେକ ଅପରାଧ କରି ସୁଦ୍ଧା ଗଡ଼ଜାତ ରାଜାମାନେ ଆଦୌ କୌଣସି ଦଣ୍ଡ ପାଇଲେ ନାହିଁ । ପ୍ରଥମେ ୧୮୨୧ରେ ଏବଂ ପରେ ୧୮୩୯ରେ ଓଡ଼ିଶାର ଗଡ଼ଜାତ ଅଧୀକ୍ଷକ ଗଡ଼ଜାତ ରାଜାମାନଙ୍କୁ କଠୋର ଆଇନ ମଧ୍ୟରେ ଆଣିବାକୁ ପ୍ରସ୍ତାବ ଦେଲେ । ମାତ୍ର ସରକାର ପ୍ରସ୍ତାବଗୁଡ଼ିକୁ ଅଗ୍ରାହ୍ୟ କରିଦେଲେ । ଏହି ପ୍ରକ୍ରିୟାରେ ଇଂରେଜର ଛତ୍ରଛାୟା ତଳେ ଗଡ଼ଜାତରେ ଅମାନବୀୟ ଅତ୍ୟାଚାର ରାଜାମାନଙ୍କ ନେତୃତ୍ୱରେ ସଂପନ୍ନ ହେଲା ଏବଂ ଇଂରେଜମାନେ ଚାରିଆଡ଼େ ଗଣତନ୍ତ୍ର, ବିଧି ସମ୍ମତ ଆଇନ, ବ୍ୟକ୍ତି ସ୍ୱାଧୀନତା, ଆଧୁନିକ ବିକାଶର ପକ୍ଷଧର ବୋଲି ନିଜକୁ ଗର୍ବ କରି ପ୍ରଚାର କଲେ । ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ (୧୯୦୬) ସମସ୍ତ ଗଡ଼ଜାତପାଇଁ ଜଣେ ପଲିଟିକାଲ୍ ଏଜେଣ୍ଟ ନିଯୁକ୍ତ ହେଲେ । ଯଦିଓ ପଲିଟିକାଲ୍ ଏଜେଣ୍ଟ ଗଡ଼ଜାତ ରାଜାଙ୍କୁ ଉପଦେଶ, ପରାମର୍ଶ ଏବଂ ଆବଶ୍ୟକ ପଡ଼ିଲେ ଆଦେଶ ଦେବେ ବୋଲି କଥା ରହିଲା, ପ୍ରକୃତରେ ଦେଖିବାକୁ ଗଲେ, ଅନେକ ସମୟରେ ରାଜାପକ୍ଷ ପଲିଟିକାଲ୍ ଏଜେଣ୍ଟଙ୍କୁ ନାନା ଉପାୟରେ ପ୍ରଭାବିତ କରି ରଖୁଥିଲେ । ବରଂ ଅନେକ କ୍ଷେତ୍ରରେ ପଲିଟିକାଲ୍ ଏଜେଣ୍ଟଙ୍କୁ ଅତ୍ୟାଚାରିତ ପ୍ରଜାମାନେ ରାଜପକ୍ଷ ବ୍ୟକ୍ତି ବୋଲି ମନେ କରୁଥିଲେ । ଏହାର ଫଳ ସ୍ୱରୂପ ୧୯୩୯ରେ ରଣପୁରରେ ରାଜା-ବିରୋଧୀ ଗଣ ଆନ୍ଦୋଳନରେ ତତ୍କାଳୀନ ପଲିଟିକଲ୍ ଏଜେଣ୍ଟ ବେଜେଲଗେଟ୍‌ଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା ।

## ଶିକ୍ଷା ନୀତି

ଇଂରେଜମାନେ ଓଡ଼ିଶା ଦଖଲ କରିବା ଦିନଠାରୁ ଶିକ୍ଷାକୁ କେବଳ ଚାକିରି ସାଙ୍ଗରେ ଯୋଡ଼ି ଦେଖୁଥିଲେ । ଇଂରେଜ ପ୍ରାଶାସନିକ ବ୍ୟବସ୍ଥାରେ ଅଧସ୍ତନ କର୍ମଚାରୀ ଭାବରେ ଓଡ଼ିଆଙ୍କର ଯେହେତୁ ବିଶେଷ ଉପସ୍ଥିତି ନଥିଲା; ଓଡ଼ିଶାକୁ ଅଶିକ୍ଷିତ, ନିରକ୍ଷର ଲୋକବହୁଳ ଦେଶ ବୋଲି ସେମାନେ ମାନି ନେଇଥିଲେ । ସେହି ସୂତ୍ରରେ ଶିକ୍ଷାର ବିକାଶପାଇଁ ସେମାନେ ଯେଉଁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ, ସେଥିରେ , ଅଧସ୍ତନ କର୍ମଚାରୀ ରୂପରେ ଓଡିଆଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେଇ ଦୟାଭାବ ଦେଖାଇବା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ବଙ୍ଗାଳୀ ଓ ମୁସଲମାନ କିରାଣିଙ୍କର ସେତେବେଳେ ଅଧସ୍ତନ କର୍ମଚାରୀ ଭାବେ ସଂଖ୍ୟା ଦୃଷ୍ଟିରୁ ମହତ୍ତ୍ୱ ରହିଥିଲା । କର୍ମଚାରୀ ଭାବରେ ଓଡ଼ିଆମାନଙ୍କ ସଂଖ୍ୟା ନ୍ୟୂନତାକୁ ଅନୁଭବ କରି ତଥା ଓଡ଼ିଆମାନଙ୍କ ପ୍ରତି ଦୟାଭାବ ଦେଖାଇ ୧୮୨୧ରେ କଟକ ମାଜିଷ୍ଟ୍ରେଟ୍ ଲେଖିଥିଲେ- ''ମାସକୁ ଦଶ ଟଙ୍କା ବେତନ ପାଉଥିବା ଜଣେ ବି ଓଡ଼ିଆ ମିଳିବା କାଠିକର । ସାଧାରଣତଃ ବଙ୍ଗାଳୀ ଓ ମୁସଲମାନ ହିଁ ଉଚ୍ଚ ପଦପଦବୀରେ ରହିଛନ୍ତି । ସର୍ବଦା ମୁଁ ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦେବାକୁ ପ୍ରାଥମିକତା ଦିଏ, ମାତ୍ର ସ୍ଥିତି ଏମିତି ଯେ, ସାଧାରଣ ମୋହରିର କାମପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତାଧାରୀ ଜଣେ ଓଡ଼ିଆ ମିଳିବା କଷ୍ଟ ।''

ଓଡ଼ିଆ ଲୋକ ଯେ ପାରଂପରିକ ଶିକ୍ଷାରୁ ବଞ୍ଚିତ ଥିଲେ ତା' ନୁହେଁ । ସଂସ୍କୃତରେ ଏବଂ ଓଡ଼ିଆରେ ପ୍ରଗାଢ଼ ଜ୍ଞାନ ଥିବା ଓଡ଼ିଆଙ୍କ ସଂଖ୍ୟା ଊଣା ନଥିଲା । ମାତ୍ର ପ୍ରାଶାସନିକ ନିଯୁକ୍ତିପାଇଁ ୧୮୦୩-୦୪ରେ ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳେ ପାର୍ସୀ ଭାଷା ଜ୍ଞାନ ଜରୁରୀ ଥିଲା । ଓଡ଼ିଆମାନେ ତହିଁରେ ଦକ୍ଷ ନଥିଲେ । ୧୮୦୫ରେ, ପାର୍ସୀ ସହିତ ଓଡ଼ିଆରେ ବି ସରକାରଙ୍କୁ ଦରଖାସ୍ତ ଦିଆଯାଇ ପାରିବ ତଥା ଅନ୍ୟାନ୍ୟ ସରକାରୀ କାମପାଇଁ ଓଡ଼ିଆଙ୍କୁ ବାରଣ କରାଯିବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଲେ । ତା' ସତ୍ତ୍ୱେ ଓଡ଼ିଆ ଲୋକ ଚାକିରି କ୍ଷେତ୍ରରେ ବଙ୍ଗାଳୀମାନଙ୍କ ଅପେକ୍ଷା ଖୁବ୍ ପଛରେ ରହିଗଲେ । କାରଣ ଓଡ଼ିଆ ଶିକ୍ଷିତ ବର୍ଗ ତାଳପତ୍ରରେ ଏବଂ ଲୌହ ଲେଖନୀ ମାଧ୍ୟମରେ ଲେଖିବା ଜାଣିଥିଲେ । କାଗଜ ଓ କଲମରେ ଲେଖିବାକୁ ସେତେବେଳେ ଅଶୁଭ ମନେ କରାଯାଉଥିଲା । ସରକାରୀ କାର୍ଯ୍ୟାଳୟରେ ଏବଂ ବିଶେଷକରି କୋର୍ଟ କଚେରିରେ ସ୍ଥାନୀୟ ଓଡ଼ିଆ ଲୋକ ବଙ୍ଗାଳୀ ଓ ମୁସଲମାନ୍ କିରାଣି ଆଦିଙ୍କ ହାତରେ ପେଷି ହୋଇଯାଉଥିଲେ । ଦରଖାସ୍ତ ଲେଖିବାପାଇଁ, ଅଧିକାରୀଙ୍କ ସହ ଯୋଗାଯୋଗ ସ୍ଥାପନ କରିବାପାଇଁ, ଅଣ-ଓଡ଼ିଆ କର୍ମଚାରୀମାନେ ଖୁବ୍ ଲାଞ୍ଚ ନେଉଥିଲେ । ତଳସ୍ତର କର୍ମଚାରୀଙ୍କ ମଧ୍ୟରେ ଦୁର୍ନୀତି, ଠକାମି, ଶଠତା ଆଦି ଭର୍ତ୍ତି ହୋଇ ରହିଥିଲା । ଓଡ଼ିଆ ଲୋକ ନିଯୁକ୍ତି ପାଇଲେ ଦୁର୍ନୀତି କାଳେ ବନ୍ଦ ହେବ ବୋଲି ଉଚ୍ଚପଦାଧିକାରୀମାନେ ଭାବୁଥିଲେ । ୧୮୨୮ରେ ଭଦ୍ରକ ଓ ପଟ୍ଟାମୁଣ୍ଡାଇର ମୁନସଫ୍‌ମାନେ ଦୁର୍ନୀତି ଓ ଅନ୍ୟାନ୍ୟ ଅପରାଧରେ ଲିପ୍ତ ଥିବାର ପ୍ରମାଣ ମିଳିଥିଲା । ଏହି ସବୁ ବ୍ୟବସ୍ଥାଗତ ସମସ୍ୟାକୁ ସୁଧାରିବାକୁ ହେଲେ ସ୍ଥାନୀୟ ଲୋକଙ୍କୁ ଶିକ୍ଷିତ କରି ଅଫିସ୍ ଦପ୍ତରରେ ନିଯୁକ୍ତି ଦେବାକୁ ହେବ ବୋଲି ସରକାର ଚିନ୍ତା କରୁଥିଲେ ।

ଶିକ୍ଷା ଓ ଚାକିରି କ୍ଷେତ୍ରରେ ପଛେଇ ଯାଇଥିବା ଓଡ଼ିଶାର ସ୍ଥାନୀୟ ଲୋକଙ୍କ ଦୁରବସ୍ଥା ପ୍ରତି ଏତେ ମାତ୍ରାରେ ସରକାର ଦୟାଭାବ ପ୍ରଦର୍ଶନ କରିବା ସତ୍ତ୍ୱେ, ୧୮୩୮ ଯାଏ କେତୋଟି ମାତ୍ର ମିଶନାରୀ ସ୍କୁଲ୍‌କୁ ବାଦ୍ ଦେଲେ ଓଡ଼ିଶାରେ ସ୍କୁଲ୍ ପ୍ରତିଷ୍ଠିତ ହୋଇ ନଥିଲା ବୋଲି କହିଲେ ଭୁଲ ହେବ ନାହିଁ । ୧୮୩୫ରେ ଲର୍ଡ଼ ବେଣ୍ଟିକ୍‌ଙ୍କ ସମୟରେ ସ୍କୁଲ୍‌ମାନଙ୍କରେ ଇଂରାଜୀ ଶିକ୍ଷା ଦିଆଯିବ ବୋଲି ସ୍ଥିର ହେଲା । ମାତ୍ର ଏହାର ପ୍ରତିଫଳ ଓଡ଼ିଶାରେ ଦୃଷ୍ଟିଗୋଚର ହେଲା ନାହିଁ । ୧୮୩୫ରୁ ୧୮୫୪ (ଉଡ଼୍‌ଙ୍କ ଡେସ୍ପାଚ୍)ମଧ୍ୟରେ ସରକାର କେବଳ ଯତ୍ କିଞ୍ଚିତ୍ ବଙ୍ଗ ପ୍ରଦେଶର ଶିକ୍ଷା ପ୍ରତି ଧ୍ୟାନ ଦେଲେ । ଓଡ଼ିଶା କଥା ତାଙ୍କ ଧ୍ୟାନକୁ ଗଲା ନାହିଁ । ତାଙ୍କ ଧ୍ୟାନ ଆକର୍ଷଣ କରିବାସକାଶେ କେହି ଉଚ୍ଚ ଶିକ୍ଷିତ ଓଡ଼ିଆ ବ୍ୟକ୍ତି ବି ନଥିଲେ । ସମ୍ଭବତଃ ୧୮୩୮ରେ ପ୍ରଥମେ ସରକାରୀ ଉଦ୍ୟମରେ ପୁରୀରେ ଗୋଟାଏ ଇଂରାଜୀ ଏବଂ ଗୋଟାଏ ସଂସ୍କୃତ ସ୍କୁଲ୍ ସ୍ଥାପିତ ହେଲା । ଏହାର ତିନିବର୍ଷ ପରେ ୧୮୪୧ରେ କଟକରେ ଓ ୧୮୫୩ରେ ବାଲେଶ୍ୱରରେ ଜିଲ୍ଲା ସ୍କୁଲ୍ ସ୍ଥାପନ ହେଲା । ଗ୍ରାମୀଣ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପାରମ୍ପରିକ ପଦ୍ଧତିରେ ଚାଲିଥିବା ପାଠଶାଳାରୁ ଉତ୍ତୀର୍ଣ୍ଣ ଛାତ୍ର ଜିଲ୍ଲା ସ୍କୁଲ୍‌ରେ ନାମଲେଖାଇବାର ନିର୍ଦ୍ଦେଶ ରହିଲା । ୧୮୪୫ ଓ ୧୮୪୮ରେ ମାତ୍ର ଦୁଇଟି ଭର୍ଣ୍ଣାକୁଲାର ସ୍କୁଲ୍ ସରକାର ଓଡ଼ିଶାରେ ପ୍ରତିଷ୍ଠା କଲେ । ୧୮୫୪ରେ ଯେତେବେଳେ 'ଉଡ଼୍‌ଙ୍କ ଡେସ୍‌ପାଚ୍' ମାଧ୍ୟମରେ ସରକାର ଗଣ ଶିକ୍ଷାଦାନକୁ ସରକାରୀ ଦାୟିତ୍ୱ ଓ ତା'ପାଇଁ ପ୍ରାଥମିକ ସ୍କୁଲ୍ ସ୍ଥାପନକୁ ନୈତିକ କର୍ତ୍ତବ୍ୟ ବୋଲି କହିଲେ, ସେତେବେଳେ ଓଡ଼ିଶାରେ ପ୍ରାଥମିକ ପାଠପାଇଁ ଆଠଟି ମାତ୍ର ଶିକ୍ଷାନୁଷ୍ଠାନ ରହିଥିଲା । ଏହାର ଚାରି ବର୍ଷ ପରେ ୧୮୫୮ରେ କଟକ ଜିଲ୍ଲାରେ ୧୪ଟି (ଛାତ୍ର ସଂଖ୍ୟାଃ ୪୫୩), ବାଲେଶ୍ୱରରେ ୬ଟି (ଛାତ୍ର ସଂଖ୍ୟାଃ ୧୮୪) ଓ ପୁରୀ ଜିଲ୍ଲାରେ ମାତ୍ର ୯ଟି (ଛାତ୍ର ସଂଖ୍ୟାଃ ୩୪୯) ଶିକ୍ଷାନୁଷ୍ଠାନ ରହିଥିଲା ।

୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ ପରେ ଶିକ୍ଷା ପ୍ରତି ସରକାରଙ୍କ ଧ୍ୟାନ ସାମାନ୍ୟ ବୃଦ୍ଧି ପାଇଲା । ଲୋକେ ଶିକ୍ଷିତ ହୋଇଥିଲେ ସେମାନେ ଅଧସ୍ତନ କର୍ମଚାରୀ ଭାବେ ଚାକିରି କରିଥାନ୍ତେ, ନିଜର ଅଭାବ ଅସୁବିଧାକୁ ଭାଷା ଦେଇ ଅଭିବ୍ୟକ୍ତ କରି ପାରିଥାନ୍ତେ ଏବଂ ଅମାନବୀୟ ସ୍ଥିତିରେ ମଶାମାଛି ଭଳି ଦୁର୍ଭିକ୍ଷରେ ମୃତ୍ୟୁବରଣ କରି ନଥାନ୍ତେ- ଏହା ଓଡ଼ିଶାର ସରକାର ବି ଅନୁଭବ କଲେ । ଦୁର୍ଭିକ୍ଷର ଅବ୍ୟବହିତ ପୂର୍ବରୁ ବଙ୍ଗ ପ୍ରେସିଡେନ୍‌ସି, ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ସ୍କୁଲ୍ ନିରୀକ୍ଷକ ତାଙ୍କ ରିପୋର୍ଟରେ ଲେଖିଥିଲେ, ''ଏକ ସାନ ଜିଲ୍ଲା ହାବଡ଼ାର କ୍ଷେତ୍ରଫଳ ୮୦୦ ବର୍ଗ ମାଇଲ ଓ ଲୋକସଂଖ୍ୟା ୭,୫୦,୦୦୦ । ଅନ୍ୟ ପକ୍ଷରେ ଓଡ଼ିଶାର କ୍ଷେତ୍ରଫଳ ୫୨,୯୯୫ ବର୍ଗ ମାଇଲ୍ ଏବଂ ଲୋକସଂଖ୍ୟା ୪,୫୩୪,୮୧୩ । ମାତ୍ର ହାବଡ଼ା ତୁଳନାରେ ଓଡ଼ିଶାରେ ଶିକ୍ଷାପାଇଁ କମ୍ ବ୍ୟୟବରାଦ ହୁଏ ... ।'' ସେ ଯାହାହେଉ ୧୮୬୭ ବେଳକୁ ସ୍କୁଲ୍ ସଂଖ୍ୟା ବୃଦ୍ଧିପାଇ ମୋଟ ୭୭ ଓ ଛାତ୍ର ସଂଖ୍ୟା ୩୫୩୬ ହେଲା । ଏହା ପରେ ପାଠଶାଳା ଓ ସ୍ଥାନୀୟ ସ୍ତରରେ ସ୍ଥାପିତ ସ୍କୁଲ୍‌ଗୁଡ଼ିକୁ ମଧ୍ୟ ଯତ୍ କିଞ୍ଚିତ୍ ଅନୁଦାନ ଦେଇ ସରକାର ଶିକ୍ଷା ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି ଦାବି କଲେ । ଏହା ଫଳରେ ସ୍କୁଲ୍ ସଂଖ୍ୟା ଆଶାନୁପାତିକ

ଭାବେ ବୃଦ୍ଧିପାଇଲା । ଏହା ସତ୍ତ୍ୱେ ସରକାର ପ୍ରାଥମିକ ଶିକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଉଥିଲେ ବୋଲି କୁହାଯାଇପାରିବ ନାହିଁ ।

ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାର ଓଡ଼ିଶାକୁ ଆଗେଇ ନେଇ ପାରି ନଥିଲେ । ୧୮୮୨ରେ ବଂଗ ଅନ୍ତର୍ଗତ ଓଡ଼ିଶା ଡିଭିଜନରେ ମାତ୍ର ୬ଟି ହାଇସ୍କୁଲ୍ ସ୍ଥାପିତ ହୋଇଥିଲା । ତନ୍ମଧ୍ୟରୁ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ସ୍କୁଲ୍ କେବଳ ସରକାରୀ ପ୍ରତିଷ୍ଠାନ ଥିଲା । ବାକି ତିନୋଟିରୁ କଟକ ୟୁରୋପିଆନ୍ ସ୍କୁଲ୍ ଓ ଲୋକନାଥ ସ୍କୁଲ୍‌କୁ ସରକାର କିଛି ଅନୁଦାନ ମାତ୍ର ଦେଉଥିଲେ ଏବଂ କଟକ ଏକାଡେମୀ ଘରୋଇ ଉଦ୍ୟମରେ ଚାଲିଥିଲା । ମଧ୍ୟ-ଇଂରାଜୀ ସ୍କୁଲ୍‌ର ମୋଟ ସଂଖ୍ୟା ଥିଲା ୨୩ ଓ ଛାତ୍ର ସଂଖ୍ୟା ୧୪୦୦ ପ୍ରାୟ । ସବୁଠାରୁ ବଡ଼ କଥା ହେଉଛି, ଉପକୂଳର ତିନୋଟି ବଡ଼ ସହରକୁ ବାଦ ଦେଲେ, ଅନ୍ୟ ଆଡ଼େ ହାଇସ୍କୁଲ୍ ଶିକ୍ଷାପାଇଁ ଅନୁଷ୍ଠାନ ନଥିଲା । ଓଡ଼ିଶାର ଅଧା ପ୍ରାୟ କ୍ଷେତ୍ର ଥିଲା ଗଡ଼ଜାତ ଅଧୀନରେ, ଯେଉଁଠି ଅନେକ ଦିନ ଯାଏଁ ଗୋଟିଏ ବି ହାଇସ୍କୁଲ୍ ସ୍ଥାପିତ ହୋଇ ନଥିଲା । ସେହିଭଳି ମୋଟ ୨୩ଟି ମଧ୍ୟ ଇଂରାଜୀ ସ୍କୁଲ୍‌ରୁ ୧୯ଟି ଥିଲା ଅନୁଦାନପ୍ରାପ୍ତ ଓ ଚାରୋଟି ଘରୋଇ ସ୍କୁଲ୍ । ୧୮୬୮ରେ ପ୍ରଥମ କରି କଟକ ହାଇସ୍କୁଲ୍‌ରେ ପ୍ରଥମ ବର୍ଷର କଲେଜ ପାଠ ପଢ଼ାହେଲା । ୧୮୬୯ରେ ସେଠାରେ ଆଇନ ଅଧ୍ୟୟନ ମଧ୍ୟ ଆରମ୍ଭ ହେଲା । ୧୮୭୫ରେ କଟକରେ ପ୍ରଥମ କରି ମେଡ଼ିକାଲ ସ୍କୁଲ୍ ସ୍ଥାପନାପାଇଁ ମଞ୍ଜୁରି ମିଳିଲା । ଏସବୁ ଉଦ୍ୟମ ଶିକ୍ଷା କ୍ଷେତ୍ରରେ ଯେ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ, ଏଥିରେ ଦ୍ୱିରୁକ୍ତି ନାହିଁ ।

## ପୋଲିସ୍ ଓ ନ୍ୟାୟିକ ବ୍ୟବସ୍ଥା

ମୋଗଲ ଓ ମରାଠା ଶାସନରେ ଅମିଲ ବିଚାରକ ଓ ପୋଲିସ ଅଧୀକ୍ଷକ ଭାବରେ କାମ କରୁଥିଲେ । ତାଙ୍କ ପାଖରେ ନରହତ୍ୟା ଭଳି ଗୁରୁତର ଅପରାଧର ମଧ୍ୟ ବିଚାର ହୋଇ ପାରୁଥିଲା । ଧର୍ମ ଭଳି ବିଚାର ବେଳେ ଜାତିକୁ ମଧ୍ୟ ମହତ୍ତ୍ୱ ଦିଆଯାଉଥିଲା । ଜମିଦାର ଓ ଅହଦାଦାର ଥିଲେ ଅମିଲ ତଳକୁ ନ୍ୟାୟ ଓ ଶାନ୍ତି ଶୃଙ୍ଖଳା ରକ୍ଷା ଅଧିକାରୀ । ସବା ତଳେ ଥିଲା ପଞ୍ଚାୟତ, ଯାହା ଗ୍ରାମ ତଥା ଜାତି ଓ ଧର୍ମ ଭିତ୍ତିରେ କାର୍ଯ୍ୟ କରୁଥିଲା । ଅର୍ଥାତ୍ ଯଦି ମୁଦେଇ ଓ ମୁଦାଲା ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ହୋଇଥାନ୍ତି, ତେବେ ଜାତି ପଞ୍ଚାୟତରେ ବିଚାର ହେଉଥିଲା । ପଞ୍ଚାୟତପାଇଁ ଉଭୟ ପକ୍ଷ ସଭ୍ୟ ମନୋନୀତ କରୁଥିଲେ । ଅର୍ଥାତ୍ ସେମାନଙ୍କ ନିଷ୍ପତ୍ତି ସ୍ୱୀକାର୍ଯ୍ୟ ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା । । ପଞ୍ଚାୟତର ଏହା ହିଁ ଥିଲା ଏକ ବଡ଼ ଅସ୍ତ୍ର । ନିଷ୍ପତ୍ତିକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ଉଭୟ ପକ୍ଷ ମାନି ନେଉଥିଲେ । ଅନେକ ଫୌଜଦାରି ଓ ଦେୱାନୀ ମାମଲା ପଞ୍ଚାୟତ ସ୍ତରରେ ଫଇସଲା ହୋଇଯାଉଥିଲା । ତୁରନ୍ତ ନ୍ୟାୟ ମଧ୍ୟ ମିଳୁଥିଲା, କାରଣ ତତ୍କାଳୀନ ନ୍ୟାୟିକ ବ୍ୟବସ୍ଥା ସହଜ ଓ ସରଳ ଥିଲା ।

ଶାନ୍ତି ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣପାଇଁ ଥାନା ରହିଥିଲା ଏବଂ ତହିଁରେ ଜଣେ କୋଟଓ୍ୱାଲ୍ ନିଯୁକ୍ତ ଥିଲେ । ତାଙ୍କ ତଳକୁ ଖଣ୍ଡାୟତ, ପାଇକ ଓ ଗ୍ରାମ ଚୌକିଦାର ଆଦି ରହିଥିଲେ । ଆବଶ୍ୟକ ହେଲେ କୋଟଓ୍ୱାଲ୍ ଭୂ-ରାଜସ୍ୱ ଆଦାୟ ବେଳେ ସହଯୋଗ କରୁଥିଲେ ।

ଇଂରେଜ ସମୟରେ ମରାଠାକାଳୀନ ଥାନା ବ୍ୟବସ୍ଥା ଅବ୍ୟାହତ ରହିଲା । ଥାନା ଅଧିକାରୀଙ୍କୁ ଦାରୋଗା କୁହାଗଲା । ଦାରୋଗାଙ୍କ ତଳକୁ ଖଣ୍ଡାୟତ ଓ ପାଇକମାନେ ରହିଲେ । ଗାଁ ଚୌକିଦାରମାନେ ମଧ୍ୟ ଥାନା ବ୍ୟବସ୍ଥାରେ କିଛି ଜାଗିର ଜମି ପାଇ ଦାରୋଗାଙ୍କୁ ସାହାଯ୍ୟ କଲେ ।

ଗଡ଼ଜାତ ମହଲରେ ଜଣେ ଅଧୀକ୍ଷକ ବା ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ତାଙ୍କ ହାତରେ ଉଭୟ ଦେଓ୍ୱାନୀ ଓ ଫୌଜଦାରି ଅଧିକାର ରହିଥିଲା । ଯେତେବେଳେ ଗଡ଼ଜାତ ରାଜାମାନେ ନିଜେ ଶାନ୍ତି ଶୃଙ୍ଖଳା ରକ୍ଷାନିମନ୍ତେ ବାଧକ ହେଲେ ଏବଂ ଇଂରେଜ ସୁରକ୍ଷା ପାଇ ନିର୍ଦ୍ଦୟ ଭାବରେ ନରହତ୍ୟା କରିବାକୁ ମଧ୍ୟ ପଛାଇଲେ ନାହିଁ, ସରକାର ଅଧୀକ୍ଷକ ପଦ ସୃଷ୍ଟି କଲେ । ମାତ୍ର ଅଧିକାଂଶ କ୍ଷେତ୍ରରେ ଗଡ଼ଜାତ ରାଜାମାନେ ଇଂରେଜ ଅଧୀକ୍ଷକଙ୍କ ସହ ମିଳାମିଶା କରି ଇଂରେଜ ବ୍ୟବସ୍ଥାକୁ ନିଜ ସପକ୍ଷରେ ବ୍ୟବହାର କଲେ ।

୧୮୦୬ରେ ମୋଗଲବନ୍ଦି ଓଡ଼ିଶାରେ ୧୬ଟି ଥାନା ରହିଥିଲା । ସେଗୁଡ଼ିକ ହେଲା: ବସ୍ତା, ବାଲେଶ୍ୱର, ସୋରୋ, ଭଦ୍ରକ, ଯାଜପୁର, ଅରକପୁର, ଅସୁରେଶ୍ୱର, ମୋଟୁ, କଟକ, ପିପିଲି, ଗୋପ, ତିରଣ, ହରିହରପୁର, ପ୍ରହରାଜପୁର ଓ ଖୋର୍ଦ୍ଧା । ପରେ ବାଲେଶ୍ୱରର ଚୁରାମନ ଓ ଖୋର୍ଦ୍ଧାର ବାଣପୁରରେ ଥାନା ପ୍ରତିଷ୍ଠିତ ହେଲା ।

ଥାନାର ସର୍ବୋଚ୍ଚ ଅଧିକାରୀ ଦାରୋଗା ହେଲାବେଳେ ସବୁଠାରୁ ତଳେ ରହିଥିଲେ ବରକନ୍ଦାଜ (ସିପାହୀ)ମାନେ । ଗୋଟିଏ ଥାନାରେ ଦାରୋଗାଙ୍କ ବ୍ୟତୀତ ପ୍ରାୟ ଦଶ ଜଣ ବରକନ୍ଦାଜ, ଜଣେ ମୋହରିର ଓ ଜଣେ ଜମାଦାର ରହୁଥିଲେ । ୧୮୧୬ରେ ଦାରୋଗାଙ୍କ ମାସିକ ଦରମା ଥିଲା ୨୫ଟଙ୍କା ଓ ବରକନ୍ଦାଜଙ୍କ ଦରମା ଥିଲା କେବଳ ଚାରିଟଙ୍କା । ଦାରୋଗା ପାଖରେ ପ୍ରଭୂତ କ୍ଷମତା ରହୁଥିଲା । ତାଙ୍କ ଉପରେ ଥିବା ସଂଯୁକ୍ତ ମାଜିଷ୍ଟ୍ରେଟ୍ ଥରେ ୧୮୧୫ରେ ବାଲେଶ୍ୱରର ଦାରୋଗାଙ୍କୁ ଉତ୍କୋଚ ନେବା ଅପରାଧରେ ବରଖାସ୍ତ କରିବାକୁ ଯାଇ ଉଚ୍ଚ ଅଧିକାରୀଙ୍କ ପାଖରୁ ଭର୍ତ୍ସନା ଶୁଣିଥିଲେ । ମୋଟ ଉପରେ କହିଲେ, ଲୋକଙ୍କୁ ପାଟି ଖୋଲିବାକୁ ଦେଉ ନଥିବାଯୋଗୁଁ ଦାରୋଗାଙ୍କର ସରକାରୀ ସ୍ତରରେ ଖୁବ୍ ଗୁରୁତ୍ୱ ରହିଥିଲା । ପୋଲିସ ଦାରୋଗା ଉଭୟ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ହଇରାଣ କରୁଥିବାରୁ ଲୋକ ପୋଲିସ୍ ପାଖକୁ ଯିବାକୁ ମଧ୍ୟ ସାହସ କରୁ ନଥିଲେ । ଇଂରେଜ ଅଧିକାରୀ ଜି.ଟୟନବୀ, ଯିଏ ଗଡ଼ଜାତ ମହଲ ଅଧୀକ୍ଷକ ଥିଲେ ଏବଂ ୧୮୦୩ରୁ ୧୮୨୮ ମଧ୍ୟରେ ଘଟିତ ଓଡ଼ିଶା ଇତିହାସକୁ ଲିପିବଦ୍ଧ କରିଥିଲେ; ତାଙ୍କ ମତରେ, ''ଫୌଜଦାରି କେଶ୍‌ଟିଏ ଆସିଲା ମାନେ ଦାରୋଗାର ଆୟ ବୃଦ୍ଧି ପାଇଲା । ଦୌରାରେ ଗଲାବେଳେ ସେ ସ୍ଥାନୀୟ ଲୋକଙ୍କ ଖର୍ଚ୍ଚରେ ଭୋଜନ କରୁଥିଲେ, ରୟତମାନେ ତାଙ୍କର ଜିନିଷପତ୍ର ବୋହୁଥିଲେ ଏବଂ ଗ୍ରାମବାସୀଙ୍କଠାରୁ ବାଧ୍ୟକରି ଭାରି ମାତ୍ରାରେ ମାଗଣା ରସଦ ମଧ୍ୟ ସଂଗ୍ରହ କରୁଥିଲେ । ସିପାହୀ, ଅମଲା ଓ ଅନ୍ୟାନ୍ୟ ଅଧସ୍ତନ କର୍ମଚାରୀ

ମଧ୍ୟ ଏହି ନିୟମରେ ଚଳୁଥିଲେ । ରାସ୍ତାକଡ଼ର ଗାଁକୁ ଗାଁ ଲୋକେ ଛାଡ଼ି ଚାଲି ଯାଉଥିବା ପଛରେ ଏହା ହିଁ ଥିଲା ପ୍ରମୁଖ କାରଣ ।''

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ପୋଲିସ୍ ନଜରକୁ ଆସିଥିବା କେତୋଟି ସତୀ ଦାହ ଘଟଣା ଟୟନବୀ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ୧୮୧୨ରେ କନିକା ରାଜାଙ୍କ ମୃତ୍ୟୁ ପରେ ଏକା ସାଙ୍ଗରେ ତାଙ୍କର ୯ ଜଣ ବିଧବା ରାଣୀ ସତୀ ହୋଇଥିଲେ । ୧୮୧୫ରେ ମୋଟ ୮ଜଣ, ୧୮୧୬ରେ ୯ଜଣ, ୧୮୧୭ ଓ ୧୮୧୮ରେ ୧୪ ଜଣ ଲେଖାଏ ସତୀ ଦାହ ହୋଇଥିବାର ପୋଲିସ ଦାରୋଗାଙ୍କ ରିପୋର୍ଟରେ ଉଲ୍ଲେଖ ରହିଥିଲା ।

୧୮୨୫, ୧୮୨୬ ଓ ୧୮୨୭ରେ ଯଥାକ୍ରମେ ମୋଗଲବନ୍ଦି ଓଡ଼ିଶାର ମୋଟ ୧୬୬୯, ୧୯୨୫ ଓ ୧୬୪୮ଟି ଚୋରି ଓ ରାହାଜାନି ଘଟଣା ଥାନାରେ ରିପୋର୍ଟ ହୋଇଥିଲା । ତନ୍ମଧ୍ୟରୁ ଯଥାକ୍ରମେ ୩.୫୫, ୭.୧୩ ଏବଂ ୧୩.୦୨ ପ୍ରତିଶତ ଘଟଣାରେ ଦୋଷୀଙ୍କୁ ଦଣ୍ଡ ମିଳିଥିଲା । ବାକି ସବୁ ଘଟଣାରେ ନ୍ୟାୟ ମିଳି ନଥିଲା । ଏହି କାରଣରୁ ମଧ୍ୟ ଲୋକ ଚୋରି ବା ରାହାଜାନି ଘଟଣା ପୋଲିସ୍ ଦାରୋଗାଙ୍କ ନଜରକୁ ଆଣୁ ନଥିଲେ । ଏହି ସୂତ୍ରରେ କୁହାଯାଇପାରେ ଯେ, ମରାଠା ସମୟକୁ ଅରାଜକ ମୂଳକ କୁହାଯାଉଥିଲେ ସୁଦ୍ଧା, ଇଂରେଜ ରାଜତ୍ୱରେ ଓଡ଼ିଶା କମ୍ ଅରାଜକତାପୂର୍ଣ୍ଣ ନଥିଲା । ସମାଜରେ ଚୋର ଓ ଡକାୟତ ତ ଥିଲେ, କିନ୍ତୁ ଲୋକଙ୍କ ଦୃଷ୍ଟିରେ ପୋଲିସ ମଧ୍ୟ କୌଣସି ଚୋର-ଡକାୟତ ଅପେକ୍ଷା କମ୍ ଉପଦ୍ରବୀ ନଥିଲା ।

ସେତେବେଳେ (ଊନବିଂଶ ଶତାବ୍ଦୀର ଆରମ୍ଭରେ) ଓଡ଼ିଶାର ତିନୋଟି ପ୍ରମୁଖ ସହର ହେଲା କଟକ, ପୁରୀ ଓ ବାଲେଶ୍ୱର । ୧୮୦୮ରୁ ୧୮୧୩ରେ ଏହି ସହରରେ ଲାଗି ରହିଥିବା ଚୋରି-ଡକାୟତି ପଛରେ ମୁଖ୍ୟ କାରପଟଦାର୍ ଥିଲେ ରାତି ଜଗୁଆଳି ଭାବେ କାମ କରୁଥିବା ସିପାହୀମାନେ । ଯଦି ଦାରୋଗା ଏଭଳି କୌଣସି ଉପଦ୍ରବୀ ସିପାହୀକୁ ଗିରଫ କରନ୍ତି, ଗିରଫ ସିପାହୀଙ୍କ ସହଯୋଗୀମାନେ ଆସି ଦାରୋଗାଙ୍କ ସହ ମାଡ଼ଗୋଳ କରୁଥିଲେ । ଫଳରେ ସହରରେ ଦାରୋଗାଙ୍କୁ ଆକ୍ରମଣରୁ ରକ୍ଷା କରିବା ସକାଶେ ନୂଆ ଜଗୁଆଳି ସିପାହୀର ଆବଶ୍ୟକତା ପଡ଼ୁଥିଲା । ଏହା ୧୮୨୧ ପର୍ଯ୍ୟନ୍ତ ଚାଲିଥିଲା ବୋଲି ଟୟନବୀ ଉଲ୍ଲେଖ କରିଛନ୍ତି ।

କଟକରେ ଅବସ୍ଥାପିତ ଜିଲ୍ଲା ଜଜ୍ ଥିଲେ ସମଗ୍ର ଓଡ଼ିଶାର ସର୍ବୋଚ୍ଚ ନ୍ୟାୟ ଅଧିକାରୀ । ତାଙ୍କ ତଳେ ରହିଥିବା ସଦର ଅମିନ ଓ ମୁନିସିଫ୍ ନିଜ ନିଜ କଚେରିରେ କାର୍ଯ୍ୟ ପରିଚାଳନା କରୁଥିଲେ । ମୋଗଲବନ୍ଦିରେ ମୋଟ ୫ଟି ମୁନସିଫ୍ କୋର୍ଟ୍ ଥିଲା । ସେଗୁଡ଼ିକ କଟକ, ବାଲେଶ୍ୱର, ପୁରୀ, କେନ୍ଦ୍ରାପଡ଼ା ଓ ଧାମନଗରରେ ଅବସ୍ଥିତ ଥିଲା । ଶୁଣାଣି ବେଳେ ବିଚାରକମାନେ ସରକାରୀ ଆଇନ, ହିନ୍ଦୁ ଓ ମୁସଲିମ୍ ଆଇନକୁ ଦୃଷ୍ଟିରେ ରଖି ବିଚାର କରୁଥିଲେ ।

୧୮୨୮ରେ ଟୟନବୀ ଓଡ଼ିଶାର ଦାରିଦ୍ର୍ୟକୁ ବର୍ଣ୍ଣନାକରି ଲେଖିଛନ୍ତି, ''ଏଠାରେ(ଓଡ଼ିଶାରେ) ରୟତ ଚାଷୀମାନେ ଅତ୍ୟନ୍ତ ଦରିଦ୍ର; ସେମାନଙ୍କୁ ନିଜ ବାସଭୂମିରେ ବିକା କିଣା କରାଯାଏ । ପ୍ରାୟତଃ ସେମାନେ ଦାସ ସ୍ଥିତିରେ ।'' ଓଡ଼ିଶାର ସାଧାରଣ ବ୍ୟକ୍ତିର ଭୋଜନ ସଂପର୍କରେ ସେ ଲେଖିଛନ୍ତି, ''ସେମାନଙ୍କ ମୁଖ୍ୟ ଭୋଜନରେ ଭାତ ସହିତ ଜଙ୍ଗଲରୁ

ପ୍ରାପ୍ତ କିଛି ଶାଗ ଓ ଲୁଣ ବ୍ୟତୀତ ଅନ୍ୟ କିଛି ନଥାଏ ।'' ରୟତ ଚାଷୀ ଉପରେ ଜମିଦାରର ଅତ୍ୟାଚାରକୁ ବର୍ଣ୍ଣନା କରି ସେ କହିଛନ୍ତି, ''ଜମିଦାର ଲାଗୁ କରୁଥିବା ଅଧିକାଂଶ ଦାବି (କର) ଅଯୌକ୍ତିକ। ନିଜ ପିଅନମାନଙ୍କୁ ଧରି ସେ (ଜମିଦାର) ରୟତ ପାଖରୁ ଦେୟ ଅସୁଲ କରନ୍ତି । ଜଣେ ବି ଜମିଦାର ତା' ରୟତ ହାତରେ ଜମିର ପଟ୍ଟା ଦିଏ ନାହିଁ । ରୟତ ଋଣଭାରରେ ଅତିଶୟ ଆକ୍ରାନ୍ତ । ସେ ଉଭୟ ଜମିମାଲିକ ଓ ଗାଁ ମହାଜନଠାରୁ ଖୁବ୍ ଋଣ କରିଥାଏ ।'' ନିଷ୍କର ଜମି ଭୋଗ କରୁଥିବା ସାମାଜିକ ବର୍ଗକୁ ବାଦ୍ ଦେଲେ ଓଡ଼ିଶାର କେହି ଚାଷୀ ଜମିର ଉନ୍ନତିପାଇଁ ପୁଞ୍ଜି ଲଗାଇ ପାରିବା ସ୍ଥିତିରେ ନଥିଲେ । ଏଥିରୁ ମନେହୁଏ ଯେ, ମରାଠାମାନଙ୍କ ଶାସନ ତୁଳନାରେ ଇଂରେଜ ଶାସନ ସମୟରେ ପ୍ରଜା କମ୍ ଦାରିଦ୍ର୍ୟର ସମ୍ମୁଖୀନ ହୋଇ ନଥିଲେ; କର ଭାର ଊଣା ନଥିଲା । ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷରେ ଯେତେବେଳେ ଦଶ ଲକ୍ଷରୁ ଅଧିକ ଲୋକଙ୍କର ଅନାହାରରେ ପ୍ରାଣଗଲା, ତହିଁରୁ ଇଂରେଜ ରାଜତ୍ୱରେ ଚାଷୀର ଆର୍ଥିକ ସ୍ଥିତିକୁ ଅନୁମାନ କରି ହୁଏ । ଏହି ଦାରିଦ୍ର୍ୟ ପଛରେ ପ୍ରମୁଖ କାରଣ ହେଉଛି, କଠୋର ନିୟମରେ ସଂଗୃହୀତ ମାଲଗୁଜାରୀ । ଅନ୍ୟଥା ନିଷ୍କର ଜମି ଉପଭୋଗ କରୁଥିବା ବର୍ଗଙ୍କ ବ୍ୟତୀତ ଅନ୍ୟମାନେ ବି ଜମିରେ ପୁଞ୍ଜି ଲଗାଇବାପାଇଁ ଆର୍ଥିକ ଦୃଷ୍ଟିରୁ କ'ଣ ସମ୍ପନ୍ନ ହୁଅନ୍ତେ ନାହିଁ ?

■ ■ ■

# ଔପନିବେଶିକ ଶାସନ ବିରୋଧରେ ଅସନ୍ତୋଷ ଓ ବିଦ୍ରୋହ

ଇଂରେଜମାନେ ଓଡ଼ିଶା ଦଖଲ କଲା ପରେ ଯେଉଁ ନୂତନ ପ୍ରାଶାସନିକ ବ୍ୟବସ୍ଥା ପ୍ରଚଳନ କଲେ, ତାହା ଖୁବ୍ ଶୀଘ୍ର ଲୋକଙ୍କୁ ଇଂରେଜ ବିରୋଧୀ କରିଦେଲା । ଖଜଣା ଆଦାୟ ଲାଗି କଠୋର ନୀତି ଗ୍ରହଣ କରାଯିବାରୁ ପ୍ରଜା ଉଚିତ ସମୟରେ ଖଜଣା ଦେବାପାଇଁ ଅତିରିକ୍ତ ସୁଧରେ ଋଣ କଲା; ଏଥିପାଇଁ ତାକୁ ଜମିଦାର ବା ସାହୁକାରଠାରେ ଜମି ବନ୍ଧା ଦେବାକୁ ପଡ଼ିଲା । ମାତ୍ର ଋଣ ପରିଶୋଧ କରି ନ ପାରବାରୁ ତାକୁ ଜମି ହରାଇବାକୁ ପଡିଲା । ଜମିଦାରମାନେ ମଧ୍ୟ ଉଚିତ ସମୟରେ ଭୂ-ରାଜସ୍ୱ ଜମା କରି ନ ପାରି ଜମିଦାରୀ ହରାଇଲେ । ଔପନିବେଶିକ ଆର୍ଥିକ ଶୋଷଣଯୋଗୁଁ ବିଭିନ୍ନ ହସ୍ତଶିଳ୍ପରେ ଆଶ୍ରିତବର୍ଗ କୃଷି ଉପରେ ନିର୍ଭର କରିବାକୁ ବାଧ୍ୟ ହେଲେ । ନୂତନ କୋର୍ଟ କଚେରି ଆସିବା ପରେ ସାହୁକାର ଓ ମହାଜନଙ୍କୁ ବାଦ୍ ଦେଇ ସବୁ ବର୍ଗର ଲୋକ ହଇରାଣ ହେଲେ । ଇଂରେଜ ଔପନିବେଶିକ ଶାସନ ବ୍ୟବସ୍ଥାର ଜଟିଳତା ଓ କଠୋରତା ଲୋକଙ୍କୁ କ୍ଷୁବ୍ଧ କଲା । ଫଳରେ, ସ୍ଥାନୀୟ ରାଜା ଓ ଜମିଦାର ବର୍ଗର ନେତୃତ୍ୱରେ ଲୋକ ଇଂରେଜମାନଙ୍କ ବିରୋଧରେ ସ୍ୱତଃସ୍ଫୂର୍ତ୍ତ ଭାବେ ବିଦ୍ରୋହ ଆରମ୍ଭ କଲେ । ଇଂରେଜଙ୍କ ଶକ୍ତି ସଂପର୍କରେ ସେମାନଙ୍କର ସଠିକ୍ ଧାରଣା ନଥିଲା । ତେଣୁ ବିଦ୍ରୋହପାଇଁ ବିଶେଷ ଯୋଜନା ଓ ସଂଗଠନ ନ କରି ସେମାନେ ଯୁଦ୍ଧ ଆରମ୍ଭ କଲେ । ତେଣୁ ଅଶେଷ ଦମନର ଶିକାର ହେଲେ ଓ ନିର୍ଯ୍ୟାତନା ଭୋଗିଲେ । ବିଭିନ୍ନ ସ୍ଥାନରେ ଏକା ସମୟରେ ଅନେକଗୁଡ଼ିଏ ବିଦ୍ରୋହ ଆରମ୍ଭ ହୋଇଥିଲେ ସୁଦ୍ଧା ସେଗୁଡିକ ମଧ୍ୟରେ ସମନ୍ୱୟ ନ ଥିଲା । ଏଭଳି ଅନେକ ବିଦ୍ରୋହ ସେତେବେଳେ ଦେଖିବାକୁ ମିଳିଥିଲା ।

## ଦକ୍ଷିଣ ଓଡ଼ିଶା

ବଙ୍ଗରେ ମିଶିଥିବା ଓଡ଼ିଶା ଡିଭିଜନ ବା କଟକ, ପୁରୀ, ବାଲେଶ୍ୱର ଅଞ୍ଚଳକୁ ଇଂରେଜମାନେ ଦଖଲ କରିବା ପୂର୍ବରୁ ମାଡ୍ରାସ୍ ପ୍ରେସିଡେନ୍‌ସି ଅନ୍ତର୍ଗତ ଗଞ୍ଜାମ ଏଜେନ୍‌ସିକୁ ଅଷ୍ଟାଦଶ ଶତକର ସପ୍ତମ ଦଶକ(୧୭୭୦) ବେଳକୁ ଦଖଲ କରି ସାରିଥିଲେ । ତେଣୁ ପ୍ରଥମେ ଦକ୍ଷିଣ ଓଡ଼ିଶାରେ ଇଂରେଜବିରୋଧୀ ବିଦ୍ରୋହ ଆରମ୍ଭ ହେଲା । ଏଥିରେ ସ୍ଥାନୀୟ ରାଜା, ଜମିଦାର, ପାଇକ ଓ ସର୍ଦ୍ଦାର (ଯଥା : ବିଶୋୟୀ, ଦୋରା ଓ ଦୋରତ୍ନମ୍) ଆଦି ବିଶେଷ ଭାବେ ନେତୃତ୍ୱ ଗ୍ରହଣ କରିଥିଲେ ।

**ପାରଳାଖେମୁଣ୍ଡି:** ୧୭୬୭-୬୮ରେ ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ ତାଙ୍କ ରାଜ୍ୟରୁ ଇଂରେଜମାନଙ୍କୁ ହଟାଇବାକୁ ଉଦ୍ୟମ କଲେ । ଏଥିପାଇଁ ସେ କଟକସ୍ଥିତ ମରହଟ୍ଟା ସରକାରଠାରୁ ସହଯୋଗ କାମନା କରି ବିଫଳ ହେବାରୁ ପଡ଼ୋଶୀ ବିଜୟନଗରମ୍ ଓ ବଡ଼ଖେମୁଣ୍ଡିର ରାଜାଙ୍କ ସାହାଯ୍ୟ ନେଇ ଯୁଦ୍ଧ କରିଥିଲେ । ସ୍ଥାନୀୟ ଜମିଦାରମାନଙ୍କଠାରୁ ମଧ୍ୟ ତାଙ୍କୁ ସହଯୋଗ ମିଳିଥିଲା । ବଙ୍ଗ ଓ ମାଡ୍ରାସ୍ ମଧ୍ୟରେ ଇଂରେଜମାନଙ୍କ ଡାକ ବ୍ୟବସ୍ଥାକୁ ବ୍ୟାହତ କରି ସେ ବିଦ୍ରୋହ ଆରମ୍ଭ କରିଥିଲେ । ୧୭୬୮ରେ କର୍ଣ୍ଣେଲ୍ ପିଚ୍‌ଙ୍କ ନେତୃତ୍ୱରେ ଇଂରେଜ ସେନା ନାରାୟଣ ଦେବଙ୍କୁ ଜେଲମୁରଠାରେ ପରାସ୍ତ କଲେ । ଏହା ପରେ ରାଜା ଗାଦିଚ୍ୟୁତ ହେଲେ । ମାତ୍ର ରାଜ୍ୟରେ ତାଙ୍କ ପ୍ରଭାବ ଅବ୍ୟାହତ ରହିଲା । ନିଜ ସମର୍ଥକମାନଙ୍କ ସହଯୋଗରେ ନାରାୟଣ ଦେବ ପାରଳାଖେମୁଣ୍ଡିରେ ଇଂରେଜମାନଙ୍କୁ ଖଜଣା ଆଦାୟ କରିବାକୁ ଦେଲେନାହିଁ । ଶେଷରେ ୧୭୭୦ରେ ତାଙ୍କର ମୃତ୍ୟୁ ପରେ ଗଜପତି ଦେବଙ୍କୁ (ନାରାୟଣ ଦେବଙ୍କ ପୁତ୍ର) ଇଂରେଜମାନେ ରାଜ୍ୟର ରାଜା ଭାବରେ ସ୍ୱୀକୃତି ଦେଲେ ।

ଗଜପତି ଦେବ ନିଜକୁ ସ୍ୱାଧୀନ ମନେ କରୁଥିଲେ । ମାତ୍ର ଇଂରେଜମାନେ ରାଜ୍ୟରେ ହସ୍ତକ୍ଷେପ କରିବା ଫଳରେ ଉଭୟଙ୍କ ମଧ୍ୟରେ ସମ୍ବନ୍ଧ ତିକ୍ତ ହେଲା । ୧୭୭୪ରେ ଗଜପତି ଦେବଙ୍କୁ ବନ୍ଦୀ କରି ବିଶାଖାପାଟନାରେ ରଖାଗଲା । ଏହାର ପ୍ରତିକ୍ରିୟା ସ୍ୱରୂପ ଆଦିବାସୀ ସର୍ଦ୍ଦାର ବିଶୋୟୀ ଓ ଦୋରାମାନେ ବିଦ୍ରୋହ କଲେ । ୧୭୮୦ ବେଳକୁ ବିଦ୍ରୋହ ବୃଦ୍ଧି ପାଇବାରୁ ୧୭୮୧ରେ ଇଂରେଜମାନେ ଗଜପତି ଦେବଙ୍କୁ ମୁକ୍ତ କରି ରାଜପଦ ଦେବାକୁ ବାଧ୍ୟ ହେଲେ । ଏହା ପରେ ୧୭୯୯ରେ ପୁଣି ବିଦ୍ରୋହ ହେବାରୁ ଗଜପତି ଦେବ ଏବଂ ତାଙ୍କ ପୁତ୍ରଙ୍କୁ ବନ୍ଦୀ କରି ମସୁଲିପଟନମ୍‌ରେ ରଖାଗଲା ।

ଇଂରେଜ ଶାସନର ଏକ କ୍ରୂର ପରିଣାମ ଭାବରେ ପାରଳାଖେମୁଣ୍ଡିର ଦୁର୍ଭିକ୍ଷକୁ ଦେଖାଯାଇପାରେ । ଇଂରେଜମାନେ କଠୋର ଭାବେ ଖଜଣା ଆଦାୟ କରିବାରୁ ପ୍ରଜାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲା । ଫଳରେ ଅନାବୃଷ୍ଟି, ଦୁର୍ଭିକ୍ଷ ଓ ଅନାହାର ମୃତ୍ୟୁର ରୂପ ନେଲା । ବାଧ୍ୟ ହୋଇ ଲୋକେ ପାରଳାଖେମୁଣ୍ଡିରୁ ଜୟପୁର ଓ କଳାହାଣ୍ଡି ଆଦି ରାଜ୍ୟକୁ ପଳାଇ ଗଲେ । ତିନି

ବର୍ଷ ଧରି କ୍ରମାଗତ  ଦୁର୍ଭିକ୍ଷ ପଡ଼ିବାଯୋଗୁଁ ପାରଳାଖେମୁଣ୍ଡିର ପ୍ରଜା କେବଳ ନିଃସ୍ୱ ହେଲେ ନାହିଁ,  ଇଂରେଜଙ୍କ ବିରୋଧରେ ବିଦ୍ରୋହ  କରିବାକୁ ମଧ୍ୟ ଶକ୍ତି ହରାଇଲେ । ଅନ୍ୟ ଶବ୍ଦରେ କହିଲେ  ସାମୟିକ ଭାବେ ପାରଳାଖେମୁଣ୍ଡିରେ ବିଦ୍ରୋହ ପ୍ରଶମିତ ହେଲା ।

୧୮୩୦ରେ ପୁଣି ଥରେ ପାରଳାଖେମୁଣ୍ଡିରେ ବିଦ୍ରୋହ ଦେଖାଦେଲା । ଏଥର ଜମିଦାରୀର ମେନେଜର ପଦ୍ମନାଭ ଦେବଙ୍କ ଉପରେ ବିଦ୍ରୋହୀମାନେ ଲକ୍ଷ୍ୟ ରଖିଥିଲେ । ଅତ୍ୟାଚାରୀ ପଦ୍ମନାଭ ଦେବଙ୍କ ବାସଗୃହ ଓ ଅନ୍ୟାନ୍ୟ କେତେକ ଜମିଦାରୀ କଚେରି ଗୃହକୁ ସେମାନେ ପୋଡ଼ିଦେଲେ । ୧୮୩୨ରେ ମାଡ୍ରାସ୍ ସରକାର ଜର୍ଜ ଏଡ୍‌ୱାଡ୍ ରସେଲ୍‌ଙ୍କୁ (Edward Russel)ବିଦ୍ରୋହ ଦମନପାଇଁ ପଠାଇଲେ । ରସେଲ ସାହେବ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିବା ପ୍ରକ୍ରିୟାରେ କେତେ ଜଣ ବିଦ୍ରୋହୀ ବିଶୋୟୀଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କଲେ । ଶେଷରେ ସାମୟିକ ଭାବେ ପାରଳାଖେମୁଣ୍ଡିରେ ବିଦ୍ରୋହ ଅବଦମିତ ହେଲା; ଆଇନ ଶୃଙ୍ଖଳା ବ୍ୟବସ୍ଥା ପୁନଃସ୍ଥାପିତ ହେଲା ।

୧୮୫୬-୫୭ରେ ସିପାହୀ ଗଣବିଦ୍ରୋହ ସହ ତାଳ ଦେଇ ପାରଳାଖେମୁଣ୍ଡିରେ ପୁଣି ଥରେ ବିଦ୍ରୋହ ହେଲା । ଶବରମାନଙ୍କ ଏହି ବିଦ୍ରୋହର ନେତା ଥିଲେ ରାଧାକୃଷ୍ଣ ଦଣ୍ଡସେନା । ଶବରମାନେ ସମତଳ ଅଞ୍ଚଳର ଲୋକଙ୍କୁ ଶତ୍ରୁ ମନେକରି ଅନେକ ଘର ପୋଡ଼ିଦେଲେ  ଏବଂ ଲୁଟ୍‌ତରାଜ କଲେ । ବିଦ୍ରୋହ ଦମନପାଇଁ କେପ୍‌ଟେନ୍ ଉଇଲ୍‌ସନ୍ (Captain Wilson)ଅନେକ ଶବର ଗ୍ରାମ ପୋଡ଼ିଦେଲେ ଏବଂ ସେମାନଙ୍କ ଫସଲ ନଷ୍ଟ କଲେ । ଶେଷରେ ବିଦ୍ରୋହୀ ନେତା ରାଧାକୃଷ୍ଣ ଦଣ୍ଡସେନା ଓ ଅନ୍ୟ କେତେକ ବିଦ୍ରୋହୀ ଧରା ପଡ଼ିଲେ । ସେମାନଙ୍କୁ ପ୍ରାଣଦଣ୍ଡ ଦିଆଗଲା ।

**ଘୁମୁସରः** ପାରଳାଖେମୁଣ୍ଡି ପରି ଦକ୍ଷିଣ ଓଡ଼ିଶାର ଘୁମୁସରରେ କନ୍ଧମାନେ ଦୀର୍ଘ କାଳ ଧରି ବିଦ୍ରୋହ କରିଥିଲେ । ସ୍ଥାନୀୟ ରାଜା ଧନଞ୍ଜୟ ଭଞ୍ଜଙ୍କୁ ଇଂରେଜମାନେ ଗାଦିଚ୍ୟୁତ କରିବା ପରେ ୧୮୩୫ରେ ବିଦ୍ରୋହ ଆରମ୍ଭ ହେଲା । ପୂର୍ବରୁ ଧନଞ୍ଜୟ ଭଞ୍ଜଙ୍କ ପିତା ଶ୍ରୀକର ଭଞ୍ଜ ଧାର୍ଯ୍ୟମତେ ରାଜସ୍ୱ ଜମା କରି ନ ପାରିବାରୁ ଗାଦିଚ୍ୟୁତ ହୋଇଥିଲେ । ମାତ୍ର ଧନଞ୍ଜୟ ନିୟମିତ ରାଜସ୍ୱ ଜମା କରିବାକୁ ପ୍ରତିଶ୍ରୁତି ଦେବାରୁ ତାଙ୍କୁ ୧୮୩୨ରେ ରାଜପଦ ଦିଆଗଲା । କିନ୍ତୁ ସେ ସମୟାନୁସାରେ ଏବଂ ଧାର୍ଯ୍ୟ ମତେ ରାଜସ୍ୱ ଜମା କରିବାରେ ବିଫଳ ହେଲେ । ଫଳରେ ତାଙ୍କୁ ୧୮୩୫ରେ ଗାଦିଚ୍ୟୁତ କରାଗଲା । ଏହା ପରେ ସାର୍ ହେନେରି ଟେଲର (Sir Henry Taylor)ଙ୍କ ନେତୃତ୍ୱରେ ଏକ ଇଂରେଜ ବାହିନୀ ଘୁମୁସର ଦଖଲ କଲେ । ଧନଞ୍ଜୟ ଜଙ୍ଗଲକୁ ପଳାଇଲେ ଏବଂ କନ୍ଧମାନଙ୍କ ସାହାଯ୍ୟ ଭିକ୍ଷା କଲେ । ଆରମ୍ଭ ହେଲା କନ୍ଧ ବିଦ୍ରୋହ ।

କନ୍ଧ ସର୍ଦ୍ଦାର ବା ବିଶୋୟୀ କମଳଲୋଚନ ଥିଲେ ଏହି ବିଦ୍ରୋହର ମୁଖ୍ୟ ନେତା । ସେ ଥିଲେ ଦୋରା ବିଶୋୟୀ ବା ମୁଖ୍ୟ ସର୍ଦ୍ଦାର । ଇଂରେଜମାନଙ୍କ କଠୋର ରାଜସ୍ୱ ନୀତି ଓ ଜଙ୍ଗଲ ନୀତିଯୋଗୁଁ କନ୍ଧମାନେ ସେମାନଙ୍କ ପାରମ୍ପରିକ ଅଧିକାର ହରାଇଥିଲେ । କନ୍ଧମାନଙ୍କ ମଧ୍ୟରେ ମେରିଆ ପ୍ରଥା ବା ନରବଳି ପ୍ରଥା ରହିଥିଲା । ଧରଣୀ ପେନୁ ବା ଧରଣୀ ମାତାଠାରୁ ମିଳୁଥିବା

ଶସ୍ୟର ପ୍ରତିଦାନରେ ବଳି ଦେବାର ପ୍ରଥା ରହିଥିଲା । ମୁଖ୍ୟତଃ ଘୁମୁସର, କନ୍ଧମାଳ, ଫୁଲବାଣୀ ଆଦି ଅଞ୍ଚଳରେ ରହୁଥିବା କନ୍ଧମାନେ ଏହା ପାଳନ କରୁଥିଲେ । ବିଶେଷତଃ ନିଜ ସଂପ୍ରଦାୟ ବାହାରୁ କାହାକୁ ବଳିପାଇଁ ଠିକଣା କରାଯାଉଥିଲା । ଏହି ପ୍ରଥାକୁ ଉଚ୍ଛେଦ କରିବାପାଇଁ ଦକ୍ଷିଣ ଓଡ଼ିଶାରେ ନିଯୁକ୍ତ ରସେଲ୍ ସାହେବ କଡ଼ାକଡ଼ି ନିୟମ ପ୍ରବର୍ତ୍ତନ କଲେ । ଏହାକୁ ପରମ୍ପରା ଉପରେ ଆକ୍ରମଣ ମନେକରି କନ୍ଧମାନେ ତା'ର ବିରୋଧ କଲେ । ଘୁମୁସର ରାଜାଙ୍କୁ ସେମାନେ ରକ୍ଷକ ବୋଲି ବିଚାର କରୁଥିଲେ । ଜମିରୁ ଖଜଣା ଆଦାୟ ବେଳେ ଯଥା ସମ୍ଭବ କଠୋର ନ ହେବାକୁ ପ୍ରୟାସ କରି ଭଞ୍ଜ ରାଜାମାନେ ଗାଦିଚ୍ୟୁତ ହେଲେ । ତେଣୁ ବିତାଡ଼ିତ ଘୁମୁସର ରାଜା ଧନଞ୍ଜୟଙ୍କୁ କନ୍ଧମାନଙ୍କ ସମର୍ଥନ ମିଳିବାରେ ବିଶେଷ ଅସୁବିଧା ହେଲା ନାହିଁ । ବିଦ୍ରୋହ ଆରମ୍ଭ ହେବାର ଅଳ୍ପ ଦିନ ପରେ ଧନଞ୍ଜୟଙ୍କର ଅବଶ୍ୟ ମୃତ୍ୟୁ ହେଲା । ମାତ୍ର ଦୋରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହ ଅବ୍ୟାହତ ରହିଲା ।

ଏହି ବିଦ୍ରୋହରେ କନ୍ଧମାନେ ଦୁଇଜଣ ରାଜକର୍ମଚାରୀ ଓ ୪୮ ଜଣ ସିପାହୀଙ୍କୁ ହତ୍ୟା କରିଥିଲେ । ଅନ୍ୟ ପକ୍ଷରେ ବିଦ୍ରୋହ ଦମନପାଇଁ ନିଯୁକ୍ତ ରସେଲ୍ ସାହେବ କନ୍ଧ ନେତାମାନଙ୍କୁ ନିର୍ମମ ଭାବରେ ହତ୍ୟା କଲେ । କାରଣ କନ୍ଧମାନଙ୍କ ମଧ୍ୟରେ ଭୟ ସଂଚାର କରି ଇଂରେଜମାନେ ବିଦ୍ରୋହ ଦମନ କରିବାକୁ ପ୍ରୟାସ କରୁଥିଲେ । କମଳ ଲୋଚନ ଦୋରା ବିଶୋୟୀ ଅନୁଗୋଳରେ ଆତ୍ମଗୋପନ କରିଥିବା ବେଳେ ସେଠାକାର ରାଜା ସୋମନାଥ ସିଂହ ତାଙ୍କୁ ଧରାଇ ଦେଇ ଇଂରେଜମାନଙ୍କ ହାତରେ ସମର୍ପଣ କଲେ । ଦୋରା ବିଶୋୟୀ ମୃତ୍ୟୁ ପର୍ଯ୍ୟନ୍ତ ମାଡ୍ରାସ୍ ନିକଟସ୍ଥ ଗୁଟିରେ କାରାରୁଦ୍ଧ ରହିଲେ ।

ଦୋରା ବିଶୋୟୀ ଗିରଫ୍ ହେବା ପରେ ମଧ୍ୟ କନ୍ଧ ମେଳି ବନ୍ଦ ହୋଇ ନଥିଲା । ୧୮୪୬ରେ ଏହାର ମୁଖ୍ୟ ସର୍ଦ୍ଦାର ଥିଲେ ଦୋରା ବିଶୋୟୀଙ୍କ ପୁତୁରା ଚକ୍ରା ବିଶୋୟୀ । ସେ ମୃତ ଧନଞ୍ଜୟଙ୍କ ପୁତ୍ର ପୀତାମ୍ବର ଭଞ୍ଜଙ୍କୁ ଘୁମୁସରର ରାଜା ଘୋଷଣା କରି ବିଦ୍ରୋହକୁ ଏକ ବଳିଷ୍ଠ ରୂପ ଦେଇଥିଲେ । ତାଙ୍କ ପ୍ରତି ମୁଖ୍ୟତଃ ବେଣୀୟା କନ୍ଧ, ପାଇକ ଓ ବୌଦ୍ଧ ଅଞ୍ଚଳର କନ୍ଧମାନଙ୍କ ସମର୍ଥନ ରହିଥିଲା । ଘୁମୁସର ମାଳ ଅଞ୍ଚଳର କନ୍ଧମାନେ ଚକ୍ରା ବିଶୋୟୀଙ୍କୁ ସମର୍ଥନ ଦେଇ ନ ଥିଲେ ।

କନ୍ଧ ବିଦ୍ରୋହରେ ସମତଳ ଅଞ୍ଚଳର ଲୋକଙ୍କ ଫସଲ ଓ ଗ୍ରାମଗୁଡ଼ିକ ଉପରେ ଆକ୍ରମଣ ହୋଇଥିଲା । ଏହାର କାରଣ ହେଲା, ଯେଉଁସବୁ ଔପନିବେଶିକ ପରିବର୍ତ୍ତନଯୋଗୁଁ କନ୍ଧମାନେ କଷ୍ଟ ପାଉଥିଲେ, ତା'ର କିଛି ଲାଭ ସମତଳ ଅଞ୍ଚଳର ଲୋକଙ୍କୁ ମିଳୁଥିଲା । ଉଦାହରଣ ସ୍ୱରୂପ, ଜମି ହରାଉଥିବା କନ୍ଧର ଜମି ସମତଳ ଅଞ୍ଚଳରେ ବାସ କରୁଥିବା ସାହୁକାର ଓ ମହାଜନ ହାତକୁ ହସ୍ତାନ୍ତର ହେଉଥିଲା ।

ଏହି ସମୟରେ (୧୮୪୬-୫୪) କନ୍ଧ ବିଦ୍ରୋହର ମୁକାବିଲାପାଇଁ ପ୍ରଥମେ କେପଟେନ୍ ମେକଫରସନ୍ (Captain Mcpherson) ଓ ପରେ ବ୍ରିଗେଡ଼ିଅର୍ ଜେନେରାଲ୍ ଡାଇସ୍(Brigadier General Dice ) ନିଯୁକ୍ତ ହୋଇଥିଲେ । ଇଂରେଜ ଦମନ ନୀତିଯୋଗୁଁ

ନବଘନ କୋହେନ୍ ନାମକ ଜଣେ କନ୍ଧ ସର୍ଦ୍ଦାର ୧୮୪୭ରେ ଆତ୍ମସମର୍ପଣ କଲେ । ମୁଖ୍ୟ ସର୍ଦ୍ଦାର ଚକ୍ରା ବିଶୋୟୀଙ୍କୁ ଧରାଇ ଦେବାପାଇଁ ସରକାର ୩୦୦୦ଟଙ୍କା ପୁରସ୍କାର ଘୋଷଣା କଲେ । ୧୮୫୪ ଓ ୧୮୫୫ରେ ଘୁମୁସର ଓ କଳାହାଣ୍ଡିରେ କନ୍ଧମାନେ ଗ୍ରାମରେ ପଶି ଲୁଟତରାଜ କଲେ । ଏହା ପଛରେ ଚକ୍ରା ବିଶୋୟୀ ଅଛନ୍ତି ବୋଲି ଇଂରେଜମାନେ ସନ୍ଦେହ କଲେ ସିନା, ବିଶୋୟୀଙ୍କୁ ଧରି ପାରିଲେ ନାହିଁ । ଚକ୍ରା ବିଶୋୟୀ ମୃତ୍ୟୁ ପର୍ଯ୍ୟନ୍ତ ଆତ୍ମସମର୍ପଣ ସୁଦ୍ଧା କରି ନଥିଲେ ।

ଉଭୟ ପାରଳାଖେମୁଣ୍ଡି ଓ ଘୁମୁସର ବିଦ୍ରୋହକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଥିରେ ଆଦିବାସୀମାନଙ୍କର ଭୂମିକା ମୁଖ୍ୟ ଥିଲା । ଅବଶ୍ୟ ରାଜାଙ୍କ ହାତରେ ନେତୃତ୍ୱ ରହିଥିଲା, କାରଣ ପାରମ୍ପରିକ ଭାବରେ ସେ ଲୋକଙ୍କ ସ୍ୱାଭାବିକ ନେତା ଥିଲେ । ମାତ୍ର ଅସଲ ଦାୟିତ୍ୱ ରହିଥିଲା ଆଦିବାସୀ ସର୍ଦ୍ଦାରମାନଙ୍କ ହାତରେ । ଦୀର୍ଘ କାଳ ଧରି ଚାଲିଥିବା ଏହି ବିଦ୍ରୋହରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରର ବ୍ୟବହାର ହୋଇଥିଲା । ଆଦିବାସୀମାନେ ନିଜ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଯାଇ ଇଂରେଜ ପ୍ରଶାସନର ବିଭିନ୍ନ ପ୍ରତୀକ ଓ ହିତାଧିକାରୀଙ୍କ ଉପରେ ଆକ୍ରମଣ କରୁଥିଲେ । ସମତଳ ଅଞ୍ଚଳସ୍ଥିତ ଘର ଓ ଫସଲ ମଧ୍ୟ ନଷ୍ଟ କରୁଥିଲେ । ଅନ୍ୟ ପକ୍ଷରେ, ସଭ୍ୟ ବୋଲାଉଥିବା ଇଂରେଜମାନେ ମଧ୍ୟ ଆଦିବାସୀଙ୍କ ମନରେ ଭୟ ସଂଚାରପାଇଁ ବିଦ୍ରୋହୀମାନଙ୍କୁ ନିର୍ମମ ଭାବରେ ହତ୍ୟା କରୁଥିଲେ ଏବଂ ଆଦିବାସୀ କନ୍ଧମାନଙ୍କ ଚାଷ ଜମିକୁ ପୋଡ଼ି ଦେଉଥିଲେ । ୧୮୦୩ରେ ଉତ୍ତର ସରକାର ବା ଉପକୂଳ ଓଡ଼ିଶା ଅଧିକୃତ ହେବା ପୂର୍ବରୁ ପାରଳାଖେମୁଣ୍ଡିରେ ବିଦ୍ରୋହ ଆରମ୍ଭ ହୋଇ ସାରିଥିଲା । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଇଂରେଜମାନେ ଯେଉଁ ଅଞ୍ଚଳକୁ ପ୍ରଥମେ ଦଖଲ କଲେ, ସେଠି ପ୍ରଥମେ ଇଂରେଜବିରୋଧୀ ବିଦ୍ରୋହ ଆରମ୍ଭ ହେଲା । ଇଂରେଜମାନଙ୍କ ଉପରେ ଲୋକଙ୍କର କ୍ଷୋଭ ପଛରେ ବଡ଼ କାରଣ ହେଲା, ଔପନିବେଶିକ ଦ୍ରୁତ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ । ପରିବର୍ତ୍ତନଯୋଗୁଁ କ୍ଷତି ସହିଥିବା ଗୋଷ୍ଠୀ ବିଦ୍ରୋହ କରି ନିଜର ପ୍ରତିକ୍ରିୟା ପ୍ରକାଶ କରୁଥିଲେ ।

## ଖୋର୍ଦ୍ଧା, କନିକା ଓ କୁଜଙ୍ଗରେ ବିଦ୍ରୋହ

୧୮୦୩ରେ ଇଂରେଜ ହାତକୁ ମୁଖ୍ୟ ଓଡ଼ିଶା ଆସିଗଲା ପରେ ଇଂରେଜବିରୋଧୀ ବିଦ୍ରୋହ ସମଗ୍ର ରାଜ୍ୟକୁ ବ୍ୟାପିଗଲା । ବିଦ୍ରୋହର ଯେଉଁ ପରମ୍ପରା ପାରଳାଖେମୁଣ୍ଡି ଓ ଘୁମୁସରରେ ସୃଷ୍ଟି ହୋଇଥିଲା , ତାହା ଏବେ ଭିନ୍ନ ଭିନ୍ନ ଅଞ୍ଚଳକୁ ବିସ୍ତାରିତ ହେଲା । ଓଡ଼ିଶା ଦଖଲ କରିବା ବେଳେ ଯେଉଁ ଉତ୍ସାହରେ ରାଜା ଜମିଦାରମାନେ କମ୍ପାନୀକୁ ସ୍ୱାଗତ କରିଥିଲେ, ତାହା ଅଳ୍ପ ଦିନ ପରେ ତୀବ୍ର ଅସନ୍ତୋଷ ଓ ବିଦ୍ରୋହରେ ପରିଣତ ହେଲା ।

୧୮୦୪ରେ ପ୍ରଥମେ ଖୋର୍ଦ୍ଧାରେ ବିଦ୍ରୋହ ଆରମ୍ଭ ହେଲା ଏବଂ ତହିଁରେ କନିକା ଓ କୁଜଙ୍ଗ ରାଜ୍ୟର ସମର୍ଥନ ଦେଖିବାକୁ ମିଳିଥିଲା । ସେତେବେଳେ ଦ୍ୱିତୀୟ ମୁକୁନ୍ଦଦେବ ଖୋର୍ଦ୍ଧାର

ରାଜା ଥିଲେ ଏବଂ ତାଙ୍କର ପରାମର୍ଶଦାତା ଜୟୀ ରାଜଗୁରୁଙ୍କ ହାତରେ ବିଦ୍ରୋହର ନେତୃତ୍ୱ ରହିଥିଲା । ବିଦ୍ରୋହ ଦମନ ପରେ ଯଦିଓ ରାଜା ବନ୍ଦୀ ହେଲେ, ତାଙ୍କୁ ପରେ ମୁକ୍ତ କରି ଦିଆଗଲା ଏବଂ କେତେକ ସର୍ତ୍ତ ସହିତ ପେନ୍‌ସନ୍ ଦେଇ ପୁରୀରେ ଅବସ୍ଥାନ କରିବାକୁ ବ୍ୟବସ୍ଥା କରାଗଲା । ଜୟୀ ରାଜଗୁରୁଙ୍କୁ ମେଦିନୀପୁର ଜେଲ୍‌ରେ ୧୮୦୬ରେ ପ୍ରାଣଦଣ୍ଡ ଦିଆଗଲା । ଏଥିରୁ ଜୟୀ ରାଜଗୁରୁଙ୍କ ଇଂରେଜବିରୋଧୀ ଭୂମିକାକୁ ସ୍ପଷ୍ଟ ବୁଝି ହୁଏ ।

୧୮୦୩ ସେପ୍ଟେମ୍ବର ମାସରେ ଇଂରେଜ ବାହିନୀ ଯେତେବେଳେ ଓଡ଼ିଶା ଦଖଲପାଇଁ ଗଞ୍ଜାମ ଦେଇ ପୁରୀ ଆସିଲେ, ସେତେବେଳେ ଇଂରେଜ ବାହିନୀର ଅଧିନାୟକ ହାରକୋର୍ଟଙ୍କର ମୁକୁନ୍ଦଦେବଙ୍କ ସହ ଏକ ଚୁକ୍ତି ହୋଇଥିଲା । ଚୁକ୍ତି ଅନୁଯାୟୀ, ଖୋର୍ଦ୍ଧା ରାଜ୍ୟ ମଧ୍ୟରେ ଇଂରେଜ ବାହିନୀର ଗତାଗତପାଇଁ ରାଜା ଅନୁମତି ଦେଲେ ଏବଂ ପ୍ରତିବଦଳରେ ହାର୍‌କୋର୍ଟଙ୍କଠାରୁ ଲକ୍ଷେ ଟଙ୍କା ପାଇବାର ପ୍ରତିଶ୍ରୁତି ପାଇଲେ । ମରାଠାମାନଙ୍କ ବିରୁଦ୍ଧରେ ଯୁଦ୍ଧ ବେଳେ ଖୋର୍ଦ୍ଧାର ପାଇକ ସେନା ସହଯୋଗ କରିବେ ବୋଲି କଥା ତୁଟିଲା । ପୂର୍ବରୁ ଗଜପତିଙ୍କ ସହ ଯୁଦ୍ଧ ବେଳେ ଖୋର୍ଦ୍ଧା ରାଜା ମରାଠା ସହାୟତା ନେଇଥିଲେ ଏବଂ ପ୍ରତିବଦଳରେ ଚବିଶକୁଦ, ରାହାଙ୍ଗ, ଲେମ୍ବାଇ ଓ ପୁରୁଷୋତ୍ତମ କ୍ଷେତ୍ର (ପୁରୀ) ମରାଠାମାନଙ୍କୁ ଦେବାକୁ ବାଧ୍ୟ ହୋଇଥିଲେ । ଫଳରେ ୧୮୦୩ ବେଳକୁ ଖୋର୍ଦ୍ଧା ରାଜାଙ୍କ କର୍ତ୍ତୃତ୍ୱରେ ପୁରୀ ଜଗନ୍ନାଥ ମନ୍ଦିର ଓ ଏହି ତିନୋଟି ପ୍ରଗଣା ନଥିଲା; ମରାଠାମାନଙ୍କ ହାତକୁ ଚାଲି ଯାଇଥିଲା । ଜଗନ୍ନାଥ ମନ୍ଦିରର କର୍ତ୍ତୃତ୍ୱକୁ ଫେରିପାଇବାପାଇଁ ରାଜା ଇଂରେଜମାନଙ୍କୁ ସହଯୋଗ କରିଥିଲେ । ତାଙ୍କର ଧାରଣା ଥିଲା, ଇଂରେଜମାନେ ଯେହେତୁ ଅଣ-ହିନ୍ଦୁ, ମନ୍ଦିର ଅଧିକାର କଲା ପରେ ରାଜାଙ୍କୁ (ଖୋର୍ଦ୍ଧା ରାଜାଙ୍କୁ) ତା'ର ପରିଚାଳନା ଭାର ଫେରାଇଦେବେ । ମରାଠାମାନେ ବିତାଡ଼ିତ ହେଲା ପରେ ବନ୍ଧା ପଡ଼ିଥିବା ଅନ୍ୟ ପ୍ରଗଣାଗୁଡ଼ିକ ମଧ୍ୟ ରାଜା ଫେରିପାଇବେ । ଏସବୁ ବ୍ୟତୀତ ଖୋର୍ଦ୍ଧା ରାଜା କିଛି ଟଙ୍କା ମଧ୍ୟ ପାଇବେ ବୋଲି ଆଶା ରଖିଥିଲେ ।

ମୁକୁନ୍ଦ ଦେବଙ୍କ ଏହି ଚୁକ୍ତି ଓ ଆଶାକୁ ନେଇ ସମ୍ଭବତଃ ତାଙ୍କ ପରାମର୍ଶଦାତା ଜୟୀ ରାଜଗୁରୁ ସନ୍ତୁଷ୍ଟ ନଥିଲେ । ଆଧୁନିକ ଶିକ୍ଷିତ ନହେଲେ ବି ସେ ପାରମ୍ପରିକ ଶିକ୍ଷା ପାଇଥିଲେ ଏବଂ ଇଂରେଜ ଦଖଲ ପରେ ଆସନ୍ନ ବିପଦକୁ ସେ ବୁଝି ପାରିଥିଲେ । ମାତ୍ର ତାଙ୍କ ପରାମର୍ଶକୁ ଅଣଦେଖା କରି ଖୋର୍ଦ୍ଧା ଇଂରେଜମାନଙ୍କ ଓଡ଼ିଶା ଦଖଲରେ ସହଯୋଗ କଲା ।

ଓଡ଼ିଶା ଦଖଲ ବେଳେ ଇଂରେଜମାନଙ୍କୁ ଖୋର୍ଦ୍ଧା ପାଇକ ସେନାର ଆବଶ୍ୟକତା ପଡ଼ିଲା ନାହିଁ । ଇଂରେଜ ବାହିନୀ ନିଜ ବଳରେ ମରାଠାମାନଙ୍କୁ ପରାସ୍ତ କଲେ । ତେଣୁ ହାରକୋର୍ଟ ଚୁକ୍ତି ମତେ ଏକ ଲକ୍ଷ ଟଙ୍କାରୁ ପଚାଶ ହଜାର ଟଙ୍କା ମାତ୍ର ଦେଇ ଅବଶିଷ୍ଟ ଟଙ୍କା ଦେବାକୁ ଆଗ୍ରହ ପ୍ରକାଶ କଲେ ନାହିଁ । ମାତ୍ର ଖୋର୍ଦ୍ଧା ରାଜା ଇଂରେଜମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଏକଜୁଟ କରିଥିବା ପାଇକମାନଙ୍କୁ ପ୍ରାପ୍ୟ ଦେବେ । ଖୋର୍ଦ୍ଧା ରାଜାଙ୍କ ବାର୍ଷିକ ପେଶକସ୍ ମଧ୍ୟ ଇଂରେଜମାନେ ଊଣା ଭାବରେ ଧାର୍ଯ୍ୟ କରିବା କଥା । କାରଣ ଓଡ଼ିଶା ଦଖଲ ବେଳେ ଉଭୟଙ୍କ ମଧ୍ୟରେ ମେଣ୍ଟ ଥିଲା । ମାତ୍ର ଓଡ଼ିଶା ଦଖଲ ପରେ ସେ ନେଇ କୌଣସି

ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ମିଳିନଥିଲା । ଯେଉଁ ଚାରୋଟି ପ୍ରଗଣା ମିଳିବ ବୋଲି ଆଶା ଥିଲା ତା ବି ହାରକୋର୍ଟ ଦେବାକୁ ସମ୍ମତ ନ ଥିଲେ । ଅସଲରେ ଓଡ଼ିଶା ଦଖଲ ବେଳେ ଇଂରେଜମାନେ ବିଶେଷ ପ୍ରତିରୋଧର ସମ୍ମୁଖୀନ ନ ହେବାଯୋଗୁଁ ସେମାନଙ୍କର ଓଡ଼ିଶା ରାଜାମାନଙ୍କ ପ୍ରତି ଉପେକ୍ଷାଭାବ ବୃଦ୍ଧିପାଇଲା । ଯାହାର ଆଶୁ ପରିଣାମ ଥିଲା ଖୋର୍ଦ୍ଧାର ବିଦ୍ରୋହ ।

ମାର୍ଚ୍ଚ ୧୮୦୪ରେ ଜୟୀ ରାଜଗୁରୁ ୨୦୦୦ ପାଇକଙ୍କୁ ସାଙ୍ଗରେ ନେଇ ହାରକୋର୍ଟଙ୍କୁ କଟକରେ ଖୋର୍ଦ୍ଧାର ଦାବି ଜଣାଇଲେ । ମାତ୍ର ଅବଶିଷ୍ଟ ଟଙ୍କାରୁ ୨୦୦୦୦ ଟଙ୍କା ଦେବା ବ୍ୟତୀତ ଅନ୍ୟ ଦାବିଗୁଡ଼ିକୁ ହାରକୋର୍ଟ ପ୍ରତ୍ୟାଖ୍ୟାନ କଲେ । ଏହିଭଳି ଭାବେ ଅପମାନିତ ହୋଇ ଜୟୀ ରାଜଗୁରୁ କଟକରୁ ଫେରିଲେ ଏବଂ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହପାଇଁ ବ୍ୟାପକ ପ୍ରସ୍ତୁତି କଲେ । ସ୍ମରଣଯୋଗ୍ୟ ଯେ, ହାରକୋର୍ଟ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ଅପେକ୍ଷା ଜୟୀ ରାଜଗୁରୁଙ୍କୁ ବଡ଼ ଶତ୍ରୁ ମଣୁଥିଲେ ।

୧୮୦୪ର ଉତ୍ତରାର୍ଦ୍ଧରେ ଖୋର୍ଦ୍ଧାରେ ବିଦ୍ରୋହ ତେଜିଲା , ଯେତେବେଳେ ଇଂରେଜ ଅଧିକାରୀ କେପ୍‌ଟେନ୍ ବ୍ଲଷ୍ଟଙ୍କୁ ରାଜଗୁରୁଙ୍କ ପରାମର୍ଶରେ ରାଜା ସାକ୍ଷାତ୍ କରିବାକୁ ସୁଦ୍ଧା ମନା କଲେ । ଅନ୍ୟ ପକ୍ଷରେ, ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବାଲାଗି ରାଜଗୁରୁ କୁଜଙ୍ଗ, କନିକା ମରିଚପୁର ଓ କିଶନପୁରର ରାଜା ଓ ଜମିଦାରଙ୍କ ସହ ମେଣ୍ଟ କଲେ । ମରାଠାମାନଙ୍କଠାରୁ ସମର୍ଥନ ପାଇବା ଆଶାରେ ନାଗପୁରର ଭୋଁସଲେ ରାଜାଙ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ ପ୍ରୟାସ କଲେ । ଏଥିରୁ ମନେହୁଏ ଯେ, ଜୟୀ ରାଜଗୁରୁ ଇଂରେଜମାନଙ୍କୁ ଏକ କ୍ଷୁଦ୍ର ଶକ୍ତି ବୋଲି ମନେ କରୁ ନଥିଲେ । ରାହାଙ୍ଗ, ଚବିଶକୁଦ, ଲେମ୍ବାଇ ଆଦି ପ୍ରଗଣାକୁ ଦଖଲ କରିବା ସକାଶେ ଖୋର୍ଦ୍ଧାରୁ ୨୫୦ ଅଶ୍ୱାରୋହୀ ଓ ପ୍ରାୟ ୨୦୦ ବରକନ୍ଦାଜ ବା ସିପାହୀଙ୍କୁ ପ୍ରେରଣ କରାଗଲା । ଖୋର୍ଦ୍ଧା ଅଧିକାରପାଇଁ ଆସିଥିବା କେପ୍‌ଟେନ୍ ହିକ୍‌ଲାଣ୍ଡ ପିପିଲି ଫେରୁଥିବା ବେଳେ ୨୨ ନଭେମ୍ବରରେ ଖୋର୍ଦ୍ଧା ସୈନ୍ୟ କେବଳ ତାଙ୍କ ଉପରେ ଆକ୍ରମଣ କଲେ ନାହିଁ, ଅନେକ ଇଂରେଜ ସିପାହୀଙ୍କୁ ହତାହତ ମଧ୍ୟ କଲେ । ଏହା ପରେ ହାରକୋର୍ଟ ଏକ ବିରାଟ ବାହିନୀକୁ ନେଇ ୫ ଡିସେମ୍ବର ୧୮୦୪ରେ ଖୋର୍ଦ୍ଧାର ଦୁର୍ଗ ଅଧିକାର କରିନେଲେ । ରାଜା ନିଜର କେତେକ ବିଶ୍ୱସ୍ତ ସର୍ଦ୍ଦାରଙ୍କ ସହିତ ବରୁଣେଇ ଜଙ୍ଗଲକୁ ପଳାଇଲେ । ୩ ଜାନୁଆରି ୧୮୦୫ରେ ରାଜା ଓ ରାଜଗୁରୁଙ୍କୁ ବନ୍ଦି କରି ପ୍ରଥମେ କଟକରେ ଏବଂ ପରେ ମେଦିନୀପୁର ଜେଲରେ ରଖାଗଲା । ଏହା ପରେ ବିଦ୍ରୋହ ଦମନ ହେଲା । ୧୮୦୭ରେ ବାର୍ଷିକ ୨୦୦୦ଟଙ୍କା ପେନସନ୍ ଦେଇ ମୁକୁନ୍ଦଦେବଙ୍କୁ ପୁରୀରେ ରଖିବାକୁ ସ୍ଥିର ହେଲା; ତା ପୂର୍ବରୁ ୬ ଡିସେମ୍ବର ୧୮୦୬ରେ ଜୟୀ ରାଜଗୁରୁଙ୍କୁ ମେଦିନୀପୁରରେ ଫାଶୀ ଦିଆଗଲା । ଶେଷ ପର୍ଯ୍ୟନ୍ତ ଜୟୀ ରାଜଗୁରୁ ଇଂରେଜମାନଙ୍କଠାରେ କ୍ଷମା ଭିକ୍ଷା କରି ନଥିଲେ ।

ଖୋର୍ଦ୍ଧାରେ ଜୟୀ ରାଜଗୁରୁଙ୍କ ବିଦ୍ରୋହକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଓଡ଼ିଶା ଦଖଲରେ ଇଂରେଜମାନଙ୍କୁ ସହଯୋଗ କରି ଖୋର୍ଦ୍ଧା ରାଜା ଯେଉଁ ଭୁଲ କରିଥିଲେ, ତା'ର ଭରଣାଲାଗି ଯେମିତି ଏହା ଉଦ୍ଦିଷ୍ଟ ଥିଲା । ଏଥିରେ ଖୋର୍ଦ୍ଧା ରାଜାଙ୍କ ଅପେକ୍ଷା ତାଙ୍କ ପରାମର୍ଶଦାତା

ଓ ପାଇକମାନେ ଅଧିକ ସକ୍ରିୟ ଥିଲେ । ଅଳ୍ପ ଅବଧିପାଇଁ ହେଉ ପଛେ, ଏହା ଓଡ଼ିଶାରେ ନୂଆ କରି ପ୍ରତିଷ୍ଠା ହୋଇଥିବା ଇଂରେଜ ଶାସନକୁ ଥରହର କରି ଦେଇଥିଲା । ସେହି ଅନୁସାରେ ବିଦ୍ରୋହୀମାନଙ୍କୁ ଦଣ୍ଡ ମଧ୍ୟ ଦିଆଯାଇଥିଲା ।

ଖୋର୍ଦ୍ଧାର ପତନ ପରେ କନିକା ଓ କୁଜଙ୍ଗର ରାଜା ସମ୍ମୁଖ ସମରପାଇଁ ପ୍ରସ୍ତୁତ ହେଲେ ନାହିଁ, ଯଦିଓ ସେମାନେ ଖୋର୍ଦ୍ଧାକୁ ସମର୍ଥନ କରୁଥିଲେ । ହାରକୋର୍ଟ ମହାନଦୀ ପାରହୋଇ କୁଜଙ୍ଗ ପହଞ୍ଚିବା ପୂର୍ବରୁ ରାଜା ଚନ୍ଦ୍ରଧ୍ୱଜ ଷେଣ୍ଢ ପଳାୟନ କଲେ । ୧୮୦୫ ମସିହା ମେ ମାସରେ ତାଙ୍କୁ ଗିରଫ କରାଗଲା । ତାଙ୍କ ସ୍ଥାନରେ ତାଙ୍କ ଭାଇ ମଧୁସୂଦନ ଷେଣ୍ଢଙ୍କୁ ରାଜା ଘୋଷଣା କରାଗଲା । କୁଜଙ୍ଗ ରାଜା ଇଂରେଜ ଜାହାଜଗୁଡ଼ିକୁ ଲୋକ ଲଗାଇ ଲୁଟ କରୁଥିଲେ ବୋଲି ଅଭିଯୋଗ ରହିଥିଲା । ନୂତନ ରାଜା ଜାହାଜରୁ ଲୁଟ ହୋଇଥିବା ସମ୍ପତ୍ତିର ଭରଣା କରିବେ ତଥା ଇଂରେଜମାନଙ୍କ ପ୍ରତି ଅନୁଗତ ରହିବେ ବୋଲି ପ୍ରତିଶ୍ରୁତି ଦେଲେ ।

କୁଜଙ୍ଗକୁ ନିୟନ୍ତ୍ରଣକୁ ଆଣିବା ପରେ ହାରକୋର୍ଟ କନିକା ରାଜାଙ୍କୁ ବନ୍ଦି କଲେ । ବନ୍ଦି ରାଜାଙ୍କୁ ପ୍ରଥମେ ବାଲେଶ୍ୱର ଏବଂ ପରେ ମେଦିନୀପୁର ଜେଲରେ ରଖାଗଲା । ରାଜା ବନ୍ଦି ହେବା ପରେ କନିକାର ଦେୱାନ୍‌ଙ୍କ ନେତୃତ୍ୱରେ ବିଦ୍ରୋହ ଆରମ୍ଭ ହେଲା । ଇଂରେଜ ତରଫରୁ ସୁବାଦାର ଶିବପ୍ରସାଦ ବିଦ୍ରୋହ ଦମନ କଲେ ଏବଂ ବିଦ୍ରୋହୀମାନଙ୍କଠାରୁ ଅନେକ ଅସ୍ତ୍ରଶସ୍ତ୍ର ଜବତ କଲେ । ଖୋର୍ଦ୍ଧା, କୁଜଙ୍ଗ ଓ କନିକା ରାଜାଙ୍କ ବିଦ୍ରୋହ ପରେ ତିନୋଟିଯାକ ରାଜ୍ୟକୁ ଇଂରେଜ ସରକାରଙ୍କ ଖାସ ମାହାଲ ବା ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରଖାଗଲା । ଖାସମାହାଲରେ ରଖିବା ପଛରେ ଏକ ବଡ଼ କାରଣ ହେଲା ଯେ, ସେଠାରେ ଜମି ଉର୍ବର ଓ ଜମିଜମା ବନ୍ଦୋବସ୍ତ ଦ୍ୱାରା ନିୟମିତ ବ୍ୟବଧାନରେ ଅଧିକରୁ ଅଧିକ କର ଅସୁଲ କରିବାର ସଂଭାବନା ଥିଲା । ଗଡ଼ଜାତ ରାଜ୍ୟଗୁଡ଼ିକ ପରି ସେଠାରେ ଭୂ-ରାଜସ୍ୱ ଯଦି ବାର୍ଷିକ ପେଶକସ୍ ଆକାରରେ ଅସୁଲି ହୋଇଥାନ୍ତା , ସରକାର ଆଶା ମୁତାବକ କର ଅସୁଲ କରି ପାରିନଥାନ୍ତେ । ଖାସମାହାଲରେ ପରିଣତ ହେଲା ପରେ ଏହି କ୍ଷେତ୍ରରେ ଔପନିବେଶିକ ପରିବର୍ତ୍ତନର ମାତ୍ରା ତୀବ୍ର ହେଲା, ଯାହାର ପରିଣାମ ସ୍ୱରୂପ ବାରମ୍ବାର ସେଠାରେ ଜନ ଅସନ୍ତୋଷ ଓ ବିଦ୍ରୋହମାନ ଦେଖାଗଲା ।

## ଖୋର୍ଦ୍ଧା ବିଦ୍ରୋହ : ୧୮୧୭

ଖୋର୍ଦ୍ଧା ଖାସମାହାଲରେ ପରିଣତ ହେଲା ପରେ ୧୮୧୭ରେ ସେଠାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ଏକ ବଡ଼ ଧରଣର ବିଦ୍ରୋହ ସଂଘଟିତ ହୋଇଥିଲା । ଏହି ବିଦ୍ରୋହରେ ଯଦିଓ ବକ୍ସି ଜଗବନ୍ଧୁଙ୍କ ହାତରେ ନେତୃତ୍ୱ ରହିଥିଲା,ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ରାଜ୍ୟର ପାଇକ ବା ପାରମ୍ପରିକ ସିପାହୀମାନେ । ତେଣୁ ସରକାରୀ ନଥିପତ୍ରରେ ଏହାକୁ ପାଇକ ବିଦ୍ରୋହ ବୋଲି କୁହାଯାଏ । ଇଂରେଜ ଶାସନର ତ୍ରୁଟି ଓ ଶୋଷଣଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା । ପାଇକମାନେ ପ୍ରାକ୍-ଇଂରେଜ କାଳରୁ ସୈନିକ ଭାବରେ ରାଜାଙ୍କପାଇଁ କାମ କରୁଥିଲେ । ଏହି ଦାୟିତ୍ୱ ନିର୍ବାହ କରିବା ସକାଶେ ସେମାନଙ୍କୁ କୃଷିଯୋଗ୍ୟ ଜମି ମିଳିଥିଲା । ଜମି ଚାଷ କରି

ସେମାନେ ଉଭୟ କୃଷକ ଓ ସୈନିକର ଭୂମିକା ପାଳନ କରୁଥିଲେ । ମାତ୍ର ଖୋର୍ଦ୍ଧା ଇଂରେଜ ଶାସନାଧୀନ ହେବା ପରେ ବାରମ୍ବାର ଭୂମି କର ବୃଦ୍ଧିପାଇଲା ଓ ସାହୁକାର ମହାଜନ ଗୋଷ୍ଠୀ ହାତକୁ ଜମି ହସ୍ତାନ୍ତର ହେବାକୁ ଲାଗିଲା । ଏହାର କୁଫଳ ଏହି ପାଇକମାନଙ୍କୁ ମଧ୍ୟ ଭୋଗ କରିବାକୁ ପଡ଼ିଲା । ପରିଣାମ ସ୍ୱରୂପ ସେମାନେ ଇଂରେଜ ବିରୁଦ୍ଧରେ ଅସ୍ତ୍ରଧାରଣ କରିବାକୁ ବାଧ୍ୟ ହେଲେ । କୌଳିକ ବୃତ୍ତି ଯୁଦ୍ଧ ହୋଇଥିବାରୁ ,ପାଇକମାନେ ଅନ୍ୟମାନଙ୍କ ଅପେକ୍ଷା ଆଗତୁରା ସଶସ୍ତ୍ର ବିଦ୍ରୋହ କରିବାକୁ ସାହସ ପାଇଲେ । ଏହି ବିଦ୍ରୋହରେ ଅନ୍ୟ ବର୍ଗର ଲୋକେ ମଧ୍ୟ ସାମିଲ୍ ହୋଇଥିଲେ ।

ସ୍ୱଳ୍ପ ମିଆଦୀ ବନ୍ଦୋବସ୍ତ, ଅତିରିକ୍ତ ଖଜଣା ବୃଦ୍ଧି ଓ ଶସ୍ୟ ହାନି ସତ୍ତ୍ୱେ କଡ଼ାକଡ଼ି ଭାବେ ଖଜଣା ଆଦାୟ ହେବାଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା । ଆଇନର ଜଟିଳତାଯୋଗୁଁ ଲୋକେ ସେଗୁଡ଼ିକୁ ସହଜରେ ବୁଝି ପାରୁ ନଥିଲେ । ଲୋକଙ୍କ ସରଳତା ଓ ଅଜ୍ଞତାର ସୁଯୋଗ ନେଇ ଅମଲା, ଦାରୋଗା ଆଦି ସରକାରୀ କର୍ମଚାରୀମାନେ ଅତ୍ୟାଚାର ଓ ଶୋଷଣ କରୁଥିଲେ । ଇଂରେଜ ସରକାରଙ୍କ ଭୂ-ରାଜସ୍ୱ ନୀତି ସ୍ଥାନୀୟ ଜମିଦାର ଓ ରୟତମାନଙ୍କ ସ୍ୱାର୍ଥରେ ଆଞ୍ଚ ଆଣିଥିଲା । ଯେଉଁ ଜମିଦାରମାନେ ବିଳମ୍ବରେ ଅସୁଲି ହେବା କାରଣରୁ ଠିକ୍ ସମୟରେ ରାଜସ୍ୱ ଜମା କରିପାରୁ ନଥିଲେ, ସେମାନଙ୍କ ଜମିଦାରୀ କଲିକତାରେ ନିଲାମ ହେଉଥିଲା । ଏହା ଅଣ-ଓଡ଼ିଆ, ବିଶେଷକରି ବଙ୍ଗୀୟ ଲୋକଙ୍କ ହାତକୁ ଚାଲି ଯାଉଥିଲା । ଇଂରେଜ ଶାସନ ପ୍ରତିଷ୍ଠିତ ହେଲା ପରେ ୧୮୦୫-୧୮୦୬ ପ୍ରଥମ ବନ୍ଦୋବସ୍ତରେ ମୋଟ ୨୩୪୦ ଜଣ ଓଡ଼ିଆ ଜମିଦାରଙ୍କ ନାମ ପଞ୍ଜୀକୃତ ହୋଇଥିଲା । ତନ୍ମଧ୍ୟରୁ ୧୮୦୭ରେ ୨୬୬ ଜଣଙ୍କ ଜମିଦାରୀ ନିଲାମ ହେଲା । ୧୮୧୬ ମସିହା ଶେଷ ସୁଦ୍ଧା ୯୦୧ ଜଣ ଜମିଦାର ନିଜ ଜମିଦାରୀ ହରାଇ ସାରିଥିଲେ । ନୂତନ ଜମିଦାରମାନେ ଓଡ଼ିଶାରେ ବାସ କରୁନଥିଲେ ଏବଂ ସେମାନଙ୍କର ସ୍ଥାନୀୟ ରୟତମାନଙ୍କ ପ୍ରତି ସମ୍ବେଦନା ନଥିଲା । ନିଲାମଯୋଗୁଁ ଜମିଦାରୀ ହରାଇଥିବା ଜମିଦାର ଓ ରୟତମାନଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଲା ଏବଂ ଉଭୟେ ମିଶି ବିଦ୍ରୋହପାଇଁ ପ୍ରସ୍ତୁତି କଲେ ।

୧୮୦୫ରେ ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବ ଗାଦିଚ୍ୟୁତ ହେଲେ ଓ ଖୋର୍ଦ୍ଧା ଖାସମାହାଲରେ ପରିଣତ ହେଲା । ମେଜର ଫ୍ଲେଚରଙ୍କ ନିର୍ଦ୍ଦେଶରେ ସେଠାରେ ଯେଉଁ ବନ୍ଦୋବସ୍ତ ହେଲା, ତା’ ଅନୁଯାୟୀ ପାଇକମାନେ ବଂଶାନୁକ୍ରମିକ ଭାବରେ ଭୋଗ କରୁଥିବା ନିଷ୍କର ଜମି ହରାଇଲେ । ସ୍ୱଳ୍ପମିଆଦୀ ବନ୍ଦୋବସ୍ତରେ ରୟତମାନଙ୍କର ଖଜଣା ବୃଦ୍ଧି ପାଇଲା । ୧୮୦୬-୦୭ରେ ଭୟଙ୍କର ମରୁଡ଼ି ପଡ଼ିଲା; ପର ବର୍ଷ ଖୁବ୍ ବନ୍ୟା ହେଲା । ଖଜଣା ଉଚିତ ସମୟରେ ଜମା କରିବା ସକାଶେ ରୟତମାନେ ସାହୁକାରମାନଙ୍କ ପାଖରୁ ଋଣ ସୁଦ୍ଧା ପାଇ ପାରିଲେ ନାହିଁ, କାରଣ ବନ୍ଧା ଦେବାଲାଗି ବିଲରେ ଫସଲ ନଥିଲା । ପାଇକମାନେ ଆଗରୁ ନିଷ୍କର ଜମି ଭୋଗ କରୁଥିଲେ । ବର୍ତ୍ତମାନ ସ୍ଥିତିରେ ସେମାନଙ୍କର ଅବସ୍ଥା ଖୁବ୍ ଶୋଚନୀୟ ହୋଇ ପଡ଼ିଲା । ଦୁର୍ନୀତିଗ୍ରସ୍ତ ଅମଲା ଓ ଅତ୍ୟାଚାରୀ ପୋଲିସ୍‌ଯୋଗୁଁ ସେମାନଙ୍କ

କଷ୍ଟର ସୀମା ରହିଲା ନାହିଁ । ଏଭଳି ସ୍ଥିତିରେ ପାଇକମାନେ ବିଦ୍ରୋହ ସକାଶେ ଜଣେ ନେତାର ଅନ୍ୱେଷଣରେ ରହିଲେ ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଥିଲେ ସେହିଭଳି ଜଣେ ନେତା । ୧୮୧୭ ପାଇକ ବିଦ୍ରୋହକୁ ସେ ନେତୃତ୍ୱ ପ୍ରଦାନ କରିଥିଲେ । ଖୋର୍ଦ୍ଧା ଖାସ୍‌ମାହାଲରେ ପରିଣତ ହେବା ପୂର୍ବରୁ ସେ ଖୋର୍ଦ୍ଧା ଗଜପତିଙ୍କ ବକ୍ସି ବା ସେନା ଅଧିନାୟକ ପଦରେ ପୁରୁଷାନୁକ୍ରମିକ ଭାବେ ନିଯୁକ୍ତ ଥିଲେ । ତାଙ୍କୁ ରୋଡଙ୍ଗ ଜମିଦାରୀ ମିଳିଥିଲା । ମାତ୍ର ଖୋର୍ଦ୍ଧା ଖାସମାହାଲ ହେବା ପରେ ଜମିଦାରୀର ଖଜଣା ଜମା କରିବାକୁ ପଡ଼ିଲା । ଏନେଇ ତାଙ୍କ ମନରେ ଅସନ୍ତୋଷ ଥିଲେ ସୁଦ୍ଧା ସେ ଜମିକର ଦେଉଥିଲେ । ମନେହୁଏ , କୃଷ୍ଣଚନ୍ଦ୍ର ସିଂହ ନାମକ ଜଣେ ବଙ୍ଗୀୟ ଦଲାଲ୍ ରୋଡ଼ଙ୍ଗ ଜମିଦାରୀ ହାସଲ କରିବା ଉଦ୍ଦେଶ୍ୟରେ ବକ୍ସି ଜମା କରୁଥିବା ଖଜଣାକୁ ଆତ୍ମସାତ୍ କରିଗଲେ । ଫଳରେ ୧୮୧୩ରେ ଖଜଣା ଜମା ନକରିବା ଅପରାଧରେ ବକ୍ସି ଜଗବନ୍ଧୁ ନିଜ ଜମିଦାରୀ ଅଧିକାର ହରାଇଲେ । ଜମିଦାରୀ ଫେରିପାଇବା ଲାଗି ଜଗବନ୍ଧୁଙ୍କ ସମସ୍ତ ଆବେଦନ ନିଷ୍ଫଳ ହେଲା । ମଝିରେ ୧୮୧୪ରେ ତାଙ୍କୁ ଜମିଦାରୀ ଫେରସ୍ତ ଦେବାଲାଗି ମଧ୍ୟ ଆଦେଶ ଜାରି ହେଲା । କିନ୍ତୁ ଆଦେଶ କାର୍ଯ୍ୟକାରୀ ହେବା ପୂର୍ବରୁ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତଯୋଗୁଁ ଅନ୍ୟ ଏକ ଆଦେଶ ବଳରେ ପୂର୍ବ ଆଦେଶ ରଦ୍ଦ ହେଲା । ଏହା ପରେ ବକ୍ସି ଜଗବନ୍ଧୁ ଇଂରେଜ ନ୍ୟାୟ ବ୍ୟବସ୍ଥା ଉପରୁ ସଂପୂର୍ଣ୍ଣ ଭାବେ ଆସ୍ଥା ହରାଇଲେ ଏବଂ ପ୍ରତିଶୋଧ ନେବାପାଇଁ ସମଦଶାପନ୍ନ ପାଇକମାନଙ୍କୁ ଏକଜୁଟ କଲେ । ବିଦ୍ରୋହରେ ଯୋଗଦେବାପାଇଁ ସେ ଇଂରେଜମାନଙ୍କଠାରୁ ପେନ୍‌ସନ୍ ପାଉଥିବା ଖୋର୍ଦ୍ଧା ରାଜାଙ୍କୁ ମଧ୍ୟ ଆମନ୍ତ୍ରଣ ଜଣାଇଲେ ।

୧୮୧୭ ମାର୍ଚ୍ଚ ମାସରେ ପ୍ରାୟ ୪୦୦ କନ୍ଧ ଘୁମୁସରରୁ ଖୋର୍ଦ୍ଧା ଆସି ପାଇକମାନଙ୍କ ସହ ଯୋଗ ଦେଲେ । ଇଂରେଜଙ୍କ ଅତ୍ୟାଚାରରେ ସେମାନେ ମଧ୍ୟ ଅତିଷ୍ଠ ଥିଲେ । କଡ଼ାକଡ଼ି ଭାବେ ଭୂ-ରାଜସ୍ୱ ଆଦାୟ ହେବାରୁ ଜମିଦାରମାନଙ୍କ ପରି ସେମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବିଶେଷକରି ପ୍ରାକୃତିକ ଦୁର୍ବିପାକ ବେଳେ ଖଜଣା ଅସୁଲରେ ରିହାତି ଦିଆ ଯାଉ ନଥିବାରୁ ସମସ୍ତ ପ୍ରଜା ଘୋର ଅସୁବିଧା ଭୋଗୁଥିଲେ । ଜଗବନ୍ଧୁଙ୍କ ନେତୃତ୍ୱରେ କନ୍ଧ ଓ ପାଇକମାନେ ସମ୍ମିଳିତ ହେଲେ; ବିଦ୍ରୋହ ତେଜୀୟାନ ହେଲା । ଜଗବନ୍ଧୁଙ୍କ ତଳେ ଦଳବେହେରାମାନେ ବିଦ୍ରୋହକୁ ନେତୃତ୍ୱ ଦେଉଥିଲେ । ବିଦ୍ରୋହୀମାନେ ପ୍ରଥମେ ବାଣପୁର ଥାନା ଓ ସରକାରୀ ଅଫିସ୍ ଗୃହଗୁଡ଼ିକ ଉପରେ ଆକ୍ରମଣ କଲେ ତଥା ସରକାରୀ କୋଷାଗାରରୁ ଅର୍ଥ ଲୁଣ୍ଠନ କଲେ । ଖୋର୍ଦ୍ଧାରେ ମଧ୍ୟ ସେମାନେ ସରକାରୀ କୋଠାବାଡ଼ିରେ ନିଆଁ ଲଗାଇ ଦେଲେ ଓ ସରକାରୀ କୋଷାଗାର ଲୁଣ୍ଠନ କଲେ ।

ବିଦ୍ରୋହର ସମ୍ବାଦ କଟକରେ ପହଞ୍ଚିଲା ପରେ ଲେଫ୍‌ଟନାଣ୍ଟ ପ୍ରିଡିକ୍ସଙ୍କ (Lt. Prideaux)ନେତୃତ୍ୱରେ ଏକ ସୈନ୍ୟବାହିନୀ ଖୋର୍ଦ୍ଧା ଅଭିମୁଖେ ଯାତ୍ରା କଲେ । ଅନ୍ୟ ଏକ ଦଳ ଲେଫ୍‌ଟନାଣ୍ଟ ଫାରିସ୍‌ଙ୍କ (Lt. Faris) ନେତୃତ୍ୱରେ ପିପିଲି ଅଭିମୁଖେ ଯାତ୍ରା କଲେ । କଟକର

ମାଜିଷ୍ଟ୍ରେଟ୍ ଏଡ୍‌ୱାର୍ଡ଼ ଇମ୍ପେ (Edward Impey), ଲେଫ୍‌ଟନାଣ୍ଟ ଟ୍ରାଭିସଙ୍କ (Lt. Travis) ନେତୃତ୍ୱରେ ୬୪ ଜଣ ସିପାହୀଙ୍କୁ ସାଙ୍ଗରେ ନେଇ ଖୋର୍ଦ୍ଧାରୁ ଦୁଇ ମାଇଲ୍ ଦୂରରେ ଅବସ୍ଥିତ ଗଙ୍ଗପଡ଼ାରେ ପହଞ୍ଚିଲେ । ୧୮୧୭ ଏପ୍ରିଲ୍ ମାସ ପ୍ରଥମ ସପ୍ତାହରେ ବିଦ୍ରୋହୀଙ୍କ ହାତରେ ଲେଫ୍‌ଟନାଣ୍ଟ ଫାରିସ୍ ଓ ଜଣେ ସୁବେଦାର ନିହତ ହେଲେ । ସମଗ୍ର ଖୋର୍ଦ୍ଧାରେ ବିଦ୍ରୋହ ତେଜି ଉଠିଲା । ଏହା ଦେଖି ଇମ୍ପେ କଟକ ପ୍ରତ୍ୟାବର୍ତ୍ତନ କଲେ ।

ଇତି ମଧ୍ୟରେ ବିଦ୍ରୋହ ଲେମ୍ବାଇ, କୋଠଦେଶ ଓ ପିପିଲିକୁ ବ୍ୟାପିଲା । ଲେମ୍ବାଇରେ ସର୍ବରାକାର ଚରଣ ପଟ୍ଟନାୟକଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ । ନୂତନ ବନ୍ଦୋବସ୍ତରେ ସର୍ବରାକାରମାନେ ରୟତମାନଙ୍କଠାରୁ ଖଜଣା ଅସୁଲ କରିବାପାଇଁ କଠୋର ନୀତି ଆଚରଣ କରୁଥିଲେ । ଅନ୍ୟଥା ଖଜଣା ଅସୁଲ କରି ନପାରିବା ଅପରାଧରେ ସେମାନଙ୍କୁ ନାନା ଦଣ୍ଡ ଭୋଗ କରିବାକୁ ପଡୁଥିଲା । ସେଥିପାଇଁ ସେମାନେ ସରକାରଙ୍କ ପିୟପାତ୍ର ହେବାକୁ ଉଦ୍ୟମ କରି ରୟତବିରୋଧୀ ହେବାକୁ ବାଧ୍ୟ ହେଉଥିଲେ। ନିହତ ସର୍ବରାକାର ଚରଣ ପଟ୍ଟନାୟକ ବକ୍ସି ଜଗବନ୍ଧୁଙ୍କୁ ଦୁର୍ଦ୍ଧାନ୍ତ ପିଣ୍ଡାରୀ ଡକାୟତମାନଙ୍କ ସହଯୋଗୀ ଭାବରେ ଚିତ୍ରଣ କରି ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଥିଲେ । ତାଙ୍କୁ ହତ୍ୟା କରି ବିଦ୍ରୋହୀମାନେ ନିଜ ଶକ୍ତିର ପରିଚୟ ଦେଲେ ।

୧୮୧୭ ଏପ୍ରିଲ୍ ୧୨ ତାରିଖରେ ଖୋର୍ଦ୍ଧାରେ ସାମରିକ ଆଇନ ଲାଗୁ ହେଲା । ଅନ୍ୟ ପକ୍ଷରେ ପ୍ରାୟ ପାଞ୍ଚରୁ ଦଶ ହଜାର ବିଦ୍ରୋହୀ ସେହିଦିନ ପୁରୀ ଅଧିକାର କରିନେଲେ । ସେଠାରେ ମଧ୍ୟ ସରକାରୀ କଚେରି ଓ କୋଠାଘରଗୁଡ଼ିକୁ ପୋଡ଼ିଦିଆଗଲା । ଇଂରେଜ ସୈନ୍ୟ ପଛଘୁଞ୍ଚା ଦେଲେ । ଅନ୍ୟାନ୍ୟ ସରକାରୀ କର୍ମଚାରୀ ମଧ୍ୟ ପୁରୀ ଛାଡ଼ି ଚାଲିଗଲେ । ଜଗବନ୍ଧୁ ପୁରୀ ଦଖଲ କଲା ପରେ ଖୋର୍ଦ୍ଧାର ଗାଦିଚ୍ୟୁତ ରାଜାଙ୍କୁ ବିଦ୍ରୋହର ନେତୃତ୍ୱ ନେବାକୁ ଅନୁରୋଧ କଲେ । ମାତ୍ର ରାଜା ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । ଏପ୍ରିଲ୍ ୧୯ ତାରିଖ ସୁଦ୍ଧା ଖୋର୍ଦ୍ଧା ବ୍ୟତୀତ ପୁରୀ, ପିପିଲି ଏବଂ ଲେମ୍ବାଇରେ ସାମରିକ ଆଇନ ଲାଗୁ ହେଲା ।

୧୮୧୭ ମସିହା ମେ' ମାସ ଶେଷ ବେଳକୁ ସରକାର ଖୋର୍ଦ୍ଧା, ପୁରୀ ଓ ପିପିଲିରେ ବିଦ୍ରୋହୀମାନଙ୍କୁ ଦମନ କରିବାରେ ସଫଳ ହେଲେ । ପୁରୀରେ ବିଦ୍ରୋହୀମାନଙ୍କୁ ଦମନ କରିବାରେ କେପଟେନ୍ ପି.ଲେ. ଫେଭାର (Captain P le Fevre) ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କାଳେ ଗାଦିଚ୍ୟୁତ ଖୋର୍ଦ୍ଧା ରାଜା ବିଦ୍ରୋହରେ ଯୋଗ ଦେଇପାରନ୍ତି ,ଏହି ସନ୍ଦେହରେ ତାଙ୍କୁ କଟକ ସ୍ଥାନାନ୍ତର କରାଗଲା । ଗୃହବନ୍ଦୀ ଅବସ୍ଥାରେ ରାଜା କେତେ ମାସ କଟକରେ ନିଃସଙ୍ଗ ଜୀବନ ଅତିବାହିତ କରିବା ପରେ ଦେହତ୍ୟାଗ କଲେ ।

ପାଇକ ବିଦ୍ରୋହ କନିକା ଓ କୁଜଙ୍ଗକୁ ମଧ୍ୟ ବିସ୍ତାରିତ ହୋଇଥିଲା । ସରକାରଙ୍କ ସନ୍ଦେହ ଯେ, ସେଠାକାର ସ୍ଥାନୀୟ ରାଜା ବିଦ୍ରୋହୀମାନଙ୍କୁ ସହଯୋଗ କରୁଥିଲେ । ୧୮୧୭ ଅକ୍ଟୋବର ୨ତାରିଖ ଦିନ ମାତ୍ର ୬ଦିନର ସୈନ୍ୟ ଅଭିଯାନ ପରେ କୁଜଙ୍ଗ ରାଜା ଆତ୍ମସମର୍ପଣ କଲେ । ଅକ୍ଟୋବର ଶେଷ ସୁଦ୍ଧା ପାଇକ ବିଦ୍ରୋହ ପୂର୍ଣ୍ଣତଃ ଦମନ ହେଲା ବୋଲି ସରକାର ମନେକଲେ ।

କେବଳ ବାଣପୁରକୁ ବାଦ ଦେଲେ ଅନ୍ୟ ଅଞ୍ଚଳରୁ ସାମରିକ ଆଇନ ଉଠାଇ ଦିଆଗଲା । ୧୮୧୮ ଏପ୍ରିଲ୍ ମାସରେ ବାଣପୁରରୁ ମଧ୍ୟ ସାମରିକ ଆଇନକୁ ପ୍ରତ୍ୟାହାର କରି ନିଆଗଲା ।

ବିଦ୍ରୋହ ଦମନ ପରେ ସରକାର ବକ୍ସି ଜଗବନ୍ଧୁ ଏବଂ ତାଙ୍କର ଅନ୍ୟ ସହଯୋଗୀମାନଙ୍କୁ ଗିରଫ କରିବାପାଇଁ ଯଥାସାଧ୍ୟ ଉଦ୍ୟମ କଲେ । ଜଗବନ୍ଧୁଙ୍କୁ ଧରିଦେବାପାଇଁ ୫୦୦୦ଟଙ୍କା ଓ ଅନ୍ୟ ମୁଖ୍ୟ ବିଦ୍ରୋହୀ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କପାଇଁ ୨୦୦୦ଟଙ୍କା ଘୋଷଣା କରାଗଲା । ଅନ୍ୟ ବିଦ୍ରୋହୀ ନେତା ଗୋପାଳ ଛୋଟରାୟ, ପଦ୍ମନାଭ ଛୋଟରାୟ ଓ ପିନାକୀ ବାହୁବଳେନ୍ଦ୍ର ଆଦିଙ୍କୁ ଧରିଦେବାପାଇଁ ମଧ୍ୟ ପୁରସ୍କାର ଘୋଷଣା ହେଲା । ଅନ୍ୟ ପକ୍ଷରେ ୧୮୧୭ ଏପ୍ରିଲ୍ ମାସ ପରଠାରୁ ବିଦ୍ରୋହରେ ମିଶିଥିବା ସାଧାରଣ ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କଲେ କ୍ଷମା ଦିଆଯିବ ବୋଲି ଘୋଷଣା କରାଗଲା । ଅନେକ ବିଦ୍ରୋହୀ ଏହା ପରେ ଆତ୍ମସମର୍ପଣ କଲେ । ମାତ୍ର ବକ୍ସି ଜଗବନ୍ଧୁ ଏବଂ ତାଙ୍କ ମୁଖ୍ୟ ସହଯୋଗୀମାନେ ଜଙ୍ଗଲରେ ଆତ୍ମଗୋପନ କରି ରହିଲେ । ସେମାନଙ୍କୁ ଘୁମୁସର, ରଣପୁର ଓ ନୟାଗଡ଼ର ରାଜା ଗୁପ୍ତ ଭାବରେ ସହଯୋଗ କରୁଥିଲେ ବୋଲି ମଧ୍ୟ ସରକାର ସନ୍ଦେହ କରୁଥିଲେ । ୧୮୧୯ରେ କନ୍ଧମାଳରେ ପାଣ ଓ କନ୍ଧମାନଙ୍କ ବିଦ୍ରୋହ ପଛରେ ଜଗବନ୍ଧୁଙ୍କ ପ୍ରୋତ୍ସାହନ ରହିଥିଲା ବୋଲି ସରକାର ମନେ କରୁଥିଲେ । ଅସଲରେ ସରକାରଙ୍କ ବିରୋଧରେ ଆଦିବାସୀମାନେ ଯେତେ ଅସନ୍ତୁଷ୍ଟ ଥିଲେ, ତହିଁରେ ବିଦ୍ରୋହୀ ଜଗବନ୍ଧୁ ବା ତାଙ୍କ ସହଯୋଗୀଙ୍କୁ ସାଧାରଣ ସ୍ତରରେ ଆଶ୍ରୟ ମିଳିବା କାଠିକର ନଥିଲା ।

୧୮୨୦ରେ ଜଗବନ୍ଧୁ ଓ ତାଙ୍କ ପ୍ରମୁଖ ସହଯୋଗୀ କୃଷ୍ଣଚନ୍ଦ୍ର ଏକ ମିଳିତ ପତ୍ର ପୁରୀର ଯୁଗ୍ମ ମାଜିଷ୍ଟ୍ରେଟ୍ ମେଲ୍‌ଭିଲ୍‌ଙ୍କ ପାଖକୁ ପଠାଇଲେ । ଏଥିରେ ଜଗବନ୍ଧୁ ଓ ଖୋର୍ଦ୍ଧା ରାଜାଙ୍କ ପ୍ରତି ଇଂରେଜମାନେ ଅନ୍ୟାୟ କରିଛନ୍ତି ବୋଲି ଉଲ୍ଲେଖ କରାଯାଇଥିଲା । ଖୋର୍ଦ୍ଧାର ଦୁରବସ୍ଥା କଥା ମଧ୍ୟ ତହିଁରେ ଲିଖିତ ଥିଲା । ଅନ୍ୟାୟର ପ୍ରତିକାର ହେଲେ ଜଗବନ୍ଧୁ କ୍ଷମା ଯାଚନା କରିବେ ବୋଲି ପତ୍ରରେ ପ୍ରତିଶ୍ରୁତି ଦେଇଥିଲେ । କ୍ଷମା ଦେବାପାଇଁ ସରକାର ଜଗବନ୍ଧୁଙ୍କ ଆଗରେ ତିନୋଟି ସର୍ତ୍ତ ରଖିଥିଲେ । ପ୍ରଥମ, ଜଗବନ୍ଧୁ ଓ କୃଷ୍ଣଚନ୍ଦ୍ରଙ୍କୁ ସମ୍ପତ୍ତି ଅଧିକାର ତଥା ରାଜକୀୟ ଉପାଧି ତ୍ୟାଗ କରିବାକୁ ପଡ଼ିବ । ଦ୍ୱିତୀୟ, ଉଭୟ ବିଦ୍ରୋହୀ ନେତା କଟକ ବା ନିକଟବର୍ତ୍ତୀ କୌଣସି ସ୍ଥାନରେ ରହିବେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିନାନୁମତିରେ ବାସସ୍ଥାନ ଛାଡ଼ିପାରିବେ ନାହିଁ । ତୃତୀୟ, ସେମାନଙ୍କୁ ଯଥାକ୍ରମେ ୧୦୦ଟଙ୍କା ଓ ୫୦ଟଙ୍କା ମାସିକ ଭତ୍ତା ଦିଆଯିବ । ଜଗବନ୍ଧୁ ଏହାର ଉତ୍ତରରେ ଖୋର୍ଦ୍ଧା ରାଜାଙ୍କ ପୂର୍ବ ସ୍ଥିତି ଫେରାଇ ଦେବାକୁ ଇଂରେଜମାନଙ୍କଠାରେ ଦାବି କରିଥିଲେ ।

ଇତିମଧ୍ୟରେ ବିଦ୍ରୋହୀ ନେତା ଗୋପାଳ ଛୋଟରାୟ, ବିଷ୍ଣୁ ପାଇକରାୟ, ରାମ ସିଂହ ଓ ନାଥ ପ୍ରଧାନଙ୍କୁ ଦେଶଦ୍ରୋହ ଅପରାଧରେ ଏବଂ ପରଶୁରାମ ପଟ୍ଟନାୟକ ଏବଂ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ହତ୍ୟା ଅପରାଧରେ ମୃତ୍ୟୁଦଣ୍ଡ ଦିଆଗଲା । ଅନ୍ୟ ୧୦୩ ଜଣ ବିଦ୍ରୋହୀଙ୍କୁ ଦେଶାନ୍ତର ଦଣ୍ଡରେ ଓ ୫୫ ଜଣଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା । ୧୮୨୫ ମେ ମାସ ୨୭ ତାରିଖ ଦିନ ଜଗବନ୍ଧୁ କଟକରେ ଆତ୍ମସମର୍ପଣ କଲେ । କୃଷ୍ଣଚନ୍ଦ୍ର ଓ ଭ୍ରମରବର ରାୟ

ଖୋର୍ଦ୍ଧାରେ ଯୁଗ୍ମ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଆତ୍ମସମର୍ପଣ କଲେ । ଉଭୟଙ୍କୁ ଯଥାକ୍ରମେ ୧୫୦ଟଙ୍କା ଓ ୧୦୦ଟଙ୍କା ମାସିକ ଭତ୍ତା ପ୍ରଦାନ କରାଗଲା । ୧୮୨୯ ଜାନୁଆରି ୨୪ ତାରିଖ ଦିନ କଟକଠାରେ ଗୃହବନ୍ଦୀ ଅବସ୍ଥାରେ ଜଗବନ୍ଧୁଙ୍କର ମୃତ୍ୟୁ ହେଲା ।

୧୮୧୭ ସେପ୍ଟେମ୍ବର ମାସରେ ପାଇକ ବିଦ୍ରୋହର କାରଣ ଅନୁସନ୍ଧାନପାଇଁ ସରକାର ଏକ କମିଶନ ନିଯୁକ୍ତ କରିଥିଲେ । ଏଥିରେ ପ୍ରଥମେ ଏଲିଜା, ଇମ୍ପେ ଏବଂ ତାଙ୍କ ପରେ ଓ୍ୱାଲ୍‌ଟର ଇଓ୍ୱାର୍ ଏବଂ ଜି, ମାର୍ଟିନ୍‌ତେଲ ନିଯୁକ୍ତ ହୋଇଥିଲେ । ୧୮୧୮ମସିହା ମେ ମାସରେ କମିଶନ ତାଙ୍କ ରିପୋର୍ଟ ଦାଖଲ କଲେ । 'ଇଓ୍ୱାର ରିପୋର୍ଟ' ନାମରେ ପରିଚିତ ଏହି ରିପୋର୍ଟରେ ବିଦ୍ରୋହର କାରଣମାନ ନିମ୍ନ ପ୍ରକାରେ ଉଲ୍ଲେଖ କରାଯାଇଥିଲା । ମରୁଡ଼ି ଓ ବନ୍ୟାଯୋଗୁଁ ଶସ୍ୟହାନି ହେଲା ଅଥଚ ରାଜସ୍ୱ ଅସୁଲରେ ସରକାର ରିହାତି ପ୍ରଦାନ କରି ନଥିଲେ । ସ୍ୱଳ୍ପମିଆଦୀ ବନ୍ଦୋବସ୍ତ ଯୋଗୁଁ ପ୍ରତିଥର ରାଜସ୍ୱ ବୃଦ୍ଧି ପାଉଥିଲା । ପାଇକମାନଙ୍କର ନିଷ୍କର ଜାଗିର୍ ଜମିକୁ ସରକାର ହସ୍ତଗତ କରି ନେଇ ତା' ଉପରେ ଖଜଣା ବସାଇଲେ । କଉଡ଼ିର ମୂଲ୍ୟ ହ୍ରାସଯୋଗୁଁ ଗ୍ରାମାଞ୍ଚଳର ଲୋକେ କଉଡ଼ି ବଦଳରେ ସିକ୍କା ଟଙ୍କା ପାଇବାଲାଗି ଅଧିକ ମୂଲ୍ୟର ଶସ୍ୟ ଦେବାକୁ ବାଧ୍ୟ ହେଲେ । ଲୁଣର ଆମଦାନୀଯୋଗୁଁ ଲୁଣମରାରେ ନିଯୁକ୍ତ ସ୍ଥାନୀୟ ଲୋକେ ରୋଜଗାର ହରାଇଲେ ଏବଂ ବିଦ୍ରୋହରେ ଯୋଗ ଦେଲେ । ସରକାରୀ ଅଫିସ୍‌ରେ ଅଣଓଡ଼ିଆମାନଙ୍କର ବ୍ୟାପକ ନିଯୁକ୍ତି ଯୋଗୁଁ ସାଧାରଣ ସ୍ଥାନୀୟ ଲୋକଙ୍କୁ ପ୍ରଶାସନ ଅଧିକ ଜଟିଳ ମନେହେଲା । ଲୋକେ ଅଯଥା ଉତ୍ପୀଡ଼ନର ଶିକାର ହେଲେ ।

ଇଓ୍ୱାର୍ ତାଙ୍କ ରିପୋର୍ଟରେ କେତେକ ସମାଧାନର ପନ୍ଥା ମଧ୍ୟ ଦର୍ଶାଇଥିଲେ । ସ୍ୱଳ୍ପ ମିଆଦୀ ବନ୍ଦୋବସ୍ତ ସ୍ଥାନରେ ଦୀର୍ଘମିଆଦୀ ବନ୍ଦୋବସ୍ତ (୯ରୁ ୧୧ ବର୍ଷ), ଅମଲାତନ୍ତ୍ରରେ ଅଧିକରୁ ଅଧିକ ଓଡ଼ିଆମାନଙ୍କର ନିଯୁକ୍ତି ତଥା ଖଜଣାର ହାର ହ୍ରାସପାଇଁ ସେ ପ୍ରସ୍ତାବ ଦେଇଥିଲେ । ଏ ମଧ୍ୟରୁ କୌଣସିଟି ଦୀର୍ଘକାଳୀନ ସମାଧାନ ନଥିଲା । ପ୍ରକୃତରେ ଦେଖିଲେ, ଔପନିବେଶିକ ଆର୍ଥିକ ଓ ସାମାଜିକ ଶୋଷଣକୁ ଅବ୍ୟାହତ ରଖି ସରକାର ଲୋକଙ୍କ ମନରୁ ବିଦ୍ରୋହୀ ଭାବ ହ୍ରାସ କରିବାକୁ ପ୍ରୟାସ କରୁଥିଲେ ଯାହା କି ଆଦୌ ସମ୍ଭବ ନଥିଲା । ତେଣୁ ବଳ ପ୍ରୟୋଗ କରି ପାଇକ ବିଦ୍ରୋହ ନାମରେ ପରିଚିତ ଖୋର୍ଦ୍ଧାର ଗଣବିଦ୍ରୋହକୁ ଦମନ କରିଦେଲା ପରେ ସରକାରଙ୍କ ପ୍ରତି ଲୋକଙ୍କ ଅସନ୍ତୋଷ ଊଣା ହେଲା ବୋଲି କଦାପି କହିହେବ ନାହିଁ ।

ଜଗବନ୍ଧୁଙ୍କ ଆତ୍ମସମର୍ପଣ ପରେ ସୁଦ୍ଧା ଖୋର୍ଦ୍ଧା ଓ ବାଣପୁରରେ ଜନ ଅସନ୍ତୋଷ ଲାଗି ରହିଥିଲା । ୧୮୨୭ରେ ଖୋର୍ଦ୍ଧା ନିକଟରେ ତାପଙ୍ଗ ଗଡ଼ରେ ସାମନ୍ତ ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ସ୍ଥାନୀୟ ରୟତମାନେ ବିଦ୍ରୋହ କରିଥିଲେ । ସେମାନେ ସରକାରଙ୍କୁ ଖଜଣା ଦେବା ବନ୍ଦ କରି ଦେଇଥିଲେ । ବିଦ୍ରୋହର ଆଠବର୍ଷ ପରେ ପ୍ରତ୍ୟକ୍ଷଦର୍ଶୀ ମଧୁସୂଦନ ବିପ୍ର 'ଫିରିଙ୍ଗି କଳି ଭାରତ' କାବ୍ୟରେ ତାପଙ୍ଗ କଥା ଉଲ୍ଲେଖ କରିଛନ୍ତି । ୧୮୩୬ରେ ବାଣପୁରରେ ପାଇକ ଓ

କନ୍ଧମାନେ ସରକାର ବିରୋଧରେ ବିଦ୍ରୋହ କରିଥିଲେ । ଏହାର ନେତୃତ୍ୱ ନେଇଥିଲେ ଶରଣ ସିଂହ ଓ କୃତ୍ତିବାସ ପାଟଶାଣୀ । ବିଦ୍ରୋହ ଦମନ କରି ସରକାର ଏହି ଉଭୟ ବିଦ୍ରୋହୀଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଦେଇଥିଲେ ।

## ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ : ୧୮୨୭-୧୮୬୪

୧୮୫୭ରେ ଉତ୍ତର-ଭାରତରେ ଇଂରେଜମାନଙ୍କ ବିରୋଧରେ ଯେତେବେଳେ ବ୍ୟାପକ ଗଣସଂଗ୍ରାମ ସଂଘଟିତ ହେଲା, ସେହି ସମୟରେ ସମ୍ବଲପୁରରେ ମଧ୍ୟ ଜନ ବିଦ୍ରୋହ ଦେଖିବାକୁ ମିଳିଥିଲା । ଏହାର ନେତୃତ୍ୱ ନେଇଥିଲେ ସୁରେନ୍ଦ୍ର ସାଏ । ୧୮୫୭ ଗଣସଂଗ୍ରାମ ଆରମ୍ଭ ହେବାର ଅନେକ ବର୍ଷ ପୂର୍ବରୁ ଏହି ବିଦ୍ରୋହର ଆରମ୍ଭ ଘଟିଥିଲା ଏବଂ ୧୮୫୭ ଗଣସଂଗ୍ରାମର ଦମନ ପରେ ସୁଦ୍ଧା ଏହା ଅନେକ ବର୍ଷ ଧରି ଅବ୍ୟାହତ ରହିଥିଲା । ସମ୍ବଲପୁର ରାଜଗାଦି ଉପରେ ନିଜର ଦାବି ଜାହିର କରି ଯଦିଓ ସୁରେନ୍ଦ୍ର ସାଏ ବିଦ୍ରୋହ ଆରମ୍ଭ କରିଥିଲେ, ଔପନିବେଶିକ ଶୋଷଣର ଶିକାର ବିଭିନ୍ନ ବର୍ଗର ଲୋକ ଏଥିରେ ସାମିଲ୍ ହୋଇଥିଲେ ଏବଂ ବିଦ୍ରୋହକୁ ସୁରେନ୍ଦ୍ର ସାଏଙ୍କ ବ୍ୟକ୍ତିଗତ ସ୍ତରରେ ସୀମିତ ନରଖି ଏକ ଗଣସଂଗ୍ରାମର ରୂପ ଦେଇଥିଲେ ।

ସୁରେନ୍ଦ୍ର ସାଏ ଥିଲେ ସମ୍ବଲପୁର ନିକଟବର୍ତ୍ତୀ ରାଜପୁର-ଖିଣ୍ଡା ଜମିଦାରୀର ଧରମ ସିଂହଙ୍କ ପୁତ୍ର । ୧୮୨୭ରେ ସମ୍ବଲପୁରର ରାଜା ମହାରାଜା ସାଏଙ୍କର ମୃତ୍ୟୁ ପରେ ବରପାଲି ଜମିଦାରୀର ନାରାୟଣ ସିଂହଙ୍କୁ ସରକାର ସମ୍ବଲପୁରର ରାଜା ଘୋଷଣା କଲେ । ମାତ୍ର ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇମାନେ (ଉଦନ୍ତ, ଧ୍ରୁବ, ଉଜ୍ଜ୍ୱଳ, ଛବିଳ, ଜାଜ୍ଜ୍ୱଳ ଓ ମେଦିନୀ) କକା ବଳରାମ ସାଏଙ୍କ ନିର୍ଦ୍ଦେଶରେ ରାଜଗାଦି ଦାବି କଲେ । ସୁରେନ୍ଦ୍ରଙ୍କ ଦାବି କେତେ ନ୍ୟାଯ୍ୟ ଥିଲା କେଜାଣି, କିନ୍ତୁ ବୃଦ୍ଧ ନାରାୟଣଙ୍କୁ ରାଜଗାଦିରେ ବସାଇ ସରକାର ସମ୍ବଲପୁରରେ ପ୍ରତ୍ୟକ୍ଷ ଶାସନ ଚଳାଇବାକୁ ମସୁଧା କରିଥିଲେ । ନାରାୟଣ ସିଂହ ନାମମାତ୍ର ରାଜା ହେବେ ବୋଲି ସୁସ୍ପଷ୍ଟ ଥିଲା । ଏହା ସ୍ଥାନୀୟ ସ୍ୱାଭିମାନକୁ ଆହତ କରିଥିଲା । ପୁଣି ୧୮୦୪ରୁ ଏବଂ ବିଶେଷକରି ୧୮୧୭ ପରଠାରୁ ଇଂରେଜମାନେ ପ୍ରାଶାସନିକ ଓ ଆର୍ଥିକ ସ୍ତରରେ ଯେଉଁ ବ୍ୟାପକ ପରିବର୍ତ୍ତନମାନ ଆଣିଥିଲେ ତାହା ବିରୁଦ୍ଧରେ ଜନ ଅସନ୍ତୋଷ ବୃଦ୍ଧି ପାଇଲା । ସମ୍ବଲପୁର ଅଞ୍ଚଳ ଇଂରେଜମାନଙ୍କ ହାତକୁ ଚାଲିଗଲା ପରେ ଶୋଷଣ ଅଧିକ ବ୍ୟାପକ ହେବ ବୋଲି ଲୋକ ନିଜ ସାଧାରଣ ବୁଦ୍ଧିରେ ବୁଝି ପାରୁଥିଲେ । ତେଣୁ ସେହି ବ୍ୟାପକ ଜନ ଅସନ୍ତୋଷର ପ୍ରତୀକ ଭାବରେ ସୁରେନ୍ଦ୍ର ସାଏଙ୍କୁ ଦେଖିବା ହୁଏତ ସ୍ୱାଭାବିକ ପ୍ରତୀତ ହେବ ।

ସୁରେନ୍ଦ୍ର ସାଏଙ୍କ ବିଦ୍ରୋହକୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ଦେଖିହେବ । ପ୍ରଥମ ପର୍ଯ୍ୟାୟ (୧୮୨୭-୧୮୪୦)ରେ ସେ ରାଜଗାଦି ଲାଭ କରିଥିବା ନାରାୟଣ ସିଂହଙ୍କ ବିରୁଦ୍ଧରେ ଗଣ୍ଡ ଜମିଦାର ଓ ଗୌନ୍ତିଆମାନଙ୍କୁ ଏକଜୁଟ କଲେ । ଏହି ପ୍ରକ୍ରିୟାରେ ତାଙ୍କୁ ଲଖନପୁରରେ ନାରାୟଣ ସିଂହଙ୍କ ସିପାହୀମାନଙ୍କ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା । ଆକ୍ରମଣରେ ଯଦିଓ ସୁରେନ୍ଦ୍ର ସାଏ କିମ୍ବା ତାଙ୍କ ଭାଇମାନଙ୍କର କୌଣସି କ୍ଷତି ହୋଇ ନଥିଲା, କିନ୍ତୁ ତାଙ୍କ ଘନିଷ୍ଠ ସହଯୋଗୀ ଲଖନପୁରର ଗଣ୍ଡ

ଜମିଦାର ବଳଭଦ୍ର ଦେଓଙ୍କର ପ୍ରାଣ ଗଲା । ଏହା ପରେ ପ୍ରତିଶୋଧ ନେବାପାଇଁ ୧୮୪୦ରେ ସୁରେନ୍ଦ୍ର, ତାଙ୍କ ଭାଇ ଉଦନ୍ତ ଓ କକା ବଳରାମ ସାଏ ମିଶି ନାରାୟଣ ସିଂହଙ୍କ ସମର୍ଥକ ରାମପୁରର ଜମିଦାର ଦୁର୍ଜୟ ସିଂହଙ୍କୁ ହତ୍ୟା କଲେ । ପରିଣାମ ସ୍ୱରୂପ ସରକାର ସେମାନଙ୍କୁ ଗିରଫ କରି ହଜାରିବାଗ୍ ଜେଲ୍‌ରେ ବନ୍ଦୀ କରି ରଖିଲେ । ଜେଲ୍‌ରେ ହିଁ ବଳରାମ ସାଏଙ୍କର ମୃତ୍ୟୁ ହେଲା ।

୧୮୪୯ରେ ନାରାୟଣ ସିଂହଙ୍କ ମୃତ୍ୟୁ ପରେ ରାଜସ୍ୱତ୍ୱ ଲୋପ ନୀତି ଅନୁସାରେ ସମ୍ବଲପୁରକୁ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ କରାଗଲା, କାରଣ ନାରାୟଣଙ୍କ ପୁତ୍ରସନ୍ତାନ ନ ଥିଲେ । ଏଣିକି ଜମିଦାର ଓ ଗୌନ୍ତିଆମାନେ ନିଷ୍କର ଜମି ଭୋଗ କରିବାରୁ ବଞ୍ଚିତ ହେଲେ । ନିଷ୍କର ଜମି ଉପରେ ଖଜଣା ଧାର୍ଯ୍ୟ ହେଲା; ଜମିଦାରମାନଙ୍କ ଦେୟ ବୃଦ୍ଧି କରାଗଲା । ୧୮୪୯ରେ ସମ୍ବଲପୁରର ବାର୍ଷିକ କର ଥିଲା ୮,୮୦୦ଟଙ୍କା । ୧୮୫୪ରେ ଏହା ବୃଦ୍ଧିପାଇ ହେଲା ୭୪,୦୦୦ଟଙ୍କା । ଜମିଦାର ଓ ଗୌନ୍ତିଆମାନଙ୍କ ବ୍ୟତୀତ ନିଷ୍କର ଭୂମି ଦଖଲରୁ ବଞ୍ଚିତ ହୋଇଥିବା ବ୍ରାହ୍ମଣମାନେ ଏଣିକି ସରକାରଙ୍କ ବିରୁଦ୍ଧରେ ଏକଜୁଟ ହେଲେ । ବିଦ୍ରୋହପାଇଁ ଆବଶ୍ୟକ ଥିଲା ଜଣେ ନେତାର । କାରଣ ସେତେବେଳକୁ ସୁରେନ୍ଦ୍ର ସାଏ ହଜାରିବାଗ ଜେଲ୍‌ରେ ବନ୍ଦି ଥିଲେ ।

୧୮୫୭ର ଗଣସଂଗ୍ରାମ ସମୟରେ ବିଦ୍ରୋହୀ ସିପାହୀମାନେ ହଜାରିବାଗ ଜେଲକୁ ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ କେବଳ ଜେଲରୁ ମୁକ୍ତ ହେଲେ ନାହିଁ, ଇଂରେଜ ସରକାର ବିରୁଦ୍ଧରେ ଆରମ୍ଭ ହୋଇଥିବା ବ୍ୟାପକ ସଂଗ୍ରାମ ସମ୍ବନ୍ଧରେ ମଧ୍ୟ ଅବଗତ ହେଲେ । ଏହା ତାଙ୍କୁ ଇଂରେଜ ସରକାରର ଭାରତରୁ ଉନ୍ମୂଳନ ସଂଭବ ବୋଲି ଆଶାବାଦୀ କଲା । ଦୀର୍ଘ ୧୭ ବର୍ଷ ଜେଲରେ ରହିଥିଲେ ମଧ୍ୟ ସରକାରଙ୍କ ପ୍ରତି ଭୟଭୀତ ହେବା ପରିବର୍ତ୍ତେ ନୂତନ ଉତ୍ସାହରେ ସଂଗ୍ରାମ କରିବା ଉଦ୍ଦେଶ୍ୟରେ ସେମାନେ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କଲେ । ଅସନ୍ତୁଷ୍ଟ ଜନତା, ଆଦିବାସୀ, ଜମିଦାର ଓ ଗୌନ୍ତିଆମାନେ ତାଙ୍କୁ ସମ୍ବଲପୁରରେ ସ୍ୱାଗତ କରି ବିଦ୍ରୋହର ଆଶାକୁ ପୁନର୍ଜୀବିତ କଲେ ।

୧୮୫୭ ଅକ୍ଟୋବରରେ ସମ୍ବଲପୁର ଫେରି ସୁରେନ୍ଦ୍ର ସାଏ ପ୍ରଥମେ ସହକାରୀ କମିସନର କେପ୍‌ଟେନ୍ ଆର୍.ଟି.ଲେହଙ୍କୁ (Caption R.T Leigh)ରାଜ ସିଂହାସନ ପ୍ରଦାନ କରିବାପାଇଁ ଦାବି ଜଣାଇଲେ । ସରକାର ସୁରେନ୍ଦ୍ର ସାଏଙ୍କ ଦାବି ପ୍ରତ୍ୟାଖ୍ୟାନ କରି କୌଶଳରେ ତାଙ୍କୁ ସମ୍ବଲପୁରରେ ନଜରବନ୍ଦୀ କରି ରଖିଲେ । ଅକ୍ଟୋବର ୩୧ରେ ସୁରେନ୍ଦ୍ର ନଜରବନ୍ଦୀ ଭାଙ୍ଗି ପ୍ରଥମେ ନିଜ ଗ୍ରାମ ଖିଣ୍ଡା ଗଲେ ଏବଂ ଭାଇମାନଙ୍କ ସହଯୋଗରେ ବିଦ୍ରୋହ ଆରମ୍ଭ କଲେ ।

ବିଦ୍ରୋହରେ ଘେଁସ, କୋଲାବିରା, ପାହାଡ଼ଶ୍ରୀଚିତା, ମଚିଦା, ଲଇଡ଼ା, ଲୁଇସିଙ୍ଗା, ଲଖନପୁର, ଭେଡ଼େନ ଆଦିର ଜମିଦାରମାନେ ସୁରେନ୍ଦ୍ରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଲେ । ଘେଁସର ଜମିଦାର ମାଧୋ ସିଂହ ଓ ତାଙ୍କ ପୁତ୍ର କୁଞ୍ଜଲ ସିଂହ ଧରାପଡ଼ି ଫାଶୀଦଣ୍ଡ ପାଇଲେ । ମାଧୋଙ୍କର ଅନ୍ୟ ଏକ ପୁତ୍ର ହଟେ ସିଂହ ବା ହାତୀ ସିଂଙ୍କୁ ଦୀପାନ୍ତର କରି ଆଣ୍ଡାମାନ୍ ପଠାଇ ଦିଆଗଲା । ବିଦ୍ରୋହୀମାନେ ସମ୍ବଲପୁର ସହିତ ହଜାରିବାଗ, ରାଞ୍ଚି, କଟକ ଓ ନାଗପୁରର ଯୋଗାଯୋଗକୁ

ଛିନ୍ନ କରିଦେଲେ । କେତୋଟି ଡାକଘରେ ନିଆଁ ମଧ୍ୟ ଲଗାଇଦେଲେ । ସମ୍ବଲପୁର ସହର ପରିବର୍ତ୍ତେ ସେମାନେ ବଣ ଜଙ୍ଗଲରେ ଗରିଲା ପଦ୍ଧତିରେ ସରକାରୀ କଳ ଓ ଦଳ ଉପରେ ଆକ୍ରମଣ କରୁଥିଲେ । କଟକରୁ ସମ୍ବଲପୁର ଆସୁଥିବା ଦୁଇଜଣ ଇଂରେଜ ଡାକ୍ତରଙ୍କୁ ସେମାନେ ଝୁଝୁମୁରାଠାରେ ଆକ୍ରମଣ କଲେ । ଫଳରେ ମୁର ନାମକ ଜଣେ ଡାକ୍ତର ନିହତ ହେଲେ ଏବଂ ହାନସନ ନାମକ ଦ୍ୱିତୀୟ ଡାକ୍ତର ଜଣକ ପ୍ରାଣ ବିକଳରେ ଜଙ୍ଗଲକୁ ପଳାଇଲେ । କେପଟେନ୍ ଲେହ ଦୁଇ ଦିନ ପରେ ତାଙ୍କୁ ଜଙ୍ଗଲରୁ ଉଦ୍ଧାର କଲେ ।

ସୁରେନ୍ଦ୍ର ଓ ତାଙ୍କ ସହଯୋଗୀମାନେ ମୁଖ୍ୟତଃ ସରକାର ସମର୍ଥକ ଗାଁଗଣ୍ଡା ଓ ତା'ର ଗୌନ୍ତିଆ ଜମିଦାରମାନଙ୍କୁ ଆକ୍ରମଣ କରୁଥିଲେ । ସେମାନଙ୍କ ପାଖରେ ଉନ୍ନତ ଅସ୍ତ୍ରଶସ୍ତ୍ର ନ ଥିଲା । ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ସେମାନେ ଗରିଲା ଯୁଦ୍ଧରେ ଶତ୍ରୁକୁ ଜଡ଼ିତ ରଖିବାକୁ ପ୍ରୟାସ କରୁଥିଲେ । ସେମାନଙ୍କ ଆକ୍ରମଣରେ ୧୮୫୮ ଫେବୃଆରି ୧୨ ତାରିଖରେ ପାହାଡ଼ ଶ୍ରୀଗିଡ଼ାରେ କେପ୍‌ଟେନ୍ ଉଡ୍‌ବ୍ରିଜ୍ ପ୍ରାଣ ହରାଇଲେ । ଅନ୍ୟ ଜଣେ ଇଂରେଜ ସେନାପତି ମେଜର ବେଟ୍‌ସ ଯୁଦ୍ଧଜନିତ ପରିଶ୍ରମଯୋଗୁଁ ପ୍ରାଣ ହରାଇଲେ । ଗରିଲା ଯୁଦ୍ଧରେ ଅନ୍ୟ କେତେକ ସିପାହୀ ମଧ୍ୟ ଆହତ ହୋଇଥିଲେ । ୧୮୫୭ ମସିହା ନଭେମ୍ବର ମାସରୁ ୧୮୫୮ ମାର୍ଚ୍ଚ ଶେଷ ଯାଏଁ ବିଦ୍ରୋହ ସମଗ୍ର ସମ୍ବଲପୁର ଅଞ୍ଚଳରେ ତୀବ୍ର ରୂପ ଧାରଣ କଲା, ଯଦିଓ ସମ୍ବଲପୁର ସହରରେ ବିଦ୍ରୋହୀମାନଙ୍କର ବିଶେଷ କର୍ତ୍ତୃତ୍ୱ ନଥିଲା ।

୧୮୫୮ ମାର୍ଚ୍ଚ ୨୯ ତାରିଖରେ କେପ୍‌ଟେନ୍ ଲେହଙ୍କ ସ୍ଥାନରେ ସମ୍ବଲପୁର ପ୍ରଶାସନ ଦାୟିତ୍ୱ ନେବାପାଇଁ କର୍ଣ୍ଣେଲ୍ ଫୋର୍‌ଷ୍ଟର୍ (Colonel Forster)ପହଞ୍ଚିଲେ । ତାଙ୍କୁ କମିସନରଙ୍କ କ୍ଷମତା ମିଳିଥିଲା । ତାଙ୍କ ପାଖରେ ଅଧିକ ସୈନ୍ୟବଳ ମଧ୍ୟ ଥିଲା । ୧୮୫୮ ଏପ୍ରିଲ୍‌ରୁ ୧୮୬୧ ଏପ୍ରିଲ୍ ମାସ ମଧ୍ୟରେ ସେ ଏକ ରକମ ଆତଙ୍କରାଜ ଆରମ୍ଭ କଲେ । ପାଟଣାର ରାଜାଙ୍କ ଉପରେ ଉଜ୍ଜ୍ୱଳ ସାଏଙ୍କୁ ଆଶ୍ରୟ ଦେବାର ସନ୍ଦେହରେ ୧୦୦୦ଟଙ୍କା ଜୋରିମାନା କରାଗଲା । ପରେ ଉଜ୍ଜ୍ୱଳ ସାଏଙ୍କୁ ଗିରଫ କରି ବିନା ବିଚାରରେ ଫାଶୀଦଣ୍ଡ ଦିଆଗଲା । ପୂର୍ବରୁ ୧୮୫୭ ଡିସେମ୍ବରରେ ଛବିଳ ସାଏ ପପଙ୍ଗା ପାହାଡ଼ରେ ଯୁଦ୍ଧରେ ପ୍ରାଣ ହରାଇଥିଲେ ।

୧୮୬୧ ଏପ୍ରିଲ୍ ମାସରେ ଫୋରଷ୍ଟରଙ୍କ ସ୍ଥାନରେ ମେଜର ଇମ୍ପେ ସମ୍ବଲପୁରର ଡେପୁଟି କମିସନର ନିଯୁକ୍ତ ହୋଇ ଆସିଲେ । ସେତେବେଳକୁ ବିଦ୍ରୋହ ପ୍ରାୟ ଅବଦମିତ ହୋଇ ସାରିଥିଲା , ଯଦିଓ ସୁରେନ୍ଦ୍ର ସାଏ ଧରାପଡ଼ି ନଥିଲେ । ମେଜର ଇମ୍ପେ କୋହଳ ନୀତି ଅନୁସରଣ କରି ବିଦ୍ରୋହୀମାନେ ଆତ୍ମସମର୍ପଣ କଲେ କ୍ଷମା ଦିଆଯିବ ବୋଲି ଘୋଷଣା କଲେ । ୧୮୬୨ ଜାନୁଆରିରେ ସୁରେନ୍ଦ୍ରଙ୍କ ଏକମାତ୍ର ପୁତ୍ର ମିତ୍ରଭାନୁ ସାଏ, ଭାଇ ଧ୍ରୁବ ଓ ଉଦନ୍ତ ସାଏ ଆତ୍ମସମର୍ପଣ କଲେ । ସେହି ବର୍ଷ ମେ ମାସରେ ରାଜଗାଦି ମିଳିଲେ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରିବେ ବୋଲି ଖବର ଦେଲେ । ତାଙ୍କର ଦାବିକୁ ପ୍ରତ୍ୟାଖ୍ୟାନ କରାଗଲା, କାରଣ ସେତେବେଳକୁ ସମଗ୍ର ଭାରତବର୍ଷକୁ ଇଂରେଜମାନେ ପ୍ରତ୍ୟକ୍ଷ ଶାସନାଧୀନ କରିବାକୁ ମସୁଧା କରି ସାରିଥିଲେ । ଯେଉଁଠି ରାଜାରାଜୁଡ଼ାମାନଙ୍କୁ ଶାସନ କରିବାପାଇଁ ଅଧିକାର ଦିଆଗଲା ,ସେଠାରେ ମଧ୍ୟ ଇଂରେଜ ପ୍ରଭୁତ୍ୱ

ବଳବତ୍ତର ରହିଲା । ଶେଷରେ ୧୮୬୨ ମେ ୧୬ ତାରିଖ ଦିନ ବାର୍ଷିକ ୧୨୦୦ଟଙ୍କା ଭତ୍ତା ପାଇବାର ପ୍ରତିଶ୍ରୁତି ପାଇଲା ପରେ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କଲେ ।

ସୁରେନ୍ଦ୍ର ସାଏଙ୍କ ଆତ୍ମସମର୍ପଣ ପରେ ତାଙ୍କ ସହଯୋଗୀ କୁଞ୍ଜଲ ସିଂହ ଓ କମଲ ସିଂହ କିଛି ସମୟ ଧରି ଡକାୟତି ଓ ଲୁଟତରାଜ ଚଳାଇଲେ । ମୁଖ୍ୟତଃ ସେମାନେ ସରକାର ଅନୁଗତଙ୍କ ଉପରେ ଆକ୍ରମଣ କରୁଥିଲେ । ସମ୍ବଲପୁରରେ ଇଂରେଜ ଶାସନ ବଦଳରେ ଚୌହାନ ରାଜବଂଶର ପୁନଃପ୍ରତିଷ୍ଠା ସେମାନଙ୍କ ଲକ୍ଷ୍ୟ ଥିଲା । ୧୮୬୩ ମସିହାରେ ସମ୍ବଲପୁର ଗସ୍ତରେ ଆସିଥିବା କେନ୍ଦ୍ର ପ୍ରଦେଶର ମୁଖ୍ୟ କମିସନରଙ୍କଠାରେ ରାଜବଂଶର ପୁନଃପ୍ରତିଷ୍ଠାଲାଗି କିଛି ଲୋକ ଦାବି ମଧ୍ୟ ଜଣାଇଲେ , ଯାହାକୁ ସରକାର ଅଗ୍ରାହ୍ୟ କରିଦେଲେ । ଏସବୁ ସରକାର ବିରୋଧୀ କାର୍ଯ୍ୟରେ ସୁରେନ୍ଦ୍ର ସାଏଙ୍କ ସଂପୃକ୍ତି ରହିଥିବାର ସନ୍ଦେହ କରାଯାଉଥିଲା । ୧୮୬୪ ଜାନୁଆରି ୨୩ ତାରିଖ ଦିନ ସୁରେନ୍ଦ୍ର ଏବଂ ତାଙ୍କ ସହଯୋଗୀମାନଙ୍କୁ ଗିରଫ କରି ପ୍ରଥମେ ନାଗପୁର ଓ ପରେ ଅସୁରଗଡ଼ ଦୁର୍ଗରେ ବନ୍ଦି କରି ରଖାଗଲା । ଶେଷରେ ୧୮୮୪ ଫେବ୍ରୁଆରି ୨୮ ତାରିଖ ଦିନ ସୁରେନ୍ଦ୍ର ଅସୁରଗଡ଼ ଦୁର୍ଗରେ ପ୍ରାଣତ୍ୟାଗ କଲେ । ଦୀର୍ଘ ୩୭ ବର୍ଷ ଧରି (୧୮୪୦ରୁ ୧୮୫୭ ଓ ୧୮୬୪ରୁ ୧୮୮୪) ସେ ଜେଲ୍ ଦଣ୍ଡ ଭୋଗି ଥିଲେ । ସମ୍ବଲପୁରର ରାଜପଦପାଇଁ ଯଦିଓ ସେ ସଂଗ୍ରାମ କରୁଥିଲେ, ତାଙ୍କ ପଛରେ ସ୍ଥାନୀୟ ଜମିଦାର, ଗୌନ୍ତିଆ ଏବଂ ଅନ୍ୟମାନଙ୍କର ଦୃଢ଼ ସମର୍ଥନ ରହିଥିଲା । ସେମାନେ ସମସ୍ତେ ଇଂରେଜ ଶାସନର ବିକଳ୍ପ ଭାବରେ ଇଂରେଜ ପୂର୍ବରୁ ଅବସ୍ଥାପିତ ଥିବା ରାଜଶାସନକୁ ଦେଖୁଥିଲେ ଏବଂ ସ୍ଥାନୀୟ ସ୍ୱାଭିମାନର ରକ୍ଷାପାଇଁ ଲଢୁଥିଲେ । ଇଂରେଜମାନଙ୍କଦ୍ୱାରା ନ୍ୟାଯ୍ୟ ଦାବିର ହନନ ସୁରେନ୍ଦ୍ର ସାଏ ଏବଂ ତାଙ୍କ ସମର୍ଥକଙ୍କୁ ବିଦ୍ରୋହୀ କରିଥିଲା । ଔପନିବେଶିକ ଶାସନର କୁପରିଣାମକୁ ଏହି ସଂଗ୍ରାମୀମାନେ ନିଜ ସାଧାରଣ ବୁଦ୍ଧିରେ ଅନୁଭବ କରି ପାରିଥିଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ପାରମ୍ପରିକ ରୀତିରେ ତା' ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ସମ୍ମୁଖ ସମର ବଦଳରେ ଗରିଲା ଯୁଦ୍ଧରେ ସେମାନେ ପାରଙ୍ଗମ ଥିଲେ । ତେଣୁ ସହରାଞ୍ଚଳ ଅପେକ୍ଷା ଜଙ୍ଗଲ ଓ ଗାଁ ଗଣ୍ଡାରେ ସେମାନଙ୍କର ସ୍ଥିତି ଦୃଢ଼ ଥିଲା । ସେଠାରେ ସେମାନଙ୍କୁ ପ୍ରଭୂତ ଲୋକ ସମର୍ଥନ ମିଳୁଥିଲା । ଗୌନ୍ତିଆ ଓ ଜମିଦାରମାନଙ୍କ ବ୍ୟତୀତ ଅନେକ ଉଚ୍ଚ ଜାତିର ଲୋକ ଯଥାଃ ଜଗବନ୍ଧୁ ହୋତା, ଲୋକନାଥ ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଧରଣୀଧର ମିଶ୍ର ଓ ପାଣ୍ଡବ ଗୁରୁ ଆଦି ମଧ୍ୟ ସୁରେନ୍ଦ୍ର ସାଏଙ୍କର ଘନିଷ୍ଠ ସହଯୋଗୀ ଥିଲେ ।

## ଅନୁଗୁଳ ବିଦ୍ରୋହ, ୧୮୪୮

ଘୁମୁସର, ଦଶପଲ୍ଲା, ଖୋର୍ଦ୍ଧା, କୁଜଙ୍ଗ, କନିକା ଓ ସମ୍ବଲପୁରରେ ଯେତେବେଳେ ସ୍ଥାନୀୟ ରାଜା, ଜମିଦାର, ପାଇକ, କନ୍ଧ ଓ ରୟତମାନେ ଇଂରେଜଙ୍କ ବିରୋଧରେ ବିଦ୍ରୋହ କଲେ, ସେତେବେଳେ ଅନୁଗୁଳରେ ମଧ୍ୟ ଇଂରେଜବିରୋଧୀ ଗତିବିଧି ଦେଖିବାକୁ ମିଳିଥିଲା । ପରିଣାମ ସ୍ୱରୂପ ୧୮୪୭ରେ ଅନୁଗୁଳକୁ ଇଂରେଜ ସାମ୍ରାଜ୍ୟର ପ୍ରତ୍ୟକ୍ଷ ଶାସନାଧୀନ କରାଗଲା । ଇଂରେଜ ବିରୋଧୀ ଗତିବିଧିର ମୁଖ୍ୟ ଥିଲେ ସେଠାକାର ରାଜା ସୋମନାଥ ସିଂହ । ସେ ୧୮୧୪ରେ ଅଳ୍ପ

ବୟସରେ ରାଜପଦ ଲାଭ କରିଥିଲେ ଏବଂ ନିରନ୍ତର ବିଦ୍ରୋହୀ କନ୍ଧମାନଙ୍କୁ ନାନା ପ୍ରକାର ସହଯୋଗ ପ୍ରଦାନ କରୁଥିଲେ । ନିଜ ଶାସନରେ ଇଂରେଜମାନଙ୍କ ହସ୍ତକ୍ଷେପକୁ ସେ ଆଦୌ ସହ୍ୟ କରିପାରୁ ନଥିଲେ । ହସ୍ତକ୍ଷେପର ବିରୁଦ୍ଧାଚରଣ କରି ସେ ଅନେକ ସମୟରେ ପ୍ରଜାଙ୍କ ଉପରେ ଅତ୍ୟାଚାର କରୁଥିଲେ । ତାଙ୍କ କାର୍ଯ୍ୟକଳାପ ଉପରେ ଇଂରେଜମାନଙ୍କର ତାଗିଦ ବା ଦଣ୍ଡକୁ ସେ ଭୃକ୍ଷେପ କରୁ ନଥିଲେ । ଏହା ତାଙ୍କ ସ୍ୱାଧୀନ ମନୋଭାବର ପରିଚାୟକ ଥିଲା । ଢେଙ୍କାନାଳ, ଦଶପଲ୍ଲା, ବଉଦ, ହିନ୍ଦୋଳ ଓ ଆଠମଲ୍ଲିକ ଆଦି ପଡ଼ୋଶୀ ଗଡ଼ଜାତ ରାଜାମାନେ ଯେତେବେଳେ ଇଂରେଜ ହସ୍ତକ୍ଷେପକୁ ସ୍ୱୀକାର କରି ନେଇଥିଲେ, ସେ ସ୍ୱାଧୀନ ରାଜା ଭଳି ଆଚରଣ କରୁଥିଲେ । ଏହା ଅନେକ ସମୟରେ ଯଥେଚ୍ଛାଚାର ରୂପେ ରାଜ୍ୟରେ ପ୍ରତିଫଳିତ ହେଉଥିଲା । ପରିଣାମ ସ୍ୱରୂପ, ତାଙ୍କ ବିଦ୍ରୋହକୁ ନା ପଡ଼ୋଶୀ ରାଜାମାନଙ୍କର ଗୁପ୍ତ ସହଯୋଗ ମିଳିଥିଲା, ନା ପ୍ରଜାଙ୍କର ସମର୍ଥନ ମିଳିଥିଲା । ସେ ୧୮୩୧ରେ ପଡ଼ୋଶୀ ଦଶପଲ୍ଲାର କେତେକ ଗ୍ରାମକୁ ଓ ୧୮୪୬ରେ ହିନ୍ଦୋଳର ଏକ ଗ୍ରାମକୁ ଆକ୍ରମଣ କରି କବ୍‌ଜା କରି ନେଇଥିଲେ । ଏଥିପାଇଁ ତାଙ୍କ ଉପରେ ଟ୍ରିବୁଟାରୀ ମହଲର ଅଧୀକ୍ଷକ ଜୋରିମାନା କରିଥିଲେ, ଯାହା ସେ ଅମାନ୍ୟ କରିଥିଲେ । ଘୁମୁସରର ବିଦ୍ରୋହୀ କନ୍ଧ ନେତା ଦୋରା ବିଶୋୟୀ ଓ ଚକ୍ରା ବିଶୋୟୀଙ୍କୁ ମଧ୍ୟ ସେ ଆଶ୍ରୟ ଓ ସହଯୋଗ ଦେଇ ଥିବାର ପ୍ରମାଣ ରହିଥିଲା । ସରକାରଙ୍କ ଚାପରେ ସେ ଦୋରା ବିଶୋୟୀଙ୍କୁ ଇଂରେଜ ହାତରେ ସମର୍ପଣ ମଧ୍ୟ କରିଥିଲେ । ୧୮୪୭ରେ ଅନୁଗୁଳକୁ ପ୍ରତ୍ୟକ୍ଷ ଶାସନାଧୀନ କରିବାକୁ ଓ ସୋମନାଥ ସିଂହଙ୍କୁ ଗାଦିଚ୍ୟୁତ କରିବାକୁ ସରକାର ଆଦେଶନାମା ଜାରି କଲେ। ୧୮୪୮ ଜାନୁଆରି ମାସରେ ସୋମନାଥ ସିଂହଙ୍କ ପୁତ୍ର ଲୋକନାଥ ସିଂହଙ୍କୁ ଇଂରେଜମାନେ ବଶ କଲେ । ଫଳରେ ବାପ କନ୍ଧ ବିଦ୍ରୋହର ସମର୍ଥକ ବୋଲି ପୁଅ ସରକାରଙ୍କୁ ଲିଖିତ ଭାବରେ ଜଣାଇଲେ । ଏହା ପରେ କର୍ଣ୍ଣେଲ୍ କେମ୍ପବେଲ୍‌ଙ୍କ ନେତୃତ୍ୱରେ ଏକ ଇଂରେଜ ବାହିନୀ ୧୫ ଜାନୁଆରିରେ ଅନୁଗୁଳ ଅଧିକାର କଲେ ଏବଂ ସୋମନାଥ ସିଂହଙ୍କୁ ବନ୍ଦୀ କଲେ । ଅବଶିଷ୍ଟ ଜୀବନ ସୋମନାଥ ବନ୍ଦୀ ଭାବରେ କଟାଇଲେ ଏବଂ ଅନୁଗୁଳ ୧୬ ସେପ୍ଟେମ୍ବର ୧୮୪୮ରେ ଖାସମାହାଲରେ ପରିଣତ ହେଲା ।

## ୧୮୫୭ର ଗଣସଂଗ୍ରାମ ଓ ଓଡ଼ିଶା

୧୮୫୭ରେ ଇଂରେଜ ସରକାରଙ୍କ ବିରୋଧରେ ଏକ ବଡ଼ ଧରଣର ଗଣ ସଂଗ୍ରାମ ସଂଘଟିତ ହେଲା । ସମଗ୍ର ଭାରତରେ ଏହାର ପ୍ରଭାବ ରହିଥିଲା । ବିଶେଷକରି ଉତ୍ତର ଭାରତର ଅନେକ ଅଞ୍ଚଳରେ ଏହା ଇଂରେଜ ଶାସନକୁ ସାମୟିକ ଭାବେ ନିଶ୍ଚିହ୍ନ କରି ଦେଇଥିଲା । ଭାରତ ଇତିହାସରେ ଏହାକୁ ସିପାହୀ ବିଦ୍ରୋହ ନାମରେ ଲୋକେ ଜାଣନ୍ତି । ସଂଗ୍ରାମର କର୍ତ୍ତୃତ୍ୱ ସିପାହୀମାନଙ୍କ ହାତରେ ରହିଥିଲେ ମଧ୍ୟ ସାଧାରଣ ଚାଷୀ, ବୁଣାକାର, ରାଜା, ଜମିଦାର ଓ ସେମାନଙ୍କ ଅନୁଗତ ବର୍ଗ ଏଥିରେ ବିପୁଳ ସଂଖ୍ୟାରେ ଭାଗ ନେଇଥିଲେ ଏବଂ ଗଣସଂଗ୍ରାମର ଦମନ ପରେ ଦଣ୍ଡ ପାଇଥିଲେ।

୧୮୫୭ର ଏହି ଗଣସଂଗ୍ରାମରେ ଓଡ଼ିଶାର ମଧ୍ୟ କିଛି ପରିମାଣରେ ଭୂମିକା ରହିଥିଲା । ପୂର୍ବରୁ ଆଲୋଚିତ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ଏହି ସମୟରେ ପଶ୍ଚିମ ଓଡ଼ିଶାରେ ଦେଖିବାକୁ ମିଳିଥିଲା । ବିଦ୍ରୋହୀ ସିପାହୀମାନଙ୍କଯୋଗୁଁ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇମାନେ ହଜାରିବାଗ ଜେଲରୁ ମୁକ୍ତି ପାଇଥିଲେ ଏବଂ ସମ୍ବଲପୁର ଫେରି ବିଦ୍ରୋହକୁ ପୁନରୁଜ୍ଜୀବିତ କରିଥିଲେ । ଉତ୍ତର ଭାରତର ବିଦ୍ରୋହୀ ନେତୃବର୍ଗଙ୍କ ସହ ସେମାନଙ୍କର ପ୍ରତ୍ୟକ୍ଷ ଯୋଗାଯୋଗ ନଥିଲା । କିନ୍ତୁ ସେଠାକାର ବିଦ୍ରୋହ ସେମାନଙ୍କୁ ମାନସିକ ସ୍ତରରେ ଶକ୍ତି ଓ ସାହସ ପ୍ରଦାନ କରିଥିଲା ।

ଓଡ଼ିଶାର ଅନ୍ୟ କେତେକ ଜମିଦାର ମଧ୍ୟ ୧୮୫୭ ଗଣସଂଗ୍ରାମଯୋଗୁଁ ସାହସ ପାଇ ନିଜ ନିଜ ସ୍ତରରେ ବିଦ୍ରୋହ କରିଥିଲେ । ଉଦାହରଣ ସ୍ୱରୂପ, ସେତେବେଳକୁ ରାଜପଦ ହରାଇ ସାରିଥିବା କୁଜଙ୍ଗର ରାଜା (ପୂର୍ବତନ ରାଜା) ବିଦ୍ରୋହପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିବା ସନ୍ଦେହରେ ୫୦୦ଟଙ୍କା ଜୋରିମାନା ଦେବାକୁ ଇଂରେଜ ସରକାରଙ୍କଠାରୁ ନିର୍ଦ୍ଦେଶ ପାଇଥିଲେ । ସେହିଭଳି ବାଲିଆର ପୂର୍ବତନ ଜମିଦାର ରାମକୃଷ୍ଣ ସାମନ୍ତ ସିଂହାର ବିଦ୍ରୋହପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିଲେ ଏବଂ ରୟତ ଚାଷୀମାନଙ୍କୁ କମ୍ପାନୀ ସରକାରଙ୍କୁ ଖଜଣା ନ ଦେବାପାଇଁ ପ୍ରୋତ୍ସାହିତ କରୁଥିଲେ । କଟକ କଲେକ୍ଟରଙ୍କ ରିପୋର୍ଟ ଅନୁଯାୟୀ; ଜମିଦାର, କମ୍ପାନୀ ଶାସନ ଖୁବ୍ ଶୀଘ୍ର ଶେଷ ପାଇବ ବୋଲି ପ୍ରଚାର କରୁଥିଲେ । ଅଗଷ୍ଟ ୧୮୫୭ରେ ତାଙ୍କ ସମେତ ଦୀନବନ୍ଧୁ ମହାପାତ୍ର ଓ ଉପେନ୍ଦ୍ର ଜେନାଙ୍କୁ ଗିରଫ କରାଗଲା ଏବଂ ପାଞ୍ଚ ବର୍ଷ ଲେଖା ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା । ଗଣସଂଗ୍ରାମର ଦମନ ପରେ ନଭେମ୍ବର ୧୮୫୮ରେ ଅବଶ୍ୟ ସେମାନଙ୍କୁ କ୍ଷମା ଦିଆଯାଇ ଜେଲ୍‌ରୁ ମୁକ୍ତ କରାଗଲା ।

୧୮୫୭ର ଗଣସଂଗ୍ରାମରେ ପୁରୀର ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରି) ନାମକ ଜଣେ ପଣ୍ଡା ମଧ୍ୟ ଭାଗ ନେଇଥିଲେ ବୋଲି ସରକାର ସନ୍ଦେହ କରୁଥିଲେ । ଚାଖି ଖୁଣ୍ଟିଆ ଜଗନ୍ନାଥ ମନ୍ଦିରର ପଣ୍ଡା ଭାବରେ ତୀର୍ଥଯାତ୍ରୀମାନଙ୍କୁ ଆକୃଷ୍ଟ କରିବାପାଇଁ ଓଡ଼ିଶା ବାହାରେ ବିଭିନ୍ନ ସ୍ଥାନକୁ ଯାଉଥିଲେ । ସେହି ପ୍ରକ୍ରିୟାରେ ସେ ବିଭିନ୍ନ ସେନା ଛାଉଣିରେ ହିନ୍ଦୁ ସିପାହୀମାନଙ୍କୁ ଭେଟୁଥିଲେ ଏବଂ ଝାନ୍‌ସୀର ରାଜ ପରିବାର ସହ ମଧ୍ୟ ସଂପର୍କ ରଖିଥିଲେ । ଏହି ଅବସରରେ ସେ ବିଦ୍ରୋହପାଇଁ ଏକ ରକମର ଯୋଗାଯୋଗର ସୂତ୍ର ପାଲଟିଥିଲେ ବୋଲି କୁହାଯାଏ । ଏମିତିରେ ବି ୧୮୫୭ ଗଣସଂଗ୍ରାମରେ ବିଦ୍ରୋହୀମାନଙ୍କ ମଧ୍ୟରେ ଯୋଗସୂତ୍ରକାରୀ ଭାବରେ ହିନ୍ଦୁ ଯୋଗୀ ସନ୍ନ୍ୟାସୀମାନଙ୍କର ବିଶେଷ ଭୂମିକା ରହିଥିବା କଥା ଲୋକଶ୍ରୁତିରେ ରହିଛି । ବିଦ୍ରୋହ ସମୟରେ ଚାଖି ଖୁଣ୍ଟିଆ ମୃତ୍ୟୁଦଣ୍ଡ ପାଇଥିବାର ଏକ ଜନରବ ସୁଦ୍ଧା ପୁରୀରେ ହୋଇଥିଲା, ଯାହା ସତ ନ ଥିଲା । ବିଦ୍ରୋହ ଆରମ୍ଭ ହେବା ପରେ ସେନାଛାଉଣି ଛାଡ଼ିଥିବା ଅନେକ ସିପାହୀ ପୁରୀ ଜଗନ୍ନାଥ ଦର୍ଶନରେ ଆସିଥିବାର ପ୍ରମାଣ ମିଳେ । ତା' ପଛରେ ଚାଖି ଖୁଣ୍ଟିଆଙ୍କର ଭୂମିକାକୁ ସଂପୂର୍ଣ୍ଣ ନିରାଧାର ବୋଲି କୁହାଯାଇ ନପାରେ । ୧୮୫୮ ମାର୍ଚ୍ଚ ମାସରେ ପୁରୀର ମାଜିଷ୍ଟ୍ରେଟ୍ ଚାଖି ଖୁଣ୍ଟିଆଙ୍କ ଅନୁପସ୍ଥିତିରେ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ ଏବଂ ତାଙ୍କୁ ଗିରଫ କରିବାପାଇଁ ଉଦ୍ୟମ କରିଥିଲେ । ସେତେବେଳେ ଚାଖି ଖୁଣ୍ଟିଆ ଗୟାରେ ଅବସ୍ଥାନ କରୁଥିଲେ । ୧୮୫୯ ଜୁଲାଇ

ମାସରେ ସେ ନିଜ ଭାଇଙ୍କ ପାଖକୁ ଲେଖିଥିବା ଏକ ପତ୍ର ଜବତ ହୋଇଥିଲା । ତହିଁରୁ ଚାଖି ଖୁଣ୍ଟିଆ ବିଦ୍ରୋହରେ ଲିପ୍ତ ଥିବାର କୌଣସି ପ୍ରମାଣ ମିଳି ନଥିଲା । ତଥାପି ସେ ପୁରୀରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ବିଦ୍ରୋହ ଦମନ ପରେ ତାଙ୍କୁ ନିଃସର୍ତ୍ତ କ୍ଷମା ଦିଆଯାଇଥିଲା ଏବଂ ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟ ଫେରସ୍ତ ଦିଆଯାଇଥିଲା ।

୧୮୫୭ ଗଣସଂଗ୍ରାମରେ ଓଡ଼ିଶାର ଏହିସବୁ ସଂଭାବ୍ୟ ସଂପୃକ୍ତି କଥା ବିଚାରକୁ ନେଲେ ଜଣାଯାଏ ଯେ, ସେତେବେଳେ କମ୍ପାନୀ ସରକାର ଅତି ସତର୍କତାମୂଳକ ପଦକ୍ଷେପମାନ ନେଇଥିଲେ ଏବଂ ସାମାନ୍ୟ ସନ୍ଦେହରେ ମଧ୍ୟ ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ପଛାଇ ନଥିଲେ । ଉଭୟ କୁଜଙ୍ଗ ଓ ବାଲିଆରେ ଏବଂ ପୁରୀର ଚାଖି ଖୁଣ୍ଟିଆଙ୍କ କ୍ଷେତ୍ରରେ ହୋଇଥିବା ଦଣ୍ଡାଦେଶର ବିଶେଷ ଆଧାର ନଥିଲା ବୋଲି ସରକାର ହୁଏତ ବୁଝି ପାରିଥିଲେ । ଏହା ଫଳରେ ବିଦ୍ରୋହ ଦମନ ପରେ ସେମାନଙ୍କୁ ମୁକ୍ତି ଦେଇଥିଲେ । ଅନ୍ୟ ପକ୍ଷରେ, ଏକଥା ମଧ୍ୟ ସତ୍ୟ ଯେ, ଦଣ୍ଡ ପାଇବା ଭୟରେ ସେତେବେଳେ ବିଦ୍ରୋହରେ ଲିପ୍ତହେବା ବ୍ୟକ୍ତି ମଧ୍ୟ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ପ୍ରୟାସ କରୁଥିଲେ । ହୁଏତ ସେମାନଙ୍କ ମଧ୍ୟରୁ ଅନେକେ ପ୍ରକୃତରେ ଲିପ୍ତ ଥିବା ସତ୍ତ୍ୱେ ନିର୍ଦ୍ଦୋଷ ପ୍ରମାଣିତ ମଧ୍ୟ ହୋଇଥିଲେ । ଦେଶ ସ୍ୱାଧୀନତା ଲାଭ କଲା ପରେ ସେତେବେଳର ଇଂରେଜ ବିରୋଧୀ ସଂଗ୍ରାମରେ ଭାଗନେବା ଯେମିତି ଏକ ଗୌରବର ବିଷୟ ଥିଲା, ବିଦ୍ରୋହ ଦମନର ପରବର୍ତ୍ତୀ ସମୟରେ ତାହା ସେମିତି ନଥିଲା । ଦ୍ୱିତୀୟତଃ, ବିଦ୍ରୋହରେ ସଂପୃକ୍ତି କଥା ଜାଣିବାପାଇଁ ମୁଖ୍ୟତଃ ସରକାରୀ ଦସ୍ତାବିଜ୍ ଉପରେ ନିର୍ଭର କରାଯାଏ । କାରଣ ସେତେବେଳର ବିଦ୍ରୋହୀ ଛାଡ଼ି ଯାଇଥିବା ନଥିପତ୍ର ଆମର ହସ୍ତଗତ ହୁଏ ନାହିଁ । କିମ୍ବଦନ୍ତୀ ଓ ଜନଶ୍ରୁତି ମଧ୍ୟ ଇତିହାସ ଲେଖିବାପାଇଁ ଏକ ପ୍ରମୁଖ ସାମଗ୍ରୀ । ତାକୁ ଆଧାର କରି ବିଶ୍ଳେଷଣ କଲେ ମନେହୁଏ ଯେ, ଜଣେ ପରମ୍ପରାବାଦୀ ବ୍ରାହ୍ମଣ ଭାବରେ ଚାଖି ଖୁଣ୍ଟିଆଙ୍କର ଇଂରେଜ ଔପନିବେଶିକ ଶାସନ ପ୍ରତି ବିତୃଷ୍ଣା ଭାବ ରହିଥିବ । ନିଜ କାର୍ଯ୍ୟ କ୍ଷେତ୍ରରେ ବିଦ୍ରୋହୀ ସିପାହୀମାନଙ୍କ ସଂସର୍ଗରେ ଆସି ଏବଂ ସେମାନଙ୍କ ସାହସ ଦେଖି ଯୋଗସୂତ୍ରକାରୀ ହୋଇଥିବା ମଧ୍ୟ ଅସ୍ୱାଭାବିକ ନୁହେଁ । ପୁଣି ବିଦ୍ରୋହ ଦମନ ପରେ ସେ ନିର୍ଦ୍ଦୋଷ ପ୍ରମାଣିତ ହେବାରେ ମଧ୍ୟ ବିଶେଷ ଅସ୍ୱାଭାବିକତା ଦେଖିବାକୁ ମିଳେ ନାହିଁ । ଠିକ୍ ସେହିଭଳି କୁଜଙ୍ଗ ଓ ବାଲିଆର ବିଦ୍ରୋହରେ ସଂପୃକ୍ତିକୁ ମଧ୍ୟ ପର୍ଯ୍ୟାଲୋଚନା କରାଯାଇପାରେ ।

## ଊନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର ଗଡ଼ଜାତ ବିଦ୍ରୋହ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଗଡ଼ଜାତ ଓ ଆଦିବାସୀ ଅଞ୍ଚଳରେ ଅନେକ ବିଦ୍ରୋହ ଦେଖିବାକୁ ମିଳେ । ଆଦ୍ୟକାଳୀନ ଜନ ଅସନ୍ତୋଷ ଓ ଦ୍ୱିତୀୟାର୍ଦ୍ଧର ବିଦ୍ରୋହ ମଧ୍ୟରେ ବିଶେଷ ପାର୍ଥକ୍ୟ ହେଲା ଯେ; ପରବର୍ତ୍ତୀ ସମୟରେ ରାଜା, ଜମିଦାରମାନେ ଆଉ ବିଦ୍ରୋହର ନେତୃତ୍ୱ ନେଇନଥିଲେ । ସାଧାରଣ ଲୋକ ହିଁ ଅସନ୍ତୋଷ ଓ ବିଦ୍ରୋହର ପୁରୋଭାଗରେ ରହିଥିଲେ । ଦ୍ୱିତୀୟତଃ, ପ୍ରତ୍ୟକ୍ଷ ଭାବରେ ଏହା ସ୍ଥାନୀୟ ରାଜା-ଜମିଦାରବର୍ଗ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ, ରାଜା-ଜମିଦାରମାନେ ଜନ ଅସନ୍ତୋଷର ନେତୃତ୍ୱ ନେଉଥିଲେ, ଦ୍ୱିତୀୟାର୍ଦ୍ଧରେ ସେମାନେ ତା'ର କାରଣ ହେଲେ; ଶତ୍ରୁ ରୂପେ ଗଣା ହେଲେ । ଅନେକ ସ୍ଥଳରେ ବିଦ୍ରୋହୀ ପକ୍ଷ ଇଂରେଜ କର୍ତ୍ତୃପକ୍ଷଙ୍କୁ ମଧ୍ୟସ୍ଥି ଭାବରେ ମଧ୍ୟ ଗ୍ରହଣ କରିଥିଲେ । ଅନ୍ୟ ପକ୍ଷରେ, ଇଂରେଜ ସରକାରଙ୍କୁ ବଳୟ ଭାବରେ ପାଇ ସ୍ଥାନୀୟ ରାଜା, ଜମିଦାରମାନେ ପୂର୍ବାପେକ୍ଷା ଅଧିକ ସ୍ୱେଚ୍ଛାଚାରୀ ଓ ଅତ୍ୟାଚାରୀ ହୋଇ ପଡ଼ିଲେ । ଇଂରେଜ ସରକାର ମଧ୍ୟ ରାଜା-ଜମିଦାରମାନଙ୍କୁ ବଳୟ ଭାବରେ ବ୍ୟବହାର କରି ଜନବିରୋଧୀ ଔପନିବେଶିକ ପରିବର୍ତ୍ତନ ଆଣିବା ସହଜ ଓ ସୁବିଧାଜନକ ମନେକଲେ । ଫଳରେ ବ୍ୟକ୍ତି ସ୍ୱାଧୀନତା, ଗଣତନ୍ତ୍ର, ସାମାଜିକ ସୁରକ୍ଷା ଆଦିର ଉତ୍ପତ୍ତିସ୍ଥଳ ବୋଲି ନିଜକୁ ଦାବି କରୁଥିବା ଇଂରେଜ ସରକାର; ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ ଓ ଅମାନବୀୟ ରାଜା ଜମିଦାରଙ୍କ ମନମୁଖୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଓ ସୁରକ୍ଷା ଦେବାକୁ ପଛାଉ ନଥିଲେ। ଦ୍ୱିତୀୟାର୍ଦ୍ଧର ଏହି ବିଦ୍ରୋହଗୁଡିକ ମୁଖ୍ୟତଃ ଗଡ଼ଜାତମାନଙ୍କରେ ଦେଖିବାକୁ ମିଳେ । କାରଣ, ମୋଗଲବନ୍ଦି ଅଞ୍ଚଳ ଅପେକ୍ଷା ସେଠରେ ପ୍ରଜା ଉତ୍ପୀଡ଼ନର ମାତ୍ରା ଅଧିକ ଅମାନବୀୟ ଓ ନୃଶଂସ ଥିଲା । ଶାନ୍ତିପୂର୍ଣ୍ଣ, ସାମ୍ବିଧାନିକ ବା ଗଣତାନ୍ତ୍ରିକ ଆନ୍ଦୋଳନପାଇଁ ଆଦୌ ଅବସର ନଥିଲା । ଅର୍ଥାତ୍ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମୋଗଲବନ୍ଦି ଅଞ୍ଚଳରେ ଯେତେବେଳେ ଗଣତାନ୍ତ୍ରିକ ଆନ୍ଦୋଳନ ରୂପରେ ଜାତୀୟତାର ଉନ୍ମେଷ ଦେଖାଗଲା (ଏହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ), ସେତେବେଳେ ଗଡ଼ଜାତ ଅଞ୍ଚଳରେ ଏହା ପାରମ୍ପରିକ ବିଦ୍ରୋହର ରୂପ ନେଲା ।

## ବାମନଘାଟି ବିଦ୍ରୋହ, ୧୮୬୬

ବାମନଘାଟି ଥିଲା ମୟୂରଭଞ୍ଜ ରାଜ୍ୟର ଏକ କୋହ୍ଲ ଆଦିବାସୀବହୁଳ ଅଞ୍ଚଳ । ଔପନିବେଶିକ ଶାସନ ବିରୁଦ୍ଧରେ ଏଠାରେ କୋହ୍ଲମାନେ ନାନା ରୂପରେ ପ୍ରତିକ୍ରିୟା ପ୍ରକାଶ କରୁଥିଲେ । ୧୮୨୧ରେ ସେମାନେ ସିଂହଭୂମରେ ଛାଉଣି ପକାଇ ରହିଥିବା ଇଂରେଜ ସୈନ୍ୟମାନଙ୍କୁ ଆକ୍ରମଣ କରିଥିଲେ । କଲିକତା ଓ ନାଗପୁରକୁ ସଂଯୋଗ କରୁଥିବା ରାଜପଥର କଡ଼େ କଡ଼େ କୋହ୍ଲ ବସତିମାନ ଅବସ୍ଥିତ ଥିଲା । ଏହାର ସୁଯୋଗ ନେଇ ସେମାନେ ସରକାରୀ ଡାକ ଓ ବ୍ୟବସାୟୀମାନଙ୍କୁ ଲୁଟତରାଜ କରୁଥିଲେ । ଅନେକ ସମୟରେ ସରକାରୀ ଧନସମ୍ପତ୍ତି ଓ କର୍ମଚାରୀ ବ୍ୟତୀତ ଅଣ-ଆଦିବାସୀ ବ୍ୟବସାୟୀ ଓ କୃଷକମାନେ ମଧ୍ୟ ଆଦିବାସୀ ଆକ୍ରମଣର ଶିକାର ହେଉଥିଲେ । ସ୍ଥାନୀୟ ଆଦିବାସୀ ଲୋକଙ୍କୁ ସେମାନେ 'ଦେଶଲୋକ' ଓ ବାହାର ଅଣ-ଆଦିବାସୀମାନଙ୍କୁ 'ହାଟୁଆ' ବା 'ଦିକୁ' ବୋଲି କହୁଥିଲେ । 'ଦେଶଲୋକ' ବ୍ୟତୀତ ଅନ୍ୟମାନଙ୍କୁ ସେମାନେ ନିଜ ବିପନ୍ନତାପାଇଁ ଦାୟୀ କରୁଥିଲେ । କୋହ୍ଲ ବ୍ୟତୀତ 'ଦେଶଲୋକ'ମଧ୍ୟରେ ଅନ୍ୟ ଆଦିବାସୀ, ଯଥା- ସାନ୍ତାଳ, ଖଡ଼ିଆ, ଲୋଧା, ଭୂମିଜ, ମୁଣ୍ଡା, ବାଥୁଡ଼ି, ଧରୁଆ ଓ ହୋ ମଧ୍ୟ ସାମିଲ୍ ଥିଲେ । ବାମନଘାଟି ବିଦ୍ରୋହରେ କୋହ୍ଲମାନଙ୍କର ସଂଖ୍ୟା ବହୁଳତା ଥିଲା । ତା' ସହିତ ଅନ୍ୟ ଆଦିବାସୀମାନଙ୍କର ମଧ୍ୟ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତି ରହିଥିଲା ।

କୋହ୍ଲମାନଙ୍କର ସରକାର ବିରୁଦ୍ଧରେ ଅନେକ ଅଭିଯୋଗ ରହିଥିଲା । ଖଜଣା ପଇଠ କରିବାକୁ ସରକାର କଡ଼ାକଡ଼ି ନିୟମ ପାଳନ କରୁଥିଲେ । ନିର୍ଦ୍ଧାରିତ ସମୟରେ ଖଜଣା ଦେବାପାଇଁ କୋହ୍ଲ କୃଷକ, ହାଟୁଆ ବା ଦିକୁମାନଙ୍କ ପାଖରୁ ଅଧିକ ସୁଧରେ ଋଣ ନେବାକୁ ବାଧ୍ୟ ହେଉଥିଲେ । କାଳକ୍ରମେ ହାଟୁଆମାନେ ସୁଧ ମୂଳ ସହିତ ଋଣ ପରିଶୋଧ କରି ପାରୁ ନଥିବା କୋହ୍ଲର ଜମି ହସ୍ତଗତ କରି ନେଉଥିଲେ । ବଜାରରେ ଜିନିଷପତ୍ର ବିକାକିଣାରେ ମଧ୍ୟ ହାଟୁଆମାନେ ଦେଶଲୋକଙ୍କ ସରଳତାର ସୁଯୋଗ ନେଇ ଶୋଷଣ କରୁଥିଲେ । ସରକାରୀ କର୍ମଚାରୀ ଭାବରେ ମୁଖ୍ୟତଃ ହାଟୁଆମାନେ ରହିଥିଲେ । ଫଳରେ, ସରକାର ଲାଗୁ କରୁଥିବା ଜଟିଳ ଆଇନ କାନୁନ ଓ ହାଟୁଆମାନଙ୍କ ମଧ୍ୟରେ ଏକ ମେଣ୍ଟ ଥିବା 'ଦେଶଲୋକ' ନିଜ ସାଧାରଣ ବୁଦ୍ଧିରେ ଦେଖି ପାରୁଥିଲା ।

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଜଙ୍ଗଲ ଓ ପୋଡ଼ୁଚାଷ ଉପରେ କଟକଣା ଲାଗୁହେଲା । କୋହ୍ଲମାନେ ଜଙ୍ଗଲ ଉପରେ ରହିଥିବା ସେମାନଙ୍କ ପାରମ୍ପରିକ ଅଧିକାର ହରାଇଲେ; ସେମାନଙ୍କ କୃଷି ମଧ୍ୟ ବାଧାପ୍ରାପ୍ତ ହେଲା । ଖଜଣା ଅସୁଲ କରିବାପାଇଁ ଆଗରୁ ସର୍ଦ୍ଦାର ଓ ସର୍ବରାକାରମାନେ ନିଯୁକ୍ତ ଥିଲେ । ପରବର୍ତ୍ତୀ ସମୟରେ କଡାକଡ଼ି ଭାବେ ଖଜଣା ଆଦାୟ ହେବାରୁ ଅନେକ ସର୍ଦ୍ଦାର ହୁଏତ ଖଜଣା ଅସୁଲ କରି ନପାରି ବରଖାସ୍ତ ହେଲେ । ମାଧବ ଦାସ ମହାପାତ୍ର ଥିଲେ ବାମନଘାଟିର ଏଭଳି ଜଣେ ଖଜଣା ଅସୁଲକାରୀ ସର୍ବରାକାର । ସେ କଡ଼ାକଡ଼ି ନିୟମ ଲାଗୁ ହେବା ପଛରେ ମୟୂରଭଞ୍ଜ ରାଜାଙ୍କ ଚକ୍ରାନ୍ତ ରହିଛି ବୋଲି କୋହ୍ଲମାନଙ୍କୁ ପ୍ରୋତ୍ସାହିତ କଲେ । ୧୮୩୧ ଏପ୍ରିଲ୍ ୧୦ ତାରିଖରେ ମାଧବ ଦାସଙ୍କ ନେତୃତ୍ୱରେ କୋହ୍ଲମାନେ ବାମନଘାଟିରେ ସରକାରୀ ଡାକ ଲୁଣ୍ଠନ କଲେ । କେତେକ ଡାକବାହକଙ୍କୁ ଅପହରଣ ଓ ହତ୍ୟା ମଧ୍ୟ କରାଯାଇଥିଲା । ଏହି ବିଦ୍ରୋହ ବେଳେ ମୟୂରଭଞ୍ଜ ରାଜା ଯଦୁନାଥ ଭଞ୍ଜ ସରକାରଙ୍କ ପକ୍ଷରୁ ମାଧବ ଦାସ ଓ ଅନ୍ୟ କେତେକ ବିଦ୍ରୋହୀଙ୍କୁ ବାମନଘାଟିରୁ ବହିଷ୍କାର କଲେ । ଅନେକ କୋହ୍ଲ ସରକାରୀ ଓ ରାଜଦମନର ଶିକାର ହେଲେ । ଏହା ପରେ ସିଦ୍ଧ ହୋଇଗଲା ଯେ, ରାଜା ହେଲେ ଇଂରେଜ ସରକାରଙ୍କ ପକ୍ଷଲୋକ । ତେଣୁ ଇଂରେଜ ବିରୁଦ୍ଧରେ ଉଦ୍ଦିଷ୍ଟ ଜନ ଅସନ୍ତୋଷ ରାଜାଙ୍କୁ ମଧ୍ୟ ଶତ୍ରୁ ମଣିଲା ।

୧୮୫୭ର ଗଣସଂଗ୍ରାମ ବେଳେ ପୋଡ଼ାହାଟର ରାଜା ଅର୍ଜୁନ ସିଂହ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇଛନ୍ତି ବୋଲି ଇଂରେଜମାନେ ସନ୍ଦେହ କଲେ । ୧୮୫୭ ସେପ୍ଟେମ୍ବର ୨୩ ତାରିଖରେ ଅର୍ଜୁନ ସିଂହଙ୍କୁ ଗାଦିଚ୍ୟୁତ କରାଗଲା ଓ ପୋଡ଼ାହାଟକୁ ଖାସମାହାଲରେ ସାମିଲ୍ କରାଗଲା । ଏହା ପରେ ଅର୍ଜୁନ ସିଂହ ସ୍ଥାନୀୟ କୋହ୍ଲମାନଙ୍କ ସହଯୋଗରେ ୧୮୫୮ ଜାନୁଆରିରେ ବିଦ୍ରୋହ କଲେ ଏବଂ ତିନିମାସ ପର୍ଯ୍ୟନ୍ତ ସିଂହଭୂମକୁ ଇଂରେଜ କବଳରୁ ପ୍ରାୟତଃ ମୁକ୍ତ କଲେ । ଏଥର ମଧ୍ୟ ମୟୂରଭଞ୍ଜ ରାଜା ଇଂରେଜମାନଙ୍କୁ ପୂର୍ଣ୍ଣ ସହଯୋଗ କଲେ ଏବଂ ପ୍ରତିବଦଳରେ 'ମହାରାଜା' ଉପାଧିରେ ଭୂଷିତ ହେଲେ । ଅର୍ଜୁନ ସିଂହଙ୍କୁ 'ମହାରାଜା' ଆତ୍ମସମର୍ପଣ କରିବାକୁ ମଧ୍ୟ ପ୍ରବର୍ତ୍ତାଇ ଥିଲେ । ଏହା ମୟୂରଭଞ୍ଜ ରାଜାଙ୍କ ଇଂରେଜ ସରକାର ସହ ମେଣ୍ଟକୁ ସିଦ୍ଧ କଲା ।

୧୮୬୬ରେ ନ'ଅଙ୍କ ଦୁର୍ଭିକ୍ଷର ପ୍ରକୋପ ମୟୂରଭଞ୍ଜ ଆଦିବାସୀମାନଙ୍କ ଉପରେ ମଧ୍ୟ ପଡ଼ିଲା । ନିରନ୍ତର ଆର୍ଥିକ ଶୋଷଣଯୋଗୁଁ ନିଃସ୍ୱ ହୋଇଯାଇଥିବା ଆଦିବାସୀ ଅନାବୃଷ୍ଟି ଫଳରେ ଅନାହାର ଓ ମହାମାରୀର ଶିକାର ହେଲେ । ବିଦ୍ରୋହର ପୂର୍ବ ପରମ୍ପରା ପ୍ରଥମେ ବାମନଘାଟିର କୋହ୍ଲମାନଙ୍କୁ ସଂଘର୍ଷ କରିବାକୁ ପ୍ରେରଣା ଯୋଗାଇଲା । ଖାଦ୍ୟାଭାବର ତାଡ଼ନାରେ ବାମନଘାଟି କୋହ୍ଲମାନେ ହାଟୁଆମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କଲେ । ରାଜା ମଧ୍ୟ ସେମାନଙ୍କ ରୋଷର ଶିକାର ହେଲେ । ମଧ୍ୟସ୍ଥି ଭାବରେ ସିଂହଭୂମର ଡେପୁଟି କମିସନର ଆଦିବାସୀ ନେତାମାନଙ୍କୁ ଚତୁରତାର ସହ ବନ୍ଦି କଲେ ଏବଂ ବାମନଘାଟି ଉପରୁ ରାଜାଙ୍କ କର୍ତ୍ତୃତ୍ୱ ଲୋପ କରିଦିଆଗଲା । ଅର୍ଥାତ୍ ୧୮୬୬ରୁ ୧୮୬୮ ପର୍ଯ୍ୟନ୍ତ ବାମନଘାଟି ଇଂରେଜମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା । ଅନେକ ଅନ୍ୟାୟ କର (ଯାହା ରାଜା ଲାଗୁ କରିଥିଲେ) ତାକୁ ପ୍ରତ୍ୟାହାର କରି ନିଆଗଲା । ସ୍ୱଳ୍ପ ମିଆଦୀ ଭୂ-ବନ୍ଦୋବସ୍ତ ବଦଳରେ ଦଶବର୍ଷିଆ ବନ୍ଦୋବସ୍ତ ଲାଗୁ ହେଲା । ଆଦିବାସୀମାନଙ୍କୁ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ କରିବାପାଇଁ ଅଣ-ଆନୁଷ୍ଠାନିକ ଭାବରେ ଅନୁମତି ଦିଆଗଲା । ଅନ୍ୟ ପକ୍ଷରେ, ୧୮୬୮ ଏପ୍ରିଲ୍ ମାସରେ ଇଂରେଜ ଅନୁଗତ ମୟୂରଭଞ୍ଜ ମହାରାଜାଙ୍କ ହାତରେ ବିମାନଘାଟିକୁ ପୁନର୍ବାର ସମର୍ପଣ କରି ଦିଆଗଲା।

## କେନ୍ଦୁଝର ମେଳି, ୧୮୬୭-୬୮ ଓ ୧୮୯୧-୯୩

ଉତ୍ତର ଓଡ଼ିଶାରେ ମୟୂରଭଞ୍ଜକୁ ଲାଗି କେନ୍ଦୁଝର ଥିଲା ଏକ ବଡ଼ ଗଡ଼ଜାତ ରାଜ୍ୟ । ଇଂରେଜମାନେ ଓଡ଼ିଶା ଦଖଲ କଲା ପରେ ୧୮୦୪ରେ କମ୍ପାନୀ ସରକାରଙ୍କ ସାର୍ବଭୌମତ୍ୱକୁ ସ୍ୱୀକାର କରି କେନ୍ଦୁଝର ରାଜା ଚୁକ୍ତି କରିଥିଲେ ଓ ପ୍ରତିବଦଳରେ ସାମନ୍ତ ପଦ ଲାଭ କରିଥିଲେ । ତାଙ୍କର ପ୍ରଜାମାନେ ମୁଖ୍ୟତଃ ଭୂୟାଁ ଓ ଜୁଆଙ୍ଗ ଆଦିବାସୀ ସଂପ୍ରଦାୟର। ସମତଳ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କପାଇଁ କୃଷି ମୁଖ୍ୟ ଜୀବିକା ଥିଲା । ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କୁ ପାହାଡ଼ିଆ ବୋଲି କୁହାଯାଉଥିଲା । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଶିକାର ସେମାନଙ୍କର ପ୍ରମୁଖ ପେସା ଥିଲା । ୧୮୬୭-୬୮ ଓ୧୮୯୧-୯୩ରେ କେନ୍ଦୁଝରରେ ଭୂୟାଁ ଆଦିବାସୀମାନଙ୍କର ବିଦ୍ରୋହ ଦେଖିବାକୁ ମିଳିଥିଲା । ବିଦ୍ରୋହୀମାନେ ରାଜପରିବାରକୁ ଲକ୍ଷ୍ୟ କରିଥିଲେ । ଇଂରେଜ ଶାସନଯୋଗୁଁ ଆଦିବାସୀ ଘୋର ଅସନ୍ତୁଷ୍ଟ ଥିଲେ । ସରକାରକୁ ରାଜା ସମର୍ଥନ କରୁଥିବାରୁ ତାଙ୍କ ସ୍ଥାନରେ ନୂତନ ରାଜାଙ୍କୁ ଅଧିଷ୍ଠିତ କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ନୂତନ ରାଜାଙ୍କୁ ଅଧିଷ୍ଠିତ କରିପାରିଲେ ସୁଶାସନ ପ୍ରତିଷ୍ଠିତ ହୋଇ ପାରିବ ବୋଲି ସେମାନେ ବିଶ୍ୱାସ କରୁଥିଲେ ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନାଗପୁର-କଲିକତା ରାଜପଥକୁ ନିର୍ମାଣ କରାଗଲା । ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟ ଦେଇ ଏହି ରାସ୍ତା ଯାଇଥିଲା । ମୟୂରଭଞ୍ଜ-କେନ୍ଦୁଝର ଅଞ୍ଚଳରେ ଏହା ଜେକ୍ସନ ରୋଡ୍ ନାମରେ ପରିଚିତ ଥିଲା । ଜେକ୍ସନ ଥିଲେ ଜଣେ ପଦସ୍ଥ ଇଂରେଜ ଅଧିକାରୀ । ରାସ୍ତା ନିର୍ମାଣନିମନ୍ତେ ସେ ବିନା ପାଉଣାରେ ଭୂୟାଁ ଓ ଜୁଆଙ୍ଗ ଆଦିବାସୀମାନଙ୍କୁ

ବ୍ୟବହାର କରିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ତାଙ୍କୁ ରାଜାଙ୍କ ସହଯୋଗର ଆବଶ୍ୟକତା ପଡ଼ିଲା । କାରଣ ପାରମ୍ପରିକ ରୀତି ଅନୁଯାୟୀ ଆଦିବାସୀ ବିନା ପାଉଣାରେ ରାଜାଙ୍କପାଇଁ ବେଠି ଖଟିବ । ୧୮୩୭ରେ କେନ୍ଦୁଝର ରାଜା ରାସ୍ତା ନିର୍ମାଣରେ ପ୍ରଜାଙ୍କ ଖଟିବା ପ୍ରସ୍ତାବକୁ ବିରୋଧ କରିଥିଲେ । ଏହା ପୂର୍ବରୁ ୧୮୨୧ରେ କୋହ୍ଲ ବିଦ୍ରୋହର ଦମନପାଇଁ ଯେତେବେଳେ ଇଂରେଜ ସେନା ଚାଳନା ହେଲା, ତହିଁରେ ପ୍ରତିବନ୍ଧକ ସୃଷ୍ଟି କରି ରାଜା କୋହ୍ଲମାନଙ୍କ ପ୍ରତି ତାଙ୍କ ପରୋକ୍ଷ ସମର୍ଥନକୁ ସୁସ୍ପଷ୍ଟ କରିଥିଲେ । ଇଂରେଜ ଅମଳରେ ନିଜ କ୍ଷମତା ହରାଇଥିବାଯୋଗୁଁ ରାଜା ପ୍ରତିଶୋଧ ପରାୟଣ ହୋଇ ଏସବୁ କରୁଥିଲେ ।

୧୮୩୯ ପରେ ରାଜା ଓ ଆଦିବାସୀଙ୍କ ମଧ୍ୟରେ ଆଉ ଆପୋଷ ସହଯୋଗ ରହିଲା ନାହିଁ । ନୂତନ ରାଜା ଗଦାଧର ଭଞ୍ଜ ସରକାରଙ୍କ ପକ୍ଷ ହେଲେ ଏବଂ ରାସ୍ତା ନିର୍ମାଣ ଆଦି କାର୍ଯ୍ୟରେ ସରକାରଙ୍କୁ ସମର୍ଥନ ଦେଲେ । ୧୮୫୭ରେ ସେ ପୋଡ଼ାହାଟର ରାଜା ଓ ବିଦ୍ରୋହୀ ଅର୍ଜୁନ ସିଂହଙ୍କ ବିରୁଦ୍ଧରେ ସରକାରକୁ ସହଯୋଗ ମଧ୍ୟ କଲେ । ଏଥିପାଇଁ ତାଙ୍କୁ ମହାରାଜା ଉପାଧି ମିଳିଥିଲା । ଫଳତଃ ଅତ୍ୟାଚାରୀ ଔପନିବେଶିକ ଶାସନର ପ୍ରତୀକ ରୂପେ ଆଦିବାସୀମାନେ ରାଜାଙ୍କୁ ସନ୍ଦେହ କରିବା ଆରମ୍ଭ କଲେ । ଅନ୍ୟ ଶବ୍ଦରେ କହିଲେ, ଇଂରେଜ ସମର୍ଥିତ ରାଜାଙ୍କ ବଦଳରେ ଏକ ନୂତନ ରାଜାପାଇଁ ସେମାନେ ସକ୍ରିୟ ହେଲେ ।

ମାର୍ଚ୍ଚ ୧୮୬୭ରେ କେନ୍ଦୁଝର 'ମହାରାଜା' ଗଦାଧର ଭଞ୍ଜଙ୍କ ମୃତ୍ୟୁ ହେଲା । ତାଙ୍କ ଉତ୍ତରାଧିକାରୀକୁ ନେଇ ତାଙ୍କ ପୁତ୍ର (ରକ୍ଷିତା ବା ଫୁଲ ବିବାହୀ ରାଣୀଙ୍କ ପୁତ୍ର) ଧନୁର୍ଜୟ ନାରାୟଣ ଭଞ୍ଜ ଓ ପୋଷ୍ୟପୁତ୍ର ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କ ମଧ୍ୟରେ କଳହ ଉପୁଜିଲା । ଇଂରେଜ ସରକାର ଧନୁର୍ଜୟ ନାରାୟଣଙ୍କୁ ରାଜଗାଦି ଦେଲେ । ଫଳତଃ ଆଦିବାସୀ ଭୂୟାଁମାନେ ବୃନ୍ଦାବନ ଚନ୍ଦ୍ରଙ୍କୁ ସମର୍ଥନ ଦେଲେ । ଗଦାଧର ଭଞ୍ଜଙ୍କ ମହାରାଣୀ ମଧ୍ୟ ବୃନ୍ଦାବନ ଚନ୍ଦ୍ରଙ୍କୁ ସମର୍ଥନ କରୁଥିଲେ । ଅର୍ଥାତ୍ ବିଧବା ମହାରାଣୀଙ୍କୁ ରକ୍ଷା ବଳୟ ଭାବରେ ବ୍ୟବହାର କରି ଭୂୟାଁମାନେ ଇଂରେଜ ସମର୍ଥନରେ ରାଜଗାଦି ପ୍ରାପ୍ତ କରିଥିବା ଧନୁର୍ଜୟଙ୍କୁ ବିରୋଧ କଲେ ।

କେନ୍ଦୁଝର ଆଦିବାସୀ ପ୍ରାକ୍-ଇଂରେଜ କାଳରେ ପ୍ରଜା ଭାବରେ ସମ୍ମାନ ପାଉଥିଲା ଏବଂ ଖଜଣାକୁ ଦ୍ରବ୍ୟ ଆକାରରେ ରାଜାଙ୍କୁ ପ୍ରଦାନ କରୁଥିଲା । ଟଙ୍କା ଆକାରରେ ଆଦିବାସୀ ଖଜଣା ଦେଉ ନଥିଲା । ଏକ ଗ୍ରାମୀଣ ସଂସ୍କୃତିରେ ଟଙ୍କା ଆକାରରେ ଖଜଣା ନ ମିଳିବା ସତ୍ତ୍ୱେ ରାଜା ବିଶେଷ ଅସୁବିଧାର ସମ୍ମୁଖୀନ ହେଉ ନଥିଲେ । ଖଜଣା ଯାହା ମୁଖ୍ୟତଃ ବେଠି, ବେଗାରି, ରସଦ ଆଦି ରୂପରେ ରହିଥିଲା, ତାକୁ ସର୍ଦ୍ଦାରମାନେ ସଂଗ୍ରହ କରୁଥିଲେ । ସର୍ଦ୍ଦାର ଖଜଣା ସଂଗ୍ରହ ବେଳେ ଅଯଥା ଉତ୍ପୀଡ଼ନ କଲେ ଆଦିବାସୀମାନେ ରାଜାଙ୍କ ପାଖରେ ଫେରାଦ ହେଉଥିଲେ । କେତେକ କ୍ଷେତ୍ରରେ ରାଜା ସର୍ଦ୍ଦାରମାନଙ୍କୁ ବଦଳି କରି ଆଦିବାସୀ ପ୍ରଜାଙ୍କ ପ୍ରତି ନିଜ ଆନୁଗତ୍ୟ ପ୍ରଦର୍ଶନ କରୁଥିଲେ । ଇଂରେଜ ଶାସନରେ ସର୍ଦ୍ଦାରମାନଙ୍କ ଯଥେଚ୍ଛାଚାର ବୃଦ୍ଧି ପାଇଲା । କାରଣ ଖଜଣା ଅସୁଲକୁ କଡ଼ାକଡ଼ି ଭାବେ ପାଳନ କରିବାପାଇଁ ନିର୍ଦ୍ଦେଶ ଦିଆଗଲା । ସିକ୍କା ଟଙ୍କାର ପ୍ରଚଳନ ପରେ ଆଦିବାସୀକୁ ଦ୍ରବ୍ୟ ଆକାରରେ ଆଉ ଖଜଣା ଦେବା

ମହଙ୍ଗା ପଡ଼ିଲା । ପୁଣି ନାନା ଉନ୍ନତିମୂଳକ କାର୍ଯ୍ୟ (ଯଥାଃ ରାଜପଥ ନିର୍ମାଣ)କୁ ବେଠି, ବେଗାରି ଆଦି ସାହାଯ୍ୟରେ ତ୍ୱରାନ୍ୱିତ କରାଗଲା । ଏହା ଭୂୟାଁ କୃଷକକୁ ଅଧିକ ନିଃସ୍ୱ କରିଦେଲା ତଥା ତା'ର କୃଷିକୁ ନଷ୍ଟ କଲା । କୃଷି ପାଇଁ ସେ ଆବଶ୍ୟକତା ମତେ ସମୟ ଦେଇ ପାରିଲା ନାହିଁ ।

୧୮୬୭ ସେପ୍ଟେମ୍ବର ମାସରେ ରାଣୀ ଓ ତାଙ୍କ ସହଯୋଗୀ ଆଦିବାସୀମାନେ ଧନୁର୍ଜୟ ନାରାୟଣ ଦେବଙ୍କ ରାଜପଦ ପ୍ରାପ୍ତିକୁ ଦୃଢ଼ ବିରୋଧ କଲେ । ମାତ୍ର ଷଢେଇକଳା ରାଜାଙ୍କ ହସ୍ତକ୍ଷେପ ଫଳରେ ରାଣୀ ଧନୁର୍ଜୟ ନାରାୟଣଙ୍କୁ କେବଳ ସ୍ୱୀକାର କଲେ ନାହିଁ, ତା'ସହିତ ସରକାରଙ୍କ ପାଖରୁ ବାର୍ଷିକ ଭତ୍ତା ନେବାକୁ ମଧ୍ୟ ସମ୍ମତି ଦେଲେ । ଏହା ପରେ ଆଦିବାସୀମାନେ ରତନା ନାଏକଙ୍କ ନେତୃତ୍ୱରେ ୧୮୬୮ ଏପ୍ରିଲ୍ ମାସରେ ମେଳି ଆରମ୍ଭ କଲେ ।

ମେଳିରେ ମୁଖ୍ୟତଃ ଭୂୟାଁ ଆଦିବାସୀ ଭାଗ ନେଇଥିଲେ । ସେମାନଙ୍କର ମୁଖ୍ୟ ଦାବି ଥିଲା, ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କ ରାଜପଦ । ଏଥିପାଇଁ ପ୍ରଥମେ ସେମାନେ ଗଡ଼ଜାତ ମହଲର ଅଧ୍ୟକ୍ଷ ଓ ବଡ଼ଲାଟଙ୍କ ପାଖକୁ ଦାବିପତ୍ର ପଠାଇଥିଲେ । ଇଂରେଜ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେମାନେ କେନ୍ଦୁଝରଗଡ଼ର ପୋଲିସ ଅସ୍ତ୍ରାଗାର ଲୁଣ୍ଠନ କରିଥିଲେ ଏବଂ ପ୍ରାୟ ଶହେ ଜଣ ରାଜ ଅନୁଚରଙ୍କୁ ବନ୍ଦି କରିଥିଲେ । ମନ୍ତ୍ରୀ ଓ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସେମାନେ ହତ୍ୟା ମଧ୍ୟ କରିଥିଲେ । ଏହା ବ୍ୟତୀତ ସରକାରୀ ଡାକକୁ ଲୁଣ୍ଠନ କରିଥିଲେ । କଟକ ଓ ଚାଇଁବାସା ରାସ୍ତାକୁ ଅବରୋଧ କରିବା ସହିତ ଇଂରେଜ ଅଫିସର କ୍ୟାପ୍‌ଟେନ୍ ରିଚ୍‌ଙ୍କ ଉପରେ ଆକ୍ରମଣ କରିଥିଲେ । ଏପ୍ରିଲ୍‌ରୁ ଜୁଲାଇ (୧୮୬୮) ମଧ୍ୟରେ ପ୍ରାୟ ସାଢ଼େ ତିନି ମାସ ଧରି ମେଳି ବଣ ନିଆଁ ପରି ବ୍ୟାପିଗଲା ।

ଅଗଷ୍ଟ ଆରମ୍ଭରେ ପଚିଶ ଜଣ ଭୂୟାଁ ନେତା ଓ କେତେକ ଜୁଆଙ୍ଗ ନେତା ଆତ୍ମ ସମର୍ପଣ କଲେ । ଅଗଷ୍ଟ ୧୫ରେ ପ୍ରମୁଖ ନେତା ରତନା ନାଏକ ଓ ନନ୍ଦ ନାଏକ ଗିରଫ ହେଲେ । ଅଗଷ୍ଟ ଶେଷ ସୁଦ୍ଧା ମେଳି ପୂର୍ଣ୍ଣ ରୂପରେ ଅବଦମିତ ହେଲା । ବିଦ୍ରୋହ ଦମନ ହେଲା ପରେ ମୋଟ ୧୮୩ ଜଣ ଆଦିବାସୀଙ୍କର ବିଚାର ଚାଲିଲା । ବିଚାର ପରେ ରତନା ନାଏକ ଓ ତାଙ୍କର ଛଅ ଜଣ ମୁଖ୍ୟ ସହଯୋଗୀ (ଦାଶରଥି କୁଅଁର, ବୈକୁଣ୍ଠ କୋଲ, ପଦୁ ନାଏକ, ଟୁନି ପ୍ରଧାନ, ମାର୍ଗଶିର କୋଲ ଓ ବୈରାଗୀ କୋଲ) ଫାଶୀ ଦଣ୍ଡ ପାଇଲେ । ୧୮୬୮ ନଭେମ୍ବର ୩୦ ତାରିଖରେ ରତନା ନାଏକଙ୍କୁ ଫାଶୀ ଦିଆଗଲା । ଅନ୍ୟ ୨୭ ଜଣଙ୍କୁ ନିର୍ବାସନ ଦଣ୍ଡ ଦିଆଗଲା । ବାକିମାନଙ୍କୁ ମଧ୍ୟ ଦଣ୍ଡ ବିଧାନ କରାଗଲା ।

୧୮୬୮ର କେନ୍ଦୁଝର ମେଳିର ପତନ ପଛରେ ଯେ ସରକାରୀ ଦମନ ମୁଖ୍ୟ କାରଣ ଥିଲା ଏଥିରେ ସନ୍ଦେହ ନାହିଁ । ଦମନପାଇଁ ସରକାର ରାଞ୍ଚିରୁ ୨୦୦୦ ସୈନ୍ୟ ସମ୍ମିଳିତ ଏକ ସେନାବାହିନୀକୁ ଅନେକ ଦିନ ଯାଏ କେନ୍ଦୁଝରରେ ଅବସ୍ଥାପିତ କରିଥିଲେ । କେତେକ ଇଂରେଜ ଅଫିସର ମଧ୍ୟ ଏଥିପାଇଁ ଦୀର୍ଘ ଦିନ ଧରି କେନ୍ଦୁଝରରେ ମୁତୟନ ହୋଇଥିଲେ । ମେଳିର ପତନପାଇଁ କେତେକ ସ୍ଥାନୀୟ କାରଣକୁ ମଧ୍ୟ ସମପରିମାଣରେ ଦାୟୀ କରାଯାଇପାରିବ ।

ବୃନ୍ଦାବନ ଚନ୍ଦ୍ରଙ୍କୁ ରାଜପଦ ଦେବାପାଇଁ ବିଦ୍ରୋହୀମାନେ ଦାବି କରୁଥିଲେ । ଏହା ପଛରେ ମୟୂରଭଞ୍ଜ ରାଜାଙ୍କର ଗୁପ୍ତ ସହଯୋଗ ଥିଲା । କାରଣ ବୃନ୍ଦାବନ ଥିଲେ ମୟୂରଭଞ୍ଜ ରାଜାଙ୍କର ଭାଇ । ପୋଷ୍ୟପୁତ୍ର ହୋଇ ସେ କେନ୍ଦୁଝରର ଯାଇଥିଲେ । ୧୮୬୮ରେ ଇଂରେଜମାନଙ୍କ ତାଗିଦରେ ମୟୂରଭଞ୍ଜ ରାଜା ମେଳିକୁ ସହଯୋଗ ଦେବା ବନ୍ଦ କଲେ । ପୁଣି ବୃନ୍ଦାବନ ଚନ୍ଦ୍ରଙ୍କୁ ଗିରଫ କରି ବାଲେଶ୍ୱର ଜେଲରେ ରଖାଗଲା । ଏହା ଆଦିବାସୀମାନଙ୍କୁ ହତାଶ କଲା, କାରଣ ବିଦ୍ରୋହ ସଫଳ ହେଲା ପରେ ସେମାନେ ରାଜା ପଦରେ ଅଧିଷ୍ଠିତ କରିବେ କାହାକୁ ? ପ୍ରକୃତରେ ଦେଖିଲେ, ଇଂରେଜ ଶାସନର ଜଟିଳତାକୁ ବୁଝିବାଲାଗି କେନ୍ଦୁଝରର ଆଦିବାସୀଙ୍କର ସାମର୍ଥ୍ୟ ନଥିଲା । ଏଥିପାଇଁ ରାଜ ପରିବାରର ଜଣକର ସେମାନେ ସାହାଯ୍ୟ ଲୋଡ଼ୁଥିଲେ । ମୟୂରଭଞ୍ଜର ଗୁପ୍ତ ସମର୍ଥନ ପ୍ରତ୍ୟାହାର ତଥା ବୃନ୍ଦାବନ ଚନ୍ଦ୍ର ବନ୍ଦି ହେବା ପରେ ସେମାନେ ଅଗଷ୍ଟ (୧୮୬୮)ରେ ଆତ୍ମ ସମର୍ପଣ କରିବା ଆରମ୍ଭ କଲେ । ଫଳରେ ମେଳିର ପତନ ହେଲା ।

୧୮୯୧-୯୩ରେ କେନ୍ଦୁଝରରେ ପୁ'ଣି ଥରେ ଆଦିବାସୀ ବିଦ୍ରୋହ ହେଲା । ଧରଣୀ ନାଏକ ଏହାର ନେତୃତ୍ୱ ନେଇଥିଲେ । ଭୂୟାଁ ବ୍ୟତୀତ କୋହ୍ଲ ଓ ଜୁଆଙ୍ଗ ଆଦିବାସୀ ମଧ୍ୟ ଏଥିରେ ଅନେକ ସଂଖ୍ୟାରେ ଭାଗ ନେଇଥିଲେ । ବିନା ପାରିଶ୍ରମିକରେ ଆଦିବାସୀମାନଙ୍କୁ କାମ କରିବାକୁ ରାଜା ବାଧ୍ୟ କରିବାରୁ ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା ।

ରାଜାଙ୍କପାଇଁ ବେଠି, ବେଗାରି ଖଟିବା ଓ ଆବଶ୍ୟକ ବେଳେ ରାଜକର୍ମଚାରୀଙ୍କପାଇଁ ରସଦ ଯୋଗାଇବା ଥିଲା ଆଦିବାସୀବହୁଳ ଅଞ୍ଚଳର ଏକ ପୁରୁଣା ପରଂପରା । ରାଜାଙ୍କ ଆନୁଗତ୍ୟ ସ୍ୱୀକାର କରି ତଥା ରାଜାଙ୍କଠାରୁ ସୁରକ୍ଷା ପାଉଥିବା କାରଣରୁ ଆଦିବାସୀମାନେ ଟଙ୍କା ଆକାରରେ ଖଜଣା ବା କର ନଦେଇ ଶ୍ରମ ଓ ସାମଗ୍ରୀ ଆକାରରେ କିଛି ଦେୟ ଦେଉଥିଲେ । ଯାହାକୁ ବେଠି, ବେଗାରି ଓ ରସଦ ରୂପରେ ରାଜା ଗ୍ରହଣ କରୁଥିଲେ । ଏହି ଆଧାରରେ ରାଜ୍ୟର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେଉଥିଲା ତଥା ରାଜା ଓ ରାଜକର୍ମଚାରୀଙ୍କ ଆବଶ୍ୟକତା ପୂରଣ ହେଉଥିଲା । ମାତ୍ର ଇଂରେଜ ଶାସନରେ ଏହି ଆବଶ୍ୟକତା ଅନେକ ମାତ୍ରାରେ ବୃଦ୍ଧିପାଇଲା । ତାକୁ ପୂରଣ କରିବାକୁ ଯାଇ ଆଦିବାସୀମାନେ କ୍ଷତିଗ୍ରସ୍ତ ହେଲେ । ସେମାନଙ୍କ ନିଜ କାର୍ଯ୍ୟ ବାଧାପ୍ରାପ୍ତ ହେଲା । ଉଦାହରଣ ସ୍ୱରୂପ, ରଥଯାତ୍ରାପାଇଁ କାଠ ଓ ଦଉଡ଼ି ଯୋଗାଇବା, ଗସ୍ତରେ ଆସିଥିବା କର୍ମଚାରୀଙ୍କପାଇଁ ରସଦ ଯୋଗାଇବା, ରାଜାଙ୍କ ଶିକାର ଓ ପରିଦର୍ଶନ ସମୟରେ ଆସବାବପତ୍ର ବୋହିବା, ପ୍ରସ୍ତୁତି କରିବା, ରାଜ ଉଆସ ମରାମତି କରିବା, ଶସ୍ୟ ଅମଳ ପରେ ରାଜାଙ୍କୁ ଭେଟି ବା ଉପହାର ଦେବା ପରମ୍ପରାର ଅଂଶ ଥିଲା । ଇଂରେଜ ଆଗମନ ପୂର୍ବରୁ ଏସବୁ କାର୍ଯ୍ୟର ମାତ୍ରା ସୀମିତ ଥିଲା । ଫଳରେ ବେଠି, ବେଗାରି ଖଟିବା ସତ୍ତ୍ୱେ ଭୂୟାଁ ଆଦିବାସୀର କୃଷିକାର୍ଯ୍ୟ ଖୁବ୍ ଅଧିକ ପରିମାଣରେ ବ୍ୟାହତ ହେଉ ନଥିଲା । ଅନ୍ୟପକ୍ଷରେ, ୧୮୯୧ରେ କେନ୍ଦୁଝରରେ ମାଛକାନ୍ଦଣା ଜଳସେଚନ ପ୍ରକଳ୍ପ ଆରମ୍ଭ ହେଲା, ଯାହାପାଇଁ ଆଦିବାସୀମାନଙ୍କୁ ବେଠି ଖଟିବାକୁ ରାଜା ଓ ତାଙ୍କ ପ୍ରତିନିଧି ଆସିଷ୍ଟାଣ୍ଟ ମେନେଜର ବିଚିତ୍ରାନନ୍ଦ ଦାସ ବାଧ୍ୟ କଲେ । ବେଠି ଖଟିବା ବେଳେ ଆଦିବାସୀକୁ ନିଜ ଖାଦ୍ୟ ପ୍ରସ୍ତୁତ କରିବାକୁ ମଧ୍ୟ ସମୟ ଦିଆଯାଉ ନଥିଲା । ଯେତେବେଳେ ଭୂୟାଁ ଆଦିବାସୀମାନେ ଅନୁଭବ

କଲେ ଯେ, ଏହି ଅନ୍ୟାୟ ବେଳେ ରାଜା ସେମାନଙ୍କ ପକ୍ଷରେ ନାହାନ୍ତି , ନୂଆ ରାଜାର ଅନ୍ୱେଷଣରେ ସେମାନେ ରହିଲେ ।

ଧରଣୀ ନାଏକ ଥିଲେ ଜଣେ ଶିକ୍ଷିତ ଭୂୟାଁ ଯୁବକ । ରାଜ ପରିବାରର ଆର୍ଥିକ ସହଯୋଗରେ ସେ କଟକର ସର୍ଭେ ସ୍କୁଲ୍‌ରେ ପାଠ ପଢିଥିଲେ ଏବଂ ରାଜାଙ୍କ ଅଧୀନରେ ରହି ସର୍ଭେଅର ଚାକିରି କରୁଥିଲେ । ଧରଣୀ ରାଜକର୍ମଚାରୀ ଥିବାରୁ ଭୂୟାଁମାନେ ତାଙ୍କୁ 'ମହାରାଣୀ ପୁତ୍ର' ଭାବରେ ଗ୍ରହଣ କରି ତାଙ୍କ ନେତୃତ୍ୱରେ ବିଦ୍ରୋହ ଆରମ୍ଭ କଲେ । ଅର୍ଥାତ୍ ସୁଶାସନ ପାଇବା ଲାଗି ଧରଣୀ ମଧ୍ୟ ଚାକିରି ଛାଡ଼ିଲେ ଏବଂ ନୂଆ ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବିଦ୍ରୋହର ନେତୃତ୍ୱ ନେଲେ ।

ବିଦ୍ରୋହୀ ଆଦିବାସୀ କେନ୍ଦୁଝରଗଡ଼କୁ ଅଧିକାର କରି ନେଲେ ଏବଂ ରାଜାଙ୍କର ଦେଓ୍ୱାନ୍ ଫକୀରମୋହନ ସେନାପତିଙ୍କୁ ବନ୍ଦୀ କରିନେଲେ । ଗାଦିଚ୍ୟୁତ ରାଜା କେନ୍ଦୁଝର ଗଡ଼ଜାତର ଅନ୍ୟ ଏକ କେନ୍ଦ୍ର ଆନନ୍ଦପୁରରୁ କେନ୍ଦୁଝରକୁ ଆସିପାରିଲେ ନାହିଁ । ଏହା ପରେ ମେ ୧୮୯୧ ରେ ଇଂରେଜ ସୈନ୍ୟ ଚକ୍ରଧରପୁରରୁ ଆସି ବିଦ୍ରୋହୀମାନଙ୍କ ଉପରେ ଅତର୍କିତ ଆକ୍ରମଣ କଲେ । ଧରଣୀ ନାଏକ ଓ ଅନ୍ୟ ବିଦ୍ରୋହୀମାନେ ବନ୍ଦୀ ହେଲେ । ବିଚାରରେ ଧରଣୀଙ୍କୁ ସାତ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା । ବିଦ୍ରୋହ ଦମନ ପରେ ରାଜାଙ୍କ କ୍ଷମତାକୁ ସଂକୁଚିତ କରାଗଲା । ଅର୍ଥାତ୍ ପଦସ୍ଥ ଇଂରେଜ ଅଫିସରମାନେ ମଧ୍ୟ ଅନୁଭବ କଲେ ଯେ, ଭୂୟାଁମାନଙ୍କର ଦାବି ଅଯୌକ୍ତିକ ନୁହେଁ । ମାତ୍ର ସରକାର ଜଳ ପ୍ରକଳ୍ପ ନିର୍ମାଣ, ରାସ୍ତା ନିର୍ମାଣ ଆଦି ଉନ୍ନତିମୂଳକ କାର୍ଯ୍ୟକୁ ମଧ୍ୟ ଉପେକ୍ଷା କରି ପାରିବେ ନାହିଁ । ଅନ୍ୟ ଶବ୍ଦରେ କହିଲେ, କେନ୍ଦୁଝର ମେଳି ଇଂରେଜ ଉପନିବେଶବାଦର ଅନ୍ତର୍ଦ୍ୱନ୍ଦ୍ୱକୁ ସୁସ୍ପଷ୍ଟ କଲା । ଆଦିବାସୀମାନଙ୍କର ମାଗଣା ବେଠି, ବେଗାରିକୁ ବାଦ ଦେଇ ଉନ୍ନତିମୂଳକ କାର୍ଯ୍ୟ କରିହେବ ନାହିଁ । ଅନ୍ୟପକ୍ଷରେ, ଉନ୍ନତିମୂଳକ କାର୍ଯ୍ୟ କଲେ ଆଦିବାସୀଙ୍କର ଶୋଷଣକୁ ବା ପ୍ରଜାଙ୍କଠାରୁ ଅଧିକ ମାତ୍ରାରେ ଏବଂ କଡ଼ାକଡ଼ି ଭାବେ ଖଜଣା ଆଦାୟକୁ ଏଡ଼ାଇ ହେବ ନାହିଁ । ଏହି ଅନ୍ତର୍ଦ୍ୱନ୍ଦ୍ୱ ହିଁ ଶେଷରେ ଉପନିବେଶବାଦର ପ୍ରଥମ ଓ ପ୍ରଧାନ ଶତ୍ରୁ ହେଲା ।

## ନୟାଗଡ଼ ବିଦ୍ରୋହ, ୧୮୯୩

ଯେଉଁ ସମୟରେ କେନ୍ଦୁଝରରେ ଧରଣୀ ନାଏକଙ୍କ ନେତୃତ୍ୱରେ ରାଜାଙ୍କ ଅତ୍ୟାଚାର ବିରୋଧରେ ମେଳି ଚାଲିଥିଲା, ଠିକ୍ ସେହି ସମୟରେ ନୟାଗଡ଼ ଓ ରଣପୁରରେ ମଧ୍ୟ ସେହି ଏକା ପ୍ରକାର କାରଣରୁ ବିଦ୍ରୋହ ଆରମ୍ଭ ହେଲା, ଯଦିଓ ଏହି ମେଳିଗୁଡ଼ିକ ମଧ୍ୟରେ କୌଣସି ସମନ୍ୱୟ ନଥିଲା । ସ୍ୱତଃସ୍ଫୂର୍ତ୍ତ ଭାବେ ବିଭିନ୍ନ ଗଡ଼ଜାତରେ ଆଦିବାସୀ ବିଦ୍ରୋହ କରୁଥିଲେ । ଔପନିବେଶିକ ଶୋଷଣର ଜଟିଳତାକୁ ସେମାନେ ବୁଝି ପାରୁ ନଥିଲେ ବୋଲି ଅତ୍ୟାଚାରପାଇଁ ସ୍ଥାନୀୟ ରାଜାଙ୍କୁ ଦାୟୀ କରୁଥିଲେ ଏବଂ ରାଜା ପରିବର୍ତ୍ତନ ହେଲେ ସୁଶାସନ ହେବ ବୋଲି ମନେ କରୁଥିଲେ ।

୧୮୦୩ରେ ଅନ୍ୟ ରାଜ୍ୟଗୁଡ଼ିକ ପରି ନୟାଗଡ଼ ମଧ୍ୟ ଇଂରେଜ ସରକାରଙ୍କ ଅନୁଗତ ରହିବ ବୋଲି ସନ୍ଧି ସ୍ୱାକ୍ଷରିତ ହୋଇଥିଲା । ଏହା ପରେ ନିୟମିତ ବର୍ଦ୍ଧିତ ହାରରେ ରାଜସ୍ୱ ଜମା ପ୍ରସଙ୍ଗକୁ ନେଇ ତଥା ରାଜ୍ୟରେ ଅଯଥା ଇଂରେଜ ହସ୍ତକ୍ଷେପକୁ ନେଇ ରାଜା ସରକାରର ବିରୋଧ କରିବା ଆରମ୍ଭ କଲେ । ୧୮୧୫ରେ ନୟାଗଡ଼ରେ ପୋଲିସ୍ ଥାନା ସ୍ଥାପନକୁ ସେ ତୀବ୍ର ବିରୋଧ କରିଥିଲେ ଏବଂ ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀଙ୍କୁ ଗୁପ୍ତରେ ଆଶ୍ରୟ ଦେଇଥିଲେ । ଅନ୍ୟପକ୍ଷରେ; ୧୮୫୧, ୧୮୫୭ ଓ ୧୮୬୯ରେ ଭୂ-ବନ୍ଦୋବସ୍ତଯୋଗୁଁ ରାଜସ୍ୱ ବୃଦ୍ଧି ପାଇଲା । ପୂର୍ବରୁ ନିଷ୍କର ଥିବା ବ୍ରହ୍ମୋତ୍ତର, ଦେବୋତ୍ତର ଓ ଜାଗିର ସମ୍ପତ୍ତି ଉପରେ କର ବସିବାରୁ ରାଜ୍ୟର ଅପେକ୍ଷାକୃତ ସ୍ୱଚ୍ଛଳବର୍ଗ ମଧ୍ୟ ଅସନ୍ତୁଷ୍ଟ ହେଲେ । ବର୍ଦ୍ଧିତ ରାଜସ୍ୱ ଦାବି ପୂରଣପାଇଁ ରାଜା ଲଙ୍ଗଳ, ଘର ଆଦି ଉପରେ ମଧ୍ୟ କର ଧାର୍ଯ୍ୟ କଲେ । ଏସବୁ ସତ୍ତ୍ୱେ ତାଙ୍କୁ ନିର୍ଦ୍ଧାରିତ ସମୟରେ ରାଜସ୍ୱ ଜମା କରିବା ସକାଶେ ବାରମ୍ବାର ମହାଜନମାନଙ୍କଠାରୁ ଋଣ ନେବାକୁ ପଡୁଥିଲା । ୧୮୯୭ରେ ସରକାର ରାଜାଙ୍କ ପାଖରୁ ନିଜ ହାତକୁ ଶାସନ ଦାୟିତ୍ୱ ନେବା ବେଳକୁ ରାଜ୍ୟର ଋଣଭାର ପ୍ରାୟ ୮୦,୦୦୦ଟଙ୍କା ଥିଲା ।

୧୮୪୩ରେ ଏବଂ ପରେ ୧୮୪୯ରେ ନୟାଗଡ଼ ପ୍ରଜା ରାଜାଙ୍କ ବିରୋଧରେ କଟକ କମିଶନର ଓ ବଙ୍ଗର ଲାଟଙ୍କ ପାଖରେ ଅଭିଯୋଗ କରିଥିଲେ । ପ୍ରଜାଙ୍କ ନେତୃତ୍ୱ ନେଇଥିଲେ- ଭଗୀରଥ ମଙ୍ଗରାଜ, କମଳଲୋଚନ ପାଇକରାୟ ଓ ହରି ଗଜେନ୍ଦ୍ର ସିଂହ। ଏହି ନେତାମାନେ ଥିଲେ ଅପେକ୍ଷାକୃତ ସ୍ୱଚ୍ଛଳ ଜମିମାଲିକ । ସେମାନେ ନୂତନ ବ୍ୟବସ୍ଥାରେ ନିଜ ନିଷ୍କର ଜମିରେ କର ଲାଗୁ ହେବା ନିୟମକୁ ବିରୋଧ କରୁଥିଲେ । ସ୍ଥାନୀୟ କନ୍ଧ ଓ ଅନ୍ୟ ଆଦିବାସୀ ତଥା ସାଧାରଣ ଅଣ-ଆଦିବାସୀ ପ୍ରଜା ମାତ୍ରାଧିକ ଭାବେ ରାଜଉତ୍ପୀଡ଼ନର ଶିକାର ହେଉଥିବାରୁ ଏମାନଙ୍କର ନେତୃତ୍ୱକୁ ଗ୍ରହଣ କରି ନେଇଥିଲେ ।

୧୮୯୩ରେ ଦେବାନ କ୍ଷେତ୍ରିବର ସିଂହଙ୍କୁ ରାଜା ପଦଚ୍ୟୁତ କଲେ । କ୍ଷେତ୍ରିବର ମେଳିଆମାନଙ୍କୁ ପ୍ରୋତ୍ସାହିତ କରୁଥିବାର ଅଭିଯୋଗ ରହିଥିଲା । ଏହା ପରେ ୧୮୯୩ ଏପ୍ରିଲ୍ ମାସରୁ ରୟତମାନେ ଖଜଣା ବନ୍ଦ କଲେ । ମେଳି ତୀବ୍ର ରୂପ ଧାରଣ କଲା । କନ୍ଧମାନେ ଥାନା ଲୁଣ୍ଠନ କଲେ ଓ ରାଜାଙ୍କ ମ୍ୟାନେଜର ଦର୍ପ ନାରାୟଣ ଦାସ ତଥା ଅନ୍ୟ ରାଜାନୁଗତମାନଙ୍କ ଉପରେ ଆକ୍ରମଣ କଲେ । ୧୮୯୪ ଜାନୁଆରିରେ ବିଦ୍ରୋହ ଦମନପାଇଁ ଗଡ଼ଜାତ ମହଲ ଅଧ୍ୟକ୍ଷ ଅତିରିକ୍ତ ପୋଲିସ୍ ବାହିନୀ ନେଇ ନୟାଗଡ଼ରେ ପହଞ୍ଚିଲେ । କ୍ଷେତ୍ରିବର ସିଂହଙ୍କୁ ବନ୍ଦୀ କଲେ । ଏହା ପରେ ଅର୍ଜୁନ ପାଇକରାୟ ବିଦ୍ରୋହର ନେତୃତ୍ୱ ନେଲେ । ୧୮୯୪ ନଭେମ୍ବରରେ ନୟାଗଡ଼ର ଅଭ୍ୟନ୍ତରରେ କନ୍ଧମେଳି ବ୍ୟାପକ ହେବାରୁ ଚାରିଜଣ ଇଂରେଜ ଅଫିସର ପ୍ରାୟ ୩୦୦ ସୈନ୍ୟଙ୍କୁ ନେଇ ବିଦ୍ରୋହ ଦମନପାଇଁ ଅଭିଯାନ ଆରମ୍ଭ କଲେ । ୧୮୯୫ ଜାନୁଆରିରେ ଅର୍ଜୁନ ପାଇକରାୟ ଧରାପଡ଼ିଲେ । କନ୍ଧମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଲା । ଅନେକ ବିଦ୍ରୋହୀ ବନ୍ଦି ହେଲେ । ବିଦ୍ରୋହ ଦମନ ପରେ ୧୬ ଜଣ ବିଦ୍ରୋହୀ ନେତାଙ୍କୁ ଫାଶୀଦଣ୍ଡ ଦିଆଗଲା; କ୍ଷେତ୍ରିବର ସିଂହଙ୍କୁ ନିର୍ବାସନ ଦଣ୍ଡ ମିଳିଲା । ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେଲା ।

ନୟାଗଡ଼ ବିଦ୍ରୋହକୁ ପଡ଼ୋଶୀ ଖଣ୍ଡପଡ଼ା ରାଜ୍ୟରୁ ସହାୟତା ମିଳିଥିବା ଅଭିଯୋଗରେ ବିଦ୍ରୋହ ଦମନରେ ବ୍ୟୟ ହୋଇଥିବା ସମସ୍ତ ଖର୍ଚ୍ଚ ସରକାର ଖଣ୍ଡପଡ଼ା ରାଜାଙ୍କଠାରୁ ଆଦାୟ କଲେ । ବିଦ୍ରୋହ ଦମନ ପରେ ନୟାଗଡ଼ ରାଜା ରଘୁନାଥ ସିଂହଙ୍କର ମୃତ୍ୟୁ ହେଲା । ଯୁବରାଜ ନାବାଳକ ଥିବାରୁ ରାଜ୍ୟର ଶାସନଭାର ସରକାର ନିଜ ହାତକୁ ନେଲେ ।

## ରଣପୁର ବିଦ୍ରୋହ, ୧୮୯୩

ନୟାଗଡ଼ ବିଦ୍ରୋହର ପ୍ରଭାବ ପଡ଼ୋଶୀ ରଣପୁର ଗଡ଼ଜାତରେ ପଡ଼ିଥିଲା । ରଣପୁରରେ ରାଜା ଥିଲେ ବେଣୁଧର ନରେନ୍ଦ୍ର ମହାପାତ୍ର । ରାଜାଙ୍କ ବଦଳରେ ଦେବାନଙ୍କ ବିରୁଦ୍ଧରେ ବିଦ୍ରୋହ ଉଦ୍ଦିଷ୍ଟ ଥିଲା । ରଣପୁର ଇଂରେଜମାନଙ୍କଦ୍ୱାରା ଅଧିକୃତ ହେଲା ପରେ ସେଠାରେ ସ୍ୱଳ୍ପମିଆଦୀ ବନ୍ଦୋବସ୍ତଯୋଗୁଁ ପ୍ରତିବର୍ଷ ପ୍ରଜାଙ୍କ ଉପରେ କର ଭାର ବୃଦ୍ଧି ପାଉଥିଲା । ପୁଣି ରାଜା ଟଙ୍କା ଆକାରରେ କର ଆଦାୟ କରିବାଦ୍ୱାରା ଜନ ଅସନ୍ତୋଷ ବୃଦ୍ଧି ପାଇଲା । କାରଣ ବଜାରରେ ଆବଶ୍ୟକ ମତେ ରୌପ୍ୟ ମୁଦ୍ରା ମିଳୁ ନଥିଲା । ପ୍ରଜା ନିଜ ଉତ୍ପାଦିତ ଶସ୍ୟକୁ ବିକି ରୌପ୍ୟ ଟଙ୍କା ସଂଗ୍ରହ କଲାବେଳେ କ୍ଷତିର ସମ୍ମୁଖୀନ ହେଉଥିଲେ । ନୂଆ କରି ଏହି ବ୍ୟବସ୍ଥା ପ୍ରଚଳନ ହୋଇଥିଲା । ପୂର୍ବରୁ ପ୍ରଜା ଶସ୍ୟ ଆକାରରେ କର ଜମା କରୁଥିଲେ । ଅଧିକ କରଭାର; ନିର୍ଦ୍ଦିଷ୍ଟ ସମୟରେ ଖଜଣା ପଇଠ ; ପୁଣି ଟଙ୍କା ଆକାରରେ ଖଜଣା ଜମା ଥିଲା ପ୍ରଜାପାଇଁ ଖୁବ୍ କଷ୍ଟସାଧ୍ୟ ବ୍ୟାପାର । ପ୍ରତିକାରପାଇଁ ପ୍ରଜାମାନେ ଦୀର୍ଘ ମିଆଦୀ ବନ୍ଦୋବସ୍ତ ଦାବି କରୁଥିଲେ, ଯାହାକି ଅନ୍ତତଃ ନିୟମିତ କରଭାର ବୃଦ୍ଧିକୁ ରୋକି ପାରିବ। ୧୮୭୭ରେ ବର୍ଷିକିଆ ବନ୍ଦୋବସ୍ତ ବଦଳରେ ତିନିବର୍ଷିଆ ବନ୍ଦୋବସ୍ତ ଲାଗୁ ହେଲା । ପୁଣି ୧୮୮୯-୯୦ରେ ଭୂ-ରାଜସ୍ୱ ପରିମାଣ ଦୁଇଗୁଣ ବୃଦ୍ଧି ପାଇଲା । ୧୮୯୩ରେ ରଣପୁରରେ ଭୟଙ୍କର ମରୁଡ଼ି ପଡ଼ିଲା। ପ୍ରଜାଙ୍କୁ ଖଜଣା ରିହାତି ଦିଆଗଲା ନାହିଁ । ବରଂ ସରକାରଙ୍କ ରୋଷର ଶିକାର ହେବା ଭୟରେ ଦେବାନ କର ଅସୁଲ କରିବାକୁ ଲାଗିଲେ । ଅନନ୍ୟୋପାୟ ହୋଇ ଅନେକ ପ୍ରଜା ରାଜ୍ୟ ଛାଡ଼ି ପଳାଇଲେ । ଯେଉଁମାନେ ରହିଲେ, ସେମାନେ ବିଦ୍ରୋହ କରିବାକୁ ବାଧ୍ୟ ହେଲେ ।

ବିଦ୍ରୋହ ୧୮୯୩ରେ ଆରମ୍ଭ ହେଲା, ବଣ ନିଆଁ ପରି କିଛି ଦିନପାଇଁ ବ୍ୟାପକ ହେଲା ପରେ ଅବଦମିତ ମଧ୍ୟ ହେଲା । ବିଦ୍ରୋହୀ ପ୍ରଜା ରାଜାଙ୍କୁ ଘେରାଉ କଲେ । ଅମଲାମାନଙ୍କ ଉପରେ ଆକ୍ରମଣ ହେଲା । ଦମନ ବେଳେ ୧୩ ଜଣ ମେଳି ନେତାଙ୍କୁ ଗିରଫ କରି କଟକ ଜେଲକୁ ପଠାହେଲା । ଏହିଭଳି ଭାବେ ପ୍ରଜାଙ୍କ ସମସ୍ୟା ସମାଧାନ ନ ହେବା ସତ୍ତ୍ୱେ ବିଦ୍ରୋହର ଅନ୍ତ ହେଲା ।

## ଅନ୍ୟାନ୍ୟ ରାଜ୍ୟରେ ବିଦ୍ରୋହ

୧୮୬୮ରେ ବାମଣ୍ଡାରେ ରାଜାଙ୍କ ବିରୁଦ୍ଧରେ କନ୍ଧ ମେଳି ହୋଇଥିଲା । ଜମିଦାର କୃପାସିନ୍ଧୁଙ୍କ ନେତୃତ୍ୱରେ କନ୍ଧମାନେ ସରକାରୀ ସମ୍ପତ୍ତି ଓ ଗ୍ରାମଗୁଡ଼ିକ ଉପରେ ଆକ୍ରମଣ

କରିଥିଲେ । ସେହି ସମୟରେ ପାଟଣା (ବଲାଙ୍ଗୀର)ରେ ପ୍ରଜା ରାଜସ୍ୱ ଅସୁଲ ବେଳେ ଅବଲମ୍ବନ କରାଯାଉଥିବା କଠୋର ନୀତି ବିରୁଦ୍ଧରେ ବିଦ୍ରୋହ କଲେ । ରାଜା ସୁରପ୍ରତାପ ଦେଓ ଏବଂ ତାଙ୍କ ଭାଇ ଲାଲା ବିଶ୍ୱନାଥ ସିଂହଙ୍କୁ ସେମାନେ ନୂତନ ରାଜସ୍ୱ ନୀତିପାଇଁ ଦାୟୀ କରୁଥିଲେ । ରାଜ୍ୟରେ ଅଣ-ଆଦିବାସୀମାନଙ୍କୁ ଜମି ଦେଇ ରାଜା ରାଜସ୍ୱ ଅସୁଲ ଦାୟିତ୍ୱ ଦେଉଥିବାରୁ ଆଦିବାସୀମାନେ ତା'ର ବିରୋଧ କରୁଥିଲେ, କାରଣ ତା'ଦ୍ୱାରା ସ୍ଥାନୀୟ ଆଦିବାସୀର ସମ୍ମାନ ନଷ୍ଟ ହେଉଥିଲା ତଥା ତା' ଭାଗର ଜମି ହସ୍ତାନ୍ତର ହେଉଥିଲା । କଳାହାଣ୍ଡି ରାଜାଙ୍କ ସହାୟତାରେ ପାଟଣା ରାଜା ଅନେକ ବିଦ୍ରୋହୀଙ୍କୁ ବନ୍ଦି ଓ ହତ୍ୟା କଲେ । ଶେଷରେ ଇଂରେଜ ସରକାର ବିଶ୍ୱନାଥ ସିଂହଙ୍କୁ ପାଟଣାରୁ ବହିଷ୍କୃତ କରି ସମ୍ବଲପୁରରେ ଥଇଥାନ କଲେ । ୧୮୭୮ରେ କଳାହାଣ୍ଡି ରାଜ୍ୟର ରାମପୁର-ମଦନପୁରରେ ଆଦିବାସୀ ବିଦ୍ରୋହ ଆରମ୍ଭ ହୋଇଥିଲା । କର ଭାର ଏତେ ମାତ୍ରାରେ ସେଠି ବୃଦ୍ଧି ପାଇଥିଲା ଯେ, ଆଦିବାସୀ ପ୍ରଜା ଗାଁ ଛାଡ଼ି ଘନ ଜଙ୍ଗଲକୁ ବାଧ୍ୟ ହୋଇ ପଳାୟନ କରୁଥିଲେ । ସେମାନଙ୍କ ସମତଳ ଅଞ୍ଚଳରେ ଥିବା ଜମି ଓ ଘରବାଡ଼ି ଅଣ-ଆଦିବାସୀ ସାହୁକାର ହାତକୁ ଚାଲି ଯାଉଥିଲା । କାରଣ ଋଣ କରି ସେମାନେ କର ଦେବାକୁ ବାଧ୍ୟ ହେଉଥିଲେ । ଜଙ୍ଗଲ ଉପରୁ ମଧ୍ୟ ସେମାନଙ୍କର ଅଧିକାର ଶେଷ କରିଦିଆଗଲା । ଅରଣ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବା ତଥା ଗଛ କାଟିବା ଅପରାଧରେ ରାଜା ଆଦିବାସୀମାନଙ୍କ ପ୍ରତି ଦଣ୍ଡ ବିଧାନ କରୁଥିଲେ, ଯାହାକୁ ଆଦିବାସୀମାନେ କଦାଚିତ ସ୍ୱୀକାର କରି ପାରୁ ନଥିଲେ । ଉତ୍ୟକ୍ତ ଆଦିବାସୀ ଅଣ-ଆଦିବାସୀ ଗ୍ରାମଗୁଡ଼ିକ ଉପରେ ଆକ୍ରମଣ କରୁଥିଲେ; ଲୁଟତରାଜ କରି ଗ୍ରାମଗୁଡ଼ିକୁ ପୋଡ଼ି ଦେଉଥିଲେ ।

୧୮୮୧ରେ କଳାହାଣ୍ଡି ରାଜା ଉଦିତପ୍ରତାପ ଦେଓଙ୍କର ମୃତ୍ୟୁ ହେଲା । ତାଙ୍କ ପୋଷ୍ୟପୁତ୍ରଙ୍କୁ ସ୍ଥାନୀୟ ଆଦିବାସୀ (କନ୍ଧ)ମାନେ ନୂତନ ରାଜା ଭାବରେ ସ୍ୱୀକାର କଲେ ନାହିଁ । ଉଦିତପ୍ରତାପ ଓ ସରକାରଙ୍କ ମଧ୍ୟରେ ଘନିଷ୍ଠ ବୁଝାମଣା ଥିଲା । ସେହି ଆଧାରରେ ରାଜାଙ୍କ ଦ୍ୱାରା ନିଯୁକ୍ତ ଉତ୍ତରାଧିକାରୀଙ୍କୁ କନ୍ଧମାନେ ସ୍ୱୀକାର କଲେ ନାହିଁ । ସେମାନେ ନୂତନ ରାଜାଙ୍କ ଅଭିଷେକ ପର୍ବରେ ମଧ୍ୟ ଯୋଗ ଦେଲେ ନାହିଁ । ୧୮୮୨ରେ ସେମାନେ ଓଡ଼ିଆ ଜମିଦାରମାନଙ୍କ ଘର ଓ ଗ୍ରାମଗୁଡ଼ିକ ଉପରେ ଆକ୍ରମଣ କଲେ । ଶତାଧିକ ଅଣ-ଆଦିବାସୀ (ଓଡ଼ିଆ) ଗାଁକୁ ପୋଡ଼ି ଦିଆଗଲା । ୧୮୯୪ରେ ସାମରିକ କାର୍ଯ୍ୟାନୁଷ୍ଠାନଦ୍ୱାରା ସରକାର କନ୍ଧ ମେଳିକୁ ଦମନ କଲେ । ରାଜ୍ୟର ଶାସନ ଭାର ରାଜା ସାବାଳକ ହେବା ପର୍ଯ୍ୟନ୍ତ ସରକାର ଅଧୀନକୁ ସ୍ଥାନାନ୍ତରିତ ହେଲା । ଏହିଭଳି ଭାବେ ଦାବି ପୂରଣ ନହେବା ସତ୍ତ୍ୱେ ସାମରିକ ବଳ ପ୍ରୟୋଗଯୋଗୁଁ କଳାହାଣ୍ଡି ବିଦ୍ରୋହ ଅବଦମିତ ହେଲା ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସଂଘଟିତ ସବୁଗୁଡ଼ିକ ଆଦିବାସୀ ଓ ପ୍ରଜା ବିଦ୍ରୋହ ଇତିହାସ ପୁସ୍ତକରେ ସାମିଲ ହୋଇ ପାରିନାହିଁ । ଯେଉଁ ବିଦ୍ରୋହରେ ଅଧିକ କ୍ଷୟକ୍ଷତି ହୋଇଛି ବା ଅଧିକ ସଂଖ୍ୟାରେ ଲୋକଙ୍କ ପ୍ରାଣ ଯାଇଛି, କେବଳ ସେଗୁଡ଼ିକ ଗବେଷକମାନଙ୍କ ଦୃଷ୍ଟିକୁ ଆସିଛି । ମାତ୍ର ପ୍ରାୟ ଗଡ଼ଜାତରେ ବିଦ୍ରୋହ ହୋଇଛି ଅଥବା ବିଦ୍ରୋହ ହେବା ଭଳି ପରିସ୍ଥିତି

ସୃଷ୍ଟି ହୋଇଥିଲା । ସବୁଗୁଡ଼ିକ ବିଦ୍ରୋହରେ ଏହି ସମୟରେ ରାଜା ପ୍ରଜାଙ୍କ ରୋଷର ଶିକାର ହୋଇଛନ୍ତି । ଅନେକତ୍ର ଅଣ-ସ୍ଥାନୀୟ ସାହୁକାର, ମହାଜନ ଓ ଅମଲାମାନେ ଆକ୍ରମଣର ଶିକାର ହୋଇଛନ୍ତି । ଇଂରେଜ ଶୋଷଣପାଇଁ ଏହି ଅଣ-ସ୍ଥାନୀୟ ବା ବାହାର ଲୋକ (ଦିକୁ) ସୁରକ୍ଷା ବଳୟ ସାଜିଥିବାରୁ ଆକ୍ରମଣ ସେମାନଙ୍କ ଉପରେ ହେଉଥିଲା । କନ୍ଧ ମେଳି, ଭୂୟାଁ ମେଳି ବା କୋହ୍ଲ ମେଳି ଆଦି ନାଁରେ ଏହି ବିଦ୍ରୋହ ନାମିତ ହୋଇଥିଲା । କାରଣ ତହିଁରେ ଉକ୍ତ ଆଦିବାସୀ ସଂପ୍ରଦାୟର ପ୍ରମୁଖ ଭୂମିକା ରହିଥିଲା । ମାତ୍ର ଅନ୍ୟ ଆଦିବାସୀ ଓ ଅଣ -ଆଦିବାସୀ ପ୍ରଜା ମଧ୍ୟ ବିଦ୍ରୋହରେ ସକ୍ରିୟ ରହୁଥିଲେ । ଦିକୁ ନାମରେ ସାଧାରଣତଃ ଶୋଷଣକାରୀ ବାହାର ଲୋକ ହିଁ ଆଦିବାସୀ ରୋଷର ଶିକାର ହେଉଥିଲେ । 'ଦିକୁ' ତେଣିକି ଶୋଷଣକାରୀର ସମାର୍ଥବୋଧକ ଶବ୍ଦ ହେଲା । ଗରିବ ଅଣ-ଆଦିବାସୀ ସାଧାରଣ ପ୍ରଜା ପ୍ରତି ବିଦ୍ରୋହୀ ଆଦିବାସୀଙ୍କର କୌଣସି ଅସୂୟା ଭାବ ରହୁ ନଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀର ଏହିସବୁ ଆଦିବାସୀ ମେଳି ଓ ମେଳିଆଙ୍କ ପ୍ରତି କୌଣସି ଦରଦ ଥିବାର ପ୍ରମାଣ ମିଳେ ନାହିଁ । ଔପନିବେଶିକ ଶାସନ ବିରୁଦ୍ଧରେ ଉଭୟ ବର୍ଗ (ଆଦିବାସୀ ଓ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ) ସଂଗ୍ରାମ କରୁଥିଲେ ସୁଦ୍ଧା ଉଭୟଙ୍କ ମଧ୍ୟରେ କୌଣସି ସମନ୍ୱୟ ଦେଖିବାକୁ ମିଳୁନଥିଲା । ବରଂ ଅନେକ କ୍ଷେତ୍ରରେ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀର ନେତୃବୃନ୍ଦ ଆଦିବାସୀ ବିଦ୍ରୋହର ଦମନରେ ପ୍ରତ୍ୟକ୍ଷ ସହାୟତା କରୁଥିଲେ । ଉଦାହରଣ ସ୍ୱରୂପ, ମଧୁସୂଦନ ଦାସ ଓ ଫକୀରମୋହନ ସେନାପତି ଏକାଧିକ ଥର ଅତ୍ୟାଚାରୀ ରାଜାଙ୍କ ପକ୍ଷଭୁକ୍ତ ହୋଇ ଆଦିବାସୀ ବିଦ୍ରୋହୀଙ୍କୁ ଦମନ କରିବାର ବାଟ ଖୋଜିଛନ୍ତି । ଏହା ବହୁ ମାତ୍ରାରେ ଦ୍ୱିଧାପୂର୍ଣ୍ଣ ହେଲେ ସୁଦ୍ଧା, ଊନବିଂଶ ଶତାବ୍ଦୀର ଯେ ଏକ କ୍ରୂର ବାସ୍ତବିକତା- ଏଥିରେ ସନ୍ଦେହ ନାହିଁ ।

■ ■ ■

# ଜାତୀୟତାର ଉନ୍ମେଷ

ଜାତୀୟତାର ଅର୍ଥ ହେଲା ଦେଶ ଭକ୍ତି, ରାଷ୍ଟ୍ରପ୍ରୀତି; ଲକ୍ଷ୍ୟ ହେଲା ଦେଶ ଗଠନ । ରାଷ୍ଟ୍ରଭକ୍ତିର ବିଚାରଧାରାକୁ ଜାତୀୟତା ବୋଲି କୁହାଯାଏ । ଗୋଟାଏ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ଏବଂ ତା' ଭିତରେ ଗଢ଼ି ଉଠିଥିବା ଭାଷା, ସଂସ୍କୃତି ଓ ପରଂପରାକୁ ଜାତୀୟତା ଏକ ବୋଲି ବିଚାର କରେ ଏବଂ ଉକ୍ତ ଭାଷାଭାଷୀ ଓ ସଂସ୍କୃତିର ଲୋକଙ୍କ ମଧ୍ୟରେ ବିଭେଦ ନାହିଁ ବୋଲି ଯୁକ୍ତି କରେ । ଜାତୀୟତାର ସ୍ଥାୟିତ୍ୱପାଇଁ ଜାତୀୟ ଏକତା ଜରୁରୀ । ଜାତିର ସାମୂହିକ ଉନ୍ନତି ନିମନ୍ତେ ବ୍ୟକ୍ତି ସ୍ୱାର୍ଥକୁ ବଳି ଦେବାକୁ ଜାତୀୟତା ପ୍ରତିଶ୍ରୁତିବଦ୍ଧ ହୁଏ । ଏହି କାରଣରୁ ସମୂହ ଉନ୍ନତିପାଇଁ ଆତ୍ମବଳି ଦେଇଥିବା ବ୍ୟକ୍ତି ଜାତୀୟତାର ମାନଦଣ୍ଡରେ ଅନ୍ୟପାଇଁ ଆଦର୍ଶ ହୁଅନ୍ତି ।

## ଜାତୀୟତାର ଅବଧାରଣା

ବିଶ୍ୱ ଇତିହାସରେ ଜାତୀୟତାର ଉନ୍ମେଷ ବିଶେଷ ପୁରୁଣା ନୁହେଁ । ମଧ୍ୟଯୁଗର ଶେଷ ବେଳକୁ ଏହା ପ୍ରଥମେ ୟୁରୋପରେ ବିକାଶ ଲାଭ କଲା ଏବଂ ତାକୁ ଭିତ୍ତି କରି ଆଧୁନିକ ରାଜ୍ୟ ରାଷ୍ଟ୍ରମାନ ଗଠିତ ହେଲେ । ଯେତେବେଳେ ବିଭିନ୍ନ କାରଣରୁ ଲୋକ ବାହାରକୁ ଗଲେ, ସେମାନେ ଦେଖିଲେ ଭାଷା, ସଂସ୍କୃତି ଏବଂ ଭୌଗୋଳିକ ପରିସୀମା ଦୃଷ୍ଟିରୁ ଗୋଟାଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅନ୍ୟ ଅଞ୍ଚଳ ତୁଳନାରେ ଅନେକ ସମତା ରହିଥାଏ । ସେହି ଆଧାରରେ ସେମାନେ ନିଜକୁ ଗୋଟିଏ ଜାତି ଓ ଅନ୍ୟଠାରୁ ଅଲଗା ବୋଲି ପରିଚୟ ଦେଲେ । ନିଜ ଅଞ୍ଚଳ ବାହାରକୁ ଗଲା ପରେ ଯେଉଁ ଅସୁରକ୍ଷା ଭାବ ଓ ସଂକଟର ସ୍ଥିତି ଅନୁଭୂତ ହୁଏ, ତା'ର ସମ୍ମୁଖୀନ ହେବା ଲାଗି ସେମାନେ ଜାତି ନାଁରେ ଗୋଷ୍ଠୀଭୁକ୍ତ ହେଲେ । ଜାତି ପରିଚୟ ସେମାନଙ୍କୁ ସୁରକ୍ଷା ପ୍ରଦାନ କଲା । ଫରାସୀ ଭାଷାଭାଷୀ ଲୋକେ ନିଜକୁ ଫରାସୀ ଜାତି ବୋଲି ପରିଚୟ ଦେଲେ; ଇଂରାଜୀ ଭାଷା-ଭାଷୀ ଲୋକେ କହିଲେ, ସେମାନେ ଇଂରେଜ ଜାତି । ବିବାଦ ସୃଷ୍ଟି ହେଲେ, ଜିଣିବା ସକାଶେ ଜାତୀୟତା ଆଧାରରେ ପକ୍ଷମାନ ଗଠିତ ହେଲା । ପରେ ରାଜା ରାଜାଙ୍କ ମଧ୍ୟରେ କଳହ ହେଲେ

ବି ତାକୁ ଜାତି କଳହର ରୂପ ଦିଆଗଲା । ଫଳରେ ରାଜାଙ୍କୁ ସ୍ୱଦେଶର ଲୋକ ସମର୍ଥନ ମିଳିବା ସହଜ ହେଲା । ସେହି ସମୟଠାରୁ ଆଜି ଏକବିଂଶ ଶତାବ୍ଦୀଯାଏ ଜାତୀୟତା ବିଶ୍ୱ ରାଜନୀତିର ପ୍ରମୁଖ ସ୍ୱର ହୋଇଛି। ଆଧୁନିକ ରାଜ୍ୟ-ରାଷ୍ଟ୍ରର କଳା, ଇତିହାସ, ବିଜ୍ଞାନ, ପ୍ରଯୁକ୍ତି, ସବୁଥିରେ ଜାତୀୟତାର ବ୍ୟାପକ ପ୍ରଭାବ ରହିଆସିଛି । ଅର୍ଥାତ୍ କଳାକାର ରାଷ୍ଟ୍ର ହିତକୁ ଉପେକ୍ଷା କରି କଳା କଥା ଚିନ୍ତା କରେନା ଅଥବା ବୈଜ୍ଞାନିକପାଇଁ ଜାତୀୟତାକୁ ଗୌଣ ବିଚାର କରିବା ସଂଭବ ହୁଏ ନାହିଁ । ଏପରିକି ଖେଳରେ ମଧ୍ୟ ଜାତୀୟତାବାଦର ପ୍ରଭାବ ପ୍ରଚ୍ଛନ୍ନ ଭାବରେ ରହିଥାଏ ।

ପ୍ରାୟତଃ ଦେଖାଯାଇଛି ଯେ, ଜାତୀୟତାର ସ୍ୱରୂପ ନେତୃତ୍ୱର ଦୃଷ୍ଟିକୋଣ ଉପରେ ନିର୍ଭରଶୀଳ ରହେ । ନେତୃତ୍ୱ ତାକୁ ଯେଉଁ ଦିଗରେ ବ୍ୟବହାର କରେ, ତାହା ସେହି ଦିଗରେ ବ୍ୟବହୃତ ହୁଏ । ଅର୍ଥାତ୍ ନେତୃତ୍ୱ ନାମକ ଏକ ଛୋଟ ଗୋଷ୍ଠୀ ଓ ତାର ସ୍ୱାର୍ଥକୁ ଜାତୀୟ ଗୋଷ୍ଠୀ ଓ ଜାତୀୟ ସ୍ୱାର୍ଥ ନାମରେ ଅଧିକ ମହତ୍ତ୍ୱ ମିଳିବାର ଆଶଙ୍କା ଜାତୀୟତାରେ ରହିଥାଏ । ଉଦାହରଣ ସ୍ୱରୂପ, ଇଉରୋପରେ ଊନବିଂଶ ଶତାବ୍ଦୀରେ ପୁଞ୍ଜିବାଦୀ ଓ ଉପନିବେଶବାଦୀ ବିକାଶ ସମ୍ଭବ ହେଲା ଏବଂ ତା'ପାଇଁ ଜାତୀୟତାକୁ ଅସ୍ତ୍ର ଭଳି ବ୍ୟବହାର କରାଯାଇଥିଲା । ଇଂରେଜମାନେ ନିଜ ଦେଶର ପୁଞ୍ଜିବାଦୀ ବିକାଶ ନିମନ୍ତେ ଏସିଆରେ ଏବଂ ବିଶେଷକରି ଭାରତବର୍ଷରେ ସାମ୍ରାଜ୍ୟ ବିସ୍ତାର କଲେ ଏବଂ ସେହି ପ୍ରକ୍ରିୟାରେ ଆର୍ଥିକ ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର କଲେ । ଏ ସବୁ ପଛରେ ଇଂରେଜ ଜାତୀୟତାର ଆର୍ଥିକ ସମର୍ଥନ ରହିଥିଲା । ଏହି ଦୃଷ୍ଟିରୁ ଦେଖିଲେ, ସେତେବେଳେ ଇଂରେଜ ଜାତୀୟତା ପ୍ରାୟତଃ ଭାରତୀୟ ଜାତୀୟ ସ୍ୱାର୍ଥର ପରିପନ୍ଥୀ ପ୍ରମାଣିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ନାଜିବାଦ ଲକ୍ଷ ଲକ୍ଷ ଇହୁଦୀ ଏବଂ ଅନ୍ୟ ନାଜି ବିରୋଧୀମାନଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଲା। ନାଜିବାଦର ନେତୃତ୍ୱ ରହିଥିଲା ହିଟ୍‌ଲରଙ୍କ ହାତରେ। ଜର୍ମାନୀକୁ ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର କରି ଗଢ଼ିବା ନାଁରେ ସେ ନାଜିବାଦକୁ ଯଥାର୍ଥ ବୋଲି କହୁଥିଲେ। ନାଜିବାଦର ହିଂସ୍ରତା ପଛରେ ଉଗ୍ର ଜାତୀୟତାବାଦ ଆହୁତି ପରି କାମ କରୁଥିଲା । ଅନ୍ୟଥା ଜଣେ ବ୍ୟକ୍ତି ଭାବରେ ହିଟଲର୍ ପାଖରେ ଏତେ ଅଧିକ ମାତ୍ରାରେ ଜଘନ୍ୟ କାମ କରିବାର ସାମର୍ଥ୍ୟ ବା ଆସନ୍ତା କେମିତି ?

ବିଶ୍ୱ ଇତିହାସରେ ଅନେକ ଉଦାହରଣ ରହିଛି, ଯେଉଁଠି ଜାତୀୟତା ଏକ ନକାରାତ୍ମକ ଭୂମିକା ଗ୍ରହଣ କରିଛି । ଆହୁରି ଅନେକ ଉଦାହରଣ ଅଛି, ଯେଉଁଠି ଜାତୀୟତାର ଭୂମିକା ମୋଟାମୋଟି ଭାବରେ ସକାରାତ୍ମକ । ତର୍ଜମା କଲେ ଜଣାପଡ଼େ ଯେ, ଉପନିବେଶବାଦ ଓ ସାମ୍ରାଜ୍ୟବାଦଦ୍ୱାରା ତ୍ରସ୍ତ ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର ଦେଶଗୁଡ଼ିକରେ ଜାତୀୟତାର ମୁଖ୍ୟ ସ୍ୱର ହେଲା ମାନବବାଦ । ଏହା ସକାରାତ୍ମକ । ଏହି ଦେଶଗୁଡ଼ିକରେ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଜାତୀୟତା ଆନ୍ଦୋଳନ ଆରମ୍ଭ ହେଲା। ଏହାର ଗୋଟିଏ ଚରିତ୍ର ହେଲା ସାମାଜିକ ମୁକ୍ତିକାମନା । ଭାରତରେ ଜାତୀୟତା ଆନ୍ଦୋଳନ ଇଂରେଜ ଶକ୍ତିର ବିରୋଧ କରିବା ସହିତ ସାମନ୍ତବାଦୀ ରୂଢ଼ିବାଦିତା, ସାମାଜିକ କୁସଂସ୍କାର, ନିରକ୍ଷରତା, ଜାତିବାଦ ଓ ପୁରୁଷତାନ୍ତ୍ରିକତା ଆଦି ଅନ୍ତରୀଣ ଜଡ଼ତାରୁ ବିମୁକ୍ତିପାଇଁ ସଂଗ୍ରାମ କଲା । ଭାରତର ଦୁର୍ଦ୍ଦଶାପାଇଁ

ଇଂରେଜ ଶାସନ ପରି ସାମାଜିକ ରୂଢ଼ିବାଦିତା ଓ ଜଡ଼ତା ଦାୟୀ ବୋଲି ଆମ ଜାତୀୟତାବାଦୀ ନେତୃବୃନ୍ଦ ହୃଦବୋଧ କଲେ ।

୧୯୪୭ରେ ଇଂରେଜ ଉପନିବେଶବାଦ କବଳରୁ ମୁକ୍ତି ପାଇ ଭାରତ ସ୍ୱାଧୀନ ହେଲା । ଏହା ପଛରେ ବଡ଼ କାରଣ ଥିଲା ଜାତୀୟତା ଆନ୍ଦୋଳନ । ସେଥିପାଇଁ ଭାରତରେ ଜାତୀୟତା ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମ ମଧ୍ୟ କୁହାଯାଏ । ଜାତୀୟତା ଆଧାରରେ ଲୋକ ଏକତାବଦ୍ଧ ହେଲେ ଏବଂ ଜାତୀୟ ମୁକ୍ତିପାଇଁ ବିଦେଶୀ ଶାସକ ବିରୋଧରେ ସଂଗ୍ରାମ କଲେ । ଏହା ସହିତ, ଜାତୀୟତା ଆନ୍ଦୋଳନ ସମୟରେ ଭାରତରେ ଏକ ଆଧୁନିକ ରାଷ୍ଟ୍ରଗଠନର ପ୍ରକ୍ରିୟା ଆରମ୍ଭ ହେଲା । କେବଳ ସେତିକି ନୁହେଁ, ଆମ ନେତୃବୃନ୍ଦ ଜାତୀୟତାକୁ ବିଶ୍ୱମାନବିକତାର ପରିପୂରକ ବୋଲି ଦିଗ୍‌ଦର୍ଶନ ଦେଲେ । ଏହି କାରଣରୁ ମହାତ୍ମାଗାନ୍ଧୀଙ୍କ ଭଳି ଭାରତୀୟ ଜାତୀୟତାବାଦୀ ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକା ତଥା ଯୁକ୍ତରାଷ୍ଟ୍ର ଆମେରିକାରେ ରଂଗଭେଦବିରୋଧୀ ଆନ୍ଦୋଳନନିମନ୍ତେ ପ୍ରେରଣାର ସ୍ରୋତ ହୋଇଛନ୍ତି । କେବଳ ମହାତ୍ମାଗାନ୍ଧୀ କାହିଁକି, ଓଡ଼ିଶାର ଆଞ୍ଚଳିକ ସ୍ତରରେ କାର୍ଯ୍ୟ କରୁଥିବା ଗୋପବନ୍ଧୁ ଦାସଙ୍କ ପରି ଜଣେ ଜାତୀୟତାବାଦୀଙ୍କ ବିଚାରକୁ ଯଦି ଆଜି ତର୍ଜମା କରାଯାଏ , ସିଦ୍ଧ ହେବ ଯେ ସର୍ବଦା ବିଶ୍ୱମାନବିକତା ହିଁ ତାଙ୍କର ଉପଜୀବ୍ୟ ଥିଲା ।

ମୋଟ କଥା ହେଲା, ଜାତୀୟତା ହେଉଛି ଆଧୁନିକ ବିଶ୍ୱ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ବାସ୍ତବିକତା । ସମକାଳୀନ ପ୍ରତ୍ୟେକ ଇତିହାସରେ ତା'ର ପ୍ରଭାବ ଦେଖିବାକୁ ମିଳେ । ଦ୍ୱିତୀୟ, ସମାଜର ମଧ୍ୟବର୍ଗୀୟ ଶିକ୍ଷିତ ବୁଦ୍ଧିଜୀବୀ ହାତରେ ଜାତୀୟତାର ନିୟନ୍ତ୍ରଣ ରହିଥାଏ । ନେତୃବର୍ଗର ଦୃଷ୍ଟିକୋଣକୁ ଆଧାର କରି ଜାତୀୟତାର ସ୍ୱରୂପ ନିର୍ଦ୍ଧାରିତ ହୁଏ । ଯେଉଁ ନେତୃବର୍ଗ ଲୋକଙ୍କର ସମୂହ ସ୍ୱାର୍ଥକୁ ମହତ୍ତ୍ୱ ଦିଅନ୍ତି, ସେହି ସମାଜରେ ଜାତୀୟତା ଏକ ସୁସ୍ଥ, ସ୍ୱାବଲମ୍ବୀ ପରିବେଶ ନିର୍ମାଣରେ ଅଗ୍ରଣୀ ଭୂମିକା ନିଏ । ଭାରତରେ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ କତିପୟ ମଧ୍ୟ-ବର୍ଗୀୟ ଶିକ୍ଷିତ ଲୋକଙ୍କ ପ୍ରଚେଷ୍ଟାରେ ଯେଉଁ ଜାତୀୟତାର ଉନ୍ମେଷ ଘଟିଥିଲା; ତାହା ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ବେଳକୁ ଛାତ୍ର, ଯୁବକ, ଚାଷୀ, ମଜୁରିଆ, ସିପାହୀ, ମହିଳା ଭଳି ଅତି ସାଧାରଣ ସ୍ତରକୁ ବିସ୍ତାର ଲାଭ କଲା । ୧୮୮୫ ମସିହାରେ ଜାତୀୟ କଂଗ୍ରେସ ପ୍ରତିଷ୍ଠା ସମୟରେ ଭାରତୀୟ ଜାତୀୟତା, ଇଂରେଜ ସରକାର ଆଗରେ ହାରି ଗୁହାରି ହୋଇ ଜାତୀୟ ଉନ୍ନତି କରିବ ବୋଲି ଆଶା ପୋଷଣ କରିଥିଲା । ମାତ୍ର ୧୯୪୨ ମସିହା ବେଳକୁ ଗଣ ସମର୍ଥନଯୋଗୁଁ ଏହା ଋଦ୍ଧିମନ୍ତ ହେଲା ଓ ଇଂରେଜ ସରକାରକୁ 'ଭାରତ ଛାଡ଼' ବୋଲି କଡ଼ା ନିର୍ଦ୍ଦେଶ ଦେଲା । ଗଣ ସମର୍ଥନ ମିଳିବା ପଛରେ ଏକ ପ୍ରମୁଖ କାରଣ ଥିଲା ନେତୃତ୍ୱର ଦୂରଦୃଷ୍ଟି । ଜାତୀୟତାର ଉନ୍ମେଷଠାରୁ ଆରମ୍ଭ କରି ଗଣ ଆନ୍ଦୋଳନ ଏବଂ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଯେଉଁ ଦୀର୍ଘ କାଳାଂଶ, ଅଗଣିତ ଘଟଣାବଳୀ, ତାହା ହେଲା ଜାତୀୟତା ଆନ୍ଦୋଳନର ମେରୁଦଣ୍ଡ । ତହିଁରେ ନା ଉନ୍ମେଷକାଳ କମ୍ ମହତ୍ତ୍ୱପୂର୍ଣ୍ଣ ନା ସ୍ୱାଧୀନତାପ୍ରାପ୍ତି ଅଧିକ ମହତ୍ତ୍ୱପୂର୍ଣ୍ଣ । ସବୁଗୁଡ଼ିକ ମିଶି ଆନ୍ଦୋଳନର ଦୈର୍ଘ୍ୟ ନିରୂପଣ କରିଛନ୍ତି; ସବୁଗୁଡ଼ିକ ଗୋଟାଏ ଆନ୍ଦୋଳନର

ଅଂଶବିଶେଷ । ପ୍ରତ୍ୟେକ ଅଂଶର ପୁଣି ବିଶେଷ ମହତ୍ତ୍ୱମାନ ରହିଛି । ଆନ୍ଦୋଳନର ସାମଗ୍ରିକ ରୂପକୁ ଜାଣିବାକୁ ହେଲେ ଖଣ୍ଡଗୁଡ଼ିକର ବୈଶିଷ୍ଟ୍ୟକୁ ବୁଝିବା ଆବଶ୍ୟକ । ପୁଣି, ଗୋଟାଏ ଖଣ୍ଡକୁ ବୁଝିବା ନାଁରେ ଅନ୍ୟ ଖଣ୍ଡଗୁଡ଼ିକୁ ଗୌଣ ପ୍ରତିପାଦନ କରାଯାଇ ନପାରେ । ଇତିହାସର ସେହିଭଳି ଖଣ୍ଡିତ ଅଧ୍ୟୟନ ନା ଇତିହାସ ସମ୍ମତ, ନା ଆମୋଦଦାୟୀ ! ବରଂ ପ୍ରକାରାନ୍ତରେ ତାହା ଆମର ଦୂରଦୃଷ୍ଟିଶୂନ୍ୟତାକୁ ପରିସ୍ଫୁଟ କରେ ।

ଭାରତ ହେଲା ଏକ ବହୁ ଅଞ୍ଚଳବିଶିଷ୍ଟ କ୍ଷେତ୍ରର ସାମୂହିକ ନାମ । ତହିଁରେ ଅନେକ ଆଞ୍ଚଳିକ ଭାଷା, ଅନେକ ସଂସ୍କୃତି, ଅନେକ ଧର୍ମ ଏବଂ ଅନେକ ବର୍ଣ୍ଣ । ଜାତୀୟତାର ଚେର ଏହି ବିସ୍ତୃତ କ୍ଷେତ୍ରର କୋଣ ଅନୁକୋଣକୁ ପରିବ୍ୟାପ୍ତ । ଅନ୍ୟଥା ଆନ୍ଦୋଳନ ଗଣାଭିମୁଖୀ ହୋଇ ପାରିନଥାନ୍ତା । ଅର୍ଥାତ୍ ଜାତୀୟତାର ବିଚାରଧାରାକୁ ଲୋକଙ୍କ ଉପରେ ଲଦି ଦିଆଯାଇ ନାହିଁ । ସାଂପ୍ରତିକ ସ୍ଥିତିରେ ଲୋକ ଜାତୀୟତାକୁ ଆଦର୍ଶ ସମାଜ ଗଢ଼ିବା ଲାଗି ମାଧ୍ୟମ ମନେ କରୁଥିଲେ । ଏହା ଜାତୀୟତା ଆନ୍ଦୋଳନକୁ ବିସ୍ତାରିତ ହେବାଲାଗି ସହଯୋଗ କଲା ।

ଭାରତରେ ଜାତୀୟତା ଆନ୍ଦୋଳନ ବିବିଧତାପୂର୍ଣ୍ଣ । ଲୋକ ନିଜ ନିଜ ସ୍ତରରେ ତାକୁ ନେଇ ପରିକଳ୍ପନାମାନ କରିଛନ୍ତି । ଜାତୀୟତାର ମୁଖ୍ୟ ସ୍ୱର ବ୍ରିଟିଶ ଉପନିବେଶବାଦୀ ବିରୋଧୀ ହେଲା ପରେ ବି, ଆଞ୍ଚଳିକ ସ୍ତରରେ ତା'ର ବୈଶିଷ୍ଟ୍ୟ ଭିନ୍ନ ଭିନ୍ନ । ପ୍ରାନ୍ତୀୟ ସ୍ତରରେ ଆନ୍ଦୋଳନ ବା ଜାତୀୟତାର ବିଚାରଧାରାକୁ ଆଉ କାହାରି ନକଲ ବୋଲି କୁହାଯାଇ ନ ପାରେ । ଆଞ୍ଚଳିକ ସ୍ତରର ନେତୃବୃନ୍ଦ ରାଷ୍ଟ୍ର ଗଠନର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ସୃଜନଶୀଳ ଢଙ୍ଗରେ ଆନ୍ଦୋଳନକୁ ବିସ୍ତାରିତ କରିବାପାଇଁ ପ୍ରୟାସ କରିଛନ୍ତି । ଆଞ୍ଚଳିକ ବୈଶିଷ୍ଟ୍ୟ ଜାତୀୟତାକୁ ରଂଗରୂପ ଦେଇଛି, ଶକ୍ତି ଦେଇଛି ତଥା ଋଦ୍ଧିମନ୍ତ କରାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଜାତୀୟତାର ଉନ୍ମେଷ ଓ ବିସ୍ତାରକୁ ଦେଖାଯାଇପାରେ । ଏହା ଆଞ୍ଚଳିକ ବିବିଧତା ଓ ଜାତୀୟ ଏକତା ମଧ୍ୟରେ ରହିଥିବା ପାରସ୍ପରିକ ପରିପୂରକତାକୁ ଅନୁଭବ କରିବାରେ ସହାୟକ ହେବ ।

ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଯେତେବେଳେ ଓଡ଼ିଶାର ବିଭିନ୍ନ ଗଡ଼ଜାତ ଓ ଜମିଦାରୀ କ୍ଷେତ୍ରରେ ଆଦିବାସୀ ପ୍ରଜା ଓ ରୟତମାନେ ଇଂରେଜ ଶାସନ ବିରୋଧରେ ଏବଂ ସେହି ଶାସନର ଢାଲ ରୂପେ କାର୍ଯ୍ୟ କରୁଥିବା ରାଜା-ଜମିଦାରମାନଙ୍କ ବିରୋଧରେ ବିଦ୍ରୋହ କଲେ, ସେହି ସମୟରେ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ମଧ୍ୟ ଔପନିବେଶିକ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କଲେ । ଏହି ପ୍ରତିକ୍ରିୟାରୁ ଜାତୀୟତାର ଉନ୍ମେଷ ଘଟିଲା । ବିଦ୍ରୋହ ଓ ବୁଦ୍ଧିଜୀବୀଙ୍କ ପ୍ରତିକ୍ରିୟା ମଧ୍ୟରେ ସମନ୍ୱୟ ନ ଥିଲା, କାରଣ ବୁଦ୍ଧିଜୀବୀର ପ୍ରତିକ୍ରିୟା ପାରମ୍ପରିକ ମାଧ୍ୟମଗୁଡ଼ିକୁ ବ୍ୟବହାର ନକରି ଏକ ନୂଆ ରାଜନୀତିକ ସଂଗ୍ରାମର ଅୟମାରମ୍ଭ କରୁଥିଲା । ଏହି ସଂଗ୍ରାମରେ ପାଶ୍ଚାତ୍ୟ ଚେତନାର ପ୍ରଭାବ ରହିଥିଲା । ଉପନିବେଶବାଦ ଭଳି ଏକ ନୂଆ ସମସ୍ୟାର ସମ୍ମୁଖୀନ ହେବାଲାଗି ଏହାର ଆବଶ୍ୟକତା ଥିଲା । ପାରମ୍ପରିକ ମାଧ୍ୟମଗୁଡ଼ିକ ଉପନିବେଶବାଦ ବିରୁଦ୍ଧରେ ଲଢ଼ିବାଲାଗି ଯଥେଷ୍ଟ ନୁହନ୍ତି ବୋଲି ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀବର୍ଗ ଅନୁଭବରୁ ବୁଝି ପାରିଥିଲେ ।

ଊନବିଂଶ ଶତାବ୍ଦୀରେ ସମଗ୍ର ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଏକ ଶାସନାଧୀନ ନଥିଲା । ଦକ୍ଷିଣାଞ୍ଚଳ ମାଡ୍ରାସ୍ ପ୍ରେସିଡେନ୍‌ସିରେ ଓ ପଶ୍ଚିମାଞ୍ଚଳ କେନ୍ଦ୍ର ପ୍ରଦେଶ (ସେଣ୍ଟ୍ରାଲ୍ ପ୍ରଭିନ୍‌ସ)ରେ ଏବଂ ଓଡ଼ିଶା ଡିଭିଜନ ନାମରେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ବଂଗ ପ୍ରେସିଡେନ୍‌ସିରେ ଅନ୍ତର୍ଭୁକ୍ତ ହୋଇ ରହିଥିଲା । ଏହା ଫଳରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଲୌକିକ ସ୍ତରରେ ଓଡ଼ିଶା ବୋଲି କୁହାଯାଉଥିଲେ ସୁଦ୍ଧା, ଏହି ନାମକୁ ସରକାରୀ ମାନ୍ୟତା ମିଳି ନଥିଲା । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ସମଗ୍ର ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକତାବଦ୍ଧ କରିବାକୁ ସଂଗଠନମାନ କରୁଥିଲେ, ସଭାସମିତି ଆୟୋଜନ କରୁଥିଲେ ତଥା ପତ୍ରପତ୍ରିକାର ତଦ୍ରୂପ ବିଚାର ଆଲୋଚନା କରୁଥିଲେ । ବୁଦ୍ଧିଜୀବୀ ବର୍ଗର ଏହି ସମସ୍ତ କାର୍ଯ୍ୟାବଳୀକୁ ଓଡ଼ିଶାରେ ଜାତୀୟତାର ଉନ୍ମେଷ ପରିପ୍ରେକ୍ଷୀରେ ଦେଖାଯାଇପାରେ । ୧୯୦୫ ମସିହାରେ ସମ୍ବଲପୁର ନାମରେ ପରିଚିତ ପଶ୍ଚିମାଞ୍ଚଳ କେନ୍ଦ୍ର ପ୍ରଦେଶରୁ ଆସି ଓଡ଼ିଶା ଡିଭିଜନରେ ମିଶିଲା । ୧୯୧୨ରେ ବଂଗ ପ୍ରେସିଡେନ୍‌ସିରୁ ସ୍ୱତନ୍ତ୍ର ବିହାର ଓ ଓଡ଼ିଶା ପ୍ରଦେଶ ଗଠିତ ହେଲା । ୧୯୩୬ ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ହେଲା । ଏଥିରେ ମାଡ୍ରାସ୍ ପ୍ରେସିଡେନ୍‌ସିରୁ ଗଞ୍ଜାମକୁ କାଢ଼ିଆଣି ସଂଲଗ୍ନ କରାଗଲା । ଏବେ ବି ଷଢେଇକଳା, ଖରସୁଆଁ ଆଦି କିଛି ଓଡ଼ିଆ ଭାଷାଭାଷୀ କ୍ଷେତ୍ର ଓଡ଼ିଶାରେ ମିଶ୍ରିତ ହୋଇ ନାହାନ୍ତି । ଏହା ସତ୍ତ୍ୱେ ଓଡ଼ିଆ ଅସ୍ମିତାନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଗ୍ରହଣ କରାଯାଏ ।

ଯେଉଁ କେତୋଟି ସାମାଜିକ ସଂକଟଯୋଗୁଁ ଓଡ଼ିଶାରେ ଜାତୀୟତାର ଉନ୍ମେଷ ଏକ ଆବଶ୍ୟକତା ହୋଇ ପଡ଼ିଲା, ତନ୍ମଧ୍ୟରେ ପ୍ରମୁଖ ହେଲା ୧୮୬୫-୬୬ ମସିହାର ନଅଙ୍କ ଦୁର୍ଭିକ୍ଷ । ଗଞ୍ଜାମ, ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା ଏବଂ ତତ୍‌ସଂଲଗ୍ନ ଗଡ଼ଜାତ ମହଲରେ ଦୁର୍ଭିକ୍ଷର କରାଳ ଛାୟା ଦେଖିବାକୁ ମିଳିଥିଲା । ଉକ୍ତ ଅଞ୍ଚଳରେ ଏହି ସମୟରେ ମୋଟ୍ ଦଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ପ୍ରାଣହାନି ଘଟିଥିଲା । ସେତେବେଳେ ଉଦ୍ଦିଷ୍ଟ କ୍ଷେତ୍ରର ମୋଟ ଜନସଂଖ୍ୟା ଥିଲା ପ୍ରାୟ ୩୭ ଲକ୍ଷ । କେବଳ କଟକ ଜିଲ୍ଲାରେ ମୋଟ ପନ୍ଦର ଲକ୍ଷ ଜନସଂଖ୍ୟାରୁ ପ୍ରାୟ ଚାରି ଲକ୍ଷ ଲୋକ ଅନାହାରରେ ମୃତ୍ୟୁବରଣ କଲେ ଏବଂ ୫୩ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଲୋକ ଉଦ୍‌ବାସ୍ତୁ ହେଲେ , ଯାହାଙ୍କର ପରେ ମଧ୍ୟ କୌଣସି ଖୋଜଖବର ରହିଲା ନାହିଁ । ଫକୀରମୋହନ ସେନାପତି (୧୮୪୩-୧୯୧୮) ଥିଲେ ନଅଙ୍କ ଦୁର୍ଭିକ୍ଷର ପ୍ରତ୍ୟକ୍ଷଦର୍ଶୀ । ତାଙ୍କ ହିସାବ ଅନୁଯାୟୀ, ଦୁର୍ଭିକ୍ଷରେ ଅନ୍ୟୁନ ତିରିଶ ଲକ୍ଷ ପ୍ରାଣୀଙ୍କର ଅନାହାରରେ ଅଥବା ଅଖାଦ୍ୟ ଖାଇ ପ୍ରାଣହାନି ଘଟିଥିଲା । ମୃତ୍ୟୁବରଣ କରିଥିବା ଗୋରୁ ଗାଈ ଆଦି ଇତର ପ୍ରାଣୀଙ୍କର ଯଦି ହିସାବ ନିଆଯାଏ, ଏହା ଆଦୌ ଅତିରଞ୍ଜିତ ମନେ ହୁଏ ନାହିଁ ।

ଦୁର୍ଭିକ୍ଷ ପଛର ପ୍ରମୁଖ କାରଣ ହେଲା ଯେ, ୧୮୬୫ ପୂର୍ବରୁ ଛଅ ବର୍ଷ ଧରି ହାରାହାରି ୨୦,୦୦୦ଟନ୍ ଚାଉଳରୁ ଅଧିକ ଓଡ଼ିଶାରୁ ବ୍ୟବସାୟୀମାନେ ରପ୍ତାନି କରି ନେଉଥିଲେ । ୧୮୬୪ରେ ମଧ୍ୟ ଅନ୍ୟୁନ ୩୩,୦୦୦ଟନ୍ ଚାଉଳ ରପ୍ତାନି ହୋଇଥିଲା । ଅର୍ଥାତ୍ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାସକାଶେ ଓଡ଼ିଶା ବଜାରରେ ଚାଉଳର ଘୋର ଅଭାବ ରହିଥିଲା ।

ଏହି ସମସ୍ୟା ବହୁଗୁଣିତ ହେଲା, କାରଣ ଅନାବୃଷ୍ଟିଯୋଗୁଁ ଯେତେବେଳେ ସ୍ଥାନୀୟ ବଜାରରେ ଚାଉଳର ଆବଶ୍ୟକତା ପଡ଼ିଲା, ବାହାରୁ ଓଡ଼ିଶାକୁ ଯାତାୟାତର ଅସୁବିଧାଯୋଗୁଁ କିଛି ଆମଦାନୀ ହୋଇ ପାରିଲା ନାହିଁ । ଏହାକୁ କୁହାଯିବ ଉପନିବେଶବାଦୀ ଆର୍ଥିକ ଶୋଷଣ, ଯାହା ସାଧାରଣ ଲୋକଙ୍କୁ ନିଃସ୍ୱ, ଅନ୍ତଃସାରଶୂନ୍ୟ କରି ଦେଇଥିଲା । ଲୋକେ ଅନାବୃଷ୍ଟି କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରିନେବାର ସାମର୍ଥ୍ୟ ରଖି ନଥିଲେ । ସରକାର ବଜାର ମାମଲାରେ ଉଦାରବାଦୀ ନୀତି ଅନୁସରଣ କରିଥିଲେ । ଅର୍ଥାତ୍ ଚାଉଳର ରପ୍ତାନିକୁ ବନ୍ଦ କରିବାକୁ କିମ୍ବା ଆମଦାନୀକୁ ପ୍ରୋତ୍ସାହନ ଦେବାକୁ କୌଣସି ପଦକ୍ଷେପ ନେଲେ ନାହିଁ । ଫଳରେ ଧାନ, ଚାଉଳର ଦାମ୍ ଆଶାତୀତ ଭାବରେ ବୃଦ୍ଧିପାଇଲା । ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ସମାଜ ପାଖରେ ଟଙ୍କା ପଇସା ବା କାହିଁ ଯେ ବଜାରରୁ ଚଢ଼ା ଦାମ୍‌ରେ ଚାଉଳ କିଣିବ ? ୧୮୬୫ ସେପ୍ଟେମ୍ବରରୁ ଆଉ ବର୍ଷା ହେଲା ନାହିଁ । ଲୋକେ ଦାରୁଣ ଦୁର୍ଭିକ୍ଷର ଶିକାର ହେଲେ ।

ଦୁର୍ଭିକ୍ଷ ସାଂଘାତିକ ରୂପ ନେବା ପଛରେ ଅନ୍ୟ ଏକ କାରଣ ହେଲା, ବିଦେଶୀ ସରକାରଙ୍କ ଉଦାସୀନତା ଓ ତଳତଳିଆ କର୍ମଚାରୀଙ୍କ ସ୍ଥାନୀୟ ସମସ୍ୟା ପ୍ରତି ସଂବେଦନଶୂନ୍ୟତା । ଓଡ଼ିଆ ଲୋକଙ୍କ ମଧ୍ୟରେ ଆଧୁନିକ ଶିକ୍ଷାର ଅଭାବଯୋଗୁଁ ପଡ଼ୋଶୀ ଭାଷା-ଭାଷୀ ବଙ୍ଗଳା ଲୋକ ଓଡ଼ିଶା ଡିଭିଜନରେ ଏବଂ ତେଲୁଗୁ ଲୋକ ଗଞ୍ଜାମ ଅଞ୍ଚଳରେ ସରକାରୀ ଅଫିସ୍‌ମାନଙ୍କରେ ତଳ-ତଳିଆ କର୍ମଚାରୀ ଭାବରେ ଚାକିରି କରୁଥିଲେ । ଜମିଦାରୀଗୁଡ଼ିକ ମଧ୍ୟ ସ୍ଥାନୀୟ ଜମିଦାରମାନଙ୍କ ହାତରୁ ଚାଲି ଯାଇଥିଲା । ଏହି ଅଣ-ଓଡ଼ିଆ ଅଧସ୍ତନ କର୍ମଚାରୀ ଓ ଜମିଦାରମାନେ ସ୍ଥାନୀୟ ସମାଜର ଦୁଃଖଦୁର୍ଦ୍ଦଶା ପ୍ରତି ଆବଶ୍ୟକ ମାତ୍ରାରେ ସଂବେଦନଶୀଳ ନଥିଲେ । ଫଳରେ ଅନାବୃଷ୍ଟିଜନିତ ସଂଭାବ୍ୟ ପରିସ୍ଥିତି ସରକାରଙ୍କ ପାଖରେ ଠିକ୍ ରୂପେ ଉପସ୍ଥାପିତ ହୋଇ ପାରିଲା ନାହିଁ । ବରଂ ବ୍ୟକ୍ତି ସ୍ୱାର୍ଥରେ ଜଡ଼ିତ ହୋଇ ସରକାରଙ୍କ ପ୍ରିୟ ପାତ୍ର ହେବା ସକାଶେ ଅଧସ୍ତନ କର୍ମଚାରୀମାନେ ଉପସ୍ଥିତ ପରିସ୍ଥିତିକୁ ସ୍ୱାଭାବିକ ବୋଲି ଯୁକ୍ତି ଉପସ୍ଥାପନ କଲେ । ଉପରିସ୍ଥ କର୍ତ୍ତୃପକ୍ଷ ଚାହିଁବା ସତ୍ତ୍ୱେ ଏଭଳି ଏକ ସାମାଜିକ ସଙ୍କଟ ଓ ବିପର୍ଯ୍ୟୟର ସ୍ଥିତିକୁ ଅନୁମାନ ସୁଦ୍ଧା କରିପାରିଲେ ନାହିଁ ।

ନଅଙ୍କ ଦୁର୍ଭିକ୍ଷଜନିତ ସାମଜିକ ସଂକଟକୁ ପାଖରୁ ଦେଖିଲା ପରେ ଶିକ୍ଷିତ ବୁଦ୍ଧିଜୀବୀବର୍ଗ ଅନୁଭବ କଲେ ଯେ, ସ୍ଥାନୀୟ ଓଡଆ ସମାଜ ଯଦି ଶିକ୍ଷିତ ହୋଇଥାନ୍ତା, ଲୋକଙ୍କୁ ଏହି ଦୁର୍ଗତିର ଶିକାର ହେବାକୁ ପଡ଼ି ନଥାନ୍ତା । ଲୋକେ ପୋକମାଛି ଭଳି ମରି ନଥାନ୍ତେ । ଶିକ୍ଷା ଲୋକଙ୍କୁ ନିଜ ଅବସ୍ଥାକୁ  କର୍ତ୍ତୃପକ୍ଷଙ୍କ ଆଗରେ ଅଭିବ୍ୟକ୍ତ କରିବା ସକାଶେ ଭାଷା ଦେଇଥାନ୍ତା । ଶିକ୍ଷା ସମାଜରେ ଲୋକଙ୍କୁ ସମ୍ମାନ ଦେଇଥାନ୍ତା । ଶିକ୍ଷା ପାଇ ଓଡ଼ିଶାର ଲୋକ ସରକାରୀ ଚାକିରି କରୁଥିଲେ, ଓଡ଼ିଶା ସମସ୍ୟା କର୍ତ୍ତୃପକ୍ଷଙ୍କ ଦୃଷ୍ଟିରୁ ବାହାର ହୋଇ ନଥାନ୍ତା । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ଥିଲେ ସଂଖ୍ୟାନ୍ୟୂନ । ତଥାପି ସାମାଜିକ ସଙ୍କଟର ଅନୁଭବ ସେମାନଙ୍କୁ ଏକ ଗୋଷ୍ଠୀ ରୂପରେ ଗଢ଼ି ହେବାଲାଗି ଅବସର ପ୍ରଦାନ କଲା । ଓଡ଼ିଆ ଭାଷା-ଭାଷୀ ଏବଂ ସଂସ୍କୃତିର ଲୋକ ସମୂହକୁ

ଏକ ଜାତି ରୂପରେ ଦେଖିବା ସକାଶେ ମଧ୍ୟ ସୁଯୋଗ ଦେଲା । ଏଣୁ ଏଣିକି ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀବର୍ଗ ସାମୂହିକ ବିକାଶ ଏବଂ ସାମାଜିକ ସଂଗଠନକୁ ଜାତୀୟ କାର୍ଯ୍ୟର ଆଖ୍ୟା ଦେଲେ । ସାମାଜିକ କାର୍ଯ୍ୟକୁ ସେମାନେ ବୌଦ୍ଧିକ ଦାୟିତ୍ୱ ରୂପରେ ଗ୍ରହଣ କରିନେଲେ । ଜାତି, ଧର୍ମ, ବର୍ଣ୍ଣ ଏବଂ ଆଞ୍ଚଳିକ ଭେଦଭାବର ଊର୍ଦ୍ଧ୍ୱରେ ଏକ ସାମୂହିକ ଜାତି ପରିଚୟ ଖୋଜିବାର ଉଦ୍ୟମ ଆରମ୍ଭ ହେଲା ଯାହାକୁ ଜାତୀୟତାର ଉନ୍ମେଷ ବୋଲି ବ୍ୟାଖ୍ୟା କରାଯିବ । ଏଠାରେ ଦୁଇଟି କଥା ସ୍ପଷ୍ଟ ହେବା କଥା । ପ୍ରଥମ, ନଅଙ୍କ ଦୁର୍ଭିକ୍ଷ ବ୍ୟତୀତ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ସଂପର୍କିତ ସମସ୍ୟା ମଧ୍ୟ ଉଲ୍ଲିଖିତ ସାମାଜିକ ସଂକଟକୁ ପ୍ରକଟ କରେ । ଦ୍ୱିତୀୟ, ଯଦିଓ ଜାତୀୟତାର ଉନ୍ମେଷକୁ ଏଠାରେ ଓଡ଼ିଶା ପରିପ୍ରେକ୍ଷୀରେ ଦେଖାଯାଉଛି, ତାହା ହେଲା ମହାଭାରତୀୟ ଜାତୀୟତାର ଏକ ଅଭିନ୍ନ ଅଂଗ । ଏହା ମହାଭାରତୀୟ ଜାତୀୟତାର ବିବିଧତା ଓ ସଂଘୀୟ ରୂପକୁ ଦର୍ଶାଏ ।

ଦୁର୍ଭିକ୍ଷ ଓ ତଜ୍ଜନିତ ସାମାଜିକ ସଂକଟକୁ ନେଇ ବୁଦ୍ଧିଜୀବୀର ମନୋସ୍ଥିତି ଏବଂ ସାମାଜିକ ସାମୂହିକ କାର୍ଯ୍ୟ ଏକ ବୌଦ୍ଧିକ ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମନରେ ଜନ୍ମ ନେଇଥିବା ଧାରଣାକୁ ବୁଝିବା ସକାଶେ ଏଠାରେ ଦୁଇଟି ଉଦାହରଣକୁ ନିଆଯାଇପାରେ । ଗୋଟାଏ ହେଲା ଫକୀର ମୋହନଙ୍କ ନଅଙ୍କ ଦୁର୍ଭିକ୍ଷ ସଂପର୍କିତ ମତାମତ । ଏହା ତାଙ୍କର ଆତ୍ମଜୀବନ ଚରିତ (୧୯୧୭) ରେ ସ୍ଥାନିତ । ଦ୍ୱିତୀୟଟି ହେଲା, ଗୋପାଳଚନ୍ଦ୍ର ପ୍ରହରାଜ (୧୮୭୬-୧୯୪୬)ଙ୍କର ଭାଗବତ ଟୁଙ୍ଗୀରେ ସନ୍ଧ୍ୟା (୧୯୦୦)ଉପନ୍ୟାସର ଏକ ଉଦ୍ଧରଣ ।

ଫକୀର ମୋହନ ନଅଙ୍କ ଦୁର୍ଭିକ୍ଷର ଏକ ବିସ୍ତୃତ ବର୍ଣ୍ଣନା କରିଛନ୍ତି ଏବଂ ତା'ର ସଂଭାବ୍ୟ କାରଣ ଦର୍ଶାଇ ଲେଖିଛନ୍ତି, ''ସେ ସମୟର ଉତ୍କଳର ପରମବନ୍ଧୁ ପରମ ସହାୟ ରେଭେନ୍ସା ସାହେବ ବୋଧକରେ ନୂତନ କମିସନର ନିଯୁକ୍ତ ହୋଇ ଆସିଥାଆନ୍ତି । ସେପ୍ଟେମ୍ବର କି ଅକ୍ଟୋବର ମାସରେ ଗଭର୍ଣ୍ଣମେଣ୍ଟରୁ କମିସନଙ୍କ ପାଖକୁ ଚିଠି ଆସିଲା- ଅନାବୃଷ୍ଟି ହେତୁରୁ ଓଡ଼ିଶାରେ ଦୁର୍ଭିକ୍ଷ ଉପସ୍ଥିତ ହେବାର ଖୁବ୍ ସମ୍ଭାବନା । ପ୍ରଜାମାନଙ୍କ ରକ୍ଷାନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରୁ କୌଣସି ଉପାୟ ବିଧାନ କରାଯିବା ଆବଶ୍ୟକ କି ନା ? ଯଦି ପ୍ରୟୋଜନ ହୁଏ, କି ପ୍ରକାର ଉପାୟ ବିଧାନ କରାଯାଇପାରେ ? ଗଭର୍ଣ୍ଣମେଣ୍ଟଙ୍କ ଚିଠିର ଉତ୍ତରଦେବା ସକାଶେ କମିସନର ସାହେବ କଚେରିର ସମସ୍ତ ଅମଲାଙ୍କୁ ବସାଇ ପରାମର୍ଶ କରିବାକୁ ଲାଗିଲେ । ସିରସ୍ତାଦାର ଦୁଇଜଣ କହିଲେ, ''ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିବ, ପଡୁ କିଛି ଚିନ୍ତା ନାହିଁ । ମଫସଲର ଜମିଦାର, ମହାଜନଙ୍କ ଘରେ ଯଥେଷ୍ଟ ଧାନ ମହଜୁଦ୍ ଅଛି । ସେଥିରେ ବର୍ଷକ ଚଳିଯାଇପାରେ ।''

''କମିସନର ସାହେବ ବଡ଼ ଭୁଲ କଲେ । ଓଡ଼ିଶାରେ ପ୍ରକୃତରେ ଏତେ ଧାନ ମହଜୁଦ ଅଛି କି ନାହିଁ, ପୁଣି ଯେଉଁମାନଙ୍କ ଘରେ ଧାନ ମହଜୁଦ ଅଛି, ସାଧାରଣ ସଂକଟ ସମୟରେ ସେମାନେ ସେହି ଧାନ ବିକ୍ରୟ ବା ବିତରଣ କରିବେ କି ନାହିଁ, କଥାଟା ଭଲ ରୂପେ ତଦନ୍ତ କରି ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବା ଉଚିତ ଥିଲା । ମାତ୍ର ଉତ୍କଳର ୩୦ ଲକ୍ଷ ପର୍ଯ୍ୟନ୍ତ ମହାପ୍ରାଣୀ ବିନାଶ ଯିବା ଏବଂ ଲଣ୍ଡଭଣ୍ଡ ହେବା ବିଧିର ବିଧାନ । ଏ ସ୍ଥଳେ କମିସନରଙ୍କୁ ସୁବୁଦ୍ଧି ଆସିବ କାହୁଁ ?''

ଫକୀର ମୋହନଙ୍କ ଏହି ବର୍ଣ୍ଣନାରୁ ସିଦ୍ଧ ହୁଏ ଯେ, ଜଣେ ଶିକ୍ଷିତ ବ୍ୟକ୍ତି ଭାବରେ ସେ ତିରିଶ ଲକ୍ଷ ଓଡ଼ିଶାବାସୀଙ୍କ ମୃତ୍ୟୁକୁ ନେଇ ମର୍ମାହତ ହୋଇଛନ୍ତି । ଏହାର କାରଣ ଯଦିଓ ସେ ବିଧିର ବିଧାନ ବୋଲି ବ୍ୟଙ୍ଗାତ୍ମକ ଶୈଳୀରେ କହିଛନ୍ତି, ତାଙ୍କର ଆକ୍ଷେପ ରହିଛି ଅଣ-ଓଡ଼ିଆ ଉଦାସୀନ ଅଧସ୍ତନ ସରକାରୀ କର୍ମଚାରୀ ଏବଂ ଇଂରେଜ କର୍ତ୍ତୃପକ୍ଷଙ୍କ ପ୍ରତି । ତାଙ୍କ ମତରେ 'ପ୍ରଜାମାନଙ୍କ ରକ୍ଷା' ସରକାରଙ୍କ କର୍ତ୍ତବ୍ୟ ଏବଂ ସରକାର ମଧ୍ୟ କର୍ତ୍ତବ୍ୟ ପାଳନପାଇଁ ଇଚ୍ଛୁକ । ମାତ୍ର ତାଙ୍କୁ ସହଯୋଗ ମିଳୁନାହିଁ । ଅର୍ଥାତ୍ ସରକାର ଓ ପ୍ରଜାଙ୍କ ମଧ୍ୟରେ ପ୍ରକୃତ ଯୋଗସୂତ୍ରର ଅଭାବଯୋଗୁଁ ଜାତୀୟ ଉନ୍ନତି ସାଧିତ ହୋଇପାରୁ ନାହିଁ । ଜାତୀୟ ଉନ୍ନତିକୁ ନେଇ ବୁଦ୍ଧିଜୀବୀର ଏଭଳି ନୂତନ ଦୃଷ୍ଟିକୋଣ ଏକ ସାମାଜିକ ପରିବର୍ତ୍ତନକୁ ଇଙ୍ଗିତ କଲା । ରାଜା-ରାଜୁଡ଼ାଙ୍କ ବଦଳରେ ପ୍ରଥମ କରି ଏଣିକି ବୁଦ୍ଧିଜୀବୀଙ୍କ ହାତକୁ ସାମାଜିକ ନେତୃତ୍ୱ ଆସିଲା । ରାଜନୀତି ରାଜଦ୍ୱାରରୁ ଆସି ପ୍ରଥମକରି ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଜନପଥରେ ପହଞ୍ଚିବାର ପ୍ରକ୍ରିୟା ଆରମ୍ଭ ହେଲା । ଏହି ଦୃଷ୍ଟିରୁ ମଧ୍ୟ ଜାତୀୟତାର ଉନ୍ମେଷ ଓଡ଼ିଶା ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ହେଲା ।

ସାମାଜିକ ଓ ଜାତୀୟ ଉନ୍ନତି ଶିକ୍ଷିତ ବୁଦ୍ଧିଜୀବୀର ପ୍ରଥମ ଓ ପ୍ରଧାନ ଦାୟିତ୍ୱ । ଏହା ତତ୍କାଳୀନ ବୁଦ୍ଧିଜୀବୀ ଗୋପାଳଚନ୍ଦ୍ର ପ୍ରହରାଜ ୧୮୯୦ ଦଶକରେ ତାଙ୍କ ଲିଖିତ ଉପନ୍ୟାସ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ଉପନ୍ୟାସରେ ସୁସ୍ପଷ୍ଟ କରିଛନ୍ତି । ଉପନ୍ୟାସର ଆଦର୍ଶ ଚରିତ୍ର 'ମସ୍ତରାମ' ଜଣେ ବାତୁଳପ୍ରାୟ ବ୍ୟକ୍ତିତ୍ୱ, କାରଣ ବ୍ୟକ୍ତିସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ସମାଜପାଇଁ ଚିନ୍ତା କରିବା ହିଁ ତା'ର ପ୍ରମୁଖ କାର୍ଯ୍ୟ । ମସ୍ତରାମର 'ଜୀବନ ସାର୍ଥକ' କାରଣ ସେ ଜଗତପାଇଁ ପ୍ରେମବାୟା । ଲେଖକଙ୍କ ଭାଷାରେ-

''ଆମ୍ଭେମାନେ ଭାବିଲୁ ଯେ, ଦୃଢ଼ ଭାବରେ ସଂସାରର କୌଣସି ବିଷୟ ରାତ୍ରଦିନ ଭାବିଲେ ବାତୁଳ ନହୋଇ ଆଉ କ'ଣ ହେବ ? ଲୋକ ଯେ ପାଗଳ ନ ହୁଅନ୍ତି ଏହା ହିଁ ଆଶ୍ଚର୍ଯ୍ୟର ବିଷୟ । ପୃଥିବୀର ପନ୍ଦର ପଣ ଊଣେଇଶ ଗଣ୍ଡା ତିନିକଡ଼ା ଲୋକଙ୍କ ଦୃଢ଼ ଚିନ୍ତା ନାହିଁ, ଥିଲେ ସଂସାର ବାତୁଳାଶ୍ରମରେ ପରିଣତ ହୋଇଥାନ୍ତା । ପ୍ରକୃତିସ୍ଥ ମନୁଷ୍ୟ ଅନେକ ସମୟରେ ବାତୁଳଠାରୁ ହେୟ, ଘୃଣ୍ୟ, ଅପଦାର୍ଥ । ପାଠକ ! ଥରେ ଭାବି ଦେଖନ୍ତୁ, ମସ୍ତରାମ ଯେଉଁ ଚିତ୍ରଟି ଦେଖାଇଲା ତାହା କେମନ୍ତ ସ୍ୱାଭାବିକ ଓ ନିତ୍ୟ ପ୍ରତ୍ୟକ୍ଷ ! ''

'ମସ୍ତରାମ' ଚରିତ୍ରର ବାତୁଳତା ପଛରେ ସମାଜ ଚିନ୍ତାକୁ ପ୍ରଥମ କାରଣ ବୋଲି ଲେଖକ ଯୁକ୍ତି କରି ଦର୍ଶାଇଛନ୍ତି ଏବଂ ସଂସାରକୁ 'ସ୍ୱର୍ଗ' କରିବାକୁ ହେଲେ ଅର୍ଥାତ୍ ଏକ ଆଦର୍ଶ ସମାଜ ଗଠନ କରିବାକୁ ହେଲେ, ମସ୍ତରାମ ପରି ଅନେକ ବାତୁଳର ଆବଶ୍ୟକତା ରହିଥିବା କଥା କହିଛନ୍ତି । ଉପ୍ୟନ୍ୟାସରେ ମସ୍ତରାମ ହେତୁବାଦୀ, ବିବେକଶୀଳ, ସ୍ୱ-ପାର୍ଥିବ ଚିନ୍ତା ବଦଳରେ ସାମାଜିକ ଚିନ୍ତା ତା'ର ଲକ୍ଷ୍ୟ । ଏହି ଉପନ୍ୟାସର ଅନ୍ୟ ଦୁଇଟି ପ୍ରମୁଖ ଚରିତ୍ର ହେଲେ 'ପଣ୍ଡିତ' ଓ 'ମାଷ୍ଟର' । ସେମାନେ ହୁଏତ ପ୍ରାଚ୍ୟ ବା ପାଶ୍ଚାତ୍ୟର ଅଂଧ ଅନୁକରଣ କରନ୍ତି କିମ୍ବା ମିଥ୍ୟା ଗୁଣଗାନ କରନ୍ତି । 'ମସ୍ତରାମ' ଉଭୟଙ୍କଠାରୁ ଊର୍ଦ୍ଧ୍ୱରେ । ଅର୍ଥାତ୍

ଲେଖକଙ୍କ ମତରେ, ଶିକ୍ଷିତ ବୁଦ୍ଧିଜୀବୀନିମନ୍ତେ ଏକ ଆବଶ୍ୟକୀୟ ଚରିତ୍ର ହେଲା ପ୍ରାଚ୍ୟ ବା ପାଶ୍ଚାତ୍ୟର ଅଂଧ ଅନୁକରଣ ବା ଅହେତୁକ ସମାଲୋଚନାରୁ ଊର୍ଦ୍ଧ୍ୱରେ ରହି ସ୍ୱ-ସମାଜର ହିତଲାଗି ସାଧନା କରିବା ।

ଆଧୁନିକ ଯୁଗରେ ବୁଦ୍ଧିଜୀବୀର ଦାୟିତ୍ୱ ପ୍ରଶ୍ନକୁ ନେଇ ଫକୀର ମୋହନ ଏବଂ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉକ୍ତ ଅବଧାରଣାକୁ ସମକାଳୀନ ଅନ୍ୟ ବୁଦ୍ଧିଜୀବୀଙ୍କ ଅଭିବ୍ୟକ୍ତି ଓ କାର୍ଯ୍ୟରେ ମଧ୍ୟ ଦେଖିହେବ । ତତ୍କାଳୀନ ବୁଦ୍ଧିଜୀବୀମାନଙ୍କର କାର୍ଯ୍ୟପନ୍ଥା ମଧ୍ୟରେ ପାର୍ଥକ୍ୟ ଦେଖାଯାଇ ପାରେ, ମାତ୍ର ସମାଜ ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ନେଇ ଦ୍ୱିମତ ହେବାର ନାହିଁ । ଆଧୁନିକ ପାଶ୍ଚାତ୍ୟ ଶିକ୍ଷାରେ ଭୂଷିତ ଏବଂ ସମାଜ ବା ଜାତି ପ୍ରସଙ୍ଗକୁ ନେଇ ସଦା ଜାଗ୍ରତ ଏହି ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀକୁ ଆମେ ଜାତୀୟତାବାଦୀ ନେତୃତ୍ୱ ନାମରେ ନାମିତ କରିପାରିବା । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରୁ ଏକ କ୍ଷୁଦ୍ର ବର୍ଗ ଭାବରେ ଏହି ଗୋଷ୍ଠୀର ବିକାଶ ଆରମ୍ଭ ହେଲା । ଏହା ସହିତ ଓଡ଼ିଶାରେ ଜାତୀୟତାର ଉନ୍ମେଷ ଘଟିଲା । ଜାତୀୟତାବାଦୀ ନେତୃତ୍ୱ ଓଡ଼ିଆ ଜାତିକୁ ଭାରତୀୟ ମହାଜାତିର ଏକ ଅଭିନ୍ନ ଅଂଶ ରୂପେ ଦେଖୁଥିଲା ଏବଂ ପ୍ରାନ୍ତୀୟ ଉନ୍ନତି ସର୍ବଦା ମହାଜାତି ଭାରତର ଗଠନରେ ପରିପୂରକ ହେବ ବୋଲି ଯୁକ୍ତି କରୁଥିଲା । ନେତୃତ୍ୱର ଏହି ଦୃଷ୍ଟିକୋଣ ଜାତୀୟତାର ଉନ୍ମେଷକୁ ଦିଗ୍‌ଦର୍ଶନ ଦେଲା ।

## ଶିକ୍ଷା

ଊନବିଂଶ ଶତାବ୍ଦୀର ଜାତୀୟତାବାଦୀ ବୁଦ୍ଧିଜୀବୀ ଦୃଷ୍ଟିରେ ସାମାଜିକ ଉନ୍ନତି ସକାଶେ ଶିକ୍ଷା ହେଲା ଏକ ଅତି ଆବଶ୍ୟକ ଉପାଦାନ । ଆଧୁନିକ ଶିକ୍ଷା ଲାଭ କରିବା ପରେ ବୁଦ୍ଧିଜୀବୀମାନେ ଭଲ ଭାବେ ବୁଝି ପାରିଲେ ଯେ, ଶିକ୍ଷାର ଅଭାବଯୋଗୁଁ ଜାତି ପଛେଇ ଯାଇଛି । ତେଣୁ, ସେମାନେ ଶିକ୍ଷାର ପ୍ରସାରଲାଗି ଆପ୍ରାଣ ଉଦ୍ୟମ କଲେ। ଏହି ପ୍ରକ୍ରିୟାରେ ସେମାନେ ସରକାର ଓ ଅନ୍ୟ ଧନାଢ୍ୟ ବର୍ଗକୁ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରିବାକୁ ପ୍ରବର୍ତ୍ତାଇଲେ; ଅନେକ ସମୟରେ ନିଜେ ଶିକ୍ଷକ ହୋଇ ଶିକ୍ଷାଦାନ କଲେ; ପୁଣି କେତେକ ସ୍ଥଳରେ ବ୍ୟକ୍ତିଗତ ଉଦ୍ୟମରେ ସ୍କୁଲ୍‌ମାନ ଆରମ୍ଭ କଲେ । ଫକୀରମୋହନ ନିଜ ସାମାଜିକ ଜୀବନର ଆରମ୍ଭ କାଳରେ ଅନେକ ବର୍ଷ ଧରି ବାଲେଶ୍ୱରର ଏକାଧିକ ସ୍କୁଲ୍‌ରେ ଶିକ୍ଷକତା କରିଥିଲେ । ଶିକ୍ଷକ ଭାବରେ ସେ କେବଳ ଗାଁ ପିଲାଙ୍କୁ ନିୟମିତ ସ୍କୁଲ୍ ଆସିବାକୁ ପ୍ରେରଣା ଦେଉନଥିଲେ, ତା' ସହିତ କେତେକ ଦରିଦ୍ର ପିଲାଙ୍କର ସ୍କୁଲ୍ ଦରମା ମଧ୍ୟ ନିଜେ ବହନ କରୁଥିଲେ । ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟ ଜଣେ କର୍ଣ୍ଣଧାର ମଧୁସୂଦନ ରାଓ (୧୮୫୩-୧୯୧୨) ଥିଲେ ଜଣେ ପ୍ରତିବଦ୍ଧ ଶିକ୍ଷକ । କଟକ ଥିଲା ତାଙ୍କ କର୍ମକ୍ଷେତ୍ର । ପ୍ରତିବଦ୍ଧ ଶିକ୍ଷକର ପିଢ଼ି ତିଆରି କରିବା ତାଙ୍କପାଇଁ ଥିଲା ଏକ ଜାତୀୟ କାର୍ଯ୍ୟ । ଏଥିପାଇଁ ସେ 'ଶିକ୍ଷାବନ୍ଧୁ' ନାମରେ ଏକ ପତ୍ରିକା ମଧ୍ୟ ପ୍ରକାଶନ କରୁଥିଲେ। ଅନ୍ୟ ଜଣେ ବିଶିଷ୍ଟ କବି ରାଧାନାଥ ରାୟ(୧୮୪୮-୧୯୦୮) ସ୍କୁଲ୍ ନିରୀକ୍ଷକ ରୂପେ କାର୍ଯ୍ୟକରି ଓଡ଼ିଶାରେ ଅନେକ ସ୍କୁଲ୍ ସ୍ଥାପନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପ୍ୟାରିମୋହନ ଆଚାର୍ଯ୍ୟ

(୧୮୫୧-୧୮୮୧), ଯିଏ ଓଡ଼ିଶା ଇତିହାସ ଲେଖି ଐତିହାସିକ ଖ୍ୟାତି ଅର୍ଜନ କରିଥିଲେ, ନିଜେ ଟ୍ୟୁସନ କରି ସେହି ଉପାର୍ଜନରେ ୧୮୭୦ ଦଶକର ପ୍ରାରମ୍ଭରେ 'କଟକ ଏକାଡ଼େମୀ' ନାମରେ ଏକ ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ପରେ ଏହି ସ୍କୁଲ୍ 'ପ୍ୟାରୀମୋହନ ଏକାଡେମୀ' ରୂପେ ବିଖ୍ୟାତ ହେଲା । ଏପରିକି ଓଡ଼ିଶା ଜାତୀୟତାର ସୂତ୍ରଧର ମଧୁସୂଦନ ଦାସ(୧୮୪୮-୧୯୩୪) ଉପାଧି ଶିକ୍ଷାପାଇଁ କଲିକତା ଯିବା ପୂର୍ବରୁ ଦୁଇବର୍ଷ କାଳ (୧୮୬୪-୬୬) ବାଲେଶ୍ୱରରେ ଶିକ୍ଷକତା କରିଥିଲେ । କଲିକତାରେ ଅଧ୍ୟୟନ କରୁଥିବା ବେଳେ ମଧ୍ୟ ସେ ଦରିଦ୍ର ପ୍ରବାସୀ ଓଡ଼ିଆଙ୍କପାଇଁ ନିଜ ଉଦ୍ୟମରେ ଖିଦିରପୁରଠାରେ ରାତ୍ରି ସ୍କୁଲ୍ ଆରମ୍ଭ କରିଥିଲେ । ସମାଜ ଗଠନରେ ଶିକ୍ଷାର ମହତ୍ତ୍ୱକୁ ପ୍ରତିପାଦନ କରିବାକୁ ଯାଇ ବିଶିଷ୍ଟ କବି ଗଙ୍ଗାଧର ମେହେର (୧୮୬୨-୧୯୨୪) ଶିକ୍ଷିତ ବ୍ୟକ୍ତି ହିଁ 'ମନୁଷ୍ୟ ପଦ ବାଚ୍ୟ' ବୋଲି ଯୁକ୍ତି ଦର୍ଶାଇଥିଲେ ।

ଶିକ୍ଷାର ପ୍ରସାରନିମନ୍ତେ ଉଦ୍ୟମ କରୁଥିବା ଗଡ଼ଜାତ ରାଜା-ଜମିଦାରଙ୍କ ପ୍ରଶଂସା ଓ ତାକୁ ଉପେକ୍ଷା କରୁଥିବା ଧନାଢ଼୍ୟ ବର୍ଗର ମୃଦୁ ସମାଲୋଚନା ଥିଲା ଜାତୀୟତାବାଦୀଙ୍କର ଏକ ମୁଖ୍ୟ କାମ। ଜାତୀୟତାବାଦୀ ମଞ୍ଚ ଭାବରେ ୧୯୦୩ରେ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ'ର ବାର୍ଷିକ ଅଧିବେଶନଗୁଡ଼ିକରେ ଆଧୁନିକ ଶିକ୍ଷାର ପ୍ରସାରପାଇଁ ଉଦ୍ୟମ କରୁଥିବା ରାଜା-ଜମିଦାରମାନଙ୍କୁ ପ୍ରଶଂସା କରି ପ୍ରସ୍ତାବମାନ ଗୃହୀତ ହେଉଥିଲା । ଏହାର ଫଳ ସ୍ୱରୂପ, ଊନବିଂଶ ଶତାବ୍ଦୀର ଶେଷ ସମୟରେ ହିଁ ବାମଣ୍ଡା, ଢେଙ୍କାନାଳ ଓ ମୟୂରଭଞ୍ଜ ଆଦି ରାଜ୍ୟରେ ହାଇସ୍କୁଲ୍‌ମାନ ସ୍ଥାପିତ ହେଲା । କଟକ କଲେଜ (ଯାହା ପରେ ରେଭେନ୍‌ସା କଲେଜ ହେଲା) ଓ ମେଡ଼ିକାଲ୍ ସ୍କୁଲ୍ ପାଇଁ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ଟୋଲ୍ ଓ ଚାଟଶାଳିର ପାରମ୍ପରିକ ଶିକ୍ଷା ବଦଳରେ ସ୍କୁଲ୍, କଲେଜର ବିଜ୍ଞାନ, ଗଣିତ, ଆଦି ଆଧୁନିକ ଶିକ୍ଷା ଏବଂ ତା' ସହିତ ମାତୃଭାଷା ଶିକ୍ଷା ଉପରେ ଜାତୀୟତାର ଏହି ଉନ୍ମେଷ କାଳରେ ଅଧିକ ମହତ୍ତ୍ୱ ଦିଆଯାଇଥିଲା । 'ଉତ୍କଳ ଭ୍ରମଣଂ'(୧୮୯୨)ରେ ଫକୀରମୋହନ ଖେଦୋକ୍ତି ପ୍ରକାଶ କରିଥିଲେ, କାରଣ 'ବାବୁମାନେ' ଶିକ୍ଷାରେ 'ଲଜିକ୍' ଏବଂ 'ସାଇନ୍‌ସ'କୁ ମହତ୍ତ୍ୱ ଦେଉ ନାହାନ୍ତି । ମାତୃଭାଷା ଯେ ଶିକ୍ଷାପାଇଁ ସର୍ବୋତ୍କୃଷ୍ଟ ମାଧ୍ୟମ- ଏହା ବୁଦ୍ଧିଜୀବୀମାନଙ୍କପାଇଁ ଆଉ କଦାଚିତ ବିବାଦୀୟ ପ୍ରସଙ୍ଗ ହୋଇ ରହି ନଥିଲା । ଏହି ପରିପ୍ରେକ୍ଷୀରେ ଗଂଗାଧର ମେହେରଙ୍କ ଉକ୍ତି, ''ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?''- ପ୍ରଣିଧାନ ଯୋଗ୍ୟ । ମାତୃଭୂମିର ଉନ୍ନତି ଚିନ୍ତା କରୁଥିବା ବ୍ୟକ୍ତି ମାତୃଭାଷାକୁ ଉପେକ୍ଷା କରି ପାରିବ ନାହିଁ ବୋଲି କବି ଯୁକ୍ତି ବାଢ଼ି ଥିଲେ । 'ଉତ୍କଳ ଦୀପିକା' (୧୮୬୬)ପତ୍ରିକା ତର୍କ ଦେଇ କହିଥିଲା ଯେ, କେବଳ ମାତୃଭାଷାରେ ହିଁ ଗଣଶିକ୍ଷା ସମ୍ଭବ । ଅର୍ଥାତ୍ ଦେଶକୁ ଶିକ୍ଷିତ କରିବାକୁ ହେଲେ ମାତୃଭାଷା ଶିକ୍ଷା ଅପରିହାର୍ଯ୍ୟ । ଫକୀର ମୋହନ ମାତୃଭାଷାକୁ ନଦୀର ନିଜସ୍ୱ ସ୍ରୋତ ଏବଂ ବହିର୍ଭାଷାକୁ ବଢ଼ିପାଣି ସଙ୍ଗେ ତୁଳନା କରିଛନ୍ତି । ବଢ଼ିପାଣିରେ ନଦୀ ହୁଏତ ସାମୟିକ ଭାବେ ଫୁଲି ଉଠିପାରେ, ମାତ୍ର ନିଜସ୍ୱ ସ୍ରୋତ ବିନା ତା'ର ବଳ ରହିବ ନାହିଁ । ଠିକ୍ ସେହିଭଳି ଫକୀର ମୋହନଙ୍କ ମତରେ ମାତୃଭାଷାର

ଉନ୍ନତି ବିନା ଜାତି କିମ୍ବା ବ୍ୟକ୍ତିର ଉନ୍ନତି ସମ୍ଭବ ନୁହେଁ । ଧ୍ୟାନ ଦିଆଯିବା କଥା ଯେ, ବୁଦ୍ଧିଜୀବୀ ବର୍ଗ ଭାଷା-ସାହିତ୍ୟ ଭାବରେ ଇଂରାଜୀ ସାହିତ୍ୟ ଶିକ୍ଷାର ବିରୋଧ କରୁ ନଥିଲେ । ସେମାନେ କେବଳ ମାତୃଭାଷା ଶିକ୍ଷାକୁ ଉପେକ୍ଷା କରାଯିବା କଥା ନୁହେଁ ବୋଲି କହୁଥିଲେ । ସେମାନଙ୍କର ଅଭିଯୋଗ ଯେ, ପାଶ୍ଚାତ୍ୟର ଅଂଧ ଅନୁକରଣଯୋଗୁଁ ମାତୃଭାଷା ଶିକ୍ଷାକୁ ଆବଶ୍ୟକୀୟ ମହତ୍ତ୍ୱ ପ୍ରଦାନ କରାଯାଉ ନାହିଁ ।

ମାତୃଭାଷା ପରି ନାରୀ ଶିକ୍ଷାକୁ ମଧ୍ୟ ଜାତୀୟ ଉନ୍ନତିନିମନ୍ତେ ଏକ ଆବଶ୍ୟକୀୟ ଉପାଦାନ ବୋଲି ଗ୍ରହଣ କରାଯାଇଥିଲା । ଫକୀର ମୋହନଙ୍କ ଭାଷାରେ ନାରୀ ଶିକ୍ଷା ହେଲା ସମଗ୍ର ଜାତିର ଶିକ୍ଷା, ଜନଗଣଙ୍କ ଶିକ୍ଷା ଏବଂ କୁସଂସ୍କାରରୁ ବିମୁକ୍ତିର ବାଟ । ତାଙ୍କର କାଳଜୟୀ ଗଳ୍ପ 'ରେବତୀ'ରେ ନୂଆ ପିଢ଼ିର ଝିଅ ମନରେ ଶିକ୍ଷାପାଇଁ ଥିବା ସ୍ୱାଭାବିକ ଆଗ୍ରହକୁ ସେ ଦର୍ଶାଇଥିଲେ । ୧୮୬୦ ଦଶକରେ ସେ ଯେତେବେଳେ ବାଲେଶ୍ୱରରେ ଶିକ୍ଷକତା କରୁଥିଲେ, ନାରୀ ଶିକ୍ଷା ନିମନ୍ତେ ସେ ସ୍କୁଲ୍‌ରେ ଏକ ସ୍ୱତନ୍ତ୍ର ବାଳିକା ବିଭାଗ ଆରମ୍ଭ କରିଥିଲେ । ଅନ୍ତତଃ କୁଳୀନ ବର୍ଗର କନ୍ୟାମାନଙ୍କୁ ସେମାନଙ୍କ ଅଭିଭାବକ ବର୍ଗ ବାଳିକା ବିଭାଗ ସ୍ଥାପନ ହେଲେ ସ୍କୁଲ୍ ପଠାଇବେ ବୋଲି ସେ ଆଶା କରିଥିଲେ । ମାତ୍ର ପରେ ସେ ଦୁଃଖ ପ୍ରକାଶ କରିଥିଲେ, କାରଣ କେତେକ ଖ୍ରୀଷ୍ଟିଆନ୍ ପରିବାର ବ୍ୟତୀତ ଅନ୍ୟମାନେ କନ୍ୟାମାନଙ୍କୁ ସ୍କୁଲ୍‌କୁ ପଠାଉ ନଥିଲେ । ୧୯୦୮ ରେ ମଧୁସୂଦନ ଦାସ ନିଜ ପ୍ରଚେଷ୍ଟାରେ ଏକ କନ୍ୟା ବିଦ୍ୟାଳୟ ଆରମ୍ଭ କରିଥିଲେ, ଯାହାର ପରିଚାଳନା ଭାର ରହିଥିଲା ତାଙ୍କର ପୌଷ୍ୟ ପୁତ୍ରୀ ଶୈଳବାଳାଙ୍କ ହାତରେ । ସ୍କୁଲ୍ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ସେ ଶୈଳବାଳାଙ୍କୁ ଇଂଲଣ୍ଡ ମଧ୍ୟ ପଠାଇଥିଲେ ।

## ପତ୍ରପତ୍ରିକା

ଜାତୀୟତାର ଉନ୍ମେଷ କାଳରେ ପତ୍ର-ପତ୍ରିକାର ପ୍ରକାଶନକୁ ଖୁବ୍ ଅଗ୍ରାଧିକାର ଦିଆଯାଉଥିଲା । ବୁଦ୍ଧିଜୀବୀ ବୁଝିଥିଲେ ଯେ, ସାମାଜିକ ସଂକଟର ଏକ ପ୍ରମୁଖ କାରଣ ହେଲା ସରକାର ଓ ସ୍ଥାନୀୟ ଲୋକ ସମାଜ ମଧ୍ୟରେ ଯୋଗାଯୋଗର ଅଭାବ । ପତ୍ର-ପତ୍ରିକା ଏହି ଅଭାବକୁ ପୂରଣ କରିପାରିବ ବୋଲି ମନେ କରାଯାଉଥିଲା । ନଅଙ୍କ ଦୁର୍ଭିକ୍ଷ ପରିପ୍ରେକ୍ଷୀରେ ବୁଦ୍ଧିଜୀବୀର ଧାରଣା ଯେ, ଯୋଗାଯୋଗ ରହିଥିଲେ ସରକାର ବାସ୍ତବିକତାକୁ ଅକ୍ଳେଶରେ ଜାଣିପାରିଥାନ୍ତେ । ଫଳରେ ପ୍ରତିକାର ନିମନ୍ତେ ଯଥୋଚିତ ପଦକ୍ଷେପ ନେଇ ପାରିଥାନ୍ତେ । ଅସଲରେ ସେତେବେଳର ଜାତୀୟତାବାଦୀ ଇଂରେଜ ସରକାରଙ୍କ ମହନୀୟତାକୁ ସନ୍ଦେହ କରୁ ନଥିଲେ । ଅଥବା ଏହା ବି ହୋଇପାରେ ଯେ, ଦମନ ଭୟରେ ସରକାରର ସିଧା ସିଧା ସମାଲୋଚନା କରିବାକୁ ସାହସ କରୁ ନଥିଲେ, ଯାହା ଜାତୀୟତାର ଉନ୍ମେଷ କାଳରେ ସ୍ୱାଭାବିକ କଥା । ବରଂ ସରକାରଙ୍କ ମହନୀୟତା ସତ୍ତ୍ୱେ ଠିକ୍ କରି ଖବର ପହଞ୍ଚୁ ନ ଥିବାରୁ ପ୍ରଜା ପାଳନରେ ତ୍ରୁଟି ବିଚ୍ୟୁତି ହେଉଛି ବୋଲି କହୁଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ ପୂର୍ବୋକ୍ତ ଉପନ୍ୟାସରେ ଇଂରେଜମାନଙ୍କର ପ୍ରଶଂସା କରି କହିଛନ୍ତି, ''ଇତିହାସ ଦେଖ, ଇଂରେଜ ଜାତି କେବେ ହେଁ

ଅତ୍ୟାଚାରର ସପକ୍ଷ ନୁହଁନ୍ତି । ଇଂରେଜ ଜାତି ସ୍ୱାଧୀନତା ପ୍ରିୟ, ଇଂରେଜ ଜାତି ଅନେକ ପଶୁଙ୍କୁ ମନୁଷ୍ୟ କରି ଅଛନ୍ତି, ଅଂଧଙ୍କୁ ଚକ୍ଷୁ ଦେଇଛନ୍ତି ।'' ତେଣୁ ''ଆମ୍ଭମାନଙ୍କ ଗୁହାରି ଗୋଟି ଗୋଟି କରି ରାଜାଙ୍କ କାନରେ ପକାଇବାକୁ ଆମ୍ଭମାନଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ।'' ଫକୀର ମୋହନ ମଧ୍ୟ ଦୁର୍ଭିକ୍ଷ ବେଳେ ଇଂରେଜ କମିସନରଙ୍କ ଲୋକଙ୍କ ପ୍ରତି ରହିଥିବା ସଦ୍‌ଭାବନାକୁ ଅସ୍ୱୀକାର କରି ନାହାନ୍ତି । ବରଂ କମିସନର ଟି.ଇ. ରେଭେନ୍‌ସାଙ୍କର ପ୍ରାଶାସନିକ ସମୟକୁ ଓଡ଼ିଶାର ସୁବର୍ଣ୍ଣ ଯୁଗ ବୋଲି ଘୋଷଣା କରିଛନ୍ତି । ତାଙ୍କ ମତରେ ଲୋକଙ୍କ ହାତରେ ବାସ୍ତବିକତାକୁ ଅଭିବ୍ୟକ୍ତ କରିବା ସକାଶେ ଯଦି ଆବଶ୍ୟକୀୟ ମାଧ୍ୟମ ରହିଥାଆନ୍ତା ଏବଂ ସରକାରଙ୍କ ପାଖରେ ସେହି ଅଭିବ୍ୟକ୍ତି ପହଞ୍ଚି ପାରିଥାନ୍ତା, ତେବେ ନିଶ୍ଚିତ ରୂପେ ଦୁର୍ଭିକ୍ଷର ପ୍ରତିକାର ହୋଇ ପାରିଥାନ୍ତା ।

ଏହି ଅନୁଭୂତିରୁ ପତ୍ର-ପତ୍ରିକା ପ୍ରକାଶନକୁ ବୁଦ୍ଧିଜୀବୀ ପ୍ରଭୃତ ମହତ୍ତ୍ୱ ଦେଲେ । ନଅଙ୍କ ଦୁର୍ଭିକ୍ଷ ସମୟରେ ୧୮୬୬ରେ ଗୌରୀ ଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକରୁ 'ଉତ୍କଳ ଦୀପିକା' ପ୍ରକାଶିତ ହେଲା । ମିଶନାରୀ ଉଦ୍ୟମରେ ପ୍ରକାଶିତ 'ପ୍ରବୋଧ ଚନ୍ଦ୍ର ପତ୍ରିକା'କୁ ବାଦ ଦେଲେ, ବୋଧହୁଏ 'ଉତ୍କଳ ଦୀପିକା' ହେବ ଜାତୀୟତାବାଦୀଙ୍କ ଉଦ୍ୟମରେ ପ୍ରକାଶିତ ପ୍ରଥମ ସାପ୍ତାହିକ ଓଡ଼ିଆ ପତ୍ରିକା । ତେଣିକି ବାଲେଶ୍ୱରରୁ ଫକୀରମୋହନ ଓ ଗୋବିନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୮୬୮ରେ 'ସଂବାଦ ବାହିନୀ' ପ୍ରକାଶିତ ହେଲା । ପ୍ୟାରୀମୋହନ 'ଉତ୍କଳ ପୁତ୍ର' (୧୮୭୩) ଓ ଚତୁର୍ଭୁଜ ପଟ୍ଟନାୟକ 'ସଂସ୍କାରକ'(୧୮୮୩) ପତ୍ରିକା ସଂପାଦନା କଲେ । ୧୮୭୧ରେ ଓଡ଼ିଆ ପତ୍ରିକାର ମୋଟ ସଂଖ୍ୟା ଥିଲା ଚାରି; ୧୮୭୯ରେ ହେଲା ୧୯ ଏବଂ ୧୯୦୦ ମସିହା ବେଳକୁ ଏହାର ସଂଖ୍ୟା ଯାଇ ପହଞ୍ଚିଲା ୩୪ରେ । ବୁଦ୍ଧିଜୀବୀଙ୍କ ଦୃଷ୍ଟିରେ ପତ୍ରିକା କେତେ ମାତ୍ରାରେ ଜାତୀୟତାମୂଳକ କାର୍ଯ୍ୟ ରୂପରେ ମହତ୍ତ୍ୱ ପାଇଲା , ତାହା ଏଥିରୁ ପ୍ରମାଣିତ ହୁଏ ।

ସେତେବେଳେ ପତ୍ରିକା ପ୍ରକାଶନ କଦାଚିତ ବ୍ୟବସାୟ ହୋଇ ନଥିଲା । ସାମ୍ବାଦିକତା ଏକ ପେସାଦାର ବୃତ୍ତି ନଥିଲା । ବୁଦ୍ଧିଜୀବୀ ଏହାକୁ ଜାତୀୟ କାର୍ଯ୍ୟ ଭାବରେ ଗ୍ରହଣ କରିଥିଲେ । ଫକୀର ମୋହନ ଖୁବ୍ କଷ୍ଟରେ କଲିକତାରୁ ଛାପାଖାନା କିଣି ତାକୁ ବାଲେଶ୍ୱରରେ ବସାଇଥିଲେ, ତା'ର ଏକ ମାର୍ମିକ ବର୍ଣ୍ଣନା ରହିଛି ତାଙ୍କ 'ଆତ୍ମଜୀବନ ଚରିତ'ରେ । ''ପ୍ରେସ୍ ସ୍ଥାପନ ନଚେତ୍ ଜୀବନ ତ୍ୟାଗ'' ବୋଲି ନେଇଥିବା ତାଙ୍କ ଶପଥ ପଛରେ ଉଦ୍ଦେଶ୍ୟ ଥିଲା, ଜାତୀୟ ସାହିତ୍ୟର ଉନ୍ନତି ଓ ପ୍ରଚାର । ''ନିଃସ୍ୱାର୍ଥ ଭାବରେ ପ୍ରାଣପଣେ'' ସେ ଏଥିରେ ଲାଗିଥିଲେ, କାରଣ ତାଙ୍କ ବିଚାରରେ ଏହା ଥିଲା ଏକ ''ସାଧୁ କାର୍ଯ୍ୟ ।'' ଉତ୍କଳ ଦୀପିକାର ପ୍ରକାଶନ ପଛରେ କିରାଣି କାମ କରୁଥିବା ଗୌରୀଶଙ୍କରଙ୍କର ସେହିଭଳି ତ୍ୟାଗ ରହିଥିଲା । ପ୍ୟାରୀମୋହନଙ୍କ 'ଉତ୍କଳ ପୁତ୍ର' ପ୍ରକାଶନର ଅନ୍ୟତମ ଉଦ୍ଦେଶ୍ୟ ଥିଲା , 'ଉତ୍କଳ ଦୀପିକା'କୁ ସମାଜ କାମରେ ସହଯୋଗ କରିବା । ତତ୍‌କାଳୀନ ପତ୍ର ପତ୍ରିକାର ଉଦ୍ଦେଶ୍ୟ ଥିଲା ଯେହେତୁ ସମାଜ ସେବା, ପରସ୍ପରକୁ ପତ୍ରିକାମାନେ 'ସହଯୋଗୀ' ବୋଲି ସଂବୋଧନ କରୁଥିଲେ । ସମାଜ କାମରେ ସହଯୋଗୀ, ଜାତୀୟ ସେବାରେ ସହଯୋଗୀ, ସରକାର ଓ ଲୋକଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା କାର୍ଯ୍ୟରେ ସହଯୋଗୀ । ଏହି

ପାରସ୍ପରିକ  ସହଯୋଗ ବିନା ଜାତୀୟ ଉନ୍ନତି ଅସମ୍ଭବ ବୋଲି ପତ୍ର-ପତ୍ରିକାମାନେ ବୁଝି ପାରିଥିଲେ । ପତ୍ର-ପତ୍ରିକାର ସାମାଜିକ ଦାୟିତ୍ୱକୁ ବ୍ୟାଖ୍ୟାକରି ୧୯୨୦ ଦଶକର ଆରମ୍ଭରେ ସମ୍ବଲପୁରରୁ ପ୍ରକାଶିତ 'ସାଧନା'ର ସଂପାଦକ ସ୍ୱପ୍ନେଶ୍ୱର ଦାସ କହିଥିଲେ, ''ସଂପାଦକ ନିଜର ଖାଇ ଘୋଡ଼ା ପଛରେ ଦୌଡ଼ୁଥାଏ'' । ଅର୍ଥାତ୍ ନାନା ପ୍ରତିବନ୍ଧକ ସତ୍ତ୍ୱେ ସଂପାଦକ ପତ୍ରିକା ପ୍ରକାଶନ କରେ । ଊନବିଂଶ ଶତାବ୍ଦୀରେ ସଂପାଦକ ଆଗରେ ଏହି ପ୍ରତିବନ୍ଧକର ପରିମାଣ ନିଶ୍ଚିତ ରୂପେ ଖୁବ୍ ଅଧିକ ହୋଇଥିବ- ଏହା ଅନୁମାନ କରାଯାଇପାରେ ।

ଜାତୀୟତାର ଉନ୍ମେଷରେ ସହାୟକ ହୋଇଥିବା ଓଡ଼ିଆ ପତ୍ର-ପତ୍ରିକା ମଧ୍ୟରେ ସେତେବେଳେ କେବଳ କେତୋଟି ସାପ୍ତାହିକ, ପାକ୍ଷିକ ଓ ମାସିକ ପତ୍ରିକା ହିଁ ରହିଥିଲେ । ଦୈନିକ ସମ୍ବାଦପତ୍ର ନ ଥିଲା । ତନ୍ମଧ୍ୟରୁ ଆର୍ଥିକ କାରଣରୁ ଅଧିକାଂଶ ଥିଲେ ଅନିୟମିତ । ନିୟମିତ ପ୍ରକାଶ ପାଉଥିବା ପତ୍ରିକା ମଧ୍ୟରେ ଥିଲେ 'ଉତ୍କଳ ଦୀପିକା' ଓ 'ଉତ୍କଳ ସାହିତ୍ୟ' (୧୮୯୭) । ପରେ ସାପ୍ତାହିକ ଭାବରେ ପ୍ରକାଶ ପାଉଥିବା 'ଆଶା'(୧୯୧୩) ଏବଂ ସତ୍ୟବାଦୀ ସ୍କୁଲ୍ ସାକ୍ଷୀଗୋପାଳରୁ ପ୍ରକାଶ ପାଉଥିବା 'ସମାଜ'(୧୯୧୯) ଦୈନିକ ପତ୍ରିକା ହେଲେ । 'ଆଶା' ଦୈନିକ ହେଲା ୧୯୨୭ରେ; 'ସମାଜ' ହେଲା ୧୯୨୯ରେ । ୧୮୬୬ରୁ ୧୮୭୮ ମଧ୍ୟରେ ୧୨ଟି ପତ୍ରିକା ମଧ୍ୟରୁ ଆର୍ଥିକ ସଂକଟଯୋଗୁଁ ମାତ୍ର ଦୁଇଟିକୁ ବାଦ ଦେଲେ ଅନ୍ୟଗୁଡ଼ିକ ମଝିରେ ବନ୍ଦ ହୋଇ ଯାଇଥିଲେ ବୋଲି 'ଉତ୍କଳ ଦୀପିକା' କ୍ଷୋଭ ପ୍ରକାଶ କରିଥିଲା । ୧୯୧୪ରେ ମଧ୍ୟ ଫକୀର ମୋହନ ଦୁଃଖ ପ୍ରକାଶ କରି କହିଥିଲେ ଯେ, କେବଳ ଦୁଇଟିକୁ ବାଦ ଦେଲେ ଓଡ଼ିଶାରେ ନିୟମିତ ଭାବେ ପ୍ରକାଶିତ ହେଉଥିବା ପତ୍ରିକା ନାହିଁ । ଅବସୋସର କଥା ଯେ ନିୟମିତତା ରକ୍ଷା କରିଥିବା ପତ୍ରିକାଗୁଡ଼ିକର ସୁଦ୍ଧା ସ୍ଥିତି ସ୍ୱଚ୍ଛଳ ନ ଥିଲା । 'ଉତ୍କଳ ସାହିତ୍ୟ'ର ଉଦାହରଣରୁ ଏହା ସ୍ପଷ୍ଟ ବୁଝି ହୁଏ । ଆରମ୍ଭରେ ଦୁଇବର୍ଷ କାଳ ପ୍ରକାଶିତ ହୋଇ ଏହା କିଛି ସମୟ ବନ୍ଦ ରହିଲା ଏବଂ ୧୯୦୦ ମସିହାରେ ପୁନରାରମ୍ଭ ହୋଇ ୧୯୩୪ ପର୍ଯ୍ୟନ୍ତ ଚାଲିଲା । ଓଡ଼ିଆ ଜାତିର ସାମାଜିକ ଓ ସାହିତ୍ୟିକ ଉନ୍ନତିନିମନ୍ତେ ପ୍ରତିବଦ୍ଧ ଏହି ପତ୍ରିକାର ସଂପାଦକ ବିଶ୍ୱନାଥ କରଙ୍କୁ ପ୍ରକାଶନର ମାନ ଓ ନିୟମିତତା ବଜାୟ ରଖିବା ସକାଶେ ସ୍ୱ ପରିବାର ପୋଷଣର ଏକମାତ୍ର ମାଧ୍ୟମ ଶିକ୍ଷକତାରୁ ଇସ୍ତଫା ଦେବାକୁ ପଡ଼ିଥିଲା; ଋଣ କରିବାକୁ ପଡ଼ିଥିଲା; ଗଡ଼ଜାତ ରାଜା ଓ ଜମିଦାରଙ୍କଠାରେ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିଥିଲା । ଶେଷରେ ପତ୍ରିକା ଓ ସଂପାଦକଙ୍କର ଏକା ବର୍ଷ (୧୯୩୪)ରେ ମୃତ୍ୟୁ ଘଟିଲା । ଜାତୀୟତାନିମିତ୍ତ ଉତ୍ସର୍ଗୀକୃତ ଏକ ପତ୍ରିକା ଓ ତା'ର ସଂପାଦକଙ୍କ ମଧ୍ୟରେ ରହିଥିବା ଆତ୍ମିକ ସଂବଧକୁ ଦେଖିବାପାଇଁ ଏଥିରୁ ବଡ଼ ପ୍ରତୀକାତ୍ମକତା ବା ଆଉ କ'ଣ ହୋଇପାରେ ?

ଏହାର ସଂପୂର୍ଣ୍ଣ ବିପରୀତ ସ୍ଥିତି ଦେଖିବାକୁ ମିଳିଥାଏ  ଗଡ଼ଜାତ ରାଜା ଓ ଜମିଦାରମାନଙ୍କ ଆର୍ଥିକ ସହଯୋଗରେ ପ୍ରକାଶିତ ପତ୍ରପତ୍ରିକାରେ । 'ଉତ୍କଳ ଦର୍ପଣ' (୧୮୭୩ଃ ଜମିଦାର ବୈକୁଣ୍ଠନାଥ ଦେ), 'ଉତ୍କଳ ହିତୈଷିଣୀ'(୧୮୬୮ଃ ଜମିଦାର କାଳିପଦ ବାନାର୍ଜୀ), 'ସମ୍ବଲପୁର ହିତୈଷିଣୀ'(୧୮୮୯ଃ ବାମଣ୍ଡା ରାଜା ବାସୁଦେବ ସୁଢ଼ଳ ଦେବ) ଏବଂ 'ଗଡ଼ଜାତ ବାସିନୀ'

(୧୯୦୦ଃ ତାଳଚେର ରାଜା) ଆଦି ହେଉଛି ସେହି ଧରଣର କେତେକ ପତ୍ରପତ୍ରିକା । ଏହି ପତ୍ରିକାଗୁଡ଼ିକର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିଲା; ପ୍ରକାଶନରେ ପ୍ରାୟ ନିୟମିତତା ବି ରହୁଥିଲା । ପ୍ରକାଶକମାନେ ସ୍ୱଚ୍ଛଳ ଥିଲେ; ପତ୍ରିକାର ସମ୍ପାଦନାପାଇଁ ବେତନଭୋଗୀ ସଂପାଦକଙ୍କୁ ନିଯୁକ୍ତି ଦେଇଥିଲେ । ସେମାନଙ୍କ ପତ୍ରିକା ପ୍ରକାଶନ ପଛରେ ମଧ୍ୟ ସମାଜ ସଂସ୍କାରର ଲକ୍ଷ୍ୟ ରହିଥିଲା । ଅନେକ ବୁଦ୍ଧିଜୀବୀ ଏହି ପତ୍ରିକାଗୁଡ଼ିକ ସହିତ ସଂପୃକ୍ତ ଥିଲେ । ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ଫକୀରମୋହନ ଏବଂ ଗୋପୀନାଥ ନନ୍ଦଙ୍କ ଭଳି ବୁଦ୍ଧିଜୀବୀଙ୍କ ସାହିତ୍ୟ ପ୍ରକାଶନ ପଛରେ ମଧ୍ୟ ରାଜା-ଜମିଦାର ବା ସାମନ୍ତ ବର୍ଗର ଆର୍ଥିକ ସହଯୋଗ ରହିଥିଲା । ଏହି ଦୃଷ୍ଟିରୁ କେତେକ ରାଜା-ଜମିଦାର ଓ ସେମାନଙ୍କ ପତ୍ରପତ୍ରିକାକୁ, ଜାତୀୟତାର ଉନ୍ମେଷରେ ସେମାନେ ସହାୟକ ହୋଇଥିଲେ ବୋଲି କହିହେବ । ମାତ୍ର ପରବର୍ତ୍ତୀ ସ୍ତରରେ ଯେତେବେଳେ ଜାତୀୟତା ଆନ୍ଦୋଳନ ଅଧିକରୁ ଅଧିକ ବ୍ରିଟିଶ ବିରୋଧୀ ହେଲା, ସେତେବେଳେ ସାମନ୍ତ ବର୍ଗ ଜାତୀୟତାବାଦୀମାନଙ୍କ ସାଙ୍ଗଛଡ଼ା ହେଲେ , ସରକାରଙ୍କ ସମର୍ଥକ ସାଜିଲେ । ଏହି କାରଣରୁ ରାଜା-ଜମିଦାର ଗୋଷ୍ଠୀକୁ ଜାତୀୟତାବାଦୀ ବର୍ଗରେ ସାମିଲ୍ କରିବା ସହଜ ମନେହୁଏ ନାହିଁ । ଅନ୍ୟ ପକ୍ଷରେ, ଏହି ଗୋଷ୍ଠୀରେ କିଛି ଜାତୀୟତାବାଦୀ ଚରିତ୍ର ମଧ୍ୟ ରହିଥିବାରୁ, ଜାତୀୟତା ବିରୋଧୀ କହିବା ମଧ୍ୟ ସୁଖକର ହୁଏ ନାହିଁ ।

ସେ ଯାହାହେଉ, ସେତେବେଳର ସମସ୍ତ ପ୍ରମୁଖ ଜାତୀୟତାବାଦୀ ନେତା ପତ୍ରିକା ପ୍ରକାଶନ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ଥିଲେ । ଗୌରୀଶଙ୍କର ରାୟ, ଫକୀରମୋହନ ଓ ବିଶ୍ୱନାଥ କର ନିଜେ ପତ୍ରିକା ପ୍ରକାଶନ ଓ ସଂପାଦନା କରୁଥିଲେ। ମଧୁସୂଦନ ଦାସ ନିଜେ ପତ୍ରିକା ପ୍ରକାଶନ କରୁ ନଥିଲେ । ମାତ୍ର 'ଦି ଓଡ଼ିଆ' ଓ 'ଷ୍ଟାର୍ ଅଫ୍ ଉତ୍କଳ'ର ପ୍ରକାଶନ ସହ ସଂପୃକ୍ତ ଥିଲେ । ଏହା ବ୍ୟତୀତ 'ଉତ୍କଳ ଦୀପିକା'ର ଇଂରାଜୀ ଅଂଶର ସଂପାଦନା ଦାୟିତ୍ୱ ମଧ୍ୟ ତାଙ୍କ ହାତରେ ଥିଲା । ଓଡ଼ିଶାରେ ଜାତୀୟତା ଆନ୍ଦୋଳନକୁ ଏକ ଠୋସ ସ୍ୱରୂପ ଦେବାରେ ତାଙ୍କର ଦାନ ଅତୁଳନୀୟ । ବିଂଶ ଶତାବ୍ଦୀର ଆରମ୍ଭରେ ଜାତୀୟତାବାଦୀଙ୍କ ପତ୍ରପତ୍ରିକା ସହ ସଂପୃକ୍ତି ଆହୁରି ବୃଦ୍ଧିପାଇଲା । ଏହି ସମୟର ପ୍ରମୁଖ ନେତା ଗୋପବନ୍ଧୁ ଦାସ (୧୮୭୭-୧୯୨୮), 'ଆଶା', 'ମୁକୁର'ର ପ୍ରକାଶନ ସହ ପରୋକ୍ଷ ଭାବରେ ଏବଂ 'ସତ୍ୟବାଦୀ' ଓ 'ସମାଜ' ସହ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ଥିଲେ । ଏହା ଜାତୀୟତା ଓ ପତ୍ରିକା ପ୍ରକାଶନ ମଧ୍ୟରେ ଥିବା ନିବିଡ଼ତାକୁ ଦର୍ଶାଏ ।

ଜାତୀୟତାର ଉନ୍ମେଷ କାଳରେ ସାମାଜିକ ଓ ଧାର୍ମିକ ପ୍ରସଙ୍ଗକୁ ନେଇ ମଧ୍ୟ ବୁଦ୍ଧିଜୀବୀଙ୍କ ଦୃଷ୍ଟିଭଙ୍ଗୀରେ ଏକ ପ୍ରକାର ସମାନତା ଦେଖିବାକୁ ମିଳିଥାଏ । ସମାଜର ତଥାକଥିତ ନୀତିନିୟମକୁ ସେମାନେ ଯୁକ୍ତି ଓ ହେତୁ ଆଧାରରେ ନିରୀକ୍ଷଣ କଲେ ଏବଂ ଅଯୌକ୍ତିକ ଓ ଅହେତୁକ ଚାଲିଚଳନକୁ କୁସଂସ୍କାର ତଥା ଜାତୀୟ ପ୍ରଗତିର ବାଧକ ବୋଲି ନିନ୍ଦା କଲେ । ଆଧୁନିକ ରାଷ୍ଟ୍ରଗଠନ ବେଳେ ଏଭଳି ଚାଲିଚଳଣିର ସେମାନେ ଉଚ୍ଛେଦ କାମନା କଲେ । ଦେଶର ଦୁର୍ଗତି ଓ ଦୁର୍ବଳତାପାଇଁ ସେମାନେ ମୁଖ୍ୟତଃ କୁସଂସ୍କାର ଓ ରୂଢ଼ିବାଦିତାକୁ ଦାୟୀ କରୁଥିଲେ, କାରଣ ତା'ର ଫାଇଦା

ନେଇ ବିଦେଶୀ ଶକ୍ତି ଭାରତକୁ ସହଜରେ କବ୍‌ଜା କରି ନେଉଥିଲେ । କୁସଂସ୍କାର, ରୂଢ଼ିବାଦିତା ଆଦିରୁ ଇଂରେଜ ସରକାର ଭାରତବାସୀଙ୍କୁ ବିମୁକ୍ତି ଦେବ ଏବଂ ତା' ସ୍ଥାନରେ ସଭ୍ୟତା, ସୁସଂସ୍କୃତି ଓ ଆଧୁନିକତା ଆଣିଦେବ ବୋଲି ମଧ୍ୟ ସେମାନେ ବିଶ୍ୱାସ କରୁଥିଲେ । ଏହି ଆଶାରେ ଗଂଗାଧର ମେହେର ଇଂରେଜ ଶାସନର ପ୍ରଶଂସାରେ ୧୯୦୦ରେ 'ଭିକ୍ଟୋରିଆ ସ୍ତବ' ଲେଖିଥିଲେ; ଫକୀରମୋହନ ତାଙ୍କ ରଚିତ ଭାରତ ଇତିହାସରେ ଇଂରେଜ ଶାସନକୁ 'ସୁବର୍ଣ୍ଣ ଯୁଗ' ବୋଲି କହିଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ, ଯିଏ ବ୍ୟଙ୍ଗାତ୍ମକ ଶୈଳୀରେ ନିଜ ସମାଲୋଚନାପାଇଁ ସୁପରିଚିତ ଥିଲେ , ଅତ୍ୟନ୍ତ ନମ୍ର ସ୍ୱରରେ ଲେଖିଛନ୍ତି, ''ଶୁଭ କ୍ଷଣରେ ଆମ୍ଭେମାନେ ଇଂରେଜ ରାଜାଙ୍କୁ ପାଇଅଛୁ । ଇଂରେଜରାଜ ଆମ୍ଭମାନଙ୍କୁ ସଭ୍ୟତା ଦେଇ ଅଛନ୍ତି, ଶିକ୍ଷା ଦେଇ ଅଛନ୍ତି, ବଳ ଦେଇ ଅଛନ୍ତି, ଅଭାବ ବୁଝିବାର କ୍ଷମତା ଦେଇ ଅଛନ୍ତି ।''

ମୋଟ କଥା ହେଲା ଯେ, ଏହି ସମୟରେ ଜାତୀୟତାବାଦୀ ନେତୃତ୍ୱ କୁସଂସ୍କାରର ବିରୋଧକୁ ଅଧିକ ମହତ୍ତ୍ୱ ଦେଉଥିଲେ ଏବଂ ଏହି କାର୍ଯ୍ୟରେ ଇଂରେଜ ସରକାରଙ୍କ ସହଯୋଗ କାମନା କରୁଥିଲେ । କୁସଂସ୍କାର ବିରୋଧରେ ଲଢ଼ିବାସକାଶେ, ସେମାନଙ୍କ ଦୃଷ୍ଟିରେ, ଜାତୀୟତାର ଆବଶ୍ୟକତା ରହିଥିଲା । ସାମୟିକ ଭାବରେ ଇଂରେଜ ସରକାରର ମଧ୍ୟ ଆବଶ୍ୟକତା ଥିଲା । ଏଠାରେ ଅବଶ୍ୟ ଏକଥା ସ୍ପଷ୍ଟ ହେବା ଉଚିତ ଯେ, ଜାତୀୟତାର ଜନ୍ମକାଳରେ ନେତୃତ୍ୱ ଇଂରେଜ ବିରୁଦ୍ଧରେ ଅଧିକ କଠୋର ହେବାର ସାହସ କରି ପାରିବ ନାହିଁ । ତେଣୁ ସାମାଜିକ କୁସଂସ୍କାରକୁ ଲକ୍ଷ୍ୟ କରି ଜାତୀୟ ଏକତା କାମନା କରାଯାଉଥିଲା । ମାତ୍ର ପ୍ରଚ୍ଛନ୍ନ ଭାବରେ ତହିଁରେ ସରକାର ପ୍ରତି ମଧ୍ୟ ସମାଲୋଚନା ରହିଥିଲା । ଏହାକୁ ନେତୃତ୍ୱର ପରିପକ୍ୱ ରଣ କୌଶଳ ରୂପରେ ଦେଖାଯାଇପାରେ ।

କୁସଂସ୍କାର ମଧ୍ୟରେ ବିପତ୍ନୀକ ବୃଦ୍ଧ ବିବାହ, ବାଲ୍ୟ ବିବାହ, ଅଂଧବିଶ୍ୱାସ ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକ ଉପରେ ବ୍ରାହ୍ମଣର ଅହେତୁକ କର୍ତ୍ତୃତ୍ୱ ଆଦିକୁ ସାମିଲ୍ କରାଯାଇଥିଲା । ଫକୀରମୋହନଙ୍କ 'ମାଧ ମହାନ୍ତିଙ୍କ କନ୍ୟାସୁନା', 'ଧୂଳିଆ ବାବା' ଓ 'ଉତ୍କଳ ଭ୍ରମଣ' ଆଦି ରଚନାରେ ଏହି ସବୁ କୁସଂସ୍କାରର ବିଶଦ ଆଲୋଚନା କରାଯାଇଛି ଏବଂ ସେଗୁଡ଼ିକୁ ଜାତୀୟ ଦୁର୍ଗତିର କାରଣ ବୋଲି କୁହାଯାଇଛି । ଏହି ପରଂପରା ତତ୍‌କାଳୀନ ଅନ୍ୟ ସର୍ଜନାଗୁଡ଼ିକରେ ମଧ୍ୟ ପରିଲକ୍ଷିତ ହୁଏ । କୁସଂସ୍କାରର ବିରୋଧ କରିବା ପ୍ରକ୍ରିୟାରେ ଓଡ଼ିଶାର ଅନେକ ଜାତୀୟତାବାଦୀ, ଯଥା- ଫକୀରମୋହନ, ରାଧାନାଥ ରାୟ, ମଧୁସୂଦନ ରାଓ, ବିଶ୍ୱନାଥ କର ଓ ପ୍ୟାରୀମୋହନ, ସଂସ୍କାରମୂଳକ 'ବ୍ରାହ୍ମ ସମାଜ'ରେ ସାମିଲ ହୋଇ ଯାଇଥିଲେ । ଏହାକୁ ସେମାନେ ହିନ୍ଦୁ ଧର୍ମଠାରୁ ଅଲଗା ଏକ ନୂତନ ଧର୍ମ, ବ୍ରାହ୍ମ ଧର୍ମ ବୋଲି ବିଚାର କରୁଥିଲେ । ହିନ୍ଦୁଧର୍ମର ରୂଢ଼ିବାଦୀ ଗୋଷ୍ଠୀ ସେମାନଙ୍କୁ ହିନ୍ଦୁଧର୍ମ ବିରୋଧୀ ବୋଲି ମଧ୍ୟ ମନେ କରୁଥିଲେ । ମଧୁସୂଦନ ଦାସ ଉଚ୍ଚ ଶିକ୍ଷାପାଇଁ କଲିକତାରେ ଅବସ୍ଥାନ କରୁଥିବା ସମୟରେ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରି ନିଜ ସଂସ୍କାରବାଦିତାର ପରିଚୟ ଦେଇଥିଲେ ।

ଏହି ପରିପ୍ରେକ୍ଷୀରେ ପୁରୀର ହରିହର ଦାସଶର୍ମା (୧୮୪୨-୧୮୭୧)ଙ୍କ ସଂବନ୍ଧରେ ସାମାନ୍ୟ ଚର୍ଚ୍ଚାର ଆବଶ୍ୟକତା ରହିଛି । ହରିହର ଥିଲେ ଜଣେ ସଂସ୍କୃତ ପଣ୍ଡିତ । ମାତ୍ର ଜାତୀୟ ବିକାଶନିମନ୍ତେ

ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କାରର ମହତ୍ତ୍ୱକୁ ସେ ଭଲ ଭାବେ ବୁଝିଥିଲେ । ନିଜ ଗ୍ରାମ ଶ୍ରୀରାମଚନ୍ଦ୍ରପୁରରେ ସେ ୧୮୬୬ରେ ନିଜ ଉଦ୍ୟମରେ ଏକ ସ୍କୁଲ୍ ସ୍ଥାପନ କରିଥିଲେ । ପୁରୀରେ ତାଙ୍କ ଉଦ୍ୟମରେ ସ୍ଥାପିତ ସଂସ୍କୃତ ସ୍କୁଲ୍‌ରେ ଗ୍ରୀକ୍, ଲାଟିନ୍ ଆଦି ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରାଯାଇଥିଲା । ସେ ତାଳପତ୍ର ଓ ଲୌହ ଲେଖନୀ ବଦଳରେ କାଗଜ ଓ କଲମର ବ୍ୟବହାରକୁ ଉତ୍ସାହିତ କରୁଥିବାରୁ ରକ୍ଷଣଶୀଳ ବ୍ରାହ୍ମଣମାନଙ୍କର ଚକ୍ଷୁଶୂଳ ହୋଇଥିଲେ । ହରିହର ହୁଏତ ଧର୍ମ ପରିବର୍ତ୍ତନ କରି ନ ଥିଲେ । ତଥାପି ପୁରୀର ରକ୍ଷଣଶୀଳ ସାମାଜିକ ପରିବେଶରେ ତାଙ୍କର ଏହିସବୁ ପଦକ୍ଷେପ ସଂସ୍କାରବାଦିତାକୁ ଦର୍ଶାଇଥିଲା । ଦୁର୍ଭିକ୍ଷର ଶିକାର ବ୍ୟକ୍ତିକୁ ଜାତିବାଦୀ ରକ୍ଷଣଶୀଳତାଯୋଗୁଁ ସମାଜ ତିରସ୍କାର କଲା । ଏହା ହରିହର ଏବଂ ଅନ୍ୟ ବୁଦ୍ଧିଜୀବୀଙ୍କୁ ଖୁବ୍ ବିଚଳିତ କରିଥିଲା ।

ଜାତୀୟତାର ଜନ୍ମଲଗ୍ନରେ ଆଧୁନିକ ଓଡ଼ିଆଭାଷା ଓ ସାହିତ୍ୟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଯେତେବେଳେ ନଅଙ୍କ ଦୁର୍ଭିକ୍ଷ, ସାମାଜିକ କୁସଂସ୍କାର ଆଦି ସ୍ଥାନୀୟ ସମାଜରେ ଏକ ସଂକଟର ସ୍ଥିତି ଉତ୍ପନ୍ନ କରିଥିଲା, ସେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ଅସ୍ମିତା ପ୍ରଶ୍ନ ମଧ୍ୟ ବୁଦ୍ଧିଜୀବୀ ବର୍ଗକୁ ବିଚଳିତ କରିଥିଲା । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ହେଲା ରୂଢ଼ିବାଦିତା ଓ ସାମନ୍ତବାଦୀ ଶୃଙ୍ଖଳରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟ ବିକଶିତ ହେବାର କାଳ । ପ୍ରଥମ କରି ଏହି ସମୟରେ ଗଳ୍ପ-ଉପନ୍ୟାସ ଲେଖା ହେଲା; କାବ୍ୟ କବିତାର ପରିଧି ବିସ୍ତାରିତ ହେଲା । ଯଦିବା ଆଗ ଭଳି ପୌରାଣିକ କାବ୍ୟ ମଧ୍ୟ ଲେଖାଗଲା, ତହିଁରେ ଆଧୁନିକ ମଣିଷର ସ୍ୱରକୁ ପ୍ରତିନିଧିତ୍ୱ ମିଳିଲା । ଉଦାହରଣ ସ୍ୱରୂପ, ଗଙ୍ଗାଧରଙ୍କ 'ତପସ୍ୱିନୀ' ଏକ ପୌରାଣିକ କାବ୍ୟ । ମହାକାବ୍ୟ 'ରାମାୟଣ'ର ସୀତା ତହିଁରେ ନାୟିକା । ମାତ୍ର ଆଧୁନିକ ଗଣତାନ୍ତ୍ରିକ ବିଚାରର ପ୍ରଭାବରେ ପ୍ରଭାବିତ କବି ତହିଁରେ ଗାଇଛନ୍ତି :

ମିଥ୍ୟା କଥା ଯେବେ ପ୍ରଜାଏ କହିବେ ମେଳି ହୋଇ ଶତଶତ
ମିଥ୍ୟା ଜାଣି ଜାଣି ତାକୁ ମାନି ମାନି ବୋଲାଯାଏ ସତ ସତ ।

ଅର୍ଥାତ୍ ରାଜା ସର୍ବଦା ପ୍ରଜାଙ୍କ ବିଚାରକୁ ଗ୍ରହଣ କରିନେବା ଉଚିତ । ଏଥିରୁ ମନେହୁଏ ଯେ, ପୌରାଣିକତା କବିଙ୍କର ଆଧୁନିକ ବିଚାରକୁ ପ୍ରଘଟ କରିବାଲାଗି ଏକ ମାଧ୍ୟମ ମାତ୍ର । ଠିକ୍ ସେହିଭଳି 'ମହାଭାରତ' ଆଧାରିତ ଆଧୁନିକ ଉତ୍କଳ ସାହିତ୍ୟର ପ୍ରଥମ ମହାକାବ୍ୟ 'ମହାଯାତ୍ରା'ରେ କବି ରାଧାନାଥ ରାୟ (୧୮୪୮-୧୯୦୮) ସ୍ୱାଧୀନତାର ବିଶଦ ଅର୍ଥ ଦେଇଛନ୍ତି । ସେ କହିଛନ୍ତି ଯେ, ଆନ୍ତରିକ ଦୁର୍ବଳତା ଓ କୁସଂସ୍କାର ଉପରେ ଜୟଲାଭ ନ କରି ସ୍ୱାଧୀନତା କଦାଚିତ ଲାଭ କରାଯାଇ ନ ପାରେ । କବିଙ୍କ ଉକ୍ତିରେ-

ସ୍ୱାଧୀନତା ବୋଲି ଯାହା ବୋଇଲେ ଆପଣ
ସେ କେବଳ ଷଡ଼ରିପୁ ପ୍ରଭୁତାର ଛାୟା ।
ସେ ପ୍ରଭୁତା ଚାଲିଗଲେ କଳିର କୌଶଳେ

ବଳେ ଯିବ ସ୍ୱାଧୀନତା, ପିଣ୍ଡ ସଂଗେ ଯଥା
ଚାଲିଯାଏ, ପାଣ୍ଡୁନାଥ, ସେ ପିଣ୍ଡର ଛାୟା
ରିପୁ-ଅଧୀନତା ସଙ୍ଗେ ପର-ଅଧୀନତା ।

ମୋଟ କଥା ହେଲା, ଉନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ହେଲା । ଏହାର କେତେ ଜଣ ପ୍ରମୁଖ ସ୍ରଷ୍ଟାଙ୍କ ମଧ୍ୟରେ ଥିଲେ ଫକୀର ମୋହନ, ରାଧାନାଥ ରାୟ, ମଧୁସୂଦନ ରାଓ ଏବଂ ଗଙ୍ଗାଧର ମେହେର । ଉନ୍ମେଷର ଏକ ବଡ କାରଣ ହେଲା, ଆଧୁନିକ ଶିକ୍ଷା ଓ ବିଶ୍ୱ ସାହିତ୍ୟ ସହ ସ୍ରଷ୍ଟାମାନଙ୍କର ପରିଚୟ । ସେମାନଙ୍କ ସମ୍ମୁଖରେ ଏଣିକି ବିଶାଳ ବିଶ୍ୱ ସାହିତ୍ୟ ଓ ଇତିହାସର ବ୍ୟାପକ ପରିଧି ରହିଥିଲା ଏବଂ ତା'ର ପ୍ରଭାବରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ବିସ୍ତାରିତ ହେଲା, ସର୍ଜନାର ପ୍ରସଙ୍ଗ ବଦଳିଲା । 'ଛ ମାଣ ଆଠଗୁଣ୍ଠ' (୧୯୦୨) ଉପନ୍ୟାସରେ ଫକୀର ମୋହନ ସାରିଆ, ଭଗିଆ ପରି ସାଧାରଣ ଚାଷୀ, କର୍ମକାରଙ୍କୁ ସାହିତ୍ୟର ମୁଖପାତ୍ର ରୂପେ ନେଲେ ।

ଯେତେବେଳେ ଓଡ଼ିଆ ଭାଷା-ସାହିତ୍ୟ ନୂଆ ରଂଗ ରୂପ ପାଇଲା, ସେତେବେଳେ ତା'ର ଅସ୍ମିତା ଉପରେ ବାହାରୁ ଆକ୍ରମଣ ମଧ୍ୟ ଦେଖିବାକୁ ମିଳିଲା । ତେଣୁ ଓଡ଼ିଶାରେ ଜାତୀୟତା ଆନ୍ଦୋଳନର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଲା , ଭାଷା ଓ ସଂସ୍କୃତିର ସୁରକ୍ଷାପାଇଁ ଉଦ୍ୟମ । ତା' ପାଇଁ ପ୍ରଥମେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଗୋଟାଏ ପ୍ରଦେଶର ଶାସନାଧୀନ କରିବାକୁ ଦାବି କରାଗଲା । ପରବର୍ତ୍ତୀ ସ୍ତରରେ ଭାଷା-ସଂସ୍କୃତି ଭିତ୍ତିରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶପାଇଁ ଆନ୍ଦୋଳନ ହେଲା ।

ଯେଉଁ ସଙ୍କଟଯୋଗୁଁ ଭାଷା ଆନ୍ଦୋଳନର ସୂତ୍ରପାତ ହେଲା, ତା'ର ଏକ ପ୍ରମୁଖ ବିନ୍ଦୁ ଥିଲା କାନ୍ତିଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କ ୧୮୭୨ରେ ପ୍ରକାଶିତ ପୁସ୍ତିକା 'ଉଡ଼ିଆ ଏକ୍‌ଟି ସ୍ୱତନ୍ତ୍ର ଭାଷା ନୟ' । ବାଲେଶ୍ୱରରେ କାର୍ଯ୍ୟରତ ଏହି ବଂଗାଳୀ ଶିକ୍ଷକ ଜଣକ ପୁସ୍ତିକାରେ ଯୁକ୍ତି କରିଥିଲେ ଯେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ବଙ୍ଗଳା ଭାଷାର ଏକ ଉପଭାଷା ମାତ୍ର ! କାନ୍ତିଚନ୍ଦ୍ରଙ୍କ ଯୁକ୍ତିକୁ ତତ୍କାଳୀନ ଅନ୍ୟ ବଙ୍ଗୀୟ ସରକାରୀ କର୍ମଚାରୀ ଓ ବୁଦ୍ଧିଜୀବୀମାନେ ପ୍ରାୟତଃ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ସମର୍ଥନ କରୁଥିଲେ । ସରକାରୀ କର୍ମଚାରୀ ଭାବରେ ତଥା କୋର୍ଟ କଚେରିରେ ଓକିଲ-ସିରସ୍ତାଦାର ଭାବରେ ବଙ୍ଗୀୟମାନଙ୍କର ଓଡ଼ିଶାରେ ବହୁଳତା ରହିଥିଲା । ଓଡ଼ିଶା ପୁଣି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ପ୍ରାଦେଶିକ ଶାସନାଧୀନ ହୋଇଥିଲା । ତେଣୁ, ପୁସ୍ତିକା ପ୍ରକାଶନଯୋଗୁଁ ଓଡ଼ିଶାର ବୁଦ୍ଧିଜୀବୀ ପ୍ରମାଦ ଗଣିଲେ । ସେମାନଙ୍କ ମନରେ ଓଡ଼ିଶାର ଭାଷା-ସଂସ୍କୃତି ଲୋପ ପାଇଯିବାର ଭୟ ସୃଷ୍ଟି ହେଲା । ଏହା ଜାତୀୟତାର ଉନ୍ମେଷକୁ ଓଡ଼ିଶାରେ ତ୍ୱରାନ୍ୱିତ କଲା ।

ଏହି ସଙ୍କଟ ତେଲ୍‌ଗୁ ଅଧ୍ୟୁଷିତ ଦକ୍ଷିଣ ଓଡ଼ିଶାରେ ଏବଂ ହିନ୍ଦୀ ଅଧ୍ୟୁଷିତ ପଶ୍ଚିମ ଓଡ଼ିଶାରେ ମଧ୍ୟ ଦେଖାଗଲା । ଫଳରେ ସମଗ୍ର ଓଡ଼ିଶାରେ ଭାଷା-ସଂସ୍କୃତିର ରକ୍ଷାନିମନ୍ତେ ବୌଦ୍ଧିକ ଆନ୍ଦୋଳନ ତୀବ୍ରତର ହେଲା ।

# ସମ୍ବଲପୁରରେ ଭାଷା ଆନ୍ଦୋଳନ

ପଶ୍ଚିମ ଓଡ଼ିଶାରେ ରହିଥିବା ସମସ୍ତ ଗଡ଼ଜାତ ଏବଂ ଅନ୍ୟ ଅଞ୍ଚଳଗୁଡ଼ିକର ମୁଖ୍ୟାଳୟ ଥିଲା ସମ୍ବଲପୁର । ସେହି ଆଧାରରେ ପଶ୍ଚିମ ଓଡ଼ିଶାକୁ ସମ୍ବଲପୁର ଅଞ୍ଚଳ ବା ଲୌକିକ ସ୍ତରରେ ସମ୍ବଲପୁର ବୋଲି କୁହାଯାଉଥିଲା । ସମ୍ବଲପୁର ଇଂରେଜ ଶାସନର ଆରମ୍ଭରୁ କେନ୍ଦ୍ର ପ୍ରଦେଶରେ ରହିଥିଲା । ଇଂରେଜ ରେସିଡେଣ୍ଟ ସେଠାରେ ପ୍ରଥମେ ସରକାରୀ କାଗଜପତ୍ରରେ ପାର୍ସୀ ଓ ଉର୍ଦ୍ଦୁ ଭାଷାର ବ୍ୟବହାରକୁ ସ୍ୱୀକୃତି ଦେଇଥିଲେ । ୧୮୬୨ରୁ ଓଡ଼ିଆ ଭାଷାର ପ୍ରଚଳନ ହେଲା । କେନ୍ଦ୍ର ପ୍ରଦେଶର ଅନ୍ୟ ଅଂଶରେ ହିନ୍ଦୀ ଓ ସମ୍ବଲପୁରରେ ଓଡ଼ିଆର ପ୍ରଚଳନଯୋଗୁଁ ସରକାର ପ୍ରାଶାସନିକ ଅସୁବିଧାର ସମ୍ମୁଖୀନ ହେଲେ । ଫଳରେ ୧୮୯୫ରେ ପୁଣି ଥରେ ସେଠାରେ ଓଡ଼ିଆ ସ୍ଥାନରେ ହିନ୍ଦୀ ସରକାରୀ ଭାଷା ହେବ ବୋଲି ନିର୍ଦ୍ଦେଶନାମା ଜାରି ହେଲା । ହିନ୍ଦୀକୁ ପ୍ରୋତ୍ସାହନ ଦେବାଲାଗି ସ୍କୁଲ୍‌ରେ ତୃତୀୟ ଶ୍ରେଣୀରୁ ଏହାକୁ ବାଧ୍ୟତାମୂଳକ ବିଷୟ କରିବାଲାଗି ପ୍ରସ୍ତାବ ରହିଲା । ୧୮୯୬ରୁ ପ୍ରସ୍ତାବ କାର୍ଯ୍ୟକାରୀ ମଧ୍ୟ ହେଲା ।

ସରକାରୀ ଆଦେଶନାମାର ପ୍ରତ୍ୟାହାର ଏବଂ ସମ୍ବଲପୁରକୁ ବଂଗ ପ୍ରେସିଡେନ୍‌ସିର ଓଡ଼ିଶା ଡିଭିଜନ ସହ ମିଶ୍ରଣ ଦାବି କରି ସମ୍ବଲପୁରରେ ଆନ୍ଦୋଳନ ଆରମ୍ଭ ହେଲା । ଏହାର ପ୍ରମୁଖ ନେତା ଥିଲେ ଚନ୍ଦ୍ରଶେଖର ବେହେରା ଓ ବୈକୁଣ୍ଠନାଥ ପୂଜାରୀ । ଏହି ଆନ୍ଦୋଳନକୁ ଭାରତୀୟ ଜାତୀୟ କଂଗ୍ରେସର ମଡ଼ରେଟ୍ ବା ନରମପନ୍ଥୀ ରାଜନୀତିର ଏକ ପ୍ରତିଫଳନ ରୂପେ ଦେଖିହେବ । ଅବଶ୍ୟ ସେତେବେଳେ ଓଡ଼ିଶାରେ ଜାତୀୟ କଂଗ୍ରେସର ଶାଖା ସ୍ଥାପିତ ହୋଇ ନଥିଲା । ମାତ୍ର ନରମପନ୍ଥୀ ରାଜନୀତିର ଆଧାରରେ ସ୍ଥାନୀୟ ନେତୃତ୍ୱ ଲୋକ ସମର୍ଥନ ଉପରେ ଗୁରୁତ୍ୱ ଦେଲେ । ଜନଗଣନା ବେଳେ ଲୋକଙ୍କୁ ନିଜ ମାତୃଭାଷା ଓଡ଼ିଆ ବୋଲି ଜଣାଇବାକୁ ବୁଝାଇଲେ । ଯଦିଓ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହର ପରେ ପରେ ଏହି ଆନ୍ଦୋଳନ ସଂଘଟିତ ହୋଇଥିଲା, ନେତୃତ୍ୱ ଦାବି ପୂରଣପାଇଁ ହିଂସାତ୍ମକ ପନ୍ଥା ଆଚରଣ କରି ନ ଥିଲେ । ବରଂ ବାରମ୍ବାର ସଭା ସମିତି ଆୟୋଜନ କରି ତହିଁରେ ନିଜର ଯୁକ୍ତିକୁ ଥୋଇଲେ । ଉଭୟ ପ୍ରଶାସନ ଓ ଲୋକଙ୍କ ଅବଗତି ନିମନ୍ତେ ଓଡ଼ିଆ ଓ ଇଂରାଜୀରେ ପ୍ରଚାରପତ୍ରମାନ ବଣ୍ଟା ହେଲା । ଏହା ବ୍ୟତୀତ ଆନ୍ଦୋଳନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସହର ବାହାରେ ଗାଁଗଣ୍ଡାଗୁଡ଼ିକରେ ମଧ୍ୟ ସଭା ସମିତି ଆୟୋଜିତ ହେଲା । ରାଜନୀତିକ ଦାବିପୂରଣପାଇଁ ଲୋକଙ୍କର ସଂପୃକ୍ତି ଉପରେ ଗୁରୁତ୍ୱ ଦେଇ ସମ୍ବଲପୁରର ସ୍ଥାନୀୟ ନେତୃତ୍ୱ ଏକ ଜାତୀୟ କର୍ତ୍ତବ୍ୟ ନିର୍ବାହ କରିଥିଲେ ।

ସମ୍ବଲପୁରର ଭାଷା ଆନ୍ଦୋଳନର ଅନ୍ୟ କେତୋଟି ବୈଶିଷ୍ଟ୍ୟ ମଧ୍ୟରେ ସରକାରଙ୍କ ପାଖକୁ ସ୍ମାରକ ପତ୍ର ପ୍ରେରଣ କରାଯିବା, ସିମଲାରେ ବଡ଼ଲାଟଙ୍କୁ ଭେଟିବାସକାଶେ 'ଡେଲିଗେସନ୍'ରେ ଯିବା ଏବଂ ଆନ୍ଦୋଳନର ଖର୍ଚ୍ଚ ପୂରଣସକାଶେ ସାଧାରଣ ଲୋକଙ୍କ ପାଖରୁ ପାଣ୍ଠି ସଂଗ୍ରହ କରିବା ହେଲା ଅନ୍ୟତମ । ଏହି ସମୟରେ ଗଙ୍ଗାଧର ମେହେର 'ଭାରତୀ ରୋଦନ' ଏବଂ 'ଉତ୍କଳ ଭାରତୀଙ୍କ ନିବେଦନ' ଶୀର୍ଷକରେ କବିତା ଲେଖି 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶ କରିଥିଲେ । ଏଥିରେ ଇଂରେଜ କମିସନର ଉର୍ଦ୍ଧ୍ୱର୍ତ୍ତଙ୍କଠାରୁ ଆରମ୍ଭ କରି ରାଜନ୍ୟବର୍ଗ ଓ ସାଧାରଣବର୍ଗଙ୍କ

ପାଖରେ ସମ୍ବଲପୁରରୁ ଓଡ଼ିଆର ଉଚ୍ଛେଦ ନିଷ୍ପତ୍ତିକୁ ଉଠାଇନେବା ଲାଗି ନିବେଦନ କରାଯାଇଥିଲା । ଫକୀର ମୋହନ ମଧ୍ୟ 'ଉତ୍କଳ ଭ୍ରମଣଂ'ରେ ଏହି ନିଷ୍ପତ୍ତିକୁ ଯୁକ୍ତିହୀନ ବୋଲି ଦର୍ଶାଇଥିଲେ । ରାଜନୈତିକ ଆନ୍ଦୋଳନର ପ୍ରଚାର ପ୍ରସାର ଦିଗରେ ଜାତୀୟତାବାଦୀ ସାହିତ୍ୟକୁ ମାଧ୍ୟମ ଭାବରେ ବ୍ୟବହାର କରାଯାଇପାରେ ବୋଲି ବୁଦ୍ଧିଜୀବୀ ସିଦ୍ଧ କରିଥିଲେ ।

ଶେଷରେ ୧୯୦୧ରେ ସରକାର ସମ୍ବଲପୁରରେ ଓଡ଼ିଆର ପୁନଃପ୍ରଚଳନ ହେବ ବୋଲି ନିର୍ଦ୍ଦେଶନାମା ଜାରି କଲେ । ୧୯୦୫ରେ ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶ୍ରଣ କରି ଦିଆଗଲା । ଏହା ଫଳରେ ସେଠାରେ ସରକାରୀ ସ୍ତରରେ ଓଡ଼ିଆର ବ୍ୟବହାର ଆଉ ସମସ୍ୟା ସୃଷ୍ଟି କଲା ନାହିଁ । ଭାଷା ଆନ୍ଦୋଳନର ଏହି ସଫଳତାକୁ ସର୍ବଭାରତୀୟ ନେତୃତ୍ୱର ପ୍ରତ୍ୟକ୍ଷ ସଂପୃକ୍ତି ବିନା, ସ୍ଥାନୀୟ ନେତୃତ୍ୱ ହାସଲ କରି ପାରିଥିଲେ । ପୁଣି, ଓଡ଼ିଶା ସ୍ତରରେ ଦେଖିଲେ ଏହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ଦୃଢ଼ ଭିତ୍ତି ପ୍ରଦାନ କଲା । ଆନ୍ଦୋଳନକୁ ସମସ୍ତ ଓଡ଼ିଆ ପତ୍ର-ପତ୍ରିକା ଓ ବୁଦ୍ଧିଜୀବୀବର୍ଗ ସମର୍ଥନ ଜଣାଇଲେ । ଆନ୍ଦୋଳନଯୋଗୁଁ ଅନ୍ତତଃ ବୁଦ୍ଧିଜୀବୀ ସ୍ତରରେ ଏକତା ଆସିଲା । ଫଳସ୍ୱରୂପ, ୧୮୯୬ ମସିହାରେ କଟକ ନିବାସୀ ମଧୁସୂଦନ ଦାସଙ୍କୁ ବଙ୍ଗ ଲାଟ୍‌ସଭା ଲାଗି ପାର୍ଥୀ କରାଯିବ ବୋଲି ସମ୍ବଲପୁରରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା । ଓଡ଼ିଶା ସ୍ତରରେ ଏହି ଏକତା ଜାତୀୟତାର ଉନ୍ମେଷରେ ଖୁବ୍ ସହାୟକ ସିଦ୍ଧ ହେଲା ।

ଭାଷା ଆନ୍ଦୋଳନ ଦକ୍ଷିଣ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା । ଗଂଜାମରୁ ପ୍ରକାଶିତ 'ସ୍ୱଦେଶୀ' (୧୮୭୫) ଏବଂ ପାରଳାଖେମୁଣ୍ଡିରୁ ପ୍ରକାଶିତ 'ଗଞ୍ଜାମ ଓଡ଼ିଆ ହିତବାଦିନୀ' (୧୮୯୯) ଆନ୍ଦୋଳନକୁ ପ୍ରତିନିଧିତ୍ୱ ଦେଇଥିଲେ । ୧୮୮୧ରେ ଭାଷା ସୁରକ୍ଷା ତଥା ଅନ୍ୟାନ୍ୟ ପ୍ରସଙ୍ଗନିମନ୍ତେ ଉତ୍କଳ ହିତବାଦିନୀ ସଭା ଗଠିତ ହୋଇଥିଲା । ୧୮୯୦ ଦଶକରେ ମାଡ୍ରାସ୍ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଗଂଜାମର ସ୍କୁଲ୍‌ମାନଙ୍କରେ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା ହେଲା । ମାତ୍ର ଜାତୀୟତାବାଦୀଙ୍କ ଦାବି ସତ୍ତ୍ୱେ ଗଂଜାମକୁ ଓଡ଼ିଶା ଡିଭିଜନରେ ମିଶ୍ରଣ କରାଗଲା ନାହିଁ । ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ଗଞ୍ଜାମ ମାଡ୍ରାସ୍ ପ୍ରେସିଡେନ୍‌ସିର ଅଂଶ ହୋଇ ରହିଲା ।

ଓଡ଼ିଶା ଡିଭିଜନରେ ଭାଷା ଆନ୍ଦୋଳନ ଅଧିକ ତୀବ୍ର ଆକାର ଧାରଣ କଲା । ଇଂରେଜ ଶାସନ ପୂର୍ବରୁ ଏହି ଅଂଚଳ ଓଡ଼ିଶାର ରାଜନୈତିକ କେନ୍ଦ୍ର ରୂପେ ବିବେଚିତ ହୋଇ ଆସିଥିଲା । ଏଠାରେ ଆଧୁନିକ ଶିକ୍ଷିତ ବର୍ଗର ସଂଖ୍ୟା ଅନ୍ୟ ଓଡ଼ିଆ ଭାଷା-ଭାଷୀ ଅଂଚଳ ଅପେକ୍ଷା ଅଧିକ । ପୁଣି, ଏହି କ୍ଷେତ୍ରଟି ବଂଗ ପ୍ରେସିଡେନ୍‌ସିର ଅଂଶ ହୋଇ ରହିଥିଲା । ଏମିତିରେ କେନ୍ଦ୍ର ପ୍ରଦେଶ ବା ମାଡ୍ରାସ୍ ତୁଳନାରେ ବଙ୍ଗ ଭାଷୀ ଶିକ୍ଷିତ ଓ କର୍ମଚାରୀଙ୍କ ସଂଖ୍ୟା ବେଶୀ । ତେଣୁ ଉପକୂଳ ଅଂଚଳ ନାମରେ ପରିଚିତ ଓଡ଼ିଶା ଡିଭିଜନରେ ସଂଘାତ ଅଧିକ ଓ ଆନ୍ଦୋଳନ ଅଧିକ ବ୍ୟାପକ ମନେହେଲା ।

ଓଡ଼ିଆ ଭାଷା ଓଡ଼ିଶାରେ ଉଚ୍ଛେଦ ହେବାର ଭୟରେ ଫକୀର ମୋହନ କେତେକ ସ୍ଥାନୀୟ ଅମଲାମାନଙ୍କୁ ନେଇ ବାଲେଶ୍ୱରରେ ପ୍ରତିବାଦ ସଭା ଆୟୋଜନ କଲେ ଏବଂ ସରକାରଙ୍କୁ ସ୍ମାରକ

ପତ୍ର ଦେଲେ । ସ୍କୁଲ୍‌ରୁ ଓଡ଼ିଆ ଉଚ୍ଛେଦ ହେବାର ଆଶଙ୍କା ପଛରେ ଆଞ୍ଚଳିକ ଭାଷାରେ ପାଠ୍ୟ ପୁସ୍ତକର ଅଭାବକୁ କାରଣ ବୋଲି କୁହାଯାଇ ପାରେ । ଏହି ଅଭାବକୁ ଦୂର କରିବାପାଇଁ ମଧୁସୂଦନ ରାଓ 'ବର୍ଣ୍ଣବୋଧ' ଓ ଫକୀର ମୋହନ 'ଅଙ୍କମାଳା' ତଥା 'ଭାରତ ଇତିହାସ' ପୁସ୍ତକ ରଚନା କଲେ । ଗଙ୍ଗାଧର ପ୍ରାଥମିକ ଛାତ୍ରମାନଙ୍କ ଆବଶ୍ୟକତାକୁ ଦେଖି କେତୋଟି ହିନ୍ଦୀ କବିତାର ଅନୁବାଦ କଲେ । ଗୌରୀଶଙ୍କର ଓ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ମଧ୍ୟ ସ୍କୁଲ୍ ପାଠ୍ୟ ପୁସ୍ତକ ଲେଖିଲେ। କବି ରାଧାନାଥ ରାୟ ମଧ୍ୟ ଭୂଗୋଳଠାରୁ ଆରମ୍ଭ କରି ଗଣିତ ଯାକେ ପ୍ରତ୍ୟେକ ବିଷୟରେ ପୁସ୍ତକ ଲେଖିଥିଲେ । ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶା ଇତିହାସ' ସ୍କୁଲ୍‌ରେ ବ୍ୟବହାର ହେବା ଉଦ୍ଦେଶ୍ୟରେ ଲେଖା ଯାଇଥିଲା। ଏସବୁ ପ୍ରୟାସ, ମାତୃଭାଷା ଓଡ଼ିଆରେ ପାଠ୍ୟ ପୁସ୍ତକର ଅଭାବଜନିତ ଅସୁବିଧାକୁ ଅନେକ ମାତ୍ରାରେ ଦୂର କରିଥିଲା ।

ଓଡ଼ିଶାର ଭାଷା ଓ ଜାତୀୟତା ଆନ୍ଦୋଳନ ଏଠାକାର ଐତିହ୍ୟ ଓ ପୂର୍ବ ଗୌରବକୁ ନେଇ ଗର୍ବ କରିବାପାଇଁ ଶିକ୍ଷା ଦେଇଥିଲା । ପ୍ୟାରୀମୋହନଙ୍କ 'ଓଡ଼ିଶା ଇତିହାସ', ଫକୀର ମୋହନଙ୍କ 'ଭାରତ ଇତିହାସ' ଏବଂ ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' (ନାଟକ)କୁ ଅନୁଧ୍ୟାନ କଲେ ସ୍ପଷ୍ଟ ହେବ ଯେ, ଓଡ଼ିଶାର ଇତିହାସକୁ ତହିଁରେ ମହିମାମଣ୍ଡିତ କରାଯାଇଛି ଏବଂ ଜାତିକୁ ନେଇ ଗର୍ବ କରିବାକୁ ଲୋକଙ୍କୁ ପ୍ରେରଣା ଦିଆଯାଇଛି । ଓଡ଼ିଶାର ଅତୀତ ଯେହେତୁ ଗୌରବମୟ ସେହି ପ୍ରେରଣାରେ ଅନୁପ୍ରେରିତ ହେଲେ ବର୍ତ୍ତମାନର ଦୁର୍ଦ୍ଦଶାକୁ ଦୂର କରିବା କାଠିକର ପାଠ ହେବ ନାହିଁ ବୋଲି ଜାତୀୟତାବାଦୀମାନେ ମନରେ ଆଶା ବାନ୍ଧିଥିଲେ । ଏହି ପରିପ୍ରେକ୍ଷୀରେ ଫକୀର ମୋହନଙ୍କ 'ଉତ୍କଳ ଭ୍ରମଣ'ର ନିମ୍ନୋକ୍ତ ପଙ୍‌କ୍ତିକୁ ଦେଖାଯାଇପାରେ-

ଭାରତର ସର୍ବଦେଶେ ଏମନ୍ତ ପ୍ରଚାର
ପବିତ୍ର ଉତ୍କଳଭୂମି ଅଟେ ସ୍ୱର୍ଗଦ୍ୱାର ।
ପ୍ରକୃତି ଯେମନ୍ତ ଶୋଭା ଏଠାରେ ମେଳିଛି
ଏମନ୍ତ ସୌନ୍ଦର୍ଯ୍ୟ ରାଶି ଭାରତେ କାହିଁଛି ?

'ମହାଯାତ୍ରା'ରେ କବି ରାଧାନାଥ ରାୟ ଉତ୍କଳର ଗୌରବ ଗାନ କରି ଲେଖିଛନ୍ତି-

ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତା'ର କେଶର ଯେସନ
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ ।
ନିବସନ୍ତି ନାନା ସ୍ଥଳେ ଦେବଦେବୀ ଯେତେ
ଭାରତ, ଭାରତ ଖଣ୍ଡେ ଆସି ଏ ପ୍ରଦେଶେ
ବିହରିବେ ଠାବେ ଠାବେ ନିଜ ରୁଚିମତେ
ଠୁଳ ହେବ ଅବଶେଷେ ପୁଣି ଏ ପୁଳିନେ
ଅଖିଳ-ଭାରତ-ତୀର୍ଥ-ଭ୍ରମଣ ସୁକୃତ
ଲଭିବେ କଳିରେ ଲୋକେ ଏହି ସ୍ଥଳେ ଭ୍ରମି ।

ସେ କାଳର ଅନ୍ୟ ବୁଦ୍ଧିଜୀବୀମାନେ ମଧ୍ୟ ଓଡ଼ିଶାର ଅତୀତକୁ ନେଇ ଗର୍ବ କରିଛନ୍ତି ଏବଂ ଆଧୁନିକତାର ପ୍ରେକ୍ଷାପଟରେ ସେହିଭଳି ଏକ ଆଦର୍ଶ ସମାଜ ଗଢ଼ିବାକୁ ପ୍ରେରଣା ଦେଇଛନ୍ତି । ମଧୁସୂଦନ ଦାସ ନିଜେ କବି ନହେବା ସତ୍ତ୍ୱେ 'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ, ପୂରୁବ ଗୌରବ ପୂରୁବ ମହିମା ପଡିବ କି ତୋର ମନେ' ବୋଲି ଗୀତ ଲେଖିଛନ୍ତି । ଏହିସବୁ ରଚନା ଉପନିବେଶବାଦୀ ସାଂସ୍କୃତିକ କର୍ତ୍ତୃତ୍ୱଯୋଗୁଁ ସ୍ଥାନୀୟ ସମାଜରେ ବିସ୍ତାରିତ ହେଉଥିବା ହୀନମନ୍ୟତାକୁ ଦୂର କରିବାଲାଗି ଉଦ୍ଦିଷ୍ଟ ଥିଲା । ଅତୀତର ଉଦ୍ଧରଣ ଲୋକଙ୍କ ମନରେ ସ୍ୱାଭିମାନ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ଆଶା କରୁଥିଲେ ।

୧୮୮୦ ଦଶକ ଆଡ଼କୁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଜାତୀୟତାବାଦୀ ବୁଦ୍ଧିଜୀବୀଙ୍କ ଉଦ୍ୟମରେ ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକର ସ୍ଥାପନା ହେଲା । ସଂଗଠନଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲେ ବାଲେଶ୍ୱରର 'ନେଶନାଲ୍ ସୋସାଇଟି' (୧୮୭୮), ପାରଳାଖେମୁଣ୍ଡିର 'ଉତ୍କଳ ହିତୈଷିଣୀ ସଭା' (୧୮୮୧) ଓ କଟକର 'ଉତ୍କଳ ସଭା'(୧୮୮୨) । ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ଥାପିତ 'ଉତ୍କଳ ସମ୍ମିଳନୀ'ର ପୂର୍ବସୂରୀ ରୂପେ ଏହି ସଂଗଠନଗୁଡ଼ିକୁ ଦେଖିହେବ । ସେଗୁଡ଼ିକର କାର୍ଯ୍ୟପରିଧି ସ୍ଥାପିତ ସହରଯାକେ ସୀମିତ ଥିଲା; ସଂଖ୍ୟାନ୍ୟୂନ ବୁଦ୍ଧିଜୀବୀଙ୍କୁ ବାଦ ଦେଲେ ସେଗୁଡ଼ିକର କୌଣସି ଜନାଧାର ନଥିଲା । ଏ ସବୁ ସତ୍ତ୍ୱେ ବିଭିନ୍ନ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ସେଠାରେ ଆଲୋଚନା କରାଗଲା ଏବଂ ପତ୍ରିକା ପ୍ରକାଶନକୁ ଏହି ସଂଗଠନଗୁଡ଼ିକ ମହତ୍ତ୍ୱ ଦେଲେ । ଉଦାହରଣ ସ୍ୱରୂପ 'ନେଶନାଲ୍ ସୋସାଇଟି', 'ସଂବାଦ ବାହିକା'ର ପ୍ରକାଶନ ଓ ସଂପାଦନା ତଥା 'ଉତ୍କଳ ସଭା' ସଂସ୍ଥା 'ଉତ୍କଳ ଦୀପିକା'ର ପ୍ରକାଶନ ସହ ସଂପୃକ୍ତ ଥିଲେ । ସଂଗଠନମାନେ ୧୮୮୫ରେ କଂଗ୍ରେସର ସ୍ଥାପନା ପରେ ତା'ର ବାର୍ଷିକ ଅଧିବେଶନକୁ ପ୍ରତିନିଧି ପଠାଇଲେ । ଏହି କ୍ରମରେ ଜାତୀୟ କଂଗ୍ରେସ ଓ ଏହି ସ୍ଥାନୀୟ ସଂଗଠନଗୁଡ଼ିକ ମଧ୍ୟରେ ଯୋଗସୂତ୍ର ରକ୍ଷା ହେଲା । ଅନ୍ୟ ଶବ୍ଦରେ କହିଲେ, ଏହି ସଂଗଠନଗୁଡ଼ିକ ମାଧ୍ୟମରେ ଓଡ଼ିଶା ଓ ବାହାରର ଜାତୀୟତାବାଦୀଙ୍କ ମଧ୍ୟରେ ସଂପର୍କର ସୂତ୍ର ଗଠନ ହେଲା । ଫଳରେ, ଓଡ଼ିଶା ପ୍ରସଙ୍ଗ କଂଗ୍ରେସ ମଞ୍ଚରେ ଏବଂ କଂଗ୍ରେସ ବା ଜାତୀୟ ପ୍ରସଙ୍ଗ ଓଡ଼ିଶା ସ୍ତରରେ ଆଲୋଚିତ ହେଲା । ଏହି ପରିପ୍ରେକ୍ଷୀରେ ଦେଖିଲେ, ଏକ ବ୍ୟାପକ ଜାତୀୟ ଆନ୍ଦୋଳନ ଗଠନରେ ଉତ୍କଳୀୟ ବୁଦ୍ଧିଜୀବୀର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଉତ୍ଥାପିତ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଦାରିଦ୍ର୍ୟ ଥିଲା ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ । ବୁଦ୍ଧିଜୀବୀ ଦୃଷ୍ଟିରେ, ଦାରିଦ୍ର୍ୟର କାରଣ ହେଲା କରବୃଦ୍ଧି, ସ୍ଥାନୀୟ ଶିଳ୍ପ ଯଥା ଲୁଣ ପ୍ରୋକ୍ଷାନ ତଥା ଜାହାଜ ନିର୍ମାଣର ବିଲୋପ ଏବଂ ତଳିଆ କର୍ମଚାରୀଙ୍କ ନିମ୍ନ ବେତନ ଇତ୍ୟାଦି । ଦାରିଦ୍ର୍ୟଯୋଗୁଁ ଲୋକ ମାତୃଭାଷାରେ ଲିଖିତ ପୁସ୍ତକଟିଏ ମଧ୍ୟ କିଣି ପାରୁନାହାନ୍ତି ବୋଲି ୧୯୧୩ରେ ଫକୀର ମୋହନ ଲେଖିଥିଲେ । 'ଓଡ଼ିଆ ଓ ନବସମ୍ବାଦ' ୧୮୯୫ରେ ଲେଖିଲା ଯେ, ବାଲେଶ୍ୱର ବଜାରରେ ଲୁଣର କାଟ୍ତି ଊଣା ହେବା ପଛରେ ବଡ଼ କାରଣ ହେଲା ଦରିଦ୍ର୍ୟ । ଗରିବୀଯୋଗୁଁ ଲୋକ ଭୋଜି ଆଦିରେ ହାତଖୋଲି ଖର୍ଚ୍ଚ କରି ପାରୁ ନାହାନ୍ତି । ଏଭଳିକି ସେମାନଙ୍କୁ ସାଧାରଣ ଖାଇବା ମଧ୍ୟ ଜୁଟୁ ନାହିଁ ।

ଫଳରେ ଲୁଣର ବ୍ୟବହାର କମି କମି ଯାଉଛି । ୧୮୮୬ରେ 'ସେବକ' ମତବ୍ୟକ୍ତ କରିଥିଲା ଯେ, ବ୍ରିଟିଶ ସରକାର ଅଧୀନରେ ଲୋକଙ୍କର ଆର୍ଥିକ ପ୍ରଗତି ହେବାରେ କୌଣସି ପ୍ରମାଣ ମିଳୁ ନାହିଁ । ତୀର୍ଥଯାତ୍ରୀ କରବୃଦ୍ଧିର ତୀବ୍ର ସମାଲୋଚନା କରି 'ଉତ୍କଳ ଦୀପିକା' ୧୮୬୮ରେ ଲେଖିଥିଲା ଯେ, ସବୁ ତୀର୍ଥଯାତ୍ରୀଙ୍କୁ ଧନିକ ଶ୍ରେଣୀର ବୋଲି ଧରି ନିଆଯାଇ ନପାରେ । ପୁଣି, ଯାତ୍ରାଜନିତ ସେମାନଙ୍କ ଦୁଃଖକଷ୍ଟ ଏମିତିରେ ବି କିଛି କମ୍ ନୁହେଁ । ଏହି ସ୍ଥିତିରେ ତାଙ୍କଠାରୁ ଅଧିକ କର ଅସୁଲ କରାଯିବା ଉଚିତ ନୁହେଁ । ଲୁଣ ପ୍ରୋକ୍ତାନ ବନ୍ଦ ହେବା ପରେ ଯେତେ ସଂଖ୍ୟାରେ ଲୋକ ଅନ୍ନ ସଂସ୍ଥାନର ପନ୍ଥା ହରାଇଲେ, ତାକୁ ଉଲ୍ଲେଖ କରି 'ଉତ୍କଳ ଦୀପିକା' ଲେଖିଥିଲା, ଲୁଣ ଟିକକପାଇଁ ଇଂଲଣ୍ଡର ଲିଭରପୁଲ ଉପରେ ଆଶ୍ରିତ ହେବା ସତେ କେତେ ପରିତାପର କଥା ! ଯା'ଠାରୁ ଭାରତର ଅଧିକ ଦୁର୍ଯୋଗ ଆଉ କ'ଣ ହୋଇପାରେ ? 'ସଂସ୍କାରକ'ର ଭାଷାରେ ଲୋକଙ୍କ ପ୍ରତି ସମ୍ବେଦନଶୀଳ କୌଣସି ପ୍ରଶାସନ ଲୋକଙ୍କୁ ଏଭଳି ଭାବରେ ରୋଜଗାରଶୂନ୍ୟ କରିବେ ନାହିଁ । ବୁଦ୍ଧିଜୀବୀଙ୍କ ଅଭିଯୋଗ ଯେ, ସ୍ଥାନୀୟ ଲବଣ ଶିଳ୍ପର ବିଲୋପ ପରେ କାମ ହରାଇଥିବା ଲୋକଙ୍କୁ ଲିଭରପୁଲରୁ ଲବଣ ଆମଦାନୀ କାମରେ ନିଯୁକ୍ତ କରାଯାଇ ପାରିବ ନାହିଁ ।

କେବଳ ଲବଣ ପ୍ରସଙ୍ଗ ନୁହେଁ, ପ୍ରତିରକ୍ଷାରେ ଅଧିକ ଖର୍ଚ୍ଚ, ଭାଇସରାୟ ଓ ତାଙ୍କ କାର୍ଯ୍ୟପାଳିକା ସଭ୍ୟଙ୍କୁ ଅଧିକ ଦରମା ଏବଂ ଲୋକଙ୍କ ଉପରେ ଋଣଭାର ବୃଦ୍ଧିକୁ ନେଇ ମଧ୍ୟ ବୁଦ୍ଧିଜୀବୀ ପତ୍ର-ପତ୍ରିକା ମାଧ୍ୟମରେ ସେ ସମୟରେ ନିରନ୍ତର କ୍ଷୋଭ ପ୍ରକାଶ କରିଥିଲେ ଏବଂ ଭାରତର ସ୍ୱାର୍ଥ ବଦଳରେ ଇଂଲଣ୍ଡର ସ୍ୱାର୍ଥକୁ ଇଂରେଜ ସରକାର ପ୍ରମୁଖତା ଦିଅନ୍ତି ବୋଲି ଅଭିଯୋଗ କରୁଥିଲେ । ଠିକ୍ ସେହିଭଳି, ୧୮୭୮ରେ ଯେତେବେଳେ 'ଆର୍ମସ୍ ଏକ୍ଟ' କାର୍ଯ୍ୟକାରୀ ହେଲା, ତାର ବିରୋଧ କରି କୁହାଗଲା, ଏହାଦ୍ୱାରା ଲୋକେ ଅଧିକ ଅସୁରକ୍ଷିତ ହେବେ । 'ସେବକ' ପତ୍ରିକା ମତ ଦେଲା, ଯଦି ଏହି ଆଇନକୁ ପ୍ରତ୍ୟାହାର କରିନିଆ ନଯାଏ, ଲୋକଙ୍କଠାରେ ସରକାରଙ୍କର ଆସ୍ଥା ନାହିଁ ବୋଲି ବୁଝାଯିବ । ପରିଣାମତଃ ଲୋକଙ୍କର ମଧ୍ୟ ସରକାରଙ୍କଠାରୁ ଆସ୍ଥା ତୁଟିଯିବ ।

ଏହି ସମୟରେ ବୁଦ୍ଧିଜୀବୀ ଇଂରେଜ ସରକାର ଉପରେ ଆସ୍ଥା ରଖିଥିଲେ । ଏଥିସହିତ ଆସ୍ଥା ହରାଇବାର ପ୍ରକ୍ରିୟା ମଧ୍ୟ କିଛି ମାତ୍ରାରେ ଆରମ୍ଭ ହୋଇଯାଇଥିଲା । ବାସ୍ତବିକତା ଆଧାରରେ ସରକାର ଯାହିଁ ଯେଉଁଠି ଭୁଲ କରୁଥିଲେ, ତାର ବିରୋଧ କରିବାକୁ ସେମାନେ ପଛାଉ ନଥିଲେ । ନରମପନ୍ଥୀ ରାଜନୀତିକୁ ଏହା ଖୁବ ସୁହାଉଥିଲା, କାରଣ ଜାତୀୟତାର ଉନ୍ମେଷ କାଳରେ ସରକାର ପ୍ରତି ଅତି କଠୋର ଆଚରଣ କରିବା ସମ୍ଭବ ନଥିଲା । ଦ୍ୱିତୀୟତଃ, ପତ୍ରପତ୍ରିକାରେ ବୁଦ୍ଧିଜୀବୀର ମତ-ବିମତ ପ୍ରକାଶ ପାଇବାଦ୍ୱାରା ଜନସଚେତନତା ବୃଦ୍ଧି ପାଉଥିଲା । ରାଜନୀତିକୁ ଗଣାଭିମୁଖୀ କରିବା ଦିଗରେ ପ୍ରତିବେଦନ ପ୍ରେରଣ, ଭାଷଣ, ଲେଖା, ସଭା, ସମିତି ଆୟୋଜନ ଆଦି ଖୁବ୍ ଉପଯୋଗୀ ସିଦ୍ଧ ହେଲା ।

ଓଡ଼ିଶାର ବୁଦ୍ଧିଜୀବୀ ଯେତେବେଳେ ବାହାରର ବୁଦ୍ଧିଜୀବୀଙ୍କ ସାଙ୍ଗରେ ଜାତୀୟ କଂଗ୍ରେସ ଆଦି ବିଭିନ୍ନ ମଞ୍ଚରେ ଏକତ୍ରିତ ହେଲେ; ଭାରତ ବିଷୟକ ସମସ୍ୟାଗୁଡ଼ିକ ସଂପର୍କରେ ପତ୍ରିକା

ମାଧ୍ୟମରେ ମତବ୍ୟକ୍ତ କରି ଜାତୀୟତା କାର୍ଯ୍ୟକୁ ଆଗକୁ ନେବାକୁ ଉଦ୍ୟମ କରୁଥିଲେ । ଠିକ୍ ସେହି ସମୟରେ ୧୯୦୩ ଡିସେମ୍ବର ୩୦ ଏବଂ ୩୧ ତାରିଖରେ ଜାତୀୟ କଂଗ୍ରେସର ପ୍ରତିଯୋଗୀ ସଂଗଠନ ଭଳି ପ୍ରତୀୟମାନ ହେଉଥିବା ଏକ ଅନୁଷ୍ଠାନ 'ଉତ୍କଳ ସମ୍ମିଳନୀ' କଟକଠାରେ ସ୍ଥାପିତ ହେଲା । ଠିକ୍ ଏହି ସମୟରେ ମାଡ୍ରାସଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ଚାଲିଥିଲା ଏବଂ ସରକାର ପ୍ରତି କଂଗ୍ରେସ ନେତୃତ୍ୱ ପୂର୍ବାପେକ୍ଷା ଅଧିକ କଠୋର ମନୋଭାବ ପ୍ରକାଶ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ ।ଅନ୍ୟପକ୍ଷରେ, 'ଉତ୍କଳ ସମ୍ମିଳନୀ' ସ୍ଥିର କଲା ଯେ, ଓଡ଼ିଶାର ଆଞ୍ଚଳିକ ସ୍ୱାର୍ଥକୁ ସମ୍ମିଳନୀ ପ୍ରମୁଖତା ଦେବ ଏବଂ 'ରାଜନୀତି' ଅର୍ଥାତ କଂଗ୍ରେସ ରାଜନୀତିରୁ ଦୂରରେ ରହିବ । ଅନ୍ୟ ଶବ୍ଦରେ କହିଲେ, ବିଂଶ ଶତାବ୍ଦୀର ଆରମ୍ଭରେ ଯେତେବେଳେ ରାଷ୍ଟ୍ର ସ୍ତରରେ ଜାତୀୟତା ଆନ୍ଦୋଳନ ଏକ ଠୋସ ସ୍ୱରୂପ ନେବା ଆରମ୍ଭ କଲା ଏବଂ ତା'ର ପ୍ରମାଣ ସ୍ୱରୂପ ସରକାର ପ୍ରତି ଜାତୀୟ କଂଗ୍ରେସର ବିରୋଧତା ବୃଦ୍ଧି ପାଇଲା, ଠିକ ସେତେବେଳେ 'ଉତ୍କଳ ସମ୍ମିଳନୀ' ନାଁରେ ଓଡ଼ିଶାର ବୁଦ୍ଧିଜୀବୀ ଏକ ସ୍ୱତନ୍ତ୍ର ସଂଗଠନ ଆରମ୍ଭ କଲେ ଏବଂ 'ରାଜନୀତି'ରୁ ଏହା ଦୂରରେ ରହିବ ବୋଲି ନିଷ୍ପତ୍ତି ନେଲେ, ଯାହାର ପ୍ରକୃତ ଅର୍ଥ ହେଲା ଜାତୀୟ କଂଗ୍ରେସଠାରୁ ଦୂରେଇ ଯାଇ ବ୍ରିଟିଶ ସରକାରର ନିକଟତର ହେବା । ମନେହେଲା, ଯେମିତି ବ୍ରିଟିଶ ଆନୁଗତ୍ୟ ଏବଂ କଂଗ୍ରେସ ରାଜନୀତି ମଧ୍ୟରେ ଉତ୍କଳୀୟ ବୁଦ୍ଧିଜୀବୀ ପ୍ରଥମଟିକୁ ବାଛିନେଇ ଦ୍ୱିତୀୟଟିକୁ ଦୂରେଇ ଦେଲେ । ପ୍ରଥମ 'ଉତ୍କଳ ସମ୍ମିଳନୀ'ରେ ସମଗ୍ର ଓଡ଼ିଆ ଭାଷା-ଭାଷୀ ଅଞ୍ଚଳରୁ ପ୍ରାୟ ୩୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସଭାପତିତ୍ୱ କରିଥିଲେ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଏବଂ ସମ୍ମିଳନୀର ସଫଳତା କାମନା କରି ବାର୍ତ୍ତା ପଠାଇଥିଲେ ଓଡ଼ିଶା ଡିଭିଜନର ଚିଫ୍ କମିସନର କେ.ଜି. ଗୁପ୍ତା । ସରକାରୀ କର୍ମଚାରୀମାନଙ୍କୁ ସମ୍ମିଳନୀରେ ଯୋଗଦେବାକୁ କାଳେ ସରକାର ବାସନ୍ଦ କରିବେ, ସେହି ଆଶଙ୍କାରେ ପାରିତ ହେବାକୁ ଥିବା ପ୍ରସ୍ତାବଗୁଡ଼ିକୁ ମଧ୍ୟ ସରକାରଙ୍କୁ ଆଗରୁ ଦେଖାଇ ଦିଆଯାଇଥିଲା, ଯାହାର ଅର୍ଥ ହେବ ସରକାରଙ୍କ ଅନୁମତି ନେଇ ପ୍ରସ୍ତାବ ପାସ କରାଯାଇଥିଲା । ୧୮୮୫ରେ ଜାତୀୟ କଂଗ୍ରେସର ଗଠନ ବେଳେ ସରକାର ପ୍ରତି ନେତୃବୃନ୍ଦ ଯେଉଁ ଆନୁଗତ୍ୟ ଦେଖାଇଥିଲେ, ୧୯୦୩ରେ 'ଉତ୍କଳ ସମ୍ମିଳନୀ'ର ଗଠନ ବେଳେ ଉତ୍କଳୀୟ ନେତୃତ୍ୱ ସେହି ଭାବ ପ୍ରଦର୍ଶନ କଲେ । ଏହି ଆଧାରରେ ମନେ ହୋଇପାରେ ଯେ, ଓଡ଼ିଶା ଅନ୍ତତଃ ଜାତୀୟତା ପ୍ରଶ୍ନରେ ଦେଶର ଅନ୍ୟମାନଙ୍କଠାରୁ ଦୁଇ ଦଶନ୍ଧି ପ୍ରାୟ ପଛରେ ଗଲା ! ଏହି ଆଧାରରେ ଏକଥା ବି ମନେ ହୋଇପାରେ ଯେ ଜାତୀୟ କଂଗ୍ରେସର ବିରୋଧ କରିବାସକାଶେ ହୁଏତ ଉତ୍କଳ ସମ୍ମିଳନୀର ଗଠନ କରାଯାଇଥିଲା । ଅର୍ଥାତ ଜାତୀୟ ସ୍ୱାର୍ଥ ଏବଂ ପ୍ରାଦେଶିକ ସ୍ୱାର୍ଥ ମଧ୍ୟରେ ପରିପୂରକତା ସମ୍ଭବ ନୁହେଁ । ମାତ୍ର ପ୍ରକୃତରେ ଦେଖିଲେ ଏହା ସତ ନୁହେଁ । ଜାତୀୟ କଂଗ୍ରେସର ପ୍ରତଯୋଗୀ ବା ବିରୋଧୀ ସଂଗଠନ ଭାବରେ ଉତ୍କଳ ସମ୍ମଳନୀକୁ ଦେଖିହେବ ନାହିଁ । ଯଦିଓ କେତୋଟି ପ୍ରସଙ୍ଗକୁ ନେଇ ଉଭୟ ବିଚାରଧାରା ମଧ୍ୟରେ ମତ ପାର୍ଥକ୍ୟ ରହିଥିଲା, ତଥାପି କଂଗ୍ରେସର ଏକ ସହଯୋଗୀ ଭାବରେ ଏବଂ ଜାତୀୟତା ସଂଗ୍ରାମର ଏକ ଅଭିନ୍ନ ଅଂଶ ରୂପେ ହିଁ 'ଉତ୍କଳ ସମ୍ମଳନୀ'କୁ ଦେଖିହେବ । ପ୍ରକୃତରେ

ଦେଖିଲେ, ଉଭୟ ସଂଗଠନ ମଧ୍ୟରେ ରହିଥିବା ସମ୍ବନ୍ଧର ଜଟିଳତାକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା ନକରିବା ଯାଏ ପ୍ରସଙ୍ଗଟିକୁ ବୁଝିବା ସହଜ ନୁହଁ ।

ଏହା ପୂର୍ବରୁ ଉଲ୍ଲିଖିତ ଯେ, ଜାତୀୟ କଂଗ୍ରେସର ପ୍ରତିଷ୍ଠା ପରଠାରୁ ଓଡ଼ିଶାର ବିଭିନ୍ନ ସାମାଜିକ ସଂଗଠନ, ଯଥା- ଉତ୍କଳ ସଭା ଆଦି କଂଗ୍ରେସର ବାର୍ଷିକ ଅଧିବେଶନକୁ ପ୍ରତିନିଧି ପଠାଉଥିଲେ । ଓଡ଼ିଶାର ପତ୍ରପତ୍ରିକାରେ ମଧ୍ୟ ୧୮୭୮ର 'ଆର୍ମସ ଏକ୍ଟ', ଭାଇସରାୟଙ୍କ ଦରମା ଆଦି ପ୍ରସଙ୍ଗକୁ ନେଇ ଜାତୀୟତାଭିତ୍ତିକ ମତାମତ ପ୍ରକାଶ ପାଉଥିଲା । ତା' ସତ୍ତ୍ୱେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଭଳି ଆଞ୍ଚଳିକ ପ୍ରଶ୍ନର ଆଲୋଚନାନିମିତ୍ତ ଏକ ଆଞ୍ଚଳିକ ସଂଗଠନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ବର୍ଗ ଅନୁଭବ କରୁଥିଲେ । ଏକତ୍ରୀକରଣ ପ୍ରଶ୍ନକୁ ନେଇ ଅଞ୍ଚଳ - ଅଞ୍ଚଳ ମଧ୍ୟରେ ମତୈକ୍ୟ ନ ଥିବାରୁ କଂଗ୍ରେସରେ ତାହା ଆଲୋଚିତ ହୋଇ ପାରୁ ନଥିଲା । ଆରମ୍ଭରେ ଜାତୀୟ କଂଗ୍ରେସ ସ୍ଥିର କରିଥିଲା ଯେ, ଯେଉଁ ପ୍ରସଙ୍ଗକୁ ନେଇ ଆପୋଷ ମତପାର୍ଥକ୍ୟ ରହିଛି, ସେହି ପ୍ରସଙ୍ଗକୁ ଜାତୀୟ କଂଗ୍ରେସର ଆଲୋଚନା ପରିସରକୁ ଅଣାଯିବ ନାହିଁ । ସେ ପ୍ରଶ୍ନ ପ୍ରଥମେ ଅନ୍ୟ ମଞ୍ଚରେ ଆଲୋଚିତ ହେବ । ଏହି ଆଧାରରେ ମଧୁସୂଦନ ଦାସ ବା ମଧୁବାବୁ ବଙ୍ଗୀୟ ନେତା ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହ ଆଲୋଚନା କରି ଏକ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ସ୍ଥାପନ କରିବାକୁ ମନସ୍ଥ କରିଥିଲେ । ଆଶା ଥିଲା, ତହିଁରେ ଆଞ୍ଚଳିକ ପ୍ରସଙ୍ଗ ଆଲୋଚିତ ହେବ । ୧୮୮୮ରେ ଉତ୍କଳ ସଭା ଏହି ପ୍ରସ୍ତାବକୁ ସ୍ୱାଗତ କରିଥିଲା । ଯଦି ଜାତୀୟ କଂଗ୍ରେସ ରାଷ୍ଟ୍ରୀୟ ସ୍ତରର ପ୍ରସଙ୍ଗକୁ ଆଲୋଚନା କରିବ, ତାହାହେଲେ ବଙ୍ଗ ପ୍ରାଦେଶିକ ସମ୍ମିଳନୀରେ ପ୍ରାଦେଶିକ ସ୍ତରର ସମସ୍ୟାର ବିଚାର ଆଲୋଚନା ହେବ । ଅର୍ଥାତ ଉଭୟ ସଂଗଠନ ପରସ୍ପରକୁ ସହଯୋଗ କରିବେ । ୧୮୮୮ରେ ସମ୍ମିଳନୀର ପ୍ରଥମ ଅଧିବେଶନ ମଧ୍ୟ ଆୟୋଜିତ ହେଲା, କିନ୍ତୁ ତହିଁରେ ବଙ୍ଗ ପ୍ରଦେଶସ୍ଥ ଓଡ଼ିଶା ଡିଭିଜନ ବାହାରେ ରହିଥିବା ଓଡ଼ିଆ ଭାଷା-ଭାଷୀ ଲୋକ (ଯଥା ସମ୍ବଲପୁର ଓ ଗଞ୍ଜାମର) ଯୋଗ ଦେବାକୁ ଡକା ହୋଇ ପାରିଲେ ନାହିଁ । କାରଣ ସେମାନେ ଔପଚାରିକ ଭାବରେ ବଙ୍ଗ ପ୍ରଦେଶର ନୁହନ୍ତି, ଯଦିଓ ଓଡ଼ିଆ ଭାଷା-ଭାଷୀ । ଫଳରେ ଏହି ପ୍ରାଦେଶିକ ସମ୍ମିଳନୀ , ଓଡ଼ିଆ ଭାଷା-ଭାଷୀ ସମସ୍ୟାର ଆଲୋଚନାପାଇଁ ଉପଯୁକ୍ତ ମଞ୍ଚ ପ୍ରମାଣିତ ହେଲା ନାହିଁ । ଏହା କ'ଣ ଏକ ବିଡ଼ମ୍ବନା ନୁହେଁ ଯେ ଓଡ଼ିଶା ପ୍ରସଙ୍ଗ ଆଲୋଚନାପାଇଁ ଉଦ୍ଦିଷ୍ଟ ସଭାରେ ଗଞ୍ଜାମ ଓ ସମ୍ବଲପୁରବାସୀ ଓଡ଼ିଆ ଭାଗନେଇ ପାରିବେ ନାହିଁ ? ଏହା ଉତ୍ତାରୁ କେବଳ ଓଡ଼ିଶା ସ୍ତରରେ ଏକ ଆଞ୍ଚଳିକ ସମ୍ମିଳନୀର ଆବଶ୍ୟକତା ଅନୁଭୂତ ହେଲା ।

ମତ ପାର୍ଥକ୍ୟର ଅନ୍ୟ ଏକ କାରଣ ହେଲା ଯେ, ୧୯୦୩ରେ ସରକାର ସମସ୍ତ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳକୁ, ମାଡ୍ରାସ ତଥା କେନ୍ଦ୍ର ପ୍ରଦେଶରୁ ଆଣି ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ଏକତ୍ରୀକରଣ କରିବାକୁ ପ୍ରସ୍ତାବ ଦେଲେ । ଓଡ଼ିଶାର ବୁଦ୍ଧିଜୀବୀ ସରକାରଙ୍କର ଏହି ପ୍ରସ୍ତାବକୁ ସ୍ୱାଗତ କଲାବେଳେ, କଂଗ୍ରେସର ମାଡ୍ରାସ ଅଧିବେଶନରେ ତାକୁ ଅଗ୍ରାହ୍ୟ କରାଗଲା, କାରଣ ଏପରି ବିଭକ୍ତୀକରଣଦ୍ୱାରା ପ୍ରଦେଶଗୁଡ଼ିକର ଭିତ୍ତି ରହିବ ନାହିଁ । ମାଡ୍ରାସ କଂଗ୍ରେସ ଅଧିବେଶନରେ

ଓଡ଼ିଶାର ପାଞ୍ଚଜଣ ପ୍ରତିନିଧି ଉପସ୍ଥିତ ଥିଲେ । ସେମାନେ ସ୍ଥିର ନିଶ୍ଚିତ ହେଲେ ଯେ, ଆଞ୍ଚଳିକ ପ୍ରସଙ୍ଗପାଇଁ ଓଡ଼ିଶା ସ୍ତରରେ ସଙ୍ଗଠନ ଗଠନ କରାଯିବା ଉଚିତ । କଂଗ୍ରେସର ବିରୋଧୀ ଭାବରେ ନୁହେଁ, ମାତ୍ର ଏକ ଭିନ୍ନ ମଞ୍ଚର ଆବଶ୍ୟକତା ସେମାନେ ତୀବ୍ର ଭାବରେ ଅନୁଭବ କଲେ ।

ବଡ଼ କଥା ହେଲା ଯେ, ୧୯୦୩ରେ ଉତ୍କଳ ସମ୍ମିଳନୀର ଗଠନ ପରେ କଂଗ୍ରେସ ସହ ଓଡ଼ିଶା ବୁଦ୍ଧିଜୀବୀଙ୍କ ସଂପର୍କ ତୁଟିଯାଇ ନଥିଲା । ଏପରିକି 'ଉତ୍କଳ ସମ୍ମିଳନୀ'ର ଅଣ-ଆନୁଷ୍ଠାନିକ ମୁଖପତ୍ର ଭଳି କାମ କରୁଥିବା 'ଉତ୍କଳ ଦୀପିକା' କଂଗ୍ରେସର ମାଡ୍ରାସ ଅଧିବେଶନ ସଂପର୍କରେ ମନ୍ତବ୍ୟ ଦେଇ ଲେଖିଥିଲା ଯେ, ଦିନୁଦିନ କଂଗ୍ରେସ ଆନ୍ଦୋଳନ ଦୃଢ଼ରୁ ଦୃଢ଼ତର ହେଉଛି । କଂଗ୍ରେସର ବିରୋଧ କରି 'ଉତ୍କଳ ଦୀପିକା' କୌଣସି ମନ୍ତବ୍ୟ ଦେଇନଥିଲା । ଉତ୍କଳ ସମ୍ମିଳନୀରେ ମଧ୍ୟ କଂଗ୍ରେସ ବିରୁଦ୍ଧରେ କଦାଚିତ୍ ପ୍ରସ୍ତାବ ପାସ୍ ହୋଇ ନାହିଁ ! ଉତ୍କଳ ସମ୍ମିଳନୀର ସ୍ୱାଗତ ସଂଗୀତର ନାଁ ଥିଲା 'ଭାରତ ଗୀତିକା' । ରାଧାନାଥ ରାୟଙ୍କଦ୍ୱାରା ଲିଖିତ ଏହି ସଂଗୀତରେ 'ସର୍ବେଷାଂ ନୋ ଜନନୀ ଭାରତ' ଅର୍ଥାତ ଭାରତ ଆମ ସମସ୍ତଙ୍କର ମା' ବୋଲି କୁହାଯାଇଥିଲା । ୧୯୦୭ରେ ନିଜେ ମଧୁସୂଦନ ଦାସ, ୧୯୦୬ର କଲିକତା କଂଗ୍ରେସରେ ଯୋଗ ଦେଇଥିବା ଓଡ଼ିଶା ପ୍ରତିନିଧିଙ୍କ ସମ୍ମାନାର୍ଥେ ଏକ ସ୍ୱାଗତ ସଭାର ଆୟୋଜନ କରି ଅଧିବେଶନକୁ ଏଯାଏ ଆୟୋଜିତ ସର୍ବ ବୃହତ ସମ୍ମିଳନୀ ବୋଲି ଉଲ୍ଲେଖ କରିଥିଲେ । ୧୮୮୬ ଓ ୧୯୧୨ ମଧ୍ୟରେ ସେ ୧୭ ଥର କଂଗ୍ରେସର ବାର୍ଷିକ ଅଧିବେଶନରେ ଯୋଗ ଦେଇଥିଲେ । ଏହା ମଧୁସୂଦନ ଦାସଙ୍କ ଜାତୀୟ କଂଗ୍ରେସ ପ୍ରୀତିକୁ ସୁସ୍ପଷ୍ଟ କରେ । ଭାରତର ମହିମା ଗାନ କରି ସେ ଲେଖିଥିଲେଃ

ଏ ଭାରତ ଭୂମି ଆମ୍ଭର ଜନନୀ
　　　　ପୁଣ୍ୟଭୂମି ନାହିଁ ସରି ଏହାର
ଅମୂଲ୍ୟ ଦୁର୍ଲ୍ଲଭ ରତନର ଖଣି
　　　　ସବୁ ଦେଶ ମଧ୍ୟେ ଏ ଦେଶ ସାର ।

ଠିକ୍ ସେହିଭଳି ମଧୁସୂଦନ ରାଓ 'ଜନ୍ମଭୂମି' କବିତାରେ କହିଥିଲେଃ

ତୁହି ମା ଜନମ ଭୂମି ପବିତ୍ର ଭାରତ ଭୂମି
ତୋହରି ସନ୍ତାନ ଆମ୍ଭେ ଅଟୁ ସରବେ ।

ଫକୀର ମୋହନ ଭାରତ ଓ ତା'ର କ୍ଷେତ୍ରଗୁଡ଼ିକ ମଧ୍ୟରେ ଥିବା ନିବିଡ଼ ସମ୍ବନ୍ଧକୁ ବ୍ୟାଖ୍ୟା କରି ଏକ ନିବନ୍ଧରେ ଭାରତକୁ ଏକ ତାନପୁରା ଯନ୍ତ୍ର ଏବଂ ଅଞ୍ଚଳଗୁଡ଼ିକୁ ତାନପୁରାର ପିତ୍ତଳ ତାର ସହ ତୁଳନା କରିଥିଲେ । ପ୍ରତ୍ୟେକ ପିତ୍ତଳ ତାରର ସ୍ୱତନ୍ତ୍ର ଧ୍ୱନି ଏବଂ ସମସ୍ତେ ମିଶିଲେ ଯାଇ ତାନପୁରା ଯନ୍ତ୍ର । ତନ୍ମଧ୍ୟରୁ କୌଣସିଟି ବାଧାପ୍ରାପ୍ତ ହେଲେ ଯନ୍ତ୍ରଟି ନିଜର ସୁମଧୁରତା ହରାଏ । ଏହିଭଳି ଅନେକ ଉଦାହରଣ ମିଳିବ, ଯେଉଁଥିରୁ ସିଦ୍ଧ ହୁଏ ଯେ ଓଡ଼ିଶାର ଜାତୀୟତାବାଦୀମାନେ ରାଷ୍ଟ୍ରୀୟତାର ବିରୋଧ କରିନାହାନ୍ତି, ବରଂ ଓଡ଼ିଶାର ଜାତୀୟତାକୁ ଭାରତୀୟତାର ଏକ ଅଭିନ୍ନ

ଅଙ୍ଗ ବୋଲି ବିଚାର କରିଛନ୍ତି । 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ କର୍ତ୍ତା ମଧୁସୂଦନ ଦାସ ଏ ସମ୍ବନ୍ଧରେ ଯାହା କହିଛନ୍ତି, ତାହା ବେଶ ପ୍ରଣିଧାନଯୋଗ୍ୟ:

'ଉତ୍କଳ ଜନନୀ' ଭାରତ ଜନନୀଙ୍କର ସପତ୍ନୀ କିମ୍ବା ଶତ୍ରୁ ନୁହନ୍ତି । ଭାରତ ଜନନୀଙ୍କର ପାଞ୍ଚ ଛଅ ଗୋଟି ପୁତ୍ର । ଭିନ୍ନ ଭିନ୍ନ ଶିଶୁଙ୍କପାଇଁ ବିଭିନ୍ନ ପ୍ରକାର ପରିଚର୍ଯ୍ୟା ଆବଶ୍ୟକ । ... ଯେଉଁ ମଧୁମୟୀ ମୂର୍ତ୍ତି ରୂପରେ ଜନନୀ ଶିଶୁକୁ ସ୍ତନ୍ୟପାନ କରାନ୍ତି, ଉତ୍କଳ ଜନନୀ ଆଜି ସେହି ସ୍ନେହମୟୀ ମୂର୍ତ୍ତିରେ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅଛନ୍ତି । ଏହି ମୂର୍ତ୍ତି ଭାରତମାତାଙ୍କର ଗୋଟିଏ ମୂର୍ତ୍ତି ବିଶେଷ । ଏହି ରୂପଟି ଭାରତମାତାଙ୍କର ଗୋଟିଏ ଅବତାର ।

ଓଡ଼ିଶାର ଜାତୀୟ ଅସ୍ମିତା ଲାଗି, 'ଉତ୍କଳ ସମ୍ମିଳନୀ' ବ୍ୟତୀତ ମଧୁବାବୁ ଆହୁରି ଅନେକ ଅନୁଷ୍ଠାନ ଗଢ଼ିଥିଲେ । ତନ୍ମଧ୍ୟରେ 'ଓଡ଼ିଶା ସ୍ପୋର୍ଟସ ଏସୋସିଏସନ୍', 'ଓଡ଼ିଶା ଆର୍ଟ ୱ୍ୱାର୍କ୍ସ ଏଣ୍ଡ ଆର୍ଟ ସ୍କୁଲ୍', 'ଓଡ଼ିଶା ତାଳଗୁଡ଼ ସଂଘ', 'ଉତ୍କଳ ଟେନେରି' ତଥା କଟକରେ ୧୯୦୮ରେ ସ୍ଥାପିତ ବାଳିକା ବିଦ୍ୟାଳୟ ଅନ୍ୟତମ । ଏସବୁ ସାଙ୍ଗକୁ ଭାରତର ରାଷ୍ଟ୍ରୀୟ ଉନ୍ନତିକୁ ମଧ୍ୟ ସେ କେବେ ଗୌଣ କରି ନଥିଲେ । ଓଡ଼ିଶା ଭଳି ଅଂଚଳର ସାମଗ୍ରିକ ବିକାଶରେ ହିଁ ରାଷ୍ଟ୍ରର ପ୍ରଗତି ସମ୍ଭବ ବୋଲି ସେ ସର୍ବଦା ତର୍କ କରୁଥିଲେ ।

ମାତ୍ର ଏହା ସହିତ ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ୧୯୦୩ ପରେ ଜାତୀୟ କଂଗ୍ରେସ ସହ ଓଡ଼ିଶା ବୁଦ୍ଧିଜୀବୀଙ୍କ ସମ୍ବନ୍ଧରେ କିଛିଟା ଶିଥିଳତା ଦେଖାଯାଇଥିଲା । ପୂର୍ବରୁ ପ୍ରଦତ୍ତ କେତୋଟି ମନ୍ତବ୍ୟ ବାହାରେ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅନ୍ୟ ଏକ ଗୋଷ୍ଠୀ ରହିଥିଲେ ଯେଉଁମାନେ ଏଣିକି କଂଗ୍ରେସ ସହ ଓଡ଼ିଶାର ସମ୍ବନ୍ଧକୁ ପରୋକ୍ଷରେ ବିରୋଧ କରିବା ଆରମ୍ଭ କଲେ । ମୁଖ୍ୟତଃ ଗଡ଼ଜାତ ରାଜା ଓ ଜମିଦାର ବର୍ଗ ଓ ସେମାନଙ୍କ ସମର୍ଥକମାନେ ଏହି ଗୋଷ୍ଠୀରେ ସାମିଲ ଥିଲେ । ସେମାନେ ଜାତୀୟ କଂଗ୍ରେସର ବିରୋଧ କରିବାନିମିତ୍ତ ସମ୍ବେଦନଶୀଳ ଓଡ଼ିଆ ଭାଷା-ସଂସ୍କୃତିର ଅସ୍ମିତାକୁ ଯୋଡୁଥିଲେ ସତ, ମାତ୍ର ଅସଲ କାରଣ ଥିଲା ଯେ, କଂଗ୍ରେସର ଉଗ୍ର ବ୍ରିଟିଶ ବିରୋଧତା ସହ ସେମାନେ ତାଳ ଦେଇ ପାରୁ ନଥିଲେ । ଫଳରେ ଯଥାସମ୍ଭବ କଂଗ୍ରେସର ବିରୋଧ କରିବା ଆରମ୍ଭ କଲେ । ଓଡ଼ିଶାର ଆଧୁନିକ ରାଜନୀତିରେ ସେମାନଙ୍କର କର୍ତ୍ତୃତ୍ୱ ରହିଥିବା ଯାକେ 'ଉତ୍କଳ ସମ୍ମିଳନୀ' କଂଗ୍ରେସର ଏକ ସମାନ୍ତରାଳ ସଂଗଠନ ଭଳି ରହିଲା । ଏହି କଂଗ୍ରେସ ବିରୋଧୀ ମତ ପ୍ରାୟତଃ ରାଜା-ଜମିଦାରଙ୍କଦ୍ୱାରା ପ୍ରକାଶିତ ପତ୍ରପତ୍ରିକାରେ ଦେଖିବାକୁ ମିଳେ । ସେହି ଧରଣର ପତ୍ରିକା ମଧ୍ୟରେ ଥିଲେ 'ଗଡ଼ଜାତ ବାସିନୀ' ଏବଂ 'ସମ୍ବଲପୁର ହିତୈଷିଣୀ' ଆଦି । ବିଂଶ ଶତାବ୍ଦୀର ଆରମ୍ଭରୁ ଯେତେବେଳେ କଂଗ୍ରେସର ବ୍ରିଟଶ ବିରୋଧତା ତୀବ୍ର ହେବାକୁ ଆରମ୍ଭ କଲା, ଏମାନେ ବର୍ଗସ୍ୱାର୍ଥଯୋଗୁଁ ସରକାରଙ୍କ ବିରୋଧରେ ସାମିଲ ହୋଇ ପାରିଲେ ନାହିଁ । ତେଣୁ, ଓଡ଼ିଶା ଜାତୀୟତା ଆନ୍ଦୋଳନକୁ କଂଗ୍ରେସରୁ ଦୂରରେ ରଖିବାକୁ ପ୍ରୟାସ କଲେ ।

'ଉତ୍କଳ ସମ୍ମିଳନୀ' ତଥା ଓଡ଼ିଶାର ଜାତୀୟତାବାଦୀମାନେ ଅନେକ ସମୟରେ ଗଡ଼ଜାତ ରାଜା-ଜମିଦାରମାନଙ୍କଠାରୁ ଆର୍ଥିକ ସହଯୋଗ ପାଉଥିଲେ । ତେଣୁ ଓଡ଼ିଶା ଆନ୍ଦୋଳନରେ କିଛି

କାଳ ଯାଏଁ ସାମନ୍ତବର୍ଗର କର୍ତ୍ତୃତ୍ୱ ଜାରି ରହିଲା । ଏହା କେତେକାଂଶରେ ଓଡ଼ିଶାର କଂଗ୍ରେସ ସହ ସମ୍ବନ୍ଧକୁ ପ୍ରଭାବିତ କଲା । ଫଳତଃ ୧୮୮୫ରେ କଂଗ୍ରେସ ପ୍ରତିଷ୍ଠା ହେବାର ଦୀର୍ଘ ୩୫ ବର୍ଷ କାଳ ଧରି ଅର୍ଥାତ ୧୯୨୦ ଯାକେ ଓଡ଼ିଶାରେ ତାର ଶାଖା ସ୍ଥାପନ ହୋଇ ପାରି ନଥିଲା । ସେହି ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ସମୂହ ଜାତୀୟତା ଆନ୍ଦୋଳନର ମୁଖ୍ୟ ସ୍ୱର ଜାତୀୟ କଂଗ୍ରେସର ମୁହାଁମୁହିଁ ବିରୋଧ କରୁ ନଥିଲା ସତ, ମାତ୍ର ଏକା ଏକା ସମତାଳରେ ଚାଲିବାକୁ ପ୍ରୟାସ କରିଥିଲା । ଗୋଟାଏ ବାକ୍ୟରେ କହିଲେ, ଏହି ସମୟରେ ଓଡ଼ିଶା ବୁଦ୍ଧିଜୀବୀଙ୍କ ମଧ୍ୟରେ ଏକାଧିକ ମତ ଦେଖିବାକୁ ମିଳେ । ତନ୍ମଧ୍ୟରୁ ଗୋଟାଏ ପ୍ରଧାନ ମତ ଯଦି ସମ୍ମିଳନୀ ଓ କଂଗ୍ରେସ ମଧ୍ୟରେ ପରିପୂରକତା କାମନା କରୁଥିଲା; ଅନ୍ୟ ଏକ ଗୋଷ୍ଠୀ, ଯାହା ରାଜା-ଜମିଦାର ଓ ସାମନ୍ତବର୍ଗଙ୍କୁ ନେଇ ଗଠିତ, କଂଗ୍ରେସରୁ ଦୂରରେ ରହି ବ୍ରିଟିଶ ପ୍ରତି ଆନୁଗତ୍ୟ ଦେଖାଇଲା । ଏ ଦୁଇଟିଙ୍କୁ ବାଦ ଦେଲେ ବିଂଶ ଶତାବ୍ଦୀର ପ୍ରାରମ୍ଭ ଦଶକରେ ତୃତୀୟ ଗୋଷ୍ଠୀର ଉଦ୍‌ଗମ ହେଲା, ଯାହା ପରବର୍ତ୍ତୀ କାଳରେ 'ସତ୍ୟବାଦୀ ଗୋଷ୍ଠୀ' ନାମରେ ଭାଷା, ସାହିତ୍ୟ, ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚିତି ରଖିଲା । ମଧୁସୂଦନ ଦାସ, ଫକୀର ମୋହନ ଆଦିଙ୍କ ଗୋଷ୍ଠୀକୁ ଯଦି ଉଦାରପନ୍ଥୀ ବା 'ଲିବରାଲ' ବୋଲି କୁହାଯିବ , ରାଜା-ଜମିଦାର ଗୋଷ୍ଠୀର ବୁଦ୍ଧିଜୀବୀଙ୍କୁ ବ୍ରିଟିଶ ଅନୁଗତ ଗୋଷ୍ଠୀ ବୋଲି ନାମିତ କରାଯାଇ ପାରେ । ଅନ୍ୟ ପକ୍ଷରେ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ଆଦିଙ୍କ ନେତୃତ୍ୱରେ ଗଠିତ ଯୁବ ଜାତୀୟତାବାଦୀ ସତ୍ୟବାଦୀ ଗୋଷ୍ଠୀକୁ 'ନରମପନ୍ଥୀ ଜାତୀୟତାବାଦୀ' ବୋଲି ନାମିତ କରାଯାଇପାରେ । ଏହି ନାମଗୁଡ଼ିକର ବ୍ୟବହାର ସୁବିଧା ଦୃଷ୍ଟିରୁ ଏବଂ କେବଳ ଓଡ଼ିଶା ରାଜନୀତି ପରିପ୍ରେକ୍ଷୀରେ କରାଯାଇଛି । ତେଣୁ, ତାକୁ ଅନ୍ୟଥା ନିଆଯିବା କଥା ନୁହେଁ ।

## ଓଡ଼ିଶାରେ ଜାତୀୟତାର ଦୁଇ କାଳାଂଶ

ଓଡ଼ିଶାରେ ଜାତୀୟତାର ଉନ୍ମେଷକୁ ଯଦି ଦୁଇ କାଳାଂଶରେ ବିଭକ୍ତ କରାଯାଏ, ତେବେ ଉତ୍କଳ ସମ୍ମିଳନୀର ଆରମ୍ଭ ଅର୍ଥାତ୍ ୧୯୦୩ ଯାକେ ହେବ ପ୍ରଥମ ପର୍ଯ୍ୟାୟ ଏବଂ ୧୯୦୩ରୁ ୧୯୨୦ ଯାକେ ହେବ ଦ୍ୱିତୀୟ ପର୍ଯ୍ୟାୟ । ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହେଲା ଏବଂ ସମଗ୍ର ଭାରତରେ ସ୍ୱାଧୀନତା ସଂଗ୍ରାମର ସ୍ୱରୂପ ବଦଳିଲା । ସେହି ବର୍ଷ ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସରେ ସାମିଲ ହେଲା । ଅର୍ଥାତ ଆନୁଷ୍ଠାନିକ ଭାବରେ କଂଗ୍ରେସର ଶାଖା ଭାବରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସ୍ଥାପନା ହେଲା । ୧୯୨୦ର ନାଗପୁର କଂଗ୍ରେସରେ ଭାଷା ଭିତ୍ତିରେ କଂଗ୍ରେସର ଶାଖା ଗଠନ କରିବକୁ ନିଷ୍ପତ୍ତି ନିଆହେଲା ପରେ ଉତ୍କଳ ସମ୍ମିଳନୀର ପ୍ରମୁଖ ଲକ୍ଷ୍ୟ - ଭାଷାଭିତ୍ତିକ ପ୍ରଦେଶ ଗଠନକୁ - କଂଗ୍ରେସର ସମର୍ଥନ ମିଳିଲା । ଓଡ଼ିଶା ଜାତୀୟତା ଯେହେତୁ ଏକ ଓଡ଼ିଆ ଜାତିର ଅସ୍ମିତାନିମନ୍ତେ ଆନ୍ଦୋଳନ, ତାକୁ ସରକାରୀ ମାନ୍ୟତା ମିଳିବା ପୂର୍ବରୁ ସର୍ବଭାରତୀୟ ଲୋକ ସ୍ତରରେ ମାନ୍ୟତା ମିଳିଗଲା । ଅନ୍ୟ ଶବ୍ଦରେ କହିଲେ, ୧୯୦୩ରେ ମାନ୍ଦ୍ରାସ କଂଗ୍ରେସରେ ଓଡ଼ିଆ ଭାଷା-ଭାଷୀ କ୍ଷେତ୍ରର ଏକତ୍ରୀକରଣକୁ

ପ୍ରକାରାନ୍ତରେ ବିରୋଧ କରି କଂଗ୍ରେସ ନେତୃବର୍ଗ ଓଡ଼ିଶାର ଜାତୀୟତାବାଦୀଙ୍କ ସଂଗେ ଯେଉଁ ମନାନ୍ତର ସୃଷ୍ଟି କରିଥିଲେ, ତାହା ୧୯୨୦ରେ ଏକ ରକମରେ ଶେଷ ହେଲା, କାରଣ ନାଗପୁର କଂଗ୍ରେସ ଓଡ଼ିଶା ଭାଷାଭିତ୍ତିକ ପ୍ରଦେଶ ଗଠନର ଲକ୍ଷ୍ୟକୁ ସ୍ୱାଗତ କଲା ଏବଂ ସରକାରୀ ମାନ୍ୟତା ମିଳିବାର ୧୬ ବର୍ଷ ପୂର୍ବରୁ ତାକୁ ସ୍ୱୀକୃତି ଦେଇଦେଲା । ମାତ୍ର ଏହି ଯେଉଁ ପ୍ରାୟ ଦୁଇ ଦଶନ୍ଧି କାଳ (୧୯୦୩ରୁ ୧୯୨୦), ତାକୁ ଶାନ୍ତ ସମୟ ବୋଲି କୁହାଯାଇ ନପାରେ । ଗୋଟାଏ ଦୃଷ୍ଟିରୁ ଏହି କାଳାଂଶରେ ଜାତୀୟତାର ବିଚାରଧାରା ପରିପକ୍ୱ ହେଲା । କିନ୍ତୁ ଅନ୍ୟ ଦିଗରୁ ଦେଖିଲେ, ଏହି କାଳାଂଶରେ ତିନିଟି ଯାକ ଜାତୀୟତାବାଦୀ ଗୋଷ୍ଠୀ ସ୍ୱ-ସ୍ୱ ମତାଦର୍ଶକୁ ସ୍ଥାପନ କରିବା ସକାଶେ ତ୍ରିପକ୍ଷ ତିଆରିଲେ, ଯାହା ଫଳରେ ଓଡ଼ିଶା ଜାତୀୟତାବାଦୀ ରାଜନୀତିରେ ତୀବ୍ର ବୈଚାରିକ ସଂଘର୍ଷ ଆରମ୍ଭ ହେଲା । ୧୯୨୦ର ଘଟଣାବଳୀ ସିଦ୍ଧ କରିଦେଲା ଯେ, ଏଣିକି ନରମପନ୍ଥୀ ଜାତୀୟତାବଦୀ ଓଡ଼ିଶା ରାଜନୀତିର ନେତୃତ୍ୱ ନେବେ ଏବଂ ଅନ୍ୟମାନେ ତାଙ୍କ ନେତୃତ୍ୱକୁ ସ୍ୱୀକାର କରିବେ । ଶେଷରେ ଉଦାରପନ୍ଥୀ ମଧୁବାବୁ ମଧ୍ୟ ୧୯୨୪ରେ କଂଗ୍ରେସର ସଭ୍ୟ ହେଲେ । ଅନ୍ୟ ପକ୍ଷରେ ବ୍ରିଟିଶ ଅନୁଗତ ରାଜା-ରାଜୁଡ଼ା ଗୋଷ୍ଠୀ ଜାତୀୟତାବାଦୀ ରାଜନୀତିରୁ ଦୂରେଇ ଗଲେ ।

ମଧୁସୂଦନ ଦାସ ଆଦିଙ୍କ ନେତୃତ୍ୱରେ ପରିଚାଳିତ ଲିବରାଲ ଗୋଷ୍ଠୀ ଥିଲେ ପ୍ରଥମ ପିଢ଼ିର ଆଧୁନିକ ଜାତୀୟତାବାଦୀ । ସେମାନେ ଆଗରୁ ଦେଖିଥିବା ରାଜନୈତିକ ପରଂପରାରେ ରାଜା-ଜମିଦାରଙ୍କର ହିଁ ପ୍ରଭୁତ୍ୱ ରହୁଥିଲା । ଉଦାହରଣ ସ୍ୱରୂପ, ସେମାନଙ୍କ ମଧ୍ୟରୁ ଅନେକ (ଯଥା-ଫକୀର ମୋହନ, ରାଧାନାଥ, ମଧୁସୂଦନ ଦାସ, ମଧୁସୂଦନ ରାଓ ଆଦି)ଙ୍କର ଜନ୍ମ ୧୮୫୭ର ଗଣ ବିଦ୍ରୋହ ବେଳକୁ ହୋଇ ସାରିଥିଲା, ଯେଉଁଥିରେ ସିପାହୀମାନେ ମୁଖ୍ୟକର୍ତ୍ତା ହେବା ସତ୍ତ୍ୱେ ନେତୃତ୍ୱ ରହିଥିଲା ରାଜା-ଜମିଦାରଙ୍କ ହାତରେ । ତେଣୁ, ଏହି ବୁଦ୍ଧିଜୀବୀ ବର୍ଗ ରାଜନୀତିକୁ ରାଜଦ୍ୱାରରୁ ଜନପଥକୁ ଆଣିବା ବେଳେ ଯେ ସାମନ୍ତବର୍ଗ ପ୍ରତି ଅତି ଉଦାସୀନ ହୋଇପାରିବେ ନାହିଁ, ତାହା ଅନସ୍ୱୀକାର୍ଯ୍ୟ । ତା'ଛଡ଼ା, ଆନ୍ଦୋଳନର ସଂଯୋଜନାପାଇଁ ଆବଶ୍ୟକ ପାଣ୍ଠିନିମିତ୍ତ ପ୍ରାୟତଃ ବୁଦ୍ଧିଜୀବୀ ଗୋଷ୍ଠୀ ସାମନ୍ତବର୍ଗ ପାଖରେ ହାତ ପତାଉଥିଲେ । ପୁଣି, ଫକୀର ମୋହନଙ୍କୁ ଗଡ଼ଜାତର ଦେୱାନ ଭାବରେ ନିଯୁକ୍ତି ଦେଇ ହେଉ ବା ମଧୁସୂଦନଙ୍କୁ ରାଜଓକିଲ ନିଯୁକ୍ତ କରି ହେଉ ବା ରାଧାନାଥଙ୍କ ପୁସ୍ତକ ପ୍ରକାଶନ ନିମନ୍ତେ ସାହାଯ୍ୟ ପ୍ରଦାନ କରି ହେଉ, ସାମନ୍ତବର୍ଗ ଲିବରାଲ ଗୋଷ୍ଠୀକୁ ନିଜ କର୍ତ୍ତୃତ୍ୱରେ ରଖି ପାରିଥିଲେ । ଜାତୀୟତାର ଏହି ଉନ୍ମେଷ କାଳରେ କଂଗ୍ରେସର ନେତୃତ୍ୱରେ ଥିବା କେତେକ ନେତା ମଧ୍ୟ ଆଞ୍ଚଳିକତାରୁ ଉର୍ଦ୍ଧ୍ୱକୁ ଉଠି ପାରି ନଥିଲେ । ଓଡ଼ିଶାର ଆଞ୍ଚଳିକ ଅସ୍ମିତା ପ୍ରଶ୍ନକୁ ଏହି ନେତାମାନେ ଯଥୋଚିତ ମହତ୍ତ୍ୱ ଦେଉ ନଥିଲେ । ଉଦାହରଣ ସ୍ୱରୂପ 'ବଙ୍ଗଭଙ୍ଗ' ହେଲେ ବଙ୍ଗ ପ୍ରଦେଶ ଭାଗ ଭାଗ ହୋଇଯିବାର ଯେଉଁ ଆଶଙ୍କା ସୃଷ୍ଟି ହେଲା, ତା'ର ବହୁ ପୂର୍ବରୁ ପ୍ରାକୃତିକ ଓଡ଼ିଶା ଖଣ୍ଡ ବିଖଣ୍ଡିତ ହୋଇ ସାରିଥିଲା । ଏବଂ ତା'ର ଏକତ୍ରୀକରଣଲାଗି 'ଉତ୍କଳ ସମ୍ମିଳନୀ' ପ୍ରୟାସ କରୁଥିଲା । ଏହି ପ୍ରୟାସକୁ ଉକ୍ତ ନେତାମାନେ ଆବଶ୍ୟକ ସମ୍ମାନ ଦେଉ ନାହାନ୍ତି ବୋଲି ମଧୁବାବୁ ଓ ଉତ୍କଳର ଅନ୍ୟାନ୍ୟ ଲିବରାଲ୍ ନେତୃବର୍ଗ ଅଭିଯୋଗ କରୁଥିଲେ ।

ଏହି ସବୁ କାରଣରୁ ରାଜା-ରାଜୁଡ଼ାଙ୍କ ସରକାରୀ ଆନୁଗତ୍ୟ ରହିଛି ଜାଣି ସୁଦ୍ଧା ସେମାନଙ୍କଠାରୁ ଲିବରାଲମାନେ ବିଚ୍ଛିନ୍ନ ହୋଇ ଜାତୀୟତାବାଦୀ ରାଜନୀତିକୁ ଆଗେଇ ନେବା ନିମନ୍ତେ ସାହସ କରିପାରୁ ନଥିଲେ । ଫଳରେ ଓଡ଼ିଶା ଆନ୍ଦୋଳନରେ ସାମନ୍ତୀ ପ୍ରଭାବପାଇଁ ବାଟ ସହଜ ହେଲା । ସାମନ୍ତୀ ପ୍ରଭାବର ନିଦର୍ଶନ ସ୍ୱରୂପ ରାଜା-ଜମିଦାରଙ୍କୁ ବାଦ ଦେଲେ ଉତ୍କଳ ସମ୍ମିଳନୀର ସଭାପତି ପଦରେ ଅନ୍ୟ କାହାକୁ ଆରମ୍ଭରେ ମନୋନୀତ କରାଯାଉ ନଥିଲା । ୧୯୧୭ରେ ପ୍ରଥମ କରି ଫକୀର ମୋହନଙ୍କ ଭଳି ଜଣେ ମଧ୍ୟବର୍ଗୀୟଙ୍କୁ ସଭାପତି ମନୋନୀତ କରାଯାଇଥିଲା । ଲିବରାଲ ଗୋଷ୍ଠୀର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଯେ, ଏହା ସତ୍ୟବାଦୀ ଗୋଷ୍ଠୀର ନରମପନ୍ଥୀ ଜାତୀୟତା ସହ ତାଳ ମିଳାଇ ପାରିଲା ନାହିଁ । ଦ୍ୱିତୀୟ ପିଢ଼ିର ଆଧୁନିକ ବୁଦ୍ଧିଜୀବୀ ଭାବରେ ଯେତେବେଳେ ନରମପନ୍ଥୀ ଜାତୀୟତାବାଦୀମାନେ ବ୍ରିଟିଶ ବିରୋଧତାକୁ ତୀବ୍ର କଲେ ବା ସାମନ୍ତୀ ପ୍ରଭାବକୁ ଅବଜ୍ଞା କଲେ, ଆଗ୍ରହ ଥିବା ସତ୍ତ୍ୱେ ତାକୁ ଲିବରାଲମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ । ଉଦାହରଣ ସ୍ୱରୂପ, ୧୯୧୨ରେ ବିହାର ଓ ଓଡ଼ିଶା ପ୍ରଦେଶ ଗଠନ ହେଲା ଉତ୍ତାରୁ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ହେବାର ଆଶା ମଉଳିଗଲା ଏବଂ ସରକାରଠାରେ ଓଡ଼ିଶା ଜାତୀୟତାବାଦୀଙ୍କ ଥିବା ଆସ୍ଥା ବହୁ ମାତ୍ରାରେ ହ୍ରାସ ପାଇଲା । ସେତେବେଳେ ମଧୁସୂଦନ ସରକାର ଉପରେ ଚାପ ପକାଇବାପାଇଁ ଗଣ ଆନ୍ଦୋଳନର ଲକ୍ଷ୍ୟ ନେଇ କଟକରେ 'ପ୍ରଜା ପ୍ରତିନିଧି ସଭା' ଗଠନ କଲେ । ସଭା ଚଉକିଦାରୀ କର ଉଚ୍ଛେଦ ସମେତ ଗଞ୍ଜାମର ଓଡ଼ିଶା ସହ ଏକତ୍ରୀକରଣ ଦାବି କଲା । ମାତ୍ର ଗଣ ଆନ୍ଦୋଳନର ଲକ୍ଷ୍ୟ ନେଇ ଯେତେବେଳେ 'ଉତ୍କଳ ସମ୍ମିଳନୀ'ର ଜତୀୟ କଂଗ୍ରେସରେ ମିଳିତ ହେବାର କଥା ପଡ଼ିଲା, ମଧୁବାବୁ ତାହା ସହଜରେ ଗ୍ରହଣ କରି ପାରିଲେ ନାହିଁ । ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ନରମପନ୍ଥୀ ଜାତୀୟତାବାଦୀମାନେ ଉତ୍କଳ ସମ୍ମିଳନୀର ୧୯୨୦ରେ ଅନୁଷ୍ଠିତ ହେବାକୁ ଥିବା ଅଧିବେଶନକୁ ନିଜ ନିୟନ୍ତ୍ରଣାଧୀନ କରିନେବେ ବୋଲି ଆଶଙ୍କା କରି ମଧୁବାବୁ ତହିଁରେ ଯୋଗ ସୁଦ୍ଧା ଦେଲେ ନାହିଁ ।

ନରମପନ୍ଥୀ ଜାତୀୟତାବାଦୀଙ୍କୁ ଓଡ଼ିଶା ରାଜନୀତିରେ ବଳ ମିଳିଲା , ଯେତେବେଳେ ବଙ୍ଗରେ ୧୯୦୫-୦୬ରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେଲା ଏବଂ ତାର ପ୍ରଭାବ ଅନ୍ୟ ଅଞ୍ଚଳମାନଙ୍କରେ ବି ପଡ଼ିଲା । ଓଡ଼ିଶାରେ ନୀଳକଣ୍ଠ ଦାସ, ଗୋପବନ୍ଧୁ ଦାସ ଆଦି ଯୁବଗୋଷ୍ଠୀ ତାର ସମର୍ଥନ କଲେ । ୧୯୧୨ରେ ସ୍ୱତନ୍ତ୍ର ବିହାର ପ୍ରଦେଶରେ ଓଡ଼ିଶାକୁ ସାମିଲ କରିଦିଆଗଲା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବିକୁ ସରକାର ଉପେକ୍ଷା କଲେ ବୋଲି ପ୍ରତୀତ ହେଲା । ଏହି ଘଟଣା ଜାତୀୟତାବାଦୀଙ୍କ ମନରେ ସରକାରଙ୍କ ପ୍ରତି ଥିବା ମୋହ ଭାବକୁ ଅନେକ ମାତ୍ରାରେ ଭଙ୍ଗ କଲା । ଏହାର ଲାଭ ମିଳିଲା ନରମପନ୍ଥୀ ଜାତୀୟତାବାଦୀଙ୍କୁ । ବିହାର ଓ ଓଡ଼ିଶା ପ୍ରଦେଶ ଗଠନର ତିନି ବର୍ଷ ପୂର୍ବରୁ ୧୯୦୯ରେ ସାକ୍ଷୀଗୋପାଳଠାରେ ସତ୍ୟବାଦୀ ପ୍ରତିଷ୍ଠା କରି ସେମାନେ ସିଦ୍ଧ କରି ସାରିଥିଲେ ଯେ, ଅନୁଷ୍ଠାନ ଗଢ଼ିବାରେ ଏବଂ ତାର ସଫଳତା ନିମିତ୍ତ ରାଜା-ରାଜୁଡ଼ାଙ୍କ ଅର୍ଥ ସାହାଯ୍ୟ ଏବଂ ସରକାରୀ ଅନୁଦାନ ବଦଳରେ ବେଶି ଆବଶ୍ୟକ ଆନ୍ତରିକ ଇଚ୍ଛାଶକ୍ତିର, ସମୂହପାଇଁ ବ୍ୟକ୍ତି ସ୍ୱାର୍ଥ ତ୍ୟାଗ କରିବାର ମନୋବୃତ୍ତିର । ୧୯୧୯ରେ ଯେତେବେଳେ ମଣ୍ଟେଗୁ

ମେମ୍‌ସଫୋର୍ଡ଼ ଶାସନ ସଂସ୍କାର ପରେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ନାହିଁ, ଲୋକଙ୍କ ମନରେ ସରକାର ପ୍ରତି ଥିବା ସମସ୍ତ ମୋହ ଭଙ୍ଗ ହେଲା । ଫଳରେ ଓଡ଼ିଶା ରାଜନୀତିରେ ଯୁବ ନରମପନ୍ଥୀ ଜାତୀୟତାବାଦୀଙ୍କ ପ୍ରଭାବ ବୃଦ୍ଧି ପାଇଲା । ଏହା ସହିତ ଓଡ଼ିଶା ଜାତୀୟତାର ଏକ ନୂଆ ସୋପାନକୁ ଚଢ଼ିବାର ପ୍ରକ୍ରିୟା ଆରମ୍ଭ ହେଲା । କେବଳ ରାଜନୀତି କାହିଁକି; ସାହିତ୍ୟ, ସଂସ୍କୃତି, କଳା, ବିଜ୍ଞାନ ପ୍ରତିଟି କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ସମାହିତ ହେବାକୁ ପଡ଼ିବ ବୋଲି ପତ୍ର-ପତ୍ରିକାରେ ମତ ପ୍ରକାଶ ପାଇଲା । ଜାତୀୟ କଂଗ୍ରେସଠାରୁ ଦୂରତା ରଖିବା ବଦଳରେ ଓତପ୍ରୋତ ହେବା ହିଁ ଓଡ଼ିଶାପାଇଁ ବିକଳ୍ପ ବୋଲି ବୁଦ୍ଧିଜୀବୀ ଗୋଷ୍ଠୀ ବୁଝି ପାରିଲେ ।

ଯେଉଁ କେତୋଟି ଘଟଣାଯୋଗୁଁ ୧୯୧୯-୨୦ ବେଳକୁ ବୁଦ୍ଧିଜୀବୀର ସରକାର ଏବଂ ସରକାରୀ ଆନୁଗତ୍ୟର ରାଜନୀତିଠାରୁ ପୂର୍ଣ୍ଣତଃ ମୋହଭଙ୍ଗ ଘଟିଲା, ତନ୍ମଧ୍ୟରେ ଏକ ପ୍ରମୁଖ ଘଟଣା ଥିଲା ପଞ୍ଜାବର ଜାଲିଆନୱାଲା ବାଗ ହତ୍ୟାକାଣ୍ଡ । ଶାନ୍ତିପୂର୍ଣ୍ଣ ଉପାୟରେ ସଭା କରୁଥିବା ନିରୀହ ଜନତାଙ୍କ ଉପରେ ସେଠାରେ ଗୁଳିମାଡ଼ ହେଲା ଏବଂ ତହିଁରେ ସହସ୍ରାଧିକ ଲୋକ ପ୍ରାଣତ୍ୟାଗ କଲେ । ତା'ଠାରୁ ବଡ଼ କଥା, ନିରୀହ ଲୋକଙ୍କର ହତ୍ୟାକାରୀଙ୍କୁ ନିନ୍ଦା କରିବା ପରିବର୍ତ୍ତେ ଅଦାଲତ ସହଯୋଗ ଦେବାପାଇଁ ଇଂଲଣ୍ଡରେ ପାଣ୍ଠି ସଂଗ୍ରହ ହେଲା । ସରକାରର ଏହି ବର୍ବରକାଣ୍ଡ ପରେ ବୁଦ୍ଧିଜୀବୀ ସ୍ଥିର ନିଶ୍ଚିତ ହେଲେ ଯେ, ବ୍ରିଟିଶମାନେ ପୈତୃକ ମନୋଭାବ ନେଇ ଭାରତରେ ଶାସନ କରୁ ନାହାନ୍ତି । ନୋହିଲେ ମା'-ବାପ ହୋଇ ସରକାର ଏଭଳି ନାରକୀୟ ଘଟଣା ଘଟିବାକୁ ଦେଇ ନଥାନ୍ତେ ବା ଦୁର୍ଭାଗ୍ୟରୁ ତାହା ଘଟିତ ହୋଇଥିଲେ ତାର ସମର୍ଥନ କରି ନଥାନ୍ତେ । ଏଯାଏ ସରକାର ପ୍ରତି କୋହଳ ମନୋଭାବ ରଖିଥିବା ଏବଂ ୧୯୧୮-୧୯୧୯ ପରେ ଆସ୍ଥା ହରାଇଥିବା ବୁଦ୍ଧିଜୀବୀର ବ୍ରିଟିଶ ବିରୋଧତା ଓ ଆତ୍ମବ୍ୟଥାକୁ କବି ଗଙ୍ଗାଧର ମେହେର 'ଭାରତୀ ଭାବନା'ରେ ଖୁବ୍ ଭଲ ଭାବେ ବ୍ୟାଖ୍ୟା କରିଛନ୍ତି । ଦ୍ୱି-ଅର୍ଥ ବୋଧକ ଏହି କବିତାରେ ସେ କୃଷ୍ଣଙ୍କୁ ସମ୍ବୋଧନ କରିବା ଆଳରେ ବ୍ରିଟିଶ ପ୍ରତି କଟୂକ୍ତି କରି କହିଛନ୍ତିଃ

> ଗୋଲକ ମଣ୍ଡଳ ନାଥେ ଲକ୍ଷ୍ୟ କରି
> କହନ୍ତି ଭାରତୀ କିଶୋରୀ,
> ଭାରତ-ମଣ୍ଡଳେ ଯାହା କଲ ନାଥ
> ମନୁ ହେଉ ନାହିଁ ପାସୋରି
> ଗୋପେନ୍ଦ୍ରେ, ଛଳେ ଜାତିକୁଳ ନାଶିଲ
> ଯାହା ଥିଲା ଆମ୍ଭ ନିଜତ୍ୱ ତହିଁରେ
> ନିଜ ପ୍ରଭୁତା ପ୍ରକାଶିଲ ...
> ଆମ୍ଭ କ୍ଷୀର ସର ଲବଣୀରେ ପୁଷ୍ଟ
> ବଳକୁ ତୁମ୍ଭର ଅନାଇ
> ଭୟ ଲଭି ସିନା ଜାରମଣି ବୀରେ

କରି ନ ପାରିଲେ ଲଢ଼ାଇ;
ଗୋପେନ୍ଦ୍ରେ, ଯେ କଥା କହିଥିଲ ଯାଇ,
ଜୟ ଗର୍ବେ ମାତି କେଉଁ କଥା କଲ
ପୂର୍ବ ପ୍ରତିଜ୍ଞା ଅନୁଯାୟୀ ।
ଗାନ୍ଧୀ ନିଜ କାଣ୍ଡ ଘଟାଇଲା ଦିନୁ
ସ୍ନେହ ଗଣ୍ଠି ହେଲା ଶିଥିଳ
ତହୁଁ ଜଣାଗଲା କିସ ହେଲ ତୁମ୍ଭେ
ତହିଁ ପୂର୍ବେ ଅବା କି ଥିଲ;
ପାଞ୍ଚୋଳେ, ପରିଚୟ ହେଲା ଯାହାର,
ଯାହା ଲାଗି ହେଲା ସକଳ କଳହ
ମାନ ବଢ଼ାଇଲ ତାହାର ।

ଗଙ୍ଗାଧର ମେହେର ଯିଏ ଅତୀତରେ 'ଭିକ୍ଟୋରିଆ ସ୍ତବ' ଲେଖିଥିଲେ, ରାଣୀଙ୍କୁ 'ଚିରଜୀବିନୀ' ହୋଇ ଭାରତ ଉପରେ ଶାସନ କରିବାକୁ ସ୍ତବ କରିଥିଲେ, ସେହି କବି ପୁଣି ୧୯୨୦ ବେଳକୁ ଇଂରେଜ ସରକାରକୁ ଏତେ କଟୂକ୍ତି କରି ପାରିଲେ ! ବୁଦ୍ଧିଜୀବୀଙ୍କର ଏହି ମାନସିକ ପରିବର୍ତ୍ତନ ପଛରେ କାରଣ ହେଲା ଯେ, ସରକାର ଭାରତୀୟ ମହାଜାତିର ସ୍ୱାର୍ଥକୁ ଉପେକ୍ଷା କରୁଛି । ତେଣୁ ସେମାନେ ସରକାରର ବିରୋଧ କରିବାକୁ ହେଳା କଲେ ନାହିଁ । ତାଙ୍କ ଜାତୀୟତା ଥିଲା ଅନୁଭବ ଆଧାରିତ । ଏହି ଆଧାରରେ ୧୯୧୯-୨୦ ବେଳକୁ ନରମପନ୍ଥୀ ଜାତୀୟତାବାଦୀ ଗୋଷ୍ଠୀ ରାଜନୀତିର ମୁଖ୍ୟ ସ୍ରୋତ ହେଲେ । ଓଡ଼ିଶା ଜାତୀୟତା ଉଭୟ ଆଞ୍ଚଳିକ ପ୍ରଗତି ଏବଂ ରାଷ୍ଟ୍ରୀୟ ପ୍ରଗତିକୁ ସମପରିମାଣର ପ୍ରମୁଖତା ଦେଇ ଏଣିକି ଆନ୍ଦୋଳନ ପରିଚାଳନା କଲା । ୧୯୧୭ ମସିହା ପରଠାରୁ ଆଉ ରାଜା-ଜମିଦାରଙ୍କୁ ସମ୍ମିଳନୀର ସଭାପତି ଆସନ ସୁଦ୍ଧା ମିଳୁ ନଥିଲା । ୧୯୧୯ରେ ଚନ୍ଦ୍ରଶେଖର ବେହେରା, ଗୋପବନ୍ଧୁ ଦାସ ଏବଂ ୧୯୨୦ରେ ଜଗବନ୍ଧୁ ସିଂ ସମ୍ମିଳନୀର ସଭାପତି ଅଧିଷ୍ଠିତ ହୋଇ ଭାରତୀୟ ମହାସ୍ରୋତରେ ଓଡ଼ିଶାର ଜାତୀୟତାକୁ ମିଳିତ ହେବାକୁ ଆହ୍ୱାନ ଦେଲେ ।

ଅଧ୍ୟାୟର ଶେଷ ଦୃଶ୍ୟ ଥିଲା ଅଧିକ ନାଟକୀୟ । ଉତ୍କଳ ସମ୍ମିଳନୀର ୧୯୨୦ ମସିହାପାଇଁ ଅଧିବେଶନ ହେବାର ନିଷ୍ପତ୍ତି ହେଲା ବିଚ୍ଛିନାଞ୍ଚଳ ଚକ୍ରଧରପୁରରେ । ଅଧିବେଶନର ବହୁ ପୂର୍ବରୁ ମଧୁବାବୁ ନରମପନ୍ଥୀ ଯୁବ ଜାତୀୟତାବାଦୀଙ୍କ ହାତରୁ ପରାଜୟ ସ୍ୱୀକାର କରି ସମ୍ମିଳନୀର ସଭାପତି ପଦ ଗ୍ରହଣ କରିବାକୁ ମନା କଲେ । ଶେଷରେ ଜଗବନ୍ଧୁ ସିଂଙ୍କ ସଭାପତିତ୍ୱରେ ଯେତେବେଳେ ଅଧିବେଶନ ଆରମ୍ଭ ହେଲା, ନାଗପୁର କଂଗ୍ରେସରେ ଅଂଶଗ୍ରହଣ କରିସାରି ଚକ୍ରଧରପୁରରେ ଯୋଗ ଦେଇଥିବା ଗୋପବନ୍ଧୁ ଦାସ ଏବଂ ତାଙ୍କର ବନ୍ଧୁମାନେ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ସାମିଲ କରିବାକୁ ପ୍ରସ୍ତାବ ଦେଲେ । ଉଦାରବାଦୀ ବା ଲିବରାଲ ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ ଏବଂ ଶ୍ରୀଚନ୍ଦନ ଘୋଷ ଆଦି ଗୋପବନ୍ଧୁଙ୍କ ପ୍ରସ୍ତାବର

ବିରୋଧ କଲେ । ଆଲୋଚନା ପରେ ପ୍ରସ୍ତାବଟି ଉପରେ ଭୋଟ ନିଆଗଲା । ସପକ୍ଷରେ ମିଳିଲା ୧୨୭ଟି ମତ ଏବଂ ବିପକ୍ଷରେ ମିଳିଲା ମାତ୍ର ଷୋହଳଟି ମତ । ଆନୁଷ୍ଠାନିକ ଭାବରେ ଏଣିକି ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସର ଅଙ୍ଗ ହେଲା ଏବଂ ଓଡ଼ିଶାରେ କଂଗ୍ରେସର ଶାଖା ଗଠନ ହେଲା । ଅସହଯୋଗର ଡାକରାକୁ ସାକାର କରିବା ହେଲା ଏଣିକି ଓଡ଼ିଶା ଜାତୀୟତାର ମୁଖ୍ୟ ଉଦ୍ଦେଶ୍ୟ ।

ଉପସଂହାରରେ ଏତିକି କହିବା ଯଥେଷ୍ଟ ହେବ ଯେ, ୧୮୬୫-୬୬ର ନଅଙ୍କ ଦୁର୍ଭିକ୍ଷଜନିତ ସାମାଜିକ ସଂକଟରୁ ଓଡ଼ିଶାରେ ଜାତୀୟତାର ଉନ୍ମେଷ ଆରମ୍ଭ ହେଲା । ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ଏହାକୁ ନେତୃତ୍ୱ ଦେଲେ । ସ୍ଥାନୀୟ ଭାଷାରେ ପତ୍ର-ପତ୍ରିକାମାନ ପ୍ରକାଶନ କରି ତଥା ଆଞ୍ଚଳିକ ସ୍ତରରେ ସଭା-ସମିତିମାନ ଆୟୋଜନ କରି ସେମାନେ ଜାତୀୟତାର ବିଚାରଧାରାକୁ ଏକ ଠୋସ ରଙ୍ଗରୂପ ଦେଲେ । ସେମାନଙ୍କ ଦୃଷ୍ଟିକୋଣରେ ଉଭୟ ରାଷ୍ଟ୍ରୀୟ ଓ ଆଞ୍ଚଳିକ ପ୍ରଗତି ପ୍ରମୁଖତା ପାଇଲା । ଗଞ୍ଜାମର ଓଡ଼ିଶା ଡିଭିଜନରେ ମିଶିବା ପ୍ରସ୍ତାବକୁ କଂଗ୍ରେସ ଅନ୍ୟ କାରଣରୁ ଅସ୍ୱୀକାର କରିବାରୁ ଓଡ଼ିଶାର ବୁଦ୍ଧିଜୀବୀ ସ୍ଥାନୀୟ ସମସ୍ୟାର ଆଲୋଚନାପାଇଁ ଏକ ସ୍ୱତନ୍ତ୍ର ମଞ୍ଚ କଥା ଚିନ୍ତା କଲେ । ଫଳରେ ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଗଠିତ ହେଲା । ଏହା ଜାତୀୟତାଭିତ୍ତିକ ଆଞ୍ଚଳିକ ସଭା-ସମିତିଗୁଡ଼ିକୁ ଏକ ପ୍ରାଦେଶିକ ମଞ୍ଚ ପ୍ରଦାନ କଲା । ବିଂଶ ଶତାବ୍ଦୀର ଆରମ୍ଭ ଦଶକରେ ଓଡ଼ିଶାର ବୁଦ୍ଧିଜୀବୀଙ୍କ ମଧ୍ୟରେ ତିନିଟି ଗୋଷ୍ଠୀ ଦେଖିବାକୁ ମିଳେ । ପ୍ରଥମ ଗୋଷ୍ଠୀ ହେଲେ ପ୍ରଥମ ପିଢ଼ିର ମଧ୍ୟବର୍ଗୀୟ ବୁଦ୍ଧିଜୀବୀ, ଯାହାଙ୍କୁ ଉଦାରବାଦୀ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ; ଦ୍ୱିତୀୟ ଗୋଷ୍ଠୀ ହେଲେ ସାମନ୍ତବର୍ଗର ଆଧୁନିକ ଶିକ୍ଷିତ ବର୍ଗ । ସେମାନେ ସରକାରଠାରେ ପୂର୍ଣ୍ଣ ଆନୁଗତ୍ୟ ରଖି ସାମାଜିକ ପ୍ରଗତି କଥା କହୁଥିଲେ । ଇଂରେଜ ସରକାରର ଜନବିରୋଧୀ ସ୍ୱଭାବ ସ୍ପଷ୍ଟ ହେବା ସହିତ ଏହି ଗୋଷ୍ଠୀ ଜାତୀୟତାବାଦୀ ରାଜନୀତିରେ ନିଜ ପ୍ରାଧାନ୍ୟ ହରାଇବା ଆରମ୍ଭ କଲେ । ତୃତୀୟ ଗୋଷ୍ଠୀ ହେଲେ ଦ୍ୱିତୀୟ ପିଢ଼ିର ମଧ୍ୟ ବର୍ଗୀୟ ଶିକ୍ଷିତ ଯୁବ ସମାଜ । ଏହି ଗୋଷ୍ଠୀ ଇଂରେଜ ଆନୁଗତ୍ୟର ତୀବ୍ର ବିରୋଧ କଲେ ଏବଂ ଓଡ଼ିଶାର ଜାତୀୟତା ସ୍ୱଭାବକୁ ମହାଭାରତୀୟ ସ୍ରୋତ ଅର୍ଥାତ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ କରିବାକୁ ପ୍ରୟାସ କଲେ । ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଇତିହାସରେ ଏମିତି ଅନେକ ଘଟନା ଘଟିଲା, ଯାହା ଇଂରେଜ ଉପନିବେଶବାଦର ଲୋକ ବିରୋଧୀ ସ୍ୱରୂପକୁ ଅଧିକରୁ ଅଧିକ ସ୍ପଷ୍ଟ କଲା । ଉଦାହରଣ ସ୍ୱରୂପ, ବିଶ୍ୱଯୁଦ୍ଧ ପରେ ଜାତୀୟତାବାଦୀ ଆଶା କରିଥିଲେ , ଇଂରେଜମାନେ ଜାତୀୟତାବାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ତଥା ଗଣତାନ୍ତ୍ରିକତାକୁ ପ୍ରାଧାନ୍ୟ ଦେଇ ଅନେକ ନୂଆ ସୁବିଧା ସୁଯୋଗ ଦେବେ । ମାତ୍ର ଯୁଦ୍ଧ ପରେ ଫଳ ଓଲଟା ହେଲା । ମଣ୍ଟେଗୁ-ଚେମ୍ସଫୋର୍ଡ଼ ଶାସନ ସଂସ୍କାର ଓଡ଼ିଶାର ଭାଷା ଭିତ୍ତିରେ ପ୍ରଦେଶ ଗଠନ ଦାବିକୁ ସ୍ୱୀକୃତି ଦେଲା ନାହିଁ । ୧୯୧୯ରେ ଜାଲିଆନୱାଲା ବାଗରେ ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରତିବାଦ କରୁଥିବା ନିରୀହ ଜନତା ଉପରେ ଗୁଳିମାଡ଼ ହେଲା । ଏହିସବୁ ଘଟଣାରୁ ସିଦ୍ଧ ହେଲା ଯେ, ଭାରତରେ ଗଣତାନ୍ତ୍ରିକତାର ପ୍ରତିଷ୍ଠା ଇଂରେଜ ସରକାରର ଉଦ୍ଦେଶ୍ୟ ନୁହେଁ । ଏହା ଅନୁଭବ କଲା ପରେ

ଇଂରେଜର ଆନୁଗତ୍ୟରେ ଆସ୍ଥା ରଖିଥିବା ସାମନ୍ତ ବୁଦ୍ଧିଜୀବୀ ଗୋଷ୍ଠୀ ଓଡ଼ିଶା ରାଜନୀତିରେ ନିଜ ପ୍ରଭୁତା ପୂର୍ଣ୍ଣ ରୂପେ ହରାଇଲେ । ଉଦାରବାଦୀ ଗୋଷ୍ଠୀର ଇଂରେଜ ପ୍ରତି ମୃଦୁ ସମାଲୋଚନାକୁ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଲୋକ ସମର୍ଥନ ମିଳିଲା ନାହିଁ । ଲୋକ ଚାହିଁଲେ ବିରୋଧ ତୀବ୍ର ହେଉ । ଏହି କାରଣରୁ ୧୯୨୦ରେ ନରମପନ୍ଥୀ ଜାତୀୟତାବାଦୀ ଓଡ଼ିଶା ରାଜନୀତିର ମୁଖ୍ୟସ୍ରୋତ ହେଲେ ଏବଂ ସେମାନଙ୍କ ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ଜାତୀୟ କଂଗ୍ରେସରେ ସାମିଲ ହେଲା । ଅନ୍ୟ ଦୁଇଗୋଷ୍ଠୀ ନିଜ ରାଜନୈତିକ ମହତ୍ତ୍ୱ ହରାଇଲେ । ଆଞ୍ଚଳିକ ଏବଂ ରାଷ୍ଟ୍ରୀୟ ଅସ୍ମିତାକୁ ମୂଳ ଉଦ୍ଦେଶ୍ୟ କରି ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଯେଉଁ ଜାତୀୟତାର ଉନ୍ମେଷ ଆରମ୍ଭ ହୋଇଥିଲା, ତାହା ୧୯୨୦ ମସିହା ଅସହଯୋଗ ଆନ୍ଦୋଳନର ଡାକରାରେ ପରିପକ୍ୱ ହେଲା । ଏଣିକି ଓଡ଼ିଶାରେ ଜାତୀୟତା ଆନ୍ଦୋଳନ ତୀବ୍ରରୁ ତୀବ୍ରତର ରୂପ ଧାରଣ କଲା ।

■ ■ ■

# ଅସହଯୋଗ ଆନ୍ଦୋଳନ : ୧୯୨୦-୨୨

ବ୍ରିଟିଶ ସରକାର ବିରୁଦ୍ଧରେ ସଂଘଟିତ ଗଣଆନ୍ଦୋଳନ ମଧ୍ୟରେ ଅସହଯୋଗ ହେଲା ପ୍ରଥମ। ଏହା ପୂର୍ବରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ କଦାଚିତ ଗଣଆନ୍ଦୋଳନର ରୂପ ନେଇ ନଥିଲା। ଲୋକଙ୍କ ସାଧାରଣ ସମସ୍ୟାକୁ ନେଇ ସ୍ୱାଧୀନତା ସଂଗ୍ରାମ ଗଢ଼ି ଉଠିଥିଲା ସତ , ହେଲେ ଅନେକ ବର୍ଷ ଧରି ତାର ନେତୃତ୍ୱ କେବଳ ମଧ୍ୟବର୍ଗ ଯାଏ ସୀମିତ ଥିଲା। ପ୍ରାରମ୍ଭିକ ସମୟରେ ଅନେକ ବର୍ଷ ଧରି ସଂଗ୍ରାମର ଭିତ୍ତି ପଡୁଥିଲା। ସେତେବେଳେ ଗଣଆନ୍ଦୋଳନ ଆରମ୍ଭ କରିବା ସମ୍ଭବ ନଥିଲା। କ୍ରମେ ନୂଆ ସାମାଜିକବର୍ଗମାନ ଆନ୍ଦୋଳନର ପରିସରଭୁକ୍ତ ହେଲେ। ଆନ୍ଦୋଳନ ଗଣାଭିମୁଖୀ ହେଲା। ୧୯୨୦ ମସିହାରେ ତାର ମଧ୍ୟବର୍ଗୀୟ ଆବଦ୍ଧତା ପ୍ରାୟତଃ ଦୂର ହେଲା ଏବଂ ଗଣ ଆନ୍ଦୋଳନର ଆରମ୍ଭ ହେଲା।

ଅସହଯୋଗର ନେତୃତ୍ୱ ରହିଥିଲା ଭାରତୀୟ ଜାତୀୟ କଂଗ୍ରେସ ହାତରେ। ୧୯୨୦ ମସିହା ଅଗଷ୍ଟ ମାସରେ ଆରମ୍ଭ ହୋଇ ୧୯୨୨ ଫେବ୍ରୁଆରି ଯାଏ ଏହା ଚାଲିଲା। ଉତ୍ତର ପ୍ରଦେଶର ଚୌରିଚୌରାଠାରେ ଆନ୍ଦୋଳନ ହିଂସାତ୍ମକ ରୂପ ନେବାରୁ ୧୯୨୨ ଫେବ୍ରୁଆରିରେ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏହା ପ୍ରତ୍ୟାହୃତ ହେଲା। ଦୁଇଟି ପ୍ରସଙ୍ଗକୁ ମୁଖ୍ୟ କରି ନେତୃବର୍ଗ ଆନ୍ଦୋଳନର ଡାକରା ଦେଇଥିଲେ। ଗୋଟାଏ ହେଲା, ପଞ୍ଜାବର ଜାଲିଆନାୱାଲାବାଗ (୧୯୧୯)ରେ ସଂଘଟିତ ଗଣହତ୍ୟା ଏବଂ ଦ୍ୱିତୀୟଟି ହେଲା ଖିଲାଫତ ଆନ୍ଦୋଳନ। ପଞ୍ଜାବରେ ନିରୀହ ଜନତାଙ୍କୁ ହତ୍ୟା କଲା ପରେ ବ୍ରିଟିଶ ସରକାର ହତ୍ୟାକାରୀକୁ ଦଣ୍ଡଦେବା ପରିବର୍ତ୍ତେ ଯେଉଁଭଳି ଭାବରେ ଦୋଷୀକୁ ଘଣ୍ଟ ଘୋଡ଼ାଇବାରେ ଲାଗିଲେ, ତାର ପ୍ରତିବାଦ ସ୍ୱରୂପ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଠିକ ସେହିଭଳି, ପ୍ରଥମ ବିଶ୍ୱଯୁଦ୍ଧରେ ତୁର୍କୀର ପରାଜୟ ପରେ ମୁସଲମାନ ଧର୍ମଗୁରୁ ଖଲିଫାଙ୍କୁ ବ୍ରିଟିଶ ସରକାର ଏକ ଅତି ଅପମାନଜନକ ଚୁକ୍ତିସ୍ୱାକ୍ଷର କରିବାକୁ ବାଧ୍ୟ କଲେ। ସମଗ୍ର ମୁସଲମାନ ସମାଜ ଏଥିରେ ଅପମାନିତ ବୋଧକଲେ। ଆନ୍ଦୋଳନ ମାଧ୍ୟମରେ ଏହାର ତୀବ୍ର ପ୍ରତିବାଦ ହେଲା। ଅସହଯୋଗ ଆନ୍ଦୋଳନର ମୁଖ୍ୟ ସ୍ଲୋଗାନ ଥିଲା ବର୍ଷକ ମଧ୍ୟରେ ସ୍ୱରାଜ୍ୟ ପ୍ରାପ୍ତି।

ସ୍ୱରାଜ୍ୟ ପ୍ରାପ୍ତି ସମ୍ଭାବନାର ଆଧାର ଥିଲା ସରକାରଙ୍କ ସହିତ ଅସହଯୋଗ । ଯେହେତୁ ଭାରତୀୟଙ୍କ ସହଯୋଗ ବଳରେ ବ୍ରିଟଶ ସରକାର ଭାରତରେ ପ୍ରତିଷ୍ଠିତ, ସେହି ସହଯୋଗକୁ ପ୍ରତ୍ୟାହାର କରାଗଲେ ବିଦେଶୀମାନେ ଆପେ ଆପେ ଦେଶ ଛାଡ଼ି ଚାଲିଯିବେ ବୋଲି ଅନୁମାନ କରାଯାଉଥିଲା । ଆନ୍ଦୋଳନକାରୀ ନିଜ ନିଜ ସ୍ତରରେ ସ୍ୱରାଜର ଅର୍ଥ କଲେ ଏବଂ ସେହି ଆଶାରେ ଆନ୍ଦୋଳନରେ ସହଭାଗୀ ହେଲେ । ଅସହଯୋଗପାଇଁ ମନ୍ତ୍ର ହେଲା ସରକାରୀ ପଦପଦବୀ, ବିଦେଶୀ ବସ୍ତ୍ର, କୋର୍ଟ କଚେରି, ଅଫିସ ଏବଂ ସରକାରୀ ସ୍କୁଲ ଓ କାଉନ୍‌ସିଲ୍ ବର୍ଜନ । ଏହାର ବିକଳ୍ପ ଭାବରେ କଂଗ୍ରେସ ଲୋକ ଗାଁ ଗାଁରେ ପଞ୍ଚାୟତ ବସାଇଲେ, ଜାତୀୟ ସ୍କୁଲ ପ୍ରତିଷ୍ଠା କଲେ ଏବଂ ସ୍ୱଦେଶୀକୁ ପ୍ରୋତ୍ସାହିତ କଲେ । ଫଳରେ, ବ୍ରିଟଶ ଉପନିବେଶବାଦ ଯେଉଁ କର୍ତ୍ତୃତ୍ୱ ଲୋକଙ୍କ ଉପରେ ମାନସିକ ସ୍ତରରେ ଜାହିର କରିଥିଲା, ତାହା ଅନେକାଂଶରେ ଊଣା ହେଲା । ପଞ୍ଚାୟତ, ସ୍କୁଲ ପରିଚାଳନା ତଥା ଖଦିର ପ୍ରସାର କରିବା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସ୍ୱ-ଶାସନପାଇଁ ଆତ୍ମବିଶ୍ୱାସ ଜାଗ୍ରତ ହେଲା । ସ୍ୱଦେଶୀର ପ୍ରସାର ଫଳରେ ବିଦେଶୀ ଲୁଗାର ଆମଦାନୀ କିଛି ଅଂଶରେ ଊଣା ପଡ଼ିଲା । ଯଦି ଅସହଯୋଗ ଆନ୍ଦୋଳନର ଦୁଇଗୋଟି ପ୍ରମୁଖ ଉପଲବ୍ଧିକୁ ଗଣାଯାଏ, ତେବେ ବୋଧହୁଏ ଗୋଟାଏ ହେବ ଲୋକଙ୍କ ଭିତରେ ମାନସିକ ସ୍ତରରେ ଉପନିବେଶବାଦୀ କର୍ତ୍ତୃତ୍ୱ ହ୍ରାସପାଇବା । ଅର୍ଥାତ୍ ବିଦେଶୀ ଶାସନ ଉପରେ ଭୟ ଓ ନିର୍ଭରଶୀଳତା ଊଣା ହେବା । ଦ୍ୱିତୀୟଟି ହେବ ସ୍ୱାବଲମ୍ବନ ଏବଂ ସ୍ୱ-ଶାସନପାଇଁ ଲୋକଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ ହେବା । ଏହି ଉପଲବ୍ଧିର ପରିମାଣ ପରବର୍ତ୍ତୀ ସମୟରେ କ୍ରମଶଃ ବୃଦ୍ଧି ପାଇଲା, ଯାହାର ପରିଣାମ ସ୍ୱରୂପ ସ୍ୱାଧୀନତାର ଦିନ ନିକଟତର ହେଲା । ଅନ୍ୟ ଶବ୍ଦରେ କହିଲେ, ଗଣଆନ୍ଦୋଳନର କାଳାଂଶ (୧୯୨୦-୪୭)କୁ ଯଦି ସ୍ୱାଧୀନତା ସଂଗ୍ରାମର ଅନ୍ତିମ ପର୍ଯ୍ୟାୟ ବୋଲି କୁହାଯାଏ, ତେବେ ଅସହଯୋଗ ହେବ ସେହି ଅନ୍ତିମ ପର୍ଯ୍ୟାୟର ପ୍ରଥମ ପରିଚ୍ଛେଦ । ଏହି ସମୟରେ ଆନ୍ଦୋଳନ କେତେଗୋଟି ନିର୍ଦ୍ଦିଷ୍ଟ ବର୍ଗ ବା ସୀମିତ ଅଞ୍ଚଳରେ ଆବଦ୍ଧ ନ ରହି ବିଭିନ୍ନ ବର୍ଗ ଏବଂ ଓଡ଼ିଶା ସମେତ ବିଭିନ୍ନ ଅଞ୍ଚଳକୁ ପ୍ରସାରିତ ହେଲା । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରୁ ଜାତୀୟତାର ଯେଉଁ ଉନ୍ମେଷ ଦେଖା ଦେଇଥିଲା, ତାର ଏକ ତାର୍କିକ ପରିଣତି ହେଲା ଅସହଯୋଗ ଆନ୍ଦୋଳନ । ଜାତୀୟତା ଆନ୍ଦୋଳନର ଆରମ୍ଭ ହୋଇଥିଲା ବୈଚାରିକ ସ୍ତରରେ, ଶେଷ ହେଲା ଏକ ନୂଆ କିସମର ଅହିଂସା ସମ୍ମୁଖ ସମରରେ । ଅସହଯୋଗ ହେଲା ସେହି ସମ୍ମୁଖ ସମରର ଆଦି ପର୍ବ । ମହାତ୍ମାଗାନ୍ଧୀ ୧୯୧୫ରେ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରି ଆସିଥିଲେ । କଂଗ୍ରେସ ରାଜନୀତିରେ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ହେବା ପରେ ଅସହଯୋଗ ଥିଲା ତାଙ୍କ ନେତୃତ୍ୱରେ ପରିଚାଳିତ ପ୍ରଥମ ମହାଜାତୀୟ ସଂଗ୍ରାମ ।

ଓଡ଼ିଶାର ଅସହଯୋଗ ଆନ୍ଦୋଳନ ହେଲା ସର୍ବଭାରତସ୍ତରୀୟ ଆନ୍ଦୋଳନର ଏକ ଅଭିନ୍ନ ଅଂଶ । ମାତ୍ର ଓଡ଼ିଶା ଅସହଯୋଗ (ଆନ୍ଦୋଳନ)ର ଏକ ନିଜସ୍ୱ ସ୍ୱାତନ୍ତ୍ର୍ୟ ବା ବୈଶିଷ୍ଟ୍ୟ ମଧ୍ୟ ରହିଥିଲା । ଏକ ଅଞ୍ଚଳ ଭାବରେ ଓଡ଼ିଶା ଭିନ୍ନ; ଅନ୍ୟ ଅଞ୍ଚଳଠାରୁ ତାର ଜାତୀୟତାବାଦୀ ନେତୃତ୍ୱ ଓ ସ୍ଥିତି ଅଲଗା । ତା'ଛଡ଼ା ଆନ୍ଦୋଳନକୁ ଗଣାଭିମୁଖୀ କରିବାନିମିତ୍ତ ଆବଶ୍ୟକ ହେଉଥିବା କାରଣ,

ଶୈଳୀ ଏବଂ ସ୍ଥାନୀୟ ଲକ୍ଷ୍ୟ ମଧ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ । ଏହି ସବୁ କାରଣରୁ ସ୍ୱାଧୀନତା ସଂଗ୍ରାମ ବା ଜାତୀୟତା ଆନ୍ଦୋଳନରେ  ଓଡ଼ିଶା ଅଧ୍ୟାୟର ଏକ ତାର୍କିକ ପର୍ଯ୍ୟାଲୋଚନା ଆଜି ଯେତିକି ପ୍ରାସଙ୍ଗିକ , ତତୋଽଧିକ ଆମୋଦଦାୟକ ।

୧୯୨୦ ମସିହା ଡିସେମ୍ବର ମାସ ଶେଷ ସପ୍ତାହରେ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଓଡ଼ିଶାର ଅନେକ ନରମପନ୍ଥୀ ଜାତୀୟତାବାଦୀ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନରେ ଯୋଗ ଦେଲେ । ସେଠାରୁ ଫେରି ସେମାନେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଭାଗନେଲେ । ନାଗପୁର କଂଗ୍ରେସରେ ନିଷ୍ପତ୍ତି ହୋଇଥିଲା ଯେ, ଏଣିକି ଭାଷା ଭିତ୍ତିରେ ଜାତୀୟ କଂଗ୍ରେସର ପ୍ରାଦେଶିକ ଶାଖାମାନ ଗଠିତ ହେବ, ଇଂରାଜୀ ବଦଳରେ ବ୍ୟାବହାରିକ ହିନ୍ଦୁସ୍ତାନୀ କଂଗ୍ରେସର ଆନୁଷ୍ଠାନିକ ଭାଷା ହେବ ତଥା କଂଗ୍ରେସର ସଦସ୍ୟତା ଶୁଳ୍କ ହ୍ରାସ ପାଇ ମାତ୍ର ଚାରିଅଣା ରହିବ । ଅର୍ଥାତ କଂଗ୍ରେସ ଏଣିକି ଅଳ୍ପ କେତେକ ବୁଦ୍ଧିଜୀବୀଙ୍କ ସଂଗଠନ ନ ହୋଇ ସାଧାରଣ ଲୋକଙ୍କ ସଂଗଠନ ହେବ । ଓଡ଼ିଶାର ନରମପନ୍ଥୀ ଜାତୀୟତାବାଦୀ ଗୋଷ୍ଠୀକୁ କଂଗ୍ରେସର ଏହି ପରିବର୍ତ୍ତନ ଉତ୍କଳ ସମ୍ମିଳନୀରେ କଂଗ୍ରେସର ପକ୍ଷ ନେବାରେ ସାହାଯ୍ୟ କଲା । ଉତ୍କଳ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ମିଶାଇ ଦେବାକୁ ଯୁକ୍ତି କରି ଗୋପବନ୍ଧୁ ପ୍ରସ୍ତାବ ଦେଲେଃ

''ସମ୍ମିଳନୀର ବର୍ତ୍ତମାନ ଯେ ଉଦ୍ଦେଶ୍ୟ ନିରୂପିତ ହୋଇଅଛି, ତାହା ସ୍ଥିର ରଖାଯାଇ, ଭାରତ ଜାତୀୟ ମହାସମିତିର ଯେ ଉଦ୍ଦେଶ୍ୟ ଓ ଆକାଂକ୍ଷା, ତାହା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ରୂପେ ଗୃହୀତ ହେଉ ।''

ପ୍ରସ୍ତାବ ବହୁ ମତରେ ଗୃହୀତ ହେଲା । ଏଣିକି ନରମପନ୍ଥୀ ଜାତୀୟତାବାଦୀ ହେଲେ ଓଡ଼ିଶାର ମୁଖ୍ୟ ନେତୃତ୍ୱ । ଓଡ଼ିଶା ଜାତୀୟତାର ରାଜନୀତିରେ ଉଦାରପନ୍ଥୀ ଏବଂ ସରକାରଙ୍କ ଅନୁଗତ ସାମନ୍ତ ବୁଦ୍ଧିଜୀବୀ ଗୋଷ୍ଠୀ ସଂଖ୍ୟାନ୍ୟୂନ ହେଲେ । ଫଳରେ ନରମପନ୍ଥୀ ଜାତୀୟତାବାଦୀ ନ କହି ଏଣିକି କଂଗ୍ରେସ ନେତୃତ୍ୱ ନାଁରେ ଏହି ଗୋଷ୍ଠୀକୁ ସ୍ୱାଧୀନତା ଇତିହାସରେ ଚିହ୍ନିବା ସହଜ ହେବ । ଅର୍ଥାତ୍ ୧୯୨୦ ପରେ ନରମପନ୍ଥୀ ଜାତୀୟତାବାଦୀ ନାଁର ଆଉ ଆବଶ୍ୟକତା ରହିବ ନାହିଁ ।

ଚକ୍ରଧରପୁର ଅଧିବେଶନରେ ଅସହଯୋଗର ସଂଚାଳନପାଇଁ ଯେଉଁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହେଲା, ଏହାର ସଭାପତି ହେଲେ ଗୋପବନ୍ଧୁ ଦାସ ଏବଂ ଉପ-ସଭାପତି ହେଲେ ଏକରାମ ରସୁଲ ।  ଖିଲାଫତ୍ ଆନ୍ଦୋଳନର ମହତ୍ତ୍ୱ ଓ ମୁସଲମାନ ସଂପ୍ରଦାୟର ସହଯୋଗକୁ ଧ୍ୟାନରେ ରଖି ଏକରାମ ରସୁଲ ନେତୃତ୍ୱର ଶୀର୍ଷ ସ୍ଥାନରେ ରହିଥିଲେ । ଓଡ଼ିଶାକୁ ଛଅଟି ଜିଲ୍ଲା କଂଗ୍ରେସକମିଟିରେ ଭାଗ କରାଗଲା । ସେଗୁଡ଼ିକ ହେଲେ ଗଂଜାମ, ବାଲେଶ୍ୱର, ପୁରୀ, କଟକ, ସମ୍ବଲପୁର ଏବଂ ସିଂହଭୂମ । ଜିଲ୍ଲା କମିଟିର ସଭାପତି ହେଲେ ଯଥାକ୍ରମେ ନିରଞ୍ଜନ ପଟ୍ଟନାୟକ, ହରେକୃଷ୍ଣ ମହତାବ, ଜଗବନ୍ଧୁ ସିଂ, ଭାଗୀରଥି ମହାପାତ୍ର, ଧରଣୀଧର ମିଶ୍ର ଏବଂ ଗୋଦାବରୀଶ ମିଶ୍ର । ଜିଲ୍ଲାଗୁଡ଼ିକ ମଧ୍ୟରୁ ଗଞ୍ଜାମ ଓ ସିଂହଭୂମ ଥିଲେ ବିଚ୍ଛିନ୍ନାଞ୍ଚଳ । ଉଭୟ ଜିଲ୍ଲା ପ୍ରାଦେଶିକ କମିଟିର ଅଂଶଭୁକ୍ତ ହେବାଯୋଗୁଁ ଓଡ଼ିଶାର ଭାଷା-ସଂସ୍କୃତି ଆନ୍ଦୋଳନକୁ ଜାତୀୟ କଂଗ୍ରେସର ପୂର୍ଣ୍ଣ ସମର୍ଥନ ରହିଥିବା କଥା ସ୍ପଷ୍ଟ ହେଲା । ପ୍ରତିବଦଳରେ ଏହା ଓଡ଼ିଶାରେ ଅସହଯୋଗ ଆନ୍ଦୋଳନକୁ ବଳ ଦେଲା  ।

ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିବାପାଇଁ ପ୍ରାଦେଶିକ କମିଟି ଅଧୀନରେ ତିନିଟି ନୂଆ ସଂଗଠନ ଗଢ଼ାଗଲା । ସେଗୁଡ଼ିକ ହେଲା, ସ୍ୱଦେଶୀ ପ୍ରଚାର ଓ ନିଶା ନିବାରଣପାଇଁ ଉତ୍କଳ ସ୍ୱରାଜ୍ୟ ସଂଘ, ପାଣ୍ଠି ସଂଗ୍ରହପାଇଁ ଉତ୍କଳ ସ୍ୱରାଜ୍ୟ ପାଣ୍ଠି ଏବଂ ଜାତୀୟ ଶିକ୍ଷାର ପ୍ରସାରପାଇଁ ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ । ଜିଲ୍ଲା ସ୍ତରରେ ଏହି ସଂଗଠନଗୁଡ଼ିକର ଶାଖାଗୁଡିକ ମଧ୍ୟ ଗଠିତ ହେଲେ, ଯାହା ଜିଲ୍ଲା କଂଗ୍ରେସ କମିଟିର ତତ୍ତ୍ୱାବଧାନରେ କାର୍ଯ୍ୟ କଲେ ।

ଉତ୍କଳ କଂଗ୍ରେସ କମିଟିର ଗଠନ ପରେ ପରେ, ଜାନୁଆରି ୧୯୨୧ରେ ଅସହଯୋଗର ବାର୍ତ୍ତା ବିଭିନ୍ନ ସହର ଅଞ୍ଚଳମାନଙ୍କରେ ପହଞ୍ଚିଲା । ସହରଗୁଡ଼ିକ ମଧ୍ୟରେ ରହିଥିଲେ ସମ୍ବଲପୁର, କଟକ ଓ ପୁରୀ । ଜାନୁଆରି ପ୍ରଥମ ସପ୍ତାହରେ ସମ୍ବଲପୁର ଜିଲ୍ଲା ସ୍କୁଲର ଛାତ୍ରମାନେ ସ୍କୁଲ ବର୍ଜନ କଲେ ଏବଂ ପଟୁଆରରେ ଯାଇ ସ୍ଥାନୀୟ ଫ୍ରେଜର କ୍ଲବ୍‌ରେ ସଭା କଲେ । ସଭାରେ ସଭାପତିତ୍ୱ କରିଥିଲେ ଲଦାଭାଇ ଥୋରିଆ ନାମକ ଜଣେ ସ୍ଥାନୀୟ ମୁସଲମାନ ବ୍ୟବସାୟୀ । ଏହି ସଭାରେ ମୁଖ୍ୟତଃ ମୁସଲିମ ଛାତ୍ର ଏବଂ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ସକ୍ରିୟ ଥିଲେ । ସକ୍ରିୟ ଛାତ୍ରଙ୍କ ମଧ୍ୟରେ ଥିଲେ ଅବଦୁଲ ମାଜିଦ, କୃତାର୍ଥ ଆଚାର୍ଯ୍ୟ, ଲକ୍ଷ୍ମୀନାରୟଣ ମିଶ୍ର, ଭବାନୀ ମିଶ୍ର ଇତ୍ୟାଦି । ସଭାରେ ଜାତୀୟ ସ୍କୁଲ ପ୍ରତିଷ୍ଠାପାଇଁ ନିଷ୍ପତ୍ତି ନିଆହେଲା । ଏଣିକି ପ୍ରତିଦିନ ସନ୍ଧ୍ୟାରେ ସଭା ଆୟୋଜିତ ହେଲା ଏବଂ କାନ୍ଥବାଡ଼ରେ ଅସହଯୋଗର ସ୍ଲୋଗାନ ଲେଖା ହେଲା । ଆନ୍ଦୋଳନକୁ ଆରମ୍ଭ କରିବାରେ ସ୍କୁଲ ଛାତ୍ରଙ୍କର ଏହି ଭୂମିକା ଯେତେବେଳେ ପତ୍ରପତ୍ରିକାରେ ପ୍ରକାଶ ପାଇଲା, କେବଳ ଓଡ଼ିଶା କାହିଁକି, ଓଡ଼ିଶା ବାହାରେ କଲିକତା ଏବଂ ପାଟନାରେ ମଧ୍ୟ ଅନ୍ୟମାନଙ୍କପାଇଁ ତାହା ପ୍ରେରଣାଦାୟୀ ହେଲା ।

ସେତେବେଳେ ସତ୍ୟବାଦୀ ସ୍କୁଲର ଜଣେ ଅନ୍ୟତମ ସଂସ୍ଥାପକ ନୀଳକଣ୍ଠ ଦାସ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଇଥାନ୍ତି । ୧୯୦୯ରେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲ, ୧୯୧୭-୧୮ ବେଳକୁ ଅନେକ ଆର୍ଥିକ ତଥା ଅନ୍ୟାନ୍ୟ ସଂକଟର ସମ୍ମୁଖୀନ ହେଲା । ତାର ଶିକ୍ଷକମାନେ, ଅନ୍ୟତ୍ର ଅନ୍ନସଂସ୍ଥାନପାଇଁ ଯୋଗ ଦେବାକୁ ବାଧ୍ୟ ହେଲେ । ନୀଳକଣ୍ଠ ଦାସ ଗଲେ କଲିକତା, ଗୋଦାବରୀଶ ମିଶ୍ର ଗଲେ ବିଛିନ୍ନାଞ୍ଚଳ ଚକ୍ରଧରପୁର । ମାତ୍ର ୧୯୨୧ରେ ଜାତୀୟତାର ଜୁଆର ପୁଣି ଥରେ ସେମାନଙ୍କୁ ଅସହଯୋଗକୁ ଟାଣି ଆଣିଲା । ସମ୍ବଲପୁର ଛାତ୍ରମାନଙ୍କ ଉତ୍ସାହ ଦେଖି ନୀଳକଣ୍ଠ ଅଧ୍ୟାପକ ଚାକିରି ଛାଡ଼ିଲେ, କଲିକତାରେ ଆଇନ ଅଧ୍ୟୟନ କରୁଥିବା ସମ୍ବଲପୁରର ଛାତ୍ର ଭାଗୀରଥି ମିଶ୍ର ମଧ୍ୟ କଲେଜ ବର୍ଜନ କଲେ । ଜାନୁଆରି ତୃତୀୟ ସପ୍ତାହରେ ଉଭୟେ ଗୋପବନ୍ଧୁଙ୍କ ସାଙ୍ଗରେ ମିଶି ସମ୍ବଲପୁର ଆସିଲେ ଏବଂ ସେଠାରେ ଆନ୍ଦୋଳନ ପରିଚାଳନା କଲେ । ତେଣିକି ଫ୍ରେଜର କ୍ଲବ୍ ପରିସରରେ ଆରମ୍ଭ ହୋଇଥିବା ଜାତୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଲେ ନୀଳକଣ୍ଠ ଦାସ । ସମ୍ବଲପୁରରୁ 'ସେବା' ନାମରେ ଏକ ପତ୍ରିକା ପ୍ରକାଶିତ ହେଲା, ଯାହା ସମ୍ବଲପୁର ବାହାରେ ମଧ୍ୟ ଅସହଯୋଗକୁ ବିସ୍ତାରିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କଲା । କଂଗ୍ରେସ ସଭାସମିତି ଏବଂ ପଟୁଆରରେ ଯେଉଁ ଗୀତଟି ଅତ୍ୟନ୍ତ ଆଦୃତି ଲାଭ କରିଥିଲା, ସେ ହେଲା ନୀଳକଣ୍ଠ ଦାସଙ୍କ ରଚିତ 'ସ୍ୱରାଜ

ଭାୟା ଅଲବତ ହୋଗା'। ତା'ର ଆବୃତ୍ତି ପଛରେ କାରଣ ହେଲା ଯେ, ତହିଁରେ ଅତି ସରଳ ଭାଷାରେ ହିନ୍ଦୀ ମିଶା ଓଡ଼ିଆରେ ଅସହଯୋଗର ବିଭିନ୍ନ କାର୍ଯକ୍ରମଗୁଡ଼ିକର ଉଲ୍ଲେଖ ରହିଥିଲା। ଗୀତଟିର କେତୋଟି ପଦ ନିମ୍ନରେ ଉଲ୍ଲିଖିତ ହେଲା :

ସ୍ୱରାଜ ଭାୟା ଅଲବତ ହୋଗା
ଛୋଡ଼କେ ଆଓ ଗୋଲାମୀ,
ଭାରତ ଲଡ଼କା ଗୋଲାମ ହୋକେ
କାହେ କରୋ ବଦନାମୀ।
ଗୋଲାମ ହୋନେ ମାଲୁମ ନେହିଁ କି
କୈସେ ହେଁ ରାଜ ବେପାରୀ
ସବକୁଛ ଯାଏ ଦରିଆପାରି
ଘରମେ ହାମଲୋଗ ଭିଖାରି।
ସ୍କୁଲ କଚେରି କାଉନସିଲ କୋ
ଇୟାଦ ରଖୋ ବାବୁଜୀ
ମାୟା ଏ ସବ ଗୋଲାମୀକା
ଇସମେ ନାଇଁ ଭୁଲୋଜୀ।
ଦିଲମେ ସ୍ୱାଧୀନ ଦିଲମେ ଗୋଲାମ
ଦିଲକା ବନ୍ଧନ ନୌକରୀ
ଦିଲକୋ ମଜା ରଖୋ ଭଇୟା
ଛୋଡ ଦୋ ସବ ସରକାରୀ।

ସମ୍ବଲପୁର ସହରରୁ ଆନ୍ଦୋଳନ ପୁଣି ଆଖପାଖର ଗାଁ ଅଞ୍ଚଳକୁ ଗଲା। ତାର ମୁଖ୍ୟ ବାର୍ତ୍ତାବହ ହେଲେ ଜାତୀୟ ସ୍କୁଲର ଶିକ୍ଷକ ଓ ଛାତ୍ରମାନେ। ଆନ୍ଦୋଳନର ବାର୍ତ୍ତା ପ୍ରଚାର ଏବଂ ସେହି ପ୍ରକ୍ରିୟାରେ ଗ୍ରାମ ସଂଗଠନ, ଗ୍ରାମ୍ୟ ଅନୁଭୂତି ହେଲା ଜାତୀୟ ଶିକ୍ଷା। ଆନ୍ଦୋଳନକୁ ସେବାମୂଳକ କରିବା ସକାଶେ ନୀଳକଣ୍ଠ ହୋମିଓପାଥି ଚିକିତ୍ସା ଆରମ୍ଭ କଲେ ଏବଂ ମାନପୁର ଆଦି ଗ୍ରାମରେ ହଇଜା, ଝାଡ଼ାବାନ୍ତିର ଉପଚାରପାଇଁ ପିଲାଙ୍କୁ ନେଇ ସ୍ୱେଚ୍ଛାସେବୀ କାମ କଲେ। ମୋଟ ଉପରେ କହିଲେ, ସମ୍ବଲପୁର ଅସହଯୋଗ ଓଡ଼ିଶା ଓ ଓଡ଼ିଶା ବାହାରେ ମଧ୍ୟ ଜାତୀୟତାବାଦୀ ମନରେ ନୂଆ ଉତ୍ସାହ ଓ ସମ୍ଭାବନା ଆଣିଦେଲା। ଏଥିରେ ହିନ୍ଦୁ-ମୁସଲିମ ଏକତା ଭାବ ରହିଥିଲା; ବୁଦ୍ଧିଜୀବୀ ସ୍ତରରେ ଉପକୂଳ ଓ ପଶ୍ଚିମାଞ୍ଚଳର ମିଳିତ ନେତୃତ୍ୱ ରହିଥିଲା, ଅନ୍ୟଥା ଉପକୂଳ ଅଞ୍ଚଳବାସୀ ନୀଳକଣ୍ଠଙ୍କ ମହତ୍ତ୍ୱ ରହିପାରି ନଥାନ୍ତା। ତା'ଛଡ଼ା, ଉଲ୍ଲିଖିତ ଗୀତରୁ ଯାହା ପ୍ରତୀତ ହୁଏ; ହିନ୍ଦୀ, ଓଡ଼ିଆ, ବହିଭାଷା ଓ ଗାଁ ଭାଷାର ଏକ ମିଳିତ ସ୍ୱରୂପ ହିଁ ଆଗାମୀ ଦିନରେ ଗଣଆନ୍ଦୋଳନର ସ୍ୱାଭାବିକ ଭାଷା ହେବ ବୋଲି ସୂଚନା ମିଳିଥିଲା। ୧୯୨୦ ନାଗପୁର କଂଗ୍ରେସରେ ରାଷ୍ଟ୍ରର

ସଂପର୍କ ଭାଷା ଭାବରେ 'ହିନ୍ଦୁସ୍ତାନୀ'କୁ ନେଇ ଯେଉଁ ଜାତୀୟ ଦୃଷ୍ଟିକୋଣ ରହିଥିଲା, ତାର ପ୍ରତିଫଳନ 'ସ୍ୱରାଜ ଭାୟା ଅଲବତ ହୋଗା' ଗୀତରେ ଦେଖାଯାଇପାରେ। ଏହି ଦୃଷ୍ଟିକୋଣ ଅକ୍ଟୋବର ୧୯୧୯ରେ ଗୋପବନ୍ଧୁ ଦାସଙ୍କ ସଂପାଦନାରେ ଆରମ୍ଭ ହୋଇଥିବା 'ସମାଜ' ପତ୍ରିକା ଏବଂ ଅସହଯୋଗ ସମୟର ଅନ୍ୟାନ୍ୟ ଜାତୀୟତାବାଦୀ ପତ୍ରିକା ଯଥା 'ସେବା', 'ଉତ୍କଳ ସେବକ' ଏବଂ ୧୯୨୩ରୁ ପ୍ରକାଶିତ 'ପ୍ରଜାତନ୍ତ୍ର'ରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ଜାତୀୟତାକୁ ଅନୁଭବ କରିବାଲାଗି କ୍ଲିଷ୍ଟତା ବଦଳରେ ଭାଷାର ସହଜତାକୁ ଜାତୀୟତାବାଦୀ ପତ୍ରପତ୍ରିକାମାନେ ମାଧ୍ୟମ କଲେ ।

ସମ୍ବଲପୁରରେ ଅସହଯୋଗର ଆରମ୍ଭ, ଅଗଷ୍ଟ ୧୯୨୦ରେ ଖିଲାଫତ ପ୍ରସଙ୍ଗରୁ ଦେଖିହେବ। ୧୪ ଅଗଷ୍ଟ ୧୯୨୦ ଦିନ ଦୁଇ ଶହରୁ ଅଧିକ 'କିଣିଖିଆ' ବା ସହରି ଗରିବ (ଅରବାନ୍ ପୁଅର), ଦାଶରଥି ମିଶ୍ର, ଜନାର୍ଦ୍ଦନ ସୂପକାର ଏବଂ ଲଦାଭାଇ ଥୋରିଆଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କଲେ। ସଭାରେ ସ୍ଥାନୀୟ ବଜାରରେ ଚାଉଳର ଅଭାବ ଏବଂ ଖିଲାଫତ ପ୍ରସଙ୍ଗକୁ ନେଇ ବିସ୍ତୃତ ଚର୍ଚ୍ଚା ହେଲା ଏବଂ ଜିଲ୍ଲାପାଳଙ୍କୁ ରିହାତି ମୂଲ୍ୟରେ ଚାଉଳ ଯୋଗାଣପାଇଁ ଦାବିପତ୍ର ଦିଆଗଲା। ଏହାର ପରେ ପରେ ସ୍ଥାନୀୟ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଆଉ ଦୁଇଟି ସଭା ଆୟୋଜିତ ହେଲା; ତହିଁରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏବଂ ମୁସଲିମ ବ୍ୟବସାୟୀ ଲଦାଭାଇ ଥୋରିଆ ବକ୍ତବ୍ୟ ଦେଲେ। ହିନ୍ଦୁ-ମୁସଲିମ ଏକତା ସାଙ୍ଗକୁ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ସମସ୍ୟାଗୁଡ଼ିକର ମଧ୍ୟ ସଭାରେ ବିସ୍ତୃତ ଚର୍ଚ୍ଚା ହେଲା। ଏକତା ରକ୍ଷା ଉଦ୍ଦେଶ୍ୟରେ ସେହି ସଭା ମଞ୍ଚରେ 'ଖିଲାଫତ ସଭା', 'ସ୍ୱରାଜ୍ୟ ସଭା' ଏବଂ 'ଗୋରକ୍ଷଣୀ ସଭା'ର ମଧ୍ୟ ବୈଠକ ବସିଲା ଏବଂ ଆବଶ୍ୟକ ସମୟରେ ଜାତୀୟ ସ୍କୁଲ, ସ୍ୱରାଜ ପଞ୍ଚାୟତ ସ୍ଥାପନ ଏବଂ ସରକାର ଓ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନିଆଗଲା। ଏହି ସଂଯୋଜନାର ଫଳସ୍ୱରୂପ, ୧୯୨୦ ନଭେମ୍ବରରେ ବିହାର-ଓଡ଼ିଶା ପ୍ରାଦେଶିକ କାଉନସିଲ ନିର୍ବାଚନରେ ସମ୍ବଲପୁରରେ ମୋଟ ୨୮୦ରୁ ମାତ୍ର ୨୮ ଜଣ ଭୋଟ ଦେଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏହି ନିର୍ବାଚନରେ ଜଣେ ବି ମୁସଲମାନ ଭୋଟର ଭୋଟ ଦେଇ ନଥିଲେ। ୧୯୨୧ ଜାନୁଆରି ମାସ ଆରମ୍ଭରେ ଜିଲ୍ଲା ସ୍କୁଲ ଛାତ୍ରଙ୍କ ସ୍କୁଲ ବର୍ଜନ ଏବଂ ପରବର୍ତ୍ତୀ ପର୍ଯ୍ୟାୟର ଅସହଯୋଗକୁ ସେହି ପୂର୍ବ ସଙ୍ଗଠନ ପରିପ୍ରେକ୍ଷୀରେ ଦେଖିହେବ।

ଅନୁରୂପ ଭାବରେ ୧୯୨୦ ମସିହା ଶେଷ ଆଡ଼କୁ ପୁରୀ ଜିଲ୍ଲାରେ ମଧ୍ୟ ଅସହଯୋଗର ସୂତ୍ରପାତ ହେଲା। ୧୯୧୬ ମସିହାରୁ ପୁରୀରେ ବିହାର କଂଗ୍ରେସ କମିଟିର ଶାଖା ଭାବରେ ଏକ ଜିଲ୍ଲା ସମିତି ଗଠିତ ହୋଇଥିଲା, ଯାହାର ନେତୃତ୍ୱ ରହିଥିଲା ଗୋପବନ୍ଧୁ ଦାସ, ଜଗବନ୍ଧୁ ସିଂ ଆଦିଙ୍କ ହାତରେ। ୧୯୨୦ ଅକ୍ଟୋବର ଓ ନଭେମ୍ବର ମାସରେ ଖଣ୍ଡଗିରି, ଜଟଣି ତଥା ପୁରୀଠାରେ ଜିଲ୍ଲା ସମିତି ତରଫରୁ ଜନସଭାମାନ ହୋଇ ତହିଁରେ ସ୍ଥାନୀୟ ସମସ୍ୟା, ଯଥା ପ୍ରାଥମିକ ଶିକ୍ଷକଙ୍କ ଦରମା, ଖାସମାହାଲରେ ସରକାରଙ୍କ ତରଫରୁ ଖଜଣା ଆଦାୟ କରୁଥିବା ସରବରାକାରମାନଙ୍କ ଅବସ୍ଥା ଓ ଜଙ୍ଗଲ ଆଇନର ଜଟିଳତା ଆଦିର ଚର୍ଚ୍ଚା କରଗଲା ଏବଂ ସମସ୍ୟାର ସମାଧାନନିମନ୍ତେ ଅସହଯୋଗକୁ ପନ୍ଥା ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦିଆଗଲା। ଅସହଯୋଗକୁ ଏକ ସ୍ଥାନୀୟ ସମସ୍ୟା ଆଧାରିତ ଆନ୍ଦୋଳନ ରୂପେ ଗଢ଼ିବାରେ ଏହା ବେଶ ସାହାଯ୍ୟ କଲା। ଅସହଯୋଗର

ଉଦ୍ଦେଶ୍ୟ ସ୍ୱରାଜପ୍ରାପ୍ତି ହେଲେ ସ୍ଥାନୀୟ ଲୋକଙ୍କର ହିଁ ମଙ୍ଗଳ ହେବ, ତାହା ଜାତୀୟତାବାଦୀ ନେତୃତ୍ୱ ପ୍ରମାଣ କରିଦେଲେ। ଏହା ନେତୃତ୍ୱର ଦୂରଦୃଷ୍ଟିକୁ ସୁସ୍ପଷ୍ଟ କଲା। ଏହାର ପରିଣାମ ସ୍ୱରୂପ, ୧୯୨୦ ନଭେମ୍ବର କାଉନସିଲ ନିର୍ବାଚନରେ ପୁରୀ ମ୍ୟୁନିସିପାଲିଟିରେ ୮୦ ପ୍ରତିଶତ ପ୍ରାୟ ଭୋଟର ନିର୍ବାଚନ ବର୍ଜନ କଲେ। ଗ୍ରାମାଞ୍ଚଳରେ ଭୋଟ ବର୍ଜନ ସହର ଅପେକ୍ଷା ମଧ୍ୟ ଅଧିକ ଥିଲା।

ପ୍ରାଦେଶିକ କମିଟି ଗଠିତ ହେବା ପରେ, ୧୯୨୧ ଜାନୁଆରିରେ ସତ୍ୟବାଦୀ ସ୍କୁଲକୁ ଏକ ଜାତୀୟ ବିଦ୍ୟାଳୟ ରୂପେ ଘୋଷଣା କରାଗଲା। ଏହି ଘୋଷଣା ପଛରେ ରହିଥିଲା ଛାତ୍ରମାନଙ୍କର ବିଶେଷ ଭୂମିକା। ସେମାନେ ଅଭିଭାବକମାନଙ୍କଠାରୁ ସମ୍ମତି ସଂଗ୍ରହ କରି ପରିଚାଳନା ସମିତି ଉପରେ ଚାପ ଦେଲେ ଯେ, ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରାଯାଉ। ୧୯୦୯ରେ ସତ୍ୟବାଦୀ ଏକ ମୁକ୍ତ ଜାତୀୟ ଅନୁଷ୍ଠାନ ଢାଞ୍ଚାରେ ଗଠିତ ହୋଇଥିଲା ସତ, ମାତ୍ର ୧୯୧୪-୧୫ ବେଳକୁ ବିଶ୍ୱବିଦ୍ୟାଳୟ ଡିଗ୍ରୀର ଆବଶ୍ୟକତା ଏବଂ ଆର୍ଥିକ ସଙ୍କଟଯୋଗୁଁ ଏହା ପାଟନା ବିଶ୍ୱବିଦ୍ୟାଳୟର 'ଏଫିଲିଏସନ' ଏବଂ ସରକାରୀ ଅନୁଦାନପାଇଁ ଆବେଦନ କରିଥିଲା। ଏବେ ଜାତୀୟ ବିଦ୍ୟାଳୟ ଘୋଷଣା ଫଳରେ ମିଳିଥିବା କୋଡ଼ିଏ ହଜାର ଟଙ୍କାର ସରକାରୀ ଅନୁଦାନକୁ ସ୍କୁଲ ଅଗ୍ରାହ୍ୟ କରିଦେଲା।

## କଟକରେ ଆନ୍ଦୋଳନ

ଏହି ସମୟରେ କଟକଠାରେ ମଧ୍ୟ ଏକ ଜାତୀୟ ବିଦ୍ୟାଳୟ ନୂଆକରି ଆରମ୍ଭ ହେଲା। ଓଡ଼ିଶା ତଥା ଓଡ଼ିଶା ବାହାରେ କଲେଜ ବର୍ଜନ କରି ଆନ୍ଦୋଳନରେ ଯୋଗ ଦେଇଥିବା ଓଡ଼ିଆ ଛାତ୍ରମାନେ ତହିଁରେ ଶିକ୍ଷକ ରୂପେ କାର୍ଯ୍ୟ କଲେ ଏବଂ ସହରରେ ନିୟମିତ ସଭା ସମିତିମାନ ଆୟୋଜନ କଲେ। ଧୀରେ ଧୀରେ କଟକ ହେଲା ଓଡ଼ିଶା ଅସହଯୋଗ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର। ଏହାର ପ୍ରତିଫଳନ ଦେଖିବାକୁ ମିଳିଲା, ଯେତେବେଳେ ୧୯୨୦ ନଭେମ୍ବର ନିର୍ବାଚନରେ ବିହାର ଓ ଓଡ଼ିଶା ପ୍ରଦେଶର ନୂଆ କରି ମନ୍ତ୍ରୀ ପଦ ଗ୍ରହଣ କରିଥିବା ବର୍ଷୀୟାନ ନେତା କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ତାଙ୍କ ସମର୍ଥକମାନେ ସଭା ଆୟୋଜନ କଲେ। ୯ ଜାନୁଆରି ୧୯୨୧ରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାକୁ ଅସହଯୋଗୀମାନେ କେବଳ ବର୍ଜନ କରିବାକୁ କହିଲେ ନାହିଁ, ମଣ୍ଡପକୁ କବ୍‌ଜା କରି ସଭା ମଧ୍ୟ ଭଣ୍ଡୁର କଲେ। ଅସହଯୋଗରେ ସାମିଲ୍ ନ ହୋଇ ସରକାରଙ୍କ ମନ୍ତ୍ରୀ ପଦ ଗ୍ରହଣ କରିଥିବା ମଧୁବାବୁଙ୍କୁ ଅଶୀ ବର୍ଷରେ ବୃଦ୍ଧ ସରକାରୀ ଚାକିରିରେ ଯୋଗ ଦେଲେ ବୋଲି ବିଦ୍ରୂପ କଲେ। ସଭାରେ ଅସହଯେଗୀଙ୍କ ପକ୍ଷରୁ ପ୍ରଚାରପତ୍ର ବଣ୍ଟାଗଲା । ବାଲେଶ୍ୱରରେ ବ୍ୟାପିଥିବା ମେଲେରିଆ, ପୁରୀର ଦୁର୍ଭିକ୍ଷ ଏବଂ କଟକର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଦୁର୍ଦ୍ଦଶା ଦୂରଲାଗି ଉଦ୍ଦିଷ୍ଟ ଅର୍ଥରୁ ମଧୁବାବୁ(ମନ୍ତ୍ରୀ)ଙ୍କ ବାର୍ଷିକ ଷାଠିଏ ହଜାର ଟଙ୍କାର ଦରମା ଭରଣା କରାଯିବ ବୋଲି ଏଥିରେ ବ୍ୟଙ୍ଗୋକ୍ତି କରାଯାଇଥିଲା। ପୁରୀରେ ମଧ୍ୟ ଆୟୋଜିତ ସମ୍ବର୍ଦ୍ଧନା ସଭା ଅସହଯୋଗୀଙ୍କ ବର୍ଜନ ଫଳରେ ଭଣ୍ଡୁର ହେଲା। ଏହି ଘଟଣା ଜାତୀୟତାର ଶକ୍ତିକୁ ପ୍ରତିବିମ୍ବିତ

କଲା । ଅତୀତରେ ମଧୁସୂଦନ ଦାସ ଥିଲେ ଓଡ଼ିଶା ଜାତୀୟତାର କର୍ଣ୍ଣଧାର; ବ୍ୟକ୍ତି ଭାବରେ ପ୍ରଥମେ 'ଉତ୍କଳ ସଭା' ଏବଂ ପରେ 'ଉତ୍କଳ ସମ୍ମିଳନୀ'ର ଗଠନରେ ତାଙ୍କ ଭୂମିକା ନିଶ୍ଚିତ ରୂପେ ଅତୁଳନୀୟ । ତାଙ୍କ ଦୃଷ୍ଟିରେ ଜାତି ଗଠନନିମିତ୍ତ ସରକାରୀ ସହଯୋଗ ଏକ ଆବଶ୍ୟକୀୟ ଉପାଦାନ । ସେତେବେଳେ ଅନ୍ୟ ଜାତୀୟତାବାଦୀମାନେ ମଧ୍ୟ ତାହା ହିଁ ଚିନ୍ତା କରୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଜତୀୟତାର ସଂଜ୍ଞା ବଦଳିଗଲା । ସହଯୋଗ ବଦଳରେ ଅସହଯୋଗ ହେଲା ଜାତୀୟତାର ଧର୍ମ । ଏହାକୁ ମଧୁବାବୁ ଅନୁଭବ କରି ପାରିଲେ ନାହିଁ ବୋଲି ତାଙ୍କ ହାତଗଢ଼ା ଜାତୀୟତା ଆନ୍ଦୋଳନ ତାଙ୍କୁ ତିରସ୍କାର କଲା । ସାମଜିକ ତିରସ୍କାରର ମାତ୍ରା ଏତେ ଅଧିକ ହେଲା ଯେ, ସ୍ୱୟଂ ମଧୁବାବୁ ୧୯୨୩ରେ ମନ୍ତ୍ରୀ ପଦରୁ ତ୍ୟାଗପତ୍ର ଦେଲେ ଏବଂ ସିଦ୍ଧ କଲେ ଯେ; ବ୍ୟକ୍ତି ସ୍ୱାର୍ଥ ନୁହେଁ, ବରଂ ସାମାଜିକ ପ୍ରତିବଦ୍ଧତା ହେଲା ତାଙ୍କର ପ୍ରାଥମିକତା ।

ଜାତୀୟ କଂଗ୍ରେସରେ ଉତ୍କଳ ସମ୍ମିଳନୀର ବିଲୟ ହେଲା ବିଚ୍ଛିନ୍ନ ଚକ୍ରଧରପୁରରେ । ସେହିଠାରେ ହିଁ ଦିଆଗଲା ଅସହଯୋଗର ପ୍ରଥମ ଡାକରା । ସେହି ରାଜନୈତିକୀକରଣର ପରିଣାମ ସ୍ୱରୂପ ୧୯୨୧ ଜାନୁଆରିରେ ଚକ୍ରଧରପୁରଠାରେ ମଧ୍ୟ ଏକ ଜାତୀୟ ବିଦ୍ୟାଳୟ ସ୍ଥାପିତ ହେଲା, ଯାହାର ଅନ୍ୟତମ ମୁଖ୍ୟ କର୍ତ୍ତା ଥିଲେ ଗୋଦାବରୀଶ ମିଶ୍ର । ଆଗରୁ, ୧୯୧୮ରେ ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରସାରପାଇଁ ସ୍ଥାନୀୟ ଉଦ୍ୟମରେ ସ୍କୁଲଟି ସ୍ଥାପିତ ହୋଇଥିଲା । ଅସହଯୋଗର ଡାକରାରେ ତାକୁ ଏବେ ଜାତୀୟ ବିଦ୍ୟାଳୟର ମର୍ଯ୍ୟାଦା ଦିଆଗଲା ।

ଅସହଯୋଗର ଆରମ୍ଭ ମାସରେ ଏ ଯେଉଁ ଜାତୀୟ ବିଦ୍ୟାଳୟମାନ ସ୍ଥାପିତ ହେଲା, ତା' ପଛରେ ରହିଥିଲା ବହୁ ବର୍ଷର ଜାତୀୟତାବାଦୀ ଉଦ୍ୟମ । ଆନ୍ଦୋଳନର ଡାକରା ଶୁଣି ହଠାତ କୌଣସି ଅନୁଷ୍ଠାନର ଆବିର୍ଭାବ ହୋଇ ନଥିଲା । ଉଦାହରଣ ସ୍ୱରୂପ, ସମ୍ବଲପୁର ଏବଂ ଚକ୍ରଧରପୁର ସ୍କୁଲ ଗଠନରେ ମୁଖ୍ୟ ଭୂମିକା ରହିଥିଲା ନୀଳକଣ୍ଠ ଏବଂ ଗୋଦାବରୀଶଙ୍କର; ଉଭୟେ ୧୯୦୯ ପରଠାରୁ ସତ୍ୟବାଦୀ ସ୍କୁଲ ସହ ଜଡ଼ିତ ଥିଲେ ଏବଂ ଆର୍ଥିକ ସଙ୍କଟଯୋଗୁଁ ବାଧ୍ୟହୋଇ ସାମୟିକ ଭାବେ ସତ୍ୟବାଦୀରୁ ବିଚ୍ଛିନ୍ନ ହୋଇଥିଲେ । ଜାତୀୟତାର ଜୁଆରରେ ପୁଣି ସେମାନେ ଆନ୍ଦୋଳନକୁ ଏବଂ ଏହାର ମାଧ୍ୟମ ଜାତୀୟ ସ୍କୁଲ ପ୍ରତି ଆକୃଷ୍ଟ ହେଲେ । ଠିକ ସେହିଭଳି କଟକ ସ୍କୁଲ ମଧ୍ୟ ଜାତୀୟତାରେ ଉଦ୍‌ବୁଦ୍ଧ କଲେଜ ଛାତ୍ରଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ପୁଣି, ଏହିସବୁ ଅଞ୍ଚଳରେ ଜାତୀୟତାବାଦୀ ଅନ୍ଦୋଳନ ବିଭିନ୍ନ ରୂପରେ ଆଗରୁ ଚେର ମାଡ଼ି ସାରିଥିଲା, ତାହା ସମ୍ବଲପୁରର ଭାଷା ଆନ୍ଦୋଳନ ମାଧ୍ୟମରେ ହେଉ ବା ସତ୍ୟବାଦୀର ପ୍ରତିଷ୍ଠା ମାଧ୍ୟମରେ ହେଉ । ୧୯୧୮-୧୯ ମସିହା ବେଳକୁ କଟକରେ 'ଭାରତୀ ମନ୍ଦିର' ନାଁରେ ଏକ ନରମପନ୍ଥୀ ଜାତୀୟତାବାଦୀ ଗୋଷ୍ଠୀ ଆରମ୍ଭ ହୋଇଥିଲା । ଏହାର ପ୍ରମୁଖ କର୍ମୀ ଥିଲେ ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ, ଭାଗୀରଥି ମହାପାତ୍ର ଆଦି ଯୁବ ବୁଦ୍ଧିଜୀବୀ । ଏହା ମହାଭାରତୀୟତାର ପ୍ରବାହକୁ ତୀବ୍ର କରିଥିଲା । ଗୋଷ୍ଠୀର ନାଁରୁ ସିଦ୍ଧ ହୁଏ ଯେ, ଯୁବ ବୁଦ୍ଧିଜୀବୀଙ୍କପାଇଁ 'ଭାରତ' କଦାଚିତ ଗୌଣ ପ୍ରସଙ୍ଗ ନଥିଲା । ଏହିସବୁ ରାଜନୈତିକୀକରଣକୁ ଅନୁଧ୍ୟାନ କଲେ ମନେହୁଏ, ଅସହଯୋଗର ଡାକରାକୁ ଓଡ଼ିଶାର ଜାତୀୟତାବାଦୀ ଯେମିତି ଚାକି ରହିଥିଲେ । ତେଣୁ, ଡାକରା

ନ ମିଳୁଣୁ ନିଜ ନିଜ ଅଞ୍ଚଳରେ ଜାତୀୟ ବିଦ୍ୟାଳୟ ଗଠନ କରି ଯେମିତି ସେମାନେ ଆନ୍ଦୋଳନର ଖୁଣ୍ଟ ପୋତିଦେଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନ , ସ୍କୁଲ ଏବଂ ପତ୍ର-ପତ୍ରିକା ଯେ ପରସ୍ପରର ପରିପୂରକ ହେଲେ, ଏହା ଅନସ୍ବୀକାର୍ଯ୍ୟ। ଜାତୀୟ ସ୍କୁଲର ଶିକ୍ଷକ ଓ ଛାତ୍ର ଗାଁ ଗାଁକୁ ଯାଇ ଅସହଯୋଗର ସଭା ଆୟୋଜନ କଲେ ; ବକ୍ତା ହେଲେ ; ଶ୍ରୋତା ମଧ୍ୟ ହେଲେ। ଆନ୍ଦୋଳନର ଅନୁଭୂତି ସେମାନଙ୍କପାଇଁ ଜାତୀୟ ଶିକ୍ଷା ହେଲା। ସେମାନଙ୍କ ଉଦ୍ୟମରେ ମାତ୍ର କେତୋଟି ସହରାଞ୍ଚଳରେ ଆରମ୍ଭ ହୋଇଥିବା ଅସହଯୋଗ ଆଖପାଖର ଗାଁକୁ ବ୍ୟାପିଲା ; କେବେ କେମିତି ଗଡ଼ଜାତମାନଙ୍କୁ ମଧ୍ୟ ପ୍ରସାରିତ ହେଲା। ବାଲିପାଟଣା (ପୁରୀ), ଗଂଜାମର ଦିଗପହଣ୍ଡି, ଭଦ୍ରକ, ସମ୍ବଲପୁର ପାଖ ଗ୍ରାମାଞ୍ଚଳରେ ସଭାମାନ ଆୟୋଜିତ ହେଲା। ସ୍ୱରାଜ ପଞ୍ଚାୟତ ଗଠନ ଓ ନିଶା ନିବାରଣପାଇଁ ନିଷ୍ପତ୍ତି ନିଆହେଲା ତଥା କଂଗ୍ରେସର ସଭ୍ୟ ସଂଗ୍ରହ ହେଲା। ଆନ୍ଦୋଳନ ପ୍ରତି ବୃଦ୍ଧି ପାଉଥିବା ଜନ ଆଗ୍ରହର ନିଦର୍ଶନ ଦେବାକୁ ଯାଇ ଗୋପବନ୍ଧୁ ଗୋଟିଏ ଘଟଣାର ଉଲ୍ଲେଖ କରି ୧୯୨୧ ଜାନୁଆରିରେ ଲେଖିଥିଲେ ଯେ, ମାତ୍ର କେତେ ଘଣ୍ଟା ରହଣି ମଧ୍ୟରେ କଂଗ୍ରେସ ଲୋକ ଭଦ୍ରକରେ ପ୍ରାୟ ୧୫୦ ଜଣଙ୍କୁ ପ୍ରାଥମିକ ସଭ୍ୟଭୁକ୍ତ କଲେ। ଏହା ଅସହଯୋଗ ପ୍ରତି ବଢୁଥିବା ଲୋକଙ୍କର ଉତ୍ସାହ ଓ ଆଗ୍ରହକୁ ସୁସ୍ପଷ୍ଟ କଲା।

## ଗାନ୍ଧୀଙ୍କ ଓଡ଼ିଶା ଗସ୍ତ

ଏହିଭଳି ଏକ ଉତ୍ସାହପୂର୍ଣ୍ଣ ପରିବେଶରେ ୧୯୨୧ ମାର୍ଚ୍ଚ ୨୨ରୁ ୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିଲେ ଏବଂ ଭଦ୍ରକ, କଟକ, ପୁରୀ ଏବଂ ବ୍ରହ୍ମପୁରଠାରେ ଆୟୋଜିତ ଅସହଯୋଗ ସଭାକୁ ସମ୍ବୋଧନ ଦେଲେ। ସ୍ୱରାଜନିମନ୍ତେ ହିନ୍ଦୁ-ମୁସଲିମ୍ ଏକତା ଏକ ଆବଶ୍ୟକତା ବୋଲି ଗାନ୍ଧୀ ନିଜ ବକ୍ତବ୍ୟରେ ପ୍ରକାଶ କଲେ। ସରକାରୀ ଦୁଷ୍ପ୍ରଭାବରୁ ମୁକ୍ତ ହେବାପାଇଁ ଛାତ୍ରମାନେ ସରକାରୀ ଶିକ୍ଷାନୁଷ୍ଠାନ ତ୍ୟାଗ କରନ୍ତୁ ବୋଲି ମଧ୍ୟ ସେ ପରାମର୍ଶ ଦେଲେ। ତା'ଛଡ଼ା, ଓଡ଼ିଶାର ଦୁର୍ଭିକ୍ଷ ଓ ଭାଷାଭିତ୍ତିକ ସମସ୍ୟାପାଇଁ ସେ ସରକାରଙ୍କ ଉପନିବେଶବାଦୀ ନୀତି ଦାୟୀ ବୋଲି ସମାଲୋଚନା କଲେ। ବ୍ରହ୍ମପୁରରେ ଭାଷା ଭିତ୍ତିରେ ତେଲୁଗୁ ଓ ଓଡ଼ିଆମାନଙ୍କ ମଧ୍ୟରେ ଦେଖା ଦେଇଥିବା ପ୍ରତିଯୋଗିତାକୁ ବୃହତ୍ତର ସ୍ୱରାଜ ପ୍ରାପ୍ତିର ଲକ୍ଷ୍ୟ ନେଇ ନେତୃବୃନ୍ଦ ଆପୋସରେ ସମାଧାନ କରି ନେବାକୁ ପ୍ରସ୍ତାବ ଦେଲେ। ନିଜର ସ୍ୱଳ୍ପ ରହଣି କାଳ ମଧ୍ୟରେ ଗାନ୍ଧୀ ଲକ୍ଷ୍ୟ କଲେ ଯେ, ଓଡ଼ିଶାରେ ଆନ୍ଦୋଳନର ବିସ୍ତାର ନିମନ୍ତେ ବଡ଼ ଆବଶ୍ୟକତା ହେଲା ପାଣ୍ଠି ଏବଂ ପରିପକ୍ୱ ନେତୃତ୍ୱ। ପାଣ୍ଠିପାଇଁ ସେ କଟକରେ ମାରୱାଡ଼ି ଏବଂ ଗୁଜରାଟୀ ବ୍ୟବସାୟୀଙ୍କ ସହ ସ୍ୱତନ୍ତ୍ର ଭାବେ ଭେଟି ପରାମର୍ଶ କଲେ ଏବଂ ନେତୃସ୍ଥାନୀୟ ଶିକ୍ଷିତ ବୁଦ୍ଧିଜୀବୀମାନେ ଆନ୍ଦୋଳନର ଦୂରରେ ରହୁଥିବାରୁ ସେମାନଙ୍କୁ ତୀବ୍ର ସମାଲୋଚନା କଲେ। ଗଡ଼ଜାତ ରାଜା ଓ ଜମିଦାର ବର୍ଗର ଅଯଥା ସରକାରୀ ଆନୁଗତ୍ୟକୁ ମଧ୍ୟ ସେ ନିନ୍ଦା କଲେ। ଗାନ୍ଧୀ ସଭାକୁ ନେଇ ଲୋକଙ୍କର ଉତ୍ସାହକୁ ଦେଖି ମନେହେଲା ଯେ, ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ଗାନ୍ଧୀ ଆଉ ଅପରିଚିତ ନୁହନ୍ତି। ଏଣିକି ଅସହଯୋଗ ଯଦି ହୁଏ

ଉପନିବେଶବାଦ ବିରୋଧତାର ମୁଖ୍ୟ ପ୍ରତୀକ, ତେବେ ଗାନ୍ଧୀ ହେବେ ତାର ଅଘୋଷିତ ମୁଖ୍ୟ କର୍ତ୍ତା, ଏହା ସଭାଗୁଡ଼ିକରୁ ସୁସ୍ପଷ୍ଟ ହେଲା ।

ଗାନ୍ଧୀଙ୍କର ଓଡ଼ିଶା ଗସ୍ତ ଯେଉଁ ପରିମାଣରେ ଉତ୍ସାହ ଆଣିଦେଲା, ତାର ଏକ ନମୁନା ମିଳେ ଭଦ୍ରକରେ ଦିଆଯାଇଥିବା ଭବ୍ୟ ସମ୍ବର୍ଦ୍ଧନାରୁ । ଗାନ୍ଧୀଙ୍କୁ ସ୍ୱାଗତ ଜଣାଇ ୭୨ଟି ସଂକୀର୍ତ୍ତନ ଦଳ ରେଳ ଷ୍ଟେସନ୍‌ରୁ ସଭାସ୍ଥଳୀ ଯାଏ ପାଛୋଟି ନେଲେ । ତାଙ୍କ ପୁରୀ ସଭାରେ ଜନସମାଗମ ରଥଯାତ୍ରାର ଭିଡ଼ଠାରୁ ଅଧିକ ବୋଲି ସମ୍ବାଦ ପ୍ରକାଶିତ ହୋଇଥିଲା । କଟକ ସଭାରେ ଜଣେ ସାଧାରଣ ମଧ୍ୟବର୍ଗୀୟ ମହିଳା ଭାବରେ ଯୋଗ ଦେଇଥିଲେ ରମାଦେବୀ, ଯିଏ ପରେ ଓଡ଼ିଶାର ଜଣେ ମାତୃସ୍ଥାନୀୟା ନେତ୍ରୀ ହେଲେ । ସେଦିନ ଜନସମାଗମ ଓ ଗାନ୍ଧୀଙ୍କ ବକ୍ତବ୍ୟରେ ଏତେ ମାତ୍ରାରେ ସେ ଅଭିଭୂତ ହୋଇ ପଡ଼ିଲେ ଯେ, ନିଜ ଗହଣା ଗାଣ୍ଠି ସବୁ ସ୍ୱରାଜ ପାଣ୍ଠିପାଇଁ ଦାନ କରି ବସିଲେ । ପରବର୍ତ୍ତୀ ସମୟରେ ରମାଦେବୀ ଆଉ ବୋହୂଟିଏ ଭାବରେ ଘରକୋଣରେ ଆବଦ୍ଧ ହୋଇ ରହି ନାହାନ୍ତି । ସମାଜର ପୁରୁଷତାନ୍ତ୍ରିକତାକୁ ପ୍ରତ୍ୟାଖ୍ୟାନ କରି ସାମାଜିକ ଜୀବନକୁ ଆସିଛନ୍ତି, ଅସହଯୋଗ ଏବଂ ଅନ୍ୟାନ୍ୟ ଆନ୍ଦୋଳନରେ ସକ୍ରିୟ ଭାବରେ ଭାଗ ନେଇଛନ୍ତି; ବହୁବାର କାରାବରଣ କରିଛନ୍ତି । ଯଦିଓ ଅସହଯୋଗରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇ ନଥିଲେ, ରମାଦେବୀଙ୍କ ବ୍ୟକ୍ତିତ୍ୱର ଏହି ରାଜନୈତିକୀକରଣ, ଯାହା ଗାନ୍ଧୀ ସଭାରେ ସେ ଯୋଗ ଦେଲା ପରେ ଆରମ୍ଭ ହୋଇଥିଲା, ତାହା ପୂର୍ଣ୍ଣ ରୂପ ପାଇଲା । ସମାଜର ପୁରୁଷତାନ୍ତ୍ରିକତା ବିରୁଦ୍ଧରେ ମଧ୍ୟ ଜାତୀୟତା ଆନ୍ଦୋଳନ ଏକ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ଏହି ଉଦାହରଣ ଏକ ସମ୍ଭାବନା ଭରିଦେଲା ।

ସ୍ୱରାଜ ଯେ ଏକ ଭୟବିମୁକ୍ତ ସମାଜ ଗଠନର ପ୍ରକ୍ରିୟା ଏବଂ ତା'ପାଇଁ ଅସହଯୋଗ ଏକ ଆଶୁ ଉପଚାର - ତାହା ଗାନ୍ଧୀଙ୍କ ଅଭିଭାଷଣରୁ ଲୋକ ଧାରଣା କରିନେଲେ । ମେ-ଜୁନ ୧୯୨୧ରେ ଦେଇଥିବା ଗୁପ୍ତଚର ବିଭାଗର ରିପୋର୍ଟ ଅନୁଯାୟୀ, ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପରେ ବ୍ରିଟିଶ ରାଜ ଯାଇ ଏଣିକି 'ଗାନ୍ଧିରାଜ' ଆସିବ ବୋଲି ଲୋକ ଧାରଣା କରିନେଲେ । ଏହାର ପ୍ରମାଣ ମିଳିଲା କଟକରେ, ଯେତେବେଳେ କେଣ୍ଟନମେଣ୍ଟ ଏରିଆରେ ପରିବା ଦୋକାନୀମାନେ ମାର୍ଚ୍ଚ ଶେଷ ସପ୍ତାହରେ ପୋଲିସ ଜୁଲୁମ ବିରୁଦ୍ଧରେ ପ୍ରତିବାଦ କରି ହରତାଳ କଲେ । ଫିଙ୍ଗା ମୂଲ୍ୟରେ ପରିବା ବଜାରରୁ ପୋଲିସମାନେ ବଜାରକରନ୍ତି ଏବଂ ଭୟଗ୍ରସ୍ତ ହୋଇ ପରିବା ଦୋକାନୀ ତାର ପ୍ରତିବାଦ କରନ୍ତି ନାହିଁ । ମାତ୍ର ଗାନ୍ଧୀ ଗସ୍ତ ପରେ ସେମାନେ ସାହସ ପାଇଲେ । ପରିବା ଦୋକାନୀର ପ୍ରତିବାଦରେ ଅତିଷ୍ଠ ପୋଲିସ ଯେତେବେଳେ ସେମାନଙ୍କ ଉପରେ ଆକ୍ରମଣ କଲେ, ଦୋକାନୀମାନେ ସମ୍ମିଳିତ ହୋଇ ହରତାଳ କଲେ । ହରତାଳ ପରେ ଆୟୋଜିତ ସଭାରେ ନିଷ୍ପତ୍ତି ହେଲା ଯେ, ଏଣିକି ସଫେଇ କର୍ମଚାରୀ, ଖାନସମା, ଧୋବା ଏବଂ ଉଠାପରିବା ଦୋକାନୀଙ୍କୁ ନେଇ ଏକ ୟୁନିଅନ ଗଠିତ ହେବ ଏବଂ ଏହି ଧରଣର ଅତ୍ୟାଚାରର ଦୃଢ଼ ପ୍ରତିବାଦ କରାଯିବ । ସବୁଠାରୁ ବଡ଼ କଥା, ପୋଲିସର ଏହି ଯଥେଚ୍ଛାଚାରର କାରଣ ରୂପେ ବିଦେଶୀ ସରକାରକୁ ଦାୟୀ କରାଗଲା ଏବଂ ତାର ବିକଳ୍ପ ରୂପେ ଅସହଯୋଗ ହିଁ ପନ୍ଥା ବୋଲି ମତ ପ୍ରକାଶ ପାଇଲା ।

ଗାନ୍ଧୀ ଗସ୍ତ ପରେ ଅସହଯୋଗୀଙ୍କ ମଧ୍ୟରେ ଉତ୍ସାହ ଏତେ ମାତ୍ରାରେ ବୃଦ୍ଧି ପାଇଲା ଯେ, ଜୁନ୍ ୧୯୨୧ ସୁଦ୍ଧା କଂଗ୍ରେସର ସ୍ୱରାଜ ପାଣ୍ଠିପାଇଁ ତିନି ଲକ୍ଷ ଟଙ୍କା, ତିନି ଲକ୍ଷ ପ୍ରାଥମିକ ସଦସ୍ୟ ସଂଗ୍ରହ ଏବଂ ସ୍ୱଦେଶୀ ପ୍ରସାରପାଇଁ ଦୁଇଲକ୍ଷ ଅରଟ ପ୍ରଚଳନ କରାଯିବ ବୋଲି ପ୍ରାଦେଶିକ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତ୍ତି ନିଆଗଲା । ମାର୍ଚ୍ଚ ୩୧ ଏବଂ ଏପ୍ରିଲ ୧ରେ ଆୟୋଜିତ ବିଜୟୱାଡ଼ା ଅଖିଳ ଭାରତୀୟ କଂଗ୍ରେସ କମିଟି ବୈଠକରେ ଯୋଗ ଦେବା ପରେ ଗୋପବନ୍ଧୁ ସ୍ୱରାଜ ପାଣ୍ଠି ଏବଂ ପ୍ରାଥମିକ ସଦସ୍ୟ ସଂଗ୍ରହର ପରିମାଣ ତିନି ଲକ୍ଷରୁ ପାଞ୍ଚ ଲକ୍ଷକୁ ବୃଦ୍ଧି ପାଇଛି ବୋଲି ଘୋଷଣା କଲେ । ପାଣ୍ଠି ଏବଂ ସଭ୍ୟ ସଂଗ୍ରହ ଅଭିଯାନ ଏପ୍ରିଲ ୬ରୁ ୧୩ ତାରିଖ ମଧ୍ୟରେ ପାଳିତ ହୋଇଥିବା ସତ୍ୟାଗ୍ରହ ସପ୍ତାହରେ ଖୁବ ମାତ୍ରାରେ ତ୍ୱରାନ୍ୱିତ ହେଲା ।

ଧାର୍ଯ୍ୟମତେ ସ୍ୱରାଜ ପାଣ୍ଠି ଆଦି ସଂଗ୍ରହ ଅଭିଯାନକୁ ସଫଳ କରିବା ସକାଶେ ଅସହଯୋଗୀମାନେ ରାଜ୍ୟର ଚାରିଆଡ଼େ ଗସ୍ତ କରି ସଭା ସମିତିମାନ ଆୟୋଜନ କଲେ, ବିଭିନ୍ନ ବର୍ଗର ସହଯୋଗ କାମନା କଲେ । ଆନ୍ଦୋଳନରେ ମୁସଲମାନ ବର୍ଗର ସହଯୋଗକୁ ବ୍ୟାପକ କରିବାପାଇଁ ବିହାରର ମଜହର ଉଲ୍ ହକ ଆସି କଟକ, ସମ୍ବଲପୁର ଏବଂ ବାଲେଶ୍ୱର ଆଦି ମୁସଲମାନବହୁଳ ଅଞ୍ଚଳରେ ସଭା କଲେ । ଗୋପବନ୍ଧୁଙ୍କ ସାଙ୍ଗରେ ମିଶି ହକ ସିଦ୍ଧ କଲେ ଯେ ଉଭୟ ହିନ୍ଦୁ ଓ ମୁସଲମାନ ବର୍ଗର ମିଳିତ ଲକ୍ଷ୍ୟ ହେଲା ସ୍ୱରାଜ ପ୍ରାପ୍ତି । ତେଣୁ ଅସହଯୋଗ ଓ ଖିଲାଫତ ଆନ୍ଦୋଳନ ଏକ ଓ ଅଭିନ୍ନ । ସାଧାରଣ ବର୍ଗର ସହଯୋଗ ପାଇବାପାଇଁ ଗୋପବନ୍ଧୁ ସ୍ପଷ୍ଟ କଲେ ଯେ ଓଡ଼ିଶାର ଲୋକ ଗରିବ । ମାତ୍ର ଜଣ ପିଛା ପଇସାଏ ଲେଖା ଦେଲେ ବି ଧାର୍ଯ୍ୟ ମତେ ପାଣ୍ଠି ଆଦାୟ ହୋଇଯିବ । ସ୍ୱରାଜର ଯେହେତୁ ଅଧିକ ଆବଶ୍ୟକତା ସାଧାରଣ ବର୍ଗପାଇଁ, ଏହି ମହାଯଜ୍ଞରେ ସେହି ବର୍ଗର ଅଧିକ ସଂପୃକ୍ତି ଦରକାର । ଅନ୍ୟଥା ପୁଣି ସ୍ୱରାଜ କେତେଜଣ ହାତଗଣନ୍ତା ଲୋକଙ୍କ ହାତରେ ହତିଆର ହୋଇଯିବ । ଆନ୍ଦୋଳନକୁ ଗଣଭିତ୍ତିକ କରିବା ସକାଶେ ଖୋର୍ଦ୍ଧାର ଖଜଣା ବୃଦ୍ଧି, ଚୌକିଦାରୀ କର ଆଦି ସ୍ଥାନୀୟ ସମସ୍ୟାଗୁଡ଼ିକୁ ସେ ଉତ୍ଥାପିତ କଲେ ଏବଂ ସମସ୍ୟାର ନିରାକରଣପାଇଁ ଅସହଯୋଗକୁ ପନ୍ଥା ବୋଲି ଯୁକ୍ତି କଲେ ।

ସ୍ୱାଧୀନତା ସଂଗ୍ରାମ ଯେ ମାତ୍ର ଗୋଟାଏ ବର୍ଗର ଆନ୍ଦୋଳନ ନୁହେଁ, ବରଂ ଉପନିବେଶବାଦ ବିରୋଧରେ ସବୁ ବର୍ଗର ଏକ ସାଧାରଣ ଆନ୍ଦୋଳନ , ତାହା ଗୋପବନ୍ଧୁ ତଥା ଓଡ଼ିଶାର ଅନ୍ୟାନ୍ୟ ନେତୃବୃନ୍ଦ ନିଜ ଅନୁଭବରୁ ଜାଣି ପାରିଥିଲେ । ତେଣୁ, ଅନ୍ତତଃ ସ୍ୱରାଜ ପାଣ୍ଠି ସଂଗ୍ରହ, ସ୍ୱରାଜ ପଞ୍ଚାୟତ ସ୍ଥାପନ, ନିଶା ନିବାରଣ, ଅରଟ ପ୍ରସାର ଭଳି ନିର୍ବିବାଦୀୟ ପ୍ରସଙ୍ଗରେ ରାଜନ୍ୟ ବର୍ଗକୁ କଂଗ୍ରେସର ସହଯୋଗ କରିବାକୁ ଅନୁରୋଧ କରାଯାଉଥିଲା । ସବୁ ବର୍ଗର ବ୍ୟାପକ ସହଯୋଗ ନମିଳିଲେ ସ୍ୱଳ୍ପ ସମୟ ମଧ୍ୟରେ ଧାର୍ଯ୍ୟ ମତେ ପାଣ୍ଠି ସଂଗ୍ରହ ଆଦି ସମ୍ଭବପର ହେବ ନାହିଁ ବୋଲି ନେତୃତ୍ୱ ବୁଝି ସାରିଥିଲେ ।

ଏହି ପରିପ୍ରେକ୍ଷୀରେ, ଗଡ଼ଜାତର ରାଜା ଓ ଜମିଦାର ଏବଂ ଇଂରେଜ ସରକାର ମଧ୍ୟରେ ରହିଥିବା ଅନ୍ତର୍ବିବାଦକୁ ବିଶ୍ଳେଷଣ କରି ଗୋପବନ୍ଧୁ ଲେଖିଥଲେ ଯେ ଯୁଦ୍ଧପାଇଁ ପାଣ୍ଠି ଏବଂ

ମଜୁରିଆ ଯୋଗାଡ଼ ବେଳେ କେବଳ ସରକାର ରାଜା-ରାଜୁଡ଼ାଙ୍କ ସହଯୋଗ ଲୋଡ଼ନ୍ତି । ଅନ୍ୟଥା ଅନ୍ୟ ଭାରତୀୟଙ୍କୁ ଉପେକ୍ଷା କଲାଭଳି ସେମାନଙ୍କୁ ମଧ୍ୟ ତୀବ୍ର ଉପେକ୍ଷା କରନ୍ତି । ଏହି ପରିସ୍ଥିତିରେ ରାଜନ୍ୟ ବର୍ଗ କଂଗ୍ରେସକୁ ବରଂ ନିଜର ବନ୍ଧୁ ଏବଂ ସରକାରକୁ ଶତ୍ରୁ ବିଚାରିବା ଉଚିତ । ଅନ୍ୟ ପକ୍ଷରେ କେଉଁଝର, ଢେଙ୍କାନାଳ ଭଳି କେତେକ ଗଡ଼ଜାତ ଏବଂ କନିକା, ରାଜପୁର (ଝାରସୁଗୁଡ଼ା) ଆଦି କେତେକ ଜମିଦାରୀରେ କଂଗ୍ରେସର କେତେକ ଉତ୍ସାହୀ କର୍ମୀ ପ୍ରବେଶ କରି ଲୋକଙ୍କ ମଧ୍ୟରେ ସଭ୍ୟ ସଂଗ୍ରହ ଆଦି ଅଭିଯାନ ମଧ୍ୟ ଜାରି ରଖିଲେ । ଗଡ଼ଜାତ-ଜମିଦାରୀ ପ୍ରଜାଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବାପାଇଁ ଗଡ଼ଜାତ ଓ ଜମିଦାରୀ ଶାସନ ଓ ବ୍ରିଟିଶ ପ୍ରଶାସନ ମଧ୍ୟରେ ରହିଥିବା ପ୍ରଜା ବିରୋଧୀ ଆପୋସ ସମ୍ବନ୍ଧକୁ ମଧ୍ୟ ଏତେବେଳେ ଦର୍ଶାଇ ଦିଆଗଲା । ଗୋପବନ୍ଧୁ ଅତ୍ୟାଚାରୀ ରାଜା-ଜମିଦାରଙ୍କୁ ବାଜପକ୍ଷୀ ଏବଂ ନିରୀହ ପ୍ରଜାଙ୍କୁ ପାରା ସାଙ୍ଗରେ ତୁଳନା କରିଥିଲେ । ସେ ଯୁକ୍ତି କରିଥିଲେ ଯେ ପ୍ରଜାକୁଳର ରାଜନୈତିକୀକରଣ ହିଁ ପ୍ରଜା ଶାସନ ବା ଗଣତନ୍ତ୍ର ପ୍ରତିଷ୍ଠାପାଇଁ ଏକମାତ୍ର ବିକଳ୍ପ । ସାଧାରଣ ପ୍ରଜାର ପକ୍ଷ ନେବା ପ୍ରକ୍ରିୟାରେ ସେ ସୁଦୂର ବିଦେଶ ରୁଷରେ ସଂଘଟିତ ବଲସେଭିକ ବିପ୍ଳବକୁ 'ବଳସେବୀଙ୍କ ବିପ୍ଳବ' ବୋଲି ଅଭିହିତ କରିଥିଲେ ଏବଂ ''ଟିଙ୍କ ଭଳି ପ୍ରଜାଙ୍କ ରକ୍ତ ଶୋଷୁଥିବା ମୁଷ୍ଟିମେୟ ରାଜା-ଜମିଦାରଙ୍କ'' କୁଳକୁ ତୀବ୍ର ସମାଲୋଚନା କରିଥିଲେ ।

ପାଣ୍ଠି ଏବଂ ସଭ୍ୟ ସଂଗ୍ରହ ତଥା ଅରଟ ପ୍ରସାରପାଇଁ ଏତେ ସବୁ ପ୍ରୟାସ ସତ୍ତ୍ୱେ ୩୦ ଜୁନ ୧୯୨୧ ବେଳକୁ ଧାର୍ଯ୍ୟ ମତେ ସଫଳତା ମିଳିପାରିଲା ନାହିଁ । ସମ୍ବାଦପତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାର ଜିଲ୍ଲା ସ୍ତରରେ କଂଗ୍ରେସର ସ୍ଥିତି ସେତେବେଳେ ନିମ୍ନ ପ୍ରକାର ଥିଲା଼:

| **ଜିଲ୍ଲା** | **ମୋଟ ପ୍ରାଥମିକ ସଭ୍ୟ** | **ସଂଗୃହୀତ ସ୍ୱରାଜ ପାଣ୍ଠି** | **ବଣ୍ଟାଯାଇଥିବା ଅରଟର ସଂଖ୍ୟା** |
|---|---|---|---|
| କଟକ | ୧୫,୮୦୨ | ୭,୦୦୦ ଟଙ୍କା | ୧,୫୦୦ |
| ପୁରୀ | ୯,୦୦୦ | ୬,୦୦୦ ଟଙ୍କା | ୨,୦୦୦ |
| ବାଲେଶ୍ୱର | ୫,୦୦୦ | ୩,୦୦୦ ଟଙ୍କା | ୨,୦୦୦ |
| ଗଞ୍ଜାମ | ୨,୮୦୦ | ୧,୨୦୦ ଟଙ୍କା | ୧,୫୦୦ |
| ସମ୍ବଲପୁର | ୫,୯୩୫ | ୨,୮୭୦ ଟଙ୍କା | ୮,୦୦୦ |
| ସିଂହଭୂମ ଏବଂ ଗଡ଼ଜାତ ରାଜ୍ୟ | ୧,୫୦୦ | ୨,୦୦୦ ଟଙ୍କା | -- |
| **ମୋଟ** | **୪୦,୦୩୭** | **୨୨,୦୭୦ ଟଙ୍କା** | **୧୫,୦୦୦** |

ଅସଫଳତା ପଛରେ ଏକ ବଡ଼ କାରଣ ହେଲା ଯେ , ଗଡ଼ଜାତରେ ଆନ୍ଦୋଳନ ପ୍ରାୟ ପ୍ରବେଶ କରି ନଥିଲା । ଯଦିଓ ଏହା କେଉଁଝର ଓ ଢେଙ୍କାନାଳରେ ସାମାନ୍ୟ ମାତ୍ରାରେ ଅନୌପଚାରିକ ଭାବରେ ଆରମ୍ଭ ହେଲା, ଆନ୍ଦୋଳନ ପ୍ରତି ଗଡ଼ଜାତ ରାଜାଙ୍କ ଅସୂୟା ଭାବଯୋଗୁଁ ତାହା ବଢ଼ିପାରିଲା ନାହିଁ । ରାଜପୁର, ବାଙ୍କୀ ଆଦି ଜମିଦାରୀ ଅଞ୍ଚଳରେ ଯେଉଁଠି କଂଗ୍ରେସ କର୍ମୀ ପହଞ୍ଚିଲେ, ସବୁଠାରେ ଅସହଯୋଗ ପ୍ରତି ଜମିଦାରଙ୍କ ବିରୋଧର ପରିମାଣ ଖୁବ୍ ଅଧିକ ଥିଲା । ତା'ଛଡ଼ା ଗ୍ରାମାଞ୍ଚଳରେ ସାନ ସାନ ସ୍ତରର ଅଫିସର ମଧ୍ୟ ଲୋକଙ୍କୁ ଅସହଯୋଗରୁ ଦୂରରେ ରହିବାକୁ ତାଗିଦ କରିଥିଲେ । ଅନ୍ୟ ପକ୍ଷରେ, ମାତ୍ର କେତେ ଜଣଙ୍କୁ ବାଦ୍ ଦେଲେ ଓକିଲ ବର୍ଗ ଅସହଯୋଗର ପାଖ ମାଡ଼ିଲେ ନାହିଁ । ଗୋପବନ୍ଧୁ ଦାସ ନିଜେ ଜଣେ ଓକିଲ ଏବଂ ଅସହଯୋଗରେ ସାମିଲ ହେଲା ପରେ ଭବିଷ୍ୟତରେ ଆଉ କେବେ ସେ ଓକିଲାତି କରି ନାହାନ୍ତି । ଅନ୍ୟମାନଙ୍କଠାରୁ ବହୁ ଆଗରୁ ସେ ବିହାର-ଓଡ଼ିଶା ପ୍ରାଦେଶିକ କାଉନସିଲକୁ ୧୯୧୬ରେ ନିର୍ବାଚିତ ହୋଇ ୧୯୧୯ରେ ତହିଁରୁ ଇସ୍ତଫା ଦେଇଥିଲେ ଏବଂ ଭବିଷ୍ୟତରେ କେବେ କାଉନସିଲପାଇଁ ନିର୍ବାଚନ ସୁଦ୍ଧା ଲଢ଼ି ନଥିଲେ । ମାତ୍ର ଓକିଲ ବର୍ଗର ଏତାଦୃଶ ଭାବ ଦେଖି ସେ ଗଭୀର ଅବସୋସ ପ୍ରକାଶ କରିଥିଲେ, କାରଣ ଓଡ଼ିଶାରେ ଓକିଲମାନେ ହିଁ ଜାତୀୟତା ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ରୂପେ ଭୂମିକା ନିର୍ବାହ କରିବେ ବୋଲି ସମସ୍ତେ ଆଶା ରଖିଥିଲେ । ସମ୍ବଲପୁରରେ ଓକିଲମାନଙ୍କ ଅସଂପୃକ୍ତିରେ ବୀତସ୍ପୃହ ହୋଇ ଲକ୍ଷ୍ମୀନାରାୟଣ ମିଶ୍ର ସେମାନଙ୍କୁ ଏକ ବିଶ୍ୱାସଘାତକ ଗୋଷ୍ଠୀ ବୋଲି କହିଥିଲେ । ଗୋପବନ୍ଧୁଙ୍କ ମତରେ ଓକିଲମାନେ ଯେହେତୁ ଆଇନଜ୍ଞ, ସ୍ୱରାଜ ପଞ୍ଚାୟତର ଉପଯୋଗିତା କଥା ସେମାନେ ବୁଝାଇଥିଲେ ଲୋକ ସହଜରେ ସେକଥା ବିଶ୍ୱାସ ଯାଇଥାନ୍ତେ । ଠିକ ସେହିଭଳି ଆଧୁନିକ ଶିକ୍ଷିତ ଗୋଷ୍ଠୀ ଉପନିବେଶବାଦୀ ଶିକ୍ଷାର ଦୁଷ୍ପରିଣାମ ଏବଂ ଜାତୀୟ ଶିକ୍ଷାର ମହତ୍ତ୍ୱ କଥା ସହଜରେ କହିପାରିଥାନ୍ତେ, ଯାହାଦ୍ୱାରା ଅସହଯୋଗର ପ୍ରସାରଲାଭ କଷ୍ଟକର ହୋଇନଥାନ୍ତା । ଅନ୍ୟ ପକ୍ଷରେ, ଓଡ଼ିଶାର ଚାଷୀ, ଆଦିବାସୀ ମଧ୍ୟ ବିଶେଷ ସଂଖ୍ୟାରେ ଅସହଯୋଗରେ ଯୋଗ ଦେବାର ଉଦାହରଣ ନାହିଁ । ଆଦିବାସୀମାନେ ଏମିତିରେ ବ୍ରିଟିଶ ଉପନିବେଶବାଦର ବିରୋଧ କରିବାରେ ଆରମ୍ଭରୁ ଧୁରନ୍ଧର । ମାତ୍ର ଜାତୀୟତାବାଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ବହୁ ଦୂରରେ ସେମାନେ ରହିଗଲେ । ବୋଧହୁଏ, ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ-ନେତୃତ୍ୱ ଆଦିବାସୀର ଆସ୍ଥାଭାଜନ ହୋଇ ପାରିଲା ନାହିଁ । ଆଦିବାସୀ ନେତୃତ୍ୱ ଓ ଅସହଯୋଗୀଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପିତ ହୋଇ ପାରିଲା ନାହିଁ । ମୋଟ ଉପରେ କହିଲେ, ସହରାଞ୍ଚଳର କେତେକ ଶିକ୍ଷିତ ଯୁବକ ଏବଂ ଛାତ୍ର ହିଁ ଆନ୍ଦୋଳନର ନେତା ଥିଲେ; ସେମାନେ କର୍ମୀ ଭାବରେ ବି କାର୍ଯ୍ୟ କରୁଥିଲେ । ଆନ୍ଦୋଳନର ବୟୋଜ୍ୟେଷ୍ଠ ନେତା ଭାବରେ ଗୋପବନ୍ଧୁ ଦାସଙ୍କୁ, ଯାହାଙ୍କର ବୟସ ୪୫ ବର୍ଷକୁ ଟପି ନଥିଲା, ବାଦଦେଲେ କାହାର ବୟସ ବୋଧହୁଏ ଚାଳିଶକୁ ପାରି କରି ନଥିଲା ଏବଂ ଅଧିକାଂଶଙ୍କ ବୟସ ତିରିଶ ବର୍ଷରୁ ଊଣା ଥିଲା । ପ୍ରାଦେଶିକ କଂଗ୍ରେସର ଗଠନ ପରେ ମାତ୍ର କେତୋଟି ମାସ ମଧ୍ୟରେ ଅସହଯୋଗକୁ ଓଡ଼ିଶାର ଅଭ୍ୟନ୍ତରରେ ପହଞ୍ଚାଇ ପାରିବା ଭଳି

ପରିପକ୍ୱ ନେତୃତ୍ୱର ସେମାନଙ୍କଠାରେ ଅଭାବ ରହିଥିଲା । ଅସହଯୋଗର ହର୍ତ୍ତାକର୍ତ୍ତା ଭାବରେ ସେମାନେ ସୃଜନଶୀଳ ଢଙ୍ଗରେ ଆନ୍ଦୋଳନ ସହ ଓତପ୍ରୋତ ହେବା ସତ୍ତ୍ୱେ ୧୯୨୧ ଜୁନ ମାସ ଶେଷ ସୁଦ୍ଧା ଆନ୍ଦୋଳନ ବହୁତ ବ୍ୟାପକ ହୋଇ ପାରିଲା ନାହିଁ । ଅନ୍ୟଥା ଧାର୍ଯ୍ୟ ମତେ ପାଣ୍ଠି ସଂଗ୍ରହ ବା ସଭ୍ୟ ସଂଗ୍ରହ ବା ଅରଟ ପ୍ରସାର କାମ ନିଶ୍ଚୟ ପୂର୍ଣ୍ଣ ହୋଇ ପାରିଥାନ୍ତା । ସେ ଯାହା ହେଉ; ପାଣ୍ଠି, ସଭ୍ୟ ଆଦିର 'କୋଟା' ପୂରଣ କରି ନପାରିବାର ବ୍ୟର୍ଥତା ଓଡ଼ିଶା ନେତୃତ୍ୱକୁ ନିରାଶ କଲା ନାହିଁ । ୧୯୨୧ ଜୁନ ପରେ ମଧ୍ୟ ପାଣ୍ଠି ସଂଗ୍ରହ, ସଭ୍ୟ ସଂଗ୍ରହ ଅଭିଯାନ ଆଦି ଜାରି ରହିବ ବୋଲି ଦଳ ଘୋଷଣା କଲା ।

ଜୁନ ୧୯୨୧ରେ 'କୋଟା' ପୂରଣ ନ ହେବାରୁ ଆନ୍ଦୋଳନରେ କିଛି ସମୟପାଇଁ ଶିଥିଳତା ଦେଖାଗଲା । ତା'ର ସୁଯୋଗ ନେଇ ଚିନ୍ତାମଣି ଆଚାର୍ଯ୍ୟ, ବ୍ରଜ ସୁନ୍ଦର ଦାସ, ବିଶ୍ୱନାଥ କର ଏବଂ କଳ୍ପତରୁ ଦାସ ଆଦି ପୂର୍ବୋଲ୍ଲିଖିତ ଉଦାରପନ୍ଥୀ ଗୋଷ୍ଠୀ ଅସହଯୋଗର ବିକଳ୍ପ ରୂପେ ଓଡ଼ିଆ ପ୍ରସଙ୍ଗର ଉତ୍‌ଥାପନ କଲେ । ୨୬ ଜୁନ ୧୯୨୧ରେ କଟକରେ ଏକ ସଭା ଆୟୋଜନ କରି ଅସହଯୋଗର 'ନକାରାତ୍ମକ' ଦିଗକୁ ଦୂର କରିବାକୁ ସେମାନେ ପ୍ରସ୍ତାବ ଦେଲେ ଏବଂ ତା'ପାଇଁ ପୁନର୍ବାର କଂଗ୍ରେସର ପରିଧି ବାହାରେ ସମ୍ମିଳନୀର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଲେ । ଏହି ସତର୍କବାଣୀ ଅସହଯୋଗୀମାନଙ୍କୁ ପୁଣି ଥରେ ଏକଜୁଟ କରିଦେଲା । ସେମାନେ ନିଜ ନିୟନ୍ତ୍ରଣରେ ଉତ୍କଳ ସମ୍ମିଳନୀ ଝାରସୁଗୁଡ଼ାଠାରେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଲେ । ଏହି ପରିପ୍ରେକ୍ଷୀରେ ପ୍ରାଦେଶିକ କମିଟି ନିଜଆଡ଼ୁ ସମ୍ବଲପୁର ଜିଲ୍ଲା କମିଟିକୁ ଉତ୍କଳ ସମ୍ମିଳନୀକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଲା, କାରଣ 'ଉଭୟ ସଂଗଠନର ଲକ୍ଷ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ' ।

ଜୁଲାଇ ୧୯୨୧ରେ ବମ୍ବେଠାରେ ଅଖିଳ ଭାରତ କଂଗ୍ରେସ କମିଟିର ବୈଠକରେ ସ୍ଥିର ହେଲା ଯେ, ବିଦେଶୀ ବସ୍ତ୍ର ବର୍ଜନପାଇଁ ବିଦେଶୀ ବସ୍ତ୍ର ଦହନ ଏବଂ ପିକେଟିଂକୁ ଗୁରୁତ୍ୱ ଦିଆଯିବ । ଏହି ବୈଠକରେ ଭାଗୀରଥି ମହାପାତ୍ର, ନିରଞ୍ଜନ ପଟ୍ଟନାୟକ, ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ ଏବଂ ଗୋଦାବରୀଶ ମିଶ୍ର ଯୋଗ ଦେଇଥିଲେ । କଂଗ୍ରେସର ଏହି ନୂଆ ପ୍ରସ୍ତାବରେ ଯେଉଁ ଉଗ୍ରତା ରହିଥିଲା, ଓଡ଼ିଶାରେ ତାର ପ୍ରଚାର ହେବା ପରେ ଆନ୍ଦୋଳନ ପୁଣି ଥରେ ପତ୍ର-ପତ୍ରିକାରେ ଦୃଶ୍ୟମାନ ହେବାକୁ ବସିଲା । ଅନ୍ୟ ଅର୍ଥରେ କହିଲେ, କଂଗ୍ରେସର ଉଗ୍ରତା ଶିଥିଳହୋଇ ଆସୁଥିବା ଆନ୍ଦୋଳନକୁ ପୁଣି ଥରେ ସକ୍ରିୟ କରିଦେଲା ।

ଏହି ପର୍ଯ୍ୟାୟରେ ଅର୍ଥାତ୍ ୧୯୨୧ ଜୁଲାଇ ପରେ ବିଦେଶୀ ବସ୍ତ୍ର ଦହନ, ସ୍ୱଦେଶୀ କୀର୍ତ୍ତନ, ସ୍ୱଦେଶୀ ମେଳା ଆୟୋଜନ ତଥା ଅରଟର ପ୍ରଦର୍ଶନୀ ଆଦି ଅସହଯୋଗର ଉଗ୍ରତାକୁ ପ୍ରତିଫଳିତ କଲା । କଟକରେ ଖିଲାଫତ ଓ କଂଗ୍ରେସ କର୍ମୀ ପରସ୍ପର ମଧ୍ୟରେ ରକ୍ଷାବନ୍ଧନ କରି ସାଂପ୍ରଦାୟିକ ସଦ୍‌ଭାବ ପ୍ରଶ୍ନକୁ ଉଜ୍ଜୀବିତ କଲେ । ବାଙ୍କୀରେ ସରକାରୀ ସ୍କୁଲ ଗୃହ ପୋଡ଼ିହେଲା । ଏଥିପାଇଁ ପୋଲିସ୍ ସ୍ଥାନୀୟ ଅସହଯୋଗୀଙ୍କ ଉପରେ ସନ୍ଦେହ ପ୍ରକାଶ କଲେ । ପ୍ରାଦେଶିକ କଂଗ୍ରେସର ଉଗ୍ରତା ଆଉ ଏକ ପ୍ରକାରେ ମଧ୍ୟ ଏହି ସମୟରେ ପରିଲକ୍ଷିତ ହେଲା । ଗୋପବନ୍ଧୁ ଦାସ ଗଡ଼ଜାତ

ରାଜାଙ୍କୁ ସତର୍କବାଣୀ ଶୁଣାଇଲେ ଯେ ବେଠି, ବେଗାରି, ରସଦ ଆଦି ଅନ୍ୟାୟ ପ୍ରଥା ଯଦି ଶୀଘ୍ର ବନ୍ଦ ନହୁଏ, ସ୍ୱରାଜ ପରେ ତାର ଦୁଷ୍ପରିଣାମ ରାଜାମାନଙ୍କୁ ଭୋଗ କରିବାକୁ ପଡ଼ିବ। ଅନ୍ୟପକ୍ଷରେ କନିକା, ରାଜପୁର, ମଧୁପୁର ଆଦି ଜମିଦାରୀ ପ୍ରଗଣାରେ କଂଗ୍ରେସ କର୍ମୀ ଅନୌପଚାରିକ ଭାବରେ ପ୍ରବେଶ କଲେ ଏବଂ ପାଣ୍ଠି ତଥା ସଭ୍ୟ ସଂଗ୍ରହ ଆଦି କାର୍ଯ୍ୟ କଲେ। ମଧୁପୁରରେ କଂଗ୍ରେସ କର୍ମୀଙ୍କୁ ଆଶ୍ରୟ ଦେବା ଅପରାଧରେ ଜଣେ ପ୍ରାଥମିକ ଶିକ୍ଷକଙ୍କୁ ଚାକିରିରୁ ବରଖାସ୍ତ କରାଗଲା। କନିକାରେ ଅଗଷ୍ଟ ୧୫ ତାରିଖ ଦିନ ଏକ ଜନସଭାକୁ ସମ୍ବୋଧିତ କରି ବାବାଜୀ ରାମଦାସ ଖଜଣା ବୃଦ୍ଧିପାଇଁ ଉଭୟ ଜମିଦାର (ଲୌକିକ ସ୍ତରରେ ରାଜା) ଓ ସରକାରଙ୍କୁ ଦୋଷୀ ସାବ୍ୟସ୍ତ କଲେ, ସେମାନଙ୍କର ତୀବ୍ର ସମାଲୋଚନା କଲେ। ଖଜଣା ବୃଦ୍ଧିକୁ ନେଇ କନିକାରେ ଆନ୍ଦୋଳନ ଗୁପ୍ତ ଭାବରେ ଆରମ୍ଭ ହେଲା। ସ୍ଥାନୀୟ କଂଗ୍ରେସ କର୍ମୀ ତହିଁରେ ସକ୍ରିୟ ସହଯୋଗ କଲେ। କଂଗ୍ରେସର ପ୍ରାଥମିକ ସଭ୍ୟ ହୋଇ ଅସହଯୋଗରେ ରୟତ ପ୍ରଜା ଯୋଗ ଦେଲେ ସେମାନଙ୍କୁ ଆଉ ଖଜଣା ଦେବାକୁ ପଡ଼ିବ ନାହିଁ ବୋଲି ଲୌକିକ ସ୍ତରରେ ଆଶା ସୃଷ୍ଟି ହେଲା। ବାବାଜୀ ରାମଦାସଙ୍କ ସଭା ପରେ ଛଅଜଣ ଛାତ୍ର କନିକା ସ୍କୁଲ ବର୍ଜନ କଲେ ଏବଂ ଆନନ୍ଦ ଜେନା, ଚକ୍ରଧର ବେହେରା ଆଦି କେତେକ ଜମିଦାର କର୍ମଚାରୀ ଚାକିରିରୁ ବରଖାସ୍ତ ହେଲେ। ପରବର୍ତ୍ତୀ ସମୟରେ ଏହା କନିକା ଆନ୍ଦୋଳନକୁ ଅଧିକ ତେଜୀୟାନ କଲା।

ପ୍ରାଦେଶିକ କଂଗ୍ରେସର ଉଗ୍ରତାର ପ୍ରତିଫଳନ ପ୍ରବାସୀ ଓଡ଼ିଆ କୁଲି ମଜୁରିଆ ସଂଗଠନରେ ମଧ୍ୟ ଅନୁଭୂତ ହେଲା। ବର୍ମା ଓ ଇଜିପ୍ଟରେ ରହୁଥିବା ପ୍ରବାସୀଙ୍କ ପକ୍ଷରୁ ଯଥାକ୍ରମେ ମଧୁସୂଦନ ମହାନ୍ତି ଓ ଚକ୍ରଧର ପଟ୍ଟନାୟକ ପ୍ରାଦେଶିକ କଂଗ୍ରେସ ସହ ଯୋଗାଯୋଗ ସ୍ଥାପନ କଲେ। କଲିକତାର ପ୍ରବାସୀ ଓଡ଼ିଆଙ୍କୁ ସଂଗଠିତ କରିବାସକାଶେ କଟକ ଜିଲ୍ଲା ସମିତି ପ୍ରତିନିଧି ମଧ୍ୟ ପଠାଇଲା ଏବଂ କଲିକତା ବଡ଼ବଜାରରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଶାଖା ଗଠିତ ହେଲା। ଏହି ସଂଗଠନର ଫଳ ସ୍ୱରୂପ ୧୯୨୧ ଅଗଷ୍ଟ ଶେଷ ଆଡ଼କୁ ବଡ଼ବଜାରରେ ଓଡ଼ିଆ କୁଲି ବିଦେଶୀ ବସ୍ତ୍ରର ବୋଝ ଉଠାଇବେ ନାହିଁ ବୋଲି ହରତାଳ କଲେ।

## ପୋଲିସର ଦମନଲୀଳା

କଂଗ୍ରେସର ଉଗ୍ରତା ସହିତ ତାଳ ଦେଇ ଏହି ସମୟରେ ଅସହଯୋଗୀଙ୍କ ଉପରେ ପୋଲିସ ଦମନ ମଧ୍ୟ ବୃଦ୍ଧି ପାଇଲା। ନିଷେଧାଜ୍ଞା ଜାରି କରି ପୋଲିସ ପ୍ରାଦେଶିକ କଂଗ୍ରେସର ତୁଙ୍ଗ ନେତାମାନଙ୍କର 'ମୁଖବନ୍ଦ' କଲେ। ସେପ୍ଟେମ୍ବରରେ ଗୋପବନ୍ଧୁ ଦାସଙ୍କର କଟକ, ପୁରୀ ଏବଂ ସତ୍ୟବାଦୀରେ ଦୁଇମାସପାଇଁ ମୁଖବନ୍ଦ ହେଲା। ଭାଗୀରଥି ମହାପାତ୍ର ଏବଂ ଦିଗମ୍ବର ଶ୍ରୀଚନ୍ଦନଙ୍କର କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରେ ମୁଖବନ୍ଦ ହେଲା। ଅଗଷ୍ଟରେ ବାବାଜୀ ରାମଦାସଙ୍କୁ ଗିରଫ କରି ଜେଲ୍ ପଠାଗଲା। ପୁଣି, ନାନା ଉପାୟରେ ସରକାର କଂଗ୍ରେସର ନିଶା ନିବାରଣ କାର୍ଯ୍ୟକ୍ରମକୁ ବିରୋଧ କରି ମଦ୍ୟପାନର ଆବଶ୍ୟକତା ଦର୍ଶାଇଲେ। ଏହା ସରକାରର ଜନ ବିରୋଧୀ ସ୍ୱଭାବକୁ ଅଧିକ

ସୁସ୍ପଷ୍ଟ କଲା । ତା'ଛଡ଼ା, ନଭେମ୍ବରରେ ଗୋପବନ୍ଧୁଙ୍କ ନାଁରେ ଏକ ମିଥ୍ୟା ଅଭିଯୋଗ ଅଣାଗଲା ଏବଂ ଖୋର୍ଦ୍ଧା ଅଦାଲତରେ ତାର ବିଚାର ଚାଲିଲା ।

କଂଗ୍ରେସ ଏକ ପକ୍ଷରେ ପୋଲିସ ଦମନର ବିରୋଧ କଲା । ପୁଣି ଅନ୍ୟ ପକ୍ଷରେ ଜେଲ୍‌କୁ ସ୍ୱରାଜ ପ୍ରାପ୍ତିର ସ୍ୱର୍ଗଦ୍ୱାର ବୋଲି ଉଲ୍ଲେଖ କଲା । ଗିରଫ ବ୍ୟକ୍ତି ଜାମିନରେ ଗଲେ ନାହିଁ । ଗୋପବନ୍ଧୁ ମୁଖବନ୍ଦ ଆଦେଶର ଅମାନ୍ୟ କଲେ ନାହିଁ, କାରଣ ଆଇନ ଅମାନ୍ୟ ନିମନ୍ତେ କଂଗ୍ରେସ ନିର୍ଦ୍ଦେଶ ଦେଇ ନଥିଲା । ମାତ୍ର କଂଗ୍ରେସ ସଭାମାନଙ୍କରେ ସେ ଲିଖିତ ବକ୍ତବ୍ୟମାନ ଦେଲେ । ଗୋପବନ୍ଧୁଙ୍କ ଉପସ୍ଥିତିରେ ତାଙ୍କ ବକ୍ତବ୍ୟ ସଭାରେ ପାଠ କରାଗଲା । ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କଦ୍ୱାରା ଲିଖିତ 'ମୂକ ମିନତି'କୁ ଦେଖାଯାଇପାରେ । ଏହା ଲୋକଙ୍କ ମନରୁ ସରକାର ପ୍ରତି ଭୟ ଦୂର କଲା, ଅସହଯୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ମଧ୍ୟ ପ୍ରଦାନ କଲା । ପୁଣି, ଉପସ୍ଥିତ ସ୍ଥିତିରେ ଏହା ଆଇନ ଅମାନ୍ୟ ପରି ଦୃଢ଼ ବିରୋଧର କାମ କଲା । ଅର୍ଥାତ୍ ପ୍ରାଦେଶିକ ନେତୃତ୍ୱ ଦଳୀୟ ନିର୍ଦ୍ଦେଶକୁ ଅବମାନନା କଲେ ନାହିଁ, ଅଥଚ ଲିଖିତ ବକ୍ତବ୍ୟ ପ୍ରଦାନ କରି ସରକାରଙ୍କ ଅପାରଗତାକୁ ସୁସ୍ପଷ୍ଟ କଲେ ।

ନିମ୍ନରେ 'ମୂକ ମିନତି'ରୁ କିଛି ଉଦ୍ଧୃତ କରାଗଲା ।

''ପୁରୀ ଆଉ କଟକର ଜିଲ୍ଲା ମେଜେଷ୍ଟର
ଏକଶ ଚୌରାଳିଶ ଦଫାରେ ଅଡ଼ର ।।
ଜାରିକରି ମୋର ମୁଖ କରିଛନ୍ତି ବନ୍ଦ
ସେଥିପାଇଁ ନୁହେଁ ମୁହିଁ ତିଳେ ନିରାନନ୍ଦ ।।
ହୁକୁମ ନ ମାନି କାର୍ଯ୍ୟ କରିବାକୁ ଭାଇ
ମୋ ହୃଦେ ଶକତି ଦେଇଛନ୍ତି ବିଶ୍ୱ ସାଇଁ ।।
କିନ୍ତୁ କଂଗ୍ରେସର ନାହିଁ ସେପରି ଆଦେଶ
ତେଣୁ ଏ ମୂକ ମିନତି କଲି ପରକାଶ ।।''

୧୯୨୧ ମସିହା ଶେଷ ବେଳକୁ ସରକାର ପକ୍ଷର ପ୍ରତିକ୍ରିୟାରୁ କେତେକ ଅଞ୍ଚଳରେ କଂଗ୍ରେସର ଲୋକାଧାର ବିପୁଳ ପରିମାଣରେ ବୃଦ୍ଧି ପାଇଥିବାର ପ୍ରମାଣ ମିଳେ । ଅକ୍ଟୋବର ୪ 'ସମାଜ'ରେ ପ୍ରକାଶିତ 'ସତ୍ୟହେଲେ ସାଂଘାତିକ' ଶୀର୍ଷକ ଏକ ସମ୍ବାଦକୁ ନେଇ ବେଗୁନିଆ ପୋଲିସ ଖୋର୍ଦ୍ଧା ଅଦାଲତରେ ପତ୍ରିକାର ସଂପାଦକ ଏବଂ ପ୍ରାଦେଶିକ କଂଗ୍ରେସର ସଭାପତି ଗୋପବନ୍ଧୁଙ୍କ ନାଁରେ ଏକ ମିଥ୍ୟା ମାନହାନି ମୋକଦ୍ଦମା ଦାୟର କଲେ । ସେହି ଆଧାରରେ ଗୋପବନ୍ଧୁ ଗିରଫ ହେଲେ ଏବଂ ଜାମିନରେ ନ ଯିବାରୁ ଖୋର୍ଦ୍ଧାରେ ତାଙ୍କର ବିଚାର ଚାଲିଲା । ବିଚାରର ଶୁଣାଣି ଦିନମାନଙ୍କରେ ଅଦାଲତ ପରିସରରେ ହଜାର ହଜାର ଲୋକଙ୍କର ସମାଗମ ହେଲା । ଅଦାଲତ କକ୍ଷରେ ଭିଡ଼ ଅସମ୍ଭାଳ ହେବାରୁ ଶୁଣାଣି ଅଦାଲତ ବାହାରେ ଖୋଲା ହତାରେ କରାଗଲା । ବିଚାରକୁ ନେଇ ଲୋକ ଉତ୍ସାହ ଏତେ ମାତ୍ରାରେ ବୃଦ୍ଧି ପାଇଲା ଯେ , ଦୁଇଜଣ ଓଡ଼ିଆ ମାଜିଷ୍ଟ୍ରେଟ ବାହାନା କରି ଛୁଟି ନେଇଗଲେ । ମିଥ୍ୟା ଅପରାଧରେ ଜଣେ ଜନନେତାଙ୍କୁ ଦଣ୍ଡ

ଦେଇ ସେମାନେ ଲୋକଙ୍କ ନଜରରେ ଦୋଷୀ ହେବାକୁ ଚାହିଁଲେ ନାହିଁ । ଏ ଆଡ଼େ ସରକାର ଚାପ ଦେଉଥାନ୍ତି, ଲୋକଙ୍କ ମନରେ ଭୟ ସୃଷ୍ଟିପାଇଁ ଗୋପବନ୍ଧୁଙ୍କୁ ଯେନତେନ ପ୍ରକାରେଣ ଦଣ୍ଡ ଦିଆଯାଉ । ଦଣ୍ଡ ଦିଆଗଲେ ଲୋକେ ଯେ ବିଚାରପତିଙ୍କୁ କ୍ଷମା କରିବେ ନାହିଁ - ଏକଥା ମାଜିଷ୍ଟ୍ରେଟମାନେ ମଧ୍ୟ ଅନୁଭବ କରୁଥାନ୍ତି । ଶେଷରେ ନୂତନ ଭାବେ ନିଯୁକ୍ତ ମାଜିଷ୍ଟ୍ରେଟ ସୁରେଶ ଚନ୍ଦ୍ର ବୋଷଙ୍କୁ, ଯିଏ ହେଲେ ସୁଭାଷ ଚନ୍ଦ୍ର ବୋଷଙ୍କର ଭାଇ, ବିଚାର ଦାୟିତ୍ୱ ଦିଆଗଲା । ଜାତୀୟତାରେ ଓତପ୍ରୋତ ସୁରେଶ ଚନ୍ଦ୍ର ସରକାରୀ ଚାପ ନମାନି ମୋକଦ୍ଦମାର ନିରପେକ୍ଷ ବିଚାର କଲେ ଏବଂ ଶେଷରେ ଗୋପବନ୍ଧୁଙ୍କୁ ନିର୍ଦୋଷରେ ଖଲାସ କଲେ । ଏହି ଐତିହାସିକ ବିଚାର ସମ୍ବନ୍ଧରେ ସେ ଯେଉଁ ବିସ୍ତୃତ ବିବରଣୀ ଦେଇଛନ୍ତି, ତହିଁରୁ କଂଗ୍ରେସର ବିପୁଳ ଲୋକାଧାର (ତାଙ୍କ ମତରେ ଶୁଣାଣି ଶେଷ ଦିନ ପ୍ରାୟ ତିରିଶ ହଜାର ଜନସମାଗମ ହୋଇଥିଲା ଏବଂ ଶାନ୍ତିରକ୍ଷାନିମିତ୍ତ ପୋଲିସ ବଦଳରେ ମଝିରେ ମଝିରେ ବନ୍ଦୀ ଗୋପବନ୍ଧୁଙ୍କୁ ହସ୍ତକ୍ଷେପ କରିବାକୁ ପଡୁଥିଲା), ଅସହଯୋଗକୁ ନେଇ ସରକାରଙ୍କ ମନରେ ଜାଗ୍ରତ ହୋଇଥିବା ଭୟ ଏବଂ ଅନେକ ସରକାରୀ କର୍ମଚାରୀଙ୍କର ଆନ୍ଦୋଳନ ପ୍ରତି ରହିଥିବା ଦରଦ ତଥା ସରକାରୀ ତନ୍ତ୍ରର କ୍ରମ ବିଫଳତା କଥା ସୁସ୍ପଷ୍ଟ ହୁଏ । ମାତ୍ର କେତେଜଣ ଯୁବ - ଛାତ୍ରଙ୍କ ହାତରେ ୧୯୨୧ର ଜାନୁଆରିରେ ଆରମ୍ଭ ହୋଇଥିବା ଅସହଯୋଗ ଯେ ବର୍ଷର ଶେଷ ବେଳକୁ ଓଡ଼ିଶାର ଇତିହାସରେ ଏକ ସୁଦୃଢ଼ ସ୍ଥିତି ପାଇସାରିଥିଲା , ତାହା ଏହି ଐତିହାସିକ ବିଚାରରୁ ସିଦ୍ଧ ହୋଇଥିଲା ।

ଅସହଯୋଗର ଉଗ୍ରତା ଏବଂ କଂଗ୍ରେସର ବର୍ଦ୍ଧିଷ୍ଣୁ ଜନାଧାର ଏହି ସମୟରେ ଅନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ପରିଲକ୍ଷିତ ହେଲା । ୨୨ ନଭେମ୍ବର ୧୯୨୧ ଦିନ ଖୋର୍ଦ୍ଧାରେ ଗୋପବନ୍ଧୁଙ୍କ ବିଚାର ସରିଲା; ଗୋପବନ୍ଧୁ ନିର୍ଦୋଷରେ ଖଲାସ ହେଲେ; ତେଣିକି ଏକ ବିରାଟ ପଟୁଆରରେ ଲୋକେ ତାଙ୍କୁ ନେଇ ଏକ ସଭା କଲେ । ଗୋପବନ୍ଧୁଙ୍କ ଖଲାସ ହେବା, ସଭାର ଏବଂ ଲୌକିକ ସ୍ତରରେ ଅସହଯୋଗର ସଫଳତାକୁ ଇଙ୍ଗିତ କଲା । ଠିକ ସେହି ଦିନ ବାଲେଶ୍ୱରଠାରେ ହରେକୃଷ୍ଣ ମହତାବ ଏବଂ ଆଉ ଚାରି ଜଣ ଅସହଯୋଗୀ ବିଦେଶୀ ବସ୍ତ୍ର ବୋଝେଇ ଏକ ଶଗଡ଼ ଗାଡ଼ି ଆଗରେ ପିକେଟିଂ କରି ଗିରଫ ହେଲେ ଏବଂ ଜାମିନରେ ଯିବାକୁ ଅମଙ୍ଗ ହେଲେ । ସେଠାରେ ମଧ୍ୟ ଏକ ବିରାଟ ପଟୁଆରରେ ଲୋକେ ସେମାନଙ୍କୁ ଜେଲ୍ ଫାଟକ ଯାଏଁ ପାଛୋଟିନେଲେ । ପରଦିନ ଅଧିକ ସଂଖ୍ୟକ ଅସହଯୋଗୀ (ଦଶ ଜଣ) ପିକେଟିଂ ଜାରି ରଖିଲେ । ପରିଣାମ ସ୍ୱରୂପ, ଅନେକ ବ୍ୟବସାୟୀ ବିଦେଶୀ ବସ୍ତ୍ର ବିକ୍ରୀ ନ କରିବାକୁ ନିଷ୍ପତ୍ତି ନେଲେ । ଦୁଇଜଣ ବ୍ୟବସାୟୀ ଅସହଯୋଗର 'ନିର୍ଦ୍ଦେଶ' ଅମାନ୍ୟ କରି ବିଦେଶୀ ବସ୍ତ୍ରର କାରବାର କରିବାରୁ ସ୍ୱରାଜ ପଞ୍ଚାୟତରେ ସେମାନଙ୍କର ବିଚାର ହୋଇ ଦଣ୍ଡ ଦିଆଗଲା । ବାଲେଶ୍ୱର ଜିଲ୍ଲାର ବସ୍ତା, ସୋରୋ, ଜଳେଶ୍ୱର ଏବଂ ଭଦ୍ରକରେ ଅନେକ ବ୍ୟବସାୟୀ, ଅସହଯୋଗୀଙ୍କ ଚାପରେ ବିଦେଶୀ ବସ୍ତ୍ରର କାରବାର ନ କରିବାକୁ ସାମୂହିକ ଭାବେ ଶପଥ ନେଲେ । ପୁରୀରେ କୁଲି ଏବଂ ଶଗଡ଼ିଆମାନେ ବିଦେଶୀ ବସ୍ତ୍ର ବର୍ଜନ ଦାବି କରି ହରତାଳ କଲେ । ଫଳରେ କୋଚିନକୁ ଚାଉଳ ନେବାପାଇଁ ପ୍ରସ୍ତୁତ ଏକ ଜାହାଜ ତିନିଦିନପାଇଁ ଅଟକି ରହିଲା ।

ଓଡ଼ିଶା କର୍ମୀଙ୍କ ଏହି ଉତ୍ସାହ କଂଗ୍ରେସର ଅହମଦାବାଦ ଅଧିବେଶନରେ ମଧ୍ୟ ପରିଲକ୍ଷିତ ହେଲା । ବର୍ଷକରେ ସ୍ୱରାଜ ପ୍ରାପ୍ତି ଯେହେତୁ ନିଶ୍ଚିତ, ଅହମଦାବାଦ ଅଧିବେଶନକୁ କଂଗ୍ରେସର ଶେଷ ଅଧିବେଶନ ମନେକରି ଓଡ଼ିଶାରୁ ରେକର୍ଡ଼ ସଂଖ୍ୟକ ୧୦୮ ଜଣ ପ୍ରତିନିଧି ତହିଁରେ ଯୋଗ ଦେଇଥିଲେ । ତନ୍ମଧ୍ୟରୁ କେବଳ ଗଡ଼ଜାତରୁ, ଯେଉଁଠି ଆନୁଷ୍ଠାନିକ ଭାବରେ କଂଗ୍ରେସର କୌଣସି ଶାଖା ନଥିଲା, ଥିଲେ ଏଗାର ଜଣ । ଗୋପବନ୍ଧୁ, ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଓଡ଼ିଶାରୁ ବାରଜଣ ଜାତୀୟ କଂଗ୍ରେସର ବିଷୟ କମିଟି ସଦସ୍ୟ ମନୋନୀତ ହେଲେ । ଅଧିବେଶନରୁ ଫେରିଲା ପରେ ପ୍ରାଦେଶିକ କଂଗ୍ରେସରେ ଅସହଯୋଗର ପରବର୍ତ୍ତୀ ସୋପାନ ଆଇନ ଅମାନ୍ୟ ଆନ୍ଦୋଳନପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଲା । ତହିଁରୁ ମନେହେଲା ଯେ ଚୌରିଚୌରା ଘଟଣାଯୋଗୁଁ ୧୯୨୨ ଫେବ୍ରୁଆରିରେ ଆନ୍ଦୋଳନକୁ କେନ୍ଦ୍ରୀୟ ନେତୃତ୍ୱ ପ୍ରତ୍ୟାହାର କରି ନଥିଲେ, ପ୍ରାଦେଶିକ ସ୍ତରରେ ଆନ୍ଦୋଳନ ଆହୁରି ବ୍ୟାପକ ଓ ସୁଦୃଢ଼ ହୋଇଥାନ୍ତା । ଆଇନ ଅମାନ୍ୟପାଇଁ ସ୍ଥାନେ ସ୍ଥାନେ ସ୍ୱେଚ୍ଛାସେବୀ ନିଯୁକ୍ତ ହେଲେ । ଓଡ଼ିଶାରେ ମୋଟ ୩୦୦୦ ସ୍ୱେଚ୍ଛାସେବୀ ନିଯୁକ୍ତ କରିବାକୁ ଧାର୍ଯ୍ୟ କରାଗଲା । କେବଳ ସମ୍ବଲପୁରରେ ୬୦୦ ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳିଲା । ଏହା ଆଇନ ଅମାନ୍ୟ ପ୍ରତି ଲୋକ ଉତ୍ସାହକୁ ଇଙ୍ଗିତ କରେ । ଅହମଦାବାଦରେ ସ୍ଥିର ହୋଇଥିଲା ଯେ, ସମଗ୍ର ଦେଶରେ ଆଇନ ଅମାନ୍ୟର ଡାକରା ନ ଦେଇ ପ୍ରଥମେ ମନୋନୀତ ଏକ ଛୋଟିଆ କ୍ଷେତ୍ର ପ୍ରସ୍ତୁତ କରାଯାଉ ଏବଂ ସେଠି ଆଇନ ଅମାନ୍ୟ ହେଉ । ସେହି ଆଧାରରେ ଗୁଜରାଟର ବର୍ଦ୍ଦୋଲିକୁ ମନୋନୀତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଶା ନେତୃବୃନ୍ଦ ଦୁଇଟି କ୍ଷେତ୍ରକୁ ମନୋନୀତ କଲେ; ଗୋଟାଏ ହେଲା ବାଲେଶ୍ୱରର ସାର୍ଥା ଏବଂ ଦ୍ୱିତୀୟଟି ହେଲା ପୁରୀ ଜିଲ୍ଲାର ଖୋର୍ଦ୍ଧା । ଆଇନ ଅମାନ୍ୟପାଇଁ ସାର୍ଥାରେ ୨୫ ଏବଂ ଖୋର୍ଦ୍ଧାରେ ୨୪ ଜଣ ସ୍ୱେଚ୍ଛାସେବୀଙ୍କର ପ୍ରଶିକ୍ଷଣ ମଧ୍ୟ ଆରମ୍ଭ ହେଲା । ଖୋର୍ଦ୍ଧାରେ ୩ ଫେବ୍ରୁଆରି ୧୯୨୨କୁ ଆଇନ ଅମାନ୍ୟ ନିମନ୍ତେ ଦିନ ଧାର୍ଯ୍ୟ ହେଲା । ଆଇନ ଅମାନ୍ୟ ପ୍ରତି ସାଧାରଣ ରୟତ ଚାଷୀର ଉତ୍ସାହ ବଢ଼ିବା ପଛରେ ବଡ଼ କାରଣ ହେଲା ଯେ, ସେମାନଙ୍କ ଧାରଣା ସରକାରୀ ତହବିଲରେ ଜମିର ଖଜଣା ଆଉ ଜମା କରିବାକୁ ପଡ଼ିବ ନାହିଁ । ଲୋକ ସ୍ତରରେ ବ୍ୟାପକ ସମର୍ଥନପାଇଁ କର୍ମୀମାନେ ସେହି ଆଧାରରେ ପ୍ରଚାର ମଧ୍ୟ କରୁଥିଲେ,ଯଦିଓ ପ୍ରାଦେଶିକ କଂଗ୍ରେସର ସେଭଳି କୌଣସି ଲିଖିତ ନିର୍ଦ୍ଦେଶ ନଥିଲା ।

୧୯୨୨ ମସିହା ଜାନୁଆରି ମାସରେ ଏହି 'ଆଇନ ଅମାନ୍ୟ' ପ୍ରସ୍ତୁତି ସରକାରକୁ ମଧ୍ୟ ବ୍ୟତିବ୍ୟସ୍ତ କରି ପକାଇଲା । ଆଇନ ଅମାନ୍ୟଯୋଗୁଁ ଅବକାରୀ ଠିକା କାଳେ ବାଧାପ୍ରାପ୍ତ ହୋଇପାରେ, ସେହି ଆଶଙ୍କାରେ ଠିକା ଆଗତୁରା କରି ଦିଆଗଲା । ଫେବ୍ରୁଆରି ବଦଳରେ ଷୋହଳ ଜାନୁଆରିରେ ଠିକା ହେବା ଧାର୍ଯ୍ୟ ହେଲା । ଏପଟେ ପନ୍ଦର ଜାନୁଆରିରୁ କଂଗ୍ରେସ କର୍ମୀ ଠିକା ସ୍ଥାନ ଆଗରେ ପିକେଟିଂ ଆରମ୍ଭ କରିଦେଲେ । ପିକେଟିଂ ପ୍ରତି ଜନଉତ୍ସାହ ବୃଦ୍ଧି ପାଇବା ଲକ୍ଷ୍ୟ କରି ସରକାର ଆକସ୍ମିକ ଭାବରେ ୧୬ ତାରିଖ ଦିନ ଠିକା ବାତିଲ କଲେ । କଂଗ୍ରେସ ମହଲରେ ଏହାକୁ ଏକ ବଡ଼ ସଫଳତା ବୋଲି ମନେ କରାଗଲା । ଫଳସ୍ୱରୂପ,

ଭବିଷ୍ୟତରେ କଂଗ୍ରେସ ପ୍ରତି ଜନସମର୍ଥନ ଆହୁରି ବୃଦ୍ଧି ପାଇବାର ସଂଭାବନା ଦେଖାଦେଲା । ଲୋକଙ୍କ ଧାରଣାରେ କଂଗ୍ରେସ ଏଣିକି ହେଲା ସରକାରର ସମସ୍ତରୀୟ ପ୍ରତିପକ୍ଷ । ତେଣୁ ଅବକାରୀ ପ୍ରସଙ୍ଗରେ ସରକାରର ଦୁରବସ୍ଥା କଂଗ୍ରେସ ଓ ତା ସମର୍ଥକଙ୍କ ମନରେ ଅଧିକ ଆଶା ଜାଗ୍ରତ କଲା ।

ଧାର୍ଯ୍ୟ ମତେ ୩ ଫେବ୍ରୁଆରି ୧ ୯ ୨ ୨ରେ ଖୋର୍ଦ୍ଧାରେ ଆଇନ ଅମାନ୍ୟପାଇଁ ଜନସମାଗମ ହେଲା । ସରକାରୀ ପ୍ରତିବନ୍ଧକ ସତ୍ତ୍ୱେ ସଭାରେ ୨୫୦୦ ପ୍ରାୟ ଲୋକ ଜମା ହେଲେ । 'ମୁଖବନ୍ଦ' ଆଦେଶର ଅମାନ୍ୟ କରି ଗୋପବନ୍ଧୁ ସଭାରେ ବକ୍ତୃତା ଦେଲେ । ମାତ୍ର ଜାତୀୟ କଂଗ୍ରେସରୁ ଖଜଣା ବନ୍ଦପାଇଁ ନିର୍ଦ୍ଦେଶ ମିଳି ନଥିବାରୁ ଏବେ ଖଜଣା ବନ୍ଦ ଆନ୍ଦୋଳନପାଇଁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ସୂଚନା ଦେଲେ । ସଭା ଶେଷରେ ଅନେକ ଲୋକ ସତ୍ୟାଗ୍ରହ କରି ଗିରଫ ହେଲେ । ସନ୍ଧ୍ୟାରେ ସେମାନଙ୍କୁ ପୋଲିସ୍ ଖଲାସ କରି ଦେଲା ।

ପିକେଟିଂ ଏବଂ ମୁଖବନ୍ଦ ଆଦେଶ ଅମାନ୍ୟ କରି ସମ୍ବଲପୁର, ପୁରୀ ଏବଂ ଗଞ୍ଜାମରେ ମଧ୍ୟ କଂଗ୍ରେସ କର୍ମୀ ଗିରଫ ହେଲେ । ମାତ୍ର ସବୁଠାରୁ ବେଶୀ ପ୍ରଭାବ ପଡ଼ିଲା ଜମିଦାରୀ କନିକାଠାରେ । ସେଠି ଆନ୍ଦୋଳନ ତୀବ୍ର ହେଲା , କାରଣ ଜମିଦାର, ଯିଏ 'ରାଜା' ନାମରେ ପରିଚିତ ଥିଲେ, ପ୍ରଜାଙ୍କଠାରୁ ଅନେକ ମନମୁଖୀ ଖଜଣା ଅସୁଲ କରୁଥିଲେ । କୁହାଯାଏ ଯେ, ମାଛଧରା କର, ଗୋରୁଚରା କର, ବାଳକଟା କର, ବିବାହ ପରେ ମଧୁଶଯ୍ୟା କର ଆଦି ଅନ୍ୟୁନ ୬୪ ପ୍ରକାର କର ପ୍ରଜାଙ୍କଠାରୁ ଆଦାୟ କରାଯାଉଥିଲା । କରଭାର ଅସହ୍ୟ ହେଲାବେଳେ ୧ ୯ ୨୦-୨ ୧ରେ କନିକାରେ ଜମିଜମାର ଘରୋଇ ବନ୍ଦୋବସ୍ତ ହୋଇ ଖଜଣା ଆହୁରି ବୃଦ୍ଧି ପାଇଲା । ଏଭଳି ଏକ ପରିସ୍ଥିତିରେ କଂଗ୍ରେସ ଯେତେବେଳେ ଖଜଣା ବନ୍ଦପାଇଁ ଆଇନ ଅମାନ୍ୟ କରିବ ବୋଲି ପ୍ରସ୍ତୁତି କଲା, କନିକା ପ୍ରଜା ତା' ପ୍ରତି ଆକୃଷ୍ଟହେବା ସ୍ୱାଭାବିକ କଥା । ପ୍ରଜାଙ୍କର ଧାରଣା ଯେ, କଂଗ୍ରେସର ସଭ୍ୟଭୁକ୍ତ ହେଲେ ଜମିଦାରଙ୍କ କଚେରିରେ ଜମିର ଖଜଣା ଦେବାକୁ ପଡ଼ିବ ନାହିଁ, କାରଣ ସେମାନେ 'ସ୍ୱରାଜ ପ୍ରଜା' । ଏହି କାରଣରୁ ୧ ୯ ୨ ୨ ଜାନୁଆରିରେ ପ୍ରାୟ ୪୦୦ ପ୍ରଜା କଂଗ୍ରେସର ପ୍ରାଥମିକ ସଦସ୍ୟ ହେଲେ । ଆୟେତନ ଏବଂ ମାଧପୁର ଆଦି ଗାଁରେ ବିଶାଳ ଜନସଭାମାନ ଆୟୋଜିତ ହେଲା । ସେଠାକାର ସ୍ଥାନୀୟ କର୍ମୀଙ୍କ ସାଙ୍ଗରେ ବିଶେଷକରି କଟକ ଓ ବାଲେଶ୍ୱର ଜିଲ୍ଲା କଂଗ୍ରେସର କର୍ମୀ କନିକାରେ ସକ୍ରିୟ ହେଲେ । ଏହା ଆନ୍ଦୋଳନକୁ ଆହୁରି ବଳ ଦେଲା । କନିକା ପ୍ରଜା ଆନ୍ଦୋଳନର ବିଶେଷତ୍ୱ ହେଲା ଯେ, ସେଠାରେ ସ୍ଥାନୀୟ ପ୍ରଜାର ସମସ୍ୟା ସହ ଅସହଯୋଗକୁ ଯୋଡ଼ି ହେବାର ଅବସର ମିଳିଲା । ଆନ୍ଦୋଳନରେ ଯୋଗଦାନ ମାତ୍ରକେ ରୟତ ପ୍ରଜା ତାତ୍କାଳିକ ଲାଭ ପାଇପାରିବେ ବୋଲି ଧାରଣା ସୃଷ୍ଟି ହେଲା, କାରଣ ଖଜଣା ଦେବାକୁ ପଡ଼ିବ ନାହିଁ । ଏହି ଅନୁଭୂତିରେ ଉତ୍ସାହିତ ହୋଇ କନିକା ଧରଣର ପ୍ରୟୋଗ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଆରମ୍ଭ ହେବା କଥା ବୋଲି କଂଗ୍ରେସ ମହଲରେ ଧାରଣା ସୃଷ୍ଟି ହେଲା । ସେ ନେଇ ନିଷ୍ପତ୍ତି ନେବାକୁ ୧ ୨ ଫେବ୍ରୁଆରି ୧ ୯ ୨ ୨ରେ କଟକଠାରେ କଂଗ୍ରେସର ବୈଠକ ବସିବ ବୋଲି ମଧ୍ୟ ପ୍ରାଦେଶିକ କଂଗ୍ରେସ ସ୍ଥିର କଲା ।

## ଚୌରିଚୌରା ଘଟଣା

କହିବା ବାହୁଲ୍ୟ ଯେ, ପ୍ରାଦେଶିକ କଂଗ୍ରେସର ଏହି ଉତ୍ସାହରେ ୫ ଫେବୃଆରିର ଚୌରିଚୌରା ଘଟଣାଯୋଗୁଁ ପାଣି ପଡ଼ିଗଲା । ସଂଯୁକ୍ତ ପ୍ରଦେଶ (ଉତ୍ତର ପ୍ରଦେଶ)ର ଚୌରିଚୌରାଠାରେ ଉତ୍ତ୍ୟକ୍ତ ଜନତା ୨୨ ଜଣ ପୋଲିସ ସିପାହୀଙ୍କୁ ଥାନାରେ ଜାଳି ମାରିଦେଲେ । ହିଂସାକାଣ୍ଡଯୋଗୁଁ କଂଗ୍ରେସର ତୁଙ୍ଗ ନେତା ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲେ । ଆନ୍ଦୋଳନକାରୀ ହିଂସାତ୍ମକ ପନ୍ଥା ଗ୍ରହଣ କଲେ ସରକାର ଅଧିକ ହିଂସ୍ର ହୋଇ ଆନ୍ଦୋଳନକୁ ଦମନ କରିଦେବେ ବୋଲି ସେ ବୁଝିଥିଲେ । ଗାନ୍ଧୀଙ୍କର ନିର୍ଦ୍ଦେଶକୁ ନେଇ କଂଗ୍ରେସରେ ପ୍ରବଳ ତର୍କ ବିତର୍କ ହେଲା । ଜବାହରଲାଲ ନେହେରୁ, ସୁଭାଷ ବୋଷ ଆଦି ଯୁବନେତା ଆନ୍ଦୋଳନ ପ୍ରତ୍ୟାହାର ବିରୁଦ୍ଧରେ ମତ ଦେଲେ । ତା' ସତ୍ତ୍ୱେ ଗାନ୍ଧି ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ମୋଟ ଉପରେ କହିଲେ, ଫେବୃଆରି ୧୨ ତାରିଖ (୧୯୨୨)ରେ ଅସହଯୋଗ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳପାଇଁ ନିଲମ୍ବିତ ହୋଇଗଲା ।

ଏହି ଆକସ୍ମିକ ଘଟଣା ପରେ ଓଡ଼ିଶା କଂଗ୍ରେସରେ ମଧ୍ୟ ତୁମୁଳ ହଟ୍ଟଗୋଳ ହେଲା । ଯୁବ ନେତାମାନେ ପ୍ରତ୍ୟାହାର ଆଦେଶର ନିନ୍ଦା କଲେ । ଅନ୍ୟପଟେ, 'ସମାଜ' ମତ ଦେଲା ଯେ, ଅସହଯୋଗୀପାଇଁ ଶାନ୍ତିରକ୍ଷା ହେଲା ପ୍ରଥମ ଦାୟିତ୍ୱ । ତା' ବିହୁନେ ସ୍ୱରାଜର କିଛି ଅର୍ଥ ନାହିଁ । 'ସେବା' ପୋଲିସ ସିପାହୀଙ୍କ ଚୌରିଚୌରାଠାରେ ପୋଡ଼ିବା ଘଟଣାକୁ 'ଜନତାର ଶୟତାନି' ବୋଲି କହି ନିନ୍ଦା କଲା, କାରଣ ସ୍ୱରାଜ ଦାବି ହେଲା ଏକ 'ଶାନ୍ତିଯୁଦ୍ଧ' । ଗୋପବନ୍ଧୁ ମଧ୍ୟ ହିଂସାର ନିନ୍ଦା କଲେ । ଆନ୍ଦୋଳନ ନିଲମ୍ବନର ସମର୍ଥନ କରି ଚାରି ମାର୍ଚ୍ଚ ୧୯୨୨ରେ 'ସମାଜ' ପୃଷ୍ଠାରେ ସେ ଲେଖିଥିଲେ:

''ଯୁଦ୍ଧରେ କେତେବେଳେ ଆଗକୁ ବହକି ଯିବାକୁ ହୁଏ, କେତେବେଳେ ବା ପଛକୁ ଘୁଞ୍ଚି ଆସିବାକୁ ହୁଏ ,ସାଧାରଣ ସୈନ୍ୟମାନେ ତାହା ଜାଣନ୍ତି ନାହିଁ । ସେନାପତିଙ୍କୁ ତାହା ଜଣା । ପଛକୁ ଘୁଞ୍ଚି ଆସିଲେ ହାର ହୁଏ ନାହିଁ । କେତେବେଳେ ପଛକୁ ଘୁଞ୍ଚି ଆସିଲେ ପୁଣି ପରେ ଆଗକୁ ଅଧିକ ଜୋର୍‌ରେ ଚଢ଼ି ବସିବାକୁ ହୁଏ । ଅସହଯୋଗ ଯୁଦ୍ଧ ତ ଶାନ୍ତି ଯୁଦ୍ଧ । ଦେଶର ଲୋକ ସାଧାରଣ ଏ ଯୁଦ୍ଧର ସୈନ୍ୟସାମନ୍ତ । ପୂର୍ଣ୍ଣ ଶାନ୍ତି ରଖିବାକୁ ସମର୍ଥ ନହେଲେ ଏ ଯୁଦ୍ଧରେ ଉପଯୁକ୍ତ ସିପାହୀ ହୋଇ ପାରିବେ ନାହିଁ । ସେପରି ସିପାହୀମାନଙ୍କୁ ନେଇ ଏ ଯୁଦ୍ଧ ଲଢ଼ିଲେ ଅନିଷ୍ଟ ଛଡ଼ା ଇଷ୍ଟ ନାହିଁ । ଚୌରିଚୌରାଠାରେ ଲୋକେ ଯେ ବିପ୍ରୀତ ଘଟାଇଲେ ସେଥିରୁ ମହାତ୍ମା ଗାନ୍ଧି ବେଶ ବୁଝିପାରିଲେ ଯେ ଆମ ଦେଶ ଲୋକେ ବର୍ତ୍ତମାନ ସମୂହ ଭାବରେ ଆଇନଭଙ୍ଗ କରିବାକୁ ସକ୍ଷମ ହୋଇ ନାହାନ୍ତି । ଏମାନଙ୍କର ଆହୁରି ଅଧିକ ଶିକ୍ଷା, ସାଧନା ଓ ଡ୍ରିଲ ଆବଶ୍ୟକ ।''

ଏଥିରୁ ଗୋଟାଏ କଥା ସିଦ୍ଧ ଯେ, ଅସହଯୋଗର ନିଲମ୍ବନ ବା ପ୍ରତ୍ୟାହାରକୁ ଜାତୀୟତା ଆନ୍ଦୋଳନର ଶେଷ ବୋଲି ସ୍ଥାନୀୟ ନେତୃତ୍ୱ କଦାଚିତ ମନେ କରିନଥିଲେ । ଏକଥା ମଧ୍ୟ ସତ ଯେ , ପ୍ରତ୍ୟାହାର ନିଷ୍ପତ୍ତି ସମୟରେ ଅନ୍ତତଃ ଓଡ଼ିଶାରେ ଆନ୍ଦୋଳନ ଶିଥିଳ ପଡ଼ି ନଥିଲା । ତା' ସତ୍ତ୍ୱେ, ଏକ ସର୍ବଭାରତୀୟ ଆନ୍ଦୋଳନର ଅଂଶ ଭାବରେ ଜାତୀୟ ନେତୃତ୍ୱର ଅବମାନନା ନ

କରି ଓଡ଼ିଶା ପ୍ରାଦେଶିକ ନେତୃତ୍ୱ ଆନ୍ଦୋଳନ ପ୍ରତ୍ୟାହାର କଲେ । ମାତ୍ର ଏହା ସହିତ ଆନ୍ଦୋଳନର ଉଗ୍ରତାକୁ ଯଥୋଚିତ ଢଙ୍ଗରେ ସଞ୍ଚାଳନ କରିବାକୁ ମଧ୍ୟ ପ୍ରୟାସ କଲେ । ଅନ୍ୟ ଅର୍ଥରେ କହିଲେ, ପ୍ରତିରକ୍ଷାମୂଳକ ପନ୍ଥା ଅନୁସରଣ କରି ଏଣିକି ଅସହଯୋଗ ଅବ୍ୟାହତ ରହିଲା, ଯାହା ଫଳରେ ଜାତୀୟ ନେତୃତ୍ୱର ଅବମାନନା ହେଲା ନାହିଁ, ଅନ୍ୟପକ୍ଷରେ କଂଗ୍ରେସ ପ୍ରତି ଆକୃଷ୍ଟ ସାଧାରଣ ରାଜନୈତିକ କର୍ମୀ ଆନ୍ଦୋଳନରେ ଭାଗ ନେବାପାଇଁ କିଛିଟା ଅବସର ମଧ୍ୟ ପାଇଲେ । ଉଦାହରଣ ସ୍ୱରୂପ, କନିକା ଆନ୍ଦୋଳନକୁ ଏଣିକି କଂଗ୍ରେସର ଔପଚାରିକ କର୍ତ୍ତୃତ୍ୱରୁ ବାହାରେ ରଖାଗଲା । କଂଗ୍ରେସ କର୍ତ୍ତୃତ୍ୱ ବାହାରେ ଆନ୍ଦୋଳନ ଜାରି ରହିଲେ, ଜାତୀୟ କଂଗ୍ରେସ ଲାଗୁ କରିଥିବା ନିୟମ ଲାଗୁ ହେବ ନାହିଁ । ଦ୍ୱିତୀୟରେ ଖଜଣା ବନ୍ଦ ବଦଳରେ ସେଠି ପୁରୁଣା ହାରରେ (ଘରୋଇ ବନ୍ଦୋବସ୍ତର ପୂର୍ବ ହାରରେ) ଖଜଣା ଦେବାକୁ ପ୍ରଜାଙ୍କୁ କୁହାଗଲା । ଅର୍ଥାତ ବର୍ଦ୍ଧିତ ହାରରେ ପ୍ରଜା ଜମିଦାରଙ୍କଠାରେ ଖଜଣା ଦେବେ ନାହିଁ, ଅଥଚ ପୂର୍ବ ହାରରେ କେନ୍ଦ୍ରାପଡ଼ା ସରକାରୀ କଚେରିରେ ଯାଇ ଖଜଣା ଜମା କରିବେ । ଏପଟେ ଆନ୍ଦୋଳନପାଇଁ ପ୍ରସ୍ତୁତି ପର୍ବକୁ ଅବ୍ୟାହତ ରଖିବାପାଇଁ ଏପ୍ରିଲ୍‌ରେ କନିକାରେ ସତ୍ୟାଗ୍ରହ ସପ୍ତାହ ପାଳନ କରାଗଲା । ଗାଁମାନଙ୍କରେ ଗ୍ରାମସଭା ଏବଂ ଆନ୍ଦୋଳନ ପରିଚାଳନାପାଇଁ ଉପର ସ୍ତରରେ ଏକ ପ୍ରଜା ମହାସଭା ଗଠିତ ହେଲା । ଜଙ୍ଗଲ ଆଇନର ଅମାନ୍ୟ କରି ଲୋକେ କାଠ ମଧ୍ୟ କାଟିଲେ । ଶେଷରେ ପୋଲିସଦ୍ୱାରା ଗିରଫ ପାଞ୍ଚଜଣ ଖଜଣା ଖିଲାପି ରୟତ ପ୍ରଜାଙ୍କୁ ଯେଉଁଦିନ ଆନ୍ଦୋଳନକାରୀ ପୋଲିସ ହାତରୁ ମୁକ୍ତ କଲେ ଏବଂ ଜମିଦାର କଚେରିର ପିଅନକୁ ବାଧ୍ୟ କରି ଖଦି ପିନ୍ଧାଇଲେ , ଆନ୍ଦୋଳନର ସଫଳତା ନିଶ୍ଚିତ ବୋଲି ଲୋକଙ୍କର ଧାରଣା ହେଲା । ସେହିଦିନ (୧୩ ଏପ୍ରିଲ ୧୯୨୨) ଲୋକ ହରତାଳ କଲେ ଏବଂ ଭଜନ, କୀର୍ତ୍ତନ କରି ଉତ୍ସବ ପାଳନ କଲେ । ଅନ୍ୟ ଏକ ଘଟଣାରେ ଏପ୍ରିଲ ୧୮ ତାରିଖ ଦିନ ଅନ୍ୟ ଜଣେ ଗିରଫ ପ୍ରଜାକୁ ଲୋକେ ମୁକ୍ତ କରିନେଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ୨୩ ଏପ୍ରିଲ ଦିନ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସକାଶେ ଅଧିକ ସଂଖ୍ୟକ ପୋଲିସ୍‌କୁ ପଠାଗଲା । ବିଜୟୀ ଭାବ ନେଇ ପ୍ରଜାମାନେ ଗଛକାଟି ପୋଲିସ୍‌ର ରାସ୍ତା ଅବରୋଧ କଲେ । ପରିଣାମ ସ୍ୱରୂପ, ପୋଲିସ ଗୁଳିଚାଳନା କଲେ ଏବଂ ତହିଁରେ ବାସୁ ଏବଂ ବିସୁନି ନାମକ ଦୁଇଜଣ ପ୍ରଜା ନିହତ ହେଲେ । ଆହୁରି ଅନେକ ପ୍ରଜା ଆହତ ହେଲେ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ କନିକାର ଅନ୍ୟୁନ ଦେଢ଼ଶହ ପ୍ରଜା ଗିରଫ ହୋଇ ଜେଲକୁ ପଠାହେଲେ; ଆନ୍ଦୋଳନକାରୀଙ୍କ ଘର କୋରଖ ହେଲା; କଂଗ୍ରେସର ସମର୍ଥକ ହେବାର ସନ୍ଦେହରେ ଅନେକ ପ୍ରଜାଙ୍କୁ ନିସ୍ତୁକ ମାଡ଼ ଦିଆଗଲା । ଦମନ ଓ ଆତ୍ୟାଚାର, କନିକାର ପ୍ରଜା ଆନ୍ଦୋଳନକୁ ଏପ୍ରିଲ ଶେଷ ସପ୍ତାହରେ ଦଳି ଦେଇଗଲା । ଓଡ଼ିଶାର ପତ୍ରପତ୍ରିକା କନିକାରେ ପୋଲିସର ବର୍ବର କାଣ୍ଡକୁ ପଞ୍ଜାବର ଜାଲିଆନାୱାଲାବାଗ ଘଟଣା ସହ ତୁଳନା କରି ତୀବ୍ର ନିନ୍ଦା କଲେ ।

କନିକା ବାହାରେ ଓଡ଼ିଶାର ଚୌରିଚୌରା ଘଟଣା ପରେ କଂଗ୍ରେସ ଆନ୍ଦୋଳନ ଗଠନ ମୂଳକ କାର୍ଯ୍ୟରେ ହିଁ ସୀମିତ ରହିଲା । ସେହି ଭିତ୍ତିରେ ଦଳ ଗ୍ରାମେ ଗ୍ରାମେ ସ୍ୱରାଜ ପଞ୍ଚାୟତ ଗଠନ, ନିଶା ନିବାରଣ, ଜାତୀୟ ବିଦ୍ୟାଳୟ ତଥା ସ୍ୱରାଜ୍ୟ ପାଣ୍ଠି ସଂଗ୍ରହ ଆଦି କାର୍ଯ୍ୟରେ ନିଜକୁ

ନିଯୁକ୍ତ କରିବ ବୋଲି ନିଷ୍ପତ୍ତି ନେଲା । ମାତ୍ର ଏସବୁ କାର୍ଯ୍ୟକ୍ରମ କଂଗ୍ରେସକୁ ଶିଥିଳ ହେବାରୁ ରକ୍ଷା କରିପାରିଲା ନାହିଁ । ମୋଟ ଉପରେ ଦେଖିଲେ, କନିକାରେ ଚାଲିଥିବା ଦମନ ଲୀଳା ପ୍ରାଦେଶିକ ସ୍ତରରେ କଂଗ୍ରେସକୁ ଖୁବ୍ ଆହତ କରିଦେଲା । ମେ ମାସ ୧୯୨୨ରେ ଗୋପବନ୍ଧୁ ଏବଂ ଭାଗୀରଥି ମହାପାତ୍ରଙ୍କୁ ଗିରଫ କରାଗଲା । ନେତା ଦ୍ୱୟଙ୍କ ଗିରଫଦାରି ପରେ ଦଳ ଏକ ରକମର ନେତୃତ୍ୱଶୂନ୍ୟ ହୋଇ ପଡ଼ିଲା । ଏହି ଶୂନ୍ୟତା ଯେ କିଛି କାଳପାଇଁ ଲାଗି ରହିଲା, ତାହା କହିବା ନିଷ୍ପ୍ରୟୋଜନ ।

ଓଡ଼ିଶା ଅସହଯୋଗ ଆନ୍ଦୋଳନକୁ ବିଶ୍ଳେଷଣ କଲେ ମନେହୁଏ ଯେ, ଛାତ୍ର ଓ ଯୁବକ ହିଁ ଏହି ପ୍ରଥମ ଗଣ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର । ମାତ୍ର ତା' ବାହାରେ ଖୁବ ସଂଖ୍ୟକ ନହେଲେ ବି କିଛି ଓକିଲ ଓ ସରକାରୀ କର୍ମଚାରୀ ମଧ୍ୟ ଏହି ସମୟରେ ଆନ୍ଦୋଳନରେ ସକ୍ରିୟ ହୋଇଥିଲେ । ଗୋପବନ୍ଧୁ ଦାସ, ଭାଗୀରଥି ମହାପାତ୍ର ଆଦି କେତେକ ଓକିଲ ତ ବୃତ୍ତି ଛାଡ଼ି ଆନ୍ଦୋଳନର ପୂର୍ଣ୍ଣକାଳୀନ କର୍ମକର୍ତ୍ତା ହେଲେ । ମାତ୍ର ଆହୁରି କେତେକ ଓକିଲ ଥିଲେ ଯେଉଁମାନେ ସାମୟିକ ଭାବେ ଏବଂ କଦାଚିତ ପରୋକ୍ଷ ଭାବରେ ଅସହଯୋଗରେ ସହଯୋଗ କରୁଥିଲେ । ଉଦାହରଣ ସ୍ୱରୂପ, ସଚ୍ଚିଦାନନ୍ଦ ଚାଟାର୍ଜୀ ନାମରେ ଜଣେ ଓକିଲ ଅସହଯୋଗୀଙ୍କ ବିରୁଦ୍ଧରେ ଅଦାଲତରେ ସରକାରଙ୍କ ଓକିଲ ହେବାପାଇଁ ନିଜର ନିୟମିତ ପ୍ରାପ୍ୟ ପନ୍ଦର ଟଙ୍କା ସ୍ଥାନରେ ପଚାଶ ଟଙ୍କା ଦାବି କଲେ । ଅନ୍ୟ ଜଣେ ଓକିଲ ଧନପତି ବାନାର୍ଜୀ ପୁରୀରେ କଚେରିକୁ ବାସନ୍ଦ କରି ନଥିଲେ ହେଁ ନିୟମିତ ଘରେ ଅରଟରେ ସୂତା କାଟୁଥିଲେ ଏବଂ ସ୍ୱଦେଶୀ ବ୍ୟବହାର କରୁଥିଲେ । ଏହି ଧରଣର ସାହାଯ୍ୟ ମଧ୍ୟ ଅସହଯୋଗକୁ ବ୍ୟାପକ ହେବାରେ ସାହାଯ୍ୟ କରିଥିଲା, ଏଥିରେ ଅତ୍ୟୁକ୍ତି ନାହିଁ ।

ଠିକ ସେହିଭଳି ଗୋପବନ୍ଧୁ ଚୌଧୁରୀ, ମଧୁସୂଦନ ବିଶ୍ୱାଳ, ଶ୍ରୀବସ୍ତ ପଣ୍ଡା, ନୀଳକଣ୍ଠ ଦାସ, ଲିଙ୍ଗରାଜ ମିଶ୍ର ଆଦି କେତେ ଜଣ ସରକାରୀ କର୍ମଚାରୀ ପଦ ତ୍ୟାଗ କରି ଅସହଯୋଗରେ ମିଶିଥିଲେ । ଅସହଯୋଗ ପରେ ମଧ୍ୟ ସେମାନେ କଂଗ୍ରେସର କାର୍ଯ୍ୟକର୍ତ୍ତା ରହିଲେ । ଅନେକ ଓକିଲଙ୍କପାଇଁ ଇସ୍ତଫା ଦେଲା ପରେ କଚେରିରେ ପୁନର୍ବାର ଯୋଗଦାନ କରିବାର ଅବସର ରହିଥିଲା । ମାତ୍ର ସେଭଳି ଅବସର ସରକାରୀ ଚାକିରିରୁ ଇସ୍ତଫା ଦେଇଥିବା ଏହି କର୍ମଚାରୀଙ୍କ ହାତରେ ନଥିଲା । ସେମାନେ କଂଗ୍ରେସର ପୂର୍ଣ୍ଣକାଳୀନ କର୍ମୀ ଭାବରେ ରହିଲେ; ମନରେ ଜାତୀୟ କାମପାଇଁ ପ୍ରତିବଦ୍ଧତା ରହିଥିଲା । ସେହି କାରଣରୁ, ପରବର୍ତ୍ତୀ ପର୍ଯ୍ୟାୟରେ ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ବୀର କିଶୋର ଦାସ ଆଦି କଂଗ୍ରେସର ପ୍ରମୁଖ ନେତା ହେଲେ । ସେ ଯାହା ହେଉ, ଚାକିରିରୁ ଇସ୍ତଫା ଦେଇ ଅସହଯୋଗରେ ସାମିଲ କଂଗ୍ରେସ କର୍ମୀଙ୍କୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୁଏ ଯେ, ଅସହଯୋଗର ବହୁ ପୂର୍ବରୁ ସେମାନଙ୍କର ରାଜନୈତିକୀକରଣ ହୋଇ ଚାଲିଥିଲା । ଆନ୍ଦୋଳନର ଜୁଆର କେବଳ ବ୍ରିଟିଶ ସରକାର ପ୍ରତି ସେମାନଙ୍କ ମନରେ ରହିଥିବା ବୀତସ୍ପୃହ ଭାବକୁ ଏକ ତାର୍କିକ ପରିଣାମ ଯାଏ ନେଇଯିବାକୁ ସାହାଯ୍ୟ କଲା ।

ଏହାର ଏକ ଜ୍ୱଳନ୍ତ ଉଦାହରଣ ଗୋପବନ୍ଧୁ ଚୌଧୁରୀ । ଅସହଯୋଗ ସମୟରେ ସେ ବରୀ-ଯାଜପୁରରେ ଉପ-ଜିଲ୍ଲାପାଳ ପଦରେ ଅଧିଷ୍ଠିତ ଥିଲେ । ରିଲିଫ ଅଫିସର ଭାବରେ ତାଙ୍କୁ

କୁହାଗଲା, ମିଳୁଥିବା ସରକାରୀ ବନ୍ୟା ରିଲିଫର ପରିମାଣ ଆବଶ୍ୟକତାଠାରୁ ଅଧିକ ବୋଲି ସେ ରିପୋର୍ଟ ଦିଅନ୍ତୁ। ଅର୍ଥାତ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମ୍ ବୋଲି ମତ ଦିଅନ୍ତୁ। ଏଥିରେ ଚୌଧୁରୀ କ୍ଷୁଣ୍ଣ ହୋଇ ଚାକିରିରୁ ଇସ୍ତଫା ଦେଲେ ଏବଂ କଂଗ୍ରେସରେ ମିଶିଲେ। ତାଙ୍କର ସରକାର ପ୍ରତି ଏହି ବୀତସ୍ପୃହ ଭାବ ଏବଂ ଜାତୀୟତା ପ୍ରତି ଆକର୍ଷଣ ପଛରେ ତାଙ୍କ ପାରିବାରିକ ସଂସ୍କୃତି ରହିଥିଲା। ତାଙ୍କର ପିତା ଗୋକୁଳାନନ୍ଦ ଥିଲେ ଉତ୍କଳ ସମ୍ମିଳନୀର ଜଣେ ବଡ଼ ପକ୍ଷଧର, ଉଦାରପନ୍ଥୀ। ଅସହଯୋଗ ପୂର୍ବରୁ କଟକରେ ଯେଉଁ 'ଭାରତୀ ମନ୍ଦିର' ଗୋଷ୍ଠୀର ଛାତ୍ର ଯୁବକମାନେ ମହାଭାରତୀୟ ଜାତୀୟତାର ପକ୍ଷ ନେଇ ବିଚାର ବିମର୍ଶ କରୁଥିଲେ, ତହିଁରେ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନ ରହିଥିଲା। ସାନଭାଇ ନବକୃଷ୍ଣ ଚୌଧୁରୀ ଥିଲେ ଗୋଷ୍ଠୀର ଜଣେ ବଡ଼ ଉଦ୍ୟୋକ୍ତା। ପୁଣି ଓଡ଼ିଶା ଜାତୀୟତା ଆନ୍ଦୋଳନର କୁଳବୃଦ୍ଧ ମଧୁସୂଦନ ଦାସ ଥିଲେ ,ଗୋପବନ୍ଧୁ ଚୌଧୁରୀଙ୍କ କାକାଶ୍ୱଶୁର। ଉପ-ଜିଲ୍ଲାପାଳ ଭାବରେ ମଧ୍ୟ ଗୋପବନ୍ଧୁ ଚୌଧୁରୀ ଖଦି ପିନ୍ଧୁଥିଲେ, ସ୍ୱଦେଶୀ ବ୍ୟବହାର କରୁଥିଲେ ତଥା ଗାନ୍ଧିଙ୍କୁ ନିଜର ଆଦର୍ଶ ବୋଲି ଗ୍ରହଣ କରିଥିଲେ। ତେଣୁ, ତାଙ୍କର ଅସହଯୋଗ ଆନ୍ଦୋଳନରେ ଜଡ଼ିତ ହେବା ଆଦୌ ଆଶ୍ଚର୍ଯ୍ୟଜନକ ନଥିଲା । ବରଂ ଆନ୍ଦୋଳନର ଡାକରା ନାମରେ ଜୁଆର ନ ଆସିଥିଲେ, ଗୋପବନ୍ଧୁ ଚୌଧୁରୀଙ୍କ ଭଳି ଜାତୀୟତାବାଦୀ ନିରାଶ୍ରୟ ହୋଇ ପଡ଼ିଥାନ୍ତେ ବୋଲି ଅନୁମାନ କରିହୁଏ।

ପୁଣି, ଆହୁରି କେତେକ ସରକାରୀ କର୍ମଚାରୀ ଥିଲେ, ଯେଉଁମାନେ ଚାକିରିରୁ ବିଭିନ୍ନ ବ୍ୟକ୍ତିଗତ କାରଣଯୋଗୁଁ ଇସ୍ତଫା ଦେଇ ପାରି ନଥିଲେ; ତା' ସତ୍ତ୍ୱେ ସେମାନେ ଯଥା ସାଧ୍ୟ କଂଗ୍ରେସର ସହଯୋଗ କରିଥିଲେ। ସମ୍ବଲପୁର ଛାତ୍ରଙ୍କ ରାଜନୈତିକୀକରଣ ପଛରେ ବଶେଷ ଭୂମିକା ରହିଥିଲା ସେହିଭଳି ଜଣେ ଶିକ୍ଷକ ଦିବ୍ୟସିଂହ ମିଶ୍ରଙ୍କର, ଯିଏ, ସରକାରୀ ରିପୋର୍ଟ ଅନୁଯାୟୀ ଛାତ୍ରଙ୍କ ସାଙ୍ଗରେ ଶ୍ରେଣୀରେ ଖୋଲାଖୋଲି ବିବାଦୀୟ ରାଜନୀତି ପ୍ରସଙ୍ଗମାନ ଆଲୋଚନା କରୁଥିଲେ ଏବଂ ତା'ପାଇଁ ୧୯୧୮ରେ ଚାକିରିରୁ ସସ୍‌ପେଣ୍ଡ ମଧ୍ୟ ହୋଇଥିଲେ। ଠିକ ସେହିଭଳି, ୧୯୨୧ରେ ଯେତେବେଳେ ସମ୍ବଲପୁର ଜିଲ୍ଲା ସ୍କୁଲ ପିଲା ଅସହଯୋଗରେ ଯୋଗ ଦେଲେ, ତା' ପ୍ରତି ପ୍ରଧାନଶିକ୍ଷକ ମଧୁସୂଦନ ଦାସଙ୍କ ମୌନ ସହାନୁଭୂତି ରହିଥିଲା। ସେହିଭଳି, ଚକ୍ରଧରପୁରରେ ଅସହଯୋଗ ଆରମ୍ଭ କରିବାନିମିତ୍ତ ଗୋଦାବରୀଶ ମିଶ୍ରଙ୍କ ହାତରେ ଜଣେ ମୁସଲିମ ପୋଲିସ ଅଫିସର ନିଜ ଆଡୁ ଆଗଭର ହୋଇ ୪୧ ଟଙ୍କା ଅର୍ଥ ସାହାଯ୍ୟ ଦେଇଥିଲେ। ଗୋଦାବରୀଶ ମିଶ୍ର ଏ ସାହାଯ୍ୟରେ ଏତେ ଅଭିଭୂତ ହୋଇ ପଡ଼ିଥିଲେ ଯେ ଆନ୍ଦୋଳନର ଶୁଭାରମ୍ଭପାଇଁ ସେହିକ୍ଷଣି ସେ ମାନସିକ ସ୍ତରରେ ନିଷ୍ପତ୍ତି ନେଲେ। ଆନ୍ଦୋଳନକୁ ପ୍ରଖର କରିବାରେ ଏହି ଧରଣର ଛୋଟ ଛୋଟ ସାହାଯ୍ୟ ଯେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା, ତାହା ନିଃସନ୍ଦେହରେ କୁହାଯାଇପାରେ।

ଖିଲାଫତ ପ୍ରଶ୍ନଯୋଗୁଁ ଆରମ୍ଭରୁ ମୁସଲିମ ସମାଜର ଆନ୍ଦୋଳନପାଇଁ ସାମୂହିକ ସହଯୋଗ ରହିଥିଲା। ସମ୍ବଲପୁର, ଭଦ୍ରକ, କଟକ ଆଦି ସ୍ଥାନରେ ଅସହଯୋଗର ପ୍ରସାର ପଛରେ ମୁସଲମାନମାନଙ୍କର ବିଶେଷ ଭୂମିକା ରହିଥିଲା। ଏକରାମ ରସୁଲ ନାମରେ ଜଣେ ମୁସଲମାନ

ନେତା ପ୍ରାଦେଶିକ କଂଗ୍ରେସ କମିଟିର ଉପସଭାପତି ଆସନ ମଧ୍ୟ ଅଳଂକୃତ କରିଥିଲେ। ମାତ୍ର ଅନ୍ୟ ପକ୍ଷରେ, ସମାଜର ଅନ୍ୟ ଏକ ପ୍ରମୁଖ ବର୍ଗ ମହିଳାମାନଙ୍କର ଉପସ୍ଥିତି ଆନ୍ଦୋଳନରେ ନଥିଲା ପ୍ରାୟ ସ୍ଥିତିରେ ରହିଥିଲା। ଆଦିବାସୀମାନଙ୍କୁ ମଧ୍ୟ ଆନ୍ଦୋଳନ ଆକୃଷ୍ଟ କରିପାରି ନଥିଲା, ଯଦିଓ ସେମାନଙ୍କର ଉପନିବେଶବାଦ ବିରୋଧତା କିଛି କମ୍ ନଥିଲା। ଉନବିଂଶ ଶତାବ୍ଦୀଯାକ ଆଦିବାସୀମାନେ ଉପନିବେଶବାଦର ଯଥେଚ୍ଛାଚାର ବିରୁଦ୍ଧରେ ବିଦ୍ରୋହ କରିଥିବା କଥା ପୂର୍ବରୁ ଆଲୋଚିତ । ତା' ସତ୍ତ୍ୱେ ଆଦିବାସୀଙ୍କର କଂଗ୍ରେସ ମଞ୍ଚରେ ଯୋଗ ନଦେବାର କାରଣ ଭାବରେ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀର ନେତୃତ୍ୱକୁ ଦେଖାଯାଇପାରେ। କଂଗ୍ରେସର ଶିକ୍ଷିତ ନେତୃତ୍ୱ ରାଜା-ପ୍ରଜା ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ବୁଝିପାରି ପ୍ରଜାଙ୍କୁ ଆନ୍ଦୋଳନର ପକ୍ଷଭୁକ୍ତ କରିବା ସକାଶେ ରାଜା ବିରୋଧୀ ବା ସାମନ୍ତବାଦ ବିରୋଧୀ ସ୍ୱ-ଦୃଷ୍ଟିକୋଣକୁ ସୁସ୍ପଷ୍ଟ କରିଥିଲେ। (ଯାହାର ଫଳ ସ୍ୱରୂପ କନିକା ଆନ୍ଦୋଳନ ସଂଘଟିତ ହେଲା) ହେଲେ ସେହି ଢଙ୍ଗରେ ଆଦିବାସୀ ଓ ଅଣ-ଆଦିବାସୀ ମଧ୍ୟରେ ରହିଥିବା ସାଂସ୍କୃତିକ ଓ ସାମାଜିକ ଅନ୍ତର୍ଦ୍ୱନ୍ଦ୍ୱକୁ ବୋଧହୁଏ ନେତୃତ୍ୱ ବୁଝି ପାରି ନଥିଲେ। ଜାତୀୟତାବାଦୀ ନେତୃତ୍ୱ ଆଦିବାସୀର ପାରମ୍ପରିକ ଜୀବନ ଶୈଳୀ ଓ ଆଧୁନିକ ସଭ୍ୟତା ନାମରେ ଔପନିବେଶିକ ଅନୁପ୍ରବେଶ ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ମଧ୍ୟ ବୁଝି ପାରି ନଥିଲେ । ଫଳରେ ଆଦିବାସୀ ଅନ୍ତତଃ ଅସହଯୋଗରେ ସାମିଲ ହୋଇ ପାରିଲେ ନାହିଁ। ଅସହଯୋଗ ସମୟରେ ଜଣେ ବି ଆଦିବାସୀ କଂଗ୍ରେସ କର୍ମୀର ନାମ ଶୁଣିବାକୁ ମିଳେ ନାହିଁ। ଏହାକୁ ଅସହଯୋଗର ଏକ ବଡ଼ ଦୁର୍ବଳତା ଭାବରେ ଦେଖାଯାଇପାରେ।

ଅନ୍ୟ ପକ୍ଷରେ ଯେମିତି ସରକାର ଆନ୍ଦୋଳନର ବିରୋଧୀ ପକ୍ଷ, ଗଡ଼ଜାତ ରାଜା ଓ ଜମିଦାର ମଧ୍ୟ ପ୍ରାୟ କ୍ଷେତ୍ରରେ ସେମିତି ବିରୋଧୀ ପକ୍ଷ ସାଜିଥିଲେ। ସେମାନଙ୍କ ଦୃଷ୍ଟିରେ ଅସହଯୋଗ ହେଲା ଏକ 'ରୋଗ', ଯାହା ସୌଭାଗ୍ୟକୁ ଗଡ଼ଜାତରେ ବ୍ୟାପୀ ନଥିଲା ! ସେମାନଙ୍କ ପତ୍ରପତ୍ରିକାରେ କୁହାଯାଇଥିଲା ଯେ, କେବଳ ନିଶା ନିବାରଣ କାର୍ଯ୍ୟପାଇଁ ଗାନ୍ଧି ପ୍ରଶଂସାର ପାତ୍ର ! ଅସହଯୋଗ ନୀତିକୁ ଯଦି ବାଦ ଦିଅନ୍ତି, ଗୋପବନ୍ଧୁ ଏବଂ ତାଙ୍କ ସହଯୋଗୀ ପ୍ରଶଂସାର ଯୋଗ୍ୟ ହେବେ ବୋଲି ତାଳଚେର ରାଜାନୁକୂଲ୍ୟରେ ପ୍ରକାଶିତ 'ଗଡ଼ଜାତ ବାସିନୀ' ଏକାଧିକ ଥର ମତ ବ୍ୟକ୍ତ କରିଥିଲା। କନିକା ଜମିଦାର ଥିଲେ ଉତ୍କଳ ସମ୍ମିଳନୀର ଜଣେ ପୁରୋଧା। ତାଙ୍କ ପ୍ରଜା ପୀଡ଼ନ ନୀତି ଓ 'ଉତ୍କଳ ସମ୍ମିଳନୀ'ରେ ସଂପୃକ୍ତି ମଧ୍ୟରେ କାହିଁ କେଉଁଠି ଅନ୍ତର୍ଦ୍ୱନ୍ଦ୍ୱ ସେ ଦେଖି ପାରୁ ନଥିଲେ। ଅସହଯୋଗ ଆନ୍ଦୋଳନର ସେ ଜଣେ ବଡ଼ ନିନ୍ଦୁକ ଥିଲେ । ବ୍ୟବସାୟୀ ଓ ଅନ୍ୟ ଧନିକ ଶ୍ରେଣୀର ସହଯୋଗ ମଧ୍ୟ ଅସହଯୋଗକୁ ଯଥୋଚିତ ମାତ୍ରାରେ ମିଳି ନଥିଲା। ନିଜ କଟକ ଗସ୍ତ ସମୟରେ ୧୯୨୧ ମାର୍ଚ୍ଚ ମାସରେ ଗାନ୍ଧି ଗୁଜରାଟୀ ଓ ମାରୱାଡ଼ି ବ୍ୟବସାୟୀଙ୍କୁ ସ୍ୱତନ୍ତ୍ର ଭାବରେ ଭେଟି ପାଣ୍ଠିପାଇଁ ନିବେଦନ କରିଥିଲେ। ଏହା ସତ୍ତ୍ୱେ କଂଗ୍ରେସ, ତିଳକ ସ୍ୱରାଜ୍ୟ ପାଣ୍ଠିପାଇଁ ଧାର୍ଯ୍ୟ ମତେ ଟଙ୍କା ସଂଗ୍ରହ କରି ନପାରିବା ପଛରେ ଧନିକ ବ୍ୟବସାୟୀଙ୍କ ନିଷ୍କ୍ରିୟତା ଏକ ବଡ଼ କାରଣ ଥିଲା।

ସଭା, ପଟୁଆର, ସ୍ଲୋଗାନ ତଥା ସ୍ୱରାଜ ପାଣ୍ଠି ସଂଗ୍ରହ, କଂଗ୍ରେସର ସଦସ୍ୟତା ସଂଗ୍ରହ ଅଭିଯାନ, ଅରଟ ବଣ୍ଟନ, ପଞ୍ଚାୟତ ସ୍ଥାପନ ଆଦି ହେଲା ଅସହଯୋଗ ଆନ୍ଦୋଳନର କେତୋଟି ମୁଖ୍ୟ କାର୍ଯ୍ୟକ୍ରମ। ତା' ବାହାରେ, ୧୯୨୧ର ଉତ୍ତରାର୍ଦ୍ଧରେ ବିଦେଶୀ ବସ୍ତ୍ର ବର୍ଜନ, ପିକେଟିଂ, ବିଦେଶୀ ବସ୍ତ୍ର ଦହନ ଆଦି କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଥିଲା। ତା'ଛଡ଼ା ପରଂପରାରୁ ମଧ୍ୟ ଅନେକ କାର୍ଯ୍ୟକ୍ରମକୁ ଆନ୍ଦୋଳନକୁ ଜନାଭିମୁଖୀ କରିବା ଉଦ୍ଦେଶ୍ୟରେ ପ୍ରଥମ କରି ବ୍ୟବହାର କରାଗଲା। ଉଦାହରଣ ସ୍ୱରୂପ, ଭଜନ ଓ କୀର୍ତ୍ତନକୁ ଦେଖାଯାଇପାରେ। କଂଗ୍ରେସ ନେତାଙ୍କ ସ୍ୱାଗତପାଇଁ, ଜେଲ୍ ବରଣ କରିଥିବା ନେତାଙ୍କୁ ଜେଲ୍‌ଯାଏ ପାଛୋଟି ନେବାପାଇଁ ତଥା ସଭାସ୍ଥଳୀକୁ ପଟୁଆରରେ ଯିବାବେଳେ ପାରଂପରିକ ସଂକୀର୍ତ୍ତନର ଖୁବ୍ ବ୍ୟବହାର ଅସହଯୋଗ ସମୟରେ ଦେଖିବାକୁ ମିଳେ। ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ ଆଦି କବିଙ୍କ ସ୍ୱଦେଶ ପ୍ରୀତିମୂଳକ ଗୀତକୁ ସଂକୀର୍ତ୍ତନରେ ମଧ୍ୟ ବ୍ୟବହାର କରାଗଲା ଏବଂ ସେହି ସଂକୀର୍ତ୍ତନକୁ ସ୍ୱଦେଶୀ କୀର୍ତ୍ତନ ବୋଲି କୁହାଗଲା। କେତେକ ସ୍ଥାନରେ ରଥଯାତ୍ରା ବେଳେ ରଥରେ ଖଦିର ମଧ୍ୟ ବ୍ୟବହାର ଦେଖିବାକୁ ମିଳିଲା। ଏହି ସମୟରେ କେତେକ ଜାତୀୟତାବାଦୀଙ୍କ ରଚନାରେ ଅରଟକୁ 'ସୁଦର୍ଶନ ଚକ୍ର' ସାଙ୍ଗରେ ମଧ୍ୟ ତୁଳନା କରାଯିବାର ନଜିର ରହିଛି। ସୁଦର୍ଶନ ଚକ୍ର ପରି ଅରଟ ସବୁ ପ୍ରକାର ଅନ୍ୟାୟ ଓ ଅତ୍ୟାଚାରରୁ ବିମୁକ୍ତି ଦେବ ବୋଲି କଳ୍ପନା କରାଗଲା । ପାରଂପରିକତାର ଉପଯୋଗ ଫଳରେ ଅସହଯୋଗ ପ୍ରକୃତ ଅର୍ଥରେ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଆଞ୍ଚଳିକ ଆନ୍ଦୋଳନ ଭଳି ପ୍ରତୀତ ହେଲା।

ଅସହଯୋଗ ସମୟରେ ଓଡ଼ିଶାରେ ଅନେକ ନୂଆ ଅନୁଷ୍ଠାନ, ଆଶ୍ରମ, ଖଦି କେନ୍ଦ୍ର, ଜାତୀୟ ବିଦ୍ୟାଳୟ ଆଦି ନାମରେ ପ୍ରତିଷ୍ଠିତ ହେଲା। ପ୍ରାୟ କ୍ଷେତ୍ରରେ ଏହି ତିନିଟି ଯାକ ଅନୁଷ୍ଠାନ ପରସ୍ପରପାଇଁ ପରିପୂରକ ଥିଲେ । ଫଳସ୍ୱରୂପ ଗୋଟାକର ଉତ୍‌ଥାନରେ ଅନ୍ୟଗୁଡ଼ିକର ଉତ୍‌ଥାନ ଏବଂ ଗୋଟାକର ପତନରେ ଅନ୍ୟଗୁଡ଼ିକର ପତନ ଦେଖିବାକୁ ମିଳୁଥିଲା। ଅନୁଷ୍ଠାନଗୁଡ଼ିକୁ ସ୍ୱରାଜ୍ୟ ଆଶ୍ରମ, ସ୍ୱରାଜ୍ୟ ଆଳୟ, ସ୍ୱରାଜ ମନ୍ଦିର ଆଦି ନାମରେ ନାମିତ କରାଯାଇଥିଲା। ସେଠାରେ ଖଦିକାମ ଚାଲୁଥିଲା; କର୍ମୀମାନଙ୍କର ସାମୟିକ ରହଣି ଏବଂ ସଭାସ୍ଥଳ ଭାବରେ ମଧ୍ୟ ତାର ଉପଯୋଗ ହେଉଥିଲା। କଟକରେ ଏଥିପାଇଁ ନାମମାତ୍ର ଭଡ଼ାରେ ଘର ନିଆଯାଇଥିଲା। ଅନ୍ୟ ସ୍ଥାନରେ କଂଗ୍ରେସ କର୍ମୀ ନିଜ ଘରକୁ ହିଁ ଆଶ୍ରମ ଘୋଷଣା କରିଥିଲେ ଏବଂ ସଂଗଠନ କାମପାଇଁ ତାର ଉପଯୋଗ କରୁଥିଲେ। ଯଦିଓ 'ସତ୍ୟବାଦୀ' ନାମରେ ଆଶ୍ରମ ଶବ୍ଦ ଯୋଡ଼ା ଯାଇ ନଥିଲା, ଏହା ଥିଲା ସେ ବେଳର ଏକ ଆଦର୍ଶ ଆଶ୍ରମ, ଯେଉଁଠି ଜାତୀୟ ସ୍କୁଲ ଚାଲିଥିଲା; କର୍ମୀ ପ୍ରଶିକ୍ଷଣ ଓ ଖଦିକାମ ଚାଲିଥିଲା; ପୁଣି ଆନ୍ଦୋଳନର ଏକ ମୁଖ୍ୟ କେନ୍ଦ୍ର ରୂପେ ତାହା କାର୍ଯ୍ୟ କରୁଥିଲା। 'ସତ୍ୟବାଦୀ' ମାସିକ ଏବଂ ୧୯୧୯ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଜାତୀୟତାବାଦୀ ସାପ୍ତାହିକ 'ସମାଜ'ର ପ୍ରକାଶନ ମଧ୍ୟ ସେଠାରେ ହେଉଥିଲା। ଏପରିକି ବନ୍ୟା ରିଲିଫ କାମପାଇଁ ମଧ୍ୟ ତାହା ଏକ ପ୍ରମୁଖ ରିଲିଫ କେନ୍ଦ୍ର ଥିଲା। ଅସହଯୋଗ ପରେ କଂଗ୍ରେସ ତରଫରୁ ମୋତିଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୧୯୨୨ରେ ସୁଦ୍ଧା ଓଡ଼ିଶାରେ ୨୫ଟି

ଜାତୀୟ ଅନୁଷ୍ଠାନ କାର୍ଯ୍ୟ କରୁଥିଲା। ଆନ୍ଦୋଳନର ପ୍ରଖରତା ବେଳେ ତାର ସଂଖ୍ୟା ଯେ ନିଶ୍ଚିତ ରୂପେ ଅନେକ ବେଶୀ ହୋଇଥିବ - ଏହା ଅନୁମାନ କରିହୁଏ।

ଅସହଯୋଗ ଆନ୍ଦୋଳନକୁ ସଂପ୍ରସାରିତ କରିବାରେ ଜାତୀୟତାବାଦୀ ପତ୍ର-ପତ୍ରିକାର ବିଶେଷ ଭୂମିକା ରହିଥିଲା। ଆନ୍ଦୋଳନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ 'ସମାଜ' (ଅକ୍ଟୋବର ୧୯୧୯), 'ଆଶା' (ବରହମପୁର) ଏବଂ ସମ୍ବଲପୁରରୁ 'ଉତ୍କଳ ସେବକ' (୧୯୨୦) ପ୍ରକାଶନ ଆରମ୍ଭ ହେଲା। ଆନ୍ଦୋଳନ ବେଳେ 'ସେବା' (ମେ ୧୯୨୧) ଏବଂ 'ସ୍ୱରାଜ୍ୟ ସମାଚାର' (୧୯୨୧) ପ୍ରକାଶିତ ହେଲେ। ତା'ଛଡ଼ା ଆଗରୁ ପ୍ରକାଶିତ ହେଉଥିବା 'ଉତ୍କଳ ଦୀପିକା', 'ପ୍ରଜାମିତ୍ର', 'ଶକ୍ତି', ଓ 'ପୁରୀବାସୀ', ଆଦି ଆନ୍ଦୋଳନର ବଡ଼ ପକ୍ଷଧର ଥିଲେ। ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଏହି ପତ୍ରିକାଗୁଡ଼ିକ ସମାଚାର ପ୍ରକାଶ କରୁଥିଲେ ଏବଂ ସୂଚନା ଦେଉଥିଲେ। ପତ୍ରିକାଗୁଡ଼ିକଯୋଗୁଁ ଅସହଯୋଗ ଏକ ପ୍ରକାଶ୍ୟ ଆନ୍ଦୋଳନର ରୂପ ପାଇଥିଲା। ଅନ୍ୟ ପକ୍ଷରେ ଆନ୍ଦୋଳନର ପ୍ରଭାବକୁ ପ୍ରତିହତ କରିବାପାଇଁ ତାଳଚେର ଗଡ଼ଜାତ ରାଜା ନିୟମିତ ଢଙ୍ଗରେ 'ଗଡ଼ଜାତ ବାସିନୀ' ନାମରେ ପତ୍ରିକା ପ୍ରକାଶନ କରୁଥିଲେ।

ସରଳ ଭାଷା, ନିୟମିତତା, ସ୍ୱାଧୀନ ଚିନ୍ତା ଏବଂ ଜାତୀୟ ଉଦ୍ଦେଶ୍ୟ ଥିଲା ଜାତୀୟତାବାଦୀ ପତ୍ରିକାଗୁଡ଼ିକର ବୈଶିଷ୍ଟ୍ୟ। ଜାତୀୟ କଂଗ୍ରେସର ଅଣ-ଆନୁଷ୍ଠାନିକ ମୁଖପତ୍ର ହେବା ସତ୍ତ୍ୱେ କଂଗ୍ରେସର ଅନ୍ଧ ଅନୁକରଣ ସେମାନେ କରୁ ନଥିଲେ। ସେଗୁଡ଼ିକର ପ୍ରକାଶନରେ ଆନୁଷ୍ଠାନିକ ଭାବରେ କଂଗ୍ରେସଠାରୁ କୌଣସି ଆର୍ଥିକ ସାହାଯ୍ୟ ନିଆଯାଉ ନଥିଲା। ଆର୍ଥିକ ସାହାଯ୍ୟ ଦେବା ନିମିତ୍ତ କଂଗ୍ରେସର ସାମର୍ଥ୍ୟ ବି ନଥିଲା। ସେହି କାରଣରୁ ପତ୍ରିକାଗୁଡ଼ିକର ବିଚାର ଓ ଦୃଷ୍ଟିକୋଣ ଉପରେ କଂଗ୍ରେସ ଦଳର କର୍ତ୍ତୃତ୍ୱ ମଧ୍ୟ ନଥିଲା। ସଂପାଦକ ଏବଂ ପତ୍ରିକାଗୁଡ଼ିକର ସ୍ଥାନୀୟ ସହଯୋଗୀମାନେ ହିଁ ପତ୍ରିକାର ନୀତି ନର୍ଦ୍ଧାରଣ କରୁଥିଲେ। ସେଥିପାଇଁ ୧୯୨୧ରେ'ଉତ୍କଳ ସେବକ' ଯେତେବେଳେ ଲେଖିଲା ଯେ, କଂଗ୍ରେସରେ ଗାନ୍ଧୀ ବିଚାରର କେହି ସଚ୍ଚା ଅନୁଗାମୀ ନାହାନ୍ତି, କଂଗ୍ରେସ ଦଳ ପକ୍ଷରୁ କଦାପି ତାର ବିରୋଧ କରାଗଲା ନାହିଁ। ନିଜ ନିଜ ସ୍ତରରେ ପତ୍ରିକାମାନେ ସ୍ୱାଧୀନ ଥିଲେ ଏବଂ ନିଜର ସ୍ୱାଧୀନ ବିଚାରକୁ ଅଭିବ୍ୟକ୍ତ କରୁଥିଲେ। ସେଗୁଡ଼ିକର ବୈଶିଷ୍ଟ୍ୟ ଥିଲା- ସରଳ ଭାଷା, ଗ୍ରାମ୍ୟ ସ୍ତରରେ ବୁଝିବା ଭଳି ଭାଷା। 'ସେବା'ରେ ବ୍ୟବହୃତ ଭାଷା ଏତେ ଗାଉଁଲି ଯେ ତାକୁ ଅନ୍ୟ ପତ୍ରିକାମାନେ ମଧ୍ୟ ସମାଲୋଚନା କରୁଥିଲେ। ମାତ୍ର 'ସେବା' ଲୋକ ସ୍ତରରେ ପହଞ୍ଚିବା ଲକ୍ଷ୍ୟରେ ଗାଉଁଲି ଭାଷା - ତା'ର ଏକ ବଡ଼ ସଂପତ୍ତି ବୋଲି ଗର୍ବ କରୁଥିଲା। 'ସମାଜ'ର ପ୍ରସାର ମୂଳରେ ମଧ୍ୟ ବଡ଼ କାରଣ ଥିଲା ତା'ର ସରଳ ଭାଷା। ପ୍ରକାଶନ ଆରମ୍ଭ ହେବାର ଛଅ ମାସ ମଧ୍ୟରେ ସରକାରୀ ରିପୋର୍ଟ ଅନୁଯାୟୀ ଏହା ବିହାର ଓ ଓଡ଼ିଶା ପ୍ରଦେଶର ଏକ ପ୍ରମୁଖ ପତ୍ରିକା ହୋଇପାରିଥିଲା ଏବଂ ତା'ର କାରଣ ଥିଲା, ତା'ର ନିର୍ଭୟ ଭାବ ଓ ସରଳ ଭାଷା। ଖୁବ ଅଳ୍ପ ସମୟ ମଧ୍ୟରେ 'ସମାଜ' ଏତେ ଲୋକପ୍ରିୟ ହୋଇପଡ଼ିଲା ଯେ , ଗାଁ ଗାଁରେ ତାକୁ ସମ୍ବାଦପତ୍ରର ଏକ ସମାନାର୍ଥକ ଶବ୍ଦ ରୂପେ ଲୋକ ବ୍ୟବହାର କଲେ। ପଢ଼ି ନଜାଣିଲେ ବି 'ସମାଜକୁ' ଶୁଣିଲେ ଜାତୀୟତାବାଦ ଓ ରାଜନୀତି ଅବୁଝା ରହିବ ନାହିଁ ବୋଲି ଲୋକେ କହୁଥିଲେ ।

ଜାତୀୟ ବିଦ୍ୟାଳୟ ବା ଖଦି କେନ୍ଦ୍ର ବା ସମ୍ବାଦପତ୍ର ଆଦି ଅନୁଷ୍ଠାନଗୁଡ଼ିକ ଯେ ଅସହଯୋଗ ଆନ୍ଦୋଳନକୁ ଓଡ଼ିଶାର ସ୍ଥାନୀୟ ପରିବେଶରେ ସ୍ଥାପନ କଲେ, ତହିଁରେ ସନ୍ଦେହ ନାହିଁ । ଜାତୀୟତାର ବିଚାରକୁ ରଙ୍ଗ ରୂପ ଦେବାପାଇଁ ତଥା ଲୋକ ସ୍ତରରେ ପହଞ୍ଚାଇବାପାଇଁ ଅସହଯୋଗର ଡାକରା ଯେମିତି ସୁଯୋଗ ଦେଲା, ଆନ୍ଦୋଳନକୁ ମାଟି, ପାଣିରେ ଖୁଣ୍ଟ ଭଳି ପୋତି ରଖିବାପାଇଁ ଅନୁଷ୍ଠାନମାନେ ସେମିତି ସହଯୋଗ କଲେ । ଆଜି ଅସହଯୋଗ ଆନ୍ଦୋଳନର ପ୍ରାୟ ଏକ ଶତାବ୍ଦୀ ପରେ ସେ ନେଇ ଆଲୋଚନା କଲାବେଳେ ତଥା ତା ପଛରେ ଥିବା କାରଣଗୁଡ଼ିକୁ ବିଶ୍ଳେଷଣ କରିବା ପାଇଁ ସାମଗ୍ରୀ ଖୋଜିଲାବେଳେ, ସେହି ଅନୁଷ୍ଠାନଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼େ । ଐତିହାସିକ ଉପାଦାନ ଭାବରେ ସେତେବେଳର ପ୍ରକାଶିତ ପତ୍ର-ପତ୍ରିକା ଏବଂ ଜାତୀୟ ବିଦ୍ୟାଳୟର ଲିଖିତ ସ୍ମୃତି ବିନା ଆଜି ଆମ ଆଲୋଚନା ଓ ଅଧ୍ୟୟନ ଅତ୍ୟନ୍ତ କଠିନ ହୁଅନ୍ତା ,ଏଥିରେ ଦ୍ୱିରୁକ୍ତି ନାହିଁ । ସାମାଜିକତା ଦୃଷ୍ଟିରୁ ଦେଖିଲେ ଜାତୀୟତାବାଦୀ ଆଦର୍ଶର ଆଜି ରକ୍ଷଣାବେକ୍ଷଣ ଏବଂ ତାର ସମୀକ୍ଷା ହେବା ଯେତେ ଆବଶ୍ୟକ, ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ, ସେହି ଉପାଦାନଗୁଡିକର ରକ୍ଷଣାବେକ୍ଷଣ ଓ ସମୀକ୍ଷା ହେବା ମଧ୍ୟ ଅନୁରୂପ ମାତ୍ରାରେ ଆବଶ୍ୟକ ।

■ ■ ■

# ୧୯୩୦ ଦଶକର ରାଜନୀତି: ଆଇନ ଅମାନ୍ୟ ଓ ପ୍ରଜାମଣ୍ଡଳ ଆନ୍ଦୋଳନ

## ଆଇନ ଅମାନ୍ୟ ଆନ୍ଦୋଳନ

ଅସହଯୋଗ ଆନ୍ଦୋଳନ ପରେ ୧୯୩୦ରେ ଜାତୀୟ କଂଗ୍ରେସ ଦେଶରେ ଆଇନ ଅମାନ୍ୟର ଡାକରା ଦେଲା । ଚୌରିଚୌରା ଘଟଣା ପରେ ଅସହଯୋଗ ପ୍ରତ୍ୟାହୃତ ହେବା ଉତ୍ତାରୁ ଆଠବର୍ଷର ଅନ୍ତରାଳରେ ଏହି ଦ୍ୱିତୀୟ ଗଣ ଆନ୍ଦୋଳନ ସଂଘଟିତ ହୋଇଥିଲା । ୧୯୨୨ ଓ ୧୯୩୦ର କାଳାଂଶରେ ଯଦିଓ ଗଣ ସଂଗ୍ରାମ ଶିଥିଳ ହୋଇ ପଡ଼ିଥିଲା, ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣା ଏହି ସମୟରେ ଘଟିଥିଲା । ଏହିସବୁ ଘଟଣାର ପ୍ରତିଫଳନ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା ।

ଅସହଯୋଗର ପ୍ରତ୍ୟାହାର ପରେ ମଧ୍ୟ ଅନେକ କଂଗ୍ରେସ ନେତା ଗିରଫ ହୋଇ ଜେଲ୍ ଦଣ୍ଡ ଭୋଗିଲେ । ୧୯୨୨ରେ ମହାତ୍ମାଗାନ୍ଧୀଙ୍କୁ ଛଅ ବର୍ଷ ଜେଲ୍ ଦଣ୍ଡ ହେବା ପରେ ଦଳ ଯେ'ମିତି ନେତୃତ୍ୱବିହୀନ ହୋଇ ପଡ଼ିଲା । କଂଗ୍ରେସ ଦଳ ଦୁଇଟି ଗୋଷ୍ଠୀରେ ବିଭାଜିତ ହୋଇ ଗଲା । ବର୍ଷକ ମଧ୍ୟରେ ସ୍ୱରାଜ୍ୟ ପ୍ରାପ୍ତିର ଆଶା ପୂରଣ ହୋଇ ନପାରିବାରୁ ସାଧାରଣରେ ଯେଉଁ ନିରାଶା ବ୍ୟାପିଲା, ତାହା ଦଳର ଗୋଷ୍ଠୀ ବିବାଦକୁ ସହଯୋଗ କଲା । ଗୋଟାଏ ଗୋଷ୍ଠୀ ଯାହା ପରିବର୍ତ୍ତନବାଦୀ ( Pro-Changers) ନାମରେ ପରିଚିତ, ନିର୍ବାଚନକୁ ସ୍ୱୀକାର କରି ତା' ମାଧ୍ୟମରେ କଂଗ୍ରେସ ଲୋକେ କେନ୍ଦ୍ର ଆସେମ୍ବ୍ଲି ଓ ପ୍ରାଦେଶିକ କାଉନ୍‌ସିଲ୍‌କୁ ନିର୍ବାଚିତ ହେବା କଥା ବୋଲି ଯୁକ୍ତି କଲେ । ଜାତୀୟତାବାଦୀମାନେ ଆସେମ୍ବ୍ଲି, କାଉନ୍‌ସିଲ୍‌ରେ ଯୋଗଦେଇ ସରକାରଙ୍କ ଜନବିରୋଧୀ ନୀତିକୁ ପର୍ଦ୍ଦାଫାସ୍ କରିବା କଥା ବୋଲି ସେମାନେ ମତ ଦେଲେ । ମୋତିଲାଲ୍ ନେହେରୁ ଓ ଚିତ୍ତରଂଜନ ଦାସ ଆଦିଙ୍କ ନେତୃତ୍ୱରେ ଏହି ଗୋଷ୍ଠୀ ସ୍ୱରାଜ ପାର୍ଟି ବା ସ୍ୱରାଜ୍ୟ ଦଳ ନାମରେ ଏକ ନୂତନ ଦଳ ଗଠନ କରି ୧୯୨୩ରେ ନିର୍ବାଚନରେ ଭାଗନେଲେ ।

ଦ୍ୱିତୀୟ ଗୋଷ୍ଠୀର ନେତୃତ୍ୱ ରହିଥିଲା ବଲ୍ଲଭଭାଇ ପଟେଲ୍ ଓ ରାଜେନ୍ଦ୍ର ପ୍ରସାଦ ଆଦି ନେତାଙ୍କ ହାତରେ । ଗାନ୍ଧିଜୀଙ୍କ ଅନୁପସ୍ଥିତିରେ (କାରଣ ଗାନ୍ଧୀ ଜେଲ୍ ଦଣ୍ଡ ଭୋଗୁଥିଲେ) କଂଗ୍ରେସର ଅସହଯୋଗ ନୀତିରେ କୌଣସି ପରିବର୍ତ୍ତନ ନହେବା କଥା ବୋଲି ସେମାନେ ମତ ଦେଲେ । ସେମାନଙ୍କୁ ଅପରିବର୍ତ୍ତନବାଦୀ ( No-Changers) ବୋଲି କୁହାଗଲା । ସେମାନଙ୍କ ଯୁକ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟର ଗଣସଂଗ୍ରାମର ପ୍ରସ୍ତୁତି ପର୍ବ ଭାବରେ କର୍ମୀ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିବା କଥା । ଗଠନମୂଳକ କାର୍ଯ୍ୟ ମଧ୍ୟରେ ସେମାନେ ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ଗ୍ରାମ ସଂଗଠନ, ପଞ୍ଚାୟତ ଗଠନ, ଖଦି ପ୍ରସାର ଆଦି ଉପରେ ମହତ୍ତ୍ୱ ଦେଲେ । କାଉନ୍‌ସିଲ୍‌ରେ କଂଗ୍ରେସ ଲୋକ ଯୋଗ ନଦେବା କଥା ବୋଲି ସେମାନେ କହିଲେ । କଂଗ୍ରେସ ଦଳ ମଧ୍ୟରେ ଏହି ବିଭେଦ ୧୯୨୬ ପର୍ଯ୍ୟନ୍ତ ଚାଲିଲା । ୧୯୨୬ରେ କାଉନ୍‌ସିଲ୍‌ପାଇଁ ଯେତେବେଳେ ପୁଣି ଥରେ ନିର୍ବାଚନ ହେଲା, କଂଗ୍ରେସ ଦଳ ତହିଁରେ ଭାଗନେଲା । ଅର୍ଥାତ୍ କାଉନ୍‌ସିଲ୍‌ରେ ପ୍ରବେଶ ପ୍ରଶ୍ନକୁ ନେଇ କଂଗ୍ରେସ ଦଳ ମଧ୍ୟରେ ୧୯୨୬ ପରଠାରୁ ନାନା ମତ ରହିଲା ନାହିଁ । ସ୍ୱରାଜ ଦଳ ପୁଣି କଂଗ୍ରେସର ଅବିଭାଜ୍ୟ ଅଂଶ ହୋଇ ପଡ଼ିଲା ।

ଓଡ଼ିଶାରେ ଅସହଯୋଗର ପ୍ରତ୍ୟାହାର ପରେ ପ୍ରାଦେଶିକ କଂଗ୍ରେସ କମିଟି ମଧ୍ୟ ଗୋଷ୍ଠୀ ବିବାଦର ଶିକାର ହେଲା । ୧୯୨୧ରେ ମଧୁସୂଦନ ଦାସ ବିହାର ଓ ଓଡ଼ିଶା ପ୍ରଦେଶର ମନ୍ତ୍ରୀ ପଦ ଗ୍ରହଣ କରିଥିଲେ ବୋଲି ଅସହଯୋଗୀମାନେ ତାଙ୍କର ତୀବ୍ର ବିରୋଧ କରିଥିଲେ । ଏହା ମଧୁସୂଦନଙ୍କୁ ଏକ ରକମର ରାଜନୈତିକ ଶୂନ୍ୟତା ମଧ୍ୟକୁ ଠେଲି ଦେଇଥିଲା । ସେ ଅସହଯୋଗକୁ ଗ୍ରହଣ କରି ପାରି ନଥିଲେ । ଇଂରେଜଙ୍କ ସହଯୋଗରେ ଜାତୀୟ ଉନ୍ନତି ହୋଇ ପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ମାତ୍ର ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏବଂ ୧୯୨୪ରେ କଂଗ୍ରେସର ପ୍ରାଥମିକ ସଦସ୍ୟତା ମଧ୍ୟ ଗ୍ରହଣ କଲେ । ୧୯୨୩ରେ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ଆଦି ନିର୍ବାଚନ ଲଢ଼ିଲେ ଓ ଓଡ଼ିଶାରେ ସ୍ୱରାଜ୍ୟ ଦଳର ପ୍ରତିନିଧିତ୍ୱ କଲେ । ଓଡ଼ିଶାରେ ଅପରିବର୍ତ୍ତନବାଦୀ ଗୋଷ୍ଠୀର ନେତୃତ୍ୱ ନେଲେ ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ ଆଦି । ସେମାନଙ୍କୁ 'ଅସହଯୋଗୀ' ଏବଂ ଅନ୍ୟମାନଙ୍କୁ 'ସହଯୋଗୀ' ବୋଲି କୁହାଗଲା । ଉଭୟ ଗୋଷ୍ଠୀ ମଧ୍ୟରେ ପରିପୂରକତା ଥିଲା; ତୀବ୍ର ପ୍ରତିଯୋଗିତା ମଧ୍ୟ ରହିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଶିକ୍ଷାର ପ୍ରସାର, ନିଶା ନିବାରଣ, ଖଦିର ପ୍ରସାର, ବନ୍ୟାବାତ୍ୟା ବେଳେ ସରକାରୀ ରିଲ୍‌ଫ୍ ଆଦି ପ୍ରସଙ୍ଗକୁ ନେଇ ଯେତେବେଳେ ଅସହଯୋଗୀମାନେ ସଭାସମିତି କରୁଥିଲେ ବା ପତ୍ରପତ୍ରିକାରେ ଲେଖୁଥିଲେ, ସେତେବେଳେ ସହଯୋଗୀ ଗୋଷ୍ଠୀର ନିର୍ବାଚିତ ପ୍ରତିନିଧିମାନେ ଉକ୍ତ ବିଷୟଗୁଡ଼ିକୁ କେନ୍ଦ୍ର ଏସେଂବ୍ଲି ଓ କାଉନ୍‌ସିଲ୍‌ରେ ଉତ୍‌ଥାପନ କରୁଥିଲେ । ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ ମଧ୍ୟ କରୁଥିଲେ । କିନ୍ତୁ ୧୯୨୭-୨୮ ବେଳକୁ ପୁଣି ଯେତେବେଳେ ଗଣ ଆନ୍ଦୋଳନର ଜୁଆର ଦେଶରେ ପ୍ରବାହିତ ହେବାକୁ ଆରମ୍ଭକଲା, ସମସ୍ତେ ତହିଁରେ ସମ୍ମିଳିତ ହେଲେ ।

୧୯୨୪ ଫେବୃଆରି ମାସରେ ଅସୁସ୍ଥତାଯୋଗୁଁ ମହାତ୍ମାଗାନ୍ଧୀଙ୍କୁ ଜେଲରୁ ମୁକ୍ତ କରି ଦିଆଗଲା । ସେହି ବର୍ଷ ଗୋପବନ୍ଧୁ ଦାସ ମଧ୍ୟ ଜେଲ୍‌ରୁ ମୁକ୍ତ ହେଲେ । ଏହା ଓଡ଼ିଶାରେ କଂଗ୍ରେସର କାର୍ଯ୍ୟକୁ ଚଳଚଞ୍ଚଳ କଲା। ୧୯୨୮ ଜୁନ୍ ୧୭ ତାରିଖରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଗୋପବନ୍ଧୁ ଦାସ ଏଣିକି ହେଲେ ଉତ୍କଳ କଂଗ୍ରେସ ଶାଖାର ସର୍ବୋଚ୍ଚ ନେତା । ୧୯୨୫ ଅଗଷ୍ଟ ମାସରେ ତାଙ୍କ ଅନୁରୋଧରେ ମହାତ୍ମାଗାନ୍ଧୀ ଓଡ଼ିଶା ଆସି କଟକରେ ମଧୁସୂଦନ ଦାସଙ୍କ ଅତିଥି ହୋଇଥିଲେ ଏବଂ ମଧୁସୂଦନ ଦାସଙ୍କଦ୍ୱାରା ପ୍ରତିଷ୍ଠିତ ସ୍ୱଦେଶୀ ଚମଡ଼ା ଉଦ୍ୟୋଗ ଉତ୍କଳ ଟେନେରୀକୁ ପତନରୁ ରକ୍ଷା କରିବାପାଇଁ ଲୋକଙ୍କୁ ନିବେଦନ କରିଥିଲେ । ୧୯୨୭ ଡିସେମ୍ବରରେ ଗାନ୍ଧୀ ପୁଣି ଥରେ ଓଡ଼ିଶା ଆସି ପ୍ରାୟ ତିନି ସପ୍ତାହ କାଳ ବିଭିନ୍ନ ଅଂଚଳ ଗସ୍ତ କରିଥିଲେ । ଏହା ଗୋପବନ୍ଧୁଙ୍କ ସଂଯୋଜନାରେ ସଂଘଟିତ ହୋଇଥିବାରୁ ଗୋପବନ୍ଧୁ ଓ ଅସହଯୋଗୀ ଗୋଷ୍ଠୀଙ୍କ ମହତ୍ତ୍ୱକୁ ପ୍ରତିପାଦନ କଲା ।

୧୯୨୮ରେ ଯେତେବେଳେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ କଲିକତାଠାରେ ଆୟୋଜିତ ହେଲା, ତହିଁରେ ୩୦୦ କର୍ମୀ ଓଡ଼ିଶାରୁ ଯୋଗ ଦେଲେ । ସେମାନେ ଦୃଢ଼ ଭାବରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ମଧ୍ୟ ସମ୍ମିଳନୀରେ ରଖିଲେ। ଫଳରେ ପ୍ରାଦେଶିକତା ଓ ରାଷ୍ଟ୍ରୀୟତା ମଧ୍ୟରେ ଅନୁପୂରକତା ସୁସ୍ପଷ୍ଟ ହେଲା । ଏହା ପୂର୍ବରୁ ୧୯୨୮ ଫେବ୍ରୁଆରି ୩ ତାରିଖ ଦିନ ଭାରତର ଶାସନ ସଂସ୍କାର ପ୍ରସଙ୍ଗକୁ ଅନୁଧ୍ୟାନ କରିବାଲାଗି ଇଂଲଣ୍ଡରୁ ସାଇମନ କମିସନ ଆସି ପହଞ୍ଚିଲେ । ଦେଶର ଚାରିଆଡ଼େ ତା'ର ବିରୋଧ ହେଲା । ଓଡ଼ିଶାରେ ମଧ୍ୟ ଜାତୀୟତାବାଦୀମାନେ ଏକଜୁଟ ହୋଇ କମିସନଙ୍କୁ ବର୍ଜନ କଲେ, କାରଣ ତହିଁରେ କୌଣସି ଭାରତୀୟଙ୍କୁ ସଭ୍ୟ ଭାବରେ ରଖା ଯାଇ ନଥିଲା । ଏହି ସମୟରେ କନିକା ଜମିଦାର ରାଜେନ୍ଦ୍ର ନାରାୟଣ ଭଂଜଦେଓ, ଲକ୍ଷ୍ମୀଧର ମହାନ୍ତି ଓ ଶ୍ରୀକୃଷ୍ଣ ମହାପାତ୍ର ଆଦି କେତେକ ଇଂରେଜ ଅନୁଗତ ଓଡ଼ିଶା ଲିବରାଲ୍ ଲିଗ୍ ନାମରେ ଏକ ଅନୁଷ୍ଠାନ ଗଢ଼ି କମିସନଙ୍କୁ ସ୍ୱାଗତ କରିଥିଲେ । ସେମାନଙ୍କ ଯୁକ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିବ । ଅବଶ୍ୟ ମୁଷ୍ଟିମେୟ ଲୋକଙ୍କୁ ବାଦ ଦେଲେ ଏହି ଲିଗ୍ ନାମକ ସଂସ୍ଥାରେ କେହି ନଥିଲେ । ଏଭଳିକି ଲକ୍ଷ୍ମୀ ନାରାୟଣ ସାହୁ, ମଥୁରାନନ୍ଦ ମହାନ୍ତି, କୃତ୍ତିବାସ ନନ୍ଦ ଓ ଆନନ୍ଦ ଦାସ ଆଦି ନେତୃବୃନ୍ଦ, ଯେଉଁମାନେ ଆରମ୍ଭରୁ ଲିଗ୍‌ରେ ଥିଲେ, ପରେ ଲିଗ୍‌ରୁ ତ୍ୟାଗପତ୍ର ଦେଇ ସାଇମନ୍ କମିସନ୍‌ର ବିରୋଧ କରିଥିଲେ ।

୧୯୨୯ରେ କଂଗ୍ରେସର ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନପାଇଁ ନିଷ୍ପତ୍ତି ନିଆଗଲା । ସେ ଅନୁଯାୟୀ ଓଡ଼ିଶାରେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହେଲା । ୧୯୨୮ ଜୁନ୍ ୧୭ ତାରିଖରେ ଗୋପବନ୍ଧୁ ଦାସଙ୍କର ମାତ୍ର ୫୦ ବର୍ଷ ବୟସରେ ଦେହାନ୍ତ ହେବା ପରେ ଗୋପବନ୍ଧୁ ଚୌଧୁରୀ ଓଡ଼ିଶାରେ କଂଗ୍ରେସର ସଭାପତି ଅର୍ଥାତ୍ ସର୍ବୋଚ୍ଚ ନେତା ହେଲେ ।

୧୯୩୦ ଆଇନ୍ ଅମାନ୍ୟ ଆନ୍ଦୋଳନର ପ୍ରମୁଖ ଆକର୍ଷଣ ଥିଲା ଲବଣ ଆଇନକୁ ଉଲ୍ଲଙ୍ଘନ କରିବା । ମହାତ୍ମାଗାନ୍ଧୀ ୧୨ ମାର୍ଚ୍ଚ ୧୯୩୦ରେ ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ କରି ଏହାର ଶୁଭାରଂଭ କରିଥିଲେ । ୭୮ ଜଣ ସହକର୍ମୀଙ୍କ ସହିତ ସେ ସାବରମତି ଆଶ୍ରମରୁ ପଦଯାତ୍ରା କରି ୩୭୫

କିଲୋମିଟର ଦୂର ସମୁଦ୍ର ତଟସ୍ଥିତ ଦାଣ୍ଡିରେ ପହଞ୍ଚିଲେ ଏବଂ ଆଇନ୍ ଅମାନ୍ୟ କରି ଲୁଣ ମାରିଲେ । ତାଙ୍କର ପଦଯାତ୍ରା ଓ ଆଇନ ଅମାନ୍ୟ ଦେଶର ଚାରିଆଡ଼େ ଉତ୍ସାହ ସୃଷ୍ଟି କଲା ।

ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତି ଅଭୂତପୂର୍ବ ଗଣ ସମର୍ଥନ ଦେଖିବାକୁ ମିଳିଲା । ଏହାର କାରଣ ଥିଲା ଓଡ଼ିଶାର ବିସ୍ତୃତ ସମୁଦ୍ର ତଟ । ସରକାରଙ୍କ ଲବଣ ନୀତିଯୋଗୁଁ ସ୍ଥାନୀୟ ଲୋକେ ଆଗ ଭଳି ଲୁଣ ମାରି ପାରୁ ନଥିଲେ । କଂଗ୍ରେସର ନୂଆ ଆନ୍ଦୋଳନ ଲୋକଙ୍କୁ ବିନା ଅପରାଧବୋଧରେ ଲୁଣ ମାରିବାନିମନ୍ତେ ସାହସ ଓ ସୁଯୋଗ ପ୍ରଦାନ କଲା । ଲୁଣ ମରା ବ୍ୟତୀତ ଆନ୍ଦୋଳନ; ବିଦେଶୀ ବସ୍ତ୍ର ବର୍ଜନ, ବ୍ରିଟିଶ୍ ପୋଲିସ ଓ ସରକାରଦ୍ୱାରା ଗ୍ରାମରେ ନିଯୁକ୍ତ ଚୌକିଦାର ପାଇଁ ଆଦାୟ ହେଉଥିବା ଟିକସକୁ ମଧ୍ୟ ବର୍ଜନ କରିବାକୁ ଆହ୍ୱାନ ଦେଲା ।

କଂଗ୍ରେସ କର୍ମୀ ସ୍ୱେଚ୍ଛାସେବୀ ସଂଗଠନ ଓ ବାନର ସେନା ଗଠନ କଲେ ଏବଂ ତା' ମାଧ୍ୟମରେ ବିଦେଶୀ ସାମଗ୍ରୀ ବିକ୍ରୀ ହେଉଥିବା ଦୋକାନଗୁଡ଼ିକ ଆଗରେ ପିକେଟିଂ କଲେ । ଗ୍ରାମେ ଗ୍ରାମେ ସଂକୀର୍ତ୍ତନ ଦଳମାନ ପୂର୍ଣ୍ଣ ସ୍ୱରାଜର ବାର୍ତ୍ତା ପ୍ରଚାର କଲେ । ସଂକୀର୍ତ୍ତନ ଦଳ ସାଧାରଣତଃ ମନ୍ଦିରମାନଙ୍କରୁ ବାହାରି ଶୋଭାଯାତ୍ରାରେ ଯାଉଥିଲେ । ଲବଣ ସତ୍ୟାଗ୍ରହରେ ଭାଗ ନେବାକୁ ଯାଉଥିବା ସତ୍ୟାଗ୍ରହୀମାନଙ୍କୁ ଉଦ୍‌ବୁଦ୍ଧ କରିବାଲାଗି ମନ୍ଦିରମାନଙ୍କରେ ପୂଜାର ଆୟୋଜନ କରାଯାଉଥିଲା । ଜଗନ୍ନାଥଙ୍କ ନାମରେ ଶପଥ ନେଇ ଲୋକେ ସତ୍ୟାଗ୍ରହରେ ଭାଗ ନେବାକୁ ଯାଉଥିଲେ । ଏହି ଦୃଷ୍ଟିରୁ ଦେଖିଲେ, ଓଡ଼ିଶାରେ ଆଇନ ଅମାନ୍ୟ ଏକ ରକମର ସାଂସ୍କୃତିକ ଆନ୍ଦୋଳନ ହେବାକୁ ପ୍ରୟାସ କରିଥିଲା । ଲୋକ ସ୍ତରରେ, ରାଜନୀତି ସ୍ଥାନୀୟ ଧର୍ମ ଓ ସଂସ୍କୃତି ସହ ଜଡିତ ହୋଇ ଯାଇଥିଲା ।

ଆଇନ ଅମାନ୍ୟ ସମୟରେ ଆନ୍ଦୋଳନ ବିବିଧ ରୂପ ନେଇଥିଲା । ସଂକୀର୍ତ୍ତନ ଦଳ ଖଦିର ପ୍ରସାର ଓ ନିଶା ନିବାରଣପାଇଁ ପ୍ରଚାର କାର୍ଯ୍ୟ କରୁଥିଲେ । ୧୪ଜାନୁଆରି ୧୯୩୦ରେ କଲିକତାସ୍ଥ ଗୋବିନ୍ଦଚନ୍ଦ୍ର ସେନ ଅଂଚଳର ପ୍ରବାସୀ ଓଡ଼ିଆମାନେ 'ତ୍ରିନାଥ ମେଳା'ରେ ଗଂଜେଇ ସେବନକୁ ବାରଣ କରି ଆଇନ ଅମାନ୍ୟରେ ସହଭାଗୀ ହୋଇଥିଲେ । ଏହି ସମୟରେ କଟକରେ ଗଦାଧର ଦତ୍ତ ନାମକ ଜଣେ ଯୁବକ ବିବାହ ବେଳେ ଖଦି ବସ୍ତ୍ର ପିନ୍ଧିଥିଲେ ଏବଂ ମଣ୍ଡପକୁ ଖଦି ବସ୍ତ୍ରରେ ସଜେଇଥିଲେ । କଂଗ୍ରେସ ଓ ଜାତୀୟତା ସହ ନିଜକୁ ଯୋଡ଼ି ସେ ଯୌତୁକବିହୀନ ବିବାହ କରିଥିଲେ ।

ଗାନ୍ଧୀଙ୍କର ଦାଣ୍ଡିଯାତ୍ରା ସମୟରେ ବାଲେଶ୍ୱରର ଇଂଚୁଡ଼ିଠାରେ ଲୁଣ ମାରିବାକୁ ସ୍ଥିର କରାଗଲା । ଓଡ଼ିଶାର ବିଭିନ୍ନ ଅଂଚଳରୁ ସତ୍ୟାଗ୍ରହୀ ଇଂଚୁଡ଼ି ଅଭିମୁଖେ ଯାତ୍ରା କଲେ । ଇଂଚୁଡ଼ିର ଏହି ଲବଣ ସତ୍ୟାଗ୍ରହକୁ ସମ୍ବାଦପତ୍ରରେ 'ସତ୍ୟାଗ୍ରହ ଯୁଦ୍ଧ' ବୋଲି କୁହାଯାଉଥିଲା । ଲୋକେ କଂଗ୍ରେସର ସାହସ ପାଇ ସେଠାରେ ସରକାରୀ କର୍ମଚାରୀମାନଙ୍କୁ ଗୋଟେ ବୁନ୍ଦା ପାଣି ସୁଦ୍ଧା ପିଇବାକୁ ଦେବେ ନାହିଁ ବୋଲି କହୁଥିଲେ । କେତେକ ସ୍ଥାନରେ ଲୁଣରେ କାଚ ଓ କଣ୍ଟା ମିଶାଇ ଦିଆଯାଇଥିଲା । ପୋଲିସ୍ ଲୁଣକୁ ବାଜ୍ୟାପ୍ତ କଲେ ସେମାନଙ୍କ ହାତ ଏହାଦ୍ୱାରା କ୍ଷତାକ୍ତ ହେବ ବୋଲି ମନେ କରାଯାଉଥିଲା । ଇଂଚୁଡ଼ି ସତ୍ୟାଗ୍ରହରେ ସଂଗୃହୀତ ଲୁଣକୁ ଲୋକେ ଆଦରରେ

ବଜାରରେ କିଣୁଥିଲେ ଏବଂ ଲୁଣ କିଣୁଥିବା ବ୍ୟକ୍ତିକୁ ପୋଲିସ୍ ଗିରଫ କଲେ ମିଳିମିଶି ତାକୁ ପୋଲିସ୍ କବଳରୁ ମୁକ୍ତ କରୁଥିଲେ । ଏହି ପ୍ରକ୍ରିୟାରେ ଲୁଣ ମାରିବା ପରି ଲୁଣ କିଣିବା ଏବଂ ପୋଲିସର ବିରୋଧ କରିବା, ଆଇନ ଅମାନ୍ୟ ଆନ୍ଦୋଳନର ପର୍ଯ୍ୟାୟଭୁକ୍ତ ହେଲା । ଲବଣ ସତ୍ୟାଗ୍ରହରେ ଭାଗ ନେଇଥିବା କର୍ମୀ ପରବର୍ତ୍ତୀ ସମୟରେ ଭାରତ ଛାଡ଼ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ନେଲେ ।

ଇଂଚୁଡ଼ି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ହରେକୃଷ୍ଣ ମହତାବ ଓ ସୁରେନ୍ଦ୍ର ନାଥ ଦାସ ଆଦି କଂଗ୍ରେସ ନେତା । ଏଥିରେ ଶତାଧିକ ଲୋକ ଭାଗ ନେଇଥିଲେ । ଲୁଣ ମାରିବାର ପାରମ୍ପରିକ ଅଧିକାର ଫେରି ପାଇବା ଆଶାରେ ଅନେକ ସାଧାରଣ ଲୋକ ଏଥିରେ ସାମିଲ୍ ହେଲେ ଏବଂ ତା' ମାଧ୍ୟମରେ କଂଗ୍ରେସ ରାଜନୀତି ସହ ପରିଚିତ ହେଲେ । ଇଂଚୁଡ଼ି ଲବଣ ସତ୍ୟାଗ୍ରହରେ ରମାଦେବୀ ଓ ମାଳତୀଦେବୀଙ୍କ ନେତୃତ୍ୱରେ ଅନେକ ମହିଳାଙ୍କର ଅଂଶ ଗ୍ରହଣ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା । ଜାତୀୟ ସଂଗ୍ରାମରେ ଏଣିକି ଅଧିକରୁ ଅଧିକ ମହିଳା ଭାଗନେଲେ । ଦ୍ୱିତୀୟତଃ, ମହିଳା ପୋଲିସର ଅଭାବରେ ସେମାନଙ୍କୁ ଗିରଫ କରାଯାଇ ପାରୁ ନଥିବାରୁ ମହିଳାମାନେ ଲୁଣ ମାରିବା, ଲୁଣ ବିକ୍ରୀ କରିବା ଆଦି ବିଭିନ୍ନ ଆଇନ ଅମାନ୍ୟ ସଂପର୍କିତ କାର୍ଯ୍ୟରେ ଅଧିକ ଉପଯୋଗୀ ପ୍ରମାଣିତ ହେଲେ । ଇଂଚୁଡ଼ି ବ୍ୟତୀତ କଟକର କୁଜଙ୍ଗ, ପୁରୀର କୁହୁଡ଼ି, ସିଂହେଶ୍ୱର ଓ ଲଟ୍ର ଏବଂ ଗଞ୍ଜାମ ଜିଲ୍ଲାର ହୁମାଠାରେ ଲବଣ ସତ୍ୟାଗ୍ରହ ଆୟୋଜିତ ହୋଇଥିଲା । ବର୍ଷାଋତୁ ଆରମ୍ଭ ପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ ଅବ୍ୟାହତ ରହିଥିଲା । ସତ୍ୟାଗ୍ରହୀମାନେ ଶତାଧିକ ସଂଖ୍ୟାରେ ଗିରଫ ହେଲେ । ଲବଣ ସତ୍ୟାଗ୍ରହ, ବିଶେଷ କରି ଇଂଚୁଡ଼ି ଆନ୍ଦୋଳନଯୋଗୁଁ ସମଗ୍ର ଦେଶରେ ଓଡ଼ିଶା ଚର୍ଚ୍ଚାର ପରିସରକୁ ଆସିଲା । ଅନେକଙ୍କ ମତରେ ଦାଣ୍ଡି ପରେ ଇଂଚୁଡ଼ି ଥିଲା ଆଇନ ଅମାନ୍ୟ ସମୟର ସର୍ବବୃହତ୍ ଲବଣ ସତ୍ୟାଗ୍ରହ ।

ବର୍ଷା ଋତୁରେ ଲବଣ ସତ୍ୟାଗ୍ରହ ସ୍ଥଗିତ ହେଲା । ମାତ୍ର ଆନ୍ଦୋଳନକୁ ଅବ୍ୟାହତ ରଖିବା ନିମିତ୍ତ ଚୌକିଦାରୀ ଟିକସର ବିରୋଧକୁ ଏହି ସମୟରେ ମହତ୍ତ୍ୱ ଦିଆଗଲା । ଇଂରେଜମାନଙ୍କ ସମୟରେ ହିଁ ଲୋକଙ୍କ ଉପରେ ନୂଆକରି ଚୌକିଦାରୀ ଟିକସ ଲାଗୁ କରାଯାଇଥିଲା । ଟିକସ ନାମରେ ଏହି ବୋଝକୁ ଲୋକ ବିରୋଧ କରୁଥିଲେ । ଟିକସକୁ ବିରୋଧ କରିବା ପଛରେ ଅନ୍ୟ ଏକ କାରଣ ହେଲା ଯେ, ଚୌକିଦାରମାନେ ପୋଲିସ୍ ପ୍ରଶାସନପାଇଁ ଗ୍ରାମରେ ଗୁପ୍ତଚରର କାମ କରୁଥିଲେ ଏବଂ ସେମାନଙ୍କଯୋଗୁଁ ଅନେକ ସମୟରେ ବିନା କାରଣରେ ଲୋକଙ୍କୁ ହଇରାଣ ହେବାକୁ ପଡ଼ୁଥିଲା । ଆଇନ ଅମାନ୍ୟ ଆନ୍ଦୋଳନକୁ ଚଉକିଦାରୀ ଟିକସ ଉଚ୍ଛେଦ କରିବାଲାଗି ଏକ ଅବସର ମନେକରି ଲୋକ ଚାରିଆଡ଼େ ଏହି ଟିକସର ବିରୋଧ କଲେ । ବାଲେଶ୍ୱରର ଶ୍ରୀଜଙ୍ଗଠାରେ ଗ୍ରାମବାସୀ ଟିକସର ବିରୋଧ କରି ପୋଲିସ ଉପରେ ଆକ୍ରମଣ କରିଥିଲେ ।

ଆଇନ ଅମାନ୍ୟ ସମୟରେ କଟକରୁ ପ୍ରକାଶିତ 'ସମାଜ' ଓ ବାଲେଶ୍ୱରରୁ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ପ୍ରକାଶିତ 'ପ୍ରଜାତନ୍ତ୍ର' କଂଗ୍ରେସର ମୁଖପତ୍ର ଭଳି ସମାଚାରମାନ ପ୍ରକାଶ

କରୁଥିଲେ । ଆନ୍ଦୋଳନ ବେଳେ ଏହି ଦୁଇ ପତ୍ରିକାକୁ ନିଷିଦ୍ଧ ଘୋଷଣା କରାଗଲା । ଏହି ସମୟରେ ଅନେକ କ୍ଷୁଦ୍ର ପୁସ୍ତିକା ମଧ୍ୟ କଂଗ୍ରେସର ବାର୍ତ୍ତା ପ୍ରଚାର କରୁଥିଲେ । 'ସ୍ୱରାଜ୍ୟ ପାଲା', 'ପଲାସୀ ଅବସାନେ', 'ବିଦ୍ରୋହ ବୀଣା', 'ବୀର ବିଦ୍ରୋହୀ', 'ଖଟାମିଠା ଚଟଣି, 'ଲୁଣମରା ଗୀତ' ଓ 'ଅରଟ ମହିମା' ଆଦି ହେଲେ ସେହି ଧରଣର କେତେକ ପୁସ୍ତିକା । ଏଗୁଡ଼ିକ ମଧ୍ୟରୁ ଅନେକେ ଇଂରେଜ ଶାସନ ପ୍ରତି ତୀବ୍ର ବ୍ୟଙ୍ଗ କରିବାକୁ ସାହସ କରିଥିଲେ ଏବଂ ଖୁବ୍ ଜନ ଆଦୃତି ମଧ୍ୟ ଲାଭ କରିଥିଲେ ।

୧୯୩୦ରେ ଜାତୀୟ କଂଗ୍ରେସକୁ ସରକାର ବେଆଇନ୍ ଘୋଷଣା କଲେ। ଏହା ସହିତ କଂଗ୍ରେସ ଅଫିସ୍ ଓ ଆଶ୍ରମଗୁଡ଼ିକୁ ବାଜ୍ୟାପ୍ତ କରିନେଲେ ଏବଂ ସେଠାକାର କାଗଜପତ୍ରକୁ ନଷ୍ଟ କରିଦେଲେ । ବରୀରେ ସ୍ଥାପିତ ଆଶ୍ରମ, ସତ୍ୟବାଦୀ, ବାଲେଶ୍ୱରର 'ପ୍ରଜାତନ୍ତ୍ର' ଓ କଟକର 'ସମାଜ' ଅଫିସ୍ ପୋଲିସ ଆକ୍ରମଣର ଶିକାର ହେଲା । କଂଗ୍ରେସ ନିଷିଦ୍ଧ ଘୋଷଣା ହେବା ପରେ ବାଲେଶ୍ୱରର ଫରାସୀ ଡିଙ୍ଗୀରୁ କଂଗ୍ରେସ କର୍ମୀମାନେ ଆନ୍ଦୋଳନକୁ ସଂଯୋଜନା କଲେ । ଫରାସୀ ଡିଙ୍ଗୀ ଥିଲା ଫରାସୀ ଶାସନାଧୀନ ଏବଂ ସେଠାରେ ବ୍ରିଟିଶର ପ୍ରବେଶ ନଥିଲା । କଂଗ୍ରେସ କର୍ମୀମାନେ ବାଲେଶ୍ୱର ଅଞ୍ଚଳରେ ସଭା ସମିତି ଆୟୋଜନ କରି ପୋଲିସଠାରୁ ରକ୍ଷାପାଇବାପାଇଁ ଫରାସୀ ଡିଙ୍ଗୀକୁ ଚାଲି ଯାଉଥିଲେ । ଫରାସୀ ଡିଙ୍ଗୀରୁ 'ରଣଭେରି' ନାମକ ଏକ ପୁସ୍ତିକା ପ୍ରକାଶିତ ହୋଇ ତହିଁରେ ଆନ୍ଦୋଳନର ଅଗ୍ରଗତି ସମ୍ବନ୍ଧରେ ନିୟମିତ ସୂଚନା ଦିଆଯାଉଥିଲା । 'ରଣଭେରୀ' ପୋଲିସ ଅତ୍ୟାଚାରର କାହାଣୀ ପ୍ରକାଶନ କରି ସରକାରଙ୍କ ଜନବିରୋଧୀ ରୂପକୁ ଦର୍ଶାଉଥିଲା ।

୧୯୩୧ ମାର୍ଚ୍ଚ ମାସରେ ଗାନ୍ଧୀ ଓ ବଡ଼ଲାଟ ଇରୱିନ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଚୁକ୍ତି ଅନୁଯାୟୀ ରାଜନୈତିକ ବନ୍ଦୀମାନଙ୍କୁ ଜେଲରୁ ଖଲାସ କରି ଦିଆଗଲା । ଏହାକୁ ଲୋକେ ଗାନ୍ଧୀଙ୍କର ବିଜୟ ବୋଲି ମନେକଲେ । ପୋଲିସକୁ ଗ୍ରାମ ଛାଡ଼ି ଚାଲିଯିବାକୁ ଦାବିକରି ବାଲେଶ୍ୱରର ଶ୍ରୀଜଙ୍ଗଠାରେ ଲୋକେ ଥାନା ଉପରେ ଆକ୍ରମଣ କଲେ। ସାହସର ସହିତ ସେମାନେ ଲୁଣ ମଧ୍ୟ ମାରିଲେ । କେତେକ ସ୍ଥାନରେ ଚୌକିଦାରର ପୋଷାକକୁ କାଢ଼ି ଖଦି ପିନ୍ଧାଇ ଦେଲେ । ଡାକବାକ୍ସ ଓ ରେଭିନ୍ୟୁ ଅଫିସ୍ ଉପରେ ମଧ୍ୟ ଆକ୍ରମଣ ଦେଖିବାକୁ ମିଳିଲା।

୧୯୩୧ରେ ଗାନ୍ଧୀ-ଇରୱିନ୍ ଚୁକ୍ତି ପରେ ଆଇନ୍ ଅମାନ୍ୟ ଆନ୍ଦୋଳନର ତୀବ୍ରତା ଊଣା ହେଲା । ଏହି ସମୟରେ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଗଲା । ଆଶ୍ରମ, ସେବାଦଳ, ସ୍ୱେଚ୍ଛାସେବୀ ସଂଗଠନ ଆଦିର ଗଠନ, ଖଦିର ପ୍ରଚାର-ପ୍ରସାର, ଜାତୀୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ଓ ନିଶା ବିରୁଦ୍ଧରେ ଆନ୍ଦୋଳନ, ନାରୀମୁକ୍ତି ଓ ବିଦେଶୀ ବସ୍ତ୍ର ବର୍ଜନ ଉପରେ କଂଗ୍ରେସ ଲୋକ ଗୁରୁତ୍ୱ ଦେଲେ । ୧୯୩୧ ଅଗଷ୍ଟ ୧ ତାରିଖରେ କୁନ୍ତଳା କୁମାରୀ ସାବତଙ୍କ ସଭାପତିତ୍ୱରେ ବାଲେଶ୍ୱରରେ ଏକ ନାରୀ କର୍ମୀମଣ୍ଡଳ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ବକ୍ତାମାନେ ପର୍ଦ୍ଦା ଓ ଅସ୍ପୃଶ୍ୟତା ପରିତ୍ୟାଗ କରି ନାରୀମାନଙ୍କୁ କଂଗ୍ରେସରେ ଯୋଗ ଦେବାକୁ ପରାମର୍ଶ ଦେଲେ ।

ଦେଶର ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ଖାନ୍ ଅବଦୁଲ୍ ଗଫର ଖାନ୍‌ଙ୍କ ନେତୃତ୍ୱରେ ଏହି ସମୟରେ 'ରେଡ୍ ସାର୍ଟ' ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଏହାର ପ୍ରଭାବରେ ଗୋପବନ୍ଧୁ ଚୌଧୁରୀ ଓ ସୁରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ବାଲେଶ୍ୱରରେ 'ଲାଲ୍ ପାଇକ ବାହିନୀ' ଗଠନ କରାଯାଇଥିଲା । ବାହିନୀର ସଦସ୍ୟମାନେ ନାଲି ସାର୍ଟ ଓ ଗାନ୍ଧୀ ଟୋପି ପରିଧାନ କରୁଥିଲେ । ପ୍ରାକୃତିକ ବିପର୍ଯ୍ୟୟ ଓ ଦୈବୀ ଦୁର୍ବିପାକ ବେଳେ ଲୋକଙ୍କୁ ସେବା ପ୍ରଦାନ କରିବା ବାହିନୀର ଲକ୍ଷ୍ୟ ବୋଲି କୁହାଯାଉଥିଲା । ମାତ୍ର ସରକାରର ସନ୍ଦେହ, ଏହା ଇଂରେଜ ସାମରିକ ବାହିନୀର ସମାନ୍ତରାଳ ଦଳ । ୧୯୩୦ ସେପ୍ଟେମ୍ବରରେ କଟକଠାରେ 'ଗୋପବନ୍ଧୁ ସେବକ ବାହିନୀ' ଗଠନ କରି ତା' ମାଧ୍ୟମରେ କର୍ମୀମାନଙ୍କୁ ତାଲିମ ଦିଆଯାଉଥିଲା । ଏଭଳି ଏକ ତାଲିମ ଶିବିରରେ କଟକରେ ୧୯ ଜଣ ପୁରୁଷ ଓ ୨ ଜଣ ମହିଳା କର୍ମୀ ପ୍ରଶିକ୍ଷଣ ପାଇଥିବାର ସଂବାଦ ପ୍ରକାଶିତ ହୋଇଥିଲା । ପୁରୀ ଓ ବାଲେଶ୍ୱରରେ ମଧ୍ୟ ଏହି ଧରଣର ତାଲିମ ଶିବିର ଆରମ୍ଭ ହୋଇଥିଲା ଯାହାକୁ ସରକାର ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ।

ଅସ୍ପୃଶ୍ୟତା ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନର ପ୍ରଭାବରେ ଅଗଷ୍ଟ ୧୯୩୨ରେ କଟକ ମ୍ୟୁନିସିପାଲିଟିରେ କାର୍ଯ୍ୟ କରୁଥିବା ମେହେନ୍ତରମାନେ ସେମାନଙ୍କ ଦାବି ପୂରଣପାଇଁ ଧର୍ମଘଟ କରିଥିଲେ । ଦାବିଗୁଡ଼ିକ ମଧ୍ୟରେ କାର୍ଯ୍ୟରୁ ନିଲମ୍ବିତ ମେହେନ୍ତରଙ୍କ ବାହାଲି, ସ୍ତ୍ରୀ ମେହେନ୍ତରମାନଙ୍କୁ ଗୃହଯୋଗାଣ ଓ ମାସିକ ଭତ୍ତାରୁ କଟାଯାଉଥିବା ଏକ ଟଙ୍କା ବ୍ୟବସ୍ଥାକୁ ବନ୍ଦ କରିବା ଆଦି ସାମିଲ୍ ଥିଲା । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧର୍ମଘଟ ଅବ୍ୟାହତ ରହିବ ବୋଲି ମେହେନ୍ତରମାନେ ଘୋଷଣା କରିଥିଲେ ।

୧୯୩୪ ବେଳକୁ ଆଇନ ଅମାନ୍ୟ ଆନ୍ଦୋଳନ ସଂପୂର୍ଣ୍ଣ ଭାବେ ଶିଥିଳ ପଡ଼ିଗଲା । ଗାନ୍ଧୀ ବା ଅନ୍ୟ କଂଗ୍ରେସ ନେତା ଏହାକୁ ପ୍ରତ୍ୟାହାର କରିନେବାକୁ କୌଣସି ନିଷ୍ପତ୍ତି ନେଇ ନଥିଲେ । ତା' ସତ୍ତ୍ୱେ ଆନ୍ଦୋଳନ ଆପେ ଆପେ ଶିଥିଳ ହୋଇଗଲା । ମାତ୍ର ୧୯୪୨ର 'ଭାରତ ଛାଡ଼' ଭଳି ଏକ ବୃହତ୍ତର ଆନ୍ଦୋଳନଲାଗି ପ୍ରସ୍ତୁତ ହେବାପାଇଁ ଏହା ଏକ ଅବସର ପ୍ରଦାନ କଲା । ଏହି ସମୟରେ ଗାନ୍ଧିଜୀ 'ହରିଜନ'ମାନଙ୍କର ମନ୍ଦିରରେ ପ୍ରବେଶ ଦାବିକରି ପଦଯାତ୍ରା ଆରମ୍ଭ କଲେ । ସେ ଓଡ଼ିଶାରେ ମଧ୍ୟ 'ହରିଜନ ଯାତ୍ରା' କରିଥିଲେ ।

୧୯୩୮ ସେପ୍ଟେମ୍ବରରେ ନବରଂଗପୁରରେ ଦଳିତ ବା 'ହରିଜନ'ମାନେ ମନ୍ଦିର ପ୍ରବେଶପାଇଁ ଉଦ୍ୟମ କଲେ । ଅନୁଗୁଳର କାଂଗୁଲା ଓ ପୋକଚୁଂଗା ଗ୍ରାମରେ ହରିଜନମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପ୍ରବେଶ କଲେ । ଏଥିରେ ସବର୍ଣ୍ଣ କଂଗ୍ରେସ କର୍ମୀଙ୍କର ସହଯୋଗ ରହିଥିଲା । ୧୯୩୭ରେ ପ୍ରାଦେଶିକ ସ୍ତରରେ ଗଠିତ କଂଗ୍ରେସ ସରକାର ମଧ୍ୟ ଏହି ପ୍ରକାର ରାଜନୈତିକ ଆନ୍ଦୋଳନକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିଲେ । 'ହରିଜନ' ଓ ସବର୍ଣ୍ଣ କଂଗ୍ରେସ କର୍ମୀମାନେ ସାଧାରଣତଃ କଂଗ୍ରେସ ପତାକା ହାତରେ ଧରି ଓ ଦେଶାତ୍ମବୋଧକ ସଂଗୀତ ଗାନ କରି ମନ୍ଦିରରେ ପ୍ରବେଶ କରୁଥିଲେ । ଏହା ତତ୍କାଳୀନ ଅନ୍ୟ ମନ୍ଦିର ସତ୍ୟାଗ୍ରହଗୁଡ଼ିକରେ ମଧ୍ୟ ପରିଲକ୍ଷିତ ହୋଇଥିଲା ।

କୋରାପୁଟର ଶିବରଂଗପୁରରେ କଂଗ୍ରେସ କର୍ମୀମାନେ ଏହି ସମୟରେ ଆଦିବାସୀ ସମାଜରେ ସଂସ୍କାର ଆଣିବାପାଇଁ ଏକ ପୁସ୍ତିକା ବିତରଣ କରୁଥିଲେ । ପୁସ୍ତିକା ସ୍ଥାନୀୟ ସ୍ତରରେ ପ୍ରକାଶିତ ହୋଇଥିଲା । ଏଥିରେ ଆଦିବାସୀମାନଙ୍କୁ କେତେକ ପରାମର୍ଶ ଦିଆଯାଇଥିଲା । ତହିଁରେ ଭଗବାନଙ୍କୁ ସର୍ବଦା ସ୍ମରଣ କରି ପରର ମଙ୍ଗଳ ମନାସିବା, ପ୍ରାତଃକାଳରେ ସ୍ନାନ କରିବା, ଅଂଗାରରେ ଦାନ୍ତ ସଫା କରିବା ତଥା ପରିଷ୍କାର ଭାବେ ଶୌଚ ହେବା, କଂଗ୍ରେସର ପରାମର୍ଶ ଅନୁଯାୟୀ ଖଦି ବସ୍ତ୍ର ପିନ୍ଧିବା, ଅନ୍ୟର ଜମିରେ ବଳପୂର୍ବକ ଫସଲ ନ କରିବା, କଂଗ୍ରେସ ସଦସ୍ୟତା ଗ୍ରହଣ କରି ତାକୁ ପ୍ରତିବର୍ଷ ନବୀକରଣ କରିବା, ମଦ ଅଫିମ ତ୍ୟାଗ କରିବା ଏବଂ ପର୍ବପର୍ବାଣିରେ ଗାଈ, ମଇଁଷିଙ୍କୁ ବଳି ନଦେଇ ସେମାନଙ୍କୁ ପୂଜା କରିବାପାଇଁ କୁହାଯାଇ ଥିଲା । ଏଥିରୁ ଜଣାଯାଏ ଯେ, ହିନ୍ଦୁ କଂଗ୍ରେସକର୍ମୀ ନିଜ ସ୍ତରରେ ଆଦିବାସୀ ସମାଜରେ କଂଗ୍ରେସ ମାଧ୍ୟମରେ ନିଜ ରୀତି ନୀତିକୁ ପ୍ରବର୍ତ୍ତନ କରିବାକୁ ଉଦ୍ୟମ କରୁଥିଲେ । ସେମାନେ ଚାହୁଁ ନଥିଲେ ଯେ, ଆଦିବାସୀ ତା' ନିଜ ଜୀବନଶୈଳୀରେ ରହୁ । ଅର୍ଥାତ୍ ଉପନିବେଶବାଦର ବିରୋଧ ସହିତ ଆଦିବାସୀକୁ ତା' ନିଜ ଜୀବନ ଶୈଳୀକୁ ପରିହାର କରିବାକୁ ମଧ୍ୟ କୁହାଯାଉଥିଲା । ପ୍ରାଦେଶିକ କଂଗ୍ରେସ କମିଟି ତରଫରୁ ଏ ନେଇ କୌଣସି ଲିଖିତ ନିର୍ଦ୍ଦେଶ ଯଦିଓ ନଥିଲା, ଏ ପ୍ରକାର ସ୍ଥାନୀୟ ଉଦ୍ୟମକୁ ବିରୋଧ ନ କରିବାଦ୍ୱାରା କମିଟି ଯେ ତାକୁ ପରୋକ୍ଷ ସମର୍ଥନ ଜ୍ଞାପନ କରୁଥିଲା- ଏହା ଅନୁମାନ କରିହୁଏ ।

୧୯୩୬ ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସେତେବେଳକୁ ଭାରତ ସରକାର ଆଇନ- ୧୯୩୫ ପ୍ରଣୀତ ହୋଇଥାଏ । ଏହି ଆଇନ ଅନୁସାରେ ୧୯୩୭ ଫେବ୍ରୁଆରି ମାସରେ ପ୍ରଦେଶଗୁଡ଼ିକରେ ନିର୍ବାଚନ ଅନୁଷ୍ଠିତ ହେଲା । କଂଗ୍ରେସ ୧୯୩୫ ଆଇନର ବିରୋଧ କରୁଥିଲା । କାରଣ ଏହା ଲୋକଙ୍କ ହାତକୁ କ୍ଷମତା ହସ୍ତାନ୍ତର କରିବାଲାଗି ଉଦ୍ଦିଷ୍ଟ ନଥିଲା । ଏହା ସତ୍ତ୍ୱେ କଂଗ୍ରେସ ନିର୍ବାଚନରେ ଭାଗନେଲା । ଗାନ୍ଧିଜୀ ନିର୍ବାଚନରେ ପ୍ରଚାରପାଇଁ ସୁଦ୍ଧା ଯାଇ ନଥିଲେ । ନିର୍ବାଚନରେ ଅଧିକାଂଶ ପ୍ରଦେଶରେ କଂଗ୍ରେସକୁ ବିପୁଳ ସଫଳତା ପ୍ରାପ୍ତ ହେଲା । ଓଡ଼ିଶାରେ ମଧ୍ୟ କଂଗ୍ରେସ ଜୟ ଲାଭ କଲା । ଜୁଲାଇ ୧୯୩୭ରେ ଓଡ଼ିଶାରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ିଲା ( ଏ ସଂପର୍କରେ ପରେ ଆଲୋଚନା ରହିଛି )। କଂଗ୍ରେସର ମନ୍ତ୍ରିମଣ୍ଡଳ ଗଠନ ପରେ ଲୋକଙ୍କର କଂଗ୍ରେସଠାରୁ ଆଶା ବୃଦ୍ଧିପାଇଲା, ଲୋକ ନିର୍ଭୟ ଭାବନେଇ କଂଗ୍ରେସ କାର୍ଯ୍ୟକ୍ରମରେ ଭାଗ ନେଲେ । ୧୯୩୮ ରେ କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ପ୍ରଶିକ୍ଷଣ ଶିବିରକୁ ନିରୀକ୍ଷଣ କଲେ, ଏହା ସହଜରେ ଅନୁମିତ ହୁଏ ।

୧୯୩୮ ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ କର୍ମୀ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଗଲା । ସେହି ବର୍ଷ ନଭେମ୍ବର ମାସରେ କୋରାପୁଟର ଜୟପୁର ନିକଟବର୍ତ୍ତୀ ନୂଆପୁଟଠାରେ ୩୦୦ କର୍ମୀଙ୍କର ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଲା । ଶିବିରରେ ବ୍ୟାୟାମ, ହସ୍ତତନ୍ତ, ଖଦି ପ୍ରସାର, ଅସ୍ପୃଶ୍ୟତା ନିବାରଣ, ହୋମିଓପାଥି ଓ ପ୍ରାକୃତିକ ଚିକିତ୍ସା ତଥା ଗୋପାଳନ ବିଷୟରେ

ବିଶେଷ ଚର୍ଚ୍ଚା ହୋଇଥିଲା । ଶିବିରାର୍ଥୀମାନେ ଜାତିଭେଦ ନମାନି ମିଳିମିଶି ଚଳୁଥିଲେ ବୋଲି ପରେ କେତେକ ସବର୍ଣ୍ଣ ଶିବିରାର୍ଥୀ ନିଜ ଗ୍ରାମରେ ସାମାଜିକ ବାସନ୍ଦର ଶିକାର ହୋଇଥିବା ସମାଚାର ପ୍ରକାଶ ପାଇଥିଲା । କଟକର ଅହିୟାସ ଗ୍ରାମରେ ଆୟୋଜିତ ଏକ କର୍ମୀ ପ୍ରଶିକ୍ଷଣ ଶିବିରରେ ନବକୃଷ୍ଣ ଚୌଧୁରୀ ସଂଯୋଜକର ଭୂମିକା ନେଇଥିଲେ । ଏଥିରେ ବିଶ୍ୱ ଇତିହାସ, ଭୂଗୋଳ, ସାମ୍ରାଜ୍ୟବାଦୀ ଶୋଷଣ, ୧୮୫୭ ଗଣସଂଗ୍ରାମ, ତିଳକ, ଗାନ୍ଧୀ, ନେହେରୁ ତଥା ମାର୍କସଙ୍କ ବିଚାର ଉପରେ ବିଶଦ ଆଲୋଚନା କରାଯାଇଥିଲା । ଶିବିରରେ ବିଭିନ୍ନ ଇଂରାଜୀ ଓ ଓଡ଼ିଆ ସଂବାଦପତ୍ର ମଧ୍ୟ ପାଠ କରାଯାଇଥିଲା । ଗଣ ଆନ୍ଦୋଳନପାଇଁ ଏହି ଧରଣର ରାଜନୈତିକୀକରଣର ବିଶେଷ ଆବଶ୍ୟକତା ରହିଥିବା କଥା ନେତୃତ୍ୱ ଅନୁଭବ କରୁଥିଲେ ।

ଖୋର୍ଦ୍ଧା ନିକଟବର୍ତ୍ତୀ ବାଂକୋଳଠାରେ ଆୟୋଜିତ ଏକ ଶିବିରରେ ନୟାଗଡ଼ ଓ ଦଶପଲ୍ଲା ଗଡ଼ଜାତରୁ ମଧ୍ୟ କିଛି ଲୋକ ଆସି ଭାଗ ନେଇଥିଲେ । ଏହାର ପରିଚାଳନା ଭାର ଭଗବତୀ ଚରଣ ପାଣିଗ୍ରାହୀ, ନବକୃଷ୍ଣ ଚୌଧୁରୀ ଓ ମୋହନ ଦାସ ଆଦି ଯୁବ ନେତାଙ୍କ ହାତରେ ରହିଥିଲା । ବାଲେଶ୍ୱରର ସୋର ଓ ଭୋଗରାଇ, ଖୋର୍ଦ୍ଧାର ଜଙ୍କିଆ ଓ ସମ୍ବଲପୁରର ବରଗଡ଼ଠାରେ ମଧ୍ୟ ୧୯୩୭ରୁ ୧୯୪୦ ମଧ୍ୟରେ କୃଷକ ଓ ଯୁବକ ଶିବିରମାନ ଆୟୋଜିତ ହୋଇଥିଲା। ଏକ ସ୍ୱେଚ୍ଛାସେବୀ ବର୍ଗ ଗଠନ କରି ତାହାରି ମାଧ୍ୟମରେ ବିଭିନ୍ନ ସାମାଜିକ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ କଂଗ୍ରେସ ପ୍ରୟାସ କରୁଥିଲା। ଏହିସବୁ ପ୍ରଶିକ୍ଷଣ ଶିବିର ପଛରେ ମୁଖ୍ୟତଃ କଂଗ୍ରେସ ଭିତରେ ଥିବା ପ୍ରଗତିଶୀଳ ଯୁବଗୋଷ୍ଠୀର (କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ) ପ୍ରମୁଖ ଭୂମିକା ରହିଥିଲା । ସ୍ଥାନୀୟ ସହଯୋଗରେ ଅଳ୍ପ ଖର୍ଚ୍ଚରେ ସେମାନେ ଶିବିର ପରିଚାଳନା କରୁଥିଲେ । ପ୍ରାଦେଶିକ ସ୍ତରରେ କଂଗ୍ରେସ ସରକାର ରହିଥିବାରୁ ପୋଲିସ ସେମାନଙ୍କପାଇଁ ପ୍ରତିବନ୍ଧକ ସୃଷ୍ଟି କରୁନଥିଲା ଅଥବା ଶିବିରାର୍ଥୀମାନଙ୍କୁ ଧମକ ଚମକ ଦେଉ ନଥିଲା । ପୋଲିସ ଓ କର୍ତ୍ତୃପକ୍ଷଙ୍କ ନିରପେକ୍ଷତାଯୋଗୁଁ ଲୋକେ ନିର୍ଭୟରେ ଶିବିରରେ ଯୋଗଦେଇ ପାରୁଥିଲେ । କେତେକ କ୍ଷେତ୍ରରେ ଗଡ଼ଜାତରୁ ମଧ୍ୟ ପ୍ରଜା ଆସି ଶିବିରରେ ଯୋଗ ଦେଉଥିଲେ ।

ଏହିସବୁ ପ୍ରଶିକ୍ଷଣ ଆୟୋଜନ ପଛରେ ସଂଭାବିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ଏକ ପ୍ରମୁଖ କାରଣ ଥିଲା । ଜାପାନ ଫାସୀବାଦୀ ଶକ୍ତି  ଜର୍ମାନୀ ଓ ଇଟାଲୀ ସହିତ ଯୋଗ ଦେବା ପରେ ଭାରତ ଏବଂ ବିଶେଷକରି ପୂର୍ବତଟରେ ଅବସ୍ଥିତ ଓଡ଼ିଶା ଭଳି ରାଜ୍ୟପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆଉ ଦୂର ଘଟଣା ହୋଇ ରହିଲା ନାହିଁ । ୧୯୩୯ ସେପ୍ଟେମ୍ବରରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ଜାପାନ ପୂର୍ବତଟ ଦେଇ ଭାରତ ଆକ୍ରମଣ କରିପାରେ ବୋଲି ଆଶଙ୍କା ସୃଷ୍ଟି ହେଲା। ଉଭୟ ଇଂରେଜ ସରକାର ଓ ଭାରତର ଜାତୀୟତାବାଦୀ ନେତୃବୃନ୍ଦ ତୀବ୍ର ରୂପରେ ଫାସୀବାଦ ବିରୋଧୀ ଥିଲେ। ତେଣୁ ପ୍ରଶିକ୍ଷିଣ ଶିବିରରେ ଏକ ସ୍ୱେଚ୍ଛାସେବୀ ବର୍ଗ ନିର୍ମାଣ  କରି ପାରିଲେ, ଆବଶ୍ୟକ ପଡ଼ିଲେ ତାହା ସମସ୍ୟାର ଯତ୍‌କିଞ୍ଚିତ୍ ମୁକାବିଲା କରିପାରିବ ବୋଲି ଆଶା ରହିଥିଲା । ଏହି କାରଣରୁ ପ୍ରତ୍ୟେକ ପ୍ରଶିକ୍ଷଣ ଶିବିରରେ ବିଶ୍ୱ ଇତିହାସ ଓ ବିଶ୍ୱଯୁଦ୍ଧ ଉପରେ ଆଲୋଚନା ହେଉଥିଲା । ସାଧାରଣତଃ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ବିଚାରରେ ବିଶ୍ୱାସ କରୁଥିବା ନେତା

(ଯଥାଃ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମୋହନ ଦାସ ଆଦି) ଆଲୋଚନାକୁ ସଂଯୋଜନା କରୁଥିଲେ । ସ୍ୱେଚ୍ଛାସେବୀ ବର୍ଗ ପୋଲିସ୍ ଓ ଜମିଦାରମାନଙ୍କର ଯଥେଚ୍ଛାଚାରରୁ ମଧ୍ୟ ଲୋକଙ୍କୁ ସୁରକ୍ଷା ଦେବାରେ ସହାୟକ ହୋଇଥିଲା ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଭାରତର ଇଂରେଜ ସରକାର କଂଗ୍ରେସର ବିନା ସହମତିରେ ଭାରତକୁ ତହିଁରେ ପକ୍ଷଭୁକ୍ତ କଲେ । ଏହାର ପ୍ରତିବାଦ କରି ପ୍ରାଦେଶିକ କଂଗ୍ରେସ ସରକାରମାନେ ସରକାରରୁ ଓହରିଗଲେ । ଓଡ଼ିଶାରେ ବିଶ୍ୱନାଥ ଦାସ ସରକାର ମଧ୍ୟ ଇସ୍ତଫା ଦେଲେ । ପୁଣିଥରେ କଂଗ୍ରେସ ଓ ସରକାର ମଧ୍ୟରେ ଛକାପଂଝା ଚାଲିଲା । ଏହି ସମୟରେ (୧୯୪୦ରେ) କଂଗ୍ରେସ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲା । ଏହା ଗଣ ଆନ୍ଦୋଳନ ନଥିଲା । କାରଣ ଫାସୀବାଦୀ ବିରୋଧୀ କଂଗ୍ରେସ ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ସରକାର ଆଗରେ ବେଶି ସମସ୍ୟା ସୃଷ୍ଟି କରିବାକୁ ଇଚ୍ଛା କରୁ ନଥିଲା । କଂଗ୍ରେସ ନେତୃବୃନ୍ଦ ଯୁଦ୍ଧର ବିରୋଧ କରିବାପାଇଁ ଲୋକଙ୍କୁ ସଭାସମିତି ମାଧ୍ୟମରେ ବୁଝାଇଲେ । ସରକାର ଲୋକଙ୍କ ପାଖରୁ ଯୁଦ୍ଧ ପାଣ୍ଠି ସଂଗ୍ରହ କରୁଥିଲେ । ଗଡ଼ଜାତ ରାଜାମାନଙ୍କ ସାହାଯ୍ୟରେ ଯୁଦ୍ଧପାଇଁ ମଜୁରିଆ ମଧ୍ୟ ସଂଗ୍ରହ କରାଯାଉଥିଲା । କଂଗ୍ରେସ ଲୋକ ଏହାର ବିରୋଧ କଲେ ।

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରଠାରେ 'ରଣଭେରୀ' ପତ୍ରିକା ଲୋକଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ତହିଁରେ ସରକାରକୁ ଖଜଣା ନଦେବା ସକାଶେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏଥିରେ ଯୁବକମାନଙ୍କୁ 'ଯୁବ ଶାନ୍ତି ସେନା' ଗଠନ କରିବାକୁ ଏବଂ ନାଲି ପଗଡ଼ି ପିନ୍ଧି ପୋଲିସର ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱ ନିର୍ବାହ କରିବାକୁ ମଧ୍ୟ କୁହାଯାଇଥିଲା ।

ଏହି ସମୟରେ ସରକାର ଓ ପୋଲିସ ପ୍ରତି ଲୋକଙ୍କ ମନରେ ଏକ ପ୍ରକାର ନିଡ଼ର ଭାବ ଜାତ ହୋଇଥିବାର ଅନେକ ପ୍ରମାଣ ମିଳେ । ଜଳେଶ୍ୱରରେ ନକୁଳ ଶତପଥୀ ନାମକ ଜଣେ ଯୁବକ ହାଟ ମଝିରେ ଏକ ଯୁଦ୍ଧ ବିରୋଧୀ ପ୍ରଚାରପତ୍ର ଲଗାଇ ବକ୍ତୃତା ଦେବା ସମୟରେ ପୋଲିସ ହାତରେ ଗିରଫ ହେଲେ । ପୋଲିସ ପଚାରିବାରୁ ସେ ନିଜ ଠିକଣା 'ଭାରତ' ବୋଲି ଉତ୍ତର ଦେଇଥିଲେ । ଭଦ୍ରକ ଅଗରପଡ଼ା ହାଇସ୍କୁଲ୍‌ର ଜଣେ ଛାତ୍ର ଯତୀନ୍ଦ୍ର ମୋହନ ମହାପାତ୍ର 'ଚଷାଭାଇ' ଶୀର୍ଷକ ଏକ ଗୀତ ପୁସ୍ତିକା ଲେଖି ତହିଁରେ ଇଂରେଜ ସରକାରର ଆର୍ଥିକ ଶୋଷଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ଲୋକ ନିର୍ଭୟରେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ସ୍ୱଦେଶୀ, ଅସହଯୋଗ, ଅସ୍ପୃଶ୍ୟତା ଓ ନିଶା ନିବାରଣ, ସାକ୍ଷରତା ଅଭିଯାନରେ ସାମିଲ ହୁଅନ୍ତୁ ବୋଲି ସେ ପୁସ୍ତିକାରେ ଆହ୍ୱାନ କରିଥିଲେ । କଂଗ୍ରେସ ସହିତ ସମ୍ବନ୍ଧ ଅତୁଟ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ଓ ଜମିଦାରମାନଙ୍କୁ ଚାଷୀଶୋଷଣ ବନ୍ଦ କରିବାକୁ ସତର୍କ କରି ଦିଆଗଲା । ପୋଲିସ ପୁସ୍ତିକାକୁ ବାଜ୍ୟାପ୍ତ କରିଥିଲେ । ସତ୍ୟାଗ୍ରହୀମାନେ ହାଟ, ମନ୍ଦିର ଆଦି ସର୍ବ ସାଧାରଣ ସ୍ଥାନରେ ନିର୍ଭୀକ ଭାବରେ ଲିଖିତ ଭାଷଣମାନ ପଢ଼ୁଥିଲେ । ତହିଁରେ ଲୋକଙ୍କୁ କୌଣସି ମତେ ଯୁଦ୍ଧପାଇଁ ଆର୍ଥିକ ସହାୟତା ନ କରିବାକୁ ପରାମର୍ଶ ଦିଆଯାଇଥିଲା । ଯୁଦ୍ଧକୁ କୌଣସି ପ୍ରକାର ସହଯୋଗ ନଦେବାକୁ ମହାତ୍ମାଗାନ୍ଧୀଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ବୋଲି ମଧ୍ୟ ପ୍ରଚାର

କରାଯାଇଥିଲା । ଯୁଦ୍ଧରେ ବୋମାମାଡ଼ ହେଲେ ଗାନ୍ଧିଜୀ ସରକାରଙ୍କୁ ଗାଦିଚ୍ୟୁତ କରିବେ ବୋଲି ମଧ୍ୟ କେତେକ ସ୍ଥାନରେ ପ୍ରଚାର ହୋଇଥିଲା । ଇଂରେଜ ସରକାର ଅପେକ୍ଷା ଗାନ୍ଧିଜୀ ଅଧିକ ଶକ୍ତିଶାଳୀ, ଏହି ଧାରଣା ଲୋକଙ୍କୁ ଅଧିକ ଭୟଶୂନ୍ୟ କରିଥିଲା । କୋରାପୁଟରେ ରାଧାକୃଷ୍ଣ ବିଶ୍ୱାସରାୟ ଏକ ସଭାରେ ଲୋକଙ୍କୁ କହିଥିଲେ, ''ପୂର୍ବରୁ ହୁଏତ ଆମ୍ଭେମାନେ ମେଣ୍ଢା ଥିଲେ, କିନ୍ତୁ ବର୍ତ୍ତମାନ ଆମେ ମଣିଷ । ତେଣୁ ବଳପୂର୍ବକ କୌଣସି ସରକାର ଆମକୁ ଯୁଦ୍ଧରେ ସାମିଲ ହେବାପାଇଁ ବାଧ୍ୟ କରିପାରିବ ନାହିଁ ।''

ସରକାର ଲୋକଙ୍କୁ ପ୍ରତିରକ୍ଷା ଚୁକ୍ତି ଦଲିଲ୍‌କୁ କିଣି ଯୁଦ୍ଧ ପାଣ୍ଠିପାଇଁ ଆର୍ଥିକ ସହଯୋଗ କରିବାକୁ ସେତେବେଳେ ବିଜ୍ଞାପନ ଓ ପ୍ରଚାରପତ୍ର ବାଣ୍ଟୁ ଥିଲେ । ଯେଉଁ ସ୍ଥାନମାନଙ୍କରେ ପ୍ରଚାରପତ୍ର ଲଗାଯାଉଥିଲା, ସେଭଳି ସ୍ଥାନରେ ସମ୍ବଲପୁର ଜିଲ୍ଲା ଭେଡେନ୍‌ର ମଙ୍ଗଲୁ ପ୍ରଧାନ ନାମକ ଜଣେ କର୍ମୀ ନିଜ ଲିଖିତ ଏକ ପ୍ରଚାରପତ୍ର ଲଗାଇ ଦେଉଥିଲେ । ଏଥିରେ ସରକାରଙ୍କ ଯୁଦ୍ଧ ଦଲିଲ୍‌କୁ ନ କିଣିବାପାଇଁ ଆହ୍ୱାନ ଦିଆଯାଇଥିଲା । ମଂଗଲୁ ପ୍ରଧାନଙ୍କ ପ୍ରଚାରପତ୍ରରେ ଲେଖାଥିଲାଃ 'କଂଗ୍ରେସର ଆଦେଶ, ୟୁରୋପରେ ହେଉଥିବା ଯୁଦ୍ଧପାଇଁ ଆମେ ସରକାରକୁ କୌଣସି ସାହାଯ୍ୟ କରିବା ନାହିଁ । ଖଦି ବୁଣିବା ସହ ଅହିଂସାତ୍ମକ ଉପାୟରେ ଆମେ ନିଜକୁ ପ୍ରସ୍ତୁତ କରିବା । ଆମ ଭାଇମାନେ ଜାଣିବା କଥା ଯେ, ବର୍ତ୍ତମାନ ଦେଶର ପରିସ୍ଥିତିରେ ଜଣେ ଯେତେବେଳେ ନିଜକୁ ରକ୍ଷା କରିବାରେ ଅସମର୍ଥ ସେ ଅନ୍ୟକୁ କିପରି ରକ୍ଷା କରିବ ?''

ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଉତ୍କଳ ପ୍ରାଦେଶିକ ସ୍ତରୀୟ ନେତୃବୃନ୍ଦ ବିଭିନ୍ନ ସ୍ଥାନରୁ ପଦଯାତ୍ରାରେ ବାହାରି ଗାନ୍ଧୀଙ୍କର ଆଦର୍ଶ ଓ ଯୁଦ୍ଧ ପରିସ୍ଥିତି ସଂପର୍କରେ ସଭାସମିତିମାନ କରୁଥିଲେ । ଏହି କ୍ରମରେ ଗୋପବନ୍ଧୁ ଚୌଧୁରୀ ବରୀରୁ ଗଣେଶ୍ୱରପୁର ପଦଯାତ୍ରା କଲେ । ନୀଳାମ୍ବର ଦାସ ସୋରରୁ ଯାଜପୁର ପଦଯାତ୍ରା କଲେ । ଲକ୍ଷ୍ମୀନାରାୟଣ ସାହୁଙ୍କ ଉଦ୍ୟମରେ ବାଲେଶ୍ୱରରେ ଏକ ମଦ ଦୋକାନକୁ ସଂସ୍କୃତ ଟୋଲ୍‌ରେ ପରିଣତ କରାଗଲା । ପୋଲିସ ଓ ଗିରଫଦାରି ପ୍ରତି କର୍ମୀମାନଙ୍କ ମନରେ ସୃଷ୍ଟି ହୋଇଥିବା ନିଡର ଭାବର ଏକ ଉଦାହରଣ ହେଲା ଯେ, ବ୍ୟକ୍ତିଗତ ସତ୍ୟାଗ୍ରହରେ ସାଧାରଣ କର୍ମୀ ମଧ୍ୟ ଗିରଫ ହେବାକୁ ଚାହୁଁଥିଲେ, ମାତ୍ର ପୋଲିସ କେବଳ ପ୍ରମୁଖ ନେତାଙ୍କୁ ଗିରଫ କରୁଥିଲା । ଏହାଦ୍ୱାରା ଗିରଫ ହେଉ ନଥିବା କର୍ମୀ ହତାଶ ହେଉଥିଲେ । ଜେଲ୍ ଯିବା ଏଣିକି ଭୟ ପରିବର୍ତ୍ତେ ସାମାଜିକ ସମ୍ମାନର ପ୍ରଶ୍ନରେ ପରିଣତ ହେଲା । କଂଗ୍ରେସ କାମରେ ଏଣିକି ଅନେକ କର୍ମୀ ଆଗ୍ରହ ପ୍ରକାଶ କରୁଥିଲେ । ସେମାନଙ୍କୁ ଦାୟିତ୍ୱ ଓ କାର୍ଯ୍ୟ ଦେଇ ନପାରିଲେ ସେମାନେ ସଂଗ୍ରାମ ପ୍ରତି ବୀତସ୍ପୃହ ହେବେ ବୋଲି ନେତୃତ୍ୱ ବୁଝି ପାରିଥିଲେ । ଏଥିପାଇଁ ଗିରଫ ହୋଇ ନଥିବା ସତ୍ୟାଗ୍ରହୀମାନଙ୍କୁ ରାଜଧାନୀ କଟକକୁ ପଦଯାତ୍ରାରେ ଆସିବାପାଇଁ କଂଗ୍ରେସ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା । ରାସ୍ତାରେ ସେମାନେ ସଭା ସମିତି କରି ତହିଁରେ ଯୁଦ୍ଧ ବିରୋଧୀ ସ୍ଲୋଗାନ ଓ ଭାଷଣ ଦେବେ ବୋଲି କୁହାଯାଇଥିଲା । ଏସବୁ ସତ୍ତ୍ୱେ ଯଦି ସେମାନେ ପୋଲିସ୍‌ଦ୍ୱାରା ଗିରଫ ନହୁଅନ୍ତି, ତେବେ ସରକାର ନିଜ ଯୁଦ୍ଧନୀତି ଭୁଲ ବୋଲି ସ୍ୱୀକାର କରି ସାରିଲେଣି ଏବଂ ସେଥିପାଇଁ କଂଗ୍ରେସ ଲୋକଙ୍କୁ ଯୁଦ୍ଧ ବିରୋଧୀ ସ୍ଲୋଗାନପାଇଁ ଗିରଫ କରୁ ନାହାନ୍ତି ବୋଲି

ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଗଲା । ସତ୍ୟାଗ୍ରହୀ ସାଧାରଣତଃ ହାଟ, ରେଳଷ୍ଟେସନ୍, କୋର୍ଟ ପରିସର, ମନ୍ଦିର ଓ ସହର ବଜାରରେ ଏକତ୍ରିତ ଲୋକଙ୍କୁ ଉଦ୍‌ବୋଧନ ଦେଉଥିଲେ ଏବଂ ତା' ମାଧ୍ୟମରେ ପୋଲିସ ଓ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରୁଥିଲେ ।

୧୯୪୧ ଏପ୍ରିଲ୍ ମାସଠାରୁ ପ୍ରାଦେଶିକ କଂଗ୍ରେସ କମିଟି ସତ୍ୟାଗ୍ରହୀ ପ୍ରଶିକ୍ଷଣ ଶିବିରମାନ ମଧ୍ୟ ଆୟୋଜନ କରିଥିଲେ । ତହିଁରେ ଶାନ୍ତି ଦଳ ଗଠନ, ଯୁଦ୍ଧ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ତନ୍ତବୁଣା, ଖଦିପ୍ରସାର ଆଦି ଉପରେ ଗୁରୁତ୍ୱ ଦିଆଯାଉଥିଲା । ଭଦ୍ରକର ଗଦାଧରପୁର ଓ ଗଂଜାମର ଆସ୍କାଠାରେ ଏହିଭଳି ଦୁଇଟି ଶିବିର ସେହି ସମୟରେ ଅନୁଷ୍ଠିତ ହୋଇଥିଲା ।

୧୯୪୧ ସୁଦ୍ଧା ଆଉ ଏକ ଗଣ ଆନ୍ଦୋଳନପାଇଁ ଲୋକ ପ୍ରସ୍ତୁତ ହୋଇ ସାରିଥିଲେ । ବରଂ କଂଗ୍ରେସ ତରଫରୁ ଏ ନେଇ ନିଷ୍ପତ୍ତି ନିଆ ଯାଉନଥିବାରୁ ଲୋକଙ୍କ ମଧ୍ୟରେ ଧୈର୍ଯ୍ୟଚ୍ୟୁତି ଘଟୁଥିଲା । ଜାତୀୟ କଂଗ୍ରେସପାଇଁ ମଧ୍ୟ ଏହା ଏକ ସଂଧିକ୍ଷଣ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫାସୀବାଦୀ ଶକ୍ତି ବିରୁଦ୍ଧରେ ଲଢୁଥିବା ଇଂରେଜ ସରକାରକୁ ସମର୍ଥନ ନଦେଲେ ବି ଖୋଲା ଖୋଲି ବିରୋଧ କରିବା ଅର୍ଥ ଫାସୀବାଦୀ ବିରୋଧୀ ମେଣ୍ଟକୁ ପ୍ରକାରାନ୍ତରେ ଦୁର୍ବଳ କରିବା । ଏହି କାରଣରୁ ଜାତୀୟ କଂଗ୍ରେସ ନୂଆ ଗଣ ଆନ୍ଦୋଳନ ଆରମ୍ଭ କରି ପାରୁନଥିଲା । ଅନ୍ୟ ପକ୍ଷରେ, ବିନା ଗଣ ଆନ୍ଦୋଳନରେ ଲୋକ ସମ୍ଭାବିତ ଜାପାନର ଭାରତ ଆକ୍ରମଣକୁ କାଳେ ସ୍ୱାଗତ କରିଦେବେ ବୋଲି ଆଶଙ୍କା ପ୍ରକାଶ ପାଉଥିଲା । ୧୯୪୨ରେ 'ଭାରତ ଛାଡ଼' ଆନ୍ଦୋଳନର ଡାକରା ଏହି ସମସ୍ତ ଅନିଶ୍ଚିତତାକୁ ଦୂର କରିଦେଲା ।

## ସ୍ୱତନ୍ତ୍ର ପ୍ରଦେଶ ଗଠନ : ୧୯୩୬

ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ତଦ୍‌ଜନିତ କାର୍ଯ୍ୟକ୍ରମମାନ ଚାଲିଥିବା ବେଳେ ସରକାର ଓଡ଼ିଆ ଭାଷା-ଭାଷୀ କ୍ଷେତ୍ରକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ସ୍ଥିର କଲେ । ୧୯୩୬ ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ପ୍ରଦେଶ ଗଠିତ ହେଲା । ଉଭୟ ବୌଦ୍ଧିକ ଓ ଲୌକିକ ସ୍ତରରେ ଏଥିପାଇଁ ବହୁ ଆଗରୁ ଆନ୍ଦୋଳନ ଚାଲିଥିଲା ।

୧୯୧୯ରେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ଶାସନ ସଂସ୍କାର ଅନୁଯାୟୀ ଭାରତ ସରକାର ଆଇନ ଲାଗୁକଲେ । ଏଥିରେ ଓଡ଼ିଆ ଭାଷା-ଭାଷୀ ଅଂଚଳଗୁଡ଼ିକର ଏକତ୍ରୀକରଣ ହେବ ବୋଲି ଓଡ଼ିଶାର ବୁଦ୍ଧିଜୀବୀ ଓ ନେତୃବର୍ଗ ଆଶା କରିଥିଲେ । ୧୯୧୭ରେ ମଣ୍ଟେଗୁଙ୍କ ଆଗମନ ସମୟରେ 'ଦ ଓଡ଼ିଆ ମୁଭ୍‌ମେଣ୍ଟ' ନାମକ ଏକ ପୁସ୍ତକରେ ଓଡ଼ିଶାର ଦାବିକୁ ସମ୍ମିଳିତ କରି ତାକୁ ସ୍ମାରକପତ୍ର ରୂପେ ପେଶ୍ କରାଯାଇଥିଲା । ଏହି ପୁସ୍ତକ ପ୍ରସ୍ତୁତ କରିଥିଲେ ଗଂଜାମର ଚକ୍ରପାଣି ପ୍ରଧାନ, ନିରଂଜନ ପଟ୍ଟନାୟକ ଓ ହରିହର ପଣ୍ଡା ଆଦି । ମଣ୍ଟେଗୁ ଓଡ଼ିଶାର ବିହାର ପ୍ରଦେଶ ସହିତ ମିଳିତ ହୋଇ ରହିବାଟା ଅଯୌକ୍ତିକ ବୋଲି କହୁଥିଲେ । ଏକ ଉପ-ପ୍ରଦେଶ ଭାବରେ ଓଡ଼ିଶା ରହିବା କଥା ବୋଲି ସେ କହୁଥିଲେ । ମାତ୍ର ରିପୋର୍ଟରେ ସେ ନେଇ କୌଣସି ଠୋସ୍ ନିର୍ଦ୍ଦେଶ ଦେଇ ନଥିଲେ, ଯାହା ଓଡ଼ିଶାର ନେତୃବୃନ୍ଦଙ୍କୁ ନିରାଶ କରିଥିଲା ।

୧୯୨୪ରେ ଗଂଜାମ ଓ ତତ୍‌ସଂଲଗ୍ନ କେତେକ ଅଂଚଳକୁ ଓଡ଼ିଶା ସହିତ ମିଶ୍ରଣ ପ୍ରଶ୍ନକୁ ଅନୁସନ୍ଧାନ କରିବାନିମିତ୍ତ 'ଫିଲିପ ଡଫ୍ ଅନୁସନ୍ଧାନ କମିଟି' ଗଠିତ ହେଲା । ସି.ଏଲ୍.ଫିଲିପ ଓ ଏ.ସି.ଡଫ୍. ନାମକ ଦୁଇଜଣ ଅଭିଜ୍ଞ ସିଭିଲ୍ ସର୍ଭିସ ଅଧିକାରୀ କମିଟିର ସଂଯୋଜନା କଲେ । ଉଭୟେ ପୂର୍ବରୁ ଓଡ଼ିଶାରେ କାମ କରିଥିଲେ ଓ ଓଡ଼ିଶା ସମସ୍ୟା ସହିତ ପରିଚିତ ଥିଲେ । ୧୯୨୪ ଡିସେମ୍ବରରେ ଏହି କମିଟି ଗଂଜାମ ନିବାସୀ ଓଡ଼ିଆମାନେ ଓଡ଼ିଶାରେ ମିଶିବାପାଇଁ ଆଗ୍ରହୀ ବୋଲି ରିପୋର୍ଟ ଦେଇଥିଲେ । ମାତ୍ର ସରକାର ଚାହିଁଲେ ଉକ୍ତ ଅଂଚଳର ତେଲ୍‌ଗୁଭାଷୀଙ୍କ ମତାମତ । ଗଂଜାମର ଯଦି ଓଡ଼ିଶା ସହିତ ମିଶ୍ରଣ ହୁଏ, ତେଲ୍‌ଗୁଭାଷୀ ଲୋକଙ୍କର ସମସ୍ୟା ହେବ ବୋଲି ସରକାର ଚିନ୍ତା କଲେ । ଫଳରେ ଫିଲପ୍-ଡଫ୍ କମିଟିର ରିପୋର୍ଟକୁ ଲାଗୁ କରାଯାଇ ପାରିଲା ନାହିଁ ।

୧୯୨୮ ଫେବ୍ରୁଆରିରେ ଶାସନ ସଂସ୍କାର ସଂପର୍କୀୟ ନିଷ୍ପତ୍ତି ନେବାଲାଗି ସାଇମନ୍ କମିସନ ଭାରତକୁ ଆସିଲେ । ଜାତୀୟତାବାଦୀମାନଙ୍କ ପକ୍ଷରୁ କମିସନକୁ ତୀବ୍ର ବିରୋଧ କରାଗଲା । କାରଣ କମିସନରେ କେହି ଭାରତୀୟ ସଭ୍ୟ ନଥିଲେ । ମାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଦାବି ନେଇ ଓଡ଼ିଶାର କିଛି ନେତୃସ୍ଥାନୀୟ ବ୍ୟକ୍ତି କମିସନକୁ ପାଟନାରେ ସାକ୍ଷାତ୍ କରିଥିଲେ । ଯଦିଓ ମଧୁସୂଦନ ଦାସ ନିଜେ କମିସନକୁ ସ୍ୱାଗତ କରିବାପାଇଁ ଯାଇ ନଥିଲେ, ତାଙ୍କ ସହମତିରେ ଏହା ହୋଇଥିଲା । ଏଥିପାଇଁ କଂଗ୍ରେସର ନେତୃବର୍ଗ ଓ ଅନ୍ୟ ଜାତୀୟତାବାଦୀମାନେ ମଧୁସୂଦନ ଓ ଅନ୍ୟ ସ୍ୱାଗତକାରୀଙ୍କର ତୀବ୍ର ସମାଲୋଚନା କରିଥିଲେ । ସାଇମନ କମିସନ ଓଡ଼ିଶା ପ୍ରଦେଶ ଗଠନ କଥା ନିଷ୍ପତ୍ତି ନେଲେ ନାହିଁ । ତା' ବଦଳରେ କ୍ଲିମେଣ୍ଟ ଅଟଲୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଲେ, ଯାହା ଓଡ଼ିଶାର ସମସ୍ୟାକୁ ବିଚାରକୁ ନେବ । କମିସନ୍ ଯଦିଓ ତାଙ୍କ ରିପୋର୍ଟରେ (ଏହା ୭ ଜୁନ୍ ୧୯୩୦ରେ ପ୍ରକାଶିତ ହେଲା) ବିହାର ଓ ଓଡ଼ିଶା ପ୍ରଦେଶର ଗଠନକୁ ''କୃତ୍ରିମ' ଏବଂ 'ଜାତିଗତ', ଭାଷାଗତ ଓ ସାଂସ୍କୃତିକ ଦୃଷ୍ଟିରୁ ପୃଥକ୍ ତିନୋଟି କ୍ଷେତ୍ରକୁ ଗୋଟାଏ ଶାସନ ଅଧୀନରେ କେବଳ ଯୋଡ଼ି ଦିଆଯାଇଛି'' ବୋଲି ଉଲ୍ଲେଖ କରିଥିଲେ, ତଥାପି ପ୍ରଦେଶ ଗଠନ ନେଇ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କଲେ ନାହିଁ । ଫଳରେ ସରକାରଙ୍କ ସହଯୋଗରେ ପ୍ରଦେଶ ଗଠନ କରିବାଲାଗି ଉଦ୍ୟମ କରୁଥିବା ନେତୃବର୍ଗ ତୀବ୍ର ସମାଲୋଚନାର ଶିକାର ହେଲେ ।

୧୯୨୮ରେ କଲିକତା କଂଗ୍ରେସରେ ସଭାପତି ମୋତିଲାଲ୍ ନେହେରୁ ଭାଷାଭିତ୍ତିକ ପ୍ରଦେଶ ଗଠନପାଇଁ ଆବଶ୍ୟକ ସମର୍ଥନ ଦେଉ ନାହାନ୍ତି ବୋଲି ଅଭିଯୋଗ କରି ଓଡ଼ିଶାର ୩୦୦ ପ୍ରତିନିଧି ଅଧିବେଶନ ତ୍ୟାଗ କଲେ ଓ କଲିକତାରେ ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ସଭା ଓ ଶୋଭାଯାତ୍ରା କଲେ । ମୋତିଲାଲ ନେହେରୁ କ୍ଷମାପ୍ରାର୍ଥନା କଲା ପରେ ପରିସ୍ଥିତି ଶାନ୍ତ ପଡ଼ିଲା । ମାତ୍ର ଭାଷା ଭିତ୍ତିରେ ପ୍ରଦେଶଗଠନ ଦାବିକୁ ଏହା ଦୃଢ଼ତର କଲା । ଜାତୀୟ କଂଗ୍ରେସର ଓଡ଼ିଶା ନେତୃତ୍ୱ ନିମନ୍ତେ ଭାଷାଭିତ୍ତିକ ପ୍ରଦେଶ ପ୍ରସଙ୍ଗ କଦାପି ଗୌଣ ହୋଇ ନପାରେ ବୋଲି ଜନମତ ସୃଷ୍ଟି ହେଲା । ସ୍ୱତନ୍ତ୍ର ପ୍ରଦେଶପାଇଁ ଜନମତ ବୃଦ୍ଧିପାଇଲା । ପରିଣାମ ସ୍ୱରୂପ ୧୯୩୧ରେ ସରକାର

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରଶ୍ନକୁ ବିଧିବଦ୍ଧ ଭାବେ ସ୍ୱୀକାର କରି ପ୍ରଦେଶର ସୀମାରେଖା ନିର୍ଣ୍ଣୟ କରିବାଲାଗି ଏକ ସୀମା କମିସନ ଗଠନ କଲେ । ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ପ୍ରାଦେଶିକ କଂଗ୍ରେସ କମିଟି ପ୍ରଦେଶ ଗଠନପାଇଁ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହେଲେ । ସୀମା କମିସନ ସହିତ ନୂତନ ପ୍ରଦେଶର ସୀମାରେଖା ନିର୍ଣ୍ଣୟ କରିବାକୁ କଂଗ୍ରେସ ପକ୍ଷରୁ ନୀଳକଣ୍ଠ ଦାସଙ୍କୁ ଦାୟିତ୍ୱ ଦିଆଗଲା ।

ସୀମା କମିସନର ଅଧ୍ୟକ୍ଷ ଥିଲେ ସାର ସାମୁଏଲ୍ ଓଡ଼ୋନେଲ୍ ଏବଂ ଅନ୍ୟ ଦୁଇଜଣ ସଦସ୍ୟ ହେଲେ ଏଚ୍.ଏମ୍.ମେହେଟା ଓ ଆସାମର ତରୁଣରାମ ଫୁକନ୍ । ପାରଳାଖେମୁଣ୍ଡି ରାଜା କୃଷ୍ଣଚନ୍ଦ୍ର ଗଜପତି, ସଚ୍ଚିଦାନନ୍ଦ ସିହ୍ନା ଓ ନରସିଂହ ରାଜୁ କମିସନର ସହଯୋଗୀ ସଦସ୍ୟ ଭାବରେ ଯଥାକ୍ରମେ ଓଡ଼ିଆ, ହିନ୍ଦୀ ଓ ତେଲୁଗୁ ଭାଷୀ ଲୋକଙ୍କର ପ୍ରତିନିଧିତ୍ୱ କଲେ । କମିସନର ରିପୋର୍ଟରେ ନୂତନ ପ୍ରଦେଶରେ ସମଗ୍ର ଓଡ଼ିଶା ଡିଭିଜନ, ଅନୁଗୁଳ, ପଦ୍ମପୁର, ଖଡ଼ିଆଳ ଓ ଗଂଜାମ ଅଞ୍ଚଳ ମିଶିବ ବୋଲି ଉଲ୍ଲେଖ ରହିଲା । ଓଡ଼ୋନେଲ୍ କମିଟି ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବା ସପକ୍ଷରେ ନ ଥିଲେ । ଏହାର ପ୍ରତିବାଦରେ ଶତାଧିକ ସଂଖ୍ୟାରେ ସ୍ମାରକପତ୍ରମାନ ସରକାରଙ୍କ ନିକଟକୁ ପଠାଗଲା । ଶେଷରେ, ନୂତନ ପ୍ରଦେଶରେ ପୂର୍ବୋକ୍ତ ଅଂଚଳ ବ୍ୟତୀତ ଗଂଜାମର ଓଡ଼ିଆ ବହୁଳ ଅଂଚଳ, ବରହମ୍ପୁର ସହର, ଜୟପୁର ଜମିଦାରୀ, ପାରଳାଖେମୁଣ୍ଡି ସହର ଓ ପାରଳାଖେମୁଣ୍ଡି ଜମିଦାରୀର ଏକ ତୃତୀୟାଂଶ, ଘୁମୁସର, ଆସ୍କା, କୋଦଳା, ଛତ୍ରପୁର, ସୁରଙ୍ଗୀ, ବରଦା, ଚିକିଟି ଓ ବରହମ୍ପୁର ତାଲୁକର ଉତ୍ତରାଂଶ ମିଶ୍ରଣ ହେବ ବୋଲି ସ୍ଥିର ହେଲା । ଏହାଛଡ଼ା ଓଡ଼ିଶାପାଇଁ ସ୍ୱତନ୍ତ୍ର ଉଚ୍ଚ ନ୍ୟାୟାଳୟ ଗଠିତ ହେବ ଓ ତା'ର ଜଣେ ଗଭର୍ଣ୍ଣର ରହିବେ । ୧୯୩୬ ମାର୍ଚ୍ଚ ୩ ତାରିଖରେ ବ୍ରିଟିଶ୍ ପାର୍ଲ୍ୟାମେଣ୍ଟରେ 'କନ୍‌ଷ୍ଟିଚ୍ୟୁସନ୍ ଅଫ୍ ଓଡ଼ିଶା ଅର୍ଡ଼ର ବିଲ୍-୧୯୩୬' (Constitution of Orissa Order Bill-1936)ଆଗତ ହେଲା । ଏହା ପୂର୍ବରୁ ୧୯୩୪ ଫେବ୍ରୁଆରି ମାସ ୪ ତାରିଖରେ ମଧୁସୂଦନ ଦାସ, ଯାହାଙ୍କ ସ୍ୱପ୍ନ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏହି ସ୍ୱପ୍ନକୁ ସାକାର କରିବାପାଇଁ ଯିଏ ସାରା ଜୀବନ କାର୍ଯ୍ୟ କରିଥିଲେ, ତାଙ୍କର ଦେହାନ୍ତ ହେଲା । ୧୯୩୬ ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା । ଏହାର ପ୍ରଥମ ଗଭର୍ଣ୍ଣର ହେଲେ ସାର୍ ଜନ୍ ଅଷ୍ଟିନ୍ ହବାକ୍ ।

## ପ୍ରଜାମଣ୍ଡଳ ଆନ୍ଦୋଳନ

୧୯୩୦-୪୦ କାଳାଂଶର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଘଟଣା ଥିଲା ଗଡ଼ଜାତମାନଙ୍କରେ ସଂଘଟିତ ପ୍ରଜାମଣ୍ଡଳ ଆନ୍ଦୋଳନ । ସମସାମୟିକ ଆଇନ ଅମାନ୍ୟ ଆନ୍ଦୋଳନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଶାରେ କଂଗ୍ରେସ ଦଳର ମନ୍ତ୍ରିମଣ୍ଡଳ ପରିଚାଳନା ଆଦି ଘଟଣାବଳୀ ସହିତ ଏହାର ବିଶେଷ ସମ୍ବନ୍ଧ ରହିଥିଲା ।

ଓଡ଼ିଶାର ଗଡ଼ଜାତ ଓ ଇଂରେଜ ଶାସନ କାଳରେ ସେଠାରେ ଚାଲିଥିବା ପ୍ରଜା-ଉତ୍ପୀଡନ ସମ୍ବନ୍ଧରେ ପୂର୍ବରୁ ଆଲୋଚିତ ହୋଇଛି । ଉତ୍ପୀଡ଼ନ ବିରୁଦ୍ଧରେ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ

ଓ ବିଂଶ ଶତାବ୍ଦୀର ଆରମ୍ଭରେ ପ୍ରଜାମାନେ ବିଦ୍ରୋହ କରିଥିଲେ । ରାଜାମାନେ ଇଂରେଜ ସରକାରର ପୋଲିସ ସାହାଯ୍ୟରେ ଗଡ଼ଜାତ ବିଦ୍ରୋହକୁ ଦୃଢ଼ ଭାବରେ ଦମନ କରୁଥିଲେ । ୧୯୨୦ ଦଶକରେ ସ୍ୱାଧୀନତା ସଂଗ୍ରାମ ଯେତେବେଳେ ଗଣ ଆନ୍ଦୋଳନର ରୂପ ନେଲା, ସେତେବେଳେ ଗଡ଼ଜାତ ପ୍ରଜା ଆସି ମୋଗଲବନ୍ଦି ଓଡ଼ିଶାର ଆନ୍ଦୋଳନରେ ଭାଗ ନେଇ ପାରୁ ନଥିଲେ । ଗଡ଼ଜାତ ତା'ପାଇଁ ପ୍ରତିବନ୍ଧକ ଥିଲା । କଂଗ୍ରେସ କର୍ମୀ ମଧ୍ୟ ଖୋଲାଖୋଲି ଗଡ଼ଜାତରେ କଂଗ୍ରେସ ସଂଗଠନ କରି ପାରୁ ନଥିଲେ; ଗଡ଼ଜାତ ଉତ୍ପୀଡ଼ନର ବିରୋଧ କରିବା କାଠିକର ଥିଲା । କଂଗ୍ରେସ ନେତୃବୃନ୍ଦ ଚାହୁଁଥିଲେ, ବିଦେଶୀ ଶକ୍ତି ବିରୁଦ୍ଧରେ ଚାଲିଥିବା ସଂଗ୍ରାମ ଦେଶୀୟ ରାଜା ବିରୋଧରେ ନହେଉ । ଏହାର ସୁଯୋଗ ନେଇ ଗଡ଼ଜାତ ରାଜାମାନେ କଂଗ୍ରେସର ବିରୋଧ କରୁଥିଲେ ଏବଂ ପ୍ରଜାଙ୍କ ମଧ୍ୟରେ ଗଣତାନ୍ତ୍ରିକ ବିଚାରବୋଧ କେମିତି ପ୍ରସାରିତ ନହେବ, ତା'ପାଇଁ ପ୍ରୟାସ କରୁଥିଲେ । ପ୍ରଜାଙ୍କର ରାଜନୈତିକୀକରଣକୁ ଅବରୁଦ୍ଧ କରି ପାରିଲେ ରାଜା ଶାସନ ଚାଲିପାରିବ ବୋଲି ସେମାନେ ମନେ କରୁଥିଲେ । ପରିଣାମ ସ୍ୱରୂପ, ମୋଗଲବନ୍ଦି ଓ ଗଡ଼ଜାତ ମଧ୍ୟରେ ଶିକ୍ଷା, ଦୀକ୍ଷା, ରାଜନୈତିକ ସଚେତନତା, ନାଗରିକ ଅଧିକାର ଆଦି ସବୁ କ୍ଷେତ୍ରରେ ଏକ ରକମର ଅଭେଦ୍ୟ ପ୍ରାଚୀର ସୃଷ୍ଟି ହୋଇଥିଲା ।

୧୯୩୦ ଦଶକରେ ଏହି ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳିଲା । ଗଡ଼ଜାତ ଓ ମୋଗଲବନ୍ଦି ମଧ୍ୟରେ ସାମାଜିକ ବିଭେଦ ଅଧିକ ସମୟ ଧରି ରହି ପାରିଲା ନାହିଁ । ଉଭୟ ଲୋକଙ୍କ ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇଲା ଏବଂ ତା' ସହିତ ଗଣତାନ୍ତ୍ରିକ ଓ ରାଜନୈତିକ ଚେତନା ଗଡ଼ଜାତକୁ ପ୍ରସାରିତ ହେଲା । ମୋଗଲବନ୍ଦି ଓଡ଼ିଶାରେ ସାମାଜିକ ଓ ରାଜନୈତିକ କାର୍ଯ୍ୟରେ ଲିପ୍ତ ଥିବା କର୍ମୀ ଓ ନେତୃବୃନ୍ଦଙ୍କ ପକ୍ଷରେ ଗଡ଼ଜାତ ସମସ୍ୟା ପ୍ରତି ଉଦାସୀନ ରହିବା ଅସଂଭବ ହେଲା । ବିଶେଷ କରି ୧୯୩୦ ଦଶକର ରାଜନୀତିରେ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ଚିନ୍ତାଧାରାର ଭୂମିକା ବୃଦ୍ଧିପାଇଲା । କଂଗ୍ରେସ ଦଳ ମଧ୍ୟରେ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ବିଚାର ପ୍ରତି ଆକୃଷ୍ଟ ହୋଇଥିବା ପ୍ରଗତିଶୀଳ ଯୁବଗୋଷ୍ଠୀ, ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ ବେଳେ ସାମନ୍ତବାଦୀ ଗଡ଼ଜାତ ରାଜାମାନଙ୍କ ଯଥେଚ୍ଛାଚାରକୁ ମଧ୍ୟ ବିରୋଧ କରାଯିବା ଉଚିତ ବୋଲି ମନେକଲେ । ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ଉତ୍ତାରୁ ଏବଂ ବିଶେଷକରି ୧୯୩୭ରେ କଂଗ୍ରେସ ଦଳ ପ୍ରାଦେଶିକ ସ୍ତରରେ ମନ୍ତ୍ରିମଣ୍ଡଳ ଗଠନ କଲା ପରେ ଦେଶର ସ୍ୱାଧୀନତା ନିକଟ ଭବିଷ୍ୟତରେ ନିଶ୍ଚିତ ବୋଲି ଅନୁଭୂତ ହେଲା । ସେ କ୍ଷେତ୍ରରେ ଗଡ଼ଜାତର ଓ ଦେଶୀୟ ରାଜ୍ୟର ଲୋକ ସମାଜ ମଧ୍ୟରେ ଉଭୟ ସାମାଜିକ ଓ ରାଜନୈତିକ ସ୍ତରରେ ପୂର୍ଣ୍ଣ ଯୋଗାଯୋଗ ରହିବା କଥା ବୋଲି ମତପ୍ରକାଶ ପାଇଲା । ଏଥିପାଇଁ ଗଡ଼ଜାତର ପ୍ରଜା ଆନ୍ଦୋଳନରେ କଂଗ୍ରେସର ସକ୍ରିୟ ଭୂମିକା ଆବଶ୍ୟକ ହେଲା । ଅନ୍ୟ ପକ୍ଷରେ କଂଗ୍ରେସର ମନ୍ତ୍ରିମଣ୍ଡଳ ଗଠନଯୋଗୁଁ ଲୋକେ ଏକ ରକମର ନିଡର ଅନୁଭବ କଲେ ଏବଂ ରାଜା ଅତ୍ୟାଚାର ବିରୁଦ୍ଧରେ ଏକଜୁଟ ହେବାପାଇଁ ଅଧିକ ଉତ୍ସାହ ଦେଖାଇଲେ ।

୧୯୩୦ ଓ ୧୯୪୦ ଦଶକରେ ସଂଘଟିତ ଗଡ଼ଜାତ ପ୍ରଜା ଆନ୍ଦୋଳନକୁ ଉପରୋକ୍ତ ପୃଷ୍ଠଭୂମିରେ ଦେଖିବାକୁ ହେବ । ୧୯୩୧ ଅଗଷ୍ଟରେ ପ୍ରଥମ ଥରପାଇଁ ବିଭିନ୍ନ ଗଡ଼ଜାତର

ଲୋକଙ୍କୁ ନେଇ ଏକ ଗଡ଼ଜାତ ସମ୍ମିଳନୀ ଆୟୋଜିତ ହେଲା । ଗଡ଼ଜାତ-ଗଡ଼ଜାତ ମଧ୍ୟରେ ଏହା ଲୌକିକ ସ୍ତରରେ ସମ୍ବନ୍ଧ ସ୍ଥାପନ କଲା । ଏହାର ଆୟୋଜକ ଥିଲେ କଂଗ୍ରେସର କେତେଜଣ ଯୁବନେତା ଯେଉଁମାନେ ଗଡ଼ଜାତର ଅତ୍ୟାଚାରୀ ସାମାଜିକ ପରିବେଶକୁ ନିକଟରୁ ଅନୁଭବ କରିଥିଲେ । ସେମାନେ ହେଲେ ଗୋବିନ୍ଦ ଚନ୍ଦ୍ର ମିଶ୍ର, ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ମଧୁସୂଦନ ପଟ୍ଟନାୟକ ଓ ରାଧାନାଥ ରଥ । ଏମାନଙ୍କ ମଧ୍ୟରୁ ଗୋବିନ୍ଦ ଚନ୍ଦ୍ର ମିଶ୍ର ଦଶପଲ୍ଲା ଗଡଜାତର ଶରବ୍ୟ ହୋଇ ୧୯୧୮ ମସିହାରୁ ସାବରମତି ଆଶ୍ରମ ତଥା ସତ୍ୟବାଦୀ ଆଦି ସ୍ଥାନରେ ରହି ଜାତୀୟତାବାଦୀ କାର୍ଯ୍ୟରେ ସଂଶ୍ଳିଷ୍ଟ ହୋଇ ସାରିଥିଲେ । ମଧୁସୂଦନ ପଟ୍ଟନାୟକ କନିକା ଜମିଦାରୀରେ ୧୯୨୧-୨୨ରେ ସଂଘଟିତ ପ୍ରଜା ଆନ୍ଦୋଳନରେ ଭାଗ ନେଇ ଜେଲ୍ ଦଣ୍ଡ ଭୋଗିଥିଲେ । ସମ୍ମିଳନୀ କଂଗ୍ରେସ ସଂଗଠନ ବାହାରେ ଗଡ଼ଜାତ ପ୍ରଜାକୁଳକୁ ଗୋଟାଏ ମଞ୍ଚରେ ଆଣିବାକୁ ପ୍ରୟାସ କଲା । ୧୯୩୭ରେ ଅନ୍ୟ ଏକ ପ୍ରଜାମଣ୍ଡଳ ସମ୍ମିଳନୀ ବସିଥିଲା, ଯାହା ଗଡ଼ଜାତର ସାମାଜିକ ଅବସ୍ଥାକୁ ଅନୁଧ୍ୟାନ କରିବାଲାଗି ଏକ କମିଟି ଗଠନ କରିଥିଲା । ଏହା ପୂର୍ବରୁ ୧୯୨୦ ଦଶକରେ ହିଁ ଗୋପବନ୍ଧୁ ଦାସ ଗଡ଼ଜାତ ରାଜାମାନଙ୍କୁ ସତର୍କ କରି କହିଥିଲେ ଯେ, ଭବିଷ୍ୟତରେ ସେମାନେ ପ୍ରଜାଙ୍କ ପ୍ରତି ବିରୋଧୀ ଭାବ ରଖିଲେ ଫଳ ଭଲ ହେବ ନାହିଁ ।

୧୯୨୮ରେ ଗୋପବନ୍ଧୁ ଲେଖିଥିଲେ, ''ଦେଶୀୟ ରାଜା ମହାରାଜାମାନେ ପ୍ରଜାମାନଙ୍କ ପ୍ରତି ଏପରି ଦୁର୍ବ୍ୟବହାର କରିବାଦ୍ୱାରା ଆପଣା ସ୍ୱାର୍ଥ ଆପଣା ହାତରେ ଯେ ନଷ୍ଟ କରୁଛନ୍ତି, ଏହା ବୁଝି ପାରୁ ନାହାନ୍ତି । ଆଜିକାଲି ସମୟର ଗତି ବଦଳି ଗଲାଣି । ରାଜଶକ୍ତିର ସେ ପୂର୍ବ ଅପ୍ରତିଦ୍ୱନ୍ଦ୍ୱୀ କ୍ଷମତା ନାହିଁ । କେତେ ପ୍ରବଳ ପରାକ୍ରାନ୍ତ ରାଜଶକ୍ତି ପୃଥିବୀରେ ଲୋପ ପାଇଗଲାଣି । ପ୍ରଜାମାନେ ଅତ୍ୟାଚାର ସହି ସହି କ୍ରମେ ଉଗ୍ର ହୋଇ ଉଠୁଛନ୍ତି । ଅତି ଅନ୍ୟାୟ ଦେବତାକୁ ପାର ନାହିଁ ବୋଲି ଗୋଟିଏ କଥା ଅଛି । ପୃଥିବୀରେ ରାଜଶକ୍ତିର ଏବେ କ୍ରମେ ସେହି ଦଶା ହେଉଅଛି ।'' ଗୋପବନ୍ଧୁଙ୍କ ଲେଖାରୁ ସୁସ୍ପଷ୍ଟ ଯେ, କଂଗ୍ରେସ ନେତୃବର୍ଗ ଭବିଷ୍ୟତରେ ଗଡ଼ଜାତ ଆନ୍ଦୋଳନରୁ ଅଲଗା ରହିବ ନାହିଁ ।

ଗଡ଼ଜାତମାନଙ୍କରେ ସଂଘଟିତ ଆନ୍ଦୋଳନକୁ ସଂଗଠିତ କରିବାରେ 'ପ୍ରଜା ମଣ୍ଡଳ'ର ମୁଖ୍ୟ ଭୂମିକା ରହିଥିଲା । ଏହା ଏକ ରାଜନୈତିକ ଅନୁଷ୍ଠାନ ଥିଲା । ୧୯୩୧ ଓ ୧୯୩୭ରେ କଂଗ୍ରେସର ସାହଚର୍ଯ୍ୟରେ ଆୟୋଜିତ ଗଡ଼ଜାତ ସମ୍ମିଳନୀରେ, ପ୍ରତ୍ୟେକ ଗଡ଼ଜାତରେ ଏହି ଅନୁଷ୍ଠାନ ଗଢ଼ିବାପାଇଁ ନିଷ୍ପତ୍ତି ହୋଇଥିଲା । ବିଭିନ୍ନ ଗଡ଼ଜାତରେ ସ୍ଥାପିତ ପ୍ରଜାମଣ୍ଡଳ ନିଖିଳ ଉତ୍କଳ ଗଡ଼ଜାତ ପ୍ରଜା ସମ୍ମିଳନୀ ସହିତ ଯୋଗାଯୋଗ ରଖିବେ ବୋଲି ନିର୍ଦ୍ଦେଶ ରହିଥିଲା । ଗଡ଼ଜାତ ସମ୍ମିଳନୀର ମୁଖ୍ୟ ଅଫିସ୍ କଟକରେ ଥିଲା । ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଏକ ଅନୌପଚାରିକ ଶାଖା ଭାବରେ ଏହା କାର୍ଯ୍ୟ କରୁଥିଲା । ସାରଙ୍ଗଧର ଦାସ, ରାଧାନାଥ ରଥ, ଭୁବନାନନ୍ଦ ଦାସ, ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ମଧୁସୂଦନ ପଟ୍ଟନାୟକ ଓ ଗୋବିନ୍ଦଚନ୍ଦ୍ର ମିଶ୍ର ଆଦି କଂଗ୍ରେସ ନେତା ଓ କର୍ମୀମାନେ ଏହାର ମୁଖ୍ୟ ସଂଗଠକ ଥିଲେ । ସର୍ବଭାରତୀୟ ସ୍ତରରେ କଂଗ୍ରେସର ପରୋକ୍ଷ ସହଯୋଗରେ ସ୍ଥାପିତ ଅଲ୍ ଇଣ୍ଡିଆ ଷ୍ଟେଟସ୍ ପିପୁଲ୍ସ କନ୍‌ଫରେନ୍ସ

(All India States' Peoples Conference) ସହିତ ଏହା ସଂପର୍କ ରଖିଥିଲା । ଏସବୁ ସତ୍ତ୍ୱେ, ଗଡ଼ଜାତରେ ସ୍ଥାନୀୟ ନେତୃତ୍ୱ ହିଁ ପ୍ରଜାମଣ୍ଡଳର ପ୍ରମୁଖ କର୍ତ୍ତା ଥିଲେ । ସ୍ଥିତି ଅନୁଯାୟୀ ସେମାନେ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେଉଥିଲେ । ଜାତୀୟ କଂଗ୍ରେସ ପ୍ରତ୍ୟକ୍ଷ ଭାବରେ ଗଡ଼ଜାତ ଆନ୍ଦୋଳନକୁ ନେତୃତ୍ୱ ପ୍ରଦାନ କରୁ ନଥିଲା । ଇଂରେଜ ବିରୋଧରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମ ଦେଶୀୟ ଲୋକଙ୍କ ବିରୋଧରେ ଉଦ୍ଦିଷ୍ଟ ହେବା ଉଚିତ ନୁହେଁ ବୋଲି ନେତୃବୃନ୍ଦ ମନେ କରୁଥିଲେ ।

ଗଡ଼ଜାତରେ ଏକ ପ୍ରଧାନ ସମସ୍ୟା ଥିଲା ଯେ, ଇଂରେଜଶାସିତ ଭାରତରେ ପ୍ରଚଳିତ ନିୟମ କାନୁନ ବହିର୍ଭୂତ ଅନେକ ଅଲିଖିତ ନିୟମ ସେଠାରେ ଚାଲିଥିଲା । ଏହାଦ୍ୱାରା ରାଜାମାନେ ଯଥେଚ୍ଛାଚାର କରିବାକୁ ସୁବିଧା ପାଉଥିଲେ । ଇଂରେଜ ସରକାର ଏ ସଂପର୍କରେ ଜାଣି ସୁଦ୍ଧା ଅଜଣା ରହୁଥିଲେ । ପ୍ରଜାଙ୍କପାଇଁ ଏହା ଅସହ୍ୟ ଥିଲା । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ଗଡ଼ଜାତରେ ବେଠି ଓ ବେଗାରି ବ୍ୟବସ୍ଥା ରହିଥିଲା, ଯାହାର ଅର୍ଥ ହେଲା ବିନା ଦେୟରେ ପ୍ରଜାଠାରୁ ଶ୍ରମ ଦାବି କରିବା । ରାଜାମାନେ ପ୍ରଜାଠାରୁ ମୋଗଲବନ୍ଦି ତୁଳନାରେ ଅଧିକ ଖଜଣା ଅସୁଲ କରୁଥିଲେ । ଭୂ-ରାଜସ୍ୱ ବ୍ୟତୀତ ପ୍ରଜାକୁ ନାନା ବେନିୟମ କର ( ଯଥା ବିବାହ କର, ମଧୁଚନ୍ଦ୍ରିକା କର, ବାଳକଟା କର ଆଦି) ଦେବାକୁ ପଡୁଥିଲା । କନିକା ଯଦିଓ ମାତ୍ର ଏକ ଜମିଦାରୀ ଥିଲା , ସେଠାରେ ୬୪ ପ୍ରକାର କର ଅସୁଲି ହେଉଥିବା କୁହାଯାଉଥିଲା । ଏସବୁ ବ୍ୟତୀତ ଅନେକ ରାଜ୍ୟରେ ଅପହରଣ, ଧର୍ଷଣ, ଲୁଟତରାଜ ଆଦି ମଧ୍ୟ ରାଜାଙ୍କ ସମର୍ଥନରେ ଚାଲିଥିଲା । ମୌଳିକ ନାଗରିକ ଓ ମାନବିକ ଅଧିକାରରୁ ପ୍ରଜାମାନେ ବଞ୍ଚିତ ଥିଲେ ବୋଲି ଗଡ଼ଜାତକୁ ‘ଅନ୍ଧାରି ମୁଲକ’ ବୋଲି କୁହାଯାଉଥିଲା । ଏସବୁ ବିରୁଦ୍ଧରେ ପ୍ରତିବାଦ ନିମନ୍ତେ ରାଜନୈତିକ ସଂଗଠନ ଗଢ଼ିବାକୁ ଲୋକଙ୍କୁ କୌଣସି ଅଧିକାର ମିଳୁ ନଥିଲା ।

୧୯୩୮ ଫେବୃଆରିରେ ଜାତୀୟ କଂଗ୍ରେସର ହରିପୁରା ଅଧିବେଶନରେ ଦେଶୀୟ ରାଜ୍ୟବାସୀଙ୍କ ଦୁର୍ଦ୍ଦଶା ପ୍ରତି ସହାନୁଭୂତି ପ୍ରକଟ କରି ପ୍ରସ୍ତାବମାନ ଗୃହୀତ ହୋଇଥିଲା । ହରିପୁରା କଂଗ୍ରେସରେ ଓଡ଼ିଶାରୁ ଅନେକ ସଂଖ୍ୟାରେ ପ୍ରତିନିଧି ଯୋଗ ଦେଇଥିଲେ । ତନ୍ମଧ୍ୟରେ ହରେକୃଷ୍ଣ ମହତାବ, ଭାଗୀରଥି ମହାପାତ୍ର, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଗୌରାଂଗ ଦାସ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଲୋକନାଥ ମିଶ୍ର, ପ୍ରାଣକୃଷ୍ଣ ପଢ଼ିଆରୀ, ମନମୋହନ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ ଓ ନିତ୍ୟାନନ୍ଦ ମହାପାତ୍ର ଆଦି ଓଡ଼ିଶାର ପ୍ରତିନିଧିମାନେ ପ୍ରସ୍ତାବ ଗୃହୀତ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଦେଶୀୟ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ନୀତିଗତ ଭାବେ ହସ୍ତକ୍ଷେପ ନ କରିବାପାଇଁ କଂଗ୍ରେସ ଯଦିଓ ନିଷ୍ପତ୍ତି ନେଇଥିଲା, ଏହି ପ୍ରସ୍ତାବ କଂଗ୍ରେସ ନେତାମାନଙ୍କୁ ଗଡ଼ଜାତ ଆନ୍ଦୋଳନ ସହିତ ଯୋଗାଯୋଗ କରିବାକୁ ଅବସର ପ୍ରଦାନ କଲା ।

୧୯୩୭-୩୯ରେ ନୀଳଗିରି, ଢେଙ୍କାନାଳ, ତାଳଚେର, ରଣପୁର, ଗାଙ୍ଗପୁର ଓ ଆଠଗଡ଼ ଆଦି ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ରୂପ ନେଲା । ଏହା ପଛରେ କଂଗ୍ରେସ

ମନ୍ତ୍ରିମଣ୍ଡଳର ସହାନୁଭୂତିପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଓ କଂଗ୍ରେସ ନେତୃବୃନ୍ଦଙ୍କ ଗଡ଼ଜାତ ସମସ୍ୟା ପ୍ରତି ସଂବେଦନଶୀଳତା ଅନେକାଂଶରେ ଦାୟୀ । ଏହି ସମୟରେ ବିଭିନ୍ନ ଗଡ଼ଜାତରେ ପ୍ରଜାମଣ୍ଡଳମାନ ଗଠିତ ହେଲା । ଗଡ଼ଜାତ ଅଂଚଳର ଶିକ୍ଷିତ ଯୁବକ ଓ ରାଜନୈତିକ ସଚେତନ ବ୍ୟକ୍ତିମାନେ ମୋଗଲବନ୍ଦି ଅଂଚଳରେ ଥିବା କଂଗ୍ରେସ ସଂଗଠନ ସହିତ ସଂପର୍କ ରକ୍ଷାକରି ଏହି ପ୍ରଜାମଣ୍ଡଳଗୁଡ଼ିକୁ ସଂଗଠିତ କରିଥିଲେ। କଂଗ୍ରେସର ବାମପନ୍ଥୀ ଓ ପ୍ରଗତିଶୀଳ ଯୁବକର୍ମୀମାନେ ମଧ୍ୟ ତହିଁରେ ଯଥାସଂଭବ ସକ୍ରିୟ ସହଯୋଗ କରୁଥିଲେ ।

୧୯୩୭-୩୮ ମସିହାରେ କଂଗ୍ରେସର ପରୋକ୍ଷ ସହାୟତାରେ ଗଡ଼ଜାତ ରାଜ୍ୟଗୁଡ଼ିକରେ ଚାଲିଥିବା ଅତ୍ୟାଚାରର ସତ୍ୟାସତ୍ୟ ଜାଣିବା ନିମିତ୍ତ ଏକ ଅନୁସନ୍ଧାନ କମିଟି ଗଠିତ ହେଲା । ଏହା 'ଷ୍ଟେଟ୍‌ସ୍ ପିପୁଲ୍‌ସ ଏନ୍‌କ୍ୱାରି କମିଟି' ନାମରେ ପରିଚିତ । ଏହାର ଅଧ୍ୟକ୍ଷ ଥିଲେ ଓଡ଼ିଶାର ହରେକୃଷ୍ଣ ମହତାବ । ସଦସ୍ୟ ଥିଲେ ବଳବନ୍ତରାୟ ମେହେଟା ଓ ଓଡ଼ିଶାର ଲାଲମୋହନ ପଟ୍ଟନାୟକ । ତଦନ୍ତକୁ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ମହତାବ ସବୁ ଗଡ଼ଜାତଙ୍କୁ ନିଜ ନିଜ ପକ୍ଷ ରଖିବାପାଇଁ ଅନୁରୋଧ ପତ୍ର ପଠାଇଥିଲେ । ମାତ୍ର ଗଡ଼ଜାତ ରାଜାମାନଙ୍କ ତରଫରୁ ତଦନ୍ତକୁ ଏକ ରକମର ବାସନ୍ଦ କରାଗଲା । ଫଳରେ କମିଟି କେବଳ ଗଡ଼ଜାତ ପ୍ରଜାମାନଙ୍କ ପାଖରୁ ସତ୍ୟାସତ୍ୟ ବୁଝିଲେ ଏବଂ ସେହି ଆଧାରରେ ନିଜର ରିପୋର୍ଟ ପ୍ରସ୍ତୁତ କଲେ । ରିପୋର୍ଟରେ ଗଡ଼ଜାତର ଆଇନ ଶୃଙ୍ଖଳା ସୁଧାରିବାକୁ ଏବଂ ଶାସନ ବ୍ୟବସ୍ଥାକୁ ପଲିଟିକାଲ୍ ଏଜେଣ୍ଟଙ୍କଠାରୁ ସରକାରଙ୍କ ପାଖକୁ ହସ୍ତାନ୍ତର କରିବାକୁ ତଥା ଗଡ଼ଜାତବାସୀଙ୍କୁ ମୋଗଲବନ୍ଦି ପରି ନାଗରିକ ଅଧିକାର ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ କମିଟିର ରିପୋର୍ଟ ଗଡ଼ଜାତ ପ୍ରଜାମାନଙ୍କୁ ଆନ୍ଦୋଳନରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ପ୍ରେରଣା ଯୋଗାଇଲା । କାରଣ, ରିପୋର୍ଟ ସରକାରଙ୍କ ପାଖରେ ପହଞ୍ଚିଛି ଏବଂ ରାଜା ଅତ୍ୟାଚାର ଆଉ ଲୁଚି ରହିବ ନାହିଁ ବୋଲି ଲୋକେ ଧାରଣା କରିନେଲେ ।

## ଢେଙ୍କାନାଳ

୧୯୩୭ ଜୁନ୍ ମାସ ସୁଦ୍ଧା ଢେଙ୍କାନାଳରେ ପ୍ରଜାମଣ୍ଡଳ ଗଠିତ ହୋଇ ସାରିଥିଲା । ରାଜାଙ୍କ ଅତ୍ୟାଚାର ଓ ବିରୋଧୀ ମନୋଭାବଯୋଗୁଁ ଏହା ଏକ ଗୁପ୍ତ ଅନୁଷ୍ଠାନ ରୂପେ କାର୍ଯ୍ୟ କରୁଥିଲା । ଆର୍ତ୍ତତ୍ରାଣ ପାତ୍ର, କୃତ୍ତିବାସ ସୁବୁଦ୍ଧି, ଶ୍ୟାମସୁନ୍ଦର ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ତ୍ରିଲୋଚନ ପ୍ରଧାନ ଆଦି ଏହାର ନେତୃତ୍ୱ ନେଉଥିଲେ । ପ୍ରଜାମଣ୍ଡଳ ପକ୍ଷରୁ ଦାବିପତ୍ର ବଣ୍ଟା ହୋଇ ତହିଁରେ ନାଗରିକ ଅଧିକାରପାଇଁ ସ୍ୱୀକୃତି, ବେଆଇନ କରଗୁଡ଼ିକର ପ୍ରତ୍ୟାହାର ଓ ଜଂଗଲ ଆଇନର ସଂଶୋଧନ ଦାବି କରାଯାଇଥିଲା ।

୧୯୩୮ ସେପ୍ଟେମ୍ବର ମାସରେ ଜେନାପୁରଠାରେ ଏକ କୃଷକ ସମାବେଶ ହେଲା । ପ୍ରାଦେଶିକ କଂଗ୍ରେସ ଦଳରେ ଥିବା ସମାଜବାଦୀ ଓ ସାମ୍ୟବାଦୀ ଗୋଷ୍ଠୀ ଏହାର ସଂଯୋଜନା

କରୁଥିଲେ । ଢେଙ୍କାନାଳର ଅନେକ ପ୍ରଜା ଏଥିରେ ଯୋଗ ଦେଲେ । ଏହାର ପରେ ପରେ ଢେଙ୍କାନାଳ ପ୍ରଜାମଣ୍ଡଳ ସମାଜବାଦୀ ଓ ସାମ୍ୟବାଦୀଙ୍କ ନିୟନ୍ତ୍ରଣକୁ ଚାଲିଆସିଲା । ମହେଶ୍ୱର ସୁବାହୁ ସିଂହ, ବ୍ରଜକିଶୋର ଧଳ ଏବଂ ବୈଷ୍ଣବଚରଣ ପଟ୍ଟନାୟକ ହେଲେ ପ୍ରଜାମଣ୍ଡଳର ନୂତନ ନେତୃତ୍ୱ । କଂଗ୍ରେସ ସମାଜବାଦୀ (ଏଥିରେ କମ୍ୟୁନିଷ୍ଟ ବା ସାମ୍ୟବାଦୀ ମଧ୍ୟ ସାମିଲ୍ ଥିଲେ) ଗୋଷ୍ଠୀର ସଂପୃକ୍ତି ପରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା ।

ଢେଙ୍କାନାଳ ରାଜା ପ୍ରଜାମଣ୍ଡଳକୁ ଦମନ କରିବା ସକାଶେ ମୋଗଲବନ୍ଦି ପୋଲିସର ସହାୟତା ନେଲେ । କର୍ମୀମାନେ ଗିରଫ ହେଲେ । ସେମାନଙ୍କ ଘର କୋରଖ ହେଲା । ପ୍ରଜାମାନେ ଅକଥନୀୟ ଅତ୍ୟାଚାରର ଶିକାର ହେଲେ । ସେମାନଙ୍କ ଘର ଖାନତଲାସୀ ହେଲା । ସେପ୍ଟେମ୍ବର ୨୨ତାରିଖ ଦିନ ପରିସ୍ଥିତି ଅସମ୍ଭାଳ ହେବାରୁ ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରାଗଲା । ଅନେକ ଗାଁ, ଯଥା-ଗଡ଼ପର୍ଜଙ୍ଗ, କୁଆଳୋ, ଖଡ଼୍ଗ ପ୍ରସାଦ, ମଂଗଳପୁର ଓ ଭୁବନ ଆଦିରେ ରାଜାଙ୍କ ଲୋକ ନିଆଁ ଲଗାଇ ଦେଲେ । ପ୍ରଜା ବାସହରା ହୋଇ ଗାଁ' ଛାଡ଼ି ଚାଲିଗଲେ । ପୁଣି ପୋଲିସର ତାଗିଦରେ ଫେରିଆସିଲା ପରେ ଭୀଷଣ ରାଜା ଅତ୍ୟାଚାରର ସମ୍ମୁଖୀନ ହେଲେ । ପ୍ରାୟ ଏକ ଲକ୍ଷ ଢେଙ୍କାନାଳ ପ୍ରଜା ରାଜ୍ୟ ଛାଡ଼ି ମୋଗଲବନ୍ଦି ଅଂଚଳକୁ ପଳାଇଲେ ।

୧୯୩୮ ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ପୋଲିସ ଅତ୍ୟାଚାର ସମପରିମାଣରେ ବୃଦ୍ଧିପାଇଲା । ଅନେକ କଂଗ୍ରେସ କର୍ମୀ, ଯେଉଁମାନେ ପରେ ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟ ଦଳରେ ଯୋଗଦେଲେ, ଢେଙ୍କାନାଳକୁ ପ୍ରବେଶ କଲେ ଏବଂ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କଲେ । ଭଗବତୀ ଚରଣ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ଦାସ, ଗୋକୁଳ ମୋହନ ରାୟ ଚୂଡ଼ାମଣି, ଅନନ୍ତ ପଟ୍ଟନାୟକ, ସାରଙ୍ଗଧର ଦାସ ଓ ମାଳତୀ ଚୌଧୁରୀ ଆଦି ହେଲେ ସେହି ଧରଣର କେତେକ କଂଗ୍ରେସ ନେତା । ୧୯୩୮ ଡିସେମ୍ବର ୩ ତାରିଖରେ ଢେଙ୍କାନାଳରେ ପୋଲିସ ଜୁଲମର ପ୍ରତିବାଦ କରି ବିଧାନସଭା ସଭ୍ୟ ପଦରୁ ନବକୃଷ୍ଣ ଚୌଧୁରୀ ତ୍ୟାଗପତ୍ର ଦେଲେ । ଆନ୍ଦୋଳନ ତୀବ୍ର ହେଲା ।

ଏହି ସମୟରେ ରାଜାଙ୍କ ନିର୍ଦ୍ଦେଶରେ ଭୁବନ, ନୀଳକଣ୍ଠପୁର, ହିନ୍ଦୋଳ, ତୁମୁଶିଙ୍ଗା ଓ ଶିରିମୂଳାଠାରେ ପୋଲିସ ଗୁଳି ଚାଳନା କଲେ । ଫଳରେ ୧୧ଜଣରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ନିହତ ହେଲେ ଏବଂ ୨୩ ଜଣ ଗୁରୁତର ଆହତ ହେଲେ । ନୀଳକଣ୍ଠପୁରରେ ବାଜିରାଉତ ନାମକ ଜଣେ ୧୨ ବର୍ଷର ବାଳକ ପୋଲିସ ବାହିନୀକୁ ନଦୀ ପାରି କରିବାରେ ଅସହଯୋଗ କରିବାରୁ ଗୁଳିର ଶିକାର ହେଲା । ବାଜି ରାଉତ ଓ ଅନ୍ୟ କେତେକ ନିହତ ବ୍ୟକ୍ତିଙ୍କୁ ଶଗଡ଼ରେ ନେଇ କଟକରେ ଶୋଭାଯାତ୍ରା ହେଲା । ଏହା ମୋଗଲବନ୍ଦି ଅଂଚଳରେ ଗଡ଼ଜାତ ଅତ୍ୟାଚାରକୁ ପ୍ରତ୍ୟକ୍ଷ କଲା । ଆନ୍ଦୋଳନର ମାତ୍ରା ଏତେ ତୀବ୍ର ହେଲା ଯେ, ରାଜା ପଞ୍ଚାୟତ ଓ ପ୍ରଜାସଭା ଗଠନ କରି ପ୍ରଜାମାନଙ୍କୁ କିଛି ଗଣତାନ୍ତ୍ରିକ ଅଧିକାର ଦେବାକୁ ଘୋଷଣା କଲେ । ମାତ୍ର ରାଜତନ୍ତ୍ରର ଉଚ୍ଛେଦ ଦାବି କରି ପ୍ରଜା ରାଜ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ।

## ରଣପୁର

ଖୋର୍ଦ୍ଧା ପାଖରେ ରଣପୁର ଏକ କ୍ଷୁଦ୍ର ଗଡ଼ଜାତ । ୧୯୩୯ ଜାନୁଆରି ମାସରେ ଏଠାରେ ପ୍ରଜାମଣ୍ଡଳ ଆନ୍ଦୋଳନ ହିଂସାତ୍ମକ ରୂପ ନେଲା । ରଣପୁର ପ୍ରଜାମଣ୍ଡଳର ସଭାପତି ଥିଲେ ବନମାଳୀ ରାମ, ଉପ ସଭାପତି କୃପାସିନ୍ଧୁ ମିଶ୍ର, ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା । ରାଜା ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରି ନେତୃବର୍ଗଙ୍କୁ ଗିରଫ କଲେ । ଏହାର ପ୍ରତିବାଦ କରି ପ୍ରଜା ରାଜପ୍ରାସାଦ ଘେରାଉ କଲେ ଏବଂ ନେତାମାନଙ୍କର ମୁକ୍ତି ଦାବି କଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ରାଜା ପଲିଟିକାଲ୍ ଏଜେଣ୍ଟ ମେଜର ବେଜଲଗେଟ୍‌ଙ୍କ ସହଯୋଗ ଭିକ୍ଷା କଲେ । ସେହିଦିନ (୫ ଜାନୁଆରି) ବେଜଲଗେଟ ନିକଟସ୍ଥ ନୟାଗଡ଼ରେ ଅବସ୍ଥାନ କରୁଥିଲେ । ରଣପୁର ଆସି ସେ ଆନ୍ଦୋଳନକାରୀଙ୍କୁ ଭୟଭୀତ କରିବାକୁ ନିଜ ବନ୍ଧୁକରୁ ଗୁଳି ଚାଳନା କଲେ । ଏଥିରେ ଅର୍ଜୁନ ରାଉତ ନାମକ ଜଣେ କର୍ମୀଙ୍କର ମୃତ୍ୟୁ ହେଲା । ଏହା ପରେ ଉତ୍ତ୍ୟକ୍ତ ପ୍ରଜା ବେଜଲଗେଟଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କଲେ ।

ପଲିଟିକାଲ୍ ଏଜେଣ୍ଟ ଭଳି ଜଣେ ଉଚ୍ଚ ପଦସ୍ଥ ଇଂରେଜ ଅଧିକାରୀଙ୍କ ହତ୍ୟା ପ୍ରଜାମଣ୍ଡଳ ଆନ୍ଦୋଳନକୁ ତତ୍‌କାଳୀନ ରାଜନୀତିକ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ କଲା । କଂଗ୍ରେସ ନେତୃବର୍ଗ ବିଶେଷକରି ହରେକୃଷ୍ଣ ମହତାବଙ୍କ ପରାମର୍ଶରେ ରଣପୁର ପ୍ରଜା ରାଜ୍ୟ ଛାଡି ପଳାୟନ କଲେ । ପୋଲିସ ଅତ୍ୟାଚାରରୁ ମୁକ୍ତି ପାଇବାଲାଗି ଏହା ହିଁ ଉଚିତ ବିକଳ୍ପ ବୋଲି ମନେ କରାଯାଉଥିଲା । ହତ୍ୟାପାଇଁ ପ୍ରଜାମଣ୍ଡଳର ଦୁଇଜଣ ପ୍ରମୁଖ ନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀଦଣ୍ଡ ଏବଂ ଅନ୍ୟ ୨୭ ଜଣ କର୍ମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଜାତୀୟ କଂଗ୍ରେସ ବେଜଲଗେଟ ହତ୍ୟାର ନିନ୍ଦା କରି ସରକାରଙ୍କ କ୍ରୋଧକୁ ପ୍ରଶମିତ କରିବାକୁ ପ୍ରୟାସ କଲା । ରଣପୁର ଆନ୍ଦୋଳନକୁ କ୍ରୂର ଭାବେ ଦମନ କରାଗଲା ସତ, ମାତ୍ର ଏହା ଗଡ଼ଜାତ ସମସ୍ୟାର ଜଟିଳତାକୁ ବୁଝିବାଲାଗି ସରକାରଙ୍କୁ ବାଧ୍ୟ କଲା ।

## ନୀଳଗିରି

୧୯୩୮-୩୯ରେ ବାଲେଶ୍ୱର ନିକଟବର୍ତ୍ତୀ ନୀଳଗିରି ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଏହା ପୂର୍ବରୁ ୧୯୨୭-୨୮ରେ ମଧ୍ୟ ନୀଳଗିରିରେ ପ୍ରଜା ବେଠି, ବେଗାରି ଉଚ୍ଛେଦ ଦାବି କରି ଆନ୍ଦୋଳନ କରିଥିଲେ । ରାଜା ସ୍ଥାନୀୟ ଜଙ୍ଗଲରେ ଉପଲବ୍‌ଧ ହାତୀ ଧରିବାକୁ ବେଗାରିରେ (ବିନା ଦେୟରେ) ଲୋକଙ୍କୁ ନିୟୋଜିତ କରୁଥିଲେ । ହାତୀ ବିକ୍ରୀ କରି ରାଜା ଅର୍ଥଲାଭ କରୁଥିଲେ । ହାତୀ ଧରାରେ ଯାଇ ଲୋକ ନିଜ ବିଲବାଡ଼ି କାମ କରି ପାରୁ ନଥିଲେ । ପୁଣି ହାତୀ ଧରା ବେଳେ ଶିକାରୀର ବନ୍ଧୁକରେ ଅନେକ ସମୟରେ ପ୍ରଜା ହତାହତ ହେଉଥିଲେ । ଏହାର ବିରୋଧ କରି ପ୍ରଜା ସମୟ ସମୟରେ ଆନ୍ଦୋଳନ କରୁଥିଲେ ଏବଂ ଦମନର ଶିକାର ହେଉଥିଲେ ।

୧୯୩୮ ମେ’ ମାସରେ ନୀଳଗିରିରେ ପ୍ରଜାମଣ୍ଡଳର ଗଠନ ହେଲା । କୈଳାସ ଚନ୍ଦ୍ର ମହାନ୍ତି ଓ ବନମାଳୀ ଦାସ ଥିଲେ ଏହାର ପ୍ରମୁଖ ନେତା । ପ୍ରଜାମଣ୍ଡଳ ନାଗରିକ ଅଧିକାର ଏବଂ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଦାବି କଲା । କଂଗ୍ରେସର ପରୋକ୍ଷ ସମର୍ଥନ ଥିବାରୁ ପ୍ରଜାମଣ୍ଡଳ ଏଣିକି ଅସଂଖ୍ୟ ପ୍ରଜାଙ୍କୁ ଆକୃଷ୍ଟ କଲା ।

ପ୍ରଜାମଣ୍ଡଳକୁ ଦମନ କରିବାକୁ ରାଜା କର୍ମୀମାନଙ୍କୁ ଗିରଫ କଲେ । ପ୍ରଜାମାନଙ୍କୁ ଅର୍ଥଦଣ୍ଡ ଓ ଶାରୀରିକ ଶାସ୍ତି ଦିଆଗଲା । ରାଜାନୁମତି ବିନା କୌଣସି ସଭା ସମିତି ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହେଲା । ୧୯୩୯ ଫେବ୍ରୁଆରି ୯ ତାରିଖରେ ରାଜା ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କଲେ ।

## ତାଳଚେର

ଢେଙ୍କାନାଳର ପଡ଼ୋଶୀ ଗଡ଼ଜାତ ହେଲା ତାଳଚେର । ୧୯୩୮ରେ ସେଠାରେ ମଧ୍ୟ ପ୍ରଜାମଣ୍ଡଳ ତୀବ୍ର ରୂପ ନେଲା । ତାଳଚେର ଆନ୍ଦୋଳନ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଲାଗି ରହିଲା । ୧୯୩୮ରେ ସେଠାରେ ଆନ୍ଦୋଳନ ଆରମ୍ଭ ହେଲା ଖଜଣାକୁ ନେଇ । ରାଜା ପ୍ରଜାମାନଙ୍କୁ ଏକାଥରକେ ଦୁଇ କିସ୍ତି ଖଜଣା ଦେବାକୁ ନିର୍ଦ୍ଦେଶନାମା ଜାରି କଲେ । ଖଜଣା ଦେଇ ପାରି ନ ଥିବା ପ୍ରଜାର ଜମି ବାଜ୍ୟାପ୍ତ ହେବ ବୋଲି ରାଜା ତାଗିଦ୍ କଲେ । କର୍ମଚାରୀମାନେ ପ୍ରଜାଙ୍କର ଅମଳ ହୋଇଥିବା ଧାନକୁ ବାଜ୍ୟାପ୍ତ କରିନେଲେ । ଅନନ୍ୟୋପାୟ ହୋଇ ସାଧାରଣ ପ୍ରଜା ରାଜ୍ୟ ଛାଡ଼ି ପଳାଇଲେ ।

ଉପରୋକ୍ତ ପୃଷ୍ଠଭୂମିରେ ୧୯୩୮ ସେପ୍ଟେମ୍ବର ମାସରେ ସେଠାକାର କୋଶଳା ଗ୍ରାମରେ ପବିତ୍ରମୋହନ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରଜାମଣ୍ଡଳ ଗଠିତ ହେଲା । ତାଳଚେର ପ୍ରଜାମଣ୍ଡଳର ଢେଙ୍କାନାଳ ନେତୃବର୍ଗଙ୍କ ସହ ସଂପର୍କ ଥିଲା । ତାହାରି ପ୍ରଭାବରେ ଢେଙ୍କାନାଳ ପ୍ରଜାମଣ୍ଡଳ ପରି ତାଳଚେର ପ୍ରଜାମଣ୍ଡଳ ରାଜାଙ୍କୁ ଦାବିପତ୍ର ଦେଲା । ସେପ୍ଟେମ୍ବର ୧୬ ତାରିଖରେ ପ୍ରଜାମଣ୍ଡଳ ପକ୍ଷରୁ ଏକ ଜନସଭା ମଧ୍ୟ ଆୟୋଜିତ ହେଲା । ପରିଣାମ ସ୍ୱରୂପ ରାଜା ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କଲେ ।

ପ୍ରଜାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରୁ ଲୋକ ମୋଗଲବନ୍ଦି ଅନୁଗୁଳ ଜିଲ୍ଲାକୁ ପଳାୟନ କଲେ । ରାଜ୍ୟ ଛାଡ଼ି ଅନୁଗୁଳରେ ଶରଣାର୍ଥୀ ସାଜିଥିବା ତାଳଚେର ପ୍ରଜାଙ୍କ ମୋଟ ସଂଖ୍ୟା ଗୋଟାଏ ସମୟରେ ୨୫,୦୦୦ ବୋଲି ହିସାବ କରାଯାଇଥିଲା । ଶରଣାର୍ଥୀ ଶିବିରରେ କଂଗ୍ରେସର ଗଠନମୂଳକ କାର୍ଯ୍ୟ ପରିଚାଳନାନିମିତ୍ତ ବାହାରୁ ଆସି ଅନେକ କଂଗ୍ରେସ କର୍ମୀ ସହଯୋଗ କରୁଥିଲେ । ଶିବିରରେ କଂଗ୍ରେସର ପତାକା ଉଡ଼ାଇ ପ୍ରଜା ଏକ ରକମର ସୁରକ୍ଷା ଅନୁଭବ କରୁଥିଲେ । କଂଗ୍ରେସ ନେତା ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ଗିରିଜା ଭୂଷଣ ଦତ୍ତ ତଥା ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ତାଳଚେର ପ୍ରଜାଙ୍କୁ ଯଥା ସମ୍ଭବ ସହଯୋଗ କରୁଥିଲେ । ୧୯୩୯ରେ ମହାତ୍ମାଗାନ୍ଧୀଙ୍କ ହସ୍ତକ୍ଷେପଯୋଗୁଁ ସରକାର ରାଜାଙ୍କୁ ବେଠି

ଉଚ୍ଛେଦ କରିବାକୁ ତଥା ପ୍ରଜାଙ୍କୁ ଜଙ୍ଗଲରେ ପ୍ରବେଶ ଅଧିକାର ଦେବାକୁ ନିର୍ଦ୍ଦେଶ ଦେଲେ । ଓଡ଼ିଶାର ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ମଧ୍ୟ ରାଜାଙ୍କ ସହ ଆଲୋଚନା କଲେ । ଫଳରେ ୧୯୪୧ ପର୍ଯ୍ୟନ୍ତ ପ୍ରଜାଙ୍କ ଉପରେ ଦମନ ନୀତି କୋହଳ ହେଲା । ଅନେକ ସଂଖ୍ୟକ ପ୍ରଜା ଏହି ସମୟରେ ନିଜ ରାଜ୍ୟକୁ ଶରଣାର୍ଥୀ ଶିବିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୧୯୪୧ ମସିହାର ଶେଷ ଆଡ଼କୁ ପୁଣି ରାଜାଙ୍କର ଉତ୍ପୀଡ଼ନ ବୃଦ୍ଧି ପାଇଲା, ଯାହାର ପରିଣାମ ସ୍ୱରୂପ ଭାରତଛାଡ଼ ଆନ୍ଦୋଳନ ସମୟରେ ତାଳଚେରରେ ସଂଗ୍ରାମ ଉଗ୍ର ରୂପ ଧାରଣ କଲା । ତାକୁ ଦମନ କରିବା ନିମିତ୍ତ ସରକାର ମେସିନ୍ ଗନ୍ ଓ ବୋମା ଏବଂ ହେଲିକପ୍ଟରର ପ୍ରୟୋଗ କରିଥିଲେ ।

## ମୟୂରଭଞ୍ଜ

ମୟୂରଭଞ୍ଜ ଥିଲା ଓଡ଼ିଶାର ସର୍ବବୃହତ ଗଡ଼ଜାତ । ଏହାର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ଉତ୍କଳ ସମ୍ମିଳନୀର ଜଣେ ସମ୍ମାନନୀୟ ନେତା ଥିଲେ । ଆଧୁନିକ ଶିକ୍ଷା ଓ ଗମନାଗମନର ପ୍ରସାରପାଇଁ ସେ ରେଳପଥ ବିସ୍ତାର ଆଦି ଅନେକ ପଦକ୍ଷେପ ନେଇଥିଲେ । ରାଜ୍ୟରେ ଉଚ୍ଚ ନ୍ୟାୟାଳୟ, ପ୍ରଜାପରିଷଦମାନ ମଧ୍ୟ ଗଠିତ ହୋଇଥିଲା । ସେହି ଦୃଷ୍ଟିରୁ ଦେଖିଲେ, ରାଜତନ୍ତ୍ର ଉପରେ ପର୍ଯ୍ୟବସିତ ହେବା ସତ୍ତ୍ୱେ ମୟୂରଭଞ୍ଜର ଶାସନ ବ୍ୟବସ୍ଥା ଅନ୍ୟ ଗଡ଼ଜାତ ତୁଳନାରେ ପ୍ରଗତିଶୀଳ ଓ ସଂସ୍କାରୀ ଥିଲା ।

ମୟୂରଭଞ୍ଜ ଥିଲା ଏକ ଆଦିବାସୀ ବହୁଳ ରାଜ୍ୟ । ରାଜାଙ୍କର ସଂସ୍କାର ଓ ପ୍ରଗତିମୂଳକ କାର୍ଯ୍ୟଯୋଗୁଁ ସେଠାରେ ଅନେକ ବାହାର ଲୋକ ଚାକିରିଆ ଓ ବ୍ୟବସାୟୀ ଭାବରେ ଆସି ବସବାସ କଲେ । ସେମାନଙ୍କୁ ହାଟୁଆ ଏବଂ ନିଜକୁ ଦେଶଲୋକ ବୋଲି ଆଦିବାସୀମାନେ କହୁଥିଲେ । ଦେଶଲୋକଙ୍କର ଜମି ହାଟୁଆମାନଙ୍କ ପାଖକୁ ହସ୍ତାନ୍ତର ହେବାକୁ ଲାଗିଲା । ଏହାକୁ ଗଡ଼ଜାତର ପ୍ରାଶାସନିକ ବ୍ୟବସ୍ଥା ପ୍ରୋତ୍ସାହିତ କରୁଥିଲା । ତେଣୁ ହାଟୁଆମାନଙ୍କ ବିରୁଦ୍ଧରେ ଦେଶଲୋକ ଅନେକ ସମୟରେ ସଂଘର୍ଷ କରୁଥିଲେ ।

ରାଜ୍ୟରେ ବେଠି, ଭେଟି, ମାଗଣ ଆଦି ବ୍ୟବସ୍ଥା ପ୍ରଚଳିତ ଥିଲା । ରାଜା ଶିକ୍ଷିତ ଓ ସଂସ୍କାରୀ ହେବା ସତ୍ତ୍ୱେ ଏହିସବୁ ସାମନ୍ତବାଦୀ କର ଅସୁଲିକୁ ଉଚ୍ଛେଦ କରି ପାରି ନଥିଲେ । ୧୯୩୭-୩୮ ରେ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ଗଠିତ ଷ୍ଟେଟ୍‌ସ ପିପୁଲ୍‌ସ ଏନ୍‌କ୍ୱାରି କମିଟି ପାଖରେ ମୟୂରଭଞ୍ଜ ପ୍ରଜାମଣ୍ଡଳର ପ୍ରମୁଖ ନେତା ଶରତଚନ୍ଦ୍ର ଦାସ ରାଜ୍ୟରେ ଅସୁଲ୍ ହେଉଥିବା ବେନିୟମ କରର ଏକ ବିସ୍ତୃତ ତାଲିକା ପ୍ରଦାନ କରିଥିଲେ । ତା' ଅନୁଯାୟୀ :

ଜାଳେଣି କାଠ ପାଇଁ ମାସିକ କର ଚାରି ଅଣା;
ଗୋଚର ଜମି ବ୍ୟବହାର କରିବାପାଇଁ ପଶୁ ପିଛା ଦୁଇ ଅଣା;
ହାଟରେ ଗୋରୁଗାଈ ବିକିଲେ ମୁଣ୍ଡପିଛା କର ଚାରି ଅଣା;
ରାଜକର୍ମଚାରୀଙ୍କପାଇଁ ବିନା ମୂଲ୍ୟରେ ରସଦ ଯୋଗାଣ;
ରାସ୍ତାଘାଟର ମରାମତିପାଇଁ ବାଧ୍ୟତାମୂଳକ ବେଠି;

ପ୍ରତ୍ୟେକ ହଳ ଲଙ୍ଗଳ ଓ ଯୁଆଳିପାଇଁ ଚାରି ଅଣା ;
ଚୌକିଦାରୀ ଟିକସ;
ପଥକର ଓ ବିବାହ କର;
ଟସର ଚାଷପାଇଁ ବାର ଅଣା ।

ଏଥିରୁ ମନେହୁଏ ଯେ, ମୟୂରଭଞ୍ଜରେ ପ୍ରଜାଙ୍କ ଉପରେ କର ଭାର ଊଣା ନଥିଲା । ସର୍ଦ୍ଦାର, ତହସିଲଦାର ଓ ଲାଖିରାଜଦାର ଆଦି ଖଜଣା ଅସୁଲକାରୀମାନେ ଅନେକ ସମୟରେ ଧାର୍ଯ୍ୟ ମାତ୍ରାଠାରୁ ଅଧିକ କର ଅସୁଲ କରୁଥିଲେ, ଯାହା ଗଡ଼ଜାତ ଶାସନକୁ ଅଧିକ ଲୋକବିରୋଧୀ କରୁଥିଲା । ୧୯୨୫ ମସିହାଠାରୁ ରାଜ୍ୟରେ ସାଧାରଣ ସଭା ନିଷିଦ୍ଧ ଥିଲା । ଏହା ପ୍ରଜାଙ୍କର ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଥିଲା ।

ଏହି ପୃଷ୍ଠଭୂମିରେ ୧୯୩୮ ରେ ଶରତ ଚନ୍ଦ୍ର ଦାସ ଓ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜରେ ପ୍ରଜାମଣ୍ଡଳ ଗଠିତ ହେଲା । ସେହି ବର୍ଷ ଅକ୍ଟୋବର ମାସରେ ବଂଶୀଧର ବେହେରା ଏକ ଜନ ସଭା ଆୟୋଜନ କରି ତହିଁରେ ପ୍ରଚଳିତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । କପ୍ତିପଦା ଓ ପଞ୍ଚପୀଢ଼ଠାରେ ମଧ୍ୟ ସଭାମାନ ଆୟୋଜିତ ହେଲା । ଶରତ ଚନ୍ଦ୍ର ଦାସଙ୍କର କଂଗ୍ରେସ ଦଳ ସହ ସଂପୃକ୍ତି ଓ ଲୋକପ୍ରିୟତାଯୋଗୁଁ ତାଙ୍କୁ ସେଠାକାର ଲୋକ 'ଶରତ ଗାନ୍ଧୀ' ବୋଲି କହୁଥିଲେ । ସେ ଗାନ୍ଧୀଙ୍କର ଅହିଂସା ମାର୍ଗକୁ ପ୍ରମୁଖତା ଦେଉଥିଲେ । ତାଙ୍କରି ପ୍ରଭାବରେ ମୟୂରଭଞ୍ଜ ପ୍ରଜାମଣ୍ଡଳ ଆନ୍ଦୋଳନ ଅନେକ ଗଠନମୂଳକ କାର୍ଯ୍ୟ ମଧ୍ୟ ହାତକୁ ନେଇଥିଲା । ପ୍ରଜାମାନଙ୍କ ଶ୍ରମଦାନରେ ମାନଗୋବିନ୍ଦପୁରଠାରେ 'ଶରତ ଚନ୍ଦ୍ର ବନ୍ଧ' ନାମରେ ଏକ ବନ୍ଧ ନିର୍ମାଣ କରାଯାଇଥିଲା । ପ୍ରଜାମଣ୍ଡଳକର୍ମୀ ଗ୍ରାମ ସଫେଇ, ଅସ୍ପୃଶ୍ୟତା ନିବାରଣ, ଖଦି ପ୍ରସାର, ସାକ୍ଷରତା ଅଭିଯାନ ଆଦିକୁ ଗୁରୁତ୍ୱ ଦେଉଥିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ବଳପ୍ରୟୋଗ କରି ଦମନ କରିବା ପରିବର୍ତ୍ତେ ମୟୂରଭଞ୍ଜ ରାଜା 'ପ୍ରଜାମଙ୍ଗଳ' ନାମକ ଏକ ସଂଗଠନ ଗଢ଼ିଥିଲେ । ଏହି ସଂଗଠନ ରାଜାଙ୍କର କାର୍ଯ୍ୟକୁ ରାଜ୍ୟରେ ସ୍ୱୀକାର୍ଯ୍ୟ କରିବାପାଇଁ ଉଦ୍ୟମ କରୁଥିଲା । ଅନେକ ସମୟରେ ପ୍ରଜାମଣ୍ଡଳ ଓ ପ୍ରଜାମଙ୍ଗଳ କର୍ମୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଥିଲା । ୧୯୪୭ ଜୁନ୍ ୩୦ ତାରିଖରେ ପ୍ରଜାମଣ୍ଡଳ ରାଜାଙ୍କ ନିକଟରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା କରିବାକୁ ଦାବି ଉତ୍ଥାପନ କଲେ । ମହାରାଜା ଓ ପ୍ରଜାମଣ୍ଡଳ ମଧ୍ୟରେ ଶେଷରେ ରାଜିନାମା ସ୍ୱାକ୍ଷରିତ ହେଲା । ତା' ଅନୁଯାୟୀ ସ୍ୱାଧୀନତା ପରେ ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିବ ଓ ମହାରାଜା ତା'ର ସାମ୍ବିଧାନିକ ମୁଖ୍ୟ ହୋଇ ରହିବେ ବୋଲି ସ୍ଥିର ହେଲା ।

୧୯୪୭ ଅଗଷ୍ଟ ୧୫ ପରେ ମୟୂରଭଞ୍ଜରେ ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଲାଗୁ ହେଲା । ଶରତ ଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ଭାବରେ ମହାରାଜାଙ୍କଠାରୁ କ୍ଷମତା ଗ୍ରହଣ କଲେ । ୧୯୪୭ ଡିସେମ୍ବର ୧୦ ତାରିଖ ଦିନ ମହାରାଜା ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ମନ୍ତ୍ରିମଣ୍ଡଳ (ଅନ୍ୟ ଦୁଇ ମନ୍ତ୍ରୀ ହେଲେ ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାୟକ) ହାତରେ ଆନୁଷ୍ଠାନିକ ଭାବରେ ଶାସନ ଦାୟିତ୍ୱ ଅର୍ପଣ କଲେ । ରାଜା ନିଜେ ହେଲେ ଶାସନର

ସାମ୍ବିଧାନିକ ମୁଖ୍ୟ । ଦେଶ ସହିତ ମୟୂରଭଞ୍ଜର ସମ୍ମିଶ୍ରଣ ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲିଲା । ମୟୂରଭଞ୍ଜ ପ୍ରଜାମଣ୍ଡଳର ସଫଳତା ପଛରେ ନିଶ୍ଚିତ ରୂପେ ନେତୃବର୍ଗଙ୍କର ପରିପକ୍ୱତା ଏବଂ ମହାରାଜାଙ୍କର ଆଚରଣ ଗୋଟାଏ ଗୋଟାଏ ପ୍ରମୁଖ କାରଣ । ଅଯଥା ରାଜା ଅନ୍ୟ ଗଡ଼ଜାତ ପରି ଦମନମୂଳକ ପନ୍ଥା ଅବଲମ୍ବନ କରି ନଥିଲେ । ୧୯୪୭ରେ ପ୍ରଜାମଣ୍ଡଳର ସହଯୋଗରେ ମୟୂରଭଞ୍ଜ ନିଜର ଏକ ସ୍ୱତନ୍ତ୍ର ସ୍ଥିତି ରଖିପାରିବ ବୋଲି ସେ ଆଶା କରିଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ଅନ୍ତତଃ ସାମ୍ବିଧାନିକ ମୁଖ୍ୟ ହୋଇ ରହିବା ଏକ ବଡ଼ ଉପଲବ୍ଧି ହେବ ବୋଲି ସେ ବିଚାର କରୁଥିଲେ । ସେଥିପାଇଁ ପ୍ରଜାମଣ୍ଡଳକୁ କ୍ଷମତା ହସ୍ତାନ୍ତର କରିବାକୁ ସେ ସମ୍ମତ ହୋଇଥିଲେ ।

## ଅନ୍ୟାନ୍ୟ ଗଡ଼ଜାତ

ଖଣ୍ଡପଡ଼ା, ଆଠଗଡ଼, ଗାଙ୍ଗପୁର ଓ ନୟାଗଡ଼ ଆଦି ଗଡ଼ଜାତ ରାଜ୍ୟରେ ମଧ୍ୟ ଏହି ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ତେଜି ଉଠିଥିଲା । ଗାଙ୍ଗପୁରର ଆମ୍‌କୋ ସିମକୋଠାରେ ୨୫ ଏପ୍ରିଲ୍ ୧୯୩୯ ଦିନ ଖଜଣା ଛାଡ଼, ବେଠି-ବେଗାରିର ଉଚ୍ଛେଦ, ଜଙ୍ଗଲ ଜମିରେ ଅଧିକାର ଆଦି ଦାବି କରି ଏକତ୍ରିତ ହୋଇଥିବା ପ୍ରଜାଙ୍କ ଉପରେ ପୋଲିସ ପକ୍ଷରୁ ଗୁଳିଚାଳନା ହେଲା । ଫଳରେ ପଚାଶ ପ୍ରାୟ ଆଦିବାସୀ ନିହତ ହେଲେ ଏବଂ ୧୦୦ ପ୍ରାୟ ଆହତ ହେଲେ । କଂଗ୍ରେସ କର୍ମୀଙ୍କର ସଂପୃକ୍ତି ଓ ପ୍ରାଦେଶିକ ସ୍ତରରେ କଂଗ୍ରେସର ମନ୍ତ୍ରିମଣ୍ଡଳ, ଲୋକଙ୍କୁ ପ୍ରଜାମଣ୍ଡଳରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ପ୍ରୋତ୍ସାହନ ଦେଇଥିଲା । ଅନ୍ୟ ପକ୍ଷରେ ପ୍ରଜାମଣ୍ଡଳ ଆନ୍ଦୋଳନର ବୃଦ୍ଧିଯୋଗୁଁ ଓଡ଼ିଶାରେ କଂଗ୍ରେସର ଜାତୀୟତା ସଂଗ୍ରାମ ପ୍ରକୃତ ଅର୍ଥରେ ଗଣାଭିମୁଖୀ ହେଲା । ୧୯୪୨ 'ଭାରତ ଛାଡ଼'ରେ ଏହାର ଫଳ ଦେଖିବାକୁ ମିଳିଲା । ପୋଲିସ ଓ ରାଜାଙ୍କର ଦମନଯୋଗୁଁ ଯେଉଁ ସବୁ ଗଡ଼ଜାତରେ ଆନ୍ଦୋଳନ ଶିଥିଳ ପଡ଼ିଯାଇଥିଲା, ୧୯୪୨ର ଡାକରା ତହିଁରେ ପୁନଃ ଅଗ୍ନି ସଂଯୋଗ କଲା ।

## ସ୍ୱତନ୍ତ୍ର ପ୍ରଦେଶର ଶାସନ

୧୯୩୬ ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ସାର୍ ଜନ୍ ଅଷ୍ଟିନ୍ ହବାକ୍ ହେଲେ ଓଡ଼ିଶାର ପ୍ରଥମ ରାଜ୍ୟପାଳ । ୧୯୩୭ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ଗଠନ ହୋଇ ନଥିବା ହେତୁ ରାଜ୍ୟପାଳ ଏକ ୨୧ ଜଣିଆ ଉପଦେଷ୍ଟାମଣ୍ଡଳୀର ସହାୟତାରେ ପ୍ରଦେଶର ଶାସନ କାର୍ଯ୍ୟ କଲେ ।

୧୯୩୭ ଜାନୁଆରିରେ ପ୍ରଦେଶଗୁଡ଼ିକପାଇଁ ନିର୍ବାଚନ ହେଲା । ଓଡ଼ିଶା ବିଧାନସଭାପାଇଁ ମୋଟ ୬୦ଟି ଆସନ ରହିଥିଲା । କଂଗ୍ରେସ ତନ୍ମଧ୍ୟରୁ ୩୭ଟି ଆସନରେ ନିର୍ବାଚନ ଲଢ଼ି ୩୬ଟି ଆସନରେ ବିଜୟ ଲାଭ କଲା । କଂଗ୍ରେସ ବ୍ୟତୀତ କନିକା ରାଜାଙ୍କ (ଜମିଦାର) ନେତୃତ୍ୱରେ ୟୁନାଇଟେଡ୍ ପାର୍ଟି, ଖଲିକୋଟ ରାଜାଙ୍କ ନେତୃତ୍ୱରେ ନେଶନାଲ୍ ପାର୍ଟି ଏବଂ ପାରଳାଖେମୁଣ୍ଡି ରାଜାଙ୍କ ନେତୃତ୍ୱରେ 'ସ୍ୱାଧୀନ ଦଳ' ନିର୍ବାଚନ ଲଢ଼ିଥିଲେ । କଂଗ୍ରେସପାଇଁ ନିର୍ବାଚନ ଗସ୍ତରେ

ଆସି ଜବାହରଲାଲ୍ ନେହେରୁ ୧୯୩୬ ନଭେମ୍ବର ମାସରେ ଅନେକ ସଭା ସମିତିରେ ଭାଷଣ ଦେଇଥିଲେ । ତାଙ୍କ ଭାଷଣରେ ଜମିଦାରୀ ପ୍ରଥାର ଉଚ୍ଛେଦ ଓ କୃଷି ସଂସ୍କାରପାଇଁ ପ୍ରାଥମିକତା ରହିଥିଲା । କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବରେ ଯେହେତୁ ରାଜା-ମହାରାଜାମାନେ ଦଳ ଗଢ଼ି ନିର୍ବାଚନ ଲଢୁଥିଲେ ,ନେହେରୁଙ୍କ ବକ୍ତବ୍ୟ ସେମାନଙ୍କୁ ଲକ୍ଷ୍ୟ ରଖିଥିଲା । ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ଓ ରାଜା ମହାରାଜା ବର୍ଗର ଦାରୁଣ ପରାଜୟରୁ ସୁସ୍ପଷ୍ଟ ହେଲା ଯେ, ଲୋକେ କଂଗ୍ରେସକୁ ସେମାନଙ୍କ ପ୍ରକୃତ ପ୍ରତିନିଧି ମନେ କରୁଥିଲେ । କଂଗ୍ରେସର ଜନ ଆନ୍ଦୋଳନ ପ୍ରତି ଜନ ସମର୍ଥନ ରହିଥିବା କଥା ମଧ୍ୟ ଏଥିରୁ ପ୍ରମାଣିତ ହେଲା ।

ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତା ଭାବରେ ବିଶ୍ୱନାଥ ଦାସ ମନୋନୀତ ହୋଇଥିଲେ । ସଂଖ୍ୟାଗରିଷ୍ଠ ଦଳ ହିସାବରେ ମନ୍ତ୍ରିମଣ୍ଡଳ ଗଠନ କରିବା ପୂର୍ବରୁ କଂଗ୍ରେସ ସରକାରଙ୍କ ପାଖରୁ ମନ୍ତ୍ରିମଣ୍ଡଳର ଦୈନନ୍ଦିନ କାର୍ଯ୍ୟରେ ରାଜ୍ୟପାଳ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରତିଶ୍ରୁତି ମାଗିଲା । ସରକାର ଏଭଳି ପ୍ରତିଶ୍ରୁତି ନ ଦେବାରୁ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କଲା ନାହିଁ । ଫଳରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ ମିଳିଲା । ୧୯୩୭ ଏପ୍ରିଲ୍ ଓ ଜୁନ୍ ଦୁଇ ମାସ ପ୍ରାୟ ପାରଳା ମହାରାଜା ପ୍ରଧାନମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳ ଗଠନ କଲେ । ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ମୌଲବୀ ଲତିଫୁର ରହମାନ ଥିଲେ ତାଙ୍କର ଅନ୍ୟ ଦୁଇଜଣ ମନ୍ତ୍ରୀ ।

୧୯୩୭ ଜୁଲାଇରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କଲା । ନିତ୍ୟାନନ୍ଦ କାନୁନ୍‌ଗୋ ଓ ବୋଧରାମ ଦୁବେ ଥିଲେ ମନ୍ତ୍ରିମଣ୍ଡଳର ଅନ୍ୟ ଦୁଇଜଣ ସଦସ୍ୟ । ଏହି ମନ୍ତ୍ରିମଣ୍ଡଳ ୧୯୩୯ ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ନିଜର ଦୁଇ ବର୍ଷ ଚାରିମାସର ସ୍ୱଳ୍ପ ଶାସନ କାଳରେ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ଅନେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲା । ତନ୍ମଧ୍ୟରେ ଓଡ଼ିଶା ମହାଜନ ପ୍ରସ୍ତାବ (Orissa Moneylenders Bill) ହେଲା ଅନ୍ୟତମ । ୧୯୩୯ ଜୁନ୍ ମାସରେ ଗୃହୀତ ଏହି ପ୍ରସ୍ତାବ ଫଳରେ ମହାଜନମାନଙ୍କୁ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏଥିରେ ଋଣଗ୍ରହୀତାଙ୍କଠାରୁ ଅନ୍ୟାୟ ଭାବରେ ସୁଧ ଅସୁଲ କଲେ ସରକାର ଦଣ୍ଡବିଧାନ କରିବେ ବୋଲି ବ୍ୟବସ୍ଥା ରହିଲା । ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଆଇନ୍ ‘ଓଡ଼ିଶା କ୍ଷୁଦ୍ରଚାଷୀ ରିଲିଫ୍ ଏକ୍ଟ’ (Orissa Small Holders Relief Act) ଅନୁଯାୟୀ ଖଜଣା ଜମା କରି ପାରି ନଥିବା କ୍ଷୁଦ୍ରଚାଷୀର ଜମି ବାଜ୍ୟାପ୍ତ ହେବା ପୂର୍ବରୁ ସିଭିଲ୍ କୋର୍ଟର ସ୍ୱତନ୍ତ୍ର ଅନୁମତିକୁ ଜରୁରୀ କରାଗଲା । ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ତାଳ ଓ ଖଜୁରି ରସରୁ ଗୁଡ଼ ତିଆରି, ଶିଙ୍ଗ ନିର୍ମିତ ଉପକରଣ, ରୁପା ତାରକସି କାମ, ଚମଡ଼ା ଶିଳ୍ପ ଓ ହସ୍ତତନ୍ତକୁ ପ୍ରୋତ୍ସାହିତ କଲେ । ଇଂରେଜ ଶାସନରେ ବନ୍ଦ ହୋଇ ଯାଇଥିବା ଲବଣ ଶିଳ୍ପକୁ ପୁନଃସ୍ଥାପନ କରିବା ସକାଶେ ସରକାର କେତେକ ପଦକ୍ଷେପ ନେଲେ । ସରକାରଙ୍କ ପକ୍ଷରୁ ସ୍ୱଦେଶୀ ପଦାର୍ଥର ଅଧିକରୁ ଅଧିକ ମାତ୍ରାରେ ବ୍ୟବହାରପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ‘ଓଡ଼ିଶା ନିଶା ସଂଶୋଧନ ପ୍ରସ୍ତାବ-୧୯୩୯’ (The Opium (Orissa)

Ammendment Bill-1939) ଏବଂ 'ଓଡ଼ିଶା ନିଶା ନିବାରଣ ପ୍ରସ୍ତାବ' (The Orissa Prohibition Bill) ନାମକ ଦୁଇଟି ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବକୁ ବିଧାନସଭାରେ ଗୃହୀତ କରି ସରକାର ନିଶାଦ୍ରବ୍ୟର ବିକ୍ରୀ ଉପରେ କଟକଣା ଜାରି କରିଥିଲେ ।

୧୯୨୦ ଓ ୩୦ ଦଶକରେ ଓଡ଼ିଶାର ପତ୍ରପତ୍ରିକାରେ ମଠାଧିପତି ଓ ମହନ୍ତମାନଙ୍କ ଦୁର୍ନୀତି ବିରୁଦ୍ଧରେ ପ୍ରବଳ ଜନମତ ପ୍ରକାଶ ପାଇଥିଲା । ଜମିଦାରମାନଙ୍କ ପରି ମଠ ମହନ୍ତମାନେ ସରକାରର ସମର୍ଥନ କରୁଥିଲେ । ଦ୍ୱିତୀୟତଃ ଦେବୋତ୍ତର ସମ୍ପତ୍ତିକୁ ସେମାନେ ନିଜ ସ୍ୱାର୍ଥରେ ବ୍ୟବହାର କରୁଥିଲେ । ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ ୧୯୩୮ ରେ ଓଡ଼ିଶା ଦେବୋତ୍ତର ପ୍ରସ୍ତାବ (The Orissa Hindu Religions Endowment Bill)କୁ ବିଧାନସଭାରେ ଗୃହୀତ କରାଇଲେ । ଏହା ଫଳରେ ଦେବୋତ୍ତର ସମ୍ପତ୍ତି ଜଣେ କମିସନରଙ୍କ ତତ୍ତ୍ୱାବଧାନରେ ରହିବ ଏବଂ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୁକ୍ତ ହେବ ବୋଲି ବ୍ୟବସ୍ଥା ରହିଲା । ଏହା କଂଗ୍ରେସ ମନ୍ତ୍ରିମଣ୍ଡଳର ଲୋକପ୍ରିୟତାକୁ ବୃଦ୍ଧି କଲା ।

ଶିକ୍ଷାର ଉନ୍ନତିପାଇଁ କଂଗ୍ରେସ ମନ୍ତ୍ରିମଣ୍ଡଳ କେତେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲା । ରାଜ୍ୟର ପ୍ରାୟ ୨୫ଟି ସ୍କୁଲ୍‌ରେ ମହାତ୍ମା ଗାନ୍ଧୀଙ୍କ ମୌଳିକ ଶିକ୍ଷାର ପ୍ରୟୋଗ କରାଗଲା । ଏଥିରେ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା ରହିଲା । ଓଡ଼ିଶାପାଇଁ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ପ୍ରାରମ୍ଭିକ ଯୋଜନା ପ୍ରସ୍ତୁତ କରାଗଲା, ଯାହା ପାରଳା ମହାରାଜାଙ୍କ ନେତୃତ୍ୱରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳ ଦ୍ୱାରା ୧୯୪୪ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାପନା ପରେ ମୂର୍ତ୍ତ ରୂପ ନେଲା । ପ୍ରକାଶଥାଉ କି, ଏ ସଂପର୍କିତ ଏକ ବିଲ୍ ୧୯୪୩ ବିଧାନସଭାରେ ଗୃହୀତ ହେବା ପରେ ଅସ୍ଥାୟୀ ଭାବରେ କଟକ ରେଭେନ୍‌ସା କଲେଜରେ ଏହା ଆରମ୍ଭ ହୋଇଥିଲା ।

କଂଗ୍ରେସ ମନ୍ତ୍ରିମଣ୍ଡଳ ସମୟରେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରାଗଲା । ମନ୍ତ୍ରିମଣ୍ଡଳଯୋଗୁଁ ଲୋକ ନିଡ଼ର ହୋଇ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଉଥିଲେ । କଂଗ୍ରେସଯୋଗୁଁ ଗଡ଼ଜାତରେ ପୋଲିସର ଦମନ ଉପରେ ମଧ୍ୟ ନିୟନ୍ତ୍ରଣ ରହିଥିଲା । ଏହି କାରଣରୁ ୧୯୩୮-୩୯ କଂଗ୍ରେସ ମନ୍ତ୍ରିମଣ୍ଡଳ ସମୟରେ ପ୍ରାୟ ସମସ୍ତ ଗଡ଼ଜାତରେ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ସେହି ଦୃଷ୍ଟିରୁ ଦେଖିଲେ, କଂଗ୍ରେସ ମନ୍ତ୍ରିମଣ୍ଡଳ ସ୍ୱାଧୀନତା ସଂଗ୍ରାମକୁ ଗଡ଼ଜାତକୁ ବହୁଳ ଭାବେ ବିସ୍ତାରିତ ହେବାରେ ସହାୟକ ସିଦ୍ଧ ହେଲା । ଲୋକ କଂଗ୍ରେସକୁ ଇଂରେଜ ଶାସନର ବିକଳ୍ପ ରୂପରେ ଦେଖିଲେ । ମାତ୍ର ଦୁଇ ବର୍ଷର ଶାସନକାଳ ମଧ୍ୟରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଲୋକଙ୍କ ଭିତରେ ଇଂରେଜମାନଙ୍କ ପ୍ରତି ଏକ ନିର୍ଭୟ ଭାବ ସୃଷ୍ଟି କଲା । ବୋଧହୁଏ ଏହା ହିଁ ହେଉଛି ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳର ସବୁଠାରୁ ବଡ଼ ଉପଲବ୍ଧି ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଇଂରେଜ ସରକାର ଭାରତୀୟମାନଙ୍କ ବିନା ପରାମର୍ଶରେ ଭାରତକୁ ଯୁଦ୍ଧରେ ପକ୍ଷଭୁକ୍ତ କଲେ । ଏହି ନିଷ୍ପତ୍ତିର ବିରୋଧ କରି ଦେଶର ବିଭିନ୍ନ ପ୍ରଦେଶରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ଜାତୀୟ କଂଗ୍ରେସ ନିଜ ଲୋକଙ୍କୁ ନିର୍ଦ୍ଦେଶ ଦେଲା । ଫଳରେ ୪ ନଭେମ୍ବର ୧୯୩୯ରେ ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ

କଲେ । ଏହା ପରେ ଦୁଇବର୍ଷ ପର୍ଯ୍ୟନ୍ତ ଗଭର୍ଣ୍ଣର ଶାସନକାର୍ଯ୍ୟ ପରିଚାଳନା କଲେ । ୧୯୪୧ ନଭେମ୍ବରରେ ପାରଳାଖେମୁଣ୍ଡି ମହାରାଜାଙ୍କୁ ଦ୍ୱିତୀୟ ଥର ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ କରାଗଲା । କଂଗ୍ରେସର ଗୋଦାବରୀଶ ମିଶ୍ର ଓ ନୀଳକଣ୍ଠ ଦାସ ଆଦି ଏହାକୁ ସମର୍ଥନ କରି ଦଳରୁ ବହିଷ୍କୃତ ହେଲେ । ୧୯୪୧ରୁ ୧୯୪୪ ପର୍ଯ୍ୟନ୍ତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରିତ୍ୱରେ ମନ୍ତ୍ରିମଣ୍ଡଳ ଗଠିତ ହେଲା । ପ୍ରାକ୍ତନ କଂଗ୍ରେସ ନେତା ଗୋଦାବରୀଶ ମିଶ୍ର ଓ ମୁସଲିମ୍ ଲୀଗ୍ ସଦସ୍ୟ ଅବଦୁର୍ ଶୋଭନ ଖାଁ ଥିଲେ ମନ୍ତ୍ରିମଣ୍ଡଳର ଅନ୍ୟ ଦୁଇ ଜଣ ସଦସ୍ୟ । କଂଗ୍ରେସର ଅନ୍ୟ କେତେକ ନେତା ଯଥାଃ ନୀଳକଣ୍ଠ ଦାସ, ଅଟଳ ବିହାରୀ ଆଚାର୍ଯ୍ୟ, ଦିବାକର ପଟ୍ଟନାୟକ ଓ ଯଦୁମଣି ମଂଗରାଜ ମଧ୍ୟ ଏହି ସମୟରେ ଦଳ ତ୍ୟାଗ କରି ମିଳିତ ମନ୍ତ୍ରିମଣ୍ଡଳର ସମର୍ଥନ କରିଥିଲେ ।

## ପ୍ରଗତିଶୀଳ ରାଜନୀତିର ଅଭ୍ୟୁଦୟ

୧୯୩୦ ଦଶକର ଜାତୀୟତାବାଦୀ ରାଜନୀତିର ଏକ ପ୍ରମୁଖ ବିଶେଷତ୍ୱ ହେଲା ପ୍ରଗତିଶୀଳ ରାଜନୈତିକ ବିଚାରଧାରାର ଅଭ୍ୟୁଦୟ । ଆଇନ ଅମାନ୍ୟ ଆନ୍ଦୋଳନର ଅବସାନ ପରେ ବିଶେଷକରି ଯୁବଗୋଷ୍ଠୀ ମଧ୍ୟରେ ଘୋର ନିରାଶା ଦେଖାଗଲା । କଂଗ୍ରେସ ନେତୃତ୍ୱରେ ସଫଳତା ମିଳିବ ବୋଲି ଯୁବଗୋଷ୍ଠୀର ଆସ୍ଥା ରହିଲା ନାହିଁ । ଏହି ସମୟରେ ବିଶ୍ୱ ସ୍ତରରେ ଯୁଦ୍ଧଖୋର ଓ ଧ୍ୱଂସକାରୀ ଫାସୀବାଦୀ ଶକ୍ତିର ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ସୋଭିଏତ୍ ରୁଷ୍‌ରେ କମ୍ୟୁନିଷ୍ଟ ନେତୃତ୍ୱ ଉଭୟ ଫାସୀବାଦ ଓ ସାମ୍ରାଜ୍ୟବାଦକୁ ସଫଳତାର ସହ ବିରୋଧ କରୁଛି ବୋଲି ଯୁବଗୋଷ୍ଠୀଙ୍କ ମଧ୍ୟରେ ବିଶ୍ୱାସ ଜାତ ହେଲା । ପୁଣି ଆଦିବାସୀ, କୃଷକ ଓ ଶ୍ରମିକମାନଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଆଣିବାକୁ ହେଲେ କଂଗ୍ରେସ ନେତୃତ୍ୱ ବାହାରେ ଏକ ବିକଳ୍ପ ନେତୃତ୍ୱ ସୃଷ୍ଟି କରିବାକୁ ହେବ ବୋଲି ସେମାନେ ଅନୁଭବ କଲେ । ଜାତୀୟ କଂଗ୍ରେସର ନେତୃତ୍ୱ ପ୍ରତି ସେମାନଙ୍କ ଆସ୍ଥା ଊଣା ହେବାକୁ ଲାଗିଲା । ଏହାର ପରିଣାମ ସ୍ୱରୂପ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବାମପନ୍ଥୀ ପ୍ରଗତିଶୀଳ ରାଜନୀତିର ଅଭ୍ୟୁଦୟ ହେଲା । ଏଥିରେ ଉଭୟ ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟମାନେ ସାମିଲ୍ ଥିଲେ । ଜାତୀୟ କଂଗ୍ରେସର ବିକଳ୍ପ ଭାବରେ ଏହି ଗୋଷ୍ଠୀ ପ୍ରତିଷ୍ଠିତ ହେବାକୁ ଉଦ୍ଦେଶ୍ୟ ରଖିଥିଲେ ସତ୍ୟ, ମାତ୍ର କଂଗ୍ରେସର ବିରୋଧୀ ହେବାକୁ ସେମାନେ ଚାହୁଁ ନଥିଲେ । ଅର୍ଥାତ୍ ଜାତୀୟ କଂଗ୍ରେସର ଛତ୍ରଛାୟା ତଳେ ସେମାନଙ୍କର ଅଭ୍ୟୁଦୟ ଘଟିଥିଲା ।

୧୯୩୩ ମସିହା ମେ' ମାସରେ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଗତିଶୀଳ ଗୋଷ୍ଠୀର ମୂଳଦୁଆ ପଡ଼ିଲା । ମାଳତୀ ଚୌଧୁରୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଆଦି ଅଳ୍ପ କେତେ ଜଣ ମାତ୍ର ସେତେବେଳେ ଏହି ଗୋଷ୍ଠୀରେ ସାମିଲ୍ ଥିଲେ । ସେମାନେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ନାମରେ ଏକ ସଂଗଠନ ଗଢ଼ିଥିଲେ । ସଭ୍ୟମାନେ ବ୍ୟକ୍ତିଗତ ସମ୍ପତ୍ତି କରିବେ ନାହିଁ ଏବଂ ନିଜ ନାମରେ ଥିବା ସମ୍ପତ୍ତିକୁ ସଂଘକୁ ଦାନ କରିବେ ବୋଲି ଘୋଷଣା କଲେ । ସେହି

ସୂତ୍ରରେ ନବକୃଷ୍ଣ ଓ ମାଳତୀ ଚୌଧୁରୀ ନିଜର ସମ୍ପତ୍ତି ଓ ଗହଣା ଦାନ କଲେ । ଏହି ପୁଞ୍ଜିରେ 'ସାରଥି' ଏବଂ ପରେ 'କୃଷକ' ନାମରେ ପ୍ରଗତିଶୀଳ ପତ୍ରିକା ପ୍ରକାଶିତ ହେଲା ।

୧୯୩୪ ମସିହାରେ ବିହାରର ପାଟନାଠାରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଗଠନ ହେଲା । ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଆଦି ଏହାର ପ୍ରମୁଖ ନେତା । ଓଡ଼ିଶାର ସାମ୍ୟବାଦୀ ସଂଘ ଏହି ପାର୍ଟିରେ ସାମିଲ୍ ହେଲା । ଏକ ସର୍ବଭାରତୀୟ ସ୍ତରର ସଂଗଠନ ସହ ଯୋଡ଼ି ନହେଲେ ରାଜନୀତିରେ ସଂଘର ବିଶେଷ ପ୍ରଭାବ ରହିବ ନାହିଁ ବୋଲି ନେତୃବୃନ୍ଦ ଅନୁଭବ କରୁଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ନେତୃବୃନ୍ଦ ବିଭିନ୍ନ ପ୍ରଦେଶରେ ଆଞ୍ଚଳିକ ସ୍ତରରେ ଜନ୍ମ ନେଇଥିବା ସମାଜବାଦୀ ଗୋଷ୍ଠୀଗୁଡ଼ିକ ସହ ସମନ୍ୱୟ ସ୍ଥାପନ କରୁଥିଲେ ।

୧୯୩୪ରେ ଓଡ଼ିଶାର କଂଗ୍ରେସ ସୋସିଆଲିଷ୍ଟ ପାର୍ଟିରେ ପ୍ରାଣନାଥ ପଟ୍ଟନାୟକ, ଗୁରୁ ଚରଣ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ ଆଦି ଯୋଗ ଦେଲେ । ପ୍ରାଣନାଥ ଓ ଗୁରୁ ଚରଣ କାଶୀ ବିଦ୍ୟାପୀଠରେ ଅଧ୍ୟୟନ କାଳରେ କମ୍ୟୁନିଷ୍ଟ ବିଚାରଦ୍ୱାରା ପ୍ରଭାବିତ ହୋଇଥିଲେ । ଭଗବତୀ ପାଟନା ବିଶ୍ୱବିଦ୍ୟାଳୟରେ କମ୍ୟୁନିଷ୍ଟ ଆନ୍ଦୋଳନ ସହ ସଂପୃକ୍ତ ହୋଇଥିଲେ । ଏମାନେ ସମସ୍ତେ ସୋସିଆଲିଷ୍ଟମାନଙ୍କ ସହ ମିଶି କଂଗ୍ରେସ ସୋସିଆଲିଷ୍ଟ ପାର୍ଟିରେ କାର୍ଯ୍ୟ କଲେ । ସମସ୍ତେ ମିଶି କୃଷକ ଓ ପ୍ରଜାମଣ୍ଡଳ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ, ଯାହା ପୂର୍ବରୁ ଆଲୋଚନା ହୋଇ ସାରିଛି ।

'ସାରଥି' ଓ 'କୃଷକ' ଥିଲା ଏହି ଗୋଷ୍ଠୀର ମୁଖପତ୍ର । ୧୯୩୫ରେ ସେମାନେ ସଚ୍ଚି ରାଉତ ରାୟ, ଅନନ୍ତ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଆଦିଙ୍କ ସାଙ୍ଗରେ 'ନବଯୁଗ ସାହିତ୍ୟ ସଂସଦ' ଗଠନ କଲେ । ସଂସଦର ଉଦ୍ଦେଶ୍ୟକୁ ସୁସ୍ପଷ୍ଟ କରି ୧୯୩୯ରେ 'ରକ୍ତଶିଖା' ପତ୍ରିକା ଲେଖିଥିଲା - ''ଓଡ଼ିଶାରେ ଗଣ ଆନ୍ଦୋଳନ ତୀବ୍ରତର ହେଉଥିଲେ ହେଁ, ସେହି ତୁଳନାରେ ଗଣ ସାହିତ୍ୟର ପ୍ରଗତି ସାଧିତ ହୋଇପାରି ନାହିଁ । ଗଣ ଆନ୍ଦୋଳନକୁ ଆଗେଇ ନେବାରେ ଏକ ସ୍ପଷ୍ଟ ଆଭିମୁଖ୍ୟର ଆବଶ୍ୟକତା ରହିଛି । ନବଯୁଗର ସାହିତ୍ୟ କୃତିଗୁଡ଼ିକ ସମସ୍ତ ପ୍ରକାର ଅଣ-ସାମ୍ରାଜ୍ୟବାଦୀ ଶକ୍ତିପାଇଁ ଏକ ନୂତନ ଯୁଗର ସଂଦେଶ ବହନ କରିବା ସହିତ ସେମାନଙ୍କୁ ଏହି ଆନ୍ଦୋଳନର ଆଭିମୁଖ୍ୟ ବୁଝାଇବାନିମିତ୍ତ ଅଭିପ୍ରେତ ।''

ପ୍ରଗତିଶୀଳ ଗୋଷ୍ଠୀ ବା କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ଉପରକୁ ଏକ ଦେଖାଯାଉଥିଲା । ମାତ୍ର ତା' ଭିତରେ ଉଭୟ ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟମାନେ ରହିଥିଲେ ଏବଂ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ରହିଥିଲା । ଏହା ସର୍ବଭାରତୀୟ ସ୍ତରରେ ଯେମିତି ଥିଲା, ଓଡ଼ିଶା ସ୍ତରରେ ମଧ୍ୟ ସମ ରୂପରେ ରହିଥିଲା । ସୋସିଆଲିଷ୍ଟମାନଙ୍କ ଅଭିଯୋଗ ଯେ ମାର୍କସବାଦ ଦ୍ୱାରା ପ୍ରଭାବିତ କମ୍ୟୁନିଷ୍ଟମାନେ କଂଗ୍ରେସ ଓ ସୋସିଆଲିଷ୍ଟମାନଙ୍କୁ ନିଜ ଦଳର ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ । ବୈଚାରିକ ଦୃଷ୍ଟିରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘୋର ପାର୍ଥକ୍ୟ ରହିଥିଲା । କଂଗ୍ରେସର ଉପନିବେଶବାଦବିରୋଧୀ ନେତୃତ୍ୱ ଉପରେ

କମ୍ୟୁନିଷ୍ଟମାନଙ୍କର ଆସ୍ଥା ନଥିଲା । ଗାନ୍ଧିଜୀଙ୍କ ଅହିଂସା ଓ ସତ୍ୟାଗ୍ରହ ମାର୍ଗରେ ମଧ୍ୟ ସେମାନଙ୍କର ଭରସା ନଥିଲା । ଭାରତ ବାହାରେ ଥିବା କମ୍ୟୁନିଷ୍ଟ ଆନ୍ଦୋଳନ ସହ ସେମାନଙ୍କର ସଂପୃକ୍ତି ଥିଲା । ସେହି ଦୃଷ୍ଟିରୁ ଦେଖିଲେ, କମ୍ୟୁନିଷ୍ଟମାନଙ୍କର ଜାତୀୟତାବାଦ ଦେଶ ମଧ୍ୟରେ ସୀମିତ ନଥିଲା । ସେମାନଙ୍କ ସ୍ଲୋଗାନ୍ ଥିଲା- ''ଦୁନିଆଁର ସର୍ବହରା ଏକ ହୁଅ ।'' ଇଂଲଣ୍ଡର ବିଶ୍ୱ ସ୍ତରରେ କମ୍ୟୁନିଷ୍ଟମାନଙ୍କ ପ୍ରତି ଶତ୍ରୁତା ଭାବ ରହିଥିଲା । ଇଂରେଜ ସରକାର ସେମାନଙ୍କୁ ନିଷେଧ କରିଥିଲେ । ତେଣୁ କଂଗ୍ରେସର ଆଢୁଆଳରେ ଭାରତରେ କମ୍ୟୁନିଷ୍ଟମାନେ କାର୍ଯ୍ୟ କରୁଥିଲେ । ସୋସିଆଲିଷ୍ଟମାନେ କଂଗ୍ରେସ ଓ ଗାନ୍ଧିଜୀଙ୍କ ସମାଲୋଚନା କରିବା ସତ୍ତ୍ୱେ ଶତ୍ରୁତା ରଖି ନଥିଲେ । କମ୍ୟୁନିଷ୍ଟମାନଙ୍କୁ ସେମାନେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ଉଭୟ ସାମ୍ୟ ଓ ରାଷ୍ଟ୍ରୀୟତାକୁ ସେମାନେ ସମାନ ମହତ୍ତ୍ୱ ଦେଉଥିଲେ ।

ଓଡ଼ିଶାରେ କମ୍ୟୁନିଷ୍ଟମାନେ କଂଗ୍ରେସ ସୋସିଆଲିଷ୍ଟ ଦଳରେ ରହିବା ସତ୍ତ୍ୱେ ତା' ମଧ୍ୟରେ ଏକ ସ୍ୱତନ୍ତ୍ର ଗୋଷ୍ଠୀ କରିଥିଲେ । ନବଯୁଗ ସାହିତ୍ୟ ସଂସଦ ସେମାନଙ୍କ କର୍ତ୍ତୃତ୍ୱରେ ରହିଥିଲା । ଭଗବତୀ ଚରଣ ପାଣିଗ୍ରାହୀଙ୍କ ସଂପାଦନାରେ 'ଆଧୁନିକ' ନାମକ ଏକ ମାସିକ ପତ୍ରିକା ମଧ୍ୟ ୧୯୩୬-୩୭ରେ ସେମାନେ ପ୍ରକାଶ କରୁଥିଲେ । ସେମାନେ ନିଖିଳ ଓଡ଼ିଶା ଛାତ୍ର ସମ୍ମେଳନ ଗଢ଼ି ତାହାରି ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରୁଥିଲେ । ୧୯୩୭ରେ ସମ୍ମେଳନ ରାଜନୈତିକ ଦାବିମାନ ଉତ୍ଥାପନ କଲା । ୧୯୩୭ ଅଗଷ୍ଟ ୨୨ ତାରିଖରେ ଅନନ୍ତ ପଟ୍ଟନାୟକ ମହାତ୍ମାଗାନ୍ଧୀଙ୍କର ଦୃଢ଼ ସମାଲୋଚନା କରି ଲେଖିଥିଲେ ଯେ, ''ଗାନ୍ଧୀବାଦ ଯୁବ ସମାଜକୁ ଦୁର୍ବଳ କରି ଦେଇଛି । ନଚେତ୍ ସ୍ପେନ୍ ତଥା ଜାପାନରେ ଯୁବ ସମାଜ ବର୍ତ୍ତମାନ ଯେପରି କାର୍ଯ୍ୟ କରୁଛି, ଆମେ ମଧ୍ୟ ସେପରି କରିପାରନ୍ତୁ । ଗୁଳିଗୋଳା ତଥା ରକ୍ତପାତ ବ୍ୟତୀତ କୌଣସି ଦେଶରେ ସ୍ୱାଧୀନତା ସମ୍ଭବ ନୁହେଁ ।'' ସେ ଛାତ୍ର ସମାଜକୁ ଅସ୍ତ୍ର ଶିକ୍ଷା କରି ଏପରି ଏକ ପରିସ୍ଥିତି ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ, ଯଦ୍ଦ୍ୱାରା ଇଂରେଜ ସରକାରର ପତନ ନିଶ୍ଚିତ ହେବ । କମ୍ୟୁନିଷ୍ଟ ବିଚାରର ଏକ ପ୍ରମୁଖ ସ୍ଥଳୀ ଥିଲା କଟକର ରେଭେନ୍ସା କଲେଜ । 'ଦେଶକଥା' ଜୁଲାଇ ୧୯୩୮ ରେ ତାଚ୍ଛଲ୍ୟ କରି ଲେଖିଥିଲା, ''କିଛି ଦିନ ମଧ୍ୟରେ ରେଭେନ୍ସା ମହାବିଦ୍ୟାଳୟ ସୋଭିଏତ୍ ରାଷ୍ଟ୍ରରେ ପରିଣତ ହେବ । ତା'ପାଇଁ ପୁରୁଷ ଓ ନାରୀ ରୁଷୀୟମାନେ ଏବେଠାରୁ ପ୍ରଚାରରେ ଲାଗିଛନ୍ତି । **....**ସେମାନଙ୍କ ମତକୁ ଯିଏ ବିରୋଧ କରନ୍ତି, ସେ ପ୍ରତିକ୍ରିୟାଶୀଳ ବୋଲି ଅଭିହିତ ହୁଅନ୍ତି ।''

୧୯୩୮ ମସିହା ବେଳକୁ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟଙ୍କ ମଧ୍ୟରେ ମତ ପାର୍ଥକ୍ୟ ଅଧିକ ହେଲା । କମ୍ୟୁନିଷ୍ଟମାନେ ଗାନ୍ଧିଜୀଙ୍କ ନେତୃତ୍ୱ, ଦେଶର ସ୍ୱାଧୀନତା ସଂଗ୍ରାମକୁ ଦୁର୍ବଳ କରୁଛି ବୋଲି ଅଭିଯୋଗ କଲେ । କଂଗ୍ରେସ ମନ୍ତ୍ରିମଣ୍ଡଳର ମନ୍ତ୍ରୀମାନଙ୍କୁ ଅନନ୍ତ ପଟ୍ଟନାୟକ ପୁଞ୍ଜିବାଦୀ ଆଖ୍ୟା ଦେଇ ସୋସିଆଲିଷ୍ଟମାନଙ୍କ ତୁଳନାରେ ଏକ ଉଗ୍ରତର କଂଗ୍ରେସ ବିରୋଧୀ ଚିନ୍ତାଧାରା ପ୍ରକଟ କଲେ । ସେମାନେ କଂଗ୍ରେସ ସୋସିଆଲିଷ୍ଟ ଦଳର ନେତା ଭାବରେ ନବକୃଷ୍ଣ ଚୌଧୁରୀଙ୍କ ସ୍ଥାନରେ ଜଣେ କମ୍ୟୁନିଷ୍ଟଙ୍କୁ ସ୍ଥାପିତ କରିବାକୁ ପ୍ରୟାସ କରୁଥିଲେ । ୧୯୩୯ ମସିହା ମେ ମାସରେ କମ୍ୟୁନିଷ୍ଟ ଛାତ୍ର ନେତା ବୈଦ୍ୟନାଥ ରଥ ଏ ସଂପର୍କରେ ଚିଠି ମଧ୍ୟ ଲେଖିଥିଲେ ।

୧୯୩୯ ମେ' ମାସରେ ମହାତ୍ମାଗାନ୍ଧୀଙ୍କ ସହ ମତ ପାର୍ଥକ୍ୟଯୋଗୁଁ ସୁଭାଷ ବୋଷ ଫରୱାର୍ଡ଼ ବ୍ଲକ୍ ନାମରେ ଏକ ନୂଆ ପାର୍ଟି ଗଠନ କଲେ । ଏହା ସ୍ୱାଧୀନତାପାଇଁ ଶୀଘ୍ର ଏକ ବଡ଼ ଧରଣର ଆନ୍ଦୋଳନ ହେବା କଥା ବୋଲି ଯୁକ୍ତି ବାଢ଼ୁଥିଲା । କଂଗ୍ରେସ ଦଳର ବାମପନ୍ଥୀ ପ୍ରଗତିଶୀଳ ଗୋଷ୍ଠୀ ଫରୱାର୍ଡ଼ ବ୍ଲକ୍‌ର ନିକଟତର ହେବାକୁ ଲାଗିଲେ । କମ୍ୟୁନିଷ୍ଟମାନେ ନିଜ ଗାନ୍ଧୀ ବିରୋଧୀ ସ୍ୱଭାବଯୋଗୁଁ ଏହି ଦଳକୁ ଆରମ୍ଭରେ ଦୃଢ଼ ସମର୍ଥନ ଜଣାଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଓଡ଼ିଶା କଂଗ୍ରେସର ଏକ ରକ୍ଷଣଶୀଳ ଗୋଷ୍ଠୀ ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ରଙ୍କ ନେତୃତ୍ୱରେ ଏହି ଦଳକୁ ସମର୍ଥନ ଦେଲେ । ଜନ ସମର୍ଥନପାଇଁ ସୁଭାଷ ବୋଷ ପୁରୀକୁ ଆସିଥିଲେ । ତାଙ୍କୁ ନୀଳକଣ୍ଠ ଦାସ ଆଦି ଖୋଲାଖୋଲି ସାହାଯ୍ୟ କରୁଥିଲେ । ଫଳରେ କମ୍ୟୁନିଷ୍ଟମାନେ ଫରୱାର୍ଡ଼ ବ୍ଲକ୍‌ରୁ ଦୂରେଇ ରହିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୁଭାଷ ବୋଷ ପୁଣି ଭାରତରୁ ଚାଲିଯାଇ ନାଜୀ ଜର୍ମାନୀର ସମର୍ଥନ ଲୋଡ଼ିଲେ । ଅନ୍ୟ ପକ୍ଷରେ ଜୁନ୍ ୧୯୩୯ରେ ନାଜି ଜର୍ମାନୀ ପକ୍ଷରୁ ସୋଭିଏତ ରୁଷ ଉପରେ ଆକ୍ରମଣ ହେଲା । ଏହା ପରେ କମ୍ୟୁନିଷ୍ଟମାନେ ସୁଭାଷ ବୋଷ ଓ ଫରୱାର୍ଡ଼ ବ୍ଲକ୍‌କୁ ଆଉ ମିତ୍ର ମଣିଲେ ନାହିଁ ।

ଉପସଂହାରରେ ଏତିକି କହିବା ଯଥେଷ୍ଟ ହେବ ଯେ, ୧୯୩୦ ଦଶକର ଇତିହାସ ଓଡ଼ିଶାପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ପ୍ରଜାମଣ୍ଡଳ ଆନ୍ଦୋଳନ, ମନ୍ତ୍ରିମଣ୍ଡଳ ଗଠନ ଏବଂ ଆଇନ ଅମାନ୍ୟ ମାଧ୍ୟମରେ ଲବଣ ସତ୍ୟାଗ୍ରହ, ଆଦି ଘଟନା ଓଡ଼ିଶାର ଜନଜୀବନକୁ ରାଜନୈତିକ କଲା ଯେତିକି, ଇଂରେଜ ଉପନିବେଶବାଦର ବିରୋଧୀ କଲା ସେତିକି । ଏହି କାଳାଂଶରେ ଗୋଟିଏ ପଟେ ପ୍ରଗତିଶୀଳ ଗୋଷ୍ଠୀ ସାଧାରଣ ପ୍ରଜାର ପକ୍ଷ ନେଇ ବିଶ୍ୱସ୍ତରର ମାର୍କସବାଦୀ ଆନ୍ଦୋଳନ ସହ ନିଜକୁ ଯୋଡ଼ିବାକୁ ପ୍ରୟାସ କଲେ । ଅନ୍ୟ ପକ୍ଷରେ, ଅନେକ ପ୍ରାକ୍ତନ ଲଢ଼ୁଆ କଂଗ୍ରେସ ନେତା କ୍ଷମତା ଲୋଭର ଶିକାର ହୋଇ ଗୋଷ୍ଠୀ କନ୍ଦଳରେ ଜଡ଼ିତ ରହିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଶାସକ ଦଳଗୁଡ଼ିକ ଯେଉଁସବୁ ସ୍ତରରେ କ୍ଷମତା ରାଜନୀତିର ଶିକାର ହେଲେ, ତା'ର ଏକ ବୀଜ ରୂପ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳରେ ଦେଖିବାକୁ ମିଳିଲା । କଂଗ୍ରେସ ଦଳ ୧୯୩୯ ନଭେମ୍ବରରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲା । ପରେ କେତେକ କଂଗ୍ରେସ ନେତା ସରକାରର ପକ୍ଷ ନେଲେ ଏବଂ ମିଳିତ ମନ୍ତ୍ରିମଣ୍ଡଳ ଗଠନ କଲେ । ଅର୍ଥାତ୍ ଏହି ସମୟରେ ଯେତେବେଳେ କଂଗ୍ରେସ ଦଳ ଏକ ବ୍ୟାପକ ଗଣ ଆନ୍ଦୋଳନର ମୂର୍ତ୍ତି ରୂପ ନେଲା, ସେତେବେଳେ ଏହାର କେତେକ ନେତା ଦଳ ତ୍ୟାଗ କରି କ୍ଷମତାର ଅଂଶୀଦାର ହେବାକୁ ପ୍ରୟାସ କଲେ । ସାମନ୍ତବର୍ଗ ଓ ଇଂରେଜ ସରକାର ସହ ସେମାନଙ୍କର ଏଣିକି ମିତ୍ରତା ବୃଦ୍ଧି ପାଇଲା । ଏହା ବିଶ୍ଳେଷଣ କରି ଦେଖିଲେ ଜାତୀୟତାବାଦୀ ରାଜନୀତିର ଅନ୍ତର୍ଦ୍ୱନ୍ଦ୍ୱକୁ ଦେଖାଏ । ମାତ୍ର ଏହା ଥିଲା ସେତେବେଳର ରାଜନୈତିକ ବାସ୍ତବିକତା ।

■ ■ ■

# ଅଗଷ୍ଟ ବିପ୍ଳବ

୧୯୪୨ ମସିହା ଅଗଷ୍ଟ ୯ ତାରିଖରୁ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେଲା । ସେଥିପାଇଁ ଏହାକୁ ଅଗଷ୍ଟ ବିପ୍ଳବ ନାମରେ ଲୋକେ ଜାଣନ୍ତି । ଏହା ଥିଲା ଇଂରେଜ ସରକାର ବିରୁଦ୍ଧରେ ଜାତୀୟ କଂଗ୍ରେସର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟର ଗଣ ଆନ୍ଦୋଳନ । ଊନବିଂଶ ଶତାବ୍ଦୀର ଶେଷ ତିନି ଦଶନ୍ଧିରେ ଶିକ୍ଷିତ ବୁଦ୍ଧିଜୀବୀଙ୍କ ମଧ୍ୟରେ ଏକ ରାଜନୈତିକ ସଚେତନତା ରୂପରେ ଆରମ୍ଭ ହୋଇଥିବା ଜାତୀୟତା ଆନ୍ଦୋଳନ, ୧୯୪୨ ମସିହା ବେଳକୁ ବ୍ୟାପକ ଗଣ ବିପ୍ଳବର ରୂପ ନେଲା । ଆଦିବାସୀ, ଚାଷୀ, ମୂଲିଆଙ୍କଠାରୁ ଆରମ୍ଭ କରି ସହରର ଶ୍ରମିକ, ଛାତ୍ର, ବୁଦ୍ଧିଜୀବୀ ଆଦି ସମସ୍ତ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ । ଆନ୍ଦୋଳନର ଏହି ସୁଦୂରପ୍ରସାରୀ ଭାବକୁ ଦୃଷ୍ଟିରେ ରଖି ଲୋକେ ଏହାକୁ ବିପ୍ଳବ ବୋଲି କହିଥାନ୍ତି । ସମଗ୍ର ଦେଶରେ ଏହା ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଆରମ୍ଭ ହେବାର ପାଞ୍ଚ ବର୍ଷ ଭିତରେ ଇଂରେଜ ସରକାରକୁ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟ କରିଥିଲା ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଗୋଟିଏ ପକ୍ଷରେ ଇଂଲଣ୍ଡ ଓ ଫ୍ରାନ୍ସର ନେତୃତ୍ୱରେ ଥିଲେ ମିତ୍ରଶକ୍ତି ଏବଂ ଅନ୍ୟ ପକ୍ଷରେ ଥିଲେ ଜର୍ମାନୀ, ଇଟାଲି ଓ ଜାପାନର ଫାସୀବାଦୀ ଶକ୍ତିକୁ ନେଇ ଅକ୍ଷଶକ୍ତି । ଫାସୀବାଦୀ ଥିଲେ ଇଂରେଜ ସରକାର ଅପେକ୍ଷା ଅଧିକ ଧ୍ୱଂସାତ୍ମକ ଓ ମାନବତାବିରୋଧୀ । ଇଂରେଜମାନଙ୍କପାଇଁ ଅଧିକ ସମସ୍ୟା ସୃଷ୍ଟି କରିବା ଅର୍ଥ ଫାସୀବାଦକୁ ପ୍ରକାରାନ୍ତରେ ସହଯୋଗ କରିବା ହେବ ବୋଲି ମନେ କରି ଗାନ୍ଧୀ ଓ ଅନ୍ୟ କଂଗ୍ରେସ ନେତୃତ୍ୱ ତୃତୀୟ ଓ ଅନ୍ତିମ ପର୍ଯ୍ୟାୟର ଗଣ ସଂଗ୍ରାମକୁ କିଛି ସମୟପାଇଁ ଟାଳିବାକୁ ଚାହୁଁଥିଲେ । ଅନ୍ୟ ପକ୍ଷରେ ଗଣସଂଗ୍ରାମର ଡାକରା ଦେବାପାଇଁ ନେତୃତ୍ୱ ଉପରେ ଲୋକଙ୍କର ଚାପ ପଡୁଥିଲା । ଲୋକଙ୍କ ଦୃଷ୍ଟିରେ ଶତ୍ରୁ ବିପଦରେ ପଡ଼ିଥିବା ବେଳେ ତାକୁ ପରାସ୍ତ କରିବା ସହଜ । ତେଣୁ ବଡ଼ ଧରଣର ଏକ ଆନ୍ଦୋଳନ ଆରମ୍ଭ ହେବା କଥା । କଂଗ୍ରେସ ନେତୃତ୍ୱ ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ଏବଂ ବାମପନ୍ଥୀମାନେ ମଧ୍ୟ ଆନ୍ଦୋଳନ ଆରମ୍ଭ କରିବାକୁ ଯୁକ୍ତି ବାଢୁଥିଲେ । ଇଂରେଜ

ସରକାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କଂଗ୍ରେସ ପ୍ରତି ନମନୀୟ ହୋଇ ଭାରତୀୟମାନଙ୍କ ସହଯୋଗ ଲୋଡ଼ିବା କଥା । ମାତ୍ର ତାହା କରୁ ନଥିଲେ । ପ୍ରାଦେଶିକ ମନ୍ତ୍ରିମଣ୍ଡଳଗୁଡ଼ିକର ବିନା ପରାମର୍ଶରେ ଭାରତକୁ ଯୁଦ୍ଧରେ ମିତ୍ର ପକ୍ଷର ସମର୍ଥନରେ ସାମିଲ୍ କରିଦେଲେ । ଏହାର ପ୍ରତିବାଦ କରି ୧୯୩୯ ନଭେମ୍ବରରେ କଂଗ୍ରେସର ମନ୍ତ୍ରିମଣ୍ଡଳଗୁଡ଼ିକ ସରକାରରୁ ଇସ୍ତଫା ଦେଲେ, ଯାହା ପୂର୍ବରୁ ଆଲୋଚିତ ହୋଇ ସାରିଛି ।

ଏହିଭଳି ପରିସ୍ଥିତିରେ ଜାତୀୟ କଂଗ୍ରେସ ଓ ତା'ର ନେତୃତ୍ୱରେ ଥିବା ମହାତ୍ମାଗାନ୍ଧୀଙ୍କ ପାଇଁ ଆନ୍ଦୋଳନକୁ ନେଇ ନିଷ୍ପତ୍ତି ନେବା କଠିନ ହୋଇ ପଡ଼ିଲା । ୧୯୪୦ ମସିହାରେ ଗାନ୍ଧି ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ । କର୍ମୀମାନଙ୍କ ମନୋବଳକୁ ଅତୁଟ ରଖିବା ସକାଶେ ଏହା ଥିଲା ଏକ ସୀମିତ ଆନ୍ଦୋଳନ । ୧୯୪୨ ଏପ୍ରିଲ୍‌ରେ ସରକାର ଯୁଦ୍ଧରେ କଂଗ୍ରେସର ସହଯୋଗପାଇଁ କ୍ରିପ୍‌ସ୍ ମିଶନକୁ ଭାରତ ପ୍ରେରଣ କଲେ । ସାର ଷ୍ଟାଫୋର୍ଡ଼ କ୍ରିପ୍ସଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ମିଶନ ଭାରତର ସ୍ୱାଧୀନତାପାଇଁ କୌଣସି ଠୋସ୍ ପଦକ୍ଷେପକୁ ସ୍ୱୀକାର କଲା ନାହିଁ । ଫଳରେ କଂଗ୍ରେସ ତାକୁ ଅଗ୍ରାହ୍ୟ କଲା । ଏଥିରୁ ଆହୁରି ମଧ୍ୟ ସ୍ପଷ୍ଟ ହେଲା ଯେ, ଇଂରେଜମାନେ ଫାସୀବାଦର ଆକ୍ରମଣ ସତ୍ତ୍ୱେ ଭାରତର ଦାବିକୁ ମାନିନେଇ ପ୍ରକୃତ ସହଯୋଗ ପାଇବା ଲକ୍ଷ୍ୟରେ ନାହାନ୍ତି । ସରକାରର ଅନମନୀୟତା ଲୋକଙ୍କୁ ଅଧିକ ଉଗ୍ର କଲା । ଅନ୍ୟ ପକ୍ଷରେ ଯୁଦ୍ଧଯୋଗୁଁ ଦରଦାମ ବୃଦ୍ଧି ମଧ୍ୟ ଲୋକଙ୍କୁ ସରକାର ବିରୋଧୀ କଲା । ଏସବୁ ବ୍ୟତୀତ ଯୁଦ୍ଧରେ ଦକ୍ଷିଣ ପୂର୍ବ ଏସିଆରେ ଜାପାନର ଆଶୁ ସଫଳତା ଓ ବ୍ରିଟିଶ୍‌ର ତୀବ୍ର ବିଫଳତାରୁ ମନେ ହେଲା ଯେ ଇଂରେଜ ସରକାର ଯେ କୌଣସି ସମୟରେ ଭାରତରେ ଜାପାନ ଆକ୍ରମଣର ସମ୍ମୁଖୀନ ହେବ ଏବଂ ତାକୁ ପ୍ରତିହତ କରି ନପାରି ଜାପାନ ଭଳି ଏକ ଫାସୀବାଦୀ ଶକ୍ତି ହାତରେ ଦେଶକୁ ଛାଡ଼ି ପଳାଇବ । ମାଳୟ ଓ ବର୍ମାରେ ବ୍ରିଟିଶ୍‌ମାନେ ପରାଜୟର ସମ୍ମୁଖୀନ ହୋଇ ସାରିଥିଲେ । ୧୯୪୩ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ମଧ୍ୟ ବ୍ରିଟିଶ୍ ହାତରୁ ଜାପାନ ହାତକୁ ଚାଲିଗଲା । ଏହି ସ୍ଥିତିରେ ଉଭୟ ଇଂରେଜ ଉପନିବେଶବାଦ ଓ ଜାପାନୀ ସାମରିକ ଫାସୀବାଦରୁ ଦେଶକୁ ସୁରକ୍ଷିତ କରିବାନିମିତ୍ତ ଏକ ବ୍ୟାପକ ଗଣ ଆନ୍ଦୋଳନ ଆରମ୍ଭ କରିବାକୁ ଗାନ୍ଧୀ ନିଷ୍ପତ୍ତି ନେଲେ ।

୧୯୪୨ ଜୁଲାଇ ୧୪ ତାରିଖ ଦିନ ଓ୍ୱାର୍ଦ୍ଧାଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହେଲା । ତହିଁରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କରିବାକୁ ସ୍ଥିର କରାଗଲା । ୧୯୪୨ ଅଗଷ୍ଟ ୮ ତାରିଖ ଦିନ ମୁମ୍ବାଇ(ବମ୍ବେ)ର ଗୋଓ୍ୱାଲିଆଟେଙ୍କଠାରେ ଅଖିଳ ଭାରତ କଂଗ୍ରେସ କମିଟିର ବୈଠକରେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଗଲା । ବୈଠକସ୍ଥଳୀ ସମ୍ମୁଖରେ ଏକତ୍ରିତ ଜନ ସମାଗମରୁ ସ୍ପଷ୍ଟ ହେଲା ଯେ, ଆଗତ ଗଣ-ଆନ୍ଦୋଳନର ପ୍ରଭାବ ଦୀର୍ଘସ୍ଥାୟୀ ଓ ସୁଦୂରପ୍ରସାରୀ ହେବ ।

ଅଗଷ୍ଟ ବିପ୍ଳବକୁ ମୂଳରୁ ଦମନ କରିବା ସକାଶେ ସରକାର ସମସ୍ତ ବନ୍ଦୋବସ୍ତ କରିଥିଲେ । ବମ୍ବେରେ ଏକତ୍ରିତ କଂଗ୍ରେସର ନେତୃବର୍ଗଙ୍କୁ ୯ ତାରିଖ ବେଳକୁ ଗିରଫ କରାଗଲା ଏବଂ ଅଜଣା ସ୍ଥାନମାନଙ୍କରେ ଅଟକ ରଖାଗଲା । କଂଗ୍ରେସକୁ ନିଷିଦ୍ଧ ଘୋଷଣା କରାଗଲା । କଂଗ୍ରେସକୁ

ବଦନାମ କରିବାପାଇଁ ତଥା ସରକାରୀ ଦମନକୁ ଯୁକ୍ତିସିଦ୍ଧ କରିବାପାଇଁ ସରକାର କଂଗ୍ରେସ ବିରୁଦ୍ଧରେ ନାନା ଅଭିଯୋଗ ଆଣିଲେ । ତହିଁରେ କଂଗ୍ରେସର ସମାନ୍ତରାଳ ସରକାର ଗଠନ କରିବା, ବ୍ରିଟିଶ୍ ବ୍ୟକ୍ତିମାନଙ୍କୁ ସାମାଜିକ ବାସନ୍ଦ କରିବା, ଗାନ୍ଧିଙ୍କର ନିଜକୁ ବିଦ୍ରୋହୀ ଓ ବ୍ରିଟିଶ୍ ନାଗରିକତାକୁ ତ୍ୟାଗ କରିବା ନେଇ ଘୋଷଣା କରିବା, ରାସ୍ତାର ପୋଲ ଭାଙ୍ଗିବା, ସରକାରୀ କର୍ମଚାରୀମାନଙ୍କୁ ଚାକିରିରୁ ଇସ୍ତଫା ଦେବାକୁ ପ୍ରବର୍ତ୍ତାଇବା, ରେଳ ଚଳାଚଳରେ ପ୍ରତିବନ୍ଧକ ସୃଷ୍ଟି କରିବା, ଟେଲିଗ୍ରାଫ୍ ଯୋଗାଯୋଗରେ ବାଧା ଉତ୍ପନ୍ନ କରିବା, ବିନା ଟିକଟରେ ରେଳ ଯାତ୍ରା କରିବା ଆଦି ଉଲ୍ଲେଖ ଥିଲା । ସରକାରଙ୍କ ଅଭିଯୋଗ ଯେତେବେଳେ ଲୋକଲୋଚନକୁ ଆସିଲା, ଲୋକ ସେସବୁକୁ କଂଗ୍ରେସର ଉଦ୍ଦେଶ୍ୟ ମନେକରି କାର୍ଯ୍ୟକାରୀ କରିବାକୁ ଲାଗିଲେ । ଫଳରେ ଅଗଷ୍ଟ ବିପ୍ଳବ ହିଂସାତ୍ମକ ରୂପ ନେଲା । କଂଗ୍ରେସର ନେତୃବୃନ୍ଦ ଗିରଫ ହୋଇ ଥିବାରୁ ଲୋକଙ୍କୁ ଏସବୁ କାର୍ଯ୍ୟରୁ ବାରଣ ସୁଦ୍ଧା କରାଯାଇ ପାରିଲା ନାହିଁ । ଅଗଷ୍ଟ ପ୍ରସ୍ତାବର ଆଲୋଚନା ବେଳେ ବ୍ୟାପକ ଦମନର ଆଶଙ୍କା କରି ଗାନ୍ଧୀ ସୁସ୍ପଷ୍ଟ କରିଥିଲେ ଯେ 'କର ବା ମର' ହେବ ଏହି ବିପ୍ଳବର ମୂଳମନ୍ତ୍ର । ଦମନଯୋଗୁଁ ଯଦି କଂଗ୍ରେସ ଲୋକଙ୍କ ପାଖରେ ପହଞ୍ଚିବାକୁ ଅସମର୍ଥ ହୁଏ, ତେବେ ପ୍ରତ୍ୟେକ ସ୍ୱାଧୀନତାକାମୀ ନିଜେ ନିଜର ପଥ ପ୍ରଦର୍ଶକ ହେବେ । ଗାନ୍ଧୀଙ୍କର ଏହି ନିର୍ଦ୍ଦେଶ ଲୋକଙ୍କୁ ନିଜ ନିଜ ମତେ ଆନ୍ଦୋଳନର ପନ୍ଥା ନିର୍ଦ୍ଧାରଣ କରିବାକୁ ଅବସର ଦେଲା । ଏହା ଫଳରେ ଅଗଷ୍ଟ ବିପ୍ଳବ ଆଉ ଅହିଂସ ରହିପାରିଲା ନାହିଁ । ଲୋକ ପୋଷ୍ଟ ଅଫିସ୍ ଲୁଟି ନେଲେ, ରେଳଧାରଣା ଉପାଡ଼ି ଦେଲେ, ଟେଲିଗ୍ରାଫ୍ ତାର କାଟି ନେଲେ, ସରକାରୀ ଅଫିସ୍‌ଗୁଡ଼ିକ ଉପରେ ଆକ୍ରମଣ କଲେ ତଥା ବିଭିନ୍ନ ସ୍ଥାନରେ ସମାନ୍ତରାଳ ସରକାର ଗଠନ କଲେ । ଅଳ୍ପ ସମୟ ମଧ୍ୟରେ 'ଭାରତ ଛାଡ଼ ଆନ୍ଦୋଳନ' ଏକ ବ୍ୟାପକ ବିପ୍ଳବର ରୂପ ନେଲା ।

ଦେଶର ଅନ୍ୟ ପ୍ରଦେଶଗୁଡ଼ିକ ଭଳି ଓଡ଼ିଶାରେ ମଧ୍ୟ ୯ ଅଗଷ୍ଟ ପ୍ରତ୍ୟୁଷରେ ଅଧିକାଂଶ କଂଗ୍ରେସ ନେତାଙ୍କୁ ଗିରଫ କରାଗଲା । ଏହି ନେତାଙ୍କ ମଧ୍ୟରେ ଥିଲେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମାଦେବୀ, ଭାଗୀରଥି ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ପ୍ରାଣକୃଷ୍ଣ ପଡ଼ିଆରୀ, ମଦନ ମୋହନ ପଟ୍ଟନାୟକ, ସଦାଶିବ ତ୍ରିପାଠୀ, ରାଧାକୃଷ୍ଣ ବିଶ୍ୱାସରାୟ, ମନମୋହନ ଚୌଧୁରୀ, ରାଧାନାଥ ରଥ, ଆଚାର୍ଯ୍ୟ ହରିହର ଦାସ, ଲୋକନାଥ ମିଶ୍ର, ସୁଧୀର ଘୋଷ, ନୀଳାମ୍ବର ଦାସ ଓ ମହମ୍ମଦ ଅଟ୍ଟର । ସେହିଦିନ (୯ ଅଗଷ୍ଟ ୧୯୪୨) ସରକାରୀ ଗେଜେଟରେ କଂଗ୍ରେସର ୩୮ ଟି କାର୍ଯ୍ୟାଳୟକୁ ବେଆଇନ୍ ଘୋଷଣା କରାଗଲା ଏବଂ ସେଗୁଡ଼ିକର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଗଲା । ଏହା ପରେ ଆନ୍ଦୋଳନ ଆଉ ବଡ଼ ନେତାଙ୍କ ନିୟନ୍ତ୍ରଣରେ ରହିଲା ନାହିଁ । ବିଶେଷକରି ଯୁବକର୍ମୀ ଓ ଛାତ୍ର, ଆଦିବାସୀ ଓ ସାଧାରଣ କର୍ମୀ ଏଣିକି ଆନ୍ଦୋଳନକୁ ପରିଚାଳନା କଲେ । ଫଳରେ ଅଗଷ୍ଟ ବିପ୍ଳବ ହିଂସ୍ର ହେବାକୁ ଅବସର ପାଇଲା ।

ବମ୍ବେର କଂଗ୍ରେସ ବୈଠକରେ ଓଡ଼ିଶାରୁ ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ପ୍ରହଲ୍ଲାଦ ରାୟ ଲାଠ ଓ ଲକ୍ଷ୍ମୀ ନାରାୟଣ ମିଶ୍ର ରାଜ୍ୟ ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ଅଗଷ୍ଟ ୧୧ ଓ ୧୨ ବେଳକୁ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ମାଳତୀ ଦେବୀ କଟକ

ଫେରିଆସିବା ପରେ ଏକ ଗୁପ୍ତ ସଂଗଠନ ଭାବରେ ସେମାନେ କଂଗ୍ରେସର କାର୍ଯ୍ୟ ଆରମ୍ଭ କଲେ । କଂଗ୍ରେସ ବାର୍ତ୍ତା ଓ ସତ୍ୟ ସମ୍ବାଦ ନାମକ ବୁଲେଟିନ୍ ବାହାର କରି ସୁରେନ୍ଦ୍ରନାଥ ଦ୍ୱିବେଦୀ ସେଗୁଡ଼ିକୁ କଲେଜ ଛାତ୍ରମାନଙ୍କ ହାତରେ ବିଭିନ୍ନ ସ୍ଥାନକୁ ପ୍ରେରଣ କଲେ । ମଥୁରାନନ୍ଦ ସାହୁ ଓ ଗୌରଚନ୍ଦ୍ର ଦାସ ଥିଲେ ତାଙ୍କର ପ୍ରଧାନ ସହଯୋଗୀ । ବୁଲେଟିନ୍ ମାଧ୍ୟମରେ ଜିଲ୍ଲାମାନଙ୍କରେ ଗୁପ୍ତ ସଂଗଠନ ସ୍ଥାପନ କରିବାକୁ ତଥା ଗିରଫ ନ ହୋଇ 'ଅଣ୍ଡରଗ୍ରାଉଣ୍ଡ'ରେ ଥିବା କର୍ମୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବାକୁ ଉଦ୍ୟମ କରାଯାଉଥିଲା । ଏହାଛଡ଼ା ଛାତ୍ର, ବ୍ୟବସାୟୀ, ପୋଲିସ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ବିପ୍ଲବରେ ଯୋଗଦେବାକୁ ପ୍ରେରଣା ଦିଆଯାଉଥିଲା । ଆଜାଦ ପଞ୍ଚାୟତ ଗଢ଼ି ତାହାରି ମାଧ୍ୟମରେ ଆପୋସରେ କଳି, ଗଣ୍ଡଗୋଳକୁ ସମାଧାନ କରିବାକୁ ତଥା ସରକାରୀ ତହସିଲ୍‌ରେ ଖଜଣା କିମ୍ବା ଜୋରିମାନା ନ ଦେବାକୁ ଏଥିରେ ପରାମର୍ଶ ଦିଆଯାଉଥିଲା । କେତେକ ସ୍ଥଳରେ ବିପ୍ଲବ-ବିରୋଧୀଙ୍କୁ ଗୁପ୍ତ ସଂଗଠନ ଧମକପୂର୍ଣ୍ଣ ଚିଠି ମଧ୍ୟ ଦେଉଥିଲା । ପୋଲିସକୁ ନିରସ୍ତ୍ର କରିବା ସକାଶେ ମଧ୍ୟ ଏଥିରେ ପରାମର୍ଶ ଦିଆ ଯାଉଥିଲା ।

'ଭାରତର ସ୍ୱାଧୀନତାପାଇଁ ଶେଷ ବିପ୍ଲବ' ନାମକ ଏକ ବୁଲେଟିନ୍‌ରେ ଉଲ୍ଲେଖ ଥିଲା -

''ବନ୍ଧୁଗଣ ! ଇଂରେଜକୁ ଛାଡ଼ନାହିଁ । ଏତେ ଦିନ ଧରି ଯେ ଆମ ରକ୍ତ ଶୋଷି ଚାଲିଥିଲେ, ଅତି କମ୍‌ରେ ଥରୁଟିଏ ଭାରତରେ ସେମାନଙ୍କ ରକ୍ତପାତ ହେଉ । ଆଉ ସମୟ ନାହିଁ । ସମସ୍ତେ ଜାଗ୍ରତ ହୁଅ । ସବୁ ସରକାରୀ କାର୍ଯ୍ୟାଳୟକୁ ଜାଳିଦିଅ । ଟେଲିଫୋନ୍ ଓ ବିଜୁଳି ତାରକୁ କାଟି ପକାଅ । ରାଜକୋଷ ଲୁଟି ନେଇ ଗରିବଙ୍କ ମଧ୍ୟରେ ବାଣ୍ଟିଦିଅ । ...ରାତିରେ ଗୋରା ସାହେବଙ୍କ ଉପରେ ଅତର୍କିତ ଆକ୍ରମଣ କର ।''

କଟକବାସୀଙ୍କୁ ସଂବୋଧନ କରି ଅନ୍ୟ ଏକ ବୁଲେଟିନ୍‌ରେ ଲେଖାଥିଲା, ''ହେ କଟକବାସୀ! ତୁମେ କ'ଣ ଏହି ମହାନ ସଂକଳ୍ପରୁ ଦୂରେଇ ରହିବ ? ଆଉ ବିଳମ୍ବ ନ କରି ସାହସ ଓ ଦମ୍ଭର ସହିତ ଏହି ପ୍ରବଳ ସ୍ରୋତରେ ଝାସ ଦିଅ । ସରକାରୀ କଳକୁ ଅଚଳ କରିଦିଅ । ପୋଲିସ୍ ଷ୍ଟେସନ, କଚେରି ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର କାଗଜପତ୍ରକୁ ପୋଡ଼ିଦିଅ । ଟେଲିଗ୍ରାଫ୍ ଓ ଟେଲିଫୋନ୍ ଖୁଣ୍ଟଗୁଡ଼ିକୁ ଉପାଡ଼ି ପକାଅ । ରେଳ ଷ୍ଟେସନକୁ ଧ୍ୱଂସ କର । ଶତ୍ରୁର ଦାସତ୍ୱର ବେଡ଼ିରୁ ପୋଲିସ୍, ଡେପୁଟି ମାଜିଷ୍ଟ୍ରେଟ୍ ଓ କିରାଣି ଭାଇମାନଙ୍କୁ ମୁକୁଳେଇ ଦିଅ । ସରକାରର ସାହାଯ୍ୟକାରୀମାନଙ୍କୁ କିଛି ବିକ୍ରୀ କରନାହିଁ । ମଫସଲରେ ଆନ୍ଦୋଳନକୁ ବିସ୍ତାରିତ କର ।''

ବୁଲେଟିନ୍‌ଗୁଡ଼ିକରେ ସରକାରୀ କର୍ମଚାରୀ, ପୋଲିସ ଏବଂ ଜନସାଧାରଣଙ୍କୁ ମଧ୍ୟ ବହୁ ସଂଖ୍ୟାରେ ବିପ୍ଲବରେ ଯୋଗ ଦେବାକୁ ଆହ୍ୱାନ କରାଯାଇଥିଲା । ବୁଲେଟିନ୍ ମାଧ୍ୟମରେ ବହୁ ଉତ୍ତେଜନାମୂଳକ ଲେଖା ପ୍ରକାଶିତ ହେଉଥିଲା । ଏସବୁ କାର୍ଯ୍ୟରେ ପରିଣତ ନହେଲେ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଓ କଟକ ଜିଲ୍ଲାର ଗୋବିନ୍ଦପୁର, ଏରସମା, ତିର୍ତ୍ତୋଲ୍ ଓ ଯାଜପୁରଠାରେ ଯେଉଁ ହିଂସାତ୍ମକ ଘଟଣାମାନ ଘଟିଥିଲା, ତହିଁରେ ତା'ର ଅନେକ ପ୍ରଭାବ ରହିଥିଲା । ସମଗ୍ର ପ୍ରଦେଶରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଆନ୍ଦୋଳନର ଶାଖା ଗଠନ କରିବାକୁ

ପ୍ରୟାସ କରିଥିଲେ । ମାତ୍ର, ମୁଖ୍ୟତଃ କଟକ ଓ ବାଲେଶ୍ୱର ଜିଲ୍ଲା ଯାଏଁ ତାଙ୍କର ଗତିବିଧି ସୀମିତ ଥିବା ମନେହୁଏ । ଆନ୍ଦୋଳନକୁ ବିସ୍ତାରିତ କରିବାନିମିତ୍ତ ଯେଉଁ ସଂଖ୍ୟାରେ କର୍ମୀମାନଙ୍କର ଆବଶ୍ୟକତା ଥିଲା, ତା'ର ଘୋର ଅଭାବ ରହିଥିଲା । ନିଜେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ମଧ୍ୟ ସେତେବେଳକୁ ଜଣେ ଆଗଧାଡ଼ିର ନେତା ନଥିଲେ । ଏହା ଗୁପ୍ତ ଆନ୍ଦୋଳନର ବ୍ୟାପ୍ତିରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଏସବୁ ସତ୍ତ୍ୱେ କଂଗ୍ରେସ ସଂଗଠନକୁ ତିଷ୍ଠି ରହିବାରେ ତାଙ୍କର ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । ଅକ୍ଟୋବର ୧୩ ତାରିଖରେ (୧୯୪୨) କଟକଠାରେ ତାଙ୍କୁ ପୋଲିସ ଗିରଫ କରିବା ପରେ 'ଅଣ୍ଡର ଗ୍ରାଉଣ୍ଡ' ବା ଭୂମିଗତ ଗୁପ୍ତ ଆନ୍ଦୋଳନ ଓଡ଼ିଶାରେ ଶେଷ ହୋଇ ଯାଇଥିଲା ।

ଓଡ଼ିଶାରେ ଅଗଷ୍ଟ ବିପ୍ଲବର ଏକ ବଡ଼ ବିଶେଷତ୍ୱ ହେଲା ଯେ, ୧୯୪୨ର ଅଗଷ୍ଟ ୯ରୁ ଆରମ୍ଭ ହୋଇ ସେହି ମାସ ଶେଷ ସୁଦ୍ଧା ଏହା ତୀବ୍ର ରୂପ ଧାରଣ କଲା ଏବଂ ତା' ସହିତ ଊଣାଅଧିକ ଅସ୍ତମିତ ମଧ୍ୟ ହେଲା । ସେପ୍ଟେମ୍ବର ମାସ ବେଳକୁ ଆନ୍ଦୋଳନାତ୍ମକ ଘଟଣାଗୁଡ଼ିକର ସଂଖ୍ୟା ଅନେକ ହ୍ରାସ ପାଇଥିଲା ଏବଂ ଅକ୍ଟୋବର ମାସରେ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଭୂମିଗତ ଗୁପ୍ତ ଆନ୍ଦୋଳନକୁ କେବଳ ଦେଖିବାକୁ ମିଳିଥିଲା । କିନ୍ତୁ ସେହି ଗୋଟାଏ ମାସ ମଧ୍ୟରେ ବଣନିଆଁ ଭଳି ଏହା ଏତେ ତୀବ୍ର ଗତିରେ ଚାରିଆଡ଼କୁ ବିସ୍ତାରିତ ହେଲା ଯେ, ଇଂରେଜ ସରକାର ଯେତେ ଶୀଘ୍ର ସମ୍ଭବ ଦେଶ ଛାଡ଼ି ଯିବାକୁ ନିଷ୍ପତ୍ତି ନେଲେ ।

## ରେଭେନ୍ସା ମହାବିଦ୍ୟାଳୟରେ ଧର୍ମଘଟ

ଓଡ଼ିଶାରେ ଅଗଷ୍ଟ ବିପ୍ଲବର ଆରମ୍ଭ ହେଲା କଟକ ସହରରେ ଏକ ଛାତ୍ର ଆନ୍ଦୋଳନ ରୂପରେ । ଅଗଷ୍ଟ ୯ ତାରିଖରେ ଶୀର୍ଷସ୍ତରୀୟ ନେତାମାନଙ୍କ ଗିରଫ ପରେ ଅଗଷ୍ଟ ୧୦,୧୧,୧୨ ତାରିଖରେ କଟକ ରେଭେନ୍ସା ମହାବିଦ୍ୟାଳୟର ଛାତ୍ରମାନେ ସଭା ଆୟୋଜନ କରି ତା'ର ପ୍ରତିବାଦ କଲେ । ଏହି ସଭାରେ ଭାଗୀରଥି ମିଶ୍ର, ଉପେନ୍ଦ୍ର ମହାନ୍ତି, ନୃସିଂହ ତ୍ରିପାଠୀ, ବୀରେନ୍ ମିତ୍ର, ଦୁର୍ଗାଚରଣ ମହାନ୍ତି, ମନମୋହନ ମିଶ୍ର, ରାମଚନ୍ଦ୍ର ଦାସ, ବିଜୟଚନ୍ଦ୍ର ଦାସ ଓ ବୈଦ୍ୟନାଥ ରଥ ଉଦ୍ୟୋକ୍ତା ତଥା ବକ୍ତା ଥିଲେ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଗିରଫ ମଧ୍ୟ କରାଗଲା । ସଭା ପରେ ରେଭେନ୍ସାରେ ଏବଂ ତା'ର ପ୍ରଭାବରେ ୧୩ ତାରିଖରୁ କଲିଜିଏଟ୍ ସ୍କୁଲ୍, ପ୍ୟାରୀମୋହନ ଏକାଡେମୀ ଓ ଭିକ୍ଟୋରିଆ ସ୍କୁଲ୍‌ରେ ଧର୍ମଘଟ ଆରମ୍ଭ ହେଲା । ପ୍ରାୟ ୨୦୦ କଲେଜ ଛାତ୍ର ୧୩ ଅଗଷ୍ଟ ଦିନ କଲେଜର କାର୍ଯ୍ୟାଳୟ ଓ ଲାବରେଟୋରୀରେ ଭଂଗାରୁଜା କଲେ । ଏହି ଘଟଣାରେ ବନମାଳୀ ପଟ୍ଟନାୟକ, ବୀରେନ ମିତ୍ର, ସୁରଜମଲ ଶାହ, ବିବୁଧେନ୍ଦ୍ର ମିଶ୍ର, ମାୟାଧର ମହାନ୍ତି ଓ ବିଜୟକେତନ ମଙ୍ଗରାଜ ଆଦି ସଂପୃକ୍ତ ବୋଲି ପୋଲିସ୍ ରିପୋର୍ଟ ଦେଲେ । ସୁରଜମଲ ଶାହ ଓ ବିବୁଧେନ୍ଦ୍ର ମିଶ୍ରଙ୍କୁ ଗିରଫ କରି ବ୍ରହ୍ମପୁର ସେଣ୍ଟ୍ରାଲ୍ ଜେଲ୍‌କୁ ପଠାଗଲା ।

ଧର୍ମଘଟଯୋଗୁଁ ରେଭେନ୍‌ସା ମହାବିଦ୍ୟାଳୟ ଦୀର୍ଘ ଦୁଇମାସ ପର୍ଯ୍ୟନ୍ତ ବନ୍ଦ ରହିଲା । କିଛି ଛାତ୍ର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସଂଯୋଜନାରେ ଚାଲିଥିବା ଭୂମିଗତ ଗୁପ୍ତ ଆନ୍ଦୋଳନରେ ମଧ୍ୟ ସଂପୃକ୍ତ ରହିଲେ । ରେଭେନ୍‌ସାରେ ସେମାନେ ସିକ୍ରେଟ୍ ନ୍ୟୁଜ୍ ସର୍ଭିସେସ୍ (ଏସ୍‌ଏନ୍‌ଏସ୍) ନାମରେ ଏକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ଆନ୍ଦୋଳନ ସଂପର୍କିତ ଖବରମାନ ପ୍ରସାର କରୁଥିଲେ । ଧର୍ମଘଟରେ ସଂଶ୍ଳିଷ୍ଟ ଛାତ୍ରନେତାଙ୍କୁ ପ୍ରିନ୍‌ସିପାଲ୍ କଲେଜରୁ ବହିଷ୍କାର କରି ତଥା ଅନ୍ୟ ଛାତ୍ରମାନଙ୍କଠାରୁ ସନ୍ତୋଷଜନକ ଆଚରଣପାଇଁ ମୁଣ୍ଡପିଛା ୧୦ଟଙ୍କା ଲେଖା ଜାମିନ୍ ଆଦାୟ କରି ଶେଷରେ ଛାତ୍ର ଆନ୍ଦୋଳନକୁ ଦମନ କଲେ । କିନ୍ତୁ 'ଭାରତ ଛାଡ଼' ଆନ୍ଦୋଳନରେ ଛାତ୍ରମାନଙ୍କର ସଂପୃକ୍ତି ଏକ ନୂଆ ରାଜନୀତିର ସଂକେତ ଦେଲା ।

## କୋରାପୁଟ ଆନ୍ଦୋଳନ

ଅଗଷ୍ଟ ୯ ତାରିଖ ଦିନ କୋରାପୁଟ ଅଞ୍ଚଳର ପ୍ରମୁଖ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଏବଂ ସଦାଶିବ ତ୍ରିପାଠୀଙ୍କୁ ଗିରଫ କରାଯାଇଥିଲା ଏବଂ ଜିଲ୍ଲା କଂଗ୍ରେସ ଅଫିସ୍‌କୁ ବାଜ୍ୟାପ୍ତ କରି ଦିଆଯାଇଥିଲା । ଏହାପରେ ସୁଦୂର ଏବଂ ବଣଜଙ୍ଗଲଘେରା କୋରାପୁଟରେ ଯେ ଅଗଷ୍ଟ ବିପ୍ଳବ ଆରମ୍ଭ ହୋଇ ପାରିବ- ଏହି ଆଶଙ୍କା ସରକାର କରି ପାରୁ ନଥିଲେ । ମାତ୍ର କୋରାପୁଟରେ ଆନ୍ଦୋଳନ ଖୁବ୍ ତୀବ୍ର ରୂପ ନେଲା ଏବଂ ତା'ର ନେତୃତ୍ୱ ପୂର୍ଣ୍ଣତଃ ସ୍ଥାନୀୟ ଆଦିବାସୀମାନଙ୍କ ହାତକୁ ଚାଲିଗଲା ।

ଆନ୍ଦୋଳନର ଆରମ୍ଭ ହେଲା ଅଗଷ୍ଟ ୧୩ ତାରିଖରେ । ଜୟପୁରରେ ଦୁଇଜଣ କିଶୋର ବାଳକ କଂଗ୍ରେସ ପତାକା ଧରି 'ଗାନ୍ଧିଙ୍କ ବାର୍ତ୍ତା' ନାମରେ ଏକ ପ୍ରଚାର ପତ୍ର ବାଣ୍ଟିଲେ । ସେମାନଙ୍କ କହିବା କଥା ଯେ, ପତ୍ରଟିକୁ ଗାନ୍ଧୀ ବମ୍ବେରୁ ପଠାଇଛନ୍ତି । ପତ୍ରଟି ଲୋକଙ୍କ ମନରେ ଖୁବ୍ ଉତ୍ସାହ ସୃଷ୍ଟିକଲା ଏବଂ ସେହିଦିନ ଜୟପୁରରେ ହରତାଳ ଆରମ୍ଭ ହେଲା । ପତ୍ରରେ ଇଂରେଜ ସରକାର ଦେଶରୁ ବିତାଡ଼ିତ ହୋଇ ସାରିଛି ଏବଂ ଲୋକଙ୍କୁ ଏଣିକି ଖଜଣା ଦେବାକୁ ପଡ଼ିବ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା । ଲୋକେ ଜେଲରୁ ଗାନ୍ଧୀଙ୍କ ମୁକ୍ତିଲାଗି ଶପଥ ନେଲେ ଏବଂ ସରକାରୀ କୋଠା ଘରଗୁଡ଼ିକ ଉପରେ ଆକ୍ରମଣ କଲେ । ସେମାନେ ଜୟପୁର ପୋଲିସ୍ ଷ୍ଟେସନର ପ୍ରବେଶ ପଥକୁ ମଧ୍ୟ ଗଛକାଟି ଅବରୁଦ୍ଧ କଲେ । ବିଦ୍ରୋହର ରୂପ ଧାରଣ କରିଥିବା ଭାରତଛାଡ଼ ଆନ୍ଦୋଳନକୁ ଦମନ କରିବାଲାଗି ପୋଲିସ ଲାଠି ଚାର୍ଯ କଲେ ଏବଂ କେତେକ ନେତାଙ୍କୁ ଗିରଫ କଲେ ।

୧୭ ଅଗଷ୍ଟ ଦିନ ଜିଲ୍ଲାର ଗୁଣପୁର, ଲକ୍ଷ୍ମୀପୁର, ସେମିଳିଗୁଡ଼ା ଓ ଦଶମନ୍ତପୁରରେ ଆନ୍ଦୋଳନ ଆରମ୍ଭ ହେଲା । ସେମିଳିଗୁଡ଼ାରେ ପ୍ରାୟ ୨୦୦ ଲୋକ ଜୟପୁର ଯାଇ ସେଠାକାର ରେଭିନ୍ୟୁ ଅଫିସ୍‌କୁ ଆକ୍ରମଣ କଲେ । ଦଶମନ୍ତପୁରରେ ଆଦିବାସୀମାନେ ଥାନାକୁ କବ୍‌ଜା କରିନେଲେ । କିନ୍ତୁ ସେମାନଙ୍କ ସରଳତାର ସୁଯୋଗ ନେଇ ଆଠ ଜଣ ଆଦିବାସୀଙ୍କୁ ଗିରଫ କରି ପୋଲିସ ଅଫିସର ଥାନାକୁ ମୁକ୍ତ କଲେ । ଲକ୍ଷ୍ମୀପୁର ଓ ଗୁଣପୁରରେ ଆଦିବାସୀ କଚେରି,

ମଦ ଦୋକାନ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଆଗରେ ପିକେଟିଂ ଆରମ୍ଭ କଲେ । କୋରାପୁଟର ସଂରକ୍ଷିତ ଜଙ୍ଗଲକୁ ପଶି ଗଛଗୁଡ଼ିକୁ ମଧ୍ୟ ସେମାନେ କାଟି ପକାଇଲେ ଏବଂ କୋରାପୁଟ କଳାହାଣ୍ଡି ସୀମାନ୍ତରେ ଆମ୍ବପାଣିଠାରେ ଏକ ପୋଲକୁ ଭାଙ୍ଗି ଯୋଗାଯୋଗ ଧ୍ୱଂସ କଲେ । ଏହା ସେମାନଙ୍କ ପୁଂଜୀଭୂତ କ୍ରୋଧକୁ ପରିପ୍ରକାଶ କଲା । ଜଙ୍ଗଲ ଆଇନ ବଳରେ ସରକାର ଆଦିବାସୀମାନଙ୍କର ପାରଂପରିକ ଅଧିକାରକୁ ନେଇ ଯାଇଥିଲେ । ତା'ର ସେମାନେ ବିରୋଧ ମାତ୍ର କରୁଥିଲେ। 'ଗାନ୍ଧୀଙ୍କ ବାର୍ତ୍ତା' ନାମକ ସାମାନ୍ୟ ପ୍ରଚାରପତ୍ରଟି ସେମାନଙ୍କୁ ଖୋଲାଖୋଲି ବିଦ୍ରୋହ କରିବା ସକାଶେ ଦିଆସିଲି କାଠି ଭଳି ଉପଯୋଗୀ ସିଦ୍ଧ ହୋଇଥିଲା ।

୨୧ ଅଗଷ୍ଟ ଦିନ ଜିଲ୍ଲାର ମାଥିଲିଠାରେ ଆନ୍ଦୋଳନ ଉଗ୍ର ରୂପ ନେଲା । ଜିଲ୍ଲାସ୍ତରର ଜଣେ କଂଗ୍ରେସ କର୍ମୀ ଲକ୍ଷ୍ମଣ ନାୟକ ସେଠାରେ ଆନ୍ଦୋଳନର ନେତୃତ୍ୱ ନେଲେ । ୧୯୩୬ ମସିହାରୁ ସେ କଂଗ୍ରେସର ପ୍ରାଥମିକ ସଭ୍ୟ ଥିଲେ ଏବଂ 'ଖଜଣା ଛାଡ଼' ଆନ୍ଦୋଳନ କରି ଗିରଫ ମଧ୍ୟ ହୋଇଥିଲେ । ୧୯୪୦ରେ ଯେତେବେଳେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା, ତହିଁରେ ମଧ୍ୟ ଗିରଫ ହୋଇ ସେ ୯ ମାସ ଜେଲ୍‌ରେ କାଟିଥିଲେ। ଅଗଷ୍ଟ ବିପ୍ଳବ ସମୟରେ ସହସ୍ରାଧିକ ଲୋକଙ୍କୁ ନେଇ ସେ ମାଥିଲି ଥାନାକୁ କବ୍‌ଜା କରିବାକୁ ବାହାରିଲେ । ରାସ୍ତାରେ କୋଙ୍ଗ୍ରାବେଡ଼ା, ଚନ୍ଦ୍ରବେଡ଼ା ଓ କୁଣ୍ଟିପାଲୁଠାରେ ମଦ ଦୋକାନଗୁଡ଼ିକ ଉପରେ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରି ପକାଇଲେ ।

ମାଥିଲି ଥାନାରେ କଂଗ୍ରେସର ପତାକା ଉତ୍ତୋଳନ କରିବା ଅବସରରେ ଉପସ୍ଥିତ ଜନତାକୁ ସଂବୋଧନ କରି ଲକ୍ଷ୍ମଣ ନାୟକ କହିଥିଲେ, ''ଆମ୍ଭେମାନେ ହେଲେ ଯୋଦ୍ଧା । ମହାତ୍ମାଗାନ୍ଧୀ ଆମର ନେତା। ସେ କହିଛନ୍ତି, ଆଜିଠାରୁ ଦେଶ ଆମର। ଇଂରେଜ ସରକାର ଚାଲିଯାଇଛି । ମହାତ୍ମାଗାନ୍ଧୀ ଆମର ରାଜା । ଜୟପୁର ରାଜା ଆଉ ନାହିଁ । ଆମେ ସ୍ୱାଧୀନତା ପାଇ ସାରିଛୁ । ଥାନା ଆମର । ପୋଲିସ ଭାଇମାନେ ହେଲେ ଭାରତବାସୀ । ସେମାନେ ଆମ ସାଙ୍ଗରେ ମିଶିଯିବେ । ଆସ ଭାଇମାନେ ! ସମସ୍ତେ ଏହି ଯୁଦ୍ଧରେ ସାମିଲ୍ ହୁଅ । ମହାତ୍ମାଗାନ୍ଧୀଙ୍କର ଜୟ!'' ଲକ୍ଷ୍ମଣ ନାୟକଙ୍କର ଭାଷଣରୁ ମନେହୁଏ ଯେ, ସେ ହିଂସା ଭିଆଇବାକୁ ଚାହୁଁ ନଥିଲେ । ମାତ୍ର ମାଲକାନଗିରିରୁ ପୋଲିସ ଆସିଲା ପରେ ମାଥିଲି ପୋଲିସ ନିଜକୁ ଅଜେୟ ମନେକଲେ ଏବଂ ସମବେତ ଆଦିବାସୀମାନଙ୍କ ଉପରେ ଗୁଳି ଚାଳନା କଲେ । ଏଥିରେ ପାଞ୍ଚ ଜଣ ଆଦିବାସୀଙ୍କର ମୃତ୍ୟୁ ହେଲା ଏବଂ ୧୭ ଜଣ ଗୁରୁତର ଆହତ ହେଲେ। ନିଜେ ଲକ୍ଷ୍ମଣ ନାୟକ ମଧ୍ୟ ଗୁରୁତର ଭାବେ ଆହତ ହୋଇ ସଂଜ୍ଞା ହରାଇଥିଲେ । ତାଙ୍କୁ ପରେ ଗିରଫ କରାଗଲା ଏବଂ ଘଟଣା ଦିନ ମୃତ୍ୟୁବରଣ କରିଥିବା ଜଣେ ଫରେଷ୍ଟ ଗାର୍ଡ଼କୁ ହତ୍ୟା କରିବା ଅଭିଯୋଗରେ ୨୯ ମାର୍ଚ୍ଚ ୧୯୪୩ ଦିନ ବ୍ରହ୍ମପୁର ଜେଲରେ ଫାଶୀ ଦିଆଗଲା । ଲକ୍ଷ୍ମଣ ନାୟକଙ୍କ ସାଙ୍ଗରେ ଥିବା ଅନ୍ୟ ୫୦ ଜଣ ଆଦିବାସୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ମାଥିଲିରେ ଲକ୍ଷ୍ମଣ ନାୟକ ଓ ତାଙ୍କ ସହଯୋଗୀମାନଙ୍କର ଆନ୍ଦୋଳନ ଏବଂ ସେମାନଙ୍କ ଉପରେ ପୋଲିସର ଦମନଲୀଳା ଇଂରେଜ ସରକାରର ମୁଖା ଖୋଲିଦେଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅଗଷ୍ଟ ୨୪ ତାରିଖ ଦିନ କୋରାପୁଟ ଜିଲ୍ଲାର ନବରଂଗପୁର ନିକଟସ୍ଥ ପାପଡହାଣ୍ଡିଠାରେ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କଲା । ସେଠାରେ ଆଦିବାସୀମାନେ ସଭା କଲେ ଏବଂ ସଭା ପରେ ଜଗନ୍ନାଥ ତ୍ରିପାଠୀ, ସୀମାଞ୍ଚଳ ବେହେରା ଓ ଲକ୍ଷ୍ମଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ନବରଂଗପୁର ଥାନା କବ୍‌ଜା କରିବାକୁ ଶୋଭାଯାତ୍ରାରେ ବାହାରିଲେ । ରାସ୍ତାରେ ପାପଡହାଣ୍ଡିର ତୂରୀ ନଦୀ ଉପରେ ଥିବା ପୋଲରେ ସେମାନଙ୍କୁ ପୋଲିସ୍ ଅବରୋଧ କଲା । ପୋଲିସ ପକ୍ଷରୁ ପୋଲକୁ ଭାଂଗି ଦିଆଗଲା ଏବଂ ଲୋକଙ୍କ ଉପରକୁ ଗୁଳି ଚାଳନା କରାଗଲା । ଏଥିରେ ଅନ୍ୟୂନ ୧୫ ଜଣ ଲୋକ ପ୍ରାଣ ହରାଇଲେ ଏବଂ ୧୭ ଜଣ ଗୁରୁତର ଆହତ ହେଲେ । ଅନେକ ଲୋକ ପୋଲିସ ଗୁଳିରୁ ରକ୍ଷାପାଇବାପାଇଁ ନଦୀକୁ ଡେଇଁ ପଡ଼ିଲେ ।

ଏସବୁ ବାହାରେ ମଧ୍ୟ କୋରାପୁଟର ଅନ୍ୟ ଅଞ୍ଚଳଗୁଡ଼ିକରେ ଆନ୍ଦୋଳନ ହୋଇଥିଲା । କେବଳ ଏହି ଜିଲ୍ଲାରୁ ଅଗଷ୍ଟ ବିପ୍ଳବରେ ୧୯୭୦ ଜଣ ଗିରଫ ହୋଇଥିଲେ ଏବଂ ତନ୍ମଧ୍ୟରୁ ୫୭୦ ଜଣଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଜେଲରେ ୫୦ ଜଣ ଓ ପୋଲିସ୍ ଫାୟାରିଂରେ ୨୮ ଜଣଙ୍କର ମୃତ୍ୟୁ ଘଟିଥିଲା । ଆହତଙ୍କ ମୋଟ ସଂଖ୍ୟା ଥିଲା ୨୧୪୭ । ପୋଲିସ ପକ୍ଷରୁ ମୋଟ ୨୪ ଥର ଏବଂ ୪୫୧ ରାଉଣ୍ଡ ଗୁଳି ଚାଳନା ହୋଇଥିଲା । ଏସବୁ ବ୍ୟତୀତ ପିଟୁଣି ଟିକସ ଓ ଅନ୍ୟାନ୍ୟ ଜୋରିମାନା ବାବଦରେ ଲୋକଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିଲା । ଅଗଷ୍ଟ ମାସରେ ଆନ୍ଦୋଳନ ଆରମ୍ଭ ହୋଇ କୋରାପୁଟରେ ସେହି ମାସରେ ପ୍ରାୟ ଶେଷ ହୋଇ ଯାଇଥିଲା । ସେପ୍ଟେମ୍ବର ଓ ଅକ୍ଟୋବର ବେଳକୁ ସେଠାରେ ଆଉ ପ୍ରାୟ ଆନ୍ଦୋଳନ ନ ଥିଲା । ପୋଲିସ ଦମନଯୋଗୁଁ ସେଠାରେ ଅତି ଅଳ୍ପ ଅବଧି ମଧ୍ୟରେ ଆନ୍ଦୋଳନର ଅବସାନ ଘଟିଥିଲା ।

## କଟକ ଜିଲ୍ଲାରେ ଆନ୍ଦୋଳନ

ରାଜ୍ୟର ପ୍ରମୁଖ ସହର ଭାବରେ କଟକ ଓ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳ ଅଗଷ୍ଟ ବିପ୍ଳବ ସମୟରେ ଖୁବ୍ ଅଧିକ ମାତ୍ରାରେ ସକ୍ରିୟ ହୋଇଥିଲା । ରେଭେନ୍‌ସା ମହାବିଦ୍ୟାଳୟର ଛାତ୍ର-ଆନ୍ଦୋଳନ କଥା ପୂର୍ବରୁ ଆଲୋଚିତ ହୋଇଛି । ଅଗଷ୍ଟ ମାସରେ ହିଁ ଜିଲ୍ଲାର ଅଭ୍ୟନ୍ତରରେ ମଧ୍ୟ ଆନ୍ଦୋଳନାତ୍ମକ ଘଟଣାମାନ ଦେଖିବାକୁ ମିଳିଲା । ଜିଲ୍ଲାର ଯାଜପୁର, ବରୀ, କାଇପଦା, ବଡ଼ଚଣା, ବିଂଝାରପୁର, ତିର୍ତ୍ତୋଲ୍, ଏରସମା, ବାଗଲପୁର ଓ ମାହାଙ୍ଗା ଅନ୍ତର୍ଗତ କୁଆଁପାଳ ଆଦି ସ୍ଥାନରେ ଲୋକେ ସକ୍ରିୟ ଭାବରେ ଆନ୍ଦୋଳନ କରିଥିଲେ ।

ବରୀଠାରେ ୧୯୩୪ରୁ ଗୋପବନ୍ଧୁ ଚୌଧୁରୀ ଏକ ଆଶ୍ରମ ସ୍ଥାପନ କରି ବରୀ ଓ ଆଖପାଖ ଅଞ୍ଚଳରେ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରୁଥିଲେ । ସେହି ପ୍ରକ୍ରିୟାରେ ସେଠାରେ କିଛି କଂଗ୍ରେସ କର୍ମୀ ସୃଷ୍ଟି ହୋଇଥିଲେ । ଅଗଷ୍ଟ ୯ ତାରିଖରେ ଗୋପବନ୍ଧୁ ଚୌଧୁରୀ, ତାଙ୍କ ପତ୍ନୀ ରମାଦେବୀ ଓ ପୁତ୍ର ମନମୋହନ ଚୌଧୁରୀଙ୍କୁ ଗିରଫ କଲା ପରେ ପୋଲିସ ଆଶ୍ରମକୁ ମଧ୍ୟ ଦଖଲ କଲା ଏବଂ ସେଠାରେ ଥିବା କାଗଜପତ୍ର ନଷ୍ଟ କରିଦେଲା । ଏହାର ପ୍ରତିକ୍ରିୟା ସ୍ୱରୂପ ୧୬

ଅଗଷ୍ଟରେ 'ରକ୍ତ ବାହିନୀ' ନାମରେ ଏକ ସଂଗଠନ ଗଢ଼ି କିଛି ଯୁବକ ଆଶ୍ରମକୁ ପୁନର୍ଦଖଲ କଲେ । ସେଠାରେ କିଶୋର ବୟସର ଯୁବକମାନେ ବାନର ସେନା ଗଢ଼ି ଆନ୍ଦୋଳନକୁ ପୁନର୍ଜୀବିତ କରି ରଖିଥିଲେ । କେତେକ ଲୋକ ବରୀ ଆଶ୍ରମର ବାଜ୍ୟାପ୍ତ ଜିନିଷପତ୍ର ଗଚ୍ଛିତ ଥିବା ପିଡବ୍ଲୁଡି କୋଠାରେ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣା ପରେ ପୋଲସ ଦୁଃଶାସନ ଜେନା ଓ ପ୍ରହଲ୍ଲାଦ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଗୋବିନ୍ଦପୁର ପୋଲିସ ଷ୍ଟେସନ ଅନ୍ତର୍ଗତ ବାଗଲପୁର ଗାଁରେ ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ କିଛି ଯୁବକ ସୁରକ୍ଷା ବାହିନୀ ଗଢ଼ିଥିଲେ । ପୋଲିସ ଦମନର ମୁକାବିଲାପାଇଁ ସେମାନେ ଲାଠି ଚାଳନା ଶିକ୍ଷା କରିଥିଲେ । ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପରିଚାଳନାରେ ଚାଲିଥିବା ଭୂମିଗତ ଆନ୍ଦୋଳନ ସହ ସେମାନଙ୍କର ସଂପର୍କ ଥିଲା । ଏହି ବାହିନୀର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଥିଲେ ଚିତ୍ତରଂଜନ ଦାସ, ଜଗନ୍ନାଥ ଦାସ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, କମଳା ଚରଣ ଦାସ, କଳ୍ପତରୁ ଦାସ ଓ ଇନ୍ଦ୍ରମଣି ଦାସ । ଏହି ବାହିନୀ ବିଭିନ୍ନ ସରକାରୀ ଅଫିସ୍ ଓ ପୋଷ୍ଟ ଅଫିସ୍ ପୋଡ଼ା ଘଟଣାରେ ସଂପୃକ୍ତ ଥିବା ପୋଲିସ ସନ୍ଦେହ କରୁଥିଲେ । କଟକରୁ ଆସୁଥିବା ଗୁପ୍ତ ବୁଲେଟିନ୍‌କୁ ମଧ୍ୟ ସେମାନେ ବାଣ୍ଟିବା କାମ କରୁଥିଲେ । ସେମାନଙ୍କ ଗତିବିଧିରୁ ସ୍ପଷ୍ଟ ହେଉଥିଲା ଯେ, ଆନ୍ଦୋଳନ ସାମୟିକ ଘଟଣାରେ ସୀମିତ ନରହି ଦିନକୁ ଦିନ ଦୃଢ଼ ହେବାକୁ ଆରମ୍ଭ କରିଥିଲା । ଗୌରାଙ୍ଗ ଚରଣ ଦାସ ଆଦି କେତେକ କର୍ମୀ ସୁଦୂର ଗଡ଼ଜାତ ଅଂଚଳକୁ ମଧ୍ୟ ଯାଇ ଆନ୍ଦୋଳନ କାମ ଆରମ୍ଭ କଲେ ।

ଅଗଷ୍ଟ ୨୦ରୁ ୨୬ ତାରିଖ ମଧ୍ୟରେ ବରୀର ବାନରସେନା, କାଇପଦା, ସନ୍ନ୍ୟାସୀପୁର ଆଦି ଗ୍ରାମରେ ଅନେକ ସଭା ସମିତି ଓ ହିଂସାତ୍ମକ ଘଟଣା ଭିଆଇଲେ । ୨୦ ଅଗଷ୍ଟରେ ସେମାନେ କାଇପଦା ପୋଷ୍ଟ ଅଫିସ୍‌ରେ ନିଆଁ ଲଗାଇଦେଲେ ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଶି ଅନେକ ଜିନିଷ ଭଙ୍ଗାରୁଜା କଲେ । ୨୫ ଓ ୨୬ ତାରିଖରେ ଅଧିକ ପୋଲିସ ଫୋର୍ସ ଆସିବା ପରେ ପୋଲିସ ଓ ଲୋକଙ୍କ ମଧ୍ୟରେ ଛକାପଂଝା ଚାଲିଲା । ଆଖପାଖରୁ ଲୋକ ଆସି ପୋଲିସର ବିରୋଧ କଲେ । ଯେତେବେଳେ ପୋଲିସ ଇନ୍ଦ୍ରମଣି ତ୍ରିପାଠୀ, ବିଦ୍ୟାଧର ରାୟ, ଡମ୍ବରୁଧର ରାୟ, ହୃଷୀକେଶ ରାୟ, ଅନାମ ଚନ୍ଦ୍ର ଦାସ ଓ ବେଣୁଧର ଦାସଙ୍କ ସମେତ ଅନ୍ୟ କେତେଜଣ କର୍ମୀଙ୍କୁ ଗିରଫ କରି ଦଉଡ଼ିରେ ବାନ୍ଧି କାଇପଦା ସେବାଶ୍ରମକୁ ନେଲା , ଲୋକ ଗିରଫ କର୍ମୀଙ୍କୁ ମୁକ୍ତ କରିବାପାଇଁ ପୋଲିସର ଅନୁଧାବନ କଲେ । କଳାମାଟିଆ ଛକରେ ସେମାନେ ଗୌରାଙ୍ଗ ପଣ୍ଡା ନାମକ ଜଣେ ଗିରଫ କର୍ମୀଙ୍କୁ ପୋଲିସ କବଳରୁ ଛଡ଼େଇ ଆଣିଲେ ଏବଂ ପୋଲିସର ଏକ ରାଇଫଲ୍ ମଧ୍ୟ ଲୁଟିନେଲେ । ଏହା ପରେ ପୋଲିସ ଫାୟାରିଂରେ ଚାରିଜଣ ଲୋକ ପ୍ରାଣ ହରାଇଲେ ଏବଂ ୧୯ ଜଣ ଲୋକ ଗୁରୁତର ଆହତ ହେଲେ । ଅନେକ ବାନରସେନା କର୍ମୀଙ୍କୁ ମଧ୍ୟ ଗିରଫ କରାଗଲା । ଗିରଫ କର୍ମୀମାନଙ୍କୁ ଅଧିକ ଗଣ୍ଡଗୋଳ ଆଶଂକାରେ ପ୍ରଥମେ ବିଂଝାରପୁର ଓ ଯାଜପୁର ଏବଂ ସେଠାରୁ କଟକ ଜେଲକୁ ପଠାଇ ଦିଆଗଲା ।

କାଇପଦା-କଳାମାଟିଆ ପୋଲିସ୍ ଫାୟାରିଂ ଘଟଣା ଜଣାପଡ଼ିବା ପରେ ୨୭ ଅଗଷ୍ଟ ଦିନ ଯାଜପୁରରେ ତା'ର ଖୁବ୍ ପ୍ରତିବାଦ ହେଲା । କାଇପଦାରେ ଗିରଫ କର୍ମୀମାନଙ୍କୁ ଯାଜପୁରରେ ରଖାଯାଇଥିବାରୁ ସେମାନଙ୍କୁ ମୁକ୍ତ କରିବାକୁ ହଜାର ହଜାର ଲୋକ ପୋଲିସ ଷ୍ଟେସନକୁ ଘେରାଉ କରିବାକୁ ଆସିଲେ । ପଦ୍ମନାଭ ରାୟ, ବୈଦ୍ୟନାଥ ଦାସ, ଗୋପୀନାଥ ସାହୁ ଓ ଦୁର୍ଯ୍ୟୋଧନ ରାଉତ ଥିଲେ ସେମାନଙ୍କର ନେତା । ପୋଲିସକୁ ସେମାନେ ଗିରଫ କଂଗ୍ରେସ କର୍ମୀମାନଙ୍କୁ ମୁକ୍ତ କରିବାକୁ ତଥା ଚାକିରିରୁ ଇସ୍ତଫା ଦେଇ ଆନ୍ଦୋଳନରେ ଯୋଗ ଦେବାକୁ ଦାବି କଲେ । ଉପସ୍ଥିତ ଭିଡ଼କୁ ନିୟନ୍ତ୍ରଣ କରିବା ସକାଶେ ପୋଲିସ ସହରରେ ୧୪୪ ଧାରା ଜାରିକଲେ ଏବଂ ହେଲିକପ୍ଟରରୁ ଲୁହବୁହା ଗ୍ୟାସ୍ ପକାଇଲେ । ଫଳରେ ଲୋକ ଇତସ୍ତତଃ ଦୌଡ଼ି ପଳାଇଲେ । ବାଟରେ କେତେକ କର୍ମୀ ରାମବାଗଠାରେ ପୋଷ୍ଟ ଅଫିସ୍‌ରେ ନିଆଁ ଲଗାଇ ଦେଲେ ।

୨୨ଅଗଷ୍ଟ ଦିନ ମାହାଙ୍ଗାର କୁଆଁପାଳ ପୋଷ୍ଟ ଅଫିସ୍‌ରେ ଏବଂ ବାଲିଚନ୍ଦ୍ରପୁର ତହସିଲ ଅଫିସ୍‌ରେ ଲୋକେ ନିଆଁ ଲଗାଇ ଦେଲେ । ଜଣେ କନେଷ୍ଟବଲ୍ ଓ ଦୁଇଜଣ ଚୌକିଦାରଙ୍କ ପୋଷାକ କାଢ଼ି ତହିଁରେ ମଧ୍ୟ ନିଆଁ ଲଗାଇ ଦିଆଗଲା । ଏହାପରେ ମାହାଙ୍ଗା ଗାନ୍ଧୀ ନାମରେ ପରିଚିତ ସଚ୍ଚିଦାନନ୍ଦ ଜେନା ଓ ବିରଜା ପ୍ରସାଦ ରାୟଙ୍କୁ ପୋଲିସ ଗିରଫ କରି ଜେଲ୍‌କୁ ପଠାଇଲେ । ବଡ଼ଚଣାର ଗୋପାଳପୁର ଡାକବଙ୍ଗଳାକୁ ଉତ୍ତ୍ୟକ୍ତ ଜନତା ୨୧ ତାରିଖ ଦିନ ପୋଡ଼ିଦେଲେ ଏବଂ ଚୌକିଦାରର ପୋଷାକ କାଢ଼ି ନେଲେ । ୨୬ ତାରିଖରେ କୃଷ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଅନେକ ଲୋକ ବଡ଼ଚଣା ଥାନା ଆକ୍ରମଣ କରି ସେଠାରେ କାର୍ଯ୍ୟରତ ଚୌକିଦାରଙ୍କ ପୋଷାକ କାଢ଼ି ତହିଁରେ ନିଆଁ ଲଗାଇ ଦେଇଥିଲେ । ୩୧ ତାରିଖ ଦିନ ତିର୍ତ୍ତୋଲ୍‌ର ବାଲିପାଟଣାଠାରେ ପ୍ରାୟ ୫୦୦ ଲୋକ ପୋଲିସ୍ ଉପରେ ଆକ୍ରମଣ କରି ଜଣେ କଂଗ୍ରେସ କର୍ମୀଙ୍କୁ ମୁକ୍ତ କରିଥିଲେ ।

କୋରାପୁଟ ପରି କଟକ ଜିଲ୍ଲାରେ ମଧ୍ୟ ଲୋକ ସମବେତ ହୋଇ ଥାନା ଓ ସରକାରୀ କୋଠାଘର ଉପରେ ଆକ୍ରମଣ କରିଥିଲେ । ଅନେକ ସ୍ଥାନରେ ସେମାନଙ୍କର ମୁଖ୍ୟ ଦାବି ଥିଲା ଗିରଫ କର୍ମୀଙ୍କର ମୁକ୍ତି । ପୋଲିସ ଓ ଚୌକିଦାରମାନଙ୍କ ୟୁନିଫର୍ମ କାଢ଼ି ତହିଁରେ ସେମାନେ ନିଆଁ ଲଗାଇ ଦେଉଥିଲେ । କେତେକ ସ୍ଥାନରେ ଉତ୍ତ୍ୟକ୍ତ ଜନତା ଗିରଫ କଂଗ୍ରେସ କର୍ମୀଙ୍କୁ ପୋଲିସ କବଳରୁ ମୁକ୍ତ କରିବାରେ ମଧ୍ୟ ସଫଳ ହୋଇଥିଲେ । ପୋଲିସ ବିରୁଦ୍ଧରେ ଏକତ୍ରିତ ଭିଡ଼କୁ ଇତସ୍ତତଃ କରିବାପାଇଁ ସରକାରଙ୍କ ପକ୍ଷରୁ ଗୁଳିଚାଳନା ସହିତ କେତେକ ସ୍ଥାନରେ ଆକାଶ ମାର୍ଗରୁ ହେଲିକପ୍ଟର ମାଧ୍ୟମରେ ଲୁହବୁହା ବାଷ୍ପ ମଧ୍ୟ ପ୍ରୟୋଗ କରାଯାଇଥିଲା । ଏହା ସରକାରଙ୍କ ଅସହାୟତାକୁ ଦର୍ଶାଉଥିଲା ।

## ବାଲେଶ୍ୱର ଆନ୍ଦୋଳନ

କଟକ ପରି ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଅଗଷ୍ଟ ବିପ୍ଳବ ଗୁରୁତର ଆକାର ଧାରଣ କରିଥିଲା । ଅଗଷ୍ଟ ୧୭ ତାରିଖ ଦିନ ଏହି ଜିଲ୍ଲାର ଭଣ୍ଡାରିପୋଖରୀଠାରେ ଲୋକେ ଥାନା

ଉପରେ ଆକ୍ରମଣ କଲେ, ଡାକଘର ପୋଡ଼ି ଦେଲେ ଏବଂ ରାସ୍ତାର ଏକ ପୋଲକୁ ଧ୍ୱଂସ କରିଦେଲେ । ଆନ୍ଦୋଳନକୁ ଦମନ କରିବାଲାଗି ପୋଲିସ ଜଗନ୍ନାଥ ଦାସ, ବୈଷ୍ଣବ ଚରଣ ନାୟକ, ମହନ୍ତ ଦୁର୍ଗାଚରଣ ଭାରତୀ ଏବଂ ଦ୍ୱାରିକାନାଥ ଦାସଙ୍କୁ ଗିରଫ କଲେ ଏବଂ ଆକ୍ରମଣରେ ଭାଗ ନେଇଥିବା ଭଣ୍ଡାରିପୋଖରୀ, ଉତ୍ତରବାଡ଼, ଦକ୍ଷିଣବାଡ଼, ଚନ୍ଦ୍ରଭାନପୁର, କୋହରାପୋଖରୀ, ରାଜେନ୍ଦ୍ରପୁର, ନଅଗାଁ, ପଟୌଲି, ପାଲଟ୍ ଓ ତୋରାଟ ଆଦିର ଗ୍ରାମବାସୀଙ୍କ ଉପରେ ଛଅ ହଜାର ଟଙ୍କା ପିଟୁଣି ଟିକସ ଲାଗୁ କଲେ ।

ସେପ୍ଟେମ୍ବର ୫ ତାରିଖରେ ଧାମନଗର ନିକଟସ୍ଥ ଧୁଷୁରୀଠାରେ ଲୋକେ ଚୌକିଦାର ଓ ଦଫାଦାରଙ୍କ ପୋଷାକ କାଢ଼ିନେଇ ତହିଁରେ ନିଆଁ ଲଗାଇ ଦେଲେ । ଧାମନଗର ଅଂଚଳର ପ୍ରମୁଖ ନେତା ଥିଲେ ମୁରଲୀଧର ପଣ୍ଡା । ସେ ପାଣ୍ଠିପାଇଁ ସ୍ଥାନୀୟ ଜମିଦାର ଓ ମହାଜନମାନଙ୍କଠାରୁ ଜବରଦସ୍ତି ଧାନ ଚାଉଳ ଆଦାୟ କରୁଥିବାର ଅଭିଯୋଗ ପାଇ ୨୨ ସେପ୍ଟେମ୍ବରରେ ପୋଲିସ ତାଙ୍କୁ ଗିରଫ କରିବାକୁ ଲୁଣିଆ-କାଟସାହି ଗଲେ । ତା' ପୂର୍ବରୁ ସେପ୍ଟେମ୍ବର ୨୦ ତାରିଖରେ ମୁରଲୀଧର ଜେନା ନାମକ ଜଣେ କର୍ମୀଙ୍କୁ ଗିରଫ କରିବା ପରେ ପୋଲିସ ଜାଣିପାରିଲା ଯେ, ୨୫ ସେପ୍ଟେମ୍ବରରେ ମୁରଲୀଧର ପଣ୍ଡାଙ୍କ ନେତୃତ୍ୱରେ ଭଦ୍ରକ କଚେରି କବ୍‌ଜା କରିବାକୁ ଯୋଜନା ହୋଇଛି । ପୋଲିସ ଆସିବାର ଖବର ପାଇ ପାଞ୍ଚ-ଛଅ ହଜାର ଲୋକ ପୋଲିସର ବିରୋଧ କରିବାକୁ ସଂଗେସଂଗେ ଏକତ୍ରିତ ହେଲେ । ସମାଜବାଦୀ ନେତା ନବକୃଷ୍ଣ ଚୌଧୁରୀଙ୍କ ସଂସର୍ଗରେ ଆସିଥିବା ମୁରଲୀଧର ପଣ୍ଡା ସାଧାରଣ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ଜମିଦାର ଓ ମହାଜନମାନଙ୍କଠାରୁ ଶସ୍ୟ ଆଦାୟ କରି ସେ ଦରିଦ୍ର ଲୋକଙ୍କ ମଧ୍ୟରେ ତାକୁ ବଣ୍ଟନ କରୁଥିଲେ । ଇଂରେଜ ସରକାର ଅପସରି ଗଲେ ଜମିଦାରୀ ବ୍ୟବସ୍ଥା, ବେଠି, ବେଗାରି ଆଦି ଉଚ୍ଛେଦ ହେବ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଉଥିଲେ । ତାଙ୍କ ଗିରଫର ବିରୋଧ କରିବାଲାଗି ଲୋକ ନିକଟସ୍ଥ ଚଣ୍ଡିଆ ପୋଷି ପଡ଼ିଆରେ ପୋଲିସକୁ ଘେରିଗଲେ । ସେମାନେ ପୋଲିସର ରାଇଫଲ୍ ଓ ଗୁଳିଗୋଳା ମଧ୍ୟ ଲୁଟି ନେଇଗଲେ । ମାତ୍ର ଏହାଦ୍ୱାରା ପୋଲିସ ଦଳ ଚାକିରି ହରାଇବେ ଜାଣି ପୁଣି ସେଗୁଡ଼ିକୁ ଦୟାପରବଶ ହୋଇ ଫେରସ୍ତ ଦେଲେ । ଅସ୍ତ୍ରଶସ୍ତ୍ର ଫେରିପାଇ ପୋଲିସ ଗୁଳିଚାଳନା କଲେ ଏବଂ ତହିଁରେ ନଅଜଣ କର୍ମୀଙ୍କର ମୃତ୍ୟୁ ହେଲା । ଲୋକଙ୍କଠାରୁ ପିଟୁଣି ଟିକସ ବାବଦକୁ ୨୨୫୫ଟଙ୍କା ମଧ୍ୟ ଆଦାୟ କରାଗଲା । ଏହିଭଳି ଭାବେ ବିଶ୍ୱାସଘାତକତା କରି ପୋଲିସ ଲୁଣିଆ ଆନ୍ଦୋଳନକୁ ଦମନ କଲେ ।

## ଛତ୍ର ଗାଁର ସମାନ୍ତରାଳ ସରକାର

ବାଲେଶ୍ୱର ଜିଲ୍ଲାର ଖଇରା ପୋଲିସ ଷ୍ଟେସନ ଅନ୍ତର୍ଗତ ଛତ୍ର ଗାଁକୁ କେନ୍ଦ୍ର କରି ସେପ୍ଟେମ୍ବର ୧୯୪୨ରେ ଏକ ସମାନ୍ତରାଳ ସରକାର ଗଠିତ ହୋଇଥିଲା । ତୁଡିଗଡ଼ିଆ, ଖଇରାଡିହ, ହରେକୃଷ୍ଣପୁର, ପାଣି ସିଆଳି ଓ ମଲ୍ଲିକ୍ ପୁର ଆଦି ଗାଁର ଲୋକେ ଏହି ସରକାରର ପ୍ରମୁଖ

ସହଯୋଗୀ ଥିଲେ । ଖଇରାଡିହର ଜଣେ ଯୁବକ ବୈଦ୍ୟନାଥ ରାଉତ, ଯିଏ ରେଭେନ୍‌ସା ମହାବିଦ୍ୟାଳୟର ଛାତ୍ର ଧର୍ମଘଟରେ ଜଣେ ସାଧାରଣ ଛାତ୍ରକର୍ମୀ ଭାବରେ ଭାଗ ନେଇଥିଲେ, ସମାନ୍ତରାଳ ସରକାରର କେନ୍ଦ୍ର ଥିଲେ । ଧାମନଗରର ସୂର୍ଯ୍ୟମଣି ତ୍ରିପାଠୀ ଓ ସୋରୋ ହାଇସ୍କୁଲ୍‌ର କେତେକ ଛାତ୍ର ମଧ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏମାନଙ୍କ ବ୍ୟତୀତ କୃଷ୍ଣଚନ୍ଦ୍ର ଜେନା, ଚିନ୍ତାମଣି ପଣ୍ଡା ଓ ପୁରୁଷୋତ୍ତମ ପାଢ଼ୀ ଆଦି କେତେକ ପୁରୁଖା କର୍ମୀ ମଧ୍ୟ ସମାନ୍ତରାଳ ସରକାର ଗଠନରେ ସକ୍ରିୟ ସହଯୋଗ କରିଥିଲେ ।

ସେପ୍ଟେମ୍ବର ୬ ତାରିଖରେ ଏକ କଂଗ୍ରେସ ସଭାର ଆୟୋଜନ ହେଲା ଏବଂ ସେହି ପ୍ରକ୍ରିୟାରେ ଅଗଷ୍ଟ ବିପ୍ଳବର ସେଠାରେ ଶୁଭାରଂଭ ହେଲା । ୧୨ ତାରିଖ ଦିନ ତୁଡିଗଡ଼ିଆ ଓ ତା'ର ଆଖପାଖର ୧୬ ବର୍ଗମାଇଲ୍ କ୍ଷେତ୍ରକୁ ସ୍ୱାଧୀନ ଓ ମୁକ୍ତ ଘୋଷଣା କରାଗଲା । ଛତ୍ର ଗାଁ ସ୍ଥିତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଘର ସମାନ୍ତରାଳ ସରକାରର ମୁଖ୍ୟ କେନ୍ଦ୍ର ହେଲା । ତହିଁରେ ସ୍ୱାଧୀନ ସରକାରର କଚେରି ଓ ଜେଲ ମଧ୍ୟ ରହିଲା । ସରକାରର ମୁଖ୍ୟ କୃଷ୍ଣଚନ୍ଦ୍ର ପଣ୍ଡା ତେଣିକି ଖଇରା ଥାନାର ପୋଲିସ ଓ ଚୌକିଦାରମାନଙ୍କୁ ତଲବ କଲେ । ସେପ୍ଟେମ୍ବର ୨୨ ତାରିଖରେ ପୋଲିସ ଛତ୍ର ଗାଁରେ ପହଞ୍ଚି ବୈଦ୍ୟନାଥ ରାଉତଙ୍କୁ ଗିରଫ କଲେ । ଖବର ପାଇ ହଜାର ହଜାର ଲୋକ ଏକତ୍ରିତ ହେଲେ । ପୋଲିସ ଓ ଜନତା ମଧ୍ୟରେ ଆରମ୍ଭ ହୋଇଥିବା ଖଣ୍ଡଯୁଦ୍ଧରେ ପୋଲିସ ସବ୍ ଇନ୍‌ସପେକ୍ଟର, ଚୌକିଦାର ଓ ଦଫାଦାରଙ୍କ ଉପରେ ପ୍ରବଳ ମାଡ଼ ହେଲା । କଂଗ୍ରେସ କର୍ମୀ ସୂର୍ଯ୍ୟମଣି ତ୍ରିପାଠୀ ମଧ୍ୟ ପୋଲିସ ମାଡ଼ରେ ଆହତ ହେଲେ । ବୈଦ୍ୟନାଥ ରାଉତଙ୍କୁ ପୋଲିସ କବଳରୁ ମୁକ୍ତ କରାଗଲା । ଭିଡ଼ ଅଧିକ ହେବାରୁ ଭୟରେ ପୋଲିସ ଦଳ ଛତ୍ରଭଙ୍ଗ ଦେଲେ । ଏହା ବିପ୍ଳବୀମାନଙ୍କର ମନୋବଳକୁ ବୃଦ୍ଧି କଲା ।

୨୪ ସେପ୍ଟେମ୍ବରରେ ଅଧିକ ସଂଖ୍ୟକ ପୋଲିସ ନେଇ  ଜଣେ ଇନ୍‌ସପେକ୍ଟର କଂଗ୍ରେସ ନେତାମାନଙ୍କୁ ଗିରଫ କରିବାପାଇଁ ଖଇରାଡିହରେ ପହଞ୍ଚିଲେ । ଭିଡ଼କୁ ଇତସ୍ତତଃ କରିବାପାଇଁ ଗୁଳିଚାଳନା କରାଗଲା । ଫଳରେ ମାଗୁଣି ଜେନା ନାମକ ଜଣେ କର୍ମୀ ଗୁରୁତର ଆହତ ହେଲେ । ଏହା ସତ୍ତ୍ୱେ ଲୋକେ ପୋଲିସକୁ ବିରୋଧ କରିବାରୁ ପଛଘୁଞ୍ଚା ଦେଲେ ନାହିଁ । ବାଧ୍ୟ ହୋଇ ଶେଷରେ ପୋଲିସ ପୁଣି ଥରେ ଛତ୍ରଭଂଗ ଦେଲା । ସେପ୍ଟେମ୍ବର ୨୬ ତାରିଖରେ ତୃତୀୟ ଥରପାଇଁ ପୋଲିସ ବୈଦ୍ୟନାଥ ରାଉତଙ୍କୁ ଗିରଫ କରିବାକୁ ଆସି ଖଇରାଡିହରେ ସମବେତ ଜନତାର ସମ୍ମୁଖୀନ ହେଲା । ପୁଣି ଥରେ ପୁଲିସ ଗୁଳିଚାଳନା କଲା । ରଘୁ ବେହେରା ଓ ମକର ଜେନାଙ୍କର ପୋଲିସ ଗୁଳିରେ ମୃତ୍ୟୁ ହେଲା ଏବଂ ଅନ୍ୟ ଦୁଇଜଣ ଗୁରୁତର ଭାବେ ଆହତ ହେଲେ । ବୈଦ୍ୟନାଥ ରାଉତଙ୍କୁ ଗିରଫ କରିବାପାଇଁ ତାଙ୍କ ପୈତୃକ ଘର ଖାନତଲାସୀ କରାଗଲା ଏବଂ ଆସବାବପତ୍ରକୁ କୋରଖ କରାଗଲା । ମୃତ ଦେହ ଓ ଆସବାବପତ୍ରକୁ ସାଙ୍ଗରେ ନେଇ ତୁଡିଗଡ଼ିଆ କେମ୍ପକୁ ଫେରୁଥିବା ପୋଲିସ ବାହିନୀ ଉପରେ ପ୍ରାୟ ୩୦୦୦ ଲୋକ ଆକ୍ରମଣ କଲେ । ସେମାନଙ୍କ ନେତୃତ୍ୱ ନେଇଥିଲେ ବୈଦ୍ୟନାଥ ରାଉତ, ଚିନ୍ତାମଣି ପଣ୍ଡା, କୃଷ୍ଣଚନ୍ଦ୍ର ଜେନା ଓ ସୂର୍ଯ୍ୟମଣି ତ୍ରିପାଠୀ । ପୋଲିସ ପକ୍ଷରୁ ସେଠାରେ ପୁଣି ଥରେ

ଗୁଳିଚାଳନା ହେଲା । ଅନେକ କର୍ମୀ ଗିରଫ ହେଲେ । ଲୋକଙ୍କ ଉପରେ ପିଟୁଣି ଟିକସ ଲାଗୁ ହେଲା । ଶେଷରେ ୩୦ ସେପ୍ଟେମ୍ବର ଦିନ ବୈଦ୍ୟନାଥ ରାଉତଙ୍କ ଗିରଫ ପରେ ଛତ୍ରଗାଁର ସମାନ୍ତରାଳ ସରକାରର ପତନ ହେଲା ।

## ଇରମ ହତ୍ୟାକାଣ୍ଡ

ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଥାନା ଅନ୍ତର୍ଗତ ଇରମଠାରେ ସେପ୍ଟେମ୍ବର ୧୯୪୨ରେ ଏକ ଅଭିନବ ସମାନ୍ତରାଳ ସରକାର ଗଠିତ ହୋଇଥିଲା । ତାକୁ ଦମନ କରିବାକୁ ଯାଇ ପୋଲିସ ଗୁଳିଚାଳନା କରିଥିଲା । ଯାହା ଫଳରେ ୨୯ ଜଣଙ୍କର ମୃତ୍ୟୁ ହେଲା ଏବଂ ଶହେରୁ ଅଧିକ ଗୁରୁତର ଆହତ ହେଲେ । ଅଗଷ୍ଟ ବିପ୍ଳବରେ ଏହା ଇରମ ହତ୍ୟାକାଣ୍ଡ ନାମରେ କୁଖ୍ୟାତ ।

ସ୍ୱାଧୀନତା ସଂଗ୍ରାମରେ ଇରମର ସଂପୃକ୍ତି ଅସହଯୋଗ ଆନ୍ଦୋଳନ ସମୟରୁ ରହି ଆସିଥିଲା। ଇରମର ବାଞ୍ଛାନିଧି ମହାନ୍ତି ଗୀତି କବିତା ଓ ଅଭିନୟ ମାଧ୍ୟମରେ ଅସହଯୋଗ ଓ ଆଇନ ଅମାନ୍ୟର ବାର୍ତ୍ତାକୁ ସମଗ୍ର ଓଡ଼ିଶାରେ ପ୍ରଚାରିତ ଓ ପ୍ରସାରିତ କରିଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଲୋକ ଇରମରେ ଜାତୀୟତା ଆନ୍ଦୋଳନ ଓ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇଥିଲେ । ରାଧାକାନ୍ତ ପାଢ଼ୀ ନାମରେ ଜଣେ ସ୍ଥାନୀୟ ଜମିଦାର ମଧ୍ୟ କଂଗ୍ରେସକୁ ନିୟମିତ ସହଯୋଗ କରୁଥିଲେ । ଅବଶ୍ୟ ଏହି ଅଗଷ୍ଟ ବିପ୍ଳବରେ ତାଙ୍କର ଭୂମିକା ବିଶେଷ ନଥିଲା। ବିଶେଷକରି ସେଠାକାର ଯୁବପିଢ଼ି ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ତନ୍ମଧ୍ୟରେ ଥିଲେ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଶ୍ୟାମସୁନ୍ଦର ପାଣିଗ୍ରାହୀ, କମଳା ପ୍ରସାଦ କର, ପ୍ରଭାକର ତ୍ରିପାଠୀ, ଅନିରୁଦ୍ଧ ମହାନ୍ତି ଓ ଗଣେଶ ପ୍ରସାଦ ତ୍ରିପାଠୀ । ଅଗଷ୍ଟ ୨୭ ତାରିଖରୁ ସେମାନେ ନିୟମିତ ଜନସଭା ଆୟୋଜନ କରୁଥିଲେ । ସେମାନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଲୋକେ ବାସୁଦେବପୁର ଥାନା ପୋଡ଼ିବାକୁ ଉଦ୍ୟମ କରିଥିଲେ । ସ୍କୁଲ୍ ଓ ବଜାରରେ ହରତାଳ ପାଳିତ ହୋଇ କେତେକ ଚୌକିଦାର ଓ ଦଫାଦାରଙ୍କ ୟୁନିଫର୍ମକୁ ମଧ୍ୟ ପୋଡ଼ି ଦିଆଯାଇଥିଲା । ଆନ୍ଦୋଳନକାରୀମାନଙ୍କ ଚାପରେ କେତେକ କଂଗ୍ରେସ ବିରୋଧୀ ଜମିଦାର ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲେ , ଯାହା ଲୋକଙ୍କୁ ଅଧିକ ସଂଖ୍ୟାରେ ଅଗଷ୍ଟ ବିପ୍ଳବରେ ଯୋଗ ଦେବାକୁ ସାହସ ଓ ଅବସର ପ୍ରଦାନ କରିଥିଲା ।

ସେପ୍ଟେମ୍ବର ୧୭ ତାରିଖରେ ସ୍ଥାନୀୟ ନେତୃବର୍ଗ ଇରମରେ ଏକ ସମାନ୍ତରାଳ ସ୍ୱାଧୀନ ସରକାର ଗଠନ କଲେ । ବାଞ୍ଛାନିଧି ମହାନ୍ତିଙ୍କ ନାମରେ ଏହାର ନାମ ହେଲା 'ସ୍ୱାଧୀନ ବାଞ୍ଛାନିଧି ଚକଲା' । ଛଅଟି ପଞ୍ଚାୟତର ୨୬ଟି ଗ୍ରାମକୁ ନେଇ ଯେଉଁ ଅଞ୍ଚଳ, ତା'କୁ ଚକଲା କୁହାଗଲା । ଏହାର କ୍ଷେତ୍ରଫଳ ଥିଲା ୧୯ ବର୍ଗ ମାଇଲ । ଚକଲା ସରକାରର ପରିଚାଳନାନିମନ୍ତେ ପାଞ୍ଚ ଜଣ ସଦସ୍ୟଙ୍କୁ ନେଇ ଏକ ପରିଷଦ ଗଠିତ ହୋଇଥିଲା । ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଥିଲେ ସରକାରର ପ୍ରଧାନମନ୍ତ୍ରୀ ଓ କମଳା ପ୍ରସାଦ କର ଥିଲେ ନିର୍ଦ୍ଦେଶକ ଓ ମୁଖ୍ୟ ସେନାପତି । ପରିଷଦର ଅନ୍ୟ ସଦସ୍ୟମାନେ ଥିଲେ ଅନିରୁଦ୍ଧ ମହାନ୍ତି, ପ୍ରଭାକର ତ୍ରିପାଠୀ ଓ ଶ୍ୟାମସୁନ୍ଦର ପାଣିଗ୍ରାହୀ ।

ଅର୍ଜୁନ ବିଶ୍ୱାଳଙ୍କ ଘରେ 'ସ୍ୱାଧୀନ ସରକାର'ର ଅଫିସ୍ ସ୍ଥାପିତ ହେଲା। ପ୍ରତିଦିନ ସକାଳେ ଘର ଉପରେ କଂଗ୍ରେସ ପତାକା ଉଡ଼େ ଏବଂ ସନ୍ଧ୍ୟାରେ ତାକୁ ସାମରିକ କାଇଦାରେ ଅବତରଣ କରାଯାଏ । ସ୍ୱାଧୀନ ସରକାରର କଚେରିରେ କଂଗ୍ରେସକୁ ଅମାନ୍ୟ କରୁଥିବା ଲୋକଙ୍କର ବିଚାର ହୁଏ ଏବଂ ଦୋଷୀ ବ୍ୟକ୍ତିଙ୍କୁ 'ଜେଲ'ରେ ରଖାଯାଏ । ବିଶେଷକରି ଆନ୍ଦୋଳନର ବିରୋଧୀ ଓ ଇଂରେଜ ସମର୍ଥକ ଏବଂ ସେମାନଙ୍କ ଗୁପ୍ତଚରମାନଙ୍କୁ ଦଣ୍ଡ ବିଧାନ କରାଯାଏ । ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ସ୍ୱାଧୀନ ସରକାର କାର୍ଯ୍ୟ କରିଥିଲା ।

ଇରମ ସମାନ୍ତରାଳ ସରକାରର ସାମୟିକ ସଫଳତା ପଛରେ ଏକାଧିକ କାରଣ ରହିଥିଲା । ଭୌଗୋଳିକ ଦୃଷ୍ଟିରୁ ଏହା ଥିଲା ଏକ ଦ୍ୱୀପପ୍ରାୟ ଅଂଚଳ । ଏହାର ଗୋଟିଏ ପାଖରେ ସମୁଦ୍ର ଓ ଅନ୍ୟ ପାଖରେ ନଦୀ ରହିଥିଲା , ଯାହା ଫଳରେ ବିଚ୍ଛିନ୍ନ ପ୍ରାୟ ଏହି କ୍ଷେତ୍ର ସଂପର୍କରେ ପୋଲିସ କର୍ତ୍ତୃପକ୍ଷଙ୍କ ପାଖରେ ସୂଚନା ପହଞ୍ଚି ପାରୁ ନଥିଲା । ସମାନ୍ତରାଳ ସରକାର ପ୍ରତି ପ୍ରବଳ ଜନ ସମର୍ଥନ ରହିଥିଲା । ତୃତୀୟରେ, ଦଣ୍ଡ ଭୟରେ ସ୍ଥାନୀୟ ଚୌକିଦାର ଓ ସରକାରୀ କର୍ମଚାରୀମାନେ ସ୍ୱାଧୀନ ସରକାରକୁ ସହଯୋଗ କରୁଥିଲେ । ବିଶେଷକରି ଚୌକିଦାରମାନଙ୍କ ସହଯୋଗଯୋଗୁଁ ସମାନ୍ତରାଳ ସ୍ୱାଧୀନ ସରକାରର ଗଠନ ସଂକ୍ରାନ୍ତରେ ସୂଚନା ପୋଲିସ ପାଖରେ ଅନେକ ଦିନ ପର୍ଯ୍ୟନ୍ତ ପହଞ୍ଚି ପାରି ନଥିଲା ।

ଶେଷରେ 'ସ୍ୱାଧୀନ ବାଞ୍ଛାନିଧି ଚକଲା' ଧନୀ ଜମିଦାରମାନଙ୍କ ଗୋଦାମ ଲୁଟ କଲା ଏବଂ ତଟ ନିରୀକ୍ଷଣ କେନ୍ଦ୍ର ଉପରେ ଆକ୍ରମଣ କଲା । ଜମିଦାରମାନଙ୍କ ଅଭିଯୋଗକ୍ରମେ ପୋଲିସ କାର୍ଯ୍ୟାନୁଷ୍ଠାନପାଇଁ ୨୮ ତାରିଖରେ ଇରମ ଅଭିମୁଖେ ଯାତ୍ରା କଲେ । ପୋଲିସ ଆସିବାର ଖବର ପାଇ ଛଅ ସାତ ହଜାର ଲୋକ ଏକତ୍ରିତ ହେଲେ । ସେମାନେ ପୋଲିସ ବାହିନୀର ଜିନିଷପତ୍ର ବୋହିଥିବା ଚୌକିଦାରମାନଙ୍କୁ ଲୁଟି ନେଲେ । ସ୍ଥାନୀୟ ମେଳଣ ପଡ଼ିଆରେ କଂଗ୍ରେସର ସଭା ଚାଲିଲା । ପୋଲିସ ସେଠାରେ ପହଞ୍ଚି ଗୁଳି ଚାଳନା କଲେ । ସଭାରେ ସମବେତ ଜନତାଙ୍କ ମଧ୍ୟରୁ କେତେକ ମହିଳାଙ୍କ ସମେତ ମୋଟ ୨୯ ଜଣ ଲୋକ ପୋଲିସ ଗୁଳିରେ ପ୍ରାଣତ୍ୟାଗ କଲେ; ଶହେରୁ ଅଧିକ ଲୋକ ଗୁରୁତର ଆହତ ହେଲେ । ଗୁଳିଚାଳନା ପରେ ପୋଲିସ ଗାଁ ଲୋକଙ୍କ ଘରବାଡ଼ି ଲୁଟି ନେଲେ । ଆନ୍ଦୋଳନର ପ୍ରମୁଖ ନେତା ଅନିରୁଦ୍ଧ ମହାନ୍ତି, କମଳା ପ୍ରସାଦ କର ଓ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଗିରଫ କରାଗଲା । ଏହା ପରେ ଇରମର ଆନ୍ଦୋଳନ ଆଉ ମୁଣ୍ଡଟେକି ପାରିଲା ନାହିଁ ।

## ନିମାପଡ଼ା ଗୁଳିକାଣ୍ଡ

ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଅପେକ୍ଷାକୃତ ଅଧିକ ସକ୍ରିୟ ଥିବା ପୁରୀ ଜିଲ୍ଲା, ଅଗଷ୍ଟ ବିପ୍ଳବରେ ବେଶି ସଂପୃକ୍ତ ଥିବା ଜଣା ପଡ଼ିନଥିଲା । ଏହାର ଏକାଧିକ କାରଣ

ମଧ୍ୟରେ ଏକ ପ୍ରଧାନ କାରଣ ହେଲା ଯେ, ଗୋପବନ୍ଧୁ ଦାସଙ୍କଦ୍ୱାରା ୧୯୦୯ରେ ସ୍ଥାପିତ ସତ୍ୟବାଦୀ ସ୍କୁଲ୍ ସେତେବେଳକୁ ସଂପୂର୍ଣ୍ଣ ରୂପେ ପତନର ଶିକାର ହୋଇ ସାରିଥିଲା । ନିଜେ ଗୋପବନ୍ଧୁ ଦାସ ମଧ୍ୟ ୧୯୨୮ରେ ମୃତ୍ୟୁବରଣ କରିସାରିଥିଲେ । ଦ୍ୱିତୀୟତଃ, ଆଚାର୍ଯ୍ୟ ହରିହର ଦାସଙ୍କୁ ବାଦ ଦେଲେ ସତ୍ୟବାଦୀର ଅନ୍ୟ ପ୍ରମୁଖ ପ୍ରତିଷ୍ଠାତାମାନେ, ଯଥା ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର କଂଗ୍ରେସରୁ ବାହରି ଯାଇ ସରକାରର ସମର୍ଥନରେ ଓଡ଼ିଶାରେ ମିଳିତ ସରକାର ଗଢ଼ିଥିଲେ । ସତ୍ୟବାଦୀ ନେତୃତ୍ୱର ଏହିଭଳି କଂଗ୍ରେସ ବିରୋଧୀ ଭୂମିକା ଯୋଗୁଁ ବୋଧହୁଏ ପୁରୀରେ ଅଗଷ୍ଟ ବିପ୍ଳବ ବିଶେଷ ଉଧେଇ ପାରି ନଥିଲା ।

ସେ ଯାହାହେଉ, ଅଗଷ୍ଟ ମାସରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଗଷ୍ଟ ବିପ୍ଳବ ସଂଘଟିତ ହେବା ପରେ ତା'ର ପ୍ରଭାବ ପୁରୀରେ ମଧ୍ୟ ପଡ଼ିଲା ଏବଂ ପରିଣାମ ସ୍ୱରୂପ ନିମାପଡ଼ାଠାରେ ୧୬ ସେପ୍ଟେମ୍ବରରେ ଆନ୍ଦୋଳନ ଆରମ୍ଭ ହେଲା । ଆଖପାଖ ଗ୍ରାମାଞ୍ଚଳରୁ ପ୍ରାୟ ୫୦୦ ଲୋକ ସେଠାରେ ଏକ ସଭା ଆୟୋଜନ କଲେ ଏବଂ ନିମାପଡ଼ା ଥାନାକୁ କବ୍‌ଜା କରି ନେବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ସଭାର ନେତୃତ୍ୱ ନେଇଥିଲେ ପଦ୍ମଚରଣ ସାମନ୍ତସିଂହାର, ଭବାନୀ ଚରଣ ପଟ୍ଟନାୟକ, ଲୋକନାଥ ସେନାପତି, ଅଲେଖ ପାତ୍ର, ମହେଶ୍ୱର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ସାହୁ । ସଭା ପରେ କଂଗ୍ରେସ ପତାକା ଧରି ଲୋକେ ଥାନାକୁ ପଟୁଆରରେ ଗଲେ ଏବଂ ପୋଲିସକୁ ଆନ୍ଦୋଳନରେ ଯୋଗ ଦେବାପାଇଁ ଆହ୍ୱାନ କଲେ । ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବାଧା ଦିଆଯିବାରୁ ଖଣ୍ଡଯୁଦ୍ଧ ଆରମ୍ଭ ହେଲା । ଆନ୍ଦୋଳନକାରୀମାନଙ୍କ ପକ୍ଷରୁ ପୋଲିସ ଉପରକୁ ପଥର ମାଡ଼ ହେଲା । ଜଣେ କଂଗ୍ରେସ କର୍ମୀ ଉଚ୍ଛବ ମଲ୍ଲିକ୍ କଂଗ୍ରେସ ପତାକା ଧରି ପୋଲିସ ଥାନା ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ଗୁଳିରେ ତାଙ୍କର ମୃତ୍ୟୁ ହେଲା । ଉଚ୍ଛବ ମଲ୍ଲିକ ଥିଲେ ଜଣେ ଦଳିତ ଜାତିର ବ୍ୟକ୍ତି । ପୋଲିସ ଗୁଳିରେ ଅଗଷ୍ଟ ବିପ୍ଳବରେ ତାଙ୍କର ସହିଦ ହେବା ଘଟଣା ଆନ୍ଦୋଳନର ବ୍ୟାପକତାକୁ ଦର୍ଶାଇଲା । ଗୁଳିଚାଳନାଯୋଗୁଁ ୧୬ ଜଣ କର୍ମୀ ଗୁରୁତର ଆହତ ମଧ୍ୟ ହୋଇଥିଲେ । ଏହି ଘଟଣା ପରେ ଉଚ୍ଛବ ମଲ୍ଲିକଙ୍କ ପୁଅ ଗଜେନ୍ଦ୍ର ମଲ୍ଲିକଙ୍କ ସହିତ ୪୧ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ଜେଲକୁ ପଠାଗଲା । ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଏକାଧିକ ଥିଲେ ଦଳିତ । ଏହାକୁ ନିମାପଡ଼ା ଆନ୍ଦୋଳନର ଏକ ବୈଶିଷ୍ଟ୍ୟ ଭାବରେ ଗ୍ରହଣ କରାଯାଇପାରେ । ୧୯୦୯ରେ 'ସତ୍ୟବାଦୀ'ର ଶୁଭାରମ୍ଭ ହୋଇ ପୁରୀରେ ଜାତୀୟତା ଆନ୍ଦୋଳନର ଯେମିତି ଭିତ୍ତି ପଡ଼ିଥିଲା । ସେତେବେଳେ ଆନ୍ଦୋଳନର ମୁଖ୍ୟ ଆଧାର ଥିଲେ ଉଚ୍ଚ ଜାତିର ବ୍ରାହ୍ମଣମାନେ । ୧୯୪୨ର ଅଗଷ୍ଟ ବିପ୍ଳବ ବେଳକୁ ଦଳିତମାନେ ଜିଲ୍ଲାରେ ଅଗ୍ରଣୀ ଭୂମିକା ନେଲେ ।

## ସମ୍ବଲପୁର ଜିଲ୍ଲାରେ ଆନ୍ଦୋଳନ

ବମ୍ବେ କଂଗ୍ରେସ ବୈଠକରେ ଯୋଗ ଦେଇ ସମ୍ବଲପୁର ଫେରିବା ବାଟରେ ଲକ୍ଷ୍ମୀନାରାୟଣ ମିଶ୍ର ଓ ପ୍ରହଲ୍ଲାଦ ରାୟ ଲାଠ ୯ ଅଗଷ୍ଟ ଦିନ ଗିରଫ ହେଲେ । ଜିଲ୍ଲାର ତିନିଟି କଂଗ୍ରେସ ଅଫିସ୍

ଉପରେ ନିଷେଧାଜ୍ଞା ଜାରିହେଲା । ସମ୍ବଲପୁର ଜିଲ୍ଲାର ଅନ୍ୟ ଜଣେ ପ୍ରମୁଖ ନେତା ଭାଗୀରଥି ପଟ୍ଟନାୟକ, ତାଙ୍କ ପତ୍ନୀ ଜମ୍ବୁବତୀ ପଟ୍ଟନାୟକ ଓ ପୁତ୍ର ପ୍ରଫୁଲ୍ଲ ପଟ୍ଟନାୟକ ଅଗଷ୍ଟ ବିପ୍ଳବ ସମୟରେ ବିହାରରେ ଯାଇ କଂଗ୍ରେସ କାମ କରୁଥିଲେ । ଫଳରେ ସାଧାରଣ କଂଗ୍ରେସ କର୍ମୀମାନେ ହିଁ ଜିଲ୍ଲାରେ ଆନ୍ଦୋଳନକୁ ସକ୍ରିୟ କରିଥିଲେ ।

ଜିଲ୍ଲାରେ ଆନ୍ଦୋଳନର ଆରମ୍ଭ ହେଲା ୧୮ ଅଗଷ୍ଟ ଦିନ । ୧୭ ଅଗଷ୍ଟ ଦିନ ଜମ୍ବୁବତୀ ଦେବୀ ଏବଂ ପ୍ରେମାଦେବୀଙ୍କୁ ବିହାରର ଦୁମୁକାଠାରେ ଗିରଫ କରାଗଲା । ଏହାର ପ୍ରତିବାଦ କରି ୧୮ ଅଗଷ୍ଟ ଦିନ ଝାରସୁଗୁଡ଼ାରେ ଛାତ୍ରମାନେ ସହରରେ ହରତାଳ ପାଳନ କଲେ; ଶୋଭାଯାତ୍ରା କଲେ । ତା' ପରଦିନ ହରତାଳକୁ ସହଯୋଗ କରିବା ଅଭିଯୋଗରେ ନୃସିଂହ ଗୁରୁ, ତାଙ୍କ ଭାଇ ଦୁର୍ଗାପ୍ରସାଦ ଗୁରୁ, ଦୟାନିଧି ଶତପଥୀ, ଲକ୍ଷ୍ମୀନାରାୟଣ ଅଗ୍ରୱାଲ୍ ଓ ରାମରକ୍ଷା ଶୁକ୍ଳଙ୍କୁ ପୋଲିସ ଭାରତ ରକ୍ଷା ଆଇନ ବଳରେ ଗିରଫ କଲେ । ଏହାର ଦୁଇଦିନ ପରେ ୨୧ ଅଗଷ୍ଟ ଦିନ ସମ୍ବଲପୁର ଭୁଲିଆ ପଡ଼ାର ଯୁଧିଷ୍ଠିର ମେହେର, ପ୍ରେମାନନ୍ଦ ମେହେର, ଆନନ୍ଦ ମେହେର, ରାଧେଶ୍ୟାମ ମେହେର ଓ ପବିତ୍ର ଦାସ ଗିରଫ ହେଲେ । ତନ୍ତୀ ସଂପ୍ରଦାୟର ଏହି କଂଗ୍ରେସକର୍ମୀଗଣ ରେଭିନ୍ୟୁ ଅଫିସରଙ୍କୁ ସରକାରୀ ପଦବୀରୁ ଇସ୍ତଫା ଦେବାପାଇଁ ବାଧ୍ୟ କରିଥିଲେ । ଏହି ସମୟରେ ବରଗଡ଼ରେ ଫକୀର ବେହେରା, ରାଜେନ୍ଦ୍ର ପଣ୍ଡା ଓ ତୀର୍ଥବାସୀ ପୁରୋହିତଙ୍କୁ ଗିରଫ କରାଯାଇ ସମ୍ବଲପୁର ଜେଲରେ ରଖାଗଲା ।

ସମ୍ବଲପୁର ଆନ୍ଦୋଳନର ବିଶେଷତ୍ୱ ଥିଲା ନାରୀ ନେତୃତ୍ୱର ଉଦୟ । ଭାଗୀରଥି ପଟ୍ଟନାୟକଙ୍କ ପତ୍ନୀ ଜମ୍ବୁବତୀ ଦେବୀ ଆଇନ ଅମାନ୍ୟ ସମୟରୁ ସକ୍ରିୟ ରହି ଅଗଷ୍ଟ ବିପ୍ଳବ ବେଳେ ବିହାରରେ ଗିରଫ ହୋଇଥିଲେ । ତାଙ୍କଦ୍ୱାରା ଉଦ୍‌ବୁଦ୍ଧ ହୋଇ ବରଗଡ଼ ନିକଟସ୍ଥ ସମଲାଇପଦର ଗ୍ରାମର ପାର୍ବତୀ ଗିରି ଓ ତେଲିପଡ଼ାର ପ୍ରଭାବତୀ ଦେବୀ ବରଗଡ଼ରେ ମହିଳାମାନଙ୍କୁ ପଟୁଆରରେ ନେଇ ଶୋଭାଯାତ୍ରା କରିଥିଲେ । ସେମାନେ କେତେକ ମଦ ଦୋକାନକୁ ବନ୍ଦ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ । ପୋଲିସ ଉଭୟଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଥିଲେ ।

ବରଗଡ଼ ନିକଟସ୍ଥ ପାଣିମୋରା ଗ୍ରାମରେ ୩୨ଜଣ କର୍ମୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେମାନେ ସମସ୍ତେ ଥିଲେ ଚାଷୀ ଓ ମଜୁରିଆ ଶ୍ରେଣୀର । ସେମାନେ ଗିରଫ ହୋଇ କାରାଦଣ୍ଡ ଭୋଗିଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଅଗଷ୍ଟ ବିପ୍ଳବର ବହୁ ପୂର୍ବରୁ ଭାଗୀରଥି ପଟ୍ଟନାୟକଙ୍କ ସହ ମିଶି କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ସଂପୃକ୍ତ ଥିଲେ । ପାଣିମୋରାର କର୍ମୀମାନଙ୍କ ମଧ୍ୟରେ ଥିଲେ ଫୁଲଶର ପ୍ରଧାନ, ଦିବ୍ୟ କିଶୋର ସାହୁ, ଅଭିମନ୍ୟୁ ଭୋଇ, ଗୋକୁଳଚନ୍ଦ୍ର ନାୟକ, ଶ୍ରୀବତ୍ସ ନାୟକ, ମଦନ ମୋହନ ପ୍ରଧାନ, ଧନୁ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଧନଞ୍ଜୟ ପ୍ରଧାନ, ରାଘବଚନ୍ଦ୍ର ପରଡ଼ିଆ, ଚୈତନ୍ୟ ସରାଫ୍, ଶଙ୍କର ପ୍ରଧାନ, ଦୟାନିଧି ନାୟକ, ସୁଖଶରଣ ଭୋଇ, ଚନ୍ଦ୍ରଭାନୁ ପରଡ଼ିଆ, ଧନସିଂହ ପ୍ରଧାନ, ପ୍ରଭାକର ପ୍ରଧାନ, କହ୍ନେଇଲାଲ୍ ସାହୁ, ମଦନ ଭୋଇ, ରୁଷି ସରାଫ୍, ହରିହର ଭୋଇ, ଦାଶରଥି ନାୟକ ଓ କଏରା ସାହୁ । ସେମାନଙ୍କ ସଂପୃକ୍ତି ଅଗଷ୍ଟ ବିପ୍ଳବକୁ ବ୍ୟାପକ ପରିସରଭୁକ୍ତ କଲା ।

ସମ୍ବଲପୁର ଜିଲ୍ଲାରେ ମୋଟ ୧୫୫ ଜଣ କର୍ମୀ ଏଥିରେ ଜେଲଦଣ୍ଡ ଭୋଗି ଥିଲେ । ପୁଣି ଅନେକ କର୍ମୀ ଗିରଫ ନ ହୋଇ ଆନ୍ଦୋଳନ କାମରେ ସଂଶ୍ଳିଷ୍ଟ ଥିଲେ । ସମ୍ବଲପୁର ଜିଲ୍ଲା ଅଗଷ୍ଟ ବିପ୍ଳବର ବିଶେଷତ୍ୱ ହେଲା ଯେ, ସେଠାରେ କୌଣସି ବ୍ୟାପକ ହିଂସାକାଣ୍ଡ ବା ପୋଲିସ୍ ଗୁଳିଚାଳନା ପରିଦୃଷ୍ଟ ହୋଇ ନଥିଲା । କର୍ମୀମାନେ ସାଧାରଣତଃ ଶୋଭାଯାତ୍ରାରେ ଯାଇ କଂଗ୍ରେସ ଓ ଗାନ୍ଧୀଙ୍କ ନାମରେ ସ୍ଲୋଗାନ ଦେଉଥିଲେ ଏବଂ ସେହି ପ୍ରକ୍ରିୟାରେ ପୋଲିସ ସେମାନଙ୍କୁ ଗିରଫ କରୁଥିଲା । ଅଧିକାଂଶ ଗିରଫ କର୍ମୀ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନ ଓ ତା'ର ଗଠନମୂଳକ କାର୍ଯ୍ୟ ସହ ପରିଚିତ ଥିଲେ । ସେହି ଶୃଙ୍ଖଳା ଅଗଷ୍ଟ ବିପ୍ଳବରେ ଅଂଶଗ୍ରହଣ କଲା ସମୟରେ ମଧ୍ୟ ସେମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା । ଉଦାହରଣ ସ୍ୱରୂପ, ନୃସିଂହ ଗୁରୁ ଅସହଯୋଗ ସମୟରୁ ଏବଂ ଦୟାନନ୍ଦ ଶତପଥୀ ବାମଣ୍ଡା ପ୍ରଜା ଆନ୍ଦୋଳନ (୧୯୨୮) ସମୟରୁ କଂଗ୍ରେସର କାର୍ଯ୍ୟ ସହ ଓତପ୍ରୋତ ଭାବେ ଜଡ଼ିତ ଥିଲେ ।

## ଗଞ୍ଜାମରେ ଆନ୍ଦୋଳନ

୯ ଅଗଷ୍ଟ ୧୯୪୨ ଦିନ ଓଡ଼ିଶାର ଅନ୍ୟ ପ୍ରମୁଖ ନେତାମାନଙ୍କ ମଧ୍ୟରେ ଗଞ୍ଜାମର ଉମାଚରଣ ପଟ୍ଟନାୟକ ଗିରଫ ହୋଇଥିଲେ ଏବଂ ଗଞ୍ଜାମ ଜିଲ୍ଲା କଂଗ୍ରେସ ଅଫିସ୍ ସମେତ ଗୁରୁଣ୍ଡି ସେବାଶ୍ରମ ଓ କୁଲାଡ଼ୋ ଆଶ୍ରମକୁ ପୋଲିସ ବାଜ୍ୟାପ୍ତ କରି ଦେଇଥିଲେ । ଆନ୍ଦୋଳନ ଆରମ୍ଭ ହୋଇଥିବା କଥା ପ୍ରଚାର ହେବା ପରେ, ୧୦ ଅଗଷ୍ଟ ଦିନ ବିପିନ ବିହାରୀ ରଥ ନାମକ ଜଣେ କିଶୋର ଯୁବକଙ୍କ ନେତୃତ୍ୱରେ ପ୍ରାୟ ୧୦୦ ଜଣ ସ୍କୁଲ୍ ଛାତ୍ର ବ୍ରହ୍ମପୁର ମୁଖ୍ୟ ପୋଷ୍ଟ ଅଫିସ୍ ଆଗରେ ପିକେଟିଂ କଲେ । ପରଦିନ ଆସ୍କା ହାଇସ୍କୁଲ୍‌ରେ ଏବଂ ୧୪ ତାରିଖ ଦିନ ପାରଳାଖେମୁଣ୍ଡି କଲେଜର ଛାତ୍ର କଂଗ୍ରେସ ନେତୃବୃନ୍ଦଙ୍କ ଗିରଫ ପ୍ରତିବାଦରେ ହରତାଳ ହେଲା । ଅଗଷ୍ଟ ୧୫ ତାରିଖରେ ଗୁରୁଣ୍ଡିଠାରେ ଏକ ଜନସଭା ଆୟୋଜିତ ହେଲା । ଏଥିରେ ଜିଲ୍ଲା କୃଷକ ସଭାର ସଭାପତି ନାରାୟଣ ପାତ୍ର ବକ୍ତୃତା ଦେବା ପରେ ପୋଲିସଦ୍ୱାରା ଗିରଫ ହେଲେ । ପାରଳାଖେମୁଣ୍ଡିରେ ଏକ ସରକାରୀ ଡାକବଙ୍ଗଳାକୁ ଆଦିବାସୀମାନେ ଭାଙ୍ଗି ପକାଇଲେ । ଛତ୍ରପଡ଼ା, କେରୁଣା, କଣ୍ଟାପାରି ଆଦି ସ୍ଥାନରେ ମଧ୍ୟ ସେହି ଦିନ ହରତାଳ ହୋଇଥିଲା । ଏକ ନିର୍ଦ୍ଦିଷ୍ଟ ଦିନରେ ବିଭିନ୍ନ ସ୍ଥାନରେ ଗୋଟାଏ କାର୍ଯ୍ୟକ୍ରମ ସଂଘଟିତ ହେଉଥିବାରୁ ସିଦ୍ଧ ହୁଏ ଯେ, କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଆପୋସ ବୁଝାମଣା ରହିଥିଲା ଏବଂ ମିଳିତ ଭାବରେ ସେମାନେ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରୁଥିଲେ । ଅଗଷ୍ଟ ୧୮ ତାରିଖ ଦିନ ରସୁଲକୋଣ୍ଡାରେ ପ୍ରତିବାଦ ସଭା ଓ ହରତାଳ ଆୟୋଜିତ ହୋଇଥିଲା ।

ଗଞ୍ଜାମ ଜିଲ୍ଲାରେ ମୋଟ ୧୦୧ ଜଣ କଂଗ୍ରେସ କର୍ମୀ ଗିରଫ ହୋଇଥିଲେ । ତନ୍ମଧ୍ୟରେ ଥିଲେ କୁଲାଡ଼ୋ ଆଶ୍ରମର କର୍ମୀ ହରିହର ପତି, ଆପ୍ପା ରାଓ, ମହାଦେବ ପଣ୍ଡା, ଖଲି ସାହୁ, ଗୋପୀନାଥ ସାହୁ ଏବଂ ଫୁଲ ଦେଇ । ଜିଲ୍ଲାର ଅନ୍ୟ ପ୍ରମୁଖ ଗିରଫ କର୍ମୀଙ୍କ ମଧ୍ୟରେ ଥିଲେ ଶୀହର୍ଷ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଦୀନବନ୍ଧୁ ବେହେରା, ଅପନ୍ନା ପାତ୍ର, ବିଶ୍ୱନାଥ ଦାସ,

ବନମାଳୀ ମହାରଣା ଏବଂ ମାଗୁଣି ଦାସ । ପୁରୁଷୋତ୍ତମପୁର ହାଇସ୍କୁଲ୍‌ର ଛାତ୍ର ରାମମୋହନ ଜେନା ଗୁଣ୍ଡାରି ଥାନାକୁ ପୋଡ଼ି ଦେବାକୁ ଉଦ୍ୟମ କରିବା ଅପରାଧରେ ଗିରଫ ହୋଇଥିଲେ ।

ଜିଲ୍ଲାର ଜଗନ୍ନାଥପ୍ରସାଦରେ ଲୋକ ଜଙ୍ଗଲ ଆଇନକୁ ଅମାନ୍ୟ କରିବା ଉଦ୍ଦେଶ୍ୟରେ ପଞ୍ଚବଟୀ ଜଙ୍ଗଲର ଗଛ କାଟି ନେଇଗଲେ । ଋଷିକୂଲ୍ୟା ନଦୀ ଉପରେ ଥିବା ଏକ ପୋଲକୁ ଡିନାମାଇଟ୍ ଲଗାଇ ଧ୍ୱଂସ କରିବାକୁ ମାଗୁଣି ଦାସ, ଡକ୍ଟର ରାମମୂର୍ତ୍ତି ଓ ନିରଞ୍ଜନ ପଟ୍ଟନାୟକ ଆଦି ଯୋଜନା କରିଥିଲେ । ଏଥିପାଇଁ ଡିନାମାଇଟ୍ ମଧ୍ୟ ସଂଗ୍ରହ କରାଯାଇଥିଲା । ମାତ୍ର ନେତାମାନେ ଗିରଫ ହେବାରୁ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ମୋଟ ଉପରେ ଦେଖିଲେ, ଗଞ୍ଜାମ ଜିଲ୍ଲାରେ ଅଗଷ୍ଟ ବିପ୍ଳବ ଖୁବ୍ ବେଶି ଧ୍ୱଂସାତ୍ମକ ହୋଇ ନଥିଲା । ହିଂସାତ୍ମକ ପଦକ୍ଷେପ ଗୃହୀତ ହେବା ପୂର୍ବରୁ ଅନେକ ସ୍ଥଳରେ ନେତାମାନଙ୍କୁ ଗିରଫ କରାଯାଇଥିଲା । ଦ୍ୱିତୀୟତଃ କାଁ ଭାଁ କେତୋଟି ଘଟଣାକୁ ବାଦ ଦେଲେ ସେଠାରେ ଆନ୍ଦୋଳନ କର୍ମୀମାନଙ୍କ ମଧ୍ୟରେ ସୀମିତ ଥିଲା । ବ୍ୟାପକ ସ୍ତରରେ ସାଧାରଣ ଜନତା ଆନ୍ଦୋଳନରେ ଭାଗ ନେଇ ନଥିଲେ, ଯଦିଓ ସେମାନଙ୍କର ଆନ୍ଦୋଳନ ପ୍ରତି ମୌନ ସମର୍ଥନ ରହିଥିଲା ।

## ଗଡ଼ଜାତରେ ଆନ୍ଦୋଳନ

ଅସହଯୋଗ ଓ ଆଇନ ଅମାନ୍ୟ ସମୟରେ ସାମାନ୍ୟ କେତୋଟି ଗଡ଼ଜାତରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ମାତ୍ର ହୋଇଥିଲା । ମାତ୍ର ୧୯୪୨ ବେଳକୁ ଗଡ଼ଜାତଗୁଡ଼ିକ ମୋଗଲବନ୍ଦି ଅପେକ୍ଷା ରାଜନୀତିକରଣରେ ଆଗୁଆ ରହିଲେ । ଶିକ୍ଷାଦୀକ୍ଷାରେ ପଛରେ ରହିବା ସତ୍ତ୍ୱେ ଗଡ଼ଜାତର ଏହି ପ୍ରତ୍ୟକ୍ଷ ରାଜନୀତିକରଣ ତାକୁ ମୋଗଲବନ୍ଦିର ସମତୁଲ କରିଦେଲା । ସେହି ଦୃଷ୍ଟିରୁ ଦେଖିଲେ, ଅଗଷ୍ଟ ବିପ୍ଳବ ଉଭୟ ଓଡ଼ିଶାର ସମନ୍ୱୟ ଦିଗରେ ଏକ ପ୍ରମୁଖ ଅନୁପୂରକ ପ୍ରମାଣିତ ହେଲା । ୧୯୩୮-୩୯ରେ ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ହୋଇଥିବା କଥା ପୂର୍ବରୁ ଆଲୋଚିତ ହୋଇଛି । ୧୯୪୨ ଅଗଷ୍ଟ ଆନ୍ଦୋଳନରେ ମଧ୍ୟ ଏହି ପ୍ରଜାମାନେ ଅନୁରୂପ ଭାବରେ ଭାଗ ନେଲେ । ଫଳରେ ପ୍ରଜାମଣ୍ଡଳ ଓ ଅଗଷ୍ଟ ଆନ୍ଦୋଳନ ସେଠାରେ ସମ ରୂପ ହେଲା । ଗଡ଼ଜାତ ରାଜାମାନେ ଇଂରେଜଙ୍କ ସମର୍ଥନ ଓ କଂଗ୍ରେସର ବିରୋଧ କରୁଥିବାଯୋଗୁଁ ପ୍ରଜାମାନେ ପ୍ରତ୍ୟକ୍ଷ ରୂପରେ ରାଜାବିରୋଧୀ ହେଲେ।

## ତାଳଚେରରେ ଆନ୍ଦୋଳନ

ଗଡ଼ଜାତଗୁଡ଼ିକ ମଧ୍ୟରେ ତାଳଚେରର ଅଗଷ୍ଟ ଆନ୍ଦୋଳନ ସର୍ବାଗ୍ରେ ରହିଥିଲା । ସେଠାରେ ପ୍ରଜାମଣ୍ଡଳର ଭିତ୍ତି ଉପରେ ଆନ୍ଦୋଳନ ତୀବ୍ର ରୂପ ନେଲା । ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ପ୍ରଜା ତାଳଚେରରେ ସ୍ୱାଧୀନ ସମାନ୍ତରାଳ ସରକାର ଗଠନ କଲେ ଏବଂ ତାକୁ ଦମନ କରିବାପାଇଁ ସରକାର ପକ୍ଷରୁ ହେଲିକେପ୍ଟରରେ ବୋମା ବର୍ଷଣ ମଧ୍ୟ କରାଗଲା । ସମଗ୍ର ଦେଶରେ ତାଳଚେରର ଆନ୍ଦୋଳନ ଅଭୂତପୂର୍ବ ବୋଲି ପ୍ରସିଦ୍ଧି ପାଇଲା ।

ନଭେମ୍ବର ୧୯୪୦ରେ ତାଳଚେରରେ ପବିତ୍ର ମୋହନ ପ୍ରଧାନ ଓ ତାଙ୍କ ସହଯୋଗୀମାନେ ପ୍ରଜାମଣ୍ଡଳ ଆନ୍ଦୋଳନଯୋଗୁଁ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ଅଗଷ୍ଟ ବିପ୍ଲବର ସୂଚନା ସେମାନଙ୍କୁ ମିଳିଥାଏ । ୧୯୪୨ ଅଗଷ୍ଟ ୩୧ ତାରିଖରେ ଜେଲ ଡେଇଁ ପବିତ୍ରବାବୁ ପଳାଇଯିବା ସହିତ ଗୋପନରେ ଆନ୍ଦୋଳନକୁ ନେତୃତ୍ୱ ଦେଲେ ।

ପବିତ୍ରବାବୁଙ୍କୁ ଧରାଇ ଦେବାପାଇଁ ରାଜାଙ୍କ ପକ୍ଷରୁ ୫୦୦୦ଟଙ୍କା, ୫୦୦ ଏକର ଜମି, ପାଞ୍ଚଟି ଗ୍ରାମର ସରବରାକାରୀ ଅଧିକାର (ରାଜସ୍ୱ ଅସୁଲିର ଅଧିକାର) ଏବଂ ପଦପଦବୀ ଘୋଷଣା କରାଗଲା । ଅନ୍ୟପକ୍ଷରେ, ପ୍ରଜାମାନେ ଧରିନେଲେ ଯେ ପବିତ୍ରବାବୁଙ୍କୁ ରାଜା ହତ୍ୟା କରିଛନ୍ତି । ଫଳରେ ଆନ୍ଦୋଳନ ଅଧିକ ତୀବ୍ର ଆକାର ଧାରଣ କଲା । ସେପ୍ଟେମ୍ବର ୩ ତାରିଖରେ କୁମୁଣ୍ଡା ଗ୍ରାମରେ ତାଳଚେର ପ୍ରଜାମଣ୍ଡଳର କର୍ମକର୍ତ୍ତାମାନଙ୍କର ବୈଠକ ବସି ରାଜ୍ୟରେ ଭାରତଛାଡ଼ ଆନ୍ଦୋଳନର ଉଦ୍ଦେଶ୍ୟ ଅନୁସାରେ ସମାନ୍ତରାଳ ସରକାର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଗଲା । ପବିତ୍ରବାବୁଙ୍କ ହତ୍ୟା ଗୁଜବ ଜନବିକ୍ଷୋଭକୁ ପ୍ରଜ୍ୱଳିତ କରିଦେଲା । ଲୋକେ ସରକାରଙ୍କୁ ଅବଜ୍ଞା କଲେ । 'ରାଜବଂଶ ଧ୍ୱଂସ କର', 'ଗଡ଼ଜାତ ସରକାରକୁ ଧ୍ୱଂସ କର', 'ଗାନ୍ଧିଜୀଙ୍କ ହୁକୁମ ଅନୁସାରେ ପଞ୍ଚାୟତ ସରକାର ଗଢ଼' ଏବଂ 'ଇଂରେଜକୁ ମାରି ତଡ଼' ବୋଲି ସ୍ଲୋଗାନ ଦେଲେ । ଜନବିକ୍ଷୋଭକୁ ନିୟନ୍ତ୍ରିତ କରିବାପାଇଁ ରାଜ୍ୟରେ ଅଫିସ୍, ଅଦାଲତ ଓ ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଗଲା । ସେପ୍ଟେମ୍ବର ୩ ତାରିଖରୁ ବ୍ରିଟିଶ୍ ସରକାରଙ୍କ ପ୍ରତ୍ୟକ୍ଷ ସହାୟତାରେ ତାଳଚେରରେ ବୋମା, ହେଲିକେପ୍ଟର, ମେସିନଗନ ଓ ସେନାବାହିନୀ ଆଦି ପଇଁତରା ମାରିଲା । ପ୍ରଜାଙ୍କୁ ଦମନ କରିବାପାଇଁ ଧୂଆଁବାଣ ଓ ଲୁହବୁହା ବୋମାର ପ୍ରୟୋଗ ହେଲା ।

ସେପ୍ଟେମ୍ବର ୭ ତାରିଖରୁ ତାଳଚେରରେ 'ପ୍ରଜାସଭା'ର ନିୟନ୍ତ୍ରଣରେ ସ୍ୱାଧୀନ ସରକାର ଗଠିତ ହେଲା । ଆନ୍ଦୋଳନକାରୀଙ୍କ ଏକ ହିସାବ ଅନୁଯାୟୀ ତାଳଚେରରେ ସେଦିନ ୪୦ ହଜାର ପ୍ରଜା ଏକତ୍ରିତ ହୋଇ ସଭା କଲେ ଏବଂ ରାଜା ଓ ବ୍ରିଟିଶ ବିରୋଧୀ ସ୍ଲୋଗାନ ଦେଲେ । ଉତ୍ତ୍ୟକ୍ତ ଜନତା ସରକାରୀ ଡାକବଙ୍ଗଳା ଓ ଘରଗୁଡ଼ିକୁ ପୋଡ଼ିଦେଲେ । ପୋଲିସ ଥାନା ଓ ଜଙ୍ଗଲ ବିଭାଗର ଅଫିସ୍ ମଧ୍ୟ ଆକ୍ରମଣରୁ ରକ୍ଷା ପାଇଲା ନାହିଁ । ଟେଲିଫୋନ୍ ତାରକୁ କାଟି ପକାଇଲେ । ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାର ପୋଲଗୁଡ଼ିକୁ ନଷ୍ଟ କଲେ ଏବଂ ତାଳଚେର-ପୁରୀ ରେଳ ଲାଇନ୍‌କୁ ସ୍ଥାନେ ସ୍ଥାନେ ଉପାଡ଼ି ଦେଲେ । ରାଜ୍ୟରେ ସେହିଦିନଠାରୁ ଚାଷୀ ମୂଲିଆ ପଞ୍ଚାୟତ ସରକାରର ପ୍ରତିଷ୍ଠା ହେଲା । ରାଜ୍ୟର ଗ୍ରାମେ ଗ୍ରାମେ ଏହି ସରକାର କାର୍ଯ୍ୟକାରୀ ହୋଇଥିବାରୁ ରାଜାଙ୍କ ସରକାର ସଂପୂର୍ଣ୍ଣ ଭାବେ ଅଚଳ ହୋଇ ପଡ଼ିଲା । ଏଥିରେ ପବିତ୍ର ବାବୁଙ୍କ ବ୍ୟତୀତ ମାଗୁଣି ଚରଣ ପ୍ରଧାନ, ବନମାଳୀ ପ୍ରଧାନ, କାଳିନ୍ଦୀ ଚରଣ ପ୍ରଧାନ, ଦାଶରଥି ପାଣି, ଝୁଲୁଦାସ, କୃତ୍ତିବାସ ରଥ, ପବିତ୍ର ବେହେରା ଓ ଗୋବର୍ଦ୍ଧନ ସାହୁ ଆଦି ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଅନ୍ୟ ପକ୍ଷରେ ଆନ୍ଦୋଳନକୁ ଦମନ କରିବାପାଇଁ ସରକାରଙ୍କ ପକ୍ଷରୁ ତାଳଚେର ସହରରେ ହେଲିକେପ୍ଟର ଉପରୁ ମେସିନ୍‌ଗନ୍‌ରୁ ଗୁଳି ବର୍ଷଣ କରାଗଲା । ମାର୍ଚ୍ଚ ୧୯୪୩ ପର୍ଯ୍ୟନ୍ତ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଲା । ପବିତ୍ର ବାବୁ ପୋଲିସ୍ ହାତରେ ଧରା ନ ପଡ଼ିବେ

ବୋଲି ତାଳଚେରରୁ ପ୍ରଥମେ ବିହାର, ବଂଗ ଓ ଆସାମ ଚାଲିଗଲେ । ସେ ସୁଭାଷ ଚନ୍ଦ୍ର ବୋଷଙ୍କ ଫରୱାର୍ଡ଼ ବ୍ଲକ୍ ଦଳ ସହ ମଧ୍ୟ ଯୋଗସୂତ୍ର ରକ୍ଷା କରି ସେମାନଙ୍କ ସହାୟତାରେ ଯୁଦ୍ଧ କରିବାକୁ ଉଦ୍ୟମ କରିଥିଲେ ।

## ଢେଙ୍କାନାଳରେ ଆନ୍ଦୋଳନ

୧୯୩୮-୩୯ର ଢେଙ୍କାନାଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ପରେ, ୧୯୪୨ର ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଏହାର ପରିବର୍ଦ୍ଧିତ ରୂପ ଦେଖାଗଲା,ଯାହା ଅଗଷ୍ଟ ବିପ୍ଳବ ନାମରେ ପରିଚିତ । ଅଗଷ୍ଟ ୧୬ ତାରିଖରେ ଆନ୍ଦୋଳନ ଆରମ୍ଭ କରିବାକୁ ପ୍ରଜାମଣ୍ଡଳର ନେତାମାନେ କୃତ୍ତିବାସ ପ୍ରଧାନଙ୍କ ସଭାପତିତ୍ୱରେ ଖଣ୍ଡବନ୍ଧଠାରେ ବୈଠକ କଲେ । ଏହାର ସୂଚନା ପାଇ ପୋଲିସ ଆନ୍ଦୋଳନର ନେତା ମହେଶ୍ୱର ସୁବାହୁ ସିଂହ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବ୍ରଜକିଶୋର ଧଳ, ଶ୍ରୀକାନ୍ତ ରାଉତ ଓ ନରୋତ୍ତମ ଦାସ ଆଦିଙ୍କୁ ୧୮ରୁ ୨୩ ଅଗଷ୍ଟ ମଧ୍ୟରେ ଗିରଫ କଲା । ପ୍ରଜାମଣ୍ଡଳର ପ୍ରମୁଖ ନେତା ବୈଷ୍ଣବ ଚରଣ ପଟ୍ଟନାୟକ ପୂର୍ବରୁ ଜେଲ୍‌ରେ ଥାଇ ଏପ୍ରିଲ୍ ୧୯୪୨ରେ ଖଲାସ ହୋଇଥିଲେ । ସେ ଆନ୍ଦୋଳନର ନେତୃତ୍ୱ ନେଲେ । ତାଙ୍କ ଘର ତଲାସୀ ସତ୍ତ୍ୱେ ତାଙ୍କୁ ଗିରଫ କରାଯାଇ ପାରିଲା ନାହିଁ । ବୈଷ୍ଣବଙ୍କ ନେତୃତ୍ୱରେ ଏକ ୧୯ ଜଣିଆ ଗରିଲା ବାହିନୀ ଗଠିତ ହେଲା ଏବଂ ଆନ୍ଦୋଳନପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଲା । ଗରିଲା ବାହିନୀର ଅନ୍ୟ ସଦସ୍ୟ ଥିଲେ ମୂଷା ମଲ୍ଲିକ, ବାଇଧର ସ୍ୱାଇଁ, ଆନନ୍ଦ ଚନ୍ଦ୍ର ସ୍ୱାଇଁ, କୁଳମଣି ପ୍ରଧାନ ଓ ପଦ୍ମନାଭ ସାହୁ ଆଦି । ଅଗଷ୍ଟ ୨୬ ତାରିଖ ଦିନ ପୂର୍ବ ନିଷ୍ପତ୍ତି ମତେ ରାଜ୍ୟର ମଢି (କାମାକ୍ଷାନଗର) ସ୍ଥିତ ଥାନା ସେମାନେ ଆକ୍ରମଣ କଲେ । ଥାନାର କାଗଜପତ୍ର ପୋଡ଼ିଦେବା ସହିତ ୪ଟି ବନ୍ଧୁକ, ୬୦ ରାଉଣ୍ଡ ଗୁଳି ଏବଂ ପ୍ରାୟ ୨୦୦୦୦ ଟଙ୍କା ସେମାନେ ଲୁଟ୍ କରିନେଲେ । ଏହା ପରେ ସେମାନେ ତହସିଲ, ଫରେଷ୍ଟ ଅଫିସ୍ ଓ ଥାନାବାବୁଙ୍କ ବସାଗୃହକୁ ପୋଡ଼ିଦେଲେ । ଦେଶୀ ବନ୍ଧୁକ, ଧନୁ, ତୀର, ବର୍ଚ୍ଛା ଓ ଲାଠି ଆଦି ପାରମ୍ପରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ସେମାନେ ଏହି ଆକ୍ରମଣ କରିଥିଲେ । ଗରିଲା ବାହିନୀର ଏହି କାଣ୍ଡ ଦେଖି ହଜାର ହଜାର ଲୋକ ରୁଣ୍ଡ ହେଲେ ଓ ସମସ୍ତେ ମିଶି ରାଜାଙ୍କ କୋଠଘରକୁ ଲୁଟିନେଲେ । ତା'ପରଠାରୁ ମଢ଼ିଠାରେ ସ୍ୱାଧୀନ ସମାନ୍ତରାଳ ସରକାର ଗଠିତ ହେଲା ।

ସେପ୍ଟେମ୍ବର ୪ ତାରିଖରେ ଗରିଲା ବାହିନୀ ଚାନ୍ଦପୁର ଥାନା ଓ ତହସିଲ ଅଫିସ୍‌ରେ ନିଆଁ ଲଗାଇଦେଲେ । ଏହା ପରେ ସେମାନେ ପର୍ଜଙ୍ଗ ଥାନା ଆକ୍ରମଣପାଇଁ ଯାଉଥିବା ବେଳେ ପୋଲିସ ସହିତ ସେମାନଙ୍କର ଖଣ୍ଡଯୁଦ୍ଧ ହେଲା । ତେଣିକି ପୋଲିସ ଗୁଳିରେ ବାହିନୀର ପ୍ରମୁଖ ନେତା ବୈଷ୍ଣବ ଚରଣ ପଟ୍ଟନାୟକ ଆହତ ହେଲେ ଏବଂ ବୀର ସାହୁ ଓ ବେଣୁ ସାହୁ ନାମକ ଦୁଇଜଣ କର୍ମୀଙ୍କର ମୃତ୍ୟୁ ହେଲା । ଗରିଲା ବାହିନୀର ଅନ୍ୟ ନେତାମାନଙ୍କୁ ପୋଲିସ୍ ଗିରଫ କଲା । ଅଦାଲତରେ ବିଚାର ହୋଇ ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ବୈଷ୍ଣବ ଧରାପଡ଼ିଲେ ନାହିଁ । ତାଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଧରାଇଦେବାପାଇଁ ସରକାରଙ୍କ ପକ୍ଷରୁ

୨୦୦୦ଟଙ୍କାର ପୁରସ୍କାର ରାଶି ଘୋଷଣା କରାଗଲା । ଢେଙ୍କାନାଳରେ ଅଗଷ୍ଟ ବିପ୍ଳବରେ ଭାଗନେବା ଅପରାଧରେ ମୋଟ ୩୦୦ଜଣଙ୍କୁ ଗିରଫ କରାଗଲା ଏବଂ ଲୋକଙ୍କ ପାଖରୁ ପ୍ରାୟ ୮୦,୦୦୦ଟଙ୍କା ପିଟୁଣି ଟିକସ ଆଦାୟ କରାଗଲା । ଅନେକ ଗ୍ରାମବାସୀଙ୍କ ଘର ପୋଲିସ ତଲାସୀ କଲା ଏବଂ ସେମାନଙ୍କ ଆସବାବପତ୍ରକୁ ବାଜ୍ୟାପ୍ତ କଲା । ଢେଙ୍କାନାଳ ପୋଲିସର ଦମନ ଲୀଳା ସମଗ୍ର ଓଡ଼ିଶାରେ ଆତଙ୍କର ବାତାବରଣ ସୃଷ୍ଟି କଲା ।

ତାଳଚେର ପରି ଢେଙ୍କାନାଳରେ ମଧ୍ୟ ଆନ୍ଦୋଳନକାରୀ ଅନେକ ହିଂସାକାଣ୍ଡ ଭିଆଇଥିଲେ । ମାତ୍ର ସବୁଗୁଡ଼ିକୁ ଗରିଲା ବାହିନୀ କାର୍ଯ୍ୟକାରୀ କରିଥିଲେ । ତାଳଚେରରେ ବହୁ ସଂଖ୍ୟକ ଲୋକଙ୍କ ସମାଗମ ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବେଳେ ଢେଙ୍କାନାଳରେ ଗରିଲା ବାହିନୀ ଅଧିକ ଶୃଙ୍ଖଳିତ ଢଙ୍ଗରେ ଓ ବିଶେଷକରି ଅତର୍କିତ ଭାବରେ ସରକାରୀ କଳ ଉପରେ ଆକ୍ରମଣ କରୁଥିଲେ । ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱଯୋଗୁଁ ଏସବୁ ସଂଭବପର ହୋଇ ପାରିଥିଲା । ଲୌକିକ ସ୍ତରରେ ତାଙ୍କୁ 'ବୀର' ବୋଲି କୁହାଯାଉଥିଲା ।

## ନୟାଗଡ଼ରେ ଆନ୍ଦୋଳନ

ଅଗଷ୍ଟ ମାସ ୯ ତାରିଖରେ ନୟାଗଡରେ ରାଜାଙ୍କ କଚେରି, କାର୍ଯ୍ୟାଳୟ ଓ ଥାନାକୁ କବ୍‌ଜା କରିବାନିମିତ୍ତ ପ୍ରଜାମଣ୍ଡଳ ପକ୍ଷରୁ ପ୍ରସ୍ତୁତି ଚାଲିଲା । ଏହାର ସୂଚନାପାଇ ବାଞ୍ଛାନିଧି ସେନାପତି, ଲକ୍ଷ୍ମଣ ମହାରଣା, ନାରାୟଣ ନନ୍ଦ, ଉଦୟନାଥ ପୃଷ୍ଟି, କୁବେର ସାହୁ ଆଦି ଅନେକ ପ୍ରଜାମଣ୍ଡଳ ନେତାଙ୍କୁ ପୋଲିସ ଗିରଫ କଲା । ଗୋଡ଼ିପଡ଼ା ଥାନା ଅନ୍ତର୍ଗତ ମହୁଲିଆରେ ପ୍ରଜାମଣ୍ଡଳର ସଭା ଭଣ୍ଡୁର କରିବାନିମିତ୍ତ ପୋଲିସ ଲାଠି ଚାର୍ଜ କଲା । ଫଳରେ ଲଡ୍ଡୁକେଶ୍ୱର ମିଶ୍ର, ଭୁବନେଶ୍ୱର ଭୂୟାଁ ଓ ଗୌରାଙ୍ଗ ମହଲା ଆହତ ହେଲେ । ଉଦୟନାଥ ପୃଷ୍ଟି, ବିନାୟକ ମିଶ୍ର ଓ ଭରତ ସାହୁ ଆଦି ୧୩ ଜଣ କର୍ମୀଙ୍କୁ ପୋଲିସ ଗିରଫ କରିନେଲା । ଏହା ପରେ ଓଡ଼ଗାଁ ଓ ଲାଠିପଦାରେ ମଧ୍ୟ ସଭା ଓ ଶୋଭାଯାତ୍ରା ଆୟୋଜିତ ହେଲା ଏବଂ ତାକୁ ଭଣ୍ଡୁର କରିବାନିମିତ୍ତ ପୋଲିସ ଲାଠି ଚାଳନା କଲା । ଭାଗବତ ଜାନି, କୁଶିଆ ପ୍ରଧାନ, ସୁଲି ପ୍ରଧାନ ଓ ଲକ୍ଷ୍ମୀଧର ପ୍ରଧାନ ଆଦି କେତେକ ଆଦିବାସୀ ନେତାଙ୍କୁ ମଧ୍ୟ ଗିରଫ କରି ନୟାଗଡ଼ ଜେଲରେ ରଖାଗଲା । । ପୋଲିସର ପ୍ରବଳ ଦମନ ସତ୍ତ୍ୱେ ୧୭ ଅଗଷ୍ଟ ୧୯୪୨ ଦିନ ନୟାଗଡ଼ ଓ ଓଡ଼ଗାଁରେ ହରତାଳ ପାଳିତ ହେଲା । ଓଡ଼ଗାଁର ମହାଜନ ଭଗବାନ ଚୌଧୁରୀଙ୍କ ଖମାରକୁ ଆନ୍ଦୋଳନକାରୀ ଲୁଟି ନେଲେ । ଏହା ପରେ ସେଠାରେ ପୋଲିସର ଅକଥନୀୟ ଦମନ ଲୀଳା ଆରମ୍ଭ ହେଲା । ରାଜା ବିରୋଧୀମାନଙ୍କ ଘର ଉପରେ ବାହାରୁ ଆସିଥିବା ଶିଖ ପୋଲିସ୍ ବାହିନୀ ଆକ୍ରମଣ କଲେ । ଦୋକାନଗୁଡ଼ିକୁ ଲୁଟିନେଲେ । ଏପରିକି ସେମାନଙ୍କ ଅତ୍ୟାଚାରରୁ ମହିଳାମାନେ ମଧ୍ୟ ତ୍ରାହି ପାଇଲେ ନାହିଁ । ଏହା ଫଳରେ ଆନ୍ଦୋଳନର ଦମନ ହେଲା ବୋଲି ବାହାରକୁ ଜଣାପଡୁଥିଲେ ସୁଦ୍ଧା ଗୋପନ ଭାବେ ତା'ପାଇଁ ପ୍ରସ୍ତୁତି ଚାଲିଥିଲା ।

ଅକ୍ଟୋବର ୮ ତାରିଖରେ ବାହାଡ଼ାଝୋଲା ଜଙ୍ଗଲରେ ପ୍ରଜାମଣ୍ଡଳର ବୈଠକ ବସି ରାଜାଙ୍କୁ ଗାଦିଚ୍ୟୁତ କରିବାକୁ ତଥା ସରକାରୀ ଅଫିସ୍‌ଗୁଡ଼ିକୁ କବ୍‌ଜା କରିବାକୁ ଗୁପ୍ତ ନିଷ୍ପତ୍ତି ନିଆଗଲା । ବୈଠକରେ ଆନନ୍ଦ ଚନ୍ଦ୍ର ସ୍ୱାଇଁ, ସଦାଶିବ ଷଡ଼ଙ୍ଗୀ, କସ୍ତୁରୀ ପରିଡ଼ା, ଲକ୍ଷ୍ମଣ ସାହୁ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେମାନେ ଚାରୋଟି ଦଳରେ ବିଭକ୍ତ ହୋଇ ଏକା ସାଙ୍ଗରେ ଗୋଡ଼ିପଡ଼ା, ଓଡ଼ଗାଁ, ବାହାଡ଼ାଝୋଲା ଓ ବରକୋଳା ଉପରେ ଆକ୍ରମଣ କରିବାକୁ ଯୋଜନା କଲେ । ୯ ଅକ୍ଟୋବର ଦିନ ସେମାନେ ବରକୋଳା ଡାକବଙ୍ଗଳାରେ ଡିମ୍ବିରିପଲ୍ଲୀ ଫରେଷ୍ଟ ଅଫିସ ଆକ୍ରମଣ କଲେ । ଅକ୍ଟୋବର ୧୦ ତାରିଖ ଦିନ ଆଦିବାସୀ କଂଧମାନେ ମିଶି ନୂଆଗାଁ ଥାନା ଉପରେ ଆକ୍ରମଣ କଲେ । ପୋଲିସ ପକ୍ଷରୁ ଗୁଳିଚାଳନା ହେଲା । ତହିଁରେ କାଣ୍ଡି ଡାକୁଆ ନାମକ ଜଣେ କନ୍ଧ ଯୁବକର ମୃତ୍ୟୁ ହେଲା । ପ୍ରାୟ ୫୦ ଜଣ ଲୋକ ଗୁରୁତର ଆହତ ହେଲେ । ଏହି ସମୟରେ ୨୦୦୦ ଲୋକ ନୟାଗଡ଼ ସହରକୁ କବ୍‌ଜା କରିବାକୁ ଏକତ୍ରିତ ହୋଇ ଗୋଟାଏ ଡାକବଙ୍ଗଳା ଏବଂ ହରେକୃଷ୍ଣପୁରର ସ୍କୁଲ୍ ଗୃହକୁ ଭାଂଗି ପକାଇଲେ ।

ଆନ୍ଦୋଳନକୁ ପ୍ରଶମିତ କରିବାପାଇଁ ପୋଲିସର ଦମନ ଲୀଳା ଚାଲିଲା । ଅନେକ ନେତାଙ୍କର ବାସଗୃହ କୋରଖ ହେଲା । ପ୍ରାୟ ୧୦୦୦ ଲୋକ ଗିରଫ ହେଲେ । ଏତେ ଅଧିକ ସଂଖ୍ୟକ ଆନ୍ଦୋଳନକାରୀ ୧୯୪୨ରେ ଅନ୍ୟ କେଉଁଠି ଗିରଫ ହୋଇ ନଥିଲେ । ୨୨ଟି ଗାଁରେ ପିଟୁଣି ଟିକସ ଲାଗୁ ହେଲା । ରାଜ୍ୟରେ ଯେହେତୁ ଏତେ ଅଧିକ ସଂଖ୍ୟକ ବନ୍ଦିଙ୍କୁ ରଖିବାପାଇଁ ଆବଶ୍ୟକ ମାତ୍ରାରେ ଜେଲ ଘର ନଥିଲା; ଅନେକ ଘୋଡ଼ାଶାଳ, ମଠଘର ଓ କଚେରିକୁ ଅସ୍ଥାୟୀ ଭାବେ ଜେଲରେ ପରିଣତ କରାଗଲା । ମାତ୍ର ୩୦ଜଣ ବନ୍ଦିଙ୍କ ଲାଗି ନିର୍ମିତ ନୟାଗଡ଼ ଜେଲରେ ୨୦୦ ରାଜବନ୍ଦିଙ୍କୁ ରଖାଗଲା । ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ୨ ଜଣ ରାଜବନ୍ଦି ଜେଲ ଭିତରେ ମୃତ୍ୟୁବରଣ କଲେ ।

ନୟାଗଡ଼ ଆନ୍ଦୋଳନର ବିଶେଷତ୍ୱ ହେଲା ଯେ, ଅଗଷ୍ଟରୁ ଆରମ୍ଭ ହୋଇ ନାନା ପ୍ରତିଘାତ ସତ୍ତ୍ୱେ ଅନ୍ୟ ଅଞ୍ଚଳରେ ଆନ୍ଦୋଳନ ଅବଦମିତ ହେବା ପରେ ବି ଅକ୍ଟୋବରର ମଧ୍ୟ ଯାଏ ଏହା ଚାଲିଥିଲା । ଏଠାରେ ମଧ୍ୟ ପ୍ରଜାମଣ୍ଡଳ ଶୃଙ୍ଖଳିତ ଭାବରେ ବିଭିନ୍ନ ସ୍ଥାନରେ ଏକ ସମୟରେ ଆନ୍ଦୋଳନ ଆରମ୍ଭ କରିଥିଲେ । ଉଭୟ ଅଣ-ଆଦିବାସୀ ଓ କଂଧ ଆଦିବାସୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ରାଜଧାନୀ ନୟାଗଡ଼ ଓ ମୁଖ୍ୟ ସହର ଓଡ଼ଗାଁ ବ୍ୟତୀତ ବାହାଡ଼ାଝୋଲା ଗାଁ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା ।

## ନୀଳଗିରି ଆନ୍ଦୋଳନ

ନୀଳଗିରି ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନଯୋଗୁଁ ରାଜନୈତିକ ସଚେତନତା ଯଥେଷ୍ଟ ବୃଦ୍ଧି ପାଇଥିଲା । ପ୍ରଜାମଣ୍ଡଳର ନେତୃବର୍ଗ ଓଡ଼ିଶାର ବାମପନ୍ଥୀ ନେତାମାନଙ୍କ ସହ ସଂପର୍କ ରଖିଥିଲେ । ଅଗଷ୍ଟ ବିପ୍ଳବର ଖବର ପ୍ରସାରିତ ହେବା ପରେ ସେମାନେ ଆନ୍ଦୋଳନ କରିବାକୁ ଯୋଜନା ପ୍ରସ୍ତୁତ କଲେ । ଅଗଷ୍ଟ ୧୨ ତାରିଖ ଦିନ ନୀଳଗିରି ସହରରେ ଏକ ସାଧାରଣ ସଭା

ଆୟୋଜନ କଲେ ଏବଂ ହରତାଳ ପାଳନ କଲେ । ଏହା ପରେ ପ୍ରଜାମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ମହାନ୍ତି ଏବଂ ଉଦୟନାଥ ବୀରବର, ସାଧୁ ପ୍ରସାଦ ବିଦ୍ୟାଧର ମହାପାତ୍ର, ଶରତଚନ୍ଦ୍ର ମହାନ୍ତି, ଜଗନ୍ନାଥ ପଣ୍ଡା, ଗିରିଧର ପଣ୍ଡା ଓ ପ୍ରଭୁନାଥ ଅଗସ୍ତି ଆଦି କେତେକ ପ୍ରଜାମଣ୍ଡଳ ନେତାଙ୍କୁ ପୋଲିସ ଗିରଫ କଲା । ଏହି ଗିରଫଦାରିର ପ୍ରତିବାଦରେ ୧୩ ଅଗଷ୍ଟ ୧୯୪୨ ଦିନ ପୁଣି ଜନସଭା ଓ ହରତାଳ ଆୟୋଜିତ ହେଲା । ଯଦିଓ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଢଙ୍ଗରେ ଚାଲିଥିଲା, ସରକାର ତାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପ୍ରୟାସ କଲେ । ଗାଁ ଗାଁରେ ପୋଲିସ ଘୂରିବୁଲିଲେ ଏବଂ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର କଲେ । ଅତ୍ୟାଚାରରେ ଅତିଷ୍ଠ ଜନତା ରାଜକର୍ମଚାରୀମାନଙ୍କୁ ସାମାଜିକ ବାସନ୍ଦ କଲେ । କେତେକ କର୍ମଚାରୀଙ୍କୁ ଚାକିରିରୁ ଇସ୍ତଫା ଦେବାକୁ ପ୍ରଜାମଣ୍ଡଳ ଧମକ ଦେଇଥିଲା ବୋଲି ଅଭିଯୋଗ ହୋଇଥିଲା । ପ୍ରଜା ରାସ୍ତା ଅବରୋଧ ଓ ରାଜାଙ୍କ ଅମାର ଆଦି ଲୁଟ୍ କରିଥିବାର ଖବର ପ୍ରଚାରିତ ହୋଇଥିଲା । ଦମନପାଇଁ ପିଟୁଣି ଟିକସ୍ ବ୍ୟତୀତ ହେଲିକପ୍ଟରରୁ ଫାୟାରିଂ ମଧ୍ୟ କରାଯାଇଥିଲା । ଫଳରେ ଦୁଇଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଅତ୍ୟାଚାର ଅସହ୍ୟ ହେବାରୁ ଅନେକ ଲୋକ ରାଜ୍ୟ ଛାଡ଼ି ମୋଗଲବନ୍ଦି ଅଂଚଳକୁ ପଳାଇଲେ । ନୀଳଗିରି ଆନ୍ଦୋଳନର ପ୍ରମୁଖ ନେତା ଥିଲେ ବନମାଳୀ ଦାସ । ସେ ମାର୍ଚ୍ଚ ୧୯୪୩ ପର୍ଯ୍ୟନ୍ତ ଆତ୍ମଗୋପନ କରି ଆନ୍ଦୋଳନ ପରିଚାଳନା କରିଥିଲେ । ସେ ଗିରଫ ହେବା ପରେ ଆନ୍ଦୋଳନ ଶିଥିଳ ପଡ଼ିଗଲା ।

## ଅନ୍ୟାନ୍ୟ ଆନ୍ଦୋଳନ

ଏସବୁ ଗଡ଼ଜାତକୁ ବାଦ ଦେଲେ ଆଠଗଡ଼, ବଡମ୍ବା, ବୌଦ, ଖଣ୍ଡପଡ଼ା, ମୟୂରଭଞ୍ଜ, ନରସିଂହପୁର, ରଣପୁର ଓ ସୋନପୁର ଆଦି ଗଡ଼ଜାତ ଓ ଜମିଦାରୀରେ ମଧ୍ୟ ଅଗଷ୍ଟ ବିପ୍ଳବ ଦେଖିବାକୁ ମିଳିଥିଲା । ନରସିଂହପୁରରେ ଚକ୍ରଧର ଜେନାଙ୍କ ନେତୃତ୍ୱରେ ପଟୁଆରରେ ଯାଉଥିବା ଜନତା ଉପରେ ପୋଲିସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା ।

ଉଭୟ ମୋଗଲବନ୍ଦି ଓ ଗଡ଼ଜାତରେ ଅଗଷ୍ଟ ବିପ୍ଳବ ବେଳେ ଲୋକ ଗିରଫଦାରିକୁ ବରଣ କରୁ ନଥିଲେ । ବରଂ ଆତ୍ମଗୋପନ କରି ଆନ୍ଦୋଳନପାଇଁ କାମ କରିବାକୁ ପ୍ରୟାସ କରୁଥିଲେ । ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମାଳତୀ ଚୌଧୁରୀ , ବୀର ବୈଷ୍ଣବ ପଟ୍ଟନାୟକ ଓ ନୀଳଗିରିର ବନମାଳୀ ଦାସ ଆଦି ପୋଲିସ ହାତରେ ଧରା ନ ପଡ଼ିବାକୁ ସର୍ବଦା ପ୍ରୟାସ କରୁଥିଲେ ଏବଂ ଗୋପନରେ ଆନ୍ଦୋଳନ ପରିଚାଳନା କରୁଥିଲେ । ତାଳଚେରର ପବିତ୍ର ମୋହନ ପ୍ରଧାନ ଜେଲ ପାଚେରି ଡେଇଁ ପଳାଇଥିଲେ । ଏହି ନେତୃବର୍ଗଙ୍କର ଦୁଃସାହସପୂର୍ଣ୍ଣ ପଦକ୍ଷେପ ଆନ୍ଦୋଳନକୁ ତୀବ୍ରତର କରିଥିଲା । ଅଗଷ୍ଟ ବିପ୍ଳବ ସେମାନଙ୍କୁ ନେତାର ମର୍ଯ୍ୟାଦା ପ୍ରଦାନ କରିଥିଲା ।

ଏକଥା ସର୍ବବିଦିତ ଯେ, ଅନେକ ସ୍ଥାନରେ ଆନ୍ଦୋଳନକାରୀ ହିଂସାତ୍ମକ ଘଟଣା ଭିଆଇଥିଲେ । ସରକାରୀ ଘରେ ନିଆଁ ଲଗାଇବା, ଥାନା ଉପରେ ଆକ୍ରମଣ କରିବା, ରାସ୍ତାଘାଟର ପୋଲ ଭାଂଗିବା ତଥା ଡାକବଙ୍ଗଳାକୁ ଭାଂଗିଦେବା ଥିଲା ସେତେବେଳର ସାଧାରଣ ଘଟଣା ।

ମାତ୍ର କୌଣସି ସ୍ଥାନରେ ସେମାନେ ସରକାରୀ ପକ୍ଷର ଲୋକଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରି ନଥିଲେ । ଏଭଳିକି ଲକ୍ଷ୍ମଣ ନାୟକଙ୍କୁ ଜଡ଼ିତ କରାଯାଇଥିବା ହତ୍ୟାରେ ମଧ୍ୟ ଆନ୍ଦୋଳନକାରୀ ଆଦିବାସୀ ଜନତା ସଂଶ୍ଳିଷ୍ଟ ନଥିଲେ । ଅନ୍ୟ ପକ୍ଷରେ, ସରକାର ପକ୍ଷରୁ ନିର୍ମମ ଭାବରେ ଗୁଳି ଚାଳନା ତଥା ହେଲିକେପ୍ଟରରୁ ମେସିନ୍ ଗନ୍‌ରେ ଗୁଳି ବର୍ଷଣ କରାଯାଇ ଲୋକଙ୍କୁ ହତ୍ୟା କରାଯାଇଥିଲା । ସରକାର ଓ ପୋଲିସ ସାମାନ୍ୟ ଧୈର୍ଯ୍ୟ ରଖିଥିଲେ ଏତେ ସଂଖ୍ୟକ ଲୋକଙ୍କର ମୃତ୍ୟୁ ହୋଇ ନଥାନ୍ତା । ପୁଣି ଯେଉଁ ସ୍ଥାନରେ ପୁରୁଖା କଂଗ୍ରେସ କର୍ମୀ ଆନ୍ଦୋଳନ ପରିଚାଳନା କରୁଥିଲେ, ସେଠାରେ ହିଂସାକାଣ୍ଡ ଘଟି ନଥିଲା । ପ୍ରଜାମଣ୍ଡଳର କେତେକ ନେତାଙ୍କୁ ବାଦ ଦେଲେ, କଂଗ୍ରେସର ପୁରୁଖା ନେତାମାନେ ସର୍ବଦା ହିଂସାକାଣ୍ଡ ଯେମିତି ନଘଟେ, ତା'ପାଇଁ ଅଗଷ୍ଟ ବିପ୍ଳବ ବେଳେ ପ୍ରୟାସ କରୁଥିଲେ । ଏହି ଦୃଷ୍ଟିରୁ ଦେଖିଲେ, ୯ ଅଗଷ୍ଟ ୧୯୪୨ ଦିନ କଂଗ୍ରେସର ତୁଙ୍ଗ ନେତାମାନଙ୍କୁ ସରକାର ଗିରଫ କରି ପ୍ରକାରାନ୍ତରେ ଆନ୍ଦୋଳନକୁ ବେ-ଲଗାମ ଓ ହିଂସାତ୍ମକ ହେବାକୁ ଅବସର ଦେଇଥିବା ସୁସ୍ପଷ୍ଟ ।

ଅଗଷ୍ଟ ବିପ୍ଳବ ସହରାଞ୍ଚଳ ଅପେକ୍ଷା ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ଉଗ୍ର ରୂପ ଧାରଣ କରିଥିଲା । ସମାନ୍ତରାଳ ସରକାର ମଧ୍ୟ ଯୋଗାଯୋଗରୁ ଅପେକ୍ଷାକୃତ ବିଚ୍ଛିନ୍ନାଞ୍ଚଳରେ କାର୍ଯ୍ୟ କରି ସଫଳ ହୋଇଥିଲା । ଲୋକ ସମ୍ମିଳିତ ଭାବେ ଥାନା, ପୋଷ୍ଟ ଅଫିସ୍ ଉପରେ ଆକ୍ରମଣ କରୁଥିଲେ । ଆକ୍ରମଣପାଇଁ ସେମାନେ ରାତିର ଅନ୍ଧକାରକୁ ବାଛୁ ନଥିଲେ । ଢେଙ୍କାନାଳର ଗରିଲା ବାହିନୀର କାର୍ଯ୍ୟକୁ ବାଦ ଦେଲେ, ଅନ୍ୟ ସମସ୍ତ ଘଟଣା ସର୍ବସମକ୍ଷରେ ଏବଂ ଦିନର ଆଲୋକରେ ସଂଘଟିତ ହୋଇଥିଲା । ଏହା ଆନ୍ଦୋଳନକାରୀଙ୍କ ନିର୍ଭୟ ଭାବ ଏବଂ ବ୍ୟାପକ ଜନ ସମର୍ଥନକୁ ଦର୍ଶାଏ । ଉପକୂଳ ଅଂଚଳରେ ଲୋକଙ୍କ ନିର୍ଭୟ ହେବା ପଛରେ ଗୋଟିଏ ବଡ଼ କାରଣ ହେଲା ଯେ, ସେତେବେଳେ ଏକ ଗୁଜବ ଉଠିଥିଲା, ଇଂରେଜ ସରକାରଙ୍କୁ ପରାଜିତ କରି ଜାପାନୀମାନେ ଓଡ଼ିଶାକୁ ମାଡ଼ିଆସିବେ ଏବଂ ସେମାନେ ଇଂରେଜଙ୍କୁ ବିରୋଧ କରିଥିବା ଲୋକଙ୍କୁ ଉପଯୁକ୍ତ ପୁରସ୍କାର ଦେବେ ! ଅର୍ଥାତ୍ ଯଦିଓ ଲୋକ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ଆନ୍ଦୋଳନ କରୁଥିଲେ, ସେମାନଙ୍କ ମନରେ ଶଙ୍କା ଥିଲା ଯେ ଓଡ଼ିଶାକୁ ଜାପାନର କବ୍‌ଜା କରିବା ନିଶ୍ଚିତ । ଓଡ଼ିଶାର ରାଜଧାନୀକୁ କଟକରୁ ସମ୍ବଲପୁରକୁ ସ୍ଥାନାନ୍ତରିତ କରିବାକୁ ପ୍ରସ୍ତୁତି କରି ସରକାର ଲୋକଙ୍କ ଭିତରେ ବ୍ୟାପିଥିବା ଗୁଜବକୁ ବଳ ଦେଇଥିଲେ । ଜାପାନୀମାନେ ମାଡ଼ି ଆସିଲେ ଲୋକମାନେ ଅଯଥା ଇଂରେଜର ସମର୍ଥକ ହେବାର ଅଭିଯୋଗରେ ନୂଆ ସରକାରଦ୍ୱାରା ଦଣ୍ଡିତ ନ ହେବେ ବୋଲି ଆଶା କରି ଅଗଷ୍ଟ ବିପ୍ଳବରେ ଅଧିକ ସଂଖ୍ୟାରେ ଭାଗ ନେଇଥିଲେ ।

ଅଗଷ୍ଟ ବିପ୍ଳବ ଅଗଷ୍ଟ ମାସରେ ବଣନିଆଁ ଭଳି ଆରମ୍ଭ ହୋଇ ମୋଟାମୋଟି ଭାବରେ ଦେଖିଲେ ମାସର ଶେଷ ସୁଦ୍ଧା ପ୍ରଶମିତ ହୋଇଯାଇଥିଲା । ସେପ୍ଟେମ୍ବରରେ ଯେଉଁ କେତେକ ସ୍ଥାନରେ ଆନ୍ଦୋଳନର ବହ୍ନି ଜଳିଥିଲା, ତାହା ସମାନ୍ତରାଳ ସରକାରର ରୂପ ନେଇଥିଲା । ଅକ୍ଟୋବରର ଆରମ୍ଭ ବେଳକୁ ଆନ୍ଦୋଳନ ପ୍ରାୟ ନିଶ୍ଚିହ୍ନ ହୋଇ ଯାଇଥିଲା । ଏହି ମାସର ଦ୍ୱିତୀୟ ସପ୍ତାହରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ କଟକରେ ଧରାପଡ଼ିବା ପରେ ଆନ୍ଦୋଳନ ଆଉ 'କାଗଜ'ରେ

ମଧ୍ୟ ରହିଲା ନାହିଁ । ମାତ୍ର କେବଳ ଦୁଇ ମାସର ସ୍ୱଳ୍ପ ଅବଧିରେ ଏହା ଦୁଇ ଶହ ବର୍ଷର ଇଂରେଜ ଶାସନକୁ ଖଣ୍ଡିଆ ଖାବରା କରିଦେଲା । ଏହା ପରେ ଇଂରେଜମାନେ ଯେ ଭାରତ ଛାଡ଼ିବା ନିଶ୍ଚିତ-ତାହା ସମସ୍ତେ କଳନା କରିନେଲେ ।

ଅଗଷ୍ଟ ବିପ୍ଳବ ବେଳେ ଇଂରେଜ ସରକାରଙ୍କ କାର୍ଯ୍ୟକୁ ଔପଚାରିକ ଭାବରେ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ କରୁଥିବା ଭାରତୀୟବର୍ଗକୁ ସାଧାରଣତଃ ବିଶ୍ୱାସଘାତକ ଆଖ୍ୟା ଦିଆଯାଏ । ମାତ୍ର ଅନେକ ସ୍ଥଳରେ ଏଭଳି ଅଭିଯୋଗ ଅମୂଳକ ବୋଲି ମନେହୁଏ । ଏହାର ଏକ ଉଦାହରଣ ହେଉଛନ୍ତି, ମିଳିତ ସରକାରର ପାର୍ଲ୍ୟାମେଣ୍ଟାରୀ ସେକ୍ରେଟାରୀ ଯଦୁମଣି ମଂଗରାଜ । ବିହାରର ନେତା ରାମନନ୍ଦନ ମିଶ୍ର ଆତ୍ମଗୋପନପାଇଁ ଓଡ଼ିଶାରେ କିଛି ଦିନ ରହିଥିଲେ । ପୋଲିସ ସନ୍ଦେହରୁ ଦୂରେଇ ରଖିବାପାଇଁ ଯଦୁମଣି ତାଙ୍କୁ ନିଜ ସରକାରୀ ଗାଡ଼ିରେ କଟକ ସହରରେ ଯିବା ଆସିବାପାଇଁ ବ୍ୟବସ୍ଥା କରିଦେଇଥିଲେ । ଏହି ସହଯୋଗଯୋଗୁଁ ରାମନନ୍ଦନ ମିଶ୍ର ଓଡ଼ିଶାର ଭୂମିଗତ ନେତାଙ୍କ ସହ ସାକ୍ଷାତ୍ କରି ପାରିଥିଲେ ତଥା ପୋଲିସର ସନ୍ଦେହ ଚକ୍ଷୁରେ ପଡ଼ି ନଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୧୯୪୧ ଜୁନ୍‌ରେ ନାଜି ଜର୍ମାନୀ ସୋଭିଏତ୍ ରୁଷ୍ ଉପରେ ଅତର୍କିତ ଆକ୍ରମଣ କଲା । ଫଳରେ ରୁଷ୍ ଓ ଇଂଲଣ୍ଡ ନେତୃତ୍ୱାଧୀନ ମିତ୍ରଶକ୍ତି ମଧ୍ୟରେ ମେଣ୍ଟ ହେଲା । ଏହାର ପରିଣାମ ସ୍ୱରୂପ ଭାରତର କମ୍ୟୁନିଷ୍ଟମାନେ ବିଶ୍ୱଯୁଦ୍ଧରେ ଇଂଲଣ୍ଡର ସମର୍ଥନ କଲେ । ଔପଚାରିକ ଭାବେ ଓଡ଼ିଶାର ରାଜ୍ୟଶାଖା, ଇଂରେଜ ବିରୋଧୀ ଅଗଷ୍ଟ ଆନ୍ଦୋଳନରୁ ଓହରିଗଲା ଏବଂ ଯୁଦ୍ଧକୁ 'ମୁକ୍ତିଯୁଦ୍ଧ' ଘୋଷଣା କଲା । ମାତ୍ର ପାର୍ଟି ନିର୍ଦ୍ଦେଶକୁ ଉପେକ୍ଷା କରି ରାଜ୍ୟରେ ଅନେକ କମ୍ୟୁନିଷ୍ଟ ଅଗଷ୍ଟ ବିପ୍ଳବରେ ସକ୍ରିୟ ଯୋଗଦାନ କରିଥିଲେ । ଉଦାହରଣ ସ୍ୱରୂପ, ଢେଙ୍କାନାଳର ବୈଷ୍ଣବ ପଟ୍ଟନାୟକ, ନୀଳଗିରିର ବନମାଳୀ ଦାସ ଓ ସମ୍ବଲପୁରର ଦୟାନନ୍ଦ ଶତପଥୀ ଆଦି ଥିଲେ କମ୍ୟୁନିଷ୍ଟ ବିଚାରର କର୍ମୀ । ସେମାନଙ୍କର ଅଗଷ୍ଟ ବିପ୍ଳବରେ ସଂପୃକ୍ତି ଥିଲା ଅପରିମିତ ।

ତଳ ସ୍ତରର ସରକାରୀ କର୍ମଚାରୀମାନେ ଆନ୍ଦୋଳନ ପ୍ରତି ଯଥେଷ୍ଟ ସହାନୁଭୂତିଶୀଳ ଥିଲେ ବୋଲି ପୋଲିସ୍ ରିପୋର୍ଟରେ ବାରମ୍ବାର ଅଭିଯୋଗ ହେଉଥିଲା । ବାଲେଶ୍ୱରର ଇରମରେ ସମାନ୍ତରାଳ ସରକାରର ସଫଳତା ପଛରେ ବଡ଼ କାରଣ ଥିଲା, ସ୍ଥାନୀୟ ସରକାରୀ କର୍ମଚାରୀ ଓ ଚୌକିଦାରମାନଙ୍କ ଆନ୍ତରିକ ସହଯୋଗ । ସେମାନେ ଉପର କର୍ତ୍ତୃପକ୍ଷଙ୍କୁ ସ୍ୱାଧୀନ ସରକାର ସମ୍ବନ୍ଧରେ ସୂଚନା ପ୍ରେରଣ କରି ନଥିଲେ । ଏହା ସମାନ୍ତରାଳ ସରକାରକୁ ଅଧିକ ଦିନ ଧରି ସୁସଂଗଠିତ କରିବାରେ ସହଯୋଗ କରିଥିଲା । ସରକାରଙ୍କ ରିପୋର୍ଟରେ ଉଲ୍ଲେଖ ଥିଲା, ''...କେତେକ ସ୍ଥାନରେ ଅରାଜକତା ଦମନ କରିବାରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କଠାରେ ଅନାବଶ୍ୟକ ଭୀରୁତା ଓ ସ୍ୱେଚ୍ଛାପୂର୍ଣ୍ଣ ଅସହଯୋଗ ଦେଖାଯାଇଥିଲା । କଂଗ୍ରେସର ପ୍ରାଧାନ୍ୟ ଥିବା ଅଞ୍ଚଳରେ ଶିକ୍ଷକ ସମୁଦାୟର ଆଭିମୁଖ୍ୟ ଆମ ପ୍ରତି ଉପଯୋଗୀ ସିଦ୍ଧ ହୋଇନାହିଁ । ଡାକ କର୍ମଚାରୀମାନଙ୍କର ସହଯୋଗ ମିଳି ନାହିଁ । ଡାକଘରଗୁଡ଼ିକ ଭଂଗା ହେଲା ପରେ ଅନେକ ଜାଗାରେ ତା'ର ଅନୁସନ୍ଧାନ ସରିନାହିଁ । କାରଣ କର୍ମଚାରୀମାନେ ସାକ୍ଷ ଦେବାକୁ ଅମଙ୍ଗ

ହେଉଛନ୍ତି । (ଆନ୍ଦୋଳନ ଦ୍ୱାରା)ଅଧିକ ପ୍ରଭାବିତ ଅଂଚଳରେ ଚୌକିଦାରମାନେ ପ୍ରାୟ ବେକାର ସିଦ୍ଧ ହେବାର ସୂଚନା ମିଳିଛି ।''  ଏଥିରୁ ସିଦ୍ଧ ହୁଏ ଯେ, ଅନେକ ସ୍ଥଳରେ ରାଜକର୍ମଚାରୀମାନେ ସ୍ୱତଃପ୍ରବୃତ୍ତ ଭାବରେ  ଆନ୍ଦୋଳନକୁ ବିରୋଧ କରି ନାହାନ୍ତି । ଉପର ଠାଉରିଆ ଭାବେ ସେମାନେ ସରକାରକୁ କେବଳ ସମର୍ଥନ କରିଛନ୍ତି । ଅନେକ କ୍ଷେତ୍ରରେ ସେମାନେ, ବିଶେଷକରି ଗାଁ ଚୌକିଦାରମାନେ ସାମାଜିକ ବାସନ୍ଦର ଭୟରେ ଆନ୍ଦୋଳନକୁ ମୌନ ସମର୍ଥନ ଦେଇଥିଲେ । ଉଦାହରଣ ସ୍ୱରୂପ, ନୀଳଗିରିରେ ୭୨ ଜଣ ଚୌକିଦାର ଅଗଷ୍ଟ ମାସରେ ଥାନାରେ ଯାଇ ଅଭିଯୋଗ କରିଥିଲେ ଯେ, ସରକାରଙ୍କୁ ସହଯୋଗ କରିଥିବାରୁ ସେମାନଙ୍କୁ ଗାଁରେ ସାମାଜିକ ବାସନ୍ଦର ଶିକାର ହେବାକୁ ପଡ଼ିଛି । ଫଳରେ ଅନ୍ୟର ଜମିରେ ସେମାନଙ୍କ ଚାଲିବା ତଥା ପଶୁ ଚରାଇବାପାଇଁ ବି ମନା ହୋଇଛି । ପରୋକ୍ଷରେ ଏହିଭଳି ଅଭିଯୋଗ ଆଣି ସେମାନେ ଆନ୍ଦୋଳନର ଧମକ ଦେଇଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ, ଜାତୀୟତାବାଦ ସବୁସ୍ତରକୁ ବିସ୍ତାରିତ ହୋଇ ସାରିଥିଲା । ଜାତୀୟତାବାଦର ଏଭଳି ବ୍ୟାପକ ବିସ୍ତାର ହେତୁ ଭବିଷ୍ୟତରେ ଦେଶ ପରାଧୀନ ରହିବା ଯେ ନୋହିବ- ଏକଥା ଲୋକ ଅନୁମାନ କରି ପାରୁଥିଲେ ।

■ ■ ■

# ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ, ସ୍ୱାଧୀନତା ପ୍ରାପ୍ତି ଓ ଗଡ଼ଜାତ ମିଶ୍ରଣ

## ମିଳିତ ମନ୍ତ୍ରିମଣ୍ଡଳ

ଅଗଷ୍ଟ ବିପ୍ଳବ ସମୟରେ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇ ସରକାରଙ୍କ ସହଯୋଗରେ କାର୍ଯ୍ୟ କଲା । ନଭେମ୍ବର ୧୯୩୯ରେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବା ପରେ ଦୁଇବର୍ଷ କାଳ ରାଜ୍ୟର ଶାସନ ରାଜ୍ୟପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଲା । ପରେ ବିଶ୍ୱଯୁଦ୍ଧର ଜଟିଳତା ବୃଦ୍ଧିପାଇଲା ଏବଂ ମିତ୍ର ପକ୍ଷ ଭାରତର ସହଯୋଗ ପାଇବାଲାଗି ରାଜନୈତକ ଦଳଗୁଡ଼ିକୁ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ପ୍ରୋତ୍ସାହିତ କଲେ । ରାଜନୈତିକ ଦଳ ନେତୃତ୍ୱରେ ପ୍ରାଦେଶିକ ସ୍ତରରେ ସରକାର ଗଠିତ ହେଲେ ଲୋକଙ୍କର ବ୍ରିଟିଶ ବିରୋଧୀ ଭାବ ଊଣା ହୋଇପାରେ ବୋଲି କର୍ତ୍ତୃପକ୍ଷ ବିଚାର କରୁଥିଲେ ।

୧୯୪୧ରେ କଂଗ୍ରେସର ଜଣେ ପ୍ରମୁଖ ନେତା ଭାବରେ ପ୍ରସିଦ୍ଧି ପାଇଥିବା ନୀଳକଣ୍ଠ ଦାସ, ସୁଭାଷ ଚନ୍ଦ୍ର ବୋଷଙ୍କ ଫରୱାର୍ଡ଼ ବ୍ଲକ୍ ସହ ସଂପର୍କ ରଖିଥିବା ଅଭିଯୋଗରେ ଦଳରୁ ବହିଷ୍କୃତ ହେଲେ । ହରେକୃଷ୍ଣ ମହତାବ ଓ ବିଶ୍ୱନାଥ ଦାସ ଆଦି ରାଜ୍ୟ କଂଗ୍ରେସ ଦଳରେ ଏକ ପ୍ରଭାବଶାଳୀ ଗୋଷ୍ଠୀ ଗଢ଼ିଥାନ୍ତି । ନୀଳକଣ୍ଠ ଦାସଙ୍କ ସହିତ ସେମାନଙ୍କର ଗୋଷ୍ଠୀକନ୍ଦଳ ଚାଲିଥାଏ । କଂଗ୍ରେସର କେନ୍ଦ୍ର ସ୍ତରର ନେତୃବୃନ୍ଦ ମଧ୍ୟ ହରେକୃଷ୍ଣ ମହତାବ ଗୋଷ୍ଠୀକୁ ସମର୍ଥନ କରୁଥାନ୍ତି । ଅନ୍ୟ ପକ୍ଷରେ ନବକୃଷ୍ଣ ଚୌଧୁରୀ ଆଦି ସୋସିଆଲିଷ୍ଟ ନେତୃବର୍ଗ ନୀଳକଣ୍ଠଙ୍କୁ ରକ୍ଷଣଶୀଳ କହି ବିରୋଧ କରୁଥାନ୍ତି । ଏହି ପରିସ୍ଥିତିରେ ନୀଳକଣ୍ଠ ତାଙ୍କର ପୁରୁଣା ସହଯୋଗୀ ସତ୍ୟବାଦୀର ଅନ୍ୟତମ ପ୍ରତିଷ୍ଠାତା ଗୋଦାବରୀଶଙ୍କୁ ନେଇ ସରକାରଙ୍କ ସହାୟତାରେ ମିଳିତ ମନ୍ତ୍ରିମଣ୍ଡଳ ଗଢିବାକୁ ଉଦ୍ୟମ କଲେ । ଅନ୍ୟାନ୍ୟ କାରଣ ମଧ୍ୟରେ କଂଗ୍ରେସର ଗୋଷ୍ଠୀକନ୍ଦଳ ଉଭୟଙ୍କୁ କଂଗ୍ରେସ ଦଳ ଛାଡ଼ିବାକୁ

ବାଧ୍ୟ କଲା । ସରଳାଦେବୀ ଓ ଯଦୁମଣି ମଙ୍ଗରାଜ ଆଦି ମଧ୍ୟ ସେମାନଙ୍କୁ ସହଯୋଗ କଲେ । କଂଗ୍ରେସ ବାହାରେ ପାରଳା ମହାରାଜାଙ୍କ ସହିତ ସେମାନଙ୍କର ଯୋଗସୂତ୍ର ବଢ଼ିଲା । ସମସ୍ତେ ମିଶି ୧୯୪୧ ନଭେମ୍ବର ୨୪ରେ ପାରଳା ମହାରାଜାଙ୍କ ପ୍ରଧାନମନ୍ତ୍ରିତ୍ୱରେ (ସେତେବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ମୁଖ୍ୟଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିଲେ, ଯାହା ୧୯୪୪ ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତ କ୍ଷମତାରେ ରହିଲା । ଗୋଦାବରୀଶ ମିଶ୍ରଙ୍କୁ ବାଦଦେଲେ ମନ୍ତ୍ରିମଣ୍ଡଳରେ ଅନ୍ୟ ଜଣେ ମନ୍ତ୍ରୀ ଥିଲେ । ସେ ହେଲେ ଅବଦୁସ୍ ଶୋଭନ ଖାଁ ।

ମିଳିତ ମନ୍ତ୍ରିମଣ୍ଡଳକୁ ବିଶେଷ ଲୋକ ସମର୍ଥନ ମିଳି ନଥିଲା । ଇଂରେଜ ବିରୁଦ୍ଧରେ ଜନମତ ବୃଦ୍ଧିପାଉଥିବା ବେଳେ ଏହା ଇଂରେଜ ସରକାରର ସମର୍ଥନ କରୁଥିଲା । ଦ୍ୱିତୀୟତଃ, କଂଗ୍ରେସ ଦଳ ତ୍ୟାଗ କରି ଅନେକ ନେତା ଏଥିରେ ସାମିଲ ହୋଇଥିଲେ । ସେମାନେ କ୍ଷମତାପାଇଁ ଦଳତ୍ୟାଗ କଲେ ଏବଂ ଇଂରେଜ ସମର୍ଥକ ସାଜିଲେ ବୋଲି କୁତ୍ସାରଟନା ହେଲା । ଅଗଷ୍ଟ ବିପ୍ଳବ ସମୟରେ କଂଗ୍ରେସ ଲୋକ ଜେଲ ଦଣ୍ଡ ଭୋଗୁଥିବା ବେଳେ ଏବଂ କଂଗ୍ରେସ କର୍ମୀ ପୋଲିସର ଲାଠି, ଗୁଳିର ଶିକାର ହେଉଥିବା ବେଳେ ଏହି ଦଳତ୍ୟାଗୀମାନେ କ୍ଷମତାଭୋଗୀ ହେଲେ ବୋଲି ତୀବ୍ର ସମାଲୋଚନା ପ୍ରକାଶ ପାଇଲା । ଏହାଛଡ଼ା ମନ୍ତ୍ରିମଣ୍ଡଳକୁ ସଂଖ୍ୟାଗରିଷ୍ଠ ଗୋଷ୍ଠୀର ସମର୍ଥନ ନଥିଲା । ଯାହାଦ୍ୱାରା ମନ୍ତ୍ରୀମାନେ ଅଧିକ ଲୋକଲଜ୍ଜାର ଶିକାର ହେଲେ । ମୋଟ ୬୦ ସଭ୍ୟବିଶିଷ୍ଟ ବିଧାନସଭାରେ ମନ୍ତ୍ରିମଣ୍ଡଳକୁ ୨୭ ଜଣ ସଭ୍ୟଙ୍କର ସମର୍ଥନ ରହିଥିଲା । ଲୋକସମ୍ମାନ ନଥିଲା ବୋଲି ଇଂରେଜ ସରକାର ମଧ୍ୟ ମିଳିତ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଯଥୋଚିତ ସମ୍ମାନ ଦେଉ ନଥିଲେ । ୧୯୪୨ ମାର୍ଚ୍ଚରେ ସରକାରୀ ଦଳର ପ୍ରାର୍ଥୀ ରାଜେନ୍ଦ୍ର ନାରାୟଣ ଭଞ୍ଜ (କନିକା ଜମିଦାର) ବାଲିଗୁଡ଼ା ଉପନିର୍ବାଚନରେ କଂଗ୍ରେସ ପାର୍ଥୀ ଉମାଚରଣ ପଟ୍ଟନାୟକଙ୍କଠାରୁ ପରାଜିତ ହେଲେ, ଯାହା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଥିବା ଜନମତକୁ ସୁସ୍ପଷ୍ଟ କଲା ।

ନିଜ ସୀମିତ କାର୍ଯ୍ୟକାଳରେ ମଧ୍ୟ ମିଳିତ ମନ୍ତ୍ରିମଣ୍ଡଳ କେତୋଟି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ଉତ୍ତାରୁ ରାଜ୍ୟପାଇଁ ସ୍ୱତନ୍ତ୍ର ନ୍ୟାୟାଳୟ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଏବଂ ସ୍ୱତନ୍ତ୍ର ମେଡ଼ିକାଲ୍ କଲେଜର ଆବଶ୍ୟକତା ଥିଲା । ସେ ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପମାନ ନେଇଥିଲେ । ୧୯୪୩ ଜୁନ୍ ୩୦ ତାରିଖରେ ସ୍ୱତନ୍ତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ୍ ବିଧାନସଭାରେ ଉତ୍‌ଥାପନ ହୋଇ ଅନୁମୋଦନ ଲାଭ କଲା ପରେ ୧୯୪୩ ନଭେମ୍ବର ୨୭ରେ କଟକରେ ଅସ୍ଥାୟୀ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ପରେ ଏହା ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । ୧୯୪୪ ମସିହା ଜୁନ୍ ୧ ତାରିଖରେ କଟକର ମେଡ଼ିକାଲ ସ୍କୁଲ୍‌କୁ କଲେଜରେ ପରିଣତ କରାଗଲା । ଉଚ୍ଚ ନ୍ୟାୟାଳୟ ସ୍ଥାପନପାଇଁ ମଧ୍ୟ ପ୍ରାଥମିକ ପଦକ୍ଷେପମାନ ନିଆଗଲା, ଯାହା ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳର ଶାସନକାଳରେ ଜୁଲାଇ ୧୯୪୮ରୁ କାର୍ଯ୍ୟ ଆରମ୍ଭ କଲା । ୧୯୪୪ରେ ପୁରୀ, ବାଲେଶ୍ୱର

ଓ ସମ୍ବଲପୁରରେ ସରକାରୀ କଲେଜ ଖୋଲିବାକୁ ନିଷ୍ପତ୍ତି ହେଲା । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହା ଥିଲା ଏକ ଅତି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

ମିଳିତ ମନ୍ତ୍ରିମଣ୍ଡଳର ଭିତ୍ତି ଥିଲା ଦ୍ୱିଧାପୂର୍ଣ୍ଣ । ମନ୍ତ୍ରିମଣ୍ଡଳ ନେଇଥିବା କେତୋଟି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବଦଳରେ ଲୋକ ତା'ର ବିଫଳତା ଏବଂ ଲୋକ ବିରୋଧୀ ଚରିତ୍ରକୁ ଗଣି ବସିଲେ । ମନ୍ତ୍ରିମଣ୍ଡଳର ଶାସନ କାଳ ମଧ୍ୟରେ ଅଗଷ୍ଟ ବିପ୍ଳବ ହେଲା । ସେହି ସମୟରେ ଯେଉଁ ଅକଥନୀୟ ଦମନ ଲୀଳା ଚାଲିଲା, ତା' ପଛରେ ମିଳିତ ମନ୍ତ୍ରିମଣ୍ଡଳର ହାତ ଥିଲା ବୋଲି ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହେଲା । କାରଣ ଯେଉଁଭଳି ଭାବେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ (୧୯୩୭-୩୯) ପ୍ରଜାମଣ୍ଡଳ ଆନ୍ଦୋଳନକୁ ପରୋକ୍ଷ ସୁରକ୍ଷା ଦେଇଥିଲା, ମିଳିତ ମନ୍ତ୍ରିମଣ୍ଡଳ ଅଗଷ୍ଟ ବିପ୍ଳବ ପ୍ରତି ସେହି ଧରଣର ସହାନୁଭୂତିଶୀଳ ମନୋଭାବ ରଖିଲା ନାହିଁ । ବରଂ କଂଗ୍ରେସର ବିଧାନସଭା ସଦସ୍ୟମାନଙ୍କୁ ଏହା ଜେଲରେ ରଖିବାକୁ ଚାହିଁଲା, ଯେହେତୁ ସଂଖ୍ୟାଲଘୁ ମିଳିତ ମନ୍ତ୍ରିମଣ୍ଡଳ ତିଷ୍ଠି ରହିବାଲାଗି କଂଗ୍ରେସ ସଭ୍ୟଙ୍କର ବିଧାନସଭାରେ ଅନୁପସ୍ଥିତ ରହିବା ଏକ ଆବଶ୍ୟକତା ଥିଲା । ଏହା ମନ୍ତ୍ରିମଣ୍ଡଳର ଜନ ବିରୋଧୀ ସ୍ୱଭାବ ଏବଂ କ୍ଷମତା ଲୋଭକୁ ଦର୍ଶାଉଥିଲା । ଇଂରେଜ ସରକାର ହାତରେ କଣ୍ଢେଇ ସାଜି ଏହା ଲୋକଙ୍କୁ ଦମନ କଲା ବୋଲି ଲୋକ ଅଭିଯୋଗ କଲେ ।

ଯୁଦ୍ଧପାଣ୍ଠି ସଂଗ୍ରହ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ସରକାରର ଏକ ପ୍ରମୁଖ କାର୍ଯ୍ୟ । ଏହାରି ମାଧ୍ୟମରେ ଭାରତୀୟ ବର୍ଗର ଯୁଦ୍ଧ ପ୍ରତି ସମର୍ଥନ ରହିଛି ବୋଲି ସରକାର ପ୍ରମାଣ କରିବାକୁ ଚାହୁଁଥିଲେ । ଏହା ସରକାରଙ୍କ ପ୍ରତି କଂଗ୍ରେସର ମନୋଭାବକୁ ଭୁଲ ବୋଲି ମଧ୍ୟ ସିଦ୍ଧ କରୁଥିଲା । ଆର୍ଥିକ ଦୃଷ୍ଟିରୁ ଲୋକ ଯେହେତୁ ଅସଂପନ୍ନ, ସେମାନଙ୍କ ପକ୍ଷେ ଯୁଦ୍ଧପାଣ୍ଠିକୁ ଅର୍ଥଦେବା କାଠିକର ଥିଲା । ପୁଣି ଯୁଦ୍ଧପାଇଁ ଆଦିବାସୀ ଅଞ୍ଚଳରୁ ସ୍ୱେଚ୍ଛାସେବକ ନାଁରେ କୁଲି ସଂଗ୍ରହ କରାଯାଉଥିଲା । ଲୋକଙ୍କର ବିରୋଧ ସତ୍ତ୍ୱେ ଗଡ଼ଜାତ ରାଜା ଓ ଜମିଦାରମାନେ ସରକାରର ପ୍ରିୟପାତ୍ର ହେବା ଉଦ୍ଦେଶ୍ୟରେ ବଢ଼ିଚଢ଼ି ଲୋକଙ୍କଠାରୁ ପାଣ୍ଠି ଓ ଗାଁମାନଙ୍କରୁ କୁଲି ସଂଗ୍ରହ କରୁଥିଲେ । ଏଥିପାଇଁ ସେମାନେ ବଳ ପ୍ରୟୋଗ ମଧ୍ୟ କରୁଥିଲେ । ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେବା ପରେ ଯୁଦ୍ଧପାଣ୍ଠି ସଂଗ୍ରହ ଭାର ମନ୍ତ୍ରୀ ଓ ବିଧାନସଭା ସଭ୍ୟମାନଙ୍କ ଉପରେ ପଡ଼ିଲା । ତା'ଠାରୁ ବିଡ଼ମ୍ବନାର ବିଷୟ ଯେ ମନ୍ତ୍ରିମଣ୍ଡଳର ଦୁଇ ଜଣ ପ୍ରମୁଖ ସହଯୋଗୀ ଖଲିକୋଟ ରାଜା ଏବଂ ନୀଳକଣ୍ଠ ଦାସ ଜାତୀୟ ଯୁଦ୍ଧ ଫ୍ରଣ୍ଟ (National War Front) ଓଡ଼ିଶା ଶାଖାର ମୁଖ୍ୟ ହେବାପାଇଁ ଗୋଷ୍ଠୀ କନ୍ଦଳରେ ଲାଗିଲେ । ଏହି ଯୁଦ୍ଧ ଫ୍ରଣ୍ଟ ମାଧ୍ୟମରେ ହିଁ ଯୁଦ୍ଧପାଣ୍ଠି ଆଦି ସଂଗୃହୀତ ହେଉଥିଲା । ନୀଳକଣ୍ଠଙ୍କୁ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନିଜର ସମର୍ଥନ ଦେଇ ଯୁଦ୍ଧ ଫ୍ରଣ୍ଟ୍‌ର ମୁଖ୍ୟ ପଦରେ ନିଯୁକ୍ତ କରିବାରୁ ଖଲିକୋଟ ରାଜା ଅସନ୍ତୁଷ୍ଟ ହେଲେ ଏବଂ ନିଜର ଜଣେ ସମର୍ଥକଙ୍କ ସହ ମିଳିତ ମନ୍ତ୍ରିମଣ୍ଡଳକୁ ବିରୋଧ କଲେ । ତାଙ୍କୁ ମନ୍ତ୍ରିମଣ୍ଡଳର ଅର୍ଥମନ୍ତ୍ରୀ ଗୋଦାବରୀଶ ମିଶ୍ର ସମର୍ଥନ କଲେ । ଫଳରେ ମନ୍ତ୍ରିମଣ୍ଡଳ ଦୁଇ ଭାଗରେ ବିଭକ୍ତ ହୋଇଗଲା । ପ୍ରଧାନମନ୍ତ୍ରୀ ଓ ନୀଳକଣ୍ଠ ଦାସ ଗୋଟାଏ ଗୋଷ୍ଠୀରେ ଏବଂ ଗୋଦାବରୀଶ ଓ ଖଲିକୋଟ ରାଜା ଅନ୍ୟ ପକ୍ଷରେ । ଗୋଦାବରୀଶ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ନୀତିକୁ ମଧ୍ୟ ପସନ୍ଦ କରୁ ନଥିଲେ । ଏହା ଗୋଷ୍ଠୀ କନ୍ଦଳକୁ

ବୃଦ୍ଧି କଲା । ପରିସ୍ଥିତି ଜଟିଳ ହେବାରୁ ପ୍ରଧାନମନ୍ତ୍ରୀ ଜୁନ୍ ୧୯୪୪ରେ ଗୋଦାବରୀଶଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଲେ । ଗୋଦାବରୀଶ ନିର୍ଦ୍ଦେଶର ଅବମାନନା କରିବାରୁ ସେ (ପ୍ରଧାନମନ୍ତ୍ରୀ) ନିଜେ ୨୦ ଜୁନ୍ ଦିନ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ । ତାଙ୍କର ଧାରଣା ଥିଲା, ରାଜ୍ୟପାଳ ସାର ହଥର୍ଣ୍ଣ ଲୁଇ ତାଙ୍କୁ ନୂଆ କରି ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ ଜଣାଇବେ ଏବଂ ତହିଁରେ ଗୋଦାବରୀଶଙ୍କୁ ସ୍ଥାନ ମିଳିବ ନାହିଁ । ମାତ୍ର ଜୁନ୍ ୨୯ ତାରିଖ ୧୯୪୪ରେ ରାଜ୍ୟପାଳ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଇସ୍ତଫା ଗ୍ରହଣ କଲେ ଏବଂ ରାଜ୍ୟକୁ ରାଜ୍ୟପାଳ ଶାସନରେ ରଖିଲେ । ୧୯୪୬ରେ ଦ୍ୱିତୀୟ ଥର ଲାଗି ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳର ଗଠନ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ରାଜ୍ୟପାଳ ଶାସନ ଚାଲିଲା । ଏଥିରୁ ସିଦ୍ଧ ହୁଏ ଯେ, ଇଂରେଜ ସରକାର ମଧ୍ୟ ମିଳିତ ମନ୍ତ୍ରିମଣ୍ଡଳକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁ ନଥିଲେ । ଅତୀତରେ ଯେଉଁ ଢଙ୍ଗରେ ଗଡ଼ଜାତମାନେ ଔପନିବେଶ ବିରୋଧୀ ଚେତନାକୁ ଅବରୁଦ୍ଧ କରିଥିଲେ, ସେହି ଢଙ୍ଗରେ ମିଳିତ ମନ୍ତ୍ରିମଣ୍ଡଳ ଅଗଷ୍ଟ ବିପ୍ଳବକୁ ରୋକି ପାରିଲା ନାହିଁ । ତେଣୁ ଇଂରେଜ ସରକାର ମନ୍ତ୍ରିମଣ୍ଡଳ ଉପରେ ପ୍ରସନ୍ନ ନଥିଲେ । ଆନ୍ତରିକ ବିଶୃଙ୍ଖଳା ଯୋଗୁଁ ମିଳିତ ମନ୍ତ୍ରିମଣ୍ଡଳ ସରକାର ଉପରେ ଆବଶ୍ୟକ ଚାପ ମଧ୍ୟ ପ୍ରୟୋଗ କରି ପାରି ନଥିଲା । ଏକଦା ସୁଭାଷ ବୋଷଙ୍କର ଫରୱାର୍ଡ଼ ବ୍ଲକ୍‌ର ଖୋଲା ସମର୍ଥନ କରି କଂଗ୍ରେସରୁ ବହିଷ୍କୃତ ହୋଇଥିବା ନୀଳକଣ୍ଠ ଦାସ ଯେତେବେଳେ ଯୁଦ୍ଧରେ ଇଂରେଜ ପକ୍ଷର ସମର୍ଥନଲାଗି ଗଠିତ ଜାତୀୟ ଯୁଦ୍ଧ ଫ୍ରଣ୍ଟର ରାଜ୍ୟ ଶାଖାର ମୁଖ୍ୟ ହେଲେ, ଲୋକ ତାଙ୍କ ସାମାଜିକ ଅଂଗୀକାରବଦ୍ଧତାକୁ ପ୍ରଶ୍ନ କରିବାକୁ ଆରମ୍ଭ କଲେ । ଏହା ମିଳିତ ମନ୍ତ୍ରିମଣ୍ଡଳର ଲୋକ ଦୃଷ୍ଟିରେ ପତନକୁ ନିର୍ଦ୍ଦେଶ କଲା ।

୧୯୪୩-୪୪ରେ ବଂଗରେ ଭୀଷଣ ଦୁର୍ଭିକ୍ଷ ପଡ଼ିଲା । ଲକ୍ଷ ଲକ୍ଷ ଲୋକ ସେଠି ଅନାହାରରେ ମୃତ୍ୟୁବରଣ କଲେ । ପଡ଼ୋଶୀ ରାଜ୍ୟ ଭାବରେ ଓଡ଼ିଶାର କେତେକ ଅଞ୍ଚଳ (ବାଲେଶ୍ୱର ଓ ବ୍ରହ୍ମପୁର ଆଦି) ମଧ୍ୟ ଉତ୍କଟ ଅଭାବର ସମ୍ମୁଖୀନ ହେଲେ । ସେଠାରେ ସରକାର ଅନାଥାଶ୍ରମ ଓ ଅନ୍ନଛତ୍ର ଆରମ୍ଭ କରିବାକୁ ବାଧ୍ୟ ହେଲେ । ଓଡ଼ିଶାରେ ଦେଖା ଦେଇଥିବା ଖାଦ୍ୟଶସ୍ୟର ଅଭାବ ପଛରେ ଏକ ପ୍ରମୁଖ କାରଣ ହେଲା, ବଙ୍ଗକୁ ଶସ୍ୟର ମୁକ୍ତ ରପ୍ତାନି । ସରକାରଙ୍କ ଚାପରେ ପ୍ରଧାନମନ୍ତ୍ରୀ ଏଭଳି ଯୋଗାଣ ନୀତିକୁ ସ୍ୱୀକୃତି ଦେଲେ । ଅର୍ଥମନ୍ତ୍ରୀ ଗୋଦାବରୀଶଙ୍କ ଏ ନେଇ ବିରୋଧକୁ  ମଧ୍ୟ ସେ ଉପେକ୍ଷା କଲେ । ଲୋକେ ମଧ୍ୟ ଶସ୍ୟ ରପ୍ତାନିକୁ ତୀବ୍ର ବିରୋଧ କରୁଥିଲେ । ଅଗଷ୍ଟ ବିପ୍ଳବର କ୍ରୂର ଦମନ ପରେ ଏହି ପ୍ରଶ୍ନକୁ ନେଇ ଗଣ ଆନ୍ଦୋଳନ ସଂଘଟିତ ହୋଇ ନଥିଲେ ସୁଦ୍ଧା ଜନ ଅସନ୍ତୋଷ ସୁସ୍ପଷ୍ଟ ଥିଲା । ସେ କ୍ଷେତ୍ରରେ ମିଳିତ ମନ୍ତ୍ରିମଣ୍ଡଳ ଓଡିଶାରୁ ଖାଦ୍ୟଶସ୍ୟ ରପ୍ତାନିକୁ ପ୍ରୋତ୍ସାହିତ କରୁଛି ବୋଲି ଧାରଣା ସୃଷ୍ଟି ହେଲା, ଯାହା ମିଳିତ ମନ୍ତ୍ରିମଣ୍ଡଳର ଲୋକ ଅପ୍ରିୟତାକୁ ବୃଦ୍ଧି କଲା ।

ମୋଟ କଥା ହେଲା,ଇଂରେଜ ସରକାର ନିଜ ସାମ୍ରାଜ୍ୟବାଦୀ ସ୍ୱାର୍ଥରକ୍ଷାଲାଗି ରାଜ୍ୟରେ ମିଳିତ ମନ୍ତ୍ରିମଣ୍ଡଳ ଗଢିଥିଲେ । ସରକାର ସମସ୍ତ ପ୍ରକାର ଜନବିରୋଧୀ ପଦକ୍ଷେପ ନେଲେ ଏବଂ

ତା'ପାଇଁ ମିଳିତ ମନ୍ତ୍ରିମଣ୍ଡଳକୁ ଲୋକ ଦୃଷ୍ଟିରେ ଦୋଷୀ ଗଣନା କରାଗଲା । ଅବସୋସର ବିଷୟ ଯେ, ଅନେକ ଜ୍ଞାନୀ ଓ ଗୁଣୀ ବ୍ୟକ୍ତିଙ୍କର ସମାହାର ହୋଇଥିବା ସତ୍ତ୍ୱେ ମିଳିତ ମନ୍ତ୍ରିମଣ୍ଡଳ ଇଂରେଜର ମନ୍ଦ ଉଦ୍ଦେଶ୍ୟକୁ ବୁଝି ପାରିଲେ ନାହିଁ । ତାତ୍କାଳିକ ଲାଭପାଇଁ ତଥା ଓଡ଼ିଶାର ଉନ୍ନତି କରିବା ନାଁରେ ମିଳିତ ମନ୍ତ୍ରିମଣ୍ଡଳ ଓ ତାଙ୍କ ସହଯୋଗୀବର୍ଗ ଇଂରେଜ ସରକାର ହାତରେ କଣ୍ଢେଇ ସାଜିଲେ । ଓଡ଼ିଶାର ଜନସାଧାରଣ ଇଂରେଜ ସରକାର ସହ ନେତୃବର୍ଗର ମେଣ୍ଟକୁ ସହଜରେ ଗ୍ରହଣ କରି ପାରି ନଥିଲେ। ଏହା ଯେ ଲୋକଙ୍କ ସଂଗ୍ରାମୀ ଚରିତ୍ରକୁ ପ୍ରତିଫଳିତ କଲା , ଏଥିରେ ଆଦୌ ସନ୍ଦେହ ନାହିଁ ।

## ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ

୧୯୪୬ ଏପ୍ରିଲ୍ ମାସରେ ଓଡ଼ିଶାରେ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଦ୍ୱିତୀୟ ଥର ଲାଗି ମନ୍ତ୍ରିମଣ୍ଡଳ ଗଠନ କଲା । ଏହି ମନ୍ତ୍ରିମଣ୍ଡଳ ମେ' ୧୯୫୦ ଯାଏ କାର୍ଯ୍ୟ କଲା । କଂଗ୍ରେସର ଏହି ଦ୍ୱିତୀୟ ମନ୍ତ୍ରିମଣ୍ଡଳର ଶାସନ କାଳରେ ରାଜ୍ୟରେ ଗଡ଼ଜାତଗୁଡ଼ିକର ସମ୍ମିଶ୍ରଣ ହେଲା, ଦେଶ ସ୍ୱାଧୀନତା ଲାଭ କଲା ଏବଂ ଆଧୁନିକ ଶିଳ୍ପ ଓ ଯୋଜନାଗୁଡ଼ିକର ଭିତ୍ତି ପଡ଼ିଲା । ଏହି ଦୃଷ୍ଟିରୁ ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ ଆଧୁନିକ ଓଡ଼ିଶା ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ଦେଶର ସ୍ୱାଧୀନତା ପ୍ରାପ୍ତି ଓ ସ୍ୱତନ୍ତ୍ର ତଥା ସମ୍ମିଶ୍ରିତ ଓଡ଼ିଶାର ଗଠନକୁ ନେଇ ଆଧୁନିକ ଯୁଗରେ ଅସ୍ମିତାର ଯେଉଁ ଉନ୍ମେଷ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଦେଖିବାକୁ ମିଳିଥିଲା, ତାହା ଏହି ଅବଧିରେ ଏକ ରକମର ପୂର୍ଣ୍ଣାଙ୍ଗତା ଲାଭ କଲା ।

୧୯୪୫ ଜୁନ୍ ମାସ ସୁଦ୍ଧା ଦ୍ୱିତୀୟ ବିଶ୍ୱଯୁଦ୍ଧ ଶିଥିଳ ହୋଇ ଆସିଲା । ସୋଭିଏତ୍ ରୁଷ୍ ଓ ମିତ୍ରଶକ୍ତି ନିଶ୍ଚିତ ହେଲେ ଯେ ନାଜିବାଦୀ ଓ ଫାସୀବାଦୀ ଶକ୍ତିଙ୍କର ଯୁଦ୍ଧରେ ପରାଜୟ ସୁନିଶ୍ଚିତ । ଯୁଦ୍ଧରେ ବିଜୟ ସତ୍ତ୍ୱେ ଇଂଲଣ୍ଡ ଆଉ ଅଧିକ କାଳ ବଳ ପ୍ରୟୋଗ କରି ଭାରତ ଭଳି ଏକ ବିଶାଳ ଉପନିବେଶକୁ ନିଜ କର୍ତ୍ତୃତ୍ୱରେ ରଖିପାରିବ ବୋଲି ଆଶା କରୁ ନଥିଲା । ଭାରତର ଜନ ପ୍ରତିନିଧିଙ୍କ ହାତରେ କ୍ଷମତା ହସ୍ତାନ୍ତର କରିବା ହିଁ ଏକମାତ୍ର ବିକଳ୍ପ ବୋଲି ଇଂଲଣ୍ଡର ନେତୃବର୍ଗ ଅନୁଭବ କଲେ । ସେହି ବର୍ଷ ଅଗଷ୍ଟ ମାସର ୬ ଓ ୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଜାପାନର ହିରୋସୀମା ଓ ନାଗାସାକି ସହର ଉପରେ ବୋମା ନିକ୍ଷେପ କରିବାଦ୍ୱାରା ଯେଉଁଭଳି କ୍ଷୟକ୍ଷତି ହେଲା, ତାହା ମିତ୍ରଶକ୍ତିର ବିଜୟର ଦିନକୁ ନିଶ୍ଚିତ କରିଦେଲା । ଏହି ସମୟରେ ଭାରତର ଯୋଗକୁ ବ୍ରିଟେନରେ ଶ୍ରମିକ ଦଳ ନିର୍ବାଚନରେ ଜୟଯୁକ୍ତ ହେଲେ । ଦଳର ନେତା ଭାବରେ କ୍ଲିମେଣ୍ଟ ଅଟଲୀ ସରକାର ଗଠନ କଲେ । ଅଟଲୀ ଓ ତାଙ୍କ ଦଳ ଚିରାଚରିତ ଭାବେ ଭାରତର ଦାବି ପ୍ରତି ଅପେକ୍ଷାକୃତ ଅଧିକ ସହାନୁଭୂତିଶୀଳ ଥିଲେ । ଏବେ କ୍ଷମତା ତାଙ୍କ ହାତକୁ ଆସିବା ପରେ ଭାରତରେ କ୍ଷମତା ହସ୍ତାନ୍ତରପାଇଁ ପ୍ରସ୍ତୁତି ଚାଲିଲା ।

ଏହି ପ୍ରସ୍ତୁତିର ଏକ ଦିଗ ଭାବରେ ୧୯୪୬ରେ ରାଜ୍ୟମାନଙ୍କରେ ବିଧାନସଭାପାଇଁ ନିର୍ବାଚନ ହେଲା ଏବଂ କେନ୍ଦ୍ରରେ ଅନ୍ତରୀଣ ସରକାର (Interim Government) ଗଠିତ

ହେଲା । ଓଡ଼ିଶାରେ ୧୯୪୬ ଏପ୍ରିଲ୍‌ରେ ବିଧାନସଭାପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ମୋଟ ୬୦ଟି ଆସନରୁ କଂଗ୍ରେସ ପ୍ରାର୍ଥୀ ୪୭ଟି ଆସନରେ, ମୁସଲିମ୍ ଲିଗ୍ ୪ଟି ଆସନରେ, କମ୍ୟୁନିଷ୍ଟ ଗୋଟାଏ ଆସନରେ ଏବଂ ସ୍ୱାଧୀନ ସଭ୍ୟ ୪ଟି ଆସନରେ ଜୟଯୁକ୍ତ ହେଲେ । ଏମାନଙ୍କ ବ୍ୟତୀତ ୪ଜଣ ସଭ୍ୟ ବିଧାନସଭାକୁ ମନୋନୀତ ହୋଇ ଯାଇଥିଲେ । ସେମାନଙ୍କ ମନୋନୟନ ବେଳେ ସଂଖ୍ୟାଗରିଷ୍ଠ ଦଳ ଭାବରେ କଂଗ୍ରେସର ମତ ନିଆଯାଇଥିଲା । କଂଗ୍ରେସର ଏହି ଅଭୂତପୂର୍ବ ନିର୍ବାଚନୀ ସଫଳତାଠାରୁ ମଧ୍ୟ ଅଧିକ ଚମକପ୍ରଦ ଥିଲା ପୂର୍ବରୁ ସରକାର ଗଢ଼ିଥିବା ମିଳିତ ମନ୍ତ୍ରିମଣ୍ଡଳର ମୁଖ୍ୟ ଦଳ ମିଳିତ ଜାତୀୟ ଦଳ (United National Party) ଓ ଓଡ଼ିଶା ପ୍ରଜା ଦଳ(Orissa Peoples' Party) ର ଦାରୁଣ ପରାଜୟ । ଉଭୟ ଦଳକୁ ନିର୍ବାଚନରେ ଗୋଟାଏ ସୁଦ୍ଧା ଆସନ ମିଳିଲା ନାହିଁ ।

୧୯୪୬ ଏପ୍ରିଲ୍ ୨୩ ତାରିଖରେ ହରେକୃଷ୍ଣ ମହତାବଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ଦ୍ୱିତୀୟଥର ଲାଗି ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଠନ କଲା । ଏହି ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କୁ ବାଦ ଦେଲେ ମୋଟ ୪ ଜଣ ମନ୍ତ୍ରୀ ରହିଥିଲେ । ସେମାନେ ହେଲେ ନବକୃଷ୍ଣ ଚୌଧୁରୀ, ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନ୍‌ଗୋ ଏବଂ କୋରାପୁଟର କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ। ଏମାନେ ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ବାରମ୍ବାର ଜେଲ ଦଣ୍ଡ ଭୋଗିଥିଲେ । ବିଧାନସଭାର ବାଚସ୍ପତି ହେଲେ କଂଗ୍ରେସର ଲାଲମୋହନ ପଟ୍ଟନାୟକ ଓ ଉପବାଚସ୍ପତି ହେଲେ ଏ. ଲକ୍ଷ୍ମୀବାଈ । ପ୍ରଧାନମନ୍ତ୍ରୀ ମହତାବ ନିଜ ହାତରେ ଗୃହ ବିଭାଗ, ଅର୍ଥ ବିଭାଗ, ଯୋଜନା ଓ ନିର୍ମାଣ ବିଭାଗ ରଖିଥିଲେ । ଜଣେ ସମାଜବାଦୀ ନେତା ଭାବରେ ବହୁ ପରିଚିତ ନବକୃଷ୍ଣ ଚୌଧୁରୀଙ୍କ ଦାୟିତ୍ୱରେ ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗ ରହିଲା । 'ସମାଜ' ପତ୍ରିକାର ସଂପାଦକ ଦାୟିତ୍ୱରେ ରହିଥିବା ତଥା ସତ୍ୟବାଦୀ ଗୋଷ୍ଠୀର ଅଂଗ ହୋଇଥିବା ଲିଙ୍ଗରାଜ ମିଶ୍ର ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାୟତ୍ତ ଶାସନ ବିଭାଗ ଦାୟିତ୍ୱରେ ଥିଲେ ଏବଂ ନିତ୍ୟାନନ୍ଦ କାନୁନ୍‌ଗୋ ଆଇନ ବିଭାଗ ଦାୟିତ୍ୱରେ ଥିଲେ । ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ପୂର୍ତ୍ତ ବିଭାଗ, ବାଣିଜ୍ୟ ବିଭାଗ ଓ ଶ୍ରମ ବିଭାଗର ଦାୟିତ୍ୱ ଦିଆଯାଇ ଥିଲା । ମହତାବ ମନ୍ତ୍ରିମଣ୍ଡଳରେ ଜଣେ ମୁସଲିମ ସଦସ୍ୟଙ୍କୁ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ । ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ନିମନ୍ତେ ଏହାର ଆବଶ୍ୟକତା ମଧ୍ୟ ଥିଲା । କଟକରେ ସୟଦ ବରକତୁଲ୍ଲାଙ୍କ ନେତୃତ୍ୱରେ ମୁସ୍‌ଲିମ୍ ଲିଗ୍‌ରୁ ବାହାରି ଆସି ଏକ ଗୋଷ୍ଠୀ କଂଗ୍ରେସର କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲା, ଯାହାର ଅର୍ଥ ହେଲା ଦେଶର ବିଭାଜନକୁ ବିରୋଧ କରିବା । ମାତ୍ର ନାନା କାରଣରୁ ଜଣେ ମୁସଲିମ ସଦସ୍ୟଙ୍କୁ ମନ୍ତ୍ରିମଣ୍ଡଳରେ ନିଆଯାଇ ପାରିଲା ନାହିଁ । ଏସବୁ ସତ୍ତ୍ୱେ ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳ ସଚ୍ଚା ଦେଶପ୍ରେମୀଙ୍କର ଗୋଷ୍ଠୀ ବୋଲି ଲୌକିକ ସ୍ତରରେ ସ୍ୱୀକୃତି ପାଇଲା । ମନ୍ତ୍ରିମଣ୍ଡଳ ଗଠନ ବେଳେ ଓଡ଼ିଶାର ରାଜ୍ୟପାଳ ଥିଲେ ଚନ୍ଦୁଲାଲ ମାଧବଲାଲ ଦ୍ୱିବେଦୀ । ଜଣେ ଦକ୍ଷ ସେନା ପ୍ରଶାସକ ଓ ଶୃଙ୍ଖଳାପସନ୍ଦ ବ୍ୟକ୍ତି ଭାବରେ ତାଙ୍କର ଖ୍ୟାତି ଥିଲା । ମନ୍ତ୍ରିମଣ୍ଡଳ ଗଠନରେ ସେ କୌଣସି ହସ୍ତକ୍ଷେପ ନ କରି ଏକ ନୂଆ ପରଂପରା ସୃଷ୍ଟି କଲେ, ଯାହା ପରେ ମଧ୍ୟ ଅତୁଟ ରହିଲା ।

କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କଲା ପରେ ପ୍ରଥମେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଲା । ଏହା ଫଳରେ ଅଗଷ୍ଟ ଆନ୍ଦୋଳନ ସମୟରେ ଜେଲ ଦଣ୍ଡ ପାଇଥିବା ଅନେକ ଆନ୍ଦୋଳନକାରୀ ଜେଲରୁ ଛାଡ଼ ପାଇଲେ । ଏଥିପାଇଁ ଶାସନ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ଥିବା ଇଂରେଜ ସରକାର ପକ୍ଷରୁ ବିଶେଷ ପ୍ରତିବନ୍ଧକ ସୃଷ୍ଟି ହୋଇ ନଥିଲା । ଓଡ଼ିଶାପାଇଁ ଏକ ନୂତନ ରାଜଧାନୀ ନିର୍ମାଣକୁ ନେଇ ଏହି ସମୟରେ ନିଷ୍ପତ୍ତି ନିଆଗଲା । ଏଥିପାଇଁ ଚାରୋଟି ସ୍ଥାନ କଥା ପ୍ରସ୍ତାବକୁ ଆସିଲା । ସେଗୁଡ଼ିକ ହେଲେ: କଟକ ନିକଟସ୍ଥ ଚୌଦ୍ୱାର, ବ୍ରହ୍ମପୁର ନିକଟସ୍ଥ ରଙ୍ଗେଇଲୁଣ୍ଡା, ଭୁବନେଶ୍ୱର ଓ ମଞ୍ଚେଶ୍ୱର । ରାଜ୍ୟରେ ପୂର୍ବରୁ ରାଜ୍ୟପାଳ ଭାବରେ କାର୍ଯ୍ୟ କରିଥିବା ସାର ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ନେତୃତ୍ୱରେ ସ୍ଥାନ ମନୋନୟନପାଇଁ ଏକ କମିଟି ଗଠିତ ହେଲା । କମିଟି ଭୁବନେଶ୍ୱରକୁ ପ୍ରସ୍ତାବ ଦେଲେ । ମହତାବ ମଧ୍ୟ ଭୁବନେଶ୍ୱରକୁ ମନୋନୟନ କଲେ । ଭୁବନେଶ୍ୱରର ଐତିହାସିକ ଭିତ୍ତିଭୂମି, ପରିବେଶ ଓ ପାଣିପାଗ ତଥା ନିର୍ମାଣ ସାମଗ୍ରୀର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ମତ ଦେଲେ । କଂଗ୍ରେସ ଭିତରେ ଏବଂ ବାହାରେ ଗୋଟାଏ ଗୋଷ୍ଠୀ ରଂଗେଇଲୁଣ୍ଡାପାଇଁ ଯୁକ୍ତି ବାଢ଼ିଲେ । ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ବିକାଶ ହୋଇପାରିବ ବୋଲି ସେମାନେ ତର୍କ ଦେଲେ । ରାଜଧାନୀପାଇଁ ସ୍ଥାନ ଚିହ୍ନଟ ପ୍ରଶ୍ନକୁ ନେଇ କଂଗ୍ରେସ ଦଳ ଭିତରେ ଗୋଷ୍ଠୀ ବିବାଦ ଓ ଆଞ୍ଚଳିକ ମନୋଭାବ ସୁସ୍ପଷ୍ଟ ହେଲା। ଶେଷରେ ୩୦ ସେପ୍ଟେମ୍ବର ୧୯୪୬ରେ ବିଧାନସଭାରେ ଭୁବନେଶ୍ୱର ନିମିତ୍ତ ପ୍ରସ୍ତାବ ପାସ୍ ହେଲା । କଟକରୁ ୧୦ ଅକ୍ଟୋବର ୧୯୪୯ରେ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତର ହେଲା ।

ଅସ୍ପୃଶ୍ୟତା , ନିଶା ନିବାରଣ, ମୌଳିକ ଶିକ୍ଷା ଓ ଭୂସଂସ୍କାର ଦିଗରେ ମଧ୍ୟ ମହତାବ ସରକାର କେତୋଟି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ । ସେତେବେଳେ ହରିଜନ କୁହାଯାଉଥିବା 'ଅସ୍ପୃଶ୍ୟ' ଦଳିତମାନଙ୍କୁ ମନ୍ଦିରପ୍ରବେଶରୁ ନିବାରଣ କରାଯାଇ ପାରିବ ନାହିଁ ବୋଲି ପ୍ରସ୍ତାବ ବିଧାନସଭାରେ ପାଶ୍ ହେଲା । ଏହା ସତ୍ତ୍ୱେ ଯଦିଓ ଆଜି ପର୍ଯ୍ୟନ୍ତ ଅବାଧରେ 'ଅସ୍ପୃଶ୍ୟ' ଦଳିତମାନଙ୍କୁ ମନ୍ଦିର ପ୍ରବେଶନିମନ୍ତେ ସମାଜ ବ୍ୟବସ୍ଥା ସ୍ୱାଗତ କରିନାହିଁ, ଅସ୍ପୃଶ୍ୟତା ନିବାରଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନିଶା ନିବାରଣପାଇଁ ପରୀକ୍ଷାମୂଳକ ଭାବେ କଟକ ଜିଲ୍ଲାର ୧୬ଟି ଥାନାରେ ଦେଶୀ ଓ ବିଦେଶୀ ମଦର ପ୍ରସାରକୁ ଏପ୍ରିଲ୍ ୧୯୪୭ରେ ନିଷେଧ କରାଗଲା । ମାତ୍ର ସରକାରୀ ନିଷେଧାଜ୍ଞା ସତ୍ତ୍ୱେ ସଂପୂର୍ଣ୍ଣ ନିଶା ନିବାରଣ ସଂଭବ ହୋଇ ପାରିଲା ନାହିଁ । ଲୋକେ ଚୋରାରେ ମଦ କାରବାର କଲେ ଏବଂ ନିଷେଧାଜ୍ଞା ଆଳରେ ଦୁର୍ନୀତି ମଧ୍ୟ ବୃଦ୍ଧିପାଇଲା । ଅନ୍ୟ ପକ୍ଷରେ ଅବକାରୀରୁ ଆଦାୟ ହେବାକୁ ଥିବା ରାଜସ୍ୱ ଊଣା ହେଲା । କଂଗ୍ରେସ ଦଳ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ଯୁକ୍ତିତର୍କ ବୃଦ୍ଧିପାଇଲା । ମନ୍ତ୍ରିମଣ୍ଡଳରେ ଥିବା ନେତା ନିଶାନିବାରଣକୁ ନେଇ ସରକାରର ଅସହାୟତା ପ୍ରଦର୍ଶନ କଲାବେଳେ, ଗାନ୍ଧିବାଦୀ ଗୋଷ୍ଠୀ ଏହା ସରକାରର ଅପାରଗତା ବୋଲି ସମାଲୋଚନା କଲେ । ପ୍ରକୃତରେ ଅସ୍ପୃଶ୍ୟତା ଓ ନିଶା ନିବାରଣ ପ୍ରଶ୍ନ ଏକ ସାମାଜିକ ଆନ୍ଦୋଳନ । ତାକୁ ଆଇନ ବଳରେ ନିୟନ୍ତ୍ରଣ କରାଯିବ ବୋଲି ଚିନ୍ତା କରିବା ଏକ କଳ୍ପନାବିଳାସ ମାତ୍ର । ମନ୍ତ୍ରିମଣ୍ଡଳର ଦାୟିତ୍ୱ ନେବା ପରେ କଂଗ୍ରେସ ଲୋକ ଏହାକୁ ହୃଦୟଙ୍ଗମ କରିପାରିଲେ ।

ଗାନ୍ଧିବାଦୀ ଆଦର୍ଶରେ ମୌଳିକ ଶିକ୍ଷାର ବିକାଶପାଇଁ ମୌଳିକ ଶିକ୍ଷା ବୋର୍ଡ଼ ସ୍ଥାପନ କରିବାକୁ ଉଦ୍ୟମ ହେଲା । ଅନୁଗୁଳ ଓ ଭଂଜନଗରରେ ଏଥିପାଇଁ ଦୁଇଟି ପ୍ରଶିକ୍ଷଣ ସ୍କୁଲ୍ ମଧ୍ୟ ସ୍ଥାପନ କରାଗଲା । ରାଜ୍ୟରେ ଅନେକ ବେସିକ୍ ସ୍କୁଲ୍ ମଧ୍ୟ ଆରମ୍ଭ ହେଲା । ତହିଁରେ ସୂତାକଟା, ଖଦିବୁଣା, ବଗିଚାକାମ ଆଦି ହସ୍ତଶିଳ୍ପର ପ୍ରଶିକ୍ଷଣ ଉପରେ ମହତ୍ତ୍ୱ ଦିଆଗଲା । ମାତ୍ର ପରବର୍ତ୍ତୀ ସମୟରେ ଏହାର ଅସଫଳତାଯୋଗୁଁ ଯୋଜନାକୁ ବନ୍ଦ କରି ଦିଆଗଲା ।

ଜମିଦାରୀ ପ୍ରଥା ଉଚ୍ଛେଦପାଇଁ ୧୯୩୦ ଦଶକରେ କଂଗ୍ରେସ ଦଳ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା । ବିଶେଷକରି ସମାଜବାଦୀ ଓ କମ୍ୟୁନିଷ୍ଟ ଗୋଷ୍ଠୀର ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଆଦିଙ୍କ ନେତୃତ୍ୱରେ ଏଥିପାଇଁ ଆନ୍ଦୋଳନ ହୋଇଥିଲା । ଅଗଷ୍ଟ ବିପ୍ଳବରେ ସାଧାରଣ ପ୍ରଜା ବଢ଼ିଚଢ଼ି ସକ୍ରିୟ ହେବା ପଛରେ ରାଜା ଜମିଦାରଙ୍କ ଅତ୍ୟାଚାର ଊଣା ହେବାର ଆଶା ରହିଥିଲା । ମହତାବଙ୍କ ମନ୍ତ୍ରିମଣ୍ଡଳରେ ନବକୃଷ୍ଣ ଚୌଧୁରୀ ରାଜସ୍ୱ ମନ୍ତ୍ରୀ ହେବା ପରେ ବାମପନ୍ଥୀ ଗୋଷ୍ଠୀ ଓ ସାଧାରଣ ପ୍ରଜାର ଆଶା ଅନେକ ପରିମାଣରେ ବୃଦ୍ଧି ପାଇଥିଲା । ମନ୍ତ୍ରିମଣ୍ଡଳ ଖାତକ ପ୍ରଜା ଉପରେ ଜମିଦାରଙ୍କ ଋଣଭାର ଊଣା କରିବାକୁ ୧୯୪୭ରେ 'ଗଞ୍ଜାମ ସ୍ମଲ୍ ହୋଲଡର୍ସ ରିଲିଫ୍ ଏକ୍ଟ' (ଗଞ୍ଜାମ କ୍ଷୁଦ୍ରଚାଷୀ ରିଲିଫ୍ ଆଇନ) ପାସ କଲେ । ଜମିଦାରମାନଙ୍କ ସହିତ ଆଲୋଚନା କରି ସରକାର ସୁଧ ପରିମାଣ ପୂର୍ବ ତୁଳନାରେ ଏକ ତୃତୀୟାଂଶ ଊଣା ହେବ ବୋଲି ମଧ୍ୟ ଘୋଷଣା କଲେ । ମାତ୍ର କାର୍ଯ୍ୟତଃ ଏହା ଦେଖିବାକୁ ମିଳିଲା ନାହିଁ । ପରିଣାମ ସ୍ୱରୂପ ୧୯୪୭ରେ କମ୍ୟୁନିଷ୍ଟମାନଙ୍କ ନେତୃତ୍ୱରେ ପୁରୀର ମାଳିପଡ଼ା, କାକଟପୁର ଓ ମୀନାପୁର ଆଦି କେତେକ ସ୍ଥାନରେ ରୟତ ଆନ୍ଦୋଳନ ଆରମ୍ଭ ହେଲା । ରୟତମାନେ ଜମିଦାରମାନଙ୍କ ନାମରେ ଥିବା ଚାଷ ଜମିକୁ ବଳପୂର୍ବକ ଅଧିକାର କରିବାକୁ ଉଦ୍ୟମ କଲେ । କଂଗ୍ରେସ ସରକାର ରୟତମାନଙ୍କ ବିରୁଦ୍ଧରେ ପୋଲିସ କାର୍ଯ୍ୟାନୁଷ୍ଠାନ କରି ନିଜର ସମାଲୋଚକମାନଙ୍କ ମୁହଁ ଟାଣ କଲେ । ଏହା ପ୍ରକାରାନ୍ତରେ ଜମିଦାରମାନଙ୍କୁ ସୁରକ୍ଷା ପ୍ରଦାନ କଲା ।

ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳର କାର୍ଯ୍ୟକାଳକୁ ଏକ ନିର୍ମାଣ ଯୁଗ ମଧ୍ୟ କୁହାଯାଇ ପାରିବ । ଆଧୁନିକ ଶିଳ୍ପୋଦ୍ୟୋଗର ବିକାଶ ନିମନ୍ତେ ଏହି ସମୟରେ ଚୌଦ୍ୱାରରେ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ଓ କଳିଙ୍ଗ ଟ୍ୟୁବ୍ସର ଶୁଭାରମ୍ଭ ହୋଇଥିଲା । ତରୁଣ ଶିଳ୍ପୋଦ୍ୟୋଗୀ ବିଜୁ ପଟ୍ଟନାୟକଙ୍କର ଏହି ପ୍ରକଳ୍ପ ସ୍ଥାପନରେ ଅନେକ ସହଯୋଗ ରହିଥିଲା । ଜଣେ ବୈମାନିକ ଭାବରେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏବଂ ତା' ପରେ ମଧ୍ୟ ଅଦମ୍ୟ ସାହସର ପରିଚୟ ଦେଇ ସ୍ୱାଧୀନତା ସଂଗ୍ରାମକୁ ସହଯୋଗ କରିଥିଲେ । ପରେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ଏବଂ ଶିଳ୍ପ ବିକାଶପାଇଁ ଆହୁରି ଅନେକ ପଦକ୍ଷେପ ନେଲେ । ୧୯୪୬-୫୦ ମଧ୍ୟରେ 'ଦ ଓଡ଼ିଶା ମାଇନିଂ କର୍ପୋରେସନ', ଶିଳ୍ପପତି ଟାଟାଙ୍କ ସହଯୋଗରେ 'ଦ ବେଲପାହାଡ଼ ରିଫ୍ରେକ୍ଟରିଜ୍, ରାୟଗଡ଼ା ଓ ଯୋଡ଼ାରେ 'ଦ ଫେରୋ-ମାଙ୍ଗାନିଜ ପ୍ଲାଣ୍ଟ, ବଡ଼ବିଲ୍ରେ 'ଦ କଳିଙ୍ଗ ଆଇରନ ଓ୍ୱାର୍କ୍ସ' ଏବଂ ହୀରାକୁଦରେ 'ଦ ହୀରାକୁଦ ଆଲୁମିନିୟମ୍ ପ୍ଲାଣ୍ଟ' ଆଦି ସ୍ଥାପିତ ହୋଇଥିଲା । କେତେକ ଉଦ୍ୟୋଗର ନିର୍ମାଣକାର୍ଯ୍ୟ ମଧ୍ୟ ୧୯୫୦ ପୂର୍ବରୁ ଶେଷ ହେଲା, ଯାହା ମନ୍ତ୍ରିମଣ୍ଡଳର ଉପଲବ୍ଧି

ଭାବେ ଗଣା ହେବ । କଟକରେ ଉଚ୍ଚନ୍ୟାୟାଳୟ, ବାରବାଟୀ ଷ୍ଟାଡ଼ିୟମ୍ ଓ ଅଲ୍ ଇଣ୍ଡିଆ ରେଡ଼ିଓ ଷ୍ଟେସନର ସ୍ଥାପନ ମଧ୍ୟ ଏହି ସମୟର ଉପଲବ୍ଧି ।

ହୀରାକୁଦ ବନ୍ଧ ଓ ଦକ୍ଷିଣ ଓଡ଼ିଶାରେ ମାଛକୁଣ୍ଡ-ଡୁଡୁମା ଜଳପ୍ରକଳ୍ପ ଥିଲା ମହତାବଙ୍କ ମନ୍ତ୍ରିମଣ୍ଡଳର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରକଳ୍ପକୁ ନେଇ ସରକାରଙ୍କୁ ଅନେକ ସମାଲୋଚନାର ଶିକାର ମଧ୍ୟ ହେବାକୁ ପଡ଼ିଥିଲା । ୧୯୪୫ ମସିହାରେ ମହାନଦୀ ଉପରେ ହୀରାକୁଦଠାରେ ନଦୀବନ୍ଧ ନିର୍ମାଣପାଇଁ ଶିଳାନ୍ୟାସ ଦିଆଯାଇଥିଲା । ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାଲାଗି ମହତାବଙ୍କ ସରକାର ଉଦ୍ୟମ କଲେ । ଏହି ବହୁମୁଖୀ ନଦୀବନ୍ଧ ଯୋଜନାଦ୍ୱାରା ବନ୍ୟା ନିୟନ୍ତ୍ରଣ, ବିଜୁଳି ଶକ୍ତି ଉତ୍ପାଦନ ଏବଂ ସଂବଲପୁର ଓ ବଲାଙ୍ଗୀର ଅଞ୍ଚଳରେ ବ୍ୟାପକ ଜଳସେଚନ ହେବାର ଯୋଜନା ରହିଲା । ମାତ୍ର ନଦୀବନ୍ଧ ବିରୋଧରେ ପଶ୍ଚିମ ଓଡ଼ିଶାରେ ଏବଂ ବିଶେଷକରି ସମ୍ବଲପୁରରେ ଏକ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ ହେଲା । ଆନ୍ଦୋଳନରେ କଂଗ୍ରେସର ତୁଙ୍ଗ ନେତା ଲକ୍ଷ୍ମୀନାରାୟଣ ମିଶ୍ର, ବୋଧରାମ ଦୁବେ ଆଦି ସକ୍ରିୟ ଭାବେ ଅଂଶଗ୍ରହଣ କଲେ । ଆନ୍ଦୋଳନକୁ ପାଟଣା ରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ମଧ୍ୟ ସମର୍ଥନ ଦେଲେ । ସେହି ଆଳରେ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ କରିବାପାଇଁ ଦାବି ଉଠିଲା । ରାଜାବିରୋଧୀ ଗୋଷ୍ଠୀ ଅଭିଯୋଗ କଲେ ଯେ, ନିଜର ବ୍ୟକ୍ତିଗତ ଓ ରାଜ କର୍ତ୍ତୃତ୍ୱ ବଜାୟ ରଖିବାଲାଗି ପାଟଣା ରାଜା ଓଡ଼ିଶାକୁ ଭାଗ କରିବାକୁ ଉଦ୍ୟମ କରୁଛନ୍ତି ଏବଂ ତା'ପାଇଁ ହୀରାକୁଦ ବନ୍ଧବିରୋଧୀ ଆନ୍ଦୋଳନକୁ ସମର୍ଥନ ଦେଉଛନ୍ତି ।

ଆନ୍ଦୋଳନ ପଛରେ ଏକ ପ୍ରମୁଖ କାରଣ ହେଲା ବିସ୍ଥାପନ । ହୀରାକୁଦ ବନ୍ଧଯୋଗୁଁ ହଜାର ହଜାର ଚାଷୀଙ୍କର ଜମି ଜଳମଗ୍ନ ହେଲା । ପ୍ରାୟ ୩୦୦ ଗାଁ ମଧ୍ୟ ବୁଡ଼ିଗଲା । ଭିଟାମାଟି ହରାଇଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିଲା ନାହିଁ । ତେଣୁ ଲୋକଙ୍କର ବିରୋଧ ବୃଦ୍ଧି ପାଇଲା । ଦ୍ୱିତୀୟତଃ ମହାନଦୀରେ ବନ୍ୟାଯୋଗୁଁ ସାଧାରଣତଃ ଉପକୂଳ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଥିଲା । ତେଣୁ ଉପକୂଳର ବନ୍ୟା ସୁରକ୍ଷାଲାଗି ପଶ୍ଚିମ ଓଡ଼ିଶାର ଲୋକେ କାହିଁକି ବାସ୍ତୁହରା ହେବେ ବୋଲି ଆଞ୍ଚଳିକ ବିଦ୍ୱେଷ ସୃଷ୍ଟି ହେଲା । ଏହା ଛଡ଼ା ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ସହ ଲୋକଙ୍କ ପ୍ରତ୍ୟକ୍ଷ ଅନୁଭୂତି ନଥିଲା । ତେଣୁ ଏ ନେଇ ସୃଷ୍ଟି ହେଉଥିବା ଗୁଜବକୁ ଲୋକେ ବିଶ୍ୱାସ କଲେ । ଗୁଜବ ଅନୁଯାୟୀ ବିଜୁଳି ଉତ୍ପାଦନ ହେବା ଫଳରେ ପାଣିରୁ ସାର ଅଂଶ ଲୋପ ହେବ ଓ ଉକ୍ତ ପାଣି ଜଳ ସେଚନନିମିତ୍ତ ଉପଯୋଗୀ ହେବ ନାହିଁ । ଆନ୍ଦୋଳନ ଏତେ ତୀବ୍ର ଆକାର ଧାରଣ କଲା ଯେ, ୧୯୫୧-୫୨ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ମଧ୍ୟ ଏହାର ପ୍ରଭାବ ପଡ଼ିଲା । ଏସବୁ ବିରୋଧ ସତ୍ତ୍ୱେ ୧୯୪୭ ଅଗଷ୍ଟ ମାସରେ ବିଧାନସଭାରେ ହୀରାକୁଦ ବନ୍ଧ ସଂପୂର୍ଣ୍ଣ କରିବାକୁ ପ୍ରସ୍ତାବ ପାସ ହେଲା ଏବଂ ୧୯୫୬ରେ ବନ୍ଧ ନିର୍ମାଣ ଶେଷ ହେଲା । ଏହାକୁ ଉଦ୍‌ଘାଟନ କରିବା ଲାଗି ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ହୀରାକୁଦ ଆସିଥିଲେ ।

୧୯୪୬ ଜାନୁଆରି ମାସରେ ମହତାବ ମନ୍ତ୍ରିମଣ୍ଡଳର ଗଠନ ପୂର୍ବରୁ ଓଡ଼ିଶା ସରକାର ଓ ମାଡ୍ରାସ୍ ସରକାର (ସେତେବେଳେ ଆନ୍ଧ୍ରପ୍ରଦେଶ ଗଠିତ ହୋଇ ନଥିଲା) ମଧ୍ୟରେ ମାଛକୁଣ୍ଡ-ଡୁଡୁମା ଜଳ ପ୍ରକଳ୍ପକୁ ନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ତା' ଅନୁଯାୟୀ କୋରାପୁଟର କୋଲାବ ନଦୀ ଉପରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ବ୍ୟୟ ଓ ଉତ୍ପାଦିତ ଜଳ ବିଦ୍ୟୁତ୍‌କୁ ଉଭୟ ରାଜ୍ୟ ୭୦ଃ୩୦ (ମାଡ୍ରାସ୍ ୭୦ ଭାଗ ଓ ଓଡ଼ିଶା ୩୦ ଭାଗ) ଅନୁପାତରେ ଭାଗ କରିନେବେ । ମହତାବ ମନ୍ତ୍ରିମଣ୍ଡଳ ଗଠିତ ହେବା ପରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଆଦି ନେତୃବୃନ୍ଦ ଯେଉଁମାନେ କଂଗ୍ରେସର ସୋସିଆଲିଷ୍ଟ ଗୋଷ୍ଠୀ ଗଠନ କରିଥିଲେ, ଏହି ଚୁକ୍ତିନାମାକୁ ତୀବ୍ର ବିରୋଧ କଲେ । ଚୁକ୍ତିନାମାକୁ ସମର୍ଥନ କରୁଥିବାରୁ ସେମାନେ ମହତାବ ସରକାରଙ୍କୁ ଅନେକ ସମାଲୋଚନା କଲେ । ସରକାରଙ୍କ ମତ ଥିଲା ଯେ, ପ୍ରକଳ୍ପ ନିର୍ମାଣପାଇଁ ଓଡ଼ିଶା ଏତେ ପରିମାଣର ବ୍ୟୟବରାଦ କରିପାରିବ ନାହିଁ । ଦ୍ୱିତୀୟତଃ ସେଠାରେ ଉତ୍ପାଦିତ ହେବାକୁ ଥିବା ଜଳବିଦ୍ୟୁତ୍‌କୁ ବ୍ୟବହାର କରିବା ନିମିତ୍ତ ଓଡ଼ିଶାରେ ଆବଶ୍ୟକୀୟ ଆଧୁନିକ ଶିଳ୍ପ ଉଦ୍ୟୋଗ ନାହିଁ । ଏ ନେଇ ୧୯୪୬ ସେପ୍ଟେମ୍ବରରେ ବିଧାନସଭାରେ ଆଲୋଚନା ହେଲା ଓ ମହତାବ ଚୁକ୍ତିନାମାର ସମର୍ଥନ କଲେ । ମହତାବଙ୍କ ଯୁକ୍ତି ଯଦିଓ ମୂତଫରକା ନଥିଲା ,ତାଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛି ବୋଲି ମାଛକୁଣ୍ଡ ଯୋଜନା ପରେ ଅପବାଦ ରଟିଲା । ପ୍ରକଳ୍ପଯୋଗୁଁ ମାଛକୁଣ୍ଡର ଦକ୍ଷିଣକୁ ଥିବା ଅଞ୍ଚଳ ମାଡ୍ରାସ୍ ଅଧୀନକୁ ଚାଲିଯିବ ବୋଲି ଆଶଙ୍କା ସୃଷ୍ଟି ହେଲା ।

ମୋଟ କଥା ହେଲା ଯେ, ମହତାବ ମନ୍ତ୍ରିମଣ୍ଡଳ ୨୩ ଏପ୍ରିଲ୍ ୧୯୪୬ରେ ଗଠିତ ହେଲା ପରେ ପ୍ରାୟ ବର୍ଷେ ଚାରି ମାସ କାଳ ଇଂରେଜର ଶାସନ ରହିଥିଲା । ତେଣୁ ମହତାବ ମନ୍ତ୍ରିମଣ୍ଡଳକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତ ହୋଇ ନଥିଲା । ମନ୍ତ୍ରିମଣ୍ଡଳର ଅନେକ କାର୍ଯ୍ୟ ଉପରେ ଇଂରେଜ ସରକାରର କର୍ତ୍ତୃତ୍ୱ ଶେଷ ହୋଇ ନଥିଲା । ତେଣୁ ମନ୍ତ୍ରିମଣ୍ଡଳକୁ ସରକାରର ଊର୍ଦ୍ଧ୍ୱରେ ବୋଲି ବିଚାର କରିବା ଉଚିତ ହେବ ନାହିଁ । ମାତ୍ର, କଂଗ୍ରେସ ଦଳ ମଧ୍ୟରେ ଥିବା ପ୍ରଗତିଶୀଳ ଗୋଷ୍ଠୀ, ଯାହାକୁ ତରୁଣ ତୁର୍କ ବୋଲି କୁହାଯାଉଥିଲା, ଏହାକୁ ବୁଝି ପାରୁ ନଥିଲେ ଏବଂ ମନ୍ତ୍ରିମଣ୍ଡଳର ସମାଲୋଚନା କରୁଥିଲେ । ବିଶେଷକରି ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏହି ଗୋଷ୍ଠୀର ନେତୃତ୍ୱ ନେଉଥିଲେ । ମନ୍ତ୍ରିମଣ୍ଡଳରେ ଯୋଗଦେବା ପରେ ମଧ୍ୟ ନବକୃଷ୍ଣ ଚୌଧୁରୀ ଅନେକ ସମୟରେ ସରକାରଙ୍କୁ ସମାଲୋଚନା କରିବାରୁ ବିରତ ହେଉ ନଥିଲେ । ତରୁଣ ତୁର୍କ ଗୋଷ୍ଠୀ ବ୍ୟତୀତ ଆହୁରି ଅନେକ ବର୍ଗ ମଧ୍ୟ ମହତାବ ମନ୍ତ୍ରିମଣ୍ଡଳଠାରୁ ରାଜ୍ୟପାଇଁ ଅଧିକ ଆଶା କରିବାକୁ ଲାଗିଲେ । ସେମାନେ ମନ୍ତ୍ରିମଣ୍ଡଳକୁ ସମାଲୋଚନା କଲାବେଳେ ଆବଶ୍ୟକ ମତେ ବ୍ୟାବହାରିକ ମନୋଭାବ ପ୍ରଦର୍ଶନ କଲେ ନାହିଁ । ଏହା ସେମାନଙ୍କୁ ଅଧିକରୁ ଅଧିକ ନିରାଶ କଲା । ପରିଶେଷରେ ସେମାନେ କଂଗ୍ରେସ ଦଳ ତ୍ୟାଗ କଲେ । କଂଗ୍ରେସ ଦଳରୁ ଏଭଳି ଲୋକ ଓ ଗୋଷ୍ଠୀ ଚାଲିଯିବା ପରେ ଦଳ ତା'ର ପ୍ରକୃତ ଶକ୍ତି ହରାଇଲା । ଉଦାହରଣ ସ୍ୱରୂପ, ୧୯୪୮ ରେ କଂଗ୍ରେସରୁ ବାହାରିଯାଇ ତରୁଣ ତୁର୍କ ଗୋଷ୍ଠୀର ଅନେକ ନେତା ସୋସିଆଲିଷ୍ଟ ଦଳ ଗଠନ କଲେ ।

# ଗଡ଼ଜାତ ମିଶ୍ରଣ

ମହତାବ ମନ୍ତ୍ରିମଣ୍ଡଳପାଇଁ ଅନ୍ୟ ଏକ ସମସ୍ୟା ଥିଲା ଗଡ଼ଜାତ ସମ୍ମିଶ୍ରଣ । ଓଡ଼ିଶାରେ ୨୬ଟି ଗଡ଼ଜାତ ରହିଥିଲେ । ସେଠାରେ ଗଣତନ୍ତ୍ର ଓ ନାଗରିକ ଅଧିକାର ଲାଗି ପ୍ରଜାମଣ୍ଡଳ ଆନ୍ଦୋଳନ ହୋଇଥିଲା । ଅଗଷ୍ଟ ବିପ୍ଳବ ସମୟରେ ମଧ୍ୟ ଗଡ଼ଜାତ ପ୍ରଜା ପୂର୍ଣ୍ଣ ପ୍ରାଣରେ ଆନ୍ଦୋଳନରେ ଭାଗ ନେଇଥିଲେ । ଇଂରେଜ ସରକାର ଦେଶରୁ ଗଲା ପରେ ଗଡ଼ଜାତଗୁଡ଼ିକ ଲୋପ ପାଇବ ଏବଂ ସମସ୍ତେ ଏକ ଗଣତାନ୍ତ୍ରିକ ଶାସନାଧୀନ ହେବେ ବୋଲି ପ୍ରଜା ଆଶା ବାନ୍ଧି ବସିଥିଲେ । ଗଡ଼ଜାତ ପ୍ରଜା ଆନ୍ଦୋଳନରେ କଂଗ୍ରେସ ନେତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ୱୟଂ ହରେକୃଷ୍ଣ ମହତାବ ଏବଂ ନବକୃଷ୍ଣ ଚୌଧୁରୀ ଥିଲେ ଗଡ଼ଜାତ ଆନ୍ଦୋଳନ ସହ ଓତପ୍ରୋତ ଭାବେ ଜଡ଼ିତ ।

୧୯୪୬ ଏପ୍ରିଲ୍‌ରେ ମହତାବଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠିତ ହେବା ପରେ ଗଡ଼ଜାତର ମିଶ୍ରଣ ଆଶା ଉଜ୍ଜ୍ୱଳ ହେଲା । କେବିନେଟ୍ ମିଶନର ସଦସ୍ୟ ସାର୍ ଷ୍ଟାଫୋର୍ଡ଼ କ୍ରିପ୍‌ସଙ୍କୁ ଏ ସଂପର୍କରେ ମହତାବ ନିଜର ମତ ମଧ୍ୟ ୨୬ ଏପ୍ରିଲ୍ ୧୯୪୬ରେ ଲେଖିଥିବା ଏକ ପତ୍ରରେ ସୁସ୍ପଷ୍ଟ କରି ସାରିଥିଲେ । ଗଡ଼ଜାତର ମିଶ୍ରଣ ଓଡ଼ିଶାପାଇଁ ଏକ ଆବଶ୍ୟକତା ହୋଇ ପଡ଼ିଲା କାରଣ, ପାଟଣା ରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଇଷ୍ଟର୍ଣ୍ଣ ଷ୍ଟେଟସ୍ ୟୁନିଅନ୍ (ପୂର୍ବାଞ୍ଚଳ ଗଡ଼ଜାତ ସଂଘ) ନାମରେ ଗଡ଼ଜାତଗୁଡ଼ିକ ସଂଘବଦ୍ଧ ହୋଇ ସେମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ଦାବି କରୁଥିଲେ । ଗଡ଼ଜାତର ରାଜାମାନେ ବର୍ତ୍ତମାନର ଛତିଶଗଡ଼ର ଦେଶୀୟ ରାଜାଙ୍କ ସହିତ ୨୧ ଓ ୨୨ ଡିସେମ୍ବର ୧୯୪୬ରେ ଏକ ବୈଠକରେ ବସି ସଂଘର ସ୍ଥାପନା କରିଥିଲେ । ପାଟଣା ରାଜା ଆଞ୍ଚଳିକତା ଆଧାରରେ ସ୍ୱତନ୍ତ୍ର କୋଶଳ ପ୍ରଦେଶର ଦାବିକୁ ସମର୍ଥନ କରି ପ୍ରସଙ୍ଗଟିକୁ ଖୁବ୍ ସ୍ପର୍ଶକାତର କରିଦେଇଥିଲେ । ହୀରାକୁଦ ବନ୍ଧ ବିରୋଧୀ ଆନ୍ଦୋଳନର ଆରମ୍ଭ ପରେ ମନ୍ତ୍ରିମଣ୍ଡଳ ପାଟଣା ରାଜାଙ୍କ ଇଷ୍ଟର୍ଣ୍ଣ ୟୁନିଅନ୍ କଥାକୁ ଉପେକ୍ଷା କରିବାକୁ ସାହସ ମଧ୍ୟ କରି ପାରୁ ନଥିଲେ । ଅନ୍ୟ ପକ୍ଷରେ, ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃବୃନ୍ଦ ଗଡ଼ଜାତମାନଙ୍କୁ କଂଗ୍ରେସ ମନ୍ତ୍ରିମଣ୍ଡଳ ବଳପୂର୍ବକ ଓଡ଼ିଶା ସହିତ ମିଶ୍ରଣ କରୁ ନଥିବାରୁ ସରକାରର ତୀବ୍ରସମାଲୋଚନା କରୁଥିଲେ । ଏହି ପରିସ୍ଥିତିରେ ଆପୋସ କଥାବାର୍ତ୍ତା ମାଧ୍ୟମରେ ଗଡ଼ଜାତଗୁଡ଼ିକୁ ଓଡ଼ିଶାରେ ମିଶ୍ରଣପାଇଁ ମହତାବ ପ୍ରସ୍ତାବ ଦେଲେ । ଆଗରୁ ଯେମିତି ମୋଗଲବନ୍ଦି ଓ ଗଡ଼ଜାତ ଥିଲା, ସେହି ରୀତିରେ ଏକ ସାଧାରଣ ପ୍ରଶାସନ ଅଧୀନରେ ଉଭୟ ପ୍ରଦେଶ ଓ ଗଡ଼ଜାତ ରହିବ ବୋଲି ସେ ଲିଖିତ ଭାବେ ଜଣାଇଲେ । ମାତ୍ର ରାଜାମାନଙ୍କ ପକ୍ଷରୁ ଦାବି ହେଲା ଯେ ସେମାନଙ୍କୁ ସାର୍ବଭୌମ କ୍ଷମତା ଦିଆଯାଉ । ଯେହେତୁ ସ୍ୱାଧୀନତା ମିଳି ନଥାଏ, କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ନେତୃତ୍ୱପାଇଁ ଏ ଦିଗରେ ସ୍ୱାଧୀନ ଭାବେ କୌଣସି ପଦକ୍ଷେପ ନେବା ସଂଭବ ହେଉ ନଥାଏ ।

ପ୍ରଦେଶ ସହିତ ଗଡ଼ଜାତର ମିଶ୍ରଣରେ ବିଳମ୍ବ ଘଟୁଥିବାରୁ ସ୍ୱାଧୀନତା ପରେ ପରେ ୧୯୪୭ ଅକ୍ଟୋବର-ନଭେମ୍ବରରେ ନୀଳଗିରିରେ ପ୍ରଜାମଣ୍ଡଳ ପକ୍ଷରୁ ଆନ୍ଦୋଳନ ପୁଣି ଆରମ୍ଭ ହେଲା ।

ଏହା କ୍ରମଶଃ ଅଧିକରୁ ଅଧିକ ଜଟିଳ ହୋଇପଡୁଥିବା ଗଡ଼ଜାତ ପ୍ରସଙ୍ଗକୁ ଏକରକମ ସମାଧାନ ଦେଇଗଲା । ଆନ୍ଦୋଳନର ସମାଧାନପାଇଁ ରାଜା ପ୍ରଜାମଣ୍ଡଳ ସହିତ ରାଜିନାମା ସ୍ୱାକ୍ଷର କଲେ । ତଦନୁଯାୟୀ ରାଜ୍ୟରେ ପ୍ରଜାମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧୀନରେ ସରକାର ଗଠିତ ହେଲା । ଏହା ସତ୍ତ୍ୱେ ଆନ୍ଦୋଳନ ଭୀଷଣ ରୂପ ନେବାରୁ ୧୪ ନଭେମ୍ବରରେ ସେଠାରେ ଓଡ଼ିଶା ମିଲିଟାରୀ ପୋଲିସ ପ୍ରବେଶ କଲେ ଏବଂ ରାଜା ବିନା କୌଣସି ପ୍ରତିରୋଧରେ କ୍ଷମତା ହସ୍ତାନ୍ତର କଲେ । ଅଗଷ୍ଟ ୧୫ ତାରିଖ ୧୯୪୭ରେ ଦେଶରୁ ଇଂରେଜମାନେ ଯିବା ପରେ ଏବଂ ଦେଶ ସ୍ୱାଧୀନ ହେବା ପରେ ନୀଳଗିରି ରାଜା ପ୍ରାଦେଶିକ ହସ୍ତକ୍ଷେପକୁ ପ୍ରତିରୋଧ କରିପାରିବେ ନାହିଁ ବୋଲି ବୁଝିପାରିଲେ । ଅନ୍ୟ ପକ୍ଷରେ, ଓଡ଼ିଶା ସରକାର ଏବଂ ଭାରତ ସରକାର ଏହି ଅନୁଭୂତି ପରେ ଦୃଢ଼ ନିଶ୍ଚିତ ହେଲେ ଯେ, ସାମାନ୍ୟ ଚାପ ପ୍ରୟୋଗ କଲେ ଦେଶୀୟ ରାଜ୍ୟମାନେ ଦେଶ ସହିତ ମିଶ୍ରଣକୁ ପ୍ରତିରୋଧ କରିବେ ନାହିଁ ।

ଜବାହରଲାଲ୍ ନେହରୁଙ୍କ ନେତୃତ୍ୱରେ ଗଠିତ ଅନ୍ତରୀଣ ସରକାରରେ ଗୃହମନ୍ତ୍ରୀ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ । ମହତାବଙ୍କ ପରି ସେ ମଧ୍ୟ ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହ ସମ୍ମିଶ୍ରଣପାଇଁ ବ୍ୟକ୍ତିଗତ ଭାବେ ଉଦ୍ୟମ କରୁଥିଲେ । ପ୍ରକୃତରେ ଯଦି ଦେଖାଯାଏ, ଜନମତକୁ ମହତାବ ଓ ପଟେଲ୍ ଭଳି ନେତୃବର୍ଗ ପ୍ରତିଫଳିତ କରୁଥିଲେ ମାତ୍ର । ୧୪ ଡିସେମ୍ବର ୧୯୪୭ରେ ପଟେଲ୍ ଓଡ଼ିଶା ଆସି ଓଡ଼ିଶାର ପ୍ରଧାନମନ୍ତ୍ରୀ, କେତେକ ମହତ୍ତ୍ୱପୂର୍ଣ୍ଣ ଉଚ୍ଚ ଅଧିକାରୀ ଓ ଅନେକ ଗଡ଼ଜାତ ରାଜାଙ୍କ ସହ ବୈଠକ କଲେ ଏବଂ ମିଶ୍ରଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସୁସ୍ପଷ୍ଟ କଲେ । ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ଯିବା ବାଟରେ ତାଙ୍କୁ ଲୋକେ ଶହ ଶହ ସଂଖ୍ୟାରେ ଶୋଭାଯାତ୍ରା କରି ମିଶ୍ରଣପାଇଁ ଦାବି ଜଣାଇଥିଲେ । ଏଥିରେ ପ୍ରଭାବିତ ହୋଇ ସର୍ଦ୍ଦାର ପଟେଲ ମିଶ୍ରଣ ପ୍ରସ୍ତାବକୁ ଅଧିକ ଦୃଢ଼ତାର ସହିତ ଆଗତ କଲେ । ସେ କହିଥିଲେଃ

''ଓଡ଼ିଶାର ଗଡ଼ଜାତରେ ଥିବା ଉଭୟ ରାଜା ଓ ପ୍ରଜାଙ୍କ ସୁରକ୍ଷା ବିପଦପୂର୍ଣ୍ଣ । ସେହି କାରଣରୁ ସାର୍ବଭୌମ ଭାରତର ପ୍ରତିନିଧି ବା ଅନ୍ୟ କୌଣସି ବିଦେଶୀ ଶକ୍ତିର ଦୂତ ହୋଇ ନୁହେଁ, ବରଂ ମୁଁ କଟକକୁ ଆସିଛି ରାଜାମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ପରାମର୍ଶ ଦେବାପାଇଁ । ପ୍ରଜାଙ୍କ ସ୍ୱାର୍ଥରେ ତଥା ନିଜ ବ୍ୟକ୍ତିଗତ ସ୍ୱାର୍ଥରେ ସେମାନେ ମିଶ୍ରଣ ଚୁକ୍ତିକୁ ସ୍ୱୀକାର କରିନିଅନ୍ତୁ ।''

ସର୍ଦ୍ଦାର ପଟେଲ ଆହୁରି ମଧ୍ୟ ଉଲ୍ଲେଖ କଲେ ଯେ, ପ୍ରଦେଶର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଶୀଘ୍ର ମିଶ୍ରଣ ହେବା କଥା । ଯଦି ତାଙ୍କର ପରାମର୍ଶକୁ ରାଜାମାନେ ଉପେକ୍ଷା କରନ୍ତି, ପ୍ରଜା ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଦିଲ୍ଲୀକୁ ଠେଲି ଦେବେ । ସେତେବେଳେ ଗୃହମନ୍ତ୍ରୀ ଭାବରେ ତାଙ୍କଠାରୁ ରାଜାମାନେ କୌଣସି ସହଯୋଗ ଚାହିଁଲେ, ତାହା ମିଳିବା ନୋହିବ । ସେ ଆହୁରି ଧମକପୂର୍ଣ୍ଣ ଭାବେ କହିଲେ, ''ଗଡ଼ଜାତମାନେ ହେଲେ ପ୍ରଦେଶର ରୋଗ ସଦୃଶ । ହୁଏତ ସେମାନଙ୍କୁ ରୋଗମୁକ୍ତ କରିବାକୁ ହେବ ଅଥବା ରୋଗକୁ ନିଶ୍ଚିହ୍ନ କରିବାକୁ ହେବ । ଯଦି ସେମାନେ ମୋ' କଥା ଶୁଣନ୍ତି, ରୋଗରୁ ମୁକ୍ତି ମିଳିବ ନଚେତ୍ ପ୍ରଜାଙ୍କଦ୍ୱାରା ସେମାନେ ନିର୍ମୂଳ ହେବେ ।'' ସେ ରାଜାମାନଙ୍କର କୌଣସି ଦାବିକୁ ଗ୍ରହଣ କଲେ ନାହିଁ । ଶେଷରେ ମୟୂରଭଞ୍ଜ, ଷଢ଼େଇକଳା

ଓ ଖରସୁଆଁ ବ୍ୟତୀତ ଅନ୍ୟ ଗଡ଼ଜାତମାନ ୧ ଜାନୁଆରି ୧୯୪୮ରୁ ଓଡ଼ିଶା ପ୍ରଦେଶ ସହିତ ସମ୍ମିଶ୍ରିତ ହେଲେ । ଏହି ଦିନକୁ ଗଡ଼ଜାତ ମୁକ୍ତି ଦିବସ ରୂପେ ପାଳନ କରାଗଲା । ଷଢ଼େଇକଳା ଓ ଖରସୁଆଁ ଗଡ଼ଜାତର ମଧ୍ୟ ଓଡ଼ିଶା ସହ ମିଶ୍ରଣ ହେବା କଥା । ମାତ୍ର ସେଠାକାର ସ୍ଥାନୀୟ ଆଦିବାସୀ ଲୋକ ଓଡ଼ିଶା ସହିତ ନ ମିଶି ବିହାର ସହିତ ମିଶିବେ ବୋଲି ଦାବି କଲେ । ଏପରିକି ସେଠାକାର ଓଡ଼ିଆ ସମାଜ ଏ ଦିଗରେ ଯଥେଷ୍ଟ ମୁଖର ହୋଇ ପାରିଲା ନାହିଁ ବୋଲି ଅଭିଯୋଗ ହେଲା । ମୟୂରଭଞ୍ଜ ମଧ୍ୟ ମିଶ୍ରଣକୁ ଆରମ୍ଭରେ ବିରୋଧ କରୁଥିଲା । ମାତ୍ର ସେଠାକାର ଆଦିବାସୀ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଆଦିବାସୀମାନେ ଏକ ସ୍ୱତନ୍ତ୍ର ଆଦିବାସୀ ପ୍ରଦେଶ ପାଇଁ ଦାବି କରୁଥିଲେ । ସେମାନଙ୍କର ନେତା ଥିଲେ ସୋନାରାମ ସୋରେନ୍ ଓ ରାମଚନ୍ଦ୍ର ମାଝି । ବିହାରର ଆଦିବାସୀ ନେତା ଜୟପାଳ ସିଂ ସେମାନଙ୍କୁ ସମର୍ଥନ ଜଣାଇଲେ । ଶେଷରେ ଆନ୍ଦୋଳନ ତୀବ୍ର ହେବାରୁ ମୟୂରଭଞ୍ଜ ରାଜା (ମହାରାଜା) ଓ ତାଙ୍କ ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ଦାସ ଦିଲ୍ଲୀରେ ଭାରତ ସରକାରଙ୍କ ସହ ୧୬ ଅକ୍ଟୋବର ୧୯୪୮ ଦିନ ମିଶ୍ରଣପାଇଁ ଚୁକ୍ତିନାମା ସ୍ୱାକ୍ଷର କଲେ । ୧୯୪୯ ଜାନୁଆରି ୧ ତାରିଖ ଦିନ ଭାରତ ସରକାର ମୟୂରଭଞ୍ଜକୁ ଓଡ଼ିଶା ରାଜ୍ୟ ସରକାରଙ୍କ ହାତରେ ଅର୍ପଣ କଲେ । ଏହିଭଳି ଭାବେ ଗଡ଼ଜାତଗୁଡ଼ିକ ଓଡ଼ିଶାରେ ମିଶ୍ରିତ ହେଲା , ଯାହା ରାଜ୍ୟକୁ (ଓଡ଼ିଶାକୁ) ଏକ ରକମର ପୂର୍ଣ୍ଣାଙ୍ଗ ରୂପ ଦେଲା । ଏହା ପୂର୍ବରୁ ୧୫ ଅଗଷ୍ଟ ୧୯୪୭ ଦିନ ଦେଶ ସ୍ୱାଧୀନତା ଲାଭ କଲାରୁ ଯେଉଁ ଆନନ୍ଦ ଓଡ଼ିଶା ପାଇଥିଲା, ଗଡ଼ଜାତର ସମ୍ମିଶ୍ରଣଯୋଗୁଁ ତାହା ଦ୍ୱିଗୁଣିତ ହେଲା ।

ଭାରତ ଭଳି ଓଡ଼ିଶାରେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଢେର ପୁରୁଣା । ଓଡ଼ିଶା ୧୮୦୩ରେ ଇଂରେଜମାନଙ୍କ ହାତକୁ ଗଲା ଦିନଠାରୁ ଏଠାରେ ନିରନ୍ତର ଆନ୍ଦୋଳନ ହୋଇଛି । ଉନବିଂଶ ଶତାବ୍ଦୀରେ ଇଂରେଜ ଉପନିବେଶ ବରୋଧରେ ଲଢ଼ିବା ବେଳେ ଓଡ଼ିଶାର ନେତୃବର୍ଗ ସ୍ଥାନୀୟ ଅସ୍ମିତା ପ୍ରଶ୍ନକୁ ମଧ୍ୟ କଦାଚିତ ଗୌଣ କରି ନାହାନ୍ତି । ଭାଷା ଓ ସଂସ୍କୃତିର ପ୍ରଶ୍ନ ଓଡ଼ିଶା ପାଇଁ ବିଦେଶୀ କବଳରୁ ସ୍ୱାଧୀନତା ଭଳି ମହତ୍ତ୍ୱପୂର୍ଣ୍ଣ, ନା କମ୍ ନା ବେଶି ? ତେଣୁ ୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେବା ସହିତ ୧୯୩୬ ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶର ସ୍ୱୀକୃତି ମିଳିବା ଏବଂ ୧୯୪୭-୪୮ ରେ ଗଡ଼ଜାତମାନଙ୍କର ରାଜ୍ୟରେ ମିଶ୍ରଣ ତଥା ବିଲୟ ହେବା ମଧ୍ୟ ଓଡ଼ିଶାର ଆଧୁନିକ ଇତିହାସରେ ଏକା ମାତ୍ରାରେ ମର୍ଯ୍ୟାଦା ଦାବି କରନ୍ତି । ପ୍ରକାରାନ୍ତରେ, ଏହା ଭାରତର ଅନୈକ୍ୟ ଭିତରେ ରହିଥିବା ଐକ୍ୟକୁ ଦର୍ଶାଏ । ସେହି ଦୃଷ୍ଟିରୁ ଭାରତର ଜାତୀୟ ଇତିହାସ କିମ୍ବା ଅନ୍ୟ କୌଣସି ପ୍ରଦେଶର ଇତିହାସ ଭଳି ଓଡ଼ିଶା ଇତିହାସ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଭାରତର ଅନ୍ୟ ଅଞ୍ଚଳର ଇତିହାସ ଅପେକ୍ଷା କମ୍ ବା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଦାବି କରିବା ଅଯୌକ୍ତିକ ନିଶ୍ଚୟ । ମାତ୍ର ତା'ଠାରୁ ବଡ଼କଥା, ଏଭଳି ଦାବି ଖୁବ୍ ଅଧିକ ଇତିହାସ-ଅସମ୍ମତ ମଧ୍ୟ ।

■ ■ ■

# ଓଡ଼ିଶା ଇତିହାସ ସମ୍ବନ୍ଧୀୟ କେତେକ ଉପାଦେୟ ପୁସ୍ତକ


1. Acharya, Pritish - *The National Movement and Politics in Orissa : 1920-29*, New Delhi, 2008
2. Bannerjee, R.D. - *History of Orissa (from earliest times to the British period*) Vol. 1-2, Calcutta, 1930
3. Behera, S.C. - *Rise and Fall of the Sailodbhabas*, 1982
4. Boulton, J.V. - *Phakirmohana and His Times* (1976), Bhubaneswar, 1993 (Reprint)
5. Cobden Ramsay L.E.S.- *Feudatory States of Orissa*, 1950
6. Das, Binod Sankar - *Studies in the Economic History of Orissa From Ancient Times to 1833*, Calcutta, 1878
7. Das, M.N. (Ed.) - *Sidelights on the History and Culture of Orissa*, Cuttack, 1977
8. Dash, S.C. - *Orissa*, New Delhi, 1970
9. De, Sushil Ch. (Ed.) - *Guide to Orissan Records*, Vol. 1-5, Bhubaneswar, 1961-65.
10. Ghosh, Sunit - *Orissa in Turmoil*, Bhubaneswar, 1979
11. Hunter, W.W. - *Orissa*, London, 1872
12. Jena, K.C. - *Land Revenue System Administration in Orissa during the Nineteenth Century*, New Delhi, 1968
13. Mahatab, Harekrishna - *History of the Freedom Movement in Orissa*, Cuttack, 1972
14. Mallik, Basanta Ku., (Ed.) - *Eastern India Essays in History, Society, Culture*, Bhubaneswar, 2004
15. Mallik, Basanta Kumar- *Medieval Orissa: Literature Society Economy*, Bhubaneswar, 1996
16. Mallik, Basanta Kumar- *Paradigms of Dissent and Protest : Social Movements in Eastern India* (CAD 1400-1700), New Delhi, 2004
17. Mishra, Binayak - *Orissa Under the Bhauma Kings*, Calcutta, 1934
18. Mishra, P.K. - *The Political History of Orissa, 1866-1936*, New Delhi, 1979

19. Mishra, P.K. (Ed.) - *Culture, Tribal History and Freedom Movement*, New Delhi, 1989
20. Mishra, P.K. & J.K. Samal- *Comprehensive History and Culture of Orissa*, Vol. I & II, 1977
21. Mittal, A.C. - *Early History of Orissa*, 1962
22. Mohanty, Nivedita - *Oriya Nationalism, Quest for a United Orissa, 1866-1936.*
23. Mohapatra, G.C. - *The Stone Age Culture of Orissa*, 1962
24. Mukherjee, P. - *History of Orissa*, Vol. V., Bhubaneswar, 1964
25. Mukherjee, P. - *History of the Jagannath Temple in the 19th Century*, Calcutta, 1977
26. Mukherjee, P. - *History of Medieval Vaisnavism in Orissa*, Calcutta, 1940
27. Mukherjee, P. - *The History of Gajapati Kings of Orissa and their successors*, Calcutta, 1953
28. Nanda, Chandi Prasad- *Vocalizing Silence : Political Protests, 1930-42*, New Delhi, 2008
29. Panda, Shishir Kumar- *Political and Cultural History of Orissa*, New Delhi, 1999
30. Panda, Shishir Kumar- *New Perspectives on the History and Culture Of Orissa*, Kolkata, 2000
31. Panigrahi, Krishna Ch. - *History of Orissa (Hindu Period)*, Cuttack, 1981
32. Pati, Biswamoy - *Resisting Domination*, Delhi, 1993
33. Patra, K.M. - *Orissa Under The East India Company*, New Delhi, 1971
34. Patra, K.M. - *Orissa State Legislature and Freedom Struggle, 1912-47*, New Delhi, 1979
35. Patra, K.M. & Bandita Devi -*An Advanced History of Orissa,* New Delhi, 1983
36. Pradhan Atul Ch. - *A Study of History of Orissa,* Bhubaneswar, 1985
37. Pradhan, S. - *Orissa, History, Culture and Archaeology,* 1999
38. Pradhan, Sadasib - *Agrarian and Political Movements : States of Orissa, 1931-49,* New Delhi, 1986
39. Ray, B.C. - *Foundations of British Orissa,* Cuttack, 1958
40. Ray, B.C. - *Orissa Under the Marathas,* Cuttack, 1963

41. Ray, B.C. & Others(Ed.) - *Freedom Struggle in Orissa,* 2 Vols., Bhubaneswar, 2006

42. Sahu, J.K. - *Historical Geography of Orissa,* New Delhi, 1997

43. Sahu, Nabin Kumar - *History of Orissa,* Cuttack, 1979

44. Samal, J.K. - *Orissa Under The British Crown, 1858-1905,* New Delhi, 1977

45. Smith, D. - *Pilgrimage to Juggernath*, 1868

46. Sterling, Andrew - *Orissa its Geography, Statistics, History, Religion and Antiquities (1846),* Jagatsinghpur, Orissa, 2004 (New Edition)

47. Toynbee, G. - *A Sketch of the History of Orissa : From 1803 to 1828,* (1873), Jagatsinghpur, Orissa, 2005 (New Edition)

48. Tripathy, S. - *Early and Medieval Coins and Currency System in Orissa*

49. Two Bachlor of Arts - *The Oriya Movement,* Ganjam, 1919

50. ଆଚାର୍ଯ୍ୟ, ପ୍ୟାରୀମୋହନ - *ଓଡ଼ିଶାର ଇତିହାସ (୧୮୭୫),* କଟକ, ୨୦୦୯, (ନୂତନ ମୁଦ୍ରଣ)

51. ମହାନ୍ତି, ସୁରେନ୍ଦ୍ର - *ଓଡ଼ିଆ ସାହିତ୍ୟର ଆଦିପର୍ବ*, କଟକ, ୧୯୬୩

52. ମହାନ୍ତି, ସୁରେନ୍ଦ୍ର - *ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ*, (ଷଷ୍ଠ ମୁଦ୍ରଣ), କଟକ, ୧୯୯୫

53. ମହାପାତ୍ର, କେଦାରନାଥ - *ଅଶୋକ ପ୍ରଶସ୍ତି*, ସହକାର, କଟକ, ୧୯୩୫

54. ମହାପାତ୍ର, କେଦାରନାଥ - *ଅଶୋକ ଓ କଳିଙ୍ଗ ଯୁଦ୍ଧ, ଉତ୍କଳ ସାହିତ୍ୟ*, କଟକ, ୧୯୩୬

55. ମିଶ୍ର, ପ୍ରବୋଧ କୁମାର - *ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି*, ପ୍ରଥମ ଓ ଦ୍ୱିତୀୟ ଭାଗ, କଟକ, ୨୦୦୮

56. ପ୍ରଧାନ, ପବିତ୍ରମୋହନ - *ମୁକ୍ତି ପଥେ ସୈନିକ*, ଭୁବନେଶ୍ୱର- ୧୯୭୩

57. ରାୟ, ଭବାନୀ ଚରଣ - *ମୋଗଲ ଓଡ଼ିଶା ଇତିହାସ ଓ ସଂସ୍କୃତି*, କଟକ-୧୯୮୯

58. ରାଜଗୁରୁ, ସତ୍ୟନାରାୟଣ - *ଓଡ଼ିଶା ଇତିହାସର ଅନ୍ଧକାର ଯୁଗ*

59. ସିଂହ, ଜଗବନ୍ଧୁ - *ପ୍ରାଚୀନ ଉତ୍କଳ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ* (୧୯୧୭) ଭୁବନେଶ୍ୱର, ୧୯୮୨ (ପୁନଃପ୍ରକାଶନ)

■ ■ ■